# ସାହିତ୍ୟରେ ମୂଲ୍ୟବୋଧ

ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

ସାହିତ୍ୟରେ ମୂଲ୍ୟବୋଧ

# ସାହିତ୍ୟରେ ମୂଲ୍ୟବୋଧ

ଶ୍ରୀ ସଚ୍ଚିଦାନଂଦ ରାଉତରାୟ

ସାହିତ୍ୟରେ ମୂଲ୍ୟବୋଧ
ଲେଖକ :
ଶ୍ରୀ ସଚ୍ଚିଦାନଂଦ ରାଉତରାୟ
ପ୍ରକାଶକ :
ଶ୍ରୀ ବୀରବର ମହାଂତି
ଅଗ୍ରଦୂତ
ବାଂକାବଜାର, କଟକ-୨
ପ୍ରଥମ ପ୍ରକାଶ : ଶ୍ରୀଗୁଂଡିଚା, ଜୁନ ୨୧,୧୯୭୪
ମୁଦ୍ରାକର
ଶ୍ରୀ ଧନେଶ୍ୱର ରାଉତ
ଲୋକନା
ଓଡ଼ିଆ ବଜାର, କଟକ-୧
ମୂଲ୍ୟ : ବାଇଶି ଟଂକା

SAHITYARE MULYAVODHA
(*A Study in the evolution of Values in Literature*)
Auther
**Sri Satchidananda Rautroy**
Publisher
**Sri Birabar Mohanty**
**'Agraduta'**
Banka Bazar,
Cuttack-2
First Edition : June 21,1974
Printer
**Sri Dhaneswar Rout**
**Lownae**
Oriya Bazar, Cuttack-1
**Price : Twenty-two Rupees. only**

# ଗ୍ରଂଥ-ପ୍ରବେଶ

ସଂସ୍କୃତି ବା ସାହିତ୍ୟ ମଣିଷର ଜୀବନଚର୍ଯ୍ୟାର ଏକ ସାନଂଦ ମୁହୂର୍ତ୍ତ । ଏହା ହଠାତ୍ ଆକସ୍ମିକ ଭାବରେ ଜନ୍ମ ହୁଏ ନାହିଁ । ମଣିଷର ଚେତନା ସ୍ୱୟଂଭୂ ବା ବସ୍ତୁ-ନିରପେକ୍ଷ ନୁହେଁ । ତେଣୁ ସଂସ୍କୃତି ଓ ସାହିତ୍ୟ ପ୍ରଭୃତିକୁ ବିଚ୍ଛିନ୍ନ ବା ଆକସ୍ମିକ ସ୍ଫୁରଣ ରୂପେ ନ ଦେଖି ଜୀବନଯାତ୍ରାର ମାନସରୂପ ରୂପେ ପ୍ରତ୍ୟକ୍ଷ କଲେହିଁ ଆମେ ସେ ସବୁର ତାତ୍ପର୍ଯ୍ୟ ଓ ବିକାଶର ସୂତ୍ର ଧରି ପାରିବା । ମାତ୍ର ଭାବବାଦୀ ଲେଖକମାନେ ସଂସ୍କୃତି ତଥା ସାହିତ୍ୟକୁ ଜୀବନଜିଜ୍ଞାସା ଠାରୁ ପୃଥକ କରି ଦେଖିବାରେ ଅଭ୍ୟସ୍ତ । ବସ୍ତୁ ଓ ଚେତନା ମଧ୍ୟରେ ଯେଉଁ ଦ୍ୱଂଦାତ୍ମକ ସଂପର୍କ ବର୍ତ୍ତମାନ, ଏବଂ ଯାହା ଫଳରେ ବସ୍ତୁର ଚେତନାକୁ ଏବଂ ପରିମାଣର ଗୁଣକୁ ଉତ୍କ୍ରାଂତି ସାଧିତ ହୁଏ—ସେମାନେ ସେ ସଂବଂଧରେ ସଂପୂର୍ଣ୍ଣ ଅଚେତନ । ଫଳରେ ସତ୍ୟ ଦର୍ଶନ ସେମାନଂକ ଭାଗ୍ୟରେ ପ୍ରାପ୍ତ ଘଟେ ନାହିଁ । ମାର୍କସ୍ ଏମାନଂକୁ ଲକ୍ଷ୍ୟ କରି କହିଥିଲେ, ସତ୍ୟ ଏମାନଂକ ନାକ ଆଗରେ ରହିଛି, ତଥାପି ଏମାନେ ଅକାରଣରେ ଭୁଆଁ ବୁଲଂତି ଏବଂ ଅନ୍ୟଂକୁ ବୁଲାଂତି । ଅନ୍ୟ କଥାରେ ଏମାନେ ସତ୍ୟକୁ ଧୁଆଁଳିଆ କରି ପ୍ରକାଶ କରିବାରେ ବ୍ୟସ୍ତ । ଏମାନେ ଚିରଂତନ ସତ୍ୟ, ସନାତନ ମୂଲ୍ୟବୋଧ ଇତ୍ୟାଦିର ଡୁଆ ଉଠାଂତି । କିଂତୁ ଭୁଲିଯାଂତି ଯେ ପ୍ରତ୍ୟେକ ମୂଲ୍ୟ-ବୋଧ ବା ଆଦର୍ଶ ମଣିଷର ଜୀବନ ସଂଗେ, ତାର ବଂଚିବାର ତାଗିଦ୍‌ରେ, ନିତ୍ୟ ପରିବର୍ତ୍ତିତ ହୋଇ ଚାଲିଛି ଏବଂ ଏଇ ପରିବର୍ତ୍ତନର ଧାରା ସିଧାସଳଖ ନୁହେଁ, ଦ୍ୱଂଦ୍ୱାତ୍ମକ । ମଣିଷ ପାଇଁ ହିଁ ଆଦର୍ଶ, ଆଦର୍ଶ ପାଇଁ ମଣିଷ ନୁହେଁ । ମାତ୍ର ଏ ସହଜ ସତ୍ୟଟା ସେମାନଂକ ବୁଦ୍ଧିର ଅଗମ୍ୟ । ସେଥିପାଇଁ ସେମାନେ ପ୍ରତି ପଦରେ ଭୁଲ କରି ଚାଲଂତି ।

**ବସ୍ତୁ-ଚେତନା ସଂପର୍କ**

ଆମର ଯେଉଁ ପୂର୍ବସୂରୀ ବା ସମକାଳୀନମାନେ ଇତିହାସର ଧାରାକୁ ଭୁଲ ବୁଝି ମଣିଷର ମାନସ-ସଂପଦକୁ ତା'ର ବସ୍ତୁଜଗତଠାରୁ ପୃଥକ ଓ ବିକୃତ କରି ଦେଖଂତି ଓ ଦେଖାଂତି, ସେମାନଂକର ବୌଦ୍ଧିକ ସତତାରେ ହୁଏତ ସଂଦେହ କରାଯାଇ ନ ପାରେ, କିଂତୁ ସେମାନଂକର ଭୁଲଟାକୁ ମାନିନେବାର କୌଣସି କାରଣ ନାହିଁ । ଭାବବାଦୀ ଦୃଷ୍ଟିକୋଣ ଅନେକ ସମୟରେ ବାସ୍ତବର ଅଯଥା ଆଦର୍ଶୀକରଣ

**ଭାବବାଦୀ ଦୃଷ୍ଟିକୋଣ**

କରି ତାକୁ ସତ୍ୟଠାରୁ ଦୂରକୁ ଘେନିଯାଏ । ତେଣୁ ବୈଜ୍ଞାନିକ ବିଚାର-ଧାରା ପକ୍ଷରେ ଏହା ସୃଷ୍ଟି କରେ ପଦେ ପଦେ ବାଧା ଓ ବିପଦ ।

ମୁଁ ଏହି ପୁସ୍ତକରେ ପ୍ରାକ୍-ଆର୍ଯ୍ୟ-ଯୁଗରୁ ଓଡ଼ିଶାରେ ଖ୍ରୀଡ଼ଯୁଗ ପର୍ଯ୍ୟନ୍ତ ଆମ ଦେଶର ମଣିଷର ଧ୍ୟାନ-ଧାରଣା ଓ ମନନ-କଳ୍ପନାରେ କିପରି ମୂଲ୍ୟବୋଧର ଜନ୍ମ, ବିକାଶ ଓ ରୂପାନ୍ତର ଘଟିଛି, ତହିଁର ଏକ ବସ୍ତୁବାଦୀ ଓ ବିଜ୍ଞାନସମ୍ମତ ବ୍ୟାଖ୍ୟା ଦେବାକୁ ଯାଇଛି । ଏ ପୁସ୍ତକର ସୀମିତ ପରିସର ଭିତରେ ଏଭଳି ଏକ ବିସ୍ତୀର୍ଣ୍ଣ ବିଷୟର ଚର୍ଚ୍ଚା ସମ୍ଭବ ନୁହେଁ, ଏକଥା ପାଠକମାନେ ସ୍ୱୀକାର କରିବେ । ତଥାପି ମୁଁ କେତେଗୁଡ଼ିଏ ପ୍ରଶସ୍ତ ସୂଚନା-ରେଖା (guide-lines) ଟାଣି ନେଇ ସେଇ ଅନୁସାରେ ମୋର ଅଧ୍ୟୟନ ଓ ସିଦ୍ଧାନ୍ତକୁ ରୂପରେଖ ଦେବାକୁ ଯାଇଛି ।

ଅଷ୍ଟ୍ରିକ୍ ଭାଷୀ ଓ ଦ୍ରାବିଡ଼ଭାଷୀ ନରଗୋଷ୍ଠୀ ଏବଂ ତାଙ୍କ ପରେ ପ୍ରାକ୍-ବୈଦିକ ଓ ବୈଦିକ ଆର୍ଯ୍ୟଭାଷୀ ଜନଙ୍କର ଜୀବନଯାତ୍ରାର ଉପାଦାନ ଓ ମାନସ-ରୂପରୁ ଆରମ୍ଭ କରି ବୌଦ୍ଧ-ତନ୍ତ୍ରର ବଜ୍ରଯାନ ଓ ସହଜଯାନ ମଧ୍ୟ ଦେଇ, ସାମନ୍ତ-ଯୁଗର ଐତିହାସିକ କ୍ରମ ଅତିକ୍ରମ କରି, ମୁଁ ଓଡ଼ିଆ ସାହିତ୍ୟରେ ଝୀଡ଼ ଯୁଗରେ ପହଞ୍ଚିଛି ଏବଂ ସେଇଠାରେ ହିଁ ଏ ପୁସ୍ତକ ଶେଷ କରିଛି । ମଝିରେ ମୁଁ ଜୟଦେବ ଓ ଗୀତଗୋବିନ୍ଦ ଓ ସାରଳା-ଯୁଗ ପରିକ୍ରମା କରିବାକୁ ଭୁଲି ନାହିଁ । ପ୍ରାକ୍-ଆର୍ଯ୍ୟ ଓ ବୈଦିକ ଆର୍ଯ୍ୟ ତଥା ମହାଭାରତ ଯୁଗରେ ପ୍ରଚଳିତ ମୂଲ୍ୟବୋଧ, ମାତୃପ୍ରଧାନ ଓ ଗଣଗୋଷ୍ଠୀୟ ସମାଜର ବିବାହ ଓ ବିଚିତ୍ର ଆଚାର-ଅନୁଷ୍ଠାନ ଓ ଚଳଣିରେ ତତ୍କାଳୀନ ମୂଲ୍ୟବୋଧର ବିଚାର, ତନ୍ତ୍ରର ଆଦିରୂପ ଏବଂ ଯାଦୁବିଶ୍ୱାସ ଓ ମୈଥୁନଯୋଗ ସଂଗେ ତା'ର ସଂପର୍କ ଏବଂ ଗୀତଗୋବିନ୍ଦରେ ପରକୀୟା ତତ୍ତ୍ୱର ବିଚାର ଏ ପୁସ୍ତକର ଅନ୍ତର୍ଗତ ବିଷୟ । ଏହା ଛଡ଼ା ସାରଳା-ଯୁଗର ବିସ୍ତାରଶୀଳ ପ୍ରେକ୍ଷାପଟ ସଂଗେ ଝୀଡ଼ ଯୁଗର ଅବକ୍ଷୟମାନ ପଟଭୂମିରେ ଚିନ୍ତା ସହିତ କର୍ମର ବିଚ୍ଛେଦ ଏବଂ ସମାଜମାନସ ସହିତ ବ୍ୟକ୍ତିମାନଙ୍କର ବିଚ୍ଛେଦ କାଳରେ ରଚିତ, ଆଙ୍ଗିକ-ସର୍ବସ୍ୱ କାବ୍ୟକବିତାର ସଂକ୍ଷେପ ପଟବିଚାର ଓ ପର୍ଯ୍ୟାଲୋଚନା ମଧ୍ୟ ଏ ବହିର ପରିସରଭୁକ୍ତ ହୋଇଛି । ପଟବିଚାର ଛଡ଼ା ପ୍ରକୃତ ସାହିତ୍ୟିକ ମୂଲ୍ୟାୟନ ଅସମ୍ଭବ । ତେଣୁ ସମସ୍ତ ଅଧ୍ୟୟନରେ ପଟଭୂମି ଉପରେ ଯଥାସମ୍ଭବ ଆଲୋକପାତ କରାଯାଇଛି ।

ଯେଉଁ ରସଜ୍ଞ ପାଠକମାନେ ଏ ବହିରେ ପୂରା ସାହିତ୍ୟିକ ମୂଲ୍ୟାଙ୍କନ ଖୋଜିବେ କିମ୍ବା ରସତତ୍ତ୍ୱ ଦୃଷ୍ଟିରୁ ନାନ୍ଦନିକ ବିଚାର-ନିରୀକ୍ଷା ଆଦି ଆଶା କରିବେ, ସେମାନେ ହୁଏତ ନିରାଶ ହେବେ । କାରଣ ଏ ପୁସ୍ତକଟି ସଂସ୍କୃତ ବା ସାହିତ୍ୟର

ଇତିହାସ କିଂବା ସମୀକ୍ଷା ନୁହେ । ଏହା କେବଳ ବସ୍ତୁ-ଚେତନା ସଂପର୍କରୁ ମୂଲ୍ୟ-ବୋଧର ଅନ୍ୱେଷଣ ଏବଂ ବ୍ୟାଖ୍ୟା ମାତ୍ର ।

**ବସ୍ତୁବାଦୀ ବ୍ୟାଖ୍ୟା**

ଭାରତବର୍ଷରେ ରାହୁଲ ସାଂକୃତ୍ୟାୟନ, ଶ୍ରୀ ଏସ: ଏ: ଡାଂଗେ, ଶ୍ରୀ ଗୋପାଳ ହାଲଦାର ଏବଂ ଡଃ ଦେବୀପ୍ରସାଦ ଚଟ୍ଟୋପାଧ୍ୟାୟ ପ୍ରମୁଖ ଯେଉଁ କେତେଜଣ ପୂର୍ବାଗ୍ରଜ ଇତିହାସ ତଥା ସଂସ୍କୃତିର ବସ୍ତୁବାଦୀ ଆଲୋଚନା କରିଛନ୍ତି ସେମାନେ ନିଜ ନିଜ ବାଟରେ ଅଳ୍ପ କେତେ ଦୂର ଯାଇଛନ୍ତି ମାତ୍ର । ସେମାନେ ବହୁ ବିଷୟ ବାଦ୍ ଦେଇଛନ୍ତି ଏବଂ ଯାହା ବା ଆଲୋଚନା କରିଛନ୍ତି, ତାହା ସାହିତ୍ୟ ଦିଗରୁ ନୁହେଁ । ପୁରାତନର ବ୍ୟାଖ୍ୟା କରିବାକୁ ହେଲେ ଆମକୁ ପ୍ରାଚୀନମାନଙ୍କର ଦୃଷ୍ଟି-କୋଣରୁ ହିଁ ଅତୀତକୁ ଦେଖିବାକୁ ହେବ । ତା ନ କରି ଆମେ ଯଦି ଅତୀତକୁ ଆମ ଯୁଗକୁ ଟାଣି ଆଣି ଆମ ଦୃଷ୍ଟିକୋଣ ନେଇ ଦେଖୁଁ, ତା' ହେଲେ ଆମେ ଅନେକ ଜିନିଷ ଧରି ପାରିବା ନାହିଁ । ମଣିଷର ମାନସଜଗତ ତା'ର ବସ୍ତୁଜଗତର ଉପର ଖଂଜା (super structure) ହେଲେ ମଧ୍ୟ ତାହା ବସ୍ତୁତାର ସିଧାସଳଖ ପ୍ରତି-ଫଳନ ନୁହେ । ବହୁ ଦ୍ୱଂଦ୍ୱାତ୍ମକ ପ୍ରକ୍ରିୟା ଦେଇ ଏଇ ରୂପାଂତର ସଂଘଟିତ ହୋଇଥାଏ । ତେଣୁ ସାହିତ୍ୟକୁ ବସ୍ତୁଜଗତର କେବଳ ବହିଃରୂପାୟନ କୁହାଯାଇ ନ ପାରେ । ଉଦାହରଣ ସ୍ୱରୂପ ରୋମକ ସଭ୍ୟତା ଗ୍ରୀସୀୟ ସଭ୍ୟତା ତୁଳନାରେ ତେର ବେଶୀ ଉନ୍ନତ ଓ ଶକ୍ତିଶାଳୀ ଥିଲା ; ମାତ୍ର ଗ୍ରୀକ୍ ସାହିତ୍ୟ ରୋମାନ ସାହିତ୍ୟ ଠାରୁ ଅଧିକ ଉନ୍ନତ, ଅଧିକ ସମୃଦ୍ଧ ଥିଲା । ଅତୀତର ବହୁ ଚଳଣି, ଓ ଅନୁଷ୍ଠାନ ପରିବର୍ତ୍ତିତ ପରିପ୍ରେକ୍ଷୀରେ ଐତିହାସିକ ତାତ୍ପର୍ଯ୍ୟ ହରାଇ କେବଳ ରୂପାଂତର ମାଧ୍ୟମରେ ହିଁ ବଂଚି ରହିଥାଏ । ସେ ଗୁଡ଼ିକୁ ଇତିହାସର କବର ତଳୁ ଉଦ୍ଧାର କରିବାକୁ ହେଲେ ଆମକୁ ଅତିକଥା, ଲୋକଗାଥା, ପୁରାଣ ଏବଂ ବ୍ରତ-ଓଷା-ପର୍ବ-ପର୍ବାଣୀ ଓ ବିଭିନ୍ନ ଧର୍ମ-ଧାରଣାର ଅଂଧକଂଧରେ ପ୍ରବେଶ କରି ସେମାନଙ୍କର ସଂଧାନ କରିବାକୁ ହେବ । ଆମକୁ ସେମାନଙ୍କ ଯୁଗକୁ ଫେରି ଯାଇ ସେ-ଯୁଗୀୟ ବସ୍ତୁ-ଚେତନା ସଂପର୍କ ମଧ୍ୟରେ ସେମାନଙ୍କର ଆପେକ୍ଷିକ ସ୍ଥିତି କଳନା କରିବାକୁ ହେବ । ଏହାହିଁ ହେଉଛି ପ୍ରକୃତରେ ବସ୍ତୁବାଦୀ ବ୍ୟାଖ୍ୟା—ଯାହା ଐତିହାସିକ ଅଦୃଷ୍ଟବାଦ (Determinism) ଏବଂ ଯାଂତ୍ରିକ ଦୃଷ୍ଟିକୋଣ ଠାରୁ ସଂପୂର୍ଣ୍ଣ ଭିନ୍ନ ଏବଂ ଅଧିକ ମାତ୍ରାରେ ଜୀବଂତ । ମାର୍ଗାନ, ଏଂଗେଲସ୍, ଏବଂ ସାଂପ୍ରତିକ ଯୁଗରେ କଡ଼ୱେଲ, ଜର୍ଜ ଟମସନ ପ୍ରମୁଖ ପୂର୍ବାଗ୍ରଜଗଣ ଏ ଦିଗରେ ଯଥେଷ୍ଟ ମାର୍ଗ-ଦର୍ଶନ ଦେଇ ଯାଇଛନ୍ତି । ଜର୍ଜ ଟମସନଙ୍କର Aechylus and Athens ବହିଟିରେ ଏଥେନିଆନ ଗଣତଂତ୍ରର ଏକ କ୍ରିୟା ରୂପେ ଗ୍ରୀକ୍ ଟ୍ରାଜେଡିର ସାକ୍ଷାତ ପାଉଁ । ସେ ଯାହା ହେଉ, ଭାରତବର୍ଷରେ, ବିଶେଷ କରି

ଓଡ଼ିଶାରେ ଏ ବିଷୟରେ ପୁଣି ଚର୍ଚ୍ଚା ହେବା ଉଚିତ । ମୋର ଏ ବହିଟି ସେ ଦିଗରେ ଏକ ବିନମ୍ର ପଦକ୍ଷେପ ମାତ୍ର ।

ଏ ଗ୍ରଂଥରେ ଆମର ବହୁ ଧ୍ୟାନ-ଧାରଣା, ମନନ ଓ କଳ୍ପନାରେ ପ୍ରାକ୍-ଆର୍ଯ୍ୟ କୌମ-ସମାଜର (tribal society) ବିଶ୍ୱାସ ଓ ଅନୁଷ୍ଠାନ ସନ୍ନିହିତ ଥିବା କଥା ଦେଖାଇ ଦିଆଯାଇଛି । ସେ ସମସ୍ତ ରୂଢ଼ ଓ ଅରୁଚିକର ହେଲେ ମଧ୍ୟ ସତ୍ୟ । ଆମର ଶାସ୍ତ୍ରୀୟ ମନ ସେ ସବୁକୁ ଗ୍ରହଣ କରୁ ବା ନ କରୁ ଇତିହାସର ତାହା ବାସ୍ତବ ସତ୍ୟ । ଭୂତପ୍ରେତବାଦ, ପୁନର୍ଜନ୍ମବାଦ, 'ପ୍ରଜନନଶକ୍ତି ଓ ଯାଦୁଶକ୍ତିର ପ୍ରତୀକ ପ୍ରକୃତି ଉପରେ ଦେବତ୍ୱ ଆରୋପ ଏବଂ ସେମାନଙ୍କର ଶୁଭାଶୁଭ ନିୟନ୍ତ୍ରଣ

**ରୂପାନ୍ତରର ଧାରା**

କ୍ଷମତା ଉପରେ ବିଶ୍ୱାସ' ଏ ସମସ୍ତ ଆଦିମ କୌମ-ସମାଜର ଦାନ; କଂଧ, କୋହ୍ଲ, ମୁଂଡା, ଶବର ପ୍ରଭୃତି ଅଷ୍ଟ୍ରିକ୍‌ଭାଷୀ ପରିବାରର ଜନଙ୍କ ଐତିହ୍ୟରୁ ଗୃହୀତ । ଶ୍ରାଦ୍ଧାନୁଷ୍ଠାନ, ପିଂଡ-ଦାନ, ଶ୍ରାଦ୍ଧ ସଂଗେ ଜଡ଼ିତ ବୃଷକାଷ୍ଠ ଓ ତା'ର ବିସର୍ଜନ, ମଂଗଳକାର୍ଯ୍ୟ ପୂର୍ବରୁ ଆଭ୍ୟୁଦୟିକ ଅନୁଷ୍ଠାନରେ ମୃତ ପୂର୍ବପୁରୁଷଂକର ସ୍ମରଣ ଏ ସମସ୍ତ ଅଷ୍ଟ୍ରିକ ଐତିହ୍ୟରୁ ପରେ ଆର୍ଯ୍ୟ ଧର୍ମ-ଧାରଣରେ ପ୍ରବେଶ କରେ । 'ପିଂଡ' ଅଷ୍ଟ୍ରିକ୍ ଶବ୍ଦ ସଂଗେ ଜଡ଼ିତ । ଲିଂଗଯୋନି ପୂଜା, ଷଷ୍ଠୀ ପୂଜା, ସର୍ପପୂଜା ବା ମନସାପୂଜା, ଚଡ଼କପୂଜା, ବୃକ୍ଷପୂଜା ଏ ସମସ୍ତ ମଧ୍ୟ ଆର୍ଯ୍ୟପୂର୍ବ ଅଷ୍ଟ୍ରିକ୍‌ଭାଷୀର ପରଂପରାରୁ ଗୃହୀତ । ଶସ୍ୟ ପ୍ରାଚୁର୍ଯ୍ୟର ଦେବୀ ଲକ୍ଷ୍ମୀ, ବୌଦ୍ଧ ଦେବୀ ହାରୀତୀ (ଯିଏ ଧନଦାତ୍ରୀ ଏବଂ କଂଡଲଂକ ଶତ୍ରୁ) ଏ ସମସ୍ତେ ଅର୍ଯ୍ୟ-ପୂର୍ବ କୃଷିସମାଜର ସ୍ମାରକ ଏବଂ ଯାଦୁବିଶ୍ୱାସ ସଂଗେ ଜଡ଼ିତ । ହୋଲି ବା ହୋଲିକ ପର୍ବର ସଂଧାନ ବାତ୍ସ୍ୟାୟନଂକ କାମସୂତ୍ରରୁ (୩ୟ-୪ର୍ଥ ଶତାବ୍ଦୀରୁ) କାମମହୋତ୍ସବର ରୂପେ ମିଳୁଥିଲେ ମଧ୍ୟ ଏହା ପ୍ରାକ୍-ବୈଦିକ କୃଷିସମାଜର ବଳି ଓ ତତ୍ସଂଶ୍ଳିଷ୍ଟ ଜାତିଆଣ ନୃତ୍ୟ-ଗୀତ-ଉତ୍ସବର ରୂପାନ୍ତର । ଏଥିରେ ବ୍ୟବହୃତ ପିଚକାରି ଓ ଅବିର ଅସ୍ତ୍ର ଓ ରକ୍ତର ସ୍ମାରକ । ସେଇପରି ଆଦିମ ସମାଜର ଯାଦୁବିଶ୍ୱାସ ଆମର ବହୁ ବ୍ରତ-ଓଷା ଆଚାର-ଅନୁଷ୍ଠାନ ମଧ୍ୟରେ ପ୍ରଚ୍ଛନ୍ନ । ପ୍ରାଚୀନ ଗଣଗୋଷ୍ଠୀୟ ସମାଜରେ ନାରୀର ଗୋଷ୍ଠୀ ଓ ଶସ୍ୟଭଂଡାର ଉପରେ କର୍ତ୍ତୃତ୍ୱ ଏବଂ ସଂତାନର ପିତା ଅଜ୍ଞାତ ଥିଲେ ମଧ୍ୟ ମାତାର ସ୍ପଷ୍ଟ ପରିଚୟ—ଏ ସମସ୍ତହିଁ ବାସ୍ତବ ସତ୍ୟ । ଏ ସବୁ ଯେଉଁ ଅତୀତକୁ ଆମେ ପଛରେ ଛାଡ଼ି ଆସିଛୁ, ତା'ର ସ୍ମାରକ ଓ ସ୍ମୃତି-ରୂପ ଯାହା ଆମର କାବ୍ୟ ପୁରାଣ ଓ ଅତିକଥା ଏବଂ ଧର୍ମୀୟ ଆଚାର-ଅନୁଷ୍ଠାନର ଅଂଗୀଭୂତ ହୋଇ ରହିବ ।

ଜଗନ୍ନାଥ ଐତିହ୍ୟରେ ସମଗ୍ର ଓଡ଼ିଶା ତଥା ଭାରତବର୍ଷର ଧ୍ୟାନ-ଧାରଣା ଓ ସଂସ୍କୃତିର କ୍ରମପରିଣାମ ଦେଖିବାକୁ ମିଳେ । ବୃକ୍ଷୋପାସକ ଅଷ୍ଟ୍ରିକ୍‌ଭାଷୀର ଦାରୁ-ପୂଜାଠାରୁ ଜୈନଧର୍ମର ପୁରୁଷୋତ୍ତମ ତତ୍ତ୍ୱ ଓ କଳ୍ପବୃକ୍ଷଧର୍ମ ଏବଂ ବୌଦ୍ଧ-

ମାନଙ୍କର ଶୂନ୍ୟବାଦ ପର୍ଯ୍ୟନ୍ତ, ଏବଂ ସୌର, ଗାଣପତ୍ୟ

**ଜଗନ୍ନାଥ**

ଶାକ୍ତ, ବୈଷ୍ଣବବାଦ ଓ ତନ୍ତ୍ର ପ୍ରଭୃତି ସମସ୍ତ ପ୍ରବାହର ସମନ୍ୱୟ ଜଗନ୍ନାଥ-ପରଂପରା ମଧ୍ୟରେ ଅଂର୍ତ୍ତଲୀନ । ଏ ପୁସ୍ତକରେ ଜଗନ୍ନାଥଂକ ସଂବନ୍ଧରେ ମୂଲ୍ୟବୋଧ ଦୃଷ୍ଟିରୁ ସଂକ୍ଷେପରେ ଆଲୋଚନା କରାଯାଇଛି ।

**ଗବେଷଣାରେ ବିଡ଼ମ୍ବନା**

ଦୁଃଖର କଥା ଆମ ଦେଶରେ ଗବେଷଣା ପ୍ରକୃତ ସତ୍ୟାନୁସଂଧିତ୍ସା ନହୋଇ ଭାବପ୍ରବଣତା, ଏକଦେଶଦର୍ଶିତ, ପ୍ରାଦେଶିକତା ତଥା ଆଂଚଳିକ ମନୋଭାବ ଇତ୍ୟାଦିରେ ପୀଡ଼ିତ । ଫଳରେ ଗୋଟିଏ ମିଥ୍ୟାର ପ୍ରତିଷ୍ଠା କରିବାକୁ ଯାଇ ବହୁ ମିଥ୍ୟାକୁ ପ୍ରଶ୍ରୟ ଦେବାକୁ ହୋଇଥାଏ । ଏ ସମସ୍ତର କାରଣ ହେଉଛି ଆମର ଅଧିକାଂଶ ଗବେଷକମାନଂକ ମଧ୍ୟରେ ଭୂୟୋଦର୍ଶନର ଅଭାବ । ଫଳରେ ଗବେଷଣା କ୍ଷେତ୍ରରେ ନାନା ବିଭ୍ରାଟ ଓ ବିଭ୍ରାଂତି ଦେଖା ଦେଇଛି । ସାରଳା ଦାସଂକଠାରୁ ଆରଂଭ କରି ପଂଚସଖା ଯାଏଁ, ମାଦଳାପାଂଜିଠାରୁ ଗୀତଗୋବିଂଦ ଯାଏଁ ସବୁ କିଛି ବିଭ୍ରାଂତିରେ ପୂର୍ଣ୍ଣ । ଉଦାହରଣ ସ୍ୱରୂପ ସବୁ ଐତିହ୍ୟ ଭାଷାସାହିତ୍ୟ ପରି ଓଡ଼ିଆ ଭାଷା-ସାହିତ୍ୟ ଓ ଓଡ଼ିଆ ଲିପିର ସ୍ପଷ୍ଟ ପ୍ରକାଶ ଆମେ ଚତୁର୍ଦ୍ଦଶ ଶତାବ୍ଦୀରେ ହିଁ ଦେଖିବାକୁ ପାଉଁ । ଏଥିପୂର୍ବରୁ ଅବଶ୍ୟ କେବେ କେବେ ଗଂଗବଂଶୀୟ ଅଭିଲେଖମାନଂକରେ ଓଡ଼ିଆ ପ୍ରାକୃତର ବ୍ୟବହାର କିଂବା କେତୋଟି ଓଡ଼ିଆ ଅକ୍ଷରର ବର୍ତ୍ତୁଳାକାର କ୍ରମବିକାଶ ନଜରକୁ ଆସିଥିଲି । ମାତ୍ର ଏକ ସାହିତ୍ୟ ଭାବରେ ଏବଂ ପୂର୍ଣ୍ଣବିକଶିତ ବର୍ଣ୍ଣମାଳା ଭାବରେ ଏହାର ପ୍ରକାଶ ଦେଖିବା ପାଇଁ ଆମକୁ ଚତୁର୍ଦ୍ଦଶ ଶତକର ଶେଷ ପର୍ଯ୍ୟଂତ ଅପେକ୍ଷା କରିବାକୁ ପଡ଼ିଥିଲି । ଏହା ସତ୍ତ୍ୱେ ଆମର ପଂଡିତମାନେ ଶପଥ କରି କହନ୍ତି ଯେ ମାଦଳାପାଂଜି ଭଳି ଓଡ଼ିଆ ଗଦ୍ୟ ଯଯାତିକେଶରୀଂକ ସମୟରୁ (ଖ୍ରୀ: ୮ମ ଶତକରୁ) କିଂବା ଚୋଡ଼ଗଂଗଦେବଂକ ଅମଳରୁ (ଖ୍ରୀ ୧୧୦୦) ଲିଖିତ ହୋଇଆସୁଛି, ଓଡ଼ିଆ ପଦ୍ୟ-ରଚନା ଶିଶୁବେଦର ମଧ୍ୟ ଅଷ୍ଟମ-ନବମ ଶତକରେ ଜନ୍ମ ଏବଂ ଜୟଦେବ ଓଡ଼ିଆ ଗୀତିକବିତା ରଚନା କରିଯାଇଛଂତି ଇତ୍ୟାଦି ।

ଖାଲି ସେତିକି ନୁହେଁ, କିଏ ଜୟଦେବଂକୁ ଇତିହାସର ୩୦୦ ବର୍ଷ ଡିଆଁଇଁ ଆଣି ସୂର୍ଯ୍ୟବଂଶୀ ପୁରୁଷୋତ୍ତମଦେବଂକ ସମସାମୟିକ କରି ନାଟକ-ପ୍ରବଂଧ ଲେଖିଲଣି ତ କିଏ ସାରଳାଦାସଂକୁ ୪୦୦ ବର୍ଷ ପଛକୁ ଠେଲି ନେଲଣି । ପୁଣି ଜୟଦେବ ଗୌଡ଼-ବଂଗୀୟ ରାଜା ଲକ୍ଷ୍ମଣସେନଂକ ସଭା ସହିତ ଅବିଚ୍ଛେଦ୍ୟ ଭାବରେ ଜଡ଼ିତ ଥିବା କଥା ତାଂକ ଗୀତଗୋବିଂଦରେ ସ୍ପଷ୍ଟ ଲେଖିଯାଇଥିଲେ ମଧ୍ୟ ଏବଂ ସଦୁକ୍ତି-ସଂକଳନରୁ ତାଂକର ଦୁଇ ଦୁଇଟା ସେନ୍-ବଂଦନା ମିଳୁଥିଲେ ମଧ୍ୟ ତାଂକୁ ଓଡ଼ିଶା ରାଜସଭାର ପଂଡିତ କହି ସେ ଶ୍ରୀମଂଦିରରେ କେଉଁଠି ବସି କେଉଁ ଛଂଦ (ସର୍ଗ)

କେତେବେଳେ ଲେଖିଥିଲେ ସେ ବିଷୟରେ ଦୀର୍ଘ ପ୍ରବନ୍ଧ ଓ ସ୍ଫୀତକୃତ ପୁସ୍ତକମାନ ପ୍ରକାଶ ପାଉଛି । ଯେପରି ମନେ ହେଉଛି ଆମ ପଣ୍ଡିତମାନେ ରାଜଧାନୀରେ ସରକାରୀ ଭବନରେ ଆଜି ଇତିହାସ ସଙ୍ଗେ ହୋଲି ଖେଳୁଛନ୍ତି ।

ଓଡ଼ିଆ ଭାଷା ସାହିତ୍ୟ ଓ ଲିପି ବିଷୟ ବିଚାର କରାଯାଉ । ଚର୍ଯ୍ୟାଗୀତ ରଚନା ହେଲା ବେଳକୁ ଖାଲି ଓଡ଼ିଆ କାହିଁକି ପୂର୍ବ-ଭୂଖଣ୍ଡର କୌଣସି ପ୍ରାଦେଶିକ ଭାଷାର ଜନ୍ମ ହୋଇ ନାହିଁ । କେତେକ ଆଞ୍ଚଳିକ ସ୍ୱତନ୍ତ୍ରତା ଥିବା ଏକ ସାଧାରଣ ଭାଷାହିଁ ସେତେବେଳେ ସମଗ୍ର ପୂର୍ବ-ଭାରତରେ ଚଳୁଥିଲା ।

**ଓଡ଼ିଆ ଭାଷା**

ଚର୍ଯ୍ୟାଗୀତକାର ତେଇଶ ଜଣ ସିଦ୍ଧଙ୍କ ଭିତରୁ କିଏ ଓଡ଼ିଆ କିଏ ବଙ୍ଗାଳୀ, କିଏ ବିହାରୀ ହେଲେ ମଧ୍ୟ ପୂର୍ବ-ଭାରତର ସେହି ସାଧାରଣ ଭାଷାରେହିଁ ଚର୍ଯ୍ୟାଗୀତମାନ ଲେଖିଯାଇଛନ୍ତି । ଟୀକାକାର ମୁନିଦତ୍ତ ଏହାକୁ ପ୍ରାକୃତ ଭାଷା ଆଖ୍ୟା ଦେଇଛନ୍ତି । ଏହି ଭାଷାରୁ ପରେ ସ୍ୱତନ୍ତ୍ର ରୂପରେଖ ନେଇ ଓଡ଼ିଆ, ବଙ୍ଗଳା, ଆସାମୀ, ମୈଥିଳୀ, ମାଗଧୀ ଓ ଭୋଜପୁରୀ ବିକାଶଲାଭ କଲା । ଲିପି ମଧ୍ୟ ସେହିପରି ସମଗ୍ର ପୂର୍ବ-ଭାରତରେ ଏକ ଥିଲା—ଯାହାକୁ ବ୍ୟୁହ୍ଲର ପ୍ରତ୍ନ-ବଙ୍ଗଳା ବୋଲି ନାମିତ କରିଛନ୍ତି । ସେତେବେଳକୁ ଓଡ଼ିଆ ଭାଷା ବା ଓଡ଼ିଆ ଲିପିର ଚିହ୍ନବର୍ଣ୍ଣ ସୁଦ୍ଧା ନଥିଲା । ଚର୍ଯ୍ୟାଗୀତକା ଖ୍ରୀଷ୍ଟୀୟ ୮ମଠାରୁ ୧୦ମ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚିତ ବୋଲି ଧରାଯାଇପାରେ ।

ପୁଣି, ଚର୍ଯ୍ୟାଗୀତକାର ସିଦ୍ଧଗଣ ସମସାମୟିକ ନ ଥିଲେ । କାହାରି କାହାର ମଧ୍ୟରେ ବହୁ ପୁରୁଷର ବ୍ୟବଧାନ ଥିବା କଥା ସେମାନଙ୍କ ଗୁରୁ-ପରମ୍ପରାରୁ ଜଣାଯାଏ । କାହ୍ନୁପା, ଲୁଇପା, ଭୁସୁକୁପା ପ୍ରଭୃତି ଉତ୍କଳୀୟ ଥିବା ବେଳେ ଶବରପା ବଙ୍ଗଳା ଦେଶର ପର୍ବତବାସୀ ଥିଲେ । କୁକୁରୀପା ଓ

**ଚର୍ଯ୍ୟାଗୀତର ଭାଷା**

କମ୍ବଳପାଦ ବଙ୍ଗାଳୀ ବ୍ରାହ୍ମଣ ଥିଲେ । ତେଣୁ ଚର୍ଯ୍ୟାଚର୍ଯ୍ୟ-ବିନିଶ୍ଚୟ ଅନ୍ତର୍ଗତ ଗୀତ-କବିମାନେ ଗୋଟିଏ ଅଞ୍ଚଳର ଲୋକ କିମ୍ବା ସମସାମୟିକ ନ ଥିଲେ । ତେଣୁ ସେହି ଗୀତଗୁଡ଼ିକୁ ପ୍ରାଚୀନ ଓଡ଼ିଆ ବା ପ୍ରାଚୀନ ବଙ୍ଗଳା ବା ପ୍ରାଚୀନ ମୈଥିଳୀ ବା ପ୍ରାଚୀନ ମାଗଧୀ କହିବା ଠିକ୍ ନୁହେଁ । ବରଂ ସବୁ ପ୍ରାଚ୍ୟଭାଷାର ମୂଳରୂପ ଏଥିରେ ନିହିତ । ଚର୍ଯ୍ୟାଗୀତକାର କବିମାନେ ଚଉରାଶି ସିଦ୍ଧ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ । ବର୍ତ୍ତମାନ ବୌଦ୍ଧ ଚର୍ଯ୍ୟାଗୀତର ଭାଷା ମାଗଧୀ ଅପଭ୍ରଂଶର ଶେଷ ସ୍ତର ବୋଲି ଆପାତତ ଗୃହୀତ ହୋଇଛି ।

ଚର୍ଯ୍ୟାଗୀତର କାହ୍ନୁପା ବା କୃଷ୍ଣାଚାର୍ଯ୍ୟପାଦ ଉତ୍କଳୀୟ ଥିଲେ ବୋଲି ତିବ୍ବତୀୟ ଗ୍ରନ୍ଥ ପାଗ-ସମ-ଜୋନ୍-ଜାଙ୍ଗରୁ ଜଣାଯାଏ । ସେ ଥିଲେ ଜାଲନ୍ଧରି-ପାଙ୍କ ଶିଷ୍ୟ ଏବଂ ଜାଲନ୍ଧରିପା ଥିଲେ ବଜ୍ରଯାନୀ ରାଜା ଇନ୍ଦ୍ରଭୂତିଙ୍କ ଶିଷ୍ୟ । ଡଃ

ବିନୟତୋଷ ଭଟ୍ଟାଚାର୍ଯ୍ୟଂକ ମତରେ କାହ୍ନୁପାଂକ ଜୀବତ୍ ସମୟ ଖ୍ରୀ:୭୧୭, ଡଃ ସୁନୀତିକୁମାର ଚାଟାର୍ଜୀଂକ ମତରେ ଖ୍ରୀ: ୮ମରୁ ୧୨ଶ ଶତାବ୍ଦୀ ମଧ୍ୟରେ, ସାଂକୃତ୍ୟାୟନଂକ ମତରେ ୮ମ-୯ମ ଶତାବ୍ଦୀ, ଡଃ ଧର୍ମବୀର ଭାରତୀଂକ ମତରେ ଖ୍ରୀ·୯୬୦-୧୦୦୦ ଏବଂ ଡଃ ଶହୀଦୁଲ୍ଲାହଂକ ନିର୍ଣ୍ଣୟରେ ଖ୍ରୀ ୭୭୫-୮୧୭ । ଲୁଇପା ଉତ୍କଳୀୟ ବୋଲି ପାଗ-ସମ ଜୋନ-ଜାଂ ଓ ଶାଂତିରକ୍ଷିତଂକ 'ଅଭିସମୟ ମଂଜରୀ' ସାକ୍ଷ୍ୟରୁ ପ୍ରମାଣିତ ହୁଏ । ତାଂକ କାଳ-ପରିଧି ଡଃ ବିନୟତୋଷଂକ ମତରେ ଖ୍ରୀ. ୬୬୯ ମଧ୍ୟରେ, ସାଂକୃତ୍ୟାୟନଂକ ଅନୁସାରେ ୮ମ-୯ମ ଶତକ, ଏବଂ ହରପ୍ରସାଦ ଶାସ୍ତ୍ରୀଂକ ଅନୁସାରେ ୧୦ମ ଶତାବ୍ଦୀ । ଡୋମ୍ବିପା ଓ ତିବ୍ବତୀୟ ସୂତ୍ର ଅନୁସାରେ ଶବରୀପା ଥିଲେ ବଂଗାଳବାସୀ । ଭୁସୁକୁପା ଉତ୍କଳବାସୀ ଥିଲେ ବୋଲି ଅଧ୍ୟାପକ ଖଗେଶ୍ୱର ମହାପାତ୍ର 'ଦିଗଂତ' ପ୍ରବଂଧରେ ପ୍ରତିପାଦନ କରିଛଂତି । ଏହାହିଁ ହେଉଛି ମୋଟାମୋଟି ଖ୍ରୀ: ଏକାଦଶ ଶତକ ଅବଧି ପୂର୍ବଭାରତୀୟ ଭାଷାମାନଂକର ବିକାଶ-ସ୍ତର । ବୌଦ୍ଧ ଚର୍ଯ୍ୟାଗୀତି ପ୍ରସଂଗରେ ଏ ପୁସ୍ତକରେ ବିଶଦ ଆଲୋଚନା କରାଯାଇଛି ।

**ଓଡ଼ିଆ ଲିପି**

ଓଡ଼ିଆ ଲିପିର ସ୍ପଷ୍ଟରୂପ ଆମେ କପିଳେଶ୍ୱର ଦେବଂକ ସୀମାଚଳମ ଶିଳାଲେଖ ପୂର୍ବରୁ କେଉଁଠି ଦେଖିନାହୁଁ,—ଯଦିଓ ଗଂଗବଂଶୀୟ ପ୍ରାକ୍-ବଂଗଳା ଅଭିଲେଖ ତଥା ତାମ୍ରଶାସନମାନଂକରେ କେତୋଟି ଓଡ଼ିଆ ଅକ୍ଷର କୁଟିଳାକାର ଧାରଣ କରି କ୍ରମେ ବର୍ତ୍ତମାନ ଆକାର ଆଡ଼କୁ ଅଗ୍ରସର ହେଉଥିଲା । ମାତ୍ର ପୂର୍ଣ୍ଣାଂଗ ଓଡ଼ିଆ ବର୍ଣ୍ଣମାଳାର ଆବିର୍ଭାବ ସୀମାଚଳ ଲିପି ଆଗରୁ ଏ ପର୍ଯ୍ୟଂତ ନଜରକୁ ଆସି ନାହିଁ ।

ସିଂଧୁ ଉପତ୍ୟକାର ମହେଂଜୋଦାରୋ-ହରପ୍ପାରୁ ମିଳିଥିବା ଖ୍ରୀଷ୍ଟୀୟ ଦୁଇ ହଜାର ବର୍ଷ ତଳର 'ଚିତ୍ରଲିପି' ସଂଗେ ବ୍ରାହ୍ମୀଅକ୍ଷରରେ ଖୋଦିତ ଅଶୋକଂକ ଧର୍ମଲିପିର (ଖ୍ରୀ. ପୂ ୩ୟ-୪ର୍ଥ ଶତକ) ୧୯ଟି ଅକ୍ଷରର ସାମଂଜସ୍ୟ ରହିଛି ବୋଲି ଡଃ ଲଂଗଡ଼ନ ପ୍ରମୁଖ କହଂତି । ସଂବଲପୁର ଜିଲ୍ଲାର ବିକ୍ରମଖୋଲ ସ୍ଥାନରେ ପ୍ରସ୍ତରୋପରି ଅଂକିତ ଚିତ୍ରଲିପି ଜୟସ୍ୱାଲ ଆବିଷ୍କାର କରିଂଥି । ଏ ଚିତ୍ର-ଲିପିର କେତେକ ଚିହ୍ନ ସୈଂଧବ ଲିପି ସଂଗେ ପ୍ରାୟ ସମାନ, ପୁଣି ଆଉ କେତୋଟି ଚିହ୍ନ ବ୍ରାହ୍ମୀ ବର୍ଣ୍ଣମାଳା ସଦୃଶ । ଏଥିରୁ ସୈଂଧବ ଲିପି ଓ ବ୍ରାହ୍ମୀଲିପି ମଧ୍ୟବର୍ତ୍ତୀ ପ୍ରାୟ ଅଢ଼େଇ ହଜାର ବର୍ଷର ଯେଉଁ ଶୂନ୍ୟ-ସ୍ଥାନ ରହିଥିଲା ତାହା ପୂରଣ ହୋଇ ପାରିବ ବୋଲି ପଂଡ଼ିତମାନେ ମନେ କରଂଥି । ଡଃ ହେରେସଂକ ମତରେ ଖ୍ରୀଷ୍ଟପୂର୍ବ ଏକ ହଜାର ବର୍ଷ ତଳେ ସଂବଲପୁର ସମେତ ଏକ ବିଶାଳ ଭୂଖଂଡରେ ଦ୍ରାବିଡ଼

ଭାଷା ପରିବାରର ଏକ ଜାତି ବାସ କରୁଥିଲେ —ଯେଉଁମାନଂକ ଭାଷାର ନାମ ଥିଲା 'ବ୍ରହ୍ମଇ' । ଏହା ତାମିଲ ଭାଷା ସଂଗେ ସଂପୃକ୍ତ ।

ତିବ୍ବତରେ ଦୁଇଟି ଭାରତୀୟ ଲିପି 'ଓ୍ୟାରୁ' ଓ 'ଲାନସା' ନାମରେ ପ୍ରଚାରଲାଭ କରିଥିଲା । ସେଥିରୁ ଓ୍ୟାରୁ ଲିପି ସଂଗେ ପ୍ରାଚୀନ ଓଡ଼ିଆ ଲିପିର ବହୁ ସାମଂଜସ୍ୟ ଦେଖାଯାଏ । କାହାରି କାହାରି ମତରେ ଓଡ଼ିଶାର ଚୈନିକ ନାମ wa-chର ରୂପାଂତର ଓ୍ୟାରୁ । ତିବ୍ବତ ସଂଗେ ଓଡ଼ିଶାର ସଂପର୍କ ଶାଂତି-ରକ୍ଷିତ ପ୍ରମୁଖଂକ ମାଧ୍ୟମରେ ଖ୍ରୀ ସପ୍ତମ ଶତକରୁ ପ୍ରତିଷ୍ଠିତ ହୋଇଥିଲା ।

ଓଡ଼ିଆ ଲିପିର କ୍ରମବିକାଶ 'ପ୍ରତ୍ନ-ବଂଗଳା' ଲିପିରୁହିଁ ହୋଇଛି । ଓଡ଼ିଆ ଲିପିତତ୍ତ୍ୱ ସଂବଂଧରେ ସାରଳା-ଯୁଗରେ ଆଲୋଚନା କରାଯାଇଛି ।

ସାରଳା-ଯୁଗ ଆଲୋଚନା ପ୍ରସଂଗରେ ତତ୍କାଳୀନ ଐତିହାସିକ, ଭୌଗଳିକ, ଭାଷାତାତ୍ତ୍ୱିକ, ସାଂସ୍କୃତିକ, ଦାର୍ଶନିକ ଓ ରାଜନୈତିକ ପୃଷ୍ଠଭୂମି ତଥା ପରି-ବେଷ୍ଟନୀ ଆଦି ବିଚାର କରାଯାଇଛି । ସାରଳା ଦାସଂକ ଶବ୍ଦର ଆବେଦନ ଆଧୁନିକ
ପାଠକ ପକ୍ଷରେ ସବୁଠାରୁ ଅଧିକ ଗ୍ରହଣୀୟ ଏବଂ ସ୍ମରଣୀୟ ।
ସାରଳା ଯୁଗ ପ୍ରତିଟି ଶବ୍ଦ ଆଧୁନିକ ପାଠକ ମନରେ ପ୍ରସ୍ତୁତ ଉଦ୍ଦୀପନା
ପରିବର୍ତ୍ତେ ଚିତ୍ରକଳ୍ପର ସଦ୍ୟତା ଓ ଛବିଳତା ସଂଗ୍ରହ କରେ ।
ତାଂକର ଅଧିକାଂଶ ଶବ୍ଦ ଆଧୁନିକ ପାଠକଙ୍କୁ ପ୍ରାୟ ଗଚ୍ଛିତ ଶବ୍ଦପରି ମନେ ହୁଅଂତି ନାହିଁ ।

ସାରଳା ଦାସଂକର କେତେକ ଆଧ୍ୟାତ୍ମିକ ବର୍ଣ୍ଣନାରେ ମଧ୍ୟ ଏକ ଅନନ୍ୟ ଚିତ୍ରମୟତା ଫୁଟି ଉଠିଛି, ଯାହା ପାଠକ ଚିତ୍ତରେ ଏକ ନୂତନ କାବ୍ୟ-ଚେତନା ଉଦ୍ରେକ କରେ ।

"ଆଦି ଶୂନ୍ୟ ଅଟଇ ଯେ ଶୂନ୍ୟ ଉପବନ
ପବନରୁ ଜାତ ହେଲେ ଯୋଗ ପୁଷ୍ପମାନ ।"

କିଂବା, "ସେ ଅଣାକାର ଯେ ଶୂନ୍ୟେ ଭୁବନ ଟେକିଲା
ଅଲେଖ ଲେଖ ବିନ୍ଦୁ ଦୂରେକ ସଂଚିଲା ।
ନିର୍ମଳ ଭୁବନ ଅଟେ ସେ ଅଲେଖ ପୁର ।"

ମନେହୁଏ କବି ଯେପରି ଏହି ଶବ୍ଦ ତଥା ଚିତ୍ରକଳ୍ପ ଗୁଡ଼ିକୁ କେଉଁ ଅତିମାନସ ରାଜ୍ୟରୁ ଆହରଣ କରିଆଣିଛନ୍ତି । ଶବ୍ଦର ଏଭଳି ଚିତ୍ରଦାୟୀ କ୍ଷମତା ଅନ୍ୟ କୌଣସି ପ୍ରାଚୀନ କବିଂକର ନାହିଁ ।

ବଳରାମ ଦାସ ଓ ଜଗନ୍ନାଥ ଦାସଂକୁ ସାରଳା-ଯୁଗର ଅଂତର୍ଭୁକ୍ତ କରା-ଯାଇଛି । ମାତ୍ର ଅଚ୍ୟୁତାନଂଦ ଦାସ ଓ ତାଂକ ମଣ୍ଡଳୀଭୁକ୍ତ ଯଶୋବଂତ ଦାସ ଆଧ୍ୟାତ୍ମିକ ଓ ଦାର୍ଶନିକ ସାମ୍ୟ ଦୃଷ୍ଟିରୁ ସାରଳା-ଯୁଗର ନିକଟବର୍ତ୍ତୀ ହେଲେ ମଧ୍ୟ

ସମସ୍ତ ଦୃଷ୍ଟିରୁ ସେମାନେ ଧାରଲା ଦାସଂକର ପ୍ରାୟ ଦୁଇଶହ ବର୍ଷ ପରବର୍ତ୍ତୀ ମନେ ହୁଅଂନ୍ତି ।

ପଂଚସଖା ତଥ୍ୟଟି ସଂପୂର୍ଣ୍ଣ ଅମୂଳକ ବୋଲି ଏହି ପୁସ୍ତକରେ ପ୍ରମାଣ କରା-ଯାଇଛି । ବଳରାମ ଦାସ ଓ ଜଗନ୍ନାଥ ଦାସ ନିଃସଂଦେହରେ ଶ୍ରୀ ଚୈତନ୍ୟଂକର ସମ-ସାମୟିକ ଏବଂ ଅଂତରଂଗ ଥିଲେ ମଧ୍ୟ ପଂଚସଖା ତତ୍ତ୍ୱର ଏକମାତ୍ର ପଂଚସଖା ପ୍ରଚାରକ ଅଚ୍ୟୁତାନଂଦ ଦାସ ଏବଂ ଯଶୋବଂତ ପ୍ରଭୃତି ଯେ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗର ଲୋକ ଏକଥା 'ଦିଗଂତ' ମାଧ୍ୟମରେ ବହୁ ବର୍ଷ ତଳେ ପ୍ରତିପାଦନ କରାଯାଇଥିଲି । ଅଚ୍ୟୁତାନଂଦଂକ ଭାଷା ଏବଂ ଗୁରୁ-ପରଂପରା ଏବଂ ତାଂକ ଗ୍ରଂଥରେ ଅରୁଣସ୍ତଂଭ, ପୁରୀ ନିକଟସ୍ଥ ସତ୍ୟବାଦୀ ମଂଦିର ଏବଂ ଦିବ୍ୟସିଂହଦେବ ଏବଂ ବୀରକେଶରୀ ଦେବ ପ୍ରଭୃତିଂକର ଉଲ୍ଲେଖ ଥିବା ଦୃଷ୍ଟିରୁ ତାଂକୁ ଚୈତନ୍ୟଂକର ପ୍ରାୟ ୩୫୦ ବର୍ଷ ପରବର୍ତ୍ତୀ କହିବା ସଂଗତ ହେବ । ଏ ପୁସ୍ତକରେ ତହିଁର ବିଶଦ ଆଲୋଚନା କରାଯାଇଛି ।

ସେ ଯାହାହେଉ, ଭୁଲ ମତ ଓ ଭୁଲ ତଥ୍ୟ ଖଂଡନ କରି ସତ୍ୟର ଠାବ କରିବା ହିଁ ଏ ପୁସ୍ତକର ଉଦ୍ଦେଶ୍ୟ । ସତ୍ୟ ବ୍ୟକ୍ତିଗତ ବାଦ ବିସଂବାଦର ଊର୍ଦ୍ଧ୍ୱରେ । ଏହା କୌଣସି ପ୍ରାଦେଶିକ ବା ଆଂଚଳିକ ସୀମାରେଖା ସ୍ୱୀକାର କରେ ନାହିଁ । ଅମଳିନ ସତ୍ୟହିଁ ଇତିହାସର ଧ୍ରୁବ-ପଥ ।

ମୁଁ ନିଜେ ଜଣେ ଗବେଷକ ନୁହେଁ । ତଥାପି ପୁରାତତ୍ତ୍ୱ ଓ ଇତିହାସର ମୁଁ ଜଣେ ଆଗ୍ରହୀ ଛାତ୍ର । ଦେଶ ବିଦେଶର ଗବେଷକମାନଂକର ତଥ୍ୟ ଓ ବିଚାରଧାରା ଅଧ୍ୟୟନ କରି ମୁଁ କେତେକ ସିଦ୍ଧାଂତରେ ପହଂଚିଛି । ଯେଉଁ ସବୁ ପ୍ରାମାଣିକ ଗ୍ରଂଥମାନଂକରୁ ମୁଁ ତଥ୍ୟ ଓ ସାହାଯ୍ୟ ଗ୍ରହଣ କରିଛି ବା ଅଂଶ ବିଶେଷ ଉଦ୍ଧାର କରିଛି ସେ ସବୁର ନାମ ଓ ମୂଳ-ଉତ୍ସର ସୂଚନା ଯଥାସ୍ଥାନରେ ଲିପିବଦ୍ଧ କରିଛି । ମୋର ଅନୁଧ୍ୟାନ ଗୁଡିକ ପାଠକମାନେ ପରୀକ୍ଷାକରି ଦେଖିବେ ବୋଲି ବିଶ୍ୱାସ ।

ଆମ ଦେଶରେ ଗବେଷଣା ନାମରେ ଯେପରି ନାନା ପ୍ରକାର ଭ୍ରମାତ୍ମକ ବିଚାରଧାରା ମୁଂଡଟେକି ଉଠିଛି ସେଥିରେ ସତ୍ୟଦର୍ଶୀ ପକ୍ଷରେ ନାନା ଦୃଶ୍ୟ ଓ ଅଦୃଶ୍ୟ ବାଧା ବିଘ୍ନ ଓ ବିପଦର ସଂଭାବନା ପଦେ ପଦେ ରହିଛି । ଏହା ମୁଁ ନିଜେ ମୋର ସ୍ୱଳ୍ପ ଅଭିଜ୍ଞତାରୁ ବେଶ୍ ଅଂଗେ ଲିଭାଇଛି । ସବୁ କ୍ଷେତ୍ର ପରି ଏ କ୍ଷେତ୍ରରେ ମଧ୍ୟ ବହୁ ନ୍ୟସ୍ତସ୍ୱାର୍ଥର ସୃଷ୍ଟି ହୋଇଛି ଏବଂ ସେମାନଂକର ଖାସ୍‌ମହାଲ ଭିତରେ ଅନ୍ୟ କାହାର ଅନୁପ୍ରବେଶ ସେମାନେ ଚାହାଂନ୍ତି ନାହିଁ । ସେମାନଂକର ଭୁଲର ଫସଲ ଉଜୁଡି ଯାଉ ଏହା ସେମାନେ ଇଚ୍ଛା କରଂନ୍ତି ନାହିଁ ।

ଅନେକ ସମୟରେ ଭ୍ରାନ୍ତ ତଥ୍ୟ ଓ ଉଦ୍‌ଭ୍ରାନ୍ତ ମତ ପ୍ରଚାର ଫଳରେ ଭ୍ରଷ୍ଟ ମୂଲ୍ୟବୋଧର ସୃଷ୍ଟି ହୋଇଥାଏ । ବାସ୍ତବର ଆଦର୍ଶୀକରଣ କରିବା ଫଳରେ ମୂଲ୍ୟବୋଧ ଭ୍ରଷ୍ଟ ହୁଏ । ଉଦାହରଣ ସ୍ୱରୂପ ଅଶୋକଙ୍କର କଳିଙ୍ଗ ବିଜୟ (ଖ୍ରୀ.ପୂ ୨୬୧) ଧରିଯାଉ । ଭିନ୍‌ସେଣ୍ଟ୍ ସ୍ମିଥ୍‌ଙ୍କ ଅନୁଯାୟୀ କଳିଙ୍ଗ ବାହାରେ ଖୋଦିତ

**ଭ୍ରଷ୍ଟ ମୂଲ୍ୟବୋଧ**

ସମସ୍ତ ଅନୁଶାସନରେ ଅଶୋକ କଳିଙ୍ଗ ଯୁଦ୍ଧରେ ଲକ୍ଷ ଲକ୍ଷ ଲୋକଙ୍କର ପ୍ରାଣହାନି ଘଟାଇଥିବାରୁ ଗଭୀର ଅନୁଶୋଚନା କରିଛନ୍ତି ଏବଂ ହିଂସାପଥ ଛାଡ଼ି ଧର୍ମ-ପଥ ଅବଲମ୍ବନ କରିଥିବା କଥା ପ୍ରକାଶ କରିଛନ୍ତି । ସଂପୂର୍ଣ୍ଣ ସ୍ୱାଭାବିକ କାରଣରୁ ସେ ଏଇ ଅନୁତାପ-ସଂବଳିତ ଅନୁଶାସନ ଗୁଡ଼ିକ ମଧ୍ୟରୁ ଗୋଟିଏ ହେଲେ କଳିଙ୍ଗରେ ଖୋଲାଇ ନାହାନ୍ତି । ସେ ଯାହା ହେଉ ଯୁଦ୍ଧକୁ ନେଇ ଓଡ଼ିଶାବାସୀ ଲଜ୍ଜା ଓ ଅପମାନରେ ଭାଙ୍ଗି ପଡ଼ିବା ପରିବର୍ତ୍ତେ ଅଶୋକଙ୍କ ହୃଦୟ ପରିବର୍ତ୍ତନ କରି ଦେଇଥିବା ହେତୁ ଗର୍ବ ଅନୁଭବ କରିବା ପ୍ରକୃତରେ ଏକ ପ୍ରକାଣ୍ଡ ବିରୋଧାଭାସ ଛଡ଼ା ଅନ୍ୟ କିଛି ନୁହେଁ । ସଂବଲପୁର ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ ଭାଷଣରେ ଭାରତର ପୂର୍ବତନ ରାଷ୍ଟ୍ରପତି ଜାକିର ହୋସେନ୍ ଏଥିପାଇଁ କଳିଙ୍ଗକୁ ବଧାଇ ଦେଇ ଏହାକୁ ମହା ପୁଣ୍ୟଭୂମି ବୋଲି ବର୍ଣ୍ଣନା କରିଥିଲେ । ଦେଶର ଅନେକ ଐତିହାସିକ ମଧ୍ୟ କଳିଙ୍ଗବାସୀ ଏପରି ଦୟନୀୟ ଭାବରେ ମରି ଚଣ୍ଡାଶୋକକୁ ଧର୍ମାଶୋକରେ ପରିଣତ କରିଥିବା ଯୋଗୁ ଗର୍ବ ଓ ଗୌରବ ଅନୁଭବ କରିଥାନ୍ତି ! ଏହା ଭ୍ରଷ୍ଟ ମୂଲ୍ୟବୋଧର ଜ୍ୱଳନ୍ତ ଉଦାହରଣ ଛଡ଼ା ଆଉ କ'ଣ ହୋଇପାରେ ?

ଅନ୍ୟ ପକ୍ଷରେ ସତ୍ୟ ରୂଢ଼ ହେଲେ ମଧ୍ୟ ସତ୍ୟ, ଏବଂ ଗ୍ରହଣୀୟ । ତା'ର ଏକ ଦୃଷ୍ଟାନ୍ତ ଡଃ ନୀହାରରଞ୍ଜନ ରାୟଙ୍କ 'ବାଂଗାଲୀର ଇତିହାସ'ରୁ ଦେଲେ ବୋଧହୁଏ ଅପ୍ରାସଂଗିକ ହେବ ନାହିଁ । ସାଂପ୍ରତିକ ଜଳବାୟୁରେ ଏଭଳି ବିକଳ୍ପ ଦୃଷ୍ଟାନ୍ତର ଆବଶ୍ୟକତା ରହିଛି । କାଶ୍ମୀରୀ କବି କ୍ଷେମେନ୍ଦ୍ର ତାଙ୍କର 'ଦଶୋପ-

**ବିକଳ୍ପ ଦୃଷ୍ଟାନ୍ତ**

ଦେଶ' ଗ୍ରନ୍ଥରେ ଏକାଦଶ ଶତକରେ କାଶ୍ମୀରରେ ପଢୁଥିବା ବଂଗାଳୀ ବିଦ୍ୟାର୍ଥୀଙ୍କ ପ୍ରତି ତୀବ୍ର କଟାକ୍ଷ କରି ସେମାନଙ୍କୁ ମାଂସଳ, ରୁଚି, ଅମାର୍ଜିତ, କହିଛନ୍ତି ଏବଂ ସେମାନେ ଓଁକାର ଓ ସ୍ୱସ୍ତି ଉଚ୍ଚାରଣ କରି ପାରନ୍ତି ନାହିଁ ବୋଲି ଲେଖିଛନ୍ତି । ଡଃ ରାୟ ତାଙ୍କ ଇତିହାସରେ ସେ ସବୁ ଅବିକଳ ଉଦ୍ଧାର କରି ନିର୍ଲିପ୍ତ ଭାବରେ ସେଗୁଡ଼ିକର ତାତ୍ପର୍ଯ୍ୟ ବିଚାର କରିଛନ୍ତି ଏବଂ ସେଥିରୁ ତତ୍କାଳୀନ ବଂଗାଳୀ ବିଦ୍ୟାର୍ଥୀର ପରିଚୟ ମିଳେ ବୋଲି ମନ୍ତବ୍ୟ କରିଛନ୍ତି । ଡଃ ରାୟ କ୍ଷେମେନ୍ଦ୍ରଙ୍କ ବାକ୍ୟ ଖଣ୍ଡନ ନ କରି ତାହାକୁ ତଥ୍ୟ ରୂପେ ଗ୍ରହଣ କରି ନେଇଛନ୍ତି । କ୍ଷେମେନ୍ଦ୍ର ଲେଖିଛନ୍ତି :—

"ଏମାନଙ୍କର ପ୍ରକୃତି ଓ ବ୍ୟବହାର ଥିଲା ରୁଚି, ଅମାଜିତ । ଏମାନେ ଥିଲେ ଖୁବ୍ ଶୁଚିବାୟୁଗ୍ରସ୍ତ, ଏମାନଙ୍କ ଦେହ କ୍ଷୀଣ, କଙ୍କାଳ-ସାର ମାତ୍ର, ଏବଂ ଟିକିଏ ଧକ୍କା ଲାଗିଗଲେ ଭାଙ୍ଗିପଡିବେ ; ଏହି ଆଶଙ୍କାରେ ସମସ୍ତେ ସେମାନଙ୍କଠୁ ଦୂରରେ ରହନ୍ତି । କିନ୍ତୁ କିଛି ଦିନ ପ୍ରବାସ-ଜୀବନ ଯାପନ କଲା ପରେ କାଶ୍ମୀରର ପାଣି ପବନରେ ଏମାନେ ବେଶ୍ ମେଦ ଓ ଶକ୍ତି ସଞ୍ଚୟ କରନ୍ତି । "ଓଁ କାର" ଓ "ସ୍ୱସ୍ତି" ଉଚ୍ଚାରଣ କରିବା ଯଦିଓ ଥିଲା ଏମାନଙ୍କ ପକ୍ଷରେ କଷ୍ଟ କାମ, ତଥାପି ପାତଞ୍ଜଳଭାଷ୍ୟ, ତର୍କ ମୀମାଂସା ସବୁ କିଛି ପଢିବା ଚାହିଁ । ଗୌଡୀୟ ବିଦ୍ୟାର୍ଥୀ ଧୀରେ ଧୀରେ ବାଟ ଚାଲେ ଏବଂ ରହି ରହି ତା ମୁଣ୍ଡଟିକୁ ଏପାଖକୁ ସେପାଖକୁ ହଲାଉଥାଏ । ଚାଲିଲାବେଳେ ସେମାନଙ୍କର ମୟୂର-ପଙ୍ଖୀ ଜୋତାରେ ମଚ ମଚ ଶବ୍ଦ ହୁଏ, ମଝିରେ ମଝିରେ ସେମାନେ ନିଜ୍ ନିଜ ସୁବେଶ ସୁବିନ୍ୟସ୍ତ ଚେହେରା ଅଙ୍ଗକୁ ଅନାଇ ଦେଖୁଥିବେ । ସେମାନଙ୍କର କ୍ଷୀଣ କଟିରେ ଲାଲ୍ କଟିବନ୍ଧ, କୃଷ୍ଣବର୍ଣ୍ଣ ଓ ଶ୍ୱେତଦନ୍ତ-ପନ୍ତିରେ ସେମାନେ ଦେଖାଯାଆନ୍ତି ମାଙ୍କଡ଼ଟି ପରି । ସେମାନଙ୍କର ଦୁଇ କାନରେ ଥାଏ ଦୁଇଟି କରି କର୍ଣ୍ଣଭୂଷଣ । ହାତରେ ଯଷ୍ଟୀ, ଦେଖିଲେ ମନେହୁଏ ସତେ ଯେପରି ସାକ୍ଷାତ କୁବେର । ଟିକିଏ କଥାରେ ସେମାନେ ରାଗି ଯାଇ ସହ-ଆବାସିକ ପେଟରେ ଛୁରୀ ଭୁଷିଦେବେ । ଗର୍ବ କରି ସେମାନେ ନିଜର ପରିଚୟ ଦିଅନ୍ତି ଠକ୍କର ବା ଠାକୁର ବୋଲି । କମ ଦାମରେ ବେଶି ଜିନିଷ ଦାବୀ କରି ସେମାନେ ଦୋକାନଦାରଙ୍କୁ ଉତ୍ୟକ୍ତ କରନ୍ତି । ଇତ୍ୟାଦି ।"

ଐତିହାସିକ ଡଃ ରାୟ ଏହାଙ୍କୁ ଅବିକଳ ଉଦ୍ଧାର କରି ମନ୍ତବ୍ୟ କରିଛନ୍ତି "ବିଦେଶରେ ବଙ୍ଗାଳୀ ବିଦ୍ୟାର୍ଥୀର ବସନଭୂଷଣ ବ୍ୟବହାର ଆଦିର ଆଂଶିକ ପରିଚୟ ଏହି କାହାଣୀରୁ ମିଳେ ।" କ୍ଷେମେନ୍ଦ୍ର 'ବଙ୍ଗାଳୀ ଛାତ୍ରମାନେ ଓଁ କାର ଓ ସ୍ୱସ୍ତି ଉଚ୍ଚାରଣ କରି ପାରନ୍ତି ନାହିଁ' ବୋଲି ଯାହା ଲେଖିଛନ୍ତି ତାହା ଉପରେ ଡଃ ରାୟ କହିଛନ୍ତି :—"ବୋଧହୁଏ କାଶ୍ମୀରୀ ମାନଦଣ୍ଡରେ 'ବଙ୍ଗାଳୀର ସଂସ୍କୃତ ଉଚ୍ଚାରଣ ଯଥେଷ୍ଟ ଶୁଦ୍ଧ ଓ ମାର୍ଜିତ ନ ଥିଲା, ଏହାହିଁ ସମ୍ଭବତ କ୍ଷେମେନ୍ଦ୍ରଙ୍କର ବକ୍ରୋକ୍ତିର କାରଣ ।"

ତେଣୁ ତଥ୍ୟ ରୂଢ଼ ଓ ଅରୁଚିକର ହେଲେ ମଧ୍ୟ ଇତିହାସ ପକ୍ଷରେ ମୂଲ୍ୟବାନ ଉପାଦାନ ହୋଇପାରେ । ଡଃ ରାୟ ଏଠାରେ ପ୍ରାଦେଶିକ ମନୋଭାବର ଊର୍ଦ୍ଧ୍ୱରେ ରହି ସମଗ୍ର ବିଷୟଟିକୁ ଐତିହାସିକର ଦୃଷ୍ଟିରୁ ବିଚାର କରିଛନ୍ତି । ଇତିହାସ ଯେ

ପ୍ରାଦେଶିକ ମନୋଭାବ ଉପରେ ତାହା ଦେଖାଇବା ପାଇଁ ହିଁ ଏଠାରେ ଏ ଉଦାହରଣଟି ଦିଆଗଲା ।

ଇତିହାସ ଏକ ଜୀବନ୍ତ ପ୍ରକ୍ରିୟା । ଏହା ଅତୀତ ସହିତ ବର୍ତ୍ତମାନକୁ ଏବଂ ପରମ୍ପରା ସହିତ ବ୍ୟକ୍ତିକୁ ଏକ ଅଭେଦ୍ୟ ବିକାଶର ସୂତ୍ରରେ ବାନ୍ଧିରଖେ । ଇତିହାସ-ଚେତନା ଛଡ଼ା କଳା, ସାହିତ୍ୟ, ସଂସ୍କୃତିର ପ୍ରକୃତ ବ୍ୟାଖ୍ୟା ଅସମ୍ଭବ । ମାତ୍ର ଦୁଃଖର କଥା ଆମର ଅଧିକାଂଶ ଐତିହାସିକ ଇତିହାସକୁ କେବଳ ସନ, ତାରିଖ, ଯୁଦ୍ଧ-ବିଗ୍ରହ ଏବଂ କେତେ ଜଣ ରାଜାରାଣୀଙ୍କ ବ୍ୟାପାର ଛଡ଼ା ଅନ୍ୟ କିଛି ମନେ କରନ୍ତି ନାଇ । ମଣିଷର ଜୀବନ ପ୍ରବାହର ଯେଉଁ ଛନ୍ଦ ଏହାର ପ୍ରତିଟି ମୁହୂର୍ତ୍ତରେ ଅନ୍ତଃସଲିଳ, ତାହା ସେମାନଙ୍କ କାନରେ ବାଜେ ନାଇ, ବାଜେ କେବଳ କଙ୍କାଳର ଠକ ଠକ ଶବ୍ଦ । ଅତୀତ ସେମାନଙ୍କ ନିକଟରେ କେବଳ ଏକ ଯାଦୁଘର—ଯେଉଁଠି ଅଛି ଖାଲି ଦେହ-କଙ୍କାଳର ଥାକ—ସମସ୍ତର ଉଚ୍ଛିଷ୍ଟ ସ୍ତୂପ—ଜୀବନର ସଙ୍କେତ ନୁହେଁ ।

କେବଳ କଥାରେ ନୁହେଁ, କାର୍ଯ୍ୟରେ ମଧ୍ୟ କିଛି କରିବା ଆବଶ୍ୟକ ଭାବି ମୁଁ ଓଡ଼ିଶାର କଳା, ସାହିତ୍ୟ ଓ ଇତିହାସ ଅଧିର ବୈଜ୍ଞାନିକ ଆଲୋଚନା ସଙ୍କାଶେ ଏବଂ ସେ ସବୁର ଶ୍ରେଷ୍ଠ ନିଦର୍ଶନମାନ ପ୍ରକାଶ କରି ଦେଶ ବିଦେଶରେ ଆମ ସାହିତ୍ୟ ଓ ସଂସ୍କୃତିର ପରିଆରି ବଢ଼ାଇବା ଉଦ୍ଦେଶ୍ୟରେ କଟକଠାରେ ଦିଗନ୍ତ ଦିଗନ୍ତ ସଂଗ୍ରହାଳୟ ଏବଂ ଦିଗନ୍ତ କଳା ଗବେଷଣା ପ୍ରତିଷ୍ଠାନ ସଂଗ୍ରହାଳୟ ସ୍ଥାପନ କରିଥିଲି । ଏହା ମାଧ୍ୟମରେ ଉପେନ୍ଦ୍ରଭଞ୍ଜଙ୍କ ଅପ୍ରକାଶିତ କାବ୍ୟ 'ଚୋଳପୋଇ', କବିସୂର୍ଯ୍ୟ ବଳଦେବ ରଥଙ୍କ ଅପ୍ରକାଶିତ ଗଦ୍ୟକାବ୍ୟ ''ହାସ୍ୟକଲ୍ଲୋଳ' ଏବଂ ଜଗନ୍ନାଥ ଦାସଙ୍କ ଅପ୍ରକାଶିତ ପୋଥି 'ଉଷା ହରଣ' ଯଥାକ୍ରମେ ଅଧ୍ୟାପକ ଡଃ ଜାନକୀବଲ୍ଲଭ ମହାନ୍ତି ଏବଂ ଅଧ୍ୟାପକ ଡଃ ବଂଶୀଧର ମହାନ୍ତିଙ୍କ ସଂପାଦନାରେ ଆଲୋଚନାତ୍ମକ ଭାବେ 'ଦିଗନ୍ତ'ରେ ସଟୀକ ପ୍ରକାଶ କରାଯାଇଥିଲା । ଏହା ଛଡ଼ା 'ଜଗନ୍ନାଥ ଚରିତାମୃତ' ନାମକ ଏକ ସଂସ୍କୃତ ଇତିବୃତ୍ତ ଗ୍ରନ୍ଥର ଓଡ଼ିଆ ଅନୁବାଦ ଅଧ୍ୟାପକ ଡଃ କୃଷ୍ଣଚରଣ ମିଶ୍ରଙ୍କ ସମ୍ପାଦନାରେ ପ୍ରକାଶ କରିଥିଲି । ଏହା ଛଡ଼ା 'ଦିଗନ୍ତ' ମାଧ୍ୟମରେ ପଂଚସଖା ଓ କଳସା ପ୍ରଭୃତି ଉପରେ ବିଭିନ୍ନ ଲେଖକମାନଙ୍କ ଦ୍ୱାରା ଆଲୋକପାତ କରାଯାଇଥିଲା ଏବଂ ପଂଚସଖାର ଶେଷ ତିନିଜଣ କବି ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗର ଲୋକ ବୋଲି ପ୍ରତିପାଦନ କରାଯାଇଥିଲା ।

ଏ ସବୁ ଛଡ଼ା ବହୁ ଅର୍ଥ ବ୍ୟୟରେ କେତେକ ଉଚ୍ଚକୋଟିର ଚିତ୍ରପୋଥି ସଂଗ୍ରହ କରି, ସେ ସବୁର ରଙ୍ଗୀନ ମାଇକ୍ରୋଫିଲ୍ମ ଉଠାଯାଇଥିଲା । କଟକଠାରେ ତା ୫ । ୧୦ । ୭୦ ରେ ଡଃ ସୁନୀତିକୁମାର ଚାଟାର୍ଜିଙ୍କ ଅଧ୍ୟକ୍ଷତାରେ, ଏବଂ ପରେ

ଅନେକ ମୂଲପୋଥି ଓ ରଂଗୀନ୍ ସ୍ଲାଇଡ୍‌ଗୁଡ଼ିକର ପ୍ରଦର୍ଶନୀ (exhibitions) କରାଯାଇଥିଲା । ଓଡ଼ିଶା ଷ୍ଟେଟ ମ୍ୟୁଜିୟମ କିଂବା ବିଶ୍ୱବିଦ୍ୟାଳୟ କେନ୍ଦ୍ର ମଧ୍ୟ ସେ ପର୍ଯ୍ୟନ୍ତ ନିଜ ନିଜ ସଂଗୃହୀତ ତାଳପୋଥିର ବହୁବର୍ଣ୍ଣ ମାଇକ୍ରୋଫିଲ୍ମ ଉଠାଇ ନ ଥିଲେ ।

ଏହାଛଡ଼ା ଆମ ସଂଗୃହୀତ ସ୍ୱର୍ଣ୍ଣ ଓ ଶିଳାଲେଖଗୁଡ଼ିକର ଫଟୋଚିତ୍ର ଓ ପାଠୋଦ୍ଧାର ଅଧ୍ୟାପକ ଡଃ କୁଞ୍ଜ ବିହାରୀ ତ୍ରିପାଠୀ ଓ ଶ୍ରୀ ପ୍ରଶାନ୍ତ କୁମାର ରାୟଙ୍କ ଦ୍ୱାରା କରାଇ 'ଦିଗନ୍ତ' ଓ ଇଂରାଜୀ ପୁସ୍ତିକା ମାଧ୍ୟମରେ ପ୍ରକାଶ କରିଥିଲୁଁ । ଓଡ଼ିଶା ଷ୍ଟେଟ ମ୍ୟୁଜିୟମକୁ ମଧ୍ୟ ଏଇ ଶିଳାଲେଖ ଗୁଡ଼ିକର ପ୍ଲାଷ୍ଟର କପି ଦିଆ ଯାଇଥିଲା ।

ଓଡ଼ିଶାର ଦୁଇ ଜଣ ରାଜ୍ୟପାଳ, କେତେକ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ ଏବଂ ଦେଶ ବିଦେଶର ବହୁ ବିଶିଷ୍ଟ ସଂପାଦକ, ଗବେଷକ, କବି, ଲେଖକ ଯଥା ଡଃ ସୁନୀତି କୁମାର ଚାଟାର୍ଜି, ଶ୍ରୀ ତୁଷାରକାନ୍ତି ଘୋଷ, ଡଃ ସାହ୍ଲାଦ ଜହୀର, ଆନ୍ଧ୍ର କବି ଶ୍ରୀ ଶ୍ରୀ, ଡଃ କୁଞ୍ଜବିହାରୀ ତ୍ରିପାଠୀ, ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ଡଃ ମାନସିଂ ଓ ପ୍ରାୟ ଅଧିକାଂଶ ଲେଖକ ବନ୍ଧୁ ଦିଗନ୍ତ ସଂଗ୍ରହାଳୟ ପରିଦର୍ଶନ କରି ଗଭୀର ସନ୍ତୋଷ ପ୍ରକାଶ କରିଛନ୍ତି । ଗତବର୍ଷ ତଳେ ଓଡ଼ିଶା ସରକାର ଦିଗନ୍ତ ମ୍ୟୁଜିୟମକୁ କିଣିବେ ବୋଲି ଏକ ପ୍ରସ୍ତାବ ଦେଇଥିଲେ ଏବଂ ଡଃ ମନ୍ମଥ ଦାସ, ଡଃ କେ. ସି. ପାଣିଗ୍ରାହୀ ଓ ଡଃ ନବୀନ କୁମାର ସାହୁଙ୍କୁ ନେଇ ଏକ ମୂଲ୍ୟାୟନ କମିଟି ଗଠନ କରିଥିଲେ । ମାତ୍ର ଏଭଳି ଏକ ନାନ୍ଦନିକ ଅନୁଷ୍ଠାନ—ଯାହାର ଆବେଗିକ ମୂଲ୍ୟହିଁ ଅଧିକ, ଲକ୍ଷେ ଟଙ୍କା ନୁହେଁ; ସରକାରଙ୍କୁ ବା ଅନ୍ୟ କାହାକୁ ହସ୍ତାନ୍ତର କରିବା ସୁନ୍ଦର ହୋଇ ନ ଥାନ୍ତା । ସେ ଯାହାହେଉ, ଗଭୀର ଦୁଃଖର କଥା ଯେ ଅନତି-କ୍ରମଣୀୟ ଅଭାବ ଅସୁବିଧା ଯୋଗୁ ଏବଂ ସମାନଧର୍ମୀ ସହକର୍ମୀ ଅଭାବରୁ ଦିଗନ୍ତ ପ୍ରତିଷ୍ଠାନର ଲକ୍ଷ୍ୟ ଓ କର୍ମସୂଚୀ ଆଜିସୁଦ୍ଧା ଅପୂର୍ଣ୍ଣ ରହିଛି । କେବଳ ସେତିକି ନୁହେଁ, କେତେକ ପରିଚିତ କୁଶ୍ରୀକାତରଙ୍କ ଜରିଆରେ ମୋର ଏବଂ ଏଇ ପ୍ରତିଷ୍ଠାନର ବଦନାମ ରଟାଇବା ପାଇଁ ମଧ୍ୟ ବେଳେବେଳେ ଚେଷ୍ଟା କରାଯାଇଛି । ଏହାହିଁ ଓଡ଼ିଶାରେ ସାହିତ୍ୟ ଓ ଗବେଷଣା କ୍ଷେତ୍ରରେ ମୋର ଏକକ ଉଦ୍ୟମର ଇତିହାସ ଓ କ୍ରମ-ପରିଣାମ ।

ଏ ସମସ୍ତ ଛଡ଼ା ଦିଗନ୍ତ ରାଇଟରସ୍ ଓ୍ୱାର୍କସପ୍ (Diganta Writers Workshop) ମାଧ୍ୟମରେ କଟକ ଓ ଓଡ଼ିଶାର ବିଭିନ୍ନ କେନ୍ଦ୍ର ସ୍ଥାନମାନଙ୍କରେ

**ସାହିତ୍ୟ ସଲାପ**

ଆଲୋଚନାଚକ୍ର ଓ ସାହିତ୍ୟ-ସନ୍ଧ୍ୟାର ଆୟୋଜନ କରାଯାଇ ସୃଜନ-ଧର୍ମୀ ସାହିତ୍ୟିକ, ଶିଳ୍ପୀ ତଥା ସମୀକ୍ଷକମାନଙ୍କ ମଧ୍ୟରେ ପ୍ରକୃତ ସଲାପର (Dialogue) ବ୍ୟବସ୍ଥା କରାଯାଇଥାଏ । ଓଡ଼ିଶାର

ବହୁ ବିଶିଷ୍ଟ ଲେଖକ ଲେଖିକା, ଶିଳ୍ପୀ, ସମାଲୋଚକ ଦିଗନ୍ତର ଉତ୍କର୍ଷପ୍ରତି ଆଗ୍ରହୀ ଓ ସକ୍ରିୟ ସଦସ୍ୟ ।

'ଦିଗନ୍ତ'ର କୌଣସି ପ୍ରକଳ୍ପ ପାଇଁ ଓଡ଼ିଶା ସରକାର କୌଣସି ପ୍ରକାର ସହାୟତା କରିନାହାନ୍ତି । ଫୋର୍ଡ ଫାଉଣ୍ଡେସନ୍ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ପରାମର୍ଶକ୍ରମେ ତିନିବର୍ଷ ତଳେ ଏଇ ପ୍ରତିଷ୍ଠାନର ଏକ ପ୍ରକଳ୍ପ ପାଇଁ ପ୍ରାୟ ଆଠହଜାର ଟଙ୍କା ମଞ୍ଜୁର କରିଥିଲେ—ମାତ୍ର ତାହା ଗ୍ରହଣ କରିବା ସମ୍ଭବ ହେଲା ନାଇ । ଏହାହିଁ ଏ ଦିଗରେ ମୋର 'ନିଜସ୍ୱ କଥନ' ।

ମୋର ଆଶା ଓ ବିଶ୍ୱାସ, ଏ ବହିଟି ଓଡ଼ିଆ ସାହିତ୍ୟ ଓ ଇତିହାସ ଅଧ୍ୟୟନରେ ଏକ ନୂତନ ବୈଜ୍ଞାନିକ ଦୃଷ୍ଟିକୋଣ ଫିଟାଇବା ସଙ୍ଗେ ସଙ୍ଗେ ପ୍ରଚଳିତ ମୂଲ୍ୟବୋଧମାନଙ୍କୁ ଆଧୁନିକ ଯୁଗର ନୂତନ-ଲବ୍ଧ ପୁନର୍ଜିଜ୍ଞାସା ଜ୍ଞାନ ଓ ତଥ୍ୟର ଆଲୋକରେ ନିରୀକ୍ଷଣ କରିବାକୁ ସୁଯୋଗ ଦେବ । ଏହା ବିଭିନ୍ନ ମହଲରେ ଏକ ପୁନର୍ଜିଜ୍ଞାସା ଉଦ୍ରେକ କଲେ ମୁଁ ସୁଖୀ ହେବ ଏବଂ ଶ୍ରମସାର୍ଥକ ମନେ କରିବ ।

ଏ ବହିଟି ଯଦି ସୁଧୀପ୍ରିୟତା ଲାଭକରେ ତେବେ ଏହାର ଉତ୍ତର ଭାଗ, ଯାହା ଆଧୁନିକ କାଳ ପର୍ଯ୍ୟନ୍ତ ବିସ୍ତୃତ, ପ୍ରକାଶ କରିବାକୁ ମୁଁ ଉତ୍ସାହ ପାଇବ । ପାଠକ ପାଠିକାମାନେ ସେମାନଙ୍କର ମତାମତ ମୋତେ ଜଣାଇଲେ ମୁଁ ଖୁସି ହେବ ।

ଶେଷରେ ଯେଉଁମାନେ ଏ ବହିଟିର ଗ୍ରନ୍ଥନ ଓ ପ୍ରକାଶନରେ ମୋତେ ସାହାଯ୍ୟ କରିଛନ୍ତି ସେମାନେ ମୋର ଆନ୍ତରିକ ଧନ୍ୟବାଦର ପାତ୍ର । 'ଅଗ୍ରଦୂତ' ପ୍ରତିଷ୍ଠାନର ଶ୍ରୀ ବୀରବର ମହାନ୍ତିଙ୍କର ଉତ୍ସାହ ଓ ଉଦ୍ୟମ ଏ ଦିଗରେ ବିଶେଷ ଉଲ୍ଲେଖନୀୟ । ଏ କାଗଜ ଦୁର୍ମୂଲ୍ୟ ସମୟରେ ସେ ଯେପରି ସାହସର ସହିତ ଏ ବହିଟି ପ୍ରକାଶ କରିବାକୁ ଆଗେଇ ଆସିଛନ୍ତି ତାହା ବାସ୍ତବିକ୍ ପ୍ରଶଂସାର୍ହ ।

**ସଚ୍ଚିଦାନନ୍ଦ ରାଉତରାୟ**

ରଜ ସଂକ୍ରାନ୍ତି ।

ଜୁନ ୧୫, ୧୯୭୪

ମିସନ୍ ରୋଡ୍, କଟକ-୧.

# ॥ ଅନୁକ୍ରମ ॥

(ପଂଚମ ଅଧିକରଣ ଭୁଲକ୍ରମେ ଦୁଇ ଥର ଛପା ହୋଇଯାଇଥିବାରୁ ଅଷ୍ଟମ ଅଧିକରଣ ପର୍ଯ୍ୟଂତ ପ୍ରତ୍ୟେକ ଅଧିକରଣ ତା ପରବର୍ତ୍ତୀ ଅଂକକୁ ବୁଝାଇବ । ଅଷ୍ଟମ ଅଧିକରଣ ସେଥିଯୋଗୁଁ ଦିଆ ଯାଇନାଇ । ୯ମ ଅଧିକରଣଠାରୁ କ୍ରମ ଠିକ୍ ଅଛି ।)


ଗ୍ରଂଥ-ପ୍ରବେଶ

୧ । **ପ୍ରଥମ ଅଧିକରଣ : ମୂଲ୍ୟବୋଧ ସନାତନ ନୁହେଁ** .... ପୃ ୧—୧୧

ବସ୍ତୁ-ଚେତନା ସମ୍ପର୍କ——ସାହିତ୍ୟରେ 'ମୂଲ୍ୟ'——ସଂସ୍କୃତିର ମୂଳସୂତ୍ର—ସମାଜର ରୂପ ଉପାଦାନର ଦାନ—ସଂସ୍କୃତିର ମୂଳ ପରିଚୟ—ରୂପାଂତରର ଧାରା—ପରିମାଣର ଗୁଣରେ ରୂପାଂତର ।

୨ । **ଦ୍ୱିତୀୟ ଅଧିକରଣ : ଇତିହାସର ଧାରା** .... ପୃ ୧୨—୩୭

ପ୍ରସ୍ତରଯୁଗ—ପଶୁଚାରଣ ଯୁଗ—କୃଷିଯୁଗ——ମାତୃ—ପ୍ରଧାନ ସମାଜ—ରାଜା ଓ ରାଷ୍ଟ୍ର—ଦାସ ପ୍ରଥା—ସାମଂତତଂତ୍ର, ବଣିକ-ତଂତ୍ର—ଶିଳ୍ପଯୁଗ—ପୁଂଜିତଂତ୍ରର ଦାନ—ପୁଂଜିବାଦର ସଂକଟ—ସମାଜବାଦୀ ସମାଜ—ଜୈନ ଆଗମରେ କୁଳକାର ତତ୍ତ୍ୱ

୩ । **ତୃତୀୟ ଅଧିକରଣ : ଗଣ-ସଂଘ** ପୃ ୩୮—୪୭

ଗଣ-ସଂଘ ଓ ଗଣ-ଗୋତ୍ରର ସ୍ୱରୂପ—ସଙ୍ଘର ସାମୂହିକ ସ୍ୱରୂପ—ଗଣ-ରାଜ୍ୟର ପତନ ।

୪ । **ଚତୁର୍ଥ ଅଧିକରଣ : ଭାରତରେ ଜାତିପ୍ରବାହ** ପୃ ୪୭—୫୩

ନେଗ୍ରିଟୋ—ଆଦିଅଷ୍ଟ୍ରେଲୀୟ——ଅଷ୍ଟ୍ରୀକ୍ ଭାଷୀର ଜୀବନ——ଯାପନ ପ୍ରଣାଳୀ ।

୫ । **ପଂଚମ ଅଧିକରଣ : ଜଗନ୍ନାଥ** ପୃ ୫୪—୯୭

ଜଗନ୍ନାଥଂକ ପ୍ରାଚୀନତ୍ୱ—ଋକ୍‌ବେଦରେ ଜଗନ୍ନାଥଂକ ସଂକେତ —ଜଗନ୍ନାଥଂକ ଉପରେ ଗଣ-ଗୋଷ୍ଠୀସ୍ଥ ସମାଜର ପ୍ରଭାବ—ଜଗନ୍ନାଥ ଓ ଜୈନଧର୍ମ—ଦ୍ରାବିଡ ଓ ଆର୍ଯ୍ୟଭାଷୀ ନରଗୋଷ୍ଠୀ —ଦ୍ରାବିଡ ସଭ୍ୟତା ଓ ପୌର ସଂସ୍କୃତି,—ସୈଂଧବ ସଭ୍ୟତାର ରୂପରେଖ—ଆର୍ଯ୍ୟପ୍ରବାହ——ଆର୍ଯ୍ୟ ସଂସ୍କୃତି—ବିଭିନ୍ନ ଜନର ମାନସ-ପ୍ରକୃତି—ଦାସ ଦସ୍ୟୁ ଓ ଶୂଦ୍ର ।

୬ । **ଷଷ୍ଠ ଅଧିକରଣ : ମୂଲ୍ୟବୋଧର କ୍ରମପରିଣାମ** ପୃ ୯୮—୧୧୫

ନାରୀ-ପୁରୁଷ ସଂପର୍କ—ବିଭିନ୍ନ ଯୁଗରେ ବିବାହ—ଗଣମାତୃକା —ସତୀତ୍ୱ ଓ ପାତିବ୍ରତ୍ୟ—ଏକବିବାହ ପ୍ରଥା—ମନୁଂକ ସମାଜ-ଶାସ୍ତ୍ର—ନାରୀର ସ୍ୱାଧୀନତାଲୋପ—କୃଷିଭିତ୍ତିକ ସମାଜ ।

୭ । **ସପ୍ତମ ଅଧିକରଣ : ମହାଭାରତ ଯୁଦ୍ଧ** ପୃ ୧୧୬—୧୩୧

ଗୀତା-ଧର୍ମ ଓ ଶ୍ରେଣୀ—ସମାଜତନ୍ତ୍ର—ରାମାୟଣ ଆଗେ ନା ମହାଭାରତ ଆଗେ ? ପୁନର୍ଜନ୍ମବାଦ—ପୁରୁଷୋତ୍ତମ ଯୋଗ—ସାଂଖ୍ୟଦର୍ଶନ ଓ ତଂନ୍ତ୍ର ।

୮ । **ଅଷ୍ଟମ ଅଧିକରଣ : ଧର୍ମ-ଧାରଣା, ଦର୍ଶନର ବିକାଶ** ପୃ ୧୩୨— ୫୮

ଜୈନଧର୍ମ—ଜୈନ ଦର୍ଶନ—ବୈଦିକ ଧର୍ମ ବ୍ରାହ୍ମଣ ଓ ଆରଣ୍ୟକ—ଉପନିଷଦ—ଷଡଦର୍ଶନ, ଭାରତୀୟ ବସ୍ତୁବାଦ ।

୯ । **ନବମ ଅଧିକରଣ : ବୌଦ୍ଧ-ଦର୍ଶନ** ପୃ ୧୫୯—୧୭୦

ଦୁଃଖର କାରଣ—ମାଧ୍ୟମିକ-ସୌତାଂନ୍ତିକ ଓ ବୈଭାଷିକ—ଆତ୍ମବାଦ — ଅନିତ୍ୟବାଦ — ନିୟତିବାଦ—ଅନନ୍ୟୋବାଦ—ନିର୍ଗ୍ରଂଥ ଓ ଆଜୀବକ—ଆହାରିଦ ସଂପର୍କୀୟ ମୂଲ୍ୟବୋଧ ।

୧୦ । **ଦଶମ ଅଧିକରଣ : ତଂନ୍ତ୍ର ଯୁଗରେ ମୂଲ୍ୟବୋଧ** ପୃ ୧୭୧—୨୧୧

ମୈଥୁନଯୋଗ ଓ ପଂଚ-ମକାର—ମୈଥୁନଯୋଗ, ମଂନ୍ତ୍ରଯାନ, ବଜ୍ରଯାନ ଓ ସହଜଯାନ, କାଳଚକ୍ରଯାନ—ମୈଥୁନଯୋଗ ଓ ଯାଦୁବିଶ୍ୱାସ—ଶୂନ୍ୟବାଦ—କୌଳଧର୍ମ—ତଂନ୍ତ୍ର ଓ ମୈଥୁନ—ମୈଥୁନଯୋଗର ପ୍ରାଚୀନତା—ଆଧୁନିକ ଦୃଷ୍ଟି କୋଣରୁ ତଂନ୍ତ୍ର—ଯୁଗନଦ୍ଧ—ବୌଦ୍ଧ ଚର୍ଯ୍ୟାଗୀତି—ମହାସୁଖ ତତ୍ତ୍ୱ ।

୧୧ । ଏକାଦଶ ଅଧିକରଣ : ସାମଂତଯୁଗରେ ମୂଲ୍ୟବୋଧ
ପୃ ୨୧୨—୨୨୧

ଆଂତର୍ଜାତିକ ପ୍ରେକ୍ଷାପଟ—ସଂସ୍କୃତିର ସ୍ୱର୍ଣ୍ଣଯୁଗ—ତଂତ୍ରର ସାମ୍ୟଧର୍ମୀ ଆଭିମୁଖ୍ୟ—ଜାତୀୟତାବାଦର ଅଂକୁର—ପୁରାଣରେ ମୂଲ୍ୟବୋଧ ।

୧୨ । ଦ୍ୱାଦଶ ଅଧିକରଣ : ଜୟଦେବ ଓ ଗୀତଗୋବିଂଦ
ପୃ ୨୨୨—୩୧୬

ପରକୀୟା ତତ୍ତ୍ୱ—ଜୟଦେବ ସେନ୍ ସଭାକବି ଥିଲେ—ଅକାଟ୍ୟ ପ୍ରମାଣ—ସଦୁକ୍ତି କର୍ଣ୍ଣାମୃତ—ଜୟଦେବ ବୈଷ୍ଣବ ନ ଥିଲେ—କବୀଂଦ୍ରବଚନ ସମୁଚ୍ଚୟ—ଶ୍ରୀକୃଷ୍ଣ ଓ ଶ୍ରୀରାଧା ଐତିହ୍ୟ—କାଂତାଭାବ—ଗୀତଗୋବିଂଦ କାବ୍ୟର ପଟ୍ଟଭୂମି ବିସ୍ତାର—ଶ୍ରୀରାଧା ତତ୍ତ୍ୱ—ଶାରଦ ରାସ-ବନାମ-ବସଂତ ରାସ—ଜୟଦେବ ଓଡ଼ିଆ ନା ବଂଗାଳୀ—ବୀରଭୂମ ଓଡ଼ିଶାର ଅଂଶ ଥିଲା କି ? ଗୀତଗୋବିଂଦର ମୂଲ୍ୟବୋଧ—ଭାଷା ସାହିତ୍ୟର ପ୍ରଭାବ···

୧୩ । ତ୍ରୟୋଦଶ ଅଧିକରଣ : ସାରଳା-ଯୁଗ ପୃ ୩୧୭—୩୮୫

ଓଡ଼ିଆ ଭାଷା-ସାହିତ୍ୟର ଜନ୍ମ—ଓଡ଼ିଆ ଭାଷା ଓ ଲିପିର ଐତିହ୍ୟ, ଓଡ଼ିଆ ବର୍ଣ୍ଣମାଳା—ଦାଂଡିବୃତ୍ତ——ସାରଳା ମହାଭାରତରେ ଐତିହାସିକ ସ୍ଥାନ ଓ ଘଟନାବଳୀ—ମୂଲ୍ୟବୋଧ—ବୈଶିଷ୍ଟ୍ୟ ଓ ସ୍ୱତଂତ୍ରତା—ଅଭ୍ୟୁତ୍ଥାନର ଚକ୍ରପଟ—ବଳରାମ ଦାସ—ଅଣାକାର ତତ୍ତ୍ୱ ଓ ଶୂନ୍ୟବାଦ—ପିଂଡବ୍ରହ୍ମାଂଡବାଦ—ଅତିବଡ଼ ଜଗନ୍ନାଥ ଦାସ—'ପଂଚସଖା' ଏକ ଭ୍ରମ ପ୍ରଚାର—ଅଚ୍ୟୁତାନଂଦ ଦାସ—ମାଦଳା ପାଂଜି—ଯଶୋବଂତ ଦାସ—ଶିଶୁ ଅନଂତ ଦାସ

୧୪ । ଚତୁର୍ଦ୍ଦଶ ଅଧିକରଣ : ରୀତି-ଯୁଗ ପୃ ୩୮୬—୪୨୨

କାବ୍ୟରେ ଅଳଂକାରର ପ୍ରାଧାନ୍ୟ—ରୀତିକାବ୍ୟର ପଟ୍ଟଭୂମି—କାବ୍ୟରେ ରୀତି—ବକ୍ରୋକ୍ତିବାଦ—କାବ୍ୟରେ ରସ—ବିଶ୍ୱନାଥ କବିରାଜ—ଔଚିତ୍ୟବାଦ—ସ୍ଫୋଟବାଦ——ଦୀନକୃଷ୍ଣ ଦାସ—ଲୋକନାଥ ବିଦ୍ୟାଧର—ବୃଂଦାବତୀ ଦାସୀ—ଉପେଂଦ୍ର ଭଂଜ—ରୀତିକାବ୍ୟରେ ମୂଲ୍ୟବୋଧ—ଭଂଜ ଓ ରାଧାନାଥ—ସଦାନଂଦ ବ୍ରହ୍ମା—ଅଭିମନ୍ୟୁ ସାମଂତସିଂହାର—ଯମକ, ଅନୁପ୍ରାସ, ଶ୍ଳେଷ, ଶୃଂଖଳା—ଉପସଂହାର

———

## ॥ ପ୍ରଥମ ଅଧିକରଣ ॥

# କୌଣସି ମୂଲ୍ୟବୋଧ ସନାତନ ନୁହେଁ

ସମାଜରେ ଯେପରି ସାହିତ୍ୟରେ ମଧ୍ୟ ସେପରି, କୌଣସି ଆଦର୍ଶ, କୌଣସି ମୂଲ୍ୟବୋଧ ସନାତନ ନୁହେଁ । ଏପରିକି ଈଶ୍ୱରୀୟ ସଂସ୍କୃତି ଓ ଈଶ୍ୱରୀୟ ଧର୍ମ-ଧାରଣା, ଯାହା ଚିରନ୍ତନ ବୋଲି ପରମ୍ପରାରେ କୁହାଯାଇଥାଏ, ତାହା ମଧ୍ୟ ଚିରସ୍ଥାୟୀ କିମ୍ବା ଅପରିବର୍ତ୍ତନୀୟ ନୁହେଁ । ତାର କାରଣ ମଣିଷର ସମାଜ-ସଂପର୍କ,— ଯାହା ତାତ୍କାଳିକ ଉତ୍ପାଦନ-ପ୍ରଣାଳୀରୁ ହିଁ ଜନ୍ମ ହୋଇଥାଏ, ଏବଂ ଯାହା ପୁଣି ତାର ଭାବଜଗତ ଓ ମନନଶୀଳତାକୁ ସୃଷ୍ଟି କରିଥାଏ, ଉତ୍ପାଦନ-ପ୍ରଣାଳୀରେ ପରିବର୍ତ୍ତନ ଘଟିବା ଯୋଗୁଁ ସ୍ୱତଃ ବଦଳିଯାଏ । ଏପରି କୌଣସି ଆଦର୍ଶ ବା ମୂଲ୍ୟବୋଧ ନାହିଁ ଯାହା ସମାଜନିରପେକ୍ଷ, କିମ୍ବା ସ୍ୱୟଂଭୂ ପରି ହଠାତ୍ କାହାର ଖିଆଲରୁ ଜନ୍ମଗ୍ରହଣ କରେ । ତେଣୁ ଇତିହାସର ଏକ ବିଶେଷ ପର୍ଯ୍ୟାୟରେ ଯେଉଁ ଆଦର୍ଶ ବା ମୂଲ୍ୟବୋଧ ସତ୍ୟ ବୋଲି ଗୃହୀତ ହୋଇଥାଏ, ପରେ ପରିବର୍ତ୍ତିତ ସମାଜ-ବ୍ୟବସ୍ଥାରେ ତାର ପରିମାଣାତ୍ମକ ଏବଂ ଗୁଣାତ୍ମକ ପରିବର୍ତ୍ତନ ଘଟିଥାଏ । ଅତୀତର ବହୁ ଅନୁଷ୍ଠାନ ଓ ଚଳଣି ମୂଲ୍ୟ-ପରିବର୍ତ୍ତନ ଯୋଗୁ ପରବର୍ତ୍ତୀ ସମାଜ-ବ୍ୟବସ୍ଥାରେ କେବଳ ସ୍ମୃତି ଓ ରୂପାନ୍ତର ମାଧ୍ୟମରେ ହିଁ ତିଷ୍ଠି ରହିବାର ଦେଖାଯାଏ । ମଣିଷର ବସ୍ତୁଜଗତ ସହିତ ତାର ଭାବଜଗତର ଯେଉଁ ଦ୍ୱନ୍ଦ୍ୱ-ସମନ୍ୱୟର ସଂପର୍କ ବର୍ତ୍ତମାନ, ତାହାହିଁ ତାର ମୂଲ୍ୟବୋଧ ଗୁଡ଼ିକୁ ଜନ୍ମ ଦେଇଥାଏ । ତେଣୁ ଆଜି ଯାହା ଅଖଣ୍ଡ ସତ୍ୟ ରୂପେ ସ୍ୱୀକୃତ, ଭବିଷ୍ୟତରେ ତାହା ଅର୍ଦ୍ଧସତ୍ୟ ବା ଅସତ୍ୟରେ ପର୍ଯ୍ୟବସିତ ହୋଇଥାଏ ।

ଅନ୍ୟ ଦିଗରୁ ଦେଖିବାକୁ ଗଲେ, ମଣିଷ ପାଇଁ ହିଁ ଆଦର୍ଶ, ଆଦର୍ଶ ପାଇଁ ମଣିଷ ନୁହେଁ । ମଣିଷର ବଞ୍ଚିବାର ସଂଗ୍ରାମରେ ଯେଉଁ ଆଦର୍ଶ ବା ମୂଲ୍ୟବୋଧ ଯେତେବେଳ ପର୍ଯ୍ୟନ୍ତ ସାହାଯ୍ୟ କରେ, ସେତେବେଳ ଯାଏଁ ତାହା ସ୍ୱୀକୃତ ବା ପ୍ରତିଷ୍ଠା ପାଇଥାଏ । ତା'ପରେ ତାହା ସ୍ୱତଃ ମଉଳି ଯିବାକୁ ଆରମ୍ଭ କରେ । ଯଦି ବା ତାହା କୃତ୍ରିମ ଉପାୟରେ କିମ୍ବା ଜବରଦସ୍ତି ବଞ୍ଚି ରହିବାକୁ ଚେଷ୍ଟା କରେ, ତେବେ ତାକୁ ହଟାଇ ଦେବା ଦରକାର ହୁଏ ।

ତା' ନହେଲେ ପ୍ରଗତି ଅସଂଭବ । ଆଦର୍ଶର ଜନ୍ମ ହେଉଛି ଏକ ଦିଗରେ ମନନଶୀଳତା ସଂଗେ ପ୍ରକୃତିର ଦ୍ୱଂଦ୍ୱ, ଅନ୍ୟ ଦିଗରେ ସାମାଜିକ ବ୍ୟକ୍ତିଗୁଡ଼ିକ ମଧ୍ୟରେ ଦ୍ୱଂଦ୍ୱ-ସମନ୍ୱୟର ସଂପର୍କ ମଧ୍ୟରୁ, ଏବଂ ଏଇ ଅର୍ଥରେ ଆଦର୍ଶର ସ୍ରଷ୍ଟା ହେଉଛି ମଣିଷର ମସ୍ତିଷ୍କ । ହଠାତ୍ ଗୋଟାଏ ଆଦର୍ଶ କେଉଁଠୁ ଆସିଛି ଏବଂ ମଣିଷର ମସ୍ତିଷ୍କ ତାକୁ ବହନ କରି ନେଇ ଚାଲିଛି, ଏପରି ଭାବରେ ଆଦର୍ଶର ଜନ୍ମ ହୋଇନାହିଁ । 'ସମାଜର ଅଭ୍ୟଂତରରେ ପ୍ରଗତି ପାଇଁ, ବଞ୍ଚିବା ପାଇଁ, ପ୍ରକୃତି ବିରୁଦ୍ଧରେ ଲଢ଼ିବାକୁ ଯାଇ ମଣିଷର ମସ୍ତିଷ୍କ ଓ ପ୍ରକୃତିର ସଂଘାତ ଫଳରେ ଯେଉଁ ମନନଶୀଳତାର ସୃଷ୍ଟି ହୋଇଛି ତା'ର ଫଳରେ ହିଁ ଭାବଜଗତର ଜନ୍ମ । ଏଠାରେ ଆଉ ଗୋଟିଏ କଥା ସ୍ମରଣ ରଖିବାକୁ ହେବ ଯେ ମଣିଷର ମସ୍ତିଷ୍କ ଓ ପ୍ରକୃତି ସଂଗରେ ସଂଘର୍ଷ ମଧ୍ୟ ଦେଇ ବଞ୍ଚିବାର ତାଗିଦାରେ, ଉତ୍ପାଦନର ପ୍ରୟୋଜନରେ, ମଣିଷ ମଧ୍ୟରେ ପ୍ରଥମ ସମାଜ-ଚୈତନ୍ୟର ଉନ୍ମେଷ ଘଟେ ଏବଂ ମଣିଷ ସମାଜବଦ୍ଧ ହୁଏ । ତେଣୁ ମଣିଷର ଜୀବନ ଯେପରି ବଦଳୁଛି, ପ୍ରକୃତି ଯେପରି ବଦଳୁଛି, ସମାଜ ମଧ୍ୟ ସେଇପରି ବଦଳୁଛି; ଫଳରେ ମଣିଷ ଓ ପ୍ରକୃତି ମଧ୍ୟରେ ସଂଘର୍ଷର ରୂପ ମଧ୍ୟ ବଦଳୁଛି । ଆଉ ତା ସଂଗରେ ପୁଣି ସମାଜର ସମସ୍ୟାଗୁଡ଼ିକର ରୂପ ବି ବଦଳି ଯାଉଛି । ଫଳରେ ଆଦର୍ଶ ଗୋଟାଏ ଜାଗାରେ ବସି ରହିପାରେନା । ଆଦର୍ଶ ମଧ୍ୟ ବଦଳିବାକୁ ବାଧ୍ୟ । ତେଣୁ ସମସ୍ତ ଆଦର୍ଶ ଓ ଆଦର୍ଶବାଦର ଜନ୍ମ ମୃତ୍ୟୁର ଗୋଟାଏ ଇତିହାସ ରଚନା କରିହୁଏ ଏବଂ ଇତିହାସ ଅଛି ମଧ୍ୟ । ଶାଶ୍ୱତ ଆଦର୍ଶ, ଶାଶ୍ୱତ ସତ୍ୟ, ଅପରିବର୍ତ୍ତନୀୟ ସନାତନ ମୂଲ୍ୟବୋଧ—ଏସବୁ ମିଠା କଥା ସତ, କିଂତୁ ମିଠା ବାଜେ କଥା, କାମର କଥା ନୁହେଁ । ବଡ଼ ମଣିଷଂକ ମୁହଁରୁ ବାହାରିଛି ବୋଲି କୌଣସି ଆଦର୍ଶ ଶାଶ୍ୱତ ସତ୍ୟ ହୋଇଯାଏ ନାଇ । କାରଣ ବଡ଼ ମଣିଷଂକ ଚିଂତା ମଧ୍ୟ ପରିବେଶ ଦ୍ୱାରା ପ୍ରଭାବିତ । ସେ ବ୍ରହ୍ମାଂକ ବରପୁତ୍ର ନୁହଂତି । ସେ ମଧ୍ୟ ସମାଜର ଜୀବ । ସମାଜର ଅଭ୍ୟଂତରସ୍ଥ ଆଲୋଡ଼ନ ଦ୍ୱାରା, ମଣିଷ ଓ ପ୍ରକୃତି ସହିତ ସଂଘର୍ଷର ଆଲୋଡ଼ନ ଦ୍ୱାରା ତାଂକ ଚିଂତା ଆବର୍ତ୍ତିତ । ଏଇ ଦୁଇ ସଂଘର୍ଷର ଆଲୋଡ଼ନର ଆବର୍ତ୍ତରେ ଯେ କୌଣସି ବଡ଼ ମଣିଷ ଆବର୍ତ୍ତିତ ।* ସମାଜକୁ ଛାଡ଼ି କୌଣସି ବଡ଼ ମଣିଷ ବଡ଼ ମଣିଷ ହେବାହିଁ ଅସଂଭବ ।

## ବସ୍ତୁ-ଚେତନା ସଂପର୍କ

ମଣିଷ ସହିତ ମଣିଷର ସଂପର୍କ ମୁଖ୍ୟତଃ ଉତ୍ପାଦନର ସଂପର୍କ । ମଣିଷ ନିଜର ଜୀବନ ନିର୍ବାହ ସକାଶେ ଉତ୍ପାଦନ କରୁ ନଥିଲେ ବା ସେଥିପାଇଁ ହତିଆର

---

* 'ମାର୍କସବାଦ ଓ ସାଂସ୍କୃତିକ ଆଂଦୋଳନ'—ଶିବଦାସ ଘୋଷ ଦ୍ରଷ୍ଟବ୍ୟ ।

ବ୍ୟବହାର କରୁ ନଥିଲେ, ସେ ସମାଜବଦ୍ଧ ହୋଇ ପାରନଥାଂନ୍ତା । କାର୍ଲ ମାର୍କସ୍ ସେଥିପାଇଁ ମଣିଷର ସମାଜ-ସଂପର୍କକୁ ଉତ୍ପାଦନର ସଂପର୍କ ବା Production-relation ରୂପେ ସାବ୍ୟସ୍ତ କରିଛନ୍ତି । ଅନେକ ମାର୍କସଂଙ୍କର ଏହି ଉକ୍ତିକୁ ସଂକୀର୍ଣ୍ଣ ଅର୍ଥନୀତି ସଂପର୍କ ହିସାବରେ ବ୍ୟାଖ୍ୟା କରନ୍ତି । କିନ୍ତୁ ମାର୍କସ୍ କେବଳ ବୈଷୟିକ ଉତ୍ପାଦନ ଅର୍ଥରେ ଏହା ବ୍ୟବହାର କରି ନାହାଁନ୍ତି । ଉତ୍ପାଦନ ଅର୍ଥରେ ସେ ବୈଷୟିକ ଓ ମାନସିକାତ ଉଭୟ ଉତ୍ପାଦନକୁ ହିଁ (material production and spiritual production ) ଅଂତର୍ଗତ କରିଛଂନ୍ତି । ତାଂକର କହିବାର କଥା ହେଉଛି, ଏହି ସମସ୍ତ ଜ୍ଞାନ-ବିଜ୍ଞାନ, ସାହିତ୍ୟ, ଶିଳ୍ପ, ମୂଲ୍ୟବୋଧ, ଶିକ୍ଷାବ୍ୟବସ୍ଥା ନଂଦନତତ୍ତ୍ୱ, ନୀତିନିୟମ ଓ ଆଇନ-କାନୁନ, ବସ୍ତୁତତ୍ତ୍ୱ ସବୁ ହେଉଛି ମଣିଷର spiritual production ବା ମନନଶୀଳତାରୁ ଜାତ । ଆଉ ବସ୍ତୁଗତ ଉତ୍ପାଦନ ବା material production ହେଉଛି ଅର୍ଥନୀତିକ ବ୍ୟବସ୍ଥାକୁ କେନ୍ଦ୍ର କରି ଯେଉଁ ଉତ୍ପାଦନ ହୁଏ ଏବଂ ଯାହାକୁ ଆମେ ଭୋଗ କରୁଁ ତାହାହିଁ । ସଂଗେ ସଂଗେ ମାର୍କସ ଏକଥା ମଧ୍ୟ କହିଛଂନ୍ତି ଯେ ବସ୍ତୁଗତ ଉତ୍ପାଦନ ଯେଉଁ ଶ୍ରେଣୀ ନିୟଂତ୍ରଣ କରେ, ଆତ୍ମିକ ଉତ୍ପାଦନକୁ ମଧ୍ୟ ସେଇ ଶ୍ରେଣୀ 'କଂଟ୍ରୋଲ' କରେ । ଏହାର ଅର୍ଥ ସମାଜର ବସ୍ତୁଗତ ଉତ୍ପାଦନ ଯେଉଁ ଶ୍ରେଣୀ ହାତରେ ଥାଏ, ଯାହାର ଆଧିପତ୍ୟରେ ଥାଏ, ସମାଜର ଗୋଟା ମାନସିକତାଟାକୁ ମଧ୍ୟ ସେମାନେ ପ୍ରଭାବିତ କରନ୍ତି । ଏହା ନ ହୋଇ ଉପାୟ ନାହିଁ । ଶିକ୍ଷାବ୍ୟବସ୍ଥା, ବିଭିନ୍ନ ମୂଲ୍ୟବୋଧ, ନୈତିକତା ଯେ କୌଣସି ବିଶେଷ ( given ) ଜନସ ଶ୍ରେଣୀବିଭକ୍ତ ସମାଜରେ ପ୍ରଚଳିତ, ତାହା ଯେତେ ଦିନଧରି ପ୍ରଚଳିତ ଥାଉ ନା କାହିଁକି ଏବଂ ଯେତେ ପ୍ରଭାବ ମଣିଷ ମନରେ ବିସ୍ତାର କରିଥାଉ ନା କାହିଁକି, ତାର ସଠିକତା, ତାର ଚରିତ୍ର, ପ୍ରଗତିଶୀଳ ନା ପ୍ରତିକ୍ରିୟାଶୀଳ, ତାହା ଆମର ଉପକାର କରିବ ନା ସମାଜ-ପ୍ରଗତିରେ ବାଧା ସୃଷ୍ଟି କରିବ ଏ ବିଚାର ସବୁବେଳେ କରିବାକୁ ହୁଏ । ଆଉ ଏ ବିଚାର କଲାବେଳେ ସବୁବେଳେ ମନେ ରଖିବାକୁ ହେବ ଯେ ମୂଲ୍ୟବୋଧ କେଉଁ ଉତ୍ପାଦନ-ପ୍ରଣାଳୀର ଉପର ସ୍ତର ବା super-structure । କାରଣ ମାର୍କସଂକ ମତରେ ମଣିଷର ସମଗ୍ର ଭାବଜଗତଟାହିଁ ତାର ବସ୍ତୁଜଗତର ଏକ ଉପର ଢାଂଚା ( ସୁପର ଷ୍ଟ୍ରକ୍ଚର ) ।*

ସମାଜ ଯେତେବେଳେ ଶ୍ରେଣୀବିଭକ୍ତ ନଥିଲା, ସମାଜର ଉତ୍ପାଦନ-ପ୍ରଣାଳୀ ଯେତେବେଳେ ଶ୍ରେଣୀଗତ ଅଧିକାରଭୁକ୍ତ ହୋଇ ନଥିଲା, ସେତେବେଳେ ସମାଜ-ଚିଂତା ବି ଶ୍ରେଣୀବିଭକ୍ତ ହୋଇ ନଥିଲା । କିଂତୁ ଯେବେଠୁ ସମାଜ ଶ୍ରେଣୀ-

*Ibid

ବିଭକ୍ତ ହୋଇଚି, ସେତିକବେଳୁ ସମାଜ-ଚିନ୍ତା ବି ଶ୍ରେଣୀରୂପ ଧାରଣ କରିଚି । ଗୋଟାଏ ଦିଗରେ ମାଲିକ ଶ୍ରେଣୀ ବା ଉଦ୍‌ବୃତ୍ତଭୋଗୀ ଶ୍ରେଣୀର ଚିନ୍ତା, ଅନ୍ୟ ଦିଗରେ ଶୋଷିତ ବା ଉତ୍ପାଦକ ଶ୍ରେଣୀର ଚିନ୍ତା । ଗୋଟାଏ ଆଡ଼େ ପ୍ରତିକ୍ରିୟାଶୀଳ ଚିନ୍ତା, ଅନ୍ୟ ଆଡ଼େ ପ୍ରଗତିଶୀଳ ଚିନ୍ତା । ଗୋଟିଏ ବିଶେଷ ସମାଜ ମଧ୍ୟରେ ସମାଜ-ଚିନ୍ତାର ଯେପରି ସ୍ୱଭାବରେ ଜଣେ ବ୍ୟକ୍ତି ମଧ୍ୟ ଦେଇ ବ୍ୟକ୍ତିକରଣ ( personification ) ଘଟେ, ତାହା ହେଉଚି ବ୍ୟକ୍ତି-ଚିନ୍ତା । କେଉଁ ବ୍ୟକ୍ତି ବା କପରି ଶ୍ରେଣୀ ବା ସମାଜର ଊର୍ଦ୍ଧ୍ୱକୁ ଉଠିବ ? ରବୀନ୍ଦ୍ରନାଥ ବା ବିବେକାନନ୍ଦଙ୍କ ଚିନ୍ତା—ତାହା ହେଉଚି ସମାଜ-ଚିନ୍ତାର ଗୋଟାଏ ବିଶେଷ ଧରଣର ପର୍ସନିଫିକେଶନ । ଏଇ ଚିନ୍ତା ପୁଣି ସମାଜ-ଚିନ୍ତାକୁ ପ୍ରଭାବିତ କରୁଚି, ଏଥିରେ ମଧ୍ୟ ସନ୍ଦେହ ନାଇ । କେଉଁ ବ୍ୟକ୍ତିଚିନ୍ତା ଓ ସମାଜ-ଚିନ୍ତା ଉଭୟଙ୍କର ସଂପର୍କ ଦ୍ୱନ୍ଦ୍ୱ ଓ ସମନ୍ୱୟ ଉପରେ ପ୍ରତିଷ୍ଠିତ ବା dialectical, ଗୋଟିଏ ଅପରକୁ ପ୍ରଭାବିତ କରେ । ଏଠି ମୂଳତଃ ଯାହା ମନେ ରଖିବାକୁ ହେବ ତା ହେଉଚି, ସମାଜ-ଚିନ୍ତା ହିଁ ବ୍ୟକ୍ତିଚିନ୍ତା ଦେଇ ପ୍ରତିଫଳିତ ହୁଏ, ବ୍ୟକ୍ତିକୃତ ହୁଏ । ଏହାର ନାମହିଁ ବ୍ୟକ୍ତିଚିନ୍ତା । କେଉଁ କୌଣସି ମଣିଷ—ସେ ଯେତେ ମହାପୁରୁଷ ହୁଅନ୍ତୁ ନା କାହିଁକି, ଏକ ବିଶେଷ ଶ୍ରେଣୀର ଚିନ୍ତା-ଚେତନାକୁ ହିଁ ପ୍ରକାଶ କରିଥାନ୍ତି, ପ୍ରତିଫଳିତ କରିଥାନ୍ତି । ଅତୀତର ସମସ୍ତ ମହାମାନବଙ୍କ କ୍ଷେତ୍ରରେ ଏହା ଘଟିଚି ।

ସେମାନେ ଯେତେବେଳେ ଗୋଟା ମଣିଷ ଜାତିର କଥା କହୁଛନ୍ତି, ସେତେବେଳେ ସେମାନେ ହୁଏତ ନିଜେ ଜାଣି ନାହାନ୍ତି ଯେ ସେମାନେ ପ୍ରକୃତରେ ଗୋଟାଏ ଶ୍ରେଣୀ ଚିନ୍ତାକୁହିଁ ପ୍ରତିଫଳିତ କରୁଛନ୍ତି । ଏହା ସେମାନେ ନ ଜାଣି ପାରିଥାନ୍ତି ଏବଂ ନ ଜାଣିଲେ ସେମାନଙ୍କର ବ୍ୟକ୍ତିଗତ ସତତାର ପ୍ରଶ୍ନ ହୁଏତ ଉଠିବ ନାଇ । ମାତ୍ର ସେମାନଙ୍କର ଚିନ୍ତାର ବସ୍ତୁନିଷ୍ଠ ଗୁଣ ନିରୂପଣ ପାଇଁ ଏଭଳି ବୈଜ୍ଞାନିକ ବିଶ୍ଳେଷଣର ପ୍ରୟୋଜନ ଅଛି ।

ଉଦାହରଣ ସ୍ୱରୂପ ଆମ ଦେଶର ସ୍ୱାଧୀନତା ଆନ୍ଦୋଳନ ଯୁଗର କଥା ଧରାଯାଉ । ସ୍ୱାଧୀନତା ଆନ୍ଦୋଳନ ସମୟରେ ଦେଶର ବୁର୍ଜୋୟା ଶ୍ରେଣୀର ଚିନ୍ତା ଏବଂ ସେଇ ଭିତ୍ତି ଉପରେ ପ୍ରତିଷ୍ଠିତ ଆଦର୍ଶବାଦ, ଦେଶାତ୍ମବୋଧର ଧାରଣା, ଦେଶର ଐକ୍ୟର ଧାରଣା, ମାନବତାର ଧାରଣା, ନ୍ୟାୟନୀତି, ତାହା ସବୁ ବୁର୍ଜୋୟା ଶ୍ରେଣୀର ହେଲେ ମଧ୍ୟ ତାହା ତତ୍କାଳୀନ ସାମ୍ରାଜ୍ୟବାଦବିରୋଧୀ ସ୍ୱାଧୀନତା ଯୁଗରେ ସାମନ୍ତତାନ୍ତ୍ରିକ ସମାଜବ୍ୟବସ୍ଥା ଭାଙ୍ଗିବା ଲକ୍ଷ୍ୟରେ

ପ୍ରଗତିଶୀଳ ଥିଲା । କାର୍ଯ୍ୟତଃ ତାର ଗୋଟାଏ ବିପ୍ଳବାତ୍ମକ ରୂପ ଥିଲା । ତେଣୁ ସେହି ଆଦର୍ଶର ଯେତେବେଳେ ବିଜୟତୂରୀ ବାଜିଛି, ପୁରୁଣା ସାମନ୍ତତାନ୍ତ୍ରିକ ଓ ଔପନିବେଶିକ ପ୍ରଥା ଉପରେ ଯେତେବେଳେ ତାର ପ୍ରଭାବ ବିସ୍ତାର ହୋଇଛି, ଜାତି ବା ଶ୍ରେଣୀ ନିର୍ବିଶେଷରେ ସମଗ୍ର ଦେଶର ମାନସିକତା ସେତେବେଳେ ପ୍ରାଣଚାଂଚଲ୍ୟରେ ଉଦ୍‌ବୁଦ୍ଧ ହୋଇ ଉଠିଛି । ମାତ୍ର ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ସେ ଆଦର୍ଶ ଓ ସେ ମାନସିକତା ସ୍ୱତଃ ପରିବର୍ତ୍ତିତ ହୋଇ ଯାଇଛି । ସ୍ୱାଧୀନତା ବା ଜାତୀୟତା ବୋଧର ଯେଉଁ ଆଦର୍ଶର ଉଚ୍ଚାରଣ କଲେ ସେତେବେଳେ ମଣିଷ ଜୀବନ ଉତ୍ସର୍ଗ କରୁଥିଲା, ଆଜି ସେହି ବୁର୍ଜୋୟା ସ୍ୱାଧୀନତାର ଧ୍ୟାନଧାରଣା, ଦେଶାତ୍ମବୋଧ ଓ ଦେଶପ୍ରେମର ଧ୍ୟାନଧାରଣା ଶୋଷକ ଶ୍ରେଣୀ ହାତରେ ସୁବିଧାର ଅସ୍ତ୍ରରେ ପରିଣତ ହୋଇଛି । ଅର୍ଥାତ୍ ସେହି ଆଦର୍ଶବାଦ ଆଜି ଶୋଷକ ଶ୍ରେଣୀର ଶାସନ, ଜୁଲୁମ ଓ ଆଧିପତ୍ୟ ରକ୍ଷାର ଆଦର୍ଶରେ ରୂପାନ୍ତରିତ ହୋଇଛି । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଇତିହାସରେ କୌଣସି ଆଦର୍ଶ ଶାଶ୍ୱତ ବା ଚିରସ୍ଥାୟୀ ନୁହେଁ ।

ତେଣୁ ପ୍ରଗତିଶୀଳ ବୋଲି ଯେଉଁମାନେ ନିଜକୁ କହନ୍ତି, ସେମାନଙ୍କ ନିକଟରେ କେଉଁ ଶ୍ରେଣୀର ଚିନ୍ତା ପ୍ରଗତିଶୀଳ, କେଉଁ ଶ୍ରେଣୀର ଚିନ୍ତା ଗୋଟାଏ ବିଶେଷ ସମାଜର ଗୋଟାଏ ବିଶେଷ ପରିବେଶରେ ପ୍ରତିକ୍ରିୟାଶୀଳ, ଏହାହିଁ ମୂଳ ବିଚାର୍ଯ୍ୟ ବିଷୟ । *

ସାହିତ୍ୟରେ କୌଣସି ଆଦର୍ଶ ବା ମୂଲ୍ୟବୋଧ ଶାଶ୍ୱତ ବା ଅପରିବର୍ତ୍ତନୀୟ ନୁହେଁ । ଏହି ସବୁ ଆଦର୍ଶ ଓ ମୂଲ୍ୟବୋଧ ମଧ୍ୟରେ ଯେଉଁ ଶ୍ରେଣୀମାନସ ପ୍ରତିଫଳିତ କିଂବା ସାହିତ୍ୟିକ ଶିଳ୍ପକୃତିମାନଙ୍କରେ ଯେଉଁ ବ୍ୟକ୍ତିମାନସ ରୂପାୟିତ, ତାହିର ଶ୍ରେଣୀ-ଚରିତ୍ର ବିଶ୍ଳେଷଣ କରିବା ଏକାନ୍ତ ଆବଶ୍ୟକ । ଜୀବନର ପରିବର୍ତ୍ତନଶୀଳତା ସଂଗେ ଖାପ ଖୁଆଇ ସାହିତ୍ୟର ବିକାଶ ଘଟୁଥିବାରୁ ସାହିତ୍ୟରେ କୌଣସି ବିଶେଷ ସମୟ ବା ସାମାଜିକ ପରିବେଶ ଭିତରୁ ସଂଭୂତ ମୂଲ୍ୟବୋଧକୁ ଚିରକାଳ ପାଇଁ ଧରି ରଖିବାକୁ ଚେଷ୍ଟା କରିବା ବିଡ଼ଂବନା ଛଡ଼ା ଆଉ କଣ ହୋଇପାରେ ?

## ସାହିତ୍ୟରେ 'ମୂଲ୍ୟ'

ଏହା ବୈଜ୍ଞାନିକ ସତ୍ୟ ଯେ ପ୍ରତ୍ୟେକ ଯୁଗରେ ଉତ୍ପାଦନ-ପ୍ରଣାଳୀହିଁ ସେ-ଯୁଗର ମୂଲ୍ୟମାନ ସୃଷ୍ଟିରେ ପ୍ରଧାନ ଅଂଶ ଗ୍ରହଣ କରିଥାଏ । ଉତ୍ପାଦନ-ସଂପର୍କ

* Ibid

ହିଁ ସମାଜର ମୋଟାମୋଟି ଗଠଣ ଏବଂ ତାକୁ ସୁହାଇଲା ଭଳି ପ୍ରୟୋଜନୀୟ ବିଧିବିଧାନ, ନୀତିନିୟମ, ନନ୍ଦନତତ୍ତ୍ୱ ଓ ଆଦର୍ଶଗତ ଧାରଣାମାନଙ୍କୁ ଜନ୍ମ ଦେଇଥାଏ । ଉତ୍ପାଦନ-ପ୍ରଣାଳୀରେ ପରିବର୍ତ୍ତନ ସଂଗେ ସଂଗେ ଖାଲି ଯେ ସମାଜ-ସଂପର୍କ ବଦଳିଯାଏ ତା ନୁହେଁ, ମଣିଷର ଭାବଜଗତର ଢାଂଚା (ideational pattern) ମଧ୍ୟ ବଦଳିଯାଏ କିଂବା ରୂପାଂତର ମଧ୍ୟରେ ତିଷ୍ଠି ରହେ । ଅନେକ ପ୍ରାଚୀନ ରୀତିନୀତି, ଧ୍ୟାନଧାରଣା ଏବଂ ଧର୍ମବିଶ୍ୱାସ ପରବର୍ତ୍ତୀ ଯୁଗରେ ସାମାଜିକ ଚଳଣିରୁ ବାଦ୍ ପଡ଼ିଯାଇ କେବଳ ସ୍ମୃତି ବା ରୂପାଂତର ମଧ୍ୟରେ ବଂଚି ରହିଥିବାର ଦେଖାଯାଏ । ଉଦାହରଣ ସ୍ୱରୂପ ସ୍ୱାମୀ-ସ୍ତ୍ରୀ ସଂପର୍କରେ କେତେକ କ୍ରମପରିଣାମ ଭାରତବର୍ଷ କିଂବା ମିଶରୀୟ ସଭ୍ୟତାରେ ଦେଖାଦେଇ-ଥିଲା, ତାହା ଆଜି ସ୍ମୃତିରେ ପରିଣତ ହୋଇଛି । ଭାରତରେ ସତୀଦାହ ପ୍ରଥା ଏବଂ ମିଶରରେ ଫାରୋମାନଙ୍କ ସଂଗେ ତାଙ୍କର ଅଗଣିତ ପତ୍ନୀ-ଉପପତ୍ନୀ, ପାରିଷଦ-ବର୍ଗଙ୍କର ସହସମାଧି ଲାଭ ପ୍ରଥା ଆଜି କେବଳ ସିନେମାରେ ହିଁ ଦେଖିବାକୁ ମିଳେ । ଅତୀତର ସ୍ୱାମୀଧର୍ମ ଆଜି ପାଶବିକତା ଏବଂ ଅମାନବିକତାର ଚରମ ନିଦର୍ଶନ ବୋଲି ବିବେଚିତ ହୁଏ । ଯେଉଁପରି ମେରିଆ ବଳି, ପଶୁବଳି ଓ ନରବଳି ପ୍ରଭୃତି ଦିନେ ପବିତ୍ର ଧାର୍ମିକ ଅନୁଷ୍ଠାନ ଥିଲେ ମଧ୍ୟ ଆଜି ସେସବୁ ପ୍ରତିମୂଲ୍ୟହିଁ (anti-value) ସୃଷ୍ଟି କରେ ।

ସମାଜରେ ଏଇ ମୂଲ୍ୟବୋଧ ଓ ଧ୍ୟାନଧାରଣାର ପରିବର୍ତ୍ତନ ଘଟିଥିବାରୁ ଭାବଜଗତରେ, ଯଥା ଶିଳ୍ପ, ସାହିତ୍ୟ ଏବଂ ନୀତିବୋଧ କ୍ଷେତ୍ରରେ ମଧ୍ୟ ଏ ସମସ୍ତ 'ମୂଲ୍ୟର' ପ୍ରାଧାନ୍ୟ ଓ ପ୍ରଚଳିତ ଚଳଣି ଲୋପ ପାଇଯାଇଛି । କେଉଁଠି କେଉଁଠି ଏଇ ପ୍ରଥାଗୁଡ଼ିକର କେତେକାଂଶ ସ୍ମୃତି ବା ରୂପାଂତରର ମାଧ୍ୟମରେ ବଂଚିରହିଛି । (ଯଥା, ନରବଳି ଓ ପଶୁବଳି ପରିବର୍ତ୍ତେ ଦେବୀଙ୍କୁ କାକୁଡ଼ି ବଳି ଦିଆଯାଉଥିବା ଦୃଷ୍ଟାଂତରୁ ଜଣାଯିବ । ) ବର୍ତ୍ତମାନ ବିଶ୍ୱରେ ସମସ୍ତ ମୂଲ୍ୟ ଓ ଧ୍ୟାନ-ଧାରଣା ଯେ ପରିବର୍ତ୍ତନଶୀଳ, ଏହାହିଁ ଏଥିରୁ ପ୍ରତିପାଦିତ ହୁଏ ।

## ସଂସ୍କୃତିର ମୂଳସୂତ୍ର

ମଣିଷର ସଭ୍ୟତା ଓ ସଂସ୍କୃତିର ମୂଳ ପ୍ରେରଣା ହେଉଛି ପ୍ରକୃତିର ଦାସତ୍ୱରୁ ମୁକ୍ତି । ସଂସ୍କୃତିର ଅର୍ଥ ମାନବ-ପ୍ରକୃତିର ସ୍ୱାଧୀନତା ଲାଭ । ଜୀବ ଜଗତ ପ୍ରକୃତିର ନିୟମରେ ବନ୍ଧା, ସେଇ ନିୟମକୁ ହିଁ ସେମାନେ ନିଜର ନିୟମ ବୋଲି ମାନି ନେଇ ବଂଚନ୍ତି, ପୁଣି ମରନ୍ତି । କିନ୍ତୁ ମନୁଷ୍ୟ ଜୀବ-ଜଗତ ମଧ୍ୟରେ ଟିକିଏ

ସ୍ୱାତଂତ୍ର୍ୟଲାଭ କରିଛି । ବଂଚିବାର ଉପାୟ—ଜୀବିକାର ଉପାୟ ସେ ନିଜେଇ ସୃଷ୍ଟି କରିପାରେ—ପ୍ରକୃତିର ଏକାଂତ ମୁଖାପେକ୍ଷୀ ହୋଇ ରହେନାଇ । ତେଣୁ ସେ ଚେଷ୍ଟା କରି ଚାଲିଛି କିପରି ଜୀବନ-ଯାତ୍ରା ତାର ସୁଲଭ ହେବ, ପ୍ରାଣଧାରଣ ତାର ସହଜ ହେବ । ଯାକୁଇ ନେଇ ତାର ବିପୁଳ ପ୍ରୟାସ ଆଉ ପ୍ରକୃତି ସଂଗରେ ତାର ଅଶେଷ ସଂଗ୍ରାମ । ଏଇ ସଂଗ୍ରାମରେ ଯେ ଯେତିକି ଟିକିଏ ଜୟୀ ହୋଇଛି, ଜୀବିକାର ତାଡ଼ନା ଓ ଜୀବନର ତାଗିଦ୍ ଯେତିକି ଟିକେ ମିଟାଇ ପାରିଛି, ତାର ସଭ୍ୟତାରେ, ସଂସ୍କୃତିରେ ସେଇ ଟିକକର ନିଦର୍ଶନ ମିଳେ । ତେଣୁ, ଏଇ ସଭ୍ୟତା ବା ସଂସ୍କୃତି ତାର ସେଇ ଚିର-ସଂଗ୍ରାମର ହିଁ ଜୟ-ଚିହ୍ନ, ପୁଣି ତାର ଜୟ-ଅସ୍ତ୍ର ମଧ୍ୟ । ସେଇ ସଂଗ୍ରାମର ବିଭିନ୍ନ ସ୍ତରରେ, ବିଭିନ୍ନ ପର୍ଯାୟରେ ତାର ଅସ୍ତ୍ରର ମଧ୍ୟ ବିଭିନ୍ନ ସ୍ତର, ବିଭିନ୍ନ ପର୍ଯାୟ ଦେଖା ଦେଇଛି, ଜୟ-ଚିହ୍ନ ମଧ୍ୟ ହୋଇଛି ବିଚିତ୍ରତର ।

ମଣିଷକୁ ସେଥିପାଇଁ ଜୀବ-ଜଗତଠାରୁ ପୃଥକ କରି କୁହାଯାଇଥାଏ ଯେ ସେ ହେଉଛି ଏକ ହତିଆର-ବ୍ୟବହାରକାରୀ ଜୀବ । ('Man is a tool-using animal') ଏଇ ହତିଆର ହିଁ ହେଲା ମଣିଷ ସଭ୍ୟତାର ମୂଳ ଉପକରଣ । ମଣିଷ ଯଦି ତାର ଜୀବନଯାତ୍ରା ପାଇଁ ହତିଆର ବ୍ୟବହାର କରୁ ନଥାଂତା, କେବଳ ପ୍ରକୃତିର ଦାନରେ ସଂତୁଷ୍ଟ ହୋଇ ରହିଥାଂତା, ତାହାହେଲେ ସେ ହୁଏତ ଆଦୌ ସମାଜବଦ୍ଧ ହୋଇ ନଥାଂତା, ଜଂଗଲର ଫଳ ମୂଳ ଖାଇହିଁ ଗୁହା-ମାନବ ଭଳି ଏକକ ଓ ବିଚ୍ଛିନ୍ନ ଜୀବନ ଯାପନ କରୁଥାଂତା । ତା'ର ଭାଷା ବା ସଭ୍ୟତାର ହୁଏତ ବିକାଶହିଁ ହୋଇ ନ ଥାଂତା, ସଂସ୍କୃତି କହିଲେ ଯାହା ବୁଝାଏ ତାହା ଆଦୌ ସଂଭବ ହୋଇ ନଥାଂତା । ଅନ୍ୟ କଥାରେ ମଣିଷ ମୋଟେ ମଣିଷହିଁ ହୋଇ ନଥାଂତା ।

## ସମାଜର ରୂପ—ଉପାଦାନର ଦାନ

ସମାଜର ପରିଚୟ ଆମେ ଅବଶ୍ୟ ଜାତିଗତ ଓ ଧର୍ମଗତ ବୋଲି ମନେ କରିଥାଉଁ । କିଂତୁ ଆଉ ଟିକିଏ ପଛକୁ ଦୃଷ୍ଟିପାତ କଲେ ଯେତେବେଳେ ଏଇ ଜାତି ଓ ଧର୍ମର ଠିକଣା ଦୁର୍ଲଭ ହୁଏ, ସେତେବେଳେ ସମାଜକୁ ଆମେ ଚିହ୍ନିତ କରୁଁ ବୈଜ୍ଞାନିକ ଉପାୟରେ—ତାର ଜୀବିକାର ଉପାଦାନ ବା ଉତ୍ପାଦନର ହତିଆର (means of living) ଦେଇ ହିଁ ସେତେବେଳେ ତାର ପରିଚୟ । ଯେପରି,

୧ । 'ସଂସ୍କୃତିର ରୂପାଂତର'—ଗୋପାଳ ହାଲଦାର ଦ୍ରଷ୍ଟବ୍ୟ ।

ପ୍ରସ୍ତର ଯୁଗର ମଣିଷ—ପଥରର ଛୁରିକା, ବଲ୍ଲମ, ଏବଂ କୁଠାର ଓ ତୀର ଥିଲା ଏମାନଙ୍କର ଜୀବିକାର ଅସ୍ତ୍ର, ସ୍ୱର୍ଣ୍ଣ ଓ ତାମ୍ର ଯୁଗର ମଣିଷ—ପଥର ଛଡ଼ା ବି ଧାତୁର ବ୍ୟବହାର ମଧ୍ୟ ଏମାନେ ଶିଖିଥିଲେ; ଏବଂ ଶେଷରେ ଲୌହଯୁଗର ମଣିଷ—ଲୁହାର ବ୍ୟବହାର ଏମାନେ କରି ପାରୁଛନ୍ତି ।

## ସଂସ୍କୃତିର ମୂଳ ପରିଚୟ

ବୈଜ୍ଞାନିକ ଦୃଷ୍ଟିରେ ଯେଉଁମାନେ ସଂସ୍କୃତିର ବିଚାର କରନ୍ତି ସେମାନେ ଏଇ ସତ୍ୟ ଦେଖିବାକୁ ପାଆନ୍ତି ଯେ ମଣିଷର ଜୀବନ-ସଂଗ୍ରାମର ବା ପ୍ରକୃତି ଉପରେ ଆଧିପତ୍ୟ ବିସ୍ତାର କରିବାର ଚେଷ୍ଟା ପରିଚୟହିଁ ସଂସ୍କୃତି । ତେଣୁ ପ୍ରଥମତଃ ତାର ମୂଳଭିତ୍ତି ସେଇ ଜୀବନ ସଂଗ୍ରାମର ବାସ୍ତବ ଉପକରଣସମୂହ ( material means ), ଦ୍ୱିତୀୟତଃ, ତାର ପ୍ରଧାନ ଆଶ୍ରୟ ସମାଜ-ଯାହାର ବାସ୍ତବ ବ୍ୟବସ୍ଥା ( social structure ); ଏବଂ ତୃତୀୟତଃ ତାର ଶେଷ ପ୍ରକାଶ ମାନସ ସଂପଦ ( ideational products )—ଯାହା ହେଉଛି ସମାଜର ପରିଶିଷ୍ଟ ରୂପ ( *super structure* ) । ମୂଳ କଥା ହେଉଛି ଏଇ ଯେ ସଂସ୍କୃତି ବାସ୍ତବ ଜୀବନର ଏକ ଅଂଗ ଏବଂ ତାର ପ୍ରତିଫଳନ ମଧ୍ୟ, ସମାଜ-ଦେହର ଖାଲି ଲାବଣ୍ୟ-ଛଟା ନୁହେଁ, ତାର ସମଗ୍ର ରୂପ । ତେଣୁ ସମାଜର ପରିଚୟ ଦେଇ ହିଁ ସଂସ୍କୃତିର ପରିଚୟ—ଏହାହିଁ ହେଉଛି ଆସଲ କଥା । *

## ରୂପାନ୍ତରର ଧାରା

ଯୁଗେ ଯୁଗେ ମଣିଷ ତାର ଜୀବିକାର୍ଜ୍ଜନ ଚେଷ୍ଟାରେ କ୍ରମଶଃ ଅଗ୍ରସର ହୋଇ ଯାଇଛି—ନିଜର ପରିବେଶକୁ କରିଚି ବାରବାର ପରିବର୍ତ୍ତିତ, ପ୍ରକୃତିକୁ କରିଚି ପଦେ ପଦେ ପରାଜିତ; ଆଉ ତା' ଫଳରେ ତାର ନିଜ ଶକ୍ତି ବି ହୋଇଚି ପରିବର୍ଦ୍ଧିତ; ଆଉ ନିଜ ପ୍ରକୃତି ମଧ୍ୟ ହୋଇଚି ପରିବର୍ତ୍ତିତ । ପରିବର୍ତ୍ତନ ଅବଶ୍ୟ ଜଣା-ଅଜଣାରେ ପ୍ରତି ନିୟତ ଘଟି ଚାଲିଚି । କିନ୍ତୁ ଜୀବନଯାତ୍ରାର ଏକ ସ୍ତରରୁ ଅନ୍ୟ ଏକ ସ୍ତରକୁ ମନୁଷ୍ୟ ନିତ୍ୟ ଉତ୍ତୀର୍ଣ୍ଣ ହୁଏ ନାଇ । ସେଭଳି ବିରାଟ ଭଂଗା-ଗଢ଼ା, ବିପୁଳ ବିପ୍ଳବ ଘଟେ ଏକ ଏକ ଯୁଗରେ ଥରେ । ଏଇ ଯୁଗାନ୍ତରରେ ସମାଜର ହୁଏ ଦେହାନ୍ତର ଏବଂ ସଂସ୍କୃତିର ହୁଏ ରୂପାନ୍ତର । ତାହାଦ୍ୱାରା ମାନବ-ପ୍ରକୃତି ବି ନିଜ ବିକାଶ ପଥରେ ଆଉ ପଦେ ଅଗ୍ରସର ହୋଇଯାଏ, ଆଉ ବିଶ୍ୱ-ପ୍ରକୃତି ତାର ବିଜୟ ସ୍ୱୀକାର କରି ଆଉ ଟିକିଏ ନତି ସ୍ୱୀକାର କରେ । ( ଏଙ୍ଗେଲ୍ସ )

* Ibid

ମଣିଷ ଏଇପରି ଭାବେ ଅଗ୍ରସର ହୋଇଚି ଅନେକ ପଥ । ସେଇ ପ୍ରସ୍ତର ଯୁଗର ମଣିଷ ଆଜି ଆଉ ନାହିଁ । ଶିଳ୍ପ ଯୁଗରେ ମଣିଷ ସଂଘଶକ୍ତିରେ ସଚେତନ ଓ ସୁପ୍ରତିଷ୍ଠ ହେବାକୁ ଚାହୁଁଛି । କିନ୍ତୁ ଏକଥା ଭୁଲିଗଲେ ଚଳିବ ନାହିଁ ଯେ ବର୍ତ୍ତମାନ ସୁଦ୍ଧା ମଣିଷ ପ୍ରକୃତିର ଏକାଂଶ ମଧ୍ୟ ଜୟ କରିପାରି ନାହିଁ । ଆଉ ପ୍ରକୃତି ସଂଗରେ ମଣିଷର ଏଇ ସଂଘାତ ଯେପରି ତାର ଜନ୍ମଗତ, ସେଇପରି ମଣିଷ ମଧ୍ୟ ପ୍ରକୃତିର ଏକାଂଶ ମାତ୍ର । ବିଶ୍ୱପ୍ରକୃତିର ସୃଷ୍ଟି ଏକ ପ୍ରତିକୂଳ ଶକ୍ତି ମାନବ-ପ୍ରକୃତି । ପ୍ରକୃତିର ସେଇ ବିଶେଷ ଗୋଟିଏ ପ୍ରକାଶ ପାଇଁ ସେ ଲିପ୍ତ ହୁଏ ପ୍ରକୃତି ସହିତ ଦ୍ୱନ୍ଦ୍ୱରେ — ପ୍ରକୃତିଜାତକୁ ନିଜର ପ୍ରୟୋଜନାନୁସାରେ ପରିବର୍ତ୍ତିତ କରି ନେବାପାଇଁ । ବହିଃପ୍ରକୃତି ସହିତ ଏଇପରି ପ୍ରୟାସରେ ତାକୁ ପରିବର୍ତ୍ତିତ କରି କରି ମାନବପ୍ରକୃତି ମଧ୍ୟ ସଂଗେ ସଂଗେ ପରିବର୍ତ୍ତିତ ହୋଇଯାଏ । *

> "He opposes himself to nature as one of his own forces, setting in motion arms and legs, head and hands......in order to appropriate nature's productions in a form adapted to his own wants By thus acting on the external world and changing it, he at the same time changes his own nature." ('Capital', Vol 1, Marx

ଏହାହିଁ ସଂସ୍କୃତିର ସୂତ୍ର ଏବଂ ତାର ରୂପାନ୍ତରର ଧାରା ।

## ପରିମାଣରୁ ଗୁଣରେ ରୂପାନ୍ତର

ସମଗ୍ର ବିଶ୍ୱ-ଜଗତ ଏକ ଦ୍ୱନ୍ଦ୍ୱମୂଳକ ପ୍ରକ୍ରିୟା ଛଡ଼ା ଅନ୍ୟ କିଛି ନୁହେଁ । ବିଶ୍ୱ-ପ୍ରକୃତିର ଅଂତସ୍ଥଳରେ ଗୋଟାଏ ଆଲୋଡ଼ନ ସଦାସର୍ବଦା କ୍ରମାଗତ ଚାଲିଛି । ତା'ର ଫଳରେ ନୂଆ ନୂଆ ସୃଷ୍ଟିର ଆବିର୍ଭାବ । ବିଜ୍ଞାନ ମଧ୍ୟ ସେଇକଥା ପ୍ରମାଣ କରିଥାଏ । ବସ୍ତୁପୁଂଜର ପଂଜର ମଧ୍ୟରେ ଏକ ଘୂର୍ଣ୍ଣୀ ହାଓ୍ୱା ଅବିଶ୍ରାଂତ ବହି ଚାଲିଛି । ବୈଜ୍ଞାନିକ ତାର ନାମ ଦେଇଛନ୍ତି ଇଲେକ୍ଟ୍ରନ ଓ ପ୍ରୋଟନ । ତା'ର ସଂଘର୍ଷରେ ଜନ୍ମହୁଏ ନୂଆ ନୂଆ ବସ୍ତୁର । ଅବଶ୍ୟ ଏଇ ନୂତନ ଆବିର୍ଭାବ ଭିତରେ ମଧ୍ୟ ଲୁକ୍କାୟିତ ଥାଏ ସେଇ ଚିରଂତନ ଦ୍ୱନ୍ଦ୍ୱ, ପୁଣି ଲାଗେ ସଂଘର୍ଷ, ପୁଣି ତାର ସମାଧାନ ହୁଏ ନୂତନତରର ଆବିର୍ଭାବରେ । ଏଇପରି ଭାବରେ ଦ୍ୱନ୍ଦ୍ୱ-ସଂଘର୍ଷରେ ଚଂଚଳ ବସ୍ତୁ ଆପଣାର ଅଂତର୍ଦ୍ୱଂଦ୍ୱର ତାଗିଦ୍‌ରେ ଅଭିନବ ହୋଇ ଉଠୁଛି ।

---

* 'ସଂସ୍କୃତିର ରୂପାନ୍ତର'—ଗୋପାଳ ହାଲଦାର ପୁସ୍ତକରୁ ଗୃହୀତ ।

ଯେପରି, ଉଦ୍‌ଜାନ ଓ ଅମ୍ଳଜାନ କଣିକାଂକ ଦ୍ୱଂଦ୍ୱରେ ହଠାତ୍ ଦେଖାଦିଏ ଜଳ, ପୁଣି ପାଣି ଫୁଟି ଫୁଟି ଏକ ସମୟରେ ବାଷ୍ପ ହୋଇ ଉଡ଼ିଯାଏ । ବସ୍ତୁ-ଚାଂଚଲ୍ୟ ପଛରେ ଅଛି ଦ୍ୱଂଦ୍ୱ, ଆଉ ଆଭ୍ୟଂତରୀଣ ସେଇ ଦ୍ୱଂଦ୍ୱ ଫଳରେ ବସ୍ତୁ ଇମିତି ବଢ଼ି ଚାଲିଚ ଯେ ଶେଷରେ କଣିକାର ପରିମାଣ ବଢ଼ି ବଢ଼ି (quantitative change) ପୁରୁଣା ବସ୍ତୁ ଏକ ନୂତନ ଧରଣର, ନୂତନ ପ୍ରକୃତିର ବସ୍ତୁ (qualitative change) ହୋଇଉଠେ, ଆଉ ସେଇ ନୂତନ ବସ୍ତୁ ମଧ୍ୟରେ ସେତେବେଳ ପାଇଁ ବିନଷ୍ଟ ହୁଏ ପୁରୁଣା ବିରୋଧ, କିଂତୁ ଦ୍ୱଂଦ୍ୱ ଯେତେବେଳେ ମୂଳ ଧର୍ମ, ସେତେବେଳେ ନୂତନ ବସ୍ତୁ ମଧ୍ୟ ନୂତନତର ହେବ ଏଇ ନିୟମ ଅନୁସରଣ କରି । ହେଉଚି ମଧ୍ୟ ସେଇଆ । ଖାଲି ପୁରୁଣାରୁ ନୂତନ ବା ନୂତନରୁ ନୂତନତର ପାହାଚକୁ ଯେଉଁ ସମୁତ୍ତୀର୍ଣ୍ଣ ହୁଏ ଆକସ୍ମିକ ରୂପରେ—ଏକ ବଡ଼ ଧରଣର ବାଧା ଡେଇଁ—ସେଇ ଉତ୍‌କ୍ରାଂତିର (Jump) ନାମହିଁ ମଣିଷ ସମାଜରେ ବିପ୍ଳବ । ଏହା ବଳରେ ବିରୋଧର ବିନାଶ, ନୂତନର ଆବିର୍ଭାବ, ପୁଣି ନୂତନର ବୁକୁ ଫଟାଇ ନୂତନତରର ଜନ୍ମ । ଏହାରି ନାମହିଁ 'ବିପ୍ଳବୀ ବାସ୍ତବବାଦ ।'

ବସ୍ତୁର ବୁକୁ ଚିରି ଏପରି ଏକ ପରମ ମହତ୍ତ୍ୱ ବିପ୍ଳବ ଘଟେ, ଯେତେବେଳେ ପ୍ରାଣବୀଜ ବସ୍ତୁକେଂଦ୍ରରେ ଜନ୍ମଗ୍ରହଣ କରେ—ଯାହାକୁ ପ୍ରାଣବିଜ୍ଞାନ ନାମ ଦେଇଚି ପ୍ରୋଟୋପ୍ଲାଜାମ୍ । ବସ୍ତୁରୁ ପ୍ରାଣ—ଦୂରତ୍ୱଟା ଭାବିଲେ ମନରେ ସଂଶୟ ଲାଗେ ସତ, କିଂତୁ ପ୍ରୋଟୋପ୍ଲାଜାମ୍ ବସ୍ତୁର ବଡ଼ ନିକଟବର୍ତ୍ତୀ । ଏହାପରେ ଦ୍ୱଂଦ୍ୱମୂଳକ ବସ୍ତୁ-ପ୍ରଗତିର ଯେଉଁ ଇତିହାସର ଆରଂଭ, ଡାରଉଇନଂକ ଶିଷ୍ୟଗଣଂକ କଲ୍ୟାଣରୁ ତାହା ସୁବିଦିତ ଏବଂ ଆଜି ପର୍ଯ୍ୟଂତ ମଧ୍ୟ ଅବିସଂବାଦିତ । ଏଇପରି ଭାବରେ ଆଉ ଏକ ବିପ୍ଳବ ଫଳରେ ଅଚେତନ ପ୍ରାଣୀର ଧାରା ଅନୁସରଣ କରି ଚେତନ ପ୍ରାଣୀର ଆବିର୍ଭାବ ହେଲା, ଯେଉଁ ଚେତନ ପ୍ରାଣୀର ଚରମ ନିଦର୍ଶନ ମଣିଷ । ଏଠି ମଧ୍ୟ ପୁଣି ସଂଦେହ ଜାତ ହେବା କଥା । କିଂତୁ କ୍ଷୀଣ-ଚେତନ, ପ୍ରାୟ-ଅଚେତନ ଓ ଅଚେତନ ପ୍ରାଣୀଂକର କ୍ରମ-ପର୍ଯ୍ୟାୟ ଧରି ଚାଲି ଆସିଲେ କଥାଟା ଅସଂଭବ ମନେ ହୁଏନାଇ । ବସ୍ତୁ-ବିକାଶର ଶେଷ ଦାନ ହେଉଚି କିଂତୁ ମନୁଷ୍ୟର ଏଇ କ୍ରମ-ପରିସ୍ଫୁଟ ଚୈତନ୍ୟ, ଯାହା ବଳରେ ସିଏ ବସ୍ତୁ ଉପରେ ନିର୍ଭରଶୀଳ ହୋଇ ମଧ୍ୟ ବସ୍ତୁକୁ ନିଜର ଦାସ କରିଦେବାକୁ ଶିଖିଚି; ପ୍ରକୃତିର ନିୟମରେ ବଂଧା ହୋଇ ମଧ୍ୟ ପ୍ରକୃତିକୁ ବଂଦିନୀ କରିବାକୁ ଆରଂଭ କରିଚି । କିଂତୁ ତା' ହେଲେ ବି ତା ଯୁଗ ଭିତରେ ସେଇ ଚିରଂତନ ଦ୍ୱଂଦ୍ୱ-ବିରୋଧର ନବ ନବ ସୂତ୍ର, ତାର ସମସ୍ତ ସୃଷ୍ଟି ମଧ୍ୟ ଦେଇ ଅନୁସୃତ

ହୋଇ ଆସୁଛି । ତା ଅଛି ବୋଲି ତ ତାର ସଭ୍ୟତା ସଂସ୍କୃତି ସଂଘାତ ଭିତର ଦେଇ ଅଗ୍ରସର ହୁଏ, ନୂତନ ହୁଏ, ଉଚ୍ଚତର ସ୍ତରକୁ ଉଠିଯାଏ ଏବଂ ଏଇ ଉଚ୍ଚତର ସ୍ତରକୁ ଉଠିବାର ପଥହିଁ ହେଉଛି ସଂକଟ ( crisis ) ଓ ବିପ୍ଳବର ପଥ ।

ବିଶ୍ୱଜଗତର ଏଇ ମୂଳସୂତ୍ରଟିକୁ ମନେ ରଖିହିଁ ମଣିଷର ପ୍ରଗତିର ଧାରା ଅନ୍ୱେଷଣ କରିବାକୁ ହେବ । ତା'ନହେଲେ ପଦେ ପଦେ ଭୁଲ ଭ୍ରାନ୍ତି ଘଟିବାର ସଂଭାବନା ପ୍ରଚୁର । ଇତିହାସର ପଂକ୍ତି ପଂକ୍ତିରେ ଏହିପରି ବହୁ ବିପ୍ଳବ ଉତ୍କ୍ରାଂତିର ସାକ୍ଷାତ୍ ମିଳେ । ମଣିଷର ଇତିହାସ ତଳେ ଯେଉଁ ଶକ୍ତି ଜାଗି ଉଠି ତାକୁ ଏପରି ଭାବେ ଉପରକୁ ଠେଲି ଠେଲି ଦିଏ, ବସ୍ତୁଗୁଡ଼ିକର ସୂତ୍ର ନକାଶି ମଧ୍ୟ ତା'ର ସଂଧାନ କରାଯାଇପାରେ । କିନ୍ତୁ କେବଳ ମାତ୍ର ଇତିହାସର କ୍ରମାଭିବ୍ୟକ୍ତିର ଧାରା ଅନୁସରଣ କରିହିଁ ତାର ଆଭାସ ମିଳିପାରେ ।* ମଣିଷ କଣ ଥିଲା, କଣ ହୋଇଛି, କଣ ହେବ ଏହାର ପରିଚୟ ଇତିହାସର ପୃଷ୍ଠଭୂମିକା ଛଡ଼ା ଆଉ କେଉଁଠାରୁ ବା ମିଳି ପାରିବ ? ଏକମାତ୍ର ଇତିହାସହିଁ ତ ବର୍ତ୍ତମାନକୁ ଚିହ୍ନାଇଦିଏ ଏବଂ ତାକୁ ଠିକ୍ ଭାବରେ ବୁଝିବାକୁ ସାହାଯ୍ୟ କରେ ।

---

* ଏଙ୍ଗ

# ଦ୍ୱିତୀୟ ଅଧିକରଣ

## ଇତିହାସର ଧାରା

ମୋଟ ଉପରେ, ମଣିଷର ଇତିହାସ ଏଇ ଉତ୍ପାଦନ-ଶକ୍ତି ଏବଂ ଉତ୍ପାଦନ-ସମ୍ପର୍କର ଦ୍ୱନ୍ଦ୍ୱ ମଧ୍ୟ ଦେଇ କ୍ରମୋନ୍ନତିର **ଇତିହାସ** । ନୃତତ୍ତ୍ୱ ଏବଂ ସମାଜତତ୍ତ୍ୱର ଗବେଷକମାନେ ଏଇ ଦୃଷ୍ଟିରୁ **ଇତିହାସକୁ ବିଚାର** କରିଥାଂନ୍ତି । ମଣିଷ ନିଜ ଦୈହିକ ଗଠନ ବଳରେ ଜୀବନ ସଂଗ୍ରାମର ଅବଲଂବନ ଉତ୍ପନ୍ନ କରିବା ଫଳରେ ଅପରୋକ୍ଷ ଭାବରେ ଜୀବନ ଯାତ୍ରାର ବସ୍ତୁ-ଉପକରଣ (means) ମଧ୍ୟ ଉତ୍ପନ୍ନ ହେଲା । ଏଇ ଜୀବିକା-ଅବଲଂବନ କି ପ୍ରଣାଳୀରେ ଉତ୍ପାଦିତ ହେବ ତାହା ନିର୍ଭର କରେ ସେ ଅବଲଂବନଟି କ'ଣ ତାହା ଉପରେ । ଯେପରି, ଶସ୍ୟ ଯେତିଦିନ ଜୀବିକାର ଉପାଦାନ ହେଲା, ସେଦିନ ଲଂଗଳଗୃଷ, ବୀଜ ପବନ ପ୍ରଭୃତି ହେଲା ପ୍ରଣାଳୀ[1], ପଶୁପାଳନ ଯେତେବେଳେ ହେଲା ଜୀବନର ଉପାୟ, ସେତେବେଳେ ପଶୁସୃଜଣା, ପଶୁରକ୍ଷା ଏବଂ ଦୋହନର ପଦ୍ଧତି ଇତ୍ୟାଦି ହେଲା ମଣିଷର ଜୀବନ-ପ୍ରଣାଳୀ (mode) । ଜୀବନ ଯାତ୍ରା ରୂପାନ୍ତରେ, ମଣିଷ ଅସଲ ସେଇଆନ୍ତି । ତେଣୁ ମଣିଷର ପରିଚୟ ମଣିଷର ଉତ୍ପାଦନରେ । ସେ କ'ଣ ଉତ୍ପାଦନ କରୁଛି,—ଶସ୍ୟ ନା ପଣ୍ୟ—ଆଉ କିପରି ଉତ୍ପାଦନ କରୁଛି—କୃଷି ନା ଯନ୍ତ୍ରଦ୍ୱାରା—ସେଥିରୁହିଁ ତାର ପରିଚୟ ମିଳେ । 'ଜର୍ମାନ୍ ଆଇଡିଓଲଜି' ଗ୍ରନ୍ଥରେ ମାର୍କସ-ଏଂଗେଲସ ଯାହା କହିଛନ୍ତି ତାହା ପ୍ରଣିଧାନଯୋଗ୍ୟ :—

> "As individuals express their life, so they are, what they are, therefore, coincides with their production — what they produce as well as how they produce What individuals are, therefore, depends on the material conditions of their production."

ଆଗରୁ କହିଛି, ମଣିଷ ତାର ଉପାୟ ଉଦ୍ଭାବନ କରିବା ସଂଗେ ସଂଗେ ଜୀବନଯାତ୍ରାର ବସ୍ତୁଉପକରଣ ମଧ୍ୟ ଉତ୍ପନ୍ନ କରେ । ('By producing

୧ । Ibid

their means of existence, men indirectly produce their material life'—'German Ideolgy'-- Marx-Engels. )

ତେଣୁ ମୂଳକଥା ହେଲା, ଜୀବନର ରୂପରେଖା ତଥା ଆଭିମୁଖ୍ୟ ଓ ମୂଲ୍ୟବୋଧ ନିର୍ଭର କରେ ଜୀବିକା ଉପରେ। ଜୀବିକାର ତାଡ଼ନାରେ ମଣିଷ ଜୀବନ-ସଂସ୍ଥାନର ଉପାୟ ଆୟତ୍ତ କରିବା ସଂଗେ ସଂଗେ ଉନ୍ନତତର ଉପାୟ ସବୁଦା ଖୋଜି ବୁଲୁଚି । ଯେତେବେଳେ ସେ ଗୋଟିଏ ଉପାୟ ଆୟତ୍ତ କରିଚି ସେତେ-ବେଳେ ସେଇ ସୂତ୍ରରେ ଅନ୍ୟ ମଣିଷ ସଂଗେ ତାର ସଂପର୍କ ନୂତନ ରୂପ ଗ୍ରହଣ କରିଚି, ସମାଜର ରୂପ ବଦଳି ଯାଇଚି । ଆଉ ମଣିଷର ନୂତନ ରୂପ, ଚିନ୍ତାର ଧାରା, ଭାବନାର ଧାରା ଜୀବିକା ସଂଗେ ଖାପ ଖୁଆଇ ନୂତନ ରୂପ ଧାରଣ କରିଚି । ପ୍ରତ୍ୟେକ ସଭ୍ୟତାରେ ତେଣୁ ଅଛି ଏଇ ତିନୋଟି ଦିଗ : ବାସ୍ତବ ଉପକରଣ, ସମାଜ-ରୂପ ଓ ମାନସ-ସୃଷ୍ଟି ।

ଅନ୍ୟାନ୍ୟ ପ୍ରାଣୀ ନିକଟରେ ପରିବେଶ ବିଜ୍ଞାନ ( Ecology ) ଏକମାତ୍ର ଶାସ୍ତ୍ର ହୋଇପାରେ, ମାତ୍ର ମନୁଷ୍ୟ ନିଜ ପରିବେଶକୁ ଅନେକ ପରିମାଣରେ ଜୟ କରିବାର ଶକ୍ତିର ଅଧିକାରୀ । ସେ ଉତ୍ପାଦନକ୍ଷମ ଯନ୍ତ୍ରପାତି ଉଦ୍ଭାବନ କରିବା ଦ୍ୱାରାହିଁ ଏଇ ଶକ୍ତିର ଅଧିକାରୀ ହୋଇ ପାରିଚି ।

ଇତିହାସର ଧାରା ନିରୂପଣ କରିବାରେ ପଂଡ଼ିତମାନେ ମନୁଷ୍ୟର ଉତ୍ପାଦନ ପ୍ରଣାଳୀକୁହିଁ ପ୍ରଧାନ ପରିମାପକ ରୂପେ ଗ୍ରହଣ କରିଛଂତି । ବୈଜ୍ଞାନିକ ଦୃଷ୍ଟିରେ ଇତିହାସ ମନୁଷ୍ୟର ଜୀବିକୋପାୟର ହିସାବାନୁସାରେ ଯୁଗେ ଯୁଗେ ବିଭକ୍ତ । ବୈଜ୍ଞାନିକ-ଐତିହାସିକ ସେଇ ଯୁଗ ଗୁଡ଼ିକର ମୋଟାମୋଟି ପରିଚୟ ଏବଂ ବୈଶିଷ୍ଟ୍ୟ କହି ଦେଇ ପାରଂତି । ସେଇ ସବୁ ଯୁଗର ନାମକରଣ ହୋଇଚି ସେଇ ସେଇ ଯୁଗର ଜୀବିକା-ଅବଲଂବନରୁ ( implements ) । ଅବଶ୍ୟ ଏଇ ସବୁ ଯୁଗ ଏକାବେଳେକେ ପରସ୍ପରଠାରୁ ବିଚ୍ଛିନ୍ନ ନୁହଂତି । ଅନେକ କ୍ଷେତ୍ରରେ ପାଖାପାଖି ଦୁଇ ତିନୋଟି ଯୁଗର ଉପାୟ-ଉପକରଣ ରକ୍ଷିତ ହୁଏ । କିଂତୁ ଯୁଗର ନାମକରଣ ହୁଏ, କେଉଁଟି କେତେବେଳେ ମୁଖ୍ୟ ସେଇଥିରୁ । (ଏକ) ତା'ନହେଲେ ପ୍ରାଚୀନତମ ଯୁଗର ଚିହ୍ନ ମଧ୍ୟ ଆଧୁନିକତମ ଯୁଗର ପାଖାପାଖି ଖୋଜିଲେ ମିଳିପାରେ । ଯେପରି ଆଜିକାଲି ମଧ୍ୟ କେଉଁଠି କେଉଁଠି ଲୋକେ ପ୍ରାଚୀନ ଯୁଗର ଉପାୟ-ଉପକରଣ ବ୍ୟବହାର କରିଥାଂତି ।

କୌଣସି ରାଜା ବା ରାଜବଂଶର ରାଜ୍ୟପ୍ରାପ୍ତି ବା ରାଜ୍ୟଚ୍ୟୁତି ନେଇ ଆମେ ସାଧାରଣତଃ ଇତିହାସର କାଳ ବିଭକ୍ତ କରିବାରେ ଅଭ୍ୟସ୍ତ । କେଉଁଠି କେଉଁଠି ପୁଣି ଧର୍ମ ବା ଧର୍ମପ୍ରଚାରକ ବା ବାହ୍ୟ ଶତ୍ରୁର ଆକ୍ରମଣ ଇତ୍ୟାଦିକୁ ନେଇ ଇତିହାସର ଯୁଗ ବିଭାଗ କରିଥାଉଁ । କିନ୍ତୁ ବୈଜ୍ଞାନିକ ଦୃଷ୍ଟିରେ ମଣିଷର ଉତ୍ପାଦନ ପ୍ରଣାଳୀରୁ ହିଁ ତାର ସମ୍ୟକ ପରିଚୟ ଓ ବୈଶିଷ୍ଟ୍ୟର ସନ୍ଧାନ ମିଳିପାରେ । ସେଥିପାଇ ସେମାନେ ମଣିଷ ବ୍ୟବହାର କରୁଥିବା ଉତ୍ପାଦନର ଉପାୟ ଗୁଡ଼ିକ ଦେଇହିଁ ଇତିହାସର କାଳବିଭାଗ କରିବାର ପକ୍ଷପାତୀ ।

## ପ୍ରସ୍ତର ଯୁଗ

ପ୍ରସ୍ତର ଯୁଗହିଁ ଆଦି ଯୁଗ । ଏହା ଦୁଇ ଭାଗରେ ବିଭକ୍ତ, ଯଥା, ପ୍ରାଚୀନ ପ୍ରସ୍ତର ଯୁଗ ଓ ନୂତନ ପ୍ରସ୍ତର ଯୁଗ । ପ୍ରାଚୀନ ପ୍ରସ୍ତର ଯୁଗକୁ ସମାଜବିଜ୍ଞାନୀମାନେ paleaolithic ନାମକରଣ କରିଛନ୍ତି ।

ପ୍ରାଚୀନ ପ୍ରସ୍ତର ଯୁଗର କାଳ କୁଆଡ଼େ ପ୍ରାୟ ଲକ୍ଷାଧିକ ବର୍ଷ ପର୍ଯ୍ୟନ୍ତ ବିସ୍ତୃତ । ସେ ସମୟରେ ମଣିଷ ପଥରର ଛୁରି, ବର୍ଚ୍ଛା ପ୍ରଭୃତି ଅସ୍ତ୍ର ଗୁଡ଼ିକର ବ୍ୟବହାର କରୁଥିଲା, ଦଳବଦ୍ଧ ହୋଇ ଶିକାର କରୁଥିଲା, ଶିକାରର ପଶୁ ପକ୍ଷୀକୁ ସମସ୍ତେ ମିଳିମିଶି ଭାଗକରି ଖାଉଥିଲେ । ଶେଷ ଆଡ଼କୁ ମାଛ ବି ଧରିବାକୁ ଶିଖିଥିଲା । କିନ୍ତୁ ମୋଟ ଉପରେ ଖାଦ୍ୟ ସେତେବେଳେ ଥିଲା ବଡ଼ ଅନିଶ୍ଚିତ ଏବଂ ଅପର୍ଯ୍ୟାପ୍ତ । ମଣିଷର ସେତେବେଳେ ଥିଲା ନା ପରିବାରର ଚିହ୍ନ, ନା ସଂପତ୍ତି, ନା ଧର୍ମବୋଧ । କାରଣ ତା ସମାଜ-ସଂପର୍କ ଥିଲା ଜୀବିକାଗତ, ଆଉ ମାନସ-ବୋଧ ବି ଠିକ୍ ସେଇପରି । *

Neolithic ବା ନୂତନ ପ୍ରସ୍ତର ଯୁଗର କାଳ-କ୍ରମ ଦଶ ହଜାର ବର୍ଷ ନା କଣ । ଏଇ ସମୟରେ ପ୍ରସ୍ତରାସ୍ତ୍ର କ୍ରମଶଃ ମସୃଣ ଓ ସୂକ୍ଷ୍ମ ହୁଏ । କୁରାଢ଼ି ଓ ତୀର ଦେଖା ଦିଏ । ଅଗ୍ନି ଆବିଷ୍କୃତ ହେବା ଫଳରେ ମଣିଷର ଜୀବନଧାରଣ ସହଜ ହୁଏ ।

ତା'ପରେ ମଣିଷ ସନ୍ଧାନ ପାଏ ଧାତୁର, ପ୍ରଥମେ ସୁନା ଓ ତମ୍ବାର, ପରେ ବ୍ରୋଞ୍ଜ୍ ଓ ଲୁହାର । ଏଇ ସମୟରେ ହୁଏତ ପ୍ରାଥମିକ କୃଷିବିଦ୍ୟା ବି

* Ibid

ମଣିଷ ଆସ୍ତାଭ କରେ, ଘଟ ଓ ପାତ୍ର ନିର୍ମାଣ ଶିଖେ, ପଶୁପାଳନ ଶିଖିବାକୁ । ଶେଷରେ ସୂତାକଟା ଓ ଲୁଗାବୁଣା ଆରମ୍ଭ ହୁଏ । ଏଇ କେତେ ହଜାର ବର୍ଷରେ ମଣିଷ ସମାଜ ଯେଉଁ ଦୁଇଟି ନୂଆ ରୂପ ପାଇଲା, ସେଥିରୁ ଗୋଟିଏ ହେଉଛି ପଶୁଚାରଣ, ଅନ୍ୟଟି କୃଷି ( Pastoral and Agricultural ) [1] ଏ ଯୁଗ ମାତୃକର୍ତ୍ତୃତ୍ୱର ଯୁଗ—ମାତା ହିଁ ଥିଲା ଗୋତ୍ରର ଅଧିଷ୍ଠାତ୍ରୀ, ପିତା ଥିଲା ଅଜ୍ଞାତ ।

## ପଶୁଚାରଣ ଯୁଗ

ପଶୁଚାରଣ ଯୁଗରେ ଜୀବନ ଟିକିଏ ସୁସ୍ଥିର ହେଲା, ସଂପତ୍ତି ଜୁଟିବାକୁ ଲାଗିଲା—ଗୋରୁ, ମଇଁଷି, ମେଂଢା, ଛେଳି ଯାହାର ନାମ 'ଗୋଧନ' । ଚାରଣ କ୍ଷେତ୍ର ପାଇଁ ଘୂରି ବୁଲିବାକୁ ପଡ଼ୁଥିଲା । ତେଣୁ ମଣିଷ ହେଲା ଯାଯାବର । ଅନ୍ୟର ଜମି କାଢ଼ିନେବା ଦରକାର ପଡ଼ୁଥିଲା, ତେଣୁ ପରାଜିତକୁ ପ୍ରଥମେ ହତ୍ୟା କରାଯାଉଥିଲା, ପରେ ତାକୁ ହତ୍ୟା ନ କରି କାମରେ ଲଗାଗଲା, କରାଗଲା 'ଦାସ' । ଏଇ ପଶୁ ଓ ଦାସର ଭାଗବଂଟାରୁ ହିଁ କୁଆଡ଼େ ସଂପତ୍ତିର ସୂତ୍ରପାତ ।

## କୃଷି ଯୁଗ

କୃଷିର ଉଦ୍ଭାବନ ମଣିଷର ଇତିହାସରେ ଏକ ମସ୍ତବଡ଼ ପଦକ୍ଷେପ । ମଣିଷ ଏଣିକି ଗୋଟିଏ ଜାଗାରେ ଟିକିଏ ସ୍ଥିର ହୋଇ ବସିଲା । ଗୃହସ୍ଥ ହେଲା । ଜମି ହେଲା ତା'ର ସଂପତ୍ତି, ଅବଶ୍ୟ ପଶୁ ବି ଥିଲା । ଏ ଯୁଗରେ ପ୍ରଧାନ ପ୍ରୟୋଜନ ନଦୀ ବା ବୃଷ୍ଟିର, ତେଣୁ ଇନ୍ଦ୍ର ଦେବଶ୍ରେଷ୍ଠ, ନାଇଲ ଦେବତା, ଗଂଗା ଦେବୀ । ପ୍ରାକୃତିକ ଶକ୍ତି ସବୁ ଥିଲେ ଏ ପର୍ଯ୍ୟନ୍ତ ଭୂତ ପ୍ରେତ, କ୍ରମେ ଦେବତାର ଆସନ ଦଖଲ କରି ବସିଲେ । କୃଷିର ପ୍ରାଥମିକ ଅବସ୍ଥାରେ ଜମିଜମା ସବୁ ଥିଲା 'ଜନ୍' ବା ଜନର ସଂପତ୍ତି, ମଣିଷ ଗୋଷ୍ଠୀବଦ୍ଧ ହୋଇହିଁ ଜୀବନ ଯାପନ କରୁଥିଲା, ସବୁ ଥିଲା ସାଧାରଣ ସ୍ୱତ୍ୱ । ସେତେବେଳେ ବିବାହ ମଧ୍ୟ ହେଉଥିଲା ଗୋଷ୍ଠୀଗତ—ଏକ ଗୋଷ୍ଠୀର ଝିଅ ଅନ୍ୟ ଗୋଷ୍ଠୀର ସ୍ତ୍ରୀ । ମାତା ହିଁ ଥିଲା ଗୋତ୍ରର ମାତା—ପିତା ଥିଲା ଅଜ୍ଞାତ କିଂବା ଅନାମଧେୟ । ପରେ ଅବଶ୍ୟ ଧୀରେ ଧୀରେ ପିତୃବିଧି ପ୍ରଚଳିତ ହୋଇଥିଲା । ଅବଶ୍ୟ ନାନା ରକମ ସଙ୍କଟ ଥିଲା ସେ ସମାଜ ବିନ୍ୟାସରେ । [2]

---

୧ । ଏଙ୍ଗେଲ୍ସ

୨ । „ „

କୃଷି ଯୁଗରେ ବୃଷ୍ଟିର ଅନିଶ୍ଚିତତା ଯୋଗୁ କୃଷକଙ୍କୁ ନାନା ଦୁର୍ବିପାକର ସମ୍ମୁଖୀନ ହେବାକୁ ପଡ଼ୁଥିଲା । ତେଣୁ ମଣିଷର ମାନସିକ ରୂପ ଥିଲା ଅଦୃଷ୍ଟ ଉପରେ ଅଟଳ ବିଶ୍ୱାସ, ପ୍ରକୃତିର ଅଂଧଶକ୍ତିଗୁଡ଼ିକ ସଂବଂଧରେ ଭୟ, ଏବଂ ଏକ ରହସ୍ୟମୟ ଧାରଣା, ଏବଂ ଧ୍ୟାନ-ଧାରଣା ଥିଲା ଜାତିଭିତ୍ତିକ । କ୍ରମେ ଗୋଷ୍ଠୀ-ପତିର ସୃଷ୍ଟି ହୋଇଥିଲା ଏବଂ ଧୀରେ ଧୀରେ ଗୋଷ୍ଠୀପତି ଦେବତାର ସ୍ଥାନକୁ ମଧ୍ୟ ଉତ୍ତୀର୍ଣ୍ଣ ହୋଇଥିଲା ।

## ମାତୃ-ପ୍ରଧାନ ସମାଜ

ଡଃ ଦେବୀପ୍ରସାଦ ଚଟ୍ଟୋପାଧ୍ୟାୟଙ୍କ 'ଲୋକାୟତ ଦର୍ଶନରୁ' ଆମେ ଏଇ ଚିତ୍ର ପାଉଁ—ପ୍ରାଚୀନ ସମାଜ ମାନେ ଆଦିମ ଗଣସମାଜ । ସେ ସମାଜ ଆମେ ଯାହାଂକୁ ଅସଭ୍ୟ, ବର୍ବର କହୁଥାଉଁ, ତାଂକର ସମାଜ । ସେ ସମାଜର ଲୋକମାନେ ଛୋଟ ଛୋଟ ଦଳ ବାଂଧି ବାସ କରୁଥିଲେ । ଛୋଟ ବଡ଼ ଅନୁସାରେ ଦଳଗୁଡ଼ିକର ନାମ ଥିଲା ବିଭିନ୍ନ—ଗୋତ୍ର, ଜ୍ଞାତି, ଗଣସଂଘ । ମନେହୁଏ ଗଣହିଁ ହେଉଚି ମର୍ଗାନ-ବର୍ଣ୍ଣିତ phratry । ଏଇ ଦଳଗୁଡ଼ିକ ଥିଲେ ରକ୍ତଭିତ୍ତିକ, ସଂପତ୍ତି ବା ଦେଶଭିତ୍ତିକ ନଥିଲେ । ଗୋଟିଏ ଗୋଟିଏ ଦଳରେ ଲୋକସଂଖ୍ୟା ଥିଲା କମ । କାରଣ ଖାଦ୍ୟର ଥିଲା ନିତାଂତ ଅଭାବ । ସେମାନେ ଖାଦ୍ୟ ଉତ୍ପାଦନ ଜାଣିନଥିଲେ । ଖାଦ୍ୟ ସଂଗ୍ରହ କରି ହିଁ ଜୀବନଧାରଣ କରୁଥିଲେ । ବଣର ଫଳମୂଳ, ନଈର ମାଛ, ଶିକାରଲବ୍ଧ ପଶୁମାଂସ ଥିଲା ସେମାନଂକର ଖାଦ୍ୟ । ପୁରୁଷମାନେ ଯାଉଥିଲେ ଶିକାରକୁ, ସ୍ତ୍ରୀଲୋକମାନେ ରହୁଥିଲେ ଘରେ । କାଳକ୍ରମେ ଏଇ ସ୍ତ୍ରୀଲୋକମାନେହିଁ ଆବିଷ୍କାର କଲେ ପ୍ରାଥମିକ କୃଷି । ସେ ସମୟରେ ଏହା ଥିଲା ଏକ ଯୁଗାଂତକାରୀ ଆବିଷ୍କାର । କାଠ ବା ପଥରର ଖଣତି (ଖନିତ୍ର) ଓ କୋଦାଳ ଦେଇ ମାଟି କାଟି ସେମାନେ ଚାଷ କରୁଥିଲେ । ପ୍ରାଥମିକ କୃଷି ଯୁଗରେ ଶସ୍ୟ ଉତ୍ପାଦନ କାମଟି ଥିଲା ସ୍ତ୍ରୀଲୋକମାନଂକର ଏକଚାଟିଆ । ଉନ୍ନତ ପର୍ଯ୍ୟାୟର କୃଷି ଅର୍ଥାତ୍ ଲଂଗଳ ଦ୍ୱାରା ଚାଷ, ଏହା ହେଲା ତେର ପରବର୍ତ୍ତୀ ଆବିଷ୍କାର ଓ ପୁରୁଷମାନଂକର ଆବିଷ୍କାର । ପୁରୁଷମାନେ ହିଁ ଏ କାମ କରୁଥିଲେ, କାରଣ ଏଥିରେ ଅଧିକ ଶାରୀରିକ ପରିଶ୍ରମ ଦରକାର ଥିଲା । ଲୁହାର ଆବିଷ୍କାର ପୂର୍ବରୁ ଲଂଗଳ ଦ୍ୱାରା ଚାଷ କରିବା ସଂଭବ ନଥିଲା । କିଂତୁ ହଳ କର୍ଷଣ ପୂର୍ବରୁ ମଣିଷ ଆହୁରି କେତେକ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର କରିଥିଲା । ଯଥା ବନ୍ୟ ପଶୁଂକୁ ପୋଷା ମନାଇବା । ଏ ଆବିଷ୍କାରଟି ମଧ୍ୟ ଥିଲା ପୁରୁଷମାନଂକର ଏବଂ ସେଇମାନେହିଁ ପଶୁପାଳନ କରୁଥିଲେ ।

ପ୍ରାଥମିକ କୃଷିର ଅବସ୍ଥାର ଫଳରେ ମଣିଷର ଖାଦ୍ୟର ପରିମାଣ ଆଗ ତୁଳନାରେ ଅନେକ ବଢ଼ିଗଲା ସତ, କିନ୍ତୁ ଉଦ୍‌ବୃତ୍ତ କିଛି ରହୁ ନଥିଲା । ସେ ସମୟର ସମାଜ-ବିନ୍ୟାସ ଥିଲା ମାତୃପ୍ରଧାନ । ନାରୀହିଁ ଥିଲା ସମାଜର ଅଧିଷ୍ଠାତ୍ରୀ । ଉଦ୍‌ବୃତ୍ତ ହେବାକୁ ଲାଗିଲା ପଶୁପାଳନ ପରେ । ପଶୁପାଳନ ମଣିଷର ଅବସ୍ଥାରେ ଆଣିଲା ବୈଷମ୍ୟ—ଧୀରେ ଧୀରେ ଗୋଷ୍ଠୀ ମଧ୍ୟରେ ଧନୀ-ଦରିଦ୍ର, ପ୍ରଭୁ-ଦାସ ଭେଦ ଦେଖାଦେଲା । ସମାଜ ହୋଇଗଲା ଦୁଇ ବିପରୀତ ଶ୍ରେଣୀରେ ବିଭକ୍ତ । ଏଇ ଶ୍ରେଣୀ-ବିଭକ୍ତ ସମାଜରେ ପରେ ଆବିଷ୍କୃତ ହେଲା ରାଷ୍ଟ୍ର । *

ମର୍ଗାନଙ୍କ ମତରେ ପ୍ରାକ୍-ଶ୍ରେଣୀବିଭକ୍ତ ବା ଆଦିମ ସାମ୍ୟତାନ୍ତ୍ରିକ ସମାଜ ମାତ୍ରେହିଁ ମାତୃପ୍ରଧାନ ଏବଂ ପରବର୍ତ୍ତୀ ଶ୍ରେଣୀବିଭକ୍ତ ସମାଜ ମାତ୍ରେହିଁ ପିତୃପ୍ରଧାନ । ମାତୃତାନ୍ତ୍ରିକ ସମାଜରେ ଗୋତ୍ରାନ୍ତର୍ଗତ ସମସ୍ତେହିଁ ଏକ ଆଦିମାତାର ସନ୍ତାନ, ସନ୍ତାନର ପରିଚୟ ମାଆର ନାମାନୁସାରେ । ଏଇ ସମାଜରେ ବିଶେଷ କିଛି ନଥିବାରୁ ଉତ୍ତରାଧିକାରୀର ପ୍ରଶ୍ନ ଉଠୁନଥିଲା । ପିତା ସନ୍ତାନର ଜନ୍ମଦାତା ମାତ୍ର, ସେ ମାତାର ଗୋତ୍ରର କେହି ନୁହେଁ, ତାର ଗୋତ୍ର ଭିନ୍ନ । ମାତ୍ର ପିତୃପ୍ରଧାନ ସମାଜରେ ଠିକ୍ ତାର ବିପରୀତ । ପିତୃପ୍ରଧାନ ସମାଜରେ ପୁରୁଷହିଁ ହେଲା ଗୋତ୍ରର ପିତା ଏବଂ ସନ୍ତାନ ପିତାର ସଂପତ୍ତି ଓ ନାମର ଉତ୍ତରାଧିକାରୀ । ଏଇ ସମାଜରେ ମାତାର ସ୍ଥାନ ଗୌଣ ।

ମର୍ଗାନଙ୍କ ସିଦ୍ଧାନ୍ତାନୁଯାୟୀ ମଧ୍ୟବନ୍ୟ ଅବସ୍ଥାରୁ ଆରମ୍ଭ କରି ଉଚ୍ଚବନ୍ୟ, ନିମ୍ନବର୍ବର ଓ ମଧ୍ୟବର୍ବର ଅବସ୍ଥା ପର୍ଯ୍ୟନ୍ତ ହେଉଛି ମାତୃପ୍ରଧାନ ସମାଜ । ଏ ସମୟ କେତେ ଦୀର୍ଘ ? ମର୍ଗାନ କହନ୍ତି, ଯଦି ଧରିନିଆଯାଏ ଯେ ପୃଥିବୀ ପୃଷ୍ଠରେ ମଣିଷର ଆବିର୍ଭାବ ଏକଲକ୍ଷ ବର୍ଷ ଧରି ହୋଇଛି, ତେବେ ପ୍ରଥମ ଷାଠିଏ ହଜାର ବର୍ଷ ମଣିଷର ବନ୍ୟଦଶା, ପରବର୍ତ୍ତୀ କୋଡ଼ିଏ ହଜାର ବର୍ଷ ମଧ୍ୟବନ୍ୟଦଶା ପରି ପନ୍ଦର ହଜାର ବର୍ଷ ମଧ୍ୟ ଓ ଉଚ୍ଚ ବର୍ବରଦଶା ଓ ଶେଷ ପାଞ୍ଚହଜାର ବର୍ଷ ସଭ୍ୟଦଶା । ଅର୍ଥାତ୍ ପ୍ରାୟ ଅଶୀ-ପଂଚାଅଶୀ ହଜାର ବର୍ଷ ଧରି ରହିଥିଲା ମାତୃପ୍ରଧାନ ସମାଜ, ପିତୃପ୍ରଧାନ ସମାଜର ଆୟୁ ମାତ୍ର ପନ୍ଦର କୋଡ଼ିଏ ହଜାର ବର୍ଷ । *

ଭାରତବର୍ଷୀୟ ସମାଜର ବହୁଳାଂଶରେ ମାତୃପ୍ରାଧାନ୍ୟ ଦୃଷ୍ଟି ରହିଥିଲା ପ୍ରାୟ ମହାଭାରତ ଯୁଦ୍ଧର ଅନତିପୂର୍ବ କାଳ ପର୍ଯ୍ୟନ୍ତ । ମହାଭାରତୀୟ ଚରିତ୍ରମାନଙ୍କ

* "ଦିଗନ୍ତ (ନୂଆପ୍ରସ୍ଥ) – ଜାନୁଆରୀ-ଫେବୃଆରୀ, ୧୯୬୬ ସଂଖ୍ୟାରେ "ଲୋକାୟତ ଦର୍ଶନ" ପୁସ୍ତକର ସମୀକ୍ଷା ଦ୍ରଷ୍ଟବ୍ୟ ।

ମଧ୍ୟରେ ମାତୃବଂଶ-ପ୍ରଚଳିତ ସମାଜର ମୂଲ୍ୟବୋଧ ତଥା ଚଳଣି ବିଶେଷ ଭାବରେ ଦେଖାଯାଏ । ମହାଭାରତ ଯୁଦ୍ଧ ଆଜକୁ ପ୍ରାୟ ସାଢ଼େ ତିନି ହଜାର ବର୍ଷ ତଳେ, କଳିଯୁଗର ପ୍ରାକ୍‌କାଳରେ ଘଟିଥିଲା ବୋଲି ପ୍ରମାଣ ମିଳେ ।

[ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ମତରେ 'ବିଷ୍ଣୁ ପୁରାଣ'ରୁ ଯେଉଁ ଖ୍ରୀ:ପୂ: ୧୪୩୦ ମିଳେ ତାହାହିଁ ମହାଭାରତ ଯୁଦ୍ଧର ସମୟ ବୋଲି ଠିକ୍ ମନେହୁଏ । ପାଶ୍ଚାତ୍ୟ ପଣ୍ଡିତଗଣ ପ୍ରାୟ ସେଇ ମତ ପୋଷଣ କରନ୍ତି । କୋଲବ୍ରୁକ୍, ଉଇଲସନ୍, ଏଲଫିନ୍‌ଷ୍ଟୋନ୍, ଖ୍ରୀଷ୍ଟପୂର୍ବ ଚତୁର୍ଦ୍ଦଶ ଶତାବ୍ଦୀରେ କୁରୁକ୍ଷେତ୍ର ଯୁଦ୍ଧ ହୋଇଥିଲା ବୋଲି ନିର୍ଣ୍ଣୟ କରିଛନ୍ତି । ଉଇଲ୍‌ଫୋର୍ଡ଼ଙ୍କ ମତରେ ୧୩୭୦ ପୂର୍ବ-ଖ୍ରୀଷ୍ଟାବ୍ଦରେ, ପ୍ରାଟ୍‌ଙ୍କ ମତରେ ଦ୍ୱାଦଶ ଖ୍ରୀଷ୍ଟ-ପୂର୍ବ ଶତାବ୍ଦୀରେ, ବୁକାନନଙ୍କ ମତରେ ତ୍ରୟୋଦଶ ଖ୍ରୀଷ୍ଟ-ପୂର୍ବ ଶତାବ୍ଦୀରେ ଏବଂ ରମେଶଚନ୍ଦ୍ର ଦତ୍ତଙ୍କ ମତରେ ୧୨୫୦ ପୂର୍ବ-ଖ୍ରୀଷ୍ଟାବ୍ଦରେ କୁରୁପାଣ୍ଡବ ଯୁଦ୍ଧ ହୋଇଥିଲା । ଶ୍ରୀମଦ୍‌ଭାଗବତ୍, ଦ୍ୱାଦଶ ସ୍କନ୍ଦ, ଦ୍ୱିତୀୟ ଅଧ୍ୟାୟ, ୨୬ଶ ଓ ୨୮ଶ ଶ୍ଳୋକରେ ଉଲ୍ଲେଖିତ ଅଛି ଯେ ଶୁକଦେବ, ପରୀକ୍ଷିତଙ୍କୁ କହୁଛନ୍ତି,—"ତୁମ ଜନ୍ମାବଧି ନନ୍ଦର ଅଭିଷେକ କାଳ ପର୍ଯ୍ୟନ୍ତ ହେଉଛି ଏକ ସହସ୍ର ଏକ ଶତ ପଞ୍ଚଦଶ ବର୍ଷ । ("ଆରଭ୍ୟ ଭବତୋ ଜନ୍ମ ଯାବନ୍ନନ୍ଦାଭିଷେଚନମ । ଏତଦ୍ୱର୍ଷସହସ୍ରନ୍ତୁ ଶତଂ ପଞ୍ଚଦଶୋତ୍ତରମ୍ । x x") 'ବିଷ୍ଣୁପୁରାଣ,' ଚତୁର୍ଥାଂଶ, ଚତୁର୍ବିଂଶାଧ୍ୟାୟ, ୪ର୍ଥ, ୬ଷ୍ଠ, ଓ ୭ମ ଶ୍ଳୋକରେ ଏଇ ନନ୍ଦ ବିଷୟ ମଧ୍ୟ ଉଲ୍ଲେଖ କରାଯାଇଛି । 'ମହାନନ୍ଦୀର ଶୂଦ୍ରାଗର୍ଭଜାତ ଅତିଲୋଭୀ ମହାପଦ୍ମ-ନନ୍ଦନାମା ଏକ ପୁତ୍ର ଜାତ ହେବ । ଏହି ବ୍ୟକ୍ତି ଦ୍ୱିତୀୟ ପରଶୁରାମଙ୍କ ପରି ଅଖିଳ କ୍ଷତ୍ରିୟ-କୁଳର ବିନାଶ କରିବ ।...ମହାପଦ୍ମ ଏବଂ ତତ୍‌ପୁତ୍ରଗଣର ରାଜ୍ୟଭୋଗ କାଳ ଏକ ଶତ ବର୍ଷ । କୌଟିଲ୍ୟ ବ୍ରାହ୍ମଣ (ଚାଣକ୍ୟ) ନଅ ଜଣ ନନ୍ଦ-ବଂଶୀୟଙ୍କୁ ଉଚ୍ଛେଦ କରିବେ । ତତ୍ପରେ ମୌର୍ଯ୍ୟ ଶୂଦ୍ର-ରାଜଗଣ ପୃଥିବୀ ଭୋଗ କରିବେ । କୌଟିଲ୍ୟ ମୌର୍ଯ୍ୟ-ବଂଶୀୟ ଚନ୍ଦ୍ରଗୁପ୍ତଙ୍କୁ ରାଜ୍ୟରେ ଅଭିଷିକ୍ତ କରିବେ ।' ଶ୍ରୀମଦ୍ଭାଗବତ ଦ୍ୱାଦଶ 'ସ୍କନ୍ଦ' ପ୍ରଥମ ଅଧ୍ୟାୟରେ ମଧ୍ୟ ମହାନନ୍ଦୀର ପୁତ୍ର ଶୂଦ୍ରା-ଗର୍ଭଜାତ କ୍ଷତ୍ରିୟଗଣଙ୍କ ହନ୍ତା ନନ୍ଦ ନାମକ ରାଜା ଜନ୍ମିବା କଥା ଏବଂ ଚାଣକ୍ୟ ନାମକ ବ୍ରାହ୍ମଣ ତାର ଆଠ ପୁତ୍ରଙ୍କୁ ବିନାଶ କରି ମୌର୍ଯ୍ୟ-ବଂଶୀୟ ଚନ୍ଦ୍ରଗୁପ୍ତଙ୍କୁ ରାଜ୍ୟାଭିଷିକ୍ତ କରିବେ ବୋଲି ଉକ୍ତ ହୋଇଛି । ୩୨୫ ପୂର୍ବ-ଖ୍ରୀଷ୍ଟାବ୍ଦରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ମଗଧ ସିଂହାସନରେ ଅଧିଷ୍ଠିତ ହୁଅନ୍ତି । ତତ୍ପୂର୍ବେ ନନ୍ଦ-ବଂଶର ରାଜତ୍ୱ ଏକ ଶହ ବର୍ଷ । ନନ୍ଦ-ବଂଶର ପ୍ରତିଷ୍ଠାତା ନନ୍ଦ ରାଜତ୍ୱ ପାଇଥିଲେ ପରୀକ୍ଷିତ ଜନ୍ମ ହେବାର ଏକ ହଜାର ପନ୍ଦର

ବର୍ଷପରେ । ତା'ହେଲେ ପରୀକ୍ଷିତଙ୍କଠାରୁ ଆରମ୍ଭ କରି ଚନ୍ଦ୍ରଗୁପ୍ତଙ୍କ ରାଜ୍ୟପ୍ରାପ୍ତିର ବର୍ଷ ବ୍ୟବଧାନ କାଳ (୧୦୧୫+୧୦୦)=୧୧୧୫ ବର୍ଷ । ବର୍ତ୍ତମାନ କାଳର ବ୍ୟବଧାନ (୧୧୧୫+୧୦୦+୩୧୫+୧୯୭୩)=୩୫୦୩ ବର୍ଷ ('ଭାରତବର୍ଷ'— ଦୁର୍ଗାଦାସ ଲାହିଡ଼ୀ ।) ]

ମହାଭାରତରେ ବହୁ ଗଣ ଗୋତ୍ରର (matriarchal gens) ଉଲ୍ଲେଖ ଦେଖାଯାଏ । ଏହି ଗଣଗୋତ୍ରଗୁଡ଼ିକ ଗଣମାତୃକାମାନଙ୍କଠାରୁ ହିଁ ସଂଭୂତ । ଏହି ସମସ୍ତ ଗୋତ୍ରର ପ୍ରତିଷ୍ଠାତ୍ରୀ ନାରୀ, ପୁରୁଷ ନୁହେଁ । ଯଥା— ଅଦିତି, ଦିତି, ଦନୁ, ପ୍ରଧା, କୃତ୍ତିକା, ସିଂହିକା, ପୁଲୋମା ପ୍ରଭୃତି ଗଣମାତୃକାଙ୍କଠାରୁ ଯଥାକ୍ରମେ ଆଦିତ୍ୟ, ଦୈତ୍ୟ, ଦାନବ, ପ୍ରଧେୟ, କାର୍ତ୍ତିକେୟ, ସୈଂହିକେୟ, ପୌଲମେୟ ପ୍ରଭୃତି ଗଣର ସୃଷ୍ଟି । ଏଥିରୁ ତାତ୍କାଳୀନ ମାତୃପ୍ରଧାନ ସମାଜର ସ୍ପଷ୍ଟ ପରିଚୟ ମିଳେ । ଏ ବିଷୟରେ ପରବର୍ତ୍ତୀ ଅଧ୍ୟାୟରେ ବିଶଦ ଆଲୋଚନା କରାଯିବ । 'ଗଣ'ରେ ମାତା ହିଁ ଥିଲା ଅଧିଷ୍ଠାତ୍ରୀ, ଏହା ପୂର୍ବରୁ କୁହାଯାଇଛି । ମାତାର ପ୍ରଧାନ କାର୍ଯ୍ୟ ଥିଲା ଖାଦ୍ୟ ମାପି ଗଣର ଲୋକମାନଙ୍କ ମଧ୍ୟରେ ବିତରଣ କରିବା । 'ମା—ତୃ' ମା ଧାତୁରୁ ଉତ୍ପନ୍ନ, ଯାହାର ଅର୍ଥ ମାପିବା । 'ପି-ତୃ' ପା-ଧାତୁର ଉତ୍ପନ୍ନ, ଯାହାର ଅର୍ଥ ରକ୍ଷା କରିବା । ପିତା ବା ପୁରୁଷମାନେ ବହିଃଆକ୍ରମଣରୁ ଗଣକୁ ରକ୍ଷା କରୁଥିଲେ ।

ମାତୃପ୍ରାଧାନ୍ୟର କାରଣ ବିଭିନ୍ନ ସମାଜତତ୍ତ୍ୱବିତ୍‌ମାନେ ବିଭିନ୍ନ ପ୍ରକାର ଦର୍ଶାଇଛନ୍ତି । Baschhfen କହନ୍ତି, ଗୋଷ୍ଠୀ-ବିବାହ ହିଁ ମାତୃପ୍ରାଧାନ୍ୟର କାରଣ । ମର୍ଗାନ-ଏଂଗେଲସ୍ ମଧ୍ୟ ଏହି ମତ ପୋଷଣ କରନ୍ତି । ସେ ଦୁହିଙ୍କ ମତରେ, ଗୋଷ୍ଠୀ ବିବାହ—ଯେଉଁ ପ୍ରଥାରେ ଏକ ଗୋଷ୍ଠୀର ଦଳେ ପୁରୁଷ ଅନ୍ୟ ଗୋଷ୍ଠୀର ଦଳେ ସ୍ତ୍ରୀଙ୍କୁ ବିବାହ କରନ୍ତି ଏବଂ ତା'ଫଳରେ ସନ୍ତାନର ପ୍ରକୃତ ପିତା କିଏ ତାହା ଜଣା ନଗଲେ ମଧ୍ୟ ପ୍ରକୃତ ମାତା ଜଣାଯାଏ—ମାତୃବିଧିକୁ ଜନ୍ମ ଦିଏ । ବ୍ରିଫଲ୍ଟ-ଟମସନ ଙ୍କଠୁ ଭିନ୍ନ ମତ ପୋଷଣ କରନ୍ତି । ସେ ଦୁହିଙ୍କ ମତରେ ନାରୀ ଦ୍ୱାରା ପ୍ରାଥମିକ କୃଷିର ଆବିଷ୍କାର ଏବଂ ଶସ୍ୟ ଭଣ୍ଡାର ଉପରେ ତାର ଅଧିକାର ସମାଜରେ ମାତୃପ୍ରାଧାନ୍ୟର ମୂଳ କାରଣ । ଡଃ ଦେବୀପ୍ରସାଦ ଚଟ୍ଟୋପାଧ୍ୟାୟ ତାଙ୍କ "ଲୋକାୟତ ଦର୍ଶନ" ଗ୍ରନ୍ଥରେ ମର୍ଗାନ-ଏଂଗେଲସଙ୍କୁ ଗ୍ରାହ୍ୟ ବ୍ରିଫଲ୍ଟ-ଟମସନଙ୍କ ମତକୁ ହିଁ ଗ୍ରହଣ କରିଛନ୍ତି । ଆମର ମନେହୁଏ, ମର୍ଗାନ-ଏଂଗେଲେସଙ୍କ ମତ ହିଁ ସୁଦୃଢ଼ ଭୂମି ଉପରେ ପ୍ରତିଷ୍ଠିତ, କାରଣ ନାରୀଦ୍ୱାରା

ପ୍ରାଥମିକ କୃଷି ଆବିଷ୍କୃତ ହେବାର ବହୁ ପୂର୍ବରୁ ଗଣ-ସମାଜରେ ମାତୃପ୍ରାଧାନ୍ୟ ପ୍ରବର୍ତ୍ତିତ ହୋଇଥିଲା; ଏବଂ ମାର୍କ୍ସଙ୍କ ମତରେ କୃଷି ପ୍ରଚଳନର ବହୁ ପରବର୍ତ୍ତୀ ଯୁଗରେ, ଏପରିକି ଧାତୁନିର୍ମିତ କୁରାଢ଼ି, ଲଙ୍ଗଳ ଏବଂ ବ୍ରୋଞ୍ଜ ଓ ଲୁହାର ବର୍ଚ୍ଛାଫଳକ, ତୀର ପ୍ରଭୃତିର ଉଦ୍ଭାବନର ବହୁ ପରେ ପଶୁପାଳନ (domestication of animal) ଉଦ୍ଭାବିତ ହୋଇଥିଲା ।[୧] । ତେଣୁ ପଶୁଚାରଣ ଯୁଗ ପୂର୍ବରୁ ପ୍ରାଥମିକ କୃଷିକୁ ସ୍ଥାନ ଦେବାକୁ ହୁଏ ।

## ଶ୍ରେଣୀବିଭକ୍ତ ସମାଜ

କ୍ରମେ ଜନସଂଖ୍ୟା ବଢ଼ିଲା । ଚାଷଜମି ମଧ୍ୟ ଚାଷର ସୁବିଧା ପାଇଁ ଏକ ଏକ ପରିବାର ହାତରେ ରହିଯିବାକୁ ଲାଗିଲା । ଇଆଡ଼େ ପଶୁ ଓ ଦାସ ଘାଟାଘାଟି ପକ୍କା ହୋଇ ଉଠୁଛି । ସିଆଡ଼େ ପୁଣି ଢଙ୍ଗରେ ଲୁଗାବୁଣା ଆରମ୍ଭ ହୋଇଛି । ଧାତୁଜ ଦ୍ରବ୍ୟ ତରଳାଇ ନୂଆ ନୂଆ ଅସ୍ତ୍ର ଓ ଅଳଙ୍କାରମାନ ତିଆରି ହେଉଛି, ଅର୍ଥାତ୍ ଗୃହଶିଳ୍ପର ସୂତ୍ରପାତ ହୋଇଛି । ପଶୁପାଳନ, କୃଷିକର୍ମ ଓ କୁଟିରଶିଳ୍ପ ଏ ସବୁକିଛୁ ସକାଶେ ଦାସର ଉପଯୋଗିତା ବଢ଼ିଲା । ତା'ପରେ ଏଇ ସବୁ ନୂଆ ନୂଆ ଉତ୍ପାଦନ-ପ୍ରଣାଳୀକୁ କାର୍ଯ୍ୟକାରୀ କରିବା ପାଇଁ ଦରକାର ହେଲା ଶ୍ରମ-ବିଭାଗ, ଗୋଷ୍ଠୀଗତ ଅଧିକାରରେ ଆଉ ଚଳୁ ନାହିଁ । ତେଣୁ ସଂପତ୍ତି ପରିବାରଗତ ହେଲା ।

ଏଇ ପରିବାରର ଆବିର୍ଭାବ ମଣିଷର ମାନସିକ ଜୀବନରେ ଏକ ଖୁବ୍ ବଡ଼ ଘଟଣା । ଆଜି ମଧ୍ୟ ପାରିବାରିକ ସଂପର୍କ ଅପେକ୍ଷା ପବିତ୍ରତମ ସଂପର୍କର କଥା କଳ୍ପନା କରି ପାରୁଁ ନା । କିନ୍ତୁ ମୂଳତଃ ଏହାର ଆବିର୍ଭାବ ହୋଇଥିଲା ସମାଜର ଆର୍ଥିକ ପରିବର୍ତ୍ତନରେ, ଗୋଟାଏ ଆର୍ଥିକ ବିନ୍ୟାସର ତାଗିଦ୍‌ରେ । ନାରୀ ଥିଲା ସେତେବେଳ ସମାଜର, ଗୋଷ୍ଠର କର୍ତ୍ତ୍ରୀ । ଶିଶୁର ପିତୃ-ପରିଚୟ ବୋଲି ବିଶେଷ କିଛି ନ ଥିଲା । କିନ୍ତୁ ପରିବାର ସୃଷ୍ଟି ହେବା ପରେ ଶିଶୁ ପିତୃମୁଖ ଦର୍ଶନ କଲା ପ୍ରଥମ କରି, ପିତୃ-ସ୍ନେହର ସ୍ପର୍ଶ ପାଇଲା । ପିତା ମଧ୍ୟ ପ୍ରଥମ ଥର ପାଇଁ ନିଜର ସଂତାନକୁ ଚିହ୍ନି ପାରିଲା ଏବଂ ସଂତାନ ପ୍ରତି ସ୍ନେହ ମମତା ଅନୁଭବ କଲା । ନାରୀର କର୍ତ୍ତୃତ୍ୱ ଧୀରେ ଧୀରେ ଅଧୋଗମନ କରି ସେତେବେଳେ କେବଳ ଗୃହଲକ୍ଷ୍ମୀ ହେବାରେ ହିଁ ସୀମିତ ହେଲା । ନାରୀର ବର୍ତ୍ତମାନ ଏକମାତ୍ର କାମ ହେଲା

୧ । Fundamentals of Marxism—Leninism, 2nd Edition Moscow, ଦ୍ରଷ୍ଟବ୍ୟ ।

ସଂତାନ ଧାରଣ ଓ ପାଳନ । ତାର କାରଣ, ସଂପତ୍ତି ସଂଗରେ ଉତ୍ତରାଧିକାର ପ୍ରଶ୍ନ ଜଡ଼ିତ । କିଏ ପାଇବ ପିତାର ସଂପତ୍ତି ? ଏଇଠାରୁ ହିଁ 'ସତୀତ୍ୱର' ଆବଶ୍ୟକତା ଅନୁଭୂତ ହେଲା । ସଂତାନର ଦର ବଢିଲା । ପ୍ରଥମାବସ୍ଥାରେ ସଂପତ୍ତି ପରିବାରଗତ ହୋଇଥିବାରୁ ବିବାହ ମଧ୍ୟ ପରିବାରଗତ ଥିଲା । ଏବେ ମଧ୍ୟ କେଉଁଠି କେଉଁଠି ସେ ପ୍ରଥା ପ୍ରଚଳିତ ଅଛି । ମହାଭାରତରେ ଦ୍ରୌପଦୀଙ୍କର ପଂଚପାଣ୍ଡବଂଙ୍କୁ ବିବାହ ବୋଧହୁଏ ଏହାର ଏକ କ୍ଷୀଣ ଅବଶିଷ୍ଟ । ଏହାଛଡ଼ା ବହୁ ବିବାହ ଓ ବିବାହ ବିଚ୍ଛେଦ ମଧ୍ୟ ଥିଲା । ଭାରତର ବହୁ ସ୍ଥାନରେ, ମାଲବାର ପ୍ରଭୃତିରେ ମାତୃପ୍ରଧାନ ସମାଜବିଧି ଏବେ ମଧ୍ୟ ପ୍ରଚଳିତ ଅଛି ।

ଇଆଡ଼େ କୃଷି ସଂଗେ ଶିଳ୍ପ ଚାଲୁ ହେବାରୁ ଧୀରେ ଧୀରେ ଜିନିଷପତ୍ରର ବିନିମୟ ଆରଂଭ ହେଲା । ଦେଖାଦେଲା କିଣା ବିକା, ନେଣ-ଦେଣ, ଅଦଳ-ବଦଳ ଏବଂ ପଣ୍ୟର ଉଦ୍‌ଭବ । ଗୋଧନ, କାର୍ଷାପଣ ଇତ୍ୟାଦି ବିନିମୟର ମାଧ୍ୟମ ହେବାକୁ ଲାଗିଲା । *

## ରାଜା ଓ ରାଷ୍ଟ୍ର

ଏହାର ପରବର୍ତ୍ତୀ ସ୍ତରଗୁଡ଼ିକ ଏଇ କୃଷି-ସମାଜ ମଧ୍ୟରୁ ହିଁ କ୍ରମାଗତ ଫୁଟି ବାହାରିବାକୁ ଲାଗିଲା । ବହିଃଶତ୍ରୁ ହାତରୁ ଗୋଷ୍ଠୀକୁ ରକ୍ଷା କରିବା ତାଗିଦ୍‌ରେ ପରିବାର ଗୁଡ଼ିକ ଐକ୍ୟବଦ୍ଧ ହେଉଥିଲେ । ଯୁଦ୍ଧର ପ୍ରୟୋଜନରେ ସେମାନେ ଲୋଡ଼ିଲେ ନେତା, ଧର୍ମର ପ୍ରୟୋଜନରେ ଖୋଜିଲେ ପୁରୋହିତ । ଯୁଦ୍ଧଲବ୍ଧ ସାମଗ୍ରୀ, ଯଥା ଦାସ, ପଶୁ ପଣ୍ୟ ଇତ୍ୟାଦିର ବେଶୀ ଭାଗ ଯାଇପଡ଼ୁଥିଲା ଏଇ ନେତା ବା ଗୋଷ୍ଠୀପତିମାନଂକ ହାତରେ । ଫଳରେ ଧନୀ-ଗରିବ, ପ୍ରଭୁ-ଭୃତ୍ୟ ଆଦି ଶ୍ରେଣୀର ସୃଷ୍ଟି ଆପେ ଆପେ ହୋଇ ଯାଉଥିଲା । କ୍ରମେ ଗଣ-ଗୋଷ୍ଠୀ ଓ ଗଣ-ସମାଜଗୁଡ଼ିକ ନାନା ଆଭ୍ୟଂତରୀଣ ଦୁର୍ବଳତା ଏବଂ ଅଂତର୍ବିରୋଧ ଫଳରେ ଫାଟ ଧରି ଯାଉଥିଲେ, କ୍ରମେ ସେ ସବୁ ଭୁଷୁଡ଼ି ପଡ଼ି ରାଜନ୍ୟକୁଳ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ଶାସିତ ହେବାକୁ ଲାଗିଲେ । ସମାଜର ପ୍ରୟୋଜନରେ ଯେଉଁ ଚାତୁର୍ବର୍ଣ୍ଣ୍ୟ ପ୍ରକାରାଂତରରେ ସୃଷ୍ଟି ହୋଇଥିଲା ତାହା କ୍ରମେ ପାକଳ ହୋଇ ଶ୍ରମ-ବିଭାଗରେ ପରିଣତ ହେଲା । ଇଆଡ଼େ ଗଣ-ସଂଘଗୁଡ଼ିକରେ ରାଜା ବା ରାଜନ୍ୟକୁଳ ମୁଂଡ ଟେକି ଉଠିଲେ । ପରାଜିତ ବନ୍ଦୀ ଓ ଦାସମାନଂକର କାର୍ଯ୍ୟ ହେଲା ସେବା, ଆଉ ସମାଜର ଶୀର୍ଷରେ କ୍ଷାତ୍ରଶକ୍ତିର କାର୍ଯ୍ୟ ହେଲା ସେ ସବୁ ଭୋଗ କରିବା । କେଉଁଠି

* "ସଂସ୍କୃତିର ରୂପାଂତର"—ଅଧ୍ୟାପକ ଗୋପାଳ ହାଲଦାର ।

କେଉଁଠି ପୁରୋହିତତନ୍ତ୍ରଙ୍କ ସମାଜରେ ବ୍ରାହ୍ମଣ୍ୟ-ଶକ୍ତିର ସ୍ଥାନ ମଧ୍ୟ ଏଇ କ୍ଷାତ୍ରଶକ୍ତି ଦଖଲ କରି ବସୁଥିଲା । ସମସ୍ତ ପ୍ରକାର ପରିଶ୍ରମମୂଳକ କାର୍ଯ୍ୟ, ଯଥା ଖାଦ୍ୟ-ଉତ୍ପାଦନ ଇତ୍ୟାଦି ଦାସମାନଙ୍କ ଦ୍ୱାରା ହିଁ ସଂପନ୍ନ ହେଉଥିଲା, କ୍ଷତ୍ରିୟ-ମାନଙ୍କର କାମ ଥିଲା ସେ ସବୁ ଉପଭୋଗ କରିବା ଏବଂ ପରରାଜ୍ୟ ଲୁଂଠନ ଓ ଗୋଧନ ଛଡ଼ାଇ ନେବା ଇତ୍ୟାଦି । ସମାଜରେ ଦଳେ ପରିଶ୍ରମ କରିବେ ଏବଂ ଆଉ ଦଳେ ତାହିର ଫଳଭୋଗ କରିବେ, ସମାଜ ମଧ୍ୟରେ ଏପରି ଏକ ଉତ୍କଟ ବୈଷମ୍ୟ ଓ ବିରୋଧିତାର ସଂପର୍କ ସ୍ଥାୟୀ ହୋଇ ଉଠିଲା । (ଏଙ୍ଗେଲ୍ସ)

## ଦାସପ୍ରଥା

ଏଇପରି ଭାବରେ ଦାସ-ପ୍ରଥା ସମାଜରେ କାଏମ ହେଲା । ଆମ ଦେଶର ବୃନ୍ଦଆଦ ଓ ପରିଚିତ ସଭ୍ୟତା ଏଇ ଦାସମାନଙ୍କର ପରିଶ୍ରମ ଉପରେହିଁ ସେଇ ସମୟରୁ ନିର୍ମିତ ହୋଇ ଅସୁଚି ଏବଂ ତିଷ୍ଠି ରହିଛି । ଖାଲି ଆମ ଦେଶ ନୁହେଁ, ପୃଥିବୀର ସବୁ ଦେଶର ଇତିହାସରେ ଏଇପରି ଏକ ବଂଚିତ ଓ ଲୁଂଠିତ ଶ୍ରେଣୀର ଅସ୍ତିତ୍ୱ ଦେଖାଯାଏ—ଯେଉଁମାନେ ସମାଜରେ ସଂଖ୍ୟାଗରିଷ୍ଠ ଏବଂ ପ୍ରକୃତ ଉତ୍ପାଦନ ଶକ୍ତି ହେଲେହିଁ ସେମାନଙ୍କ ଆୟାସଲବ୍ଧ ସଂପଦକୁ ମୁଷ୍ଟିମେୟ ଉଦ୍‌ବୃତ୍ତଜୀବୀ ଶ୍ରେଣୀର ଲୋକ ଭୋଗଦଖଲ କରିଆଂନ୍ତି ।* ଆମ ସମୟର ଜଣେ ଶ୍ରେଷ୍ଠ ଐତିହାସିକ ଆର୍ଣୋଲ୍ଡ ଜେ, ଟୟନବି ଏହାକୁ ଲକ୍ଷ୍ୟ କରି ଲେଖିଛଂନ୍ତି:—"ପ୍ରତ୍ୟେକ ଦେଶର ସଭ୍ୟତାର ଏକ ସାଧାରଣ ଲକ୍ଷଣ ହେଉଚି ଏକ Dominant Minority ଏବଂ ଅନ୍ୟଟି Internal Proletariat ଅର୍ଥାତ୍ ଏକ କ୍ଷମତାପନ୍ନ ସଂଖ୍ୟାଲଘୁ ଶ୍ରେଣୀ ଏବଂ ଅନ୍ୟଟି ଆଭ୍ୟଂତରୀଣ ସର୍ବହରା ଶ୍ରେଣୀ ।[୧] ରବୀଂଦ୍ରନାଥଂକ ଭାଷାରେ "ମନୀଷର ସଭ୍ୟତାରେ ସବୁବେଳେ ଦଳେ ଅଖ୍ୟାତ ଲୋକ ଥାଂନ୍ତି, ଯେଉଁମାନଂକ ସଂଖ୍ୟା ବେଶୀ, ସେଇମାନେହିଁ ବାହନ; ସେମାନଂକର ମନିଷ ହେବାକୁ ସମୟ ନାହିଁ, ଦେଶର ସଂପଦର ଉଚ୍ଛିଷ୍ଟରେ ସେମାନେ ପାଳିତ.. । ସେଇମାନେ ହିଁ ସଭ୍ୟତାର ପିଲସଜ, ମୁଂଡରେ ପ୍ରଦୀପ ଧରି ଛିଡ଼ା ହୋଇ ରହଂନ୍ତି—ଉପରେ ସମସ୍ତେ ଆଲୁଅ ପାଂନ୍ତି, ସେମାନଂକ ଗୋଡ଼ ଦେଇ ତେଲ ଝରି ପଡ଼େ । .."[୨]

---

* Ibid

୧ । A Study of History—Arnold J. Toynbee.

୨ । "ରସିଆର ଚିଠି"—ରବୀଂଦ୍ରନାଥ ।

## ସାମନ୍ତ ତନ୍ତ୍ର

ଏହାପରେ ଏଇ ବୈଷମ୍ୟର ସୂତ୍ର ଧରି ଦେଖାଦିଏ ସାମନ୍ତତନ୍ତ୍ର, ସାର୍ବଭୌମ ରାଜତନ୍ତ୍ରର ଛତ୍ରଛାୟା ତଳେ । ସାମନ୍ତ-ଭୌମିକ ହୁଏ ଜମିର ମାଲିକ ଏବଂ ତା ତଳେ ଥାନ୍ତି ଅଗଣିତ କୃଷିଜୀବୀ, ଯେଉଁମାନେ ପ୍ରକୃତରେ ଜମିରୁ ଶସ୍ୟ ଉତ୍ପାଦନ କରନ୍ତି । ଏହି ସାମନ୍ତମାନଙ୍କ ଭିତରେ ପୁଣି ଶ୍ରେଣୀ ବଡ଼ ନାନା ପ୍ରକାର ସ୍ତର-ଭେଦ ରହିଛି । ସବୁରି ଉପରେ ରହିଥାନ୍ତି ରାଜା ।[1] ଜମିର ସ୍ୱତ୍ୱ ସ୍ତରେ ସ୍ତରେ ରାଜାଠାରୁ କୃଷକ ପର୍ଯ୍ୟନ୍ତ ଲମ୍ବିଯିବା, ମଝିରେ ଦଳେ ମଧ୍ୟସ୍ୱତ୍ୱାଧିକାରୀ ସାମନ୍ତଙ୍କର କାଏମୀ ସ୍ୱାର୍ଥର ବାହାନା, ଏହି ପ୍ରଥାର ଚରିତ୍ର ଓ ବିଧି । Sub-infeudation of land, ଏ-ପ୍ରଥାର ମୂଳସୂତ୍ର । ସ୍ୱାମୀ-ଧର୍ମ ( Nobless Oblige ) ହିଁ ଏଇ ଜାଗିରଦାରୀ-ପ୍ରଥାର ପ୍ରଧାନ ଆତ୍ମିକ ତତ୍ତ୍ୱ । ତା'ଛଡ଼ା ବୀରତ୍ୱର ଲଢ଼ାଇ ( gallantry ), ସ୍ତ୍ରୀଜାତି ପ୍ରତି ସମ୍ମାନ ଏବଂ ସେଥିପାଇଁ ଆତ୍ମବଳିଦାନ, (Chivalry) ଏବଂ ବୈରଦ୍ୱେଷ ମଧ୍ୟ ଏ-ଯୁଗର ଚାରିତ୍ରିକ ବୈଶିଷ୍ଟ୍ୟର ଅନ୍ତର୍ଗତ ।[1]

## ବଣିକ-ତନ୍ତ୍ର

ଆମେରିକା ଆବିଷ୍କାର ପରେ ପେରୁର ଲୁଣ୍ଠିତ ସୁନାରେ ୟୁରୋପର ବୈଶ୍ୟମାନଙ୍କର ଘର ଭରିଗଲା ପରେ ବଜାର ଫାଂପି ଉଠିଲା । ସେତେବେଳକୁ ନୂଆ ନୂଆ ଶିଳ୍ପ ଦେଖା ଦେଇଛି । ସେଇ ବୈଶ୍ୟ-ବଣିକ ଓ ମଧ୍ୟସ୍ୱତ୍ୱଭୋଗୀଙ୍କ ଦଳ ଆଉ ସାମନ୍ତ-ଭୌମିକଙ୍କୁ ମାନିବାକୁ ଚାହାନ୍ତି ନାହିଁ, କାରଣ ସେଇମାନେହିଁ ବର୍ତ୍ତମାନ ପ୍ରକୃତ ଉତ୍ପାଦନ-ଶକ୍ତି । ସେମାନେ ଥିଲେ ଭୂମ୍ୟଧିକାରୀଙ୍କ ତୁଳନାରେ ଅପେକ୍ଷାକୃତ ବଂଚିତ ଶ୍ରେଣୀ । ସେମାନେ ଚାହିଁଲେ ରାଷ୍ଟ୍ରରେ ସ୍ୱାଧିକାର ଏବଂ ସମାଜରେ ପ୍ରଚୁର ସ୍ୱାଧୀନତା । ନୂତନ ବ୍ୟବସାୟ-ବାଣିଜ୍ୟ ପାଇଁ ସାମନ୍ତତନ୍ତ୍ରର ଉଚ୍ଛେଦ ଦରକାର ହୋଇ ପଡ଼ିଲା । ନୂତନ ଉତ୍ପାଦନ-ଶକ୍ତି ପୁରାତନ ଉତ୍ପାଦନ ଶକ୍ତିକୁ—ସାମନ୍ତ-ଗୋଲାମ ସମ୍ପର୍କକୁ ଭାଂଗି ଦେବାକୁ ବସିଲା ।[2] ଏହା ଫଳରେ ଇଂଲଣ୍ଡରେ ଦେଖାଦେଲା କ୍ରମୱେଲଙ୍କ ନେତୃତ୍ୱରେ ୫୦-ବର୍ଷବ୍ୟାପୀ ବିପ୍ଳବ, ଫ୍ରାନ୍ସରେ ଫରାସୀ ବିପ୍ଳବ, ( ୧୭୮୯ ) । ସାମନ୍ତ ଯୁଗର ଅବସାନରେ ଆସିଲା

୧ । ଡଃ ଭୂପେନ୍ଦ୍ରନାଥ ଦତ୍ତ ପ୍ରଣୀତ "ସାହିତ୍ୟେ ପ୍ରଗତି" ପୁସ୍ତକ ଦ୍ରଷ୍ଟବ୍ୟ । ଡଃ ଦତ୍ତ ସ୍ୱାମୀ ବିବେକାନନ୍ଦଙ୍କର କନିଷ୍ଠ ଭ୍ରାତା ।

୨ । 'ବସ୍ତୁର ରୂପାନ୍ତର'

ବଣିକ-ମହାଜନଂକ ବୁର୍ଜୋୟା-ପୁଂଜିତଂତ୍ରର ଯୁଗ । କିଂତୁ ଏମାନେ ମଧ୍ୟ ପରଶ୍ରମଭୋଗୀ, ଶ୍ରମିକମାନଂକ ଉତ୍ପନ୍ନ ପଣ୍ୟସଂଗ୍ରହ ନେଇ ମୁନାଫା କରଂତି । ଶ୍ରମିକଂକୁ ସେମାନେ ଶ୍ରମମୂଲ୍ୟ ଫାଂକି ଦିଅଂତି । ମାର୍କସ ଦେଖାଇଲେ, ସେମାନଂକର ଏଇ ମୁନାଫାହିଁ ଶ୍ରମିକର ଉଦ୍‌ବୃତ୍ତ ଶ୍ରମ—ଯାହାର ମୂଲ୍ୟ ସେ ପାଏନା । ଏହାରି ଉପରେ ବଣିକ-ତଂତ୍ରର ସୌଧ ଓ ସଭ୍ୟତା ଗଢ଼ି ଉଠିଲା । ଏଇ ମୁନାଫାହିଁ ହେଲା ତାର ସମସ୍ତ ପ୍ରୟାସର ମୂଳକଥା । କ୍ରମେ ନିଜ ଦେଶର ବଜାର ଛଡ଼ା ଏମାନେ ପରଦେଶୀୟ ବଜାରମାନ ମଧ୍ୟ ଦଖଲ କରିବାକୁ ଚେଷ୍ଟା କରଂତି—ସାମ୍ରାଜ୍ୟ ଗଢ଼ଂତି —ବିଜିତମାନଂକ ଶିଳ୍ପ ନଷ୍ଟ କରି ନିଜ ମାଲ ଚଳାଂତି । ( ଏଇ ନ ) ଶେଷରେ ଶିଳ୍ପ-ବିପ୍ଳବ ପରବର୍ତ୍ତୀ ଯୁଗରେ ଏମାନେ ବିଦେଶକୁ ପୁଂଜି ମଧ୍ୟ ଚାଲାନ ( ରପ୍ତାନି ) କରଂତି ଏବଂ ଅନ୍ୟ ଦେଶରେ କଳକାରଖାନା ବସାଂତି, ସ୍ୱଦେଶରେ କାଂଚାମାଲର ଅଭାବ, ଏବଂ ଅତ୍ୟଧିକ ଶ୍ରମିକ-ମଜୁରି ଜନିତ ସମସ୍ୟାର ସମାଧାନ କଲେ । ଦୂର ଦେଶକୁ ଉତ୍ପନ୍ନ ଦ୍ରବ୍ୟ ପଠାଇବାର ଜାହାଜ ମାଶୁଲ ଏବଂ ଶୁଳ୍କ ଇତ୍ୟାଦିରୁ ମଧ୍ୟ ସେମାନେ ଏଇପରି ଭାବେ ରିହାତି ପାଇଅାଂତି, ଯାହା ମୁନାଫାର ଅଂକକୁ .. ଅଧିକ ସ୍ଫୀତ କରେ । ଏଇ ବଣିକ—ପୁଂଜିତଂତ୍ର ( Merchant Economy ) ପୃଥିବୀର ବଜାର ଦଖଲ କରିବାକୁ ଚାହେଁ, ଏକଚାଟିଆ ବାଣିଜ୍ୟ ଚାହେଁ । ଭାରତବର୍ଷରେ ବ୍ରିଟିଶ ଶାସନର ମୂଳପତ୍ତନ ଓ ବିସ୍ତାରର ଇତିହାସ ଏଇଆହିଁ ।

## ଶିଳ୍ପଯୁଗ

ବ୍ରିଟିଶ ବୁର୍ଜୋୟାର ସେଇ ଲୁଟି ଧନରେ ବ୍ରିଟିଶ ଶିଳ୍ପ-ବିପ୍ଳବର ସମସ୍ତ ପୁଂଜି ସଂଗୃହୀତ ହୁଏ । ପୃଥିବୀରେ ହୁଏ ଶିଳ୍ପ ଯୁଗର ମୂଳପତ୍ତନ । କାରଣ, ବିଜ୍ଞାନର କ୍ରମପ୍ରସାର୍ଯମାନ ଜ୍ଞାନ ଏପରି ବହୁ ଯଂତ୍ର ଉଦ୍ଭାବନ କରିଥିଲା, ଯେଉଁଥିରୁ ଜିନିଷ ତିଆରି ହୁଏ ଖୁବ୍ ଜଲଦି ଏବଂ ଖୁବ୍ ବେଶୀ । ନୂଆ ନୂଆ କଳ କାରଖାନା ଗଢ଼ି ଉଠିଲା । ଶିଳ୍ପୀମାନେ ପ୍ରତିଦ୍ୱଂଦ୍ୱିତାରେ ହାରିଯାଇ କଳ-ମଜଦୁର ଭାବେ କାମ କରିବାକୁ ଲାଗିଲେ । ଏହାହିଁ ହେଲା ପୁଂଜିତଂତ୍ର (Capitalism) । ଯଂତ୍ର ରହିଲା ମାଲିକ ହାତରେ, ବ୍ୟକ୍ତିଗତ; କିଂତୁ ଯଂତ୍ରଜାତ ଦ୍ରବ୍ୟ ତିଆରି ହେଲା ମଜଦୁରର ସମଷ୍ଟିଗତ ଶ୍ରମରେ (Socialised l)bour) । କିଂତୁ ମଜଦୁର ପାଏ କେବଳ ବଂଚିରହିବା ଭଳି ମଜୁରି, ବାକି ସବୁତକ ପାଏ କଳ ମାଲିକ ମୁନାଫାରୂପେ । ଏଇ ମୁନାଫାଟାହିଁ ଉଦ୍‌ବୃତ୍ତ ଶ୍ରମମୂଲ୍ୟ ( Surplus Value) ବୋଲି ମାର୍କସଂକର ସିଦ୍ଧାଂତ । ଏ ସିଦ୍ଧାଂତରେ ଆଧୁନିକ ପରିପ୍ରେକ୍ଷୀରେ କିଛି କିଛି

ପରିବର୍ତ୍ତନର ଅବକାଶ ଥିଲେ ମଧ୍ୟ ମୂଳତଃ ଏହା ଯେ ଠିକ୍, ଏହା ଆଧୁନିକ ଯୁଗରେ ବହୁ ଅର୍ଥନୀତିଜ୍ଞଙ୍କ ମତ ଦିଅନ୍ତି । ଯେତେ କଳ କାରଖାନ ବଢ଼େ, ସେତେ ମଜଦୁର ଜୁଟନ୍ତି, ସେତେ ମୁନାଫା ବଢ଼େ ଏବଂ ସେଇ ମୁନାଫା ବିନିଯୋଗକରି ପୁଣି ନୂଆ ନୂଆ କଳ କାରଖାନା ବସାଯାଏ, ନୂଆ ଯନ୍ତ୍ର ଉଦ୍ଭାବନର ତାଗିଦ୍ ବଢ଼େ । ଏଇ ନିୟମରେ ଯନ୍ତ୍ରଯୁଗର ପ୍ରାୟ ଦେଢ଼ ଶହ ବର୍ଷର ଇତିହାସ ଅତିକ୍ରମି କାରଖାନାରେ ଆସି ପହଂଚିଚି । ଦେଶର ଜନଶକ୍ତି ଏଇ ଅତିଉତ୍ପାଦନର ମୁକାବିଲା କରି ନ ପାରିଲେ କିଂବା ବଜାରରେ ମୂଲ୍ୟ କମିଗଲେ ଆରଂଭ ହୁଏ ତାଲାବଂଦ କିଂବା ମାଲିକ-ଅନୁପ୍ରାଣିତ ଧର୍ମଘଟ .. ଏକ କୃତ୍ରିମ ଅଭାବ ସୃଷ୍ଟି କରି ଉତ୍ପନ୍ନ ଦ୍ରବ୍ୟର ମୂଲ୍ୟବୃଦ୍ଧି କରିବା ପାଇଁ ଚେଷ୍ଟା । ଅନେକ ସମୟରେ ଏ ମୂଲ୍ୟରେ ସ୍ଥିରସାମ୍ୟ ରକ୍ଷା କରିବା ପାଇଁ ଉଦ୍‌ବୃତ୍ତ ମାଲକୁ ନଷ୍ଟ ମଧ୍ୟ କରି ଦିଆଯାଏ ।

ଯୁଗ ହିସାବରେ ଇତିହାସରେ ଦେଖା ଦେଇଚି କୃଷିଯୁଗ ପରେ ଶିଳ୍ପଯୁଗ । ସମାଜ ଓ ସଭ୍ୟତା ବହୁ ରୂପାଂତର ଲାଭ କରିଚି । ସମାଜ-ସଂପର୍କ ଯାଇଚି ବଦଳି । ଆଜି ମାଲିକ-ମୂଲିଆ କିଂବା ଉତ୍ପାଦକ-କ୍ରେତା ମଧ୍ୟରେ ଥିବା ପ୍ରତ୍ୟକ୍ଷ ସଂପର୍କ ବଦଳରେ ପ୍ରତିଷ୍ଠିତ ହୋଇଚି ଏକ ନୈର୍ବ୍ୟକ୍ତିକ ସଂପର୍କ । ଅଜଣା ବଜାରରେ ହିଁ ଶ୍ରମିକର ଶ୍ରମଜାତ ଦ୍ରବ୍ୟ ବିକ୍ରି ହୁଏ, ଯାହା ସହିତ କାହାରି ଖୋଲା ଖୋଲି ସଂପର୍କ ନାଇ । କୃଷି ଯୁଗର ପ୍ରାକୃତିକ ଅଂଧଶକ୍ତି ଭଳି ବର୍ତ୍ତମାନ ଯୁଗର ମଣିଷ ମନରେ ମଧ୍ୟ ଏକ ଅଂଧ ଅଦୃଷ୍ଟବାଦ ସୃଷ୍ଟି ହୋଇଚି । ଔଦ୍‌ଯୋଗିକ ବିପ୍ଳବ ମଣିଷକୁ ବୁଦ୍ଧି ବା ପ୍ରଜ୍ଞାର ପ୍ରସାର ପାଇଁ ଯେଉଁ ପରି ଅନ୍ନ କ୍ଷେତ୍ର ଯୋଗାଇଚି, ଅନ୍ୟ ଦିଗରେ ତାକୁ ଭୟ ଓ ବିଂଭ୍ରାନ୍ତିର ଶିକାର ହେବା ପାଇଁ ମଧ୍ୟ ବାଧ୍ୟ କରିଚି । ଆଜି ବ୍ୟକ୍ତିତ୍ୱର ବିଂଖଣ୍ଡନ ଯେପରି ବ୍ୟାପକ ଆକାର ଧାରଣ କରିଚି ତାହା ଏଥିପୂର୍ବରୁ କେବେ ହୋଇନଥିଲା ।

## ପୁଂଜିତଂତ୍ରର ଦାନ

ଏ ପୁଂଜିତଂତ୍ରର ବିଶେଷ କେତେଗୁଡ଼ିଏ ଦାନ ଅଛି—ଯେଉଁଥିରେ ଏହାର ବିଶେଷ ଲକ୍ଷଣ ଗୁଡ଼ିକ ପରିସ୍ଫୁଟ ।

୧ । ବ୍ୟକ୍ତିସ୍ୱାତଂତ୍ର୍ୟ : ସମାଜରେ ବ୍ୟକ୍ତି ପୂର୍ଣ୍ଣ ସ୍ୱାଧୀନତା ଚାହେଁ । ପ୍ରଥମେ ପ୍ରଥମେ ପୁଂଜିର ଦରକାର ଥିଲା ଏଥି । ପୁଂଜି ନିଜ ଗରଜରେହିଁ ଚାହେଁ ଯେ ସମାଜରେ ସମସ୍ତେ ନିଜର ଶ୍ରମଶକ୍ତି ବିକ୍ରି କରିବାର ଅଖଂଡ ସ୍ୱାଧୀନତା ପାଂନ୍ତୁ, କାରଣ

ସାମଂତ-ଭୌମିକର ଦାସ ହୋଇ ରହିଥିଲେ ଅଧିକାଂଶ ଶିଳ୍ପୀ ଓ କୃଷକମାନେ । ସାମଂତ ପ୍ରଭୁର ଅନୁମତି ନ ପାଇଲେ ସେମାନେ ଅନ୍ୟର କଳ କାରଖାନାରେ କାମ କରି ପାରୁ ନଥିଲେ । ସାମଂତଯୁଗର ଦାସମାନଂକୁ ସ୍ୱାଧୀନ ମଜଦୁରରେ ପରିଣତ କରି ନ ପାରିଲେ ପୁଂଜିଦାର ମଜଦୁର ପାଇବ ନାଇ । ଏଇ ନୀତି ଗ୍ରାହ୍ୟ କରିବା ପାଇଁ ପ୍ରତ୍ୟେକେ ନିଜର ସଂପତ୍ତିର ଅଖଂଡ ଅଧିକାରୀ ବୋଲି ସ୍ୱୀକୃତ ହୁଅଂତି । ବ୍ୟକ୍ତିସ୍ୱାତଂତ୍ର୍ୟହିଁ ହୋଇଉଠେ ପୁଂଜିଦାରର ଆର୍ଥିକ ତତ୍ତ୍ୱ । Laissez-faire ବା ବ୍ୟବସାୟ-ବାଣିଜ୍ୟାଦିରେ ଅବାଧ ସ୍ୱାଧୀନତା ଏମାନଂକର ଗୃହୀତ ନୀତି ।

୨ । ଦେଶପ୍ରେମ : ବା ପେଟ୍ରିଟିଜମ୍ ।[୧] ଦେଶପ୍ରେମ ପୁଣି ବାଣିଜ୍ୟ ପ୍ରସାର ଉପଲକ୍ଷ୍ୟରେ ପରରାଜ୍ୟଗ୍ରାସୀ ( Predatory ) ହୁଏ । ଔପନିବେଶିକ ଦେଶମାନଂକରେ ବିଦେଶୀ ପ୍ରତିଦ୍ୱଂଦ୍ୱିତା ତଥା ବିଦେଶୀ ପୁଂଜିର କର୍ତ୍ତୃତ୍ୱରୁ ନିଜକୁ ରକ୍ଷା କରିବା ଲାଗି ସ୍ୱଦେଶୀ ପୁଂଜିପତିମାନେ ସ୍ୱାଧୀନତା ସଂଗ୍ରାମକୁ ଯଥେଷ୍ଟ ପୃଷ୍ଠପୋଷକତା କରିଅଂଛି । ଭାରତବର୍ଷରେ ସ୍ୱଦେଶୀ ଆଂଦୋଳନ ଭଳି ପରଦେଶୀ ଦ୍ରବ୍ୟ-ବର୍ଜନ ଆଂଦୋଳନ ଏ ଦେଶର ପୁଂଜିପତିମାନଂକୁ ଯଥେଷ୍ଟ ସୁହାଇଥିଲା । ସେ ଯାହାହେଉ, ଦେଶପ୍ରେମର ଯେ ଗୋଟାଏ ବୈପ୍ଳବିକ ଦିଗ ଅଛି ଏଥିରେ ସଂଦେହ ନାଇ ।

୩ । ଡେମୋକ୍ରେସି ( ପ୍ରଜାତଂତ୍ର ) : 'ମଣିଷର ଅଧିକାର' ( Rights of Man ) ଦାବୀ ନେଇ ସାମଂତ ଓ ଯାଜକମାନଂକର ସୁଯୋଗ ଗୁଡ଼ିକ ବଣିକ-ଧନିକମାନେ ଉଚ୍ଛେଦ କରଂତି । ରାଷ୍ଟ୍ରଯଂତ୍ର ଚାଳନାରେ ଏମାନେ ସକ୍ରିୟ ଅଂଶ ଗ୍ରହଣ କରଂତି । ଏଇ ପ୍ରଜାତଂତ୍ର ବା ଡେମୋକ୍ରେସିର ଅର୍ଥ ରାଷ୍ଟ୍ର ଚକ୍ଷୁରେ ସମସ୍ତେ ସମାନ, କିଂତୁ ତାର ଅର୍ଥ ନୁହେଁ ଯେ ଆର୍ଥିକ ବୈଷମ୍ୟ ବିଦୂରିତ ହେବ । ବରଂ ବ୍ୟକ୍ତିଗତ ମୁନାଫା, ବ୍ୟକ୍ତିଗତ ସଂପତ୍ତି ସର୍ବସ୍ୱୀକୃତ ହେବା ଫଳରେ ଏଇ ବୈଷମ୍ୟର ବ୍ୟବଧାନ ଆହୁରି ବଢ଼ିଯିବାକୁ ଲାଗେ । ଧନିକ ଶ୍ରେଣୀ ଜନ୍ମରୁହିଁ ନିଜ ପରିବେଶ ମଧ୍ୟରେ ସମସ୍ତ ସୁଯୋଗ ସୁବିଧା ପାଇଥାଏ, ଆଉ ବଂଚିତ ଶ୍ରେଣୀ, ଦରିଦ୍ର ଶ୍ରେଣୀ ଶତ ଚେଷ୍ଟା କରି ମଧ୍ୟ ଦୁଇ ଓଳି ପେଟପୂରାଇ ମୁଠେ ଖାଇବାକୁ ପାଏ ନାଇ । ଧନିକତଂତ୍ରର ଭିତରର ଅବସ୍ଥାଟା ହେଉଚି ଏଇପରି ।

---

* "ସଂସ୍କୃତିର ରୂପାଂତର"

୧ । Ibid

ତେବେ ଏଇ ପୁଂଜିବାଦୀ ଯୁଗ ପୂର୍ବ ଯୁଗମାନଂକ ତୁଳନାରେ ଯେ ଅଧିକ ଉନ୍ନତ, ଏଥିରେ ଅବଶ୍ୟ କାହାର ସଂଦେହ ନାଇ । ତାର କାରଣ ଯେଉଁ ସବୁ ଯନ୍ତ୍ର ପୁଂଜିବାଦ ନିଜର ସୁବିଧା ପାଇଁ ଗ୍ରହଣ କରିଛି,—ପରୋପକାର ଇଚ୍ଛାରେ ନୁହେଁ, ସେଥିରେ ମଣିଷର ମନ ପ୍ରସାରିତ ହେବାକୁ ସୁବିଧା ପାଇଛି । ପୃଥିବୀ ଆଜି ବହୁତ ନିକଟତର ହୋଇ ଯାଇଛି । ଦେଶ ବିଦେଶର ମଣିଷ ପରସ୍ପରକୁ ଚିହ୍ନିବାର—ପରସ୍ପରର ସଂଗ୍ରାମ ଓ ସଂସ୍କୃତିର ରୂପ ଦେଖିବାର ଅବକାଶ ପାଇଛି । ସଂଗେ ସଂଗେ ପୁଂଜିବାଦର ଆଭ୍ୟଂତରୀଣ ସଂକଟ ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି । ବିଜ୍ଞାନର ଦ୍ରୁତ ଅଗ୍ରଗତି ଫଳରେ ନାନା ପ୍ରକାର ଧ୍ୱଂସକାରୀ ଅସ୍ତ୍ରଶସ୍ତ୍ରର ଉଦ୍‌ଭାବନ ହୋଇଛି, ଏପରିକି ଗୋଟିଏ ବୋତାମ ଟିପିଦେଲେ ସମଗ୍ର ମଣିଷ ସଭ୍ୟତା ଏକ ମିନିଟରେ ଧ୍ୱଂସ ହୋଇଯାଇ ପାରିବ । ବଡ଼ ବଡ଼ ରାଷ୍ଟ୍ରମାନଂକ ମଧ୍ୟରେ ସ୍ୱାର୍ଥର ସଂଘର୍ଷ ଓ ଭାରସାମ୍ୟ ନେଇ ଝଗଡ଼ା ଉତ୍କଟତର ହେଉଛି । ଆଜି ପୃଥିବୀ ଯେଉଁ ବୋତାମ-ଟିପା ସଭ୍ୟତାର ତୁଂଗ ଶିଖରରେ ପହଂଚିଛି ସେଥିରେ ମଣିଷ ଚଂଦ୍ର ବିଜୟର ବିଜୟ-ଉଲ୍ଲାସ ସଂଗେ ଏକ ବାରୁଦଗଦା ଉପରେ ବସିରହିଥିବା ପରି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛି ।

## ପୁଂଜିବାଦର ସଂକଟ

ପୁଂଜିବାଦ ଯେ ପରିଣତ ଅବସ୍ଥାରେ ସାମ୍ରାଜ୍ୟବାଦରେ ପରିଣତ ହେବାକୁ ବାଧ୍ୟ, ଏକଥା ଲେନିନ୍ ତାଂକ "ସାମ୍ରାଜ୍ୟବାଦ" ପୁସ୍ତିକାରେ ଦେଖାଇଥିଲେ । ନାନା ଅଂତର୍ଦ୍ୱଂଦ୍ୱ, ଯଥା ଅତିଉତ୍ପାଦନ ପ୍ରଭୃତି ସଂକଟରୁ ରକ୍ଷା ପାଇବା ପାଇଁ ଏହା ବହିର୍ଦେଶ ବଜାର ଦଖଲ କରିବାକୁ ଚେଷ୍ଟା କରେ, ଫଳରେ ଯୁଦ୍ଧ ଅବଶ୍ୟଂଭାବୀ ହୋଇଉଠେ । ନୂଆ ନୂଆ ପ୍ରକାର ଯଂତ୍ରପାତିର ଉଦ୍‌ଭାବନ, ଏବଂ ତା ଫଳରେ ବେକାର ସଂଖ୍ୟା ବୃଦ୍ଧି, ବ୍ୟବସାୟୀ ପୁଂଜିର ( finance capital ) ରପ୍ତାନି, କ୍ରମବର୍ଧମାନ ଶ୍ରେଣୀ-ସଂଗ୍ରାମ ପ୍ରଭୃତି ବହୁ ଆଭ୍ୟଂତରୀଣ ଓ ବହିରଂଗ ସଂକଟ ପୁଂଜିତଂତ୍ରକୁ ଘେରି ରହିଛି । ପ୍ରଥମତଃ ଆଂତର୍ଜାତିକ ଜଗତରେ ପୁଂଜିତଂତ୍ରୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ବଳ କଷାକଷି ଆଂତର୍ଜାତିକ ଦ୍ୱଂଦ୍ୱର ଜନ୍ମଦିଏ । ଏହାଛଡ଼ା ପୁଂଜିତଂତ୍ରୀ ଓ ସମାଜବାଦୀ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସଂଘର୍ଷ ଓ ବିବାଦ ମଧ୍ୟ ଅଧିକ ଘନୀଭୂତ ହେଉଛି ।

ପ୍ରତ୍ୟେକ ଜାତି ନିଜର ଶିଳ୍ପକୁ ଅନ୍ୟର ଶିଳ୍ପ-ଆକ୍ରମଣରୁ ବଂଚାଇବାକୁ ଚେଷ୍ଟା କରେ, ଶୁଳ୍କ-ପ୍ରାଚୀରରେ ସମଗ୍ର ଦେଶକୁ ଘେରାଇ ରଖେ । ଫଳରେ

ସମସ୍ତଂକର କୃଷି-ବାଣିଜ୍ୟ ବାଧାପାଏ । ଏହାହିଁ ଅଂତ ଜାତିକ ଯୁଦ୍ଧ ପାଇଁ ରସଦ ଯୋଗାଏ । ବର୍ତ୍ତମାନ ପରିପ୍ରେକ୍ଷୀରେ ପୁଂଜିତଂତ୍ର ନିଜକୁ ପରିବର୍ତ୍ତିତ କରି ନ ପାରିଲେ ଏହାର ଭବିଷ୍ୟତ ଘୋର ସଂକଟାପନ୍ନ ମନେହୁଏ । ବସ୍ତୁତଃ ପୃଥିବୀର ବିଭିନ୍ନ ଫଣ୍ଟରେ କେତେକ ପ୍ରଜାତଂତ୍ରୀ ରାଷ୍ଟ୍ରର ଯେପରି ଦ୍ରୁତ ପତନ ଘଟିଚି ଓ ଘଟୁଛି, ସେଥିରୁ ପୁଂଜିତଂତ୍ରର ଯଥେଷ୍ଟ ଶିକ୍ଷା କରିବାର ଅଛି ।

## ସମାଜବାଦୀ ସମାଜ

ଅନ୍ୟ ଦିଗରେ ଆମେ ଦେଖିବାକୁ ପାଉଁ ସମାଜବାଦୀ ରାଷ୍ଟ୍ରଗୁଡ଼ିକ କ୍ରମେ ଦ୍ରୁତତର ଉନ୍ନତି କରୁଛନ୍ତି । ସମାଜବାଦୀ ଦେଶରେ ଉତ୍ପାଦନ ତଥା ବିତରଣର ଉପାୟଗୁଡ଼ିକ ରାଷ୍ଟ୍ରାୟତ୍ତ । ସମାଜବାଦୀ ସମାଜ ବେକାରି, ଆର୍ଥିକ ଓ ସମାଜିକ ବୈଷମ୍ୟ ପ୍ରଭୃତିରୁ ବହୁ ପରିମାଣରେ ମୁକ୍ତ । ଏଇ ସମାଜବାଦୀ ରାଷ୍ଟ୍ରଗୁଡ଼ିକ ସୁସ୍ଥିର ପରିକଳ୍ପନା ( Plan ) ସାହାଯ୍ୟରେ ଉତ୍ପାଦନ, ବିତରଣ ନିୟଂତ୍ରଣ କରିଥାଂନ୍ତି । ବ୍ୟକ୍ତିର ସମାଜିକ ନିରାପତ୍ତା ମଧ୍ୟ ରାଷ୍ଟ୍ର ଗ୍ରହଣ କରିଥାଏ । ଫଳରେ ଜୀବନ ଏଠାରେ ଅନେକ ନିରାପଦ ଏବଂ ବିପଦ-ମୁକ୍ତ ।

ସମାଜବାଦୀ ସମାଜରେ ସଂସ୍କୃତି ଓ ସାହିତ୍ୟ ମଧ୍ୟ ରାଷ୍ଟ୍ରଦ୍ୱାରା ନିୟଂତ୍ରିତ ହେବାକୁ ବାଧ୍ୟ। ଲେଖକ ଓ ଶିଳ୍ପୀମାନଂକର ଅବାଧ ଅଭିବ୍ୟକ୍ତି ତଥା ବ୍ୟକ୍ତିମାନଙ୍କର ସ୍ୱଚ୍ଛଂଦ ପ୍ରକାଶ ଏକାୟତ୍ତ ସମାଜରେ ନାନା 'ଅଂକୁଶ' ଦ୍ୱାରା ନିୟଂତ୍ରିତ ।

ଏଇ ରାଷ୍ଟ୍ରଗୁଡ଼ିକର ଲକ୍ଷ୍ୟ "From each one according to his alibity, to each one according to his need" ଅର୍ଥାତ୍ "ଯାହାର ଯାହା ଦେବାର କ୍ଷମତା ତାହା ସେ ଦେବ ଏବଂ ବଦଳରେ ତାର ଯେତିକି ଆବଶ୍ୟକ ସେତିକି ପାଇବ ।"

ପୁଂଜିତଂତ୍ରୀ ସମାଜ ବା ତଥାକଥିତ ମୁକ୍ତ ସମାଜରେ ଲେଖକ ବା ଶିଳ୍ପୀକୁ ଅନବରତ ଆର୍ଥିକ ଅନାଟନ ଓ ଅନିଶ୍ଚିତତା ଭିତରେ ସଂଗ୍ରାମ କରିବାକୁ ପଡ଼େ, ଫଳରେ ଅଭାବ ଓ ବିପର୍ଯ୍ୟୟ ମଧ୍ୟରେ ନିଜର ବ୍ୟକ୍ତି-ସ୍ୱରୂପକୁ ଭଲ କରି ଚିହ୍ନିବାର ଅବକାଶ ତାକୁ ନ ଥିବ ମିଳେ । ତା'ଛଡ଼ା ଏଠାରେ ତାର ଅବାଧ ଆତ୍ମପ୍ରକାଶର ସ୍ୱାଧୀନତା ବା କେତେ ଟିକେ ? ତାର ଜୀବନ କାଳରେ ନାନା ପ୍ରକାର ଅଦୃଶ୍ୟ ବାଧା ବଂଧନର ନିଗଡ଼ ସୃଷ୍ଟି କରି ପ୍ରଚଳିତ ସମାଜ ତାର ଗତିପଥ

ବୋଧ ନାଶିବାକୁ ଚେଷ୍ଟା କରେ, ଯଦିଓ ତାର ମୃତ୍ୟୁ ପରେ ତାଙ୍କୁ ଏକ ଜ୍ୟୋତିର୍-ବଳୟରେ ଘେରାଇ ଦେଇ ତାଙ୍କୁ ବାସ୍ତବତାଠାରୁ ବିଚ୍ଛିନ୍ନ କରି ଦେବାକୁ ପ୍ରବଳ ଚେଷ୍ଟା କରେ । (ଲେନିନ୍) ତାର କର୍ମର ତତ୍ତ୍ୱଗୁଡ଼ିକୁ ବାଆଁଗୁନ୍ଧା କରିଦିଏ । ବିକଳ୍ପ ବ୍ୟବସ୍ଥାରେ ଅର୍ଥାତ୍ ରାଷ୍ଟ୍ରାୟତ୍ତ ସମାଜରେ ତାର ନ୍ୟୂନତମ ବୈଷୟିକ ନିରାପତ୍ତା ସୁରକ୍ଷିତ ହେଲେ ମଧ୍ୟ ତାର ଆତ୍ମିକ ସ୍ୱାଧୀନତା କେତେକାଂଶରେ ଖଣ୍ଡିତ, ଏହା ଅସ୍ୱୀକାର କରିବାର ଉପାୟ ନାହିଁ । ପୃଥିବୀର କେତେକ ରାଷ୍ଟ୍ରାୟତ୍ତ ସମାଜରେ ସେ ଦେଶର କେତେକ ଶ୍ରେଷ୍ଠ ସୃଜନଧର୍ମୀ ସାହିତ୍ୟିକଙ୍କର ଲାଞ୍ଛନା ଓ ନିଗ୍ରହ ଏବଂ ବିଡ଼ମ୍ବନା ଏ ଦିଗରେ ପ୍ରକୃଷ୍ଟ ସୂଚକ ।

ଧନତାନ୍ତ୍ରିକ ସମାଜ ସୃଜନଧର୍ମୀ ମନୁଷ୍ୟକୁ ଅନବରତ ଅଭାବ, ଅନାଟନ ମଧ୍ୟରେ ରଖି ତତ୍ତ୍ୱ ବାଢ଼ିଥାଏ ଯେ Necessity is the mother of invention—ଅର୍ଥାତ୍ ଅଭାବହିଁ ନୂତନ ଉଦ୍ଭାବନର ପ୍ରେରଣା-ଉତ୍ସ । ସମାଜବାଦୀ ସମାଜର ଧେୟ ହେଉଛି :—Security is the mother of invention—ଅର୍ଥାତ୍ ନିରାପତ୍ତା ହିଁ ନୂତନ ସୃଜନର ପ୍ରେରଣା-ଉତ୍ସ । ମଣିଷର ନ୍ୟୂନତମ ନିରାପତ୍ତା ସଂଗେ ତାର ଆତ୍ମପ୍ରକାଶର ସ୍ୱାଧୀନତା ମଧ୍ୟ ମଣିଷର ଏକ ନ୍ୟାଯ୍ୟ ଦାବୀ ଏହା ପ୍ରତ୍ୟେକ ସମାଜ ସ୍ୱୀକାର କରିବା ଉଚିତ ।

ଭବିଷ୍ୟତର ସମାଜ-ବ୍ୟବସ୍ଥାରେ ମଣିଷ ଯେ ପୂର୍ଣ୍ଣ ଆତ୍ମିକ ସ୍ୱାଧୀନତା ହାସଲ କରିବ ଏହା ସ୍ୱତଃସିଦ୍ଧ । କାରଣ ମଣିଷ ଏପରି ଏକ ପ୍ରାଣୀ ଯିଏ ପ୍ରତି ମୁହୂର୍ତ୍ତରେ ପୂର୍ଣ୍ଣତା ଆଡ଼କୁହିଁ ଅଗ୍ରସର ହେଉଛି । ତେଣୁ ତାର ଚରମ ଅଦୃଷ୍ଟରେ ବିଶ୍ୱାସ ରଖିବା ପ୍ରତ୍ୟେକ ସଚେତନ ବ୍ୟକ୍ତିର ଉଚିତ ।

## ଇତିହାସର କାଳ-ବିଭାଗ

ମଣିଷର ଜୀବନ-ସଂସ୍ଥାନର ଉପାୟ ( implements ) ଗୁଡ଼ିକ ଦେଇ ଇତିହାସକୁ ପ୍ରାଚୀନ ପ୍ରସ୍ତର ଯୁଗ, ନୂତନ ପ୍ରସ୍ତର ଯୁଗ, ପଶୁଚାରକ ଯୁଗ, ଏବଂ କୃଷି ଯୁଗ, ଶିଳ୍ପଯୁଗ ଓ ସମାଜତାନ୍ତ୍ରୀ ଯୁଗ ପ୍ରଭୃତିରେ ବିଭକ୍ତ କରାଯାଇଛି । ଏହାର ଲକ୍ଷଣମାନ ଉପରେ କୁହାଗଲା । ମର୍ଗାନ ପ୍ରଭୃତି ସମାଜବିଜ୍ଞାନୀମାନେ ମଣିଷର ଇତିହାସକୁ ବନ୍ୟଦଶା, ବର୍ବରଦଶା ଏବଂ ସଭ୍ୟଦଶା ଏଇପରି ତିନି ପର୍ଯ୍ୟାୟରେ ମଧ୍ୟ ବିଭକ୍ତ କରିଛନ୍ତି । ମର୍ଗାନଙ୍କ ମତରେ ପୃଥିବୀ ପୃଷ୍ଠରେ ମଣିଷ ଅବସ୍ଥାନର ପରିକଳ୍ପିତ ଏକ ଲକ୍ଷ ବର୍ଷ ଭିତରୁ ପ୍ରାୟ ଅଶୀ-ପଂଚାଅଶି ବର୍ଷ ଧରି ରହିଥିଲା

ମାତୃପ୍ରଧାନ ସମାଜ, ଏବଂ ଅବଶିଷ୍ଟ ପଂଦର କୋଡ଼ିଏ ହଜାର ବର୍ଷ ଧରି ରହିଛି ପିତୃପ୍ରଧାନ ସମାଜ । ଭାରତବର୍ଷରେ ବହୁଳାଂଶରେ ମାତୃ-ପ୍ରଧାନ ସମାଜର ପ୍ରଚଳନ ମହାଭାରତ ଯୁଦ୍ଧର ଅନତିପୂର୍ବ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା ବୋଲି ଆଗରୁ କୁହାଯାଇଛି । "ମହାଭାରତ"ର ଆଦିପର୍ବରେ ଉଦ୍ଦାଳକ ଋଷିଙ୍କ ପୁତ୍ର ଶ୍ୱେତକେତୁ ମାତୃବିଧି ରହିତ କରି ପିତୃବିଧି ଚଳାଇଥିଲେ ବୋଲି ପାଣ୍ଡୁ କୁନ୍ତୀଙ୍କୁ କହିଛନ୍ତି । ଏହି ଶ୍ୱେତକେତୁ ୧୦୦୦ କଳି ବର୍ଷ ବା ଖ୍ରୀଷ୍ଟପୂର୍ବ ୨୧୦୨ ବେଳକୁ ଯାହା ପାଣ୍ଡବମାନଙ୍କର ୯୦୦ ବର୍ଷ ପୂର୍ବବର୍ତ୍ତୀ, ଜୀବିତ ଥିଲେ ବୋଲି କେ. ଏଲ. ଦପ୍ତରୀ ପ୍ରମୁଖ ନିର୍ଣ୍ଣୟ କରିଛନ୍ତି । ତାହାହେଲେ ବୁଝିବାକୁ ହେବ ଯେ ଅନ୍ୟୁନ ୪୪୦୦ ବର୍ଷ ପୂର୍ବେ ଭାରତବର୍ଷରେ ମାତୃବିଧି ପ୍ରଚଳିତ ଥିଲା । ଯେଉଁ ମାତୃବିଧି ଏତେ ଦୀର୍ଘକାଳ ଆମ ଦେଶ ଓ ସମାଜରେ ପ୍ରଚଳିତ ଥିଲା ତାହାର ସ୍ମାରକ ଯେ ସାମାଜିକ ସ୍ମୃତି, ତଥା ପୁରାଣ ଓ ଅଢ଼ିକଥାରେ ସଂଚିତ ହୋଇ ରହିବ, ଏଥିରେ ସଂଦେହର କାରଣ କଣ ଅଛି ? ଆମର ଧ୍ୟାନ-ଧାରଣା ଓ ମୂଲ୍ୟବୋଧ ମଧ୍ୟରେ ମାତୃପ୍ରଧାନ ସମାଜର ନାନା ସ୍ମୃତି, ଚଳଣି ଓ ମୂଲ୍ୟବୋଧ ରୂପାଂତରର ମାଧ୍ୟମରେ ବଂଚି ରହିବାହିଁ ଏକାଂତ ସ୍ୱାଭାବିକ । ଆମର ଶିଳ୍ପ, ସଂସ୍କୃତି, କଳା ଓ ସାହିତ୍ୟରେ ଏହିଁର ପ୍ରତିଫଳନ କିପରି ଭାବରେ ହୋଇଛି ତହିଁର ସଠିକ ଅନୁଧ୍ୟାନ ନ କଲେ ସେ ସବୁର ଐତିହାସିକ ତାତ୍ପର୍ଯ୍ୟ ବୁଝିବା ସଂଭବ ନୁହେଁ ।

ମର୍ଗାନଙ୍କ ସୂତ୍ରଧରି ମାର୍କସ-ଏଂଗେଲସ୍ ମଧ୍ୟ ଓ ଉନ୍ନତ ବନ୍ୟଦଶା ଏବଂ ନିମ୍ନ, ମଧ୍ୟମ ଏବଂ ଉନ୍ନତ ବର୍ବର ଦଶା ଉପରେ ନାନା ଦିଗରୁ ବହୁ ଆଲୋକପାତ କରିଛନ୍ତି । ସେମାନେ ଦର୍ଶାଇଛନ୍ତି, ମଧ୍ୟବନ୍ୟଦଶାରେ ଅଗ୍ନିର ଆବିଷ୍କାର ଏବଂ ରଂଧନ କଳା ଏକ ଏକ ବିଶେଷ ଘଟଣା । ଏହି ସମୟରେ ନଦୀ ଏବଂ ଉପକୂଳ ପଥ ଧରି ମଣିଷ ପୃଥିବୀର ପ୍ରାୟ ସର୍ବତ୍ର ନୂତନ ଆବିଷ୍କାର ନିଶାରେ ଖେଳାଇ ହୋଇଯାଇଥିଲା ।

ଏଂଗେଲସ କହନ୍ତି, ଆଦ୍ୟ ପ୍ରସ୍ତର ଯୁଗରେ ସ୍ଥୂଳ ଓ ରୁକ୍ଷ ଅସ୍ତ୍ରଶସ୍ତ୍ରର ନିଦର୍ଶନମାନ ପୃଥିବୀର ପ୍ରାୟ ସବୁ ମହାଦେଶରେ ବିକ୍ଷିପ୍ତ ଦେଖାଯାଏ । ଏଥିରୁହିଁ ମଣିଷର ବହୁଦେଶଗମନର ସୂଚନା ମିଳେ । ନୂତନ ଅଂଚଳମାନ ଅଧିକାର କରି ଏବଂ ଘର୍ଷଣ ଦ୍ୱାରା ଅଗ୍ନି ଜାତ କରି ମଣିଷ ନୂଆ ନୂଆ ଖାଦ୍ୟ ପ୍ରସ୍ତୁତ କରି ପାରିଲା । ନାନାପ୍ରକାର ଚେରମୂଳ ବଡ଼ ବଡ଼ ଚୁଲ୍ଲୀମାନଙ୍କରେ ରଂଧା ଯାଉଥିଲା, ପ୍ରାଥମିକ ଅସ୍ତ୍ର ଗଦା ଓ ବର୍ଚ୍ଛିର ଉଦ୍ଭାବନ ପରେ ଶିକାର ମାଂସ ମଧ୍ୟ ସେଥିରେ ଯୋଗ

କରିଗଲା । କାଂଗୁ ଖାଲି ଶିକାର ଉପରେ ନିର୍ଭର କରି ମଣିଷ ଚଳିବା କଥା ଯାହା ବର୍ତ୍ତମାନଂକରେ ଲେଖାଯାଇଚି, ତାହା ସତ୍ୟ ବୋଲି ମନେ ହୁଏ ନାଇ । କାରଣ ନିୟମିତ ଶିକାର ଜୁଟିବା ଅସଂଭବ ବ୍ୟାପାର । ପରିଣାମରେ ଏକ ସମୟରେ ଖାଦ୍ୟଦ୍ରବ୍ୟର ଅଭାବ ମେଂଟାଇବା ପାଇଁ ନରମାଂସଭକ୍ଷଣ ପ୍ରଚଳିତ ହୋଇଥିବା କଥା ଜଣାଯାଏ ଏବଂ ଏହା ବହୁ ଦିନଯାଏ ଲାଗି ରହିଥିଲା । ଅଷ୍ଟ୍ରେଲିଆନ ଏବଂ ବହୁ ପଲିନେସିଆନମାନେ ଆଜି ମଧ୍ୟ ମଧ୍ୟବନ୍ୟଦଶାରେ ରହିଛଂତି ।[१]

'ଉଚ୍ଚତରବନ୍ୟଦଶା ମଧ୍ୟରେ ଧନୁ ଓ ଶରର ଉଦ୍ଭାବନ ବିଶେଷ ଉଲ୍ଲେଖ-ଯୋଗ୍ୟ କଥା । ଏହା ଫଳରେ ନିୟମିତ ଶିକାର ପାଇବା ଅଧିକ ସହଜ ହୋଇ ଉଠିଲା ।'

ଏଂଗେଲସଂକ ମତରେ ଗ୍ରୀକ୍ Genea ଏବଂ ରୋମାନ ଓ ଆମେରିକାନ ଇଂଡିଆନ ଜାତିର Gentes ପ୍ରାୟ ଅନୁରୂପ ଓ ଏକାର୍ଥବ୍ୟଂଜକ । ବରଂ ଆମେରିକାନ ଅନୁଷ୍ଠାନଟି ମୌଳିକ, ଗ୍ରୀକ୍ ଏବଂ ରୋମାନ ତାର ବହୁତ ପରେ ।[२] ପ୍ରାଚୀନ ସମାଜମାନେ ଆଦିମ ଗଣସମାଜ । ସେ ସମାଜ ପ୍ରାକ୍-ଶ୍ରେଣୀବିଭକ୍ତ ଏବଂ ସ୍ୱଭାବତ ମାତୃପ୍ରଧାନ ସମାଜ । ସେ ସମାଜ ଗଣ-ଗୋଷ୍ଠୀୟ ଏବଂ ଜ୍ଞାତିଭିତ୍ତିକ । ଏହାର ଅନ୍ୟ ନାମ ବ୍ରାତ୍ୟ ବା ଗଣ-ସଂଘ । ( ମନେହୁଏ ଯେଉଁ ହେଉଚି ମର୍ଗାନ-ବର୍ଣ୍ଣିତ Phratry । ) ସଭ୍ୟତାର ବିକାଶ ପୂର୍ବରୁ ପ୍ରତ୍ୟେକ 'ବର୍ବର' ଏଇ ଗଣ-ସମାଜରେ ବାସ କରୁଥିଲେ । ଏଂଗେଲସଂକ ମତରେ ମର୍ଗାନ ଲାଟିନ ଶବ୍ଦ gens କୁ ଗ୍ରୀକ୍ genos ର ସମାର୍ଥଜ୍ଞାପକ ଶବ୍ଦ ରୂପେ ବ୍ୟବହାର କରିଛଂତି । ଏହା ଆର୍ଯ୍ୟ 'ଗଣ' ଧାତୁରୁ ଉତ୍ପନ୍ନ । ଜର୍ମାନରେ—ଯେଉଁଠି ଆର୍ଯ୍ୟ 'G' ନିୟମାନୁସାରେ 'K' ହୁଏ, ଏହା Kan, ଯାହାର ମୂଳ ଅର୍ଥ ଜନ୍ମ କରିବା । ସଂସ୍କୃତ 'ଜନ', ଗଥିକ୍ Kuni, ପ୍ରାଚୀନ ନର୍ଡିକ୍ ଏବଂ ଆଂଗ୍ଲୋ-ସାକସନ୍ Kyn, ଏବଂ ଇଂରାଜୀ Kin, ଓ ମଧ୍ୟ-ଜର୍ମାନ ମାଳଭୂମି Kunnee, ଏ ସମସ୍ତ ଏକାର୍ଥ-ବୋଧକ । ଏହା ଜ୍ଞାତିଗୋଷ୍ଠୀ ବୁଝାଏ । ' ଲାଟିନ gens ଏବଂ ଗ୍ରୀକ୍ genos ଏହା ମଧ୍ୟ ସୂଚିତ କରେ ଯେ 'ଗଣ' ଅଂତର୍ଗତ ସମସ୍ତେ ଏକ ଗୋତ୍ରରୁ ( ଏ କ୍ଷେତ୍ରରେ ଜଣେ ସମ ପୂର୍ବପୁରୁଷଂକଠାରୁ ) ସଂଭୂତ । ..

[१] Ibid

[२] 'The Origin of the Family, Private Property and the State' F, Engles, P.24

# ଜୈନ 'ଆଗମ' ମାନଂକରେ କୁଳକାର' ତତ୍ତ୍ୱ

ଜୈନ 'ଆଗମ'ମାନଂକରେ 'କୁଳ' ଶବ୍ଦ ଠିକ୍ ଗ୍ରୀକ୍‌ମାନଂକ genea ଓ ରୋମାନମାନଂକ gentes ଅର୍ଥରେ ବ୍ୟବହୃତ ହୋଇଛି ବୋଲି ଜେ. ସି. ସିକଦାର ପ୍ରମୁଖ ଜୈନ୍ୟବିଦ୍ୟାବିଶାରଦମାନେ ପ୍ରମାଣ କରିଛଂତି । ସିକଦାରଂକ ମତରେ, ଜୈନ ଶାସ୍ତ୍ରମାନଂକରେ 'କୁଳ' ବା 'ଗଣ' ଗୁଡ଼ିକ ଟ୍ରାଇବ୍‌ର ଆଦ୍ୟ ଅନୁଷ୍ଠାନ ରୂପେ ପ୍ରତିଷ୍ଠିତ ରହିଥିଲା । ପ୍ରତ୍ୟେକ 'କୁଳ' ଜଣେ ଜଣେ ନେତା ବା 'କୁଳକାର'ଂକ ନେତୃତ୍ୱରେ ଚାଲୁଥିଲା । ଏହି 'କୁଳକାର' ପ୍ରଥା tribal ବା gentile ପ୍ରଥାର ଅନୁରୂପ ଥିଲା । ଏହି 'କୁଳକାର' (ଗୋଷ୍ଠୀପତି ବା ଗୋଷ୍ଠୀନେତା) 'କୁଳ' ଦ୍ୱାରା ମନୋନୀତ ହେଉଥିଲେ । ତାଂକର କାମଥିଲା 'କୁଳ' ଅଂତର୍ଗତ ସମସ୍ତଂକୁ ବିଭିନ୍ନ ପ୍ରକାର ଉତ୍ପାଦନ ପ୍ରଣାଳୀ ତଥା ଶିଳ୍ପ ପ୍ରଣାଳୀ ଶିକ୍ଷା ଦେବା ଏବଂ ସେଥି ନିମଂତେ ସଂଗଠିତ କରିବା । ତାଂକର ଦୋଷୀକୁ ଦଂଡ ଦେବାର କ୍ଷମତା ମଧ୍ଯ ରହିଥିଲା । 'କୁଳ' ଅଂତର୍ଗତ ଲୋକମାନେ ଯେପରି ପରସ୍ପରକୁ ଲୁଟ୍ ନ କରିବେ, ହତ୍ୟା ନ କରିବେ, ତହିଁର ପ୍ରତିକାର କରିବା ମଧ୍ଯ "କୁଳକାର'ର ଦାୟିତ୍ୱ ଥିଲା ।[1]

ଦିଂଗବର ଜୈନ ପରଂପରା ଅନୁଯାୟୀ ବିଭିନ୍ନ 'କୁଳ'ମାନଂକରେ ବିଭିନ୍ନ ସମୟରେ ୧୪ ଜଣ 'କୁଳକାର' ନିର୍ବାଚିତ ହୋଇଥିଲେ । ଯଥା :-(୧) ପ୍ରତିଶ୍ରୁତି, (୨) ସନମତି, (୩) କ୍ଷେମଂକର, (୪) କ୍ଷେମଂଧର (୫) ସୀମଂକର, (୬) ସୀମାଂଧର, (୭) ବିମଳବାହନ, (୮) ଚକ୍ଷୁଷ୍ମାନ, (୯) ଯଶବାହନ, (୧୦) ଅଭିଚଂଦ୍ର, (୧୧) ଚଂଦ୍ରାଭ, (୧୨) ମରୁଦେବ (୧୩) ପ୍ରସେନଜିତ (୧୪) ନାଭି ।[2]

ଏହି କୁଳକାରମାନେ ଯଥାକ୍ରମେ ସେମାନଂକ କୁଳକୁ ଯାହା ଯାହା ଶିକ୍ଷା ଦେଇଥିଲେ ତାହାର କ୍ରମପର୍ଯ୍ୟାୟ ଆଲୋଚନା କଲେ ଦେଖାଯାଏ ଯେ ତାହା ମାର୍କସ-ଏଂଗେଲସ୍ ବର୍ଣ୍ଣିତ ମଧ୍ଯବନ୍ୟ ଓ ଉଚ୍ଚ ବନ୍ୟ ଓ ଉଚ୍ଚ ବର୍ବର ଦଶାର

୧ । 'Jain Journal,' January 1973, 'Kulakara System of Society as Depicted in the Jain Agamas' by J. C. Sikdar

। 'Tiloyapannathi' by Dr. A. N. Upadhyaya and Dr. H. L. Jain, 1943.

ଉତ୍ପାଦନ-ପ୍ରଣାଳୀ ସଂଗରେ ପ୍ରାୟ ସମତୁଲ୍ୟ । ତ.ଛଡ଼ା ମର୍ଗାନ ଏବଂ ମାର୍କସ-ଏଂଗେଲସ ବର୍ଣ୍ଣିତ 'ଗଣ' ବା Phratry ସଂଗେ 'କୁଳ'ର ବହୁ ସାମଂଜସ୍ୟ ଏବଂ ଏକାର୍ଥତ୍ୱ ମଧ୍ୟ ଦେଖାଯାଏ ।

ଉଦାହରଣ ସ୍ୱରୂପ ପ୍ରଥମ କୁଳକାର ପ୍ରତିଶ୍ରୁତି ସୂର୍ଯ୍ୟ ଓ ଚଂଦ୍ରର ଉଦୟ ଅସ୍ତ ସଂବଂଧରେ ଏବଂ ଦିନ ରାତି ସଂବଂଧରେ ଲୋକଂକୁ ବୁଝାଇଥିଲେ । ତାହା ବୋଧହୁଏ ପ୍ରାଚୀନ ପ୍ରସ୍ତର ଯୁଗର ବା ତତ୍ପୂର୍ବର କଥା । କାରଣ ସେଥିରେ ଉତ୍ପାଦନର ଉଲ୍ଲେଖ ନାହିଁ । ଏହା ଆଦି ବନ୍ୟଦଶା ସହିତ ତୁଳନୀୟ । ଦ୍ୱିତୀୟ କୁଳକାର ସନମତି ଗ୍ରହବିଜ୍ଞାନ ବିଷୟରେ ବୁଝାଇଥିଲେ । ତୃତୀୟ କୁଳକାର 'କ୍ଷେମଂକର' ବନ୍ୟପଶୁମାନଂକୁ କିପରି ପାଳନ କରାଯିବ, ତାହା ଶିକ୍ଷା ଦେଇଥିଲେ । ଚତୁର୍ଥ କୁଳକାର କ୍ଷେମଂଧର କାଠ ଓ ପଥରରୁ କିପରି ଅସ୍ତ୍ର ତିଆରି କରାଯିବ ତାହା ଶିକ୍ଷା ଦେଇଥିଲେ । ଏଇଠାରୁ ବୋଧହୁଏ ପ୍ରସ୍ତର ଯୁଗର ଆରଂଭ ଏବଂ ଏଂଗେଲସ୍-ବର୍ଣ୍ଣିତ ବନ୍ୟଦଶାର କାଳଲକ୍ଷଣର ପ୍ରକାଶ ।

ପଂଚମ କୁଳକାର ସୀମାଂକର ବୃଦ୍ଧି ଓ ବନ୍ୟାରେ ଧ୍ୱସ୍ତ କଳ୍ପବୃକ୍ଷମାନଂକର ଅବଶିଷ୍ଟ କିପରି ଅଧିବାସୀମାନଂକ ମଧ୍ୟରେ ସୁସମ ବଂଟନ ହେବ ତହିଁର ବ୍ୟବସ୍ଥା କରିଥିଲେ ଏବଂ ଜମିର ସୀମା ନିର୍ଧାରଣ କରି ସେମାନଂକ ମଧ୍ୟରେ କଳହ ନିବାରଣ କରିଥିଲେ । ସପ୍ତମ କୁଳକାର ସୀମାଂଧର କଳ୍ପବୃକ୍ଷ ଅଭାବ ଯୋଗୁ ଖାଦ୍ୟ ଅନାଟନ ଦୂରୀକରଣାର୍ଥେ ଅଧିବାସୀମାନଂକୁ ଜମିରେ କିଛି କିଛି ବ୍ୟକ୍ତିଗତ ଅଧିକାର ଦେଇଥିଲେ ଏବଂ ସେମାନଂକୁ କଳହରୁ ନିବୃତ୍ତ କରିଥିଲେ । ଏଠାରୁ ବ୍ୟକ୍ତିଗତ ସଂପତ୍ତି ବା ସଂପତ୍ତିର ବ୍ୟକ୍ତିଗତ ମାଲିକାନା ସଂବଂଧରେ ସାକ୍ଷ୍ୟ ମିଳେ । ସପ୍ତମ କୁଳକାର ବିମଳବାହନ ଗୃହପାଳିତ ପଶୁମାନଂକୁ କିପରି କାମରେ ଲଗାଇବାକୁ ହୁଏ ସେ ବିଷୟରେ ତାଲିମ ଦେଇଥିଲେ । ଅଷ୍ଟମ କୁଳକାର ଚକ୍ଷୁଷ୍ମାନଂକ ସମୟରେ ଯମଜ ଭ୍ରାତା-ଭଗ୍ନୀ ଜାତ ହୋଇଥିଲେ ଏବଂ ସେମାନଂକ ପିତାମାତା ମୃତ୍ୟୁ ମୁହଁରୁ ରକ୍ଷା ପାଇଥିଲେ । ଏଥିରୁ ଜଣାଯାଏ ଯେ ପରିବାର ପରିଚିତ ରୂପରେ ଆତ୍ମପ୍ରକାଶ କରିଛି । ନବମ କୁଳକାର ଯଶବନ୍ତ ପିଲାଙ୍କୁ ନିଜର ବୋଲି ଭାବି ଯତ୍ନ କରିବାକୁ ଶିକ୍ଷା ଦେଇଥିଲେ । ଏଥିରୁ ଜଣାଯାଏ ଯେ ପରିବାର ଦୃଢ଼ୀଭୂତ ହୋଇଛି ଏବଂ ମାତୃବିଧି-ପ୍ରଚଳିତ ସମାଜ-ବ୍ୟବସ୍ଥା ସ୍ଥାନରେ ପିତୃବିଧିର ପ୍ରାଥମିକ ପ୍ରକାଶ ଘଟିଛି ।

ଦଶମ କୁଳକାର ଅଭିଚଂଦ୍ର ଲୋକମାନଂକୁ ନିଜନିଜ ପୁଅ ଝିଅଂକ ସଂଗେ ଖେଳିବାର ଦେଖିଥିଲେ । ସେ ପ୍ରଥମେ ନିଜ ପୁଅ ଝିଅଂକ ସଂଗେ ଚଂଦ୍ର ଆଲୁଅରେ

କ୍ରୀଡ଼ା କରୁଥିବାରୁ ଅଭିଚଂଦ୍ର ନାମରେ ଅଭିହିତ ହୋଇଥିଲେ । ଏଥିରୁ ପରିବାରରେ ପିତାର ପରିଚୟ ସୁନିର୍ଦ୍ଦିଷ୍ଟ ହେବାର ପ୍ରଥମ ପ୍ରମାଣ ମିଳେ । ମାତୃପ୍ରଧାନ ସମାଜରେ ପିତା ଥିଲା ଅଜ୍ଞାତ ଏବଂ ପରିବାର ବୋଲି କିଛି ନଥିଲା । ଏକାଦଶ କୁଳକାର ଚଂଦ୍ରାଭଂକ ସମୟରେ ସଂତାନ ସନ୍ତତିମାନଂକୁ ଅତ୍ୟଂତ ଯତ୍ନ ଓ ଆଦର ସହିତ ଲାଳନ ପାଳନ କରାଯାଉଥିଲା ।

ଦ୍ୱାଦଶ କୁଳକାର ମରୁଦେବ ଅବଶିଷ୍ଟ କଳ୍ପବୃକ୍ଷମାନଂକୁ ସମାଜର ଅଧୀନକୁ ଆଣିଥିଲେ ବା ସେଗୁଡ଼ିକର ପୂର୍ଣ୍ଣଜାତୀୟକରଣ କରିଥିଲେ । ସେ ଡଂଗା ଓ ଭେଳା ଉଦ୍ଭାବନ କରିଥିଲେ । ତ୍ରୟୋଦଶ କୁଳକାର ପ୍ରସେନଜିତ୍ ଜରାୟୁବିଦ୍ୟା ( embryology ) ଲୋକଂକୁ ଶିକ୍ଷା ଦେଇଥିଲେ । ଚତୁର୍ଦ୍ଦଶ କୁଳକାର ନାଭି ନବଜାତକମାନଂକର ନାଭିଚ୍ଛେଦନ ବିଦ୍ୟା ଶିକ୍ଷା ଦେଇଥିଲେ, ତେଣୁ ସେ 'ନାଭି' ନାମରେ ଆଖ୍ୟାତ ହେଲେ ।

ନାଭିଂକ ସମୟରେ ଅବଶିଷ୍ଟ ଥିବା କଳ୍ପବୃକ୍ଷମାନ ବୃଷ୍ଟି, ବନ୍ୟାରେ ଧ୍ୱଂସ ପାଇ ଯାଇଥିଲା । ଫଳରେ 'କୁଳ'ରେ ଉତ୍କଟ ଖାଦ୍ୟ ସଂକଟ ଦେଖାଯାଇଥିଲା । କିଂତୁ ପୃଥିବୀ ବହୁ ଶସ୍ୟ ଓ ଫଳମୂଳ ଧାରଣ କରିଥିଲା । ଲୋକେ ଏଥିରେ ଆଶ୍ଚର୍ଯ୍ୟ ହୋଇ ନାଭିଂକୁ ପଚାରିବାରେ ନାଭି କହିଥିଲେ ଯେ ଭୋଗଭୂମି ସ୍ଥାନରେ କର୍ମଭୂମିର ଜନ୍ମ ହୋଇଛି । ତେଣୁ ସେମାନଂକୁ ଏଣିକି କଠିନ ପରିଶ୍ରମ କରି ଜୀବିକା ନିର୍ବାହ ପାଇଁ ଖାଦ୍ୟ ଉତ୍ପାଦନ ଓ ସଂଗ୍ରହ କରିବାକୁ ପଡ଼ିବ :—

"Kammbhumi bhuruh samajaya etc"—Prakrit Mahapuran, S. II, 14. P. 30

ସେ ମଧ୍ୟ ଲୋକଂକୁ ବୁଝାଇଥିଲେ ଯେ କଳ୍ପବୃକ୍ଷ ଲୋପରେ କ୍ରଂଦନ କରିବା ଅନୁଚିତ । ( ପ୍ରାକୃତ ମହାପୁରାଣ, ୪. ୧୮୪. ପୃ ୬୨ ) ଏଥିରୁ ସୂଚିତ ହୁଏ ଯେ ପ୍ରଥମେ ମନୁଷ୍ୟ ପ୍ରକୃତିଦତ୍ତ ଫଳମୂଳ ଖାଇ ଜୀବିକା ନିର୍ବାହ କରୁଥିବା ଅବସ୍ଥାର ପରିବର୍ତ୍ତନ ଘଟି ପ୍ରାଥମିକ କୃଷିର ପ୍ରଚଳନ ହୋଇଛି । ସେ ଲୋକଂକୁ ବୁଝାଇଥିଲେ ଯେ ମେଘ ଏବଂ ବୃଷ୍ଟିର ଦାକ୍ଷିଣ୍ୟରୁ ପୃଥିବୀ ବହୁବିଧ ଶସ୍ୟର ଜନ୍ମଦାତ୍ରୀ ହୋଇଛି । ନାଭି ମଧ୍ୟ ଅଗ୍ନି, ରଂଧନବିଦ୍ୟା ଏବଂ ବସ୍ତ୍ରକଳା ଲୋକଂକ ମଂଗଳାର୍ଥେ ଉଦ୍ଭାବନ କରିଥିବା କଥା "ପ୍ରାକୃତ ମହାପୁରାଣ"ରେ ଉଲ୍ଲେଖ ଅଛି ।

"datta—Kanakamdana sihisamdhukkanaim payanavihanaim bhaviyam,

kappasasutta pariyaddanaim padaparimmaim daviyam."

—Prakrit Mahapurana, S. 11. 14. P. 30

କୁଳକାର ପ୍ରଥାର ପରବର୍ତ୍ତୀ ପର୍ଯ୍ୟାୟରେ ପଶୁପାଳନ, ବୃକ୍ଷରୋପଣ, ମୃତ୍ପାତ୍ର ନିର୍ମାଣ ଏବଂ ଲୁହାପଥର ତରଳେଇ ଆଦି ଘଟିଥିଲା।

କାର୍ଲ ମାର୍କସ କହନ୍ତି, କୃଷି ପ୍ରଚଳନର ବହୁ ପରବର୍ତ୍ତୀ ଯୁଗରେ, ଏବଂ ଧାତୁନିର୍ମିତ କୁରାଢ଼ି, ଲଙ୍ଗଳ, କୋଦାଳ ଏବଂ ଲୁହାର ବର୍ଚ୍ଛା ଫଳକ, ତୀର ପଥରର ଉଦ୍ଭାବନର ବହୁ ପରେ ପଶୁପାଳନ (domestication of animal) ଉଦ୍ଭାବିତ ହୋଇଥିଲା। * ଏଂଗେଲସ କହନ୍ତି, "ନିମ୍ନବର୍ବର ଅବସ୍ଥାରେ ମୃତ୍ପାତ୍ର ନିର୍ମାଣ ହୋଇଥିଲା। ବର୍ବରଦଶାର ପ୍ରଧାନ ଚରିତ୍ର ହେଲା, ପଶୁଙ୍କୁ ପୋଷା ମନାଇବା ଏବଂ ବୃକ୍ଷରୋପଣ। ଏଂଗେଲସ୍ ପୁଣି ମଧ୍ୟ କହୁଛନ୍ତି, "ପ୍ରାଚ୍ୟ ଭୂଖଣ୍ଡରେ ପଶୁଙ୍କୁ ପୋଷା ମନାଇବା ଏବଂ ପାଶ୍ଚାତ୍ୟରେ ଖାଦ୍ୟୋପଯୋଗୀ ଉଦ୍ଭିଦ ରୋପଣ ବା କୃଷି କରିବା ମଧ୍ୟବର୍ବର-ଦଶାରେ ଆରମ୍ଭ ହୋଇଥିଲା। ଉଚ୍ଚ ବର୍ବରଦଶା ଲୌହପିଣ୍ଡ ତରଳାଇବାରୁ ଆରମ୍ଭ ହୋଇଥିଲା। ଏହି ଅବସ୍ଥାରୁ ଲିପିର ପ୍ରଚଳନ ପରେ ମନୁଷ୍ୟ ସଭ୍ୟତା ଭିତରକୁ ପ୍ରବେଶ କଲେ।"

ଜୈନ "ଜମ୍ବୁଦ୍ୱୀପ ପ୍ରଜ୍ଞପ୍ତି" ସୂତ୍ରରୁ ଜଣାଯାଏ ଯେ ପଞ୍ଚମ କୁଳକାର ଋଷଭଦେବ ପ୍ରଥମେ ଖଣ୍ଡା ଉଦ୍ଭାବନ କରିଥିଲେ। ଲୌହପିଣ୍ଡକୁ ତରଳାଇ ସେ ଏହା ନିର୍ମାଣ କରିଥିଲେ ଏବଂ ପ୍ରଥମ ବର୍ଣ୍ଣମାଳା ମଧ୍ୟ ସେ ଉଦ୍ଭାବନ କରିଥିଲେ। ଅତଏବ ନାଭି ଏବଂ ତାଙ୍କ ପୁତ୍ର ଋଷଭଦେବଙ୍କ ସମୟରୁ ହିଁ ସଭ୍ୟତାର ପ୍ରବର୍ତ୍ତନ ଆରମ୍ଭ ହୋଇଥିବା ସମ୍ଭବ।

ମର୍ଗାନ-ପ୍ରବର୍ତ୍ତିତ ମନୁଷ୍ୟ ଇତିହାସର କାଳବିଭାଗ (periodisations) ଏଂଗେଲସ ନିମ୍ନଲିଖିତ ପ୍ରକାରେ କରିଛନ୍ତି :—

> " Savagery—the period in which the appropriation of natural products, ready for use, predominated: the things produced by man were in the main, instruments that facilitated this appropriation. Barbarism—the period in which knowledge of cattle breeding and land cultivation was acquired, in which methods of increasing the productivity of nature through human activity were learnt.

---

*'Fundamentals of Marxism' ଦ୍ରଷ୍ଟବ୍ୟ ଏବଂ ଏଂଗେଲସଙ୍କ ପ୍ରଣୀତ 'Origin of the Family······'ଦ୍ରଷ୍ଟବ୍ୟ।

Civilization—the period in which knowledge cf the turther working up of natural products, of industry proper and of art was acquired''*

ଅର୍ଥାତ୍ 'ବନ୍ୟଦଶାରେ ମନୁଷ୍ୟ ମୁଖ୍ୟତ ପ୍ରକୃତିଦତ୍ତ ଦ୍ରବ୍ୟଉପରେ ନିର୍ଭର କରି ଜୀବନ ନିର୍ବାହ କରୁଥିଲା । ମଣିଷ ଯାହା ତିଆରି କରିଥିଲା, ତାହା କେବଳ ସେଇ ସବୁ ପ୍ରାକୃତିକ ଦ୍ରବ୍ୟକୁ ସଂଗ୍ରହ କରିବା ପାଇଁ କିଛି କିଛି ହତିଆର ଛଡ଼ା ବେଶୀ କିଛି ନୁହେଁ । ବର୍ବର ଅବସ୍ଥା :—ଏଇ ସମୟରେ ପଶୁପାଳନ ଓ ଜମିଚାଷ ଆରମ୍ଭ ହୁଏ ଏବଂ ପ୍ରକୃତିର ଉତ୍ପାଦିକା ଶକ୍ତି ବୃଦ୍ଧିପ୍ରାପ୍ତ ହୁଏ । ମନୁଷ୍ୟ ନିଜ କର୍ମତତ୍ପରତା ବଳରେ ପ୍ରାକୃତିକ ସମ୍ପଦର ଅଭିବୃଦ୍ଧି ସାଧନକରେ । ସଭ୍ୟତା :—ଏଇ ସମୟରେ ପ୍ରକୃତିର ଉତ୍ପାଦନ ଶକ୍ତି ଆଗରୁ ଅଧିକ ବୃଦ୍ଧି ପ୍ରାପ୍ତ ହୁଏ, ଶିଳ୍ପ ଓ କଳାର ବିକାଶ ଘଟେ ।

ଜୈନ ଆଗମମାନଂକରେ ବର୍ଣ୍ଣିତ କୁଲକାରବାଦରେ ଉତ୍ପାଦନର କ୍ରମବିକାଶର ଧାରା ସ୍ପଷ୍ଟ ପ୍ରତିଫଳିତ । 'ଭୋଗଭୂମି' ପୃଥିବୀ କିପରି କ୍ରମପର୍ଯ୍ୟାୟରେ 'କର୍ମଭୂମି'ରେ ପରିଣତ ହେଲା, ଏବଂ ମଣିଷର ଜୀବନ ନିର୍ବାହରେ କେଶୀ ପ୍ରକୃତି ଉପରି ମଣିଷର ଉଦ୍ୟମରେ ଅଧିକ ଉତ୍ପାଦିକାଶକ୍ତି-ସମ୍ପନ୍ନ ହେଲା, ତାହାର କ୍ରମପରିଣାମର ସୂଚନ ସେଥିରୁ ମିଳେ ।

## ଯୁଗ-ପ୍ରକରଣ

ହିଂଦୁ ଶାସ୍ତ୍ର-ପୁରାଣମାନଂକରେ ମଧ୍ଯ ଯୁଗ-ପ୍ରକରଣର ବହୁ ଉଲ୍ଲେଖ ମିଳେ । ଆର୍ଯ୍ୟମାନେ ସମୟକୁ ଚାରି ଯୁଗରେ ବିଭକ୍ତ କରିଥିଲେ । ଯଥା କଳି, ଦ୍ୱାପର, ତ୍ରେତା, କ୍ରେତା । ଆର୍ଯ୍ୟମାନଂକର ଏଇ ଯୁଗ-ପ୍ରକରଣରୁ ମଣିଷର ଉତ୍ପାଦନ-ସମ୍ପର୍କର ବହୁ ସଙ୍କେତ ମିଳେ ।

ଋଗ୍‌ବେଦର—'ଐତରେୟ ବ୍ରାହ୍ମଣ' ଗ୍ରଂଥରେ ଏଇ ଚାରିଯୁଗର ବର୍ଣ୍ଣନା ଅଛି :

କଳି ଶାୟିତ ।
ଦ୍ୱାପର ଧୀର ମଂଥର ଗତିରେ ଚଳମାନ ।
ତ୍ରେତା ଦଂଡାୟମାନ ।
କ୍ରେତା ଭ୍ରାମ୍ୟମାଣ ।

"କଲିଃ ଶୟାନୋ ଭବତି ସଞ୍ଜିହାନସ୍ତୁ ଦ୍ୱାପରଃ ।
ଉତ୍ତିଷ୍ଠସ୍ତ୍ରେତା ଭବତି କୃତଂ ସଂପଦ୍ୟତେ ଚରନ୍ ॥"

ତ୍ରେତା ଯୁଗରେ ଆଦିମ ଶିକାରଜୀବୀ ଯାଯାବର ମଣିଷର ସୂଚନା ମିଳେ । ଶିକାରଜୀବୀ ମଣିଷ କାଠ ପଥରର ସ୍ଥୂଳ ଅସ୍ତ୍ରଶସ୍ତ୍ର ନେଇ ଏଣେତେଣେ ବୁଲୁଥିଲା । ଏଇ ଦଶାକୁ ବନ୍ୟଦଶା କୁହାଯାଏ । ଏହାପରେ ମଣିଷ ଧନୁଶର ଇତ୍ୟାଦି ଉଦ୍ଭାବନ କରେ, ଅଗ୍ନି ଆବିଷ୍କାର କରେ ଏବଂ ବନ୍ୟ ପଶୁମାନଙ୍କୁ ପୋଷାମନାଏ । ପ୍ରାଥମିକ କୃଷି ମଧ୍ୟ ଆରମ୍ଭ ହୁଏ । ଜୀବନ କିଛିଟା ସ୍ଥିର ହୁଏ—ଯଦିଚ ଖୁବ୍ ସୁସ୍ଥିର ନୁହେଁ । ତେଣୁ ତ୍ରେତାକୁ ଦଂଡାୟମାନ ଅବସ୍ଥାରେ କଳ୍ପନା କରାଯାଇଛି । ତ୍ରେତାକୁ 'ବର୍ବର' ଅବସ୍ଥା କୁହାଯାଇ ପାରେ । ତା'ପରଠାରୁ ମଣିଷର ପ୍ରଗତି ଦ୍ରୁତତର ହୁଏ । ଧାତୁ ନିର୍ମିତ ଅସ୍ତ୍ରମାନ ପ୍ରବର୍ତ୍ତିତ ହୁଏ, ଲୁହାର କୁରାଢ଼ି, ଲଂଗଳ ଇତ୍ୟାଦିର ପ୍ରଚଳନ ହୁଏ ଏବଂ କୃଷି ଉନ୍ନତତର ହୁଏ । ଜନସଂଖ୍ୟା ମଧ୍ୟ ଦ୍ରୁତ ବଢ଼ି ଗଲେ, ଫଳରେ ମଣିଷ ଦୂର ଦୂରାନ୍ତର ଯାଇ ବସତି ସ୍ଥାପନ କରିବାକୁ ବାଧ୍ୟହୁଏ । ଜୀବନ ଅନେକଟା ସୁସ୍ଥିର ହୋଇଥିଲେ ମଧ୍ୟ ପୂର୍ଣ୍ଣ ସ୍ଥିରତା ପ୍ରାପ୍ତ ହୋଇନଥାଏ । ଶେଷରେ ଯନ୍ତ୍ରପାତିର ଦ୍ରୁତ ବିକାଶ, ହସ୍ତଶିଳ୍ପର ପ୍ରସାର, ସହର, ଜନପଦ ଗ୍ରାମମାନଙ୍କର ପ୍ରଭାବ, ପୌର ସଂସ୍କୃତିର ବିକାଶ ଏବଂ ମଣିଷର ଉତ୍ପାଦନ ତଥା ସାମାଜିକ ସଂପର୍କରେ ବୈପ୍ଳବିକ ପରିବର୍ତ୍ତନ ମଧ୍ୟରେ କଳିର ଆବିର୍ଭାବ ।

ମହାଭାରତ ଶାନ୍ତି ପର୍ବରେ (୨୦୭-୩୭, ୩୮, ୩୯) ଯୁଗଯୁଗର ବର୍ଣ୍ଣନା ସଂଗେ ପ୍ରତ୍ୟେକ ଯୁଗର ବୈଶିଷ୍ଟ୍ୟ, ଚରିତ୍ର ଏବଂ ତାତ୍କାଳିକ ସମାଜ-ସଂପର୍କ ଏବଂ ଯୌନ-ସଂପର୍କ ସଂବଂଧରେ ସ୍ପଷ୍ଟ ସୂଚନାମାନ ଦିଆଯାଇଛି । ବୈଦିକ ପରଂପରା ଅନୁଯାୟୀ ଅଗ୍ନି ଆବିଷ୍କୃତ ହେବାପରେ ଏବଂ ମଣିଷ ପଶୁପାଳନ ତଥା ବସତି ସ୍ଥାପନ କଲା ପରେ ବ୍ରହ୍ମା ତାକୁ ଯଜ୍ଞ ଦାନ କରିଥିଲେ, ତ୍ରେତା ଯୁଗରେ ।

"ତ୍ରେତାଯୁଗେ ବିଧିସ୍ତୁ ଏଷ ଯଜ୍ଞାନାମ୍—ନ କୃତଯୁଗେ(ମହାଭାରତ,ଶାନ୍ତିପର୍ବ)
"ତ୍ରେତାଦୌ ଯଜ୍ଞାଃ" । ( ମହାଭାରତ, ଶାନ୍ତିପର୍ବ, ୨୨୪-୯୪ )

ଆର୍ଯ୍ୟ ମାନବ ମହାକାଳକୁ ଯୁଗ, ମନ୍ୱନ୍ତର ଇତ୍ୟାଦିରେ ବିଭକ୍ତ କରିବା ଜାଣିଥିଲା । ତାର ବିଭିନ୍ନ ମାନସ-କୃତିରେ ସେ ସବୁର ପରିଚୟ ମିଳେ ।

## ॥ ତୃତୀୟ ଅଧିକରଣ ॥

### ଗଣ-ସଂଘ

ପାଣିନି ଓ କୌଟିଲ୍ୟ କେତେକ ଗଣର ଉଲ୍ଲେଖ କରିଥିବା ଦେଖାଯାଏ । ପାଣିନି ( ଖ୍ରୀ. ପୂ: ୫୦୦ ) ଏଗୁଡ଼ିକୁ 'ଗଣ ସଂଘ' ରୂପେ ଶ୍ରେଣୀବିଭକ୍ତ କରିଛନ୍ତି । କେତେକଙ୍କୁ ସେ 'ଆୟୁଧଜୀବୀ ସଂଘ' ରୂପେ ଅଭିହିତ କରିଛନ୍ତି । ପରେ କୌଟିଲ୍ୟ ( ଖ୍ରୀ: ପୂ ୩୦୦ ) ଏମାନଙ୍କୁ 'ଶସ୍ତ୍ରୋପଜୀବୀ' ବୋଲି ନିଜ ଅର୍ଥଶାସ୍ତ୍ରରେ ଉଲ୍ଲେଖ କରିଛନ୍ତି । ଏଥିରୁ ଏହି ଗଣଗୁଡ଼ିକର ଶସ୍ତ୍ର ବ୍ୟବହାର ବୃତ୍ତି ସମ୍ବନ୍ଧରେ ସୂଚନା ମିଳେ । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ 'ବୈରାଜ୍ୟ ଗଣ'ର ଉଲ୍ଲେଖ ମିଳେ । ସେମାନଙ୍କ ସମାଜରେ 'ମୋର' ଓ 'ତୋର' ଭେଦଭାବ ନଥିଲା ।*

ଗଣଗୁଡ଼ିକ ସ୍ୱୟଂଚାଳିତ ସଶସ୍ତ୍ର ସଂଗଠନ ଥିଲା । ସମସ୍ତେ ଗଣମତ ମାନି ଚଳୁଥିଲେ ଏବଂ ସାମୂହିକ ଦାୟିତ୍ୱ ପାଳନ କରୁଥିଲେ । କେହି ଗଣ ଆଇନ ଭଙ୍ଗ କଲେ ଗଣମତଦ୍ୱାରା ଦଣ୍ଡନୀୟ ହେଉଥିଲା । ସବୁଠାରୁ ଗୁରୁତର ଅପରାଧ ଥିଲା ଗଣ-ଅନ୍ତର୍ଗତ କୌଣସି ବ୍ୟକ୍ତିକୁ ବଧ ବା ଜାତି ହତ୍ୟା । ହତ୍ୟାକାରୀକୁ ସାଧାରଣତଃ ଗଣରୁ ନିର୍ବାସିତ କରାଯାଉଥିଲା । ଗଣ କୌଣସି ଅଂଚଳର ସୀମା ଦ୍ୱାରା ନିର୍ଦ୍ଦିଷ୍ଟ ନଥିଲା । ଏହା ମୂଳତଃ ଥିଲା ଜ୍ଞାତି-ଭିତ୍ତିକ ବା ରକ୍ତସମ୍ପର୍କୀୟ ମାନଙ୍କର ଏକ ସଂଗଠନ । ମୋଟ ଉପରେ ଏହା ରାଜ୍ୟ ବା ରାଷ୍ଟ୍ର କହିଲେ ଯାହା ବୁଝାଏ, ତାହା ନଥିଲା । ରାଜା ମଧ୍ୟ ନଥିଲେ । ଗଣପତି ବା ଗଣ-ପରିଚାଳକମାନେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହେଉଥିଲେ ।

ଆହୁରି ପଛକୁ ଗଲେ ମହାଭାରତରେ ଏହି ପର୍ଯ୍ୟାୟର ଯଥେଷ୍ଟ ସୂଚନା ମିଳେ । ପିତାମହ ଭୀଷ୍ମଙ୍କୁ ଜ୍ୟେଷ୍ଠ ପାଣ୍ଡବ ରାଜପଦର ପ୍ରବର୍ତ୍ତନ ସଂବନ୍ଧରେ ପ୍ରଶ୍ନ କରିଥିଲେ :—"ଜଣେ ସାମାନ୍ୟ ମନୁଷ୍ୟ—ଯେକି ଠିକ୍ ଅନ୍ୟ ମନୁଷ୍ୟଙ୍କ ସଦୃଶ,—ଯିଏ ଅନ୍ୟମାନଙ୍କ ପରି ଚକ୍ଷୁ ଓ ହସ୍ତ ପାଇଛି ଏବଂ ମରଣଶୀଳ, ସେ

---

* ବୈରାଜ୍ୟଂ ତୁ ଜୀବତଃ ପରସ୍ୟାଚ୍ଛିଦ୍ୟ 'ନ ଏତନ୍ମମ' ଇତି ମନ୍ୟମାନଃ, କର୍ଷୟତି, ଅପବାହୟତି, ପଣ୍ୟଂ ବା କରୋତି ବିରକ୍ତଂ ବା ପରିତ୍ୟଜ୍ୟ ଅପଗଚ୍ଛତି ଇତି ।—ଅର୍ଥଶାସ୍ତ୍ର—୭-୨

କୌଟିଲ୍ୟଙ୍କ ଜନ୍ମସ୍ଥାନ 'ଚଣକ', ତେଣୁ ତାଙ୍କୁ ଚାଣକ୍ୟ କୁହାଯାଏ । ସେ କୁଟିଲ୍ୟ ଗୋତ୍ରରେ ଜନ୍ମ ହୋଇଥିବାରୁ କୌଟିଲ୍ୟ ନାମରେ ଖ୍ୟାତ । 'କୌଟିଲ୍ୟ' ଲେଖିବା ଅଶୁଦ୍ଧ । (ସମ୍ପାଦକ)

କପରି ରାଜା ହୋଇ ତାଙ୍କଠାରୁ ଅଧିକ ବୁଦ୍ଧିମାନ ଏବଂ ଶକ୍ତିଶାଳୀ ମନୁଷ୍ୟମାନଙ୍କୁ ଶାସନ କରେ ?"** ଉତ୍ତରରେ ଭୀଷ୍ମ ପିତାମହ ରାଜାମାନଙ୍କର କପରି ସୃଷ୍ଟି ହେଲା, ସେ ବିଷୟରେ ସେ ଯାହା ଜାଣିଥିଲେ ତାହା କହିଥିଲେ । ତାଙ୍କ କଥାରୁ ସ୍ପଷ୍ଟ ଜଣାଯାଏ ଯେ ଏପରି ଏକ ସମୟ ଥିଲା ଯେତେବେଳେ 'ରାଜନ' ( ଯାହାର ଅର୍ଥ ରାଜା ) ନଥିଲେ । 'ସେକାଳରେ ରାଜ୍ୟ ନଥିଲା କି ରାଜା ନଥିଲେ, ଦଣ୍ଡଦାତା ନଥିଲେ କି ଦଣ୍ଡିତ ବ୍ୟକ୍ତି ନଥିଲେ । ରାଷ୍ଟ୍ର ନଥିଲା କି ଶୋଷଣ ନଥିଲା । ସଂସାର ଧର୍ମରେ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ରକ୍ଷା କରୁଥିଲେ ।'[1]

ଗଣତନ୍ତ୍ରଙ୍କର କପରି ଅବସାନ ଘଟିଲା, ତାହା ବର୍ଣ୍ଣନା କରି ଭୀଷ୍ମଦେବ କହୁଛନ୍ତି:—"ମତଭେଦ, ଆଭ୍ୟନ୍ତରୀଣ ପ୍ରତିଦ୍ୱନ୍ଦ୍ୱିତା, ଏବଂ ସମ୍ପତ୍ତି ଲୋଭ ଯୋଗୁ ଐକ୍ୟନଷ୍ଟ ହୋଇ ଗଣଗୁଡ଼ିକ କ୍ରମେ ଲୋପ ପାଇଗଲା । 'ଗଣଗୁଡ଼ିକ ଭାଙ୍ଗିଯିବାର ବଡ଼ କାରଣ ହେଉଛି, ଶତ୍ରୁମାନଙ୍କୁ ଅର୍ଥଦାନ ଏବଂ ରକ୍ତ-ସମ୍ପର୍କକୁ ଭୁଲିଯିବା ।' ଗଣଅନ୍ତର୍ଗତ ସମସ୍ତେ 'ଜାତି ଓ ଗୋତ୍ର ଦୃଷ୍ଟିରୁ ସମାନ ଥିଲେ ଏବଂ ଏହାହିଁ ଥିଲା ସେମାନଙ୍କ ପାରସ୍ପରିକ ସମ୍ପର୍କର ମୂଳଭିତ୍ତି ।' ମହାଭାରତ ଶାନ୍ତିପର୍ବ ଦ୍ରଷ୍ଟବ୍ୟ ।

"ଦ୍ରସ୍ୟନ୍ତେ ହି ମୁହେଷ୍ଟେ ପ୍ରଜା ରାଜ୍ୟଂ ଶାସନାଃ । ୬୦-୮
ପାଲ୍ୟମାନାସ୍ତଥାନ୍ୟୋନ୍ୟମ୍ । ପରସ୍ପରମ୍ ଭକ୍ଷୟନ୍ତଃ
ପୁରା ଧିଗ୍ଦଣ୍ଡ ଏବାସୀଦ୍—ବଧଦଣ୍ଡୋଽଦ୍ୟ ବର୍ତ୍ତତେ । ୨୭୩-୧୯
ସଂହତ୍ୟା ଧର୍ମ ଚରନ୍ତାଂ ପୁରାସୀନ୍ତ୍ ସୁଖମେବ ତତ୍
ତେଷାଂ ନାସୀଦ୍ଧ୍ୟାନତଷ୍ୟଂ ପ୍ରାସ୍ତୃତିଂ କଥଂଚନ । ଶାନ୍ତ,
୨୭୬-୧୨
ଜାତ୍ୟା ଚ ସଦୃଶାଃ ସର୍ବେ କୁଲେନ ସଦୃଶାସ୍ତଥା । ଶାନ୍ତ, ୧୦୭-୩୧

ରାଜାହୀନ ରାଷ୍ଟ୍ରକୁ 'ଅରାଜକ' କୁହାଯାଉଥିଲା । ଏଥିରେ କାହାର ସମ୍ପତ୍ତି ଉପରେ ଅଧିକାର ନଥିଲା ବୋଲି କୁହାଯାଇଛି । "ନ ହି ବତ୍ତେଷୁ ଦ୍ରବ୍ୟଂ

---

**ସମାନ ଜନ୍ମମରଣଃ ସମଃ ସର୍ବୈର୍ଗୁଣୈର୍ନୃଣାମ୍
ବିଶିଷ୍ଟ ବୁଦ୍ଧିନ୍ ଶୂରାଂଶ୍ଚ କଥମେକୋଽଧିତିଷ୍ଠତି ॥
ମହାଭାରତ : ଶାନ୍ତିପର୍ବ-୫୮-୮

୧ । ନୈବ ରାଜ୍ୟଂ ନ ରାଜାସୀନ୍ନ ଦଣ୍ଡୋ ନ ଚ ଦାଣ୍ଡିକଃ
ଧର୍ମେଣୈବ ପ୍ରଜାଃ ସର୍ବା ରକ୍ଷନ୍ତି ସ୍ମ ପରସ୍ପରମ୍ । ଶାନ୍ତିପର୍ବ—୫୮—୧୪

କସ୍ୟଶ୍ଚିଦ୍‌ବିଦା । ( ଶ°ଡ—୪୭-୩୬ ) । ମହାଭାରତରେ ଦେଖୁଁ 'ଅଗ୍ରଜକ' ନାମକ ଏକ ଗଣସଂଘର ଲୋକମାନେ ପରସ୍ପରକୁ ଧ୍ୱଂସ କରି କ୍ଷୟ ହୋଇ ଯାଇଥିଲେ । ଶେଷରେ ସେମାନେ ପିତାମହ ବ୍ରହ୍ମାଂକର ଉପଦେଶ ଲୋଡ଼ିଲେ । ବ୍ରହ୍ମା ତାଂକୁ ଏକ ରାଜା ନିର୍ବାଚନ କରିବାକୁ ଉପଦେଶ ଦେଲେ ।

## ଗଣସଂଘ ଓ ଗଣ-ଗୋଷ୍ଠର ସ୍ୱରୂପ

ଗଣସଂଘ ବା ଗଣଗୋତ୍ରଗୁଡ଼ିକର ସ୍ୱରୂପ କ'ଣ ଥିଲା ଏବଂ ସେଥିରେ ସାମାଜିକ ଚେତନା ଏବଂ ସେଥିରୁ ସଂଭୂତ ମୂଲ୍ୟବୋଧ କିପରି ଥିଲା, ସେ ବିଷୟରେ ଏସ. ଏ. ଡାଂଗେ ତାଂକ ପ୍ରଣୀତ "India—From Primitive Communism to Slavery' ପୁସ୍ତକରେ ବିଶେଷ ଆଲୋଚନା କରିଛଂତି । ଅଥର୍ବ ବେଦରେ ଗଣ-ସଂଘର ମୂଳତତ୍ତ୍ୱ ଆଦିମ ସାମ୍ୟବାଦ ସଂବଂଧରେ ସୂଚନା ମିଳେ ।

> "ଜ୍ୟାୟସ୍ୱନ୍ତଶ୍ଚିତ୍ତିନୋ ମାବି ଯୌଷ୍ଟ ସଂରାଧୟନ୍ତଃ ସଧୁରାଶ୍ଚରନ୍ତଃ
> ଅନ୍ୟୋଅନ୍ୟସ୍ମୈ ବଲ୍‌ଗୁ ବଦଂତ ଏତ ସଧ୍ରୀଚୀନାନ୍ୱଃ ସଂମନସସ୍କୃଣୋମି ।
> ସମାନୀ ପ୍ରପା ସହବୋଽନ୍ନଭାଗଃ ସମାନେ ଯୋକ୍ତ୍ରେ ସହବୋ ଯୁନଜ୍ମି ।
> (ଅଥର୍ବ—୩-୩୦-୫-୬ )

ଏହାର ବ୍ଲୁମଫିଲ୍‌ଡ୍ କୃତ ଇଂରାଜି ଅନୁବାଦ:—

> "...Do ye come here co-operating, going along the same wagon pole, speakings agreeably to one another ! ..... Identical shall be your drink, in common shall be your sha e of food. I yoke you together in the same traces..."

( 'ତୁମେ ସମସ୍ତେ ସହଯୋଗ ସୂତ୍ରରେ ଏଠାକୁ ଆଗମନ କର ଏବଂ ସମାନ ଲକ୍ଷ୍ୟ ନେଇ ଯାଅ । ତୁମେ ସମାନ ପାନୀୟ ( ସୁରା ) ଗ୍ରହଣ କର ଏବଂ, ଏକତ୍ର ସମାନ ଅନ୍ନଭାଗ ନିଅ । ମୁଁ ତୁମକୁ ଏକତ୍ର-ସୂତ୍ରରେ ବଂଧନ କରୁଛି' । )

ଏଠାରେ ଭୋଜନ ( common meals ) ସାମାଜିକ ପଂକ୍ତିଭୋଜନ ବା ବଣଭୋଜି ନୁହେ । ଏହାହିଁ ଥିଲା ଗଣଜୀବନର ଅଂଶ । ଶ୍ରୀ ଡାଂଗେଂକ ମତରେ ବୈଦିକ ଯଜ୍ଞ-ସମାଜର ଆଦର୍ଶରେ 'ସନ୍ତ୍ରଯଜ୍ଞ' ସମୂହିକ ଉତ୍ପାଦନକୁହିଁ ବୁଝାଏ । ଏଠାରେ ସାମାଜିକ ଶ୍ରମର ପ୍ରତୀକ-ରୂପ ଯଜ୍ଞ—ଯଜ୍ଞଫଳ ସାମୂହିକ ଭାବରେ ଏବଂ ସମାନ ଭାବରେ ସମସ୍ତଂକ ମଧ୍ୟରେ ବିତରିତ ହେଉଥିଲା—ଯାହା 'ସମାଶ୍ୟ' ନିଧିରୁ ସ୍ପଷ୍ଟ ଜଣାପଡ଼େ, ଯଦିଚ ଯଜ୍ଞ ପରବର୍ତ୍ତୀ ଯୁଗରେ ବ୍ୟକ୍ତିଗତ ଅନୁଷ୍ଠାନରେ ପରିଣତ ହୁଏ—ଏବଂ ବ୍ୟକ୍ତିବିଶେଷ 'ଯଜମାନ' ହୁଅଂତି । ସତ୍ର ଯଜ୍ଞରେ କେବଳ

ସମଗୋତ୍ରୀୟ ବା ସମାନ ରକ୍ତ-ସଂପର୍କ ଥିବା ବ୍ୟକ୍ତିମାନେହିଁ ଅଂଶଗ୍ରହଣ କରିଥାନ୍ତି । ଏଇ ସତ୍ର-ଯଜ୍ଞରେ ତାଙ୍କମାନଙ୍କ ଗଣଯୀବନର ଦୈନନ୍ଦିନ ଶ୍ରମ-ବ୍ୟବସ୍ଥା ପ୍ରତିଫଳିତ ।

## ଯଜ୍ଞର ସାମୂହିକ ରୂପ

ଏଇ ଯଜ୍ଞର ପ୍ରଧାନ ଅଂଗ ଅଗ୍ନିହୋତ୍ର, ସୋମଯାଗ, ଏବଂ ଷଡ଼ାଂଗ କ୍ରତୁ ଓ ଦେବସତ୍ର । ଅଗ୍ନି ହିଁ ଥିଲା ସମାଜର ପ୍ରଧାନ ସହାୟକ, କେବଳ ଖାଦ୍ୟ ପାଇଁ ନୁହେଁ, ଉତ୍ପାଦନ ପାଇଁ ମଧ୍ୟ । ତେଣୁ ଅଗ୍ନି ନିମନ୍ତେ ସମିଧ ଓ ଘୃତାଦି ସଂଗ୍ରହ ଥିଲା ଏକ ବଡ଼କାମ । କୋଠ ଭଣ୍ଡାରରେ ଜାଳେଣି କାଠ ଓ ଘିଅ ରଖା ଯାଉଥିଲା । ଖାଦ୍ୟ ଉପକରଣ ଯଥା ଶସ୍ୟ ଆଦି ଖାଦ୍ୟର ସାମୂହିକ ବିତରଣ ପାଇଁ ରଖାଯାଉଥିଲା । ହୋତ୍ର ନାମ ଥିଲା ଭୋଜନ—ଏହାହିଁ ଥିଲା ( Community kitchen ) । ଏହାହିଁ ଅଗ୍ନିହୋତ୍ର । ତା'ପରେ କୋଠ ସୁରାଭାଟି ବା ସୋମରସ ପ୍ରସ୍ତୁତ କରିବା ପାଇଁ ଉପକରଣ ସଂଗ୍ରହ ବା ସୋମଯାଗ । 'ହୋତା'ଙ୍କର କାମଥିଲା ପ୍ରତିଦିନ ଦେବତା (ଗୋଷ୍ଠୀପତି) ଓ ଲୋକମାନଙ୍କୁ ଡାକି ସମବେତ କରିବା । ତା'ପରେ କାମ ବଂଟନ କରାଯାଉଥିଲା । 'ଦୁହିତା' ଗାଈ ଦୁହିଁ ଥିଲା, ନାରୀମାନେ ଶସ୍ୟ ପେଷୁଥିଲେ । 'ଦୁହିବା'ରୁହିଁ 'ଦୁହିତା'ର ଉତ୍ପତ୍ତି । ଯଜ୍ଞ ଭାଗର ଅଗ୍ରଭାଗ ପ୍ରଥମେ ଦେବଗଣଙ୍କୁ ଦିଆ ଯାଉଥିଲା । ଅଂଗିରମ ଯେ ଅଗ୍ନି ଆବିଷ୍କାର କରିଥିଲେ ଏକଥା ଋଗ୍‌ବେଦରେ ବହୁ ସ୍ଥଳରେ ଉଲ୍ଲିଖିତ ଅଛି । ଅଗ୍ନିର ଅନ୍ୟନାମ ବିଶପତି ବା ବସତି [Settlement] ଅଧିଷ୍ଠାତା ଦେବତା । ଅଗ୍ନିଙ୍କ ଛଡା ଇନ୍ଦ୍ର, ବରୁଣ ପ୍ରଭୃତି ମଧ୍ୟ ଦେବତା ବା ସମାଜପତି ରୂପେ ଗଣ୍ୟ ହେଉଥିଲେ । ବସୁ, ରୁଦ୍ର, ଏବଂ ଆଦିତ୍ୟ ଏଇ ତିନି ଦେବଗଣ ପ୍ରଜାପତିଙ୍କ ଦ୍ୱାରା ସୃଷ୍ଟ ହୋଇଥିଲେ ବୋଲି ଅନୁମାନ କରାଯାଏ । ଦେବଗଣଙ୍କ ପରେ 'ପିତରଃ' ବା ପିତୃମାନେ ମଧ୍ୟ ସେମାନଙ୍କର ଭାଗ (ହବି) ପାଉଥିଲେ । ଏବଂ ଯାହା 'ଉଚ୍ଛିଷ୍ଟ' ରହୁଥିଲା ତାହା ଗଣର ସମସ୍ତେ ସମାନ ଭାବରେ ଭୋଜନ କରୁଥିଲେ ।*

'ଗଣ' ଏବଂ 'ଯଜ୍ଞ' ଉଭୟ ଶବ୍ଦ ମୂଳ ଧାତୁ 'ଜନ୍'ରୁ ଉତ୍ପନ୍ନ—ଯାହାର ଅର୍ଥ ପ୍ରଜନନ ବା ଉତ୍ପାଦନ କରିବା । ଏଂଗେଲସ୍ ଦେଖାଇଛନ୍ତି, ଗ୍ରୀକ-ଲାଟିନ୍ ଲ୍ୟାଟିନ୍ gens ଏବଂ ଗ୍ରୀକ୍ genors ଏବଂ ସଂସ୍କୃତ 'jan' ଧାତୁରୁ ଉଦ୍ଭବ । ତେଣୁ ଯଜ୍ଞ-ଯଜମାନ ଗଣଭିତ୍ତିକ ଏବଂ ରକ୍ତଭିତ୍ତିକ । ଏହା ଏକାଧାରରେ ଅର୍ଥନୈତିକ ଏବଂ ଯୌନ ସଂଗଠନ—ଯାହାର କାମ

---

* 'India—From Primitive Communism to Slavery'
—S. A. Dange

ସାମୂହିକ ଭାବରେ ଉତ୍ପାଦନ କରିବା ବା ଜନ୍ମ ଦେବା, to produce, to beget[1] । ତେଣୁ ସଙ୍ଘ ଯେ ସମୂହର ଏକ ସାମୂହିକ ଅନୁଷ୍ଠାନ ଏଥିରେ ସନ୍ଦେହ ନାହିଁ ।

'ଆଚାରାଂଗ' ଜୈନସୂତ୍ରରେ ବିଭିନ୍ନ ପ୍ରକାର ଗଣର ଉଲ୍ଲେଖ ମିଳେ, ଯଥା, ଅରାଜ୍ୟାନି, ଗଣରାଜ୍ୟାନି, ଯୁବରାଜ୍ୟାନି, ଦ୍ୱିରାଜ୍ୟାନି, ବୈ-ରାଜ୍ୟାନି, ବିରୁଦ୍ଧ-ରାଜ୍ୟାନି । ପ୍ରଥମ ଗଣ ଅରାଜ୍ୟାନି anarcho-societyର ନାମାନ୍ତର । ଏହି ଗଣ-ସଂଗଠନଗୁଡ଼ିକର ପ୍ରଧାନ ଚରିତ୍ର ଥିଲା ସେମାନଙ୍କ ମଧ୍ୟରେ ବ୍ୟକ୍ତିଗତ ସଂପତ୍ତି ନଥିଲା, ଶ୍ରେଣୀ ନଥିଲା, ଶୋଷଣ ନଥିଲା । ସେମାନେ ଏକତ୍ର କାର୍ଯ୍ୟ କରୁଥିଲେ ଏବଂ ପାନାହାର କରୁଥିଲେ । ବୈରାଜ୍ୟ ସଂସ୍ଥାନ ଥିବା ଗଣଟି ଅନ୍ୟ ଏକ ପ୍ରଧାନ ଗଣ ଥିଲା । ଏମାନଙ୍କ ଭିତରେ ବର୍ଣ୍ଣ ବା ଜାତିର ବିଭାଗ ଘଟି ନଥିଲା—ମାତ୍ର ଏକ ପ୍ରକାର ବର୍ଣ୍ଣ-ବିଭାଗ ରହିଥିଲା । ବୃତ୍ତି ଅନୁଯାୟୀ ଲୋକ-ମାନଙ୍କୁ ବିଭିନ୍ନ ବର୍ଣ୍ଣରେ ବିଭକ୍ତ କରାଯାଇଥିଲା । ସଂଘମାନଙ୍କରେ ମଧ୍ୟ କିଛି କିଛି ବିଭାଗ ଆରମ୍ଭ ହୋଇଥିଲା । ଦାସ-ପ୍ରଥାର ଅଂକୁରୋଦ୍‌ଗମ ମଧ୍ୟ ହୋଇଥିଲା । ଉତ୍ତର କୁରୁ, ଉତ୍ତର ମଦ୍ର ପ୍ରଭୃତି ହିମାଳୟ ଅଂଚଳ ଏବଂ ଦକ୍ଷିଣ ଭାରତର କେତେକ ଅଂଶରେ ବୈରାଜ୍ୟ ସାମାଜିକ ବିଧାନ ପ୍ରଚଳିତ ଥିଲା । କୁରୁ ଓ ମଦ୍ର କହିଲେ ହିମାଳୟ ଅଂଚଳକୁ ବୁଝାଉଥିଲା ।

କୁରୁ ଓ ମଦ୍ରମାନଙ୍କର ରାଷ୍ଟ୍ର-ବୈରାଜ୍ୟର ଚରିତ୍ର କଣ ଥିଲା ? ଏମାନେ 'ଜନପଦ' 'ରାଜ୍ୟ'ର ଆସନ ଗ୍ରହଣ କରୁଥିଲେ । ମାତ୍ର ଏହା ପ୍ରାକ୍ତନ ଗଣ-ରାଜ୍ୟ ବା ଗଣ-ସମାଜଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ ପ୍ରକୃତିର ଥିଲା । ବୈରାଜ୍ୟ ସଂସ୍ଥାନରେ ଦେଖାଯାଏ ଯେ ବୃତ୍ତି ଅନୁଯାୟୀ ବିଭକ୍ତ ତିନୋଟି ବର୍ଣ୍ଣ ଥିଲା ଯାହା ଶୂଦ୍ର, ଚତୁର୍ଥ ବର୍ଣ୍ଣ ଶୂଦ୍ର ବା ଦାସ ଶ୍ରେଣୀ ମଧ୍ୟ ଏହାର ଅନ୍ତର୍ଗତ ଥିଲା । ଏହି ଶୂଦ୍ରମାନେ ଥିଲେ ସେମାନଙ୍କର ଦାସ । ଶୂଦ୍ରଙ୍କୁ ପାଇବା ଫଳରେ ସେମାନେ ବ୍ୟକ୍ତିଗତ ସମ୍ପତ୍ତି ବିସ୍ତାର କରିବାକୁ ଲାଗିଲେ ଏବଂ ବହୁ ରାଜ୍ୟ ଜୟକରି 'ସମ୍ରାଟ' ହେଲେ । ଏହା ଫଳରେ ସେମାନଙ୍କ ମଧ୍ୟରେ ରାଷ୍ଟ୍ରଗଠନର ସମ୍ଭାବନା ଜାଗ୍ରତ ହେଲା । କେବଳ 'ପୁରୁଷସୂକ୍ତ' ରେ ଏହି ବର୍ଣ୍ଣ-ପ୍ରଥାର ସୂଚନା ମିଳେ । 'ପୁରୁଷସୂକ୍ତ'ଟି ଗ୍ରନ୍ଥ ବିସ୍ତାରର ସ୍ତରରେ ମରୁଆଳି ହୋଇଥିଲା ପରି ଜଣାଯାଏ ।

ବୈରାଜ୍ୟ ସଂଗଠନର ପାଖାପାଖି ପଶ୍ଚିମ ଭାରତରେ 'ସ୍ୱାରାଜ୍ୟ' ସଂଗଠନର ପ୍ରଚଳନ ଐତରେୟ ବ୍ରାହ୍ମଣରେ ଦେଖାଯାଏ । ଏଠାରେ ଗଣତନ୍ତ୍ରର ଛାପ

---

୧ । Ibid

ଜଣାଳକାୟ ହୋଇ ଉଠିଥିବାରୁ ସମାଙ୍କେ ପରିଚାଳନା କରିବାକୁ ଅସମର୍ଥ ହେବାରୁ ବର୍ଷୀୟାନମାନଂକୁ ନିର୍ବାଚିତ କରି ଏକ ସଭା (council) ଗଠନ କରିଥିବା କଥା ଜଣାପଡ଼େ । କ୍ରମେ ଗଣର ପରିସର ମଧ୍ୟରେ କିଂବା ଏକାଧିକ ଗଣର confederecy ମଧ୍ୟରେ ଏଇ ନିର୍ବାଚିତ ବର୍ଷୀୟାନମାନଂକ (elders) ସ୍ଥାନ ପୁରୁଷାନୁକ୍ରମିକ ବା ଉତ୍ତରାଧିକାର-ସୂତ୍ରରେ ପ୍ରାପ୍ୟ ହୋଇପଡ଼େ । ସେଥି-ପାଇଁ ପରେ ଏଇ ଗଣଗୁଡ଼ିକୁ 'କୁଳ' ବା କେତେକ ପରିବାରବର୍ଗଂକ 'ସଂଘ' ଭାବରେ ବର୍ଣନା କରାଯାଇଛି । ପ୍ରଥମେ ଯେଉଁ 'ସ୍ୱରାଟ୍' Council of elders ବା ଗଣ-ପ୍ରତିନିଧିମାନଂକ ଦ୍ୱାରା ନିର୍ବାଚିତ ହେଉଥିଲେ, କାଳକ୍ରମେ ଗଣର 'ରାଜନ' (Superior) ରୂପେ ପରିଗଣିତ ହେଲେ !

"କୁଳାନାଂ ହି ସମ୍ବନ୍ଧସ୍ତୁ ଗଣଃ ସଂପରିକୀର୍ତ୍ତିତଃ" ('ବୀରମିତ୍ରୋଦୟ')
କିଂବା ଐତରେୟ ବ୍ରାହ୍ମଣରେ ବର୍ଣିତ :—
"ଏତସ୍ୟାଂ ପ୍ରତୀଚ୍ୟାଂ ଦିଶି ଯେ କେ ଚ ନୀଚ୍ୟାନାଂ ରାଜାନୋ
ଯେଽପାଚ୍ୟାନାଂ ସ୍ୱରାଜ୍ୟାୟୈବ ତେଽଭିଷିଚ୍ୟଂତେ ସ୍ୱରାଡ଼ ଇତ୍ୟେନାନ୍
ଅଭିଷିକ୍ତାନ୍ ଅଚକ୍ଷତ' (୭-୪)
ଯ ଏବ ବିଦ୍ୱାନ ବାଜପେୟେନ ଯଜତେ । ଗଚ୍ଛତି
ସ୍ୱାରାଜ୍ୟମ୍ । ଅଗ୍ରଂ ସମାନାନାଂ ପର୍ଯେତି । ତିଷ୍ଠଂତେଽସ୍ମୈ
ଜ୍ୟୈଷ୍ଠ୍ୟାୟ । [ତୈତ୍ତିରୀୟ ବ୍ରାହ୍ମଣ, ୧-୩-୨-୨]

'ସ୍ୱରାଜ୍ୟ' ଅର୍ଥ ଏଠାରେ ଆଦୌ ସ୍ୱୟଂ-ଶାସନ ନୁହେଁ । ଏଠାରେ ଏହା ଗଣର ନିର୍ବାଚିତ ନେତୃତ୍ୱକୁହିଁ ବୁଝାଉଛି ଯାହା ଜ୍ୟେଷ୍ଠ (elders) ।

କ୍ରମେ ଗଣର ଭାଷାରେ ମଧ୍ୟ ପରିବର୍ତ୍ତନ ଘଟେ । ଗଣଗୁଡ଼ିକ ଆଉ ନିଜ କଥିତ ଭାଷା ବ୍ୟବହାର ନକରି ସମସ୍ତ 'ରାଜ୍ୟମ୍'ର ଭାଷା ବ୍ୟବହାର କରନ୍ତି । ଏଇ 'ରାଜ୍ୟମ୍' ଗଣ-ସଦସ୍ୟ ଓ ବାହାର ଲୋକଂକୁ ନେଇ ଗଠିତ ହେଉଥିଲା ।

ଅଭିଜାତ 'କୁଳ' ଗୁଡ଼ିକ କ୍ରମେ 'ରାଜକୁଳ' ରେ ପରିଣତ ହୁଅନ୍ତି । ଶ୍ରେଣୀହୀନ ଗଣ ଏବଂ ଶ୍ରେଣୀ-ଭିତ୍ତିକ ଓ ଦାସ-ଅଧିକାରୀ ରାଜକୁଳ ମଧ୍ୟରେ ସଂଘର୍ଷ ଓ ସଂଗ୍ରାମ ଦେଖା ଦେଇଛି । ଶୂଦ୍ର ବା ଦାସ ତଥା ଭୂମିର ଅଧିକାରୀ ରାଜକୁଳ ବିଜୟୀ ହେଲେ ରାଜନ୍ୟ ବା ନୃପତି ରୂପରେ ଅଧିଷ୍ଠିତ ହେଉଥିଲେ । ପୂର୍ବେ 'ସମିତି' ଗୁଡ଼ିକ ପୂର୍ଣ ଗଣଭିତ୍ତିକ ଅନୁଷ୍ଠାନ ଥିଲା । 'ସଭା' ବଳଶାଳୀ ପରିବାରମାନଂକ ମଧ୍ୟରୁ ଗଣ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଂକୁ ବୁଝାଉଥିଲା । ଧୀରେ ଧୀରେ ସହର

ଓ ଗ୍ରାମ ମଧ୍ୟରେ ବିଚ୍ଛେଦ ଘଟିଲା । ହସ୍ତଶିଳ୍ପ ଓ ବ୍ୟବସାୟ ବାଣିଜ୍ୟର ବିକାଶ ଘଟିଲା । ଫଳରେ 'ଜନପଦ' ଓ 'ପୌର' ଗଢ଼ି ଉଠିଲା । ଜନପଦ ଓ 'ପୌର' ସମିତି ଓ ସଭାର ଆସନ ଅଧିକାର କଲେ । ସେତେବେଳେକୁ ଗଣର ପ୍ରାୟ ମୃତ୍ୟୁ ଘଟିଥିଲା ଏବଂ ରାଷ୍ଟ୍ରର ଉଦ୍ଭବ ହେବାକୁ ଯାଉଥିଲା ।

('India'—S. A. Dange)

ପାଣିନିଙ୍କ ଲେଖାରେ ଏବଂ ମହାଭାରତର କେତେକ ପର୍ବରେ ଏଇ ଗଣର ପରିଚୟ ମିଳେ । ଆଲେକଜାଣ୍ଡାରଙ୍କ ସଂଗେ ଯେଉଁ ଗ୍ରୀକ୍ ଐତିହାସିକ ଆସିଥିଲେ, ସେ ମଧ୍ୟ ଏଇ ଗଣଗୁଡ଼ିକ ବିଷୟରେ ଲେଖିଯାଇଛନ୍ତି । ଇତିହାସରେ ଆଉ କେତେକ ଗଣର ଉଲ୍ଲେଖ ମିଳେ ଯେଉଁମାନଙ୍କୁ 'ରାଜନ୍ୟ-ଗଣ' କୁହାଯାଉଥିଲା । ଏମାନେ ନିଜ ନିଜ ଭିତରେ ଅନ୍ତର୍ଯୁଦ୍ଧରେ ଏତେଦୂର ଦୁର୍ବଳ ହୋଇ ପଡ଼ିଥିଲେ ଯେ ନିର୍ବାଚିତ ହୋଇଥିବା ସଂଭ୍ରାନ୍ତ କୁଳର ପ୍ରଧାନଙ୍କ ବଂଶଧରହିଁ ଉତ୍ତରାଧିକାର-ସୂତ୍ରରେ ଗଣର ପରିଚାଳନା କରୁଥିଲେ । ରାଜନ୍ୟ-ଗଣଙ୍କ ମଧ୍ୟରେ ଶାକ୍ୟ, ଲିଚ୍ଛବି, ମଲ୍ଲ, ମୌର୍ଯ୍ୟ, କୁକୁର, କୁରୁ, ପାଂଚାଳ ପ୍ରଭୃତି ରାଜନ୍ୟ-ଗଣର ଅଂତର୍ଗତ । ମହାଭାରତରେ ବର୍ଣ୍ଣିତ ଶ୍ରୀକୃଷ୍ଣଙ୍କ ଗଣ ଅଂଧକ-ବୃଷ୍ଣି ମାନେ ମଧ୍ୟ ପରେ ଏମାନଙ୍କ ସଂଗେ ଯୋଗ ଦେଇଥିଲେ ।

ମୋଟ ଉପରେ ପ୍ରାଚୀନ ଗଣଗୁଡ଼ିକ କ୍ରମେ କ୍ଷୟ ପ୍ରାପ୍ତ ହୋଇ ନୂତନ ରାଜନ୍ୟ-ଗଣସଂଘ ମାନଙ୍କର ସୃଷ୍ଟି ହେବାକୁ ଲାଗିଲା । ଶ୍ରେଣୀହୀନ ସାମ୍ୟତାଂତ୍ରିକ ସମାଜ ସ୍ଥାନରେ ନୂଆ ଶ୍ରେଣୀ-ବିଭକ୍ତ, ଦାସଭିତ୍ତିକ ସାମାଜିକ-ବ୍ୟବସ୍ଥା ଦେଖାଦେଲା । ଏଇ ପରିବର୍ତ୍ତିତ ପରିପ୍ରେକ୍ଷିତରେ ନାରୀର ସମସ୍ତ ଅଧିକାର ପୁରୁଷ ଛଡ଼ାଇନେଲା ଏବଂ ଏକ ନୂଆ ସ୍ୱାମୀ-ଧର୍ମ ପ୍ରବର୍ତ୍ତନ କଲା । ମହାଭାରତ ଯୁଦ୍ଧହିଁ ପ୍ରାଚୀନ ଗଣ-ସଂଘଗୁଡ଼ିକ ସହିତ ନୂତନ ରାଜନ୍ୟ-ଗଣଗୁଡ଼ିକର ରକ୍ତକ୍ଷୟକାରୀ ସଂଗ୍ରାମର ପ୍ରେକ୍ଷାପଟ ଉନ୍ମୋଚନ କରେ ।

ବୁଦ୍ଧଦେବଙ୍କ ସମୟକୁ ଷୋଳଟି ଗଣ-ଶାସିତ ରାଜ୍ୟର ଅବସ୍ଥିତି ଥିବା କଥା 'ଅଂଗୁତ୍ତର ନିକାୟ' ଏବଂ 'ଲଲିତବିସ୍ତର' ଗ୍ରନ୍ଥରେ ଲେଖା ଅଛି । ଏଇ ରାଜ୍ୟଗୁଡ଼ିକ 'ମହାଜନ'- ପ୍ରଧାନ ଥିଲା । 'ମହାଜନ'ଙ୍କୁ 'ରାଜା' କୁହାଯାଉଥିଲା । ତ୍ରିପିଟକ ଗ୍ରଂଥମାନଙ୍କରୁ ଜଣାଯାଏ ଯେ ଏଇ ଗଣରାଜ୍ୟଗୁଡ଼ିକରେ ସମସ୍ତଙ୍କର ନେତାଙ୍କୁ 'ରାଜା' କୁହାଯାଉଥିଲା । ସବୁ ରାଜା ଏକାଠି ହୋଇ ନିଜ ମଧ୍ୟରୁ ଜଣକୁ ଅଧ୍ୟକ୍ଷରୂପେ ନିର୍ବାଚିତ କରୁଥିଲେ । ଏମାନେ 'ମହାରାଜା' ନାମରେ ପରିଚିତ । ଏଇ ଅଧ୍ୟକ୍ଷ ବୋଧହୁଏ ନିର୍ଦ୍ଦିଷ୍ଟ ସମୟ ପାଇଁ ନିର୍ବାଚିତ ହେଉଥିଲେ । 'ଅଂଗୁତ୍ତର ନିକାୟ' ଗ୍ରଂଥରେ ଲେଖାଅଛି—

"ଯୋ ଇମେସଂ ଷୋଳସନ୍ନଂ ମହାଜନପଦାନଂ ପହୂତସତ୍ତ ରତନାନଂ ଇସ୍ସରାଧିପଚ୍ଚଂ ରଜ୍ଜଂ କାରେୟ୍ୟ ସେୟ୍ୟ ଥିଦଂ..." ସେଇ ଷୋଳଟି ଗଣ-ରାଜ୍ୟର ନାମ ମଧ୍ୟ ଦିଆଯାଇଛି ଯଥା :–

"ଅଂଗାନଂ, ମଗଧାନଂ, କାସୀନଂ, କୋଶଲାନଂ, ବଜ୍ଜୀନଂ ମଲ୍ଲୀନଂ, ଚେତୀନଂ, ବଂସାନଂ, କୁରୁନଂ, ପଂଚାଲନଂ, ମଚ୍ଛାନଂ, ସୁରସେନାନଂ, ଅସ୍ସକାନଂ, ଅବନ୍ତୀନଂ, ଗଂଧାରନଂ, କଂବୋଜାନଂ" ।

## ଗଣରାଜ୍ୟର ପତନ

ଏଗୁଡ଼ିକ ଭିତରୁ କେତେ ଗଣ-ରାଜ୍ୟରୁ ଗଣ-ଅଧିକାର ସ୍ବୀକୃତ ଶାସନ ପଦ୍ଧତି ଲୋପପାଇ ଏକଛତ୍ର ଶାସନ ପ୍ରତିଷ୍ଠିତ ହେଲା । ବୁଦ୍ଧଙ୍କ ଶାକ୍ୟ-ବଂଶ ପରିଚାଳିତ ରାଜ୍ୟଟି ମଧ୍ୟ ପୂର୍ବେ ଗଣ-ରାଜ୍ୟ ଥିଲା । ପରେ ତାହା ନିଜର ସ୍ୱାଧୀନତା ହରାଇ କୋଶଳ ରାଜ୍ୟର ଅନ୍ତର୍ଭୁକ୍ତ ହୋଇଥିଲା ।* ଗଣ-ଅଧିକାର ସ୍ବୀକୃତ ଶାସନ ପଦ୍ଧତି ଲୋପ ପାଇବା ପରେ ଏଇ ଗଣ-ରାଜ୍ୟଗୁଡ଼ିକ ଜଣେ ଜଣେ 'ମହାରାଜା'ଙ୍କ ଦ୍ୱାରା ଶାସିତ ହେବାକୁ ଲାଗିଲେ । ବୁଦ୍ଧଦେବ ଜନ୍ମ ହେବା ବେଳକୁ ଏଇ ଷୋଳଟି ଗଣ-ରାଜ୍ୟ ଭିତରୁ ଅଧିକାଂଶ 'ମହାରାଜା'ଙ୍କ ଦ୍ୱାରା ଶାସିତ ହେବା ଆରମ୍ଭ ହୋଇଥିଲା ।

ଶ୍ରୀ କେ. ପି. ଜୟସ୍ୱାଲ ତାଙ୍କର 'ହିନ୍ଦୁ ପଲିଟି' ନାମକ ଗ୍ରନ୍ଥରେ ପ୍ରାଚୀନ ଭାରତବର୍ଷରେ ଗଣ-ରାଜ୍ୟମାନଙ୍କରେ କିଭଳି ଶାସନ ପଦ୍ଧତି ପ୍ରଚଳିତ ଥିଲା ତାହାର ସବିଶେଷ ଆଲୋଚନା କରିଛନ୍ତି । ପ୍ରାଚୀନ କାଳରେ ଭାରତବର୍ଷରେ (ଜମ୍ବୁଦ୍ୱୀପ) ଯେ ଗଣ-ଶାସନ ପଦ୍ଧତି ଅଜ୍ଞାତ ନଥିଲା, ତାହା ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ । ଧର୍ମାନନ୍ଦ କୋସମ୍ବୀଙ୍କ ମତରେ ନିର୍ବାଚିତ 'ମହାଜନ'ମାନଙ୍କୁ 'ରାଜା' କୁହାଯାଉଥିଲା ଏବଂ ସେମାନେ ଯାହାଙ୍କର କ୍ଷମତାଧୀନ ଥିଲେ ସେମାନଙ୍କୁ 'ମହାରାଜା' କୁହାଯାଉଥିଲା । ××× ବୁଦ୍ଧଙ୍କ ସମୟକୁ ଏଇ ମହାଜନ ଗଣ ଶାସନ ପଦ୍ଧତି ଦୁର୍ବଳ ହୋଇ ନଷ୍ଟ ହୋଇଯାଇଥିଲା । ତାହାର ସ୍ଥାନରେ ଏକଛତ୍ର ଶାସନ ପଦ୍ଧତି ପ୍ରତିଷ୍ଠିତ ହେଲା । ଏଇ ଗଣରାଜ୍ୟଗୁଡ଼ିକର ପତନର କାରଣ, ଉପର ସ୍ତରରେ ବିଳାସିତା ଏବଂ ଯାଗଯଜ୍ଞରେ ବ୍ରାହ୍ମଣଙ୍କର ପ୍ରଭାବ । ଏ ଦୁଇ କାରଣରୁ ଆମୂଳ ପରିବର୍ତ୍ତନ ଘଟିଥିଲା । ୧ପରନ୍ତୁ ମଲ୍ଲମାନଙ୍କର ଯେଉଁ ଦୁଇଟି ଗଣରାଜ୍ୟ ଏବଂ ବଜ୍ଜୀମାନଙ୍କର ଯେଉଁ ଗଣଶାସିତ ରାଜ୍ୟଟି ରହିଯାଇଥିଲା,

* 'ଭଗବାନ ବୁଦ୍ଧ'...ଧର୍ମାନନ୍ଦ କୋସମ୍ବୀ

୧ । ” ”

ତାହା ମଧ୍ୟ ଏକାଧିପତ୍ୟ ଶାସନ ପଦ୍ଧତିର କବଳିତ ହେଲା । କ୍ରମେ ଗଣରାଜାମାନଙ୍କର ନିର୍ବାଚନ ଆଉ ହେଲା ନାହିଁ । ବାପ ପରେ ପୁଅ ରାଜା ହେଲେ । ବଂଶ ପରଂପରା କ୍ରମେ ଏଇପରି ଅଧିକାର ମିଳିଯିବା ଫଳରେ ସେମାନେ ବିଳାସୀ ଓ ଦାୟିତ୍ୱହୀନ ହୋଇ ପଡ଼ିଥିବା ସ୍ୱାଭାବିକ । ବଜ୍ଜୀମାନଙ୍କ ସମ୍ପର୍କରେ ଲଳିତବିସ୍ତର ଗ୍ରନ୍ଥରେ ଯେଉଁ ବର୍ଣ୍ଣନା ଅଛି ସେଥିରୁ ଜଣାଯାଏ ଯେ, ଗଣରାଜାମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଅନାଦର ଭାବ ଥିଲା, ଏବଂ ପ୍ରତ୍ୟେକେ ନିଜକୁ ଏକମାତ୍ର ରାଜାବୋଲି ମନେ କରୁଥିଲେ । ବୁଦ୍ଧଙ୍କର ପରିନିର୍ବାଣ ପରେ ବଜ୍ଜୀମାନଙ୍କ ଗଣରାଜ୍ୟରେ ଭେଦଭାବ ସୃଷ୍ଟି କରି ଅଜାତଶତ୍ରୁ ସେହି ରାଜ୍ୟ ଅଧିକାର କରି ପାରିଥିଲେ । ( 'ଭଗବାନ ବୁଦ୍ଧ'—କୋସାମ୍ବୀ ) ଗଣରାଜ୍ୟ ଓ ଗଣରାଜାମାନଙ୍କ ପ୍ରତି ବୁଦ୍ଧଦେବଙ୍କର ବଡ଼ ଆଦର ଥିଲା । ବଜ୍ଜୀମାନଙ୍କର ଉନ୍ନତି ନିମିତ୍ତ ବୁଦ୍ଧ ସାତୋଟି ନୀତିଶିକ୍ଷା ସେମାନଙ୍କୁ ଦେଇଥିଲେ ।

କିନ୍ତୁ ପୁରାତନ ଗଣ-ଶାସନ ପ୍ରଣାଳୀ ମଧ୍ୟରୁ ନୂତନ ଓ ସୁବ୍ୟବସ୍ଥିତ ଶାସନ ପଦ୍ଧତି କିପରି ଉଦ୍‌ଭୂତ ହୋଇ ପାରିବ, ସେ ସମ୍ପର୍କରେ ବୁଦ୍ଧଦେବ ଚିନ୍ତା କରିଥିବାର କୌଣସି ପ୍ରମାଣ ନାହିଁ । ଗଣରାଜ୍ୟମାନଙ୍କରେ କୌଣସି ରାଜା ଯଦି ଅନ୍ୟାୟ କରେ, ତାହାହେଲେ ଅନ୍ୟ ଗଣରାଜାମାନେ ତାର ପ୍ରତିକାର କରିବେ, ନା ଲୋକମାନେ ସେମାନଙ୍କୁ ସମୟ ସମୟରେ ନିର୍ବାଚିତ କରି ସେମାନଙ୍କ ଉପରେ ନିଜର କର୍ତ୍ତୃତ୍ୱ ରକ୍ଷା କରିବେ, ଏସବୁ ବିଷୟରେ ବୌଦ୍ଧ ସାହିତ୍ୟରେ କୌଣସି ବର୍ଣ୍ଣନା ଦେଖିବାକୁ ମିଳେ ନାହିଁ । ବୁଦ୍ଧଙ୍କର ଅନୁଗାମୀମାନେ ଗଣଶକ୍ତିରହିତ ରାଜ୍ୟର କଳ୍ପନା ପୁରାପୁରି ପରିତ୍ୟାଗ କରି ବସିଲେ । 'ଦୀଘ ନିକାୟ'ରେ ଆଦର୍ଶ ଚକ୍ରବର୍ତ୍ତୀମାନଙ୍କ ଶାସନ ପ୍ରଣାଳୀ ବର୍ଣ୍ଣନା ପ୍ରସଙ୍ଗରେ ଦୁଇଟି ସୂତ୍ର ଅଛି, ଯଥା ଚକ୍କବତ୍ତି ସୁତ୍ତ, ଓ 'ମହାସୁଦସ୍ସନ ସୁତ୍ତ' । ଏଥିରେ ଚକ୍ରବର୍ତ୍ତୀ ରାଜାମାନେ ଲୋକଙ୍କୁ ପଞ୍ଚଶୀଳ ପାଳନ ପାଇଁ ଉପଦେଶ ଦେଉଥିବା ତଥା ଏବଂ ସେମାନଙ୍କୁ ସୁଖୀ କରାଇବା ପାଇଁ ସର୍ବଦା ଚେଷ୍ଟା କରୁଥିବା କଥା ଅତିରଂଜିତ ହୋଇ ବର୍ଣ୍ଣିତ ହୋଇଛି । (ଭ : ବୁ)

---

## ॥ ଚତୁର୍ଥ ଅଧିକରଣ ॥

# ଭାରତରେ ଜାତିପ୍ରବାହ

ପ୍ରାଚୀନତମ କାଳରୁ ଇଂରାଜ ଆଗମନ ପର୍ଯ୍ୟନ୍ତ ବହୁଜନ, ବହୁ ସଂସ୍କୃତି ଏବଂ ରକ୍ତର ଧାରା ଭାରତବର୍ଷର ପୁଣ୍ୟଭୂମିରେ ସମନ୍ୱୟ-ସୂତ୍ରରେ ମିଳିତ ହୋଇଛି । ତେଣୁ ଭାରତତୀର୍ଥଙ୍କୁ ମଣିଷର ମିଳନକ୍ଷେତ୍ରରୂପେ କଳ୍ପନା କରି ରବୀନ୍ଦ୍ରନାଥ ଲେଖିଛନ୍ତି ;—

"କେହ ନାହି ଜାନେ, କାର ଆହ୍ୱାନେ
କତ ମାନୁଷେର ଧାରା,
ଦୁର୍ବାର ସ୍ରୋତେ ଏଲ କୋଥା ହତେ
ସମୁଦ୍ରେ ହ'ଲ ହାରା ।"

## ନେଗ୍ରିଟୋ

ନୃତତ୍ତ୍ୱବିତ୍‌ମାନେ ମନେ କରନ୍ତି ଯେ ଭାରତୀୟ ଜନତତ୍ତ୍ୱର ପ୍ରଥମ ସ୍ତର ନେଗ୍ରିଟୋ । ଆଣ୍ଡାମାନ ଦ୍ୱୀପପୁଞ୍ଜ ଓ ମାଲୟ ଉପଦ୍ୱୀପରେ ସେମାନେ ବସବାସ କରୁଥିଲେ । ସଂପ୍ରତି ହ୍ୟାଟନ, ଲପିକ୍ ( Lapique ) ଓ ଗୁହଙ୍କର ଗୁହ ପ୍ରମୁଖ ଦେଖାଇଛନ୍ତି ଯେ ଆସାମର ଅଂଗମି ନାଗାଙ୍କ ମଧ୍ୟରେ ଏବଂ ଦକ୍ଷିଣ ଭାରତର ପେରାମ୍ବକୁଲମ୍ ଏବଂ ଅନ୍ନାମାଲାଇ ପାହାଡ଼ବାସୀ କାଦାର ଓ ପୁଲୟନମାନଙ୍କ ଭିତରେ ନେଗ୍ରିଟୋ ରକ୍ତପ୍ରବାହ ସ୍ପଷ୍ଟ । ନେଗ୍ରିଟୋ ସଂସ୍କୃତିର କୌଣସି ଚିହ୍ନ ଭାରତବର୍ଷର କୃଷ୍ଟିର ମାନଚିତ୍ରରେ ନାହିଁ । ଜର୍ମନ ପଣ୍ଡିତ ଆଇକଷ୍ଟେଡ୍‌ଟ୍ ତ ଭାରତବର୍ଷରେ ନେଗ୍ରିଟୋ ଅସ୍ତିତ୍ୱ ସ୍ୱୀକାର କରନ୍ତି ନାହିଁ । ତାଙ୍କ ମତରେ, 'ଏ ଦେଶରେ ସନ୍ଧାନ-ସଂଭବ୍ୟ ଅଧମତମ ସ୍ତରରେ ନେଗ୍ରିଟୋ ସଦୃଶ ଦେହଲକ୍ଷଣ ବିଶିଷ୍ଟ ( କ୍ଷୁଦ୍ରକାୟ, କୃଷ୍ଣାଭ ଘନଶ୍ୟାମ, ଲୋମଶ, କେଶଗୁଚ୍ଛ, ଦୀର୍ଘ ମୁଣ୍ଡାକୃତି ଦେହବୈଶିଷ୍ଟ୍ୟ-ଯୁକ୍ତ ) ଏକ ଜନଗୋଷ୍ଠୀର ବିସ୍ତାର ଥିଲେ ମଧ୍ୟ ସେମାନେ ନେଗ୍ରିଟୋ ବୋଲି ନିଶ୍ଚିତଭାବରେ କୁହାଯାଇ ପାରିବ ନାହିଁ ।'*

## ଆଦ୍ୟ-ଅଷ୍ଟ୍ରେଲୀୟ ( ପ୍ରୋଟୋ-ଅଷ୍ଟ୍ରେଲଏଡ୍ )

ନୃତତ୍ତ୍ୱବିତ୍‌ମାନଙ୍କ ମତରେ ଏହି ଜନ ଏକ ସମୟରେ ମଧ୍ୟ-ଭାରତରୁ ଆରମ୍ଭ କରି ଦକ୍ଷିଣ-ଭାରତ, ସିଂହଳରୁ ଆରମ୍ଭ କରି ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ

---

*'ବାଂଗାଲୀର ଇତିହାସ'—ଡଃ ନୀହାରରଞ୍ଜନ ରାୟ ଦ୍ରଷ୍ଟବ୍ୟ ।

ବିସ୍ତୃତ ଥିଲା । ଏମାନଙ୍କ ଦେହବୈଶିଷ୍ଟ୍ୟର ସୂତ୍ରଗୁଡ଼ିକ ଭାରତବର୍ଷର, ବିଶେଷତଃ ମଧ୍ୟ ଓ ଦକ୍ଷିଣ ଭାରତର ଆଦିମ ଅଧିବାସୀଙ୍କ ମଧ୍ୟରେ ଏବଂ ଅଷ୍ଟ୍ରେଲିଆର ଆଦିମ ଅଧିବାସୀଙ୍କ ମଧ୍ୟରେ ରହିଛି । ଏହି କାରଣରୁ ବୋଧହୁଏ ଏମାନଙ୍କର ଆଦି ଅଷ୍ଟ୍ରେଲୀୟ ( Proto-Australoid ) ନାମକରଣ ହୋଇଛି । ମଧ୍ୟ ଓ ଦକ୍ଷିଣ ଭାରତର ଖର୍ବକାୟ, କୃଷ୍ଣବର୍ଣ୍ଣ, ଦୀର୍ଘମୁଣ୍ଡ, ପ୍ରଶସ୍ତନାସ, ତାମ୍ରକେଶ ଆଦିବାସୀମାନେ ଆଦି ଅଷ୍ଟ୍ରେଲୀୟ ବଂଶଧର, ଏଥିରେ ସଂଦେହ ନାହିଁ । ମଧ୍ୟ-ଭାରତର କୋଲ୍, ଭିଲ, କରୱା, ଖାରଓ୍ୱାର, ମୁଣ୍ଡା, ଭୂମିଜ, ମାଲପାହାଡ଼ୀ, ପ୍ରଭୃତି ଲୋକମାନେ, ଦକ୍ଷିଣ ଭାରତର ଚେଂଚୁ, କୁରୁବ, ୟେରୁବ ପ୍ରଭୃତି; ବଂଗଦେଶର, ବିଶେଷ କରି ରାଢ଼ ଅଂଚଳର ସାଂତାଳ, ଭୂମିଜ, ମୁଣ୍ଡା, ବାଂଶଫୋଡ଼ ପ୍ରଭୃତି ଜନର[୧] ଲୋକମାନେ ଆଦି-ଅଷ୍ଟ୍ରେଲୀୟ ବଂଶଧର । ବେଦରେ ନିଷାଦମାନଙ୍କର ଉଲ୍ଲେଖ ଅଛି, ବିଷ୍ଣୁପୁରାଣରେ ଅଂଗାର-କୃଷ୍ଣବର୍ଣ୍ଣ, ଖର୍ବକାୟ, ଚେପ୍‌ଟାମୁହଁ, ନିଷାଦମାନଙ୍କର ସଂବାଦ ମିଳେ । ଭାଗବତ-ପୁରାଣରେ ମଧ୍ୟ ଏହି କାକକୃଷ୍ଣ, ଖର୍ବାକୃତି, ରକ୍ତଚକ୍ଷୁ ନିଷାଦମାନଙ୍କ କଥା ଲେଖା ଅଛି ।[୨]

ତୁଳା ଲୁଗାର ବ୍ୟବହାର ଅଷ୍ଟ୍ରିକଭାଷୀମାନଙ୍କରହିଁ ଦାନ । କାର୍ପାସ ଶବ୍ଦଟି ମୂଳତଃ ଅଷ୍ଟ୍ରିକ୍ । ପଟ, କର୍ପଟ ( ପଟ୍ଟବସ୍ତ୍ର ) ଏ ଦୁଇଟି ଶବ୍ଦ ମଧ୍ୟ ମୂଳତଃ ଅଷ୍ଟ୍ରିକ୍ ଭାଷାରୁ ଆସିଛି । ମେଂଢା ସଂଗେ ଏମାନେ ପରିଚିତ ଥିଲେ । ମେଂଢାର ଲୋମକୁ ଏମାନେ କାମରେ ଲଗାଇବା ଜାଣିଥିଲେ କି ? 'କଂବଲ' କଥାଟି କିଂତୁ ମୂଳତଃ ଅଷ୍ଟ୍ରିକ୍, ଏବଂ ଆମେ ଯେଉଁ ଅର୍ଥରେ ଏ ଶବ୍ଦଟି ବ୍ୟବହାର କରୁଁ, ସେହି ଅର୍ଥରେ ଅଷ୍ଟ୍ରିକ୍‌ଭାଷୀମାନେ ମଧ୍ୟ ବ୍ୟବହାର କରୁଥିଲେ ।"

**ଅଷ୍ଟ୍ରିକ୍ ସଂସ୍କୃତି**

ଅଷ୍ଟ୍ରିକ୍‌ଭାଷୀ ବା ଆଦି-ଅଷ୍ଟ୍ରେଲୀୟମାନେ ମୂଳତଃ କୃଷିଜୀବୀ ଥିଲେ । ତେବେ ସେମାନଙ୍କର କେତେକ ଶାଖା ଅରଣ୍ୟଚାରୀ ମଧ୍ୟ ଥିଲେ । ଏହି ଅରଣ୍ୟଚାରୀ ନିଷାଦ, ଶବର, ଭିଲ, କୋଲ୍ହ, ମୁଣ୍ଡା, ଗଦବ, ହୋ, ସାଂତାଳ ପ୍ରଭୃତିଙ୍କର ପ୍ରଧାନ ଜୀବିକା ଥିଲା ପଶୁ-ଶିକାର, ଏବଂ ପଶୁପକ୍ଷୀ-ଶିକାର କରିବାରେ ସେମାନେ ବ୍ୟବହାର କରୁଥିଲେ କାଣ୍ଡ, ଧନୁ, ଶିକାକ ଇତ୍ୟାଦି—ଏବଂ ଏହି ସବୁ କେତୋଟି

---

୧ । 'ଜନ' ଶବ୍ଦଟି ଇଂରାଜୀ People ଅର୍ଥରେ ବ୍ୟବହୃତ ହୋଇଛି । ନରତତ୍ତ୍ୱ ଓ ପ୍ରାଣିତତ୍ତ୍ୱର 'race' ବୁଝାଇବାକୁ 'ନର' ବା 'ନରଗୋଷ୍ଠୀ' ଏବଂ 'tribe' ଅର୍ଥରେ ହିଂଦୁଭାଷୀ 'କୋମ' ଶବ୍ଦ ଡଃ ସୁ-କୁ-ଚଟ୍ଟ ଓ ଅନ୍ୟାନ୍ୟ ବଙ୍ଗାଳୀ ଐତିହାସିକମାନେ ବ୍ୟବହାର କରିଛନ୍ତି । ଓଡ଼ିଆରେ 'tribal' ଅର୍ଥରେ 'କୌମ' ଏବଂ 'tribe' ଅର୍ଥରେ 'କୋମ' ଶବ୍ଦ ବ୍ୟବହାର କରାଯାଇପାରେ । କାରଣ 'ଟ୍ରାଇବ୍' ଅର୍ଥଜ୍ଞାପକ ଭଲ ଓଡ଼ିଆ ଶବ୍ଦ ନାହିଁ । ଲେଖକ ।

୨ । Idid

ଶବ୍ଦ ମୂଳତଃ ଅଷ୍ଟ୍ରିକ୍ । ସେମାନେ ଯେଉଁ ସବୁ ପଶୁ ପକ୍ଷୀ ଶିକାର କରୁଥିଲେ, ତା ଭିତରେ ଥିଲେ ହାତୀ, ମେଂଢା, କାକ, କର୍କଟ ( କଂକଡ଼ା ), ଏବଂ କପୋତ ( ଶବ୍ଦଟିର ଅର୍ଥ, ଖାଲି ପାରା ପକ୍ଷୀ ନୁହେଁ, ଯେ କୌଣସି ପକ୍ଷୀ ) । ଗଜ, ମାତଂଗ ( ହସ୍ତୀ ଅର୍ଥରେ ) ସବୁ ଅଷ୍ଟ୍ରିକ୍ ଭାଷାରୁ ଗୃହୀତ । ଅନ୍ୟାନ୍ୟ ଅସ୍ତ୍ରୋପକରଣ ମଧ୍ୟରେ ଦାଆ ଓ କଟୁରୀର ନାମ କରାଯାଇପାରେ । ଏହା ମଧ୍ୟ ଅଷ୍ଟ୍ରିକଗୋଷ୍ଠୀର ଭାଷାଲବ୍ଧ ବୋଲି ଶବ୍ଦତାତ୍ତ୍ୱିକମାନେ ଅନୁମାନ କରନ୍ତି ।*

ସମୁଦ୍ରତୀରବର୍ତ୍ତୀ ଦେଶ, ଦ୍ୱୀପ, ଓ ଉପଦ୍ୱୀପବାସୀ ଅଷ୍ଟ୍ରିକଭାଷୀ ମେଲାନେଶୀୟ, ପଲିନେଶୀୟ ପ୍ରଭୃତି ଲୋକଙ୍କ ସଂସର୍ଗେ ବ୍ୟବସାୟ-ବାଣିଜ୍ୟ କରିବା ସକାଶେ କାଠ ଗୁଣ୍ଡି ଏକପ୍ରକାର ଲଂବା ଡଂଗା ( ଏ ଶବ୍ଦଟି ମଧ୍ୟ ଅଷ୍ଟ୍ରିକ୍ ) ତିଆରି କରୁଥିଲେ । ଏ ତଥ୍ୟ ଜନତତ୍ତ୍ୱବିତ୍‌ମାନେ ଆବିଷ୍କାର କରିଛନ୍ତି । ଏହିସବୁ ଡଂଗା ଓ ଭେଳାରେ ଚଢ଼ି ଅଷ୍ଟ୍ରିକ୍‌ଭାଷୀମାନେ ନଦୀ ଓ ସମୁଦ୍ରପଥରେ ଯିବା ଆସିବା କରୁଥିଲେ ଏବଂ ଏକ ବୃହତ୍ ସାମୁଦ୍ରିକ ବାଣିଜ୍ୟ ମଧ୍ୟ ଗଢ଼ି ତୋଳିଥିଲେ ।** ଭାରତୀୟ ସଭ୍ୟତା ଓ ସଂସ୍କୃତିରେ ଅଷ୍ଟ୍ରିକଭାଷୀମାନଙ୍କ ଦାନର ପ୍ରାଚୁର୍ଯ୍ୟ ଦେଖି ଲେଭି କହନ୍ତି :—

" We must know whether the legends, the religion and the philosophical thoughts of India do not owe anything to this past, xxx It ought to be remembered that India is a great maritime country—the movement which carried the Indian colonisation ( in historical times ) towards the Far East was far from inaugurating a new route. Adventurers, traffickers, and missionaries profited by the technical pogress of navigation and followed under better conditions of comfort and efficiency, the way traced from time immemorial by the mariners of another race, whom Aryan or Aryanised India despised as savages."

ଅର୍ଥାତ୍ ଭାରତର ଲୋକକଥା, ଧର୍ମ-ଧାରଣା ଓ ଦର୍ଶନତତ୍ତ୍ୱ ଏହି ଅତୀତ ଉପରେହିଁ ଭିତ୍ତିଶୀଳ । ଭାରତବର୍ଷ ଏକ ବୃହତ୍ ନୌବାଣିଜ୍ୟ-କାରୀ ଦେଶ—ଯାହା ଫଳରେ କି ପରେ ଐତିହାସିକ ଯୁଗରେ ସୁଦୂର ପ୍ରାଚ୍ୟରେ ଭାରତୀୟ ଉପନିବେଶମାନ ଗଢ଼ି ଉଠିଥିଲା ।

---

* Ibid

** "

ସମୁଦ୍ର-ଯାତ୍ରା

ପରବର୍ତ୍ତୀ ଯୁଗରେ ସମୁଦ୍ର-ଯାତ୍ରାକୁ ଯେଉଁ ଦୁଃସାହସୀ ସୁଦୂର-ସନ୍ଧାନୀ ଓ ଧର୍ମପ୍ରଚାରକମାନେ ଅଧିକ ଉନ୍ନତ ପ୍ରଣାଳୀରେ ସୁଦୂର-ପ୍ରସାରିତ କରିଥିଲେ ସେମାନେ ଆର୍ଯ୍ୟ ନର ବା ଆର୍ଯ୍ୟ ଅଧ୍ୟୁଷିତ ଭାରତବର୍ଷ ଯେଉଁମାନଙ୍କୁ ବନ୍ୟ 'ବର୍ବର' କହି ଘୃଣାରେ ନାସିକାକୁଞ୍ଚନ କରେ, ସେହି ଅନ୍ୟ ଜାତିର ଲୋକଙ୍କ ଦ୍ୱାରା ବହୁ ପ୍ରାଚୀନ କାଳରୁ ଅନୁସୃତ ପଥ ଅନୁସରଣ କରିହିଁ ତାହା କରି ପାରିଥିଲେ ।

ଐତିହାସିକ ଶରତକୁମାର ରାୟ ମହାଶୟ କହନ୍ତି:—"ସଂସ୍କୃତ ପ୍ରଥା ସମ୍ଭବତ ଭାରତରେ ପ୍ରଥମେ ଏମାନଙ୍କ ଦ୍ୱାରା ହିଁ ପ୍ରବର୍ତ୍ତିତ । ସଂସ୍କୃତକୁ ଏମାନେ ସତରେ ଧର୍ମାଧିକରଣ ସ୍ଥାନରେ ମାନ୍ୟ କରନ୍ତି । ବର୍ତ୍ତମାନ ମଧ୍ୟ ଅଦାଲତରେ ସାକ୍ଷ୍ୟ ଦେବା ପୂର୍ବରୁ ମୁଣ୍ଡା ସାକ୍ଷୀ ତାର ଜାତି-ପ୍ରଥା ଅନୁସାରେ ସଂତର ନାମ ନେଇ ଶପଥ କରେ, 'ସିରମାରେ-ସିଂଗବୋଂଗା ଓତେରେ ସଂତ୍', ଅର୍ଥାତ୍ 'ଆକାଶରେ ସୂର୍ଯ୍ୟ-ଦେବତା, ପୃଥିବୀରେ ସଂସ୍କୃତ ।' ଶ୍ରୀ ରାୟ ଆହୁରି ମଧ୍ୟ କହନ୍ତି ଯେ 'ଏମାନଙ୍କ ମଧ୍ୟରେ କୌଣସି କୌଣସି ଜାତିରେ କିଂବଦନ୍ତୀ ଅଛି ଯେ ଏକ ସମୟରେ ଭାରତରେ ଏମାନେ ଶ୍ରେଷ୍ଠ-ଜାତ 'ଗଣତନ୍ତ୍ର'ର ରାଜା ଥିଲେ । ରାଜଶକ୍ତିର ଚିହ୍ନସ୍ୱରୂପ ମୁଣ୍ଡା ଓ ହିଁଓ ପ୍ରଭୃତି ଜାତିର ପ୍ରତ୍ୟେକ ଗ୍ରାମସଂଘରେ ଓ ଗ୍ରାମରେ ବର୍ତ୍ତମାନ ମଧ୍ୟ ବିଭିନ୍ନ ଚିହ୍ନ ଅଂକିତ ପତାକା ସହିତ ଅତି ସସମ୍ମାନେ ରକ୍ଷିତ ହୁଏ ।" 'ରାଜା' ଅର୍ଥ ଏଠାରେ ପ୍ରାଚୀନ ଗଣ-ସଂଘର ନିର୍ବାଚିତ ପରିଚାଳକ ବା ନେତୃ-ମଂଡଳୀ କିମ୍ବା, ଯାହା ସାମାଜିକ ସ୍ତରରେ ବୁଧାଂଙ୍କର ମାଧ୍ୟମରେ ତିଷ୍ଠି ରହିଛି ।

ଓଡ଼ିଶାରେ ଶବର, କଂଧ, କୋଲ୍ହ, ସାଂତାଳ ପ୍ରଭୃତି ଆଦିମ ଅଧିବାସୀମାନେ ଆଦି-ଅଷ୍ଟ୍ରେଲୀୟ ବଂଶଧର । ନିମ୍ନବର୍ଣ୍ଣର ବଂଗାଳୀ ଓ ଓଡ଼ିଆ ଆଦିବାସୀମାନଙ୍କ ମଧ୍ୟରେ ଆଦି-ଅଷ୍ଟ୍ରେଲୀୟ ଜାତିର ପ୍ରଭାବ ଖୁବ୍ ବେଶୀ । ତେଣୁ ଏମାନେ ଆଦି-ଅଷ୍ଟ୍ରେଲୀୟ ମାନଙ୍କ ସଂଗେ ସମ୍ପୃକ୍ତ ବୋଲି ନୃତତ୍ତ୍ୱବିତ୍‌ଙ୍କ ମତ । ମଧ୍ୟ ଓ ଦକ୍ଷିଣ ଭାରତର ଆଦିମ ଅଧିବାସୀ ଏବଂ ସିଂହଳର ଭେଦ୍ଦା ପ୍ରଭୃତି ଜନ ଏବଂ ଉତ୍ତର-ଭାରତର ଗାଂଗେୟ ପ୍ରଦେଶର ଅଦିବାସୀ ଏହି ଶ୍ରେଣୀର ଅଂତର୍ଗତ । ଏହି ଆଦି-ଅଷ୍ଟ୍ରେଲୀୟମାନଙ୍କ ସହିତ ପୂର୍ବତନ ନେଗ୍ରିଟୋମାନଙ୍କର କେଉଁଠି କେଉଁଠି ରକ୍ତମିଶ୍ରଣ ଘଟିଥିବା ଅନସ୍ୱୀକାର୍ଯ୍ୟ । ତା'ନ ଦେଖିଲେ ମଧ୍ୟ-ଭାରତ ଓ ଦକ୍ଷିଣ ଭାରତ ଏବଂ ବଂଗଦେଶର ଆଦି-ଅଷ୍ଟ୍ରେଲୀୟମାନଙ୍କ [illegible]

ଦେହବୈଶିଷ୍ଟ୍ୟର ଯେଉଁ ପାର୍ଥକ୍ୟ ଦେଖାଯାଏ ତାର ଯଥେଷ୍ଟ କାରଣ ଖୋଜି ପାଇବା କଷ୍ଟ ।"*

## ଅଷ୍ଟ୍ରିକ୍‌ଭାଷୀର ଜୀବନ-ପ୍ରଣାଳୀ

ଭାରତବର୍ଷ କୃଷିପ୍ରଧାନ ଦେଶ । ଏହି କୃଷିକାର୍ଯ୍ୟ ଅଷ୍ଟ୍ରିକ୍‌ଭାଷୀ ଆଦ୍ୟ-ଅଷ୍ଟ୍ରେଲୀୟମାନେ ଆମ ଦେଶରେ ପ୍ରଚଳନ କରିଥିବାର ବହୁ ପ୍ରମାଣ ମିଳେ ।

ବାହ୍ୟ ଉପାଦାନ

ପ୍ରଜିଲୁସ୍କି ନିଃସଂଦେହରେ ପ୍ରମାଣ କରିଛଂନ୍ତି ଯେ 'ଲଂଗଳ' କଥାଟି ଅଷ୍ଟ୍ରିକ୍‌ଭାଷାରୁ ଗୃହୀତ । ଏହାର ମୂଳଅର୍ଥ 'କୃଷି-କରିବା' ବା 'କୃଷି କରିବାର ଯଂତ୍ର' । ଖୁବ୍ ପ୍ରାଚୀନକାଳରେ 'ଲଂଗଳ' ଶବ୍ଦଟି ଆର୍ଯ୍ୟଭାଷାରେ ଗୃହୀତ ହୋଇଥିଲା । ଏଥିରୁ ଅନୁମାନ ହୁଏ ଯେ ଆର୍ଯ୍ୟଭାଷୀମାନେ କୃଷି କାର୍ଯ୍ୟ ଜାଣି ନଥିଲେ । ତେଣୁ କୃଷି ଓ କୃଷି କରିବାର ଯଂତ୍ର ( ଲଂଗଳ ) ଏ ଦୁଇଟିଯାକହିଁ ସେମାନେ ଅଷ୍ଟ୍ରିକ-ଭାଷାଭାଷୀ ଲୋକଂକଠାରୁ ପାଇଥିଲେ । ତୀକ୍ଷ୍ଣମୁଖ କାଷ୍ଠଦଂଡ ଯଂତ୍ର ଦ୍ୱାରା ଅଷ୍ଟ୍ରିକ୍ ଭାଷାଭାଷୀଗଣ ଯାହା କୃଷି କରୁଥିଲେ, ତାହା ହେଉଛି ଧାନ । ସମତଳଭୂମିରେ ଏବଂ ସ୍ତରେ ସ୍ତରେ ପାହାଡ଼ କାଟି ସେମାନେ ବନ୍ୟ ଧାନକୁ ଲୋକାଳୟର କୃଷିବସ୍ତୁ କରି ନେଇଥିଲେ । ଅଷ୍ଟ୍ରିକ୍‌ଭାଷୀ ଲୋକମାନଂକର ବସ୍ତୁତ ଭାରତ-ବର୍ଷରେ ଯେଉଁ ଯେଉଁ ସ୍ଥାନମାନଂକରେ ଥିଲା, ସବୁଠାରେ ଧାନର ପ୍ରଚଳନ ଥିଲା । ତେବେ ନଦୀବହୁଳ ସମତଳଭୂମିମାନଂକରେ ତାହା ବେଶୀ । ଆସାମ, ବଂଗଳା, ଓଡ଼ିଶା, ଦକ୍ଷିଣ-ଭାରତର ସମତଳ ସମୁଦ୍ର ଉପକୂଳ ଦେଶ, ପ୍ରଭୃତିରେ ସେମାନେ ପ୍ରସାର ଲାଭ କରିଥିଲେ ବେଶୀ, ଉତ୍ତର ଭାରତରେ ସେତେଟା ନୁହେଁ । ପରବର୍ତ୍ତୀ କାଳରେ ଦ୍ରାବିଡ଼ଭାଷୀ ଦୀର୍ଘମୁଂଡବିଶିଷ୍ଟ ଲୋକମାନେ ଭାରତବର୍ଷରେ ଯବ ଓ ଗହମ କୃଷି ପ୍ରଚଳନ କରଂନ୍ତି ଏବଂ ଏହା ଉତ୍ତର-ପଶ୍ଚିମ ସୀମାଂତରୁ ଆରଂଭ କରି ବିହାର ପର୍ଯ୍ୟଂନ୍ତ ଛଡ଼େଇ ପଡ଼େ ।[୧]

ଧାନଛଡ଼ା ଅଷ୍ଟ୍ରିକଭାଷୀ ଲୋକମାନେ କଦଳୀ, ବାଇଗଣ, ଲାଉ, ଲେଂବୁ ପାନ, ନଡ଼ିଆ, କମଳଂଗା, ତମିଳ, ହଳଦୀ, ଗୁଆ, ଡାଳିଂବ ଇତ୍ୟାଦି ମଧ୍ୟ କୃଷି କରୁଥିଲେ । ଏହି କୃଷିଜଦ୍ରବ୍ୟର ପ୍ରତ୍ୟେକଟିର ନାମ ଅଷ୍ଟ୍ରିକଗୋଷ୍ଠୀର ଭାଷାରୁ ଗୃହୀତ । [illegible] (ଧାନ) ଶବ୍ଦଟି ମଧ୍ୟ ଅଷ୍ଟ୍ରିକ୍ । ଏହି ସବୁ ଶବ୍ଦର

* I bid

୧ । S. Levi,

ସଂସ୍କୃତ ଓ ପ୍ରାକୃତ ଅପଭ୍ରଂଶ ନେଇ ଯେଉଁ ସବୁ ବସ୍ତୁତ ଆଲୋଚନା ହୋଇଛି, ସେଥିରୁ ଇତିହାସର ଏ ଇଂଗିତ ସ୍ପଷ୍ଟ । କଂରୁ ଗୃହପାଳିତ ପଶୁଙ୍କ ଖୁନ୍ଦ ଜାଣିଥିଲେ ମଧ୍ୟ ଗୋପାଳନ ଜାଣିଥିଲେ ବୋଲି ମନେ ହୁଏନାହିଁ । ବସ୍ତୁତଃ, ଅଷ୍ଟ୍ରିକଭାଷୀଂକ ମଧ୍ୟରେ ଗୋପାଳନ ଆଜି ମଧ୍ୟ କମ । ଯେଉଁମାନଂକ ଭିତରେ ଗୋ ଏହାର ପ୍ରଚଳନ ଦେଖାଯାଏ ସେମାନେ ଆର୍ଯ୍ୟଭାଷୀମାନଂକଠାରୁ ତାହା ଗ୍ରହଣ କରିଥିଲେ ବୋଲି ମନେହୁଏ । ସେତେବେଳେ ସଂଭବତଃ ଗୋପାଳନ ଆର୍ଯ୍ୟଭାଷୀ ସ୍ଥାନର ସଂଗେ ଜଡ଼ିତ । (Pre-Aryan. Pre-Dravidians;— papers by S. Levi, Przlusky & J. Bloch)

ବଂଗ ଓ ଓଡ଼ିଶା ପ୍ରଭୃତି ଦେଶରେ ଯେଉଁ ଏକ କୋଡ଼ି, ଦୁଇ କୋଡ଼ି, ପଣ (୮୦ଟାରେ ଏକ ପଣ) ଇତ୍ୟାଦି ଗଣନା ପଦ୍ଧତି ପ୍ରଚଳିତ ଅଛି, ଯେଉଁ ପ୍ରଣାଳୀଟି ଏବଂ 'କୋଡ଼ିଏ' ଶବ୍ଦଟି ମୂଳତଃ ଅଷ୍ଟ୍ରିକ୍ । ହାଟ ବଜାରରେ ଜିନିଷ ପତ୍ରର ଗଣତି ଆଜି ମଧ୍ୟ ଏହି ଢଙ୍ଗରେ ହୋଇଥାଏ । ଅଷ୍ଟ୍ରିକ୍‌ଭାଷୀଂକ ମଧ୍ୟରେ କୋଡ଼ିଏ ଶବ୍ଦଟି ମନୁଷ୍ୟ ଦେହର କୋଡ଼ିଏଟି ଅଙ୍ଗୁଳି ସଂଗେ ସଂପୃକ୍ତ, ଏବଂ କୋଡ଼ିଏ ହେଉଛି ସେମାନଂକର ସଂଖ୍ୟାଗଣନର ଶେଷ ଅଂକ । କୋଡ଼ିଏ ଗଂଡ଼ାରେ (୨୦×୪) ଏକ ପଣ । ଏହା ମଧ୍ୟ ଅଷ୍ଟ୍ରିକ୍‌ଭାଷୀର ଗଣନା । ଛେଳି (ଛାଗଳ), ମେଢ଼ା (ମେଂଢା), ବାଦୁଡ଼ି, କରତ, ଦାଆ, ବାଇଗଣ, ଏପରିକି ଗଂଗା (ଯାହାର ଅର୍ଥ ନଦୀ) ସବୁ ଅଷ୍ଟ୍ରିକ୍ ଭାଷାରଇ ଦାନ । କେତେଂକ ମତରେ ପୁଲିଂଦ-କୁଳିଂଦ, ମେକଳ-ଉତ୍କଳ, ଉଂଡ୍ର-ପୁଂଡ୍ର-ମୁଂଡ୍ର, କୋଶଳ-ତୋଶଳ ଅଂଗ-ବଂଗ, କଳିଙ୍ଗ-ତିଲିଂଗ ଏହି ପ୍ରକାର ଜାତିବାଚକ ଯମଜ-ନାମକରଣ ପଦ୍ଧତିଟି ଅଷ୍ଟ୍ରିକ୍ ଏବଂ ଏ ଶବ୍ଦ ଗୁଡ଼ିକ ମଧ୍ୟ ଅଷ୍ଟ୍ରିକ୍ ।

**ଅଷ୍ଟ୍ରିକ୍ ଶବ୍ଦାବଳୀ**

ଅଷ୍ଟ୍ରିକଗୋଷ୍ଠୀ ମଧ୍ୟରେ ଲିଂଗପୂଜା ଓ ଯୋନିପୂଜାର ପ୍ରଚଳନ ଥିଲା । ବସ୍ତୁତ 'ଲିଂଗ' ଶବ୍ଦଟିହିଁ ଅଷ୍ଟ୍ରିକ୍ ଶବ୍ଦ । ଏବେ ମଧ୍ୟ ବହୁ ପଲିନେଶୀୟ ଜାତିଂକ ମଧ୍ୟରେ ଲିଂଗ ଶବ୍ଦଟି ଠିକ୍ ଏହି ସେହି ଅର୍ଥରେ ବ୍ୟବହୃତ ହୁଏ । ପରବର୍ତ୍ତୀ ଯୁଗର

**ଲିଂଗ ପୂଜା ଓ ଯୋନି-ପୂଜା**

---

୧ । ଅଷ୍ଟ୍ରିକ୍, ଦ୍ରାବିଡ, ଅର୍ଯ୍ୟ ପ୍ରଭୃତି ସେହି ସେହି ଭାଷାକୁ ବୁଝାଏ । କେତେ ଜଣ ମହାରଥୀଂକର ସଂସ୍କୃତମୂଳ ଏହାକୁ ଭାଷା ନୁହେଁ ବ୍ୟବହାର କରନ୍ତି, ତାହା ବାଚକ ଶବ୍ଦରୂପେ ନୁହେଁ ।

ତନ୍ତ୍ର-ସାଧନାର ମୂଳ ବୀଜ ଏହି ଲିଙ୍ଗ ପୂଜା ମଧ୍ୟରେ ନିହିତ । ପ୍ରଜିଲସ୍କିଙ୍କ ମତରେ ଆର୍ଯ୍ୟମାନେ ତାଙ୍କ ପୂର୍ବବର୍ତ୍ତୀ ଅଷ୍ଟ୍ରିକ୍‌ଭାଷୀମାନଙ୍କଠାରୁ ଲିଙ୍ଗପୂଜା ଓ ଯୋନିପୂଜା ଗ୍ରହଣ କରିଥିଲେ । ଶ୍ରୀ ଦେବୀପ୍ରସାଦ ଚଟ୍ଟୋପାଧ୍ୟାୟ ତାଙ୍କ 'ଲୋକାୟତ ଦର୍ଶନ' ଗ୍ରନ୍ଥରେ ଦେଖାଇଛନ୍ତି ଶସ୍ୟ ଉତ୍ପାଦନ ସହିତ ଆଦିମ ଯୋନି-ପୂଜା ଓ ମୈଥୁନ-ଯୋଗ ଜଡ଼ିତ । ଆଦିମ ମନୁଷ୍ୟର ଧାରଣା ଥିଲା ଯେ ଅଧିକ ମୈଥୁନ କଲେ ଅଧିକ ଶସ୍ୟ ଉତ୍ପାଦନ ହୁଏ । ସେହି ମୌଳ ଧାରଣାର ବଶବର୍ତ୍ତୀ ହୋଇ ସେ ମୈଥୁନ-ଯୋଗ ସୃଷ୍ଟି କରିଥିଲା । ଓଡ଼ିଶାରେ ତନ୍ତ୍ରର ପ୍ରଭାବ ଜଗନ୍ନାଥଙ୍କ ଉପରେ ପଡ଼ିଛି । ଜଗନ୍ନାଥ ଭୈରବ ଏବଂ ବିମଳା ଭୈରବୀ ରୂପରେ ସୁପ୍ରତିଷ୍ଠିତ । ଅଷ୍ଟ୍ରିକମାନଙ୍କଠାରୁ ସିନ୍ଧୁ-ତଟବାସୀ ଦ୍ରାବିଡ଼ମାନେ ଲିଙ୍ଗ-ପୂଜା ଓ ମାତୃକା-ପୂଜା ଗ୍ରହଣ କରିଥିଲେ । ମହେଞ୍ଜୋ-ଦାରୋରୁ ପ୍ରାପ୍ତ ଧ୍ୱଂସାବଶେଷରୁ ମାତୃକାପୂଜାର ବହୁ ନିଦର୍ଶନ ମିଳେ ଏବଂ ଦ୍ରାବିଡ଼ମାନଙ୍କ ମଧ୍ୟରେ ଏହାର ପ୍ରଚଳନ ସଂବନ୍ଧରେ ନିର୍ଭରଯୋଗ୍ୟ ସାକ୍ଷ୍ୟ ମିଳେ । ଦ୍ରାବିଡ଼ର ଦେବତା ଶିବ ଭୈରବରୂପରେ ଏବଂ ଶକ୍ତି ଭୈରବୀ ରୂପରେ ପୂଜିତ ହୁଅନ୍ତି । ଅଷ୍ଟ୍ରିକଭାଷୀ ଗୋଷ୍ଠୀ ମଧ୍ୟରେ ପ୍ରଚଳିତ ଲିଙ୍ଗ-ପୂଜା ଓ ଯୋନି-ପୂଜା ପରବର୍ତ୍ତୀ କାଳରେ ସାଂଖ୍ୟ-ଦର୍ଶନରେ ପ୍ରକୃତି-ପୁରୁଷ ସଂଯୋଗରେ ସୃଷ୍ଟିର ଉତ୍ପତ୍ତି, ଏହି ତତ୍ତ୍ୱରେ ପରିଣତ ହୁଏ ।

ଫନ୍ ଆଇକଷ୍ଟେଡ୍‌ଟ ଭାରତବର୍ଷର ପୂର୍ବାଞ୍ଚଳବାସୀ ଅଷ୍ଟ୍ରିକ୍‌ଭାଷୀମାନଙ୍କୁ 'କୋଲିଡ୍' ଏବଂ ସିଂହଳୀୟ ଅଂଶକୁ 'ଭେଡ୍‌ଡିଡ୍' କହିଛନ୍ତି । ଭାରତରେ ଏମାନେ ବିନ୍ଧ୍ୟପର୍ବତଠାରୁ ପୂର୍ବ-ହିମାଳୟ ପର୍ଯ୍ୟନ୍ତ ବସତି ଲାଭ କରିଥିଲେ । ଦ୍ରାବିଡ଼ ଏବଂ ଆର୍ଯ୍ୟଭାଷୀଙ୍କ ଚାପରେ ଏମାନେ କ୍ରମେ ଉତ୍କଳ, ବଙ୍ଗ ଏବଂ ମଧ୍ୟ-ଭାରତର କେତେକ ଅଂଶକୁ ହଟି ଆସିବାକୁ ବାଧ୍ୟ ହୋଇଥିଲେ । ଏମାନଙ୍କର ଏକ ଅଂଶ ଦାକ୍ଷିଣାତ୍ୟରେ ମଧ୍ୟ ପରିବ୍ୟାପ୍ତ ।

— — —

# ପଚ଼ଂମ ଅଧିକରଣ

## ଜଗନ୍ନାଥ

### ॥ ଅଷ୍ଟ୍ରିକ୍‌ଭାଷୀଙ୍କର ଦାନ ॥

ଓଡ଼ିଆ ଜାତିର ପରମ ଆରାଧ୍ୟ ଦେବତା ଜଗନ୍ନାଥ ଯେ ମୂଳତ ଅଷ୍ଟ୍ରିକ୍ ବା ଶବର ଦେବତା, ଏହା ପ୍ରମାଣସିଦ୍ଧ । ଶବର ବା ସୌରାମାନେ ଅଷ୍ଟ୍ରିକ୍ ଭାଷାଭାଷୀ ଗୋଷ୍ଠୀର ଅନ୍ତର୍ଭୁକ୍ତ । ଏହି ଅଷ୍ଟ୍ରିକ୍ ଭାଷୀ ଗୋଷ୍ଠୀର ଶବରମାନଙ୍କର Totemism ବା ସଙ୍କେତବାଦରୁ ଜଣାଯାଏ ଯେ ସେମାନଙ୍କ ମଧ୍ୟରେ ବୃକ୍ଷୋପାସନା ପ୍ରଚଳିତ ଥିଲା । ଉତ୍ତର ଅଷ୍ଟ୍ରେଲିଆର ଆଦିମ ଅଧିବାସୀମାନଙ୍କ ମଧ୍ୟରେ ଏବେ ମଧ୍ୟ ଜୀବଜନ୍ତୁଙ୍କ ଛଡ଼ା ବୃକ୍ଷଲତା ଟୋଟେମରୂପେ ପ୍ରଚଳିତ ।

> 'Each member of the tribe has a totem usually chosen from the animal world, but in the North tending to include plants......" (The New Universal Enclyclopaedia"—Australian Aborigins)

ପରେ, ଅଷ୍ଟ୍ରିକଭାଷୀ ଜାତିପ୍ରବାହ ପରେ ଯେଉଁ ଦ୍ରାବିଡ଼ଭାଷୀ ଜନଗୋଷ୍ଠୀ ଭାରତବର୍ଷକୁ ଆସିଥିଲେ, ସେମାନଙ୍କର ମହେଞ୍ଜୋଦାରୋ ଓ ହରପ୍ପା ପ୍ରଭୃତି କର୍ମକୃତିରୁ ଜଣାଯାଏ ଯେ ସେମାନେ ମଧ୍ୟ ଅଷ୍ଟ୍ରିକଭାଷୀଙ୍କଠାରୁ ଲିଙ୍ଗୋପାସନା ଓ ବୃକ୍ଷୋପାସନା ଗ୍ରହଣ କରିଥିଲେ । *

ଅଷ୍ଟ୍ରିକ ଭାଷୀଗୋଷ୍ଠୀର ଅନ୍ତର୍ଗତ ଶବରମାନେ 'କିତୁଂଗ'ର ପୂଜା କରୁଥିଲେ । ସୌରା ଭାଷାରେ 'କିଂରୁଗ'ର ଅର୍ଥ 'ଦେବତା' । ଏହା କୌଣସି [illegible] ଦେବତାର ନାମ ନୁହେଁ । 'ଦେବତା' ଭଳି 'କିତୁଂଗ' ଏକ ସାମାନ୍ୟ [illegible] । କିତୁଂଗର ଅନେକ ରୂପ ଅଛି ବୋଲି ଶବରମାନେ [illegible] । [illegible], [illegible], [illegible], [illegible], [illegible], [illegible], [illegible], [illegible], [illegible], [illegible] । [illegible] [illegible] [illegible] [illegible] [illegible] [illegible] [illegible] [illegible] । [illegible] [illegible] [illegible] [illegible] [illegible] ଜଗନ୍ନାଥ

---

* Comparative Religion—T. E. Carpenter ଓ The History of Culture of Indian People—R. C. Majumdar.

ଶବ୍ଦଟି ଶବର ଭାଷାରେ ବ୍ୟବହୃତ "ଜଗଂତ" ଶବ୍ଦର ସଂସ୍କୃତ ରୂପ । ସୌରମାନେ କହଂନ୍ତି ଯେ କିତୁଂଗ ଶବର ଜାତିର ମୂଳ ଦେବତା ଓ ସେ ସମସ୍ତ ଶବର ଗୋଷ୍ଠୀ ସୃଷ୍ଟି କରିଛଂନ୍ତି । ଗାଁ ବାହାରେ ବଣ ଜଙ୍ଗଲରେ ଗୋଟିଏ ଗଛରେ କିତୁଂଗ ରହିଥିବାର ସେମାନେ ବିଶ୍ୱାସ କରଂନ୍ତି । ଯେଉଁ ବୃକ୍ଷକୁ ସେମାନେ 'ଜଗଂତ' ବୋଲି କହଂନ୍ତି, ସେଇ ବୃକ୍ଷକୁ, ଏପରିକି ସେ ଥିବା ବନର କୌଣସି ବୃକ୍ଷକୁ ସେମାନେ ଛେଦନ କରଂନ୍ତି ନାହିଁ । ଏଥିରୁ ମନେ ହୁଏ ଯେଉଁ ବୃକ୍ଷ ବା ଦାରୁକୁ, ସେମାନେ 'ଜଗଂତ' ଆଖ୍ୟାରେ ପୂଜା କରୁଥିଲେ ତାହା ପରବର୍ତ୍ତୀ 'ଜଗନ୍ନାଥ' ଶବ୍ଦର ମୂଳ ହୋଇଥାଇପାରେ । ଯେପରି ଅଷ୍ଟ୍ରିକ୍ ଶବ୍ଦ (କୋହ୍ଲ ଭାଷାର) 'ମରକ୍' (ମୟୂର) ପରେ ଅଥର୍ବ ବେଦରେ 'ମ୍ରୋକ' ରୂପେ ପ୍ରଯୁକ୍ତ ହୋଇଛି । ('ବାଦୁଡ଼ି' ଶବ୍ଦଟି ମଧ୍ୟ ଅଷ୍ଟ୍ରିକ ଭାଷାରୁ ଆର୍ଯ୍ୟ ଭାଷା-ପରିବାର ମଧ୍ୟରେ ପ୍ରବେଶ କରି ଯାଇଛି ।*)

ସୁଆର ଦଇତା, ଯାହା ଶବରର ଅନ୍ୟ ନାମ 'ଦୈତ୍ୟ'ରୁ ଉତ୍ପନ୍ନ, ଜଗନ୍ନାଥଂକର ଜ୍ଞାତି ରୂପେ ସୁବିଦିତ । 'ଦଇତା'ମାନେ ଶବର ବଂଶଧର, ଏହା ଜଣାଶୁଣା କଥା । ଆର୍ଯ୍ୟମାନେ ଆର୍ଯ୍ୟେତର ନରଙ୍କୁ 'ଅସୁର' ବା 'ଦୈତ୍ୟ' ବୋଲି ବେଦରେ ଅଭିହିତ କରିଛଂନ୍ତି । ସ୍ନାନ-ପୂର୍ଣ୍ଣିମାଠାରୁ ରଥଯାତ୍ରା ପର୍ଯ୍ୟଂନ୍ତ ଜଗନ୍ନାଥଂକର ସମସ୍ତ ପୂଜା-ବିଧି ଏଇ ଦଇତାମାନେହିଁ ସମ୍ପନ୍ନ କରିଥାଂନ୍ତି । 'ଅସୁର' ଏସୀରସ୍ଥ ଦେଶବାସୀଂକୁ ବୁଝାଏ ।

ଭାରତର ଅନ୍ୟ କୌଣସି ମଂଦିରରେ ଦାରୁମୂର୍ତ୍ତି ପୂଜିତ ହେଉଥିବା କଥା ଦେଖାଯାଏ ନାହିଁ । ଅନ୍ୟ ସବୁଠି ପଥର ବା ଧାତୁର ବିଗ୍ରହ ପୂଜିତ ହୁଅଂନ୍ତି । କେବଳ ପୁରୁଷୋତ୍ତମରେ, ଶ୍ରୀମଂଦିରରେହିଁ ଦାରୁ-ବିଗ୍ରହ ପୂଜା ଦାରୁଦେବତା ହୁଅଂନ୍ତି । ଏଥିରୁ ଜଗନ୍ନାଥ ଯେ ପ୍ରଥମେ ବୃକ୍ଷୋପାସକ ଶବରର ଦେବତା ଥିଲେ ଏବଂ ପରେ ଆର୍ଯ୍ୟ-ଦେବତାରେ ପରିଣତ ହେଲେ, ଏହାର ବହୁଳ ସମର୍ଥନ ମିଳେ । ଓଡ଼ିଶାର କିଂବଦଂନ୍ତୀ, ଲୋକଗାଥା ଜଗନ୍ନାଥଂକର ଶବର-ପ୍ରଭବ ବିଷୟରେ ସାକ୍ଷ୍ୟ ଦିଏ । ଅଷ୍ଟ୍ରିକଭାଷୀ-ମାନଂକ ପରେ ଯେଉଁ ନିଗ୍ରୋମାନେ ଭାରତବର୍ଷରେ ବସତି ସ୍ଥାପନ କରିଥିଲେ, ସେମାନଂକ ମଧ୍ୟରେ 'ପିପ୍ପଳ ବୃକ୍ଷୋପାସନା' (Cult of Ficus Tree) ପ୍ରଚଳିତ ଥିଲା ବୋଲି ବହୁ ଐତିହାସିକ କହଂନ୍ତି । ପରେ ଏହା ମହେଂଜୋଦାରୋରୁ ନିର୍ଗତ ସୈଂଧବ ସଂସ୍କୃତି ବା ଦ୍ରାବିଡ଼ ସଂସ୍କୃତି ମଧ୍ୟରେ ଅନୁପ୍ରବେଶ କରେ ।

*ଅଥର୍ବବେଦ—୨-୪-୩ ଓ ୧୬, ୧-୩ । କୋହ୍ଲ ଭାଷାରେ ମୟୂରକୁ 'ମରକ୍' କହଂନ୍ତି ।

ଆର୍ଯ୍ୟ ସଂସ୍କୃତି ମଧ୍ୟରେ ମଧ୍ୟ ଏହି ଅଶ୍ୱତ୍ଥ ବୃକ୍ଷୋପାସନା ପ୍ରବେଶ କରିଥିଲା ବୋଲି ଆର୍. ସି. ମଜୁମଦାରଙ୍କ ପ୍ରଣୀତ "The History and Culture of the Indian People"[୧] ଗ୍ରନ୍ଥରୁ ଜଣାଯାଏ । ଡଃ ବେଣୀମାଧବ ପାଢ଼ୀ କହନ୍ତି, 'ଏବେ ସୁଦ୍ଧା ପାର୍ଲାଖେମୁଣ୍ଡି ମାଳ ଅଞ୍ଚଳ ଭିତରେ, କୋରାଂଗ, କଂଦସିଂ, ଗୁଜରାଂଗ ପ୍ରଭୃତି ନିବିଡ଼ ଜଂଗଲ ଭିତରେ, ସୌରାମାନଙ୍କ ଭିତରେ ପିପ୍ପଳ ବୃକ୍ଷକୁ ଦେବତା ବୋଲି ବିଶ୍ୱାସ କରିବାର ଦେଖାଯାଏ । ସେମାନେ କିଣାବିକା ସମୟରେ ବିଶ୍ୱାସର ନିଦର୍ଶନ ସ୍ୱରୂପ ଓସ୍ତପତ୍ରଟିଏ ହାତରେ ନଧରି କୌଣସି ଚୁକ୍ତି କରିବାକୁ ଚାହାଁନ୍ତି ନାହିଁ । କ୍ରେତା ବା ବିକ୍ରେତାଙ୍କ ମଧ୍ୟରୁ କିଏ ହେଲେ ଜଣେ ଓସ୍ତପତ୍ରଟିଏ ହାତ ପାପୁଲିରେ ରଖି ସେଥିରେ ଗୋଟିଏ ବଳିତା ଜଳାନ୍ତି । ଆଉ ଜଣକ ଆଉ ଗୋଟିଏ ପତ୍ର ଧରି ଅପର ହସ୍ତରେ ତାହା ଘୋଡ଼ାଇ ଦିଅନ୍ତି । ସେତେବେଳେ ଯାଇ ସର୍ତ୍ତ ବା ଚୁକ୍ତି ସ୍ଥିରହୁଏ ।'[୨] ଇ. ଥର୍ଷ୍ଟନଙ୍କ ପ୍ରଣୀତ Castes and Tribes of Southern India, Vol Vi ଗ୍ରନ୍ଥର ୩୩୫ ପୃଷ୍ଠାରେ ଏ ବିବରଣୀ ସଙ୍କଳିତ ହୋଇଛି । ଶବରମାନେ କୌଣସି ଓସ୍ତଗଛରେ ( ଶୁଖିଲା ହେଉ ବା କଞ୍ଚା ହେଉ ) କେବେ ଚଢ଼ନ୍ତି ନାହିଁ କି ଚୋଟ ଲଗାନ୍ତି ନାହିଁ । ଏହାର କାରଣ ସେମାନଙ୍କ ଗାଁ ମୁଖିଆଙ୍କୁ ( ଗମାଂଗଂକୁ ) ପଚାରିଲେ ଉତ୍ତର ମିଳେ : 'ଏହା ଆମର ପୂର୍ବପୁରୁଷ କରି ଆସିଛନ୍ତି ।' ଏଥିରୁ ଜଣାପଡ଼େ ପିପ୍ପଳ ଉପାସନା ସେମାନଙ୍କର ପରଂପରା ସିଦ୍ଧ । ନେଗ୍ରିଟୋମାନଙ୍କୁ ଛାଡ଼ିଦେଲେ ଦାରୁଉପାସନା ମୂଳତଃ ପ୍ରୋଟୋ-ଅଷ୍ଟ୍ରେଲଏଡ୍ ବା ଶବର ଜାତିର । ଜଗନ୍ନାଥ ଉପାସନା ଦାରୁ ଉପାସନାମୂଳକ ହୋଇଥିବାରୁ ସେ ଶବର ଦେବତା ବିନା ଅନ୍ୟ କୌଣସି ଧର୍ମର ଦେବତା ବୋଲି କହିଲେ ଅସଙ୍ଗତ ହେବ । ଏଣୁ କହିପାରୁଁ ଜଗନ୍ନାଥ ଦାରୁଦେବତାରହିଁ ରୂପାନ୍ତର ଏବଂ ସେ ମୂଳତଃ ଶବରମାନଙ୍କର ଦେବତା ।'[୩]

ବୃକ୍ଷ-ଉପାସନା

## ଜଗନ୍ନାଥଙ୍କର ପ୍ରାଚୀନତ୍ୱ

ଅଷ୍ଟ୍ରିକ୍‌ଭାଷୀ ଜନପ୍ରବାହର ବହୁପରେ ଭାରତବର୍ଷରେ ଦ୍ରାବିଡ଼ ଓ ଆର୍ଯ୍ୟଭାଷୀମାନଙ୍କର ଆଗମନ ହୋଇଥିଲା । ତେଣୁ ଅଷ୍ଟ୍ରିକ୍‌ଭାଷୀ ଦ୍ରାବିଡ଼ ଆର୍ଯ୍ୟଭାଷୀ ତୁଳନାରେ ପ୍ରାଚୀନତର । ଅଷ୍ଟ୍ରିକ୍ ଭାଷାରେ 'ଅଷ୍ଟ୍ରିକ୍' ଶବ୍ଦର ଅର୍ଥ

---

୧ । ଡଃ ବେଣୀମାଧବ ପାଢ଼ୀଙ୍କ ପ୍ରଣୀତ "ଦାରୁଦେବତା" ଦ୍ରଷ୍ଟବ୍ୟ ।

୨ । 'ଦାରୁଦେବତା'

୩ । ଏଜ୍ଞ

'ଅଗନ୍ନ' । ଏଥିରୁ ବୁଝିବାକୁ ହେବ ଯେ ଦ୍ରାବିଡ଼ ଓ ଆର୍ଯ୍ୟ ପ୍ରବାହର ବହୁ ପୂର୍ବରୁ ଅଷ୍ଟ୍ରିକ୍ ଦେବତା ଜଗନ୍ନାଥ ଏ ଦେଶରେ ପ୍ରତିଷ୍ଠିତ ହୋଇସାରିଥିଲେ । ଆର୍ଯ୍ୟ ମାନବର ଆଦିଗ୍ରଂଥ ଋକ୍‌ବେଦରେ ସମୁଦ୍ରତୀରରେ ଏକ ଅପୁରୁଷ ଦାରୁ ଭାସୁଥିବା କଥାର ଉଲ୍ଲେଖ ଅଛି ।

"ଅଦୋ ଯଦ୍ଦାରୁ ପ୍ଳବତେ ସିଂଧୋ ପାରେ ଅପରୁଷମ୍ ।
ତଦାରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ ।'

ଋଗ୍‌ବେଦ, ୧୦ମ ମଣ୍ଡଳ, ସୂକ୍ତ (୧୫୫, ମଂତ୍ର)

ଏହାର ଅଥ ପଂଡିତ ନୀଳକଂଠ ଦାସ ନମ୍ନ ପ୍ରକାରେ କରିଛଂତି' :—

"The priest speaks to Durhanu (literally one whose speech is bad), you discard (cut or kill) A-rabhasva (the same as Alabhasva) that wood which is manifest (floats beyond (or in the coast of) the ocean, for that is no Purusha' Then you go to the best stratum (ie, the spiritual plane)*

ସିଂଧୁତୀରରେ ପ୍ରକଟିତ ଅପୁରୁଷ ଦାରୁକୁ ଭେଦନ କଲେ ପରମପଦ ଲାଭ ହେବ ବୋଲି ବୈଦିକ ଋଷି ଦୁର୍ହଣୁଂକୁ କହୁଛଂତି । ଏହି ବୈଦିକ ସାକ୍ଷ୍ୟ ଦାରୁକୁ 'ଅପୁରୁଷ' କହିବା ଦ୍ୱାରା ଏହା ବୈଦିକ ଧର୍ମର ବାହାରେ କୌଣସି ଦେବମୂର୍ତ୍ତିକୁ (ଘୃଣାବ୍ୟଂଜକ ଅର୍ଥରେ) ସୂଚିତ କରୁଛି, କିଂବା 'ଅଣାକାର' ଦାରୁମୂର୍ତ୍ତିକୁ ବୁଝାଉଛି । ପରସ୍ତର ଅର୍ଥରେ ସାୟଣାଚାର୍ଯ୍ୟ ପୁରୁଷୋତ୍ତମ କ୍ଷେତ୍ରକୁହିଁ ବୁଝାଇଛଂତି । ('ଯଦ୍ଦାରୁ ପୁରୁଷୋତ୍ତମାଖ୍ୟଂ ଦେବତାଶରୀରଂ') ଏହି ମଂତ୍ରୋକ୍ତ 'ପୁରୁଷ' ଶବ୍ଦଟି 'ପୁରୁଷୋତ୍ତମ'ର ସୂଚନା ବୋଲି କେହି କେହି ମନେ କରଂତି । 'ଦୁର୍ହଣ' ଶବ୍ଦଟି ଅଲକ୍ଷ୍ମୀ-ବାଚକ ।

ଏଥିରୁ ସିଂଧୁତଟବର୍ତ୍ତୀ ଅଷ୍ଟ୍ରିକ୍‌ଭକ୍ତୀ ଦାରୁଦେବତା ପ୍ରତି ବୈଦିକ ଋଷିର ଘୃଣାଭାବହିଁ ପକାଶ ପାଉଛି । ଋକ୍‌ବେଦ ଆଜକୁ ପ୍ରାୟ ଚାରିହଜାର ବର୍ଷ ତଳେ ୧

---

* 'Hints on the Significance and History of Jagannath— Pandit Nilakantha Das. (Nikhil Bharat Prabasi Utkal Simmelan Souvenir, Calcutta, Jany, 1959)

୧ । ମ୍ୟାକ୍‌ସ ମୁ୍ୟଲର ଋକ୍‌ବେଦର ପ୍ରଥମ ସଂସ୍କରଣରେ ଋକ୍‌ବେଦର କାଳ ଖ୍ରୀ: ପୂ ୧୨୦୦ ବର୍ଷ ବୋଲି କହିଛଂତି । ପିଟରସନ୍ ତାଂକ 'Hymns From Rig Veda' ଗ୍ରଂଥରେ ଏହା ଖ୍ରୀ: ପୂ ୧୫୦୦ ବେଳେ ଲେଖା ହୋଇଥିଲା ବୋଲି କହଂଛନ୍ତି । "Vedic Reader" ପ୍ରଣେତା ମ୍ୟାକଡୋନେଲ ଖ୍ରୀ: ପୂ ୧୩୦୦ ଶତକ ଏବଂ ଭିଟନି ଖ୍ରୀ ପୂ ୨୦୦୦-୧୫୦୦ ବୋଲି ନିର୍ଣ୍ଣୟ କରିଛଂତି । Weber ତାଂକ 'History of Indian Literature' ରେ ଖ୍ରୀ: ପୂ. ୧୬୦୦ ଶତକ ଭାରତରେ ଆର୍ଯ୍ୟ ଆଗମନ କାଳ ବୋଲି କହଂତି ।

ଲକ୍ଷିତ ହୋଇଥିଲା । ତେଣୁ ଜଗନ୍ନାଥଙ୍କ ଅସ୍ତିତ୍ୱ ଯେ ତାର ବହୁପୂର୍ବରୁ, ଆର୍ଯ୍ୟ-ଆଗମନ ପୂର୍ବରୁ ଥିଲା ଏଥିରେ ଆଶ୍ଚର୍ଯ୍ୟର କଥା କିଛି ନାହିଁ ।

ପଞ୍ଚଦଶ ଶତାବ୍ଦୀର ପ୍ରଥମ ପାଦରେ ନୀଳାମ୍ବର ଦାସଙ୍କ "ପୁରୁଷୋତ୍ତମ ଦେଉଳ ତୋଳା"ରେ ଦେଖୁଁ ଜଗନ୍ନାଥ ପ୍ରଥମେ 'ନୀଳମାଧବ' ନାମରେ, ପୂର୍ବ ସମୁଦ୍ର ତଟରେ, ବିଶ୍ୱାବସୁ ନାମକ ଶବର ଦ୍ୱାରା ଘୋର ଜଙ୍ଗଲ ଭିତରେ ପୂଜିତ ହେଉଥିଲେ । ମାଳବ ଦେଶର ରାଜା ଇନ୍ଦ୍ରଦ୍ୟୁମ୍ନ ଏହା ନାରଦଙ୍କଠୁ ଜାଣି ପାରି ନିଜ ମନ୍ତ୍ରୀ ବିଦ୍ୟାପତିଙ୍କୁ ଏହାର ସନ୍ଧାନ କରିବା ପାଇଁ ପଠାଇଲେ । ବିଦ୍ୟାପତି କୌଶଳ କରି ବିଶ୍ୱାବସୁଙ୍କ ଅତିଥି ହେଲେ । ତା' ପରେ ସେ ବିଶ୍ୱାବସୁଙ୍କ କନ୍ୟାକୁ (ଲଳିତା) ପ୍ରଣୟ ପାଶରେ ଆବଦ୍ଧ କଲେ । ଏହି କନ୍ୟା ସାହାଯ୍ୟରେ ସେ ନୀଳ-ମାଧବଙ୍କୁ ଦର୍ଶନ କରିଥିଲେ ଏବଂ ସେଠାକୁ ଯିବା ବାଟ ମଧ୍ୟ କୌଶଳକ୍ରମେ ଜାଣିଗଲେ । ତା' ପରେ ସେ ଯାଇ ଇନ୍ଦ୍ରଦ୍ୟୁମ୍ନଙ୍କୁ ସମସ୍ତ ଖବର ଦେଲେ । ଇନ୍ଦ୍ରଦ୍ୟୁମ୍ନ ବହୁ ସୈନ୍ୟ ନେଇ ଓଡ଼ିଶା ଅଭିମୁଖେ ଯାତ୍ରା କଲେ । ବିଶ୍ୱାବସୁ ତାଙ୍କ ବିରାଟ ସୈନ୍ୟବାହିନୀ ଦେଖି ଆତ୍ମସମର୍ପଣ କଲେ । ବାଙ୍କ ଚଟିକାଠାରେ ଇନ୍ଦ୍ରଦ୍ୟୁମ୍ନ ଓ ବିଶ୍ୱାବସୁଙ୍କ ମଧ୍ୟରେ ଭେଟ ହେଲା । ଦୁହେଁ ମିତ୍ର ହେଲେ । ମାତ୍ର ନୀଳମାଧବ ଇଆଡେ ଅନ୍ତର୍ଧ୍ୟାନ ହୋଇଗଲେ । ତେଣୁ ଇନ୍ଦ୍ରଦ୍ୟୁମ୍ନ ୨୧ ଦିନ କାଳ ଅନ୍ନଜଳ ତ୍ୟାଗ କରି ଧାରଣା ଦେଇ ବସିଲେ । ତାଙ୍କୁ ସ୍ୱପ୍ନ ହେଲା ଯେ ନୀଳମାଧବ ଦାରୁ ରୂପରେ ସମୁଦ୍ର ଜଳରେ ଭାସୁଛନ୍ତି । ସେହି ଦାରୁରେ ମୂର୍ତ୍ତି ତିଆରି କରାଇ ସ୍ଥାପନ କଲେ ସେ ସେଥିରେ ବାସ କରିବେ ।······ତଦନୁସାରେ ବିଶ୍ୱକର୍ମାଙ୍କୁ ଡକାଇ ଇନ୍ଦ୍ରଦ୍ୟୁମ୍ନ ମୂର୍ତ୍ତି ତିଆରିର ବ୍ୟବସ୍ଥା କଲେ ।······('ଓଡ଼ିଶା ଇତିହାସ'—ଡ଼ଃ ହ: କୃ ମହତାବ୍)

'ବ୍ରହ୍ମପୁରାଣ'ରେ ଇନ୍ଦ୍ରଦ୍ୟୁମ୍ନ 'ଇନ୍ଦ୍ରନୀଳୀଖ୍ୟ ବିଗ୍ରହ'ଙ୍କୁ (ଯାହା ପୁରୁଷୋତ୍ତମରେ ପୂଜା ପାଉ ଆସୁଥିଲେ) ସ୍ଥାପନା କରି ମନ୍ଦିର ତୋଳାଇବା ପାଞ୍ଚବା କଥା, ଏବଂ ସେ ମୂର୍ତ୍ତି ଅଦୃଶ୍ୟ ହୋଇ ଯାଇ ସମୁଦ୍ରରେ ଦାରୁରୂପେ ଭାସୁଛନ୍ତି ବୋଲି ସ୍ୱପ୍ନ ଦେଖିବା କଥା ଏବଂ ସେ ଦାରୁକୁ ଆଣି ମୂର୍ତ୍ତି ଗଢ଼ାଇ ଏକ ମନ୍ଦିର ନିର୍ମାଣ କରାଇ ସ୍ଥାପନ କରିବା କଥା ଉଲ୍ଲେଖ କରାଯାଇଛି । ସ୍କନ୍ଦ ପୁରାଣରେ ମଧ୍ୟ

* Kaigଙ୍କ 'Rig-Veda'ରେ ଋକ୍‌ବେଦର କାଳ ଖ୍ରୀ: ପୂ ୧୩୦୦ ଶତକ ବୋଲି ନିର୍ଦ୍ଧାରିତ ହୋଇଛି । ଲୋକମାନ୍ୟ ତିଳକ 'ଓରିଅନ' ବା ସପ୍ତର୍ଷି-ମଣ୍ଡଳର ସୂତ୍ର ଧରି ଏହାର ସମୟକୁ ଆହୁରି ପଛକୁ ଟାଣି ନେଇଛନ୍ତି ।

ଅନୁରୂପ ଶ୍ଳୋକ ଦେଖିବାକୁ ମିଳେ । 'ଏଥିରେ 'ନ୍ୟଗ୍ରୋଧ ବୃକ୍ଷହିଁ ନାରାୟଣ' ବୋଲି ଉଲ୍ଲେଖ ଥିବା ଦେଖୁଁ । ସ୍କନ୍ଦ ପୁରାଣସ୍ଥ 'ଉତ୍କଳଖଣ୍ଡ' ବର୍ଣ୍ଣିତ ପୁରୁଷୋତ୍ତମ ଚରିତ ପ୍ରାୟ ଶାରଳାଦାସଙ୍କ 'ଦେଉଳତୋଳା'ର ଆଖ୍ୟାନ ସହ ମିଳିଯାଏ ଏବଂ ନୀଳଗିରି ନିକଟସ୍ଥ ରୋହିଣୀ କୁଣ୍ଡର ଉତ୍ତରକୁ ନୀଳମାଧବ ମୂର୍ତ୍ତି ଶବର ବିଶ୍ୱାବସୁ ଦ୍ୱାରା ପୂଜିତ ହୋଇ ଆସୁଥିବା କଥା ସେଥିରେ ଲେଖା ଅଛି ।[୧] (ମାତ୍ର ଦେବ କନ୍ୟା ସାହାଯ୍ୟରେ ମୂର୍ତ୍ତି ଦେଖିବା କଥା ଏଥିରେ ନାହିଁ ।) ନାରଦ ପୁରାଣ, ପଦ୍ମପୁରାଣ, କପିଳ ସଂହିତା ଏବଂ ନୀଳାଦ୍ରି ମହୋଦୟ ପ୍ରଭୃତି ଗ୍ରନ୍ଥମାନଙ୍କରେ ତଥା ଓଡ଼ିଆ, ବଂଗଳା, ଓ ତେଲଗୁ ଭାଷାରେ ଲିଖିତ ବହୁ ପୋଥିମାନଙ୍କରେ ଜଗନ୍ନାଥ ପ୍ରଥମେ ଶବର ଦ୍ୱାରା ପୂଜିତ ହେଉଥିବା କଥା ଏବଂ ପରେ ଇନ୍ଦ୍ରଦ୍ୟୁମ୍ନ ତାଙ୍କୁ ଆଣି ବ୍ରାହ୍ମଣ୍ୟ ଦେବତା ରୂପେ ପ୍ରତିଷ୍ଠା କରିଥିବା ବିଷୟ ଲେଖା ଅଛି ।

ଜଗନ୍ନାଥ ଯେ ମୂଳତ ଶବର ଦେବତା ଏଥିରେ କୌଣସି ସନ୍ଦେହ ନାହିଁ । ତାଙ୍କର ଆଦ୍ୟ-ସତ୍ତା ନୀଳମାଧବ ଥିଲା ବୋଲି ମଧ୍ୟ ବହୁ ସୂତ୍ରରୁ ସନ୍ଧାନ ମିଳେ । ମାତ୍ର ଏହି ନୀଳମାଧବ ଅର୍ଥ ବିଷ୍ଣୁଙ୍କର ଏକ ନାମ ମାଧବ ବୋଲି ଧରିନେବା ଠିକ୍ ନୁହେଁ । ପଣ୍ଡିତ ନୀଳକଣ୍ଠ ଦାସ, ନୀଳମାଧବର ଏହିପରି ଅର୍ଥ କରିଛନ୍ତି—

> The name does not appear to be any Sanskrit name. The Sanskrit name may mean blue husband of Ma (mother) or Lakshmi. But even so, the word 'Nila' (blue) has no significance......... It can only mean Nila (blue) Ma (mother), and Dhaba (white) It is a Dravidian name which thus means black-mother-white.... which philosophically means non-existence—principles of generation—the phenomenal expression of the universe."

ମାତ୍ର 'ନୀଳମାଧବ' ଶବର ବା ଅଷ୍ଟ୍ରିକ୍‌ଭାଷୀଙ୍କ ଦେବତା ହୋଇଥିବାରୁ ଏବଂ ଦ୍ରାବିଡ଼ଭାଷୀମାନଙ୍କ ଆଗମନର ବହୁ ପୂର୍ବରୁ ତାଙ୍କର ଅସ୍ତିତ୍ୱ ପ୍ରମାଣିତ ହେଉଥିବାରୁ ଏ ଶବ୍ଦର ଦ୍ରାବିଡ଼ ଭାଷାନୁସାରୀ ବ୍ୟାଖ୍ୟା ସଂଗତ ନୁହେଁ । ଯେପରି ମନେହୁଏ ଏ ଶବ୍ଦ ହୁଏତ ନୀଳ ବା କୃଷ୍ଣବର୍ଣ୍ଣ କାଠର ମୂର୍ତ୍ତି ହୋଇଥିବ ଏବଂ ତାର ଆକାର ପ୍ରକାର ବିଶେଷ କିଛି ନ ଥିବ । ପରେ ଏହାକୁ ହିନ୍ଦୁ ପୁରାଣ ଗ୍ରନ୍ଥରେ 'ନୀଳମାଧବ' ଆଖ୍ୟା ଦିଆଯାଇଛି । 'ନୀଳମାଧବ' ବ୍ରାହ୍ମଣ୍ୟ ଧର୍ମ ବା ବୈଷ୍ଣବ ଧର୍ମର ପ୍ରାଧାନ୍ୟ ସୂଚିତ କରେ ।

---

୧ । 'ଦାରୁଦେବତା' ଦ୍ରଷ୍ଟବ୍ୟ

ସାରଳା ମହାଭାରତରେ ଇଂଦ୍ରଦ୍ୟୁମ୍ନ ଯିବା ଆଗରୁ ସେଠାରେ ଦାରୁ ଦେବତା ଶବର ଦ୍ୱାରା ଉପାସିତ ହୋଇ ଆସୁଥିବା କଥାର ସ୍ପଷ୍ଟ ଉଲ୍ଲେଖ ଅଛି । ଶବରଙ୍କ ବସ୍ତ୍ରକୁ ଅନ୍ଧପଟଳ ବାଂଧି ଚଂଦନବନ ଭିତରେ ଦାରୁବ୍ରହ୍ମଂକୁ ଦେଖାଇବା ପରେ ସେ ଯାଇ ଇଂଦ୍ରଦ୍ୟୁମ୍ନଂକୁ କହିଲେ—

"ଦାରୁବ୍ରହ୍ମ ମୂରତି ମୁଁ ଦେଖିଲି ବୋଲିବ ।
ଯମଜନକ ବନେ ଏବେ ଗୁଳଂଚୁ ହେ ଦେବ" । (ବନପର୍ବ)

ଶ୍ରୀ ଗୁରୁଦାସ ସରକାର 'ମଂଦିରେର କଥା'ରେ ଲେଖିଛଂତି "ଶ୍ରୀ ଶ୍ରୀ ଜଗନ୍ନାଥ ସମ୍ଭବତ ଅଧମ ଶବର ଜାତି ନିକଟରୁ ଧାର ଆଣିଥିବା ଦେବତା ···ଯେଉଁ ଶବର ଜାତି ପ୍ରାଚୀନ କାଳରୁ ଆଜି ଯାଏଁ ଏପରି ପ୍ରସିଦ୍ଧି ଲାଭ କରି ଆସିଛଂତି ଓ ଯାହାଂକର ବଂଶଧରଗଣ ବିଂଧ୍ୟାଚଳଠାରୁ ମହାନଦୀ ପର୍ଯ୍ୟଂତ ବିସ୍ତୃତ ଭୂମିରେ ବାସ କରି ଆସିଛଂତି ସେ ଶବର ଜାତିର କେଉଁ ୧.ଖ ଦ୍ରଶ.ଖ ୨ cult ବା Totem ପ୍ରତୀକ ଟିଏ ନେଇ ବ୍ରାହ୍ମଣମାନଂକ ଦ୍ୱାରା "ଜଗନ୍ନାଥ" ନାମରେ ଅଭିହିତ ହୋଇ ଦେବତାରୂପେ ସ୍ୱୀକୃତ ହେବା ଅସଂଭବ ନୁହେଁ ।"

ଶ୍ରୀ କେଦାରନାଥ ମହାପାତ୍ର ଙ୍କଂକ "ଇଂଦ୍ରଦ୍ୟୁମ୍ନ କିଂବଦଂତୀର ଐତିହାସିକତା" ପ୍ରବଂଧରେ 'ଜଗନ୍ନାଥଂକୁ ଶବର ଦେବତା କହିବାର ଅନେକ କାରଣ ଅଛି' ବୋଲି ଉଲ୍ଲେଖ କରିଛଂତି ।

ମହା ମହୋପାଧ୍ୟାୟ ପଂଡିତ ହର ଶିବ ସିହ୍ନ, ଅଧ୍ୟାପକ ପ୍ରଭାତ ମୁଖର୍ଜି ଏବଂ ମନମୋହନ ଗାଂଗୁଲି ପ୍ରମୁଖ କଂରୁ ମନେ କରଂତି ଯେ ଜଗନ୍ନାଥ, ବ୍ରାହ୍ମଣ୍ୟଧର୍ମର ଦେବତା । ଡଃ ହରେକୃଷ୍ଣ ମହତାବ୍ ଙ୍କଂକ 'ଓଡ଼ିଶା ଇତିହାସ'ରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ବୌଦ୍ଧ ତ୍ରିରତ୍ନ, ଯଥା ବୁଦ୍ଧ, ଧର୍ମ ଓ ସଂଘର୍ଙ୍କ ରୂପାଂତର ବୋଲି ସାବ୍ୟସ୍ତ କରିବାକୁ ଚେଷ୍ଟା କରିଛଂତି । କନିଂଗହ୍ୟାମ ଜଗନ୍ନାଥଂକ ରଥଯାତ୍ରା ସହିତ ସିଂହଳର ବୌଦ୍ଧଦଂତ-ଯାତ୍ରାର ସାମଂଜସ୍ୟ ଦେଖି ଏହା ବୌଦ୍ଧ ଅନୁଷ୍ଠାନ ବୋଲି ଅନୁମାନ କରଂତି । ଖ୍ରୀ : ୫ମ ଶତାବ୍ଦୀରେ ଚୀନ ପରିବ୍ରାଜକ ଫାହିୟାନ ଖୋଟାନରେ ଅନୁଷ୍ଠିତ ଯେଉଁ ରଥଯାତ୍ରାର ବର୍ଣ୍ଣନା କରିଛଂତି, ତାହା ସଂଗେ ଜଗନ୍ନାଥଂକ ରଥଯାତ୍ରାର ବହୁ ସାମଂଜସ୍ୟ ଦେଖାଯାଏ । ଏଠାରେ କଂରୁ ସ୍ମରଣୀୟ ଯେ ସିଂହଳରେ ବୁଦ୍ଧଂକ ଦଂତକୁ ବୈଶାଖ ଶୁକ୍ଳ ତ୍ରୟୋଦଶୀ ଦିନ ବାହାର କରି ହାତୀ ଉପରେ ଥୋଇ ମହାସମାରୋହରେ ତୋଷଯାତ୍ରାନ ୯୮ ସ୍ଥାନକୁ ନିଆଯାଏ । ସେ ଦଂତ ନଗର ବାହାରେ ଏକ

ମଣ୍ଡପରେ ଛଅଦିନ ରହିବା ପରେ ପୁଣି ମନ୍ଦିରକୁ ଫେରିଆସେ । ମାତ୍ର ଜଗନ୍ନାଥ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ କାଷ୍ଠନିର୍ମିତ ରଥରେ ନିଜ ବଡ଼ଭାଇ ଓ ଭଉଣୀଙ୍କ ସହିତ ଗୁଣ୍ଡିଚା ବିଜେ କରନ୍ତି । ତେଣୁ ଏ ଦୁଇ ଅନୁଷ୍ଠାନ ମଧ୍ୟରେ ବହୁ ବୈଷମ୍ୟ ରହିଛି ।*

**ରଥଯାତ୍ରା ପରଂପରା**

ରଥଯାତ୍ରା କେବଳ ଏକ ବୌଦ୍ଧ-ଧର୍ମୀୟ ଅନୁଷ୍ଠାନ ନୁହେଁ । ରଥଯାତ୍ରାର ବର୍ଣ୍ଣନା ସମସ୍ତ ବାବିଲୋନୀୟ ସାହିତ୍ୟରେ ମିଳେ ବୋଲି ଧର୍ମାନନ୍ଦ କୋସଂବୀଙ୍କ 'ଭଗବାନ ବୁଦ୍ଧ' ଗ୍ରନ୍ଥରେ କହିଛନ୍ତି । ବାବିଲୋନିଆର ଅଧିବାସୀଙ୍କ ମଧ୍ୟରେ ବହୁ ପ୍ରାଚୀନ କାଳରୁ ପ୍ରଚଳିତ ଇଶ୍ତର ଦେବୀଙ୍କ ଗଳ୍ପଟିରୁ ଜଣାଯାଏ ଯେ ସେ 'ତମ୍ମୁଜ' ବା 'ଡମୁଜି' (ବୈଦିକ ଦମୁନସ୍) ନାମକ ଦେବତାଙ୍କଠାରେ ପ୍ରେମାସକ୍ତ ହେଲେ । କିନ୍ତୁ ଅକାଳରେ "ତମ୍ମୁଜ"ଙ୍କର ମୃତ୍ୟୁ ହେଲା । ତାଙ୍କୁ ପୁନର୍ଜୀବିତ କରିବା ପାଇଁ ଅମୃତ ଆଣିବାକୁ ଇଶ୍ତର ପାତାଳରେ ପ୍ରବେଶ କଲେ । ସେଠାର ରାଣୀ ଅଲ୍ଲତୁ ଥିଲେ ଇଶ୍ତରଙ୍କର ଭଉଣୀ । ତଥାପି ସେ ଇଶ୍ତରଙ୍କୁ ବହୁତ ଯନ୍ତ୍ରଣା ଦେଇଥିଲେ । କ୍ରମେ ତାଙ୍କର ସମସ୍ତ ଅଳଂକାର କାଢ଼ି ନେଇ ତାଙ୍କୁ ରୁଗ୍ଣ କରିଦେଲେ, କାରାଗାରରେ ବନ୍ଦୀ କଲେ । ସ୍ୱର ଛ'ମାସ ପର୍ଯ୍ୟନ୍ତ ଯନ୍ତ୍ରଣା ଭୋଗିବା ପରେ ଭଉଣୀ ଅଲ୍ଲତୁଙ୍କଠାରୁ ଅମୃତ ନେଇ ସେ ପୃଥିବୀକୁ ଫେରିଲେ । ଇଶ୍ତର ଯେଉଁ ଋତୁରେ ପାତାଳରୁ ମର୍ତ୍ତ୍ୟକୁ ଫେରିଲେ ସେଇ ଋତୁରେ ତାଙ୍କର ଉତ୍ସବ 'ରଥଯାତ୍ରା' ହେଉଥିଲା । ନାଲିଆ ବଳଦ ଗାଡ଼ିରେ ଇଶ୍ତରଙ୍କର ରଥଯାତ୍ରା ହେଉଥିଲା ! ପରେ ଘୋଡ଼ାର ସନ୍ଧାନ ମିଳିବା ପରେ ଘୋଡ଼ାମାନେ ସେଇ ରଥ ଟାଣିବାରେ ନିୟୋଜିତ ହେଲେ । ଋକବେଦରେ ଉଷାଦେବୀଙ୍କ ରଥରେ ନାଲିଆ ବଳଦ ଯୋଚି ହେବା କଥା ରହିଛି । ପୁଣି ଅରୁଣ ବର୍ଣ୍ଣ ଘୋଡ଼ା ଟଣା ରଥରେ ଉଷାଦେବୀ ଆସନ୍ତି ବୋଲି ଉକ୍ତ ଅଛି । "ଏଷା ଗୋଭିରରୁଣେଭିର୍ଯୁଜାନା" "ବିତଦ୍ୟସ୍ମୁରରୁଣପ୍ସବଭରଶ୍ୱେ" ଏଇ ବର୍ଣ୍ଣନା ଉପରେ ବାବିଲୋନୀୟ ଗଳ୍ପର ପ୍ରଭାବ ପଡ଼ିଛି ବୋଲି ଅନୁମାନ କରାଯାଇପାରେ ।[୧] (ଋକ୍‌ବେଦ ୫ । ୮୦ । ୩ ଏବଂ ୭ । ୭୫ । ୬) ତେଣୁ ରଥଯାତ୍ରାର ପରଂପରାଟି ଅତି ପ୍ରାଚୀନ । ସିଂହଳରେ ବୌଦ୍ଧ-ଦନ୍ତର 'ହାତୀଯାତ୍ରା' ସଂଗେ ଏହାର ସାମଂଜସ୍ୟ ଦେଖାଇ ଏହାକୁ ବୌଦ୍ଧ ଧର୍ମାନୁଷ୍ଠାନ ବୋଲି କହିବା କିମ୍ବା ଜଗନ୍ନାଥଙ୍କୁ ବୌଦ୍ଧ-ଦେବତା କହିବା ଅସଂଗତ କଥା ।

---

* ଓ.ଇ

୧ ଦା : ଦେ

ବୁଦ୍ଧଙ୍କର ଦନ୍ତ ଜଗନ୍ନାଥଙ୍କ ମଧ୍ୟରେ ରହିଛି ବୋଲି ଏକ ଜନଶ୍ରୁତି ଅଛି । ମାତ୍ର ସିଂହଳର ଧର୍ମ-କୀର୍ତ୍ତିଙ୍କ ଦ୍ୱାରା ରଚିତ ପାଲି ଗ୍ରନ୍ଥ 'ଦାଠାଧାତୁ ବଂଶ'ରେ ଯେଉଁ ଗଳ୍ପ ଅଛି ସେଥିରୁ ଜଣାଯାଏ ଯେ ବୁଦ୍ଧଦେବଙ୍କ

ବୁଦ୍ଧଦନ୍ତ

ମହାପରିନିର୍ବାଣ ପରେ ତାଙ୍କର ଜଣେ ଶିଷ୍ୟ ଖେମାଥେର ବୁଦ୍ଧଙ୍କର ବାମ ଦନ୍ତଟିଏ ଆଣି ତତ୍କାଳୀନ କଳିଙ୍ଗ ରାଜା ବ୍ରହ୍ମଦତ୍ତଙ୍କୁ ଦେଇଥିଲେ । ବ୍ରହ୍ମଦତ୍ତ ସେ ଦନ୍ତକୁ ଏକ ସ୍ତୂପ ନିର୍ମାଣ କରାଇ ତହିଁରେ ସ୍ଥାପନା କରିଥିଲେ ଏବଂ ପୂଜାବିଧିର ବ୍ୟବସ୍ଥା କରିଥିଲେ । ସେ ସ୍ଥାନ ଦନ୍ତପୁର ନାମରେ ଖ୍ୟାତ ହେଲା । ଏହି ଦନ୍ତପୁର ପୁରୀ ନୁହେ । ଏହାର ୮୦୦ ବର୍ଷ ପରେ ଖ୍ରୀ ୩୦୦ ରେ ପାଟଳିପୁତ୍ରର ରାଜା ଗୌତମୀ ପୁତ୍ର ସାତକର୍ଣୀ ତାଙ୍କ ସେନାପତି ଚୈତାସ୍ୱନଙ୍କ ଦ୍ୱାରା କଳିଙ୍ଗ ଜୟକରି ତତ୍କାଳୀନ କଳିଙ୍ଗରାଜା ଗୁହଶିବଙ୍କ ସହ ଦନ୍ତକୁ ପାଟଳିପୁତ୍ର ନେଇ ଯାଇଥିଲେ । ମାତ୍ର ଦନ୍ତର ମାହାତ୍ମ୍ୟରେ ବିସ୍ମିତ ହୋଇ ସେ ବୌଦ୍ଧଧର୍ମ ଗ୍ରହଣକରିଥିଲେ । ପରେ ସେ ଗୁହଶିବ ଓ ଦନ୍ତକୁ କଳିଙ୍ଗ ପଠାଇ ଦେଇଥିଲେ । ଦନ୍ତ କଳିଙ୍ଗ ଆସି ଦନ୍ତପୁରରେ ପ୍ରତିଷ୍ଠିତ ହେଲା । ଏହାର କିଛିକାଳ ପରେ କ୍ଷୀରଧର ରାଜାଙ୍କ ଭ୍ରାତୁଷ୍ପୁତ୍ର ଦନ୍ତପୁର ଆକ୍ରମଣ କରିବାରୁ ଗୁହଶିବ ନିହତ ହେଲେ । ତା'ପରେ ଗୁହଶିବଙ୍କ କନ୍ୟା ହେମମାଳା ଏବଂ ତାଙ୍କ ସ୍ୱାମୀ ଉଜ୍ଜୟିନୀ ରାଜକୁମାର 'ଦନ୍ତକୁମାର' ଦନ୍ତକୁ ନେଇ ତାମ୍ରଲିପ୍ତ ବନ୍ଦର ବାଟେ କରମଣ୍ଡଳ ଉପକୂଳ ଦେଇ ଜାହାଜରେ ସିଂହଳ ଚାଲିଗଲେ । ସିଂହଳର ରାଜା ମହାସେନଙ୍କ ପୁତ୍ର ମେଘବର୍ଣ (ଖ୍ରୀ ୩୦୧-୩୩୦) ଏହି ଦନ୍ତକୁ ଗ୍ରହଣ କରି ମହା ଅନୁରାଗରେ ପୂଜାକଲେ ଏବଂ ନିଜରାଜ୍ୟର ଅନୁରାଧାପୁରଠାରେ ମନ୍ଦିର ନିର୍ମାଣ କରାଇ ଦନ୍ତକୁ ପ୍ରତିଷ୍ଠା କଲେ । ସେହିଦିନୁ ଦନ୍ତ ସିଂହଳରେ ଅଛି । ତେଣୁ ବୁଦ୍ଧଦନ୍ତ ଆଉ କଳିଙ୍ଗରେ ନାହିଁ । ଯେତେବେଳେ ବି ଏହା କଳିଙ୍ଗରେ ଥିଲା ସେତେବେଳେ ଏହା ଦନ୍ତପୁରରେ ରହିଥିଲା, ପୁରୀରେ ନୁହେ । (ଓ. ଇ. ଓ ଦା.ଦେ)

ଜଗନ୍ନାଥଙ୍କୁ ବୌଦ୍ଧଧର୍ମର ଦେବତା କହିବା ଅର୍ଥ ତାଙ୍କର ସୁରହଜାର ବର୍ଷର ଅସ୍ତିତ୍ୱକୁ ଅସ୍ୱୀକାର କରିବା । ବୌଦ୍ଧଧର୍ମର ଆରମ୍ଭ ମାତ୍ର ଖ୍ରୀ: ପୂ: ପଞ୍ଚମ ଶତାବ୍ଦୀରେ । ମାତ୍ର ଜଗନ୍ନାଥଙ୍କୁ ଆମେ ଋକ୍‌ବେଦର ଅର୍ଥାତ୍ ଖ୍ରୀ : ପୂ ୧୦୦୦ ଶତାବ୍ଦୀରୁ ପାଉଁ । ଜଗନ୍ନାଥଙ୍କୁ ବୌଦ୍ଧ ତ୍ରିରତ୍ନର ରୂପାନ୍ତର କହିବା ସେଥିପାଇଁ ଅସଙ୍ଗତ । ସେ ବୌଦ୍ଧଧର୍ମର ବହୁ ପୂର୍ବରୁ ଅଷ୍ଟ୍ରିକ୍ ଦେବତାରୂପେ ବୃକ୍ଷୋପାସନା ମଧ୍ୟରେ ରହିଆସିଛନ୍ତି । ଜଗନ୍ନାଥଙ୍କ ଉପରେ ଅନ୍ୟାନ୍ୟ ବହୁ ଧର୍ମପରି ବୌଦ୍ଧ ଧର୍ମର ମଧ୍ୟ ପ୍ରଭାବ ପଡ଼ିଛି । ବୌଦ୍ଧଧର୍ମ ତାଙ୍କ ଭିତରେ ଅନ୍ୟ ବହୁ ଧର୍ମ ପରି ଏକ

ପରମ ସମନ୍ୱୟରେ ଲୀନ ହୋଇ ଯାଇଛି । ସେଥିପାଇଁ ବହୁ କବି ଓ ଭକ୍ତ ତାଙ୍କୁ ବୁଦ୍ଧ-ମୂର୍ତ୍ତିରୂପେ କଳ୍ପନା କରିଛନ୍ତି ଏବଂ କରିବା ମଧ୍ୟ ସ୍ୱାଭାବିକ । ସାରଳା ଦାସ ତାଙ୍କ ମହାଭାରତରେ ତାଙ୍କୁ 'ବଉଧ ମୂରତି' ବୋଲି ଉଲ୍ଲେଖ କରିଛନ୍ତି । ଯଥା :—'ବଉଧ ରୂପରେ ବିଜେ ଅଛୁ ଜଗନ୍ନାଥେ' ( ସଭାପର୍ବ ), 'ସଂସାର ରକ୍ଷା ନିମନ୍ତେ ବଉଧ ସ୍ୱରୂପ '( ଶଲ୍ୟପର୍ବ ) 'ବଉଧ ରୂପେ ବିଜୟେ ଛନ୍ତି ଜଗନ୍ନାଥେ' ଇତ୍ୟାଦି ।

## ଜଗନ୍ନାଥଙ୍କ ଉପରେ ଗଣ-ଗୋଷ୍ଠୀୟ ସମାଜର ପ୍ରଭାବ

ଜଗନ୍ନାଥ-ବଳଭଦ୍ର-ସୁଭଦ୍ରା ଏଇ ଭାଇ-ଭଉଣୀ ଏକାଭବନ ଭାରତର ଧର୍ମଜଗତରେ ବିରଳ । ଏହା ମାତୃଭିତ୍ତିକ ଗଣ-ଗୋଷ୍ଠୀୟ ସମାଜରହିଁ ସଙ୍କେତ ବହନ କରେ । ସେ ସମାଜ ଥିଲା ମାତୃ-ପ୍ରଧାନ । ତେଣୁ ଭାଇ-ଭଉଣୀ ସମାବେଶ ତାର ଏକ ଅପରିହାର୍ଯ୍ୟ କ୍ରମପରିଣାମ । ବହୁ ପରେ ସାଂଖ୍ୟର ପୁରୁଷ-ପ୍ରକୃତି ସୂତ୍ର ଧରି ତନ୍ତ୍ର ପ୍ରଭାବରେ ଖ୍ରୀଷ୍ଟୀୟ ୮ମ ଓ ୯ମ ଶତାବ୍ଦୀ ଆଡ଼କୁ ଅବତାର ଓ ତାଙ୍କ ଶକ୍ତି ମଧ୍ୟରେ ପତି-ପତ୍ନୀ ସମ୍ପର୍କ ପରିକଳ୍ପିତ ହେଲା ।

**ସାତ୍ୱତ ଧର୍ମ**

ଏହି ପୂର୍ବରୁ ସାତ୍ୱତ ଧର୍ମ ମାଧ୍ୟମରେ କୃଷ୍ଣ-ବାସୁଦେବଙ୍କ ପୂଜା ଏବଂ ବଳରାମଙ୍କ ପୂଜା ପ୍ରାୟ ତିନି ହଜାର ବର୍ଷ ହେଲା ପ୍ରତିଷ୍ଠିତ ହେଲାଣି । ତୈତ୍ତିରୀୟ ଆରଣ୍ୟକରେ "ନାରାୟଣାୟ ବିଦ୍ମହେ ବାସୁଦେବାୟ ଧୀମହି ତନ୍ନୋ ବିଷ୍ଣୁ ପ୍ରଚୋଦୟାତ୍" ଗାୟତ୍ରୀ ମନ୍ତ୍ର ଦେଖିବାକୁ ମିଳେ । ଛାନ୍ଦୋଗ୍ୟ ଉପନିଷଦରେ ଘୋର-ଅଙ୍ଗିରସ-ଶିଷ୍ୟ ଦେବକୀପୁତ୍ର କୃଷ୍ଣଙ୍କ ପ୍ରସଙ୍ଗ ଅଛି । ପ୍ରାୟ ବାଇଶି ଶହ ବର୍ଷ ପୂର୍ବେ ଉତ୍କୀର୍ଣ୍ଣ ଘୁଷୁଣ୍ଡୀ ଲିପିରେ ଉକ୍ତ ଅଛି ଯେ ପାରାଶରୀୟ ପୁତ୍ର ଗାଜାୟନ, ନାରାୟଣବାଟ ନାମକ ସ୍ଥାନରେ ଭଗବାନ ସଙ୍କର୍ଷଣ ଓ ବାସୁଦେବଙ୍କ ଶିଳାପ୍ରାକାର ନିର୍ମାଣ କରାଇଥିଲେ । ଏହି ସମୟର ବେଷନଗର ଲିପିରେ ଗରୁଡ଼ଧ୍ୱଜ ବିଷ୍ଣୁ ( କୃଷ୍ଣ ), ତାଳଧ୍ୱଜ ସଙ୍କର୍ଷଣ, ମକରଧ୍ୱଜ ପ୍ରଦ୍ୟୁମ୍ନ ଏବଂ ବନଚରଙ୍କ ଦେବତାରୂପେ ମୃଗଧ୍ୱଜ ଅନିରୁଦ୍ଧ ଏଇ 'ଚତୁର୍ବ୍ୟୂହ' ପୂଜାର ପରିଚୟ ମିଳେ । ବାଳଗଙ୍ଗାଧର ତିଲକ 'ଗୀତାରହସ୍ୟ'ରେ ଉପନିଷଦ୍ ପରେ ଏବଂ ବୁଦ୍ଧଙ୍କ ଆବିର୍ଭାବ ପୂର୍ବରୁ ବାସୁଦେବ ଭକ୍ତିମୂଳକ "ଭାଗବତଧର୍ମ" ପ୍ରଚଳିତ ଥିବା କଥା ଲେଖିଛନ୍ତି । ଜର୍ମାନ ପଣ୍ଡିତ ବ୍ୟୁଲର ମଧ୍ୟ ଜୈନ ତୀର୍ଥଙ୍କର ମହାବୀରଙ୍କ ଆବିର୍ଭାବ ପୂର୍ବରୁ ଦେବକୀ-ପୁତ୍ର କୃଷ୍ଣଙ୍କ (ବାସୁଦେବ) ଉପାସନାମୂଳକ ଧର୍ମ ଭାରତରେ

---

* ଏ ବିଷୟ ଶ୍ରୀ ଅରବିନ୍ଦ ଏବଂ ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ ମଧ୍ୟ ନିଜ ନିଜ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ।

ପ୍ରଚଳିତ ଥିଲା ବୋଲି କହନ୍ତି । ତା'ଛଡ଼ା ଖ୍ରୀ: ପୂ ଅଷ୍ଟମ ଶତାବ୍ଦୀର ବୌଧାୟନଙ୍କ ଗୃହ୍ୟସୂତ୍ରରେ "ଓଁ ନମୋ ଭଗବତେ ବାସୁଦେବାୟ" ମନ୍ତ୍ରର ଉଲ୍ଲେଖ ଏବଂ ପାଣିନିଙ୍କ ଅଷ୍ଟାଧ୍ୟାୟୀ ଗ୍ରନ୍ଥରେ ବାସୁଦେବ ପୂଜାର ଉଲ୍ଲେଖ ଦେଖି କହୁଥାନ୍ତି ଯେ କୃଷ୍ଣ ବାସୁଦେବ ଖ୍ରୀ:ପୂ: ଅଷ୍ଟମ ଶତାବ୍ଦୀ ପୂର୍ବରୁ ଉପାସିତ ହୋଇ ଆସୁଥିଲେ* । ରାଧା-କୃଷ୍ଣ ବା ଅବତାରଙ୍କ ସଙ୍ଗେ ତାଙ୍କ ଶକ୍ତିର ଉଦ୍ଭବ ହେବାର ବହୁ ପୂର୍ବରୁ କୃଷ୍ଣ-ବାସୁଦେବ ଓ ସଙ୍କର୍ଷଣ ପୂଜା ଏ ଦେଶରେ ଚଳି ଆସୁଥିଲା । ଏଇ ଭ୍ରାତା-ଭଗିନୀ ସମାବେଶ ଯେ ପ୍ରାଚୀନ ଗଣ-ଗୋଷ୍ଠୀୟ ସମାଜରହିଁ ସ୍ମାରକ ଏଥିରେ କୌଣସି ସନ୍ଦେହ ନାହିଁ । ତା'ଛଡ଼ା ପ୍ରାଚୀନ ଗଣ-ସମାଜର ସାମ୍ୟଧର୍ମ ପୁଣି ଜଗନ୍ନାଥ ମନ୍ଦିରରେ ଯେପରି ଦୃଢ଼ ଭାବରେ ପ୍ରତିଷ୍ଠିତ ତାହା ଭାରତରେ ଅନ୍ୟ କୌଣସି ମନ୍ଦିରରେ ଦେଖାଯାଏନାହିଁ ।

ସୁତରାଂ ଅବଶ୍ୟ ଶ୍ରୀକୃଷ୍ଣ (ଜଗନ୍ନାଥ), ବଳରାମ ଏବଂ ସୁଭଦ୍ରାଙ୍କର ପରିକଳ୍ପନା ବା ପ୍ରତିଷ୍ଠା ହୋଇ ନଥିବ । ତାର କାରଣ ଜଗନ୍ନାଥ ଥିଲେ ମୂଳତ ଅଷ୍ଟ୍ରିକଭାଷୀଙ୍କର ଦେବତା ଏବଂ ବୃକ୍ଷୋପାସନାରେହିଁ ତାଙ୍କର ମୂଳ ନିହିତ । ପ୍ରଥମେ ହୁଏତ ଅଷ୍ଟ୍ରିକଭାଷୀ ଗୋଷ୍ଠୀର ଶବରମାନଙ୍କର ଜୈବିକ 'ଟୋଟେମ' (ବା ସଙ୍କେତ) ରୂପେ ସେ ବୃକ୍ଷଦେହରେ ରହୁଥିବେ । ପରେ ତାଙ୍କ ଉପରେ ଦ୍ରାବିଡ଼ ବା ଆଦି ଜୈନଧର୍ମୀମାନଙ୍କର ପ୍ରଭାବ ପଡ଼ିଥିବ ଏବଂ ତା ଫଳରେ ସ୍ତୂପ ହେଲେ ମଧ୍ୟ, ସେଇ ବୃକ୍ଷ କ୍ରମେ ମୂର୍ତ୍ତି ପରିଗ୍ରହଣ କରିଥିବ । ଜୈନମାନେହିଁ ଭାରତରେ ପ୍ରଥମେ ମୂର୍ତ୍ତିପୂଜା ପ୍ରଚଳନ କରିଥିଲେ । ଏକଥା 'ଶ୍ରମଣ ଭଗବାନ ମହାବୀର' ଗ୍ରନ୍ଥରେ ବିଶେଷ ଭାବରେ ବର୍ଣ୍ଣିତ ହୋଇଛି । ମହେଞ୍ଜୋଦାରୋ ଓ ହରପ୍ପା ପ୍ରଭୃତିରୁ ମିଳିଥିବା ଜୈନ ମୂର୍ତ୍ତିମାନହିଁ ଏହାର ପ୍ରମାଣ । ଏହାପରେ ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥଙ୍କୁ କରଗତ କରିବାପରେ ଆରମ୍ଭ ହେଲା ତାଙ୍କର ଆର୍ଯ୍ୟୀକରଣ । ଜଗନ୍ନାଥଙ୍କର ଆର୍ଯ୍ୟୀକରଣ ପରେ କୃଷ୍ଣ-ବାସୁଦେବ (ଜଗନ୍ନାଥ), ବଳରାମ (ବଳଭଦ୍ର) ଏବଂ ସୁଭଦ୍ରା ଏବଂ ଧର୍ମଚକ୍ରର ପ୍ରତିରୂପ ସୁଦର୍ଶନଚକ୍ର ପ୍ରଭୃତିଙ୍କର ଆବିର୍ଭାବ ଘଟିଥିବ । ପଣ୍ଡିତ ନୀଳକଣ୍ଠଙ୍କ ମତରେ ଇନ୍ଦ୍ରଦ୍ୟୁମ୍ନ ଗଙ୍ଗବଂଶର ପ୍ରତିଷ୍ଠାତା ଚୋଡ଼ଗଙ୍ଗ ଦେବଙ୍କ (ଖ୍ରୀ : ୧୦୭୬—୧୧୪୭) ଛଡ଼ା ଅନ୍ୟ କେହି ନୁହନ୍ତି ।

---

* ବୌଧାୟନ ଖ୍ରୀ: ପୂ ଅଷ୍ଟମ ଶତାବ୍ଦୀର ଏବଂ ପାଣିନି ଖ୍ରୀ: ପୂ ୭ମ ଶତକର ଲୋକ । "Early History of Vaishnav Sect'—H. C. Rai Chowdhuary, ଓ "Ancient Indian Historical Tradition'—F. E. Pergiter ଦ୍ରଷ୍ଟବ୍ୟ

ଏବଂ ରୈବତଗଂଗଂକ ଧର୍ମଗୁରୁ ରାମାନୁଜ ଆଚାର୍ଯ୍ୟ ( ଯିଏ ସେତେବେଳେ ପୁରୀରେ ଆସି ରହିଥିଲେ ଏବଂ ଏମାର ମଠ ପ୍ରତିଷ୍ଠା କରିଥିଲେ ) ହେଉଛନ୍ତି ସ୍କନ୍ଦପୁରାଣର 'ଉତ୍କଳ ଖଣ୍ଡ'ରେ ବର୍ଣ୍ଣିତ 'ନାରଦ' । ଏଇ ରୈବତଗଂଗହିଁ ପ୍ରଥମେ ଶବରମାନଙ୍କ ଦ୍ୱାରା ପୂଜିତ ନିମ୍ବକାଠର ଦେବତା 'ଶବରୀ ନାରାୟଣ'ଙ୍କୁ ଆଣି ଏକ ପ୍ରସାଦ ନିର୍ମାଣ କରାଇ ତହିଁରେ ସ୍ଥାପନା କରିଥିଲେ । ସେ ପୁଣି କହନ୍ତି ଯେ 'କଳିଂଗ ଜିନ' କହିଲେ ଜଗନ୍ନାଥହିଁ ବୁଝାନ୍ତି । ଅଷ୍ଟ୍ରିକ୍ ଦେବତା ଜଗନ୍ନାଥ ଦ୍ରାବିଡ଼ ଜୈନଧର୍ମୀଙ୍କ ଦ୍ୱାରା "କଳିଂଗ ଜିନ"ରେ ରୂପାନ୍ତରିତ ହୋଇଥିଲେ । ମଗଧର ରାଜା ନନ୍ଦ ( ଖ୍ରୀ : ପୂ ୫୦୦—୪୦୦ ) ଏହି କଳିଂଗ ଜିନଙ୍କୁ କଳିଂଗ ଜୟକରି ନିଜ ରାଜ୍ୟକୁ ନେଇ ଯାଇଥିଲେ । ପରେ ବୀର ସମ୍ରାଟ ଖାରବେଳ ( ଖ୍ରୀ. ପୂ ୧୦୦ ) ଯେ କି ଜଣେ ପରମ ଜୈନ ଥିଲେ—ମଗଧ ଆକ୍ରମଣ କରି କଳିଂଗ ଜିନଙ୍କୁ ଉଦ୍ଧାର କରି ନିଜ ଦେଶକୁ ଫେରାଇ ଆଣିଥିଲେ । ସେ ଯାହାହେଉ ଜଗନ୍ନାଥଙ୍କ ଆର୍ଯ୍ୟୀକରଣ ପରେହିଁ କୃଷ୍ଣ-ବଳରାମ-ସୁଭଦ୍ରା ବା ଜଗନ୍ନାଥ-ବଳଭଦ୍ର-ସୁଭଦ୍ରାଙ୍କର ପ୍ରବର୍ତ୍ତନ ହୋଇଥିଲା । ଏହା ଜଗନ୍ନାଥ ଆର୍ଯ୍ୟ-ପରିସର ଅଂଶୀଭୂତ ହେବା ପରର କଥା । କୃଷ୍ଣ-ବଳରାମ ପୂଜା ସାତ୍ୱତ ଧର୍ମ ମାଧ୍ୟମରେ ବହୁ ପୂର୍ବରୁ ଚଳି ଆସୁଥିଲା ।*

## ଜଗନ୍ନାଥ ଓ ଜୈନ-ଧର୍ମ ।

ଜଗନ୍ନାଥ ଧର୍ମ ବାସ୍ତବିକ ସର୍ବ ଧର୍ମର ସମନ୍ୱୟ । ଏହା ଖାଲି ଆର୍ଯ୍ୟୋତ୍ତର କାଳର ସମସ୍ତ ଧର୍ମୀୟ ମତବାଦର ନୁହେଁ, ପ୍ରାକ୍-ଆର୍ଯ୍ୟ କାଳର ଅଷ୍ଟ୍ରିକ୍ ଓ ଦ୍ରାବିଡ଼ ଧର୍ମ-ଧାରଣାର ମଧ୍ୟ ସଂଶ୍ଳେଷଣ । ଆର୍ଯ୍ୟ ପରିସର-ଭୁକ୍ତ ହେବା ପୂର୍ବରୁ ଜଗନ୍ନାଥଙ୍କ ଉପରେ ଦ୍ରାବିଡ଼ ପ୍ରଭାବ ଏବଂ ତା'ପରେ ବୌଦ୍ଧ ପ୍ରଭାବ ବିସ୍ତୃତ ଭାବରେ ପଡ଼ିଥିଲା ।

ଯେଉଁ ଦ୍ରାବିଡ଼ ସଭ୍ୟତାର ନିଦର୍ଶନ ମହେଂଜୋଦାରୋ-ହରପ୍ପା ପ୍ରଭୃତିରୁ ମିଳେ, ସେଇ ଦ୍ରାବିଡ଼ମାନେ ଥିଲେ ମୂଳତଃ ଜୈନ । ମହେଂଜୋଦାରୋରୁ ମିଳିଥିବା ପ୍ରତ୍ନଦ୍ରବ୍ୟଗୁଡ଼ିକରୁ ପ୍ରମାଣ ମିଳେ ଯେ ସେମାନେ ଥିଲେ ଶିବଭକ୍ତ ଏବଂ କେତେକ ପରିମାଣରେ ବୃକ୍ଷ-ଧର୍ମୀ, ଯାହା ସେମାନେ ଅଷ୍ଟ୍ରିକ୍‌ମାନଙ୍କଠାରୁ ଗ୍ରହଣ

---

* ପଦ୍ମପୁରାଣ ମତରେ, "ସତ୍ତ୍ୱସ୍ୱରୂପ, ସତ୍ତ୍ୱାଶ୍ରୟ ସତ୍ତ୍ୱଗୁଣାତ୍ମକ କେଶବଙ୍କୁ ଯିଏ ଅନନ୍ୟମନରେ ଉପାସନା କରେ, ସେ ସାତ୍ୱତ । କୂର୍ମପୁରାଣରେ କୁହାଯାଇଛି, ଯଦୁବଂଶୀୟ ଅଂଶୁଙ୍କ ପୁତ୍ର ସତ୍ତ୍ୱତ, ତାଙ୍କ ପୁତ୍ର ସାତ୍ୱତ ନାରାୟଣଙ୍କ ନିକଟରୁ ଏଇ ଧର୍ମକୁ ପାଇ ପ୍ରଚାର କରିଥିଲେ । ଏହା ଅତି ପ୍ରାଚୀନ ଧର୍ମ ।

କରିଥିଲେ । ସେଇମାନଙ୍କର ଧର୍ମହିଁ ଆଦି ଜୈନ ଧର୍ମ । ଏଇ ଦ୍ରାବିଡ଼ମାନଙ୍କୁ ବୈଦିକ ଆର୍ଯ୍ୟମାନେ ବେଦରେ 'ଅସୁର' ନାମରେ ଅଭିହିତ କରିଥିଲେ । ଏଇ ଅସୁରମାନେ ଏସିରିୟେନ୍‌ଙ୍କ ଛଡ଼ା ଅନ୍ୟ କେହି ନୁହନ୍ତି । ଅସୁର ଜାତି ସେମିଟିକ୍ ପରିବାରର ଲୋକ ।** ସୁମେରିଆନ ସନ୍ନ୍ୟାସୀମାନଙ୍କ ସହିତ ଦ୍ରାବିଡ଼ ଜୈନଭିକ୍ଷୁମାନଙ୍କର ମୁଣ୍ଡ ଲଣ୍ଡା ହେବା ଆଦି କେତେକ ବ୍ୟବହାରିକ ସାମଞ୍ଜସ୍ୟ ଦେଖାଯାଏ । ଏମାନେ ଯେ ସୈନ୍ଧବ ସଭ୍ୟତାର ପ୍ରତିଷ୍ଠାତା ଏହା ଡଃ ସୁନୀତିକୁମାର ଚାଟାର୍ଜି ପ୍ରମୁଖ ସମସ୍ତେ ସ୍ୱୀକାର କରନ୍ତି । ଏଇ ସଭ୍ୟତାର ଗୌରବର ଯୁଗ ଥିଲା ଆନୁମାନିକ ଖ୍ରୀ : ପୂ ୩୨୫୦—୨୭୫୦ ।[୧]

ପୁରୁଷୋତ୍ତମ ତତ୍ତ୍ୱ

'ପୁରୁଷୋତ୍ତମ' ତତ୍ତ୍ୱଟି ଜୈନ ପରମ୍ପରାରୁ ଗୃହୀତ । ଜୈନ ଧର୍ମଶାସ୍ତ୍ର ଅନୁସାରେ ଅଧ୍ୟାତ୍ମଶଲାକାଙ୍କ ମଧ୍ୟରେ ପୁରୁଷୋତ୍ତମ ହେଉଛନ୍ତି ସର୍ବଶ୍ରେଷ୍ଠ । ଏଇ ପୁରୁଷୋତ୍ତମ ଗୀତା-ବର୍ଣ୍ଣିତ ପୁରୁଷୋତ୍ତମଠାରୁ ସ୍ୱତନ୍ତ୍ର ଓ ବହୁ ପ୍ରାଚୀନ । ପଣ୍ଡିତ ନୀଳକଣ୍ଠ 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' ଗ୍ରନ୍ଥରେ କହିଛନ୍ତି, ଗୀତାରେ ଯେଉଁ ପୁରୁଷୋତ୍ତମ ତତ୍ତ୍ୱ ବ୍ୟାଖ୍ୟାତ ହୋଇଚି ତାହା ହେଉଚି ଆଗରୁ ଲୋକରେ ପ୍ରଚଳିତ ଥିବା କୌଣସି ଉପାସ୍ୟ ଦେବତା ପୁରୁଷୋତ୍ତମଙ୍କୁ ଦାର୍ଶନିକଭାବରେ ବୁଝାଇବା ପାଇଁ । ମନେହୁଏ ଗୀତାରେ ଏ ପରମ ସମାଧାନର ତତ୍ତ୍ୱଟି ପ୍ରକାଶିତ ଓ ପ୍ରଚରିତ ହେଲା ବେଳକୁ ଏଇ ଦର୍ଶନର ସଙ୍କେତରୂପେ ପୁରୁଷୋତ୍ତମ ଉପାସନା ଲୋକରେ ପ୍ରତିଷ୍ଠିତ ହୋଇ ସାରିଥିଲା ।

ଏଇ ପୁରୁଷୋତ୍ତମଙ୍କ ତତ୍ତ୍ୱର ସଙ୍କେତ ଯେ ନୀଳାଚଳରେ ପ୍ରତିଷ୍ଠିତ ଦାରୁଦେବତାଙ୍କ ଛଡ଼ା ଅନ୍ୟ କେହି ନୁହେ ଏହା ନିଶ୍ଚିତ ବୋଲି ମନେହୁଏ । ଏଣୁ କହିପାରୁଁ ଭାରତ ଯୁଦ୍ଧବେଳକୁ ଦାରୁଦେବତା ଲୋକରେ ଖ୍ୟାତିଲାଭ କରିସାରିଲେଣି, ଯେହେତୁ ଲୋକରେ ଉପାସ୍ୟ ଦେବରୂପେ ପୁରୁଷୋତ୍ତମ ହେଉଛନ୍ତି 'ପ୍ରାଚୀନ କଳିଙ୍ଗ ଓ ବର୍ତ୍ତମାନ ଓଡ଼ିଶାର ପୁରୁଷୋତ୍ତମ-ପୁରୀ ବା ପୁରୀର ଜଗନ୍ନାଥ । ଆଉ କୁତ୍ରାପି ଭକ୍ତର ଉପାସ୍ୟ ଦେବରୂପେ ପୁରୁଷୋତ୍ତମ ନାହାନ୍ତି,' ଯଦିଚ ବିଶେଷଣ ରୂପେ କେବେ କେବେ ଏ ଶବ୍ଦଟି ବ୍ୟବହୃତ ହୋଇଚି, ( ଯଥା ରାମାୟଣରେ ରାମଙ୍କ ନାମ ପୂର୍ବରୁ ) । ଜୈନଧର୍ମୀଙ୍କ ଉପାସ୍ୟ ଦେବତାଙ୍କ

** The Story of the Nation Assyria ।

୧ । ଡଃ ସୁନୀତିକୁମାର ଚାଟାର୍ଜିଙ୍କ "ଭାରତର ଭାଷା ଓ ଭାଷା ସମସ୍ୟା' ଦ୍ରଷ୍ଟବ୍ୟ ।

ନାମ ପୁରୁଷୋତ୍ତମ । ପୁଣି ନାରାୟଣ, ବିଷ୍ଣୁଙ୍କ ପର୍ଯ୍ୟାୟବାଚୀ ଶବ୍ଦ ପରି ଜୈନ ଉପାସ୍ୟଙ୍କ ଅନ୍ୟନାମ ପୁରୁଷୋତ୍ତମ । ବୃକ୍ଷଧର୍ମୀ ଶବରର ଦେବତା ଉପରେ ଜୈନଧର୍ମର କଳ୍ପବୃକ୍ଷର ଆରୋପ ହୋଇ କଳ୍ପବୃକ୍ଷ ବହୁ ଦିନରୁ ପୂଜା ପାଇ ଆସୁଛି । ( 'ଦାରୁଦେବତା' )

କ୍ରମେ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ନ ବୁଝାଇ କ୍ଷେତ୍ରବିଶେଷରେ ପରିଣତ ହେଲା । ପୁରୁଷୋତ୍ତମ-ପୂଜାରେ କଳ୍ପବୃକ୍ଷଧର୍ମ ଜୈନଧର୍ମ ପରମ୍ପରା ସଂଗେ ଅଭେଦ୍ୟ ଭାବରେ ଜଡ଼ିତ । ବ୍ରହ୍ମପୁରାଣରେ ପ୍ରଥମେ ବଟବୃକ୍ଷକୁ ପୁରୁଷୋତ୍ତମ ରୂପେ ବର୍ଣ୍ଣନା କରାଯାଇଥିଲା । ଯଥା :—'ପୁରୁଷେଣ ମିତଖ୍ୟାତଂ ବଟରାଜ ସନାତନମ୍' । ( ଅ ୫୭-୧୩ ) ପରେ ସ୍କନ୍ଦପୁରାଣରେ, ମଧ୍ୟ ଏହିପରି ଏକ ଶ୍ଳୋକ ଦେଖୁଁ, ଯଥା 'ନ୍ୟଗ୍ରୋଧରୂପଂ ଦୃଷ୍ଟ୍ୱାପି ନାରାୟଣ କଲୁଷମ୍' (୧୭) ଅର୍ଥାତ୍ ନ୍ୟଗ୍ରୋଧରୂପୀ ନାରାୟଣଙ୍କୁ ଦେଖିବାମାତ୍ରେ ମନୁଷ୍ୟର ପାପକ୍ଷୟ ହୋଇଯାଏ । ବ୍ରହ୍ମପୁରାଣ ଓ ନାରଦ ପୁରାଣରେ ଇନ୍ଦ୍ରଦ୍ୟୁମ୍ନ ସମୁଦ୍ରରେ ଭାସୁଥିବା ଦାରୁରେ ବିଶ୍ୱକର୍ମାଙ୍କ ଦ୍ୱାରା ତ୍ରିମୂର୍ତ୍ତି ନିର୍ମାଣ କରାଇ ଏକ ପ୍ରାସାଦ ତୋଳାଇ ସେଥିରେ ସେମାନଙ୍କୁ ନେଇ ପ୍ରତିଷ୍ଠା କରିଥିବା କଥା ଦେଖୁଁ । ସ୍କନ୍ଦପୁରାଣ ଲେଖାହେଲା ବେଳକୁ ଏହି ତ୍ରିମୂର୍ତ୍ତି ଅଧିକ ପ୍ରସିଦ୍ଧ ହୋଇ ଉଠିଥିଲେ । ଏହି ପୁରାଣରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ମହାନାୟକ ରୂପେ ଦେଖାଇଛନ୍ତି । ଏଥିରେ ମହାଭାରତ-ବର୍ଣ୍ଣିତ ମହାବେଦୀ ଚରିତର ଇନ୍ଦ୍ରଦ୍ୟୁମ୍ନ ରାଜା ଏବଂ ବ୍ରହ୍ମପୁରାଣ ଓ ନାରଦପୁରାଣର ଉପାଖ୍ୟାନଗୁଡ଼ିକୁ ଏକତ୍ର ମିଳାଇ ଏକ ସୁନ୍ଦର ଆଖ୍ୟାୟିକା ଛିଡ଼ା କରାଯାଇଛି । ( ଦା. ଦେ )

ପରବର୍ତ୍ତୀ ଜୈନବାଦ କାଳରେ ବିଭିନ୍ନ ଜୈନ ଧର୍ମଗୁରୁମାନେ କଳିଙ୍ଗ ଆସି ଏଠାର ଆଦିମ ଅଧିବାସୀ ଶବରମାନଙ୍କ ମଧ୍ୟରେ ଜୈନଧର୍ମ ପ୍ରଚାର ଜୈନ ଦର୍ଶନ କରିଥିବା କଥା ଜଣାଯାଏ । ମହାବୀର ବର୍ଦ୍ଧମାନ ଓଷଲୀ, ମୋଷଲୀ, ତୋଷଳୀ ଆସିଥିବା କଥା ଜୈନସୂତ୍ରରୁ ଜାଣି । 'ହରିଭଦ୍ରୀୟ ବୃତ୍ତି'ରେ ଦେଖୁଁ ମହାବୀରଙ୍କ ପିତାଙ୍କ ବନ୍ଧୁ ତତ୍କାଳୀନ କଳିଙ୍ଗ ରାଜା ମହାବୀରଙ୍କୁ କଳିଙ୍ଗରେ ଧର୍ମପ୍ରଚାର କରିବା ପାଇଁ ନିମନ୍ତ୍ରଣ କରିଥିଲେ । ଜୈନ ହରିବଂଶରେ ମଧ୍ୟ ଏହାର ସମର୍ଥନ ମିଳେ । ଜୈନ ଆବଶ୍ୟକ ସୂତ୍ରରେ 'କରଣ୍ଡୁ' ନାମକ ଜଣେ ପ୍ରସିଦ୍ଧ କଳିଙ୍ଗରାଜା ଜୈନଧର୍ମାବଲମ୍ବୀ ଥିଲେ ବୋଲି ସମ୍ବାଦ ପାଉଁ । ଜୈନଧର୍ମର 'କେବଳୀ' ଭାବ ପୁରୁଷୋତ୍ତମର ପ୍ରସାଦ ରୂପରେ ପରିଣତ ହୋଇଥିବ ବୋଲି ଡଃ. ବି. ଏମ. ପାଢ଼ୀ ଅନୁମାନ କରନ୍ତି । ଏହି କୈବଲ୍ୟଲାଭ ପୁରୁଷୋତ୍ତମ ଛଡ଼ା ପୃଥିବୀରେ ଅନ୍ୟ କେଉଁଠି ଦେଖାଯାଏ ନାହିଁ । ଏହା ଜୈନବାଦର ଜୀବ-ଅଜୀବର ଏକାକାର—ଯାହାପରେ ନିର୍ବାଣ । ପରବର୍ତ୍ତୀ

ବ୍ରାହ୍ମଣ୍ୟ ଧର୍ମରେ ଯେଉଁ ସାଯୁଜ୍ୟ ମୁକ୍ତି ଦେଖି, ତାହା କୈବଲ୍ୟ ଛଡ଼ା ଅନ୍ୟ କିଛି ନୁହେ ।

ବସ୍ତୁତ ଜୈନଧର୍ମ ପୃଥିବୀର ମୂଳ ଅଧ୍ୟାତ୍ମ ଧର୍ମ । ବୈଦିକ ଧର୍ମ ଏ ଦେଶକୁ ଆସିବାର ବହୁ ପୂର୍ବରୁ ଜୈନଧର୍ମ ଏ ଦେଶରେ ଥିଲା । ପ୍ରାକ୍‌ବୈଦିକମାନଙ୍କ ଭିତରେ ଦ୍ରାବିଡ଼ମାନଙ୍କ ମଧ୍ୟରେହିଁ ଏହା ରହିଥିଲା । ଏହା ପରବର୍ତ୍ତୀ ଜୈନଗ୍ରଂଥ-ମାନଂକରୁ ଯେପରି ଜଣାଯାଏ, ବୈଦିକ ସାହିତ୍ୟରୁ ମଧ୍ୟ ସେହିପରି ସୂଚନା ମିଳେ । ବେଦରେ ଆଦିନାଥ-ଋଷଭ, ଆଦିନାଥ ଓ ଅରିଷ୍ଟନେମୀ ପ୍ରଭୃତିଙ୍କର ନାମୋଲ୍ଲେଖ ଥିବାରୁ ଜୈନଧର୍ମ ତତ୍ପୂର୍ବରୁ ଥିବା କଥା ଜଣାପଡ଼େ । ବିଷ୍ଣୁପୁରାଣ ଓ ଶ୍ରୀମଦ୍‌ଭାଗବତରେ ତ ବିଷ୍ଣୁଙ୍କ ଦଶାବତାର ପୂର୍ବ ଏକ ଅବତାର ବୋଲି ଋଷଭ ବର୍ଣ୍ଣିତ । ( ଶ୍ରୀମଦ୍‌ଭାଗବତ–୧୧ମ ସ୍କଂଦ, ୨ୟ ଅଧ୍ୟାୟ, ଶ୍ଳୋକ ୧୬ ଏବଂ ଅ ୪—ଶ୍ଳୋ ୧୭ )*

ଜୈନସିଦ୍ଧାଂତରେ ଈଶ୍ୱର ସତ୍ତା ସ୍ୱୀକାର କରାଯାଏ ନାହିଁ । ଅତ୍ମ-ଶରୀର ବା ଜୀବ-ଅଜୀବ ସଂଯୋଗରେହିଁ ସୃଷ୍ଟିର ଉତ୍ପତ୍ତି, ଏବଂ ତାହାହିଁ ସଂସାର ବଂଧନର ମୂଳକାରଣ । ସୁତରାଂ ନୂଆ ନୂଆ ସୃଷ୍ଟି ଦେଖିବାକୁ ମିଳେ । ଏହି ସୃଷ୍ଟିରୁ ରକ୍ଷା ପାଇବାକୁ ହେଲେ ‘ନିର୍ବାଣ’ ଲଭ କରିବା ନିତାଂତ ପ୍ରୟୋଜନ । ପ୍ରଥମେ କର୍ମଚ୍ଛେଦ କରିବାକୁ ହେବ । କାରଣ ନାନାବିଧ କର୍ମବନ୍ଧନ ଦ୍ୱାରା ଅତ୍ମା ଆବୃତ । କାର୍ମଣ ଶରୀରକୁ ନାଶ କରି ପାରିଲେ ନିର୍ବାଣ ଲଭହୁଏ । ଏହି ଦର୍ଶନରୁ ପରେ ସାଂଖ୍ୟଦର୍ଶନର ଉତ୍ପତ୍ତି । ସାଂଖ୍ୟର ‘ପ୍ରକୃତି-ପୁରୁଷ’ ସଂଯୋଗରେ ସୃଷ୍ଟିର ଉତ୍ପତ୍ତି’ ତତ୍ତ୍ୱଟି ଜୈନଦର୍ଶନରୁହିଁ ବିକାଶ ଲଭ କରିଥିଲା । ‘ଅତ୍ମା’ ଓ ‘ବସ୍ତୁ’ ସଂଯୋଗରେ ସୃଷ୍ଟିର ଉତ୍ପତ୍ତି ଏହି ଜୈନତତ୍ତ୍ୱଟି ଉପରେ ସାଂଖ୍ୟର ପ୍ରକୃତି ଜଡ଼, ପୁରୁଷ ଚେତନ ଏହି ତତ୍ତ୍ୱଟି ଆଧାରିତ । ଅତ୍ମା ଅବିନଶ୍ୱର କି ନୁହେ ସେ ବିଷୟରେ ଜୈନଦର୍ଶନ କହେ, ଅତ୍ମା ଅବିନାଶୀ, ମାତ୍ର ବସ୍ତୁ ସହିତ ତାର ସଂପର୍କ ବିନାଶଶୀଳ । ଦ୍ରାବିଡ଼ ଜୈନର ଜାନ୍ମାଂତରବାଦ ପରେ ଅର୍ଯ-ଧର୍ମରେ ପ୍ରବେଶ କରିଥିଲା । ଦ୍ରାବିଡ଼ ଜୈନମାନେ ଥିଲେ ବହୁ-ଉପାସକ । ସଭ୍ୟତା-ବିକାଶର ଉନ୍ନତ ସ୍ତରରେହିଁ ବହୁ-ଉପାସନା ଦେଖା ଯାଇଥାଏ, ପ୍ରାଥମିକ ସ୍ତରରେ ଏକ-ଉପାସନା ପ୍ରଚଳିତ

---

* Ibid.

** ସାଂଖ୍ୟ-ଦର୍ଶନ ଓ ଜୈନ-ଦର୍ଶନ ଉଭୟେ ଅନୀଶ୍ୱରବାଦୀ ହେଲେ ମଧ୍ୟ ଜୈନ ସାଦ୍ୟନ୍ତିବାଦ-ଦର୍ଶନ ନାସ୍ତିକ ବୋଲି ପରିଗଣିତ । ମାତ୍ର ସାଂଖ୍ୟ-ଦର୍ଶନ ଆସ୍ତିକ ଦର୍ଶନ ମଧ୍ୟରେ ଗଣ୍ୟ ହୋଇଥାଏ । ( ଦା.ଢେ )

ଆସେ ।[୧] ଅଷ୍ଟ୍ରିକ୍‌ଶବରୀ ଗୋଷ୍ଠୀର ଏହି ଦେବତା 'ଦାରୁ'କୁ ସୁଦୂର ଅତୀତ କାଳରୁ ପୂଜା କରି ଆସୁଥିଲେ ଜୈନ ପ୍ରଭାବରେ ତାହା ବହୁତ୍ୱ ପ୍ରାପ୍ତ ହୋଇଥିବ, ଅର୍ଥାତ ତ୍ରିମୂର୍ତ୍ତି କିମ୍ବା ଧର୍ମଚକ୍ର ସୁଦର୍ଶନ ଚକ୍ରକୁ ମିଶାଇ ଚତୁର୍ଦ୍ଧା ମୂର୍ତ୍ତିରେ ପରିଣତ ହୋଇଥିବ । ଏକରୁ ବହୁତ୍ୱ ସଭ୍ୟତାର ଉନ୍ନତ ଅବସ୍ଥାରେହିଁ ସମ୍ଭବ ହୋଇଆସେ ।[୨] ପୂର୍ବରୁ କୁହାଯାଇଛି ଦ୍ରାବିଡ଼ମାନେ ଥିଲେ ପୃଥିବୀର ସର୍ବପ୍ରଥମ ମୂର୍ତ୍ତି-ପୂଜକ । ତେଣୁ ସେଇ ଦ୍ରାବିଡ଼ ଜୈନଙ୍କ ପ୍ରଭାବରେହିଁ ଚଳ ବା ସ୍ଥିର ଦାରୁ-ମୂର୍ତ୍ତି ଗଢ଼ି ଉଠିଥିବ ।

ଅଷ୍ଟ୍ରିକ୍‌ଶବରୀ ଶବରର ଦାରୁପୂଜା ଯେ ଦ୍ରାବିଡ଼ ଜୈନଙ୍କ ପ୍ରଭାବରେ ନୂତନ ରୂପ ଧାରଣ କରିଥିଲା ଏଥିରେ ସନ୍ଦେହ ନାହିଁ । ଜଗନ୍ନାଥଙ୍କୁ ସେଥିପାଇଁ 'ଜିନନାଥ' ବୋଲି କଳ୍ପନା କରିବା ଅସମ୍ଭବ ନୁହେଁ । ଏଠାରେ 'ନାଥ' ଅର୍ଥ ପୁରୁଷ । ଅଧିକାଂଶ ଜିନଙ୍କ ନାମରେ 'ନାଥ' ଯୋଗ କରାଯାଇଛି । ଯଥା ଋଷଭନାଥ, ମତ୍ସ୍ୟେନ୍ଦ୍ରନାଥ, ଗୋରଖନାଥ, ନବୃତ୍ତିନାଥ, ଜିନନାଥ । ଖ୍ରୀଷ୍ଟୀୟ ଅଷ୍ଟମ ଶତକରେ ସମ୍ବଲପୁର ଅଞ୍ଚଳର ବଜ୍ରଯାନୀ ରାଜା ଇନ୍ଦ୍ରଭୂତି ତାଙ୍କ 'ଜ୍ଞାନସିଦ୍ଧି' ଗ୍ରନ୍ଥର ମଙ୍ଗଳାଚରଣରେ ଜଗନ୍ନାଥଙ୍କୁ 'ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନବରାର୍ଚ୍ଚିତଂ' ବୋଲି ବନ୍ଦନା କରିଛନ୍ତି । ଏହାଦ୍ୱାରା ତାଙ୍କର ଜିନତ୍ୱ ପ୍ରତିପାଦିତ ହୋଇଛି ।

ଆଉ କେତେକ ଲେଖକ ଯଥା କେଦାରନାଥ ମହାପାତ୍ର ପ୍ରମୁଖ କହନ୍ତି, ନୀଳମାଧବ ମୂର୍ତ୍ତି ପଥରରେ ଖୋଦିତ ଜୈନ ତ୍ରିରତ୍ନ-ମୂର୍ତ୍ତି । ଏହାହିଁ କଳିଙ୍ଗର ଜିନାସନ ବା ଜିନସିଂହାସନ । ଏହାକୁହିଁ ଶବରମାନେ ପୂଜା କରୁଥିଲେ । ପରେ ଜୈନ ତ୍ରିରତ୍ନର ଅନୁକରଣରେ କାଠରେ ତ୍ରିମୂର୍ତ୍ତି ହେବାରୁ ଏମାନେ ହସ୍ତ-ପଦ-ଶୂନ୍ୟ । ପଣ୍ଡିତ ନୀଳକଣ୍ଠଙ୍କ ମତରେ ଖ୍ରୀଷ୍ଟୀୟ ସପ୍ତମ-ଅଷ୍ଟମ ଶତାବ୍ଦୀ ବେଳକୁ ନିର୍ଗ୍ରନ୍ଥୀସ୍ଥାନ କହୁଥିଲେ କେନ୍ଦୁଝର, ସମ୍ବଲପୁର, ସୋନପୁର, ଘୁମୁସର, ମୟୂରଭଞ୍ଜଙ୍କ ଦେଶକୁ ବୁଝାଉଥିଲା । ଏଠାରେ ଶବରମାନେହିଁ ଅଧିକ ସଂଖ୍ୟାରେ ବସତି ସ୍ଥାପନ

1. The Encyclopaedia Britanica, PP 446 ଦ୍ରଷ୍ଟବ୍ୟ
2. "The nations of Antilles suppose that certain trees instructed sorcers to shape their trunks into idols and to instal them in temples, huts where they could be worshipped." Ibid.

କରି ରହିଥିଲେ । ସେମାନେ ଆବହମାନ କାଳରୁ ନିଂବକାଠ-ନିର୍ମିତ ଶବର-ନାରାୟଣ ମୂର୍ତ୍ତି ଉପାସନା କରି ଆସୁଥିଲେ । ( ମାତ୍ର 'ନାରାୟଣୀ' ଶବ୍ଦଟି ତ ଅଷ୍ଟ୍ରିକ୍ ନୁହେଁ ! ) ବୋଧହୁଏ ଏଇମାନେହିଁ ଜଗନ୍ନାଥଂକୁ ନିଂବ କାଠରେ ଗଢ଼ି ନିଜର କରି ରଖିଥିଲେ । ପରେ ଅଷ୍ଟମ ଶତାବ୍ଦୀ ବେଳକୁ ଉଡ୍ଡିୟାନ ରାଜା ଇଂଦ୍ରଭୂତି ଯେ କି ଜଣେ ବୌଦ୍ଧ ବଜ୍ରଯାନୀ ଥିଲେ, ଜଗନ୍ନାଥଂକୁ ତାଂକ 'ଜ୍ଞାନସିଦ୍ଧି' ଗ୍ରଂଥର ମଂଗଳାଚରଣରେ 'ସର୍ବଜିନବରାର୍ଚ୍ଚିତ' ଓ 'ସର୍ବ-ବୁଦ୍ଧ-ମୟ' କହିବା ଦ୍ୱାରା ତାଂକର ଜିନତ୍ୱ ସ୍ୱୀକାର କରିବା ସଂଗେ ସଂଗେ ତାଂକର ବୌଦ୍ଧତ୍ୱ ପ୍ରତିପାଦନ କଲେ । ପୁରୀ ଶବରଅଂଚଳ ଅଂତର୍ଗତ ଥିଲା । ସେଠାର ଦେବତା ଜଗନ୍ନାଥ ନାମରେ ଅଭିହିତ ହେଉଥିଲେ । ହୁଏନସାଂ ତାଂକ ଭ୍ରମଣକାହାଣୀରେ ଉଡ୍ଡିୟାନରେ ଯେଉଁ ନବ ଫୁଟ ଉଚ୍ଚର କାଷ୍ଠ ପୂଜା ପାଉଥିବା କଥାର ଉଲ୍ଲେଖ କରିଛଂତି, ତାହାହିଁ ବୋଧହୁଏ ନିଂବକାଷ୍ଠ-ନିର୍ମିତ ଶବର-ନାରାୟଣ ଛଡ଼ା ଆଉ କିଛି ନୁହେଁ, ଯାହାକି ସେ କାଳର ପାଷାଣ ଦେବା-ଦେବୀଂକ ସହିତ ସମାଂତରାଳ ଭାବରେ ପ୍ରତିଷ୍ଠା ଲାଭ କରି ଆସିଥିଲା । ସେ ପୁଣି କହିଛଂତି, କଳିଂଗ ଉପକୂଳରେ ପ୍ରଥମେ ଜଗନ୍ନାଥ ସଂଭବତ ଖଂଡିଏ କଳା ପଥରରେ ଥିଲେ ଏବଂ ଏହାକୁ କଳିଂଗ ଜିନ ବା ଜୀନଂକର ପ୍ରତୀକ କୁହାଯାଉଥିଲା । ପରେ ଏହାର ନାମ 'ନୀଳମାଧବ' ହେଲା । ଏ ନୀଳମାଧବ ସଂସ୍କୃତ ଶବ୍ଦ ନୀଳମାଧବରୁ ପୃଥକ । ଏହାର ଅର୍ଥ ନୀଳ-ମା-ଧବ (ଶୁଭ୍ର) ଅର୍ଥାତ୍ Blue-Mother-White—ଯାହା ଦାର୍ଶନିକ ଅର୍ଥରେ ନାଃସ୍ତି ( non-existence ), ଜନନ ( principle of generation ) ଏବଂ ଧବ ବା ଶୁକ୍ଳ ( phenomenal expression of the universe ) । ପଂଡିତ ନୀଳକଂଠଂକ ମତରେ ଜଗନ୍ନାଥ ଏକ ଜୈନ ଅନୁଷ୍ଠାନ । *

ପଂଡିତ ନୀଳକଂଠଂକ ମତରେ କଳିଂଗ ରାଜା ଚୋଡ଼ଗଂଗ ଦେବ ( ଖ୍ରୀ: ୧୦୭୭-୧୧୪୮ ) ଆଲବାର ରାମାନୁଜଂକ ଶିଷ୍ୟତ୍ୱ ଓ ବାସୁଦେବ-ଧର୍ମ ସାହଚର୍ଯ ଲାଭକରି ଜୈନରୁ ବୈଷ୍ଣବ ହୋଇଥିଲେ । ସେ ଜୈନ ପ୍ରତୀକ ନୀଳମାଧବ ବା ଜଗନ୍ନାଥଂକ ନିମଂତେ ଏକ ବଡ଼ ମଂଦିର ନିର୍ମାଣ କରାଇ ତାହାକୁ ହିଂଦୁ ଧର୍ମର ପ୍ରଧାନ ପୀଠରେ ପରିଣତ କରିବା ପାଇଁ ଚେଷ୍ଟା କରିଥିଲେ । ଏଇ କଳିଂଗ ଜୀନଂକୁ ମଗଧର ରାଜା ନଂଦ ଖ୍ରୀ: ପୂର୍ବ

*'Hints on the Significance and History of Jagannath' (ନିଖିଳ ଭାରତ ପ୍ରବାସୀ ଉତ୍କଳ ସମ୍ମିଳନୀ ସ୍ମରଣିକା, କଲିକତା, ଜାନୁଆରୀ ୧୯୬୧)

କିଂବା ୫ମ ଶତାବ୍ଦୀରେ ବଳପୂର୍ବକ ଓଡ଼ିଶାରୁ ନେଇ ଯାଇଥିବା କଥା ପୂର୍ବେ କହିଛୁଁ । କିଂନ୍ତୁ କଳିଂଗ ସମ୍ରାଟ ବୀର ଖାରବେଳ ଯେ କି ଜୈନ ଧର୍ମାବଲମ୍ବୀ ଥିଲେ, ମଗଧ ଆକ୍ରମଣ କରି ଖ୍ରୀ: ପୂ ଦ୍ୱିତୀୟ ଶତାବ୍ଦୀରେ 'କଳିଂଗ ଜିନ'କୁ ଓଡ଼ିଶାକୁ ଫେରାଇ ଆଣିଥିଲେ । (Ibid) ଚୋଡ଼ଗଂଗ ରାମାନୁଜଙ୍କ ନିର୍ଦ୍ଦେଶରେ ଜୈନ ପ୍ରତୀକ ନୀଳମାଧବ ବା ଜଗନ୍ନାଥଂକୁ ମନ୍ଦିରରେ ସ୍ଥାପନା କରିଥିଲେ । ରାମାନୁଜ ନିଜେ ବାସୁଦେବ ଭକ୍ତ ଥିଲେ । ତେଣୁ ଜଗନ୍ନାଥ ବାସୁଦେବ ଧର୍ମର ଦେବତାରୂପେ ପ୍ରତିଷ୍ଠିତ ହୋଇଥିଲେ । ମନ୍ଦିରରେ କୃଷ୍ଣ, ବଳଦେବ ସୁଭଦ୍ରା ଏବଂ ଜୈନ ଓ ବୌଦ୍ଧ ଧର୍ମଚକ୍ରର ଆକାରବିଶିଷ୍ଟ ସୁଦର୍ଶନ ଚକ୍ର ଏଇ ଚାରି ମୂର୍ତ୍ତି ସ୍ଥାପିତ ହୋଇଥିଲେ । ଜୈନ 'ନାଥ' ପରଂପରା ଅନୁଯାୟୀ ଜଗନ୍ନାଥ ସୃଷ୍ଟି ହୋଇଥିବେ ବୋଲି ପଂଡିତ ନୀଳକଂଠ ମନେ କରଂନ୍ତି । ଏଇ ନାଥ ଶବ୍ଦର ଅର୍ଥ 'ଉପାସ୍ୟ ପୁରୁଷ' ଯଥା ଋଷଭନାଥ, ନମିନାଥ, ପାର୍ଶ୍ୱନାଥ । ଅନ୍ୟ କେହି କେହି ଅଷ୍ଟ୍ରିକ୍ ଦେବତା ପର୍ଯ୍ୟାୟୀ 'ଜଗଂତ' ସହିତ ଜୈନ 'ନାଥ' ସଂଯୋଗରେ 'ଜଗଂତନାଥ' ଓ ପରେ 'ଜଗନ୍ନାଥ' ସୃଷ୍ଟି ହୋଇଥିବ ବୋଲି ମନେ କରଂନ୍ତି ।

ଜଗନ୍ନାଥ ବଳଭଦ୍ରଂକ ମଧ୍ୟରେ ସୁଭଦ୍ରାଂକ ସ୍ଥାନ ସଂଦେହ ସୃଷ୍ଟି କରେ । ପ୍ରଭାତକୁମାର ମୁଖାର୍ଜିଂକ ମତରେ, ଗୁପ୍ତବଂଶୀ ରାଜାମାନଂକ ସମୟରୁ ବାସୁଦେବ ଧର୍ମ ବା ଭାଗବତ ଧର୍ମ ଚଳି ଆସୁଚି । ଏହା ପରେ ବୈଷ୍ଣବ

ସୁଭଦ୍ରା

ଧର୍ମରେ ପଶିଗଲେ ହିଏ । ସେଇ ବାସୁଦେବ ଧର୍ମ ପ୍ରଭାବରେ ବାସୁଦେବ ଓ ସଂକର୍ଷଣ ଜଗନ୍ନାଥ ଓ ବଳରାମ ନାମରେ ପୂଜା ପାଇବାକୁ ଲାଗିଲେ । ବରାହମିହିରଂକ ବୃହତ୍ ସଂହିତା ଅନୁଯାୟୀ କୃଷ୍ଣ ଓ ବଳରାମଂକ ମଧ୍ୟରେ ଯେଉଁ 'ଏକାନଂଶା ଦେବୀ'ଂକ ଉଲ୍ଲେଖ ଅଛି ସେଇ ଏକାନଂଶା ଦେବୀହିଁ ପରବର୍ତ୍ତୀ କାଳର ସୁଭଦ୍ରା । ସେ ଏକାଧାରରେ ଜଗନ୍ନାଥଂକ ଭଉଣୀ ଏବଂ 'ଶକ୍ତି' ବା 'ସ୍ତ୍ରୀ ମଧ୍ୟ । ତେଣୁ ଭାଗବତ ଧର୍ମର କୃଷ୍ଣ-ଏକାନଂଶା-ବଳରାମ ହିଁ ଜଗନ୍ନାଥ-ସୁଭଦ୍ରା-ବଳଭଦ୍ର । ସୁଭଦ୍ରାଂକୁ ଜଗନ୍ନାଥଂକ 'ଶକ୍ତି' ବା ସ୍ତ୍ରୀ ରୂପେ କଳ୍ପନା କରି ସ୍କଂଦ ପୁରାଣରେ ଗୋଟିଏ ଶ୍ଳୋକ ଅଛି :—"ତସ୍ୟ ଶକ୍ତିସ୍ୱରୂପେୟଂ ଭଗିନୀ ସ୍ତ୍ରୀ ପ୍ରବର୍ତ୍ତିକା" । ତାହାହିଁ ଏଇ ସଂଦେହ ସୃଷ୍ଟି କରିଚି ।

ଏଇ' ଭଗିନୀ ସ୍ତ୍ରୀ ପ୍ରବର୍ତ୍ତିକା'ର ଅର୍ଥ ଡ଼ଃ ହ : କୃ. ମହତାବ ଏବଂ ଡ଼ଃ ପାଢ଼ୀ ପ୍ରମୁଖ ପ୍ରଚଳିତ ମୂଲ୍ୟବୋଧ ମଧ୍ୟରେ ଖୋଜି ପାଇପାରି ନାହାଂନ୍ତି । ଏହାର ମୂଳସୂତ୍ର ଖୋଜିବାକୁ ହେଲେ ଆମକୁ ମାତୃପ୍ରଧାନ ଗଣ-ସମାଜ ପ୍ରତି ଦୃଷ୍ଟି ପକାଇବାକୁ ହେବ । ମହାଭାରତ ଶାଂନ୍ତି ପର୍ବରେ ପିତାମହ ଭୀଷ୍ମ ବିଭିନ୍ନ ଯୁଗରେ ଯେଉଁ ବିଭିନ୍ନ ପ୍ରକାର ବିବାହ କଥା କହିଛଂନ୍ତି ସେଥିରେ ତ୍ରେତା ଯୁଗରେ 'ସଂକଳ୍ପ' ବିବାହ ଅ.ଦମତମ । ସେଥିରେ ଭ୍ରାତୃ-ଭଗିନୀ ମଧ୍ୟରେ ମଧ୍ୟ ବିବାହ

ବୌଦ୍ଧ (ଯୌନ-ସଂପର୍କ) ନଷିଦ୍ଧ ନଥିଲା । ତାର କିଛି ଦୂର ସଂକେତ ଏଥିରେ ରହିଯାଇ ନାଇଛି !

କେବଳ ଜୈନ ବା ବୌଦ୍ଧଧର୍ମ ନୁହେଁ, ପ୍ରାୟ ସମସ୍ତ ହିଂଦୁ ଧର୍ମୀୟ ମତବାଦର ସମନ୍ୱୟ 'ଜଗନ୍ନାଥ ଧର୍ମ'ରେ ଦେଖିବାକୁ ମିଳେ । ଶାକ୍ତ, ପାଶୁପତ, ଗାଣପତ୍ୟ, ସୌର ପ୍ରଭୃତି ବହୁ ଧର୍ମ ଏବଂ ଶଂକରାଚାର୍ଯ୍ୟଂକ ଅଦ୍ୱୈତବାଦ ଏବଂ ଅଲବାର ରାମାନୁଜ ଆଚାର୍ଯ୍ୟ ପ୍ରବର୍ତ୍ତିତ ବିଶିଷ୍ଟାଦ୍ୱୈତବାଦ ପ୍ରଭୃତି ମତବାଦ ଏବଂ ମଧ୍ୱାଚାର୍ଯ୍ୟ, ଚୈତନ୍ୟ ପ୍ରଭୃତି ଧର୍ମାଚାର୍ଯ୍ୟମାନଂକର ମତବାଦ ଏଇ ଜଗନ୍ନାଥ ଧର୍ମରେ ମିଶି ଏକାକାର ହୋଇ ଯାଇଛି । ସେ ଦୂର ଦୂରାଂତରରୁ ବହୁ ପ୍ରବାହକୁ ନିଜ ମଧ୍ୟକୁ ଟାଣି ଆଣିଛଂତି । ମଧ୍ୱାଚାର୍ଯ୍ୟ, ଜୟଦେବ, ଏବଂ ଶେଷରେ ଶ୍ରୀଚୈତନ୍ୟ ପୁରୁଷୋତ୍ତମରେ ରହି ଦ୍ୱୈତ-ତତ୍ତ୍ୱର ମାଧୁର୍ଯ୍ୟରସର ପ୍ଲାବନ ସୃଷ୍ଟି କରିଛଂତି ଏବଂ ସେ ପ୍ରବାହ ଜଗନ୍ନାଥ ଧର୍ମର ସାମାନ୍ୟ-ବିଶିଷ୍ଟ ଅଧ୍ୟାତ୍ମଚେତନାରେ ନୂତନ ତରଂଗ ସୃଷ୍ଟି କରିଛି । ଏପରିକି ଶିଖ ଧର୍ମର ଗୁରୁତାଂତ୍ରିକ, ଧର୍ମ-ସମାଜ ସଂଗଠନରେ ଜଗନ୍ନାଥ ଯଥେଷ୍ଟ ପ୍ରେରଣା ଯୋଗାଇଛଂତି, ଯାହାର ପ୍ରମାଣ ଗୁରୁ ନାନକଂକର ପୁରୁଷୋତ୍ତମ ଅବସ୍ଥାନରୁ ମିଳେ । ବ୍ରାହ୍ମଣ୍ୟ-ପ୍ରବାହ ସହିତ ସମାଂତରାଳ ଭାବେ ଶାକ୍ତମତ ଏବଂ ତଂତ୍ର-ମାର୍ଗ ମଧ୍ୟ ଜଗନ୍ନାଥଂକ ଉପରେ ତାର ପ୍ରଭାବ ପକାଇବାକୁ ଛାଡ଼ିନାହିଁ । ବିମଳାଂକୁ ଭୈରବୀ ଏବଂ ଜଗନ୍ନାଥଂକୁ ଭୈରବରୂପେ ଏବଂ ପୁରୁଷୋତ୍ତମକୁ 'ଭୈରବୀଚକ୍ର" ରୂପେ ( ପଂ. ବିନାୟକ ମିଶ୍ର ) ଗ୍ରହଣ କରି ତଂତ୍ରମତ ତଥା ତଂତ୍ରସାଧନାକୁ ଯଥେଷ୍ଟ ସ୍ୱୀକୃତି ଦିଆଯାଇଛି । ଏଇ ସାଧନାର ପଂଚୋପକରଣ, ବା ପଂଚମକାରକୁ ମଧ୍ୟ ଜଗନ୍ନାଥଂକ ନୀତି-ନିୟୋଗରେ ମିଶାଇ ଦିଆଯାଇଛି । ବିମଳାଂକ ନିକଟରେ ମହାଷ୍ଟମୀ ରାତ୍ରରେ ପଶ୍ଚିମ ପାଟର ଛେଳି ଏକ ଗୁପ୍ତବଳି ଦେବା ବ୍ୟବସ୍ଥା ରହିଛିବୋଲି ମନମୋହନ ଗାଂଗୁଲି ଓ ମହତାବଂକ ଇତିହାସରୁ ଜଣାପଡ଼େ । ଏହାଛଡ଼ା କଂସାପାତ୍ରରେ ପଡ଼ିଥିବା ପାଣି ଓ ଲାଲ ଓଳିରେ ନାଇଫଳ ଘଷା ପାଣି ମଦ୍ୟ ସ୍ଥାନୀୟ, 'ଜାଂଘ' ନାମକ ଲଂବଲଂବ ବରଷ ପିଠା ମତ୍ସ୍ୟ ସ୍ଥାନୀୟ, ଅନ୍ୟାନ୍ୟ ସମସ୍ତ ବଡ଼ ପିଠା 'ମେଢ଼' ସ୍ଥାନୀୟ, ତେଂତୁଳି ରସରେ ଦହି ଅଦା ରୁଧିର ସ୍ଥାନୀୟ ମଂତ୍ର ଓ ଅଶ୍ଳୀଳ ମୁଦ୍ରାର ପ୍ରଦର୍ଶନ ମୁଦ୍ରା ଓ ମୈଥୁନ ସ୍ଥାନରେ ଜଗନ୍ନାଥ ଓ ବିମଳାଂକଠାରେ ଅର୍ପିତ ହୁଏ । ଜଗନ୍ନାଥଂକ ମହାପ୍ରସାଦ କେବଳ ବିମଳାଂକୁହିଁ ଦିଆଯାଇଥାଏ, ଅନ୍ୟ କାହାକୁ ନୁହେଁ । ( ଓ; ଇ )

ଜଗନ୍ନାଥଂକର ଦୀର୍ଘ ଶହ ହଜାର ବର୍ଷର ବିବର୍ତ୍ତନର ଚିତ୍ର ଏଥିରୁ ମିଳିପାରିବ । ମୋଟ ଉପରେ ଜଗନ୍ନାଥ ହେଉଛଂତି ସମସ୍ତ ଓଡ଼ିଶା ଭୂଖଂଡର

ଅଷ୍ଟ୍ରିକଭାଷୀଙ୍କଠାରୁ ଆରମ୍ଭ କରି ଜୈନ, ବୌଦ୍ଧ ଏବଂ ବ୍ରାହ୍ମଣ୍ୟ ଧର୍ମର କ୍ରମବିକାଶର ଇତିହାସ ସଂଗେ ସଂପୃକ୍ତ ଏବଂ ଓଡ଼ିଶା ଏବଂ ଓଡ଼ିଆ ଜାତିର ସମସ୍ତ ଚଳଣି, ଧ୍ୟାନଧାରଣା ଏବଂ କ୍ରମପରିବର୍ତ୍ତମାନ ଭାବ-ରୂପର ମୂର୍ତ୍ତ ପ୍ରତୀକ । ଗୋଟିଏ କଥାରେ କହିବାକୁ ଗଲେ ଜଗନ୍ନାଥହିଁ ହେଉଛନ୍ତି ଓଡ଼ିଶା ଏବଂ ଓଡ଼ିଶା ହେଉଛି ଜଗନ୍ନାଥ ।

## ଦ୍ରାବିଡ଼ ଓ ଆର୍ଯ୍ୟଭାଷୀ ନରଗୋଷ୍ଠୀ

ଉପରୋକ୍ତ ଜନ ଛଡ଼ା ଆଉ ଦୁଇଟି ଦୀର୍ଘମୁଣ୍ଡ ଜନ ପରବର୍ତ୍ତୀ କାଳରେ ଭାରତବର୍ଷରେ ଆସି ବସବାସ କରୁଥିଲେ ବୋଲି ମନେହୁଏ । ଏହି ଦୁଇ ଜନର କିଛିକିଛି କଙ୍କାଳାବଶେଷ ମିଳିଛି ସିନ୍ଧୁ ଉପତ୍ୟକାରେ । ମକରାନ୍, ମହେନ୍-ଜୋଦାରୋ, ହରପ୍ପାର କବରସ୍ଥାନରୁ ପ୍ରାପ୍ତ ନରକଙ୍କାଳରୁ ଜଣାଯାଏ ଯେ ଗୋଟିକର ଦେହ-ଗଠନ ଅଳ୍ପ ସୁଦୃଢ଼ ଓ ବଳିଷ୍ଠ, ଅନ୍ୟଟିର ସେତେ ବଳିଷ୍ଠ ନୁହେଁ, ଦୈର୍ଘ୍ୟ ମଧ୍ୟ ଟିକିଏ ଖର୍ବ, ମାତ୍ର ମୁଖାବୟବ ତୀକ୍ଷ୍ଣ ଓ ସୁସ୍ପଷ୍ଟ, ନାସିକା ତୀକ୍ଷ୍ଣ ଓ ଉନ୍ନତ, କପାଳ ଧନୁପରି ବଙ୍କିମ । ଏମାନଙ୍କଠାରେ ଭୂମଧ୍ୟ ନରଗୋଷ୍ଠୀର ଦେହଲକ୍ଷଣ ସହିତ ସାଦୃଶ୍ୟ ଦେଖାଯାଏ । ସିନ୍ଧୁ ଉପତ୍ୟକାରେ ପ୍ରାଗୈତିହାସିକ ସଭ୍ୟତାର ଯେଉଁ ପରିଚୟ ମିଳେ, ତାହା ଏହିମାନଙ୍କରହିଁ ସୃଷ୍ଟି ।* ଉତ୍ତର-ଭାରତରେ ସର୍ବତ୍ର, ସବୁ ବର୍ଣ୍ଣ ମଧ୍ୟରେହିଁ, ବିଶେଷତଃ ଉଚ୍ଚବର୍ଣ୍ଣର ଲୋକମାନଙ୍କ ମଧ୍ୟରେ ଏହି ଦୀର୍ଘମୁଣ୍ଡ ନରବଂଶର ରକ୍ତଧାରା ପ୍ରବହମାନ । ଏମାନଙ୍କର ଆଉ ଗୋଟିଏ ଧାରାର ମଧ୍ୟ ପରିଚୟ ମିଳେ । ଉପରୋକ୍ତ ଦୀର୍ଘମୁଣ୍ଡ ଜନଗଣ ଯେଉଁ ଜନସ୍ରୋତର ଗଢ଼ିଥିଲେ, ଉତ୍ତର-ପଶ୍ଚିମରୁ ଆଗତ ଏକ ଗୋଲମୁଣ୍ଡ ଜନ ଆସି ତା' ଭିତରେ ନିଜର ରକ୍ତପ୍ରବାହ ସଞ୍ଚାର କଲେ । ଏମାନଙ୍କର ସର୍ବପ୍ରାଚୀନ ସାକ୍ଷ୍ୟ ସଂଗୃହୀତ ହୋଇଛି ମହେନ୍-ଜୋ-ଦାରୋ ଏବଂ ହରପ୍ପାରୁ ପ୍ରାପ୍ତ ମୁଣ୍ଡ-କଙ୍କାଳରୁ । ଏହି ଗୋଲମୁଣ୍ଡ ଜାତିହିଁ De Lapang, Ripley, ଓ Luschan ଏବଂ ରମାପ୍ରସାଦ ଚନ୍ଦ କଥିତ ଆଲପାଇନ (Homo Alpinees) ନରଗୋଷ୍ଠୀ । ଏମାନଙ୍କ ସଙ୍ଗେ ପୂର୍ବ-ୟୁରୋପୀୟ ଦିନାରୀୟ ଏବଂ କେତେକାଂଶରେ ଆର୍ମେନୀୟ ଜାତିର ସମ୍ବନ୍ଧ ସୁସ୍ପଷ୍ଟ । ତେଣୁ ବିଜ୍ଞାନୀଙ୍କର କେହି ଏମାନଙ୍କୁ କହନ୍ତି ଆଲ୍ପୋ-ଦିନାରୀୟ ନରଗୋଷ୍ଠୀ ଏବଂ ଆଉକେତେଜଣ କହନ୍ତି ପଶ୍ଚିମ ଓ ପୂର୍ବ ବ୍ରାକିଡ୍ ବା ଗୋଲମୁଣ୍ଡ ନରଗୋଷ୍ଠୀ । ବଂଗଳା, ଓଡ଼ିଶା ପ୍ରଭୃତି ପୂର୍ବଉପକୂଳୀୟ ପ୍ରଦେଶରେ ଉତ୍ତମ ସଂକର ଓ ମଧ୍ୟମ ସଂକର ମଧ୍ୟରେ ଯେଉଁ ଗୋଲ ଓ ମଧ୍ୟମ ମୁଣ୍ଡାକୃତି, ତୀକ୍ଷ୍ଣ ଓ ଉନ୍ନତ ଓ ମଧ୍ୟମ ନାସାକୃତି ଓ ମାଧ୍ୟମିକ ଦେହ-

* ଡଃ ଚାଟାର୍ଜି ଓ ଅନ୍ୟମାନେ ।

ଦୈର୍ଘ୍ୟର ଲକ୍ଷଣ ଦେଖାଯାଏ, ତାହା ଅନେକାଂଶରେ ଏଇ ନରଗୋଷ୍ଠୀର ଦାନ । ବସ୍ତୁତ ବଂଗଳାରେ ଓ ଓଡ଼ିଶାରେ ଯେଉଁ ସଂସ୍କୃତି ଶତାବ୍ଦୀ ପରେ ଶତାବ୍ଦୀ ଧରି ଗଢ଼ିଉଠିଚି ତାର ପ୍ରାୟ ସମଗ୍ର ମୂଳ ରୂପାୟନଟି ପ୍ରଧାନତ ଆଲପାଇନ ଓ ଆଦିଅଷ୍ଟ୍ରେଲୀୟ ଏଇ ଦୁଇ ଜନର କୀର୍ତ୍ତି । ପରବର୍ତ୍ତୀ କାଳରେ ଆଗତ ଆର୍ଯ୍ୟଭାଷାଭାଷୀ ଆଦି-ନର୍ଡିକ୍ ନରଗୋଷ୍ଠୀର ରକ୍ତପ୍ରବାହ ଓ ସଂସ୍କୃତି ତାର ଉପର ସ୍ତରର ଏକ କ୍ଷୀଣ ଆସ୍ତରଣ ମାତ୍ର ଏବଂ ଏଇ ଆସ୍ତରଣ ସମାଜର ଉପର ସ୍ତରରେହିଁ ଆବଦ୍ଧ, ଏହାର ଧାରା ଲୋକଂକର ଜୀବନ ଓ ସମାଜର ମୂଳ ସ୍ତରରେ ବିସ୍ତୃତ ହୋଇ ପାରି ନାଇ ।*

ଆର୍ଯ୍ୟ-ଭାଷୀ ନର-ପ୍ରବାହ

ସେ ଯାହାହେଉ, ପାମୀର ମାଲଭୂମି, ତାକ୍‌ଲାମାକାନ ମରୁଭୂମି, ଆଲପ୍‌ସ ପର୍ବତ, ଦକ୍ଷିଣ ଆରବ ଏବଂ ପୂର୍ବୟୁରୋପବାସୀ ଏଇ ଆଲ୍‌ପାଇନ ଜନର ବଂଶଧର ଭାରତବର୍ଷରେ ବହୁ ଅଂଚଳରେ ବିସ୍ତୃତ ହୋଇ ରହିଛଂତି, ଗୁଜରାଟ, କର୍ଣ୍ଣାଟ, ମହାରାଷ୍ଟ୍ର, କୁର୍ଗ, ମଧ୍ୟଭାରତ, ବିହାର, ବଂଗଳା, ଓଡ଼ିଶା ପ୍ରଭୃତି ପ୍ରଦେଶରେ । ସବୁଠି ଏଇ ଦେହ ବୈଶିଷ୍ଟ୍ୟ ସମାନ ଭାବରେ ବିଦ୍ୟମାନ ନଥିଲେ ମଧ୍ୟ ଭାରତବର୍ଷରେ ଯେଉଁଠି ଗୋଲମୁଂଡ, ଉନ୍ନତନାସ ମନୁଷ୍ୟର ରକ୍ତଧାରା ଯେଉଁ ପରିମାଣରେ ଅଛି, ସେଠି ଏଇ ଗୋଲମୁଂଡ, ଉନ୍ନତନାସ ଆଲପାଇନ ନରଗୋଷ୍ଠୀ ଉପସ୍ଥିତ । ପଶ୍ଚିମ ବ୍ର୍ୟାକିଡ଼ଂକ ବଂଶଧର ବର୍ତ୍ତମାନ ମହାରାଷ୍ଟ୍ର, କୁର୍ଗ ଓ ଗାଂଗେୟ ଉପତ୍ୟକାର ଦୀର୍ଘଦେହ ମଣିଷଂକ ମଧ୍ୟରେ ଏବଂ ପୂର୍ବ ବ୍ର୍ୟାକିଡ୍ ଶାଖା ବଂଗଳା ଓ ଓଡ଼ିଶା ଲୋକଂକ ମଧ୍ୟରେ ବିଦ୍ୟମାନ । ଏଇ ଦୁଇ ଶାଖାହିଁ ଆଇକ୍‌ଷ୍ଟେଡ୍‌ଟଂକ ମତରେ ଆର୍ଯ୍ୟଭାଷୀ 'ଇଂଡିଡ୍' ନାମକ ବୃହତ୍ତର ନରଗୋଷ୍ଠୀର ଅଂତର୍ଗତ । ଆସାମୀୟ ଓ ପୂର୍ବପ୍ରାଂତଶାୟୀ ପାର୍ବତ୍ୟ ଦେଶମାନଂକରେ ମଂଗୋଲୀୟ ରକ୍ତଧାରାର ପରିଚୟ ସୁସ୍ପଷ୍ଟ । ଆଲପୋ-ଦିନାରୀୟ ଜାତିର ଲୋକମାନେ ଆର୍ଯ୍ୟ ଭାଷାଭାଷୀ ।

ଏଥିପୂର୍ବରୁ ଜନତତ୍ତ୍ୱର ବିଶ୍ଳେଷଣ ପ୍ରସଂଗରେ ବୁଝାଯାଇଚି ଯେ ତିନୋଟି ଦୀର୍ଘମୁଂଡ ଜାତି ଆଦି-ଅଷ୍ଟ୍ରେଲୀୟମାନଂକ ପରେ ଭାରତବର୍ଷର ଜନପ୍ରବାହ ମଧ୍ୟକୁ ଝାଂପ ପ୍ରଦାନ କରିଥିଲେ । ଏଥିରୁ ଦ୍ୱିତୀୟ ଧାରାଟି ପଂଜାବ ଅତିକ୍ରମ କରି ବେଶୀ ଦୂର ଅଗ୍ରସର ହୋଇ ପାରି ନାହିଁ । ପ୍ରଥମ ଧାରାଟି ମଧ୍ୟ ଓ ଦକ୍ଷିଣ ଭାରତରେ ବସ୍ତିଲାଭ କରିଥିଲା ଏବଂ ସେଠାରେ ପୂର୍ବତନ ଆଦି-ଅଷ୍ଟ୍ରେଲୀୟଂକ ସଂଗରେ

---

* 'ବାଂଗାଲୀର ଇତିହାସ'—ଡଃ ନୀହାରରଂଜନ ରାୟ ।

† Ibid.

ସେମାନଂକର କଚ୍ଛଟା ସମିଶ୍ରଣ ଘଟିଥିଲା । ଭୂମଧ୍ୟ ଧାରାଟି ସଗରେ ସୁମେରୀୟ-ଅସୀରୀୟ-ବାବିଲନୀୟ ପ୍ରଭୃତି ଭୂମଧ୍ୟ ନରଗୋଷ୍ଠୀର ସମ୍ବନ୍ଧ ଘନିଷ୍ଠ । ଏହି ଧାରାଟିହିଁ ହରପ୍ପା, ମହେଞ୍ଜୋ-ଦାରୋର ପ୍ରାଗୈତିହାସିକ ସିନ୍ଧୁ-ସଭ୍ୟତାର ଜନକ । ଏମାନେ ବସ୍ତୁତଃ ଉନ୍ନତ କରିଥିଲେ ଉତ୍ତର-ଭାରତରେ ସର୍ବତ୍ର । ଏହି ପ୍ରଥମ ଓ ଦ୍ୱିତୀୟ ଦୀର୍ଘମୁଂଡ ନରଗୋଷ୍ଠୀ ସମନ୍ୱୟରେ ଯେଉଁ ଜନ ଗଢ଼ି ଉଠିଥିଲା, ସେହି-ମାନେହିଁ ଖୁବ ସଂଭବ ଦ୍ରାବିଡ଼ ଭାଷାଗୋଷ୍ଠୀର ବର୍ତ୍ତମାନ ତାମିଲ-ତେଲେଗୁ-ମାଲୟାଲୀ କନ୍ନଡ଼ଭାଷୀ ଲୋକଂକର ପୂର୍ବପୁରୁଷ । ତେବେ ସିନ୍ଧୁଘାଟିର ନାମ, ଉପତ୍ୟକାରେ ବେଲୁଚିସ୍ଥାନର ଦ୍ରାବିଡ଼ଭାଷୀ ବ୍ରାହୁଇମାନଂକ ଅସ୍ତିତ୍ୱରୁ ଅନୁମାନ ହୁଏ ଯେ, ଏହି ଦ୍ରାବିଡ଼ ଭାଷା ଥିଲା ସିନ୍ଧୁ-ଉପତ୍ୟକାର ଦ୍ୱିତୀୟ ଧାରାର ଦୀର୍ଘମୁଂଡ ନରଗୋଷ୍ଠୀର ଭାଷା (ବାଂଗ) ।

ତେଣୁ ଏହି ଦ୍ରାବିଡ଼ ବା ଦ୍ରାବିଡ଼ଭାଷୀ ନରମାନଂକର ପରିଚୟ ବହୁ ଜଟିଳ ମନେ ହୁଏ । ପ୍ରାକ-ଆର୍ଯ୍ୟ ଯୁଗରେ ଦ୍ରାବିଡ଼ ଭାଷାଭାଷୀ ନରଗୋଷ୍ଠୀ କିଏ ଥିଲେ ତାହା ଠିକ କହିବା କଷ୍ଟ, ଯଦିଚ ଐତିହାସିକ ଯୁଗରେ ଦାମିଲ-ଦ୍ରମିଲ ତାମିଲ ଜାତିର ଲୋକଂକ ଭାଷା ଦ୍ରାବିଡ଼ ବୋଲି ନିଃସଂଦେହରେ କୁହା ଯାଇପାରେ ।

## ଦ୍ରାବିଡ଼ ସଭ୍ୟତା ଓ ପୌର ସଂସ୍କୃତି

ନବ୍ୟ ପ୍ରସ୍ତର ଯୁଗର ଏହି ଦ୍ରାବିଡ଼ ଭାଷାଭାଷୀ ଲୋକମାନେ ଭାରତ-ବର୍ଷରେ ନାଗର ସଭ୍ୟତାର ସୃଷ୍ଟି କରିଥିଲେ । ଆର୍ଯ୍ୟ ଭାଷାରେ 'ପୁର', 'ପୁରୀ' ଓ 'କୁଟ' ପ୍ରଭୃତି ନଗର-ଜ୍ଞାପକ ଶବ୍ଦ ଗୁଡ଼ିକ ଦ୍ରାବିଡ଼ ଭାଷାରୁ ଉଦ୍ଭୂତ । ରାମାୟଣରେ ସ୍ୱର୍ଣ୍ଣ ଲଂକାର ବିବରଣ, ମହାଭାରତରେ ମୟଦାନବର ଉପାଖ୍ୟାନ ଏବଂ ମହେଞ୍ଜୋ-ଦାରୋର ନଗର ବିନ୍ୟାସର ଉନ୍ନତ ଓ ସମୃଦ୍ଧ ରୂପ, ଭାରତର ବିଭିନ୍ନ ପ୍ରାଗୈତିହାସିକ ଧ୍ୱଂସାବଶେଷ ସମସ୍ତହିଁ ପ୍ରାକ୍ ଆର୍ଯ୍ୟଭାଷୀ ଦୀର୍ଘମୁଂଡ ଦ୍ରାବିଡ଼-ଭାଷା ଭାଷୀ ନରଗୋଷ୍ଠୀର ନଗରକେନ୍ଦ୍ରିକ ସଭ୍ୟତା ଆଡ଼କୁ ଇଂଗିତ କରେ । ସେମାନେ ବିଭିନ୍ନ ଖଣିଜ ବସ୍ତୁର ବ୍ୟବହାର ଜାଣିଥିଲେ । ସୁନା, ରୂପା, ସୀସା, ବ୍ରୋଂଜ ଓ ଟିଣର ବ୍ୟବହାର ଜାଣିଥିଲେ । ନାନା ପ୍ରକାର ପଥର, କାଂଚର ହାଡ଼, ପୋଡ଼ାମାଟି, ଖଣିଜ ଦ୍ରବ୍ୟ ଓ ସାମୁଦ୍ରିକ ଦ୍ରବ୍ୟ ଇତ୍ୟାଦି ଅଳଂକରଣ ଓ ବିବିଧ ରଚନାରେ ସେମାନେ ବ୍ୟବହାର କରୁଥିଲେ । ବର୍ଚ୍ଛା, ତୀର ଖଡ୍ଗ, କୁଠାର, ଗଦା, ଧନୁ, ମୁଷଳ, ତରବାରି, ଗୁରଫଳକ ଥିଲା

ସେମାନଙ୍କର ଅସ୍ତ୍ରୋପକରଣ । ପଥରର ହଳମୁଖ, ଚକମକି ପଥରର ଛୁରି ଓ କୁରାଢ଼ି, ନାନା ପ୍ରକାର ଧାତୁ ଓ ମାଟିର ଥାଳି ଗିନା, ନାନା ପ୍ରକାର ନିତ୍ୟ ବ୍ୟବହାର୍ଯ୍ୟ ଗୃହୋପକରଣ, ମାଟିର ଖେଳନା, ତମ୍ବା ଓ ବ୍ରୋଞ୍ଜର ଦେହ-ସଜ୍ଜା, ଖେଳିବା ପାଇଁ ଗୋଟି ଓ ପଶା, ପ୍ରଭୃତି ଅସଂଖ୍ୟ ଓ ବିବିଧ ଉପାଦାନ ଏହି ସଭ୍ୟତାର ବୈଶିଷ୍ଟ୍ୟ । ଗୋରୁଗାଡ଼ି ବୋଧହୁଏ ଏହି ସଭ୍ୟତାର ଦାନ । ସୂତାକଟା ଓ ଲୁଗାବୁଣା ତ ସେମାନେ ଜାଣିଥିଲେ । ଯବ ଓ ଗହମ, ମାଛ, ମେଷ, ଶୂକର ଓ କୁକ୍କୁଟ-ମାଂସ ଥିଲା ଏମାନଙ୍କର ଆହାର୍ଯ୍ୟ । ବଡ଼ ମେଣ୍ଢା, ଗୋରୁ, ମଇଁଷି, ହସ୍ତୀ, ଓଟ, ଘୁଷୁରି, ଛେଳି, କୁକ୍କୁଟ, କୁକୁର ପ୍ରଭୃତି ଥିଲେ ଏମାନଙ୍କର ଗୃହପାଳିତ ପଶୁ । ଏମାନଙ୍କର ବିଳାସ ଦ୍ରବ୍ୟର ପ୍ରାଚୁର୍ଯ୍ୟ ଏବଂ ଅବସର ଉପଭୋଗର ଉପକରଣ ତଥା ଜ୍ୟାମିତିକ ରେଖାଙ୍କନ ଓ କାରୁଶିଳ୍ପର ଯେଉଁ ପରିଚୟ ଆମେ ପ୍ରାଗୈତିହାସିକ ସୈନ୍ଧବ ସଭ୍ୟତାର ଧ୍ୱଂସାବଶେଷ ମଧ୍ୟରୁ ପାଉଁ, ତାହା ସେମାନଙ୍କର ସମୃଦ୍ଧ ନଗର-ସଭ୍ୟତା ତଥା ପୌର ସଂସ୍କୃତିର ସ୍ମାରକ ।

ଶ୍ରେଷ୍ଠ ବଡ଼ ରାସ୍ତା, ଜଳ ନିଃସରଣ ପ୍ରଣାଳୀ, ବଡ଼ ଶ୍ରେଷ୍ଠ ଏକାଧିକ ତାଲ-ବିଶିଷ୍ଟ ଇଟା ଓ କାଠର ଘର, ଦୁର୍ଗ, ଓ ସିଡ଼ି, ଝିଲ୍କଯୁକ୍ତ ଦରଜା, ଝରକା, ସ୍ନାନାଗାର, ଜଳକୁଣ୍ଡ, ପ୍ରାଙ୍ଗଣ, ପୂଜାମଣ୍ଡପ, ମୃତଦେହ ସତ୍କାର ପାଇଁ ସ୍ଥାନ ନିର୍ଦ୍ଦେଶ ପ୍ରଭୃତି ଯାହା କିଛି ନଗର-ବିନ୍ୟାସର ଅତ୍ୟାବଶ୍ୟକ ଉପାଦାନ, ଏହି ତାମ୍ର-ପ୍ରସ୍ତର ଯୁଗୀୟ ଦୀର୍ଘମୁଣ୍ଡ ଦ୍ରାବିଡ଼ ନରଗୋଷ୍ଠୀ ଦ୍ୱାରା ରଚିତ ସଭ୍ୟତାରେ ସେ ସବୁର କିଛି ଅଭାବ ନ ଥିଲା । ଭାଷାତତ୍ତ୍ୱରୁ ମଧ୍ୟ ଜଣାଯାଏ ଯେ 'କମାର' ଶବ୍ଦଟି ଦ୍ରାବିଡ଼ 'କର୍ମାର' ଶବ୍ଦରୁ ଗୃହୀତ । ସ୍ୱରୁକଳା ସଂଗେ ସେମାନଙ୍କର ପରିଚୟର ପ୍ରମାଣ 'ରୂପ' ଓ 'କଳା ଏହି ଦୁଇଟିଯାକହିଁ ଦ୍ରାବିଡ଼ ଶବ୍ଦ । 'ତଣ୍ଡୁଳ' ଓ 'ନୀର' ଦ୍ରାବିଡ଼ ଭାଷାରୁ ଆର୍ଯ୍ୟ-ଭାଷାକୁ ଯାଇଥିଲା । ଆର୍ଯ୍ୟ ସଭ୍ୟତାର ପ୍ରଥମ ସ୍ତରରେହିଁ ଦ୍ରାବିଡ଼ ସଭ୍ୟତାର ଏହି ସବୁ ବାସ୍ତବ ଉପକରଣ-ସୂଚକ ଶବ୍ଦାବଳୀ ମିଳି ଯାଇଥିଲା । ସେଥିପାଇଁ ପ୍ରତ୍ୟେକଟି ଶବ୍ଦ ଋକ୍‌ବେଦ ଓ ବ୍ରାହ୍ମଣ ପ୍ରଭୃତିରେ ଦେଖିବାକୁ ମିଳେ । ସେମାନଙ୍କର କାରୁକଳା, ମୃତ୍ତିଶିଳ୍ପ ଓ ଜ୍ୟାମିତିକ ନକ୍ସାର ପରମ୍ପରା ଆଜି ମଧ୍ୟ କେତେକ ସ୍ଥାନରେ ଅନୁସୃତ ହୁଏ । ସେମାନେ ଯେ ମତ୍ସ୍ୟାହାରୀ ଥିଲେ ଏହା ସୁବିଦିତ, ବୈଦିକ ଆର୍ଯ୍ୟଭାଷୀମାନେ ଥିଲେ ମାଂସାହାରୀ । ପରବର୍ତ୍ତୀ କାଳରେ, ନାନାକାରଣରୁ ଏମାନଙ୍କ ମଧ୍ୟରେ ବିଭିନ୍ନ ଧର୍ମଗୋଷ୍ଠୀର ଅହିଂସାବାଦର ଅଭ୍ୟୁଦୟ ଫଳରେ ଆମିଷାହାର ପ୍ରତି ବିରାଗ ଜନ୍ମେ । ଏହିମାନଙ୍କ ମଧ୍ୟରେ ହିଁ ଜୈନ ଧର୍ମର ମୂଳପତ୍ତନ ହୁଏ । (ବାଂ ଇ)

**ସୈଂଧବ ସଭ୍ୟତାର ରୂପ ରେଖ**

ପ୍ରତ୍ନତାତ୍ତ୍ୱିକ ବିଶ୍ଳେଷଣ ଦ୍ୱାରା ଜଣାଯାଇଛି ଯେ ସୈଂଧବ ସଭ୍ୟତାର ଉଷାକାଳ ଖ୍ରୀ: ପୂ ୩୦୦୦ ଶତାବ୍ଦୀ । ଏହା ଭାରତରେ ଆର୍ଯ୍ୟ ନରଗୋଷ୍ଠୀର ପ୍ରବେଶର ବହୁ ପୂର୍ବର କଥା । ଜୈନ ପରଂପରା ଅନୁଯାୟୀ ଆଦିନାଥ ଋଷଭ, ଯେ କି ପ୍ରଥମ ଜିନ ତୀର୍ଥଂକର, ଜୈନ ଧର୍ମର ପ୍ରତିଷ୍ଠା କରିଥିଲେ । ଏଇ ସିଂଧୁ-ଉପତ୍ୟକାବାସୀ ଜୈନମାନେ ଶ୍ରମଣ-ଧର୍ମ ଅନୁସରଣ କରୁଥିଲେ । ଜୈନଧର୍ମାବଲଂବୀ ଥିବାରୁ ଦ୍ରାବିଡ଼ମାନଂକର ଅନ୍ୟ ନାମ ଥିଲା ବ୍ରାତ୍ୟ । ଲିଚ୍ଛବୀ ପ୍ରଭୃତିର ଅଧିବାସୀଗଣ ଏବଂ 'ଅସୁର' ଜାତି ମଧ୍ୟ ଜୈନଧର୍ମୀ ଥିଲେ । 'ବ୍ରାହ୍ମଣ'ମାନଂକରେ ଉଲ୍ଲେଖ ଅଛି ଯେ 'ଅସୁର' ମାନେ ପ୍ରଜାପତିଂକ ଠାରୁ ଜନ୍ମ ହୋଇଥିଲେ ଏବଂ ସେମାନେ ବୈଦିକ ଅଯମାଂନକର ବିରୋଧୀ ଥିଲେ (ଋକ୍‌ବେଦ, ୧ମ, ୧୭୪, ୫) । ଜୈନମାନଂକର ବିଶ୍ୱାସ ଯେ ପ୍ରଜାପତି ଋଷଭଂକ ଛଡା ଅନ୍ୟ କେହି ନୁହଂତି । ସାର୍ ଜନ୍ ମାର୍ଶାଲ ଯଥାର୍ଥରେ କହିଛଂତି, ସୈଂଧବ ସଂସ୍କୃତି ଓ ବୈଦିକ ସଂସ୍କୃତି ମଧ୍ୟରେ ବହୁ ମୌଳିକ ପାର୍ଥକ୍ୟ ଦେଖାଯାଏ । ସୈଂଧବ ସଂସ୍କୃତି ମୂର୍ତ୍ତି-ଉପାସନା ଗ୍ରହଣ କରିଛି, ମାତ୍ର ବୈଦିକ ସଂସ୍କୃତିରେ ମୂର୍ତ୍ତି ଉପାସନା ନାଇ, ଏହା uniconic । ଜୈନମାନେ ଯେ ଭାରତରେ ମୂର୍ତ୍ତିପୂଜାର (Iconism) ପ୍ରବର୍ତ୍ତକ, ଏହା ସ୍ୱୀକୃତ । ଭି: ଜି: ନାୟାର Indus Valley Civilisation ରେ କହିଛଂତି :—

"It is a fact that the Jains are the first Indian people who took inconism in their religious worship and made images of their Tirthankuras which resembled those found in Harappa and Mahenjodaro. The Harpapa statuette is a male torso in nude form which resembles the torsos found in Lochianpur (Patna)" ('Jain Journal,' April 1972)

ଅର୍ଥାତ୍ ସୈଂଧବ ଉପତ୍ୟକାର ଜୈନମାନେ ମୂର୍ତ୍ତି ପୂଜକ ଥିଲେ ଏବଂ ଏମାନେହିଁ ଭାରତରେ ଧର୍ମ ମଧ୍ୟରେ ମୂର୍ତ୍ତି-ଉପାସନା ପ୍ରବର୍ତ୍ତନ କରିଥିଲେ । ଏମାନେ ତୀର୍ଥଂକରମାନଂକର ମୂର୍ତ୍ତିକୁ ପୂଜା କରୁଥିଲେ । ହରପ୍ପାରୁ ଆବିଷ୍କୃତ ଏକ ମସ୍ତକହୀନ ନଗ୍ନ ମୂର୍ତ୍ତି ସହିତ ପାଟନା ନିକଟସ୍ଥ ଲୋହାନୀପୁରରୁ ମିଳିଥିବା ମସ୍ତକହୀନ ମୂର୍ତ୍ତିର ବହୁ ସାମଂଜସ୍ୟ ଦେଖାଯାଏ । ପରେ ଯେଉଁ ସବୁ ତୀର୍ଥଂକର ବିଗ୍ରହମାନ ତିଆରି ହୋଇଥିଲା, ସେ ସବୁ ସହିତ ହରପ୍ପା ମହେଂଜୋଦାରୋରୁ ପ୍ରାପ୍ତ ମୂର୍ତ୍ତିମାନଂକର ସାଦୃଶ୍ୟ ରହିଛି । ମହେନ୍-ଜୋ-ଦାରୋରୁ ମିଳିଥିବା ସଂଚକ (seal) ରେ ଯେଉଁ ଯୌଗିକ ମୁଦ୍ରା ଦେଖାଯାଏ ତାହା ଜୈନ ଯୋଗୀଂକର

ଚେଷ୍ଟା ମୁଦ୍ରା । ଭାରତୀୟ ଆରକିଓଲଜି ବିଭାଗର ପୂର୍ବ ଡିରେକ୍ଟର୍-ଜେନେରାଲ ଶ୍ରୀ ଟି. ଏନ. ରାମଚନ୍ଦ୍ରନ୍ ଏହି ମୂର୍ତ୍ତିଗୁଡ଼ିକ ସ୍ୱତନ୍ତ୍ର ଭାବେ ବିଶ୍ଳେଷଣ କରି ଘୋଷଣା କରିଥିଲେ : "We are perhaps recognising in Harappa statuette a fullfledged Jain Tirthankura in the characteristic pose of physical abandon (Kayotsarga) The statuette under description is therefore, a splendid representative specimen of this thought of Jainism at perhaps its very inception."

ଅର୍ଥାତ୍ "ଆମେ ବୋଧହୁଏ ସ୍ୱୀକାର କରିବାକୁ ଯାଉଁଛୁ ଯେ ହରପ୍ପା ମୂର୍ତ୍ତି କାୟୋତ୍ସର୍ଗ ମୁଦ୍ରାରେ ଜଣେ ପୂରା ଜୈନ ତୀର୍ଥଂକରଙ୍କର ବିଗ୍ରହ, ଏବଂ ସେଇ ଅର୍ଥରେ ଜୈନ ଧର୍ମର ପ୍ରାରମ୍ଭ-ଅବସ୍ଥାରେ ଜୈନ ଧର୍ମମତର ଏକ ମହତ୍ତ୍ୱପୂର୍ଣ୍ଣ ପ୍ରତିନିଧିମୂଳକ ନିଦର୍ଶନ ।" ଅଧ୍ୟାପକ ରମାପ୍ରସାଦ ଚନ୍ଦ ମଧ୍ୟ କହିଛନ୍ତି ସୈନ୍ଧବ ସଂଗ୍ରହମାନଙ୍କରେ ଖୋଦିତ ଉପବିଷ୍ଟ ଦେବରୂପ ଗୁଡ଼ିକର ଯୋଗମୁଦ୍ରା ସୈନ୍ଧବ ଉପତ୍ୟକାରେ ଯୋଗର ବ୍ୟାପକ ପ୍ରଚଳନ ସମ୍ବନ୍ଧରେ ସାକ୍ଷ୍ୟ ଦିଏ । ଦଣ୍ଡାୟମାନ ଦେବରୂପଗୁଡ଼ିକ ଯୋଗର କାୟୋତ୍ସର୍ଗ ମୁଦ୍ରାର ପରିଚାୟକ—ଯାହା କେବଳ ଜୈନଯୋଗୀଙ୍କରହିଁ ବୈଶିଷ୍ଟ୍ୟ । ଋଷଭ ନାମଟିର ଅର୍ଥ ହେଉଛି ବୃଷଭ (ଷଣ୍ଢ) ଏବଂ ଜୈନ ଋଷଭଙ୍କର ସଂକେତ ହେଉଛି ମଧ୍ୟ ବୃଷଭ । ମହେନ୍‌ଜୋ-ଦାରୋରୁ ପ୍ରାପ୍ତ 'ବୃଷଭ' ସଂକେତଟି ସର୍ବଜନବିଦିତ ।

ପଣ୍ଡିତ ନୀଳକଣ୍ଠଙ୍କ ମତରେ, ଜୈନଧର୍ମ ମଣିଷକୁ ଚରମ ସ୍ୱାଧୀନତା ଦେଇଛି । ଏହାହିଁ ଭାରତର ପ୍ରାଚୀନତମ ଧର୍ମ । ଏହି ଧର୍ମ ଅନୁସାରେ, ମଣିଷ ଓ ତାର କର୍ମ ମଧ୍ୟରେ ଅନ୍ୟ କେହି ହସ୍ତକ୍ଷେପ କରି ପାରେ ନାହିଁ । ମଣିଷ ଯେଉଁ କର୍ମ କରେ ତାହା ଏବଂ ତାର କର୍ମଫଳ ମଧ୍ୟରେ ଅନ୍ୟ କାହାର କିଛି କରିବାର ନାହିଁ । ଏହି ତତ୍ତ୍ୱ ଯୋଗୁ ଜୈନଧର୍ମ ପୃଥିବୀର ଅନ୍ୟାନ୍ୟ ଧର୍ମଠାରୁ ଏତେ ପୃଥକ । କାରଣ ଖ୍ରୀଷ୍ଟିଆନ ଧର୍ମ, ଇସଲାମ ଧର୍ମ ଏବଂ ହିନ୍ଦୁ ଧର୍ମ ଭଗବାନ କିମ୍ବା ପ୍ରଫେଟ୍ କିମ୍ବା ପ୍ରିଷ୍ଟଙ୍କୁ,—ମଣିଷ ଓ କର୍ମଫଳ ମଧ୍ୟରେ ମଧ୍ୟସ୍ଥି କରନ୍ତି ବୋଲି ବିଶ୍ୱାସ କରେ । ମାତ୍ର ଜୈନବାଦ କହେ ଆତ୍ମା ଏକାକୀ, ତାହାହିଁ କେବଳ ନିଜ କର୍ମ ପାଇଁ ପୂର୍ଣ୍ଣତଃ ଦାୟୀ । ଜୈନବାଦ କହେ ମଣିଷର ବ୍ୟକ୍ତିତ୍ୱ ସ୍ୱୈତ, ବସ୍ତୁମୂଳକ ଓ ଅତନ୍ତ୍ର ।

ଧର୍ମ-ଧାରଣା

---

*ଲୋହାନିପୁରର ଜୈନ ମୂର୍ତ୍ତି ଗୁଡ଼ିକ ଡଃ କେ. ପି. ଜୟସୱାଲଙ୍କ ନିର୍ଣ୍ଣୟ ଅନୁସାରେ ମୌର୍ଯ୍ୟ-ଶୁଙ୍ଗ ଯୁଗର ।

ଆତ୍ମ-ସତ୍ତା ଦ୍ୱାରା ମଣିଷ ବସ୍ତୁ-ସତ୍ତାକୁ ଜୟ କରିପାରେ ଏବଂ ଜିନ ହୋଇପାରେ । ମଣିଷର ଆତ୍ମା, ଚିର ମୁକ୍ତ ଏବଂ ଆନଂଦମୟ ।* ମଣିଷର ଏଇ ଦ୍ୱୈତ ସତ୍ତା ଜୀବ ଓ ଅଜୀବ; ଏହା ସାଂଖ୍ୟର ପୁରୁଷ-ପ୍ରକୃତି ତତ୍ତ୍ୱରେ ଏବଂ ପରେ, ବେଦାଂତରେ ମଧ୍ୟ ଗୃହୀତ ହୁଏ ଏବଂ ଆହୁରି ବିକାଶ ଲାଭ କରେ । ଶାକ୍ୟମୁନି ବୁଦ୍ଧ ମାଧ୍ୟମିକ ପଥ ଉଦ୍‌ଭାବନ କରି, ଜୈନ କୃଚ୍ଛ୍ର ସାଧନା ଏବଂ ଅପେକ୍ଷାକୃତ ସହଜ ଜୀବନ ଯାପନ କରିବାର ପକ୍ଷପାତୀ ଲୋକାୟତ ପଂଥୀ ଜୈନଂକ ମଧ୍ୟରେ ଏକ ମଧ୍ୟମ-ମାର୍ଗ ପ୍ରଦର୍ଶନ କରି ଥିଲେ । ତେଣୁ ପଂଡ଼ିତ ନୀଳକଂଠ ତାଂକୁ ଜଣେ ଧର୍ମ ସଂସ୍କାରକ (reformer) ବୋଲି କହଂତି, ଧର୍ମ-ପ୍ରବର୍ତ୍ତକ ନୁହେଁ ।** ଜଗନ୍ନାଥ ଏକ ଜୈନ ଅନୁଷ୍ଠାନ ବୋଲି ସେ ଦୃଢ଼ ମତ ପ୍ରକାଶ କରି ଯାଇଛଂତି । ଆଦିମ ଜୈନଧର୍ମ ଖ୍ରୀ:ପୂ: ୬ଷ୍ଠ ଓ ୭ମ ଶତକରେ ଗ୍ରୀସର ଓରଫିକସ୍ ଏବଂ ପାଇଥୋଗରିଅନସ୍ଂକ ମଧ୍ୟରେ ପ୍ରଚଳିତ ଥିଲା । ସେମାନେ ବହୁ ସଂଖ୍ୟାରେ ନିରାମିଷାଶୀ ଥିଲେ ଏବଂ କର୍ମବାଦରେ ବିଶ୍ୱାସ କରୁଥିଲେ । ପୁନର୍ଜନ୍ମବାଦଟି ମଧ୍ୟ ଜୈନ-ଦର୍ଶନରୁ ସଂଭୂତ ହୋଇଥିଲା ଏବଂ ପରେ ଆର୍ଯ୍ୟ-ଧର୍ମରେ ପ୍ରବେଶ କରିଥିଲା । ଏହା ମୂଳତ ଏକ ଦ୍ରାବିଡ଼ ଧର୍ମମତ ।

## ଆର୍ଯ୍ୟ-ପ୍ରବାହ

ଅଲ୍‌ପୋ-ଦୀନାରୀୟ ନରଗୋଷ୍ଠୀର ବ୍ରାତ୍ୟ-ସଭ୍ୟତା ସଂବଧରେ କିଛି ସଠିକ କହିବା ସଂଭବ ନୁହେଁ । କାରଣ ବୈଦିକ ଆର୍ଯ୍ୟଭାଷା ଓ ସଭ୍ୟତାଠାରୁ ତାର ଏକ ପୃଥକ ଅସ୍ତିତ୍ୱ ଥିଲା । ଏକଥା ବହୁ ଐତିହାସିକ ସ୍ୱୀକାର କରଂତି । ପୂର୍ବ-ଭାରତୀୟ ଅବୈଦିକ ଆର୍ଯ୍ୟଂକୁ ବୈଦିକ ଆର୍ଯ୍ୟ ଘୃଣାଚକ୍ଷୁରେ ଦେଖୁଥିଲା ଏବଂ ସେମାନଂକୁ 'ବ୍ରାତ୍ୟ' ବୋଲି ଅଭିହିତ କରୁଥିଲେ । ଆର୍ଯ୍ୟଗୋଷ୍ଠୀରେ ଥିବା ଜୈନ ଓ ବୌଦ୍ଧମାନଂକ ପ୍ରତି ମଧ୍ୟ ସେମାନଂକର ଏଇ 'ବ୍ରାତ୍ୟ' ଶବ୍ଦ ପ୍ରଯୋଜ୍ୟ ଥିଲା । ଏଇଥିରୁ ବୋଧହୁଏ ପରେ ସ୍ମୃତି ଓ ପୁରାଣରେ 'ଅଂଗ ବଂଗ କଳଂଗେଷୁ, ସୌରାଷ୍ଟ୍ର ମଗଧେଷୁଚ, ତୀର୍ଥଯାତ୍ରା ବିନା ଗତ୍ୱା ପୁନଃସଂସ୍କାର ମର୍ହତି ।' ଅର୍ଥାତ୍ ତୁମେ ଯଦି ଅଂଗ ବଂଗ କଳଂଗ କିଂବା ସୌରାଷ୍ଟ୍ର ବା ମଗଧକୁ ତୀର୍ଥଯାତ୍ରା ବିନା ଅନ୍ୟ କୌଣସି କାରଣରେ ଯାଅ, ତେବେ ତୁମକୁ ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିବ । ଏସବୁ ଯେ ଅନାର୍ଯ୍ୟ ଦେଶ ଥିଲା ତା ନୁହେଁ, ବହୁ ଆର୍ଯ୍ୟ ଋଷୀ ମଧ୍ୟ

---

*Outlines of Jainism—Jagmanderlal Jaini

**Hints on the Significance and History of Jagannath—Souvenier of All India Prabasi Utkal Sammelan, Calcutta, January 1939

ଆର୍ଯ୍ୟେତର ଅଧିବାସୀଙ୍କ ସହ ଏଠାରେ ରହୁଥିଲେ । ତଥାପି ଆର୍ଯ୍ୟ ସଂସ୍କୃତି ଓ ଧର୍ମ-ଧାରଣା ଏ ସବୁ ପ୍ରାନ୍ତର ସମାଜସ୍ତରରେ ବିଶେଷ ଦୃଢ଼ମୂଳ ହୋଇ ପାରି ନଥିଲା । ଏକଥାର ସଂକେତ ପୂର୍ବେ ଦେଇଛୁ ।

*ଭାରତୀୟ ଇଂଡିଡ୍*

ଆର୍ଯ୍ୟ-ଭାଷୀ ନରଗୋଷ୍ଠୀର ଶାରୀରଲକ୍ଷଣ ଆଦିର ପରିଚୟ ଏଥି ପୂର୍ବରୁ ଦିଆଯାଇଛି । ଫନ୍ ଆଇକ୍‌ଷ୍ଟେଡ୍‌ଟଙ୍କ ମତରେ ଭାରତବର୍ଷରେ ମୋଟାମୋଟି ତିନୋଟି ରକ୍ତପ୍ରବାହ ଉପସ୍ଥିତ । ଏହାର ଶାଖାପ୍ରଶାଖା ମଧ୍ୟ ଅଛି । ସେଗୁଡ଼ିକ ହେଉଛି (୧) ଭେଡିଡ୍ ବା ଭେଡ୍‌ଡୀୟ ଯାହା ଉତ୍ତରଦାକ୍ଷିଣାତ୍ୟର ନରଗୋଷ୍ଠୀ ଭିତରେ ପ୍ରବାହିତ (୨) ମେଲାନିଡ୍—ପ୍ରଧାନ ବାସସ୍ଥାନ ଦକ୍ଷିଣ-ଭାରତର ସମତଳ ପ୍ରଦେଶ, ଏବଂ ବର୍ତ୍ତମାନ ତାମିଲଭାଷୀମାନେ ଏମାନଙ୍କ ବଂଶଧର । ଉତ୍ତରରେ ହୋ'ମାନଙ୍କ ଭିତରେ ଏବଂ ଗାଂଗେୟ ଉପତ୍ୟକାରେ କେଉଁ କେଉଁ କ୍ଷୁଦ୍ରତର ଶାଖାରେ, ବିଶେଷତଃ ନିମ୍ନବର୍ଣ୍ଣ ଭିତରେ ଏହାର ଚିହ୍ନ ସ୍ପଷ୍ଟ । କୋଲ୍, ମୁଂଡା ପ୍ରଭୃତି ମଧ୍ୟ ଏକ ଏକ କ୍ଷୁଦ୍ର ଶାଖା । ଅନ୍ୟାନ୍ୟ ନୃତତ୍ତ୍ୱବିତ୍ କହନ୍ତି, ଭାରତ ବହିର୍ଭୂତ ମିଶର ଏଶୀୟ ବା ଭୂମଧ୍ୟ ନରଗୋଷ୍ଠୀର ଆତ୍ମୀୟତାର ସନ୍ଧାନ ଯେଉଁ ଭାରତବର୍ଷୀୟ ଦୀର୍ଘମୁଂଡ-ଉନ୍ନତନାସ ନରଗୋଷ୍ଠୀ ମଧ୍ୟରେ ମିଳୁଛି, ସେମାନେ ଦ୍ରାବିଡ଼ ଏବଂ 'ମେଲାନିଡ଼' । ତୃତୀୟ ପ୍ରବାହଟି 'ଇଂଡିଡ୍' । ସେଇମାନେ ମୋଟାମୋଟି ଆଦି-ନର୍ଡିକ ଗୋଲମୁଂଡ ନରଗୋଷ୍ଠୀ । ଯେଉଁମାନଙ୍କୁ ଆଗରୁ ଆଲପାଇନ୍ ବା ଆଲପୋ-ଦିନାରୀୟ କୁହାଯାଇଛି ସେମାନେ ଏହାର ଗୋଟିଏ ଶାଖା । ଏମାନଙ୍କର ତିନୋଟି ଶାଖା ଅଛି, ପୁଣି ବହୁଧାରା ଉପଧାରା ରହିଛି । ମୋଟା ମୋଟି ଏଇମାନେହିଁ ଆର୍ଯ୍ୟଭାଷୀ ଗୋଲମୁଂଡ ନରଗୋଷ୍ଠୀ ।

## ଆର୍ଯ୍ୟ-ସଂସ୍କୃତି

ବୈଦିକ ଆର୍ଯ୍ୟମାନଙ୍କର ସଂସ୍କୃତି ଥିଲା ପ୍ରାଥମିକ ସ୍ତରର । ନଡ଼ା, ବାଉଁଶ, ଲତାପତ୍ରର କୁଡ଼ିଆ ଘରେ ସେମାନେ ରହୁଥିଲେ । ଖୁବ୍ ବେଶୀ ହେଲେ, କେବେ କେବେ ପଶୁ ଚମଡ଼ାରେ ନିର୍ମିତ ତମ୍ବୁରେ ରହୁଥିବା କଥାର ଉଲ୍ଲେଖ ମିଳେ । ସେମାନେ ଗୋପାଳନ ଜାଣିଥିଲେ, ପଶୁମାଂସ ପୋଡ଼ି ତାହାହିଁ ଆହାର କରୁଥିଲେ ଏବଂ ଦଳବଦ୍ଧ ହୋଇ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଘୁରି ବୁଲୁଥିଲେ । ଡଃ ସୁନୀତିକୁମାର ଚାଟାର୍ଜିଙ୍କ ମତରେ ଆର୍ଯ୍ୟମାନେ ସେମାନଙ୍କ ପିତୃଭୂମିରୁ ଘୋଡ଼ା ଆଣିଥିଲେ ଏବଂ ଭାରତରେ ଆର୍ଯ୍ୟପୂର୍ବ ଜାତିମାନେ ଯଥା ଅଷ୍ଟ୍ରିକଭାଷୀ ଓ ଦ୍ରାବିଡ଼

ଆର୍ଯ୍ୟମାନଙ୍କଠାରୁ ଘୋଡ଼ା ପାଇଥିଲେ । * ଏଇ ଘୋଡ଼ାହିଁ ସଂଭବତଃ ଆର୍ଯ୍ୟେତର ଜାତିଙ୍କ ଉପରେ ପ୍ରାଥମିକ ବିଜୟ ହାସଲ କରିବାରେ ସେମାନଙ୍କୁ ପ୍ରତ୍ୟକ୍ଷ ସାହାଯ୍ୟ କରିଥିଲା । ଯାଯାବରତ୍ୱ ତ୍ୟାଗ କରି ଏ ଦେଶକୁ ଆସି ସ୍ଥିତିଲାଭ କଲା ପରେ ଅଷ୍ଟ୍ରିକଭାଷୀ ଓ ଦ୍ରାବିଡ଼ ଲୋକମାନଙ୍କ ସଂସ୍ପର୍ଶରେ ଆସି ସେମାନଙ୍କର ଯଥାକ୍ରମେ କୃଷିବିଦ୍ୟା ଓ ଗ୍ରାମ୍ୟ-ସଂସ୍କୃତି, ଏବଂ ନାଗର ସଂସ୍କୃତି ସଂଗରେ ପରିଚୟ ହେଲା । ଆର୍ଯ୍ୟମାନେ ଭାରତବର୍ଷକୁ ଆସିବାର ବହୁ ପୂର୍ବରୁ ଆଦି-ଅଷ୍ଟ୍ରେଲୀୟ ଓ ଦ୍ରାବିଡ଼ ଗୋଷ୍ଠୀର ଲୋକମାନେ ଏ ଦେଶରେ କୃଷି ଓ ନଗର-ବିନ୍ୟାସ କ୍ଷେତ୍ରରେ ବହୁ ଉନ୍ନତି ସାଧନ କରି ସାରିଥିଲେ । କ୍ରମେ ଆର୍ଯ୍ୟମାନେ ଏ ଦୁଇଟି ଜାତିକୁ ଆତ୍ମସାତ୍ କରି ଉଭୟର ସମନ୍ୱୟରେ ନିଜସ୍ୱ ଏକ ବାସ୍ତବ ସଭ୍ୟତା ଗଢ଼ିବାକୁ ସମର୍ଥ ହେଲେ । ଭାରତକୁ ଆସିବା ପରେ ଦ୍ରାବିଡ଼ ଓ ଅନ୍ୟାନ୍ୟ ଅନାର୍ଯ୍ୟ ଗୋଷ୍ଠୀ ସହିତ ସେମାନଙ୍କର ସଂଘର୍ଷ ଲାଗି ରହିଲା । ବହୁ କ୍ଷେତ୍ରରେ ଆର୍ଯ୍ୟମାନଙ୍କୁ ପରାଜୟ ସ୍ୱୀକାର କରିବାକୁ ମଧ୍ୟ ପଡ଼ୁଥିଲା—ଯାହା ଋଗ୍‌ବେଦର ବହୁ ସୂକ୍ତରୁ ଜଣାଯାଏ । ପରାଜିତ ଆର୍ଯ୍ୟ ଦୁଃଖରେ ତାର ଦେବତା ନିକଟରେ ଏଇ ପରାଜୟ ଦୁଃଖ ଦେଇଥିବାରୁ ଅଶ୍ରୁବିଗଳିତ ନେତ୍ରରେ ନାନା ଅଭିଯୋଗ ବାଢ଼ିଚି ଏବଂ ଜୟ ପାଇଁ ପ୍ରାର୍ଥନା କରିଚି ।୧ ଅନାର୍ଯ୍ୟମାନଙ୍କୁ ସେମାନେ 'ଅସୁର', 'ଦୈତ୍ୟ,' 'ଦସ୍ୟୁ' 'ଦ୍ରମିଳ' ଇତ୍ୟାଦି ଘୃଣାବ୍ୟଞ୍ଜକ ନାମରେ ଅଭିହିତ କରୁଥିବାର ଋକ୍‌ବେଦରୁ ଜଣାଯାଏ । ଇନ୍ଦ୍ର ଥିଲେ ଆର୍ଯ୍ୟମାନଙ୍କର ନେତା ବା ଦେବତା । ଅସୁର-ଦ୍ରାବିଡ଼-ମାନଙ୍କ ସଂଗେ ସେମାନଙ୍କର ଲଢ଼େଇରେ ଇନ୍ଦ୍ର ହିଁ ନେଉଥିଲେ ନେତୃତ୍ୱ । ଦ୍ରାବିଡ଼ମାନଙ୍କର 'ପୁର' ବା ନଗରମାନଙ୍କୁ ସେ ଭାଂଗି ଦେଉଥିଲେ ବୋଲି ତାଙ୍କର ଅନ୍ୟ ଗୋଟିଏ ନାମ 'ପୁରନ୍ଦର ।'

ବ୍ଲୁମ୍‌ଫିଲ୍ଡ ପ୍ରମୁଖ ମନେ କରନ୍ତି ଯେ ଋଗ୍‌ବେଦ ଧନୀ କ୍ଷତ୍ରିୟ ଓ ବ୍ରାହ୍ମଣମାନଙ୍କ ଯାଗଯଜ୍ଞାଦି କଥାରେ ପୂର୍ଣ୍ଣ । ଏଥିରେ ଦାନ ସ୍ତୁତି, ଦଶରାଜାର ଯୁଦ୍ଧ, ଇନ୍ଦ୍ର ବୃତ୍ର ସମର, ଇନ୍ଦ୍ରଙ୍କର ସଂବର ବିରୁଦ୍ଧରେ ଯୁଦ୍ଧ, ଗଢ଼ ପ୍ରସ୍ଥରେ ପାଷାଣବେଷ୍ଟିତ ରାଜା ପ୍ରଭୃତିଙ୍କର ଉଲ୍ଲେଖ ମିଳେ । 'ମହାକୁଳ' ଓ 'ମଘବନ' ପ୍ରଭୃତିଙ୍କର ବିଷୟ ମଧ୍ୟ ଏଥିରେ ଦେଖିବାକୁ ପାଉଁ । ବେଦର ପୁରୁଷ ସୂକ୍ତରେ ଯେଉଁ ସହସ୍ରଶୀର୍ଷା ପୁରୁଷର ବନ୍ଦନାରେ ବୈଦିକ ଋଷି ଭାବବିହ୍ୱଳ ହୋଇ ପଡ଼ିଛନ୍ତି ସେ ତତ୍କାଳୀନ ପ୍ରସାରଣଶୀଳ ଆର୍ଯ୍ୟ-ସମାଜରହିଁ ଏକ ଭାବରୂପ । ସେ ସମାଜ ଶ୍ରେଣୀ-ବିଭକ୍ତ, ବର୍ଣ୍ଣ-ଭିତ୍ତିକ ଏବଂ ଦାସ-ଅଧିକାରୀ ସମାଜ । କାରଣ ସେଇ

---

* ସାଂସ୍କୃତିକା (୨ୟ ଖଣ୍ଡ) ଡଃ ସୁ. ଚ୍ୟାଟାର୍ଜି ।

୧ ଋକ୍‌ବେଦ, ୨ୟ ମଂ, ସୂ ୭ମ, ୨୮ ।

ପୁରୁଷ ଯେତେବେଳେ ବିଭକ୍ତ ହୁଅନ୍ତି, ତାଙ୍କ ମୁହଁରୁ ବ୍ରାହ୍ମଣ, ବାହୁ ଯୁଗଳରୁ କ୍ଷତ୍ରିୟ-ରାଜନ୍ୟ, ଉରୁ ଦ୍ୱୟରୁ ବୈଶ୍ୟ ଏବଂ ପାଦରୁ ଶୂଦ୍ର ଉତ୍ପନ୍ନ ହୋଇଥିଲେ । ଏହାହିଁ ଥିଲା ପରବର୍ତ୍ତୀ କାଳର ବୈଦିକ ସମାଜ । ପ୍ରାଥମିକ କାଳରେ କିନ୍ତୁ ଋଗବେଦ ଥିଲା ଆର୍ଯ୍ୟ ଗଣ-ସମାଜର, ଗଣମାତୃକା ସମାଜର ନାନା ସଂକେତରେ ପୂର୍ଣ୍ଣ, ଯାହାର ସୂଚନା ଆମେ ଏଥି ପୂର୍ବରୁ ଦେଇଛୁଁ । ମୋଟ ଉପରେ, ଭାରତରେ ସ୍ଥିତିଲାଭ କରିବା ପରେ ଆର୍ଯ୍ୟ-ସଂସ୍କୃତିର ବହୁମୁଖୀ ବିକାଶ ସାଧିତ ହେଲା, ଅଷ୍ଟ୍ରିକ୍ ଓ ଦ୍ରାବିଡ଼ ସଂସ୍କୃତିର ସାର ସଂଗ୍ରହ କରି, ତାର ଆର୍ଯ୍ୟ ନାମ (ଋ+ଣ୍ୟତ୍, ଋ=ଗମନ, ବ୍ୟାପ୍ତି) ସାର୍ଥକ ହେଲା—ସାୟଣାଚାର୍ଯ୍ୟ ଯାହାର ଅର୍ଥ କରିଥିଲେ ଅରଣୀୟ ବା ଗମନଶୀଳ ।

ଇନ୍ଦ୍ର-ବୃତ୍ର ସମର ବୃତ୍ତାନ୍ତରୁ ଜାଣୁଁ ବୈଦିକ ଆର୍ଯ୍ୟ ଲୁହା କିମ୍ବା ବ୍ରୋଞ୍ଜର ବ୍ୟବହାର ଜାଣି ନଥିଲା । ପଥର ଏବଂ ହାଡ଼ର ଅସ୍ତ୍ର, ଶସ୍ତ୍ର, ସାହାଯ୍ୟରେ ହିଁ ସେ ଅସୁରମାନଙ୍କ ସଙ୍ଗେ ସଂଗ୍ରାମ କରୁଥିଲା । ଦଧୀଚିଙ୍କ ହାଡ଼ରେ ନିର୍ମିତ ଅସ୍ତ୍ର ହିଁ ତାର ସେତେବେଳେ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର, ବା 'ବଜ୍ର' ଥିଲା ଏବଂ ତାହାର ଦ୍ୱାରା ଇନ୍ଦ୍ର ବୃତ୍ରଙ୍କୁ ବଧ କରିଥିଲେ । ଆର୍ଯ୍ୟ ଋଷୀର ଆଦି-ଅଷ୍ଟ୍ରେଲୟମାନଙ୍କର କୃଷି-ଭିତ୍ତିକ ଜୀବନ ଯାପନ ପ୍ରଣାଳୀ ବାସ୍ତବ ଉପାଦାନ କିମ୍ବା ଦ୍ରାବିଡ଼ମାନଙ୍କର ନଗର-ନିର୍ଭର ଜୀବନ ଯାପନର ଉନ୍ନତ ବାସ୍ତବ ଉପକରଣ ତା' ହାତରେ ନଥିଲା । ମାତ୍ର ସେ ଏ ଦୁଇ ଜୀବନ ଧାରାର ଶ୍ରେଷ୍ଠ ଉପାଦାନଗୁଡ଼ିକ ଆହରଣ ସୂତ୍ରରେ ଲାଭ କରି ନିଜସ୍ୱ ଏକ ସମୃଦ୍ଧ ସଂସ୍କୃତି ଓ ସମାଜ ଗଢ଼ି ପାରିଥିଲା ।

ଆର୍ଯ୍ୟଋଷୀ ନର ଥିଲା ପ୍ରକୃତି-ଉପାସକ, ଆସ୍ତିକ, ଏବଂ ପୌତ୍ତଳିକତା ବିରୋଧୀ (uniconist) । ତାର ବାସ୍ତବ ଜୀବନବୋଧ ଓ ଜୀବନ ଜିଜ୍ଞାସା ମଧ୍ୟ ଋଗବେଦର ସେଇ ସୂକ୍ତ ଓ ମନ୍ତ୍ରଗୁଡ଼ିକରେ ପ୍ରତିଫଳିତ । ରକ୍ତବର୍ଣ୍ଣା ଉଷାଦେବୀଙ୍କ ବନ୍ଦନାରେ ସେ ଗାଈ ଏବଂ ଅଶ୍ୱ ନିମନ୍ତେ ପ୍ରାର୍ଥନାକୁ ଯୋଡ଼ି ଦେଇଛି । ଆର୍ଯ୍ୟ-ମାନସ ବାସ୍ତବ ଓ କଳ୍ପନାର ଏକ ବିଚିତ୍ର ସମନ୍ୱୟ, ପାର୍ଥିବ ଓ ଅପାର୍ଥିବର ବିଚିତ୍ର ସମାବେଶ । କିନ୍ତୁ ପରବର୍ତ୍ତୀ କାଳରେ, ଉପନିଷଦ ଯୁଗରେ ଆର୍ଯ୍ୟ-ସଂସ୍କୃତି ଆଉ ତାର ନିଜସ୍ୱ ହୋଇ ରହିଲା ନାହିଁ । ଆର୍ଯ୍ୟ-ଆର୍ଯ୍ୟେତର, ଦ୍ରାବିଡ଼-ଆଦିନିତିଁଙ୍କ ସମସ୍ତଙ୍କ ମିଳିତ ଅବଦାନ ଓ ମାନସ-ଉପାଦାନରେ ତାହା ଏକ ମହାଭାରତୀୟ ସଂସ୍କୃତିରେ ରୂପାନ୍ତର ଲାଭ କଲା । କିନ୍ତୁ ସେଇ ସମନ୍ୱୟ ସାଧନର ସମସ୍ତ କର୍ମ-କୀର୍ତ୍ତି ଏକାନ୍ତ ଭାବରେ ହିଁ ଆର୍ଯ୍ୟର ।

ଏଠାରେ ଲକ୍ଷଣୀୟ ଯେ ଆର୍ଯ୍ୟ କିମ୍ବା ଦ୍ରାବିଡ଼, ଅଥବା ମିଶ୍ର ଦ୍ରାବିଡ଼ ଆର୍ଯ୍ୟର ପୌର ସଂସ୍କୃ... ଉଭୟ ଉତ୍ତର ଓ ଦକ୍ଷିଣ ଭାରତରେ ହିଁ ବିଶେଷ ଭାବେ

ସୀମାବଦ୍ଧ ହୋଇ ରହି ଯାଇଛି । ପୂର୍ବ ଉପକୂଳଶାୟୀ ପ୍ରଦେଶଗୁଡ଼ିକରେ—ଆସାମ, ବଙ୍ଗଳା କିମ୍ବା ଓଡ଼ିଶାରେ, ଏହା ସମାଜର ମୂଳସ୍ତରକୁ ସ୍ପର୍ଶ କରିପାରିନାହିଁ । ଭାରତର ପୂର୍ବ ଉପକୂଳବର୍ତ୍ତୀ ପ୍ରଦେଶମାନଙ୍କରେ ନାଗର ସଭ୍ୟତାର ପ୍ରଭାବ କମ ପଡ଼ିବାର କାରଣ ବୋଧହୁଏ ସେ ସବୁର ବିଚ୍ଛିନ୍ନତା । ପୂର୍ବ ଉପକୂଳୀୟ ଜନଜୀବନ, ଆସାମ, ବଙ୍ଗଳା, ଓଡ଼ିଶା ଆଦି ପ୍ରଦେଶରେ ଊନବିଂଶ ଶତକ ପର୍ଯ୍ୟନ୍ତ ବାସ୍ତବ ସଭ୍ୟତାର ରୂପ ଥିଲା ଗ୍ରାମୀଣ । ଦ୍ରାବିଡ଼ମାନଙ୍କଠୁ ଉଦ୍‌ଭୂତ ନାଗର-ସଭ୍ୟତାର ସ୍ପର୍ଶ ସେଥିରେ ଖୁବ କମ ଲାଗିଛି । ସେଥିପାଇଁ ଏଇସବୁ ପ୍ରଦେଶରେ ସୁଦୀର୍ଘ ଶତାବ୍ଦୀ ପରେ ଶତାବ୍ଦୀ ଧରି ନଗରର ପ୍ରାଧାନ୍ୟ ନଥିଲା କହିଲେ ଚଳେ । ଉତ୍ତର ଭାରତରେ ରାଜଗୃହ, ପାଟଳୀପୁତ୍ର, ସାକେତ, ଶ୍ରାବସ୍ତୀ, ହସ୍ତିନାପୁର, କାନ୍ୟକୁବ୍ଜ, ମଥୁରା, ତକ୍ଷଶିଳା, ବଢ଼ଣା, କୌଶାମ୍ବୀ ପ୍ରଭୃତି ନଗର, ଏବଂ ଦକ୍ଷିଣ ଭାରତରେ ଅସଂଖ୍ୟ ସାମୁଦ୍ରିକ ବନ୍ଦର, ପୁର, ନଗର ପ୍ରଭୃତି ଭାରତ ଇତିହାସରେ ଯେଉଁ ସ୍ଥାନ ଅଧିକାର କରିଛି, ଓଡ଼ିଶା, ବଙ୍ଗଳା ପ୍ରଭୃତିରେ ସେପରି କୌଣସି ନଗର-ନଗରୀ ସେ ସ୍ଥାନ ଅଧିକାର କରିନାହିଁ । ଏଇସବୁ ପୂର୍ବଦେଶମାନଙ୍କର ସାମାଜିକ ଜୀବନରେ ମଧ୍ୟ ନଗରର ପ୍ରାଧାନ୍ୟ କମ । ତାର କାରଣ ଏଇ ପ୍ରଦେଶଗୁଡ଼ିକ ସୁଦୂରାତୀତ କାଳରୁ ଭାରତବର୍ଷର ଏକ ପ୍ରାନ୍ତରେ ନିଜର ଗ୍ରାମୀଣ ସଭ୍ୟତା ନେଇ ପଡ଼ି ରହିଛି । ( ବାං.ଇ )

## ବିଭିନ୍ନ ଜନର ମାନସ-ପ୍ରକୃତି

**ଅଷ୍ଟ୍ରିକ୍‌ଭାଷୀର ମାନସ-ପ୍ରକୃତି**

ବର୍ତ୍ତମାନ ଅଷ୍ଟ୍ରିକ, ଦ୍ରାବିଡ଼ ଓ ଆର୍ଯ୍ୟ ଜନର ମାନସ-ପ୍ରକୃତି ସମ୍ବନ୍ଧରେ କିଛି ସୂଚନା ଦେବା ଆବଶ୍ୟକ । ଆଦି-ଅଷ୍ଟ୍ରେଲୀୟ ବା ଅଷ୍ଟ୍ରିକ୍‌ଭାଷୀମାନେ ଖୁବ୍ ସରଳ ଏବଂ ନିରୀହ ପ୍ରକୃତିର ଲୋକ । ଐତିହାସିକ ଯୁଗରେ, ଐତିହାସିକ ବିବର୍ତ୍ତନ ଓ ପରିବର୍ତ୍ତନ ସଙ୍ଗେ ଖାପ ଖୁଆଇ ଚଳିବା ଭଳି ଦୃଢ଼ତା ଓ ବାସ୍ତବବୋଧ ଏମାନଙ୍କର କିଛି ଅଭାବ ଥିଲା ବୋଲି ମନେହୁଏ । ସହଜରେ ଏମାନେ ପର ପାଖରେ ବଶ୍ୟତା ସ୍ୱୀକାର ଏବଂ ଆତ୍ମସମର୍ପଣ କରୁଥିଲେ । ବହୁବାର ଅଧିକତର ପରାକ୍ରାନ୍ତ ଜାତି ନିକଟରେ ବଶ୍ୟତା ସ୍ୱୀକାର କରି ମଧ୍ୟ ଏମାନେ ଏପର୍ଯ୍ୟନ୍ତ ନିଜର ଜନଗତ ବୈଶିଷ୍ଟ୍ୟ ଓ ପ୍ରକୃତି ଅଟୁଟ ରଖି ପାରିଛନ୍ତି । ବର୍ତ୍ତମାନ ଯୁଗର ଶବର, ମୁଣ୍ଡା, କନ୍ଧ, ସାନ୍ତାଳ ପ୍ରଭୃତି ଜନଙ୍କ ପ୍ରକୃତି ଅଧ୍ୟୟନ କଲେ ମନେହୁଏ ଏମାନେ ଟିକିଏ କଳ୍ପନାପ୍ରବଣ, ଦାୟିତ୍ୱବିହୀନ, ଏବଂ ଅଳସ-ସ୍ୱଭାବ, ନିର୍ଜନତାପ୍ରିୟ ଏବଂ କିଛିଟା କାମପରାୟଣ । ଭାରତବର୍ଷର ଇତିହାସରେ [illegible] ପଚିଶ ଶତାବ୍ଦୀ କେତେ ଯେ

ପରିବର୍ତ୍ତନ-ବିବର୍ତ୍ତନ ଘଟିଯାଇଛି, କିନ୍ତୁ ଏମାନଙ୍କର ପ୍ରକୃତିଗତ ବୈଶିଷ୍ଟ୍ୟ ବିଶେଷ ବଦଳି ନାହିଁ ( ଏଜ୍‌ନ )

## ଜନ୍ମାନ୍ତରବାଦ ଓ ଲିଙ୍ଗପୂଜା

ଏହି ଆଦି-ଅଷ୍ଟ୍ରେଲୀୟମାନଙ୍କର ଏକାଧିକ ଜୀବନରେ ବିଶ୍ୱାସ ଥିଲା । କାହାର ମୃତ୍ୟୁ ହେଲେ ତାର ଆତ୍ମା କେଉଁ ପାହାଡ଼ କିମ୍ବା ଗଛ ଅଥବା କେଉଁ ଜନ୍ତୁ ବା ପକ୍ଷୀ ବା ଅନ୍ୟ କେଉଁ ଜୀବକୁ ଆଶ୍ରୟ କରି ବଞ୍ଚି ରହେ ବୋଲି ଏମାନଙ୍କର ଧାରଣା । ପରବର୍ତ୍ତୀ କାଳରେ ଏହି ଧାରଣାହିଁ ହିନ୍ଦୁ ପୁନର୍ଜନ୍ମବାଦ ଓ ପରଲୋକବାଦରେ ରୂପାନ୍ତରିତ ହୁଏ । କେହି ମରିଗଲେ ଏମାନେ ବୃକ୍ଷର ବକ୍କଳ କିମ୍ବା ଲୁଗାରେ ମୃତଦେହକୁ ଢାଙ୍କି ବଡ଼ ବଡ଼ ପଥର ତଳେ କବର ଦେଇ ଦିଅନ୍ତି କିମ୍ବା ସ୍ତ୍ରୀଲୋକ ହେଲେ ସୋଜା କରି ଶୁଆଇ ଦେଇ ମାଟିତଳେ ପୋତି ଦିଅନ୍ତି । ମୃତବ୍ୟକ୍ତିକୁ ଏମାନେ ମଝିରେ ମଝିରେ ଆହାର୍ଯ୍ୟ ମଧ୍ୟ ଦାନ କରନ୍ତି, ଯାହା ପରେ ହିନ୍ଦୁମାନେ ଗ୍ରହଣ କରିଛନ୍ତି । ଲିଙ୍ଗପୂଜା ମଧ୍ୟ କୌଣସି କୌଣସି ଅଷ୍ଟ୍ରିକ୍‌ଗୋଷ୍ଠୀ ମଧ୍ୟରେ ପ୍ରଚଳିତ ଥିଲା । 'ଲିଙ୍ଗ' ଶବ୍ଦଟିହିଁ ଅଷ୍ଟ୍ରିକ୍ ଭାଷାର ଦାନ । ଏମାନେ ସମାଧି ଉପରେ ପଥରଟିଏ ଥୁପା ଦେଇ ତା ଉପରେ ଏକ ଦୀର୍ଘ ପଥର ଛିଡ଼ା କରି ରଖନ୍ତି । ଏହା ଯୋନି ଓ ଲିଙ୍ଗ ବୋଲି କେହି କେହି ନୃତତ୍ତ୍ୱବିତ୍ ଅନୁମାନ କରନ୍ତି । ପ୍ରିଶିଲସ୍କି ଏ ବିଷୟରେ କହନ୍ତି:— ଭାରତୀୟ ଶୈବଧର୍ମରୁ Phallic cultର ଉଦ୍‌ଭବ ହୋଇଛି ବୋଲି ଯେଉଁ ଧାରଣା ତାହା ଠିକ ନୁହେଁ । ଆର୍ଯ୍ୟମାନେ ଆଦିମ ଅଧିବାସୀମାନଙ୍କ ନିକଟରୁ ହିଁ ଲିଙ୍ଗ-ଉପାସନା ଗ୍ରହଣ କରିଛନ୍ତି ।

ଅଷ୍ଟ୍ରିକ୍‌ମାନେ ବିଶେଷ ବିଶେଷ ବୃକ୍ଷ, ପାହାଡ଼, ପଶୁ, ପକ୍ଷୀ ଉପରେ ଦେବତ୍ୱ ଆରୋପ କରି ସେ ସବୁର ପୂଜା କରୁଥିଲେ । ଏବେ ମଧ୍ୟ ସେମାନେ ତାହା କରନ୍ତି । ବୃକ୍ଷ-ପୂଜା ତ ଏବେ ମଧ୍ୟ ଗ୍ରାମମାନଙ୍କରେ ଦେଖାଯାଏ । ଆମର ଅନେକ ଆଚାର-ଅନୁଷ୍ଠାନ ଅଷ୍ଟ୍ରିକ୍-ପ୍ରବର୍ତ୍ତିତ ଗ୍ରାମୀଣ ସଭ୍ୟତାର ସ୍ମୃତି ଓ ଐତିହ୍ୟ ସଂଗେ ଜଡ଼ିତ । ଶ୍ରାଦ୍ଧାଦିରେ କିମ୍ବା କୌଣସି ଶୁଭକାର୍ଯ୍ୟରେ ଆମେ ପ୍ରଥମେ ଯେଉଁ 'ଅଭ୍ୟୁଦାୟିକ' କରି ପିତୃପୁରୁଷଙ୍କର ପୂଜା କରୁଁ ତାହା ଏମାନଙ୍କଠାରୁ ହିଁ ଗୃହୀତ । ଆମର ସମସ୍ତ ଶୁଭକାର୍ଯ୍ୟ ଅନୁଷ୍ଠାନରେ ବ୍ୟବହୃତ ଦ୍ରବ୍ୟ ଭିତରେ ତ ଧାନ, ଗୁଆ, ନାରିକେଳ, ଦୁବ, ହଳଦୀ, ସିନ୍ଦୁର, କଦଳୀ ଗଛ ଅନେକ ଜାଗା ମାଡ଼ି ବସିଛି । ଏ ସବୁ କିନ୍ତୁ ଅଷ୍ଟ୍ରିକ୍‌ଭାଷୀଙ୍କଠାରୁ ନିଆ । (ଏଜୁ)

# ଦ୍ରାବିଡ଼ ମାନସ-ପ୍ରକୃତି

ଦ୍ରାବିଡ଼ ଜନର ମାନସ ପ୍ରକୃତି ସେମାନଙ୍କର ପ୍ରାଗୈତିହାସିକ ପ୍ରସ୍ତର-ତାମ୍ର ଯୁଗର ଧ୍ୱଂସାବଶେଷ ଏବଂ ପରବର୍ତ୍ତୀ କାଳର ଶିଳ୍ପକଳା ଓ ସାହିତ୍ୟରୁ ଧାରଣା କରାଯାଇ ପାରେ । ମନେହୁଏ, ସେମାନେ କର୍ମଠ ଓ ଉଦ୍ୟମଶୀଳ ଏବଂ ଦୃଢ଼, ଏବଂ ସଂଘଶକ୍ତିରେ ସୁଦୃଢ଼, ଶିଳ୍ପନିପୁଣ ଏବଂ ଅଧ୍ୟାତ୍ମରହସ୍ୟ-ସଂପନ୍ନ ପ୍ରକୃତିର ଲୋକ । ଏମାନଙ୍କ ମଧ୍ୟରେ ପରବର୍ତ୍ତୀ କାଳରେ ସଭ୍ୟତାର ଉନ୍ନତି ସଂଗେ ଶ୍ରେଣୀ ବିଭାଗ ବୃଦ୍ଧି ପାଇଥିଲା । ଦ୍ରାବିଡ଼ ସମାଜର ଶ୍ରେଣୀବିଭାଗରେ ସର୍ବୋଚ୍ଚ ଲୋକ ରାଜା ବା 'ମାନ୍ନେର', ତା'ପର ପର୍ଯ୍ୟାୟରେ 'ବଲ୍ଲାଲ' ବା ସାମନ୍ତ-ରାଜା, ତା' ତଳକୁ 'ବେଲ୍ଲାଲ' ବା କୃଷକ, ତା ତଳକୁ 'ବଣିକ' ବା ବ୍ୟବସାୟୀ । ଏହି ସବୁ ଶ୍ରେଣୀ ଥିଲା ଉଚ୍ଚ ବା 'ମଲେର' । ତାପରେ ଶ୍ରମଜୀବୀ 'ବଲଇବଲାର' ଏବଂ ସର୍ବନିମ୍ନ ଶ୍ରେଣୀରେ ଦାସ ଜାତି ବା 'ଅଦଓର' । ପ୍ରତ୍ୟେକ ଶ୍ରେଣୀ ଭିତରେ ପୁଣି ବହୁ ଉପ-ବିଭାଗ ରହିଛି । ଉଚ୍ଚ-ନୀଚ ଭେଦ-ପ୍ରବଣତା ସବୁଠାରୁ ବେଶୀ ଦ୍ରାବିଡ଼ ମଧ୍ୟରେ ହିଁ ପରିସ୍ଫୁଟ ହୋଇଥିଲା । ଏମାନଙ୍କ ମଧ୍ୟରେ ହଠଯୋଗର ପ୍ରଚଳନ ଥିଲା । ତେଣୁ ସଂଭବତଃ ସେଥିଯୋଗୁ କାଳକ୍ରମେ ଅସ୍ପୃଶ୍ୟତାବୋଧର ମଧ୍ୟ ଉଦ୍ଭବ ହୋଇଥିଲା । ଏମାନେ ଯେତେବେଳେ ଆର୍ଯ୍ୟ-ନର୍ଡିକ ସଂସ୍ପର୍ଶରେ ଆସି ପହଞ୍ଚିଲେ ସେମାନେ ଶୁଚି-ପ୍ରବଣତା ଯୋଗୁ ଅପରିଚ୍ଛନ୍ନ ଅନ୍ୟ ନରଗୋଷ୍ଠୀର ସଂସ୍ପର୍ଶ ବର୍ଜନ କରୁଛନ୍ତି, ସେତେବେଳେ ଏମାନଙ୍କର ଶୁଚିବୋଧ ଅଧିକ ଉତ୍ତେଜିତ ହୋଇଥିବ ବୋଲି ଶରତ୍ ଚନ୍ଦ୍ର ରାୟ ପ୍ରମୁଖ ମନେ କରନ୍ତି । ଦ୍ରାବିଡ଼ମାନେ ଥିଲେ ପ୍ରତିମା-ପୂଜକ । ପରବର୍ତ୍ତୀ ଆର୍ଯ୍ୟ ଓ ହିନ୍ଦୁ ଧର୍ମରେ ମୂର୍ତ୍ତିପୂଜା, ମନ୍ଦିର, ନାନା ଦେବ ଦେବୀ, ପଶୁବଳି, ଶିବ ପାର୍ବତୀ, ଶିବ ଲିଙ୍ଗ, ବିଷ୍ଣୁ ଓ ଶ୍ରୀ ପ୍ରଭୃତି ଯେଉଁ ସ୍ଥାନ ଅଧିକାର କଲେ ତା ମୂଳରେ ଥିଲା ଦ୍ରାବିଡ଼ ପ୍ରଭାବ । ଯାଗ ଯଜ୍ଞ ମଧ୍ୟ ଯେତେଦୂର ମନେହୁଏ ଏହି ଭୂମଧ୍ୟ ନରଗୋଷ୍ଠୀ ଭିତରେ ବେଶୀ ପ୍ରଚଳିତ ଥିଲା । ପ୍ରାଚୀନ ମିଶର, ଅସିରିଆ ଏବଂ ବ୍ୟାବିଲନର ସୁପ୍ରାଚୀନ ଧ୍ୱଂସାବଶେଷ ମଧ୍ୟରେ ଯଜ୍ଞ ବେଦୀର ନିଦର୍ଶନ କିଛି କିଛି ମିଳିଛି ଏବଂ ଅଥର୍ବର ବିଷୟ, ଅରଣି ଓ ଧୂପ— ଯଜ୍ଞର ଯେଉଁ ଦୁଇଟି ପ୍ରଧାନ ଉପାଦାନ, ଏହି ଦୁଇଟି ଶବ୍ଦ ସଂଭବତଃ ଦ୍ରାବିଡ଼ ଭାଷା ସଂଗେ ସଂପୃକ୍ତ । ଅବଶ୍ୟ ଏହା ମଧ୍ୟ ହୋଇପାରେ ଯେ ଯାଗଯଜ୍ଞ ଆର୍ଯ୍ୟଭାଷୀ ଆଦ-ନର୍ଡିକ ଜାତିଭୁକ୍ତ ଧର୍ମାନୁଷ୍ଠାନ, କିନ୍ତୁ ଭାରତର ଅନ୍ୟାନ୍ୟ ନର୍ଡିକ ନରଗୋଷ୍ଠୀ ମଧ୍ୟରେ ତାର ପ୍ରଚଳନ ନଥିବାରୁ ଏହା ମଧ୍ୟ ମନେ କରିବା ଅସଂଗତ ହେବ ନାହିଁ ଯେ ଋକ୍‌ବେଦୀୟ ଆର୍ଯ୍ୟ ଭୂମଧ୍ୟ ନରଗୋଷ୍ଠୀ ସଂସ୍ପର୍ଶରେ ଆସିହିଁ ଯାଗଯଜ୍ଞାଦିର ପରିଚୟ ପାଇଥିଲେ; କିମ୍ବା ଭାରତକୁ ଆସିବା ଆଗରୁ ତାହା

ହୋଇଥିବା ମଧ୍ୟ ଅସଂଭବ ନୁହେଁ । ପୁଣି ମଧ୍ୟ ଆଶ୍ଚର୍ଯ୍ୟର କଥା 'ପୂଜନ' ଓ 'ପୂଜା' ଏ ଶବ୍ଦ ଦୁଇଟି ଋକ୍‌ବେଦରେ ମିଳୁଥିଲେ ମଧ୍ୟ ଦ୍ରାବିଡ଼ ଭାଷା ସଂଗେ ସଂପୃକ୍ତ । ଲିଂଗ ପୂଜା ଓ ମାତୃକା ପୂଜା ପ୍ରାଗୈତିହାସିକ ସିଂଧୁତୀରବାସୀଂକ ଭିତରେ ପ୍ରଚଳିତ ଥିଲି ବୋଲି ହରପ୍ପା ଓ ମହେନଜୋଦାରୋର ଧ୍ୱଂସାବଶେଷ ମଧ୍ୟରୁ ପ୍ରମାଣ ମିଳେ । ଲିଂଗପୂଜା କ୍ରମେ ଶିବଂକ ସଂଗେ ଜଡ଼ିତ ହୋଇ ଶିବଲିଂଗରେ ଏବଂ ଶକ୍ତିଯୋନି ପୂଜାରେ ରୂପାଂତରିତ ହୁଏ । ଅବଶ୍ୟ ଲିଂଗ ଓ ଯୋନିପୂଜା ଓ ସର୍ପପୂଜା ଭାରତବର୍ଷ ବାହାରେ ପୃଥିବୀର ବହୁ ଆଦିମ ଅଧିବାସୀଂକ ମଧ୍ୟରେ ପ୍ରଚଳିତ ଥିଲା । ସିଂଧୁତୀରବର୍ତ୍ତୀ ଦ୍ରାବିଡ଼ଂକ ମଧ୍ୟରେ ମଧ୍ୟ ସର୍ପପୂଜା, ବାନର ପୂଜା ପ୍ରଭୃତି ପ୍ରଚଳିତ ଥିବାର ପ୍ରମାଣ ମିଳେ । ପରେ ଏହାହିଁ ହୁଏତ ମନସାପୂଜା ଓ ହନୁମାନ-ଦେବତାରେ ପରିଣତ ହୋଇଥିବ । ଦ୍ରାବିଡ଼ର 'ବାଣ୍' ବା ଆକାଶ-ଦେବତାର ବିଷ୍ଣୁରେ ରୂପାଂତର ହୁଏତ ଅନେକ ସୁପ୍ରାଚୀନ ଯୁଗରେ ହୋଇଥିବ । ( ଏଲିନ ) ।

ଶ୍ମଶାନ-ପ୍ରାଂତର-ପର୍ବତର ରକ୍ତ-ଦେବତା 'ଶିବନ୍' ଏକାଂତ ଭାବେ ତା ହର, ଯାହାର ଅର୍ଥ ରକ୍ତ ବା ଲାଲ ଏବଂ ଶେଂବୁ—ଯାହାର ଅର୍ଥ ତାମ୍ର । ଏହହିଁ କ୍ରମେ ରୂପାଂତରିତ ହୋଇ ଆର୍ଯ୍ୟ ଦେବତା ରୁଦ୍ରଂକ ସଂଗେ ଏକ ହୋଇଯାଏ । ପରେ ଶିବନ୍—ଶିବ, ଶେମ୍ବୁଂ—ଶଂଭୁ, ଏବଂ ରୁଦ୍ର = ଶିବ ଏବଂ ମହାଦେବରେ ରୂପାଂତର ଲାଭ କରେ । ମହେନ୍-ଜୋ-ଦୋରୋ ଧ୍ୱଂସାବଶେଷରୁ ଜଣାଯାଏ ସେଠାର ଲୋକେ ମୃତକୁ କବର ଦେଉଥିଲେ । କେହୁ କେହୁ ପୁଣି କହୁଣା ପୋଡ଼ି କେବଳ ଅସ୍ଥିଗୁଡ଼ିକୁ କବରସ୍ଥ କରୁଥିଲେ । ( ବାଂ:ଇ )

## ଜନ୍ମାଂତରବାଦ, ଶୈବ-ପଂଥା ଓ ତଂତ୍ରର ମୂଳବୀଜ

ଆଗରୁ କହିଛୁ ମହେନ୍-ଜୋ-ଦୋରୋରୁ ପ୍ରାପ୍ତ ଭଗ୍ନାବଶେଷରୁ ଜଣାଯାଏ ଯେ ସୈଂଧବ ଜନଗୋଷ୍ଠୀର ଏକ ବୃହତ୍ତମ ଅଂଶ ଥିଲା ଶିବ-ଉପାସକ ଓ ପାଶୁପତ-ଧର୍ମୀ । ଶିବହିଁ ଦ୍ରାବିଡ଼ର 'ଶିବନ୍' ବା ଶ୍ମଶାନ-ପ୍ରାଂତରବାସୀ ଦେବତା । ମାତୃକାପୂଜା ଅର୍ଥାତ୍ ଲିଂଗ ଓ ଯୋନି ଉପାସନା ଥିଲା ଦ୍ରାବିଡ଼ର ପ୍ରଧାନ ଧର୍ମ । ଏହି ମାତୃକାପୂଜାହିଁ ପରବର୍ତ୍ତୀ କାଳରେ ତଂତ୍ର-ପନ୍ଥରେ ପରିଣତ ହୁଏ । ଶିବ ହେଉଛଂତି ଭୈରବ, ସୈଂଧବ ସଭ୍ୟତାରେ ପୂଜିତ ହୋଇ ଆସୁଥିବା ସର୍ପଦେବତା ତାଂକର ଭୂଷଣରୂପେ କଳ୍ପିତ । ଶିବହିଁ ମହାକାଳ, ତାଂକର ଶକ୍ତି ପାର୍ବତୀ । ଅନେକେ ମନେ କରଂତି ଯେ ଜୈନ ଆଦିନାଥ ଋଷଭଂକୁ ସପତ୍ନୀକ କରାଇ ଶିବ-ଶକ୍ତିରେ ରୂପାଂତରିତ କରାଯାଇଛି । ଶତ୍ରୁ ଆର୍ଯ୍ୟମାନଂକୁ ପରାସ୍ତ କରିବା ପାଇଁ ଦେବତାଂକ ନିକଟରେ ପଶୁବଳି ତଥା ନରବଳି ପ୍ରଥାର ମଧ୍ୟ ଉଦ୍ଭବ

ହୋଇଥିଲା । 'ଅହିଂସା-ସତ୍ୟ-ମୈତ୍ରେୟ' ମୂଳକ ସାଧନାମାର୍ଗରୁ ଦୂରେଇ ଯାଇ ମହାକାଳ ବା କାଳଭୈରବଙ୍କର ପୂଜା ଆରମ୍ଭ ହୋଇଥିଲା । ଜୈନ ଲୋକାୟତ ପଂଥୀମାନେ ମାତୃକାପୂଜା ସଂଗରେ ମଦ୍ୟ, ମତ୍ସ୍ୟ, ମାଂସ, ମୁଦ୍ରା ଓ ମୈଥୁନ ପ୍ରଭୃତି ମଧ୍ୟ ପ୍ରବର୍ତ୍ତନ କରିଥିଲେ—ଯାହା ପରେ ତଂତ୍ରଧର୍ମ ରୂପେ ଭାରତର ସମସ୍ତ ଧର୍ମକୁ, ଯଥା ବୌଦ୍ଧ ଓ ବ୍ରାହ୍ମଣ୍ୟ ଧର୍ମକୁ ଗ୍ରାସ କରିଥିଲା । ଦ୍ରାବିଡ଼ମାନଂକର ଜନ୍ମାଂତରବାଦ ତତ୍ତ୍ୱଟି ମଧ୍ୟ ପରେ ଆର୍ଯ୍ୟମାନଂକ ଦ୍ୱାରା ଗୃହୀତ ହୋଇଥିଲା । ଜମ୍ବରଂକ ଭାଷାରେ କହିବାକୁ ଗଲେ ଜନ୍ମାଂତରବାଦ କଣ ତାହା ଆର୍ଯ୍ୟ ଜାଣି ନଥିଲେ । ଦ୍ରାବିଡ଼ ସାଂସର୍ଗରେ ହିଁ ଏହା ଆର୍ଯ୍ୟଧର୍ମରେ ପ୍ରସାର ଲାଭକଲା । ମଂହେନ୍-ଜୋ-ଦୋରୋ ଯୁଗର 'ସର୍ବଜ୍ଞବଦୟାପର' ଋଷଭ କାଳକ୍ରମେ କାଳଭୈରବ ବା କପାଳୀରେ ପରିଣତ ହୋଇଛଂତି । ଋଷଭଂକର ଲାଂଛନ ବା ସଂକେତ ରୂପେ ଗୃହୀତ ବୃଷଭ ଶିବଂକର ବାହନ ରୂପେ ପରିଚିତ । ଦ୍ରାବିଡ଼ମାନଂକର ଆଉ ଏକ ଅଂଶ ଶୈବ-ଧର୍ମର ପରିସର ମଧ୍ୟରେ ରହି ମଧ୍ୟ ସଂପୂର୍ଣ୍ଣ ନିରାମିଷାଶୀ ଥିଲେ । ଏବେ ସୁଦ୍ଧା ଦ୍ରାବିଡ଼ ( ତାମିଲ ) ଭାଷାରେ 'ଶୈବର' ଅର୍ଥ 'ଜଣେ ନିରାମିଷାଶୀ ।'*

## ଆର୍ଯ୍ୟ ମାନସ-ପ୍ରକୃତି

ଆଲପୋ-ଦୀନାରିୟ ଆର୍ଯ୍ୟ ନରଗୋଷ୍ଠୀର ମାନସ-ପ୍ରକୃତି ସଂବଂଧରେ କିଛି କହିବାର ଉପାୟ ନାଇ । ତେବେ ମହେନ୍-ଜୋ-ଦାରୋର ଉପରିତମ ସ୍ତରର ଧ୍ୱଂସାବଶେଷରୁ ଜଣାଯାଏ ଏମାନେ ମୃତଦେହକୁ ପୋଡ଼ି ଦେଉଥିଲେ ଏବଂ ଭସ୍ମଶେଷ ଗୋଟିଏ ପାତ୍ରରେ ରଖି ତାହା କବରସ୍ଥ କରୁଥିଲେ । ପୂର୍ବରୁ କୁହାଯାଇଚି ନର୍ଡିକ ଆର୍ଯ୍ୟମାନେ ସେମାନଂକର ଭାଇ-ଛିଉ ଆଲପୋ-ଦୀନାରିୟ ଆର୍ଯ୍ୟଂକୁ ପ୍ରୀତି-ଚକ୍ଷୁରେ ଦେଖୁ ନଥିଲେ, ବରଂ ସେମାନଂକୁ 'ବ୍ରାତ୍ୟ' ବା ପତିତ କହି ଘୃଣା କରୁଥିଲେ । ଏଇ 'ବ୍ରାତ୍ୟ'ମାନେ ମଧ୍ୟ ବୈଦିକ ଆର୍ଯ୍ୟଂକର ଯାଗଯଜ୍ଞ, ଅଗ୍ନିଉସ୍ଥାନ ପ୍ରଭୃତିକୁ ପସଂଦ କରୁନଥିଲେ । ଆଲପୋ-ଦୀନାରିୟ ଆର୍ଯ୍ୟଭାଷୀଂକ ଅବଶେଷ ସିଂଧୁଯୁଗର ଉପରିଭାଗରେ ମିଳେ, ଯେଉଁଥିରୁ ଏମାନେ ଆଦି-ନର୍ଡିକ ବୈଦିକ ଆର୍ଯ୍ୟଭାଷୀଂକ ପୂର୍ବରୁ ଭାରତକୁ ଆସିଥିବାର ଅନୁମିତ ହୁଏ ।

ମୋଟାମୋଟି ଆର୍ଯ୍ୟ ଜନ ଥିଲା ପ୍ରଚଂଡ ଶକ୍ତିଶାଳୀ, ଏକାଂତ-କର୍ମୀ, ଅପୂର୍ବ କଳ୍ପନାଶୀଳ ଏକ ଶୃଙ୍ଖଳାସଂପନ୍ନ, ଆତ୍ମସମାହିତ ଜାତି ଯେଉଁମାନେ ବାସ୍ତବ ସଭ୍ୟତାର କଂଟରୁ ଦୃଷ୍ଟାନ୍ତପଦ ଥିଲେ ମଧ୍ୟ ନୂତନ ବସ୍ତୁ ଉପଯୋଗୀ ହେଲେ

* ଦା:ଦେ ଓ "Origin of Tamil Sidhantam—V.R. Ranganathan

ତାହା ଗ୍ରହଣ କରିବାକୁ ସଦା-ଚେଷ୍ଟିତ । ଆଦି-ନର୍ଡିକ ଆର୍ଯ୍ୟଭାଷୀ ଆସି ଖଣ୍ଡ-ବିଭକ୍ତ ଭାରତବର୍ଷକୁ ଏକ ଧର୍ମରାଜ୍ୟ ସୂତ୍ରରେ, ଏକ ଭାଷା ଓ ଏକ ସଂସ୍କୃତିର ଗ୍ରନ୍ଥିରେ ବାନ୍ଧି ଦେଲା । ଭାରତବର୍ଷକୁ ସେମାନେ ବୈଦିକ କର୍ମ, ଦେବତାବାଦ ଏବଂ ବେଦର କିଛୁ କିଛୁ ମନ୍ତ୍ର ଓ ସୂକ୍ତ ନେଇ ଆସିଥିଲେ, ସେମାନେ ନେଇ ଆସିଥିଲେ ସେମାନଙ୍କର ନିଜସ୍ୱ ସଂସ୍କୃତି, ଯେଉଁଥିରେ ଆର୍ଯ୍ୟପୂର୍ବ ନରଗୋଷ୍ଠୀ, ବିଶେଷତଃ ଦ୍ରାବିଡ଼ ଓ ଭୂମଧ୍ୟ ସଂସ୍କୃତିର ପ୍ରଭାବ ଯଥେଷ୍ଟ ପରିମାଣରେ ପଡ଼ିଥିଲା । ( ବାଂ.ଇ )

ଏମାନଙ୍କର ବିରୋଧ-ମିଳନ ମଧ୍ୟ ଦେଇ ଭାରତବର୍ଷରେ ଆର୍ଯ୍ୟଭାଷୀ ଆଦି-ନର୍ଡିକମାନେ ଏକ ସମନ୍ୱିତ ଜନ, ଧର୍ମ ଓ ସଭ୍ୟତା ଗଢିବାରେ ସମର୍ଥ ହୋଇଥିଲେ । କିନ୍ତୁ ସେମାନେ ଯେଉଁ ସଭ୍ୟତା ଗଢ଼ିଥିଲେ ତାହା ଆଉ ଆର୍ଯ୍ୟ-ସଭ୍ୟତା ହୋଇ ରହିଲା ନାହିଁ । ସେଥିରେ ଧ୍ୱନିତ ହେଲା ଭାରତର ବିଭିନ୍ନ ଜନ ଓ ବିଚିତ୍ର ବହୁ ସଭ୍ୟତା ଓ ସଂସ୍କୃତିର ସ୍ୱର । ତାହା ହେଲା ଏକାନ୍ତ ଭାରତୀୟ ସଭ୍ୟତା । ଏଇ ଐକ୍ୟବିଧାୟିନୀ ଶକ୍ତିହିଁ ହେଲା ଭାରତୀୟ ଆର୍ଯ୍ୟର ସର୍ବଶ୍ରେଷ୍ଠ ଦାନ । ସେମାନଙ୍କର ନିଜସ୍ୱ ବାସ୍ତବ ସଭ୍ୟତା ବୋଲି ବିଶେଷ କିଛୁ ନଥିଲେ ମଧ୍ୟ ଏଇ ସମନ୍ୱୟ-ଶକ୍ତି ବଳରେ ହିଁ ସେମାନେ ଏତେଡ଼ ବିରାଟ ଏକ ଭାରତୀୟ ସଭ୍ୟତା ଗଢ଼ି ପାରିଲେ । (ଏଜନ)

## ବୈଦିକ ଆର୍ଯ୍ୟଭାଷୀର ସମାଜ-ବିନ୍ୟାସ

ବି. ଆର. ଆମ୍ବେଦକାର ତାଙ୍କର Who Were the Shudras ଗ୍ରନ୍ଥରେ ପୁରୁଷ-ସୂକ୍ତର 'ଚାତୁର୍ବର୍ଣ୍ଣ୍ୟ' ବିଭାଗକୁ ଋକ୍‌ବେଦର ଅନ୍ୟାନ୍ୟ ଅଂଶ ସହିତ ସାମଞ୍ଜସ୍ୟହୀନ ବୋଲି କହନ୍ତି । ତାଙ୍କ ମତରେ ପ୍ରତ୍ୟେକ ସଭ୍ୟତାର ଉନ୍ନତ ଅବସ୍ଥାରେ ଶ୍ରମ-ବିଭାଗ ଦେଖାଯାଏ । ମାତ୍ର ଏହାକୁ ଏକ ସାମାଜିକ ବିଧାନ ବା norm ରେ ପରିଣତ କରିବାର ପ୍ରଚେଷ୍ଟା କେବଳ ଋକ୍‌ବେଦ ଛଡ଼ା ଅନ୍ୟ କୌଣସି ପ୍ରାଚୀନ ଗ୍ରନ୍ଥରେ ଦେଖାଯାଏ ନାହିଁ । ଶ୍ରେଣୀ-ବିଭକ୍ତ ସମାଜକୁ ଏହା ଏକ ଆଦର୍ଶରୂପେ ପ୍ରତିଷ୍ଠିତ କରିବାକୁ ବୃଂହିତ ।

" The scheme of the Purusha Sukta is the only instance in which the real is elevated to tne dignity of an ideal....... Secondly, no community, has given the de facto state of clas s composed society a legal effect by accepting it as a de Jure connotation of an ideal society. The case of the Greeks is a case in point. Class composition was put forth as an ideal

social structure by no less an advocate than Plato. But the Greeks never thought of making it real by giving it the sanction of law. The 'Purusha Sukta' is the only instance in which an attempt was made to give reality to the ideal by invoking the sanction of law. Thirdly, no society has accepted that the class composition is an ideal. At the most they have accepted it as being natural. The Purusha Sukta goes further. It not only regards class composition as natural and ideal, but also regards it as sacred and divine." (Who Were the Shudras—B. R. Ambedkar.

ଅର୍ଥାତ୍ ପ୍ରାଚୀନ ଗ୍ରୀକ ସମାଜରେ ମଧ୍ୟ ଶ୍ରମ-ବିଭାଗ ଥିଲା ଏବଂ ପ୍ଲେଟୋଙ୍କ ଭଳି ବ୍ୟକ୍ତି ମଧ୍ୟ ଏହାର ପକ୍ଷ ସମର୍ଥନ କରିଛନ୍ତି । ମାତ୍ର କୌଣସି ସମାଜ ଆଇନ ସାହାଯ୍ୟରେ ଏହାକୁ ଆଦର୍ଶରେ ପରିଣତ କରିବାକୁ ଯାଇ ନାହାଁନ୍ତି । ମାତ୍ର "ପୁରୁଷ ସୂକ୍ତ" ଏ ଦିଗରେ ସ୍ୱତନ୍ତ୍ର ବୋଲି ଜାଣିଛି । ଏହା ଏହି ଶ୍ରମ-ବିଭାଗକୁ କେବଳ ସ୍ୱାଭାବିକ ବା ଆଦର୍ଶ ରୂପେ ଗ୍ରହଣ କରି କ୍ଷାନ୍ତ ହୋଇ ନାହିଁ, ଏହାକୁ ପବିତ୍ର ଓ ଐଶ୍ୱରିକ-ବିଧାନରୂପେ ଗ୍ରହଣ କରିଛି । ଋଗ୍‌ବେଦର ପୁଂଖା ଧରି ଆପସ୍ତମ୍ବ ଧର୍ମସୂତ୍ର, ବଶିଷ୍ଠ ଧର୍ମସୂତ୍ର ଏବଂ ପରେ ମନୁ ସଂହିତା ପ୍ରଭୃତି ଚତୁର୍ବର୍ଣ୍ଣକୁ ଏକ ସାଂବିଧାନିକ ବ୍ୟବସ୍ଥା ରୂପେ ଦୃଢ଼ୀଭୂତ କରି ଯାଇଛନ୍ତି ।

ଋଗ୍‌ବେଦରୁ ଜଣାଯାଏ ଯେ ଆର୍ଯ୍ୟମାନେ ଭାରତରେ ପାଂଚଟି 'ଜନ' ବା tribeରେ ବିଭକ୍ତ ଥିଲେ । ଯଥା, Yadus, Turvasas, Durhyuh, Anus, Purus.

Rig Veda, , 108, 8 : "If, O Indra and Agni, ye are abiding among the Yadus, Turvasas, Druhyus, Anus, Purus, come hither, vigorous heroes from all quarters, and drink the Soma which has been poured out" (Muir, Vol I, P 180) *

ଏହି ପାଂଚୋଟି 'ଜନ' (ଜାତି) ଗୋଟିଏ 'ଜନ' ପରି ଏକତ୍ର ସମାଜ ଗଠନ କରି ବସବାସ କରୁଥିଲେ । ଋଗ୍‌ବେଦରେ 'tribe' ଅର୍ଥରେ 'ଜନ' ଶବ୍ଦଟି ବ୍ୟବହୃତ ହୋଇଛି ।

1. Rig Veda, VI, II 4 : Agni, whom, abounding in oblations the five tribes, bringing offerings honour with prostrations, as if he were a man.
2. Rig Veda, VII, 15 2 : "The wise and youthful master of the house, Agni, who has taken up his abode among the five tribes in every house."

ଏଇ ପଂଚ 'ଜନ' କିଏ ସେ ବିଷୟରେ ମତଦ୍ୱୈଧ ଦେଖାଯାଏ । ଯାସ୍କ ତାଂକ ନିରୁକ୍ତରେ କହନ୍ତି ଏମାନେ ଗଂଧର୍ବ, ପିତୃ, ଦେବ, ଅସୁର, ରାକ୍ଷସ । ମାତ୍ର ଏହା ସଂପୂର୍ଣ୍ଣ ଭିତ୍ତିହୀନ । ଋକ୍‌ବେଦ, ୨ୟ ଖଂଡ (Muir) ୨, ୧୦ରେ ଦେଖାଯାଏ ; "May our glory shine aloft among the five tribes, like the heaven unsurpassable." ଋକ୍‌ବେଦ VI, 49, 7 ରେ :-"Indra, whatever force or vigour exists in the tribe of Nahusha or whatever glory belongs to the five races bring for us." ଅଥର୍ବ ବେଦରେ ଏହାର ପ୍ରତିଧ୍ୱନି ଶୁଣି ।

"These five regions; the five tribes springing from Manu." (Atharva Vede, iii. 2) ଏଠାରେ ସ୍ୱୟଂଭବ ପୁତ୍ର ମନୁଂକଠାରୁ ଏଇ ପଂଚ ଜନ ଉତ୍ପନ୍ନ ବୋଲି ବୁଝାଯାଉଛି । 'ପୁରୁଷ ସୁକ୍ତ'ରେ କିଂତୁ ସମସ୍ତ ସୃଷ୍ଟିର ଉତ୍ପତ୍ତି ପୁରୁଷଂକଠାରୁ ହୋଇଛି ବୋଲି ବୁଝାଯାଉଛି ।

## ଆର୍ଯ୍ୟଭାଷୀର ପରିଚୟ ତାର ଭାଷା

'ଆର୍ଯ୍ୟ' କହିଲେ ଯେ ଏକ 'ଜାତି'କୁ ନ ବୁଝାଇ ଏକ ଭାଷା ଗୋଷ୍ଠୀର ଲୋକଂକୁ ବୁଝାଏ ଏ ବିଷୟରେ ସମସ୍ତେ ପ୍ରାୟ ଏକମତ । ମ୍ୟାକ୍ସ ମୁଲର କହନ୍ତି :—

"There is no Aryan race in blood; Aryan, in scientific language, is utterly inapplicable to race. It means language and if we speak of Aryan race at all, we should know that it means no more than......Aryan speech......

"I have declared again and again that if I say Aryan, I mean neither blood, nor bones, nor hair, nor skull; I mean simply those who speak an Aryan language. The same applies to Hindus, Greeks, Romans, Germans, Celts and Slavs......To me, an ethnologist who speaks of Aryan race, Aryan blood Aryan eyes and hair is as great a sinner as a linguist who speaks of a dolich-cephalic dictionary or a brachycephalic grammar. It is worse than a Babylonian tongues, it is downright theft."

ଅର୍ଥାତ୍ 'ଆର୍ଯ୍ୟ" କହିଲେ ଆର୍ଯ୍ୟ-ଜାତି, ବା ଆର୍ଯ୍ୟ ରକ୍ତକୁ ବୁଝାଏ ନାହିଁ । ଆର୍ଯ୍ୟ ଅର୍ଥ ଏକ ଆର୍ଯ୍ୟ ଭାଷାକହୁଥିବା ଜନଗୋଷ୍ଠୀକୁହିଁ ବୁଝାଏ । ମୁଁ 'ଆର୍ଯ୍ୟ' କହିଲେ ରକ୍ତ, ହାଡ, ବାଳ କିଂବା ଖପୁରି ଚିହ୍ନକୁ କହେନାହିଁ । ଏହାର ଅର୍ଥ କେବଳ ଆର୍ଯ୍ୟ-ଭାଷା ଏବଂ

(କେବଳ ମାତ୍ର ଭାଷା । ଏଇ ଅର୍ଥ ଭାଷା ବହୁବିଧ । ଠିକ୍ ଏଇଅର୍ଥରେ ମୁଁ ହିନ୍ଦୁ, ଗ୍ରୀକ୍, ରୋମାନ, ଜର୍ମାନ୍, କେଲ୍ଟ ବା ସ୍ଲାଭମାନଙ୍କୁ ବୁଝେ ।

ଦେହ ଲକ୍ଷଣ — ଅବଶ୍ୟ ଆର୍ଯ୍ୟ ଭାଷୀମାନଙ୍କର କେତେକ ଦେହ-ବୈଶିଷ୍ଟ୍ୟ ଓ ଶାରୀର ସାଦୃଶ୍ୟ ରହିଛି ଏହା ଅନସ୍ୱୀକାର୍ଯ୍ୟ । ରିପ୍ଲେଙ୍କ ଭାଷାରେ ।—

"The Aryan type...is marked by a relatively long (dolichocephalic) head, a straight finely-cut (leptorrhine) nose, a long symmetrically narrow face, well-developed regular features and a high facial angle. The stature is fairly high and the general build of the figure well-proportioned, rather than massive. ( 'Races of Europe'—Ripley, P 121)

ଅର୍ଥାତ୍ ଦୀର୍ଘ-ମୁଣ୍ଡ (dolichocelphic), ତୀକ୍ଷ୍ଣ-ଉନ୍ନତନାସ (leptorrhine) ଅପେକ୍ଷାକୃତ ସଙ୍କୀର୍ଣ୍ଣ-କୌଣିକ ମୂର୍ତ୍ତି, ସୁଗଠିତ ଅବୟବ, ଦୀର୍ଘ-ଋଜୁ ଦେହ ଇତ୍ୟାଦି ଇତ୍ୟାଦି । ମାତ୍ର ଅନ୍ୟାନ୍ୟ ବହୁ ନୃତତ୍ତ୍ୱବିତ୍ ଆର୍ଯ୍ୟ-ଭାଷୀ ବିଶେଷତଃ ଆଲ୍ପ-ନର୍ଡିକ ଜନ ଏକ ଗୋଲମୁଣ୍ଡ ଓ ହ୍ରସ୍ୱନାସ ଜନର ବଂଶଧର ବୋଲି କହନ୍ତି । କେବଳ ଦେହ ବୈଶିଷ୍ଟ୍ୟ ବା ଶାରୀର ସାଦୃଶ୍ୟ ଥିଲେ କୌଣସି 'ଜନ'କୁ ଜାତି ବୁଝାଯାଇ ପାରିବ ନାହିଁ । ସେମାନଙ୍କୁ ଖୁବ୍ ବେଶୀ ହେଲେ ଏକ "People" ବୁଝାଯାଇପାରେ । ଉଦାହରଣ ସ୍ୱରୂପ ରିପ୍ଲେ ଇହୁଦୀ (Jews) ମାନଙ୍କୁ ଏକ ଜାତି ବା race କହିବାକୁ ନାରାଜ । କାରଣ ଜଳବାୟୁ ଅନୁସାରେ ଶାରୀର ଲକ୍ଷଣ ପରିବର୍ତ୍ତିତ ହେବାକୁ ବାଧ୍ୟ । ପୃଥିବୀର ବିଭିନ୍ନ ଦେଶରେ ବସବାସ କରି ରହିଥିବା ଇହୁଦୀ ବା ଜ୍ୟୁମାନଙ୍କୁ ଦେଖିଲେ ଏହା ସହଜରେ ବୁଝାଯିବ ।

ଆର୍ଯ୍ୟ ଭାଷା — ଆର୍ଯ୍ୟ ଭାଷା କହିଲେ ୟୁରୋପର ଭାଷା ଗୋଷ୍ଠୀ ଏବଂ ଭାରତୀୟ ସଂସ୍କୃତ ଭାଷା ଯେଉଁମାନଙ୍କର କି ମୂଳ ଏକ, ବୁଝିବାକୁ ହେବ । ୟୁରୋପର ଆର୍ଯ୍ୟଭାଷା ନର୍ଡିକମାନେ (ଯେଉଁମାନେ କି ବୃହତ୍ତମ ଇଣ୍ଡୋ-ଜର୍ମାନ) ପ୍ରବର୍ତ୍ତନ କରିଥିଲେ ନା ଆଲ୍ପାଇନମାନେ ପ୍ରବର୍ତ୍ତନ କରିଥିଲେ ତାହା ବର୍ତ୍ତମାନ ସୁଦ୍ଧା ଏକ ବିବାଦୀୟ ବିଷୟ । ଦୁଇ ଦେହର ଦୁଇଟି ଆର୍ଯ୍ୟଭାଷୀ ଜାତିର (race) କଥା ବୁଝାଯାଉଛି । ଏଥି ମଧ୍ୟରୁ କିଏ ଆଗ ଭାରତବର୍ଷକୁ ଆସିଥିଲେ ତାହା ସେଥିରୁ ଜାଣିବା କଷ୍ଟ । ଯିଏ ଆସିଥାଉନା କାହିଁକି ସେମାନଙ୍କ ସଂଗେ ଯେ ପରେ ଆସିଥିବା ଆର୍ଯ୍ୟଭାଷୀଙ୍କର ସଂଘର୍ଷ ଘଟିଥିବ ଏଥିରେ ସନ୍ଦେହ ନାହିଁ । ଡଃ ବପ୍ ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ "Comparative Grammar" (ଖ୍ରୀ. ୧୮୩୫)ରେ କହିଛନ୍ତି ଯେ ୟୁରୋପର ଅଧିକାଂଶ ଭାଷା ଏବଂ ଏସିଆର

କେତେକ ଭାଷା ଏକ ମୂଳ ଭାଷା ବା (Common ancestral speech)ର ସଂଭୂତ । ଏହି ଭାଷାଗୋଷ୍ଠୀକୁ "ଇଂଡୋ-ଜର୍ମାନିକ୍" ବୋଲି ବପ୍ ଅଭିହିତ କରିଛନ୍ତି ।

ଆର୍ଯ୍ୟଶବ୍ଦାବଳୀ ଆଦି ଆର୍ଯ୍ୟ ଭୂମି ସଂବନ୍ଧରେ ବହୁ ଆଲୋକପାତ କରେ । ଆର୍ଯ୍ୟଭାଷୀ ଭିନ୍ନ ଭିନ୍ନ ଦଳରେ ଶାଖାନ୍ୱିତ ହୋଇ ବିଭକ୍ତ ହେବା ପୂର୍ବରୁ ସେମାନଙ୍କର ଆଦି ବାସଭୂମି କେଉଁଠି ଥିଲା ସେ ବିଷୟରେ ଆର୍ଯ୍ୟଭାଷୀମାନଙ୍କ ମଧ୍ୟରେ ପ୍ରଚଳିତ କେତେକ ସାଧାରଣ (Common) ଶବ୍ଦ ବହୁ ସୂଚନା ଯୋଗାଇ ଥାଆନ୍ତି । ପ୍ରଫେସର ଆଇଜାକ ଟେଲର ଏହିପରି କେତେକ ଶବ୍ଦ* ଆଦି ଆର୍ଯ୍ୟଭୂମି ବିଶ୍ଳେଷଣ କରି ଆର୍ଯ୍ୟମାନଙ୍କର ଆଦି ବାସସ୍ଥାନ ୟୁରୋପ ବୋଲି ପ୍ରମାଣ କରିଛନ୍ତି । ସେ କହନ୍ତି, ଆର୍ଯ୍ୟଭାଷାମାନଙ୍କରେ ଭାଲୁ, ଗଧିଆ ପ୍ରଭୃତି ପଶୁ ଏବଂ ଓକ୍ ଓ ବାର୍ଚ୍ଚ ପ୍ରଭୃତି ବୃକ୍ଷର ଉପସ୍ଥିତିରୁ ଏହି ସମସ୍ତ ପଶୁ ଓ ବୃକ୍ଷ ସଂବୋଧିତ ମଣ୍ଡଳ, ବିଶେଷ କରି ୟୁରୋପରେ ସଂଭବ ଥିବା ଦୃଷ୍ଟିରୁ ସେମାନଙ୍କର ଆଦି ବାସଭୂମି ୟୁରୋପ ବୋଲି କହିପାରୁ । ଅନ୍ୟ ପକ୍ଷରେ ସେମାନଙ୍କର ଭାଷାରେ ଦକ୍ଷିଣ ଏସିଆରେ ମିଳୁଥିବା ସିଂହ, ବାଘ ଏବଂ ପ୍ରଧାନ ଏସୀୟ ପରିବହନ ପଶୁ ଓଟ ପ୍ରଭୃତି ପଶୁ ଏବଂ ତାଳ - ପ୍ରଭୃତି ବୃକ୍ଷର ଅଭାବ ଦୃଷ୍ଟିରୁ ସେମାନେ କାସପିଆନ ହ୍ରଦର ପୂର୍ବାଂଚଳରୁ ଆସିଥିଲେ ବୋଲି କହିବା କଷ୍ଟ । ଗ୍ରୀକ୍ ମାନେ ସିଂହକୁ ତାର ସେମିଟିକ୍ ନାମରେହିଁ ଜାଣନ୍ତି । ଭାରତୀୟମାନେ ମଧ୍ୟ ସିଂହକୁ ଅଣଆର୍ଯ୍ୟ-ବହିର୍ଭୂତ ଧାତୁରୁ ଉତ୍ପନ୍ନ ଶବ୍ଦରେ ଜାଣିଛନ୍ତି । ଏଥିରୁ ଜଣାଯାଏ ଯେ ଭାରତୀୟ ତଥା ଗ୍ରୀକ୍ମାନଙ୍କର ଆଦି ବାସଭୂମିରେ ସିଂହ ଅଜ୍ଞାତ ଥିଲା । ବେନଫି ଏବଂ ଗିଗର ଯଥାକ୍ରମେ କୃଷ୍ଣସାଗରର ଉତ୍ତର ଦିଗସ୍ଥ ଭୂଖଣ୍ଡ ଏବଂ ଉତ୍ତର-ପଶ୍ଚିମ ୟୁରୋପ ବା ମଧ୍ୟ ଓ ପଶ୍ଚିମ ଜର୍ମାନୀ ବୋଲି ନିର୍ଦ୍ଧାରଣ କରିଛନ୍ତି । ଗିଗର the fir, the willow, the ash the alder, the hazel ପ୍ରଭୃତି ବୃକ୍ଷ ସାଂଗକୁ the birch, the beach ଏବଂ the oak ପ୍ରଭୃତି ବୃକ୍ଷର ଉଲ୍ଲେଖ କୃତ୍ରିମ ନୁହେଁ ବୋଲି ମନେ କରନ୍ତି । ଉକ୍ତ ଗ୍ରୀକ୍ ନାମାନ୍ତର Phegus, ଟ୍ୟୁଟନିକ beechର ସମଜାତୀୟ । ତେଣୁ ସେ ମନେ କରନ୍ତି ଯେ ଗ୍ରୀକ୍ମାନେ ଓକ୍-ବୃକ୍ଷଥିବା ଭୂଖଣ୍ଡରୁ ବିଚ୍-ବୃକ୍ଷଥିବା ଦେଶକୁ ବହୁ ଗମନ କରିଥିଲେ । ଅଧ୍ୟାପକ ରାପ ଙ୍କ ପ୍ରମୁଖ ଆର୍ଯ୍ୟ-

---

* 'The Origin of the Aryans'—Isac Taylor, pp 24-26

ଭାଷୀଙ୍କର ଗଠନ ଓ ତୁନ୍ଦ୍ରାଞ୍ଚଳୀୟ ସାଦୃଶ୍ୟରୁ ସେମାନେ କକେସିଆନ ଅଞ୍ଚଳରୁ ଆସିଥିଲେ ବୋଲି ଅନୁମାନ କରନ୍ତି । ତିଲକ ତାଙ୍କ ଋକ୍‌ବେଦରେ ବର୍ଣ୍ଣିତ ଦୀର୍ଘ ସ୍ଥିତ ଦୀର୍ଘ ଉଷା ଓ ଗୋଧୂଳିରୁ ସେମାନେ ଉତ୍ତର ମେରୁ ପ୍ରଦେଶରୁ ଦେଶାନ୍ତର ଗମନ କରିଥିବା କଥା କହନ୍ତି ।

ମ୍ୟାକ୍ସ ମ୍ୟୁଲରଙ୍କ ମତରେ ar ବା āra ଧାତୁ ଆର୍ଯ୍ୟର ବ୍ୟୁତ୍ପତ୍ତି-ସୂଚକ ପ୍ରାଚୀନତମ ନାମ, ଏହା କୃଷିଭୂମିକୁ ବୁଝାଏ । ସଂସ୍କୃତରେ ଏ ଶବ୍ଦଟି ଲୋପ ପାଇ ଯାଇଥିଲେ ମଧ୍ୟ ଗ୍ରୀକ୍ 'era' ମଧ୍ୟରେ ବଞ୍ଚି ରହିଛି । ତେଣୁ 'ଆର୍ଯ୍ୟ' ଅର୍ଥ କୃଷିକାରୀ ବୋଲି ସେ କହନ୍ତି । ପାଣିନୀଙ୍କରେ 'ବୈଶ୍ୟ' ଶବ୍ଦଟି 'ବିଶ୍'ରୁ ଉତ୍ପନ୍ନ—ଯାହାର ଅର୍ଥ ଗୃହସ୍ଥଳୀ । 'ବୈଶ୍ୟ'ର ଅର୍ଥ ଗୃହସ୍ଥ ।

## ଆର୍ଯ୍ୟଭାଷୀ-ବନାମ-ଦାସ-ଦସ୍ୟୁ ବା ଶୂଦ୍ର

ପାଶ୍ଚାତ୍ୟ ଗବେଷକଙ୍କ ମତରେ ଆର୍ଯ୍ୟଭାଷୀମାନେ ଭାରତ ବାହାରୁ ଆସିଥିଲେ । ତାଙ୍କ ପୂର୍ବରୁ ଯେଉଁମାନେ ଭାରତର ଅଧିବାସୀ ଥିଲେ ସେମାନେ 'ଦାସ' ବା 'ଦସ୍ୟୁ' ନାମରେ ପରିଚିତ ଥିଲେ । ଏହି 'ଦାସ' ବା ଦସ୍ୟୁମାନେ ଥିଲେ କୃଷ୍ଣକାୟ ଏବଂ ଜାତି ସ୍ତରରେ ଆର୍ଯ୍ୟଭାଷୀମାନଙ୍କଠାରୁ ପୃଥକ (racially different) । ଆର୍ଯ୍ୟଭାଷୀମାନେ ଶ୍ୱେତବର୍ଣ୍ଣର ଥିଲେ । ସେମାନେ ଦାସ ବା ଦସ୍ୟୁମାନଙ୍କୁ ପରାଜିତ କରି, ବର୍ଣ୍ଣଭୁକ୍ତ କରି ରଖିଥିଲେ ଏବଂ କ୍ରୀତଦାସ ରୂପେ ବ୍ୟବହାର କରୁଥିଲେ । ଏହିମାନେହିଁ ହେଲେ ପରେ ଶୂଦ୍ର । ଆର୍ଯ୍ୟଭାଷୀମାନେ ନିଜର ରକ୍ତର ମୌଳିକତା ଯେପରି ନଷ୍ଟ ନହୁଏ, ସେଥିପ୍ରତି ଖୁବ୍ ସଜାଗ ଥିଲେ ଏବଂ କୃଷ୍ଣ ବର୍ଣ୍ଣର ଦାସ-ଦସ୍ୟୁ ଶୂଦ୍ରମାନଙ୍କୁ ଦୂରରେ ରଖିବାକୁ ଚେଷ୍ଟା କରୁଥିଲେ । କାରଣ ସେମାନଙ୍କର ବର୍ଣ୍ଣ ସଂସ୍କାର (Colour prejudice) ଥିଲା ପ୍ରବଳ । ସେଥିପାଇଁ ସେମାନେ ଚତୁର୍ବର୍ଣ୍ଣର ପ୍ରାଚୀର ସୃଷ୍ଟି କରି ଶୂଦ୍ରମାନଙ୍କ ସାଂକର୍ଯ୍ୟରୁ ନିଜର ଜାତୀୟ ଶୁଦ୍ଧତାକୁ ରକ୍ଷା କରିଥିଲେ ।

କିନ୍ତୁ କେତେକ ଭାରତୀୟ ଲେଖକ ଏଥିରେ ଏକମତ ନୁହନ୍ତି । ସେମାନେ କହନ୍ତି, ପ୍ରଥମେ ଶୂଦ୍ର ବୋଲି ଏକ ପୃଥକ ବର୍ଣ୍ଣ ନଥିଲା । ଶୂଦ୍ରମାନେ କ୍ଷତ୍ରିୟ ଶ୍ରେଣୀଭୁକ୍ତ ଥିଲେ । ସେତେବେଳେ ସମାଜରେ ଶ୍ରେଣୀ-ବିଭାଗ ଦେଖାଯାଇଥିଲେ ମଧ୍ୟ ବର୍ଣ୍ଣ ବିଭାଗ ସୃଷ୍ଟି ହୋଇ ନଥିଲା । ସଂହିତା ଯୁଗ ଓ ଅଥର୍ବଣ 'ବ୍ରାହ୍ମଣ'

---

* Repley's Races of Europe, pp 436-37

I The Arctic Home in the Vedas—B. G- Tilak, pp 58-59

ଦାସ ବା ଦସ୍ୟୁ ଶ୍ରେଣୀଭୁକ୍ତ ଥିଲେ ଏବଂ ଏମାନେ ଉଭୟେ ଇନ୍ଦ୍ରଙ୍କର ଶତ୍ରୁ ଥିଲେ । 'ମହାଭାରତ' ଶାନ୍ତିପର୍ବରେ ଉଲ୍ଲେଖିତ ଅଛି :-

"ଦୃଶ୍ୟନ୍ତେ ମାନୁଷେ ଲୋକେ ସର୍ବବର୍ଣ୍ଣେଷୁ ଦସ୍ୟବଃ
ଲିଙ୍ଗାନ୍ତରେ ବର୍ତ୍ତମାନା ଆଶ୍ରମେଷୁଚତୁର୍ଷ୍ୱପି ।"

ଅର୍ଥାତ୍ ; 'ପ୍ରତ୍ୟେକ ବର୍ଣ୍ଣ ଓ ଆଶ୍ରମରେ ଦସ୍ୟୁମାନଙ୍କର ଉପସ୍ଥିତି ଦେଖାଯାଏ ।' ତେଣୁ ଦାସ ବା ଦସ୍ୟୁ ନାମରେ କୌଣସି ସ୍ୱତନ୍ତ୍ର ବର୍ଣ୍ଣ ନଥିଲା ।

ସୁଦାସ ଓ ଦଶରାଜା ଯୁଦ୍ଧ

ପରେ ବର୍ଣ୍ଣାଶ୍ରମ ଅନୁଷ୍ଠାନର ସୃଷ୍ଟି ହୋଇଥିଲା । ଶ୍ରୀ ବି. ଆର ଅମ୍ବେଦକାର ତାଙ୍କର 'Who Were the Shudras' ଗ୍ରନ୍ଥରେ ଏଇ ମତ ପୋଷଣ କରନ୍ତି । ଋକ୍‌ବେଦ-ବର୍ଣ୍ଣିତ ରାଜା ସୁଦାସ 'ଦାସ' ନଥିଲେ କି 'ଆର୍ଯ୍ୟ' ନଥିଲେ । ଉଭୟ 'ଦାସ' ଓ 'ଆର୍ଯ୍ୟ' ତାଙ୍କର ଶତ୍ରୁ ଥିଲେ ବୋଲି ଋକ୍‌ବେଦରୁ (୮ମ,୮୩, ୧) ଜଣା ପଡ଼େ । ସୁଦାସଙ୍କ ପିତା Divodasa ଜଣେ ରାଜା ଥିଲେ । ସେ Turvasas, ଯଦୁ , ଶମ୍ବର, ପର୍ଣ୍ଣଭ, କରଞ୍ଜ ଓ ଗୁଙ୍ଗୁ ପ୍ରଭୃତିଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ । ସେ ଇନ୍ଦ୍ରଙ୍କ ବିରୁଦ୍ଧରେ ମଧ୍ୟ ଏକ ସମୟରେ ସଂଗ୍ରାମ କରିଥିଲେ ।* ସୁଦାସଙ୍କ ମାତାଙ୍କ ବିଷୟରେ କିଛି ଉଲ୍ଲେଖ ନଥିଲେ ମଧ୍ୟ ତାଙ୍କ ପତ୍ନୀ ସୁଦେବୀଙ୍କ ବିଷୟରେ ଋକ୍‌ବେଦରେ (୧ମ, ୧୦୬, ୧୯) ଉଲ୍ଲେଖ ଅଛି । ଏଇ ସୁଦେବୀଙ୍କୁ ସୁଦାସ ଅଶ୍ୱିନୀମାନଙ୍କଠାରୁ ପାଇଥିଲେ । ଅଶ୍ୱିନୀଦ୍ୱୟ (ପ୍ରସିଦ୍ଧ ଭିଷକ) ଆର୍ଯ୍ୟ ନଥିଲେ, ଏକଥା ଋକ୍‌ବେଦରୁ ଜଣାପଡ଼େ । ଋକ୍‌ବେଦର ବିଖ୍ୟାତ ଦଶରାଜା ଯୁଦ୍ଧରେ ସୁଦାସହିଁ ଥିଲେ ନାୟକ । ଏ ଯୁଦ୍ଧରେ ଇନ୍ଦ୍ର, ବରୁଣ ପ୍ରଭୃତି ସୁଦାସଙ୍କୁ ସାହାଯ୍ୟ କରିଥିଲେ । (ଋକ୍‌ବେଦ, ସପ୍ତମ ମଣ୍ଡଳ, ୧୮ମ ସୂକ୍ତ)

"Indra and Varuna, you protected Sudas, overwhelming the yet unassailed Bheda with your fatal weapons, etc etc' । ୧୯ଶ ସୂକ୍ତରେ ମଧ୍ୟ ଇନ୍ଦ୍ର ସୁଦାସଙ୍କୁ ରକ୍ଷା କରିଥିବା କଥାର ଉଲ୍ଲେଖ ଅଛି । ଏଇ ଦଶରାଜା ଯୁଦ୍ଧ ଋକ୍‌ବେଦର ଏକ ପ୍ରଖ୍ୟାତ ଯୁଦ୍ଧ । ଏଇ ଯୁଦ୍ଧରେ ସୁଦାସଙ୍କ ବିରୁଦ୍ଧରେ ଯେଉଁ ରାଜାମାନେ (ଯଥା, Shinyu, Turvasha, Druhyu, Kavasha, Puru, Anu,

* Rig Veda VI, 15, 5

Yadu, Matsya, Shiva, Manyu, Uchata, Prithu ପ୍ରଭୃତି) ସମସ୍ତେ ଅଧାର୍ମିକ ବୋଲି ଋକ୍‌ବେଦ ୭ମ ମଂଡଳ, ୮୩,୭ ସୂକ୍ତରେ ବର୍ଣ୍ଣିତ ହୋଇଛଂନ୍ତି । ଏଥିରୁ ଇଂଗିତ ମିଳେ ଯେ ଏହା ଏକ ଧର୍ମ-ଯୁଦ୍ଧ ଥିଲା ଏବଂ ଅତ୍ୟଂନ୍ତ ବ୍ୟାପକ ଥିଲା । ଶୂଦ୍ରମାନେ ଯେ ଅନାର୍ଯ୍ୟ ଥିଲେ ଏ ବିଷୟରେ ଅଥର୍ବ ବେଦ, (୪ର୍ଥ,୨୦,୪) କଥକ ସଂହିତା, (xxxiv, 5) ବାଜସେନେୟୀ ସଂହିତା (xxxiii ୩୦-୩୧) ପ୍ରଭୃତିରେ ପ୍ରମାଣ ମିଳେ । ଏ ସବୁଥିରେ 'ଆର୍ଯ୍ୟ' ଓ ଶୂଦ୍ରମାନଂକୁ ପୃଥକ ପୃଥକ ଭାବେ ଉଲ୍ଲେଖ କରାଯାଇଛି । ଶ୍ରୀ କାନେ ତାଂକ 'ଧର୍ମଶାସ୍ତ୍ର' (ii(i),ପୃ ୩*)ରେ ଆର୍ଯ୍ୟ ଓ ଶୂଦ୍ରଂକ ମଧ୍ୟରେ ଏକ ବିଭାଜନ ରେଖା 'ବ୍ରାହ୍ମଣ' ଏବଂ 'ଧର୍ମସୂତ୍ର' ସମୟରୁ ଦୃଷ୍ଟି ରହିଛି ବୋଲି କହୁଛଂନ୍ତି । କାନେଂକ ଭାଷାରେ—

"The word 'Dasa' in later literature means a 'Serf' or slave. It follows that the Dasa tribe that we see opposed to the Aryas in the Rig Veda were graduallv va quished and made to serve the Aryas—Therefore, it is reasonable to infer that the Dasas or Dasyus conquered by the Aryans were gradually transformed into the Shudras.

ଶ୍ରୀ ଏ. ସି. ଦାସ ମଧ୍ୟ ଶୂଦ୍ରମାନେ ବର୍ବର କିଂବା ଅ-ବୈଦିକ ଆର୍ଯ୍ୟଭାଷୀ-ଗୋଷ୍ଠୀର ଲୋକ ବୋଲି କହୁଛଂନ୍ତି

ଆର୍ଯ୍ୟ ବନାମ ଆର୍ଯ୍ୟ

ସେ ଯାହାହେଉ, 'ଆର୍ଯ୍ୟ'ମାନଂକୁ ଯେ କେବଳ ଅନାର୍ଯ୍ୟ ଯଥା ଦାସ ବା ଦସ୍ୟୁମାନଂକ ସଂଗରେ ସଂଗ୍ରାମ କରିବାକୁ ପଡ଼ିଥିଲା ତା ନୁହେଁ, ଆର୍ଯ୍ୟମାନଂକ ବିରୁଦ୍ଧରେ ମଧ୍ୟ ସେମାନଂକୁ ଅନେକ ସମୟରେ ଲଢ଼େଇ କରିବାକୁ ହେଉଥିଲା । ଋକ୍‌ବେଦ (୬ଷ୍ଠ,୩୩,୩) ରେ ଲେଖା ଅଛି : "ହେ ଇଂଦ୍ର, ତମେ ଆମର ଉଭୟ ଶତ୍ରୁ ଆର୍ଯ୍ୟ ଓ ଦାସମାନଂକୁ ବିନାଶ କରିଛ ।" "ଇଂଦ୍ର ଓ ଅଗ୍ନି, ଏ ଦୁହେଁ ସତ୍ ଓ ନ୍ୟାୟବଂତ ଲୋକଂକର ରକ୍ଷାକର୍ତ୍ତା ଏବଂ ଆମର ଅନିଷ୍ଟକାରୀ ଦାସ ଓ ଆର୍ଯ୍ୟମାନଂକର ନିହଂତା ।" (୬ଷ୍ଠ, ୬୦, ୩) "ଇଂଦ୍ର ଓ ବରୁଣ ସୁଦାସଂକ ଶତ୍ରୁ ଦାସ ଓ ଆର୍ଯ୍ୟମାନଂକୁ

---

* Dharma-Shastra by Kane, II (i) P. 33.

** Rig Vedic Culture, p. 133—A. C. Das &
Who Were the Shudras—B. R. Ambedkar.

ବଧ କରି ସୁଦାସଙ୍କୁ ରକ୍ଷା କରିଥିଲେ । (୭ମ, ୮୧, ୧) "ହେ ଇନ୍ଦ୍ର ତୁମେ ଆମକୁ ନଦୀର ରାକ୍ଷସମାନଙ୍କ ହାତରୁ ରକ୍ଷା କରନ୍ତୁ ଏବଂ ସିନ୍ଧୁ ତୀରବାସୀ ଆର୍ଯ୍ୟମାନଙ୍କ ହାତରୁ ମଧ୍ୟ ରକ୍ଷା କରିଛ ଏବଂ ଦାସମାନଙ୍କୁ ସେମାନଙ୍କ ଅସ୍ତ୍ରରୁ ବଞ୍ଚିତ କରିଛ । (୭ମ, ୨୪, ୨୭) "ହେ ଇନ୍ଦ୍ର ! ଦାସ ଓ ଆର୍ଯ୍ୟମାନେ ଅଧର୍ମୀ ଏବଂ ଆମର ଶତ୍ରୁ । ସେମାନଙ୍କୁ ଦମନ କରିବା ତୁମେ ଆମ ପକ୍ଷରେ ସହର୍ଜ କର । ତମ ସାହାଯ୍ୟରେ ଆମେ ସେମାନଙ୍କୁ ନିପାତ କରିବୁ ।" (୧୦ମ, ୩୮, ୩) "ହେ ମାମେନ୍ୟୁ ! ତମେ ପ୍ରାର୍ଥନାକାରୀଙ୍କ ଶକ୍ତି ଦାନ କରିଅଛ । ତମ ସାହାଯ୍ୟରେ ଆମେ ଆମର ଶତ୍ରୁ ଦାସ ଓ ଆର୍ଯ୍ୟମାନଙ୍କୁ ସଂହାର କରିବୁ ।" (୧୦ମ, ୮୬, ୧୯) ସିନ୍ଧୁ ଉପତ୍ୟକାରେ ଦ୍ରାବିଡ଼ମାନଙ୍କ ଛଡ଼ା ଋକ୍‌ବେଦୀୟ ଆର୍ଯ୍ୟପ୍ରବାହ ପୂର୍ବରୁ ଅନ୍ୟ ଏକ ଆର୍ଯ୍ୟପ୍ରବାହ ଭାରତକୁ ଆସି ବସତି ସ୍ଥାପନ କରି ରହିଥିବା କଥା ଏଥିରୁ ଅନୁମିତ ହୁଏ । ଏମାନେ ଅ-ବୈଦିକ, ତେଣୁ ଅଧର୍ମୀ ବୋଲି ପରବର୍ତ୍ତୀ ଆର୍ଯ୍ୟଋଷୀଙ୍କ ଦ୍ୱାରା ପରିଗଣିତ ହେଉଥିଲେ ।

**ଆର୍ଯ୍ୟ ବନାମ ଶୂଦ୍ର**

ପରେ 'ମନୁ ସଂହିତା'ରେ ଆର୍ଯ୍ୟଋଷୀମାନଙ୍କର ସେବା (ଦାସତ୍ୱ) କରିବା ପାଇଁ ଭଗବାନ ଶୂଦ୍ରକୁ ସୃଷ୍ଟି କରିଛନ୍ତି ବୋଲି ଲିଖିତ ହେଲା । ଅନ୍ୟାନ୍ୟ ସ୍ମୃତିଶାସ୍ତ୍ର ମଧ୍ୟ ଶୂଦ୍ରର ଆଜନ୍ମ ଦାସତ୍ୱ ପ୍ରତିପାଦିତ କରି ବିଧାନମାନ ପ୍ରଣୟନ କଲେ । କିନ୍ତୁ ଶୂଦ୍ରମାନେ ଏକ ସମୟରେ ରାଜପଦର ଅଧିକାରୀ ଥିଲେ । ମହାଭାରତ ଶାନ୍ତିପର୍ବରେ ପୂର୍ବକାଳରେ Paijavan ନାମକ ଜଣେ ଶୂଦ୍ର ରାଜାଙ୍କ କଥା ବର୍ଣ୍ଣିତ ଅଛି । ସେ ଏକ ଲକ୍ଷ ପୂର୍ଣ୍ଣପାତ୍ର ବ୍ରାହ୍ମଣମାନଙ୍କୁ ତାଙ୍କ ଯଜ୍ଞ ସମାପନ କରିଥିବା ଯୋଗୁ ଦକ୍ଷିଣା ଦେଇଥିଲେ । ଶୂଦ୍ରମାନେ ଯେ ଯଜ୍ଞ କରିବାର ଅଧିକାରୀ ଥିଲେ ଏବଂ ବ୍ରାହ୍ମଣମାନେ ସେମାନଙ୍କର ଯଜ୍ଞକରି ଦକ୍ଷିଣା ନେଉଥିଲେ ଏହା ପ୍ରମାଣିତ ହୁଏ ।

**ବର୍ଣ୍ଣ ଓ ବର୍ଣ୍ଣାଶ୍ରମ**

ପୂର୍ବେ କହିଛି ଶୂଦ୍ର ବା ଦାସ (ବା ଦସ୍ୟୁ) ଭାରତର ପ୍ରାକ୍‌ଆର୍ଯ୍ୟ-ଯୁଗର ଅଧିବାସୀ ଥିଲେ । ସେମାନଙ୍କର ଦେହର ରଙ୍ଗ କଳା ଥିଲା । ତେଣୁ ଆର୍ଯ୍ୟମାନେ ସେମାନଙ୍କୁ ପୃଥକ କରି ରଖିବାକୁ ଚତୁର୍ବର୍ଣ୍ଣ ବା ବର୍ଣ୍ଣାଶ୍ରମ ସୃଷ୍ଟି କରିଥିଲେ-ଯାହାର ମୂଳରୂପ ଆମେ ଋକ୍‌ବେଦୀୟ ପୁରୁଷସୂକ୍ତରୁ ପାଉ । ଋକ୍‌ବେଦ ୭ମ ମଣ୍ଡଳ, ୪୭, ୧୧ ରେ ଦେଖୁ ଦାସମାନଙ୍କୁ 'କୃଷ୍ଣ ଯୋନି' ବୋଲି ବର୍ଣ୍ଣନା କରାଯାଇଛି । ଋକ୍‌ବେଦରେ ଦସ୍ୟୁମାନଙ୍କୁ 'ଅନାସ' ବୋଲି କୁହାଯାଇଛି । ମ୍ୟାକ୍ସ ମୁଲାର

ଏହାର ଅର୍ଥ କରିଛନ୍ତି ନାସାହୀନ ବା ଚେପଟା ନାକବିଶିଷ୍ଟ' ( ଅ-ନାସା )। ସାୟଣାଚାର୍ଯ୍ୟଙ୍କ ଏହାର ଅର୍ଥ "ମୁଖହୀନ" ( ଅନ-ଆସ ) କରିଛନ୍ତି, ଯାହାର ଅର୍ଥ କୁତ୍ସିତବାକ୍ ( devoid of good speech ) ହୋଇପାରେ। ଋକ୍‌ବେଦର ବହୁ ସ୍ଥାନରେ ଯଥା:—୧ମ, ୧୭୪.୨ ଏବଂ ୫ମ, ୩୨.୮, ୭ମ ୬.୩ ଏବଂ ୭ମ, ୧.୮୩ ଦସ୍ୟୁମାନଙ୍କୁ 'ମୃଧ୍ରବାକ୍ କୁହାଯାଇଛି, 'ଯାହାର ଅର୍ଥ 'ଅମାର୍ଜିତ ଭାଷା' ପ୍ରୟୋଗକାରୀ ବା କୁତ୍ସିତଭାଷୀ। ତେଣୁ ସାୟଣାଚାର୍ଯ୍ୟଙ୍କ ବ୍ୟାଖ୍ୟା ସହ ଏହାର ସାମଞ୍ଜସ୍ୟ ଲକ୍ଷଣୀୟ।

ତଥାପି ଦାସ-ଆର୍ଯ୍ୟ ଏଇ ବିଭାଜନ ରେଖା ପ୍ରଥମେ ଖୁବ୍ କଡ଼ାକଡ଼ି ହୋଇ-ନଥିବ ବୋଲି ମନେ ହୁଏ। ଋକ୍‌ବେଦରୁ ଜଣାଯାଏ ଦାସମାନେ ମଧ୍ୟ ଆର୍ଯ୍ୟ ଏବଂ ଆର୍ଯ୍ୟମାନେ ଦାସ ଥିଲେ।

ଋକ୍‌ବେଦ ( ୬ଷ୍ଠ, ୨୨ ୧୦ ) : "ହେ ବଜ୍ରୀ ! ତମେ ଦାସମାନଙ୍କୁ ଆର୍ଯ୍ୟ କରିଛ, ମନ୍ଦ ଲୋକଙ୍କୁ ଉତ୍ତମ ଲୋକରେ ପରିଣତ କରିଛ। ଆମକୁ ମଧ୍ୟ ସେଇ ଶକ୍ତି ଦିଅ ଯାହା ବଳରେ ଆମେ ଶତ୍ରୁମାନଙ୍କୁ ପରାଭୂତ କରିପାରିବୁ।"

ଋକ୍‌ବେଦ ( ୧୦ମ, ୪୯.୩ ). ( ଇନ୍ଦ୍ର କହୁଛନ୍ତି ) "ମୁଁ ଦସ୍ୟୁମାନଙ୍କୁ ସେମାନଙ୍କର ଆର୍ଯ୍ୟ ଉପାଧିରୁ ବଞ୍ଚିତ କରିଛି।" ( I have deprived the Dasyus of the title of Aryas. )

ଋକ୍‌ବେଦ ( ୧ମ, ୧୫୧.୮ ): "ହେ ଇନ୍ଦ୍ର ! କିଏ ଦସ୍ୟୁ, କିଏ ଆର୍ଯ୍ୟ ଖୋଜି ବାହାର କର, ଏବଂ ସେମାନଙ୍କୁ ପୃଥକ ପୃଥକ କରିଦିଅ।"

ଏଥିରୁ ଜଣାଯାଏ ଯେ ପ୍ରାଥମିକ ଅବସ୍ଥାରେ ଜଣେ ଦସ୍ୟୁ ବା ଦାସ ମଧ୍ୟ 'ଆର୍ଯ୍ୟ' ହୋଇ ପାରୁଥିଲା। ତେଣୁ ଇନ୍ଦ୍ରଙ୍କ ଉପରେ ଭାର ଦିଆ ଯାଇଥିଲା ସେମାନଙ୍କର ପୃଥକୀକରଣ କରିବା ପାଇଁ।*

---

*Who Were the Shudras—B. .R Ambedkar ଦ୍ରଷ୍ଟବ୍ୟ।

# ପଞ୍ଚମ ଅଧିକରଣ

## ମୂଲ୍ୟବୋଧର କ୍ରମପରିଣାମ

**ବୈଦିକ ଯୁଗ**

ପୂର୍ବରୁ କହିଛୁ ବୈଦିକ ଆର୍ଯ୍ୟମାନେ ଥିଲେ ମୁଖ୍ୟତଃ ପଶୁପାଳକ । ତେଣୁ ସେମାନଙ୍କର ସମାଜ ଥିଲା ପିତୃପ୍ରଧାନ । କିନ୍ତୁ ସେମାନେ ହଠାତ୍ ଦିନକରେ ପଶୁପାଳକ ହୋଇ ନଥିବେ । ସେମାନଙ୍କର ଅତୀତ ସମାଜ ଯାହାକୁ ସେମାନେ ପଛରେ ଛାଡ଼ି ଆସିଛନ୍ତି, ନିଶ୍ଚୟ ମାତୃପ୍ରଧାନ ହୋଇଥିବ । ଏହାହିଁ ତ ସମାଜ ବିକାଶର ଧାରା । ସେହି ଅତୀତ ସମାଜର ବହୁ ସ୍ମାରକ ରୂପାନ୍ତରର ମାଧ୍ୟମରେ ବୈଦିକ ସାହିତ୍ୟରେ ଲକ୍ଷିତ ହୁଏ । ଆର୍ଯ୍ୟମାନେ ସେମାନଙ୍କ ପିତୃଭୂମିରୁ ( ଉରାଲ ଅର୍ଥାତ ଦକ୍ଷିଣ ରୁଷରୁ ) ଘୋଡ଼ା ନେଇ ଆସିଥିଲେ ବୋଲି ଡଃ ସୁନୀତିକୁମାର ଚ୍ୟାଟାର୍ଜି କହନ୍ତି । ଅସୁର-ବାବିଲ ଦେଶର ଲୋକମାନେ ଏବଂ ଭାରତରେ ଆର୍ଯ୍ୟପୂର୍ବ ଯୁଗର ଅଧିବାସୀ ଅଷ୍ଟ୍ରିକ୍ ଓ ଦ୍ରାବିଡ଼ମାନେ ଆର୍ଯ୍ୟମାନଙ୍କଠାରୁ ଘୋଡ଼ା ପାଇଥିଲେ । ଅସୁର-ବାବିଲ ଦେଶୀୟ ଲୋକଙ୍କ ବଂଶଧରମାନେ ଗୋରୁ, ମେଣ୍ଢା, ଛେଳି ଓ ଗଧ ପୋଷିବା ଜାଣିଥିଲେ, ମାତ୍ର ଘୋଡ଼ା ପୋଷାକୁ କେବଳ ଆର୍ଯ୍ୟମାନେ ହିଁ ଜାଣିଥିଲେ ।*

ଆର୍ଯ୍ୟଭାଷୀ ଜନର ପ୍ରଧାନ ଧାରାଟି ଆଲ୍ପ-ନର୍ଡିକ ଥିଲେ ବୋଲି ଜଣାଯାଏ । ଏମାନେ ଉତ୍ତର-ପଶ୍ଚିମ ୟୁରୋପରୁ ଆସିଥିଲେ ବୋଲି ବୁଝାଯାଏ । ଆର୍ଯ୍ୟଭାଷୀ ନରଗୋଷ୍ଠୀର ଅନ୍ୟ ଏକ ପ୍ରାକ୍‌ବୈଦିକ ଧାରା, ଆଲ୍‌ପା-ଦିନାରୀୟମାନଙ୍କ କଥା ପୂର୍ବରୁ କୁହାଯାଇଛି । ସେମାନେ ସିନ୍ଧୁନଦୀର ଉପତ୍ୟକାରେ ବୈଦିକ ଆର୍ଯ୍ୟର ବହୁ ପୂର୍ବରୁ ଆସି ରହିଥିଲେ । ଆର୍ଯ୍ୟମାନେ ଉତ୍ତର ମେରୁରେ ବାସ କରୁଥିଲେ ବୋଲି ଋକ୍‌ବେଦରେ ଥିବା ଉଷାଦେବୀଙ୍କ ସ୍ତୁତିକୁ ଭିତ୍ତିକରି ଲୋକମାନ୍ୟ ବାଳ ଗଙ୍ଗାଧର ତିଳକ ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି । ତାଙ୍କର 'The Arctic Home in the Vedas' ଗ୍ରନ୍ଥରେ ସେ ଏ ବିଷୟରେ ଆଲୋଚନା କରିଛନ୍ତି । ଋକ୍‌ବେଦର ୧ମ ମଣ୍ଡଳ, ୧୨୩-୮ ସୂକ୍ତରେ ଉଷାଦେବୀଙ୍କ ସମ୍ବନ୍ଧରେ ଲେଖାଅଛି : "ସଦୃଶୀରଦ୍ୟ ସଦୃଶୀରିଦୁ ଶ୍ୱୋ ଦୀର୍ଘଂ ସଚନ୍ତେ ବରୁଣସ୍ୟ ଧାମ ।" ଏହାର ଅର୍ଥ ଆଜି ଏବଂ କାଲି, ଏ ଦୁହେଁ ସମାନ, ଏମାନେ ବହୁଦିନ ପର୍ଯ୍ୟନ୍ତ ବରୁଣଙ୍କ ଘରକୁ ଯାଆନ୍ତି । ଲୋକମାନ୍ୟ ତିଳକଙ୍କ ମତ ଅନୁସାରେ ଏହି ମନ୍ତ୍ର ଏବଂ ଏହି ପ୍ରକାର ଅନ୍ୟ ମନ୍ତ୍ରମାନ

*"ସାଂସ୍କୃତିକୀ"—୨ୟ ଖଣ୍ଡ—ଡଃ ସୁନୀତି କୁମାର ଚ୍ୟାଟାର୍ଜି

ଉତ୍ତରମେରୁର ଉଷାକାଳକୁ ଲକ୍ଷ୍ୟ କରି ରଚିତ ହୋଇଛି । 'ଉଷାକାଳ ବହୁ ସମୟ ପର୍ଯ୍ୟନ୍ତ ବରୁଣଙ୍କ ଘରକୁ ଯାଏ, ଏହାର ଅର୍ଥ ହେଉଛି, ଉତ୍ତରମେରୁରେ ଛଅ ମାସ ପର୍ଯ୍ୟନ୍ତ ଅନ୍ଧକାର ରହେ ।' କିନ୍ତୁ ଧର୍ମାନନ୍ଦ କୋସମ୍ବୀ କହନ୍ତି, 'ଏହି ସୂକ୍ତର ଦ୍ୱାଦଶ ମନ୍ତ୍ରରେ ଉଷାଙ୍କର ଏକ ବିଶେଷଣ ଦେଖିବାକୁ ମିଳେ । ତାହା ହେଉଛି—"ଅଶ୍ୱାବତୀ ଗୋମତୀ ବିଶ୍ୱବାରା' ଅର୍ଥାତ୍ ତାଙ୍କ ନିକଟରେ ବହୁ ଘୋଡ଼ା ଓ ଗାଈ ଅଛି ଓ ସେ ସମସ୍ତଙ୍କର ପୂଜନୀୟା ଅଟନ୍ତି । ଉତ୍ତରମେରୁ ବା ତାର ନିକଟବର୍ତ୍ତୀ ଅଞ୍ଚଳରେ ଆଜିକାଲି ମଧ୍ୟ ଘୋଡା ବା ଗାଈ ନାହାନ୍ତି । ପୁଣି ହଜାର ହଜାର ବର୍ଷ ପୂର୍ବେ ସେଠାରେ ଗାଈ ପ୍ରଭୃତି ଥିବାର କୌଣସି ପ୍ରମାଣ ମିଳେ ନାହିଁ । କେବଳ ଏହି ଗୋଟିଏ ସୂକ୍ତରେ ନୁହେଁ, ଉଷାଦେବୀଙ୍କର ଅନ୍ୟାନ୍ୟ ସୂକ୍ତରେ ମଧ୍ୟ ତାଙ୍କ ସମ୍ପର୍କରେ ବହୁ ବିଶେଷଣ ଦେଖିବାକୁ ମିଳେ, ଯାହାର ଅର୍ଥ, ଉଷାଦେବୀ ଗାଈ ଓ ଘୋଡ଼ା ଦିଅନ୍ତି, 'ଗାଈର ଜନ୍ମଦାତ୍ରୀ ଅଟନ୍ତି ଇତ୍ୟାଦି । ଏଥିରୁ ପ୍ରମାଣିତ ହେଉଛି ଯେ ଏହି ମନ୍ତ୍ରଗୁଡ଼ିକ ବା ଏହି ସୂକ୍ତଗୁଡ଼ିକ ଉତ୍ତର ମେରୁ ନିକଟରେ ରଚିତ ହୋଇ ନଥିଲା ।"*

## ନାରୀ-ପୁରୁଷ ସମ୍ପର୍କ

ବର୍ତ୍ତମାନ ଦେଖାଯାଉ, ସମାଜ-ସମ୍ପର୍କରେ ପରିବର୍ତ୍ତନ ସଙ୍ଗେ ନାରୀ-ପୁରୁଷ ସମ୍ପର୍କରେ କିପରି ପରିବର୍ତ୍ତନ ଘଟିଛି । ପ୍ରାଚୀନ ପ୍ରାକ୍-ଶ୍ରେଣୀବିଭକ୍ତ ସମାଜରେ ବ୍ୟକ୍ତିଗତ ସମ୍ପତ୍ତି ନଥିଲା କି ପରିବାର ମଧ୍ୟ ନଥିଲା । ତେଣୁ ସେ ସମାଜର ଧର୍ମ ଥିଲା ଭିନ୍ନ ପ୍ରକାର । ବର୍ତ୍ତମାନର ବିବାହପ୍ରଥା ଶ୍ରେଣୀ-ସମାଜ ଏବଂ ବ୍ୟକ୍ତିଗତ ସମ୍ପତ୍ତିର ଭିତ୍ତିଭୂମିରେ ହିଁ ଗଢି ଉଠିଛି । ଏ-ପ୍ରକାର ସମ୍ପର୍କ ସବୁ ଯୁଗରେ ନଥିଲା । ପିତାମହ ଭୀଷ୍ମ ନାରୀ ପୁରୁଷ ମଧ୍ୟରେ ଯୌନ-ସମ୍ପର୍କ ଭିନ୍ନ ଭିନ୍ନ ଯୁଗରେ (ଅର୍ଥାତ୍ ଭିନ୍ନ ଭିନ୍ନ ଉତ୍ପାଦନ-ପ୍ରଣାଳୀରେ) କିପରି ଭିନ୍ନ ଭିନ୍ନ ପ୍ରକାର ଥିଲା ତାହା ମହାଭାରତ ଶାନ୍ତିପର୍ବରେ କହିଛନ୍ତି:—

କୃତ ଯୁଗେ—"ନ ତେଷାଂ ମୈଥୁନୋ ଧର୍ମୋ ବଭୂବ ଭରତର୍ଷଭ ।
ସଂକଲ୍ପାଦେବ ଚୈତେଷାଂ ଗର୍ଭଃ ସମୁତ୍ପଦ୍ୟତେ । ୨୦୩-୪୨
ତତସ୍ତ୍ରେତାଯୁଗେ କାଲେ ସଂସ୍ପର୍ଶ ଜାୟତେ ପ୍ରଜା ।
ନ ହ୍ୟଭୂନ୍ମୈଥୁନୋ ଧର୍ମସ୍ତେଷାମପି ଜନାଧିପ । ୪୩ ।
ଦ୍ୱାପରେ ମୈଥୁନୋ ଧର୍ମଃ ପ୍ରଜାନାମଭବନ୍ନୃପ
ତଥା କଳିଯୁଗେ ରାଜନ୍ଦ୍ୱନ୍ଦ୍ୱମାପେଦିରେ ଜନାଃ ।" । ୪୪ ।

(ମହାଭାରତ, ଶାନ୍ତି, ୨୦୩-୪୪)

* 'ଭଗବାନ ବୁଦ୍ଧ' ଧର୍ମାନନ୍ଦ କୋସମ୍ବୀ

ଅର୍ଥାତ୍ କୃତଯୁଗରେ ସଂକଳ୍ପ, ତ୍ରେତାଯୁଗରେ ସଂସ୍ପର୍ଶ, ଦ୍ୱାପରଯୁଗରେ ମୈଥୁନ ଏବଂ କଳିଯୁଗରେ ଦ୍ୱଂଦ୍ୱ ରୂପକ ସଂପର୍କ ପ୍ରଚଳିତ । 'ସଂକଳ୍ପ ସଂପର୍କ' ଏକ ପ୍ରକାର ଅବାଧ ଯୌନ ମିଳନ (Promiscuity) । ଗୋଷ୍ଠୀରେ ଯିଏ ଯାହାକୁ ଇଚ୍ଛା କଲା ତାହା ସହିତ ଯୌନସଂଗମ କରି ପାରିବ । 'ସଂସ୍ପର୍ଶ' ବିବାହରେ ନିକଟ ଆତ୍ମୀୟ ଏବଂ ସମଗୋତ୍ରୀୟଙ୍କ ବ୍ୟତୀତ ବାକି ଅନ୍ୟନାରୀ ପୁରୁଷଙ୍କ ମଧ୍ୟରେ ଯୌନସଂପର୍କ ରଖିବାରେ କୌଣସି ବାଧା ନିଷେଧ ନଥିଲା । ଏହା ମଧ୍ୟ ଏକପ୍ରକାର ଯୌଥ ବିବାହ, ଯଦିଓ ସମଗୋତ୍ରୀୟ ନୁହେ । ଦ୍ୱାପର ଯୁଗରେ ପ୍ରଚଳିତ 'ମୈଥୁନ' ନାମକ ବିବାହ ହେଉଛି ପ୍ରାକୃତିକ ବିବାହର ଶେଷ ପର୍ଯ୍ୟାୟ । ଏହି ପ୍ରଥାରେ ସ୍ତ୍ରୀ ପୁରୁଷ ଯେତେଦିନ ଇଚ୍ଛା ପରସ୍ପର ସହିତ ବାସ କରି ପାରନ୍ତି । ଏଇଠାରୁ ନାରୀ ପୁରୁଷର ଯୋଡି ଯୋଡ଼ି ହୋଇ ରହିବାର ଆରମ୍ଭ । ଯେତେଦିନ ଯାଏ ସେମାନେ ଏକତ୍ର ରହିବେ ସେ ସମୟ ଭିତରେ ଅନ୍ୟ ସହିତ ସହବାସ ନିଷେଧ । କଳିଯୁଗରେ 'ଦ୍ୱଂଦ୍ୱ' ନାମକ ବିବାହ-ପ୍ରଥା ପ୍ରଚଳିତ । ଏହାହିଁ ବର୍ତ୍ତମାନର ଏକ-ବିବାହ ପ୍ରଥା ବା Monogamy ।

ସଂକଳ୍ପ ବିବାହ

ଗଣ-ସମାଜରେ ଅର୍ଥାତ୍ ଆଦିମ ଅବସ୍ଥାରେ ସମଗୋତ୍ରୀୟ ଏବଂ ନିକଟ ଆତ୍ମୀୟଙ୍କ ମଧ୍ୟରେ ମଧ୍ୟ ଯୌନସଂଗମ ନିଷିଦ୍ଧ ନଥିଲା । ଉଦାହରଣ: 'ଐତରେୟ ବ୍ରାହ୍ମଣ'ରେ ସୃଷ୍ଟି ପ୍ରସଙ୍ଗରେ ବର୍ଣ୍ଣିତ ଅଛି ଯେ ପ୍ରଜାପତି ପ୍ରଜା ସୃଷ୍ଟି ଲାଗି ନିଜ କନ୍ୟା ସହ ଯୌନସଂଗମ କରିଥିଲେ । "ପ୍ରଜାପତିର୍ବୈ ସ୍ୱାମ୍ ଦୁହିତରମଭି-ମଧ୍ୟାୟତ୍" । ମତ୍ସ୍ୟ ଓ ବରାହ ପୁରାଣରେ ମଧ୍ୟ ବ୍ରହ୍ମାଂକ ସଂପର୍କରେ ଏହି କଥା କୁହାଯାଇଛି । 'ହରିବଂଶ'ରେ ପ୍ରଜାପତିଙ୍କ କନ୍ୟା ଶତରୂପା ତାଙ୍କ ସ୍ତ୍ରୀ ହୋଇଥିବା କଥା ବଶିଷ୍ଠ ମୁଖରେ କଥିତଅଛି । ମନୁ ନିଜ କନ୍ୟା ଇଳାଙ୍କୁ ବିବାହ କରିଥିଲେ । ('ହରିବଂଶ', ୧୦ମ ଅଧ୍ୟାୟ) ଜହ୍ନୁ ନିଜ କନ୍ୟା ଜାହ୍ନବୀଙ୍କୁ (ଗଂଗାଙ୍କୁ) ପତ୍ନୀ କରିଥିଲେ (ହରିବଂଶ, ୨୭ଶ ଅଧ୍ୟାୟ) । ଅଥଚ ଗଂଗା ଭାରତର ପବିତ୍ରତମ ନଦୀ ଏବଂ ପାତକନାଶିନୀ ରୂପେ ଆଜି ପର୍ଯ୍ୟନ୍ତ ପୂଜିତ ହୋଇ ଆସିବାରେ କିଛି ବାଧାନାହିଁ । ବ୍ରହ୍ମା ମଧ୍ୟ ପରମପୂଜ୍ୟ ଦେବତା ରୂପେ ପୂଜିତ ହୋଇ ଆସୁଛନ୍ତି । ହରିବଂଶରୁ ପୁଣି ଜଣାଯାଏ ଯେ ପ୍ରଚେତାମାନେ ଦଶ ଭାଇ ଥିଲେ । ସେମାନଙ୍କର ସୋମ ନାମକ ଏକ ପୁତ୍ର ଥିଲା । ସୋମଙ୍କର ମରିଷା ନାମକ ଏକ କନ୍ୟା ଥିଲା । ଏହି ଦଶଭାଇ ଓ ସୋମ ସମସ୍ତେ ମରିଷାଙ୍କ ଗର୍ଭରେ ଏକ ପୁତ୍ର ଜାତ କରାଇ ଥିଲେ ।

---

* S. A. Dange'ଙ୍କ ପ୍ରଣୀତ "India—From Primitive Commuuism to Slavery' ଦ୍ରଷ୍ଟବ୍ୟ ।

ତାଂକର ନାମ ଥିଲା ଦକ୍ଷ ପ୍ରଜାପତି । ଦକ୍ଷଂକର ସତେଇଶଟି ଝିଅ ଜନ୍ମ ହୋଇଥିଲେ । ସେ ସେମାନଂକୁ ନିଜ ପିତା ସୋମଂକୁ ବଂଶବୃଦ୍ଧି ଲାଗି ଦାନ କରିଥିଲେ । ଦକ୍ଷ ମଧ୍ୟ ନିଜ ପିତା ବ୍ରହ୍ମାଂକୁ କନ୍ୟାଦାନ କରିଥିଲେ ଏବଂ ଫଳରେ ନାରଦ ଜନ୍ମ ହୋଇଥିଲେ । ଏହାହିଁ ବୋଧହୁଏ ଭୀଷ୍ମ ପିତାମହ କଥିତ ତ୍ରେତା ଯୁଗର 'ସଙ୍କଳ୍ପ' ପ୍ରଥା ।

ଦ୍ୱିତୀୟ ପର୍ଯ୍ୟାୟରେ ପିତା-ପୁତ୍ରୀ ସ୍ଥାନରେ ଭ୍ରାତା-ଭଗ୍ନୀ ଯୌନସମ୍ପର୍କର ପ୍ରାବଲ୍ୟ ଦେଖାଯାଏ । ଯଥା :—ଋକ୍‌ବେଦରେ ଯାମୀ ନିଜ ଭ୍ରାତାଂକଠାରେ ପ୍ରଣୟ ପ୍ରାର୍ଥନା କରିଥିଲେ । ମାତ୍ର ଯମ ଦେବତାଗଣଂକ ପ୍ରହରୀ ବରୁଣ ଏହା ଦେଖିବା ଭୟରେ ନାସ୍ତି କରିଦେଇଥିଲେ । ତୈତ୍ତିରୀୟ ବ୍ରାହ୍ମଣରେ ବର୍ଣ୍ଣିତ ଅଛି ଯେ ପ୍ରଜାପତିଂକ କନ୍ୟା ସୀତା-ସାବିତ୍ରୀ ନିଜ ଭ୍ରାତା ସୋମଂକର ପ୍ରଣୟଭିକ୍ଷା କରିଥିଲେ । ମାତ୍ର ସୋମ ତାହା ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ଅନ୍ୟ ଭଉଣୀ ଶ୍ରଦ୍ଧାଂକୁ ପତ୍ନୀରୂପେ ଗ୍ରହଣ କରିଥିଲେ । ଏଥିରେ ମର୍ମାହତା ହୋଇ ସେ ନିଜ ପିତାଂକ ଉପଦେଶ ନେଇଥିଲେ । ତାଂକ ପିତା ତାଂକୁ ଏକ ବଶୀକରଣ କବଚ ଦେଇଥିଲେ ଯାହା ଦ୍ୱାରା ସେ ସୋମଂକ ହୃଦୟ ଜୟ କରି ପାରିଥିଲେ । 'ହରିବଂଶ'ରେ ସୃଷ୍ଟି ପ୍ରକରଣରେ କୁହାଯାଇଛି ଯେ ବ୍ରହ୍ମାଂକର ପୁତ୍ର ଦକ୍ଷ ଦକ୍ଷିଣ ଗୋଇଠିରୁ ଜନ୍ମଲାଭ କରିଥିଲେ । ବ୍ରହ୍ମାଂକ କନ୍ୟା ଦକ୍ଷା ବାଆଁ ଗୋଇଠିରୁ ଜାତ ହୋଇଥିଲେ । ଏ ଭାଇ ଭଉଣୀ ବିବାହ କରି ଷାଠିଏଟି କନ୍ୟା ଉତ୍ପାଦନ କରିଥିଲେ । ଦକ୍ଷଂକର ମରିଚ ଓ ଧର୍ମ ନାମରେ ଦୁଇ ଭାଇ ଥିଲେ । ଧର୍ମ ନିଜ ଭାଇ ଦକ୍ଷଂକ କନ୍ୟାଂକ ଭିତରୁ ଦଶ ଜଣଂକୁ ବିବାହ କରିଥିଲେ । ମରିଚଂକ ପୁତ୍ର କାଶ୍ୟପ ଦକ୍ଷଂକର ତେର ଜଣ କନ୍ୟାଂକୁ ବିବାହ କରିଥିଲେ । ଏଇପରି ବହୁ ଦୃଷ୍ଟାଂତ ଦେଇ କହିହେବ ଯେ ଆଦିମ ସମାଜରେ ପିତା-ପୁତ୍ରୀ ଓ ଭ୍ରାତା-ଭଗ୍ନୀଂକ ମଧ୍ୟରେ ଯୌନ ସଂପର୍କ ନିଷିଦ୍ଧ ନଥିଲା । ପ୍ରଜା ଜନନ ହିଁ ସେତେବେଳେ ସମାଜର ଏକମାତ୍ର ଲକ୍ଷ୍ୟ ଥିବାରୁ ଆଦିମ ସମାଜ ଏଇ ଲକ୍ଷ୍ୟ ସାଧନ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିଲା ଏବଂ 'ସଂକଳ୍ପ ସଂପର୍କ' ଯୁଗଧର୍ମ ଅନୁମୋଦିତ ଥିଲା ।

**ସଂପୂର୍ଣ୍ଣ ବିବାହ**

ଏହାପରେ ହୁଏ ଗଣ-ଗୋତ୍ରର ଆବିର୍ଭାବ । ଏଇ ସମାଜବ୍ୟବସ୍ଥାରେ ନିକଟ ଆତ୍ମୀୟମାନଂକ ମଧ୍ୟରେ ଏବଂ ପରେ ସମଗୋତ୍ରୀୟ ନାରୀ ପୁରୁଷଂକ ମଧ୍ୟରେ ଯୌନ ସଂପର୍କ କ୍ରମେ ନିଷିଦ୍ଧ ହୁଏ । ଏହାହିଁ ମହାଭାରତରେ ଭୀଷ୍ମ ପିତାମହ କଥିତ 'ସଂପୂର୍ଣ୍ଣ' ବିବାହ—ଯାହା ତ୍ରେତା ଯୁଗରେ ପ୍ରଚଳିତ ଥିଲା । ପ୍ରାଚୀନ

ଗଣ-ସମାଜରେ ଯୌଥ ବିବାହ-ପ୍ରଥା ପ୍ରଚଳିତ ଥିଲା—ସେହି ପ୍ରଥାରେ ଏକ ଗୋଷ୍ଠୀର ( ତା ଏକ ଗୋତ୍ର, କିଂବା ମର୍ଗାନ-କଥିତ phratryର ) ସମସ୍ତ ପୁରୁଷ ଅନ୍ୟ ଗୋଷ୍ଠୀର ସବୁ ସ୍ତ୍ରୀଙ୍କୁ ବିବାହ କରୁଥିଲେ । ତା'ଫଳରେ କୌଣସି ସନ୍ତାନର ପ୍ରକୃତ ପିତା କିଏ ତାହା ଜାଣିବାର ଉପାୟ ନ ଥିଲେ ମଧ୍ୟ ପ୍ରକୃତ ମାତା ଜଣାଯାଉଥିଲା । ଏଇ ସମାଜ ଥିଲା ମାତୃପ୍ରଧାନ ସମାଜ । ମାତାହିଁ ଥିଲା ଗୋତ୍ରର କର୍ତ୍ତ୍ରୀ ଏବଂ ତାଙ୍କ ନାମାନୁସାରେ ହିଁ ସନ୍ତାନର ପରିଚୟ । ଗୋତ୍ରର ଉଦ୍‌ଭବ ହେଉଥିଲା ମାତାଠାରୁ, ତେଣୁ ନାମକରଣ ମଧ୍ୟ ହେଉଥିଲା ମାତାର ନାମାନୁସାରେ । ଗୋତ୍ରର ମାତା ଥିଲା 'ମାତୃକା' ବା ଗଣମାତୃକା । ଡଃ ଦେବୀପ୍ରସାଦ ଚଟ୍ଟୋପାଧ୍ୟାୟ ତାଙ୍କ 'ଲୋକାୟତ ଦର୍ଶନ' ଗ୍ରନ୍ଥରେ କହୁଛନ୍ତି, ଆର୍ଯ୍ୟମାନଙ୍କର ସମାଜ ପିତୃପ୍ରଧାନ ଥିଲେ ମଧ୍ୟ ସେମାନଙ୍କର ମଧ୍ୟ ଗୋଟାଏ ଅତୀତ ଥିବ ଏବଂ ସେଇ ଅତୀତ ସମାଜ ନିଶ୍ଚୟ ହୋଇଥିବ ମାତୃପ୍ରଧାନ, ଯାର ସଂକେତ ଋକ୍‌ବେଦରୁ ପ୍ରଚୁର ପରିମାଣରେ ମିଳେ । ତା'ଛଡ଼ା ସମଗ୍ର ଭାରତବର୍ଷ ତ ଆଉ ଆର୍ଯ୍ୟ-ପରିସରର ଅନ୍ତର୍ଭୁକ୍ତ ନଥିଲା । ଆର୍ଯ୍ୟ ଅଧିକୃତ ଭାରତ ବାହାରେ, ମାତୃତାନ୍ତ୍ରିକ ସମାଜ ପ୍ରତିଷ୍ଠିତ ଥିଲା ଏବଂ ଆଜି ମଧ୍ୟ ମାଲାବାରର କେତେକ ସ୍ଥାନରେ ଏବଂ ଅନ୍ୟତ୍ର ତାହା ରହିଛି ।

ମର୍ଗାନଙ୍କ ମତରେ ପ୍ରାକ୍-ଶ୍ରେଣୀବିଭକ୍ତ ବା ଆଦିମ ସାମ୍ୟତନ୍ତ୍ରୀ ଗଣ-ସମାଜ ମାତ୍ରେହିଁ ମାତୃପ୍ରଧାନ ଏବଂ ପରବର୍ତ୍ତୀ ଶ୍ରେଣୀ-ବିଭକ୍ତ ସମାଜ ମାତ୍ରେ ହିଁ ପିତୃପ୍ରଧାନ । ପିତୃପ୍ରଧାନ ସମାଜରେ ପିତାହିଁ ହେଲ ଗୋତ୍ରର ପିତା, ଏବଂ ପିତାର ନାମ ଓ ସଂପତ୍ତି ପାଇବାର ଅଧିକାର ସନ୍ତାନର ଜନ୍ମଗତ ।

ମହାଭାରତରେ ଆମେ ବହୁ ଗଣ-ମାତୃକାର ସନ୍ଧାନ ପାଉ । ସେଥିରୁ ଭାରତବର୍ଷରେ ଆର୍ଯ୍ୟ ଓ ଅନାର୍ଯ୍ୟ ପରିସର ଭିତରେ, ବହୁ ଗଣ-ସମାଜ ବା ମାତୃପ୍ରଧାନ ସମାଜ ପ୍ରତିଷ୍ଠିତ ଥିବା କଥା ପ୍ରମାଣିତ ହୁଏ । ମହାଭାରତରେ ମିଳୁଥିବା ଗଣ-ମାତୃକା ଏବଂ ଗଣଗୁଡ଼ିକର ( matriarchal gens ) ନାମ ତଳେ ଦିଆଗଲା :—

| ଗଣମାତୃକା ( Matriarch ) | ଗଣ ( matriarchal gens ) |
|---|---|
| ଅଦିତି | ଆଦିତ୍ୟ |
| ଦିତି | ଦୈତ୍ୟ |
| ଦନୁ | ଦାନବ |
| କାଳ | କାଳକେୟ |
| ବିନତା | ବୈନତେୟ |

| ଗଣମାତୃକା ( Matriarch ) | ଗଣ ( matriarchal gens ) |
|---|---|
| ମୂଜ | ମୂଜେୟ |
| ପ୍ରଧା | ପ୍ରାଧେୟ |
| କୃତ୍ତିକା | କାର୍ତ୍ତିକେୟ |
| ସଂହିକା ( ସିଂହିକା ) | ସଂହିକେୟ |
| ପୁଲୋମା | ପୌଲମେୟ |
| ମୁହୂର୍ତ୍ତ | ମୁହୂର୍ତ୍ତ |
| ସାଧ୍ୟା | ସାଧ୍ୟେୟ । |

ଏହି ସବୁ 'ଗଣମାତୃକାଂ'କ ନାମରୁ ଭାରତରେ ମାତୃବଧି ପ୍ରଚଳିତ ଥିବାର ଅକାଟ୍ୟ ପ୍ରମାଣ ମିଳେ ।

**ମୈଥୁନ ବିବାହ**

ଏହାପରେ ଦ୍ୱାପରରେ ମୈଥୁନ ବିବାହ ପ୍ରଚଳିତ ଥିଲା ବୋଲି ଯାହା ଭୀଷ୍ମ ପିତାମହ କହିଛନ୍ତି ତାହା ଆଲୋଚନା କରିବୁଁ । ପୂର୍ବେ କୁହାଯାଇଛି, ମୈଥୁନ ବିବାହ ବା pairing family ହେଉଛି ପ୍ରାକୃତିକ ବିବାହର ଶେଷ ଅଧ୍ୟାୟ । ଏହି ବିବାହ ପ୍ରଥା ଅନୁସାରେ ନାରୀ ପୁରୁଷ ଯେତେଦିନ ଇଚ୍ଛା ସ୍ୱାମୀ-ସ୍ତ୍ରୀ ଭାବରେ ରହି ପାରନ୍ତି, କିନ୍ତୁ ସେ ସମୟ ଭିତରେ ଅନ୍ୟ ସଂଗେ ସହବାସ କରିବା ସମାଜ ଗର୍ହିତ କାର୍ଯ୍ୟ । ସେ ସମୟକୁ କଳିର 'ଦ୍ୱନ୍ଦ୍ୱ' ବା ଏକ ବିବାହ ପ୍ରଥା କହୁକହୁ ପ୍ରଚଳିତ ହୋଇଥିଲେ ମଧ୍ୟ ଦୃଢ଼ମୂଳ ହୋଇ ନାହିଁ । କୁନ୍ତୀ ନିଜ ସ୍ୱାମୀଙ୍କ ଛଡ଼ା ଅନ୍ୟମାନଙ୍କ ସଂଗେ ସହବାସ କରି ପୁତ୍ର ଉତ୍ପାଦନ କରିଥିଲେ ଏବଂ ଦ୍ରୌପଦୀ ପଂଚ ସ୍ୱାମୀଙ୍କୁ ବିବାହ କରିଥିଲେ । ପୂର୍ବେ ବର୍ଣ୍ଣାଇଛୁଁ ସମାଜ ଶ୍ରେଣୀବିଭକ୍ତ ହେବା ପରେ ବ୍ୟକ୍ତିଗତ ସମ୍ପତ୍ତିର ଉଦ୍ଭବ ହେବା ଆଗରୁ ଜମି ଓ ସଂପତ୍ତି ପରିବାରଗତ ଥିଲା । ଅବଶ୍ୟ ସବୁଠି ନୁହେ, କେଉଁଠି କେଉଁଠି । ତେଣୁ ବିବାହ ମଧ୍ୟ ଅନେକ ସମୟରେ ପରିବାରଗତ ଥିଲା । ଦ୍ରୌପଦୀ ଏହି ପାରିବାରିକ ବିବାହ ପ୍ରଥାର ଏକ ଦୃଷ୍ଟାନ୍ତ । 'ମୈଥୁନ' ବା ଦ୍ୱୈତ ବିବାହ ପ୍ରଥା ଗୋଷ୍ଠୀ-ବିବାହର (group marriage) ଅବସାନ ଏବଂ ଏକବିବାହ (monogamy) ପ୍ରଥାର ଜନ୍ମର ମଧ୍ୟବର୍ତ୍ତୀ କାଳର ଅନୁଷ୍ଠାନ ।

ଦ୍ୱାପର ଯୁଗର ଶେଷ ପାଦରେ ପାଣ୍ଡୁ ରାଜା ନିଜ ଯୌନ ସାମର୍ଥ୍ୟ ହରାଇବା ପରେ ତାଂକର ଦୁଇ ରାଣୀ କୁନ୍ତୀ ଓ ମାଦ୍ରୀଙ୍କୁ ଡାକି ଅନ୍ୟ ସହିତ ସହବାସ କରି ସଂତାନ ଉତ୍ପାଦନ କରିବା ପାଇଁ ଉପଦେଶ ଦେଇଛନ୍ତି । ମାତ୍ର କୁନ୍ତୀ ସେଥିରେ ଅନିଚ୍ଛା ପ୍ରକାଶ କରିବାରୁ ପାଣ୍ଡୁ ତାଂକୁ ବୁଝାଇଛନ୍ତି ଯେ

ପୂର୍ବେ ନାରୀମାନେ ଅବାଧ ଯୌନ ସ୍ୱାଧୀନତା ଭୋଗ କରୁଥିଲେ ଏବଂ ନିଜ ସ୍ୱାମୀ ତଥା ଅନ୍ୟମାନଂକ ସଂଗେ ମଧ୍ୟ ସହବାସ କରିବାରେ କିଛି ବାଧା ନଥିଲା । ବରଂ ଏହାହିଁ ଥିଲା ସେତେବେଳର ଯୁଗଧର୍ମ ବା ସମାଜ-ସ୍ୱୀକୃତ ପ୍ରଥା । ବଂଶରକ୍ଷା ଏବଂ ପ୍ରଜା-ବୃଦ୍ଧିହିଁ ଥିଲା ପ୍ରଧାନ ଲକ୍ଷ୍ୟ । ତେଣୁ ମୂଲ୍ୟବୋଧ ମଧ୍ୟ ତଦନୁସାରେ ରୂପ ଗ୍ରହଣ କରିଥିଲା ।

ପାଂଡୁ କହୁଛଂତି :—

"ଅଥ ତ୍ୱିଦଂ ପ୍ରବକ୍ଷ୍ୟାମି ଧର୍ମତତ୍ତ୍ୱଂ ନିବୋଧ ମେ
ପୁରାଣ ମୃଷିଭିର୍ଦ୍ଦୃଷ୍ଟଂ ଧର୍ମବିଦ୍ଭିର୍ମହାତ୍ମଭିଃ । ୩ ।
ଅନାବୃତାଃ କିଲ ପୁରା ସ୍ତ୍ରିୟ ଆସନ୍ ବରାନନେ
କାମଚାରବିହାରିଣ୍ୟଃ ସ୍ୱତଂତ୍ରାଶ୍ଚାରୁହାସିନି । ୪ ।
ତାସାଂ ବ୍ୟୁଚ୍ଚରମାଣାଂ କୌମାରାତ୍ ସୁଭଗେ ପତୀନ୍
ନାଧର୍ମୋଽଭୂଦ୍ ବରାରୋହେ ସ ହି ଧର୍ମଃ ପୁରାଽଭବତ୍ । ୫ ।
ପ୍ରମାଣଦୃଷ୍ଟୋ ଧର୍ମୋଽୟମ୍ ପୂଜ୍ୟତେ ଚ ମହର୍ଷିଭିଃ ।
ଉତ୍ତରେଷୁ ଚ ରଂଭୋରୁ କୁରୁଷ୍ୱଦ୍ୟାପି ପୂଜ୍ୟତେ । ୬ ।
ସ୍ତ୍ରୀଣାମନୁଗ୍ରହକରଃ ସ ହି ଧର୍ମଃ ସନାତନଃ ।
ଅସ୍ମିଂସ୍ତୁ ଲୋକେ ନଚିରାନ୍ମର୍ଯ୍ୟାଦେୟଂ ଶୁଚିସ୍ମିତେ । ୭ ।
ସ୍ଥାପିତା ଯେନ ଯସ୍ମାଚ୍ଚ ତନ୍ମେ ବିସ୍ତରତଃ ଶୃଣୁ ।
ବଭୂବୋଦ୍ଦାଲକୋ ନାମ ମହର୍ଷିରିତି ନଃ ଶ୍ରୁତମ୍ । ୮ ।
ଶ୍ୱେତକେତୁରିତି ଖ୍ୟାତଃ ପୁତ୍ରସ୍ତସ୍ୟାଭବନ୍ମୁନିଃ ।
ମର୍ଯ୍ୟାଦେୟଂ କୃତା ତେନ ଧର୍ମ୍ୟା ବୈ ଶ୍ୱେତକେତୁନା । ୯ ।
କୋପାତ୍କମଲପତ୍ରାକ୍ଷି ଯଦର୍ଥଂ ତନ୍ନିବୋଧ ମେ ।
ଶ୍ୱେତକେତୋଃ କିଲ ପୁରା ସମକ୍ଷଂ ମାତରଂ ପିତୁଃ । ୧୦ ।
ଜଗ୍ରାହ ବ୍ରାହ୍ମଣଃ ପାଣୌ ଗଚ୍ଛାବ ଇତି ଚାବ୍ରବୀତ୍ ।
ଋଷିପୁତ୍ରସ୍ତଦା କୋପଂ ଚକାରାମର୍ଷଚୋଦିତଃ । ୧୧ ।
ମାତରଂ ତାଂ ତଥା ଦୃଷ୍ଟ୍ୱା ନୀୟମାନାଂ ବଲାଦିବ ।
କ୍ରୁଦ୍ଧଂ ତଂ ତୁ ପିତା ଦୃଷ୍ଟ୍ୱା ଶ୍ୱେତକେତୁମୁବାଚ ହ । ୧୨ ।
ମା ତାତ କୋପଂ କାର୍ଷୀସ୍ତ୍ୱଂ ଏଷ ଧର୍ମଃ ସନାତନଃ । ୧୩ ।
ଅନାବୃତା ହି ସର୍ବେଷାଂ ବର୍ଣ୍ଣାନାମଙ୍ଗନା ଭୁବି ।
ଯଥା ଗାବଃ ସ୍ଥିତାସ୍ତାତ ସ୍ୱେ ସ୍ୱେ ବର୍ଣ୍ଣେ ତଥା ପ୍ରଜାଃ ।
ଋଷିପୁତ୍ରୋଽଥ ତଂ ଧର୍ମଂ ଶ୍ୱେତକେତୁର୍ନ ଚକ୍ଷମେ । ୧୪ ।

ଚକାର ଚୈବ ମର୍ଯ୍ୟାଦାମିମାଂ ସ୍ତ୍ରୀ ପୁଂସୟୋର୍ଭୁବି
ତତଃ ପ୍ରଭୃତି ମର୍ଯ୍ୟାଦା ସ୍ଥିତେୟମିତି ନଃ ଶ୍ରୁତମ । ୧୬ ।
ବ୍ୟୁଚ୍ଚରନ୍ତ୍ୟାଃ ପତିଂ ନାର୍ଯ୍ୟାଃ ଅଦ୍ୟପ୍ରଭୃତି ପାତକମ । ୧୭ ।
ଭ୍ରୂଣହତ୍ୟାସମଂ ଘୋରଂ ଭବିଷ୍ୟତ୍ୟସୁଖାବହମ୍ ।
ଭାର୍ଯ୍ୟା ତଥା ବ୍ୟୁଚ୍ଚରତଃ କୌମାରବ୍ରହ୍ମଚାରିଣୀମ । ୧୮ ।
ପତିବ୍ରତାମେତଦେବ ଭବିତା ପାତକଂ ଭୁବି ।
ପତ୍ୟା ନିଯୁକ୍ତା ଯା ଚୈବ ପତ୍ନୀ ପୁତ୍ରାର୍ଥମେବଚ । ୧୯ ।
ନ କରିଷ୍ୟତି ତସ୍ୟାଶ୍ଚ ଭବିଷ୍ୟତି ତଦେବ ହି । ୨୦ ।
ଇତି ତେନ ପୁରା ଭୀରୁ ମର୍ଯ୍ୟାଦା ସ୍ଥାପିତା ବଳାତ୍ ।
ଉଦ୍ଦାଳକସ୍ୟ ପୁତ୍ରେଣ ଧର୍ମ୍ୟା ବୈ ଶ୍ୱେତକେତୁନା । ୨୧ ।
ଋତାବୃତୌ ରାଜପୁତ୍ରି ସ୍ତ୍ରିୟା ଭର୍ତ୍ତା ପତିବ୍ରତେ । ୨୫ ।
ନାତିବର୍ତ୍ତବ୍ୟ ଇତ୍ୟେବଂ ଧର୍ମଂ ଧର୍ମବିଦୋ ବିଦୁଃ ।
ଶେଷେଷ୍ୱନ୍ୟେଷୁ କାଳେଷୁ ସ୍ୱାତନ୍ତ୍ର୍ୟଂ ସ୍ତ୍ରୀ କିଲାର୍ହତି । ୨୭ ।
(—ମହାଭାରତ, ଆଦିପର୍ବ ୧୨୨)

ରାଜା ପାଣ୍ଡୁ ତାଙ୍କ ଭାର୍ଯ୍ୟା କୁନ୍ତୀଙ୍କୁ କହୁଛନ୍ତି:—"ମୁଁ ବର୍ତ୍ତମାନ ତୁମକୁ ଧର୍ମବେତ୍ତା ମହାତ୍ମା ଋଷିଗଣ ଧର୍ମର ଯେଉଁ ପ୍ରାଚୀନ ମତମାନ ନିର୍ଦ୍ଦେଶ କରି ଯାଇଛନ୍ତି ସେ ବିଷୟରେ କହିବି । ତୁମେ ମୋଠାରୁ ଏହା ଶୁଣ । ୩ ।"

"ହେ ଚାରୁହାସିନି ସୁବଦନେ ! ଅତୀତ ଯୁଗରେ ନାରୀମାନେ ସଂପୂର୍ଣ୍ଣ ସ୍ୱାଧୀନ ଓ ଅନାବୃତ ଥିଲେ । ସେମାନେ ଯାହାକୁ ଇଚ୍ଛା ତା ସହିତ ସହବାସ କରି ପାରୁଥିଲେ । ଅର୍ଥାତ୍ ସେମାନେ କାମାଚାରବିହାରିଣ୍ୟଃ ଥିଲେ ।

ହେ ସୁଭଗେ ! ବରାରୋହେ ! ସେମାନେ କୌମାରରୁ ପୁରୁଷ ସଂଗ କରି ପାରୁଥିଲେ, ନିଜ ନିଜ ପତିମାନଙ୍କୁ ଲଂଘନ କରି ଅନ୍ୟ ପୁରୁଷ ସହିତ ରମଣ କରୁଥିଲେ । ତଦ୍ୱାରା ଅଧର୍ମ ହେଉ ନ ଥିଲା, କାରଣ ତାହାହିଁ ଥିଲା ଧର୍ମ । ୫ । ହେ ରମ୍ଭୋରୁ ! ଏ ଧର୍ମ ଶାସ୍ତ୍ରସମ୍ମତ ଥିଲା । ଏବେ ମଧ୍ୟ ଏ ଧର୍ମ ଉତ୍ତରକୁରୁ (ବର୍ତ୍ତମାନ ରୁଷିଆନ ତୁର୍କିସ୍ଥାନ) ଦେଶରେ ପ୍ରଚଳିତ ଅଛି । ଅତୀତର ସେ ଧର୍ମ ନାରୀମାନଙ୍କ ପ୍ରତି ଅତ୍ୟନ୍ତ ଅନୁକୂଳ ଓ ଉପକାରକ ଥିଲା ।

ହେ ଚାରୁସ୍ମିତେ ! ବର୍ତ୍ତମାନ ଯେଉଁ ସବୁ ସୀମାରେଖା ଓ ବାଧାନିଷେଧ ଏକ କାଳର ସମାଜ (ଅସ୍ମିନ୍ ଲୋକେ) ପ୍ରବର୍ତ୍ତିତ ହୋଇଛି ତାହା କିପରି କାହା ଦ୍ୱାରା ହେଲା ମୋଠାରୁ ଶୁଣ ।

'କଥିତ ଅଛି, ଜନୈକ ଅତୀତରେ (ଅଚିରାତ୍) ଉଦ୍ଦାଳକ ନାମରେ ଜଣେ ଋଷି ଥିଲେ । ତାଙ୍କର ଶ୍ୱେତକେତୁ ନାମରେ ଜଣେ ଚିନ୍ତାଶୀଳ ପୁତ୍ର ଥିଲେ । ଏହି ସୀମାବନ୍ଧନ ଅର୍ଥାତ୍ ଧର୍ମକୁ ବିପର୍ଯ୍ୟସ୍ତ କରିଥିବା ବିଧି 'ଅର୍ଥାତ୍' ଯୌନ କଟକଣା ସେଇ କ୍ରୋଧାନ୍ୱିତ ଶ୍ୱେତକେତୁଙ୍କ ଦ୍ୱାରା ସ୍ଥାପିତ ହୋଇଚି । ହେ ପଦ୍ମଲୋଚନା ! ସେ କାହିଁକି ଏପରି କଲେ ଏବେ ମୋଠାରୁ ଶୁଣ । ପୁରାକାଳରେ ଜଣେ ବ୍ରାହ୍ମଣ ଶ୍ୱେତକେତୁଙ୍କ ପିତାଙ୍କ ଉପସ୍ଥିତିରେ ତାଙ୍କ ମାତାଙ୍କ ହାତ ଧରି ତାଙ୍କୁ ରମଣ କରିବା ପାଇଁ ଡାକିଲେ । ଏଥିରେ ଋଷିପୁତ୍ର ଅତ୍ୟନ୍ତ ରାଗାନ୍ୱିତ ହେଲେ । ମାତାଙ୍କୁ ଏପରି ଜଣେ ଲୋକ ବଳାତ୍କାରରେ ନେଇ ଯାଉଥିବାରୁ ସେ କ୍ରୋଧ-ପରବଶ ହୋଇ ପଡ଼ିଲେ । ୧୩ । କିନ୍ତୁ ଶ୍ୱେତକେତୁଙ୍କ ପିତା ଉଦ୍ଦାଳକ ତାଙ୍କୁ ବୁଝାଇ ଶୁଝାଇ କହିଲେ, "ହେ ପୁତ୍ର, କ୍ରୋଧ ସମ୍ବରଣ କର । ଏହା ପ୍ରାଚୀନ ଧର୍ମସମ୍ମତ ଯେ ସବୁ ବର୍ଣ୍ଣର ନାରୀମାନେ ପୃଥିବୀରେ ଚିର ସ୍ୱାଧୀନା । ୧୪ । ବିଭିନ୍ନ ବର୍ଣ୍ଣର ନାରୀ ଓ ପୁରୁଷମାନେ ଗାଈ ଓ ବୃଷଭ ପରି ପରସ୍ପର ସହିତ ବ୍ୟବହାର କରନ୍ତି ।" କିନ୍ତୁ ଶ୍ୱେତକେତୁ ସେ ଧର୍ମକୁ ମାନିବାକୁ ରାଜି ହେଲେ ନାହିଁ । ସେ ସକ୍ରୋଧରେ ଘୋଷଣା କଲେ, 'ଆଜିଠାରୁ ଯେଉଁ ନାରୀ ତା ସ୍ୱାମୀକୁ ଲଂଘନ କରିବ ସେ ଘୋର ଦୁଃଖ ଓ ପାପରେ ଭାଗୀ ହେବ । ତାକୁ ଭ୍ରୂଣହତ୍ୟା ପାପ ଲାଗିବ । ସେଇପରି କୌଣସି ପତି ଯଦି ତାର ପତିବ୍ରତା ସ୍ତ୍ରୀକୁ ଯେ କି ବିବାହ ପୂର୍ବରୁ ବ୍ରହ୍ମଚାରିଣୀ, ଲଂଘନ କରେ, ସେ ମଧ୍ୟ ସମାନ ପାତକରେ ଭାଗୀ ହେବ । ଯେଉଁ ସ୍ତ୍ରୀ ପୁତ୍ର ଉତ୍ପାଦନାର୍ଥେ ଅନ୍ୟ ପୁରୁଷ ସଙ୍ଗ କରିବା ପାଇଁ ତା ସ୍ୱାମୀ ଦ୍ୱାରା ଆଦିଷ୍ଟ ହୋଇ ତାହା ପାଳନ କରେ ନାହିଁ ସେ ମଧ୍ୟ ସମାନ ପାତକରେ ଭାଗୀ ହେବ । ହେ ଭୀରୁ ! ଉଦ୍ଦାଳକ ପୁତ୍ର ଶ୍ୱେତକେତୁ ବଳପୂର୍ବକ ଏ ଧର୍ମ ପ୍ରବର୍ତ୍ତନ କରିଥିଲେ । ହେ ରାଜକୁମାରୀ ! ହେ ଧୃତବ୍ରତେ ! ଯେଉଁମାନେ ଧର୍ମ ସମ୍ବନ୍ଧରେ ଜ୍ଞାତ ସେମାନେ ଜାଣନ୍ତି ଯେ ସ୍ତ୍ରୀ ଋତୁକାଳରେ (ଋତୁର ଷୋଳ ଦିନ ମଧ୍ୟରେ—ଯାହା ଗର୍ଭଧାରଣର ପ୍ରକୃଷ୍ଟ ସମୟ) ତାର ସ୍ୱାମୀକୁ ଲଂଘନ ପୂର୍ବକ ଅନ୍ୟ ପୁରୁଷ ସହିତ ସହବାସ କରିବା ଅନୁଚିତ । ଅନ୍ୟ ସମୟରେ ସେ ସ୍ୱାଧୀନା ଅର୍ଥାତ୍ ଅନ୍ୟ ପୁରୁଷସଙ୍ଗ କରିବାକୁ ଅଧିକାରୀ ।'*

ଏହି ଉକ୍ତିରୁ ଭାରତବର୍ଷର ସାମାଜିକ ଇତିହାସ ମିଳେ । ଶ୍ୱେତକେତୁଙ୍କର ସମୟ ବନପର୍ବର ନିମ୍ନୋକ୍ତ ଶ୍ଳୋକରୁ ଜଣାପଡ଼େ । ଏହି ଶ୍ଳୋକଟି ବନପର୍ବର ୧୩୪ ଅଧ୍ୟାୟର ଅନ୍ତର୍ଗତ । ୧୩୨-୩୪ ଅଧ୍ୟାୟରୁ ଜଣାପଡ଼େ ଯେ ଉଦ୍ଦାଳକ ଋଷିଙ୍କ ପୁତ୍ର ଶ୍ୱେତକେତୁ ତାଙ୍କ ଭଉଣୀଙ୍କ ପୁତ୍ର ଅଷ୍ଟାବକ୍ର ସହ

* The Social Institutions in Ancient India by K. L. Daftari P. 161—164.

ଜନକଙ୍କ ଯଜ୍ଞରେ ଯୋଗ ଦେଇଥିଲେ ଏବଂ ସେଠାରେ ଜଣେ ବନ୍ଦୀକୁ ପରାଜିତ କରିଥିଲେ । ଏହି ବନ୍ଦୀ କହୁଛି—

ଅହଂ ପୁତ୍ରୋ ବରୁଣସ୍ୟୋତ ରାଜ୍ଞଃ ।
ତତ୍ରାସ ସତ୍ରଂ ଦ୍ୱାଦଶ ବାର୍ଷିକଂ ବୈ ॥
ସତ୍ୟେଣ ତେ ଜନକ ତୁଲ୍ୟକାଳମ୍
ତଦର୍ଥଂତେ ପ୍ରହିତା ମେ ଦ୍ୱିଜାଗ୍ର୍ୟାଃ ॥ ୨୪ ॥

କେ. ଏଲ. ଦପ୍ତରୀ ତାଙ୍କର 'The Social Institutions of Ancient India' ପୁସ୍ତକରେ ଏହି ଶ୍ଳୋକଟିକୁ ଶ୍ୱେତକେତୁ ପାଣ୍ଡବ-ମାନଙ୍କର ପ୍ରାୟ ୯୦୦ ବର୍ଷ ପୂର୍ବର ବୋଲି ମତବ୍ୟକ୍ତ କରିଛନ୍ତି । କାରଣ ତାଙ୍କ ମତରେ ଦ୍ୱାଦଶ ବାର୍ଷିକ ସତ୍ର ପ୍ରତି ହଜାର ବର୍ଷ ଶେଷରେ ଅନୁଷ୍ଠିତ ହୁଏ । ଏହା ପ୍ରଥମେ ପୁରୁରବାଙ୍କ ରାଜତ୍ୱ କାଳରେ ଅନୁମାନିକ ୨୧୦୨ B.C.ରେ ଅନୁଷ୍ଠିତ ହୋଇଥିଲା । ପୁରୁରବାଙ୍କ ପରେ ୧୧୦୨ B.C. ବେଳକୁ ଏହା ଦ୍ୱିତୀୟ ଥର ଅନୁଷ୍ଠିତ ହୋଇଥିଲା । ଏହି ହିସାବରେ ଜଣାପଡ଼େ ଯେ ଶ୍ୱେତକେତୁ ୧୦୦୦ କଳି ବର୍ଷ (ie 2102 B.C.) ଯାହା ପାଣ୍ଡବମାନଙ୍କର ପ୍ରାୟ ୯୦୦ ବର୍ଷ ପୂର୍ବବର୍ତ୍ତୀ, ବେଳକୁ ଜୀବିତ ଥିଲେ । ଏଥିରୁ ଜଣାପଡ଼େ ଯେ ସ୍ତ୍ରୀ ଉପରେ ସ୍ୱାମୀର ଏକାଧିପତ୍ୟ ଏବଂ ସ୍ୱାମୀ ଉପରେ ସ୍ତ୍ରୀର ଏକାଧିକାର ପ୍ରାୟ ୧୦୦୦ କଲ୍ୟାବ୍ଦ ବା ୨୧୦୨ B.C. ବେଳକୁ ପ୍ରବର୍ତ୍ତିତ ହେଲା । ଏହା ପୂର୍ବରୁ ଉଚ୍ଚ ବର୍ଣ୍ଣର ଯେ କୌଣସି ନାରୀକୁ ଉପଭୋଗ କରିବାର ଅଧିକାର ପୁରୁଷର ଥିଲା ।

'ଦ୍ୱନ୍ଦ୍ୱ' ବିବାହ

ମହାଭାରତର ଯେଉଁ ପଂକ୍ତିଟି ଉପରେ ଦର୍ଶାଯାଇଛି ତାହା ପିତୃପ୍ରଧାନ ସମାଜର ଚିତ୍ର । ସେ ସମାଜରେ ଏକବିବାହ ପ୍ରଥା ପ୍ରତିଷ୍ଠିତ ହୋଇ ସାରିଛି ଏବଂ ପୁତ୍ର ପିତାର ନାମରେ ପରିଚିତ ହେଉଛି । ମାତ୍ର ଏହି ପିତୃପ୍ରଧାନ ଯୁଗରେ ମଧ୍ୟ ନାରୀ ଉପରେ ପୁରୁଷର (ଅର୍ଥାତ ସ୍ତ୍ରୀ ଉପରେ ସ୍ୱାମୀର) ଏକାଧିକାର ସମ୍ପୂର୍ଣ୍ଣ କାଏମ ହୋଇ ନାଇ ।

ଏହିପରି ବହୁ ଦୃଷ୍ଟାନ୍ତ ମହାଭାରତ ଓ ଅନ୍ୟାନ୍ୟ ଗ୍ରନ୍ଥମାନଙ୍କରୁ ଦର୍ଶାଯାଇପାରେ ଯାହା ପ୍ରାଚୀନ ସମାଜରେ ନାରୀ-ପୁରୁଷ ସମ୍ପର୍କର କ୍ରମପରିବର୍ତ୍ତନ ବିଷୟରେ ସାକ୍ଷ୍ୟପ୍ରଦାନ କରେ । ଯୁଗ ପରିବର୍ତ୍ତନ ସଂଗେ ଧର୍ମ କିପରି ପରିବର୍ତ୍ତିତ ହେଉଛି ତାହା ପାଣ୍ଡୁଙ୍କ କଥାରୁହିଁ ସ୍ପଷ୍ଟ । କେବଳ ସେତିକି ନୁହେଁ, କୁନ୍ତୀଙ୍କ

କୌମାର୍ଯ୍ୟ ଅବସ୍ଥାରେ ସୂର୍ଯ୍ୟଦେବ ତାଙ୍କ ପ୍ରଣୟପ୍ରାର୍ଥୀ ହୋଇ ପ୍ରାଚୀନ ଗଣ ସମାଜରେ ନାରୀ ପୁରୁଷର ଅବାଧ ମିଳନ ବିଷୟ ଉଲ୍ଲେଖ କରିଛନ୍ତି, ଏବଂ ଏପରି ମିଳନ ସମ୍ପୂର୍ଣ୍ଣ ଧର୍ମସମ୍ମତ ବୋଲି କହିଛନ୍ତି । ମହାଭାରତର ଶଂସିତ ଶ୍ଳୋକଟି ମଧ୍ୟ ଏ ସମ୍ପର୍କରେ ବିବୃତ ।

## ଦ୍ୱନ୍ଦ୍ୱ-ବିବାହ : ସତୀତ୍ୱ ଓ ପାତିବ୍ରତ୍ୟ

ଗଣ-ସମାଜରେ ପ୍ରଚଳିତ ନାରୀ-ପୁରୁଷ ସମ୍ପର୍କ ବ୍ୟକ୍ତିଗତ ସମ୍ପତ୍ତି କାଏମ ହେବା ପରେ, ଶ୍ରେଣୀ-ବିଭକ୍ତ ସମାଜରେ ପରିବର୍ତ୍ତିତ ହୋଇ ନୂଆ ରୂପ ଗ୍ରହଣ କରିବାକୁ ଆରମ୍ଭ କଲା । ନାରୀ କ୍ରମେ ପୁରୁଷର ଏକଘରିଆ ସମ୍ପତ୍ତିରେ ପରିଣତ ହେଲା । 'ସତୀତ୍ୱ' ଓ 'ପାତିବ୍ରତ୍ୟ' ପ୍ରଭୃତି ନାରୀର ଆଦର୍ଶ ଏବଂ ସର୍ବଶ୍ରେଷ୍ଠ ଗୁଣ ରୂପେ ବିବେଚିତ ହେବାକୁ ଲାଗିଲା । ପତିକୁ ଲଂଘନ କରିବା ପତ୍ନୀ ପକ୍ଷରେ ଘୋର ପାତକ ରୂପେ ଗଣ୍ୟ ହେଲା । ଗୀତାର ପ୍ରାରମ୍ଭରେହିଁ ମଧ୍ୟମ ପାଣ୍ଡବ ଯେ କି ନୂତନ ଶ୍ରେଣୀ-ସମାଜର ମୂଲ୍ୟବୋଧ ସମ୍ବନ୍ଧରେ ସଚେତନ ଥିଲେ, କହିଛନ୍ତି ଯେ ଧର୍ମ ନଷ୍ଟ ହେଲେ କୁଳସ୍ତ୍ରୀଗଣ ବ୍ୟଭିଚାରିଣୀ ହେବେ ଏବଂ ବର୍ଣ୍ଣ-ସଙ୍କର ଜାତ ହେବେ । ଅଥଚ ନିଜେ ଅର୍ଜୁନ ତାଙ୍କର ପିତାଙ୍କର ଔରସଜାତ ପୁତ୍ର ନଥିଲେ, ଏକଥା ସେ ଓ ସମସ୍ତେ ଜାଣନ୍ତି । ଅଥଚ ସମାଜରେ ତାଙ୍କର ଶ୍ରେଷ୍ଠ ଆସନ ଲାଭ କରିବାରେ କୌଣସି ବାଧା ଆସି ନାହିଁ । କାରଣ ଗଣ-ସମାଜର ମୂଲ୍ୟବୋଧ ତଥା ଆଦର୍ଶ ଯେ ଧୀରେ ଧୀରେ ପରିବର୍ତ୍ତିତ ହୋଇ କ୍ରମେ ନବଜାତ

ଏକପତି
ବ୍ରତ

ଶ୍ରେଣୀ-ସମାଜକୁ ପୁହାଇଲା ଭଳି ନୂତନ ରୂପ ଧାରଣ କରୁଥିଲା ଏଥିରେ କୌଣସି ସନ୍ଦେହ ନାହିଁ । ସମାଜରେ ପରିବାର ଓ ଏକ-ବିବାହ ପ୍ରଥା ପ୍ରତିଷ୍ଠିତ ହୋଇଚ, ମାତ୍ର ଦୃଢ଼ମୂଳ ହେବାକୁ ଆହୁରି ସମୟ ଦରକାର, ଏହାହିଁ ଥିଲା ସେତେବେଳର ଅବସ୍ଥା । ମାତ୍ର କୌରୁହଳର କଥା ଏକପତି ବ୍ରତ କେବଳ ନାରୀ ପ୍ରତି ପ୍ରଯୋଜ୍ୟ ଥିଲେ ମଧ୍ୟ ପୁରୁଷ ପାଇଁ ସବୁ ଦ୍ୱାରହିଁ ଉନ୍ମୁକ୍ତ ଥିଲା । ପାଣ୍ଡବମାନେ ତ ସବୁ ପ୍ରକାର ବିବାହ କରିଥିଲେ । ପରିବାର-ବିବାହଠାରୁ ଆରମ୍ଭ କରି ବହୁବିବାହ ( polygamy ) ଯାଏଁ ସବୁ ପ୍ରକାର ବିବାହ ସେମାନଙ୍କ ମଧ୍ୟରେ ଦେଖାଯାଏ ।

ଦ୍ରୌପଦୀ ସେମାନଙ୍କର ପ୍ରଧାନ ଭାର୍ଯ୍ୟା ଥିଲେ ମଧ୍ୟ ଅଲଗା ଅଲଗା ଭାବରେ ବହୁ ବିବାହ କରିବାରେ ସେମାନଙ୍କର କୌଣସି ବାଧା ନଥିଲା । କୁନ୍ତୀ ବିବାହ ପୂର୍ବରୁ ଏବଂ ପରେ ଅନ୍ତତଃ ଚାରିଗୋଟି ପୁରୁଷ ସଙ୍ଗ କରି ପ୍ରତ୍ୟେକଙ୍କ ଔରସରୁ ପୁତ୍ର ଜାତ କରିଥିବା କଥା ଆମେ ଜାଣୁଁ । ବ୍ୟାସଦେବ ତାଙ୍କ ଭ୍ରାତା ବିଚିତ୍ର-

ଆଗନ୍ତୁକ ଋଷିମାନଙ୍କ ସଙ୍ଗେ ସହବାସ କରି ପୁତ୍ର ଉତ୍ପାଦନ କରିବା ନିମନ୍ତେ ତାଙ୍କ ମାତାଙ୍କ ଦ୍ୱାରା ଆଦିଷ୍ଟ ହୋଇଥିଲେ । ପାଣ୍ଡୁ ତାଙ୍କର ଦୁଇ ରାଣୀ, କୁନ୍ତୀ ଓ ମାଦ୍ରୀଙ୍କୁ ଋଷି ଓ ଦେବତାମାନଙ୍କ ସଙ୍ଗେ ସହବାସ କରିବା ପାଇଁ ଉପଦେଶ ଦେଇଥିଲେ । ଏ ସମସ୍ତର ସମାଜର ମୂଳ ଲକ୍ଷ୍ୟ ଥିଲା ପୁତ୍ର-ଉତ୍ପାଦନ । କାରଣ ପୁତ୍ରହିଁ ହେବ ପିତାର ପିଣ୍ଡ ଓ ସଂପତ୍ତିର ଉତ୍ତରାଧିକାରୀ । ବ୍ୟକ୍ତିଗତ ସଂପତ୍ତିର ନିରବଚ୍ଛିନ୍ନତା ନିର୍ଭର କରୁଥିଲା ସଂପୂର୍ଣ୍ଣରୂପେ ପୁତ୍ର ଉପରେ । ଏକବିବାହ ପ୍ରଥା କେବଳ ବ୍ୟକ୍ତିଗତ ସଂପତ୍ତି କାଏମ ହେବା ପରେହିଁ ସମାଜରେ ସଂଭବ ହୋଇଥିଲା ।

## ଏକବିବାହ ପ୍ରଥା ( ମନୋଗାମି )

ପୂର୍ବେ କୁହାଯାଇଛି ମାତୃ-ବଧିର ଅବସାନ ଘଟେ ସମାଜରେ ବ୍ୟକ୍ତିଗତ ସଂପତ୍ତିର ପ୍ରଚଳନ ହେବା ପରେ । ପୂର୍ବବର୍ତ୍ତୀ କାଳର ଯୁଗ୍ମ ଯୌନ-ଜୀବନ—ଯାହାକୁ ଖ୍ରୀଷ୍ଟ ପିତାମହ ଦ୍ୱାପର ଯୁଗରେ ଚଳୁଥିବା 'ମୈଥୁନ ବିବାହ' କହିଛନ୍ତି, ଏବଂ ମର୍ଗାନ-ଏଂଗେଲସ 'Pairing Family' ନାମ ଦେଇଛନ୍ତି, କ୍ରମେ ବ୍ୟକ୍ତିଗତ ସଂପତ୍ତି ଏବଂ ତାହି ଉପରେ ଗଢ଼ି ଉଠିଥିବା ଶ୍ରେଣୀ-ସମାଜର ଜନ୍ମପରେ ଏକବିବାହ ପ୍ରଥା ବା Monogamyରେ ପରିଣତ ହୁଏ । ପିତା ଚାହେଁ ତା ସଂପତ୍ତିର ଉତ୍ତରାଧିକାରୀ ହେବ ତାର ନିଜସ୍ୱ ସନ୍ତାନ, ଅନ୍ୟ କାହାର ଔରସଜାତ ସନ୍ତାନ ନୁହେଁ । ତେଣୁ ସ୍ତ୍ରୀ ହେବ ତାର ଏକାନ୍ତ ନିଜସ୍ୱ, ଅନ୍ୟ କୌଣସି ପୁରୁଷ ସଙ୍ଗେ ଯୌନ-ସଂପର୍କ ରଖିବା ତା ପକ୍ଷରେ ମନା । 'ସତୀତ୍ୱ', 'ପାତିବ୍ରତ୍ୟ', 'ପତି ଦେବତା' ଆଦି ତତ୍ତ୍ୱାବଳୀ ତଥା ଆପ୍ତବାକ୍ୟମାନଙ୍କର ଜନ୍ମ ଏଇଠାରୁ । 'ମହାଭାରତ' ଯୁଗ ପରେହିଁ ଏ ସମସ୍ତ ବ୍ୟବସ୍ଥା କଡ଼ାକଡ଼ି ହେବାକୁ ଲାଗିଲା । ପୁରୁଷର କିନ୍ତୁ ବହୁ ପତ୍ନୀ ଗ୍ରହଣ କରିବାର ଅଧିକାର ପୂର୍ବପରି ଅବ୍ୟାହତ ରହିଲା ।

ଏଇ ଏକବିବାହ ପ୍ରଥା ବା 'ମନୋଗାମି' (ଯାହା କେବଳ ନାରୀ ପାଇଁକହିଁ ଏକବିବାହ, ପୁରୁଷ ପାଇଁ ନୁହେଁ ) ସମାଜରେ ଦୃଢ଼ମୂଳ ହେବା ପାଇଁ ଏବଂ ଏକ ସର୍ବଜନଗୃହୀତ ମୂଲ୍ୟବୋଧରେ ପରିଣତ ହେବା ପାଇଁ ନିଶ୍ଚୟ ବହୁ ଶତାବ୍ଦୀ ଲାଗିଥିବ । ପ୍ରାଥମିକ ଅବସ୍ଥାରେ ଏଇ ପ୍ରଥାଟି ନୀତି ଦୃଷ୍ଟିରୁ ସ୍ୱୀକୃତ ହୋଇଥିଲେ ମଧ୍ୟ ଚଳଣିରେ ଏବଂ ବାସ୍ତବ କ୍ଷେତ୍ରରେ ଏଥିରେ ବହୁ ଶୈଥିଲ୍ୟ ରହିଥିଲା । ଏହା 'ମହାଭାରତ'ରୁ ଏବଂ ଅନ୍ୟାନ୍ୟ ପୁରାଣମାନଙ୍କରୁ ବହୁ ଦୃଷ୍ଟାନ୍ତ ( ଯଥା କୁନ୍ତୀଙ୍କୁ ଅନ୍ୟ ପୁରୁଷ ସଙ୍ଗ କରିବା ପାଇଁ ପାଣ୍ଡୁଙ୍କ ଉପଦେଶ, ଦ୍ରୌପଦୀ ଓ କୁନ୍ତୀଙ୍କର ବହୁ ପତି ଗ୍ରହଣ ) ଦେଇ ଦର୍ଶାଇ ଦିଆ ଯାଇଛି । ଏଇ ଏକବିବାହ ପ୍ରଥାର

କ୍ରମବିକାଶ କିପରି ଘଟିଥିଲା ତାହା ମହାଭାରତରେ ଦେଖିବାକୁ ମିଳେ । ଏଂଗେଲସଂକ ଭାଷାରେ :—

'With the pairing family, therefore, the abduction and bartar of women began." ( ଅର୍ଥାତ୍ ଦ୍ୱୈତ ଯୌନ-ଜୀବନ ପ୍ରବର୍ତ୍ତିତ ହେବା ପରେ ନାରୀହରଣ ଓ ନାରୀବିକ୍ରୟ ଆରଂଭ ହେଲା । ) ଉଦାହରଣ ସ୍ୱରୂପ ଶ୍ରୀକୃଷ୍ଣଂକ ଦ୍ୱାରା ରୁକ୍ମିଣୀ ଓ ସତ୍ୟଭାମା ହରଣ,

**ନାରୀହରଣ**

ଅର୍ଜୁନଂକ ଦ୍ୱାରା ସୁଭଦ୍ରା ହରଣ, ଅନିରୁଦ୍ଧଂକ ଦ୍ୱାରା ଉଷାହରଣ, ପ୍ରଦ୍ୟୁମ୍ନଂକ ଦ୍ୱାରା ବଜ୍ରନାଭ-ଦୁହିତା ପ୍ରଭାବତୀ ହରଣ ଏହାର ଦୃଷ୍ଟାଂତ । ନାରୀକୁ ବିକ୍ରୟ କରିବାର ଦୃଷ୍ଟାଂତ ମହାଭାରତର ଉଦ୍ୟୋଗ ପର୍ବରେ ଋଷି ଗାଲବଂକୁ ଯଯାତି ତାଂକ କନ୍ୟା ମାଧବୀକୁ ଧାର ଦେଇଥିବା କଥାରୁ ପ୍ରମାଣିତ ହୁଏ । ଗାଲବ [illegible] ରାଜକନ୍ୟାକୁ ବହୁ ରାଜାଂକୁ ବିକ୍ରୟ କରି ଲବ୍ଧ ଅର୍ଥରେ ଗୁରୁଦକ୍ଷିଣା ପରିଶୋଧ କରିଥିଲେ । ମାଧବୀ ଶେଷରେ ସ୍ୱାଧୀନତା ଫେରି ପାଇଥିଲେ ମଧ୍ୟ ଆତ୍ମହତ୍ୟା କରି ସମସ୍ତ ଗ୍ଲାନି ହାତରୁ ରକ୍ଷା ପାଇଥିଲା ।

ଏକବିବାହ ପ୍ରଥା କିପରି ଧୀରେ ଧୀରେ ଦୃଢ଼ୀଭୂତ ହେଲା ତାହା ମହାଭାରତରୁ ଗୋଟିଏ ଦୃଷ୍ଟାଂତ ଦେଲେ ବୁଝାଯିବ । ପ୍ରଥମେ ପ୍ରଥମେ ଏହା ଖୁବ୍ କୋହଳ ଥିଲା । ନୀତି ଦୃଷ୍ଟିରୁ ଏହାକୁ ସମାଜ ମାନି ନେଇଥିଲେ ମଧ୍ୟ କେଉଁଠାରେ ବ୍ୟତିକ୍ରମ ଘଟିଲେ କେହି କିଛି ମନେ କରୁ ନଥିଲେ । ପୁରାତନ ଧର୍ମ ଅନୁଯାୟୀ

**ଏକବିବାହ ପ୍ରଥାର କ୍ରମବିକାଶ**

ଏହା ହୋଇଚ ବୋଲି ଭାବୁଥିଲେ । ଉଦାହରଣ ସ୍ୱରୂପ ସୁଦର୍ଶନ ଓଘବତୀ ପ୍ରସଂଗ ଉତ୍ଥାପନ କରାଯାଇ ପାରେ । ଋଷି ସୁଦର୍ଶନ ଆଶ୍ରମ ଛାଡ଼ି ଦୂର ଦେଶକୁ ଯାଇଥିବା ଅବସରରେ ଜଣେ ବ୍ରାହ୍ମଣ ଅତିଥି ପଦାର୍ପଣ କରଂତି । ଓଘବତୀ ତାଂକୁ ଖାଦ୍ୟପେୟ ଦେଇ ସତ୍କାର କରଂତି ଏବଂ ସଂଗେ ସଂଗେ ନିଜ ସଂଗେ ମୈଥୁନ କରିବାକୁ ମଧ୍ୟ ଅନୁମତି ଦିଅଂତି । ଏହାହିଁ ଥିଲା ଗଣ-ସମାଜର ନିୟମ । ଋଷି ସୁଦର୍ଶନ ଆଶ୍ରମକୁ ଫେରି ପତ୍ନୀଂକଠାରୁ ଏହା ଶୁଣି ପରମ ସଂତୋଷ ପ୍ରକାଶ କରଂତି ଏବଂ ଅତିଥିଧର୍ମ ପାଳନ କରିଥିବା ହେତୁ ସ୍ତ୍ରୀଂକୁ ପ୍ରଶଂସା କରଂତି । ( India—Dange )

ଗୌତମ-ଗୌତମୀ ଉପାଖ୍ୟାନଟି ଆଉ ଟିକିଏ ପରବର୍ତ୍ତୀ ସମୟର ଘଟଣା । ଗୌତମଂକ ଅନୁପସ୍ଥିତିରେ ଇଂଦ୍ର ଅତିଥି ରୂପେ ଆସି ତାଂକ ଆଶ୍ରମରେ ପହଂଚଂତି, ଏବଂ ଗୌତମୀଂକୁ ସଂଭୋଗ କରଂତି । ଗୌତମ ଆଶ୍ରମକୁ ଆସି ଏହା

ଶୁଣି ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ତାଙ୍କ ପୁତ୍ର ଚିରକାରୀଙ୍କୁ ମାତାର ଶିରଚ୍ଛେଦ କରିବାକୁ ଆଦେଶ ଦେଇ ସେଠାରୁ ଚାଲିଯାଆନ୍ତି । ପୁଅ ମହାସମସ୍ୟାରେ ପଡ଼ନ୍ତି । କାରଣ ପୁରାତନ ଆଚରଣ ବିଧି ଓ ନୀତିଶାସ୍ତ୍ର ଅନୁଯାୟୀ ତାଙ୍କ ମାଆ ଏପରି କିଛି ମହାପାତକ କରିନାହାନ୍ତି ବୋଲି ତାଙ୍କର ହୃଦବୋଧ ହୋଇଥିଲା । କିନ୍ତୁ ନୂଆ ପୁରୁଷଧର୍ମ ଓ ଶ୍ରେଣୀବିଭକ୍ତ ସମାଜର ଆଇନ ଦୃଷ୍ଟିରୁ ସେ ଗର୍ହିତ କାର୍ଯ୍ୟ କରିଛନ୍ତି । ସେ ପିତାଙ୍କ ହୁକୁମ ତାମିଲ ନକରି କିଛି କାଳ ଅପେକ୍ଷା କରନ୍ତି ଏବଂ ପିତାଙ୍କ କ୍ରୋଧ ଶାନ୍ତ ହେବା ପରେ ତାଙ୍କୁ ବୁଝାଇ ସୁଝାଇ ପ୍ରଶମିତ କରନ୍ତି । ଗୌତମ ନିଜ ଆଦେଶ ପ୍ରତ୍ୟାହାର କରନ୍ତି । ପୁରାତନ ଧର୍ମ ଓ ନୂତନ ଧର୍ମର ସଂଘର୍ଷ ଏଥିରୁ ବେଶ୍ ଜଣାପଡ଼େ । ( ଏଙ୍ଗେଲ୍ )

"ପିତୃଆଜ୍ଞା ପରୋଧର୍ମଃ ସ୍ୱଧର୍ମୋ ମାତୃରକ୍ଷଣମ୍ ।
ଅସ୍ୱତନ୍ତ୍ରଂ ଚ ପୁତ୍ରତ୍ୱଂ କିଂ ନୁ ମାଂ ନାନୁପୀଡୟେତ୍ ।" ଇତ୍ୟାଦି

ଏଠାରେ ସ୍ଥିତାବସ୍ଥା ସଂଗେ ଏକପ୍ରକାର ସାଲିସ ହୋଇଛି ଏବଂ ଶେଷରେ ମା ଓ ପୁଅ ରକ୍ଷାପ୍ରାପ୍ତ ହୋଇଛନ୍ତି । ମାତ୍ର ସବୁ କିଛି ନିର୍ଭର କରିଛି ପିତାଙ୍କ ମର୍ଜି ଉପରେ । ଏଥିରୁ ସୂଚିତ ହୁଏ ଯେ ନୂତନ ବିଧିଟି ସମ୍ପୂର୍ଣ୍ଣ ବଳବତ୍ତର ହୋଇ ଥିଲେ ମଧ୍ୟ ସ୍ଥଳବିଶେଷରେ ମର୍ଜି ଅନୁଯାୟୀ ବ୍ୟତିକ୍ରମ ହୋଇପାରୁଥିଲା । ଜମଦଗ୍ନି-ରେଣୁକା ଉପାଖ୍ୟାନରେ ଏ ବିଧି ନିର୍ଦ୍ଦେଶର ଚରମ ନୃଶଂସତା ଫୁଟି ଉଠିଛି । ଜମଦଗ୍ନି ତାଙ୍କ ପତ୍ନୀ ରେଣୁକା ଚିତ୍ରରଥ ଗନ୍ଧର୍ବ ଆଡ଼କୁ କେବଳ ଥରେ ମାତ୍ର ପ୍ରେମପୂର୍ଣ୍ଣ ଦୃଷ୍ଟି ନିକ୍ଷେପ କରିଥିବା ଯୋଗୁ ଏପରି କ୍ରୋଧାନ୍ୱିତ ହୋଇଥିଲେ ଯେ ସେ ସଂଗେ ସଂଗେ ପୁତ୍ର ପରଶୁରାମଙ୍କୁ ତାଙ୍କ ମାତାଙ୍କ ମୁଣ୍ଡ କାଟିଦେବା ପାଇଁ ଆଦେଶ ଦେଇଥିଲେ । ପରଶୁରାମ ପିତୃଆଜ୍ଞା ମାନି ମାତାଙ୍କ ମୁଣ୍ଡ କାଟି ପକାନ୍ତି । ପିତୃ-ବିଧି-ନିଷ୍ଠ ସମାଜର ନୃଶଂସ କଦାକାର ରୂପ ଏ ଘଟଣାରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି । ଏଥିରୁ ମନେହୁଏ ପିତୃପ୍ରଧାନ ସମାଜରେ ନାରୀ ଯେପରି ପୁରୁଷର ଏକ କ୍ରୀତଦାସୀ— କିମ୍ବା ଗୃହପାଳିତ ପଶୁ । ତାର କୌଣସି ବ୍ୟକ୍ତିତ୍ୱ କିମ୍ବା ସ୍ୱତନ୍ତ୍ର ସତ୍ତା ନାହିଁ । (ଡାଂଗେ—ଏଙ୍ଗୁ)

ମନୁ କଳିଯୁଗୀୟ ଶ୍ରେଣୀ-ସମାଜର ଶ୍ରେଷ୍ଠ ବୈଧାନିକ (ବା ଆଇନକାର) ରୂପେ ବିଦିତ । ସେ ପୂର୍ବ ଯୁଗର (ଅର୍ଥାତ୍ ଦ୍ୱାପର ଯୁଗର) 'ମୈଥୁନ' ବା ସ୍ୱେଚ୍ଛିକ ଏକତ୍ର ବାସ ରୂପକ ବିବାହ ପ୍ରଥା ଉଚ୍ଛେଦ କରି ତା ସ୍ଥାନରେ ଏକବିବାହ

(Monogamy) ପ୍ରଥାକୁ ଦୃଢ଼ୀଭୂତ କରିବା ଉଦ୍ଦେଶ୍ୟରେ ବହୁ

ମନୁଙ୍କ ସମାଜ-ଶାସ୍ତ୍ର

ନିର୍ଦ୍ଦେଶମାନ ପ୍ରଣୟନ କରିଥିଲେ । ଏଇ ଏକବିବାହ ପ୍ରଥାର ମୂଳଲକ୍ଷ୍ୟ ଥିଲା ପିତୃତ୍ୱକୁ ଭଲ ଭାବରେ ଚଳ୍ଭୋଚ କରିବା ଓ ସାବ୍ୟସ୍ତ କରିବା, ଅନ୍ୟ କଥାରେ 'ବିଶୁଦ୍ଧ' ସଂତାନ ପ୍ରଜନନ ।

"ପ୍ରଜା ବିଶୁଦ୍ଧଧର୍ମ ସ୍ତ୍ରିୟଂ ରକ୍ଷେତ୍ ପ୍ରଯତ୍ନତଃ ।" (ମନୁ ୨୩।୧।୧ ଅର୍ଥାତ୍ ସ୍ତ୍ରୀକୁ ସଯତ୍ନରେ ରକ୍ଷାକରିବା ଉଚିତ କାରଣ ସେ 'ବିଶୁଦ୍ଧ ପ୍ରଜା' ଉତ୍ପାଦନ କରିବ । ବିଶୁଦ୍ଧ ପ୍ରଜାର ଅର୍ଥ 'a progeny that can be attested (hence 'pure') । ସେଇ କେବଳ ବିଶୁଦ୍ଧ ସଂତାନ ଯିଏ ପିତୃତ୍ୱକୁ ଅବିସଂବାଦୀ ବୋଲି ପ୍ରମାଣ କରିପାରିବ ।

ମନୁ ପୁଣି କହୁଛଂତି—

"ପୁତ୍ରାର୍ଥେ କ୍ରିୟତେ ଭାର୍ଯା ପୁତ୍ରପିଂଡପ୍ରୟୋଜନମ୍ । (ମନୁ) ଅର୍ଥାତ୍— 'ପୁତ୍ର ଉତ୍ପାଦନାର୍ଥେହିଁ ଭାର୍ଯା ଗ୍ରହଣ କରାଯାଏ । କାରଣ ପୁତ୍ର ପିଂଡଦାନ କରିବ ।'

ଏଇ ଏକବିବାହଭିତ୍ତିକ ପରିବାର ସଂବଂଧରେ ଏଂଗେଲ୍ସ କହୁଂଛି—

"It (monogamous family) is based on the supremacy of man, the express purpose being to produce children of undisputed paternity; such paternity is demanded because these children are later to come into their father's property as the heirs of his body ('pinda')—Engles—'Origin of the Family.

ଅର୍ଥାତ୍ ଏକବିବାହ-ପରିବାର ପୁରୁଷର ପ୍ରାଧାନ୍ୟ ଉପରେ ଭିତ୍ତିଶୀଳ । ଏହାର ଏକମାତ୍ର ଉଦ୍ଦେଶ୍ୟ ହେଲା ବିଶୁଦ୍ଧ ସଂତାନ ପ୍ରଜନନ—ଯେଉଁ ସଂତାନର ପିତୃତ୍ୱ ନିର୍ଦ୍ଦ୍ୱନ୍ଦ୍ୱରେ ପ୍ରମାଣିତ ହୋଇ ପାରିବ । ଏଭଳି ପିତୃତ୍ୱଏକାଂତ ଦରକାର, କାହିଁକି ନା ସଂତାନମାନେହିଁ ପିତାର ଶରୀରର ବା ('ପିଂଡ') ଏବଂ ତାର ସମସ୍ତ ସଂପତ୍ତିର ଉତ୍ତରାଧିକାରୀ ହେବେ ।

ମାତ୍ର ସମାଜରେ ଏକବିବାହ ପ୍ରଥା ଦୃଢ଼ମୂଳ ହେବା ପୂର୍ବରୁ ଏଥିରେ ଯେ ନାନା ବିବର୍ତ୍ତନ ଓ ବ୍ୟତିକ୍ରମ ଦେଖା ଦେଇଥିବ, ଏହା ନିଃସଂଦେହ । ମହାଭାରତରେ ଏଇ ଅନୁଷ୍ଠାନରେ ବହୁ ଏପାଖ ସେପାଖ ଦେଖାଯାଏ । ପତିର ବର୍ତ୍ତମାନରେ ଅନେକ ସମୟରେ ସ୍ତ୍ରୀକୁ ପୁତ୍ର ଉତ୍ପାଦନ ନିମଂତେ ଅନ୍ୟ ପୁରୁଷ ସଂଗେ ସହବାସ କରିବାକୁ ପଡ଼ିଛି ଏବଂ ଗୁରୁଜନଂକର ପ୍ରରୋଚନା ଏବଂ ଆଶୀର୍ବାଦ ମଧ୍ୟ ତାକୁ ସେଥିପାଇଁ ଅଯାଚିତ ଭାବେ ମିଳିଛି । ଏପରିକି ନିକଟ ନିକଟ ଆତ୍ମୀୟ-ମାନଂକ ସଂଗେ ସହବାସ କରିବା ମଧ୍ୟ ବେଳେ ବେଳେ ପ୍ରୟୋଜନୀୟ ହୋଇଛି

(ଯେପରିକ ବ୍ୟାସ ଓ ବିଚିତ୍ରବୀର୍ଯ୍ୟଙ୍କ ପତ୍ନୀମାନଙ୍କ ମଧ୍ୟରେ)। ଏ ସବୁ ଦେଖି ଜଣେ ଯୁଧିଷ୍ଠିର ମଧ୍ୟ ସଂଦେହରେ ପଡ଼ିଛନ୍ତି। ଶାନ୍ତିପର୍ବରେ ସେ ଭୀଷ୍ମଙ୍କୁ ଏ ବାବଦରେ ପ୍ରଶ୍ନ କରିଛନ୍ତି—

"କେତେକ ଲୋକ କହନ୍ତି, ନିଜ କ୍ଷେତ୍ରରେ ଯେ ଜନ୍ମଲାଭ କରେ ସେଇ ପୁତ୍ର। ଆଉ କେତେକେ କହନ୍ତି, ନିଜ ବୀଜରୁ ଯିଏ ଜନ୍ମ ହୁଏ ସେଇ ହେଉଛି ପ୍ରକୃତ ପୁତ୍ର। ଏ ଦୁଇ ଶ୍ରେଣୀର ପୁତ୍ର କଣ ସମ୍ଭବ? ଏ ପୁତ୍ରମାନଙ୍କର ପ୍ରକୃତ ପିତା କିଏ?" (ଅନୁଶାସନ ପର୍ବ)

ବୀଜୀ ଓ ବୀଜ

ପାଣ୍ଡୁ, ଧୃତରାଷ୍ଟ୍ର, ଯୁଧିଷ୍ଠିର, ଭୀମ, ଅର୍ଜୁନ ପ୍ରଭୃତି ନିଜ ବାପରୁ ଜନ୍ମିତ ପୁତ୍ର ନୁହନ୍ତି। ସେମାନେ ସମସ୍ତେ ନିଜ କ୍ଷେତ୍ରରେ ଜନ୍ମିତ ପୁତ୍ର ମାତ୍ର। ମାତ୍ର ତଥାପି ସେମାନଙ୍କର ସ୍ୱାମୀଙ୍କର ସଂପତ୍ତି ତଥା ପିଣ୍ଡର ଅଧିକାରୀ ହେବାରେ ସେମାନଙ୍କୁ କୌଣସି ବାଧା ବନ୍ଧନର ସମ୍ମୁଖୀନ ହେବାକୁ ପଡ଼ି ନାହିଁ। କାରଣ ଏହାହିଁ ଥିଲା ପୂର୍ବ ଯୁଗୀୟ ଧର୍ମର ପ୍ରଭାବ ବା ଗଣଗୋତ୍ର ସମାଜର ଧର୍ମ ବା ଆଦର୍ଶବାଦର ସ୍ପଷ୍ଟ ପ୍ରଭାବ—ଯେଉଁ ଧର୍ମ ତଥାପି ମଧ୍ୟ କୁରୁବଂଶରେ ଚଳଣିରେ ଅବଶିଷ୍ଟ ଥିଲା।

ଯୁଧିଷ୍ଠିରଙ୍କର ଉପରୋକ୍ତ ପ୍ରଶ୍ନର ଯେଉଁ ଉତ୍ତର ମିଳିଥିଲା, ତାହା ହେଉଛି ଏଇ :—

"ଯାହାର ବୀଜରୁ ପୁତ୍ର ଜନ୍ମେ, ସେ ଯଦି ତାକୁ ପ୍ରତ୍ୟାଖ୍ୟାନ କରେ ତେବେ ସେ ପୁଅ ଯାହାର କ୍ଷେତ୍ରରେ ଜନ୍ମଲାଭ କରିଛି (ଅର୍ଥାତ୍ ଯାହାର ସ୍ତ୍ରୀ ଗର୍ଭରୁ ଜନ୍ମ ହୋଇଛି) ତାର। 'ଅଧୂଢ଼' ଶ୍ରେଣୀର ପୁତ୍ର ସଂପର୍କରେ ମଧ୍ୟ ଏଇ ନିୟମ ପ୍ରଯୋଜ୍ୟ। ଯାହାର ବୀଜରୁ ସେ ଜନ୍ମ ହୋଇଛି ସେ ତାର। ମାତ୍ର ଯଦି ବୀଜର ମାଲିକ ତାକୁ ପରିତ୍ୟାଗ କରେ, ତା'ହେଲେ ସେ ତାର ମାତାର ସ୍ୱାମୀର ପୁତ୍ର ରୂପେ ପରିଗଣିତ ହୁଏ। ତୁମେ ଜାଣିରଖ, ଏହାହିଁ ଧର୍ମ।"

ସ୍ମୃତିକାର ମନୁ ଯାହାଙ୍କୁ ହିନ୍ଦୁ ଜାତି ଶ୍ରେଷ୍ଠ ସମାଜପତି ବୋଲି ମାନେ ଏବଂ ଯାହାଙ୍କ ବାକ୍ୟ ତା ପକ୍ଷରେ ବେଦର ବାଣୀ, ସେ ମଧ୍ୟ ଏ ବିଧାନର ସମର୍ଥନ କରନ୍ତି। ଯାଜ୍ଞବଲ୍କ୍ୟ ମଧ୍ୟ ଏହାକୁ ପୂର୍ଣ୍ଣ ସ୍ୱୀକୃତି ଦେଇଛନ୍ତି।

ଭର୍ତ୍ତୁଃ ପୁତ୍ରଂ ବିଜାନନ୍ତି ଶ୍ରୁତିଦ୍ୱୈଧଂ ତୁ ଭର୍ତ୍ତରି
ଆହୁରୁତ୍ପାଦକଂ କେଚିଦ ଅପରେ କ୍ଷେତ୍ରିଣଂ ବିଦୁଃ। (ମନୁ)
ସବକ୍ଷୁତ ପ୍ରସୂତଶ୍ଚ ବୀଜଲକ୍ଷଣ ଲକ୍ଷିତା। (ମନୁ)

ପରାଶର ସ୍ମୃତି ମଧ୍ୟ କହେ—
ଓଧବାତାହୃତଂ ବୀଜଂ ନାସ୍ୟ କ୍ଷେତ୍ରେ ପ୍ରରୋହତ
ସ କ୍ଷେତ୍ରୀ ଲଭତେ ବୀଜଂ ନ ବୀଜୀ ଭୋଗମର୍ହତ । ୪-୩୨
(ଅର୍ଥାତ୍ 'କ୍ଷେତ୍ରୀ ହିଁ ବୀଜର ଅଧିକାରୀ । ବୀଜୀ ନୁହେ ।') *

## ନାରୀର ସ୍ୱାଧୀନତାଲୋପ

ଗଣଗୋଷ୍ଠୀକ ଲୋପ ପାଇବା ସଂଗେ ସଂଗେ ସାମ୍ୟ ଧର୍ମ ଓ ସ୍ୱାମୀ-ଧର୍ମର ଆଦର୍ଶ ତଥା ମୂଲ୍ୟବୋଧରେ ପରିବର୍ତ୍ତନ ଦେଖାଦେଲା । ପୂର୍ବେ ଗଣ-ସମାଜରେ ଯେଉଁ ସାମ୍ୟର ଆଦର୍ଶ ପ୍ରତିଷ୍ଠିତ ଥିଲା ତାହା ବଦଳରେ ଶ୍ରେଣୀ-ଆନୁଗତ୍ୟ ଓ ଶ୍ରେଣୀ-ମନୋଭାବ ଦେଖାଦେଲା । ବ୍ୟକ୍ତିଗତ ସମ୍ପତ୍ତି ଉପରେ ମଣିଷର ମନ କେନ୍ଦ୍ରୀଭୂତ ହେଲା । ସମାଜରୁ ମାତୃପ୍ରଧାନ୍ୟ ଲୋପ ପାଇ ପିତୃପ୍ରଧାନ୍ୟ ପ୍ରତିଷ୍ଠିତ ହେଲା ଏବଂ ପୁରୁଷ ତାର ସମ୍ପତ୍ତିର ଉତ୍ତରାଧିକାରୀ ତାର ନିଜସ୍ୱ ପୁତ୍ର ହେବା ଉପରେ ଗୁରୁତ୍ୱ ଆରୋପ କଲା । ସମ୍ପତ୍ତିରେ ବ୍ୟକ୍ତିଗତ ଅଧିକାର ଭାବେନ ହେବା ପରେ ହିଁ ପିତୃପ୍ରାଧାନ୍ୟ ପ୍ରଚଳିତ ହେଲା । ପୂର୍ବେ ଯେଉଁ ମାତା ଥିଲା ସମଗ୍ର ଗଣସମାଜର ମାତା ସେ ଏହି ବ୍ୟକ୍ତିଗତ ସମ୍ପତ୍ତି ଓ ଦାସପ୍ରଥା-ଭିତ୍ତିକ, ପୁରୁଷପ୍ରଧାନ ସମାଜବ୍ୟବସ୍ଥାରେ ହେଲା ଦ୍ୱୈତ ପରିବାରର (Pairing family) ଜଣେ ଗୌଣ ଅଂଶୀଦାର (Junior partner) ମାତ୍ର । ପୂର୍ବବର୍ତ୍ତୀ ସମାଜବ୍ୟବସ୍ଥାରେ ନାରୀ ଖାଲି ସମାଜର ସର୍ବମୟୀ କର୍ତ୍ତ୍ରୀ ନଥିଲା, ଉତ୍ପାଦନରେ ମଧ୍ୟ, (ବିଶେଷତଃ ପ୍ରାଥମିକ କୃଷି ସ୍ତରରେ,) ସକ୍ରିୟ ଅଂଶ ଗ୍ରହଣ କରୁଥିଲା । ମାତ୍ର ବର୍ତ୍ତମାନ ଉତ୍ପାଦନରେ ତାର ଗୁରୁତ୍ୱପୂର୍ଣ୍ଣ ଭୂମିକା କିଛି ରହିଲା ନାହିଁ । ଏଂଗେଲସଙ୍କ ମତରେ :

The overthrow of mother-right was the world-historical defeat of the female sex. The man took command in the home also; the woman was degraded and reduced to servitude, she became the slave of her lust and a mere instrument for the production of children."

ଉତ୍ପାଦନ-ପ୍ରଣାଳୀରେ ପରିବର୍ତ୍ତନ ସଂଗେ ସଂଗେ ଉତ୍ପାଦନ-ସଂପର୍କରେ ମଧ୍ୟ ପରିବର୍ତ୍ତନ ଘଟିବା ଅନିବାର୍ଯ୍ୟ ।

---

* ଏକୁ

## କୃଷିଭିତ୍ତିକ ସମାଜ

## ନୂଆ ଉତ୍ପାଦନ-ପ୍ରଣାଳୀରେ ନୂଆ ଉତ୍ପାଦନ-ସଂପର୍କ ।

ସମାଜର ଉତ୍ପାଦନ-ପ୍ରଣାଳୀରେ ପରିବର୍ତ୍ତନ ଘଟିବାକୁ ଆରମ୍ଭ କରିଥିଲା । ବର୍ତ୍ତମାନ ଭୂମି ହେଲା ଉତ୍ପାଦନର ପ୍ରଧାନ ଅବଲମ୍ବନ । ପୂର୍ବବର୍ତ୍ତୀ ସମାଜବ୍ୟବସ୍ଥାରେ ଶିକାର ଓ ଗୋପାଳନ ଏକମାତ୍ର ଜୀବିକା ଥିଲା । ପ୍ରାଚୀନ ବୈଦିକ ସାହିତ୍ୟରେ ଲଢ଼େଇରେ ବିଜୟ ଓ ଗୋସଂପଦ ବୃଦ୍ଧି ପାଇଁ ପ୍ରାର୍ଥନା ବହୁଳ ଭାବରେ ଦେଖାଯାଏ । ଯଜ୍ଞ ସାମୂହିକ ଉତ୍ପାଦନର କେନ୍ଦ୍ର ଥିଲା । ଯଜ୍ଞରେ ସାମୂହିକ 'ହବନ' ପ୍ରଥା ସାମୂହିକ ରଂଧନର ସାକ୍ଷ୍ୟ ଦିଏ । କ୍ରମେ ଏହା ବ୍ୟକ୍ତିଗତ ପାକ ପ୍ରଥାରେ ପରିଣତ ହୁଏ । ଲୋକସଂଖ୍ୟା ବୃଦ୍ଧି ଯୋଗୁ ଏବଂ ବିଭିନ୍ନ ଗଣମାନଙ୍କ ମଧ୍ୟରେ ଅନବରତ ସଂଗ୍ରାମ ଲାଗିଥିବା ଯୋଗୁ ବହୁ ଯୁଦ୍ଧବନ୍ଦୀ ଓ ଲୁଣ୍ଠିତ ସାମଗ୍ରୀ ବିଜୟୀ ଗଣର ହସ୍ତଗତ ହେଉଥିଲା । ଏହା ବିଜୟୀ ଗଣର ଲୋକଶକ୍ତି ବଢ଼ାଇବାରେ ସାହାଯ୍ୟ କରୁଥିଲା । ଏହି ଯୁଦ୍ଧବନ୍ଦୀମାନଙ୍କୁ ଶୂଦ୍ର ଶ୍ରେଣୀ ସହିତ ବ୍ୟାପକ କୃଷି ଉତ୍ପାଦନରେ ଏବଂ ଅରଣ୍ୟ କାଟି ନୂତନ ବସତି ସ୍ଥାପନ ଆଦି କାର୍ଯ୍ୟରେ ବ୍ୟବହାର କରାଯାଉଥିଲା । ବ୍ରୋଞ୍ଜ ଅସ୍ତ୍ର ସାହାଯ୍ୟରେ ଉନ୍ନତ କୃଷି କିଂବା ଜଂଗଲ କାଟିବା ସଂଭବ ହେଉ ନଥିଲା । ମାତ୍ର କ୍ରମେ ଲୁହାତରଳା ଆବିଷ୍କୃତ ହେବା ଫଳରେ ଉତ୍ପାଦନ ପ୍ରଣାଳୀ ଏବଂ ଜୀବନ ଯାପନ ପ୍ରଣାଳୀରେ ପ୍ରଭୂତ ଉନ୍ନତି ସାଧିତ ହେଲା । ଗୋପାଳନ, ଯାହା ଗଣସମାଜରେ ପ୍ରଧାନ ବୃତ୍ତିଥିଲା, ବର୍ତ୍ତମାନ ଗୌଣ ସ୍ଥାନ ଅଧିକାର କଲା । କୃଷିହିଁ ବର୍ତ୍ତମାନ ଉତ୍ପାଦନର ପ୍ରଧାନ ମାଧ୍ୟମ ହୋଇ ଉଠିଲା । ଫଳରେ ଉତ୍ପାଦନ-ପ୍ରଣାଳୀରେ ପରିବର୍ତ୍ତନ ଘଟିବା ହେତୁ ପୂର୍ବପ୍ରଚଳିତ ଉତ୍ପାଦନ-ସଂପର୍କ ମଧ୍ୟ ବଦଳିବାକୁ ଲାଗିଲା ।

ପ୍ରାଚୀନ ଗଣଗୁଡ଼ିକ କ୍ରମେ କ୍ଷୟପ୍ରାପ୍ତ ହୋଇ ନୂତନ 'ରାଜନ୍ୟ-ଗଣସଂଘ'ଗୁଡ଼ିକର ସୃଷ୍ଟି ହେଲା, ଏବଂ ଶ୍ରେଣୀହୀନ ସାମ୍ୟତନ୍ତ୍ରୀ ସମାଜ ସ୍ଥାନରେ ନୂଆ ଶ୍ରେଣୀବିଭକ୍ତ ଓ ଦାସ-ଅଧିକାରୀ ସମାଜର ଉଦ୍ଭବ ହେଲା । ଏହି ପରିବର୍ତ୍ତିତ ପରିପ୍ରେକ୍ଷୀରେ ନାରୀର ସମସ୍ତ ଅଧିକାର ପୁରୁଷ ଛଡ଼ାଇନେଲା ଏବଂ ଏକ ନୂଆ ସ୍ୱାମୀଧର୍ମ ପ୍ରବର୍ତ୍ତନ କଲା । ମହାଭାରତ ପ୍ରଭୃତି ଏହି ଯୁଗ-ପରିବର୍ତ୍ତନର ପ୍ରେକ୍ଷାପଟ ଉନ୍ମୋଚନ କରେ ।

---

*India—S A. Dange.

* K. P. Jayaswal ଙ୍କ ଗ୍ରନ୍ଥ ଦ୍ରଷ୍ଟବ୍ୟ ।

# ଷଷ୍ଠ ଅଧିକରଣ

## ମହାଭାରତ ଯୁଦ୍ଧ

### ପରସ୍ପର-ବିରୋଧୀ 'ମୂଲ୍ୟ'ର ସଂଘର୍ଷ

ମହାଭାରତରେ ବହୁ ଗଣସଂଘର ନାମ ଦେଖାଯାଏ । ସେମାନଙ୍କ ମଧ୍ୟରେ ଅଂଧକ-ବୃଷ୍ଣି, ଯାଦବ (ଶ୍ରୀକୃଷ୍ଣଙ୍କ ବଂଶ) ଉଲ୍ଲେଖଯୋଗ୍ୟ । ବୈରାଜ୍ୟ ସଂବିଧାନ ମାନି ଚଳୁଥିବା କୁରୁ ଓ ମଦ୍ର—ଶିବ, ପ୍ରଥମେ ଦାସ ବା ଶୂଦ୍ରଶ୍ରେଣୀ ଆବିଷ୍କାର କରିଥିଲେ, 'ରାଜନ୍ୟ ଗଣସଂଘ' ରୂପେ ବିଦିତ ଥିଲେ । ମଦ୍ରମାନଙ୍କର କେତେକାଂଶ ପୂର୍ବ ଗଣ-ସମାଜବ୍ୟବସ୍ଥାକୁ ଆଶ୍ରୟ କରି ରହିଥିଲେ । ସେମାନେ ଦାସ ପ୍ରଥା ବା ବର୍ଣ୍ଣାଶ୍ରମ ପ୍ରଥାକୁ ଖୁବ୍ ବେଶୀ କଡ଼ାକଡ଼ି ଭାବରେ ଗ୍ରହଣ କରି-ନଥିଲେ । ଏଥିପାଇଁ ସ୍ମୃତିମାନଙ୍କରେ ସେମାନଙ୍କୁ ଭର୍ତ୍ସନା କରାଯାଇଛି । ମହାଭାରତର ଶାଂତି ପର୍ବରେ ମଦ୍ର ଓ ବାହ୍ଲିକମାନଙ୍କ ଦେଶକୁ ଗଲେ ପାପରେ ଭାଗୀ ହେବାକୁ ହୁଏ ବୋଲି ବ୍ରାହ୍ମଣମାନଙ୍କୁ ସାବଧାନ କରି ଦିଆଯାଇଛି । ଏହାର କାରଣ ହେଉଛି 'ସେମାନେ ବର୍ଣ୍ଣ ପରିବର୍ତ୍ତନ କରନ୍ତି । ଆଜି ଯେ ବ୍ରାହ୍ମଣ କାଲି ସେ କ୍ଷତ୍ରିୟ କିଂବା ବୈଶ୍ୟ କିଂବା ଶୂଦ୍ର ହୋଇପାରେ, ପୁଣି ବ୍ରାହ୍ମଣ ବି ପାଲଟି ଯାଏ ।' *

ଗାଂଗେୟ ଉପତ୍ୟକାରେହିଁ ଦାସପ୍ରଥା ଉପରେ ଭିତ୍ତି କରି ଅର୍ଯ୍ୟ ସାମ୍ରାଜ୍ୟଗୁଡ଼ିକ ଶକ୍ତିଶାଳୀ ହେବାକୁ ପ୍ରବଳ ସଂଗ୍ରାମ ଚଳାଇଥିଲେ । କୁରୁକ୍ଷେତ୍ରଠାରୁ ପାଟଳିପୁତ୍ର (ବିହାରର ପାଟଣା) ପର୍ଯ୍ୟଂତ ସମସ୍ତ ଭୂଖଂଡରେ ଅର୍ଯ୍ୟ ଗଣ-ରାଜ୍ୟ ଗୋଷ୍ଠୀଗୁଡ଼ିକ (Confederacy) ସମୃଦ୍ଧିଶାଳୀ, ଦୃଢ଼ ଏବଂ ଶକ୍ତିଶାଳୀ ଥିଲେ । ଉତ୍ତରରେ ହିମାଳୟଠାରୁ ଦକ୍ଷିଣରେ ମଧ୍ୟଭାରତ ଅଂତର୍ଗତ ଅବଂତୀ ପର୍ଯ୍ୟଂତ ସେମାନଙ୍କର ବିସ୍ତୃତି ଥିଲା । କେତେକ ମଧ୍ୟ ବିଂଧ୍ୟ ପର୍ବତମାଳା ଭେଦ କରି ବିଦର୍ଭରେ ବସତି ସ୍ଥାପନ କରିଥିଲେ । ସେତେବେଳେ ଭାରତ ହିଂଦୁସ୍ଥାନ ବା ସିଂଧୁସ୍ଥାନ ନାମରେ ପରିଚିତ ନ ଥିଲା । ମହାଭାରତର ଭୀଷ୍ମପର୍ବରେ ୨୦୦ଟି ରାଜ୍ୟର ନାମ ଦେଖିବାକୁ ମିଳେ । ଏହି ରାଜ୍ୟଗୁଡ଼ିକର ନାମ ସାଧାରଣତଃ ସେହି ଦେଶକୁ ଶାସନ କରୁଥିବା 'ଗଣ' ସଂଘ ଗୋଷ୍ଠୀର ନାମାନୁସାରେ ହୋଇଥିଲା । ଯଥା ଅଂଗ ବଂଗ, କଳିଂଗ କିରାତ, ଦ୍ରାବିଡ଼, କାଂବୋଜ,

**ଗଣ-ସଂଘ ବନାମ ରାଜନ୍ୟ-ଗଣ**

* ମହାଭାରତ, ଶାଂତି

ମତ୍ସ୍ୟ, କୁରୁ, ମଦ୍ର, ବାହ୍ଲୀକ ଇତ୍ୟାଦି । ପରଂପରା ଅନୁସାରେ ମହାଭାରତ ଯୁଦ୍ଧଠାରୁହିଁ କଳିଯୁଗର ଆରଂଭ । ଏହାର ତାତ୍ପର୍ଯ୍ୟ ହେଉଛି, ମହାଭାରତ ଯୁଦ୍ଧ ପରେ ପ୍ରାଚୀନ ଗଣ ସମାଜ ଯାହା କ୍ରମଶଃ କ୍ଷୟପ୍ରାପ୍ତ ହୋଇ ଆସୁଥିଲା, ଭୁଷୁଡ଼ି ପଡ଼ିଲା ଏବଂ ତା ସ୍ଥାନରେ ଦାସ-ଅଧିକାରୀ ଶ୍ରେଣୀ-ସମାଜ ଯାହା ବ୍ୟକ୍ତିଗତ ସଂପତ୍ତିର ଉତ୍ପତ୍ତି ହେବାଠାରୁ କ୍ରମେ ଦୃଢ଼ରୁ ଦୃଢ଼ତର ହେଉଥିଲା, ପ୍ରତିଷ୍ଠିତ ହେଲା, ଏବଂ ଏକ ରାଷ୍ଟ୍ର ସ୍ଥାପିତ ହେଲା ।

ଏହି ରାଜନ୍ୟ-ଗଣସଂଘଗୁଡ଼ିକ ପରସ୍ପର ସହିତ ଯୁଦ୍ଧ ବିଗ୍ରହରେ ଲିପ୍ତ ରହି ନିଜ ନିଜ ସାମ୍ରାଜ୍ୟ ବିସ୍ତାର କରୁଥିଲେ । ଉଦାହରଣ ସ୍ୱରୂପ ମଥୁରାର କଂସ ଏବଂ ମଗଧର ଜରାସଂଧ ଏବଂ ହସ୍ତିନାପୁରର କୌରବ । ଏମାନେ ପୂର୍ବ କାଳର ସାମରିକ ବା ଭୌମ (tribal) ଗଣତଂତ୍ରଗୁଡ଼ିକୁ ସଂପୂର୍ଣ୍ଣ ଭାଂଗିଦେଇ ନିଜର ଅଖଂଡ ବଂଶଗତ (heriditary) ରାଜତ୍ୱ କାଏମ କରିବାକୁ ବ୍ୟଗ୍ର ଥିଲେ ।

ମହାଭାରତ ଯୁଦ୍ଧର ପ୍ରେକ୍ଷାପଟରେ ଆମେ ଦେଖୁଁ କ୍ରମବର୍ଦ୍ଧମାନ ବର୍ଣ୍ଣ ସମାଜ ବା ଦାସ-ଅଧିକାରୀ (slave States) ସମାଜ ସହ ଆଦିମ ଗଣସଂଘଗୁଡ଼ିକର ସଂଘର୍ଷ । ହସ୍ତିନାପୁରର କୌରବମାନେ ପୂର୍ବର ରାଜନ୍ୟ-ଗଣସଂଘର ଗଣତାଂତ୍ରିକ ପରଂପରା ବହୁଦିନରୁ ବାତିଲ କରିଦେଇ ନିଜ ବଂଶଗତ ଏକଂତନ୍ତ୍ର କାଏମ କରିବା ଲାଗି ବ୍ୟଗ୍ର ଥିଲେ । ବେଦର ପୁରୁଷ ସୂକ୍ତରେ ଆମେ ଯେଉଁ ପ୍ରାଚୀନ କୁରୁମାନଙ୍କର ସଂଧାନ ପାଉଁ, ସେମାନେ ଦାସପ୍ରଥାର ପ୍ରଥମ ସ୍ଥାପୟିତା ବୋଲି ଜଣା ପଡ଼ଂତି । ଏକଥା ପୂର୍ବରୁ କୁହାଯାଇଛି । ମାତୃବଧ ତଥା ପ୍ରାଚୀନ ଗଣସଂଘ ସ୍ଥାନରେ ଯେଉଁ ନୂଆ ସମାଜବ୍ୟବସ୍ଥା ଦେଖାଦେଇଥିଲା ସେଥିରେ କର୍ଣ୍ଣଂକ ଭଳି ଜଣେ ସର୍ବଗୁଣସଂପନ୍ନ ପୁତ୍ର ମଧ୍ୟ ପରିତ୍ୟକ୍ତ ହୋଇଛଂତି ଯେ କି ପୂର୍ବକାଳୀନ ଗଣସମାଜରେ ସମ୍ମାନର ସହିତ ଗୃହୀତ ହୋଇଥାଂତେ ।

ମହାଭାରତ ଯୁଦ୍ଧରେ କୁରୁ ଓ ପାଣ୍ଡବ ମୁଖ୍ୟ ଯୁଧ୍ୟମାନ ଶିବିର ଥିଲେ ମଧ୍ୟ ବହୁ ଗଣସଂଘ ଉଭୟ ପକ୍ଷରେ ସାମିଲ ହୋଇଥିଲେ । ଏହାର କାରଣ ପ୍ରାଚୀନ ଗଣସଂଘଗୁଡ଼ିକରେ ବହୁ ଦିନରୁ ଅବକ୍ଷୟ ଆରଂଭ ହୋଇଯାଇଥିଲା । କେତେକ ଆଦିବାସୀ ଗଣସଂଘ ଯେଉଁମାନେ ଆର୍ଯ୍ୟ ପରିସରର ବାହାରେ ଥିଲେ, ଯଥା ରାକ୍ଷସ ମଧ୍ୟ ଏ ଯୁଦ୍ଧରେ କୌଣସି ନା କୌଣସି ପକ୍ଷେ ଯୋଗ ଦେଇଥିଲେ । ଅନ୍ୟ ପକ୍ଷରେ ଆଉ କେତେକ ଆଦିବାସୀ ଗୋଷ୍ଠୀ (tribes) ଯଥା ନାଗ, ଶବର ଓ ଦ୍ରାବିଡ଼ ମନେ କରୁଥିଲେ ଯେ ଏ ଯୁଦ୍ଧରେ ଉଭୟ ପକ୍ଷ ବିଧ୍ୱସ୍ତ ବା ଦୁର୍ବଳ ହୋଇଗଲେ ସେମାନଙ୍କ ପକ୍ଷରେ ଭଲ ହେବ । ମାତ୍ର ସେମାନଙ୍କର ଏ ଆଶା କଳ୍ପନାରେ ପରିଣତ ହୋଇଥିବ ।

ଶ୍ରୀକୃଷ୍ଣଂକର ଯାଦବ ବା ଅଂଧକ-ବୃଷ୍ଣି ଗଣ-ସଂଘ ଭିତରେ ଭୟଂକର ଗୃହବିବାଦ ଲାଗି ରହିଥିଲା । ସେମାନେ ପ୍ରଥମେ ମହାଭାରତ ଯୁଦ୍ଧରେ ଯୋଗ ନ ଦେଇ ଦୁଇ ପକ୍ଷ ମଧ୍ୟରେ ମଧ୍ୟସ୍ଥି ହୋଇ କିଛି ଗୋଟାଏ ସମାଧାନର ବାଟ ଫିଟାଇବେ ବୋଲି ଭାବିଥିଲେ । ମାତ୍ର କୌଣସି ସମାଧାନ ହୋଇ ପାରି ନଥିଲା । ଶେଷରେ ଯୁଦ୍ଧ ଲାଗିଯିବାରୁ ସେମାନେ କେତେକାଂଶରେ ଯୁଦ୍ଧରେ ଭାଗ ନେଇଥିଲେ । ସେମାନଂକର ନିର୍ବାଚିତ ନେତା ଶ୍ରୀକୃଷ୍ଣଂକ ନିରପେକ୍ଷତା ପରି ସେମାନଙ୍କର ନିରପେକ୍ଷତା ମଧ୍ୟ ଆଂଶିକ ହୋଇ ଯାଇଥିଲା ।* ସଂଭବତଃ ପ୍ରବଳ ଗୃହବିବାଦ ହେତୁ (ଯାହା ଯୋଗୁ ଯଦୁବଂଶ ଧ୍ୱଂସ ହୋଇଥିଲା (ମୁଷଳ ପର୍ବ) ସେମାନେ ଯୁଦ୍ଧରେ ସକ୍ରିୟ ଅଂଶ ନେଇ ପାରି ନ ଥିଲେ ।

ଉପରୋକ୍ତ ପର୍ଯ୍ୟାଲୋଚନାରୁ ଦେଖାଯିବ ଯେ ମହାଭାରତ ଯୁଦ୍ଧ ମୁଖ୍ୟତଃ ପ୍ରାଚୀନ ଗଣଭିତ୍ତିକ ସମାଜ-ବ୍ୟବସ୍ଥା ବଦଳରେ ବଂଶଗତ, ଦାସଭିତ୍ତିକ ନିରଂକୁଶ ରାଜତଂତ୍ର (hereditary absolute monarchy) ସୃଷ୍ଟି କରିଥିଲା । ଯେପରି ମନେହୁଏ ଏହା ଅବଶ୍ୟଂଭାବୀ ଥିଲା । ପ୍ରାଚୀନ ଗଣସମାଜଗୁଡ଼ିକ ନୂଆ ଉତ୍ପାଦନ-ପ୍ରଣାଳୀ ସହିତ ଖାପ ଖୁଆଇ ପାରିଲା ନାହିଁ ନଥିଲେ । ଜଣେ ସମାଜ ବିଜ୍ଞାନୀଙ୍କ ମତରେ 'the new forces of production caused a revolution in the Commune, in its social and property relations I' ଫଳରେ ଅବିଭକ୍ତ ଗଣସମାଜରେ ଜାତି ଓ ବର୍ଣ୍ଣ ପ୍ରଭୃତି ନାନା ପ୍ରଭେଦ ଦେଖାଯାଇଥିଲା । କ୍ରମାଗତ କୌମ ସଂଗ୍ରାମ (tribal war) ଫଳରେ ଧୃତ ବଂଦୀ, ଗୋସଂପଦ ଓ ଲୁଣ୍ଠିତ ସଂପତ୍ତି ଗଣସମାଜରେ ଆସି ଠୁଳ ହେବାକୁ ଲାଗିଲା । ସମାଜର ନେତୃଶ୍ରେଣୀ ଯଥା ଗଣପତି, ବୃହସ୍ପତି, ଓ ପ୍ରଜାପତି ବ୍ରହ୍ମ ଓ କ୍ଷାତ୍ରଶ୍ରେଣୀଭୁକ୍ତ ଥିଲେ । ସମାଜ ଏକାଧାରରେ ବ୍ରହ୍ମ ଓ କ୍ଷାତ୍ର ବର୍ଣ୍ଣ ସଂବଳିତ ଉଚ୍ଚଶ୍ରେଣୀ, ଏବଂ ଅପର ପକ୍ଷରେ ବୈଶ୍ୟ ଓ ଶୂଦ୍ର ସମନ୍ୱିତ ଦାସ ଶ୍ରେଣୀରେ ଭାଗ ଭାଗ ହୋଇ ପଡ଼ିଲା । କ୍ଷାତ୍ର ଓ ବ୍ରହ୍ମ ଶ୍ରେଣୀର ଲୋକମାନେ ଅଧିକାଂଶ ଗୋରୁ ଗାଈ ଶସ୍ୟ ଏବଂ ସ୍ୱର୍ଣ୍ଣ (ହିରଣ୍ୟ) ଏବଂ ଦାସମାନଂକୁ କରଗତ କରିବାକୁ ଲାଗିଲେ ।

ପ୍ରାଚୀନ ଗଣସମାଜ ମଧ୍ୟରେ ନାନା ଅଂତର୍ଦ୍ୱଂଦ୍ୱ ଓ ଗୃହକଳହ ପ୍ରାୟ ଲାଗିରହିଥିଲା । ଧନସଂପତ୍ତି ଓ ଦାସ ବଂଟନ ନେଇ ସମାଜର ନିର୍ବାଚିତ ନେତୃ-ମଂଡଳୀ ଭିତରେ ଏବଂ ସେମାନଂକ ପରିବାରବର୍ଗଂକ ମଧ୍ୟରେ ପ୍ରାୟ ସଂଘର୍ଷ ଦେଖା ଦେଉଥିଲା । ଉଦାହରଣ ସ୍ୱରୂପ, ମୁଷଳ ପର୍ବରେ ଯାଦବ ବା ଅଂଧକ-ବୃଷ୍ଣିମାନେ

* Ibid

ସ୍ୱହସ୍ତକରେ ଧ୍ୱଂସ ହୋଇଯାଇଥିଲେ । ଶ୍ରୀକୃଷ୍ଣ ସେମାନଙ୍କର ନିର୍ବାଚିତ ଦଳପତି ଥିଲେ ମଧ୍ୟ ଏଇ ଗୃହଯୁଦ୍ଧରୁ ନିଜକୁ ସଂପୂର୍ଣ୍ଣ ଅଲଗା ରଖି ସୌରାଷ୍ଟ୍ର ଅନ୍ତର୍ଗତ ଦ୍ୱାରକାଠାରେ ରହିଥିଲେ । ସେ ସେମାନଙ୍କୁ ଏଇ ଗୃହଯୁଦ୍ଧରୁ ନିବୃତ୍ତ କରିବାକୁ ଚେଷ୍ଟା କରି ସଫଳ ହୋଇପାରି ନଥିଲେ । ନାରଦ ଏ ସଂପର୍କରେ ଶ୍ରୀକୃଷ୍ଣଙ୍କୁ ନିଜ ନେତୃପଦ ବଜାୟ ରଖିବାକୁ ଉପଦେଶ ଦେଇଥିଲେ, ଏବଂ ତାଙ୍କ ସଂଗେ ବହୁ ଯୁକ୍ତିତର୍କ କରିଥିଲେ । ଶ୍ରୀକୃଷ୍ଣ ଯଥେଷ୍ଟ ବିନମ୍ର ଓ ଭଦ୍ର, ନୁହଁନ୍ତି, ଏବଂ ନିଜ ଜ୍ଞାତି ଓ କୁଟୁମ୍ବମାନଙ୍କୁ ଅକୃପଣ ଭାବରେ ଧନ ଦାନ କରୁ ନାହାଁନ୍ତି ବୋଲି ନାରଦ ମଧ୍ୟ ଅଭିଯୋଗ କରିଛନ୍ତି । ଏଥିରେ ପ୍ରାଚୀନ ଗଣସଂଘମାନଙ୍କରେ କିପରି ନେତୃତ୍ୱ ବଜାୟ ରଖିବାକୁ ହୁଏ ଏବଂ ସେ ଗୁଡ଼ିକ ମଧ୍ୟରେ କିଭଳି ବିବାଦ ଓ ଈର୍ଷା ଦ୍ୱେଷ ଲାଗି ରହିଥିଲା ସେ ସବୁର ଏକ ଚିତ୍ର ମିଳେ ।

**ଗଣ-ସଂଘର ବିଦ୍ରୋହ**

ଠିକ୍ ଏତିକିବେଳେ ସୁବିଧା ଦେଖି ସମୁଦ୍ର ପ୍ରଦେଶରୁ ନାଗମାନେ ଅନ୍ଧକ-ବୃଷ୍ଣି ବା ଯାଦବମାନଙ୍କ ଉପରେ ଆକ୍ରମଣ କରନ୍ତି । ଶବରମାନେ ମଧ୍ୟ ଏଇ ଯୁଦ୍ଧରେ ନାଗମାନଙ୍କ ପକ୍ଷରେ ଯୋଗ ଦିଅନ୍ତି ଏବଂ ଏଇ ଯୁଦ୍ଧରେ ବହୁ ଯାଦବ ଓ ନିଜେ ଶ୍ରୀକୃଷ୍ଣ ନିହତ (ଶ୍ରୀକୃଷ୍ଣଙ୍କର ଜରା ଶବର ଶରରେ ମୃତ୍ୟୁ ଘଟିଥିବା କଥା ଏହା ପ୍ରମାଣିତ କରେ ।) ଏଇ ସମୟରେ କୁରୁ ଓ ପୁରୁ ପ୍ରଭୃତି ଗାଂଗେୟ ରାଜ୍ୟଗୁଡ଼ିକ ଶକ୍ତି ସାମର୍ଥ୍ୟ ହରାଇଥିବା କଥା ମଧ୍ୟ ଜଣାପଡ଼େ । ହସ୍ତିନାପୁର ମଧ୍ୟ ଆଉ ବଳିଷ୍ଠ କ୍ଷମତାର କେନ୍ଦ୍ରପୀଠ ହୋଇ ରହି ନଥିଲା । କାରଣ କଥିତ ଅଛି ଅର୍ଜୁନ ନାଗମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ବାହାରିବା ବେଳେ ଆଉ ଗାଣ୍ଡୀବ ଧାରଣ କରି ପାରି ନ ଥିଲେ ।

ଏହାର ଅଳ୍ପ ପରେ ଆରମ୍ଭ ହୁଏ ପଞ୍ଚ ପାଣ୍ଡବଙ୍କର ସ୍ୱର୍ଗାରୋହଣ ପର୍ବ । ଦ୍ରୌପଦୀ ଓ ଚାରିଭ୍ରାତା ଅଳ୍ପ ଦୂର ଯିବା ପରେ ଭୂପତିତ ହୋଇ ପ୍ରାଣ ହରାନ୍ତି । କେବଳ ଯୁଧିଷ୍ଠିର ହିଁ ଶେଷରେ ସ୍ୱର୍ଗରେ ପହଞ୍ଚ ପାରନ୍ତି ଏବଂ ତାଙ୍କ ସଂଗରେ ଶେଷ ପର୍ଯ୍ୟନ୍ତ ଯାଏ ଏକ କୁକୁର, ଯିଏ ତାଙ୍କୁ ସନ୍ନେହରେ ସଂବୋଧନ କରି କହେ—"ବତ୍ସ ! ମୁଁ ଇ ତୋର ବାପା ।"

ଯୁଧିଷ୍ଠିରଙ୍କ ନାତି ପରୀକ୍ଷିତ ନାଗମାନଙ୍କ ଦ୍ୱାରା ନିହତ ହୁଅନ୍ତି । ଏହା ମଧ୍ୟ ଜଣାଯାଏ ଯେ ବ୍ରାହ୍ମଣ ନେତା କାଶ୍ୟପ ଯିଏ ନାଗ ଆକ୍ରମଣ ବିଷୟ ପୂର୍ବରୁ ଅବଗତ ଥିଲେ, ତକ୍ଷକଠାରୁ ସ୍ୱର୍ଣ୍ଣ ଲାଞ୍ଚ ନେଇ ପରୀକ୍ଷିତଙ୍କୁ ସେ ବିଷୟ ଆଦୌ ଜଣାଇ ନ ଥିଲେ । ଏହାପରେ ପରୀକ୍ଷିତଙ୍କ ପୁତ୍ର ଜନମେଜୟ ନାଗମାନଙ୍କ

ବିରୁଦ୍ଧରେ ଏକ ପ୍ରଚଣ୍ଡ ଅଭିଯାନ ଚଳାଇଥିଲେ, ମାତ୍ର, ଶେଷରେ ସେମାନଙ୍କ ସଂଗେ ଗୋଟାଏ କିଛି ଆପୋଷ ମୀମାଂସା ହୋଇଥିବା କଥା ଜଣା ପଡ଼େ । କଶ୍ୟପ ଜରତ୍କାରୁଙ୍କ ଔରସରେ ନାଗବଂଶୀୟା ନାରୀଙ୍କ ଗର୍ଭରୁ ଜାତ । ଏଇଠାରେ ଘଟେ ମହାଭାରତର ପୂର୍ଣ୍ଣଚ୍ଛେଦ ।

ଏହାପରେ ସାଂଖ୍ୟେସ୍ତ ଉପାଖ୍ୟାନରେ ଯବାଇ ଆସେ ବାହୁ କୃଷ୍ଣ ଅଂଧକାର । ସାଂଖ୍ୟଶସ୍ତ ଶକ୍ତିପୁଞ୍ଜ ଅବଶ୍ୟ ନୂଆ ରୂପରେ ଆତ୍ମପ୍ରକାଶ କରଂଛି । କିନ୍ତୁ ତହିଁର ପଟ୍ଟଭୂମି ଆଉ ହସ୍ତିନାପୁର ନୁହେଁ, ମଗଧର ପାଟଳିପୁତ୍ର ।

ମହାଭାରତ-ଯୁଦ୍ଧ ପରେ କାଳକ୍ରମେ ଦାସ ପ୍ରଥା ଭୁଷୁଡ଼ି ପଡ଼ିବାକୁ ଆରଂଭ କରେ । ଯେଉଁ ବୈଶ୍ୟମାନେ ଦାସ ରୂପେ ଥିଲେ, ସେମାନେ ଉତ୍ପାଦନରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିବାକୁ ଲାଗିଲେ । ତେଣୁ ଗ୍ରାମାଂଚଳମାନଂକରେ ଏବଂ ଜନପଦ ( ସହର ) ଗୁଡ଼ିକରେ କାରିଗର ଶ୍ରେଣୀ ଓ ବଣିକ ଶ୍ରେଣୀ ମୁଂଡ ଟେକି ଉଠିଲେ । ଦାସ-ଅଧିକାରୀ ପରିବାରମାନଂକର ବହୁଦାସ ଅର୍ଦ୍ଧମୁକ୍ତ ଅବସ୍ଥାରେ ଥିଲେ । ଏମାନେ ଭୂମ୍ୟଧିକାରୀ ଓ ବଣିକ ସମାଜର ତରୁଣମାନଂକର ଦର୍ଶନରେ ଉଦ୍‌ବୁଦ୍ଧ ହେଲେ । ଏଇପରି ଭାବରେ ଦେଶରେ ବୌଦ୍ଧଧର୍ମ ଲାଗି କ୍ଷେତ୍ର ପ୍ରସ୍ତୁତ ହେଲା । ଭଗବାନ ବୁଦ୍ଧ ଯେ କି ଶ୍ରେଣୀ-ସମନ୍ୱୟର ଏକ ମଧ୍ୟମ ପଂଥା ଦିଶାଇଥିଲେ, ଏଇ ପରିସ୍ଥିତିରେ ଅପରିହାର୍ଯ୍ୟ ଥିଲେ । ଏ ସମସ୍ତ ଆଲୋଚନାର କ୍ଷେତ୍ର ସ୍ୱତଂତ୍ର । ଏଠାରେ କେବଳ ସମାଜରେ ଯୁଗପରିବର୍ତ୍ତନ ସଂଗେ ଧର୍ମ ବା ମୂଲ୍ୟବୋଧ ପରିବର୍ତ୍ତନ ସଂବଂଧରେ କିଛି ସୂଚନା ଦେବା ହିଁ ଆମର ସୀମା ।

## ଗୀତା-ଧର୍ମ ଓ ଶ୍ରେଣୀ-ସମାଜତତ୍ତ୍ୱ

ସମଗ୍ର ଗୀତାରେ ବର୍ଣ୍ଣାଶ୍ରମ-ଧର୍ମ ପ୍ରତିଷ୍ଠା ସପକ୍ଷରେ ତତ୍ତ୍ୱ ଉପସ୍ଥାପନା କରାଯାଇଛି । ଗୀତାର ମୂଳତତ୍ତ୍ୱ ହେଲା ସ୍ୱଧର୍ମପାଳନ, ଜନ୍ମାଂତରବାଦ, ଆତ୍ମାର ଅବିନଶ୍ୱରତା, ଅଦୃଷ୍ଟବାଦ, ନିଷ୍କାମ କର୍ମଯୋଗ, ଭକ୍ତି-ଧର୍ମ ଏବଂ ପୁରୁଷୋତ୍ତମ ଯୋଗ । ଗୋତ୍ରଭିତ୍ତିକ ଗଣ-ସମାଜର ମୂଳଧର୍ମ ଥିଲା ଜ୍ଞାତି ବା ସ୍ୱଜନ-ରକ୍ଷା । ସ୍ୱଜନବଧ ଥିଲା ସବୁଠାରୁ ବଳି ବଡ଼ ପାତକ । 'ଆଚାର୍ଯ୍ୟାଃ ପିତରଃ ପୁତ୍ରାସ୍ତଥୈବ ଚ ପିତାମହାଃ' ପ୍ରଭୃତି ଆତ୍ମୀୟ ସ୍ୱଜନମାନଂକୁ ବଧ କରିବା ଅପେକ୍ଷା ବରଂ ଭିକ୍ଷାଲବ୍ଧ ଅନ୍ନରେ ଜୀବନ ଧାରଣ କରିବା ଶ୍ରେୟସ୍କର ମନେ ହେଉଥିଲା । ମାତ୍ର କ୍ଷୟମାନ ଗଣ-ସମାଜର ଭଗ୍ନସ୍ତୂପ ଉପରେ ଏକ ବର୍ଣ୍ଣଭିତ୍ତିକ ଓ ଶ୍ରେଣୀ-ବିଭକ୍ତ ଦାସ-ଅଧିକାରୀ ସମାଜ ନିର୍ମାଣ ତତ୍କାଳୀନ ଉତ୍ପାଦନ-ପ୍ରଣାଳୀ ପକ୍ଷରେ ଅନୁକୂଳ ଥିଲା । ତେଣୁ ବର୍ଣ୍ଣାଶ୍ରମ ପ୍ରଥାଟି ସମାଜ ପକ୍ଷରେ ଉତ୍ପାଦନ ବୃଦ୍ଧିରେ ସହାୟକ ଥିଲା । ଏଇ ନୂତନ ସମାଜ-ବିନ୍ୟାସରେ ସ୍ୱଧର୍ମ ବା କୁଳ ଧର୍ମ ଉପରେ

ବିଶେଷ ଗୁରୁତ୍ୱ ଦିଆ ଯାଇଛି । "ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।" ପ୍ରତ୍ୟେକ ବ୍ୟକ୍ତିର ସ୍ୱଧର୍ମ ହେଲା ନିଜର ବର୍ଣ୍ଣାନୁମୋଦିତ କର୍ମ ନିଷ୍କାମ ଭାବରେ କରିଯିବା । 'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।' କର୍ମ ଫଳରେ ହେତୁଭୂକ୍ତ ହେବା ମନୁଷ୍ୟ ପକ୍ଷରେ ଅନୁଚିତ । ଜନ୍ମାନ୍ତରବାଦ ଓ ଆତ୍ମାର ଅବିନଶ୍ୱରତା ଗୀତାର ଅନ୍ୟତମ ପ୍ରତିପାଦ୍ୟ ବିଷୟ । "ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋଽପରାଣି/ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନ୍ୟାନି

**ଜନ୍ମାନ୍ତରବାଦ**

ସଂଯାତି ନବାନି ଦେହୀ ।" ଅର୍ଥାତ୍, ମନୁଷ୍ୟ ଯେପରି ଜୀର୍ଣ୍ଣ-ବସ୍ତ୍ର ପରିତ୍ୟାଗ କରି ଅନ୍ୟ ନୂତନ ବସ୍ତ୍ର ଗ୍ରହଣ କରେ, ସେହିପରି ଆତ୍ମା ମଧ୍ୟ ଜୀର୍ଣ୍ଣ ଦେହ ତ୍ୟାଗ କରି ନୂତନ ଶରୀର ଧାରଣ କରେ । ଆତ୍ମା ଜନ୍ମହୀନ, ନିତ୍ୟ, ଅକ୍ଷର, ପରିଣାମହୀନ । ଦେହ ବିନଷ୍ଟ ହେଲେ ମଧ୍ୟ ଏହାର ବିନାଶ ନାହିଁ । ଶସ୍ତ୍ର ସକଳ ଏହାକୁ କାଟି ପାରନ୍ତି ନାହିଁ, ଅଗ୍ନି ଏହାକୁ ପୋଡ଼ି ପାରେ ନାହିଁ । ଜଳ ଏହାକୁ ବୁଡ଼ାଇ ପାରେ ନାହିଁ କି ବାୟୁ ଶୋଷଣ କରି ପାରେ ନାହିଁ । "ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ/ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।" ଶେଷରେ "ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ/ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।" ଅର୍ଥାତ୍ ସମୁଦାୟ ଧର୍ମ ପରିତ୍ୟାଗ କରି କେବଳ ମୋର ଶରଣାପନ୍ନ ହୁଅ । ମୁଁ ତୁମକୁ ସର୍ବପାପରୁ ମୁକ୍ତ କରିବି ।"

**ବର୍ଣ୍ଣାଶ୍ରମ ପ୍ରଥା**

ପୂର୍ବରୁ କହିଛୁଁ ପ୍ରାଚୀନ ଶ୍ରେଣୀହୀନ ଗଣ-ସମାଜ କ୍ରମେ ଦୁର୍ବଳ ହୋଇ ଭାଙ୍ଗି ପଡ଼ିବା ଫଳରେ ଏକ ଶ୍ରେଣୀବିଭକ୍ତ ଓ ଦାସଭିତ୍ତିକ ସମାଜ ଧୀରେ ଧୀରେ ମୁଣ୍ଡ ଟେକି ଉଠୁଥିଲା । ଋକ୍‌ବେଦର ପୁରୁଷ-ସୂକ୍ତରେ ଆମେ ଏହି ଦାସଭିତ୍ତିକ ବର୍ଣ୍ଣ-ବିଭାଗର ସନ୍ଧାନ ପାଇଥାଉଁ ।

"ଯତ୍ ପୁରୁଷଃ ବ୍ୟଦଧୁଃ କତିଧା ବ୍ୟକଳ୍ପୟନ ।
ମୁଖଂ କିମସ୍ୟ କୌ ବାହୂ କା ଊରୂପାଦା ଉଚ୍ୟତେ ।
ବ୍ରାହ୍ମଣୋଽସ୍ୟ ମୁଖମାସୀଦ୍‌ବାହୂ ରାଜନ୍ୟଃ କୃତଃ ।
ଊରୂ ତଦସ୍ୟ ଯଦ୍‌ବୈଶ୍ୟଃ ପଦ୍‌ଭ୍ୟାଃ ଶୂଦ୍ରୋ ଅଜାୟତଃ ।

(ଋକ୍‌ବେଦ, ଦଶମ ମଣ୍ଡଳ, ପୁରୁଷ ସୂକ୍ତ)

ଅର୍ଥାତ୍ "ପୁରୁଷ ଯେତେବେଳେ ବିଭକ୍ତ ହେଲେ, ସେତେବେଳେ ସେ କେତେ ଭାଗରେ ବିଭକ୍ତ ହୋଇଥିଲେ ? ତାଙ୍କ ମୁଖ, ବାହୁ, ଊରୁ, ପଦ କି ଆକାର ଧାରଣ କରିଥିଲା ? ତାଙ୍କ ମୁଖରେ ବ୍ରାହ୍ମଣ, ବାହୁଯୁଗଳରେ ରାଜନ୍ୟ,

ଊରୁ ଦ୍ୱୟରେ ବୈଶ୍ୟ, ଏବଂ ପଦ ଯୁଗଳରେ ଶୂଦ୍ର ଉତ୍ପନ୍ନ ହୋଇଥିଲେ ।" ଅତଏବ ବ୍ରାହ୍ମଣାଦି ବର୍ଣ୍ଣ-ଚତୁଷ୍ଟୟ ଆର୍ଯ୍ୟ-ଆଗମନର ଆଦିଯୁଗରେ ନଥିଲା । ପ୍ରାକ୍-ବୈଦିକ ଦ୍ରାବିଡ଼ମାନଙ୍କ ମଧ୍ୟରେ ବର୍ଣ୍ଣ-ବୈଷମ୍ୟ ଓ ଉଚ୍ଚ-ନୀଚ ଶୁଚିପ୍ରବଣତା ଅତ୍ୟନ୍ତ ପ୍ରଖର ଥିଲା ବୋଲି ଶରତ୍ ଚନ୍ଦ୍ର ବସୁ ଓ ଡଃ ନୀହାରରଂଜନ ରାୟ ପ୍ରମୁଖ କହିଛନ୍ତି । ସେମାନଙ୍କ ମତରେ, ମହେଞ୍ଜୋ-ଦାରୋର ସୈନ୍ଧବ ଜାତି (ଦ୍ରାବିଡ଼ମାନଙ୍କ) ମଧ୍ୟରେ ହଠଯୋଗର ପ୍ରଚଳନ ଥିଲା ଏବଂ ସେଇ ଯାଗରୁ ସଂଭବତ ଅସ୍ପୃଶ୍ୟତାବୋଧ ଏବଂ ପରବର୍ତ୍ତୀ କାଳରେ ଶ୍ରେଣୀ-ପାର୍ଥକ୍ୟ ଦେଖା ଦେଇଥିବ । ଏଇ ହଠଯୋଗ-ଧର୍ମ ଓ ତାର ଆନୁଷଙ୍ଗିକ ସାଧନ ପଦ୍ଧତି ସୈନ୍ଧବ ସଭ୍ୟତାରେ ଥିବାର ପ୍ରମାଣ ମିଳେ । ଅହିଂସାବାଦ ସଂଗେ ପଶୁବଳି ଇତ୍ୟାଦି ମଧ୍ୟ ଏମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା । ଏଇ ପଶୁବଳି ଏବଂ ଯାଗ ଯଜ୍ଞାଦି କେବଳ ସୈନ୍ଧବ ଉପତ୍ୟକାବାସୀ ଦ୍ରାବିଡ଼ମାନଙ୍କ ମଧ୍ୟରେ ନୁହେଁ, ଭୂମଧ୍ୟ ନରଗୋଷ୍ଠୀ ମଧ୍ୟରେ ଏହା ପୂର୍ବରୁ ରହି ଆସିଛି ।* ମହେଞ୍ଜୋ-ଦାରୋରେ ମଣିଷ ବସବାସର ଅନୁପଯୋଗୀ କୋଠାଟିଏ ଗୃହର ସନ୍ଧାନ ମିଳେ ଯାହାକୁ ମନ୍ଦିର ବା ପୂଜା-ସ୍ଥାନ ବୋଲି ନିଃସଂଶୟରେ କୁହାଯାଇପାରେ । 'ପୂଜନ' ବା 'ପୂଜା' ଏବଂ 'ପୁଷ୍ପ' ଏ ଶବ୍ଦ ଦୁଇଟି ଋଗ୍‌ବେଦରେ ଥିଲେ ମଧ୍ୟ ଏହା ଦ୍ରାବିଡ଼ ଶବ୍ଦ ।

ଜନ୍ମାନ୍ତରବାଦଟି ଦ୍ରାବିଡ଼ଭାଷୀ ଗୋଷ୍ଠୀର ଅବଦାନ । ଆର୍ଯ୍ୟ-ମାନବ ଜନ୍ମାନ୍ତର ସମ୍ବନ୍ଧରେ କିଛି ଜାଣି ନ ଥିଲେ ବୋଲି ଜିମର ସାହେବ ପ୍ରକୃତ କହନ୍ତି । (Philosophies of India — H. Zimmer) ଜନ୍ମାନ୍ତରବାଦଟି ଆର୍ଯ୍ୟ-ଦର୍ଶନରେ ପ୍ରବେଶ କରିବାକୁ ବହୁ କାଳ ଲାଗିଥିବ । ଛାନ୍ଦୋଗ୍ୟପନିଷଦ୍‌ର ବର୍ଣ୍ଣିତ

ପୁନର୍ଜନ୍ମବାଦ

ଆରୁଣି-ଶ୍ୱେତକେତୁ ସଂବାଦରୁ ଏହାହିଁ ଅନୁମିତ ହୁଏ । ବ୍ରାହ୍ମଣ ଆରୁଣିଙ୍କଠାରୁ ତାଙ୍କ ପୁତ୍ର ଶ୍ୱେତକେତୁ ଏହା ଶିକ୍ଷା କରି ଦେଶ ବିଦେଶରେ ପ୍ରଚାର କରିଥିଲେ ବୋଲି ଜାଣିବାକୁ ପାଏ । ଏଇପରି ଭାବେ ପୁନର୍ଜନ୍ମବାଦ ଆର୍ଯ୍ୟ ଦର୍ଶନ ମଧ୍ୟରେ ସାମିଲ ହେବାକୁ ବହୁ ଶତାବ୍ଦୀ ଲାଗିଥିବ । ପୁନର୍ଜନ୍ମବାଦ ପରି ସମାଧିଯୋଗ ଓ ସନ୍ନ୍ୟାସୀଯୋଗ ମଧ୍ୟ ଅନାର୍ଯ୍ୟ ଧର୍ମରୁ ଆମଦାନି କରାଯାଇଛି ବୋଲି ପଣ୍ଡିତମାନେ କହନ୍ତି ।* ଋଗ୍‌ବେଦରେ ଏ ସବୁ ଧର୍ମ ଧାରଣାର କୌଣସି ସଂକେତ ମିଳେ ନାହିଁ । ମାତ୍ର ପରବର୍ତ୍ତୀ ଧର୍ମଗ୍ରନ୍ଥମାନଙ୍କରେ, ଯଥା ଛାନ୍ଦୋଗ୍ୟୋପନିଷଦ (୭ ୮-୧-୩) ପ୍ରଭୃତିରେ ଏହାର ପରିଚୟ ମିଳେ । ଏଥିରୁ ଜଣାଯାଏ ଯେ ଶ୍ରେଣୀ-ସମାଜରେହିଁ ଏହି ଧାରଣାଟି ଦୃଢ଼ମୂଳ ହୋଇଛି । ଶ୍ରେଣୀ-ବିଭକ୍ତ ସମାଜର ତତ୍ତ୍ୱ ହେଲା,

---

* Fundamentals of Hinduism,

**ପ୍ରାକ୍-ବୈଦିକ ହଠଯୋଗୀ ଜୈନ ସନ୍ନ୍ୟାସୀମାନେ ହିଁ ଏହାର ପ୍ରଥମ ପ୍ରବର୍ତ୍ତକ ।

ଧନୀ-ଦରିଦ୍ର, ଉଚ୍ଚ-ନୀଚ ପ୍ରଭୃତି ବୈଷମ୍ୟ ପୂର୍ବଜନ୍ମର କର୍ମଫଳ ଏବଂ ମଣିଷ ଏହି ପ୍ରାରବ୍ଧର ବଶବର୍ତ୍ତୀ । ଇହଜନ୍ମରେ ଭଗବାନଂକର ଶରଣାପନ୍ନ ହେବା ଦ୍ୱାରା ହିଁ ପ୍ରାରବ୍ଧ ହାତରୁ ରକ୍ଷା ମିଳିପାରେ ଏବଂ ପରଜନ୍ମରେ ସୁଖମୟ ଜୀବନ କିଂବା ସ୍ୱର୍ଗ ଲାଭ ହୁଏ ।

ଅନାର୍ଯ୍ୟତର ଦ୍ରାବିଡ଼ମାନେ ଜନ୍ମାଂତରବାଦକୁ ଏକ ମୌଳିକ ବିଶ୍ୱାସରୂପେ ଗ୍ରହଣ କରିଥିଲେ ଏବଂ ସେମାନଂକ ନିକଟରେ ମନୁଷ୍ୟ ଓ ଦେବତା ମଧ୍ୟରେ ବିଶେଷ ପାର୍ଥକ୍ୟ ନଥିଲା । ସେମାନେ ଦେବତାମାନଂକୁ ମନୁଷ୍ୟରୂପେ ହିଁ ଧାରଣା କରୁଥିଲେ । * ଏହି ଜୈନ ଜନ୍ମାଂତରବାଦ ପ୍ରାଚୀନ ଗ୍ରୀସ୍‌ର ଓରଫିକ୍‌ସ ଓ ପାଇଥୋଗୋରିଆନମାନଂକ ମଧ୍ୟରେ ଖ୍ରୀ : ପୂ ସପ୍ତମ ଶତାବ୍ଦୀ ବେଳକୁ ପ୍ରଚଳିତ ହୋଇଥିବା କଥା ଜଣା ପଡ଼ିଚି । ସେମାନେ ନିରାମିଷାଶୀ ଥିଲେ ଏବଂ ଆତ୍ମାର ପୁନର୍ଜନ୍ମରେ ବିଶ୍ୱାସ କରୁଥିଲେ ବୋଲି ନୀଳକଂଠ ଦାସ ପ୍ରମୁଖ କହିଛଂତି ।

ଗୀତାର ପଂଚଦଶ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ କହିଛଂତି:—ଊର୍ଦ୍ଧ୍ୱ ( ଉତ୍କୃଷ୍ଟ ପୁରୁଷୋତ୍ତମ ) ଯାହାର ମୂଳ, ଏବଂ ଅଧଃ ( ହିରଣ୍ୟଗର୍ଭ ) ଯାହାର ଶାଖା—ଏତାଦୃଶ ସଂସାରରୂପ ଅଶ୍ୱତ୍ଥବୃକ୍ଷ ଅବ୍ୟୟ ଅର୍ଥାତ୍ ଅବିଚ୍ଛେଦ୍ୟ ପ୍ରବାହରୂପରେ ବର୍ତ୍ତମାନ,—ସନାତନ କର୍ମକାଂଡ ରୂପକ ବେଦ ତାହାର ପତ୍ର ସ୍ୱରୂପ । ସଂସାରବାସୀ ପ୍ରାଣୀଗଣ ଏହି ସଂସାରରୂପ ବୃକ୍ଷର ରୂପ ଉପଲବ୍ଧି କରି ପାରଂତି ନାହିଁ । ଏହାର ଆଦି ଅଂତ ଓ ମଧ୍ୟ ନିର୍ଣ୍ଣୟ କରି ପାରଂତି ନାହିଁ । ଅନାସକ୍ତିରୂପ ଶସ୍ତ୍ର ଦ୍ୱାରା ଏହି ସୁଦୃଢ଼ମୂଳ ସଂସାରରୂପୀ ଅଶ୍ୱତ୍ଥବୃକ୍ଷକୁ ଛେଦନ କରି, ତତ୍ପରେ ଯେଉଁ ପଦ ପାଇଲେ ଆଉ ପୁନର୍ଜନ୍ମ ହୁଏନାହିଁ, ସଂସାରର ମୂଳଭୂତ ସେହି ବସ୍ତୁର ଅନ୍ୱେଷଣ କରିବାକୁ ହେବ । ଯାହାଂକଠାରୁ ଏହି ଚିରଂତନୀ ସଂସାର-ପ୍ରବୃତ୍ତି ଜନ୍ମ ହୋଇଛି ଏକାଂତ ଭକ୍ତିଯୋଗ ସହକାରେ ତାଂକର ଶରଣାପନ୍ନ ହେବାକୁ ହେବ ।···କ୍ଷର ଓ ଅକ୍ଷର ( ଜଡ଼ ଓ ଚେତନ ) ଏ ଦୁଇରୁ ପୃଥକ ଉତ୍ତମ ପୁରୁଷ ପରମାତ୍ମା ନାମରେ ଖ୍ୟାତ । ମୁଁ କ୍ଷର ଅର୍ଥାତ୍ ଜଡ଼ବର୍ଗର ଅତୀତ ଏବଂ ଅକ୍ଷର ଅର୍ଥାତ ଚେତନବର୍ଗଠାରୁ ଉତ୍କୃଷ୍ଟ । ଏଥିପାଇଁ ମୁଁ ଲୋକରେ ଓ ବେଦରେ ପୁରୁଷୋତ୍ତମ ବୋଲି ପ୍ରସିଦ୍ଧ । ଯିଏ ଏହା ଜାଣି ମୋହ-ବିମୁକ୍ତ ହୋଇ ମୋତେ ପୁରୁଷୋତ୍ତମ ରୂପେ ଜାଣଂତି, ସେହି କେବଳ ସର୍ବତୋ-ଭାବରେ ମୋର ସେବା କରି ପାରଂତି । ସେହି କେବଳ ସର୍ବଜ୍ଞ ।"

ପୁରୁଷୋତ୍ତମ ଯୋଗ

* The non-Aryan, Dravidian people of India, on the other hand for whom re-incarnation was a basic law, regarded deities simply as beings ( formerly human or animal ) who had meritted bliss." ( Zimmer )

ଆଗରୁ କୁହାଯାଇଛି ଏଇ ପୁରୁଷୋତ୍ତମ କଳ୍ପନା ବହୁ ପୂର୍ବରୁ ଲୋକରେ ପ୍ରଚଳିତ ଥିଲା ଏବଂ ବିଶେଷ କରି ଦ୍ରାବିଡ଼ ଜୈନଧର୍ମରେ ସ୍ଥାନ ପାଇ ସାରିଥିଲା । ପୁରୀ ଜଗନ୍ନାଥ ଧାମରେ ଜୈନଧର୍ମ ପ୍ରଭାବରେ ପୁରୁଷୋତ୍ତମ ଉପାସନା ମଧ୍ୟ ଶ୍ରୀମଦ୍‌ଭଗବଦ୍‌ଗୀତା ପୂର୍ବରୁ ପ୍ରତିଷ୍ଠିତ ହୋଇଥିଲା । ଜୈନଧର୍ମୀ ଦ୍ରାବିଡ଼ମାନେ ପୁରୁଷୋତ୍ତମଙ୍କୁ ଅଧ୍ୟାତ୍ମ ଶାସ୍ତ୍ରମାନଂକ ମଧ୍ୟରେ ସର୍ବଶ୍ରେଷ୍ଠ ମନେ କରୁଥିଲେ । ଏହାକୁ ସେମାନେ ଦେବାଧିଦେବ, ବୋଧିଦ, ବୀତରାଗ ଓ ଆପ୍ତ ପ୍ରଭୃତି ବହୁ ନିଜ ଉପାସ୍ୟ ଦେବତାଂକ ନାମାଂକର ରୂପେ ଗ୍ରହଣ କରିଥିଲେ । ଯଥା:— "ଦେବାଧିଦେବ-ବୋଧିଦ ପୁରୁଷୋତ୍ତମ-ବୀତରାଗାପ୍ତଃ" ।[୧] ପୁରୁଷୋତ୍ତମ ମଧ୍ୟ ଆଦିମ ଜୈନମାନଂକର କଳ୍ପବୃକ୍ଷ-ପରଂପରା ସହିତ ଜଡ଼ିତ । (ଡା.ଦେ) ଋକ୍‌ବେଦର ପୁରୁଷସୂକ୍ତ-ବର୍ଣ୍ଣିତ 'ସହସ୍ରଶୀର୍ଷା ପୁରୁଷ ମଧ୍ୟରେ ପୁରୁଷୋତ୍ତମ ସ୍ୱଭାବ ବୀଜ ନିହିତ ବୋଲି ମଧ୍ୟ ପଂଡିତମାନେ କହଂନ୍ତି ।

ତଂତ୍ର-ଧର୍ମ ପ୍ରାଚୀନ ଲିଂଗ-ଯୋନି ପୂଜାରୁହିଁ ସମ୍ଭୂତ । ଲିଂଗ-
ଯୋନି ପୂଜା ଅଷ୍ଟ୍ରିକ୍‌ଭାଷୀମାନଂକର ଅବଦାନ । 'ଲିଂଗ'
ସାଂଖ୍ୟ-ଦର୍ଶନ ଶବ୍ଦଟି ମଧ୍ୟ ଅଷ୍ଟ୍ରିକ୍ ଭାଷାର ଦାନ । ପ୍ରଶିଲୁସ୍କିଂଙ୍କ
ଓ ତଂତ୍ର ମତରେ :—

ସାଂଖ୍ୟ-ଦର୍ଶନର ପ୍ରକୃତି-ପୁରୁଷ ସଂଯୋଗରେ ସୃଷ୍ଟିର ଉତ୍ପତ୍ତି ଏ ତତ୍ତ୍ୱଟି ଏଇ ଲିଂଗ-ପୂଜା ଓ ମାତୃକା-ପୂଜା ଉପରେ ଆଧାରିତ । ଅର୍ଯ୍ୟେତର ଦ୍ରାବିଡ଼ମାନଂକ ମଧ୍ୟରେ ଲିଂଗ ଓ ଶକ୍ତି-ଯୋନି ପୂଜା ପ୍ରତିଷ୍ଠା ଲାଭ କରିଥିଲା, ଏକଥା ପୂର୍ବରୁ କୁହାଯାଇଛି । ମହେନ୍‌-ଜୋ-ଦାରୋର ସିଂଧୁ ସଭ୍ୟତାର ଧ୍ୱଂସାବଶେଷରୁ ଏହା ପ୍ରମାଣିତ ହୋଇଛି । ଦ୍ରାବିଡ଼ର ଉପାସ୍ୟ ଦେବତା ଶିବ କ୍ରମେ ଭୈରବ ଏବଂ ତାଂକର ଶକ୍ତିସ୍ୱରୂପା ଦେବୀ ଭୈରବୀ ରୂପେ କଳ୍ପିତା ହୋଇ ତଂତ୍ର-ଧର୍ମର ସୃଷ୍ଟି ହୋଇଥିଲା । ଭରତ ମୁନିଂକ ବେଳକୁ ଶିବ ମହାଭୈରବରେ ପରିଣତ ହୋଇ ସାରିଲେଣି । 'ନାଟ୍ୟ ଶାସ୍ତ୍ର' ପ୍ରଣେତା ଭରତ ମୁନି ଖ୍ରୀ: ପୂ ତୀନିଶ ଶତାବ୍ଦୀର ଲୋକ । ସେ ଶିବକୁ " ପ୍ରଦୀପ୍ତ ସଜଳ-କୁଣ୍ଡଳ ଭୈରବରୂପଂ, ଖଟ୍ଵାଂଗ-କପାଳଧରଂ.....ଦ୍ୟୋନଲସ୍ଥଂ ଭୈରବରୂପଂ..." ସ୍ୱରୂପରେ ତାଂକ 'ନାଟ୍ୟ ଶାସ୍ତ୍ର'ର ୩ଂଶ ଅଧ୍ୟାୟରେ ବର୍ଣ୍ଣନା କରିଛଂନ୍ତି । "ଶୈବ

---

୧ । 'ଅଭିଧାନ ଚିଂତାମଣି'— ହେମଚଂଦ୍ର

1. "The phallic cults are generally considered to have been derived from Indian Saivaism. It is more probable that the Aryans have borrowed from the aborigins of India the cult of Linga as well as the name of the idol."

ସନ୍ଧାଂତି" ଗ୍ରଂଥରୁ ଜଣାଯାଏ ଯେ ଶୈବ-ପଂଥା ପ୍ରାଥମିକ ପର୍ଯ୍ୟାୟରେ ତଂତ୍ର-ଧର୍ମ ଦ୍ୱାରା କବଳିତ ହୋଇ ନଥିଲା ।[୧] ଧୀରେ ଧୀରେ ତଂତ୍ର-ଧର୍ମ ବୌଦ୍ଧ ବଜ୍ରଯାନ-ସହଜଯାନ ଏବଂ ବ୍ରାହ୍ମଣ୍ୟ ଧର୍ମକୁ ମଧ୍ୟ ଗ୍ରାସ କରିଥିଲା ।

ଶ୍ରୀମଦ୍‌ଭଗବତ ଗୀତାରେ ସାଂଖ୍ୟ-ଦର୍ଶନ ସଂବଧରେ ସଂକ୍ଷେପରେ ଆଲୋଚନା କରାଯାଇଛି । ତ୍ରୟୋଦଶ ଅଧ୍ୟାୟରେ ପ୍ରକୃତି-ପୁରୁଷ ତତ୍ତ୍ୱକୁ କ୍ଷେତ୍ର ଓ କ୍ଷେତ୍ରଜ୍ଞରୂପେ ବର୍ଣ୍ଣନା କରାଯାଇଛି । ଶ୍ରୀକୃଷ୍ଣ କହୁଛଂତି, କିଏ ଧ୍ୟାନଯୋଗରେ ଏହି ଦେହରେ ମନ ଦ୍ୱାରା ଆତ୍ମାକୁ ଦର୍ଶନ କରଂତି, କିଏ ବା ପ୍ରକୃତି-ପୁରୁଷ ବୈଲକ୍ଷଣ୍ୟ ଆଲୋଚନା ପୂର୍ବକ ସାଂଖ୍ୟ-ଯୋଗ ଦ୍ୱାରା ଏବଂ କିଏ ବା ଅଷ୍ଟାଂଗ ଯୋଗ ଦ୍ୱାରା, ପୁଣି ଆଉ କିଏ ବା କର୍ମଯୋଗ ଦ୍ୱାରା ଆତ୍ମାକୁ ଦର୍ଶନ କରଂତି । ...ଜଗତରେ ଯାହା କିଛି ସ୍ଥାବର ଜଂଗମ ପଦାର୍ଥ ଉତ୍ପନ୍ନ ହୁଏ, ସମସ୍ତହିଁ କ୍ଷେତ୍ର ଓ କ୍ଷେତ୍ରଜ୍ଞ ସଂଯୋଗରେ ଉତ୍ପନ୍ନ ହୋଇଥାଏ । ସେ ଆତ୍ମାର ଶକ୍ତିରୂପେ ପ୍ରକୃତିକୁ ସ୍ୱୀକାର କରିଛଂତି ଏବଂ ଆତ୍ମା (ପୁରୁଷ ବା କ୍ଷେତ୍ରଜ୍ଞ) ଅକର୍ତ୍ତା ଏବଂ ପ୍ରକୃତି ସମସ୍ତ କାର୍ଯ୍ୟ ନିର୍ବାହ କରିଥାଂତି ଏବଂ ପ୍ରକୃତିରୁହିଁ ଭୂତ ସକଳର ବିସ୍ତାର ହୋଇଥାଏ ବୋଲି କହୁଛଂତି ଗୀତା (୧୩ ଅ, ୨୯-୩୦)

## ଗୀତା-ପ୍ରବଚନ

ଭଗବଦ୍‌ଗୀତାରେ ନବସଭୂତ ଶ୍ରେଣୀସମାଜକୁ ଦୃଢ଼ମୂଳ କରିବା ପାଇଁ ସେହି ସମାଜର ଅନୁକୂଳ ଏକ ଦର୍ଶନ ଏବଂ ମୂଲ୍ୟମାନ ପ୍ରବର୍ତ୍ତନ କରିବା ପାଇଁ ପ୍ରବଳ ଚେଷ୍ଟା କରାଯାଇଛି । ଯେଉଁଠି ଯୁକ୍ତିତର୍କ ହାର ମାନିଛି ସେଠାରେ ଭଗବାନ ଶ୍ରୀକୃଷ୍ଣ ତାଂକର ଅଲୌକିକ ଲୀଳା ବା ବିଶ୍ୱରୂପ ଆଦି ଦେଖାଇବାକୁ ପଶ୍ଚାତ୍‌ପଦ ହୋଇ ନାହାଂତି । ଯୁକ୍ତିତର୍କ ଅପେକ୍ଷା ସେ miracleର ଅଧିକ ଆଶ୍ରୟ ନେଇଛଂତି ।

ଗୀତାରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଏହି ଚତୁର୍ବର୍ଣ୍ଣ ଉପରେ ପ୍ରତିଷ୍ଠିତ ଶ୍ରେଣୀ-ସମାଜକୁ ଗ୍ରହଣ କରିନେବା ପାଇଁ ଏବଂ ସେହି ସମାଜର ପ୍ରତିଷ୍ଠା କଲେ ବୃଦ୍ଧି କରିବା ଏକମାତ୍ର 'ସ୍ୱଧର୍ମ' ବୋଲି ବୁଝାଯାଇଛି । ପୂର୍ବ ଗଣରାଜ୍ୟ-ଗୁଡ଼ିକରେ ନିଜ ଜ୍ଞାତି, ବନ୍ଧୁ ଓ ସମଗୋତ୍ରୀୟମାନଂକୁ ହତ୍ୟା କରିବା ବିରୋଧରେ କଡ଼ା ନିଷେଧ ( taboo ) ରଖା ଯାଇଥିଲା । ସେତେବେଳେ ଯାହା ସହିତ ଗଣର ସଦସ୍ୟମାନଂକୁ ଯୁଦ୍ଧ କରିବାକୁ ପଡ଼ୁଥିଲା ସେ ହେଲା ଜଣେ ଗଣବହିର୍ଭୂତ ବ୍ୟକ୍ତି ( ବା alien ) ବା ଅନ୍ୟ ଗୋଷ୍ଠୀ ବା ଗୋତ୍ରର ଲୋକ । ଗୀତାର ପ୍ରଥମ ଅଧ୍ୟାୟରେହିଁ ଗଣସମାଜର ଏହି ପ୍ରଚଳିତ ଧାରଣା ଓ ମୂଲ୍ୟବୋଧ ମୁଂଡଟେକି

ଛିଡା ହୋଇଛି, ଏବଂ ଆତ୍ମକୁଟୁଂବମାନଂକ ବିରୋଧରେ ଯୁଦ୍ଧ ଓ ପ୍ରାଣନାଶ କରିବାର ବୈଧତା ବିଷୟରେ ପ୍ରଶ୍ନବାଣ ଉଠାଇଛି ।

"ଆଚାର୍ଯ୍ୟ ପିତରଃ ପୁତ୍ର ସ୍ତଥୈବ ଚ ପିତାମହା ।
ମାତୁଳାଃ ଶ୍ୱଶୁରାଃ ପୌତ୍ରାଃ ଶ୍ୟାଳା ସଂବନ୍ଧିନସ୍ତଥା ।
ଏତାନ୍ନ ହଂତୁମିଚ୍ଛାମି ଘ୍ନତୋପି ମଧୁସୂଦନ
ଅପି ତ୍ରୈଲୋକ୍ୟରାଜ୍ୟସ୍ୟ ହେତୋଃ କିଂନୁ ମହୀକୃତେ । ୩୩-୩୪ ।
ଅହୋ ବତ **ମହତ୍‌ପାପଂ** କର୍ତ୍ତୁଂ ବ୍ୟବସିତା ବୟମ
ଯଦ୍ରାଜ୍ୟସୁଖଲୋଭେନ ହଂତୁ **ସ୍ୱଜନ ମୁଦ୍ୟତାଃ** । ୪୪ ।

("ହେ ଗୋବିଂଦ ! ଯାହାଂକ ପାଇଁ ଆମେ ରାଜ୍ୟ, ଭୋଗ ଓ ସୁଖ କାମନା କରୁଁ, ସେଇ ଆଚାର୍ଯ୍ୟ, ପିତୃବ୍ୟ, ପୁତ୍ର, ପିତାମହ, ମାତୁଳ, ଶ୍ୱଶୁର, ପୌତ୍ର, ଶ୍ୟାଳକ ଏବଂ କୁଟୁଂବଗଣ ଧନ ଓ ପ୍ରାଣତ୍ୟାଗ ସ୍ୱୀକାର କରି ଏହି ଯୁଦ୍ଧରେ ଉପସ୍ଥିତ ହୋଇଛଂତି । ଅତଏବ ଆମର ରାଜ୍ୟରେ ବା କଣ ପ୍ରୟୋଜନ ? ଭୋଗରେ ବ କଣ ପ୍ରୟୋଜନ ଏବଂ ପ୍ରାଣରେ ବା କଣ ପ୍ରୟୋଜନ ? ହେ ମଧୁସୂଦନ ! ଏମାନେ ମୋତେ ବଧ କଲେ ମଧ୍ୟ ମୁଁ ତ୍ରୈଲୋକ୍ୟର ଆଧିପତ୍ୟ ପାଇଲେ ସୁଦ୍ଧା ଏମାନଂକୁ ବଧ କରିବାକୁ ଚାହେଁ ନାଇ । × × ହାୟ ! ଆମେ **ମହାପାପ** କରିବାକୁ କୃତନିଶ୍ଚୟ ହୋଇଛୁଁ । କାରଣ ରାଜ୍ୟ ସୁଖ ଲୋଭରେ ଆମେ ସ୍ୱଜନବଧ କରିବାକୁ ଉଦ୍ୟତ ।)

ପ୍ରାଚୀନ ଗଣସମାଜର ସ୍ୱଜନହତ୍ୟା ମହାପାପ ଏଇ ମୂଲ୍ୟବୋଧଟି ଏଠାରେ ଅର୍ଜୁନଂକ ମୁଖରେ ବାକ୍‌ମୟ ହୋଇ ଉଠିଛି । ଏହା ତାଂକର ସମସ୍ତ ପୌରୁଷକୁ କ୍ଳୀବ କରି ଦେଇଛି ଏବଂ ତାଂକ ମନରେ ନାନା ସଂଦେହ, ଦ୍ୱିଧା ଓ ନୈତିକ ସଂକଟ ସୃଷ୍ଟି କରିଛି । ମାତ୍ର ଗୀତାର ତତ୍ତ୍ୱକାର ଏହାର କୌଣସି ଯୁକ୍ତିଯୁକ୍ତ ଉତ୍ତର ଦେଇ ନ ପାରି କେବଳ କହୁଛଂତି—"ଏହା ତୁମର ଅଦୃଷ୍ଟ । ଏହା ତୁମର ସ୍ୱଧର୍ମ (ଶ୍ରେଣୀ-ଧର୍ମ) । କାରଣ ଧର୍ମଯୁଦ୍ଧ କ୍ଷତ୍ରିୟ ଶ୍ରେଣୀର ସ୍ୱର୍ଗଦ୍ୱାର ସଦୃଶ ।" ଇତ୍ୟାଦି ଇତ୍ୟାଦି ।

ମାତ୍ର ଏଥିରେ ଅର୍ଜୁନଂକର ପୂର୍ବ ସଂସ୍କାର ଦୂର ନ ହେବାରୁ ସେ ତାଂକୁ ନିଜର ବିଶ୍ୱରୂପ ବା ମିରେକଲ୍ ଦେଖାଇ ଯୁଦ୍ଧ ଚଳାଇ ଦେଇ କାର୍ଯ୍ୟସିଦ୍ଧି କରାଇବାକୁ ତତ୍ପର ହୋଇଛଂତି ।

1. 'The Metaphysics of the Saiva Sidhanta'—K. Subramanyam.
ଦ୍ରଃ : ବେଣୀମାଧବ ପାଢ଼ୀ ଓ ପଂଡିତ ନୀଳକଂଠ ଦାସ ।

ପୂର୍ବ ଗଣସଂଘ ଓ କୁଳସଂଘର ସମସ୍ତ ମାନ୍ୟତାପକ୍ଷମ ଓ ଧ୍ୟାନ-ଧାରଣା ତଥା ସମାଜ-ବିନ୍ୟାସ ଏହି ମହାଭାରତ ଯୁଦ୍ଧରେ ଧୂଳିସାତ୍ ହେବାକୁ ବସିଛି । ତେଣୁ ଏହା ଶେଷ ଥର ପାଇଁ ଯେପରି ଅର୍ଜୁନଙ୍କ ମୁହଁରେ ପ୍ରତିଧ୍ୱନିତ ହୋଇ ଉଠିଛି ।

ଶ୍ରୀକୃଷ୍ଣ ପୁଣି ଅଧ୍ୟାତ୍ମବାଦ ଉତ୍ଥାପନ କରି ଅର୍ଜୁନଙ୍କୁ କର୍ମପ୍ରବଣ ହେବା ପାଇଁ ଉଦ୍‌ବୋଧନ ଦେଉଛନ୍ତି---“ଯାହାଙ୍କ ପାଇଁ ଶୋକ କରିବା ଆବଶ୍ୟକ ନୁହେଁ, ତୁମ୍ଭେ ସେହିମାନଙ୍କ ପାଇଁ ଶୋକ କରୁଛ । ଭୂତଗଣ ଆଦିରେ ଅବ୍ୟକ୍ତ, ମଧ୍ୟାବସ୍ଥାରେ (ଜନ୍ମ ହେବା ପରେ) ବ୍ୟକ୍ତ ଏବଂ ପୁଣି ନିଧନ ପରେ ଅବ୍ୟକ୍ତ । ତାହେଲେ ଶୋକର କାରଣ କଣ ? × × ଏହି ନୃପତିମାନେ, ତୁମ ଓ ମୁଁ ସମସ୍ତେ ଆଗରୁ ମରି ସାରିଛେଁ, ତୁମେ ଆଉ ମାରିବ କଣ ? ତୁମେ କେବଳ ନିମିତ୍ତ ମାତ୍ର । × × × ଯେପରି ଏ ଦେହରେ ମଣିଷର କୌମାର, ଯୌବନ ଓ ଜରା---ଏହି ତିନି ବିଧ ଅବସ୍ଥା ହୋଇଥାଏ—ଦେହାନ୍ତର ପ୍ରାପ୍ତି ମଧ୍ୟ ସେଇପରି । ସେଥିରେ ପଣ୍ଡିତବ୍ୟକ୍ତି ମୁହ୍ୟ ହୁଅନ୍ତି ନାହିଁ । × × ଯେହେତୁ ଜନ୍ମ ହେଲେ ମରଣ ନିଶ୍ଚିତ ଏବଂ ମରଣ ପରେ ପୁନରାୟ ଜନ୍ମ ମଧ୍ୟ ଅବଶ୍ୟମ୍ଭାବୀ, ଅତଏବ ଯାହା ଅବଶ୍ୟ ହେବ ସେଥିପାଇଁ ତୁମେ ଶୋକ କରି ନ ପାର । × × × ହେ ଭାରତ ! ଏହି ଦେହୀ (ଆତ୍ମା) ସର୍ବଦେହରେ ସର୍ବଦା ଅବଧ୍ୟ । ଅତଏବ ତୁମେ ଭୂତଗଣଙ୍କ ପାଇଁ ଶୋକ କରି ନ ପାର । × × ଆତ୍ମା ଜନ୍ମେ ନାହିଁ, ମରେ ନାହିଁ, ଜନ୍ମି ମଧ୍ୟ ବିଦ୍ୟମାନ ଥାଏ ନାହିଁ । ଏହା ଜନ୍ମହୀନ, ନିତ୍ୟ, ଅକ୍ଷୟ ଓ ପରିଣାମହୀନ । ଦେହ ବିନଷ୍ଟ ହେଲେ ବି ଏହାର ବିନାଶ ନାହିଁ ।”

ପୂର୍ବ ଗଣସମାଜର ପ୍ରତିଷ୍ଠିତ ମୂଲ୍ୟବୋଧ ଯଥା ଜ୍ଞାତି ବା କୁଟୁମ୍ବ ସଂହାର ଅପେକ୍ଷା ବଡ ପାପ କିଛି ନାହିଁ ଏଇଠାରୁ ସମାଧି ଲାଭ କରିଛି ।

ଗୀତାର ଦର୍ଶନ ବେଦର ପରବର୍ତ୍ତୀ ଉପନିଷଦ, ସାଂଖ୍ୟ ଓ ବେଦାନ୍ତର ନିର୍ଯ୍ୟାସକୁ ନେଇ ଗଢ଼ା ହୋଇଛି । ଏଠାରେ ଗୀତାର ଦାର୍ଶନିକ ଦିଗ ଉପରେ ବିସ୍ତୃତ ଭାବରେ କିଛି କହିବାର ଅବକାଶ ନାହିଁ । କେବଳ ଗୀତା ଦର୍ଶନର ସାମାଜିକ ଭିତ୍ତି ଉପରେ କିଛି କହିବା ହିଁ ପ୍ରାସଙ୍ଗିକ ହେବ । ଉପନିଷଦୋକ୍ତ “ତେନ ତ୍ୟକ୍ତେନ ଭୁଞ୍ଜୀଥା, ମା ଗୃଧଃ କସ୍ୟସ୍ୱିଦ୍ଧନମ୍” ଅର୍ଥାତ୍ ‘ଯାହା ଅଛି ତାକୁ ତ୍ୟାଗ କରିହିଁ ଭୋଗକର ଅନ୍ୟର ଧନ ଉପରେ ଆଖି ପକାଅ ନାହିଁ ।’ ଏ ସମସ୍ତ ସମାଜରେ ବ୍ୟକ୍ତିଗତ ସଂପତ୍ତି କାମ ହେବା ପରର କଥା । ସଂପତ୍ତିର ସୁରକ୍ଷା ପାଇଁ ଏଭଳି ତତ୍ତ୍ୱର ଆବଶ୍ୟକତା ନିଶ୍ଚୟ ଦରକାର । କଟକ ଶ୍ରେଣୀକୁ ଏହାହିଁ କାଏମୀ ସ୍ୱାର୍ଥର ଉପଦେଶ ।।

ପୂର୍ବରୁ କୁହାଯାଇଛି, ଗଣ-ସମାଜରେ ବା କମ୍ୟୁନ୍‌ରେ ସାମୁହିକ ଉତ୍ପାଦନ ତଥା ବିତରଣ ପ୍ରଣାଳୀ କ୍ରମେ ଜଟିଳ ହୋଇ ଉଠିଲା । ଫଳରେ ଶ୍ରମବଂଟନ ବା division of labourର ଆବଶ୍ୟକତା ଅନୁଭୂତ ହେବାକୁ ଲାଗିଲା । ମାତ୍ର ଏଇ ଅବସ୍ଥାରେ ବର୍ଣ୍ଣର କାର୍ଯ୍ୟ ସୁନିର୍ଦ୍ଦିଷ୍ଟ ଥିଲା । ଏହା ବୃତ୍ତିମୂଳକ ଥିଲା । ମାତ୍ର କାଳକ୍ରମେ ବ୍ୟକ୍ତିଗତ ସଂପତ୍ତି ଓ ବ୍ୟକ୍ତିଗତ ପରିବାର ପ୍ରତିଷ୍ଠା ହେବା ସଂଗେ ସଂଗେ ଯୁଦ୍ଧ, ବ୍ୟବସାୟ ବାଣିଜ୍ୟ, ପଣ୍ୟ ବିନିମୟ ଆଦି ବୃତ୍ତି ସହିତ ସଂଶ୍ଳିଷ୍ଟ ପରିବାରବର୍ଗ ବିଶେଷ ଲାଭବାନ ହେଲେ । ଏମାନଂକର ଶକ୍ତି ବୃଦ୍ଧି ପାଇଲା । ଏହି ବର୍ଣ୍ଣ-ବିନ୍ୟାସ ମଧ୍ୟରେ ବ୍ରାହ୍ମଣ-କ୍ଷତ୍ରିୟ ବର୍ଣ୍ଣଦ୍ୱୟ ଅଧିକ ପ୍ରତିପତ୍ତିଶାଳୀ ଥିଲେ । ସେମାନେ ଅନ୍ୟ ବର୍ଣ୍ଣର ଲୋକମାନଂକୁ ଯଥା

**ଗୀତା ଓ ଶ୍ରେଣୀ-ତତ୍ତ୍ୱ**

ବୈଶ୍ୟ ଓ ଶୂଦ୍ର ଶ୍ରେଣୀକୁ ଶ୍ରମିକବର୍ଣ୍ଣରେ ପରିଣତ କରି ନିଜେ ସମାଜରେ ଅଗ୍ରସ୍ଥାନ ଦଖଲ କରି ବସିଲେ । ବର୍ଣ୍ଣ ଶ୍ରେଣୀରେ ପରିଣତ ହେଲା ଓ ଜନ୍ମଗତ ହେଲା । ରାଷ୍ଟ୍ର ଜନ୍ମଲାଭ କଲା । ରାଷ୍ଟ୍ର ସହିତ ସାମ୍ରାଜ୍ୟ ସ୍ଥାପନ ପ୍ରଚେଷ୍ଟା ଦେଖାଦେଲା ।

ଏହି ବର୍ଣ୍ଣ-ବିନ୍ୟାସ ଉପରେ ପ୍ରତିଷ୍ଠିତ ସମାଜବ୍ୟବସ୍ଥାରେ ପ୍ରତ୍ୟେକ ଲୋକ ଯେପରି ନିଜର ଅଦୃଷ୍ଟ ଦ୍ୱାରା ନିର୍ଦ୍ଧାରିତ କର୍ତ୍ତବ୍ୟ ପାଳନ କରେ ତାହାହିଁ ହେଲା ଗୀତାର ପ୍ରଧାନତମ ଶିକ୍ଷା । ସମସ୍ତେ ନିଜ ନିଜ ପୂର୍ବ-ନିର୍ଦ୍ଦିଷ୍ଟ ବା ଅଦୃଷ୍ଟ-ନିଦଷ୍ଟ ଭୂମିକା ପାଳନ କରିବା ଉଚିତ ।

"କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।
ମା କର୍ମଫଳହେତୁର୍ଭୂର୍ମା ତେ ସଙ୍ଗୋଽସ୍ତ୍ୱକର୍ମଣି ।"—ଗୀତା, ୨—୪୭

× × × ×

ନିୟତଂ କୁରୁ କର୍ମ ତ୍ୱମ୍ । ଗୀତା ୩—୮

ଏହାର ଅର୍ଥ : ତୁମେ ଯେଉଁ କୁଳରେ ଜାତ ହୋଇଛ ସେଇ ବର୍ଣ୍ଣର ଯାହା ନିର୍ଦ୍ଦିଷ୍ଟ କର୍ମ ତାହାହିଁ ତୁମେ କରିଯିବା ଉଚିତ । କର୍ମଫଳ ଉପରେ ତମର କୌଣସି ଅଧିକାର ନାଇ । ଫଳପ୍ରାପ୍ତିର ଆଶା ନରଖି ତୁମେ ତୁମର ଅଦୃଷ୍ଟ-ନିର୍ଦ୍ଦିଷ୍ଟ କାର୍ଯ୍ୟ କରିଯିବାହିଁ ତୁମର ସ୍ୱଧର୍ମ ।

ଏଇ ନିର୍ଦ୍ଦିଷ୍ଟ କୌଳିକ ବୃତ୍ତି ପାଳନ କରିବା ପାଇଁହିଁ ମଣିଷର ଜନ୍ମ । ଯେ ଏଇ ପୂର୍ବନିର୍ଦ୍ଦିଷ୍ଟ ବୃତ୍ତିର ବାହାରକୁ ଗୋଡ଼ ବଢ଼ାଇଲେ ସ୍ୱଧର୍ମ ଚ୍ୟୁତ ହୁଅନ୍ତି । 'ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।"

ମୁକ୍ତ ଗଣସମାଜର ଧ୍ୱଂସସ୍ତୂପ ଉପରେ ଏକ ଦାସଭିତ୍ତିକ ଶ୍ରେଣୀ-ସମାଜ ପ୍ରତିଷ୍ଠାର ଆଦ୍ୟ ଭୂମିକା ରୂପେ ସେଦିନ କୁରୁକ୍ଷେତ୍ରର ଭୟାବହ ଯୁଦ୍ଧଭୂମିରେ

ଯେଉଁ ତତ୍ତ୍ୱ ଓ ଦର୍ଶନ ଗୀତାର ତତ୍ତ୍ୱଦାତାଙ୍କ ମୁହଁରୁ ବାହାରିଥିଲା ତାହା କେବଳ ଅର୍ଜୁନ ନୁହେଁ, ପ୍ରତ୍ୟେକ ବଂଚିତ ମଣିଷକୁ ଆଜି ପର୍ଯ୍ୟନ୍ତ ବହୁ କ୍ଷେତ୍ରରେ ବୁଝା ହୋଇ ଆସୁଛି ।

ମହାଭାରତ ଯୁଦ୍ଧ ପରେ ଦାସଭିତ୍ତିକ ସମାଜ ପ୍ରଥା ଦୃଢ଼ମୂଳ ହୁଏ ଏବଂ ସମାଜରେ ଶ୍ରେଣୀ-ଆଧିପତ୍ୟ ଓ ବ୍ୟକ୍ତିଗତ ସମ୍ପତ୍ତିର ଭିତ୍ତିଭୂମି ସଂପୂର୍ଣ୍ଣରୂପେ ପ୍ରତିଷ୍ଠିତ ହୁଏ । ପୂର୍ବ ଯୁଗର ଧର୍ମ ଓ ମୂଲ୍ୟବୋଧ ମଧ୍ୟ ପରିବର୍ତ୍ତିତ ହୋଇ ନୂତନ ସମାଜର ଅନୁକୂଳ ଧର୍ମ ଓ ମୂଲ୍ୟବୋଧରେ ରୂପାଂତରିତ ହୁଏ ।

## ରାମାୟଣ ଆଗେ ନା ମହାଭାରତ ଆଗେ ?

ଏସଂପର୍କରେ ଏଠାରେ ସ୍ମରଣୀୟ ଯେ ରାମାୟଣ ମହାଭାରତର ପାଂଚ ଶହ ବର୍ଷ ପୂର୍ବର ରଚନା ବୋଲି କୁହାଯାଇଥାଏ । ମାତ୍ର ରାମାୟଣରେ ଶ୍ରୀରାମ ଚରିତ୍ରରେ ଯେଉଁ ଏକପତ୍ନୀବ୍ରତ ଏବଂ ପିତୃଆଜ୍ଞା ପାଳନପୂର୍ବକ ବନବାସ ଯାଇଥିବା କଥା ରହିଛି, ତାହା କେବଳ ପିତୃପ୍ରଧାନ ସମାଜ ପ୍ରତିଷ୍ଠିତ ହେବାର ବହୁ ପରବର୍ତ୍ତୀ ଅବସ୍ଥାରେହିଁ ସଂଭବ ହୋଇଥିବ । ପର୍ଶୁରାମଙ୍କର ପିତୃଆଜ୍ଞା ମାନ ପଥ-ଲଂଘନ ଯୋଗୁ ମାତାର ଶିରଚ୍ଛେଦ ଏବଂ ସେଇ ଅପରାଧରେ ଋଷିପତ୍ନୀ ଅହଲ୍ୟାଙ୍କର ନୃଶଂସ ଶାସ୍ତି ଲେଗ ସମାଜରେ ପିତୃ-ବୋଧ ଏବଂ ଶ୍ରେଣୀ-ବିଭାଗ ଖୁବ୍ ଦୃଢ଼ ଓ କଠୋର ହେବା ପରେ ଯାଇହିଁ ସଂଭବ ହୋଇଥିବ । ଏହା ଖୁବ୍ ପରବର୍ତ୍ତୀ ସାମଂତତଂତ୍ରୀ ଯୁଗର ଘଟଣା ପରି ମନେହୁଏ—ଯେତେବେଳେ ସମାଜରେ କ୍ଷତ୍ରିୟ ଓ ବ୍ରାହ୍ମଣଙ୍କର ପ୍ରଭୁତ୍ୱ ଖୁବ୍ କଠିନ ଓ ସୁଦୃଢ଼ ହୋଇ ଉଠିଛି । ରାମାୟଣ ଯଦି ମହାଭାରତର ପୂର୍ବବର୍ତ୍ତୀ ରଚନା ହୁଏ ତେବେ ସେଥିରେ ମାତୃ-ପ୍ରଧାନ ସମାଜର କୌଣସି ଛାୟାପାତ ହୋଇ ନାଇ କିପରି ? ଅଥଚ ମହାଭାରତ, ଯାହା ପାଂଚ ଶହ ବର୍ଷ ପରେ ଲେଖା ଯାଇଛି ବୋଲି କୁହା ଯାଉଛି, ସେଥିରେ ମାତୃ-ପ୍ରଧାନ ସମାଜର ଭୂରି ଭୂରି ଦୃଷ୍ଟାଂତ ଭରି ରହିଛି । ରାମାୟଣରେ ଆମେ ଯେଉଁ ସମାଜ-ବିନ୍ୟାସ ଏବଂ ବ୍ୟକ୍ତି-ଚରିତ୍ରର ସଂଧାନ ପାଉଁ, ତାହା କେବଳ ଏକ ଶୃଂଖଳିତ ଶ୍ରେଣୀ-ବିଭକ୍ତ ସମାଜର ଚିତ୍ର,—ଯାହା ଏତେ ପୂର୍ବରୁ ରଚିତ ଗ୍ରଂଥରେ କଦାପି ସଂଭବ ହୋଇ ନଥାଂତା ।

ତେଣୁ ସମାଜବିକାଶର ଐତିହାସିକ ଧାରା ଏବଂ ସମାଜତତ୍ତ୍ୱ ସଂବଂଧରେ ଯାହାର ସାମାନ୍ୟତମ ଜ୍ଞାନ ଥିବ ସେ କଦାପି ସ୍ୱୀକାର କରିବ ନାଇ ଯେ ରାମାୟଣ ମହାଭାରତର ପୂର୍ବବର୍ତ୍ତୀ ଯୁଗର ରଚନା ।

ଅବଶ୍ୟ ସମୟାନୁକ୍ରମରେ ରାମ-ରାବଣ ଯୁଦ୍ଧ ଭାରତ-ଯୁଦ୍ଧର ପ୍ରାୟ ପାଂଚଶତ ବର୍ଷ ପୂର୍ବର ଘଟଣା, ଏକଥା ସ୍ୱୀକାରକରା ଯାଇ ପାରେ ।

କାରଣ ମହାଭାରତରେ ଅଯୋଧ୍ୟାର ରଘୁବଂଶ ଏବଂ ରାମଙ୍କ ବିଷୟରେ ଉଲ୍ଲେଖ ଦେଖାଯାଏ । ସେଥିରୁ ଧରିନେବାକୁ ହେବ ଯେ ରାମ-ରାବଣ ଯୁଦ୍ଧ 'ମହାଭାରତ'ର ବହୁ ପୂର୍ବର ଘଟଣା ହୋଇଥିଲେ ମଧ୍ୟ ରାମାୟଣ ଏକ ସଂପୂର୍ଣ୍ଣ ଅର୍ବାଚୀନ ରଚନା । ସଂଭବତଃ ବାଲ୍ମୀକି ସମାଜରେ ପ୍ରଚଳିତ ସ୍ୱାମୀଧର୍ମ ଓ ପିତୃପ୍ରାଧାନ୍ୟ ଆଦି ପ୍ରତିଷ୍ଠିତ ଆଦର୍ଶବାଦ ଓ ମୂଲ୍ୟବୋଧ ଆଦିର ରୂପାୟନ ପାଇଁ ମହାଭାରତର ଚରିତ୍ରମାନଙ୍କୁ ଉପଯୁକ୍ତ ବିବେଚନା କରି ନଥିଲେ । ସେଥିପାଇଁ ସେ ରାମଙ୍କ ଭଳି ଏକ ବହୁ ପ୍ରାଚୀନ ଚରିତ୍ରକୁ ହୁଏତ ନିଜର କାବ୍ୟାତ୍ମକ ରୂପେ ମନୋନୀତ କରିଥିବେ— କାରଣ ତାଙ୍କ ସମ୍ବନ୍ଧରେ ଜନଶ୍ରୁତି ପ୍ରାୟ ସମସ୍ତ କିଛି ଭୁଲି ଯାଇଥିଲା ଏବଂ ତାଙ୍କୁ ଯେପରି ଭାବରେ ଚିତ୍ରଣ କଲେ ବି ସେଥିରେ କିଛି ଅସୁବିଧା ନଥିଲା ।*

ସଂପ୍ରତି ବରୋଦାର ପ୍ରାଚ୍ୟ ସମିତି ରାମାୟଣର ସମସ୍ତ ଭାରତୀୟ ଓ ବୈଦେଶିକ ସଂସ୍କରଣର ପାଠ ନିକରଷି ଅଧ୍ୟୟନ କରି ଏକ ପ୍ରାମାଣ୍ୟ ସଂସ୍କରଣ ପ୍ରକାଶ କରିଛନ୍ତି । କେତେକ ଭାରତବିଦ୍ୟାବିତ୍ ଏହି ସଂକଳନଟି ପ୍ରକାଶ କରି ମତବ୍ୟକ୍ତ କରିଛନ୍ତି ଯେ ରାମାୟଣରେ କେଉଁ ଭାଷାରେ ରାମ ଓ ଲକ୍ଷ୍ମଣ, ବିଭୀଷଣ, ରାବଣ, ସୁଗ୍ରୀବ ପ୍ରଭୃତିଙ୍କ ସଂଗେ କଥାବାର୍ତ୍ତା କରିଥିଲେ କିଂବା ହନୁମାନ ସୀତାଙ୍କୁ ଅଶୋକ ବନରେ ଠାବ କରି କେଉଁ ଭାଷାରେ ତାଙ୍କ ସହିତ ଭାବ ଓ ସଂବାଦ ବିନିମୟ କରିଥିଲେ ସେ ବିଷୟରେ ବାଲ୍ମୀକି କୌଣସି ଭାଷାଗତ ଅସୁବିଧା ଘଟିଥିବା କଥା ସୂଚାଇ ନାହାଁନ୍ତି । ସେହିପରି ସୀତା ଓ ରାବଣ କେଉଁ ଭାଷାରେ ବାର୍ତ୍ତାଳାପ କରିଥିଲେ ସେ ବିଷୟରେ ମଧ୍ୟ କୌଣସି ଆଭାସ ନାହିଁ । ଏଥିରୁ ଜଣାଯାଏ ଯେ ଏ ସମସ୍ତଙ୍କର ଭାବପ୍ରକାଶର ମାଧ୍ୟମ ଥିଲା ଏକ, ଅର୍ଥାତ୍ ସଂସ୍କୃତ । ତେଣୁ ରାମ-ରାବଣ ଯୁଦ୍ଧକୁ ଏମାନେ ଆର୍ଯ୍ୟ-ଅନାର୍ଯ୍ୟ ମଧ୍ୟରେ ଲଢ଼େଇ ବୋଲି ନ ଭାବି ଆର୍ଯ୍ୟ ଗୋଷ୍ଠୀ ମଧ୍ୟରେ ଏକ ଅନ୍ତର୍ବିବାଦ ବୋଲି ମନେ କରନ୍ତି । ଏହି ସଂସ୍କରଣର ଭୂମିକାରୁ ପୁଣି ମଧ୍ୟ ଜଣାଯାଏ ଯେ ହନୁମାନର ଲଂକାଦହନ, ସୀତାଙ୍କର ଅଗ୍ନି ପରୀକ୍ଷା ପ୍ରଭୃତି ପ୍ରସଂଗମାନ ମୂଳ ବାଲ୍ମୀକି ରାମାୟଣରେ ନଥିଲା । ପରେ ଏସବୁ ଏବଂ ଅନ୍ୟ ବହୁ ଅଂଶ ଯୋଗ କରା ଯାଇଛି ।

**ମହାଭାରତ ଓ ବେଦବ୍ୟାସ**

ମହାଭାରତର ବହୁ ଅଂଶ ପ୍ରକ୍ଷିପ୍ତ ପରି ଜଣାଯାଏ । ମହାଭାରତ ରଚୟିତା ବ୍ୟାସଦେବ ନିଜେ ପୁରାପୁରି 'ଆର୍ଯ୍ୟ' ନ ଥିଲେ । ପ୍ରାଚ୍ୟତତ୍ତ୍ୱ-ବିଶେଷଜ୍ଞ ସି. ଭି. ବୈଦ୍ୟ ତାଙ୍କୁ 'ଅର୍ଦ୍ଧ ବୈଷ୍ଣବ' ଏବଂ ପଣ୍ଡିତ ନୀଳକଣ୍ଠ ତାଙ୍କୁ ଅର୍ଦ୍ଧେକର ଜାତର ଲୋକ ବୋଲି ମନେ କରନ୍ତି । ମହାଭାରତର ମଂଗଳାଚରଣରେ ବ୍ୟାସଦେବ

*ତାଙ୍କର "India..." ଦ୍ରଷ୍ଟବ୍ୟ

ବଶିଷ୍ଠଗୋତ୍ରୀ କୈବର୍ତ୍ତବଂଶୀ ପରାଶରଂକ ଔରସରେ ଶୂଦ୍ରା ମତ୍ସ୍ୟଗଂଧାଗର୍ଭରୁ ଉତ୍ପନ୍ନ ବୋଲି ଉଲ୍ଲେଖ କରାଯାଇଛି । ମହାଭାରତର ନାମ ପ୍ରଥମେ 'ଜୟ' ଥିଲା ବୋଲି ଜଣାଯାଏ । ଗ୍ରଂଥର ମଂଗଳାଚରଣରେ ଦେଖାଯାଏ "ନାରାୟଣଂ ନମସ୍କୃତ୍ୟ ନରଂ ଚୈବ ନରୋତ୍ତମଂ / ଦେବୀଂ ସରସ୍ୱତୀଂ ଚୈବ ତତୋ ଜୟମୁଦୀରୟେତ୍ ।" ଏଥିରୁ ସିଲଭାନ ଲେଭି ଏହାକୁ 'ସଂହିତା' ଆଖ୍ୟା ଦେଇଛଂତି ।* ଏହା ମୁଖ୍ୟତ କୁରୁ-ପାଂଡବ ଯୁଦ୍ଧକୁ ଆଶ୍ରୟ କରି ଆଖ୍ୟାତ ହୋଇଥିବାରୁ ଏହାର ନାମ 'ଜୟ' ରଖାଯାଇଥିଲା । ପରେ ପୁରାଣ-କଥକ ସୌତିକ ତାହାକୁ 'ଭାରତ' ଏବଂ ଋଷି ବୈଶଂପାୟନ ପରେ 'ମହାଭାରତ' ନାମରେ ଅଭିହିତ କଲେ । ଏହାର ଆଠହଜାର ଆଠ ଶହ ଶ୍ଲୋକ କେବଳ ବ୍ୟାସଂକ ରଚିତ ବୋଲି ଅନ୍ୟ ଲୋକମାନଂକ ମତ । ପରେ ସୌତିକ ବା ବୈଶଂପାୟନ ପ୍ରଭୃତି ଏଥିରେ ନାନାବିଧ କଳ୍ପନା ଓ ଆଖ୍ୟାନ ଯୋଡ଼ି 'ମହାଭାରତ' ବା ଶତସାହସ୍ରୀ ସଂହିତାରେ ପରିଣତ କରିଥିବା ମନେହୁଏ ।[୧] (ଦା.ଦେ)

**ମହାଭାରତର କୃଷ୍ଣ**

କୃଷ୍ଣ ନାମରେ ବହୁ ବ୍ୟକ୍ତି ଦେଖାଯାଂତି । ଏପରିକି ଋକବେଦରେ ମଧ୍ୟ କୃଷ୍ଣ ନାମର ଉଲ୍ଲେଖ ମିଳେ । ମହାଭାରତ ରଚୟିତା ବେଦବ୍ୟାସଂକର ଓ ମଧ୍ୟମ ପାଂଡବ ଅର୍ଜୁନଂକର ଅନ୍ୟନାମ ମଧ୍ୟ କୃଷ୍ଣ । ସେ ଯାହାହେଉ, ମହାଭାରତ ଓ ଶ୍ରୀମଦ୍‌ଭାଗବତର କୃଷ୍ଣ ଏକ ଓ ଅଭିନ୍ନ କି ନୁହେଁ ତାହା ସ୍ୱତଂତ୍ର କଥା । ସପ୍ତସିଂଧୁ ପ୍ରଦେଶରେ ଇଂଦ୍ରଂକର ପୂର୍ଣ୍ଣ ଆଧିପତ୍ୟ ସ୍ଥାପିତ ହେବା ପରେ ସେ ଆକ୍ରମଣ କରିବା ପାଇଁ ଉତ୍ତର ଭାରତ ଆଡ଼କୁ ଅଗ୍ରସର ହୋଇଥିବା ଆଶ୍ଚର୍ଯ୍ୟ ନୁହେଁ । ବୈଦିକ ଆର୍ଯ୍ୟର ଯଜ୍ଞ-ସଂସ୍କୃତିର କୃଷ୍ଣ ବିରୋଧୀ ଥିଲେ । ତେଣୁ ଇଂଦ୍ରଂକ ସଂଗେ ତାଂକର ଯୁଦ୍ଧ ଘଟିଥିଲା ଏବଂ ଏହି ଯୁଦ୍ଧରେ ଇଂଦ୍ର ସାମୟିକ ଭାବେ ପରାଜିତ ହୋଇଥିଲେ । ଛାଂଦୋଗ୍ୟ ଉପନିଷଦରୁ ଜଣାଯାଏ ଯେ କୃଷ୍ଣ ଘୋର-ଆଂଗିରସ ଋଷିଂକର ଶିଷ୍ୟ ଥିଲେ । ସେ ଅଂଗିରସଂକଠାରୁ ଏକ ସରଳ ଯଜ୍ଞ ପଦ୍ଧତି ଶିକ୍ଷା କରିଥିଲେ । ସେ ଯଜ୍ଞର ଦକ୍ଷିଣା ଥିଲା ତପଶ୍ଚରଣ, ଦାନ, ଆର୍ଜବ ( ସରଳତା ), ଅହିଂସା ଓ ସତ୍ୟକଥନ "ଅଥ ଯତ୍ତପୋଦାନମାର୍ଜବମହିଂସା ସତ୍ୟବଚନମିତି ତା ଅସ୍ୟ ଦକ୍ଷିଣା ।"[୨] ଆର୍ଯ୍ୟମାନଂକର ଯାଗଯଜ୍ଞ ପଦ୍ଧତି ହିଂସାମୂଳକ ଥିଲା । କୃଷ୍ଣ ଯେ ଗୋବର୍ଦ୍ଧନ ଗିରି ଉହାଡ଼ରେ ରହି ଏକ କୌଶଳପୂର୍ଣ୍ଣ ସ୍ଥାନ ବାଛି ନେଇ ଇଂଦ୍ରଂକର ଅଶ୍ୱାରୋହୀ ସୈନ୍ୟଂକର ସମ୍ମୁଖ ଆକ୍ରମଣକୁ ପ୍ରତିହତ କରି ପାରିଥିଲେ ଏହା ଜଣାପଡ଼େ । କୃଷ୍ଣଂକର ଅଶ୍ୱାରୋହୀ ସୈନ୍ୟ ନଥିଲେ । ସେ ଥିଲେ ଗୋପାଳନଜୀବୀ

---

* 'Tatojaya Mudirayet' by Prof, Levi

୨ । ଧର୍ମାନଂଦ କୋସଂବୀ । ୩ । ଛାଂଦୋଗ୍ୟ ଉପନିଷଦ୍ । ୩।୧୭।୪-୬

## ॥ ସପ୍ତମ ଅଧିକରଣ ॥

# ଧର୍ମ-ଧାରଣା ଓ ଦର୍ଶନ-ତତ୍ତ୍ୱର ବିକାଶ

## ଜୈନ-ଧର୍ମ ଓ ସଂସ୍କୃତି

**ଜୈନ ଅଧ୍ୟାତ୍ମବିଦ୍ୟା**

ଆଦି-ନର୍ଡିକ ବୈଦିକ 'ଆର୍ଯ୍ୟ'ର ଆଗମନ ପୂର୍ବରୁ ଭାରତରେ ସପ୍ତସିନ୍ଧୁ ପ୍ରଦେଶର ଦ୍ରାବିଡ଼ମାନଙ୍କ ମଧ୍ୟରେ ଜୈନ-ଧର୍ମ ବିକାଶଲାଭ କରିଥିଲା । ଜୈନ ଅଧ୍ୟାତ୍ମବିଦ୍ୟା ( Metaphysics ) ନଅଟି ମୌଳିକ ତତ୍ତ୍ୱ ଉପରେ ଆଧାରିତ । ଏତତ୍ତ୍ୱକର ସମ୍ୟକ ଉପଲବ୍ଧି ଦ୍ୱାରାହିଁ ଆତ୍ମାର ବିବର୍ତ୍ତନ ତଥା ମୋକ୍ଷଲାଭ ସମ୍ଭବ ହୁଏ । ଆତ୍ମା କଣ, ଏହାର ଅନ୍ତର୍ଗତ ଗୁଣ କଣ ଏବଂ ଜନ୍ମ-ଚକ୍ରର ଆବର୍ତ୍ତନରେ ଏହା କାହିଁକି ବିଘୂର୍ଣ୍ଣିତ ହୁଏ ଏବଂ ସେଥିରୁ ମୁକ୍ତିଲାଭର ଉପାୟ କଣ ଏ ସବୁର ଜ୍ଞାନଲାଭ କରିବା ମନୁଷ୍ୟର ପରମ କର୍ତ୍ତବ୍ୟ ।

**ଜୀବତତ୍ତ୍ୱ**

ଏଇ ନବତତ୍ତ୍ୱ ହେଉଛି :—(୧) ଜୀବ ବା ଚେତନଶୀଳ ଆତ୍ମା (୨) ଅଜୀବ ବା ଅଚେତନଶୀଳ ଅନାତ୍ମା ( non-soul ), (୩) ଆସ୍ରବ ବା କର୍ମ ବିପାକ (୪) ବନ୍ଧ ବା ବନ୍ଧନ (୫) ପୁଣ୍ୟ (୬) ପାପ (୭) ସଂବର ବା କର୍ମରୁ ନିବୃତ୍ତି (୮) ନିର୍ଜ୍ଜରା ବା କର୍ମର କ୍ଷୟ ( ୯ ) ମୋକ୍ଷ ବା ଚିରମୁକ୍ତି ।

**ଜୀବ**

ଜୀବ ଚେତନଶୀଳ, ଅସୀମ ଜ୍ଞାନର ଅଧିକାରୀ ଏବଂ ଦିବ୍ୟଦୃଷ୍ଟି ତଥା ପରମ ଆନନ୍ଦ ଓ ଶକ୍ତିର ଧାରକ । ପ୍ରତ୍ୟେକ ଜୀବର ସ୍ୱତନ୍ତ୍ର ସତ୍ତା ରହିଛି । ଜୀବ ଦୁଇ ପ୍ରକାର, ଯଥା ସଂସାରୀ ଓ ମୁକ୍ତ । ଯେଉଁମାନେ କର୍ମକ୍ଷୟ ଫଳରେ ନିର୍ବାଣ ଲାଭ କରିଥାନ୍ତି ସେମାନେ ମୁକ୍ତ ଜୀବ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ସଂସାରୀ ଜୀବମାନେ ଜନ୍ମ-ମୃତ୍ୟୁର ଆବର୍ତ୍ତରେ ଆବର୍ତ୍ତିତ । ଏଇ ଜୀବମାନେ ଦେବ, ମାନବ, ନାରକ ( ନରକବାସୀ ) ଏବଂ ତିର୍ଯ୍ୟକ ( ପକ୍ଷୀ, ପଶୁ, ପତଙ୍ଗ, ଉଦ୍ଭିଦ ପ୍ରଭୃତି ) ରୂପେ ଜନ୍ମ ହୋଇଥାନ୍ତି । ଏଇ ଜୀବ ପୁଣି ଏକେନ୍ଦ୍ରିୟ (କେବଳ ସ୍ପର୍ଶ-ଚେତନ) ବା ସ୍ଥାବର କିମ୍ବା ଦ୍ୱୀନ୍ଦ୍ରିୟଠାରୁ ପଞ୍ଚେନ୍ଦ୍ରିୟ ବିଶିଷ୍ଟ ହୋଇପାରେ । ସ୍ଥାବର ପୁଣି

(୧) ପୃଥ୍ୱିକାୟ ଯଥା କର୍ଦ୍ଦମ, ପ୍ରସ୍ତର, ଧାତୁ (୨) ଅପ୍‌କାୟ ଯଥା ପାଣି, କୁହୁଡ଼ି, ବରଫ, (୩) ଅଗ୍ନିକାୟ ଯଥା ଅଗ୍ନି, ଜ୍ୱଳନ୍ତ କୋଇଲା, (୪) ବାୟୁକାୟ ଯଥା ବାୟୁ, ଝଡ଼, ଘୂର୍ଣ୍ଣିବାତ ଏବଂ (୫) ବନସ୍ପତିକାୟ ଯଥା ବୃକ୍ଷଲତା, ଗୁଳ୍ମ ଏଇ ପାଂଚ ଶ୍ରେଣୀରେ ବିଭକ୍ତ । ଦୁଇ ଇଂଦ୍ରିୟ ଜୀବ ଯଥା କୀଟ ପତଂଗ ସ୍ପର୍ଶ ଓ ଘ୍ରାଣ ସଂପନ୍ନ, ତ୍ରି-ଇଂଦ୍ରିୟ ଜୀବ ଯଥା ପିଂପୁଡ଼ି, ଉକୁଣି ପ୍ରଭୃତି ସ୍ପର୍ଶ, ଘ୍ରାଣ ଓ ସ୍ୱାଦ ସଂପନ୍ନ, ଚତୁରିଂଦ୍ରିୟ ପ୍ରାଣୀ ଯଥା ମହୁମାଛି, ପୂର୍ବୋକ୍ତ ତିନି ବୋଧ ଛଡ଼ା ଦୃଷ୍ଟିର ଅଧିକାରୀ । ପଂଚେଂଦ୍ରିୟ ବିଶିଷ୍ଟ ଜୀବ ମଧ୍ୟରେ ମନୁଷ୍ୟ, ପଶୁ, ପକ୍ଷୀ, ଦେବତା ଏବଂ ନରକର ପ୍ରାଣୀମାନେ ଅଂତର୍ଗତ ।

**ଅଜୀବ** — ଅଜୀବ (Non-Soul) ଅଚେତନଶୀଳ । ଏହା ଜୀବର ବିପରୀତ ଗୁଣ ଧାରଣ କରିଥାଏ । ଏମାନେ ଧର୍ମାସ୍ତିକାୟ, ଅଧର୍ମାସ୍ତିକାୟ, ଆକାଶାସ୍ତିକାୟ, ପୁଦଗଲାସ୍ତିକାୟ ଏବଂ କାଳ ବା ସମୟ ଏଇପରି ପାଂଚ ଶ୍ରେଣୀରେ ବିଭକ୍ତ । ଧର୍ମାସ୍ତିକାୟ ଏକ ପଦାର୍ଥ ଯାହା ଜୀବ ଓ ପୁଦଗଲ (ବସ୍ତୁ) ଏ ଉଭୟଂକର ଗତିଶୀଳତା ପାଇଁ ଅପରିହାର୍ଯ୍ୟ । ଏହା ଆକାରହୀନ, ଚେତନାହୀନ । ଏହା ନଥିଲେ ଜୀବ ବା ବସ୍ତୁ ସ୍ଥାଣୁ ପାଲଟି ଯାଂତେ । ଅଧର୍ମାସ୍ତିକାୟ ସତ୍ତ୍ୱ ଦ୍ୱାରା ଜୀବ ଓ ବସ୍ତୁ ନିଜ ନିଜ ଗତି-ରୋଧ କରି ପାରଂତି । ଏହା ମଧ୍ୟ ନିରାକାର ଓ ନିଶ୍ଚେତନ । ଆକାଶାସ୍ତିକାୟ ଜୀବ ଓ ବସ୍ତୁକୁ ସ୍ଥାନ ବା ସ୍ଥିତି (space) ଦାନ କରେ । ଏହା ସମସ୍ତ ଲୋକ ଓ ଅଲୋକରେ ବ୍ୟାପ୍ତ ଏବଂ ନିରାକାର ଓ ଅଚେତନ । ପୁଦଗଲାସ୍ତିକାୟ ବା ବସ୍ତୁ ସମସ୍ତ, ଅଣୁ ପରମାଣୁର ସମଷ୍ଟି—ଯାହା ସମସ୍ତ ବସ୍ତୁ ଓ ବିଶ୍ୱଜଗତକୁ ନିର୍ମାଣ କରିଛି । କାଳ ବା ସମୟ ଏକ କାଳ୍ପନିକ ବିଷୟ । ଏହାର କୌଣସି ବାସ୍ତବ ଅସ୍ତିତ୍ୱ ନାହିଁ । ଏହା ସୂର୍ଯ୍ୟ, ଚଂଦ୍ର ଓ ନକ୍ଷତ୍ର ପୁଂଜର ଗତିରୁହିଁ ଅନୁମିତ (deducted) ହୋଇଥାଏ । ଜୈନ ଅଧ୍ୟାତ୍ମବାଦରେ ସମସ୍ତ ଅର୍ଥ କେବଳ ବର୍ତ୍ତମାନ, କାରଣ ଅତୀତ ମୃତ ଓ ଲୁପ୍ତ, ଭବିଷ୍ୟତ ତଥାପି ଅନାଗତ । କାଳ ଏକ ସମୟରେ ସୀମାବଦ୍ଧ । ଏହା କେବଳ ଏକ 'ପ୍ରଦେଶ'କୁ ବୁଝାଏ, ସମସ୍ତ ପ୍ରଦେଶକୁ ନୁହେଁ । ଅନ୍ୟ କେତେକେ ମନେ କରଂତି ଯେ କାଳର ଏକ ଅସ୍ତିତ୍ୱ ଅଛି । ଏହା ଅଣୁ ପରି ଆକାର ବିଶିଷ୍ଟ, ତେଣୁ 'କାଳାଣୁ' ନାମରେ ଅଭିହିତ ।

**ଆସ୍ରବ** — ଅସ୍ରବ କହିଲେ କର୍ମ-ବନ୍ଧର କାରଣକୁହିଁ ବୁଝାଏ । ଅନ୍ୟ କଥାରେ ଏହା ଇଂଦ୍ରିୟଗ୍ରାହ୍ୟ ବସ୍ତୁ ପ୍ରତି ଜୀବନକୁ ଆକୃଷ୍ଟ କରେ । ମିଥ୍ୟାତ୍ୱ (ଅଜ୍ଞାନ), ଅବିରତି (ସଂଯମହୀନତା), ପ୍ରମାଦ, କଷାୟ

* The Doctrines of Jainism ...K. B. Jindal

(କ୍ରୋଧ, ଅହଂକାର ଘୃଣା ଓ ଶଠତା ପ୍ରଭୃତି ପ୍ରବୃତ୍ତି) ଏବଂ ଯୋଗ (ମନ, ବାକ୍ ଓ ଶାରୀରିକ କାର୍ଯ୍ୟକଳାପ) ଏହି ପାଂଚୋଟି ଯାକ ହେଉଛନ୍ତି କର୍ମ-ଆବର୍ତ୍ତର କାରଣ । ହିଂସା, ଅସ୍ତେୟ (ଅସତ୍ୟ), ଚୌର୍ଯ୍ୟ, ମୈଥୁନ ଏବଂ ପରିଗ୍ରହ ମଧ୍ୟ ଆତ୍ମାର କର୍ମ-ବଂଧନର କାରଣ । ତେଣୁ ତାହା ମଧ୍ୟ ଆସ୍ରବ ।

ବଂଧ ଅର୍ଥରେ ସ୍ୱଭାବ ବା କର୍ମ-ବଂଧନରେ ଆତ୍ମା ଜଡ଼ିତ ହୋଇ ପଡ଼ିବା ଅବସ୍ଥା । କର୍ମ-ବଂଧନରେ ଆବଦ୍ଧ ଅବସ୍ଥାକୁ ଜୈନ ଅଧ୍ୟାତ୍ମବାଦୀ କାର୍ମଣ ଶରୀର କୁହନ୍ତି । ଅନ୍ୟ କେତେକ ଭାରତୀୟ ଦର୍ଶନ ଏହାକୁ ଲିଂଗ-ଶରୀର କହନ୍ତି । କାର୍ମଣ ଶରୀରରେ ଜୀବ ଆଦିମ କାଳରୁ ଆବଦ୍ଧ । ଯେଉଁ କାର୍ମଣ ବସ୍ତୁ ଜୀବକୁ କର୍ମ ଗ୍ରଂଥିରେ ବାନ୍ଧେ, ତାହା ଚତୁର୍ବିଧ, ଯଥା ପ୍ରକୃତି-ବଂଧ, ସ୍ଥିତି-ବଂଧ, ଅନୁଭବ-ବଂଧ ଏବଂ ପ୍ରଦେଶ-ବଂଧ ।

ପୁଣ୍ୟ ଅର୍ଥ ସତ୍‌କର୍ମ । ଏହା ଜୀବର ସତ୍‌କର୍ମ-ବଂଧରୁ ଉତ୍ପନ୍ନ । ପାପ ଜୀବର ଅସତ୍ କର୍ମ ଓ ଅସତ୍ ପ୍ରତିକ୍ରିୟାର ଫଳ । ସଂବର ଅର୍ଥ ମନ, ବାକ୍ ଓ ଶରୀରର ଶୃଂଖଳା-ସାଧନ । ନିର୍ଜ୍ଜର ଅର୍ଥ କର୍ମ ପ୍ରବାହର ନିବୃତ୍ତି । ଏହା କଠୋର କୃଚ୍ଛ୍ର-ସାଧନା ଓ ତପସ୍ୟା ଦ୍ୱାରା ଲାଭକରାଯାଏ । ମୋକ୍ଷ ସମସ୍ତ ପ୍ରକାର କର୍ମଚ୍ଛେଦ ଫଳରେ ଲବ୍ଧ ହୋଇଥାଏ । ଏହା ଜୀବର କର୍ମ-ଆବରଣ ଉନ୍ମୋଚନ କରି ତାକୁ ମୁକ୍ତ କରେ ।

**ଜୈନ ତ୍ରିରତ୍ନ**

ସମ୍ୟକ ଦର୍ଶନ, ସମ୍ୟକ ଜ୍ଞାନ ଏବଂ ସମ୍ୟକ ଚରିତ୍ର ଏହି ତିନୋଟି ଅବଲଂବନ ମୋକ୍ଷ ପ୍ରାପ୍ତିର ଉପାୟ । ଏହି ତ୍ରିରତ୍ନ ଲାଭ କଲେ ଜୀବ ନିର୍ବାଣ ବା କର୍ମ-ବଂଧନରୁ ମୁକ୍ତି ପାଏ । ସମ୍ୟକ ଦର୍ଶନ ଅର୍ଥ ବିବେକ ଦୃଷ୍ଟି, ସମ୍ୟକ ଜ୍ଞାନ ପାଂଚ ପ୍ରକାର ଯଥା—ମତି-ଜ୍ଞାନ ଅବଧି-ଜ୍ଞାନ, ମନଃ ପର୍ଯ୍ୟାୟ ଜ୍ଞାନ (ଅପରର ମନୋଜଗତ ବା ମନସ୍ତତ୍ତ୍ୱ ସଂବଂଧୀ ଜ୍ଞାନ) ଏବଂ କେବଳ-ଜ୍ଞାନ ଅର୍ଥାତ୍ ସର୍ବଜ୍ଞାନ ଓ ସର୍ବଦର୍ଶନ—ଯାହା କେବଳ ଜୀବନ୍ମୁକ୍ତ ତୀର୍ଥଂକରମାନେହିଁ ଲାଭ କରିଛନ୍ତି ।

ସମ୍ୟକ ଚରିତ୍ର ସତ୍ତରଟି ତ୍ୟାଗ-ସଂବଳିତ । ହିଂସା, ଅସତ୍ୟ ଚୌର୍ଯ୍ୟ, ମୈଥୁନ, ବିଷୟ-ବାସନା, ଶବ୍ଦ, ସ୍ପର୍ଶ, ରୂପ, ରସ, ଘ୍ରାଣ ପ୍ରତି ନିରାସକ୍ତି ଏବଂ ପାଂଚ ପ୍ରକାର ଆସ୍ରବରୁ ବିଚ୍ଛିନ୍ନତା ଇତ୍ୟାଦି ଇତ୍ୟାଦି ।

**ସୃଷ୍ଟିତତ୍ତ୍ୱ**

ଜୈନବାଦ ମତରେ ସୃଷ୍ଟି ଅନାଦି ଓ ଚିରଂତନ । ଜଣେ ଈଶ୍ୱର ବା ସର୍ବସ୍ରଷ୍ଟାଙ୍କଠାରୁ ଏ ସୃଷ୍ଟି ଏକ ସମୟରେ ଉତ୍ପନ୍ନ ହୋଇଛି ଏବଂ ତାଙ୍କଠାରେ ଏକ ସମୟରେ ଲୀନ ହୋଇଯିବ ଏପରି ଏକ ସମୟ ଜୈନବାଦର ଧାରଣା-ବହିର୍ଭୂତ । ଜୀବ ଓ ଅଜୀବର

ସଂଯୋଗରେହିଁ ସୃଷ୍ଟିର ଉତ୍ପତ୍ତି ଓ ବିନାଶ ଏହାହିଁ ଜୈନ ସୃଷ୍ଟିତତ୍ତ୍ୱ ବା Cosmologyର ମୂଳକଥା । ଚେତନ ଓ ଅଚେତନର ସଂମିଶ୍ରଣରେ ସୃଷ୍ଟିର ଜନ୍ମ ଓ ଲୟ ସଂଘଟିତ ହୁଏ—ମୌଳିକ ସତ୍ତ୍ୱଟି ସବୁବେଳେ ଅବିନଶ୍ୱର ରହିଥାଏ । ଏହା ଅକ୍ଷୟ ।

**ଜନ୍ମ-ମୃତ୍ୟୁ**

ଚେତନ ଆତ୍ମା ବା ଜୀବ ଓ ଅଚେତନ ବସ୍ତୁ (ଅଜୀବ) ପରସ୍ପର ସଂପର୍କରେ ଆସିବା ଦ୍ୱାରା ଜୀବ ଜନ୍ମ-ମୃତ୍ୟୁ ଚକ୍ରରେ ଆବର୍ତ୍ତିତ ହୁଏ । ଏ ଦୁହେଁ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ପଡ଼ିଲେ ଜୀବ ବା ଚେତନ ଆତ୍ମାର ମୁକ୍ତିଲାଭ ହୁଏ ଏବଂ ସେ ଜନ୍ମ-ମୃତ୍ୟୁର ଆବର୍ତ୍ତରୁ ମୋକ୍ଷପ୍ରାପ୍ତ ହୁଏ । ଅହିଂସା, ସଂଯମ ଓ ତପସ୍ୟା ଦ୍ୱାରା ମନୁଷ୍ୟ ମୋକ୍ଷ ପାଇପାରେ ।

**ନିରୀଶ୍ୱରବାଦ**

ଜଣେ ସର୍ବଶକ୍ତିମାନ ସର୍ବସ୍ରଷ୍ଟା ଈଶ୍ୱରଙ୍କର ସ୍ଥାନ ଜୈନ ଅଧ୍ୟାତ୍ମବାଦରେ ନାହିଁ । ଜୈନ ଅବତାରତତ୍ତ୍ୱ ସ୍ୱୀକାର କରେନାହିଁ । ଯେଉଁ ତୀର୍ଥଙ୍କରମାନେ ଜୀବନ୍ମୁକ୍ତ ଓ ମୋକ୍ଷଲାଭ କରିଛନ୍ତି ସେମାନେ ସମସ୍ତ ଆମରି ପରି ମଣିଷ । ପ୍ରତ୍ୟେକ ମନୁଷ୍ୟ ସାଧନା ଓ ତପସ୍ୟା ବଳରେ ଜିନ ହୋଇପାରେ । ଯେଉଁ ତୀର୍ଥଙ୍କର ବା ଜିନ ଜୀବନରେ ଶ୍ରେଷ୍ଠ ସିଦ୍ଧି ଲାଭ କରିଛନ୍ତି ସେମାନେ ବହୁ ଜନ୍ମର ସାଧନା ଓ ସତ୍କର୍ମ ବଳରେ ତାହା ପାଇ ପାରିଛନ୍ତି ।

**ଭୈରବ ଉପାସନା**

ପରେ ସପ୍ତସିନ୍ଧୁ ପ୍ରଦେଶର ଦ୍ରାବିଡ଼ମାନଙ୍କ ମଧ୍ୟରୁ କେତେକ ଅଂଶ ଶିବ ଶକ୍ତିଙ୍କୁ କେନ୍ଦ୍ର କରି ଭୈରବ-ଉପାସନା ଓ ମୈଥୁନଯୋଗ ଗ୍ରହଣ କରିଥିବା କଥା ପୂର୍ବ ଅଧ୍ୟାୟ-ମାନଙ୍କରେ କୁହାଯାଇଛି । ଏମାନେ ଶକ୍ତି ଓ ଲିଙ୍ଗପୂଜା ମଧ୍ୟ ପ୍ରବର୍ତ୍ତନ କରିଥିଲେ, ଯାହା ଅଷ୍ଟ୍ରିକ୍ ଋଷିମାନଙ୍କଠାରୁ ସେମାନେ ପାଇଥିଲେ । ଅଷ୍ଟ୍ରିକ୍ ଶବ୍ଦଟିର ଅର୍ଥ ମଧ୍ୟ ଅଜ୍ଞାତ ଏବଂ 'ଦ୍ରାବିଡ଼' ଶବ୍ଦର ଅର୍ଥ ଜନପଦ । ଲିଙ୍ଗ ଶବ୍ଦଟି ମଧ୍ୟ ଏକ ଅଷ୍ଟ୍ରିକ୍ ଶବ୍ଦ । ଶତ୍ରୁ ଆର୍ଯ୍ୟମାନଙ୍କ ଉପରେ ଜୟ ହାସଲ କରିବା ପାଇଁ ଏମାନେ ଦେବଦେବୀଙ୍କଠାରେ ପଶୁବଳି ଇତ୍ୟାଦି ଦେବା ପ୍ରଥା ମଧ୍ୟ ଆରମ୍ଭ କରିଥିଲେ ।

## ଜୈନ ଦର୍ଶନ

ଜୈନ ଦର୍ଶନର ଅନ୍ୟ ନାମ ସ୍ୟାଦ୍‌ବାଦ । ସ୍ୟାଦ୍‌ବାଦ ବା ଅନେକାନ୍ତବାଦ ପ୍ରତ୍ୟେକ ଜିନିଷକୁ ଭିନ୍ନ ଦୃଷ୍ଟିକୋଣରୁ ଦେଖି ତାହାର ଗୁଣ ବିଚାର କରେ ।*

---

* କେ. ବି. ଜିନ୍ଦାଲ—"Jain Doctrines" ଦ୍ରଷ୍ଟବ୍ୟ ।

'ସ୍ୟାତ୍' ଶବ୍ଦ ଅନ୍ତର୍ଗତ ସ୍ୟାତ୍‌ର ଅର୍ଥ 'ହୋଇପାରେ'। ଏହାହିଁ ଜୈନ ସଂଶୟବାଦ । ଜୈନ ସ୍ୟାଦବାଦ ବା ଅନେକାନ୍ତବାଦ ପ୍ରକୃତରେ objective realism ବା ଅପେକ୍ଷିକ ବସ୍ତୁବାଦ । ପ୍ରତ୍ୟେକ 'ଦ୍ରବ୍ୟ' ଜନ୍ମ, ସ୍ଥିତି ଓ ଲୟ ଏଇ ତିନି ପ୍ରକ୍ରିୟାର ବଶବର୍ତ୍ତୀ। ପ୍ରତ୍ୟେକ ବସ୍ତୁରେ ଏଇ ତିନୋଟି ଯାକ ପ୍ରକ୍ରିୟା କାର୍ଯ୍ୟ କରି ଚାଲିଛି। ଏଇ ତିନୋଟି କ୍ରିୟାର ସ୍ୱୀକୃତି ଓ ସଂଧାନହିଁ ସ୍ୟାଦ୍‌ବାଦ। ଏହା 'ଦ୍ରବ୍ୟ'କୁ ବିଭିନ୍ନ ଦୃଷ୍ଟିକୋଣରୁ (Perspective) ଦେଖି ତାହାର ସ୍ୱରୂପ ନିରୁପଣ କରିବାର ପଦ୍ଧତି । ଉଦାହରଣ: ଜଣେ ବ୍ୟକ୍ତିକୁ ଭିନ୍ନ ଭିନ୍ନ ପ୍ରକାର ଭୂମିକାରେ ଦେଖା ଯାଇପାରେ । ସେ ଏକାଧାରରେ ପିତା, ପୁତ୍ର ଓ ଦାଦା ହୋଇପାରେ । ତା ପୁଅ ସଂପର୍କରେ ସେ ପିତା, କିନ୍ତୁ ତା ବାପ ସଂପର୍କରେ ସେ ପୁତ୍ର ଏବଂ ପୁଣି ତା ପୁତୁରା ସଂପର୍କରେ ସେ ଦାଦା ଏବଂ ତା ଦାଦା ସଂପର୍କରେ ସେ ପୁତୁରା। ସେ ତାର ଆତ୍ମା ସଂପର୍କରେ ଅବିନାଶୀ କିନ୍ତୁ ତା ଶରୀର ସଂପର୍କରେ ମରଣଶୀଳ। ଏକ ମୃଣ୍ମୟ ପାତ୍ର ଏକାଧାରରେ କ୍ଷଣସ୍ଥାୟୀ ଓ ଚିରନ୍ତନ। ଯେଉଁ ଦ୍ରବ୍ୟକୁ ଆମେ ପାତ୍ର କହୁଁ ତାହା କ୍ଷଣସ୍ଥାୟୀ, ମାତ୍ର ଯେଉଁ ମୌଳିକ ବସ୍ତୁରେ ଏହା ତିଆରି ହୋଇଛି ତହିଁର ଅଣୁ ପରମାଣୁ ଯେ କୌଣସି ଆକାରରେ ହେଉ ନା କାହିଁକି ସର୍ବଦା ତିଷ୍ଠି ରହିବେ । ଏହି ସ୍ୟାଦବାଦ ସପ୍ତ ଅଂଗରେ ବିଭକ୍ତ, ଯାହାକୁ ସପ୍ତଭଂଗି କୁହାଯାଏ । ପ୍ରତ୍ୟେକ ଅଂଗ ପୂର୍ବରେ 'ସ୍ୟାତ୍' ଶବ୍ଦ ରହିଛି ।

୧। ସ୍ୟାତ୍ ଅସ୍ତି (ହୋଇପାରେ ଏହା ଅଛି)

୨। ସ୍ୟାତ୍ ନାସ୍ତି (ହୋଇପାରେ ଏହା ନାହିଁ)

୩। ସ୍ୟାତ୍ ଅସ୍ତି ନାସ୍ତି (ହୋଇପାରେ ଏହା ଅଛି ଏବଂ ଏହା ନାହିଁ)

୪। ସ୍ୟାତ୍ ଅବକ୍ତବ୍ୟ (ହୋଇପାରେ ଏହା ଅବକ୍ତବ୍ୟ ବା (unpredictable)

୫। ସ୍ୟାତ୍ ଅସ୍ତି ଅବକ୍ତବ୍ୟ (ହୋଇପାରେ ଏହା ଅଛି ଏବଂ ଏହା ଅବକ୍ତବ୍ୟ)

୬। ସ୍ୟାତ୍ ନାସ୍ତି ଅବକ୍ତବ୍ୟ (ହୋଇପାରେ ଏହା ନାହିଁ ଏବଂ ଏହା ଅବକ୍ତବ୍ୟ)

୭। ସ୍ୟାତ୍ ଅସ୍ତି ନାସ୍ତି ଅବକ୍ତବ୍ୟ (ହୋଇପାରେ ଏହା ଅଛି, ଏହା ନାହିଁ, ଏବଂ ଏହା ଅବକ୍ତବ୍ୟ)

ଜୈନ ଦର୍ଶନରେ ଏହାର ନାମ ସପ୍ତଭଂଗି ।

# ଜୈନ ନୀତିଶାସ୍ତ୍ର (Ethics)

ଜୈନ ତୀର୍ଥଙ୍କରମାନେ ଚତୁର୍ବର୍ଗ ସଂଘ (Community) ସ୍ଥାପନ କରି ତାହା ମାଧ୍ୟମରେ ଧର୍ମପ୍ରଚାର କରୁଥିଲେ । ଏହାର ନାମ : ସାଧୁ (ସନ୍ନ୍ୟାସୀ) ସାଧ୍ୱୀ (ସନ୍ନ୍ୟାସିନୀ) ଶ୍ରାବକ (ଭ୍ରାତୃମଂଡଳୀ) ଓ ଶ୍ରାବିକା (ଭଗିନୀମଂଡଳୀ) । ଏମାନଂକ ମଧ୍ୟରେ ସାଧୁ ଓ ସାଧ୍ୱୀ ସର୍ବଶ୍ରେଷ୍ଠ । ସେମାନେ ଯେଉଁ ମହାବ୍ରତ ପାଳନ କରୁଥିଲେ ତାହା ହେଉଛି—ଅହିଂସା, ସତ୍ୟ, ଅଚୌର୍ଯ୍ୟ, ବ୍ରହ୍ମଚର୍ଯ୍ୟ, ଅପରିଗ୍ରହ (ବାସନାତ୍ୟାଗ) । ଅହିଂସାର ଅନ୍ୟନାମ ପ୍ରାଣାତିପାତ-ବିରମଣ-ବ୍ରତ । ସତ୍ୟର ଅପର ନାମ ମୃଷାବାଦ-ବିରମଣ-ବ୍ରତ । ଅଚୌର୍ଯ୍ୟର ନାମାଂତର ଅଦତ୍ତଦାନ-ବିରମଣ-ବ୍ରତ । ବ୍ରହ୍ମଚର୍ଯ୍ୟ କହିଲେ ମୈଥୁନ-ବିରମଣ-ବ୍ରତ ଏବଂ ଅପରିଗ୍ରହ ଅର୍ଥରେ ପରିଗ୍ରହ-ବିରମଣ-ବ୍ରତ ବୁଝାଏ ।

ଜୈନ ସାଧୁମାନେ ଦଶୋଟି "ଯତି ଧର୍ମ" ପାଳନ କରୁଥିଲେ ।

ଯତି ଧର୍ମ — ଯଥା କ୍ଷମା, ମାର୍ଦ୍ଦବ (ବିନୟ), ଆର୍ଜ୍ଜବ (Condour), ନିର୍ଲୋଭତା, ଅକିଂଚନତା (ଦାରିଦ୍ର୍ୟ), ସତ୍ୟ, ସଂଯମ, ତପସ୍ୟା, ଶୌଚ ଏବଂ ବ୍ରହ୍ମଚର୍ଯ୍ୟ । ସେମାନେ ମଧ୍ୟ ମନଗୁପ୍ତି, ବଚନଗୁପ୍ତି, କାୟଗୁପ୍ତି, ପ୍ରଭୃତି ତ୍ରୟ ଗୁପ୍ତି (ମନ, ବଚନ ଓ ଅଂଗଚାଳନର ସଂକ୍ଷେପୀକରଣ ଓ ନିୟଂତ୍ରଣ) ପାଳନ କରୁଥିଲେ । ଏହାଛଡ଼ା ସେମାନେ ଦଶଟି ସମିତି ମଧ୍ୟ ପାଳନ କରୁଥିଲେ ଯଥା ଇର୍ଯ୍ୟା ସମିତି, (ଚାଲିବାରେ ସାବଧାନତା, ଯେପରି କୌଣସି ପ୍ରାଣୀ ଦଳି ପେଷି ହୋଇ ନଯାଏ,) ଭାଷା ସମିତି (ବାକ୍ ସଂଯମ), ଏଷଣା ସମିତି (ପବିତ୍ର, ବିଶୁଦ୍ଧ ଓ ପରିମିତ ଖାଦ୍ୟ ଗ୍ରହଣ) ଆଦାନ ନିକ୍ଷେପ ସମିତି (ଜିନିଷପତ୍ର ଯତ୍ନର ସହିତ ରଖିବା), ଉତ୍ସର୍ଗ ସମିତି (ମଳ, ମୂତ୍ର, ଛେପ ପକାଇବାରେ ସାବଧାନତା)

ସେମାନେ ସମସ୍ତଂକୁ ସମାନ ଦୃଷ୍ଟିରେ ଦେଖୁଥିଲେ । ରାତି ହେବା ପରେ ଭୋଜନ କରୁ ନ ଥିଲେ । କୌଣସି ପ୍ରକାର ଯାନବାହନ ବ୍ୟବହାର କରୁ ନଥିଲେ । ଭିକ୍ଷା କରି ଜୀବନ ନିର୍ବାହ କରୁଥିଲେ । ଅର୍ଥ ସଂଗ୍ରହ କରୁ ନଥିଲେ କି ନିଜ ପାଇଁ କିଛି ସଂପତ୍ତି ଠୁଳ କରୁ ନଥିଲେ ।

ଶ୍ରାବକ ଓ ଶ୍ରାବିକାମାନେ ଗୃହସ୍ଥ ଥିଲେ । ସେମାନେ ଗୃହ-ସଂସାର ମଧ୍ୟରେ ଜୈନଧର୍ମର ନିର୍ଦ୍ଦେଶ ମାନି ଚଳୁଥିଲେ । ସେମାନେ ଉପରୋକ୍ତ ମହାବ୍ରତ-ଗୁଡ଼ିକ ମଧ୍ୟ ପାଳନ କରୁଥିଲେ, ମାତ୍ର ଗୃହସ୍ଥ ଜୀବନର ପରିସୀମା ମଧ୍ୟରେ; ଯଥା

ଅହିଂସା [ସ୍ଥୂଳ ପ୍ରାଣାତିପାତ-ବିରମଣ-ବ୍ରତ] ସତ୍ୟ (ସ୍ଥୂଳ ମୃର୍ଷାବାଦ-ବିରମଣ-ବ୍ରତ), ଅସ୍ତେୟ (ସ୍ଥୂଳ-ଅଦତ୍ତଦାନ-ବିରମଣ ବ୍ରତ) ବ୍ରହ୍ମଚର୍ଯ୍ୟ (ସ୍ଥୂଳ-ମୈଥୁନ ବିରମଣ ବ୍ରତ) ଇତ୍ୟାଦି ଇତ୍ୟାଦି ।

ଜୈନ-ଧର୍ମରେ ମୂର୍ତ୍ତି-ପୂଜା ପ୍ରଚଳିତ ଥିଲା । ତୀର୍ଥଂକରମାନଂକର ମୂର୍ତ୍ତି ହିଁ ମହେଞ୍ଜୋ-ଦାରୋ ଉପତ୍ୟକାରେ ପୂଜିତ ହେଉଥିଲା । ଜୈନମାନେହିଁ ଭାରତର ପ୍ରଥମ ଓ ପ୍ରାଚୀନତମ ମୂର୍ତ୍ତିପୂଜକ ।

## ବୈଦିକ ଧର୍ମ

ବୈଦିକ ଆର୍ଯ୍ୟ-ଧର୍ମ କହିଲେ ମୁଖ୍ୟତ ଯାଗଯଜ୍ଞ-ସଂସ୍କୃତିକୁହିଁ ବୁଝାଏ । ବୈଦିକ ଆର୍ଯ୍ୟମାନେ ପ୍ରକୃତି-ଉପାସକ ଥିଲେ । ଉଷାଦେବୀଂକ ବଂଦନା, ଇଂଦ୍ର ବଂଦନା, ଅଗ୍ନି ବଂଦନା, ଦଶରାଜାଂକ ଯୁଦ୍ଧ, ଇଂଦ୍ର-ବୃତ୍ର ସମର ଇତ୍ୟାଦି ଋକ୍‌ବେଦର ପ୍ରଧାନ ଉପଜୀବ୍ୟ ବିଷୟ । ଉଷାଦେବୀ ଓ ଇଂଦ୍ରଂକ ବଂଦନା ସଂଗେ ସେମାନେ ଘୋଡ଼ା ଓ ଗୋରୁ ପାଇଁ ପ୍ରାର୍ଥନାକୁ ଯୋଡ଼ି ଦେଇଛଂତି, ଯୁଦ୍ଧରେ ଜୟଲାଭ ପାଇଁ ପ୍ରାର୍ଥନା କରିଛଂତି । ଉଷାଦେବୀ ଅନେକ ଘୋଡ଼ା ଓ ଗାଈର ଅଧିକାରିଣୀ ବୋଲି କହିଛଂତି । 'ପୂଜା' ଓ 'ପୂଜନ' ଏ ଦୁଇଟି ଯାକ ଶବ୍ଦ ଦ୍ରାବିଡ଼ ଭାଷା ସହିତ ସଂପୃକ୍ତ । ବାସ୍ତବରେ ଦେଖିବାକୁ ଗଲେ ଋକ୍‌ବେଦୀୟ ଆର୍ଯ୍ୟର ପୂଜା ବୋଲି ବିଶେଷ କିଛି ନଥିଲା ।

ପୁରୁଷ-ସୂକ୍ତରେ ଆମେ ଯେଉଁ ସହସ୍ରଶୀର୍ଷା ପୁରୁଷର ବର୍ଣ୍ଣନା ପଢ଼ୁ ତାହା ଏକ ସର୍ବସ୍ରଷ୍ଟାର ବଂଦନା । ଏଭଳି Cosmology ବା ସୃଷ୍ଟିତତ୍ତ୍ୱ ପ୍ରାୟ ସବୁ ପ୍ରାଚୀନ ଗ୍ରଂଥରେ ଦେଖାଯାଏ । ମିସର ଦେଶୀୟ cosmology ମଧ୍ୟ ଋକ୍‌ବେଦୀୟ ପୁରୁଷସୂକ୍ତର ଅନୁରୂପ । ଏଥିରେ ଦେବତା Khnumu the shaper ତାଂକ କୁଂଭାର ଚକରେ ସବୁ କିଛିକୁ ରୂପ ବା ଆକାର ପ୍ରଦାନ କରୁଛଂତି ।[୧] ଏଇଭଳି ଏକ ସୃଷ୍ଟିତତ୍ତ୍ୱ ବାଇବେଲର 'ଜେନେସିସ୍'ର ପ୍ରଥମ ଅଧ୍ୟାୟରେ ଦେଖିବାକୁ ମିଳେ । ପୁଣି ଲକ୍ଷ୍ୟ କରିବାର ବିଷୟ, ଋକ୍‌ବେଦରେ ପୁରୁଷସୂକ୍ତ ଗୋଟିଏ ମାତ୍ର cosmology ନୁହେ—ଆଉ ଗୋଟିଏ ସୃଷ୍ଟିତତ୍ତ୍ୱ ଋକ୍‌ବେଦ ଦଶମ ମଂଡଳ ୭୨ ସୂକ୍ତରେ ମଧ୍ୟ ଭେଟ ଯାଉଛି । ଏଥିରେ ଅନ୍ୟ ପ୍ରକାର କଥା କୁହାଯାଇଚି । ଦୁଇଟିଯାକ cosmology ମଧ୍ୟରେ ଆକାଶ-ପାତାଳ ପାର୍ଥକ୍ୟ ଦେଖାଯାଏ । ପ୍ରଥମଟିରେ ସହସ୍ରଶୀର୍ଷା ପୁରୁଷ ସର୍ବ ସୃଷ୍ଟି

---

୧ । Encyclopaedia of Religions and Ethics Vol. IV P.145.

କରନ୍ତି ବୋଲି କୁହାଯାଇଛି । ଦ୍ୱିତୀୟଟିରେ ବ୍ରହ୍ମାଣ୍ଡର ସମସ୍ତ କିଛି ସୃଷ୍ଟି କଲେ ବୋଲି କୁହାଯାଇଛି ।

"One explains Creation ex nihilo being was born of non-being. The latter ascribes all creation to a being which it calls Purusha. *

ବୈଦିକ ଆର୍ଯ୍ୟ ଥିଲେ ବାସ୍ତବବୋଧ ସଂପନ୍ନ ! ତାଙ୍କ ପ୍ରତ୍ୟେକଟି ଋକ୍‌ରେ ତାଙ୍କ ଜୀବନବୋଧ ପ୍ରତିଫଳିତ । ସେଥିରେ ଅଧ୍ୟାତ୍ମବାଦର ସ୍ପର୍ଶ ଖୁବ୍ କମ ଲାଗିଛି । ଋକ୍‌ବେଦର କେତୋଟି ଋକ୍‌ରୁ ତାହା ଜଣାପଡ଼ିବ । ଋକ୍‌ବେଦୀୟ ଇନ୍ଦ୍ର-ସୂକ୍ତ ଗୁଡ଼ିକ ଇନ୍ଦ୍ରଙ୍କ ସ୍ତବଗାନରେହିଁ ପୂର୍ଣ୍ଣ : ଯଥା—

ଅଥା ତେ ଅନ୍ତମାନାଂ ବିଦ୍ୟାମ ସୁମତୀନାଂ
ମା ନୋ ଅତିଖ୍ୟ ଆଗହି । [୧ମ ମଣ୍ଡଳ । ଚତୁର୍ଥ ସୂକ୍ତ । ତୃତୀୟ ଋକ୍)

[ହେ ଇନ୍ଦ୍ରଦେବ ! ଆମେ ଯେପରି ଆପଣଙ୍କ ସମୀପବର୍ତ୍ତୀ ଉତ୍ତମ ବୁଦ୍ଧିଯୁକ୍ତ ପୁରୁଷଗଣଙ୍କ ମଧ୍ୟରେ ଅବସ୍ଥାନ କରି ଆପଣଙ୍କ ଅନୁଗ୍ରହ ଲାଭ କରିପାରୁଁ । ଆପଣ ଆମକୁ ଅତିକ୍ରମ କରି ଖ୍ୟାତ ହେବେନାହିଁ । ଆପଣ ଆମ ନିକଟକୁ ଆଗମନ କରନ୍ତୁ ।)

ଅସ୍ୟ ପୀତ୍ୱା ଶତକ୍ରତୋ ଘନୋବୃତ୍ରାଣାମଭବଃ
ପ୍ରାବୋ ବାଜେଷୁ ବାଜିନଃ । ୧ମ ମଂ । ୪ । ୮ ।

(ହେ ଶତକ୍ରତୋ ! ଆପଣ ସୋମପାନ କରି ବୃତ୍ରଗଣଙ୍କୁ ହନନ କରନ୍ତି । ଆପଣ ଯୁଦ୍ଧରେ ଯୁଦ୍ଧକାରୀମାନଙ୍କୁ ପ୍ରକୃଷ୍ଟରୂପେ ରକ୍ଷା କରନ୍ତି ।

ତଂ ତ୍ୱା ବାଜେଷୁ ବାଜିନଂ ବାଜୟାମଃ ଶତକ୍ରତୋ
ଧନାନାମିନ୍ଦ୍ର ସାତୟେ । ୧ । ୪ । ୯

(ହେ ବହୁକର୍ମକାରୀ ଅଧିପତି ଇନ୍ଦ୍ର ! ଆପଣ ଯୁଦ୍ଧକାଳରେ ପ୍ରଭୂତ ବଳଶାଳୀ । ଧନପ୍ରାପ୍ତି ନିମନ୍ତେ ଅଭୀଷ୍ଟ-ଲାଭ ସକାଶେ ଆପଣଙ୍କୁ ଅନୁପ୍ରବୃତ୍ତ କରୁଛି ।)

ବିଦ୍ମା ହି ତ୍ୱା ବୃଷନ୍ତମଂ ବାଜେଷୁ ହବନଶ୍ରୁତଂ
ବୃଷନ୍ତମସ୍ୟ ହୂମହ ଊତିଂ ସହସ୍ରସାତମାଂ । * ୧ମ ମଂ । ୧୦ମ ସୂକ୍ତ ।
୧୦ମ ଋକ୍

(ହେ ଇନ୍ଦ୍ରଦେବ ! ଆପଣ ଯେ ଶ୍ରେଷ୍ଠ କାମନା ପୂରଣ ଏବଂ ଶତ୍ରୁଦମନ କାର୍ଯ୍ୟରେ ତତ୍ପରହିଁ ତାହା ଆମେ ଜାଣୁଁ । ଅତଏବ, ଇଷ୍ଟସାଧକ ଆପଣଙ୍କୁ ଆମର ଅଶେଷ ସୁଖପ୍ରଦାୟକ ରକ୍ଷାକାର୍ଯ୍ୟ ନିମିତ୍ତ ଆମେ ଆହ୍ୱାନ କରୁଛୁଁ ।)

* Wilson's Rig Veda Vol. VI. P. 129

**ଇଂଦ୍ର**

'ଇନ୍' ଏବଂ 'ଦ୍ର' ଏ ଦୁଇଟିର ସଂଯୋଗରେ 'ଇଂଦ୍ର' ଶବ୍ଦ ଉତ୍ପନ୍ନ । 'ଇନ୍'ର ଅର୍ଥ ଯୋଦ୍ଧା । ଉଦାହରଣ ସ୍ୱରୂପ 'ସହ ଇନା ବର୍ତ୍ତତେ' ଇତି ସେନା । 'ଦ୍ର' ଶବ୍ଦ ଶିଖର ବା ମୁଖ୍ୟ ଅର୍ଥରେ ବାବଲୋନୀୟ ଭାଷାରେ ଦେଖିବାକୁ ମିଳେ । ଏଣୁ ଇଂଦ୍ର ଶବ୍ଦର ଅର୍ଥ ହେଉଛି ସୈନ୍ୟମାନଙ୍କର ଅଧିପତି ବା ସେନାପତି । ଧୀରେ ଧୀରେ ଏହି ଶବ୍ଦ ରାଜା ଅର୍ଥରେ ପ୍ରଯୁକ୍ତ ହେଲା । ଯଥା ଦେବେଂଦ୍ର, ନରେଂଦ୍ର, ନାଗେଂଦ୍ର । ପ୍ରଥମେ ଇଂଦ୍ରଙ୍କର ନାମ ଥିଲା ଶ୍ରୁତ । ନହୁଷଙ୍କୁ ଇଂଦ୍ର କରାଯିବା କଥା ଋକ୍‌ବେଦରେ ବର୍ଣ୍ଣିତ ଅଛି । "ଅହଂ ସପ୍ତହା ନହୁଷୋ ନହୁଷ୍ଟରଃ ।" (ଋକ୍‌ବେଦ ୭୦ । ୪୯ । ୮) ସାର୍ବଭୌମ ନରପତିମାନଙ୍କୁ ଯଜ୍ଞକୁ ନିମଂତ୍ରଣ କରି ସେମାନଙ୍କୁ ସୋମରସ ଦେବାର ବିଧି ବାବଲୋନିଆରେ ପ୍ରଚଳିତ ଥିଲା । ଏବଂ ସେହି ଅବସରରେ ସେମାନଙ୍କ ସ୍ତୁତି କରାଯାଉଥିଲା । (କୋସଂବୀ) ଏହି ଇଂଦ୍ର ବହୁ କ୍ରୂର ଓ ବଳଶାଳୀ ଥିଲେ । ଦିବୋଦାସଙ୍କ ପୁତ୍ର ପ୍ରତର୍ଦ୍ଦନଙ୍କ ନିକଟରେ ନିଜର ସ୍ୱରୂପ ଉଦ୍‌ଘାଟନ କରି ଇଂଦ୍ର କହୁଛଂତି:—"ମୋତେ ଜାଣିକି ମୁଁ କିଏ ? ତ୍ୱଷ୍ଟାଙ୍କ ପୁତ୍ର ତ୍ରିଶିର୍ଷଙ୍କୁ ମୁଁ ବଧ କଲି । ଅରୁର୍ମଗ ନାମକ ଯତିଙ୍କୁ ମୁଁ କୁକୁରଙ୍କର ଖାଦ୍ୟ କରାଇଲି । ଅନେକ ସଂଧି ଅତିକ୍ରମ କରି ଦ୍ୟୁଲୋକରେ ପ୍ରହ୍ଲାଦଙ୍କ ଅନୁଗାମୀମାନଙ୍କୁ ଏବଂ ଅଂତରୀକ୍ଷରେ ପୌଲୋମମାନଙ୍କୁ ଓ ପୃଥିବୀରେ କାଳକାଞ୍ଜୀମାନଙ୍କୁ ମୁଁ ମାରି ପକାଇଲି । ଇତ୍ୟାଦି । ଏଥିରୁ ଜଣାଯିବ ଇଂଦ୍ରଙ୍କ ଆକ୍ରମଣରେ ଆରଣ୍ୟକ ଯତିମାନଙ୍କ ସଂସ୍କୃତ ଏକପ୍ରକାର ଲୋପ ପାଇ ଯାଇଥିଲା । ସେ ସେମାନଙ୍କୁ ମାରି କୁକୁରଙ୍କୁ ବା ହେଟା ବାଘକୁ ଖୁଆଇଥିଲେ । ମୂଳ ଶବ୍ଦଟି 'ସାଲବୃକ୍' ଯଥା ବାଘ କିଂବା କୁକୁର ହୋଇପାରେ । (ଏଜ୍ଞ)

**ଋକ୍‌ବେଦର ମଂଡଳ ଓ ଋକ୍**

ଋକ୍‌ବେଦ ଦଶଟି ମଂଡଳରେ ବିଭକ୍ତ । ସେହି ଦଶଟି ମଂଡଳରେ ୮୫ଟି ଅନୁବାକ୍ ଅଛି । ଅନୁବାକ୍ ସମୂହରେ ଏକ ହଜାର ଅଠେଇଶଟି ସୂକ୍ତ [ସ୍ତୋତ୍ର] ଦେଖାଯାଏ । ଋକ୍‌ବେଦରେ ମୋଟ ୧୦୪୦୨ରୁ ୧୦୬୨୨ ଶ୍ଳୋକ ବା ଋଚା ଅଛି । ସେ ଗୁଡ଼ିକର ଶବ୍ଦ ସଂଖ୍ୟା ବୁଝାଏ ୧ଲକ୍ଷ ୫୩ ହଜାର ୮୨୬ଟି । ଶବ୍ଦାଂଶ ସଂଖ୍ୟା ୪ଲକ୍ଷ ୩୨ ହଜାର । ଏହାର ଅ-କାରାଂତ, ଆକାରାଂତ, ଇ-କାରାଂତ ଏବଂ ନାଂତ, ସାଂତ, ପ୍ଲୁତ ପଦ ସଂଖ୍ୟା ମଧ୍ୟ ହିସାବ କରି ପଣ୍ଡିତମାନେ ବାହାର କରିଛଂତି । ଋକ୍‌ବେଦର ଶାଖା ୫ଟି; ଆଶ୍ୱଳାୟନ, ସାଂଖ୍ୟାୟନ, ଶାକଲ, ବାସ୍କଳ, ମାଂଡୁକ୍ୟ । ଋକ୍‌ବେଦ ପରେ ଅନ୍ୟ ତିନୋଟି ବେଦ ଯଥା ଯଜୁଃ, ସାମ ଓ ଅଥର୍ବ ବେଦ ରଚିତ ହୁଏ ।

**ଦେବତା ଓ ଋଷି**

ଋକ୍‌ବେଦ-ସଂହିତାରେ ଇଂଦ୍ର, ଅଗ୍ନି, ଅଦିତି, ବାୟୁ, ବରୁଣ ମାରୁତ, ଦାବ୍ୟା, ପୃଥିବୀ, ଗଂଗା, ବିଶ୍ୱକର୍ମା, ପ୍ରଜାପତି, ସବିତା, ବିଷ୍ଣୁ ପ୍ରଭୃତି ଅନ୍ୟୂନ ୩୩ ହଜାର ଦେବତାଙ୍କ ନାମ ଦେଖିବାକୁ ମିଳେ । ଗଣପତି, ବୃହସ୍ପତି, ପ୍ରଭୃତି ମଧ୍ୟ ସେଥିର ଅଂତର୍ଗତ । ଋଷି-ମହର୍ଷିଙ୍କ ସଂଖ୍ୟା ତ ଅଗଣ୍ୟ, ଅସଂଖ୍ୟ । ଅଗସ୍ତ୍ୟ, ଅତ୍ରି, କଶ୍ୟପ, ଅଂଗିରସ, ବିଶ୍ୱାମିତ୍ର, ଭରଦ୍ୱାଜ, ନାରଦ, କଣ୍ୱ, ଯଯାତି, ମାଂଧାତା, ପ୍ରଂକଣ୍ୱ, ବତ୍ସ, ହିରଣ୍ୟଗର୍ଭ; ଏକ ନାମରେ ପୁଣି ବହୁ ଋଷି ଥିବାର ଦେଖାଯାଏ । ଜଣେ ଅଂଗିରସ ନାମରେ ଅଂତତ ୪୫ ଜଣ ଋଷିଙ୍କ ନାମୋଲ୍ଲେଖ ଅଛି, ଯଥା : ଅଯାସ୍ୟ ଅଂଗିରସ, ପବିତ୍ର ଅଂଗିରସ, ଧ୍ରୁବ ଅଂଗିରସ, କୃଷ୍ଣ ଅଂଗିରସ, ଭିକ୍ଷୁ ଅଂଗିରସ, ଘୋର ଅଂଗିରସ, ଶିଶୁ ଅଂଗିରସ । ଅର୍ଥାତ୍ ଅଂଗିରସ ନାମକ ଋଷିଙ୍କ ବଂଶରେ ଜାତ ମହାପୁରୁଷମାନେ ଭିନ୍ନ ଭିନ୍ନ ଅଂଗିରସ ନାମରେ ପରିଚିତ । ସେହିପରି କଶ୍ୟପ ବଂଶରୁ ଜନ୍ମିଥିବା ବହୁତର କଶ୍ୟପ ଏବଂ କଣ୍ୱ ବଂଶରୁ ଜନ୍ମ ବହୁ କଣ୍ୱଙ୍କ ନାମ ଦେଖାଯାଏ ।*

ବେଦର ଧର୍ମ ବର୍ଣ୍ଣାଶ୍ରମ, ଅଦୃଷ୍ଟବାଦ ଓ ମଂତ୍ରଶକ୍ତି ବୋଲି ଦୁର୍ଗାଦାସ ଲାହିଡ଼ୀ କହଂତି । ଋକ୍‌ବେଦରେ ବହୁ ଦେବଦେବୀଙ୍କର ସ୍ତୋତ୍ର ଦେଖିବାକୁ ମିଳେ । ପ୍ରଥମ ସୂକ୍ତର ପ୍ରଥମ ଶ୍ଳୋକରେ ଅଗ୍ନିଙ୍କର ବଂଦନା ଦେଖୁ । "ଯଜ୍ଞର ପୁରୋହିତ ଅଧ୍ୱର୍ଯ୍ୟ-ଦେବତା ବହୁରତ୍ନପ୍ରଦାତା ଋତ୍ୱିକ ଅଗ୍ନିଙ୍କର ଆମେ ସ୍ତୁତି କରୁଛୁଁ ।" ସେହିପରି ଦ୍ୱିତୀୟ ସୂକ୍ତରେ ବାୟୁ-ଦେବତାଙ୍କ ଉପାସନାରେ ଦେଖୁଁ ମଧୁଚ୍ଛଂଦା ଋଷି ସ୍ତୁତି କରୁଛଂତି—"ହେ ବାୟୁ ! ଆମର ପ୍ରାର୍ଥନା ଶୁଣ, ଆସ ସୋମ-ରସ ପାନ କର ।" ସେହି ଋଷି ପୁଣି ପ୍ରାର୍ଥନା କରୁଛଂତି—"ହେ ଇଂଦ୍ର ! ଆମକୁ ସଂଭୋଗର ଉପଯୁକ୍ତ ଶତ୍ରୁବିଜୟକ୍ଷମ ପ୍ରଚୁର ଧନ ପ୍ରଦାନ କର । ହେ ଇଂଦ୍ର !

**ବେଦୋକ୍ତ ଧର୍ମ**

ଆପଣଙ୍କ ଦ୍ୱାରା ରକ୍ଷିତ ହୋଇ ଆମେ ଯେପରି ବଜ୍ର ପରି କଠିନ ଅସ୍ତ୍ର ଧାରଣ କରିପାରୁଁ ଏବଂ ହନନଶୀଳ ଶତ୍ରୁକୁ ଜୟ କରିବାକୁ ସମର୍ଥ ହେଉଁ ।" ପ୍ରଥମ ମଂଡଳର ଊନନବତି ସୂକ୍ତ ଶେଷରେ ଋଷି କଣ୍ୱ ବିଶ୍ୱଦେବତାଙ୍କ ସ୍ତୋତ୍ରରେ କହୁଛଂତି—"ତୁମେ ଅଦିତି, ତୁମେ ଆକାଶ, ତୁମେ ଅଂତରୀକ୍ଷ, ତୁମେ ପିତା, ତୁମେ ମାତା, ତୁମେ ପୁତ୍ର, ତୁମେ ଗଂଧର୍ବ, ତୁମେ ଦେବତା, ତୁମେ ଅସୁର, ତୁମେ ରାକ୍ଷସ, ତୁମେ ପିତୃଦେବ, ତୁମେ ଜନ୍ମ ଓ ଜନ୍ମର ମୂଳକାରଣ ।" ଏହିପରି ଦଶମ ମଂଡଳର ଦ୍ୱାଶୀତିତମ ସୂକ୍ତରେ ଆମେ ଏକ ସର୍ବସମନ୍ୱୟକାରୀ ସ୍ରଷ୍ଟାର ସ୍ତବ ଅନ୍ୟ ଏକ ଋଷିଙ୍କଠାରୁ

*ଦୁର୍ଗାଦାସ ଲାହିଡ଼ୀଙ୍କ "ଭାରତବର୍ଷର ଗୌରବ" ଗ୍ରଂଥ ଦ୍ରଷ୍ଟବ୍ୟ

ହୁଏ — "ଯିଏ ଆମକୁ ଜୀବନ ଦାନ କରିଛନ୍ତି, ଯିଏ ଆମ ସମସ୍ତଙ୍କର ସୃଷ୍ଟିକର୍ତ୍ତା, ବିଶ୍ୱବ୍ରହ୍ମାଣ୍ଡର ସକଳ ଅବସ୍ଥା ଯାହାଙ୍କ ଗୋଚରୀଭୂତ, ସେ ଏକ, ସେ ଅଦ୍ୱିତୀୟ, —ଅଥଚ ସେ ସଂସାରରେ ବହୁ ନାମ, ବହୁ ଦେବତାଙ୍କ ମଧ୍ୟରେ ବିରାଜମାନ ।" ସେହି ଶେଷମଣ୍ଡଳର ଅନ୍ୟ ଏକ ସୂକ୍ତରେ ଉଲ୍ଲେଖ ଅଛି— "ଯେତେବେଳେ ମୃତ୍ୟୁ ନ ଥିଲା, ସେତେବେଳେ ସେଇ, ଏକମାତ୍ର ସେଇ ନିଜ ଉପରେ ଅବସ୍ଥିତ ଥିଲେ, ନିଜ ଉପରେ ବିରାଜମାନ ଥିଲେ । ସେତେବେଳେ ସେ ଭିନ୍ନ ଅନ୍ୟ କିଛି ନଥିଲା । ଥିଲେ କେବଳ ସେଇ ।"

ଅତଏବ ଋକ୍‌ବେଦର ଶେଷଭାଗରେ ଏକ ସ୍ରଷ୍ଟାପୁରୁଷ ଓ ସର୍ବସମନ୍ୱୟ-କାରୀ ବିଶ୍ୱଦେବତାର ସନ୍ଧାନ ମିଳେ । ଏଥିରୁ ବୁଝାଯାଇପାରେ ଋକ୍‌ବେଦୀୟ କାଳର ପରବର୍ତ୍ତୀ ଯୁଗରେ ଏକ ସର୍ବଶକ୍ତିମାନ ଭଗବାନ-ଭାବନା ଆର୍ଯ୍ୟ ଜ୍ଞାନ-ଧାରଣାରେ ବିକାଶଲାଭ କରିଥିଲା ।

ପୁରୁଷ-ସୂକ୍ତରେ ଚାତୁର୍ବର୍ଣ୍ଣ୍ୟ ଏବଂ ବ୍ରାହ୍ମଣ-କ୍ଷତ୍ରିୟ-ବୈଶ୍ୟ-ଶୂଦ୍ର ଏଇ ଚାରି-ଜାତିରେ ବିଭକ୍ତ ସମାଜବିନ୍ୟାସର ପରିଚୟ ପାଉଁ । ଏଇ ସୂକ୍ତରେ ଏକ ସହସ୍ର-ଶୀର୍ଷା ସର୍ବବ୍ୟାପୀ ଈଶ୍ୱର-ସତ୍ତାର ପରିକଳ୍ପନା ସ୍ପଷ୍ଟ ଭାବରେ ଫୁଟି ଉଠିଛି ।

## ବ୍ରାହ୍ମଣ ଓ ଆରଣ୍ୟକ

'ବ୍ରାହ୍ମଣ' ଓ 'ଆରଣ୍ୟକ' ବେଦର ଉପସଂହାର ଭାଗ ବୋଲି କଥିତ ହୁଏ । ବୈଦିକ ମନ୍ତ୍ର ସବୁ କିପରି ଭାବରେ କ୍ରିୟା-କର୍ମରେ ବ୍ୟବହୃତ ହେବ, ବ୍ରାହ୍ମଣ ଭାଗରେ ପ୍ରଧାନତଃ ତାହାହିଁ ବିବୃତ ହୋଇଛି । ପ୍ରସଙ୍ଗତଃ ଉପଦେଶ ଛଳରେ ବ୍ରାହ୍ମଣ-ଭାଗରେ ଅନ୍ୟାନ୍ୟ ଅନେକ କଥା ମଧ୍ୟ ଲିଖିତ ହୋଇଛି । ବ୍ରାହ୍ମଣରେ ସୃଷ୍ଟି-ତତ୍ତ୍ୱ କଥା ରହିଛି । ତା'ଛଡ଼ା ଏଥିରେ ବହୁ ପୌରାଣିକ କାହାଣୀର ଭିତ୍ତି ପ୍ରତିଷ୍ଠିତ ଦେଖୁଁ । ବ୍ରାହ୍ମଣରେ ବଳିଦାନ ପ୍ରଥାର ପ୍ରାଧାନ୍ୟ ଲକ୍ଷିତ ହୁଏ । 'ଶତପଥ ବ୍ରାହ୍ମଣ'ରେ ପ୍ରଳୟର ପ୍ରଥମ ଅବତାରଣା କରାଯାଇଛି । ଶତପଥ ବ୍ରାହ୍ମଣ ଓ ଐତରେୟ ବ୍ରାହ୍ମଣରେ ଲିଖିତ ଅଛି ଯେ ପ୍ରଜାପତି ସୃଷ୍ଟିକର୍ତ୍ତା ନିଜ କନ୍ୟା ଉଷା ସହିତ ସହବାସ କରି ମନୁଷ୍ୟ ସୃଷ୍ଟି କରିଥିଲେ । ଐତରେୟ ବ୍ରାହ୍ମଣରେ ହରିଶ୍ଚନ୍ଦ୍ର ଉପାଖ୍ୟାନରେ ନରବଳି ପ୍ରସଙ୍ଗ ପ୍ରଥମ ଦୃଷ୍ଟିଗୋଚର ହୁଏ । ସେଥିରେ ଲେଖା-ଅଛି ରାଜା ହରିଶ୍ଚନ୍ଦ୍ର ନିଜ ପୁତ୍ର ରୋହିତକୁ ଯଜ୍ଞରେ ବଳି ଦେବାକୁ ଚାହିଁଥିଲେ । ମାତ୍ର ପୁତ୍ର ସମ୍ମତ ନ ହେବାରୁ ହରିଶ୍ଚନ୍ଦ୍ର ଅଜୀଗର୍ତ୍ତକୁ ବୁଝାଇ ତାର ପୁତ୍ର ଶୁନଃଶେପକୁ ବଳି ଦେବାର ବ୍ୟବସ୍ଥା କଲେ ।

ପ୍ରତ୍ୟେକ ବେଦର ଗୋଟିଏ ଲେଖାଏଁ ବ୍ରାହ୍ମଣ ଏବଂ ସେହି ବ୍ରାହ୍ମଣର ଗୋଟିଏ ଲେଖାଏଁ ଆରଣ୍ୟକ ଅଛି । ଗୃହସ୍ଥମାନଙ୍କୁ କ୍ରିୟା-କର୍ମ ଶିକ୍ଷା ଦେବା ଲାଗି ବ୍ରାହ୍ମଣଗୁଡ଼ିକ ଲିଖିତ । ସଂସାରାଶ୍ରମ ପରିତ୍ୟାଗ କରି ବାନପ୍ରସ୍ଥ ଅବଲମ୍ବନ ଜନଂକେ ଆରଣ୍ୟକଗୁଡ଼ିକ ଆବଶ୍ୟକ । ଯେ ଭଳି ଆଶ୍ରମ ସମ୍ପନ୍ନ ହେଲେ ଯେ ଭଳି ବ୍ରହ୍ମଜ୍ଞାନ ଲାଭ ହେବ ଏବଂ ବ୍ରହ୍ମ କଣ ସେ ସବୁର ମୂଳତତ୍ତ୍ୱ ଆରଣ୍ୟକରେ ମିଳେ । ଋକ୍‌ବେଦର ଦୁଇଗୋଟି ବ୍ରାହ୍ମଣ ଏବଂ ଦୁଇଗୋଟି ଆରଣ୍ୟକ—କୌଷିତକୀ ଏବଂ ଐତରେୟ । କୃଷ୍ଣ ଯଜୁର୍ବେଦର ତୈତ୍ତିରୀୟ ବ୍ରାହ୍ମଣ ଏବଂ ତୈତ୍ତିରୀୟ ଆରଣ୍ୟକ । ଶୁକ୍ଳ ଯଜୁର୍ବେଦର ଆରଣ୍ୟକର ନାମ ବୃହଦାରଣ୍ୟକ । ସାମ ଓ ଅଥର୍ବ ବେଦର ଆରଣ୍ୟକ ନାଇ କିଂବା ଏ ପର୍ଯ୍ୟନ୍ତ ମିଳି ନାଇ ।

## ଉପନିଷଦ

ଆରଣ୍ୟକ ପରେ ଉପନିଷଦ୍ । ଆରଣ୍ୟକହିଁ ଉପନିଷଦ୍‌ର ମୂଳଭିତ୍ତି । ଆରଣ୍ୟକରେ ବ୍ରହ୍ମସୂତ୍ରର ଯେଉଁ ମୂଳ-ସୂତ୍ରଗୁଡ଼ିକ ଲିଖିତ ଅଛି, ଉପନିଷଦର ଶ୍ରେଷ୍ଠାଂଶରେ ତାହାହିଁ ବିବୃତ ହୋଇଛି । ଉପନିଷଦହିଁ ବେଦର ନିର୍ଯ୍ୟାସ ବୋଲି ଋଷିମାନଙ୍କର ମତ । କେଉଁଠି କେଉଁଠି ଉପନିଷଦର ସଂଖ୍ୟା ଶହେଆଠ ଏବଂ କେଉଁଠି କେଉଁଠି ଦୁଇଶହ ପଚିଶ ବୋଲି ଲିଖିତ ଅଛି । ବିଦ୍ୟାରଣ୍ୟ ସ୍ୱାମୀଙ୍କ ମତରେ ଐତରେୟ, ତୈତ୍ତିରୀୟ, ଛାନ୍ଦୋଗ୍ୟ, ମୁଣ୍ଡକ, ପ୍ରଶ୍ନ, କୌଷିତକୀ, ମୈତ୍ରାୟଣୀୟ, କଠବଲ୍ଲୀ, ଶ୍ୱେତାଶ୍ୱତର, ବୃହଦାରଣ୍ୟକ, ତଲବକାର, ନୃସିଂହୋତ୍ତର-ତାପନୀୟ ଏହି ବାରଗୋଟି ପ୍ରଧାନ ଉପନିଷଦ । ଈଶ, କେନ, କଠ, ମୈତ୍ରୀୟ ପ୍ରଭୃତି ଉପନିଷଦଗୁଡ଼ିକ ମଧ୍ୟ ବେଶ୍ ପ୍ରସିଦ୍ଧ ଓ ମହତ୍ତ୍ୱପୂର୍ଣ୍ଣ ।

ପରବର୍ତ୍ତୀକାଳରେ ନାନା କୃତ୍ରିମ ଓ ଅର୍ବାଚୀନ ବିଷୟକୁ ନେଇ ଉପନିଷଦମାନ ମଧ୍ୟ ରଚିତ ହେବାକୁ ଲାଗିଲା । "ଅଲ୍ଲୋପନିଷଦ୍" ଏହାର ପ୍ରମାଣ । ବାଦଶାହା ଆକବରଙ୍କ ସମୟରେ ଏହା ବିରଚିତ ହୁଏ । ଉଦ୍ଦେଶ୍ୟ ଇସଲାମ ଧର୍ମର ପ୍ରାଧାନ୍ୟ ପ୍ରତିପାଦନ । *

ବ୍ରହ୍ମହିଁ ବିଷୟ ଉପନିଷଦର ପ୍ରଧାନ ଆଲୋଚ୍ୟ ବିଷୟ । ଈଶ୍ୱରର ବିଶ୍ୱ-ବ୍ୟାପକତା, ଈଶ୍ୱରର ଦେହାନ୍ତର ଗ୍ରହଣ, ସୃଷ୍ଟି-ତତ୍ତ୍ୱ ଏବଂ ଲୟ ରହସ୍ୟ । ପ୍ରଥମତ ଈଶ୍ୱରର ବିଶ୍ୱବ୍ୟାପକତା ସମ୍ବନ୍ଧରେ ଉପନିଷଦର ମତ ହେଉଛି ପରମାତ୍ମା ସର୍ବଭୂତରେ ସମାନ ଭାବରେ ବିରାଜମାନ ଅଛନ୍ତି । ଜଡ଼-ସଂସାରରେ ସେ ସକଳ ପଦାର୍ଥରେ ଓତଃପ୍ରୋତ ଭାବେ ଅବସ୍ଥିତ କରୁଛନ୍ତି । ବର୍ତ୍ତମାନ 'ଏକମେବା-

* 'ସଂକ୍ଷେପିତ ତବାରିଖ୍' ଗ୍ରନ୍ଥରେ ଏହାର ଜନ୍ମ-କାହାଣୀ ବର୍ଣ୍ଣିତ ହୋଇଛି ।

ଦ୍ୱିତୀୟମ୍ କହିଲେ ଯେଉଁ ଏକେଶ୍ୱର ଭାବ ବୁଝାଏ, ଉପନିଷଦରେ ପରମବ୍ରହ୍ମର ଆଦର୍ଶ ତାହାଠାରୁ ସ୍ୱତନ୍ତ୍ର ବୋଲି ମନେହୁଏ । ଉପନିଷଦ ମତରେ ପରମବ୍ରହ୍ମ ଏକ ସତ୍ତା, କିନ୍ତୁ ତାଙ୍କଠାରୁ ସୃଷ୍ଟ ବସ୍ତୁ ତାଙ୍କଠାରୁ ଭିନ୍ନ ନୁହେଁ । ଅର୍ଥାତ୍ ପରମାତ୍ମା ଅଭିନ୍ନ ଭାବେ ବିଶ୍ୱସଂସାର ସହେ ମିଶ୍ରିତ ହୋଇଛନ୍ତି । ଏ ବିଶ୍ୱ ତାଙ୍କର ପ୍ରତିକୃତି ମାତ୍ର । (ଏଠାରେ) ଛାନ୍ଦୋଗ୍ୟ, କେନ, ଈଶ, ଉପନିଷଦର କେତେକ ଶ୍ଳୋକର ମର୍ମ ତଳେ ଦିଆଗଲା ।

"ଏହି ସଂସାର ହିଁ ବ୍ରହ୍ମ । ବ୍ରହ୍ମହିଁ ଏଇ ପରିଦୃଶ୍ୟମାନ ବିଶ୍ୱର ଆଦି ଅଂଶ ଓ ପ୍ରାଣଭୂତ । ଏହା ବୁଝି ମନୁଷ୍ୟ ତାଙ୍କର ଉପାସନା କରିବ । ସେ ମନୋମୟ, ସେ ପ୍ରାଣମୟ, ସେ ଜ୍ୟୋତିର୍ମୟ, ସେ ସର୍ବକର୍ମୀ, ସେ ସର୍ବକାମ, ସେ ସର୍ବଗନ୍ଧ, ସେ ସର୍ବରସ, ସେ ସତ୍ୟସଂକଳ୍ପ, ସେ ଆକାଶାତ୍ମା, ସେ ସମସ୍ତଙ୍କ ମଧ୍ୟରେ ବିରାଜମାନ । (ଛାନ୍ଦୋଗ୍ୟ, ୩ୟ ପ୍ରପାଠ ୪ର୍ଥ ଖଣ୍ଡ)

ଋଷି ଉଦ୍ଦାଲକ ଅରୁଣି ନିଜ ପୁତ୍ର ଶ୍ୱେତକେତୁଙ୍କୁ ପରମାତ୍ମା ବିଷୟରେ ବୁଝାଉଛନ୍ତି :—"ବତ୍ସ ! ମଧୁମକ୍ଷିକାମାନେ ବୃକ୍ଷରୁ ବୃକ୍ଷାନ୍ତର ବୁଲି ମଧୁସଂଗ୍ରହ ପୂର୍ବକ ମଧୁଚକ୍ର ରଚନା କରନ୍ତି । ସେଇ ମଧୁଚକ୍ରରେ ବିବିଧ ବୃକ୍ଷର ବିବିଧ ପୁଷ୍ପର ମଧୁ ଏକତ୍ର ହେଲେ କେଉଁ ବୃକ୍ଷର କେଉଁ ପୁଷ୍ପର ମଧୁ କେଉଁଠି ରହିଲା କେହି ନିର୍ଣ୍ଣୟ କରି ପାରନ୍ତି ନାଇ । ପ୍ରାଣୀ ସମୂହ ମଧ୍ୟ ସେଇପରି । ସେମାନେ ଯେତେବେଳେ ସେଇ ପରମେଶ୍ୱରଙ୍କଠାରେ ବିଲୀନ ହୋଇଯିବେ ସେତେବେଳେ ସେମାନେ କୌଣସି ପ୍ରକାରେ ନିଜ ଅସ୍ତିତ୍ୱ ଅନୁସନ୍ଧାନ କରି ପାଇବେ ନାଇ । (ଛାନ୍ଦୋଗ୍ୟ) *

କେନ ଉପନିଷଦ ଆରମ୍ଭରେ ଶୁଣ .—

'ଶ୍ରୋତ୍ରସ୍ୟ ଶ୍ରୋତ୍ରଂ ମନସୋ ମନୋ ଯଦ୍ ବାଚୋ ହ ବା ବାଚଂ ସଉ
ପ୍ରାଣସ୍ୟ ପ୍ରାଣ ।

ଯଦ୍ବା ଚ୍ୟନଭ୍ୟୁଦିତଂ ଯେନ ବାଗଭ୍ୟୁଦ୍ୟତେ
ତା ଦେବ ବ୍ରହ୍ମତ୍ୱଂ ବିଦ୍ଧି ନେଦଂ ଯଦି ଦମୁପାସତେ, ...

ଅର୍ଥାତ୍ କର୍ଣ୍ଣର ଯିଏ କର୍ଣ୍ଣ, ମନର ଯିଏ ମନ, ବାକ୍ୟର ଯିଏ ବାକ୍ୟ, ପ୍ରାଣର ଯିଏ ପ୍ରାଣ, ଚକ୍ଷୁର ଯିଏ ଚକ୍ଷୁ, ସେଇ ସମସ୍ତ କାର୍ଯ୍ୟ କରାଉଛନ୍ତି ଓ କରୁ-

* ଛାନ୍ଦୋଗ୍ୟୋପନିଷତ୍ ୬ଷ୍ଠ ପ୍ରପାଠକ, ୧।୧।୩ ଖଣ୍ଡ ।

ଛନ୍ତି । ବାକ୍ୟ ଦ୍ୱାରା ଯାହାଙ୍କୁ ବ୍ୟକ୍ତ କରିଯାଏ ନା, ବରଂ ଯାହାଙ୍କଠାରୁ ବାକ୍ୟ ଉଦ୍‌ଭୂତ ହୁଏ, ମନ ଦ୍ୱାରା ଯାହାଙ୍କୁ ଚିନ୍ତା କରିଯାଏ ନା, ବରଂ ମନ ଯାହାଙ୍କ ଦ୍ୱାରା ପରିଚାଳିତ ହୁଏ, ନେତ୍ର ଦ୍ୱାରା ଯାହାଙ୍କୁ ଦେଖି ପାରିଯାଏ ନା, ବରଂ ଜୀବ ସମସ୍ତଙ୍କୁ ଦେଖି ପାରନ୍ତି, କର୍ଣ୍ଣ ଦ୍ୱାରା ଯାହାଙ୍କୁ ଉପଲବ୍ଧି କରିଯାଏ ନା, ବରଂ କର୍ଣ୍ଣ ଯାହାଙ୍କ ଦ୍ୱାରା ଅଧିଷ୍ଠିତ ହୁଏ, ପ୍ରାଣ-ବାୟୁ ଯାହାଙ୍କ ଅସ୍ତିତ୍ୱ ଅନୁସନ୍ଧାନ କରିପାରେ ନା, ବରଂ ଯାହାଙ୍କ ଦ୍ୱାରା ପ୍ରାଣ-ବାୟୁ ପ୍ରବାହିତ ହୁଏ, ଏକମାତ୍ର ସେହି ଚୈତନ୍ୟ ବ୍ରହ୍ମ, ଏକମାତ୍ର ତାଙ୍କୁହିଁ ବ୍ରହ୍ମ ବୋଲି ଜାଣିବ । ତାଙ୍କ ଛଡ଼ା ଅନ୍ୟ ଉପାସନା କଦାପି ଶ୍ରେୟ ନୁହେଁ । କେନ ୧ । ୧ । ୪

**ଉପନିଷଦରେ ବ୍ରହ୍ମତତ୍ତ୍ୱ**

ଉପନିଷଦରେ ବ୍ରହ୍ମ-ପରିଚୟ ପ୍ରସଙ୍ଗରେ କେଉଁଠି କୁହାଯାଇଛି 'ସେ ସ୍ଥୂଳ ନୁହନ୍ତି, ସେ ସୂକ୍ଷ୍ମ ନୁହନ୍ତି, ସେ ହ୍ରସ୍ୱ ନୁହନ୍ତି, ସେ ଦୀର୍ଘ ନୁହନ୍ତି, ସେ ଶବ୍ଦର ଅତୀତ, ସେ ସ୍ପର୍ଶର ଅତୀତ, ସେ ରୂପର ଅତୀତ, ସେ କ୍ଷୟର ଅତୀତ ।' ପୁଣି କେଉଁଠି କୁହାଯାଇଛି, ସେ ସର୍ବକର୍ମା, ସେ ସର୍ବକାମ, ସର୍ବଗନ୍ଧ, ସର୍ବରସ । ଶଙ୍କରାଚାର୍ଯ୍ୟ ଏହା ବୁଝାଇବାକୁ ଯାଇ କହନ୍ତି :—ବ୍ରହ୍ମଙ୍କର ଦୁଇଟି ବିଭାବର ପରିଚୟ ଏହି ଦୁଇ ସ୍ତରରୁ ମିଳେ । ସେହି ଦୁଇଟି ବିଭାବରୁ ଗୋଟିଏ 'ସବିଶେଷ ଲିଙ୍ଗ' ଅନ୍ୟଟି ନିର୍ବିଶେଷ ଲିଙ୍ଗ । ସେ ସବିଶେଷ, ସଗୁଣ, ପୁଣି ନିର୍ବିଶେଷ, ନିର୍ଗୁଣ ।

ଉପନିଷଦର ମୂଳତତ୍ତ୍ୱ ଓ ଉଦ୍‌ବୋଧନା ସାରା ପୃଥିବୀର ବିପଶ୍ଚିତ୍-ମହଲରେ ଆଦୃତ ହୋଇଛି । ସୋପେନହାର ଉଚ୍ଚକଣ୍ଠରେ ଘୋଷଣା କରିଛନ୍ତି :—"ପୃଥିବୀରେ ଉପନିଷଦ ପରି ଉଚ୍ଚଭାବାପନ୍ନ ଶାନ୍ତିପ୍ରଦ ଗ୍ରନ୍ଥ ଆଉ ବୋଧହୁଏ ନାହିଁ । ଉପନିଷଦ ମୋର ଜୀବନର ସାନ୍ତ୍ୱନା, ଉପନିଷଦହିଁ ମୋର ମରଣର ସାନ୍ତ୍ୱନା ।" "It has been the solace of my life, it will be the solace of my death."

**ଷଡ଼ବେଦାଙ୍ଗ** ଷଡ଼ବେଦାଙ୍ଗ ମଧ୍ୟରେ (୧) ଶିକ୍ଷା (ସ୍ୱର-ବିଜ୍ଞାନ) (୨) ଛନ୍ଦସ (୩) ବ୍ୟାକରଣ (୪) ନିରୁକ୍ତ (୫) ଜ୍ୟୋତିଷ (୬) କଳ୍ପସୂତ୍ର ଅନ୍ତର୍ଗତ । ବୈଦିକ ମନ୍ତ୍ରମାନ ତିନୋଟି ସ୍ୱରରେ ଗୀତ ହୁଏ ଯଥା ଉଦାତ୍ତ, ଅନୁଦାତ୍ତ, ସ୍ୱରିତ । 'ଶିକ୍ଷା'ରୁ ସେହି ସ୍ୱର-ଯୋଜନା ପାଉଁ । ବେଦରେ ବ୍ୟବହୃତ ସାତଟି ଛନ୍ଦ ଯଥା ଗାୟତ୍ରୀ, ଉଷ୍ଣିକ, ଅନୁଷ୍ଟୁଭ୍, ବୃହତୀ, ପଙ୍କ୍ତି, ତ୍ରିଷ୍ଟୁଭ୍, ଜଗତୀ ପ୍ରଭୃତିର ପରିଚୟ 'ଛନ୍ଦସ'ରୁ ମିଳେ । ଏହି ଛନ୍ଦମାନଙ୍କରେ ଯଥାକ୍ରମେ ୨୪, ୨୮, ୩୬, ୪୦, ୪୪, ଏବଂ ୪୮ଟି ଅକ୍ଷର ଥାଏ ।

## ଭାରତୀୟ ଷଡ଼ଦର୍ଶନ

ଭାରତବର୍ଷରେ ଯୁଗ-ଯୁଗରୁ ପ୍ରଥମରେ ଦାର୍ଶନିକ ଚିନ୍ତାଧାରାର ଉନ୍ମେଷ-ବିକାଶ ଘଟିଥିଲା । ପ୍ରାୟ ସେତେବେଳକୁ । ଆର୍ଯ୍ୟ-ଆର୍ଯ୍ୟେତର ବହୁ ଚିନ୍ତାଧାରା ଓ ଦାର୍ଶନିକ ପରମ୍ପରା ଏକତ୍ର ମିଶି ଏକ ସମନ୍ୱୟ-ସୂତ୍ରରେ ଗ୍ରଥିତ ହୋଇ ଯାଇଥିଲେ । ବ୍ରାହ୍ମଣ ଯୁଗରେ କର୍ମ-କାଣ୍ଡର ପ୍ରାଧାନ୍ୟ ପ୍ରତିଷ୍ଠାର ପରିଚୟ ମିଳେ ଓ ଆରଣ୍ୟକ ଓ ଉପନିଷଦରେ ଜ୍ଞାନକାଣ୍ଡର ପ୍ରାଧାନ୍ୟ-ପ୍ରତିଷ୍ଠା ଦେଖାଯାଏ । କଳ୍ପ ସୂତ୍ରରେ କର୍ମକାଣ୍ଡର ଏବଂ ଦର୍ଶନ-ସୂତ୍ରରେ ଜ୍ଞାନକାଣ୍ଡର ପ୍ରାଧାନ୍ୟ ଦେଖିବାକୁ ମିଳେ । ଭାରତବର୍ଷରେ ଦର୍ଶନ-ଶାସ୍ତ୍ର ପ୍ରଧାନତଃ ଛଅଟି (୧) କପିଳ ପ୍ରଣୀତ ସାଂଖ୍ୟ ଦର୍ଶନ, (୨) କଣାଦ-ପ୍ରଣୀତ, ବୈଶେଷିକ ଦର୍ଶନ, (୩) ଗୌତମ-ପ୍ରଣୀତ ନ୍ୟାୟ-ଦର୍ଶନ, (୪) ପତଞ୍ଜଳି-ପ୍ରଣୀତ ପାତଞ୍ଜଳ ଦର୍ଶନ ବା ଯୋଗଶାସ୍ତ୍ର, (୫) ଜୈମିନୀ ପ୍ରଣୀତ ମୀମାଂସା-ସୂତ୍ର (୬) ବାଦରାୟଣ ବା ବ୍ୟାସଦେବଙ୍କ ପ୍ରଣୀତ ଉତ୍ତର-ମୀମାଂସା ବା ବେଦାନ୍ତ-ଦର୍ଶନ । ଏହି ଛଅଟି ଦର୍ଶନ ଷଡ଼ଦର୍ଶନ ନାମରେ ପରିଚିତ । ଏହାଛଡ଼ା ବୌଦ୍ଧ ଦର୍ଶନ ଏବଂ ନାସ୍ତିକବାଦମୂଳକ ଦର୍ଶନାଦି ଚାର୍ବାକ-ଦର୍ଶନ ନାମରେ ପରିଚିତ । ସମସ୍ତ ଦର୍ଶନର ମୂଳ ଲକ୍ଷ୍ୟ ଦୁଃଖନାଶ ଏବଂ ଆତ୍ମ-ସଂକଳ୍ପ ହେଉଚି ସୁଖ-ସାଧନ । ମୂଳତଃ ଦୁଃଖବାଦ ସବୁ ଦର୍ଶନର ମୂଳଭିତ୍ତି ।

## ସାଂଖ୍ୟ ଦର୍ଶନ

କେତେକଙ୍କ ମତରେ ସାଂଖ୍ୟ-ଶାସ୍ତ୍ର ମଧ୍ୟରେ 'ତତ୍ତ୍ୱସମାସ' ପ୍ରାଚୀନତମ । ଅନ୍ୟ କେତେକେ କହନ୍ତି ବିଜ୍ଞାନଭିକ୍ଷୁ ଯେଉଁ ଗ୍ରନ୍ଥର ଭାଷ୍ୟ ('ସାଂଖ୍ୟ ପ୍ରବଚନ') କରିଛନ୍ତି ଏବଂ ଅନିରୁଦ୍ଧ ଯାହାର ଟୀକା କରିଛନ୍ତି ତାହା ହିଁ ମୂଳ ଗ୍ରନ୍ଥ । ଈଶ୍ୱରକୃଷ୍ଣଙ୍କ ସାଂଖ୍ୟକାରିକା ଖ୍ରୀଃ ଷଷ୍ଠ ଶତାବ୍ଦୀର ମଧ୍ୟଭାଗରେ ଚୀନ ଦେଶର ଚୀନଭାଷାରେ ଅନୂଦିତ ହୋଇଥିଲା । *

ସାଂଖ୍ୟର ପ୍ରତିପାଦ୍ୟ ଦୁଃଖ-ନିବୃତ୍ତି । ସାଂଖ୍ୟକାରଙ୍କ ମତରେ ସଂସାର ଦୁଃଖମୟ, ପୁରୁଷାର୍ଥ ଦ୍ୱାରା ସେଇ ଦୁଃଖ ଦୂର ହୁଏ । ଜ୍ଞାନହିଁ ପରମ ପୁରୁଷାର୍ଥ । ସେ ପ୍ରଥମେ କହିଛନ୍ତି — "ଅଥ ତ୍ରିବିଧଦୁଃଖାତ୍ୟନ୍ତନିବୃତ୍ତିରତ୍ୟନ୍ତ ପୁରୁଷାର୍ଥଃ ।" ଏଇ ତ୍ରିବିଧ ଦୁଃଖ 'ଆଧ୍ୟାତ୍ମିକ', ଆଧିଦୈବିକ ଏବଂ ଆଧିଭୌତିକ । ଦୁଃଖନିବୃତ୍ତିର ଉପାୟ 'ଜ୍ଞାନନ୍ତୁ' । **ସୃଷ୍ଟି ତତ୍ତ୍ୱ** :—ଜାଗତିକ ପଦାର୍ଥମାନଙ୍କୁ ପଞ୍ଚବିଂଶତି ଭାଗରେ ବିଭକ୍ତ କରି ତାହାର ଆଦି ପଦାର୍ଥ ପ୍ରକୃତି ଓ ଅନ୍ତ୍ୟପଦାର୍ଥ ପୁରୁଷ— ଏ ଉଭୟେ ନିତ୍ୟ ବୋଲି ସାଂଖ୍ୟକାର ସ୍ୱୀକାର କରିଛନ୍ତି । ମଧ୍ୟବର୍ତ୍ତୀ ସମସ୍ତ

---

*Six Systems of Indian Philosophy...Max Muller.
ହିନ୍ଦୁଦର୍ଶନ—ଚନ୍ଦ୍ରକାନ୍ତ ତର୍କାଳଂକାର

ପଦାର୍ଥହିଁ ଅନିତ୍ୟ । ପ୍ରକୃତିର ପରିଣାମବେଳେ ସେଇ ଅନିତ୍ୟ-ପଦାର୍ଥର ସୃଷ୍ଟି ହୋଇଥାଏ । ସୃଷ୍ଟି କାଳରେ ପ୍ରକୃତିର ଗୁଣ ପୁରୁଷରେ ଏବଂ ପୁରୁଷର ଗୁଣ ପ୍ରକୃତିରେ ନ୍ୟସ୍ତ ହୁଏ । ସେତେବେଳେ ପ୍ରକୃତି ଅଚେତନ ହେଲେ ମଧ୍ୟ ଚେତନ ପରି ପ୍ରତିପନ୍ନ ହୁଏ । ପୁରୁଷର କର୍ତ୍ତୃତ୍ୱ ନ ଥିଲେ ମଧ୍ୟ ସେ କର୍ତ୍ତା ପରି ପ୍ରତିପନ୍ନ ହୁଅନ୍ତି । ପୁରୁଷ ସଂଯୋଗରେ ଅଚେତନ ପ୍ରକୃତି ଚେତନଶୀଳ ହୁଅନ୍ତି ଏବଂ ପ୍ରକୃତି ସଂଯୋଗରେ ପୁରୁଷ କର୍ତ୍ତୃତ୍ୱଶୂନ୍ୟ ହୋଇ ମଧ୍ୟ କର୍ତ୍ତୃତ୍ୱ ସମ୍ପନ୍ନ ହୁଅନ୍ତି । **ସାଂଖ୍ୟମତରେ ଈଶ୍ୱର ଅସିଦ୍ଧ** । ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ସାଂଖ୍ୟ ସଂଦିହାନ । ସାଂଖ୍ୟକାର କହନ୍ତି "ପ୍ରମାଣାଭାବାନ୍ନତତ୍ସିଦ୍ଧିଃ" ଅର୍ଥାତ୍ ପ୍ରତ୍ୟକ୍ଷ ପ୍ରମାଣ ତ ନାହିଁ, ଅନୁମାନ ପ୍ରମାଣରେ ମଧ୍ୟ ଈଶ୍ୱରଙ୍କ ସଂଗତି ନାହିଁ, କାରଣ ତାଙ୍କ ସହିତ ସମ୍ବନ୍ଧାଭାବ । ଶବ୍ଦ-ପ୍ରମାଣରେ ମଧ୍ୟ ଈଶ୍ୱର ସତ୍ତା ପ୍ରତିପନ୍ନ ହୁଏ ନାହିଁ, କାରଣ ଶ୍ରୁତି ମଧ୍ୟ ପ୍ରକୃତିର କାର୍ଯ୍ୟ । ସାଂଖ୍ୟ ମତରେ ପ୍ରମାଣ ତିନି, ପ୍ରତ୍ୟକ୍ଷ, ଅନୁମାନ, ଶବ୍ଦ । *

## ବୈଶେଷିକ ଦର୍ଶନ

କଣାଦଙ୍କ ପ୍ରଣୀତ ବୈଶେଷିକ ଦର୍ଶନ ସାଂଖ୍ୟ ପୂର୍ବରୁ ରଚିତ ହୋଇଥିଲା ବୋଲି ଅନେକ ପଣ୍ଡିତଙ୍କ ମତ । ମହାଭାରତରେ ବୈଶେଷିକ ଦର୍ଶନର ଆଲୋଚନା ଥିବାରୁ ଏବଂ ଏଥିରେ ବୌଦ୍ଧ-ମତର ଉଲ୍ଲେଖ ନଥିବାରୁ ଏହା ଅନ୍ୟୂନ ୩୫୦୦ ବର୍ଷ ପୂର୍ବେ ରଚିତ ଦର୍ଶନ ବୋଲି କୁହାଯାଏ । ଏହି ଦର୍ଶନ ଶାସ୍ତ୍ରର ରଚୟିତା କଶ୍ୟପ-ଗୋତ୍ରୀୟ ମହର୍ଷି ଉଲୂକ କେବଳ ମାତ୍ର ତଣ୍ଡୁଳ-କଣା ଭକ୍ଷଣ କରି ମହାଦେବଙ୍କ ଆରାଧନା ଫଳରେ ଏହି ଦର୍ଶନ-ତତ୍ତ୍ୱ ଲାଭ କରିଥିବାରୁ କଣାଦ ନାମରେ ଆଖ୍ୟାତ ହୁଅନ୍ତି । ତାଙ୍କ ମୂଳ ନାମ ଅନୁସାରେ ଏହି ଦର୍ଶନର ଅନ୍ୟ ନାମ 'ଔଲୂକ୍ୟ ଦର୍ଶନ' । 'ବିଶେଷ' ନାମକ ଏକ ଅତିରିକ୍ତ ପଦାର୍ଥ ସ୍ୱୀକାର କରିବାରୁ ଏହି ଦର୍ଶନର ନାମ ବୈଶେଷିକ ଦର୍ଶନ । ଏହି ଦର୍ଶନ-ଶାସ୍ତ୍ର ଉପରେ ପ୍ରଶସ୍ତପାଦାଚାର୍ଯ୍ୟ-ପ୍ରଣୀତ 'ପଦାର୍ଥ ଧର୍ମ ସଂଗ୍ରହ' ଭାଷ୍ୟ ଏବଂ ଶଙ୍କର ମିଶ୍ର ପ୍ରଣୀତ 'ବୈଶେଷିକ ଭାଷ୍ୟ' ବିଶେଷ ପ୍ରସିଦ୍ଧ ।

ବୈଶେଷିକର ପ୍ରତିପାଦ୍ୟ— ଆତ୍ୟନ୍ତିକ ଦୁଃଖ-ନିବୃତ୍ତି । ସାଂଖ୍ୟର ମଧ୍ୟ ପ୍ରତିପାଦ୍ୟ ଏହିଆ । କଣାଦ କହନ୍ତି ତତ୍ତ୍ୱଜ୍ଞାନ ଲାଭ ହେଲେହିଁ ନିଃଶ୍ରେୟସ ବା ମୋକ୍ଷପ୍ରାପ୍ତି ଘଟେ । ଯାହା ଦୁଃଖନିବୃତ୍ତି ବା ମୋକ୍ଷଲାଭର ହେତୁଭୂତ ତାହାହିଁ ଧର୍ମ । ପଦାର୍ଥ ଓ ପ୍ରମାଣ ସମ୍ବନ୍ଧରେ ବୈଶେଷିକ ସାଂଖ୍ୟଠାରୁ ଭିନ୍ନ ମତ

* —ଦୁର୍ଗାଦାସ ଲାହିଡ଼ୀଙ୍କ 'ପ୍ରାଚୀନ ଭାରତର ଗୌରବ' ଦ୍ରଷ୍ଟବ୍ୟ

ପୋଷଣ କରେ । କଣାଦଙ୍କ ମତରେ ପଦାର୍ଥ ଦ୍ୱିବିଧ,—ଭାବ ପଦାର୍ଥ ଓ ଅଭାବ ପଦାର୍ଥ । ଭାବରେ ପଦାର୍ଥ ଛଅଟି—ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ବିଶେଷ ଏବଂ ସମବାୟ । ଭାବର ଅଭାବହିଁ—ଅଭାବ ପଦାର୍ଥ, ସୁତରାଂ ଅଭାବ ପଦାର୍ଥ—ଏକମାତ୍ର । ଷଡ଼ବିଧ ଭାବ-ପଦାର୍ଥର ସାଧର୍ମ୍ୟ ଓ ବୈଧର୍ମ୍ୟ ପ୍ରଦର୍ଶନ-ପୂର୍ବକ ନିଃଶ୍ରେୟସ-ଲାଭର ଉପାୟ ନିରୂପଣହିଁ ବୈଶେଷିକ ଦର୍ଶନର ଉଦ୍ଦେଶ୍ୟ । ସାଧର୍ମ୍ୟ ଅର୍ଥରେ—ସାଧାରଣ ଗୁଣ; ଯେପରି ପୃଥିବୀ, ଜଳ ପ୍ରଭୃତି ଦ୍ରବ୍ୟର ସାଧାରଣ ଗୁଣ 'ଦ୍ରବ୍ୟତ୍ୱ' । ଦ୍ରବ୍ୟର ବୈଧର୍ମ୍ୟ ତାର ଗୁଣତ୍ୱ—ଯେହେତୁ ଦ୍ରବ୍ୟର ଗୁଣତ୍ୱ ଦୃଷ୍ଟ ନୁହେଁ । ଏହିପରି ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ଗୁଣର ବୈଧର୍ମ୍ୟ ଦ୍ରବ୍ୟତ୍ୱ ଏବଂ ଦ୍ରବ୍ୟର ବୈଧର୍ମ୍ୟ—କର୍ମତ୍ୱ ଇତ୍ୟାଦି । ବୈଶେଷିକ ମତରେ ଦ୍ରବ୍ୟ ନଅଟି—କ୍ଷିତି, ଅପ, ତେଜ, ବାୟୁ, ଆକାଶ, କାଳ, ଦିକ, ଆତ୍ମା ଓ ମନ । ଗୁଣ-ପଦାର୍ଥର ସଂଖ୍ୟା ଚବିଶଟି—ରୂପ, ରସ, ଗଂଧ, ସ୍ପର୍ଶ, ସଂଖ୍ୟା, ପରିମାଣ, ପୃଥକତ୍ୱ, ସଂଯୋଗ, ବିଭାଗ, ପରତ୍ୱ, ଅପରତ୍ୱ, ବୁଦ୍ଧି, ସୁଖ, ଦୁଃଖ, ଇଚ୍ଛା, ଦ୍ୱେଷ, ପ୍ରଯତ୍ନ ପ୍ରଭୃତି ସତରଟି ଏବଂ ଭାଷ୍ୟକାର ପ୍ରଶସ୍ତପାଦଙ୍କ ମତରେ ଗୁରୁତ୍ୱ, ଦ୍ରବ୍ୟତ୍ୱ, ସ୍ନେହ, ସଂସ୍କାର, ଧର୍ମ, ଅଧର୍ମ ଓ ଶବ୍ଦ ଏହି ସାତୋଟି । କର୍ମ-ପଦାର୍ଥ ପାଂଚୋଟି—ଉତ୍କ୍ଷେପଣ, ଅବକ୍ଷେପଣ, ଆକୁଞ୍ଚନ, ପ୍ରସାରଣ ଏବଂ ଗମନ । ସାମାନ୍ୟ ଅର୍ଥରେ ଜାତି । ଏହା ଦୁଇପ୍ରକାର । ଯଥା ସାମାନ୍ୟ ଓ ସାଧାରଣ ଜାତି ଏବଂ ବିଶେଷ ଜାତି । ଏହା 'ପର' ଓ 'ଅପର' ନାମରେ ମଧ୍ୟ ଅଭିହିତ । ପ୍ରାଣୀର ପ୍ରାଣୀତ୍ୱ ସାଧାରଣ ଜାତିକୁ ବୁଝାଏ, ମାତ୍ର ମନୁଷ୍ୟତ୍ୱ, ପଶୁତ୍ୱ, ଦେବତ୍ୱ କହିଲେ ବିଶେଷ ଜାତିକୁ ବୁଝାଏ । ବିଶେଷ ପଦାର୍ଥ ଗୋଟିଏ । ତାହାହିଁ ପରମାଣୁର ବିଶେଷତ୍ୱ । ପରମାଣୁର ସମଷ୍ଟିରେ ପୃଥିବୀ ଗଠିତ ଏବଂ ସମାନ ପରମାଣୁରୁ ବିଭିନ୍ନ ଦ୍ରବ୍ୟର ଉତ୍ପତ୍ତି ହେଉଛି । ସାଧାରଣ ଦୃଷ୍ଟିରେ ଦେଖିବାକୁ ଗଲେ ପରମାଣୁ ମଧ୍ୟରେ କେଉଁ ଅବୟବ ନିହିତ ଅଛି ତାହା ବୁଝା ପଡ଼େ ନାଇ । କିନ୍ତୁ ଏକ ଏକ ପରମାଣୁରୁ ଏକ ଏକ ଜାତୀୟ ଦ୍ରବ୍ୟ ଉତ୍ପନ୍ନ ହେଉଛି, ଏହା ଆମେ ଦେଖି ପାରୁଛୁଁ । ତାର କାରଣ ମହର୍ଷି କଣାଦଙ୍କ ମତରେ—ବିଶେଷ ପଦାର୍ଥ । ଯେଉଁ ପରମାଣୁରେ ଧାନର ଉତ୍ପତ୍ତି ହୁଏ ଏବଂ ଯେଉଁ ପରମାଣୁରେ ବୃକ୍ଷର ଉତ୍ପତ୍ତି ହୁଏ—ଉଭୟଙ୍କ ମଧ୍ୟରେ ଯେଉଁ ବିଶେଷତ୍ୱ ତାହାହିଁ ବିଶେଷ ପଦାର୍ଥ । ସମବାୟ ଅର୍ଥରେ ନିତ୍ୟ-ସଂବଂଧ । ଘଟ ସହିତ ମୃତ୍ତିକାର, ତଂତୁ ସଂଗେ ବସ୍ତ୍ରର, ଜାତି ସହିତ ବ୍ୟକ୍ତିର ଯେଉଁ ନିତ୍ୟ-ସଂବଂଧ ବର୍ତ୍ତମାନ, ତାହାହିଁ ସମବାୟ । ( ଏକ୍କ )

ଅଭାବ ପଦାର୍ଥର ପ୍ରଧାନତ ଦୁଇ ଭେଦ—ସଂସର୍ଗାଭାବ ଓ ଅନ୍ୟୋନ୍ୟାଭାବ । ସଂସର୍ଗାଭାବ ପୁଣି ତ୍ରିବିଧ—ଧ୍ୱଂସାଭାବ, ପ୍ରାଗଭାବ, ଅତ୍ୟନ୍ତାଭାବ । ମୂଳତ ଭାବର ଅଭାବକୁ ଅଭାବ କୁହାଯାଇଛି, ଯେପରି ଆଲୋକର ଅଭାବ ଅନ୍ଧକାର । ଘଟ ଥିଲା ଚୂର୍ଣ୍ଣ ହୋଇ ଯାଇଛି, ତାହା ଧ୍ୱଂସାଭାବ । ମୃତ୍ତିକା ଅଛି, ଘଟ ପ୍ରସ୍ତୁତ ହେବ, ଏ କ୍ଷେତ୍ରରେ ମୃତ୍ତିକା ଓ ଘଟ ମଧ୍ୟରେ ପ୍ରାଗଭାବ । ଅତ୍ୟନ୍ତାଭାବ ଅର୍ଥରେ ଏକରେ ଅନ୍ୟର ଏକାନ୍ତାଭାବ—ଯେପରି ଘଟ ନ ରହିଲେ ତାର ପ୍ରାଗଭାବ ବା ଏକାନ୍ତାଭାବ କହୁଁ ହୃଦୟଙ୍ଗମ ହୁଏନାହିଁ । ଅନ୍ୟୋନ୍ୟାଭାବ ଅର୍ଥରେ ଏକରେ ଅନ୍ୟର ଅଭାବ, ଯଥା ସିଂହରେ ଶୃଗାଳର ଅଭାବ, ଶୃଗାଳରେ ସିଂହର ଅଭାବ । ବୈଶେଷିକ ଦର୍ଶନରେ ପ୍ରଧାନତ ଏହି ସପ୍ତ ପଦାର୍ଥର ସଂଜ୍ଞା ନିର୍ଦ୍ଦେଶ କରି ସେହି ସେହି ପଦାର୍ଥର ବର୍ଗ ସମୂହର ସଂଜ୍ଞା ନିର୍ଣ୍ଣୟ କରାଯାଇଛି । ଉଦାହରଣ ସ୍ୱରୂପ ପୃଥିବୀର ଲକ୍ଷଣ ବର୍ଣ୍ଣ ବୁଝାଇବାକୁ ଯାଇ କଣାଦ କହୁଛନ୍ତି :—ରୂପ, ରସ, ଗନ୍ଧ, ସ୍ପର୍ଶ ଯେଉଁଥିରେ ଅଛି ତାହାହିଁ ପୃଥିବୀ । "ରୂପରସଗନ୍ଧସ୍ପର୍ଶବତୀ ପୃଥିବୀ ।"

**ବିଶେଷ ତତ୍ତ୍ୱ ଓ ଅଦୃଷ୍ଟ**

କଣାଦଙ୍କ ମତରେ ଦ୍ରବ୍ୟାଦି ସପ୍ତ ପଦାର୍ଥର ତତ୍ତ୍ୱଜ୍ଞାନ ଲାଭ ହେଲେ ନିଃଶ୍ରେୟସ ବା ଆତ୍ୟନ୍ତିକ ଦୁଃଖ-ନିବୃତ୍ତି ରୂପକ ମୋକ୍ଷଲାଭ ହୁଏ । ସେ କହନ୍ତି ଭୋଗାଭୋଗ ଓ ଦେହାନ୍ତର ସମସ୍ତହିଁ ବିଧି ଅଦୃଷ୍ଟସାପେକ୍ଷ । କର୍ମାନୁଷ୍ଠାନ ହିନ୍ଦୁ, କର୍ମର ଶୁଭାଶୁଭ ଫଳଭୋଗ ପାଇଁ ଶରୀରର ପ୍ରୟୋଜନ ହୁଏ । ତାହାହିଁ ଅଦୃଷ୍ଟ । ତତ୍ତ୍ୱଜ୍ଞାନ ଦ୍ୱାରା ଅଦୃଷ୍ଟ ନାଶ ହେଲେ ମୋକ୍ଷଲାଭ ହୁଏ ।

**ଈଶ୍ୱର ପ୍ରମାଣ**

ଈଶ୍ୱରଙ୍କର କୌଣସି କାର୍ଯ୍ୟକାରିତା ବୈଶେଷିକ ଦର୍ଶନ ସ୍ୱୀକାର କରେ ନାହିଁ । ବରଂ ଅଦୃଷ୍ଟକୁହିଁ କଣାଦ ସକଳ ସୃଷ୍ଟିର ମୂଳାଧାର ବୋଲି ମାନି ନେଇଛନ୍ତି । ସେ ସ୍ପଷ୍ଟ କହୁଛନ୍ତି :—ଅଗ୍ନିର ଊର୍ଦ୍ଧ୍ୱଜ୍ୱଳନ, ବାୟୁର ତୀର୍ଯ୍ୟକଗମନ, ଏବଂ ପରମାଣୁ ଓ ମନର ଆଦ୍ୟ-କ୍ରିୟା ଅଦୃଷ୍ଟ ବଶରେ ସମ୍ପନ୍ନ ହୁଏ । ଫଳତ ଅଦୃଷ୍ଟବଶରେ ପରମାଣୁରେ କ୍ରିୟା, ଏବଂ ପରମାଣୁରେ କ୍ରିୟା ଯୋଗୁଁ ସୃଷ୍ଟି । ତେଣୁ ସୃଷ୍ଟି ସହିତ ଈଶ୍ୱରଙ୍କର କୌଣସି ସଂବନ୍ଧ ନାହିଁ । ପରମାଣୁ

ଓ ଅଦୃଷ୍ଟହିଁ ସର୍ବମୂଳାଧାର । ବୈଶେଷିକ ପ୍ରତ୍ୟକ୍ଷ ଓ ଅନୁମାନ ଏ ଦୁଇପ୍ରକାର ପ୍ରମାଣକୁ ସ୍ୱୀକାର କରନ୍ତି । ଶବ୍ଦ ପ୍ରମାଣ ତାଙ୍କ ମତରେ ଅନୁମାନ ପ୍ରମାଣର ଅନ୍ତର୍ଗତ । କୌଣସି ଦ୍ରବ୍ୟ ଆଣ ବୋଲି କହିଲେ ସେଇ ଶବ୍ଦ ଶୁଣିହିଁ ଦ୍ରବ୍ୟ ସମ୍ବନ୍ଧରେ ଅନୁମିତି ଜନ୍ମେ । ବୈଶେଷିକଙ୍କ ମତରେ ଏହାହିଁ ଅନୁମାନ-ପ୍ରମାଣ । ( ଏକ )

## ନ୍ୟାୟ-ଦର୍ଶନ

ନ୍ୟାୟ-ଦର୍ଶନର ପ୍ରଣେତା ମହର୍ଷି ଗୌତମ । କାହାର କାହାର ମତରେ ସେ ଗୋଷପଦ ଗୌତମ, ପୁଣି କାହାର କାହାର ମତରେ ଗୋଷାପତ୍ୟ ଗୌତମ । ପ୍ରମାଣ ଦ୍ୱାରା ବସ୍ତୁନିରୂପଣ ଅଥବା ପରପ୍ରତ୍ୟାୟନାର୍ଥ,—ଯାହାର ଅର୍ଥ ଅପରକୁ ବୁଝାଇବା ପାଇଁ ଯେଉଁ ପ୍ରତିଜ୍ଞା, ହେତୁ, ଉଦାହରଣ, ଉପନୟ ଓ ନିଗମନ, ଏହି ପାଞ୍ଚୋଟି ଯାକହିଁ ନ୍ୟାୟର ପ୍ରଧାନ ଅଙ୍ଗ । ଏହାର ମୁଖ୍ୟ ଉଦ୍ଦେଶ୍ୟ—ସେଇ ଦୁଃଖନିବୃତ୍ତି । ପକ୍ଷିଲ ସ୍ୱାମୀ ତାଙ୍କ ଭାଷ୍ୟରେ ଲେଖିଛନ୍ତି, ନିଃଶ୍ରେୟସ ବା ତ୍ରିବିଧ ଦୁଃଖର ନିବୃତ୍ତିର ମୂଳ । ଦୁଃଖର ନିବୃତ୍ତି କରିବାକୁ ହେଲେ ଜନ୍ମ ନିବାରଣ କରିବାକୁ ହେବ । ଜନ୍ମ ନିବାରଣ କରିବାକୁ ହେଲେ ପ୍ରବୃତ୍ତିର ନିବାରଣ କରିବାକୁ ହେବ । ମିଥ୍ୟାଜ୍ଞାନ ନିବାରଣ କରିବା ଦ୍ୱାରାହିଁ ପ୍ରବୃତ୍ତିର ନିବାରଣ ସମ୍ଭବ । ମିଥ୍ୟାଜ୍ଞାନ କେବଳ ତତ୍ତ୍ୱଜ୍ଞାନ ଦ୍ୱାରା ନିବାରଣ କରାହେବ । ଏହି ତତ୍ତ୍ୱ-ଜ୍ଞାନ-ଲାଭହିଁ ନ୍ୟାୟର ଉଦ୍ଦେଶ୍ୟ । ପ୍ରମାଣ, ପ୍ରମେୟ, ସଂଶୟ, ପ୍ରୟୋଜନ, ଦୃଷ୍ଟାନ୍ତ, ସିଦ୍ଧାନ୍ତ, ତର୍କ, ନିର୍ଣ୍ଣୟ, ବାଦ, ଜଳ୍ପ, ବିତଣ୍ଡା, ହେତ୍ୱାଭାସ, ଛଳ, ଜାତି, ନିଗ୍ରହସ୍ଥାନ ଏହି ଷୋଡ଼ଶ ପଦାର୍ଥର ତତ୍ତ୍ୱଜ୍ଞାନ ଲୋଡ଼ା । ଏହି ଷୋଡ଼ଶ ପଦାର୍ଥ କି ପ୍ରକାର ତାହା ଦର୍ଶନକାର ବୁଝାଇଛନ୍ତି । ଉଦାହରଣ ସ୍ୱରୂପ ପ୍ରଥମ ପଦାର୍ଥ ପ୍ରମାଣ ଶବ୍ଦର ଅର୍ଥ ଯଥାର୍ଥ ଜ୍ଞାନ ଲାଭର ଉପାୟ, ଅର୍ଥାତ୍ ଯଥାର୍ଥ ଜ୍ଞାନ ଯଥା ରଜ୍ଜୁକୁ ରଜ୍ଜୁବୋଧ, ଅଯଥାର୍ଥ ଜ୍ଞାନ, ରଜ୍ଜୁକୁ ସର୍ପ ଜ୍ଞାନ । ନ୍ୟାୟ ଦର୍ଶନ ମତରେ ପ୍ରମାଣ ଚତୁର୍ବିଧ :—ପ୍ରତ୍ୟକ୍ଷ, ଅନୁମାନ, ଉପମାନ ଓ ଶବ୍ଦ । ପ୍ରତ୍ୟକ୍ଷ ପୁଣି ଗୌତମଙ୍କ ମତରେ ଦୁଇପ୍ରକାର—ସବିକଳ୍ପକ, ନିର୍ବିକଳ୍ପକ । ଘଟ-ପଟାଦି ପଦାର୍ଥ ଘଟ-ପଟ ରୂପେ ଅବଧୃତ ହେଲାବେଳେ ସବିକଳ୍ପକ, ସାଧାରଣ 'ବସ୍ତୁ' ସଂଜ୍ଞା ଲାଭ କଲାବେଳେ ତାହା ନିର୍ବିକଳ୍ପକ ଜ୍ଞାନ । ଅନୁମାନ ତିନି ପ୍ରକାର ;— ପୂର୍ବବତ୍, ଶେଷବତ୍, ଓ ସାମାନ୍ୟତୋଦୃଷ୍ଟାନୁମାନ । ମେଘ ଦର୍ଶନ କରି ବୃଷ୍ଟିର ଅନୁମାନ ପୂର୍ବବତ୍ । ଏଠାରେ 'ପୂର୍ବ' ଅର୍ଥ କାରଣ । ନଦୀଜଳ ବୃଦ୍ଧି

ଦେଖି ବନ୍ୟାର ଅନୁମାନ ଶେଷବତ୍ । ଏଠାରେ 'ଶେଷ' ଅର୍ଥ କାର୍ଯ୍ୟ । କାର୍ଯ୍ୟ ଓ କାରଣ ନାହିଁ, ଅଥଚ ଦର୍ଶନାଧୀନ ହେଉଛି ଅନୁମାନ ତାହା ସାମାନ୍ୟତୋ-ଦୃଷ୍ଟାନୁମାନ । ଏହା 'ଅବିନାଭାବ' ସଂବନ୍ଧ । ଯଥା ଲୌହପିଣ୍ଡରେ ଧୂମ ନାହିଁ, ଅଗ୍ନି ଅଛି । ଏଠାରେ ଧୂମର ଅନାଭାବ ଓ ଅଗ୍ନିର 'ଅଭିନ ଭାବ ସଂବନ୍ଧ ବୁଝିବାକୁ ହେବ । ଶବ୍ଦ ପ୍ରମାଣ କହିଲେ ଗୌତମ ଆପ୍ତ ବାକ୍ୟକୁ ଗ୍ରହଣ କରନ୍ତି । ଉପମାନ ଅର୍ଥରେ ସାଦୃଶ୍ୟ-ଜ୍ଞାନ-ସାଧନ । ଯଥା ମୁଖ-ଚନ୍ଦ୍ରମା ଏଥିରୁ ସାଦୃଶ୍ୟ ଜ୍ଞାନ ଲାଭ ହୁଏ । ମହାକବି ଶ୍ରୀହର୍ଷ-ପ୍ରଣୀତ ନୈଷଧ କାବ୍ୟରେ ନଳବିରହରେ କ୍ରନ୍ଦନରତା ଦମୟନ୍ତୀଙ୍କ ନୟନବାଷ୍ପ ଦେଖି ସଖୀମାନେ ଅନଳ (ଜଳାଭାବ) ଏହାର କାରଣ ବୋଲି ଅନୁମାନ କରନ୍ତି । କିନ୍ତୁ ଏଭଳି ଅନୁମାନ କଣ ଯଥାର୍ଥ ? ଏତଦ୍‌ବିଷୟରେ ନୈୟାୟିକଙ୍କ ମଧ୍ୟରେ ମତଭେଦ ଦେଖାଯାଏ । ନ୍ୟାୟ-ଶାସ୍ତ୍ରର ଶବ୍ଦ ଖଣ୍ଡ ବିଷୟରେ ଜଗଦୀଶ ତର୍କାଲଙ୍କାର ପ୍ରମୁଖ ଏଭଳି ପ୍ରୟୋଗର ସମର୍ଥନ କରିଯାଇଛନ୍ତି । ( ଏଣ୍ଟ )

**ଈଶ୍ୱର, ଅଦୃଷ୍ଟ ଓ ଜନ୍ମାନ୍ତର**

ନ୍ୟାୟ-ଦର୍ଶନରେ ଈଶ୍ୱର ସ୍ୱୀକୃତ ସତ୍ୟ, କିନ୍ତୁ ଈଶ୍ୱରଙ୍କର ସୃଷ୍ଟି-କର୍ତ୍ତୃତ୍ୱ ସ୍ୱୀକାର କରାଯାଇ ନାହିଁ । ପ୍ରଥମେ ଈଶ୍ୱରଙ୍କ ସପକ୍ଷରେ ତର୍କ କରାଯାଇଛି, "ଈଶ୍ୱରଃ କାରଣଂ ପୁରୁଷକର୍ମାଫଲ୍ୟ-ଦର୍ଶନାତ୍" । ଅର୍ଥାତ୍ ମନୁଷ୍ୟକୃତ କର୍ମ ସର୍ବଦା ସାଫଲ୍ୟଯୁକ୍ତ ହୁଏ ନାହିଁ । ସୁତରାଂ ଈଶ୍ୱର ହିଁ ଜଗତର କାରଣ । ପର ମୁହୂର୍ତ୍ତରେ ସେ କିନ୍ତୁ ଭିନ୍ନ ପ୍ରକାର ମୀମାଂସା କରନ୍ତି— "ନ ପୁରୁଷକର୍ମାଭାବେ-ଫଲନିଷ୍ପତ୍ତେଃ ।" ଅର୍ଥାତ୍ ପୁରୁଷ-କର୍ମ ଭିନ୍ନ ଫଳ ନିଷ୍ପତ୍ତି ହୁଏନା । ଫଳ ନିଷ୍ପତ୍ତି ଈଶ୍ୱରାଧୀନ ହେଲେ ପୁରୁଷ ଚେଷ୍ଟାର ପ୍ରୟୋଜନ ହୁଏ ନାହିଁ । ସୁତରାଂ ଈଶ୍ୱର ଭିନ୍ନ ସୃଷ୍ଟିର ଅନ୍ୟ କାରଣ ନିଶ୍ଚୟ ଅଛି । ତାହା କାରଣ କର୍ମଫଳ ବା ଅଦୃଷ୍ଟ । ଏ ସଂପର୍କରେ ଗୌତମ ଆତ୍ମାର ଅନାଦିତ୍ୱ ସ୍ୱୀକାର କରନ୍ତି ଏବଂ ଜନ୍ମାନ୍ତରବାଦ ଉପସ୍ଥାପିତ କରନ୍ତି । ତାଙ୍କ ମତରେ ନବଜାତ ଶିଶୁର ହର୍ଷ, ଭୟ ଓ ଶୋକ ହୋଇଥାଏ । ତାର କାରଣ ପୂର୍ବାଭ୍ୟସ୍ତ ସ୍ମୃତି । କ୍ଷୁଧା ନ ହେଲେ ଶିଶୁ ସ୍ତନ୍ୟପାନ କରେ ନାହିଁ । ପୁଣି କ୍ଷୁଧା ନିବୃତ୍ତି ହେଲେହିଁ ସ୍ତନ୍ୟପାନରେ ଅନଭିଳାଷ ପ୍ରକାଶ କରେ । ଶିଶୁର ଏ ପ୍ରବୃତ୍ତି-ନିବୃତ୍ତି କେଉଁଠୁ ଆସିଲା ? ଏହା ନିଶ୍ଚୟ ପୂର୍ବଜନ୍ମର ସ୍ମୃତିର କାର୍ଯ୍ୟ । ତେଣୁ ସମସ୍ତ କାର୍ଯ୍ୟ "ପୂର୍ବକୃତଫଳାନୁବନ୍ଧାତଦୁତ୍ପତ୍ତିଃ । ଶର୍ମିଣାଚାର୍ଯ୍ୟ ନାମକ ଜଣେ ବ୍ରାହ୍ମଣ ଆଲେକ୍‌ଜାଣ୍ଡାରଙ୍କ ଆଦେଶରେ ଗ୍ରୀସ୍ ଦେଶରେ ଯାଇ ନ୍ୟାୟ ଦର୍ଶନ ପ୍ରଚାର କରିଥିଲେ ଏବଂ ଏରିଷ୍ଟଟଲ୍ ଏଇ ଦର୍ଶନ

ଦ୍ୱାରା ଯଥେଷ୍ଟ ପ୍ରଭାବିତ ହୋଇଥିଲେ ବୋଲି ଐତିହାସିକମାନେ ଦର୍ଶାଇଛନ୍ତି ।

## ପାତଂଜଳ-ଦର୍ଶନ

ପତଂଜଳିଙ୍କ ପ୍ରଣୀତ ଦର୍ଶନ ପାତଂଜଳ ଦର୍ଶନ ବା ଯୋଗଶାସ୍ତ୍ର ନାମରେ ପରିଚିତ । ଏହି ଦର୍ଶନ ଚାରିଭାଗରେ ବିଭକ୍ତ, ଯଥା, ସମାଧି-ପାଦ, (ଯୋଗର ଲକ୍ଷଣାଦି ବର୍ଣ୍ଣିତ), ସାଧନ-ପାଦ (କପରି ଯୋଗ-କ୍ରିୟା ସାଧନ କରିବାକୁ ହେବ), ବିଭୂତି-ପାଦ (ଏଥିରେ ଧ୍ୟାନ-ଧାରଣାଦି ବର୍ଣ୍ଣିତ) ଏବଂ କୈବଲ୍ୟ-ପାଦ (ଏଥିରେ ସିଦ୍ଧିପଂଚକାଦି ବର୍ଣ୍ଣିତ ।) ପାତଂଜଳ ଦର୍ଶନରେ ଦୁଃଖ-ନିବୃତ୍ତି ପାଇଁ ଯେଉଁ ଉପାୟମାନ ନିର୍ଦ୍ଦିଷ୍ଟ କରାଯାଇଛି ତାହାହିଁ ଯୋଗଶାସ୍ତ୍ର । ଯୋଗ ଭିନ୍ନ ତତ୍ତ୍ୱଜ୍ଞାନ ଲାଭ ହୁଏ ନାହିଁ ଏବଂ ତତ୍ତ୍ୱଜ୍ଞାନ ବିନା ମୋକ୍ଷଲାଭ ହୁଏ ନାହିଁ, ଏହାହିଁ ପତଂଜଳି-ଦର୍ଶନର ପ୍ରତିପାଦ୍ୟ । ଏ ଦର୍ଶନ ଜଣେ ଅତିରିକ୍ତ ପୁରୁଷ ବା ଈଶ୍ୱର ସ୍ୱୀକାର କରେ । ପଂଚବିଂଶତି ତତ୍ତ୍ୱ ବ୍ୟତୀତ ଆଉ ଏକ ପୁରୁଷ ଅଛନ୍ତି । ସେ ଅବିଦ୍ୟାମୂଳକ କ୍ଳେଶ, କର୍ମ, ବିପାକ ଓ ଆଶୟ ସହିତ ସଂବଂଧଶୂନ୍ୟ । ସେହି ପୁରୁଷ-ବିଶେଷହିଁ ଈଶ୍ୱର । ପତଂଜଳିଙ୍କ ମତରେ ପ୍ରକୃତି-ପୁରୁଷର ସଂଯୋଗହିଁ ଦୁଃଖର ହେତୁ । ସେଇଥିରୁହିଁ ସମସ୍ତ ଅବିଦ୍ୟାର ଉତ୍ପତ୍ତି । ପ୍ରକୃତି-ପୁରୁଷର ଏଇ ସଂଯୋଗ-ବିଚ୍ଛିତିହିଁ କାରଣ ତାହାଦ୍ୱାରା ସମସ୍ତ ଅବିଦ୍ୟାର ଭଞ୍ଜନ ହୋଇଥାଏ । ପତଂଜଳିଙ୍କ ମତରେ ସଂସାର ହେୟ, କାରଣ ତାହା ଦୁଃଖମୟ । ଯୋଗ-ସାଧନ ଦ୍ୱାରା ଚିତ୍ତବୃତ୍ତି ସଂଯତ ହୁଏ । ନିରୁଦ୍ଧ ଚିତ୍ତହିଁ ପୂର୍ଣ୍ଣ ଯୋଗ । ଯୋଗର ଆଠ ଅଂଗ—ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ସମାଧି । ଏଥିମଧ୍ୟରୁ ପ୍ରଥମ ପାଂଚୋଟି ବହିରଂଗ ଏବଂ ଶେଷ ତିନୋଟି ଅଂତରଂଗ । ପ୍ରାଣାୟାମ, ନିଃଶ୍ୱାସରୋଧ, ଅଂଗନ୍ୟାସ ପ୍ରଭୃତି ଯୌଗିକ କ୍ରିୟା ଗୁରୁ ସାହାଯ୍ୟରେହିଁ ଶିଖିବାକୁ ହୁଏ । ପ୍ରାଣାୟାମ ସାଧନାରେ ଇଡ଼ା, ପିଂଗଳା ଓ ସୁଷୁମ୍ନା ଏଇ ତିନି ନାଡ଼ିରେ ଶ୍ୱାସପ୍ରଶ୍ୱାସକୁ ଯଥାକ୍ରମେ କୁଂଭକ, ପୂରକ, ରେଚକ, ପ୍ରଣାଳୀରେ ନିୟଂତ୍ରିତ କରିବାକୁ ହୁଏ ।

## ମୀମାଂସା ଦର୍ଶନ

ମହର୍ଷି ଜୈମିନୀ-ପ୍ରବର୍ତ୍ତିତ ଦର୍ଶନ ମୀମଂସାଦର୍ଶନ ନାମରେ ପରିଚିତ । ମୀମାଂସା ଦର୍ଶନ ବେଦର ନିତ୍ୟତ୍ୱ ସ୍ୱୀକାର କରେ । ବେଦ ସ୍ୱତଃସିଦ୍ଧ । ଜୈମିନୀଙ୍କ ମତରେ କର୍ମକାଂଡହିଁ ବେଦର ସର୍ବସ୍ୱ, ତାହାଛଡ଼ା ଆଉ ଯାହାକିଛୁ

ଅଛୁ, ସେ ସବୁ କେବଳ କର୍ମ-କାଣ୍ଡରେ ପ୍ରବୃତ୍ତି ଜନ୍ମାଇବା ପାଇଁହିଁ ଅଭିପ୍ରେତ । ମୀମାଂସାକାର ବେଦକୁ ପାଂଚଭାଗରେ ବିଭକ୍ତ କରିଛଂତି, ଯଥା, ବିଧି, ନିଷେଧ, ମଂତ୍ର, ନାମଧେୟ ଏବଂ ଅର୍ଥବାଦ । ବେଦ ଯେଉଁ ବାକ୍ୟରେ ମନୁଷ୍ୟର କର୍ତ୍ତବ୍ୟ ନିର୍ଦ୍ଦିଷ୍ଟ କରିଛଂନ୍ତି ତାହା ବିଧି, ଏବଂ ଯାହା ଅକର୍ତ୍ତବ୍ୟ ବୋଲି କହିଛଂନ୍ତି ତାହା ନିଷେଧ । ମଂତ୍ର ଅର୍ଥ ଦେବତାଦିର ଆବାହନ । ଯେଉଁ ଉଦ୍ଦେଶ୍ୟରେ ଯେଉଁ ଯଜ୍ଞର ଅନୁଷ୍ଠାନ ହୁଏ ତାହାହିଁ ସେ ଯଜ୍ଞର ନାମଧେୟ । ଅର୍ଥବାଦ ଦ୍ୱାରା ବିଧି-ନିଷେଧର ନିଂଦା ବା ପ୍ରଶଂସା ସୂଚିତ ହୁଏ । ଜୈମିନୀଂକ ମତରେ ଯଜ୍ଞାଦି କର୍ମହିଁ ମୋକ୍ଷଫଳ ପ୍ରଦ । ଏହି ମୀମାଂସାଦର୍ଶନ କର୍ମ-ମୀମାଂସା, ଅଧ୍ୱର ମୀମାଂସା ଏବଂ ପୂର୍ବ-ମୀମାଂସା ନାମରେ ମଧ୍ୟ ପରିଚିତ । ଜୈମିନୀଂକ ମତରେ ମଂତ୍ରହିଁ ଦେବତା । ଦେବତା କଦାପି ଶରୀରୀ ହୋଇ ନ ପାରଂନ୍ତି । ଶରୀରୀ ହେଲେ ଏକା ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ତାଂକର ଅବସ୍ଥାନ ଅସଂଭବ । ଜୈମିନି ଦେବତାମାନଂକର ଅସ୍ତିତ୍ୱ ସ୍ୱୀକାର କରଂନ୍ତି ନାହିଁ । କେବଳ ଦେବତା ନୁହେଁ, ଈଶ୍ୱରଂକର ନାମ ମଧ୍ୟ ମୀମାଂସା ଦର୍ଶନରେ ନାହିଁ । ସେଥିପାଇଁ ଶଂକରାଚାର୍ଯ୍ୟ ଏହା ନାସ୍ତିକ୍ୟ-ଦର୍ଶନ ବୋଲି କହିଛଂନ୍ତି । ମୀମାଂସା ମତରେ ଯଜ୍ଞହିଁ ସାରଭୂତ । ଅନ୍ୟ ସବୁ ଅବାଂତର ମାତ୍ର । ଜୈମିନୀଂକ ମତ ହେଲା କର୍ମହିଁ ବେଦର ସାର । ଆଉ ଯାହାକିଛି ସବୁ ଅନର୍ଥକ । ଜୈମିନି ବେଦକୁ ଈଶ୍ୱର ବାକ୍ୟ ବୋଲି ସ୍ୱୀକାର କରଂନ୍ତି ନାହିଁ ଯଦିଚ ଅଧିକାରିଭେଦ ଏବଂ ବେଦ ଅପୌରୁଷେୟ ବୋଲି ସ୍ୱୀକାର କରଂନ୍ତି ।

ନାସ୍ତିକ୍ୟବାଦ

## ବେଦାଂତ-ଦର୍ଶନ

ବେଦର ଜ୍ଞାନକାଣ୍ଡର ପ୍ରତିଷ୍ଠାହିଁ ବେଦାଂତ-ଦର୍ଶନର ମୂଳ ଲକ୍ଷ୍ୟ । ମୀମାଂସା-ଦର୍ଶନ ବେଦର କର୍ମକାଣ୍ଡକୁ ସର୍ବସ୍ୱ ମନେ କରୁଥିବା ସ୍ଥଳେ ବେଦାଂତ ଜ୍ଞାନ-କାଣ୍ଡର ପ୍ରାଧାନ୍ୟ ସ୍ୱୀକାର କରେ । ତେଣୁ ଜୈମିନୀଂକ ଦର୍ଶନକୁ ପୂର୍ବ-ମୀମାଂସା ଏବଂ ବେଦାଂତକୁ ଉତ୍ତର-ମୀମାଂସା ବା ବେଦର ଶେଷ ଭାଗ ବୋଲି କୁହାଯାଇଥାଏ । ମହର୍ଷି ବାଦରାୟଣ ବା ବେଦବ୍ୟାସ ଏଇ ଦର୍ଶନର ପ୍ରଣେତା । ବ୍ରହ୍ମ- ତତ୍ତ୍ୱ ନିରୂପଣ ବା ବ୍ରହ୍ମ-ଜିଜ୍ଞାସା ବେଦାଂତର ଉପଜୀବ୍ୟ ହୋଇଥିବାରୁ ଏହାର ଅନ୍ୟ ନାମ 'ବ୍ରହ୍ମ-ସୂତ୍ର ।'

ବେଦାଂତ-ଦର୍ଶନ ପ୍ରଣେତା ବାଦରାୟଣ ବା ବେଦବ୍ୟାସ ମହାଭାରତ-ରଚୟିତା ବ୍ୟାସଦେବ କି ନୁହଂନ୍ତି ତାହା କହିବା କଷ୍ଟ । ମହାଭାରତ ପ୍ରଣେତା

କୃଷ୍ଣଦ୍ୱୈପାୟନ ବ୍ୟାସ ନିଜକୁ ମହାଭାରତର ମଂଗଳାଚରଣରେ ଶାକ୍ତ ଓ ପରାଶର -ଔରସରେ ଶୂଦ୍ରା ମତ୍ସ୍ୟଗଂଧା ଗର୍ଭରୁ ଜାତ ବୋଲି ଚିହ୍ନିତ କରିଯାଇଛଂତି ।

"ବ୍ୟାସଂ ବଶିଷ୍ଠନପ୍ତାରଂ ଶକ୍ତେଃ ପୁତ୍ରମକଲ୍ମଷମ ।
ପରାଶରତ୍ମଜଂ ବଂଦେ ଶୁକତାତଂ ତପୋନିଧିମ୍ ।।

(ମହାଭାରତ, ମଂଗଳାଚରଣ)

ନିଜକୁ ସ୍ପଷ୍ଟ ଭାବରେ ଶକ୍ତି-ପୁତ୍ର ବା ଭୈରବ-ପଂଥୀ କହୁଥିବା ବ୍ୟାସ. ଏବଂ ବେଦାଂତକାର ପରମବୈଷ୍ଣବ ବ୍ୟାସ ଏକ ଓ ଅଭିନ୍ନ କି ଭିନ୍ନ ଭିନ୍ନ ତାହା ଏ ପର୍ଯ୍ୟଂତ ଅମୀମାଂସିତ ରହିଛି । ବଦ୍ରିକାଶ୍ରମରେ ନିତ୍ୟ-ବାସ ଯୋଗୁ ବ୍ୟାସ-ଦେବଂକର ବାଦାରାୟଣ ନାମାଂତର ହୋଇଥିବା କଥା ପଂଡିତମାନେ କହଂତି ।

ବେଦାଂତ-ଦର୍ଶନ ଚାରୋଟି ଅଧ୍ୟାୟରେ ବିଭକ୍ତ । ଶଂକରାଚାର୍ଯ୍ୟ, ରାମାନୁଜ, ବଲ୍ଲଭାଚାର୍ଯ୍ୟ ଏବଂ ମାଧବାଚାର୍ଯ୍ୟ ପ୍ରମୁଖ ଆଚାର୍ଯ୍ୟଗଣ ବେଦାଂତ-ଦର୍ଶନର ନିଜ ନିଜ ଭାଷ୍ୟ ରଚନା କରିଯାଇଛଂତି । ବେଦାଂତ-ଦର୍ଶନର ଭାଷ୍ୟଗୁଡ଼ିକ ଦୁଇ ପ୍ରକାର— ଅଦ୍ୱୈତ ଓ ଦ୍ୱୈତ । ଶଂକରାଚାର୍ଯ୍ୟଂକ ଭାଷ୍ୟ ଅଦ୍ୱୈତ ଭାଷ୍ୟ ମଧ୍ୟରେ ପ୍ରଧାନ । ଅଦ୍ୱୈତବାଦୀ ମତରେ ଜୀବ ଓ ବ୍ରହ୍ମ ଅଭିନ୍ନ । ଅବିଦ୍ୟା ବା ମାୟାର ଆବରଣରେ ଆବୃତ ହୋଇ ଜୀବ ନିଜକୁ ଓ ବ୍ରହ୍ମକୁ ଭିନ୍ନ ଭିନ୍ନ ମନେକରେ । ତତ୍ତ୍ୱ-ଜ୍ଞାନ ଉଦୟ ହେଲେ ଅର୍ଥାତ୍ ଜୀବ ଓ ବ୍ରହ୍ମ ଯେ ଅଭିନ୍ନ ଏଇ ଭାବ ଜାଗ୍ରତ ହେଲେ ଅବିଦ୍ୟା ଦୂର ହୋଇଯାଏ । ଜୀବ ଓ ବ୍ରହ୍ମର ଐକ୍ୟ-ଜ୍ଞାନ ଉଦୟ ହେଲେ

**ଅଦ୍ୱୈତବାଦ**

ଜୀବ ମୁକ୍ତିଲାଭ କରେ । ଶଂକର ମତରେ "ସୋହହଂ" 'ଅହଂ ବ୍ରହ୍ମାସ୍ମି' ଅର୍ଥାତ୍ 'ସେ ମୁଁ', 'ମୁଁ ବ୍ରହ୍ମ'' ଏହାହିଁ' ପରମ ଜ୍ଞାନ । ଅଦ୍ୱୈତ ମତରେ ବ୍ରହ୍ମ ସତ୍ୟଂ, ଜଗତ ମିଥ୍ୟା । ସେ ନିର୍ଗୁଣ, ସେ ନିଷ୍କ୍ରିୟ, ସେ ନିତ୍ୟ, ଶୁଦ୍ଧ-ସତ୍ତ୍ୱ । ତେବେ ତାଂକୁ ଯେ ନାନା ଜ୍ଞାନରେ. ନାନା ରୂପରେ ଅନୁଭବ କରୁଁ,ତାହା ଭ୍ରାଂତି ମାତ୍ର । ତାହା ଅବିଦ୍ୟାର କାର୍ଯ୍ୟ । ସାଂଖ୍ୟ ଓ ବେଦାଂତ ମଧ୍ୟରେ ସାମଂଜସ୍ୟ ପ୍ରଚୁର । ସାଂଖ୍ୟ ମତରେ ପୁରୁଷ ନିର୍ଲିପ୍ତ, ପ୍ରକୃତିର ବିକୃତିହିଁ ସମସ୍ତ ପରିବର୍ତ୍ତନର ମୂଳ କାରଣ । ସୃଷ୍ଟି ସଂବଂଧରେ ମଧ୍ୟ ସାଂଖ୍ୟ ଓ ବେଦାଂତ ପ୍ରକାରାଂତରେ ଅନୁରୂପ ମତ ପୋଷଣ କରଂତି । ଯାହା ସାଂଖ୍ୟ ମତରେ ପ୍ରକୃତିର ବିକାର, ତାହାହିଁ ବେଦାଂତର ଅବିଦ୍ୟା ବା ମାୟା । ଯାହା ଅବିଦ୍ୟା ବା ମାୟା ତାହା ଅଜ୍ଞାନ । ଯାହା ଜ୍ଞାନ ତାହା ବ୍ରହ୍ମ । ଜ୍ଞାନ ଏକ, ବ୍ରହ୍ମ ମଧ୍ୟ ଏକ । ଯେତେବେଳେ ସେ ଭିନ୍ନ ବୋଧ ହୁଅଂତି,

ସେତେବେଳେ ଅଜ୍ଞାନ । ବିଷୟ-ବିଶେଷର ଉପାଧିର ବିଭିନ୍ନତା ଯୋଗୁ କଦାପି ଜ୍ଞାନର ବିଭିନ୍ନତା ପ୍ରତିପନ୍ନ ହୁଏନାହିଁ । ଏକଇ ପଦାର୍ଥ ଜଳ ଓ ଦର୍ପଣରେ ପ୍ରତିବିମ୍ବିତ ହେଲେ ମଧ୍ୟ ତାହା ମୂଳତ ଏକ । ଯେତେବେଳେ ତାହା ବହୁ ବୋଲି ମନେହୁଏ ସେତେବେଳେ ତାହା ଭ୍ରାନ୍ତି—ଅବିଦ୍ୟା ବା ମାୟା । ସେଇ ଭ୍ରାନ୍ତି ଦୂର ନହେବା ଯାଏ ମନୁଷ୍ୟ ସଂସାର-ବନ୍ଧନରେ ଆବଦ୍ଧ ରହିଥାଏ । ସେ ଭ୍ରାନ୍ତି ବା ଅବିଦ୍ୟା ଦୂର ହେଲେହିଁ ସେ ମୁକ୍ତ ହୋଇଯାଏ । ବୈଦାନ୍ତିକ ମତରେ ଅଜ୍ଞାନହିଁ ମୁକ୍ତିର ଅନ୍ତରାୟ । 'ମୁଁ ବ୍ରହ୍ମ', 'ସେ ହିଁ ମୁଁ' ଏଇ ଭାବ ଜାଗ୍ରତ ହୋଇ ଜୀବ ଓ ବ୍ରହ୍ମ ମଧ୍ୟରେ ଐକ୍ୟ-ଜ୍ଞାନ ଉଦ୍ରେକ ହେବା ମାତ୍ରକେ ଜୀବ ମୁକ୍ତିଲାଭ କରେ । ଶଂକରାଚାର୍ଯ୍ୟଙ୍କ ମତରେ ବ୍ରହ୍ମଜ୍ଞାନ ଲାଭକରିବାର ସାଧନ ଚତୁର୍ବିଧ, ଯଥା ନିତ୍ୟାନିତ୍ୟବସ୍ତୁ ବିବେକ, ଇହାମୁତ୍ରଫଳଭୋଗବିରାଗ, ଶମଦମାଦି ସଂପତ୍ତି ଓ ମୁମୁକ୍ଷୁତ୍ୱ । ଦ୍ୱୈତବାଦୀ (ବିଶିଷ୍ଟା-

**ଦ୍ୱୈତବାଦ**

ଦ୍ୱୈତବାଦୀ) ମତରେ ଜୀବ ଓ ବ୍ରହ୍ମ ଅଭିନ୍ନ ନୁହେଁ । ଯାହାଙ୍କଠାରୁ ଜଗତର ଉତ୍ପତ୍ତି ସେହି ହେଉଛନ୍ତି ବ୍ରହ୍ମ । ସେଇ କେବଳ ନିୟାମକ । ଅନ୍ୟ ସମସ୍ତେ ତାଙ୍କର କର୍ତ୍ତୃତ୍ୱାଧୀନ । ସାଧନାଦି ଦ୍ୱାରା ଜୀବ ତାର ନ୍ୟାୟଗୁଣ-ସମ୍ପନ୍ନ ହୋଇ ପାରିଲେ ହିଁ ମୁକ୍ତିର ଅଧିକାରୀ ହୁଏ । ମୁକ୍ତ ପୁରୁଷ ବ୍ରହ୍ମର ସମଗୁଣସମ୍ପନ୍ନ ହୋଇ ପାରିଲେ ମଧ୍ୟ ବ୍ରହ୍ମର କର୍ତ୍ତୃତ୍ୱାଧୀନ । ଅପର ପକ୍ଷରେ ଅଦ୍ୱୈତବାଦୀମାନେ କହନ୍ତି, ବ୍ରହ୍ମ ହିଁ ସତ୍ୟ, ଅନ୍ୟ ସମସ୍ତ ମିଥ୍ୟା । ବ୍ରହ୍ମ ଭିନ୍ନ ଅନ୍ୟ କିଛିର ଅସ୍ତିତ୍ୱ ସମ୍ଭବପର ନୁହେ । ଜଗତ ବୋଲି ଯାହା ପ୍ରତୀତ ହୁଏ ତାହା ବ୍ରହ୍ମର ନାମ ଓ ରୂପର ଭେଦ ମାତ୍ର । ଯାହା ସ୍ୱତନ୍ତ୍ର ବୋଲି ମନେ ହୁଏ ତାହା ଭ୍ରମ, ତାହା ମାୟା—ରଜ୍ଜୁରେ ସର୍ପ ଭ୍ରମ ପରି । ଅଳଂକାରର ଯେପରି ନାନା ନାମ, ନାନା ରୂପ, ଜାଗତିକ ପଦାର୍ଥର ମଧ୍ୟ ସେଇପରି ନାନା ନାମ, ନାନା ରୂପ । ତେଣୁ ମନୁଷ୍ୟ, ପଶୁ, ପକ୍ଷୀ, ବୃକ୍ଷ, ପର୍ବତ, ନଦୀ ପ୍ରଭୃତି ନାନା ନାମ ଓ ରୂପରେ ଦେଖାଗଲେ ମଧ୍ୟ ଜଗତ ବ୍ରହ୍ମ ଭିନ୍ନ ଅନ୍ୟ କିଛି ନୁହେଁ । ଏହାହିଁ ଶଂକରାଚାର୍ଯ୍ୟ ଓ ତାଙ୍କ ସମ୍ପ୍ରଦାୟର ପ୍ରତିପାଦ୍ୟ ବିଷୟ ।

**ବିଶିଷ୍ଟା-ଦ୍ୱୈତ୍ୟବାଦ**

କିନ୍ତୁ ରାମାନୁଜାଚାର୍ଯ୍ୟ-ପ୍ରବର୍ତ୍ତିତ ବିଶିଷ୍ଟାଦ୍ୱୈତବାଦୀ ସମ୍ପ୍ରଦାୟ ମତରେ ଜୀବ ଓ ବ୍ରହ୍ମ ଏକ ନୁହନ୍ତି । ଜୀବ ଅପେକ୍ଷା ବ୍ରହ୍ମ ଶ୍ରେଷ୍ଠ । ବ୍ରହ୍ମ ଉପାସ୍ୟ, ଜୀବ ଉପାସକ । ବ୍ରହ୍ମ ଇଷ୍ଟ,ଜୀବ ଇଷ୍ଟ-ପ୍ରାର୍ଥୀ । ଧ୍ୟାନ, ଧାରଣା, ଉପାସନା ଦ୍ୱାରା ଜୀବ ବ୍ରହ୍ମର ସାମୀପ୍ୟ ଲାଭ କରି ପାରେ । ଦ୍ୱୈତବାଦୀ ଯାହାକୁ ନିର୍ବିକଳ୍ପ ଓ ନିର୍ଗୁଣ ବୋଲି

ଅଭିହିତ କରେ ଏବଂ ଜଗତଠାରୁ ପୃଥକ ମନେ କରେ, ଦ୍ୱୈତବାଦୀ ସେଇ ବ୍ରହ୍ମଙ୍କୁ ସଗୁଣ ଓ ସବିଶେଷ ମନେ କରେ । ଦ୍ୱୈତବାଦୀ ମତରେ ବ୍ରହ୍ମ ଦୋଷଶୂନ୍ୟ (ନିଖିଳ-ହେୟପ୍ରତ୍ୟନୀକ) ଏବଂ ଅଖିଳ କଲ୍ୟାଣ-ଗୁଣାକର ଏବଂ ଜ୍ଞାନର ଅଗୋଚର ନୁହନ୍ତି । ପରନ୍ତୁ ସେ ସକଳର କର୍ତ୍ତା ଓ ଉପାଦାନ । ଦ୍ୱୈତବାଦୀ କହନ୍ତି, ଈଶ୍ୱର ଭକ୍ତବତ୍ସଳ ଓ କରୁଣାମୟ । ସେ ସର୍ବତ୍ର ବିରାଜମାନ । * ବିଶିଷ୍ଟାଦ୍ୱୈତବାଦୀ ରାମାନୁଜାଚାର୍ଯ୍ୟ ତାଙ୍କ 'ବେଦାର୍ଥ-ସଂଗ୍ରହ'ରେ କହିଛନ୍ତି—'ଭକ୍ତି ହିଁ ବ୍ରହ୍ମ-ଲାଭର ଏକମାତ୍ର ଉପାୟ । ଯିଏ ପ୍ରକୃତ ସାଧକ ସିଏ ସ୍ତବ, ଶରଣ, ନମସ୍କାର, ବନ୍ଦନ, କୀର୍ତ୍ତନ, ଅର୍ଚ୍ଚନ ପ୍ରଭୃତି ଦ୍ୱାରା ବ୍ରହ୍ମଙ୍କ କରୁଣା ଲାଭ କରେ ତାହା ଦ୍ୱାରା ତାର ଅଜ୍ଞାନରୂପକ ଅନ୍ଧକାର ଦୂର ହୁଏ । ଅଜ୍ଞାନତା ଦୂର ହେଲେ ସେ ପରମ ପୁରୁଷଙ୍କ ଅନୁଗ୍ରହ ଲାଭ କରେ ।

କେହି କେହି ବ୍ରହ୍ମଙ୍କୁ ଉପଦାନ-କାରଣ ଏବଂ କେହି କେହି ନିମିତ୍ତ-କାରଣ କହିଆନ୍ତି । କେହି କେହି ପୁଣି କହନ୍ତି, ସେ ଉପାଦାନ-କାରଣ ଓ ନିମିତ୍ତ-କାରଣ ଏ ଉଭୟ । ବଲ୍ଲଭାଚାର୍ଯ୍ୟଙ୍କ ଭାଷ୍ୟରେ ଶୁଦ୍ଧାଦ୍ୱୈତ ଏବଂ ମାଧବାଚାର୍ଯ୍ୟଙ୍କ ଭାଷ୍ୟରେ ଦ୍ୱୈତବାଦ ପ୍ରତିପାଦିତ । ବ୍ୟାସଦେବ ମଧ୍ୟ ବେଦାନ୍ତ-ସୂତ୍ରର ଏକ ଭାଷ୍ୟ ପ୍ରଣୟନ କରନ୍ତି ଏବଂ ସେଇ ଭାଷ୍ୟହିଁ ଶ୍ରୀମଦ୍‌ଭାଗବତ । ବୈଷ୍ଣବ ସମ୍ପ୍ରଦାୟ ମତରେ ମଧ୍ୱାଚାର୍ଯ୍ୟଙ୍କ ଭାଷ୍ୟଟି ଶ୍ରୀମଦ୍‌ଭାଗବତର ଅନୁଯାୟୀ ଓ ଅନୁମୋଦିତ । ଶ୍ରୀ ଚୈତନ୍ୟଦେବ ବେଦାନ୍ତ-ସୂତ୍ରର କୌଣସି ସ୍ୱତନ୍ତ୍ର ଭାଷ୍ୟ ପ୍ରଣୟନ କରିବା ଆବଶ୍ୟକ ମନେ କରି ନାହାନ୍ତି । ତେବେ ମଧ୍ୱାଚାର୍ଯ୍ୟଙ୍କ ସଂଗେ ତାଙ୍କର ଯେଉଁଠି ଯେଉଁଠି ମତବିରୋଧ ଘଟିଥିଲା, ସେଇ ସେଇ ସ୍ଥଳରେ ସେ ଯେଉଁ ଅର୍ଥ ଗ୍ରହଣ କରିଥିଲେ, ତାହା ପରବର୍ତ୍ତୀ-କାଳରେ ବଳଦେବ ବିଦ୍ୟାଭୂଷଣ 'ଗୋବିନ୍ଦ-ଭାଷ୍ୟ'ରେ ଲିପିବଦ୍ଧ କରି ଯାଇଛନ୍ତି । (ଭା· ଦ୍ରଃ)

ମୋଟ ଉପରେ ମାଣ୍ଡୁକ୍ୟୋପନିଷଦରେ ଯେଉଁ ଅଦ୍ୱୈତବାଦ ପ୍ରଚ୍ଛନ୍ନ ଭାବରେ ନିହିତ ଥିଲା ଏବଂ ଗୌଡ଼ପାଦାଚାର୍ଯ୍ୟ ନିଜ କାରିକାରେ ଯାହାର ଆଭାସ ଦେଇ ଯାଇଥିଲେ, ଶଙ୍କରାଚାର୍ଯ୍ୟଙ୍କ ଭାଷ୍ୟରେ ତାହାହିଁ ପ୍ରସ୍ଫୁଟ ହୋଇଥିଲା । ଦ୍ୱୈତମତ ମଧ୍ୟ ବୌଧାୟନ ପ୍ରମୁଖ ଆଚାର୍ଯ୍ୟଗଣଙ୍କ ଅନୁସରଣରେ ରାମାନୁଜାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ।

---

* *Three Great Acharyas* : C N. Krishnaswami Aiyar, Prof. T. Rajagopalacharya, Prof. M. Rangacharya & Prof. S Subba Rau.

(2) *Vaishnavite Reformers of India*—T. Rajagopa'a-Chariar.

# ବାର୍ହସ୍ପତ୍ୟ ଓ ଚାର୍ବାକ ଦର୍ଶନ

## ଭାରତୀୟ ବସ୍ତୁବାଦ

ଚାର୍ବାକମାନେ କେବଳ ପ୍ରତ୍ୟକ୍ଷ ପ୍ରମାଣ ଗ୍ରହଣ କରିଥାଂନ୍ତି,ଅନୁମାନ-ପ୍ରମାଣ ନୁହେଁ।

(ଚାର୍ବାକ-ଦର୍ଶନ ନାସ୍ତିକ୍ୟବାଦର ପ୍ରତିଫଳନ କରେ । ନାସ୍ତିକ ଦର୍ଶନ ମାନେହିଁ ଚାର୍ବାକ-ଦର୍ଶନ ନାମରେ ପରିଚିତ । ବୃହସ୍ପତି ଏଇ ନାସ୍ତିକ ଦର୍ଶନର ପ୍ରବର୍ତ୍ତକ । ତେଣୁ ଏହାର ଅନ୍ୟ ନାମ ବାର୍ହସ୍ପତ୍ୟ । ଚାର୍ବାକଂକର ଅନ୍ୟ ନାମ ଲୋକାୟତିକ, ନାସ୍ତିକ ଇତ୍ୟାଦି । ପରଲୋକ ନ ମାନିବାରୁ ଏଇ ଦର୍ଶନର ନାମ 'ଲୋକାୟତ', ଈଶ୍ୱର ମାନଂନ୍ତି ନାହିଁ ବୋଲି ଏଇ ଦର୍ଶନ ଲୋକାୟତବାଦ ନାସ୍ତିକ ଏବଂ ବୃହସ୍ପତି-ପ୍ରବର୍ତ୍ତିତ ବୋଲି ଏଇ ଦର୍ଶନ 'ବାର୍ହସ୍ପତ୍ୟ' ନାମରେ ଅଭିହିତ ହୋଇଥାଏ । ଏଇ ଦର୍ଶନର ସଂକ୍ଷିପ୍ତ ମତ ହେଉଛି : 'ଦେହ ଭିନ୍ନ ଅନ୍ୟ ଆତ୍ମାର ଅସ୍ତିତ୍ୱ ନାହିଁ । ଆତ୍ମା ହିଁ ଦେହ । ଆତ୍ମାର ଧ୍ୱଂସରେ ଦେହର ଧ୍ୱଂସ । ଇହ ସଂସାରର ସୁଖହିଁ ପରମ – ପୁରୁଷାର୍ଥ । ପୃଥିବୀ, ଜଳ, ବାୟୁ, ଅଗ୍ନି ଏଇ ଚାରି ଭୂତରୁ ହିଁ ସମସ୍ତ ସୃଷ୍ଟି ହୋଇଛି । ଚୈତନ୍ୟ ମଧ୍ୟ ଭୂତରୁ ଉତ୍ପନ୍ନ । ପରଲୋକ ଓ ପୁନର୍ଜନ୍ମ ନାହିଁ । ମୃତ୍ୟୁହିଁ ଅପବର୍ଗ ।' ଚାର୍ବାକପଂଥୀମାନେ କହଂନ୍ତି, ସଂସାରର ସୁଖ ଦୁଃଖମିଶ୍ରିତ ବୋଲି ସୁଖଭୋଗ ଉପେକ୍ଷା କରିବା ଚରମ ମୂର୍ଖତା । ମାଛରେ କଂଟା ଅଛି ବୋଲି କ'ଣ ମାଛ ତ୍ୟାଗ କରିବାକୁ ହେବ ? ଯେପରି ଗୁଡ଼-ତଂଡୁଳ ପ୍ରଭୃତିର ମିଶ୍ରଣରେ ମାଦକତା-ଗୁଣ ବିଶିଷ୍ଟ ସୁରାର ଉତ୍ପତ୍ତି, ସେଇପରି କ୍ଷିତି, ଅପ୍, ତେଜ, ମରୁତ ଏଇ ଭୂତ ଚତୁଷ୍ଟୟ ସଂଯୋଗରେ ଚୈତନ୍ୟର ଉତ୍ପତ୍ତି । ଏଥିରୁ ପରମାଣର ଗୁଣରେ ରୂପାଂତର ସଂବଂଧରେ ସେମାନଂକର ପ୍ରାଥମିକ ଧାରଣାର ପରିଚୟ ମିଳେ । ଏଇ ଚାରି ଭୂତର ଅଭାବ ହେଲେ ହିଁ ଦେହର ନାଶ ହୁଏ । ଦେହନାଶରେ ଆଉ ପୁନରୁତ୍ପତ୍ତିର ସଂଭାବନା ନାହିଁ । ଦେହ ଧାରଣ କରି ଚୈତନ୍ୟ ଲାଭ କରି ଆମେ ଯେଉଁ "ମୁଁ ସ୍ଥୂଳ", "ମୁଁ କୃଶ" "ମୋଠାରୁ ଆତ୍ମା ଭିନ୍ନ" ବୋଲି ମନେ କରୁଁ ତାହା ଲୌକିକ କଳ୍ପନା ମାତ୍ର । ଦେହ ନାଶ ହେଲେ ସେ ସବୁର ନାଶ ହୋଇଯାଏ । ତେଣୁ ଚାର୍ବାକମାନେ ଉପଦେଶ ଦିଅଂନ୍ତି, ଯେତେ ଦିନ ବଂଚିବ, ସୁଖରେ ବଂଚ । ଯେତେ ପାର ସୁଖଭୋଗ କରିଯାଅ । ଋଣ କରି ମଧ୍ୟ ଘୃତ ପାନ କର । "ଯାବଜ୍ଜୀବେତ୍ ସୁଖଂ ଜୀବେଦ୍ଋଣଂ କୃତ୍ୱା ଘୃତମ୍ ପିବେତ୍ । ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ ?" ସ୍ୱର୍ଗ, ଅପବର୍ଗ, ପରଲୋକ, ଆତ୍ମା, ବର୍ଣାଶ୍ରମ-ଧର୍ମ, ବା ବୈଦିକ କ୍ରିୟା କର୍ମ ଚାର୍ବାକଗଣ ମାନଂନ୍ତି ନାହିଁ । ସେମାନଂକ ମତରେ ଏ ସବୁ ଧୂର୍ତ୍ତର ଚାତୁରୀ ମାତ୍ର, ଏକ ଶ୍ରେଣୀୟ ଲୋକଂକର ଜୀବିକାର ଉପାୟ ମାତ୍ର । ତା'ନ

ହେଲେ ଜ୍ୟୋତିଷ୍ଟୋମ ଯଜ୍ଞରେ ନିହତ ପଶୁ ଯଦି ସତରେ ସ୍ୱର୍ଗକୁ ଯାଉଥାଂତା ତେବେ ଲୋକେ ନିଜ ପିତାମାତାଂକୁ ଏ ଯଜ୍ଞରେ ବଳି ଦିଅଂତି ନାହିଁ କାହିଁକି ? ଶ୍ରାଦ୍ଧାଦିର ପିଂଡ-ଦାନରେ ଯଦି ପ୍ରେତ-ଲୋକର ପରିତୃପ୍ତି ହୁଅଂତା, ତେବେ ଅଗଣାରେ ଅନ୍ନ ରଖିଲେ ଅଟ୍ଟାଳିକା ଉପରିସ୍ଥିତ ବ୍ୟକ୍ତିର ଉଦର ପୂର୍ତ୍ତି ନ ହୁଏ କାହିଁକି ? ଚାର୍ବାକମାନଂକର ମତ ଶାସ୍ତ୍ର ଅପେକ୍ଷା ଯୁକ୍ତି ଶ୍ରେଷ୍ଠ ।

ପ୍ରମାଣ ମଧ୍ୟରେ ସେମାନେ କେବଳ ପ୍ରତ୍ୟକ୍ଷ ପ୍ରମାଣକୁହିଁ ମାନଂତି । ସେମାନେ କହଂତି, ଅନୁମାନାଦି ପ୍ରମାଣ ଭ୍ରମ-ସଂକୁଳ । କାରଣ ଅନୁମାନାଦି ବ୍ୟାପ୍ତିଜ୍ଞାନ-ସାପେକ୍ଷ—କିଂତୁ ପ୍ରତ୍ୟକ୍ଷ ଭିନ୍ନ ବ୍ୟାପ୍ତିଜ୍ଞାନ **ପ୍ରତ୍ୟକ୍ଷ ପ୍ରମାଣ** ସଂଭବପର ନୁହେଁ । ଅଥଚ ପ୍ରତ୍ୟକ୍ଷ ବର୍ତ୍ତମାନ ସଂବଧରେହିଁ ପ୍ରଯୁକ୍ତ, ଭୂତ ବା ଭବିଷ୍ୟତ ବିଷୟ ପ୍ରତ୍ୟକ୍ଷ ହେବା ଅସଂଭବ ।

ଡଃ ଦେବୀପ୍ରସାଦ ଚଟ୍ଟୋପାଧ୍ୟାୟ ଙ୍କ 'ଲୋକାୟତ' ପୁସ୍ତକରେ ଏହି ଦର୍ଶନକୁ ବସ୍ତୁବାଦୀ ଦର୍ଶନ ବୋଲି ସ୍ୱୀକାର କରିଛଂତି । ସେ ଦର୍ଶାଇଛଂତି ମାଧବାଚାର୍ଯ୍ୟଂକ (ଖ୍ରୀ ୧୪ଶ ଶତାବ୍ଦୀ) 'ସର୍ବଦର୍ଶନ-ସଂଗ୍ରହ" ଗ୍ରଂଥରୁ ହିଁ ଆମେ ବାର୍ହସ୍ପତ୍ୟ ଓ ଚାର୍ବାକ-ଦର୍ଶନର ପରିଚୟ ପାଉଁ—ଯାହା କେତେକ ସ୍ଥଳରେ ବିକୃତ ହୋଇପଡ଼ିଛି । ତେଣୁ ମୌଳିକ ପାଠ ଅଭାବରେ ଏ ଦର୍ଶନର ମହତ୍ତ୍ୱ ଆମେ ହୃଦୟଂଗମ କରି ପାରୁଁନା । ମାଧବାଚାର୍ଯ୍ୟ ଏହି ଦର୍ଶନ ସହିତ ନିଜର ବିଦ୍ୱେଷ-ମତ ଓ ଟୀକା- ଟିପ୍ପଣୀ ମିଶାଇ ଦେଇଛଂତି । ଶଂକରାଚାର୍ଯ୍ୟ (ଖ୍ରୀ ୮ମ ଶତାବ୍ଦୀ) ବ୍ରହ୍ମ-ସୂତ୍ର ଭାଷ୍ୟରେ 'ପ୍ରାକୃତ ଜନ' ଓ 'ଲୋକାୟତ' କୁ ଏକ **ବସ୍ତୁବାଦ** ପର୍ଯ୍ୟାୟଭୁକ୍ତ କରିଛଂତି । ଅଷ୍ଟମ ଶତାବ୍ଦୀର ଜୈନ ଭାଷ୍ୟକାର ହରିଭଦ୍ର "ଷଡ଼ଦର୍ଶନ ସମୁଚ୍ଚୟ" ଗ୍ରଂଥରେ ଲୋକାୟତମାନେ ସାଧାରଣ, ଚିଂତାହୀନ ଜନ ବୋଲି ଅଭିବ୍ୟକ୍ତ କରିଛଂତି । କିଂତୁ ଲୋକାୟତର ପ୍ରକୃତ ଅର୍ଥ ବସ୍ତୁବାଦୀ । * M. Monier Williams ଙ୍କ *Sanskrit English Dictionary* ରେ କ୍ଳୀବ-ଲିଂଗରେ ଲୋକାୟତ ଅର୍ଥ 'ବସ୍ତୁବାଦ' ବୋଲି କହିଛଂତି । H.T.Colebrokeଂକ ମତରେ ପୁଂଲିଂଗରେ ଲୋକାୟତ ଅର୍ଥ ଜଣେ ବସ୍ତୁବାଦୀ । ପିଟର୍ସବର୍ଗ ଡିକ୍ସିନାରୀରେ ଲୋକାୟତର ଅର୍ଥ World outlook' ବା ବିଶ୍ୱ-ଧାରଣା । ଖ୍ରୀ. ପଂଚମ ଶତକର ବୌଦ୍ଧ ଭାଷ୍ୟକାର ବୁଦ୍ଧଘୋଷଂକ ମତରେ ଲୋକାୟତବାଦ ଅର୍ଥ ବାସ୍ତବ ଜଗତ ଉପରେ ଭିତ୍ତିଶୀଳ ଦର୍ଶନ । ଡଃ ରାଧାକୃଷ୍ଣ ଏବଂ ଡଃ ଦାଶଗୁପ୍ତ ମଧ୍ୟ ଲୋକାୟତବାଦ ବସ୍ତୁବାଦ ସହିତ ସଂପୃକ୍ତ ବୋଲି କହଂତି । ୧

---

* *Lokayat*—Dr D. P Chattopadhyay
"Lokayat directed to the world of senses, is the Sanskrit word tor materialism.'(S.Radhakrishnan=*Indian Philosophy*
୧ | A *History of Indian Philosophy*—S N. Das Gupta

## ॥ ନବମ ଅଧିକରଣ ॥

# ବୌଦ୍ଧ-ଦର୍ଶନ

ଚାର୍ବାକ ଓ ବୌଦ୍ଧ-ଦର୍ଶନ ମଧ୍ୟରେ ପ୍ରଭେଦ ହେଉଛି, ଚାର୍ବାକମାନେ କେବଳ ପ୍ରତ୍ୟକ୍ଷ ପ୍ରମାଣ ସ୍ୱୀକାର କରନ୍ତି, ବୌଦ୍ଧମାନେ ପ୍ରତ୍ୟକ୍ଷ ଓ ଅନୁମାନ ଉଭୟ ପ୍ରମାଣ ସ୍ୱୀକାର କରନ୍ତି । ବୌଦ୍ଧ-ଦର୍ଶନର ପ୍ରାରମ୍ଭରେ ଚାର୍ବାକମାନଙ୍କର ଅନୁମାନ ପ୍ରମାଣ ସମ୍ବନ୍ଧରେ ବିରୋଧ-ମତ ଖଣ୍ଡନ କରାଯାଇଛି । ଭଗବାନ ବୁଦ୍ଧ ବୌଦ୍ଧ-ଦର୍ଶନର ପ୍ରବର୍ତ୍ତକ । ସଂସାର ଜନ୍ମ, ଜରା ମୃତ୍ୟୁର ଅଧୀନ, ଦୁଃଖଭୋଗହିଁ ସଂସାରର ଚରମ ଫଳ । କିପରି ଭାବେ ସଂସାରର ଦୁଃଖ ଦୂର କରାଯିବ ଏ ବିଷୟ ବୁଦ୍ଧଦେବ ଗଭୀର ଭାବରେ ଚିନ୍ତା କରନ୍ତି । ବୁଦ୍ଧଦେବ ଜନ୍ମଜରାମୃତ୍ୟୁର ବିଭିନ୍ନ ରୂପ ନିର୍ଦ୍ଦେଶ କରନ୍ତି । ଦୁଃଖନିବୃତ୍ତିର କାରଣ-ପରମ୍ପରା

**ଦୁଃଖର ସ୍ୱରୂପ**

ବିଚାର କରି ସେ କହନ୍ତି, ରୂପ, ବେଦନା, ସଂଜ୍ଞା, ସଂସ୍କାର ଓ ବିଜ୍ଞାନ ଏଇ 'ପଞ୍ଚସ୍କନ୍ଧ ସମୁପେତ' ଦେହହିଁ ଦୁଃଖସ୍ୱରୂପ । ଯେଉଁ ଅବସ୍ଥାରେ ଆଉ ଏଇ ଦେହ ଧାରଣ କରିବାକୁ ନ ହୋଇ ନିର୍ବାଣ ଲାଭ ହେବ ତାହାହିଁ ସୁଖ । ବୁଦ୍ଧଦେବ ସିଦ୍ଧାନ୍ତ କରନ୍ତି ଜନ୍ମଗ୍ରହଣହିଁ ସକଳ ଦୁଃଖର ହେତୁଭୂତ । ଜନ୍ମ ନ ହେଲେ ଜରା, ମରଣ, ବ୍ୟାଧି, ଶୋକ-ଆଦିର ସମ୍ଭାବନା ନଥାଏ । ସୁତରାଂ ଯାହା ଦ୍ୱାରା ଜନ୍ମଗ୍ରହଣ କରିବାକୁ ପଡ଼ିବ ନାହିଁ ତାହାହିଁ ଦୁଃଖ-ନାଶ । ସେ ବୁଝିଲେ କର୍ମହିଁ ଜନ୍ମର ମୂଳ । କର୍ମରେ ଯେଉଁ ଧର୍ମାଧର୍ମ ତାହାହିଁ ଜନ୍ମର ହେତୁ । ଏଇ କର୍ମର ପୁଣି ତୃଷ୍ଣାରୁ ଉତ୍ପତ୍ତି । ଇନ୍ଦ୍ରିୟରୁ ହିଁ ତୃଷ୍ଣାର ସୂଚନା । ଇନ୍ଦ୍ରିୟ ସହିତ ବିଷୟର ସନ୍ନିକର୍ଷ ହେଲେ ଯେଉଁ ବେଦନା ସମୁପସ୍ଥିତ ହୁଏ ତାହାହିଁ ତୃଷ୍ଣାର ମୂଳ କାରଣ । ତୃଷ୍ଣା ବା ବାସନା ଅବିଦ୍ୟାମୂଳକ ।' ଏଇପରି କାରଣ-ପରମ୍ପରା

**ଦୁଃଖର କାରଣ**

ଅନୁସନ୍ଧାନ କରି ବୁଦ୍ଧଦେବ ସ୍ଥିର କଲେ, 'ଅବିଦ୍ୟା ଦୂର କରି ପାରିଲେ ତୃଷ୍ଣାର ଉଚ୍ଛେଦ ସାଧିତ ହେବ, ତାହା ଫଳରେ ଜନ୍ମ-ଗତି ରୋଧ କରି ହେବ । ସେଇ ଜନ୍ମରୋଧ ହିଁ ନିର୍ବାଣ । ତାହାହିଁ ଆତ୍ୟନ୍ତିକ ଦୁଃଖନାଶ । ଜନ୍ମ ନ ହେଲେ 'ତୁମେ' 'ମୁଁ' ଭେଦ ଥାଏ ନାହିଁ । ସେ ଧ୍ୟାନନିବିଷ୍ଟ ଥିଲାବେଳେ ତାଙ୍କ ମନରେ ପ୍ରଶ୍ନ ଉଠିଲା,

—"ଜରା ମରଣଂ କିଂ ମୂଳକମ୍ ?" ଉତ୍ତର ମିଳିଲା, "ଜାତି ପ୍ରତ୍ୟୟ ହିଁ ଜରା ମରଣଂ ।"

ପ୍ରଶ୍ନ ହେଲା, 'କିଂ ମୂଳକଂ ଜାତି ?" ଉତ୍ତର, "ଜାତି ଭବତି ଭବପ୍ରତ୍ୟୟ ।" ସିଦ୍ଧାନ୍ତ ହେଲା ଉତ୍ପତ୍ତି ହିଁ ଜାତିର (ଜନ୍ମର) ମୂଳଭୂତ । ସେ ଦେଖି ପାରିଲେ ଉତ୍ପତ୍ତିର ବୀଜ ଉପାଦାନ (କ୍ଷିତି, ଅପ୍, ତେଜ ପ୍ରଭୃତି) । ଉପାଦାନର ବୀଜ

**ପ୍ରତୀତ୍ୟ ସମୁତ୍ପାଦ**

ତୃଷ୍ଣା, ତୃଷ୍ଣାର ବୀଜ ବେଦନା । ଇନ୍ଦ୍ରିୟ ସହିତ ବିଷୟର ସନ୍ନିକର୍ଷ-ଲବ୍ଧ ବେଦନାର କାରଣ । ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା, ତ୍ୱକ୍, ମନ ଏଇ ଷଡ଼ାୟତନ ମାଧ୍ୟମରେ ସେଇ ସନ୍ନିକର୍ଷ ସାଧିତ ହୁଏ । ରୂପ, ରସ, ଗନ୍ଧ, ସ୍ପର୍ଶ, ଶବ୍ଦ—ଏଇ ପାଞ୍ଚଟି ବିଷୟରେ ହିଁ ଷଡ଼ାୟତନର ପ୍ରବର୍ତ୍ତନ । ରୂପ-ରସାଦିର ବୀଜ ହେଉଛି ବିଜ୍ଞାନ । ବିଜ୍ଞାନୋତ୍ପତ୍ତିର ବୀଜ ସଂସ୍କାର । ସଂସ୍କାରର ମୂଳ ଅବିଦ୍ୟା । ଦୁଃଖର ଏଇ ହେତୁ ସବୁ ଉପଲବ୍ଧି କରି ଏ ସବୁର ଉଚ୍ଛେଦ ସାଧନ କଲେ ହିଁ କ୍ରମେ ନିର୍ବାଣ-ମୁକ୍ତି ଲାଭ ହେବ । ବୌଦ୍ଧ-ଦର୍ଶନରେ ଏଇ ଦୁଃଖୋତ୍ପତ୍ତି "ପ୍ରତୀତ୍ୟ ସମୁତ୍ପାଦ" ନାମରେ ଅଭିହିତ ହୁଏ । ସମସ୍ତ ବସ୍ତୁର ଅସ୍ତିତ୍ୱ କେବଳ ପ୍ରତୀତି ମାତ୍ର । ପ୍ରତୀତିରୁ ହିଁ ବସ୍ତୁ ଓ କାର୍ଯ୍ୟ ମାନଙ୍କର ଜ୍ଞାନ ଉତ୍ପନ୍ନ ହୁଏ । ଏଥିପାଇଁ ଏହାର ନାମ 'ପ୍ରତୀତ୍ୟ ସମୁତ୍ପାଦ ।' ବାହ୍ୟ ଓ ଆଧ୍ୟାତ୍ମିକ ଭେଦରେ ଏହା ଦୁଇ ପ୍ରକାର । ଏ ଦୁଇ ପ୍ରକାରର ପ୍ରତ୍ୟେକେ ପୁଣି 'ହେତୁ ପନିବନ୍ଧ' ଓ 'ପ୍ରତ୍ୟୟୋପନିବନ୍ଧ' ଏଇ ଦୁଇ ଭାଗରେ ବିଭକ୍ତ ହୋଇଅଛି । ହେତୁପନିବନ୍ଧ ଅର୍ଥ କାର୍ଯ୍ୟୋତ୍ପତ୍ତି କାଳରେ ଯେଉଁଥିରେ କେବଳ ମାତ୍ର ହେତୁଭାବ ବର୍ତ୍ତମାନ । ପ୍ରତ୍ୟୟୋପନିବନ୍ଧ ଅର୍ଥ କାର୍ଯ୍ୟୋତ୍ପତ୍ତି ପୂର୍ବରେ କାରଣ-ଦ୍ରବ୍ୟର ସମବାୟ-ଭାବ । ଯେପରି ବୀଜରେ ଅଙ୍କୁରୋତ୍ପତ୍ତିର ହେତୁଭାବ । ଯେପରି ଅଙ୍କୁର ଉତ୍ପତ୍ତି ପୂର୍ବରୁ ବୀଜରେ କ୍ଷିତ୍ୟପ୍‌ତେଜାଦି ପାର୍ଥିବ ଦ୍ରବ୍ୟର ସଂଯୋଗ । ମାଧବାଚାର୍ଯ୍ୟ ସଂଗୃହୀତ 'ସର୍ବଦର୍ଶନ ସାର ଗ୍ରନ୍ଥରେ ବୌଦ୍ଧ-ଦର୍ଶନର ପ୍ରତୀତ୍ୟ ସମୁତ୍ପାଦର ବିଶଦ ବର୍ଣ୍ଣନା ଦିଆଯାଇଛି ।

**ନାସ୍ତିକ୍ୟବାଦ**

ଯାହାର କୌଣସି ଚେତନା ନାହିଁ, ଯାହାର କେହି ନିୟାମକ ନାହାଁନ୍ତି, ନିଜେ ନିଜେଇ ସବୁ ପଦାର୍ଥର ସୃଷ୍ଟି ହୁଏ, ମୂଳତ ଏହା ହିଁ ପ୍ରତୀତି ସମୁତ୍ପାଦର ଅଭିପ୍ରାୟ । ସୁତରାଂ ଏଇ ମତରେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କର ପ୍ରୟୋଜନ ନାହିଁ । ନିର୍ବାଣ ମୁକ୍ତି ଲାଭ କରି ପାରିଲେ ହିଁ ସବୁ ପ୍ରୟୋଜନ ସିଦ୍ଧ ହୁଏ । ବୌଦ୍ଧମାନଙ୍କ ନିର୍ବାଣରେ ସମସ୍ତ କିଛି ଭୌତିକ ପଦାର୍ଥରେ ବିଲୀନ ହୋଇଯାଏ । ଭୌତିକ ପଦାର୍ଥରେ ଲୀନ ହୋଇଯିବା ହିଁ ବୌଦ୍ଧମାନଙ୍କର ନିର୍ବାଣ । ବେଦାନ୍ତିକର ମୁକ୍ତି ବା ନିର୍ବାଣରେ ଜୀବାତ୍ମାସ୍ୱରୂପ ପରବ୍ରହ୍ମ ନାମ, ରୂପ ପ୍ରଭୃତି ମାୟୋପାଧିରୁ ନିର୍ମୁକ୍ତ ହୁଅନ୍ତି ।

ନିଦାନବଗ୍ଗ ସଂଯୁକ୍ତ, ସୂତ୍ର ୧୦ ଓ ୬୫ ଏବଂ 'ମାଧ୍ୟମିକ କାରିକାର' ପ୍ରାରଂଭରେ ପ୍ରତୀତ୍ୟ ସମୁତ୍ପାଦ ବର୍ଣ୍ଣିତ ହୋଇଛି । ଅବିଦ୍ୟାରୁ ସଂସ୍କାର, ସଂସ୍କାରରୁ ବିଜ୍ଞାନ, ବିଜ୍ଞାନରୁ ନାମରୂପ ନାମରୂପରୁ ଷଡ଼ାୟତନ, ଷଡ଼ାୟତନରୁ ସ୍ପର୍ଶ, ସ୍ପର୍ଶରୁ ବେଦନା, ବେଦନାରୁ ତୃଷ୍ଣା, ତୃଷ୍ଣାରୁ ଉପାଦାନ, ଉପାଦାନରୁ ଭବ, ଭବରୁ ଜାତି (ଜନ୍ମ), ଜାତିରୁ ଜରା, ମରଣ, ଶୋକ, ପରିଦେବନ, ଦୁଃଖ, ଦୌର୍ମନସ୍ୟ ଓ ଉପାୟସର ଜାତ ହୁଏ । ପୂର୍ଣ୍ଣ ବୈରାଗ୍ୟ ଦ୍ୱାରା ଅବିଦ୍ୟାର ନିରୋଧ କରାଯିବା ଫଳରେ ସଂସ୍କାର ନାଶ ହୁଏ । ସଂସ୍କାରର ନାଶ ଫଳରେ ବିଜ୍ଞାନର ନିରୋଧ ଏବଂ ବିଜ୍ଞାନର ନିରୋଧରୁ ନାମରୂପର ନିରୋଧ ହୁଏ । ନାମରୂପର ନିରୋଧରୁ ଷଡ଼ାୟତନର ନିରୋଧ, ଷଡ଼ାୟତନର ନିରୋଧରୁ ସ୍ପର୍ଶର ନିରୋଧ, ସ୍ପର୍ଶର ନିରୋଧରୁ ବେଦନାର ନିରୋଧ, ସେଥିରୁ ତୃଷ୍ଣାର ନିରୋଧ, ତୃଷ୍ଣାର ନିରୋଧରୁ ଭବର ନିରୋଧ, ଭବର ନିରୋଧରୁ, ଜନ୍ମର ନିରୋଧ ଏବଂ ଜନ୍ମର ନିରୋଧରୁ ଜରା, ମରଣ, ଶୋକ, ପରିଦେବନ, ଦୁଃଖ ଦୌର୍ମନସ୍ୟ ଓ ଉପାୟସର ନିରୋଧ ହୁଏ । ଦୁଃଖ ପଛରେ ଏଡ଼େ ବିସ୍ତୃତ କାରଣ-ପରଂପରା ଯୋଡ଼ି ଦିଆଯିବାରୁ ସାଧାରଣ ଲୋକେ ଏହା ବୁଝିବା କଷ୍ଟ ହେଲା । ତେଣୁ ଏଇ ପ୍ରତୀତ୍ୟ ସମୁତ୍ପାଦ ଭିତ୍ତି ଉପରେ ଆଚାର୍ଯ୍ୟ ନାଗାର୍ଜୁନ 'ମାଧ୍ୟମିକକାରିକା' ପ୍ରଣୟନ କଲେ । ପୁଣି ବୁଦ୍ଧଘୋଷାଚାର୍ଯ୍ୟ ସ୍ୱୀୟ 'ବିଶୁଦ୍ଧି ମାର୍ଗ'ର ଷଷ୍ଠ ଭାଗରେ କେବଳ ଏହି ତତ୍ତ୍ୱର ଆଲୋଚନା କରିଛନ୍ତି ।

**ବୌଦ୍ଧ-ଦର୍ଶନର ପ୍ରତିପାଦ୍ୟ**

ଷଡ଼ଦର୍ଶନ ଆଲୋଚନାରେ ଦେଖାଇଛୁଁ ଦର୍ଶନକମାନେ ମୂଳତତ୍ତ୍ୱକୁ କିଏ ପଚିଶ ଭାଗରେ, କିଏ ଷୋଳ ଭାଗରେ ବିଭକ୍ତ କରିଛନ୍ତି । ମାତ୍ର ବୌଦ୍ଧ ଦାର୍ଶନିକଙ୍କ ମତରେ ଜଗତର ମୂଳତତ୍ତ୍ୱ ମାତ୍ର ଦୁଇଟି—ଚିତ୍ତ ଓ ଭୂତ । ସେମାନେ କହନ୍ତି "ଭୂତଂ ଭୌତିକଂ, ଚିତ୍ତ ଚୈତ୍ତଂଚ ।" ଅର୍ଥାତ୍ ଭୂତରୁ ଜଗତାଦି ଭୌତିକ ପଦାର୍ଥର ଏବଂ ଚିତ୍ତରୁ ରୂପ-ବିଜ୍ଞାନାଦି ଚୈତ୍ତ ପଦାର୍ଥର ଉତ୍ପତ୍ତି ହୋଇଛି । ସେଇ ଦୃଷ୍ଟିରୁ ଭୌତିକ ପଦାର୍ଥ ଚାରିଟି—ପୃଥିବୀ, ଅପ୍, ତେଜ, ଗଂଧ । ଏଇ ଚତୁର୍ବିଧ ଭୂତ ବା ଧାତୁରୁ ପରିଦୃଶ୍ୟମାନ ଜଗତର ସୃଷ୍ଟି ହୋଇଛି । ପୃଥିବୀ ଆଦି ଚାରି ଧାତୁର ପରମାଣୁ ସଂହତି ଫଳେ ସ୍ଥୂଳ ସୃଷ୍ଟି ସାଧିତ ହୁଏ । ଏଇ ଚାରୋଟି ଧାତୁର ପୁଣି ଖର, ସ୍ନେହ, ଉଷ୍ଣ, ଇରଣ (ଗତିଶୀଳ) ଚାରିପ୍ରକାର ସ୍ୱଭାବ । ଆକର୍ଷଣ, ବିକର୍ଷଣ, ବର୍ଦ୍ଧିଷ୍ଣୁ, ଧର୍ମବଦ୍ଧ, ପ୍ରଭୃତି ମଧ୍ୟ ଚାରି ଧାତୁର ସ୍ୱଭାବର ଅଂତର୍ଗତ । ସ୍ୱଭାବ ବଶରେ ସଂଯୋଗ ବିଯୋଗ ଫଳରେ ସ୍ଥୂଳଜଗତର ସୃଷ୍ଟି ହୁଏ । ଚୈତ୍ତ ପଦାର୍ଥ ମଧ୍ୟରେ ରୂପ, ବିଜ୍ଞାନ, ବେଦନା, ସଂଜ୍ଞା, ସଂସ୍କାର ଏଇ ପାଂଚଟି ଅବୟବ ।

ଇନ୍ଦ୍ରିୟ ସଂଘାତରେ ବିଷୟର ସମ୍ବନ୍ଧ ରୂପସ୍କନ୍ଧ, ସୁଖଦୁଃଖାଦିର ଅନୁଭବ ବେଦନାସ୍କନ୍ଧ, ମୁଁ ମୋର ଇତ୍ୟାଦି ଅହଂଭାବ ବିଜ୍ଞାନସ୍କନ୍ଧ, ଇଏ ମନୁଷ୍ୟ ଇଏ ପଶୁ ଏହି ଭେଦଭାବ ସଂଜ୍ଞାସ୍କନ୍ଧ । ରାଗଦ୍ୱେଷାଦି ଭାବ ସଂସ୍କାରସ୍କନ୍ଧ । ପୂର୍ବେ କୁହାଯାଇଛି ସଂସ୍କାରାଦି ଅବିଦ୍ୟାର ମୂଳ । କ୍ଷଣସ୍ଥାୟୀ ପଦାର୍ଥର ସ୍ଥାୟୀତ୍ୱ କଳ୍ପନାହିଁ ଅବିଦ୍ୟା । ଅବିଦ୍ୟାରୁ ରାଗ, ଦ୍ୱେଷ, ଧର୍ମ, ଅଧର୍ମ ପ୍ରଭୃତି ଚିତ୍ତବୃତ୍ତିର ଆବିର୍ଭାବ ହୁଏ । ବୌଦ୍ଧମାନେ ଈଶ୍ୱର ସ୍ୱୀକାର କରନ୍ତି ନାହିଁ । ସେମାନଙ୍କ ମତରେ

**ଈଶ୍ୱରଙ୍କ ସ୍ଥାନ**

ସୃଷ୍ଟି ସ୍ୱଭାବର କ୍ରିୟା । ସୃଷ୍ଟି ଚିରଦିନ ସମାନ ଭାବରେ ଚାଲିଛି । କର୍ମ ଦ୍ୱାରା ଜୀବ ସଂସାରକୁ ଆସେ ଏବଂ କର୍ମଫଳ ଭୋଗ କରିବାକୁ ବାଧ୍ୟ ହୁଏ । ସୁତରାଂ କର୍ମ-ବନ୍ଧନ ଛିନ୍ନ କରି ପ୍ରଜ୍ଞାଲାଭଦ୍ୱାରା ନିର୍ବାଣ ପ୍ରାପ୍ତି ହିଁ ବୌଦ୍ଧ-ଦର୍ଶନର ସାର ସିଦ୍ଧାନ୍ତ । କରୁଣା, ଚିତ୍ତ-ସ୍ଥୈର୍ଯ୍ୟ, ଗୌରବତ୍ୟାଗ, ଶମ, ଦମ, କ୍ଷାନ୍ତି ପ୍ରଭୃତି ଦ୍ୱାରା ପ୍ରଜ୍ଞାଲାଭ ହୋଇଥାଏ । ସ୍ଥୂଳତଃ ବୌଦ୍ଧ ମତରେ ସମସ୍ତ ଜିନିଷ କ୍ଷଣିକ । ସମସ୍ତ ପଦାର୍ଥହିଁ ଦୁଃଖମୟ, ସମସ୍ତ ପଦାର୍ଥହିଁ ବିସଦୃଶ । ସମସ୍ତ ପଦାର୍ଥହିଁ ଅଲୀକ ।

"ସର୍ବଂ କ୍ଷଣିକଂ କ୍ଷଣିକଂ ଦୁଃଖଂ ଦୁଃଖମ୍ । ସ୍ୱଲକ୍ଷଣଂ ସ୍ୱଲକ୍ଷଣଂ ଶୂନ୍ୟଂ ଶୂନ୍ୟମ୍ ।"

ଏହି ପ୍ରକାର ଭାବନା, ଏହି ପ୍ରକାର ଅଭ୍ୟାସ, ଏହିପ୍ରକାର ଭାବନାର ଔତ୍କର୍ଷହିଁ ଆତ୍ୟନ୍ତିକ ଦୁଃଖ-ନିବୃତ୍ତିର ହେତୁଭୂତ । କରୁଣାଦି ଗୁଣଯୁକ୍ତ ହୋଇ ଯେଉଁମାନେ ସଂସାରର ନଶ୍ୱରତ୍ୱ ଧାରଣା କରିପାରନ୍ତି ସେହିମାନେହିଁ ନିର୍ବାଣ ମୁକ୍ତିଲାଭର ଅଧିକାରୀ ହୁଅନ୍ତି । ପ୍ରାୟ ସମସ୍ତ ବୌଦ୍ଧ ଦର୍ଶନର ମୂଳତତ୍ତ୍ୱ ହେଲା ଏହା । ଅନ୍ୟାନ୍ୟ ବିଷୟରେ ମତଭେଦ ଥିଲେ ମଧ୍ୟ ପଦାର୍ଥର କ୍ଷଣିକତ୍ୱ ସମ୍ବନ୍ଧରେ ସମସ୍ତ ବୌଦ୍ଧସମ୍ପ୍ରଦାୟ ଏକମତ ।

ବୌଦ୍ଧମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ସମ୍ପ୍ରଦାୟ ଗଢ଼ିଉଠେ । କିନ୍ତୁ ସମସ୍ତେ ପ୍ରାୟ "ସର୍ବଂ ଅନିତ୍ୟଂ" ଏହି ଚାରି ପ୍ରକାର ଭାବନାରେ ନିର୍ବାଣ ଲାଭ ହୁଏ ବୋଲି ବିଶ୍ୱାସ କରନ୍ତି । ଏହି ସମ୍ପ୍ରଦାୟ ମଧ୍ୟରେ ୧। ମାଧ୍ୟମିକ ୨। ଯୋଗାଚାର

**ମାଧ୍ୟମିକ**

୩। ସୌତ୍ରାନ୍ତିକ ଏବଂ ୪। ବୈଭାଷିକ ଉଲ୍ଲେଖଯୋଗ୍ୟ । ମାଧ୍ୟମିକମାନେ ଶୂନ୍ୟବାଦୀ ଏମାନେ ସର୍ବଶୂନ୍ୟତ୍ୱ ପ୍ରଚାର କରନ୍ତି । ଏମାନଙ୍କ ମତରେ ଜ୍ଞାନ ଓ ବିଷୟ ସମସ୍ତହିଁ ଶୂନ୍ୟ । ସୃଷ୍ଟି ପୂର୍ବରୁ ଆଦ୍ୟନ୍ତହୀନ ଶୂନ୍ୟ ବିରାଜମାନ ଥିଲା । ଶୂନ୍ୟ ଅବଲମ୍ବନରେ ହିଁ ବିଶ୍ୱପ୍ରକୃତିର ସୃଷ୍ଟି । ଯୋଗାଚାରୀମାନେ ବାହ୍ୟଶୂନ୍ୟତାବାଦୀ ।

**ଯୋଗାଚାର**

ସେମାନଙ୍କ ମତରେ ବାହ୍ୟବସ୍ତୁର କୌଣସି ଅସ୍ତିତ୍ୱ ନାହିଁ । ଜ୍ଞାନମାନଙ୍କହିଁ ପ୍ରତ୍ୟକ୍ଷ । ଜ୍ଞାନ ଦ୍ୱାରାହିଁ ସର୍ବଶୂନ୍ୟତ୍ୱ ପ୍ରତିପନ୍ନ ହୁଏ । ନୀଳ-ପୀତ ପ୍ରଭୃତି କ୍ଷଣିକତ୍ୱ ବିଜ୍ଞାନ ସାକ୍ଷାତ୍କାରରେ ହିଁ ନିର୍ଣ୍ଣିତ ହୁଏ । ତେଣୁ ବିଜ୍ଞାନର ସତ୍ତା ଅଛି । ବିଜ୍ଞାନ ଛଡ଼ା ଅନ୍ୟ ସମସ୍ତ ଅସତ୍ୟ ।

**ସୌତ୍ରାନ୍ତିକ ଓ ବୈଭାଷିକ**

ସୌତ୍ରାନ୍ତିକଗଣ କହନ୍ତି ଜ୍ଞାନ ପ୍ରତ୍ୟକ୍ଷ, ବିଷୟ ଅନୁମେୟ । ଜ୍ଞାନ ଆନ୍ତରାଂଶରେ ଅନୁଭୂତ ହୁଏ, ବାହ୍ୟବସ୍ତୁ ବହିରଂଶରେ ଅନୁଭବ୍ୟ । ତେଣୁ ଜ୍ଞାନ ସତ୍ୟ ହେଲେ ବାହ୍ୟବସ୍ତୁ ଅବଶ୍ୟ ସତ୍ୟ ହେବ । ବୈଭାଷିକମାନେ ବାହ୍ୟାର୍ଥ ପ୍ରତ୍ୟକ୍ଷତ୍ୱ ସ୍ୱୀକାର କରନ୍ତି । ସେମାନେ କହନ୍ତି ଜ୍ଞାନ ପ୍ରତ୍ୟକ୍ଷ, ବିଷୟ ମଧ୍ୟ ପ୍ରତ୍ୟକ୍ଷ । ଆତ୍ମାଂଶରେ ଅବସ୍ଥିତ ଜ୍ଞାନ ଯଦି ପ୍ରତ୍ୟକ୍ଷ ତେବେ ଜ୍ଞାନ ଦ୍ୱାରା ଅନୁଭୂତ ବାହ୍ୟବସ୍ତୁ ପ୍ରତ୍ୟକ୍ଷ ନ ହେବ କାହିଁକି ?

ବୁଦ୍ଧଦେବଙ୍କ ସମ୍ବୋଧି ବୋଧ ଉପରେ ବାରାଣସୀର ପଞ୍ଚବର୍ଗୀୟ ଭିକ୍ଷୁସଂଘ ସନ୍ଦେହ ପ୍ରକାଶ କରିବାରୁ ବୁଦ୍ଧଦେବ ତାଙ୍କୁ ଧର୍ମତତ୍ତ୍ୱ ଉପଦେଶ ଦେଇଥିଲେ । ଏହା 'ଧର୍ମଚକ୍ର ପ୍ରବର୍ତ୍ତନ' ନାମରେ ପରିଚିତ । ସୁତ୍ତ ସଚ୍ଚସଯୁତ୍ତର ଦ୍ୱିତୀୟ ବଗ୍‌ଗ ଏବଂ ବିନୟପିଟକର ମହାବଗ୍‌ଗରେ ଏହା ଲିପିବଦ୍ଧ । ଏହାର ସଂସ୍କୃତ ଅନୁବାଦ ଲଳିତବିସ୍ତରର ୨୬ଶ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି । ବୁଦ୍ଧ ତାଙ୍କୁ ଚାରୋଟି ଆର୍ଯ୍ୟ ସତ୍ୟ ବୁଝାଇଥିଲେ । ତାହା ହେଉଛି (୧) ଜନ୍ମ, ଜରା, ବ୍ୟାଧି, ମରଣ ପ୍ରଭୃତି ଦୁଃଖ କାରକ ଏବଂ (୨) ତୃଷ୍ଣା (ଦୁଃଖ ସମୁଦୟ) (୩) 'ଦୁଃଖ-ନିରୋଧ' ଏବଂ (୪) 'ଦୁଃଖ ନିରୋଧ ଗାମିନୀ ପ୍ରତିପଦା' । ଏହି ଚାରୋଟି ଉପଦେଶ ସୁତ୍ତପିଟକରେ ସଂଗୃହୀତ ହୋଇଛି । ସତ୍ତ ସଂଯୁତ୍ତରେ ଏଇ ଚାରୋଟି ଆର୍ଯ୍ୟ ସତ୍ୟ ଉପରେ ୧୩୧ଟି ସୁତ୍ତ ଅଛି ।

**ଆତ୍ମବାଦ**

ବୁଦ୍ଧ ଆତ୍ମବାଦ ବର୍ଜନ କରିଥିଲେ । 'ନିବାପ ସୁତ୍ତ'ରେ ବୁଦ୍ଧଙ୍କ ସମକାଳୀନ ଶ୍ରମଣ ବ୍ରାହ୍ମଣମାନଙ୍କୁ ସ୍ଥୂଳତଃ ଚାରିଶ୍ରେଣୀରେ ବିଭକ୍ତ କରାଯାଇଛି । ସେମାନେ 'ଆତ୍ମବାଦ'ରେ ବିଶ୍ୱାସୀ ଥିଲେ । ପ୍ରଥମବର୍ଗ ଯାଗଯଜ୍ଞ ସୋମପାନ ଆଦି କ୍ରିୟାକର୍ମ ଓ ବିଳାସ ଦ୍ୱାରା ମୁକ୍ତି ସମ୍ଭବ ବୋଲି ବିଶ୍ୱାସ କରୁଥିଲେ । ୨ୟ ବର୍ଗ ଯାଗଯଜ୍ଞ ଓ ସାଂସାରିକ ଜୀବନରୁ ଅବସର ନେଇ ଅରଣ୍ୟରେ ତପଶ୍ଚର୍ଯ୍ୟା କରୁଥିଲେ । ତୃତୀୟ ବର୍ଗ ଜନ-ବସତି ନିକଟରେ ରହି ପରିମିତ ଭୋଜନାଦି କରୁଥିଲେ । ସେମାନେ ଆତ୍ମା ଶାଶ୍ୱତ ବୋଲି କହିଲାବେଳେ ଅନ୍ୟ କେତେକ ଆତ୍ମା ଅଶାଶ୍ୱତ ବୋଲି କହୁଥିଲେ । ବୁଦ୍ଧ-

ଦେବ ଏଇ ଆତ୍ମବାଦ ପରିତ୍ୟାଗ କରି ସତ୍ୟ ଭିତ୍ତି ଉପରେ ନିଜ ଦର୍ଶନ ପ୍ରତିଷ୍ଠା କଲେ । ସେ ଓ ତାଂକ ଅନୁଗାମୀମାନେ ଚତୁର୍ଥ ବର୍ଗୀୟ ଶ୍ରମଣ ବ୍ରାହ୍ମଣମାନଂକ ମଧ୍ୟରେ ପରିଗଣିତ । ( 'ଭଗବାନ ବୁଦ୍ଧ'—କୋଂସମ୍ବୀ ଦ୍ରଷ୍ଟବ୍ୟ)

**ଅକ୍ରିୟବାଦ**

ବୁଦ୍ଧଂକ ସମୟରେ ଯେଉଁ ଛଅଟି ପ୍ରଧାନ ସଂପ୍ରଦାୟ ଆତ୍ମବାଦ ଆଚରଣ କରୁଥିଲେ ସେମାନଂକ ମଧ୍ୟରେ ପୂରଣ କସ୍ସପ 'ଅକ୍ରିୟବାଦ'ର ସମର୍ଥକ ଥିଲେ । ତାଂକ ମତରେ ଯଦି କେହି କିଛି କରେ ବା କରାଏ, କାଟେ ବା କଟାଏ, କଷ୍ଟ ଦିଏ ବା ଦିଆଏ, ଚୌର୍ଯ୍ୟ, ପ୍ରାଣୀହତ୍ୟା, ଡକାୟତି, ପରଦାରାଗମନ ଯାହା କିଛି କରେ ବା କରାଏ, ତାହାହେଲେ ସେଥିରେ ତାକୁ ଆଦୌ ପାପ ଲାଗିବ ନାହିଁ । ଗଂଗା ନଦୀର ଦକ୍ଷିଣ ତୀରକୁ ଯାଇ ଯଦି କିଏ ମାରକାଟ କରେ, କାଟେ ବା କଟାଏ, କଷ୍ଟ ଦିଏ ବା ଦିଆଏ ତାହେଲେ ମଧ୍ୟ ସେଥିରେ ପାପ ହେବ ନାହିଁ । ଗଂଗାନଦୀର ଉତ୍ତର ତୀରରେ ଯଦି କିଏ ଦାନ କରେ ବା କରାଏ, ଯଜ୍ଞ କରେ ବା କରାଏ, ସେଥିରେ କୌଣସି ପୁଣ୍ୟ ହେବ ନାହିଁ । ଦାନ, ଧର୍ମ, ସତ୍ୟଭାଷଣ ଦ୍ୱାରା ପୁଣ୍ୟ ଲାଭ ହୁଏ ନାହିଁ ।

**ନିୟତିବାଦ**

ମକ୍ଖଲି ଗୋସାଲ 'ସଂସାର-ଶୁଦ୍ଧିବାଦୀ' ବା 'ନିୟତିବାଦୀ' ଥିଲେ । ତାଂକ ମତରେ ପ୍ରାଣୀର ଅପବିତ୍ରତା ନିମଂତେ କୌଣସି ହେତୁ ନାହିଁ । କାରଣ ନାହିଁ । ବିନା ହେତୁ ଓ ବିନା କାରଣରେ ପ୍ରାଣୀ ଅପବିତ୍ର ହୁଏ । ପ୍ରାଣୀର ଶୁଦ୍ଧି ପାଇଁ କୌଣସି ହେତୁ, କୌଣସି କାରଣ ନାହିଁ । ବିନା ହେତୁରେ ଓ ବିନା କାରଣରେ ପ୍ରାଣୀ ଶୁଦ୍ଧ ହୁଏ । ନିଜର ସାମର୍ଥ୍ୟ ବଳରେ କିଛି ହୁଏ ନାହିଁ, ପୁରୁଷର ସାମର୍ଥ୍ୟ ଦ୍ୱାରା କିଛି ହୁଏ ନାହିଁ । କାହାଠାରେ ବଳ ନାହିଁ, ବୀର୍ଯ୍ୟ ନାହିଁ, ପୁରୁଷଶକ୍ତି ନାହିଁ । ସର୍ବସତ୍ତ୍ୱ, ସର୍ବପ୍ରାଣୀ, ସର୍ବଭୂତ ଓ ସର୍ବଜୀବ ହେଉଛଂତି ଅବଶ, ଦୁର୍ବଳ । ସେମାନେ ନିୟତି, ସଂଗତି ଓ ସ୍ୱଭାବର ପରିଣତି ମାତ୍ର ହୁଅଂତି । (ଏଜ୍‌ନ)

**ଉଚ୍ଛେଦବାଦ**

ଅଜିତ କେସକଂବଲ ଥିଲେ ଉଚ୍ଛେଦବାଦୀ । ତାଂକ ମତ ହେଲା ଦାନ, ଯଜ୍ଞ ଓ ହୋମାଦିଂର କିଛି ତତ୍ତ୍ୱ ନାହିଁ । ପୁଣି ଭଲ ଓ ମନ୍ଦ କର୍ମର ଫଳ ବା ପରିଣାମ କିଛି ନାହିଁ । ଇହଲୋକ, ପରଲୋକ, ମାତା ପିତା କିଂବା ଔପପାତିକ (ଦେବତା ବା ନରକବାସୀ) ବୋଲି କିଛି ନାହିଁ । ଇହଲୋକ ବା ପରଲୋକ ସଂବଂଧରେ ପୂର୍ଣ ଜ୍ଞାନ ଲାଭ କରି ତାହା ଅନ୍ୟକୁ ଦାନ କରିବା ଭଳି ଦାର୍ଶନିକ ବା ମାର୍ଗପ୍ରଦର୍ଶକ ଏ ସଂସାରରେ ନାହାଂନ୍ତି ।

ଦାନ ଧର୍ମାଦିର ବିବାଦ ମୂର୍ଖ ଲୋକଙ୍କ ଯୋଗୁଁ ଜାତ ହୁଏ । ଶରୀର ବିନଷ୍ଟ ହେବା ପରେ ପଣ୍ଡିତ ଓ ମୂର୍ଖମାନଙ୍କର ଉଚ୍ଛେଦ ହୁଏ । ସେମାନେ ବିନଷ୍ଟ ହୋଇଯାଆନ୍ତି । ଅବଶେଷ ରହେ ନାହିଁ ।

**ବିକ୍ଷେପବାଦ**

ସଂଜୟ ବେଲଟ୍ଠିପୁତ୍ର ଥିଲେ ବିକ୍ଷେପବାଦୀ । ସେ କହୁଥିଲେ, ପରଲୋକ ଅଛି ବୋଲି ମୋତେ ଜଣାଯାଉ ନାହିଁ । ଆହୁରି ମଧ୍ୟ ପରଲୋକ ନାଇ ବୋଲି ମୁଁ ବୋଧ କରୁନାହିଁ । ଔପପାତିକ ପ୍ରାଣୀ (ଦେବତା, ନରକବାସୀ) ଅଛନ୍ତି କି ନାଇ, ଭଲ ବା ମନ୍ଦ କର୍ମର ଫଳ ଅଛି କି ନାଇ, ମୃତ୍ୟୁପରେ ତଥାଗତ ରହିବେ କି ନାଇ ଏ ବିଷୟରେ ମୋର କୌଣସି ନିଶ୍ଚିତ ଧାରଣା ନାଇ ।

**ଚାତୁର୍ଯାମ ସଂବରବାଦ**

ନିଗଣ୍ଠନାଥ ପୁତ୍ର ଥିଲେ ଚାତୁର୍ଯାମ ସଂବରବାଦୀ । ଏହି ଚାରି ଯାମର ପରିଚୟ ସାମଞ୍ଞ୍ ଫଳ ସୂତ୍ରରେ ମିଳେ । ମାତ୍ର ତାହା ସଂପୂର୍ଣ୍ଣ ନୁହେଁ । ପାର୍ଶ୍ୱମୁନି ଅହିଂସା, ସତ୍ୟ, ଅସ୍ତେୟ ଓ ପରିଗ୍ରହ ଏହି ଚାରି ଯାମର ଉପଦେଶ ଦେଇଥିବା କଥା ଜୈନ ଗ୍ରନ୍ଥମାନଙ୍କରୁ ଜଣାଯାଏ । ମହାବୀର ଏଥିରେ ବ୍ରହ୍ମଚର୍ଯ୍ୟ ଯୋଗ କରିଥିଲେ । ବୁଦ୍ଧଙ୍କ ସମସାମୟିକ ନିର୍ଗ୍ରନ୍ଥ ଜୈନମାନେ ଏହି ଚାରି ଯାମର ମହତ୍ତ୍ୱ ହିଁ ଗ୍ରହଣ କରୁଥିଲେ ।

**ଅନ୍ୟୋନ୍ୟବାଦ**

ପକୁଧ କଂଚାୟନ ଥିଲେ ଅନ୍ୟୋନ୍ୟବାଦୀ । ତାଙ୍କ ମତ ହେଉଛି— "କେହି କରିବା ବା କରାଇବା ଦ୍ୱାରା, ଗଢ଼ିବା ବା ଗଢାଇବା ଦ୍ୱାରା ସାତଟି ପଦାର୍ଥର ସୃଷ୍ଟି ହୋଇନାହିଁ । ସେଗୁଡ଼ିକ ବଂଧ୍ୟ, କୂଟସ୍ଥ ଓ ନଗର ଦ୍ୱାରରୁ ସ୍ତମ୍ଭ ପରି ଅଚଳ । ସେଗୁଡ଼ିକ ହଲଚଲ ହୁଅନ୍ତି ନାହିଁ । ବଦଳନ୍ତି ନାହିଁ । ଗୋଟିଏ ଅନ୍ୟକୁ କଷ୍ଟ ଦିଏ ନାହିଁ । ଗୋଟିଏ ଅନ୍ୟର ସୁଖ ଦୁଃଖ ଜନ୍ମାଇବା ପାଇଁ ଅସମର୍ଥ । ଏଗୁଡ଼ିକ ହେଉଛି, ପୃଥିବୀ, ଅପ୍, ତେଜ, ବାୟୁ, ସୁଖ, ଦୁଃଖ ଏବଂ ଜୀବ । ଏଗୁଡ଼ିକୁ ମାରିବା ବା ମରାଇବା ବ୍ୟକ୍ତି, ଶୁଣିବା ବା ଶୁଣାଇବା ବ୍ୟକ୍ତି, ଜାଣିବା ବା ଜଣାଇବା ବ୍ୟକ୍ତି ସଂସାରରେ କେହି ନାହିଁ ।

ଉପରୋକ୍ତ ଛ'ଟି ପ୍ରଧାନ ଆତ୍ମବାଦୀ ଦର୍ଶନ ଛଡ଼ା ଆହୁରି ବହୁ ଦାର୍ଶନିକ ମତ ମଧ୍ୟ ପ୍ରଚଳିତ ଥିଲା ! 'ଦିବାପସୁତ୍ତ'ରେ ସର୍ବମୋଟ ବାଆଷଠିଟି ଆତ୍ମବାଦୀ ଶ୍ରମଣ ସଂପ୍ରଦାୟ ଥିଲେ ବୋଲି କୁହାଯାଇଛି । ମାତ୍ର ସେମାନଙ୍କର ଦର୍ଶନ ଆଜି ଉପଲବ୍ଧ ନୁହେଁ ବୋଲି ଧର୍ମାନନ୍ଦ କୋସମ୍ବୀ ପ୍ରମୁଖ କହନ୍ତି ।

ପୂରଣ କାଶ୍ୟପଂକ ଅକ୍ରିୟବାଦ ଓ ସାଂଖ୍ୟଦର୍ଶନ ମଧ୍ୟରେ ସାମଂଜସ୍ୟ ଦେଖାଯାଏ । ସାଂଖ୍ୟମତରେ ଆତ୍ମା ପ୍ରକୃତିଠାରୁ ଭିନ୍ନ ଏବଂ ମାରିବା ମରିବା ପ୍ରଭୃତିରେ କୌଣସି ପରିଣାମ ତାହାଠାରେ ଘଟେ ନାହିଁ । * ଭଗବତ୍ ଗୀତାରେ ମଧ୍ୟ ଏହାର ପ୍ରତିଧ୍ୱନି ଶୁଣାଯାଏ—

ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ
ଅହଂକାର ବିମୂଢାତ୍ମା କର୍ତ୍ତାହମିତି ମନ୍ୟତେ । (୩-୨୭)

(ସମସ୍ତ କର୍ମ, ପ୍ରକୃତିର ଗୁଣମାନଂକ ଦ୍ୱାରାହିଁ କରାଯାଉଛି । କିଂତୁ ଅହଂକାର-ବିମୂଢ ଆତ୍ମା "ମୁଁ କରୁଛି" ବୋଲି ଭାବେ ।

ଯ ଏବଂ ବେତ୍ତି ହଂତାରଂ ଯଶ୍ଚୈନଂ ମନ୍ୟତେ ହଂତମ
ଉଭୌ ତୌ ନ ବିଜାନୀତୋ ନାୟଂହଂତି ନ ହନ୍ୟତେ (୨।୧୯)

(ଆତ୍ମା ମାରେ ବୋଲି ଯେ ଭାବୁଛି, କିଂବା ଆତ୍ମାହତ ହୁଏ ବୋଲି ଯେ ଭାବୁଛି ଉଭୟେ ପ୍ରକୃତ କଥା ଜାଣନ୍ତି ନାହିଁ । ଆତ୍ମା ମରେ ନାହିଁ କି ମରା ହୁଏ ନାହିଁ । ) ଅକ୍ରିୟବାଦଠାରୁ ମକ୍ଖଲି ଗୋସାଲଂକ 'ସଂସାର ଶୁଦ୍ଧିବାଦ' ବିଶେଷ ଭିନ୍ନ ନୁହେଁ । ଗୋସାଲଂକ ମତରେ ଯଦ୍ୟପି ଆତ୍ମା ପ୍ରକୃତିରେ ଲିପ୍ତ ନୁହେଁ ତଥାପି ସେ ନିର୍ଦ୍ଦିଷ୍ଟ ଜନ୍ମଗ୍ରହଣ କରିବାକୁ ବାଧ୍ୟ ହୁଏ ନିର୍ଗ୍ରଂଥ ଓ ଆଜୀବକ ଏବଂ ତାହାପରେ ସେ ନିଜେ ନିଜେ ମୁକ୍ତ ହୋଇଯାଏ । 'ଅଂଗୁତ୍ତର ନିକାୟ'ରେ ଦେଖି କାଶ୍ୟପ ସଂପ୍ରଦାୟ ଶେଷରେ ଗୋସାଲଂକ ଆଜୀବକ ସଂପ୍ରଦାୟର ଅଂତର୍ଭୁକ୍ତ ହୋଇଯାଇଥିଲା । ଅଜିତ କେସକଂବଲଂକ ଉଚ୍ଛେଦବାଦ ଓ ନାସ୍ତିକବାଦ ପ୍ରାୟ ଏକ । କେସକଂବଲଂକର ଦର୍ଶନରୁ ଲୋକାୟତ ଅର୍ଥଶାସ୍ତ୍ର ଗଢ଼ି ଉଠିଥିଲା ବୋଲି ଶ୍ରୀ କୋସଂବୀ କହନ୍ତି । ବିକ୍ଷେପବାଦ ଓ ଜୈନମାନଂକ ସ୍ୟାଦବାଦ ('ଏପରି ହେବ, ଏପରି ହେବ ନାହିଁ') ମଧ୍ୟରେ ସାମଂଜସ୍ୟ ରହିଛି । କଚ୍ଚାୟନଂକର 'ଅନ୍ୟୋନ୍ୟବାଦ' ଓ ବୈଶେଷିକ ଦର୍ଶନ ମଧ୍ୟରେ ସାମ୍ୟ ଥିଲେ ମଧ୍ୟ ତାଂକର ସପ୍ତପଦାର୍ଥ ଓ ବୈଶେଷିକ ଦର୍ଶନର ସପ୍ତପଦାର୍ଥ ଭିନ୍ନ ।

ଜୈନ ନିର୍ଗ୍ରଂଥ ଓ ବୌଦ୍ଧ ଆଜୀବକମାନଂକୁ ମିଶାଇ ଗୋଟିଏ ସଂଘ ପ୍ରତିଷ୍ଠା କରିବାର ପ୍ରଚେଷ୍ଟା ବୁଦ୍ଧଦେବ ଓ ତାଂକ ସମସାମୟିକ ମହାବୀରଂକ (ଯାହାଂକର ଅନ୍ୟନାମ ନିଗଂଠନାଥ ପୁତ୍ର ଥିଲା) ଦ୍ୱାରା ହୋଇଥିଲା ବୋଲି ଅନୁମାନ କରାଯାଏ । ନିର୍ଗ୍ରଂଥମାନଙ୍କର ପରିଚୟ ସୁତ୍ତପିଟକ ପ୍ରଭୃତିରୁ ବେଶ୍ ଜଣାଯାଏ ।

---

* 'ଭଗବାନ ବୁଦ୍ଧ'—ଧ କୋ

# ଜୈନ ଓ ବୌଦ୍ଧମାନଂକ ମଧ୍ୟରେ ମାଂସାହାର

ଯେଉଁଦିନ ଚୂନ୍ଦଂକ ଘରେ ବୁଦ୍ଧଂକର ପରିନିର୍ବାଣ ହେଲା, ସେଦିନ ସେ ଘୁଷୁରି ମାଂସ ('ସୂକର ମଦ୍ଦବ') ଖାଇଥିଲେ । ବୁଦ୍ଧଘୋଷାଚାର୍ଯ୍ୟ ଏହା ଉପରେ ଟୀକା କରିଛନ୍ତି । ଯଥା—"ସୂକର ମଦ୍ଦବଂ ତି ନାତିତରୁଣସ୍ସ ନାତିଜିନ୍ଣସ୍ସ ଏକ ଜେଟ୍ଠକସୂକରସ୍ସ ପବତ୍ତି ମଂସଂ" ଇତ୍ୟାଦି । ଏହାର ଅର୍ଥ—ସୂକରମଦ୍ଦବ ଏପରି ସୁପକ୍ୱ ଘୁଷୁରି ମାଂସ, ଯେଉଁ ଘୁଷୁରି ବେଶୀ ତରୁଣ ବା ବୁଢ଼ା ନୁହେଁ—ନିତାଂତ ଶ୍ରେଷ୍ଠ କୁଆଡ଼ୁ ଟିକିଏ ବେଶୀ ବୟସର, ମୃଦୁ ଏବଂ ସ୍ନିଗ୍ଧ, ତାକୁ ତିଆରି କରିବା ଅର୍ଥ ଭଲ ଭାବରେ ରାନ୍ଧିବା ।' ବୁଦ୍ଧଘୋଷାଚାର୍ଯ୍ୟ ଏପରି ଅର୍ଥ କରିଥିଲେ ମଧ୍ୟ ଏହା ଠିକ୍ ବୋଲି ବିଶ୍ୱାସ କରି ନ ଥିଲେ । ଏହାଛଡ଼ା 'ଅଂଗୁତ୍ତରନିକାୟ'ରେ ପଂଚମ ନିପାତରେ ବୁଦ୍ଧ ଘୁଷୁରି ମାଂସ ଖାଇଥିବାର ପ୍ରମାଣ ରହିଛି । * ଉଗ୍ର ଗହପତି କହୁଛନ୍ତି :—

"ମନାପଂ ମେ ଭଂତେ ସଂପନ୍ନବର ସୂକର ମଂସଂତଂ ମେ ଭଗବା ପଟିଗଣ୍ହାତୁ ଅନୁକଂପଂ ଉପାଦାୟାତି । ପଟିଗ୍ଗହେସି ଭଗବା ଅନୁକଂପଂ ଉପାଦାୟାତି ।"

ଅର୍ଥାତ୍, ଭଦଂତ, ବଢ଼ିଆ ଘୁଷୁରିର ଏଇ ମାଂସ ଭଲ ଭାବରେ ରାନ୍ଧି ପ୍ରସ୍ତୁତ କରାଯାଇଛି । ମୋଠାରେ ଦୟାକରି ଭଗବାନ୍ ଏହା ଗ୍ରହଣ କରନ୍ତୁ । ଭଗବାନ୍ ଦୟାକରି ତାହା ଗ୍ରହଣ କଲେ ।" ବୁଦ୍ଧଂକର ପରିନିର୍ବାଣର ତିନିମାସ ପୂର୍ବରୁ ବୈଶାଳୀ ନଗରୀରେ ଭଗବାନ ବୁଦ୍ଧ ବଡ଼ ଅସୁସ୍ଥ ହୋଇ ପଡ଼ିଥିଲେ ଏବଂ ତାଂକ ଦେହ ବଡ଼ ଦୁର୍ବଳ ହୋଇପଡ଼ିଥିଲା । ତେଣୁ ଚୂନ୍ଦ ତାଂକୁ ଭୋଜନ ଦେଲା, ତାହା ତାଂକ ପରିନିର୍ବାଣର ନିମିତ୍ତ କାରଣ ହୋଇଗଲା । ପରିନିର୍ବାଣ ପୂର୍ବରୁ ବୁଦ୍ଧଦେବ ଲୋକେ ଯେପରି ତାଂକ ମୃତ୍ୟୁ ପାଇଁ ଚୂନ୍ଦଂକ ଉପରେ

**ବୁଦ୍ଧଦେବଂକର ମାଂସ ଭୋଜନ**

ଦୋଷାରୋପ ନ କରନ୍ତି ସେଥିପାଇଁ ଆନନ୍ଦଂକୁ କହିଥିଲେ :—"ହେ ଆନନ୍ଦ ! କମାର ଚୂନ୍ଦଂକୁ ଯଦି କିଏ କହେ, ହେ ଚୂନ୍ଦ ! ତୁମେ ଖାଇବାକୁ ଦେବା ଫଳରେ ତଥାଗତଂକର ପରିନିର୍ବାଣ ହୋଇଗଲା, ଓ ଏଥିରେ ତୁମର ଭୟଂକର କ୍ଷତି ଘଟିଲା ଏବଂ ଯଦି କେହି ଚୂନ୍ଦ ଉପରେ ଏପରି ଦୋଷାରୋପ କରେ, ତାହାହେଲେ ତୁମେ ଚୂନ୍ଦର ମନଦୁଃଖ ଦୂର କରିବା ପାଇଁ ତାକୁ କହିବ, ହେ ଚୂନ୍ଦ ! ତୁମର ପିଂଡପାତ ଖାଇ ତଥାଗତ

ପରିନିର୍ବାଣ ଲାଭ କଲେ । ଏ କଥା ସତ୍ୟ ଯେ ତୁମର ଦାନ ତୁମ ପାଇଁ ଲାଭଦାୟକ । ଆମେ ତଥାଗତଙ୍କଠାରୁ ଶୁଣିଛୁ, ଅନ୍ୟ ଭିକ୍ଷାଠି ଅପେକ୍ଷା, ତଥାଗତଙ୍କୁ ମିଳିଥିବା ଦୁଇଟି ଭିକ୍ଷା ଅଧିକ ଫଳଦାୟକ । ପ୍ରଥମ ଭିକ୍ଷାଟି ହେଉଛି ଯେଉଁ ଭିକ୍ଷା ସୁଜାତା ଠାରୁ ଗ୍ରହଣ କରି (ପାୟସାନ୍ନ) ତଥାଗତ ସଂବୋଧିଜ୍ଞାନ ଲାଭ କରିଥିଲେ । ଆଉ ଅନ୍ୟ ଭିକ୍ଷାଟି ହେଉଛି ଯେଉଁ ଭିକ୍ଷା ଭୋଜନ କରିବା ଦ୍ୱାରା ତାଙ୍କର ପରିନିର୍ବାଣ ହେଲା । ଚୁନ୍ଦ ଯେଉଁ କାର୍ଯ୍ୟ କଲା ତାହା ହେଉଛି ଆୟୁଷ୍ୟ, ବର୍ଣ୍ଣ, ସୁଖ, ଯଶ, ସ୍ୱର୍ଗ ଓ ସ୍ୱାମିତ୍ୱପ୍ରଦ ବୋଲି ବୁଝିବାକୁ ହେବ । ହେ ଆନନ୍ଦ ! ତୁମେ ଏଇପରି ଭାବରେ ଚୁନ୍ଦର ମନୋବେଦନା ଦୂର କରିବ !"

ମଜ୍‌ଝିମ ନିକାୟର (ସଂ-୫୫) ଜୀବକସୁତ୍ତରେ ଏଇପରି ଅନ୍ୟ ଏକ ଉଲ୍ଲେଖ ଦେଖିବାକୁ ମିଳେ । * ତାହା ହେଉଛି – ଥରେ ବୁଦ୍ଧ ରାଜଗୃହରେ ଜୀବକ କୌମାର ଭୃତ୍ୟଙ୍କ ଆମ୍ରବନରେ ରହୁଥିଲେ । ଥରେ ଜୀବକ କୌମାର ଭୃତ୍ୟ ଭଗବାନଙ୍କୁ ନମସ୍କାର କରି ତାଙ୍କ ପାଖରେ ବସିଗଲେ । ସେ କହିଲେ, 'ଭଦନ୍ତ ! ପ୍ରାଣୀକୁ ମାରିଯାଇ ରନ୍ଧା ହୋଇଥିବା ଖାଦ୍ୟ ଆପଣ ଖାଉଛନ୍ତି ବୋଲି ଆପଣଙ୍କ ଉପରେ ଦୋଷାରୋପ ହେଉଛି । ଏହା କଣ ସତ ?' ବୁଦ୍ଧ ଉତ୍ତର ଦେଲେ—ଏଇ ଦୋଷାରୋପ ପୂରାପୂରି ମିଛ । ମୁଁ ଯେତେବେଳେ ମୋର ପାଇଁ ପ୍ରାଣୀବଧ କରୁଥିବାର ଦେଖେ, ଶୁଣେ ବା ମୋର ସେପରି କିଛି ଆଶଙ୍କା ହୁଏ, ସେତେବେଳେ ସେଇ ଖାଦ୍ୟ ମୋର ନିଷିଦ୍ଧ ବୋଲି କହିଦେଇଥାଏ ।

ଜୀବକସୁତ୍ତର ପ୍ରମାଣ

ଜୈନମାନେ ବୁଦ୍ଧଙ୍କ ଉପରେ ବରାବର ଦୋଷାରୋପ କରୁଥିଲେ । କେହି ଯଦି ତାଙ୍କୁ ନିମନ୍ତ୍ରଣ କରି ଖାଇବାକୁ ମାଂସ ଦେଉଥିଲା, ସେତେବେଳେ ଜୈନମାନେ କହୁଥିଲେ ଶ୍ରମଣ ଗୌତମ ତାଙ୍କ ନିଜ ପାଇଁ ମାରିଯାଇଥିବା (ଉଦ୍ଦେସ୍‌ସକଟଂ) ପଶୁମାଂସ ଖାଉଛନ୍ତି । ଅନ୍ୟ ପାଇଁ ମାରିଯାଇଥିବା ପଶୁ ବା ପକ୍ଷୀ ମାଂସ ଭକ୍ଷଣ ଦୋଷାବହ ନଥିଲା । ବୈଶାଳୀର ସେନାପତି ସିଂହ ବୁଦ୍ଧ ଓ ଭିକ୍ଷୁସଂଘକୁ ନିଜ ଘରକୁ ନିମନ୍ତ୍ରଣ କରି ଭଲ ଭାବରେ ଚର୍ଚ୍ଚା କରିଥିଲେ । ଏଥିରେ ଜୈନ ନିର୍ଗ୍ରନ୍ଥମାନେ ପ୍ରଚାର କଲେ ଯେ ସିଂହ ଗୋଟାଏ ବଡ଼ ପଶୁ ବଧ କରି ଗୌତମ ଓ ଭିକ୍ଷୁସଂଘକୁ ଭୋଜି ଦେଇଥିଲେ । ଜଣେ ଭଦ୍ରଲୋକ ସିଂହକୁ ଏକଥା ଯାଇ ଚୁପ୍ କରି କହିଦେଲେ । ସିଂହ

* ଭ. ବୁ.

କହିଲେ—"ଏହା ସଂପୂର୍ଣ୍ଣ ମିଥ୍ୟା ବୁଦ୍ଧଙ୍କର ନିନ୍ଦା କଲେ ନିର୍ଗ୍ରନ୍ଥମାନଙ୍କୁ ଆନନ୍ଦ ମିଳେ । କିନ୍ତୁ ମୁଁ ଯେ ଜାଣି ଶୁଣି ଭୋଜ ପାଇଁ ପ୍ରାଣୀବଧ କରିଚି ଏହା ଅସଂଭବ । ଏ ବିଷୟ ଭଗବତୀ ସୂତ୍ରରେ ଉଲ୍ଲେଖ ଅଛି । ଧର୍ମାନନ୍ଦ କୋସାମ୍ବୀ ଏହା ଉଦ୍ଧାର କରିଛନ୍ତି ।

ଜୈନ ଶ୍ରମଣମାନେ ଯେ ମାସାଂହାର କରୁଥିଲେ ଆଚାରଂଗ ସୂତ୍ରର ନିମ୍ନୋଦ୍ଧୃତ ଅଂଶରୁ ତାହା ଜଣାପଡ଼େ :—

ଜୈନ ଶ୍ରମଣଙ୍କ ମଧ୍ୟରେ ମାଂସାହାର

"ସେ ଭିକ୍ଖୂ ବା ଭିକ୍ଖୁଣୀ ବା ସେଚ୍ଛଂପୁଣ ଜାଣେଜ୍ଜା ବହୁ ଅଟ୍ଠିୟଂ ମଂସଂ ବା ମଚ୍ଛଂ ବା ବହୁ କଂଟକଂ, ଅସ୍ସିଂଖଲୁ ପଡ଼ିଗାହିତଂସି ଅପେପ୍ ସିୟାଭୋୟଣଜାଏ ବହୁ ଉଜ୍ଝିୟ ଧମ୍ମିଏ । ......ଗମଜ୍ଜିୟ ପମଜ୍ଜିୟ ତଓ ସଂଜୟାମେବ ପମଜ୍ଜିୟ ପମଜ୍ଜିୟ ପରିବେଜ୍ଜା ।"

ଅର୍ଥାତ୍, ପୁଣି ସେଇ ଭିକ୍ଷୁଙ୍କୁ ବା ସେଇ ଭିକ୍ଷୁଣୀଙ୍କୁ ବେଶି ହାଡ଼ ଥିବା ମାଂସ ବା କଂଟା ଥିବା ମାଛ ମିଳୁଥିବାରୁ ଜଣାଯାଉଚି ଯେ ଏଥିରେ ଖାଦ୍ୟ ପଦାର୍ଥ କମ୍ ଓ ଫିଂଗା ଯିବା ପଦାର୍ଥ ବେଶି ମାତ୍ରାରେ ଅଛି । ଏଇପରି ବେଶି ହାଡ଼ଥିବା ମାଂସ ବା ବେଶି କଂଟାଥିବା ମାଛ ଗ୍ରହଣ କରିବା ଉଚିତ ନୁହେଁ ।......

"ଦଶବୈକାଳିକ" ସୂତ୍ରର ଲିଖିତ ବାକ୍ୟରୁ ମଧ୍ୟ ଜୈନମାନେ ମାଂସାହାର କରୁଥିବା ଜଣାପଡ଼େ ।

ବହୁ ଅଟ୍ଠିୟଂ ପୁଗ୍‌ଗଲଂ ଅଣି ମିସଂ ବା ବହୁକଂଟୟଂ ।
ଅଚ୍ଛିୟଂ ତିଂଦୁୟଂ ବିଲ୍ଲଂ ଉଚ୍ଛୁଖଂଡ଼ଂ ବ ସିଂବଲିଂ ।" *

( ଅର୍ଥାତ୍, ବେଶି ହାଡ଼ ଥିବା ମାଂସ, ବେଶି କଂଟା ଥିବା ମାଛ, ଅସ୍ଥି ଗଛର ଫଳ, ବେଲଫଳ, ପ୍ରଭୃତି ପଦାର୍ଥ ଯେଉଁଥିରେ ଖାଇବା ଅଂଶ କମ୍, ଫିଂଗିବା ଅଂଶ ବେଶୀ) ଦେବା ସଂପର୍କରେ ଲୋକଙ୍କୁ କହିଦେବା ଉଚିତ ଯେ 'ଏହା ମୋର ନେବା ଭଲ ନୁହେଁ ।')

ମହାବୀରଙ୍କର ମାଂସାହାର

'ଭଗବତୀ ସୂତ୍ର'ରେ କଥିତ ଅଛି ଯେ ଜୈନ ତୀର୍ଥାଂକୁର ମହାବୀର ଶ୍ରାବସ୍ତୀ ନଗରୀରେ ରହୁଥିଲେ । ମକ୍‌ଖଲି ଗୋସାଳଙ୍କ ସଂଗେ ତାଙ୍କର ଝଗଡ଼ା ହୁଏ । ଦୁହେଁ ଦୁହିଁଙ୍କ ମରିଯିବା ପାଇଁ ଅଭିଶାପ ଦିଅନ୍ତି । ତା'ର ଫଳରେ ଗୋସାଳ ମୃତ୍ୟୁ ମୁଖରେ ପଡ଼ନ୍ତି ଏବଂ ମହାବୀର ବ୍ୟାଧିଗ୍ରସ୍ତ ହୁଅନ୍ତି । ସେତିକବେଳେ ମହାବୀର ନିଜର ଜଣେ ଶିଷ୍ୟଙ୍କୁ କହିଲେ,

ତୁମେ ମେଂଢିକ ଗ୍ରାମକୁ ଯାଇ ରେବତୀ ନାମ୍ନୀ ସ୍ତ୍ରୀକୁ କହିବ, ସେ ମୋ ପାଇଁ ଯେଉଁ ଦୁଇଟି କପୋତକୁ ରାନ୍ଧିଛି, ତାହା ମୋର ଆଉ ଦରକାର ନାହିଁ । କାଲି ଯେଉଁ କୁକୁଡ଼ାଟିକୁ ବିରାଡ଼ି ମାରିଛି, ତାହାର ମାଂସ ଯେ ରାନ୍ଧିଛୁ, ସେଇତକ ମୋତେ ଦେଇ ଦେ ବୋଲି କହିବ ।

"ତଂ ଗଚ୍ଛହ ଣଂ ତୁମଂ ସୀହା, ମେଂଢୟଗାମଂ ନଗରଂ ରେବତୀଏ ଗାହାବତୀ ଣୀଏ ଗିହେ ତତ୍ଥ ଣଂ ରେବତୀଏ ଗାହାବଇଣୀଏ ମମଂ ଅଟ୍ଠାଏ ଦୁବେ କବୋୟ ସରୀରା ଉବକ୍ଖଡିୟା, ତେହିଂନୋ ଅଟ୍ଠୋ । ଅତ୍ଥି ସେ ଅନ୍ନ ପାରିୟାସିଏ ମଜ୍ଜାରକଡ଼ଏ କୁକ୍କୁଡ଼ମଂସଏତଂ ଆହାରାହି ଏଏଣଂ ଅଟ୍ଠୋ ।"

ଅବଶ୍ୟ, ସବୁ ବୌଦ୍ଧ ଭିକ୍ଷୁ ଓ ଜୈନ ଶ୍ରମଣ ଯେ ମାଂସାହାର କରୁଥିଲେ ତା ନୁହେଁ । ଅନେକେ 'ନିର୍ମାଂସ' ଭିକ୍ଷା ଗ୍ରହଣ କରୁଥିଲେ ଏବଂ ନିରାମିଷାଶୀ ଥିଲେ । ଆମଗଂଧ (ଅମେଧ୍ୟ ପଦାର୍ଥ) ମଧ୍ୟରେ କାଶ୍ୟପ ବୁଦ୍ଧ କହିଥିଲେ— ପ୍ରାଣଘାତ, ବଧ, ଛେଦ, ବଂଧନ, ଚୋରି, ଅସତ୍ୟ-ଭାଷଣ, ଜାରଣ-ମାରଣ ପ୍ରଭୃତିର ଅଭ୍ୟାସ ଏବଂ ବ୍ୟଭିଚାର ଅଂତର୍ଗତ, ମାଂସଭୋଜନ ନୁହେଁ । (ସୁତ୍ତନିପାତ, ଆମଗଂଧ ସୁତ୍ତ)

ଭଗବାନ ବୁଦ୍ଧ ମୃତ୍ୟୁ ପୂର୍ବରୁ 'ସୂକର ମଦ୍ଦବ' ଆହାର କରିବା ବିଷୟ ଅନେକ ଅସ୍ୱୀକାର କରଂତି । 'ଉଦାନଅଟ୍ଠ'ରେ ଲେଖାଅଛି—କେହି କେହି କହଂତି ଯେ ସୂକର ମଦ୍ଦବ ଘୁଷିର ମାଂସ ନୁହେଁ, ଏହା ହେଉଛି ଘୁଷୁରି ଦ୍ୱାରା ଚକଟା ହୋଇଥିବା ବାଉଁଶ ଗଜା ।'* (ଏଜ୍ଣ)

●

* ଏଜ୍ନ

## ॥ ଦଶମ ଅଧିକରଣ ॥

## ତନ୍ତ୍ରଯୁଗରେ ମୂଲ୍ୟବୋଧ ॥

### ମୈଥୁନଯୋଗ ଓ ପଂଚମକାର

ଯୌନ ସାଧନା ଓ ମାଦକତା, ଭାରତୀୟ ଜଳବାୟୁରେ ନୂଆ ନୁହେଁ । ପ୍ରାୟ ଖ୍ରୀଷ୍ଟାବ୍ଦର ପଂଚମ ଶତକଠାରୁ ଦ୍ୱାଦଶ ଶତକ ପର୍ଯ୍ୟଂତ ବୌଦ୍ଧ ମହାଯାନ, ମଂତ୍ରଯାନ, ବଜ୍ରଯାନ, ସହଜଯାନ ଓ କାଳଚକ୍ରଯାନଠାରୁ ଆରଂଭ କରି ତନ୍ତ୍ର-ଯୁଗ ପର୍ଯ୍ୟଂତ ମୈଥୁନଯୋଗ ଓ ମାଦକଦ୍ରବ୍ୟ ସେବନ ଧର୍ମୀୟ ସାଧନା କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିଲା । ପଂଚମକାର (ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା, ମୈଥୁନ) କାୟାସାଧନା ପ୍ରଣାଳୀର ଉପକରଣ ଥିଲା । ମାତ୍ର ଧର୍ମର ଆବରଣ ତଳେ ସେମାନେ ଏହି ସାଧନା କରୁଥିଲେ ?

ସପ୍ତମ ଶତାବ୍ଦୀରେ ବୌଦ୍ଧ ମହାଯାନ ନାନା ରୂପାଂତର ମଧ୍ୟ ଦେଇ ବଜ୍ରଯାନରେ ପରିଣତ ହେଲା । ଏଥିରୁ ସହଜଯାନ, କାଳଚକ୍ରଯାନ ପ୍ରଭୃତିର ଉତ୍ପତ୍ତି । ଡଃ ନୀହାରରଂଜନ ରାୟଙ୍କର 'ବାଂଗାଲୀର ଇତିହାସ' ଗ୍ରଂଥରୁ କିଛି କେତେକ ବିବରଣୀ ପ୍ରଦତ୍ତ ହେଲା । ବଜ୍ରଯାନ କାୟାସାଧନା ବା ଯୌନସାଧନା ଉପରେ ପ୍ରତିଷ୍ଠିତ । ଶୂନ୍ୟବାଦ, ବିଜ୍ଞାନବାଦ, ମାଧ୍ୟମିକବାଦ ପ୍ରଭୃତି ପ୍ରାଚୀନତର ମହାଯାନୀ ଧ୍ୟାନଧାରଣା ଓ ଯୋଗାଚାର ଏକାବେଳେକେ ବିଦାୟ ନ ନେଇଥିଲେ ମଧ୍ୟ ସ୍ୱଳ୍ପସଂଖ୍ୟକ ଭିକ୍ଷାଚାର୍ଯ୍ୟ ଓ ପଂଡିତମାନଂକ ଚର୍ଚ୍ଚା ମଧ୍ୟରେ ସୀମାବଦ୍ଧ ଥିଲା । ସ୍ଥବିରବାଦ ଓ ମହାସଂଘିକବାଦର 'ବିନୟ-ଶାସନ' ସ୍ଥାନ ଓ ସୁଯୋଗ କେବଳ ଦୀକ୍ଷାଗ୍ରହଣ ସମୟ ଛଡ଼ା ଅନ୍ୟ ବେଳେ ମିଳୁ ନ ଥିଲା । ବୌଦ୍ଧ ଜନସାଧାରଣ ଶୂନ୍ୟବାଦ, ବିଜ୍ଞାନବାଦ ଓ ମାଧ୍ୟମିକବାଦର ଗଭୀର ପାରମାର୍ଥିକ ତତ୍ତ୍ୱ ଓ ସାଧନା-ମାର୍ଗର ବିଭିନ୍ନ ସ୍ତରବିନ୍ୟାସର କଥା କିଛି ବୁଝି ପାରୁନଥିଲେ । ସେମାନଂକ ନିକଟରେ ଯାଦୁଶକ୍ତିଧାରକ ମଂତ୍ର ଓ ମଂଡଳ, ଧରଣୀ ଓ ବୀଜ ଅନେକ ବେଶୀ ସହଜ ଓ ସତ୍ୟ ବୋଲି ଜଣା ପଡ଼ୁଥିଲା । ମଂତ୍ର ଥିଲା ସେମାନଂକର ମୂଳ ପ୍ରେରଣା ଏବଂ ମଂତ୍ର ସଂଗେ ଧରଣୀ ଓ ବୀଜ ।

# ମୈଥୁନଯୋଗ, ମଂତ୍ରଯାନ, ବଜ୍ରଯାନ, ସହଜଯାନ

ମଂତ୍ରଯାନ ମଧ୍ୟରେହିଁ ବୌଦ୍ଧ ବଜ୍ରଯାନୀ ସାଧନାର ବୀଜ ନିହିତ ଥିଲା । ଦ୍ୱିତୀୟ ସ୍ତରରେ ଦେଖାଦିଏ ବଜ୍ରଯାନ । ବଜ୍ରଯାନର ଧ୍ୟାନ ଓ କଳ୍ପନା ଗଭୀର ଓ ଜଟିଳ । ବଜ୍ରଯାନୀ ମତରେ ନିର୍ବାଣ ପରେ ତିନି ଅବସ୍ଥା—ଶୂନ୍ୟ, ବିଜ୍ଞାନ ଓ ମହାସୁଖ । ଶୂନ୍ୟତତ୍ତ୍ୱର ସୃଷ୍ଟିକର୍ତ୍ତା ନାଗାର୍ଜୁନ । ତାଂକ ମତ ହେଲା, ଦୁଃଖ କର୍ମ, କର୍ମଫଳ , ସଂସାର ସମସ୍ତହିଁ ଶୂନ୍ୟ । ଶୂନ୍ୟତାର ଏଇ ପରମ ଜ୍ଞାନହିଁ ନିର୍ବାଣ । ବଜ୍ରଯାନୀମାନେ ଏଇ ନିର୍ବିକଳ୍ପ ଅବସ୍ଥାର ନାମକରଣ କଲେ ନିରାତ୍ମା । ସେମାନେ କହିଲେ, ଜୀବର ଆତ୍ମା ନିର୍ବାଣ ଲଭ କଲେ ଏଇ ନିରାତ୍ମାରେହିଁ ବିଲୀନ ହୁଏ । ନିରାତ୍ମା କଳ୍ପିତା ହେଲେ ଦେବୀ ରୂପେ, ଏବଂ କୁହାଗଲା, ବୋଧିଚିତ୍ତ ଯେତେ ବେଳେ ନିରାତ୍ମାର ଆଲିଂଗନାବଦ୍ଧ ହୋଇ ନିରାତ୍ମାରେହିଁ ବିଲୀନ ହୁଅଂତି, ସେତିକବେଳେହିଁ ଉତ୍ପତ୍ତି ହୁଏ 'ମହାସୁଖ'ର ବା ମହାସୁଖର । ବୋଧିଚିତ୍ତର ଅର୍ଥହେଉଚି, ଚିତ୍ତର ଏକ ବିଶେଷ ବୃତ୍ତି ବା ଅବସ୍ଥା ଯେଉଁଥିରେ ସମ୍ୟକ ଜ୍ଞାନ ବା ବୋଧିଲାଭର ସଂକଳ୍ପ ବର୍ତ୍ତମାନ । ବଜ୍ରଯାନୀମାନେ କହଂତି, ମୈଥୁନଯୋଗରେ ଚିତ୍ତର ଯେଉଁ ପରମ ଆନଂଦମୟ ଭାବ, ଯେଉଁ ଏକକେଂଦ୍ରିକ ଧ୍ୟାନ, ତାହାହିଁ ବୋଧିଚିତ୍ତ । ଏଇ ବୋଧିଚିତ୍ତ ବଜ୍ର, କାରଣ କଠୋର ଯୋଗସାଧନା ଫଳରେ ଇଂଦ୍ରିୟଶକ୍ତି ସଂପୂର୍ଣ ଦମିତ ହୋଇ ବଜ୍ର ପରି ଦୃଢ଼ ଓ କଠିନ ହୁଏ । ବୋଧିଚିତ୍ତର ବଜ୍ରଭାବ ଲଭ ଘଟିଲେ ତେବେ ଯାଇ ବୋଧିଜ୍ଞାନ ଲଭ ହୁଏ । ଚିତ୍ତର ଏଇ ବଜ୍ର-ଭାବକୁ ଆଶ୍ରୟ କରି ସାଧନାର ଯେଉଁ ପଥ ତାହାହିଁ ବଜ୍ରଯାନ । ଇଂଦ୍ରିୟଶକ୍ତିକୁ, କାମନା ବାସନାକୁ ସଂପୂର୍ଣ ଦମିତ କରିବାର କଥା

**ମହାସୁଖ**

ବର୍ତ୍ତମାନ କୁହାଗଲା । ବଜ୍ରଯାନୀମାନଂକ ମତରେ, ଇଂଦ୍ରିୟ ଦମନ କରିବାକୁ ହେଲେ ଆଗ ସେମାନଂକୁ ଜାଗରିତ କରିବାକୁ ହୁଏ । ମିଥୁନ ସେଇ ଜାଗରଣର ଉପାୟ । ମିଥୁନଜାତ ଆନଂଦ ଓ 'ମହାସୁଖ' କୁ ସ୍ଥାୟୀ କରାଯାଏ ମଂତ୍ରଶକ୍ତି ସାହାଯ୍ୟରେ ଏବଂ ସେହି ଅବସ୍ଥାରେହିଁ ଇଂଦ୍ରିୟ ଶକ୍ତି ଦମିତ ହୁଏ । ସାଧକର ସାଧନ ଶକ୍ତି ଦ୍ୱାରା ମଂତ୍ର ବା ଧ୍ୟାନ ଅର୍ଥାତ୍ ତାର ଧ୍ୱନି ରୂପମୂର୍ତ୍ତି ଲଭ କରେ । ଏଇ ରୂପମୂର୍ତ୍ତି ସବୁହିଁ ହେଉଛଂତି ବିଭିନ୍ନ ଦେବ ଦେବୀ । ମିଥୁନାବସ୍ଥାର ଆନଂଦୋଦ୍ଭୂତ ବିଭିନ୍ନ ଦେବାଦେବୀ ସାଧକର ମନଶ୍ଚକ୍ଷୁ ସମ୍ମୁଖରେ ନିଜ ନିଜ ସ୍ଥାନରେ ଆସି ଅଧିଷ୍ଠିତ ହୁଅଂତି ଏବଂ ଗୋଟିଏ ଗୋଟିଏ ମଂଡଳ ସୃଷ୍ଟିକରଂତି । ଏଇ ମଂଡଳର ନିଃଶବ୍ଦ ଧ୍ୟାନ କରି କରି ବୋଧିଚିତ୍ତ

ସ୍ଥାୟୀ ଓ ସ୍ଥିର ହୋଇ ବଜ୍ର ପରି କଠିନ ହୁଏ, ଏବଂ କ୍ରମେ ବୋଧିଜ୍ଞାନ ଲାଭ ଘଟେ । କହିବା ବାହୁଲ୍ୟ ଯେ ଅତ୍ୟଂତ ସ୍ୱାଭାବିକ କାରଣବଶତଃ ବଜ୍ରଯାନର ଏଇ ସମସ୍ତ ସାଧନ ପଦ୍ଧତି ଅତ୍ୟଂତ ଗୁହ୍ୟ; ଏବଂ ଯେଉଁ ଭାଷାରେ ଏହା ବ୍ୟାଖ୍ୟାତ ତାହା ମଧ୍ୟ ଗୁହ୍ୟ । ଗୁରୁ ଦୀକ୍ଷିତ ସାଧକ ଛଡ଼ା ସେ ଶବ୍ଦ ଓ ଭାଷାର ଗୂଢ଼ାର୍ଥ ବୁଝିବା ଅନ୍ୟ କାହାରି ପକ୍ଷରେ ସଂଭବ ନୁହେଁ । ଗୁରୁଙ୍କ ନିର୍ଦ୍ଦେଶ ଛଡ଼ା ଅନ୍ୟ କାହା ପକ୍ଷରେ ଏଇ ସାଧନା ପଦ୍ଧତି ଅନୁସରଣ କରିବା ମଧ୍ୟ ପ୍ରାୟ ଅସଂଭବ । ଏଇ ସାଧନାପଦ୍ଧତିର ଅପର ନାମ ଗୁହ୍ୟସାଧନା । ବଜ୍ରଯାନରେ ଗୁରୁ ଅପରିହାର୍ଯ୍ୟ । ବଜ୍ରଯାନରେ ପ୍ରଜ୍ଞାର ସାର ଯେଉଁ ବୋଧିଚିତ୍ତ, ତଂତ୍ର ଭାଷାରେ ତାହାହିଁ ହେଉଛି ଶକ୍ତି । ('ବାଂଗାଲୀର ଇତିହାସ'—ଡଃ ନୀହାର ରଂଜନ ରାୟ, ପୃ ୬୩୭)

**ଶୂନ୍ୟ ଓ ବଜ୍ର**

ଶୂନ୍ୟର ପ୍ରତିଶବ୍ଦ ରୂପେ ବଜ୍ର ଗୃହୀତ ହୋଇ ବଜ୍ରଯାନୀ ନାମରେ ଏକ ଶୂନ୍ୟ-ବାଦୀ ସିଦ୍ଧାଂତର ପ୍ରତିଷ୍ଠା ହେଲା । ଶୂନ୍ୟର ସତ୍ତାସ୍ୱୀକାର ପୂର୍ବକ ତାର ସ୍ୱରୂପ ନିର୍ଣ୍ଣୟ କରାଗଲା—ଯାହାକି ବଜ୍ରସତ୍ତ୍ୱ ବା ବୋଧିଚିତ୍ତ ନାମରେ ପରିଚିତ । "ଶୂନ୍ୟତା ବଜ୍ରଂଇତ୍ୟୁକ୍ତଂ ଆକାର ସତ୍ତ୍ୱଂ ଉଚ୍ୟତେ ।' (ଜ୍ୱାଲାବଳୀ ବଜ୍ରମାଳାତଂତ୍ର) ଅଦ୍ୱୟ ବଜ୍ରସଂଗ୍ରହ ଅନୁସାରେ—" ଦୃଢଂ ସାରଂ ଅସୌଶୀର୍ଯ୍ୟଂ ଅଚ୍ଛେଦ୍ୟା ଭେଦ୍ୟଲକ୍ଷଣମ୍— ଅଦାହି ଅବିନାଶୀ ଚ ଶୂନ୍ୟତା ବଜ୍ରଂ ଉଚ୍ୟତେ । ବଜ୍ର ସହ ପଦ୍ମର ବା ଶୂନ୍ୟ ସହ କରୁଣାର ଆରୋପ କରି ବଜ୍ରସତ୍ତ୍ୱର ଯୁଗନଦ୍ଧରୂପ ପରିକଳ୍ପିତ ହେଲା । ବଜ୍ର-ଯାନର ଶୂନ୍ୟ, କରୁଣା ଓ ବଜ୍ରସତ୍ତ୍ୱ ସହଜିୟାମାନଂକ ଦୃଷ୍ଟିରେ ଯଥାକ୍ରମେ ପ୍ରଜ୍ଞା, ଉପାୟ ଓ ବୋଧିଚିତ୍ତ । ଏଇ ବୋଧିଚିତ୍ତ ବଜ୍ରସତ୍ତ୍ୱ ମୂର୍ତ୍ତିମଂତ ଶୂନ୍ୟ ଓ ମହା-ସୁଖର ସଂପାଦକ । ତେଣୁ ତାଂକ ବଂଦନା ହୋଇଛି "ବଜ୍ରସତ୍ତ୍ୱଂନମସ୍କୃତ୍ୟ ପ୍ରଜ୍ଞୋପାୟ ସ୍ୱରୂପିଣମ୍, ମହାସୁଖଦ୍ୱୟଂ ଭକ୍ଷେ ବସ୍ତୁତତ୍ତ୍ୱଂ ସମାସତଃ ।"(ଅଦ୍ୱୟ-ବଜ୍ରସଂଗ୍ରହ) ।

**ଶୂନ୍ୟପକ୍ଷ**

ସହଜିୟାମାନେ ଶୂନ୍ୟବାଦୀ । ନାଗାର୍ଜୁନଂକ ମାଧ୍ୟମିକ ଦର୍ଶନ, ଅଶ୍ୱ-ଘୋଷଂକ ତଥତାବାଦ, ଅସଂଗ, ବସୁବଂଧୁଂକ ବିଜ୍ଞାନବାଦ ବା ଯୋଗାଚାର ଦର୍ଶନରେ ମୌଳିକ ଶୂନ୍ୟବାଦର ବ୍ୟାପକ ବିକାଶ ଓ ବିସ୍ତାର ଘଟିଥିଲା । (ଖ ମହାପାତ୍ରଂକ ଚର୍ଯ୍ୟାଗୀତିକା ଦ୍ରଷ୍ଟବ୍ୟ) ସାଧକ ଶୂନ୍ୟପକ୍ଷ ସମର୍ଥନ କରିବା ଦ୍ୱାରା ଜାଗତିକ ବସ୍ତୁ ସକଳର ଅସ୍ତିତ୍ୱ ଅସ୍ୱୀକାର କରିବାକୁ ଶିକ୍ଷାକରେ ଓ ଅବିଦ୍ୟା-ସଂବୃତ୍ତ

ଚିତ୍ତକୁ ଭବବନ୍ଧନରୁ ମୁକ୍ତ କରିବାକୁ ସମର୍ଥ ହୁଏ । ବାସନାବିଧୃତ ଚିତ୍ତ ଶୂନ୍ୟତା ଜ୍ଞାନ ଯୋଗେ ସକଳ ବନ୍ଧନ ଛିନ୍ନ କରି ଊର୍ଦ୍ଧ୍ୱକୁ ଗତିକରେ । ସରହ ପାଦଂକ ଭାଷାରେ —ସୁଣ୍ଣ୍ କରୁଣାଜଇ ଯୋଉଣୁ ସକ୍ଜଇ । ଣଉ ଭବେ ଣିଉ ଣିବ୍ବାଣେ ଥାକ୍କଇ ।

ବଜ୍ରଯାନରେ ମଂତ୍ରର ମୂର୍ତ୍ତିରୂପ ଇତ୍ୟାଦିର ବହୁଳତା, ତନ୍ତ୍ରର ଦେବାସ୍ତ୍ରତନ୍ତ୍ର ପ୍ରଭୃତି ସହଜ ଯାନ ପରିହାର କରିଛି । ମଂତ୍ର-ପୂଜା-ଆଗ୍ରହ-ଅନୁଷ୍ଠାନ ସାଧନ ମାର୍ଗରେ ଅପରିହାର୍ଯ୍ୟ ନୁହେ ବୋଲି ସହଜଯାନୀ ମନେ କରେ । ସେମାନେ ବ୍ରାହ୍ମଣମାନଂକର ନିଂଦା ତ କରଂତି, ତା' ଛଡ଼ା ଯେଉଁ ବୌଦ୍ଧମାନେ ମଂତ୍ରଜପ, ପୂଜାର୍ଚ୍ଚନା, କୃଚ୍ଛ୍ର ସାଧନା, ପ୍ରବ୍ରଜ୍ୟା ଇତ୍ୟାଦି କରଂତି, ସେମାନଂକର ମଧ୍ୟ ନିଂଦା କରଂତି । ଦୋହାକୋଷରେ ଥିବା କେତେକ ଦୋହାରେ (ବୌଦ୍ଧ ଚର୍ଯ୍ୟାପଦ) ସହଜଯାନୀ ସିଦ୍ଧାଚାର୍ଯ୍ୟମାନଂକ ମତବାଦ ଧରାପଡ଼େ ।

"କିଂ ତୋ ଦୀପେ, କିଂ ତୋ ନିବେଜ୍ଜେ
କିଂ ତୋ କିଜ୍ଜଇ ମନ୍ତହଂ ସେବ୍ବେ ।
କିଂ ତୋ ତିଥ୍ଥ ତପୋବଣ ଜାଇ ।
ମୋକ୍ଖ କି ଲବ୍ଭଇ ପାଣୀ ହାଇ ।"
...   ...   ...
ତୋ ବିନୁ ତରୁଣୀ ନିରଂତର ଣେହେଁ
ବୋହି କି ଲବ୍ଭଇ ପ୍ରଣ ବି ଦେହେଁ ।"

(ଅର୍ଥାତ୍ : "କଣ (ହେବ) ତୋର ଦୀପରେ ? କଣ (ହେବ) ତୋର ନୈବେଦ୍ୟରେ ? କଣ ହେବ ତୋର ମଂତ୍ର ଜପ କରି, କଣ ହେବ ତୋର ତୀର୍ଥ —ତପୋବନେ ଯାଇ ? ପାଣିରେ ଗାଧୋଇଲେ କଣ ମୋକ୍ଷଲାଭ ହୁଏ ? ...... ତୋର ନିରଂତର ସ୍ନେହ ବିନା ହେ ତରୁଣି ! ଏଇ ଦେହରେ କଣ ବୋଧିଲାଭ ହୁଏ ?"

ସହଜଯାନୀ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଂକର ଧ୍ୟାନଧାରଣା ତଥା ମୂଲ୍ୟବୋଧ ଆଦିର ସୂକ୍ଷ୍ମ-ଗଭୀର ପରିଚୟ ଦୋହାକୋଷର ଦୋହା ଏବଂ ଚର୍ଯ୍ୟାଗୀତିର ଗୀତିଗୁଚ୍ଛରେ ବିଧୃତ ହୋଇଅଛି । ସହଜଯାନୀମାନେ କହଂତି, ବୋଧି ବା ପରମଜ୍ଞାନ ଲାଭର ଖବର ଅନ୍ୟ ସାଧାରଣ ଲୋକ ତ ଦୂରର କଥା, ନିଜେ ବୁଦ୍ଧଦେବ ମଧ୍ୟ ଜାଣି ନ ଥିଲେ ।

"ବୁଦ୍ଧୋହପି ନ ତଥା ବେତ୍ତି ଯଥାୟମିତରୋ ନରଃ ।"

ଲୌକିକ ବୁଦ୍ଧମାନେ ବା କଣ ଜାଣିବେ ? ସମସ୍ତେ ତ ବୁଦ୍ଧତ୍ୱଲାଭର ଅଧିକାରୀ ଏବଂ ଏଇ ବୁଦ୍ଧତ୍ୱର ଅଧିଷ୍ଠାନ ଦେହ ମଧ୍ୟରେ ।

"ଦେହସ୍ଥିତଂ ବୁଦ୍ଧତ୍ୱଂ, ଦେହ ହି
ବୁଦ୍ଧ ବସଂତ ଣ ଜାଣଇ ।"

ତେଣୁ ଦେଖାଯାଉଚ, ଶୂନ୍ୟବାଦ, ବିଜ୍ଞାନବାଦ, କୁଆଡ଼େ ଗଲାଣି । ରହିଛି କେବଳ ଦେହବାଦ ବା କାୟାସାଧନ ।

ସହଜଯାନୀମାନଂକ ମତରେ ଶୂନ୍ୟତା ହେଲା ପ୍ରକୃତି, କରୁଣା ହେଉଚି ପୁରୁଷ । ପ୍ରକୃତ ଓ କରୁଣା ବା ନାରୀ ଓ ନରର ମିଥୁନ ମିଳନଯୋଗରେ ବୋଧିଚିତ୍ତର ଯେଉଁ ପରମାନଂଦମୟ ଅବସ୍ଥାର ସୃଷ୍ଟି ହୁଏ, ତାହାହିଁ ମହାସୁହ (ମହାସୁଖ) । ଏଇ ମହାସୁଖହିଁ ଧ୍ରୁବସତ୍ୟ । ଏଇ ଧ୍ରୁବସତ୍ୟର ଉପଲବ୍ଧି ଘଟିଲେ ଇଂଦ୍ରିୟଗ୍ରାମ ବିଲୁପ୍ତ ହୋଇଯାଏ, ସଂସାର ଜ୍ଞାନ ତିରୋହିତ ହୁଏ, ସଂସ୍କାର ବିନଷ୍ଟ ହୁଏ । ଏହାହିଁ ସହଜ ଅବସ୍ଥା । ସହଜଯାନୀମାନେ ବର୍ଣାଶ୍ରମ-ବିରୋଧୀ ଥିଲେ ।

## କାଳଚକ୍ରଯାନ

କାଳଚକ୍ରଯାନୀ କହଂତି, ଶୂନ୍ୟତା ଓ କାଳଚକ୍ର ଏକ ଓ ଅଭିନ୍ନ । 'ଭୂତ, ବର୍ତ୍ତମାନ, ଭବିଷ୍ୟତ ନେଇ ଅବିରାମ ପ୍ରବହମାନ କାଳସ୍ରୋତ ଚକ୍ରାକାରେ ଘୂର୍ଣ୍ଣ୍ୟ-ମାନ । ଏଇ କାଳଚକ୍ର ସର୍ବଦର୍ଶୀ, ସର୍ବଜ୍ଞ । ଏଇ କାଳଚକ୍ରହିଁ ଆଦିବୁଦ୍ଧ ଓ ସମସ୍ତ ବୁଦ୍ଧଂକର ଜନ୍ମଦାତା । କାଳଚକ୍ର ପ୍ରଜ୍ଞା ସହିତ ମିଳିତ ହୋଇ ଏ ଜନ୍ମଦାନ କାର୍ଯ୍ୟଟି ସଂପନ୍ନ କରଂତି । କାଳଚକ୍ରଯାନୀର ଉଦ୍ଦେଶ୍ୟ କାଳଚକ୍ରର ଅବିରାମ ଗତିକୁ ନିରସ୍ତ କରିବା ଅର୍ଥାତ୍ ନିଜକୁ ସେଇ କାଳପ୍ରଭାବର ଊର୍ଦ୍ଧ୍ୱକୁ ଉନ୍ନୀତ କରିବା । କାଳର ଗତିର ଲକ୍ଷଣ ହେଉଚି କାର୍ଯ୍ୟପରଂପରା—କାର୍ଯ୍ୟର ମାଳା । ଏଇ କାର୍ଯ୍ୟ ପରଂପରା ମୂଳତ ପ୍ରାଣକ୍ରିୟାର ପରଂପରା ଛଡ଼ା ଅନ୍ୟ କିଛି ନୁହେ । ଅତଏବ ପ୍ରାଣକ୍ରିୟାକୁ ନିରୁଦ୍ଧ କରି ପାରିଲେହିଁ କାଳକୁ ନିରସ୍ତ କରାଯାଇପାରେ । ଯୋଗ-ସାଧନା ଦ୍ୱାରା ନାଡ଼ୀ ଓ ନାଡ଼ୀକେନ୍ଦ୍ର ଗୁଡ଼ିକୁ ଆୟତ୍ତ କରି ପାରିଲେହିଁ ପଂଚବାୟୁକୁ ଆୟତ୍ତ କରାଯାଏ ଏବଂ ତଦ୍ଦ୍ୱାରା କାଳକୁ ନିରସ୍ତ କରାଯାଇପାରେ । ସେମାନେ କାଳ ସହିତ ସଂପୃକ୍ତ ଥିବାରୁ ତିଥି, ବାର, ନକ୍ଷତ୍ର ତଥା ଜ୍ୟୋତିଷ ଶାସ୍ତ୍ରକୁ ଖୁବ୍ ମାନଂତି' । (ବା. ଇ)

ବଜ୍ରଯାନ, ସହଜଯାନ, କାଳଚକ୍ରଯାନ ଏ ତିନୋଟି ଯାକ ଗୋଟିଏ ମୂଳ ଧାରଣାରୁ ଉଦ୍‌ଭୂତ । ଏମାନଂକ ମଧ୍ୟରେ ବିଭାଜନ ବା ସୀମାରେଖା ଟାଣିବା ବଡ଼

ମୁସ୍କିଲ । କାରଣ ଜଣେ ସିଦ୍ଧାଚାର୍ଯ୍ୟ ଅନେକ ସମୟରେ ଏଇ ତିନି ଯାନ ଉପରେ ଗ୍ରଂଥ ରଚନା କରିଛଂତି ଏବଂ ତିନୋଟି ଯାନ ଯୋଗସାଧନା ପଦ୍ଧତି ଶିକ୍ଷା ଦେଇଛଂତି ।

ମୋଟ ଉପରେ ଏ ତିନି ଯାନହିଁ ଗୂଢ଼ ଶାସ୍ତ୍ରର ଜ୍ଞାନ ଉପରେ ପ୍ରତିଷ୍ଠିତ । ଶରୀରର ନାଡ଼ୀ-ପ୍ରବାହ ଯଥା ଲଲନା, ରସନା, ଅବଧୂତି; ଏବଂ ନାଡ଼ୀର ସଂଯୋଗକେନ୍ଦ୍ର, ନାଡ଼ୀର ଗତି ନିୟଂତ୍ରଣ ଆଦି ଏଇ ସାଧନାର ଅଂତର୍ଗତ ।

## 'କୁଳ' ବା ସାଧନା-ସଂଗିନୀ ନିର୍ବାଚନ

ପୂର୍ବରୁ କୁହାଯାଇଛି ବଜ୍ରଯାନ ସାଧନା-ପଦ୍ଧତିରେ ଗୁରୁ ଅପରିହାର୍ଯ୍ୟ । କିଂତୁ ଗୁରୁଂକ ପକ୍ଷରେ ଶିଷ୍ୟ ନିର୍ବାଚନ ଏବଂ ତାକୁ ସାଧନା ପଥରେ ପରିଚାଳନା କରିବା ସହଜ ନ ଥିଲା । ଏଇ ବିଚାର-ବିଶ୍ଳେଷଣ ପାଇଁ ଏକ ଅଭିନବ ପଦ୍ଧତି ଆବିଷ୍କୃତ ହୋଇଥିଲା । ପଦ୍ଧତିଟିର ନାମ 'କୁଳନିର୍ଣ୍ଣୟ' ପଦ୍ଧତି । ଡୋଂବୀ, ନଟୀ, ରଜକୀନୀ, ଚଂଡାଲୀ ଓ ବ୍ରାହ୍ମଣୀ ଏଇ ପାଂଚ ପ୍ରକାର କୁଳ । ଏଇ ପାଂଚଟି କୁଳ ପ୍ରଜ୍ଞାର ପାଂଚଟି ରୂପ । ଭୌତିକ ମାନବ ଦେହ ପାଂଚଟି ସ୍କଂଦ ବା ପଂଚ-ବାୟୁର ସାରାଂଶ ଦ୍ୱାରା ଗଠିତ । ବ୍ୟକ୍ତି ବିଶେଷ ମଧ୍ୟରେ ଏହା ଭିନ୍ନ ଭିନ୍ନ ପ୍ରକାର । ଯେଉଁ ବ୍ୟକ୍ତି ମଧ୍ୟରେ ଏଇ ସ୍କଂଦରୁ ଯେଉଁଟି ସକ୍ରିୟ, ସେଇ ଅନୁସାରେ ତାର କୁଳ ନିର୍ଣ୍ଣିତ ହୁଏ ଏବଂ ତଦନୁଯାୟୀ ତାର ସାଧନାପଂଥାହିଁ ମଧ୍ୟ ଠିକ୍ ହୁଏ । ସାଧକ ନିଜର ଯୋଗ-ସଂଗିନୀ ବା ଭୈରବୀ ନିର୍ଦ୍ଦିଷ୍ଟ କୁଳରୁ ଗ୍ରହଣ କରିଥାଂତି ।

## ମୈଥୁନଯୋଗ ଓ ଯାଦୁ-ବିଶ୍ୱାସ

କ୍ରମେ ଶ୍ରାବକଯାନ ଓ ମହାଯାନର କ୍ଷୀଣ ଅବଶିଷ୍ଟାଂଶ ଧୀରେ ଧୀରେ ଲୋପ ପାଇ ମିଥୁନଯୋଗର ଗୁହ୍ୟ ସାଧନାପଂଥାହିଁ ସବୁ କ୍ଷେତ୍ରରେ ପ୍ରଧାନ ହୋଇ ଉଠିଲା । କାୟାସାଧନ ଓ ଦେହାଶ୍ରୟୀ ହଠଯୋଗହିଁ କେବଳ ବଂଚି ରହିଲା ।

ଏହା ଖାଲି ବୌଦ୍ଧଧର୍ମ ନୁହେଁ, ବ୍ରାହ୍ମଣ୍ୟ ଓ ଶକ୍ତି ଧର୍ମକୁ ମଧ୍ୟ ସମଭାବରେ କୁକ୍ଷିଗତ କରିଥିଲା । ଶାକ୍ତଧର୍ମରେ ମଧ୍ୟ ଅନୁରୂପ ଏକ ବିବର୍ତ୍ତନ ଘଟିଥିଲା । ବାହ୍ୟ ଆଚାରାନୁଷ୍ଠାନ ପରିତ୍ୟକ୍ତ ହୋଇ କ୍ରମେ ମିଥୁନଯୋଗର ଗୁହ୍ୟସାଧନା ବୈଷ୍ଣବ ଓ ଶକ୍ତଧର୍ମରେ ପ୍ରାଧାନ୍ୟ ଲାଭ କରିଥିଲା । ତଂତ୍ର କାଳକ୍ରମେ ସମସ୍ତ ଧର୍ମକୁ ଗ୍ରାସ କରିଥିଲା ।

ଏକ ଆଡ଼େ ତାଂତ୍ରିକ ବ୍ରାହ୍ମଣ୍ୟ ଓ ଶକ୍ତଧର୍ମ ଏବଂ ଅନ୍ୟ ଆଡ଼େ ବୌଦ୍ଧ ଗୁହ୍ୟ ସାଧନାବାଦର ଏକତ୍ର ମିଳନରେ ଶକ୍ତିଧର୍ମର ଯେଉଁ ନୂଆ ରୂପ ଦେଖାଦେଲା,

କୌଳଧର୍ମ

ଯାହା ମଧ୍ୟରେ କୌଳଧର୍ମହିଁ ପ୍ରଧାନ । କୌଳଧର୍ମ ସଂବନ୍ଧୀୟ କେତୋଟି ପୋଥି ଅଳ୍ପ ଦିନ ତଳେ ନେପାଳର ରାଜକୀୟ ଗ୍ରଂଥସଂଗ୍ରହରେ ମିଳିଚି ବୋଲି ଡଃ ନୀହାରରଂଜନ ରାୟଙ୍କ "ବାଂଗାଲୀର ଇତିହାସ"ରୁ ଜଣାପଡ଼େ ।

ଏମାନଂକ ମୂଳସ ଉତ୍ପାନ ମତ୍‌ସ୍ୟେଂଦ୍ରନାଥଂକ ଶିକ୍ଷାରୁ ଲବ୍‌ଧ ବୋଲି ସ୍ୱୀକୃତ । ମତ୍‌ସ୍ୟେଂଦ୍ରନାଥଂକୁ ଅନେକ ଚୌରାଶି ସିଦ୍ଧଂକ ଅନ୍ୟତମ ଲୁଇପାଂକ ସଂଗେ ଅଭିନ୍ନ ବୋଲି ମନେ କରଂତି । ଯଦି ତାହାହିଁ ହୁଏ ତେବେ କୌଳଧର୍ମ ନବ ବୌଦ୍ଧ ଗୁହ୍ୟସାଧନାବାଦରୁ ସଂଭୂତ ବୋଲି ମାନିବାକୁ ହେବ । ବୌଦ୍ଧ ଗୁହ୍ୟ ସାଧନାପଂଥାର 'କୁଳ' ଏକ ବଶିଷ୍ଟ ଅଂଗ । ପଂଚକୁଳ ଠିକ୍ ବୌଦ୍ଧ 'ପ୍ରଜ୍ଞା'ଂକ ପରି 'ଶକ୍ତି'ର ପାଂଚୋଟି ରୂପ । ଯିଏ କୁଳତତ୍ତ୍ୱ ମାନି ଚାଲଂତି ସେ କୁଳପୁତ୍ର । ଶକ୍ତି ହେଉଛଂତି କୁଳ । କୁଳର ବିପରୀତ ଅକୁଳ ହେଉଛଂତି ଶିବ । ଦେହର ଅଭ୍ୟଂତର ଦେଶରେ ଯେଉଁ ଶକ୍ତି ସୁପ୍ତ, ସେ ହେଉଛଂତି କୁଳକୁଂଡଳିନୀ । ଏଇ କୁଳକୁଂଡଳିନୀକୁ ଜାଗ୍ରତ କରି ଶିବଂକ ସଂଗରେ ପରିପୂର୍ଣ ଏକ କରିବାହିଁ କୌଳମାର୍ଗୀୟ ସାଧନା । ଏମାନେ ବ୍ରାହ୍ମଣ୍ୟ ଧର୍ମର ବର୍ଣାଶ୍ରମ ସ୍ୱୀକାର କରଂତି । କୌଳଧର୍ମର ପ୍ରତିଷ୍ଠାତା ମତ୍‌ସ୍ୟେଂଦ୍ରନାଥ ମଧ୍ୟ ନାଥଧର୍ମର ପ୍ରତିଷ୍ଠାତା ବୋଲି ପରିଚିତ । ନାଥଧର୍ମର ଅନ୍ୟାନ୍ୟ ଗୁରୁଂକ ମଧ୍ୟରେ ମୀନନାଥ, ଗୋରକ୍ଷନାଥ, ଚୌରଂଗୀନାଥ, ଜାଳଂଧରୀପାଦ ପ୍ରଭୃତି ନାଥଯୋଗୀଗଣ ପ୍ରସିଦ୍ଧ ।

ଏହାଛଡ଼ା ଅବଧୂତ ମାର୍ଗ, ସହଜିଆ ମାର୍ଗ, ବାଉଲ ମାର୍ଗ, ପ୍ରଭୃତି ଉଲ୍ଲେଖଯୋଗ୍ୟ । ପ୍ରସିଦ୍ଧ ବଂଗୀୟ କବି ଚଂଡ଼ୀଦାସ ଥିଲେ ମଧ୍ୟଯୁଗୀୟ ବଂଗଳା ସହଜିୟା ଧର୍ମର ଆଦି ଓ ଶ୍ରେଷ୍ଠ କବି । ଯେ ରାଧା-କୃଷ୍ଣଂକ ଶୃଂଗାର, ଏବଂ ଦୁହିଂକର ଦୈହିକ ମିଳନଚିତ୍ରକୁ ପ୍ରାଣପୂର୍ଣ ଭାଷାରେ କାବ୍ୟରୂପ ଦାନ କରିଛଂତି । ତାଂକର ପ୍ରିୟା ରଜକିନୀ ରାମୀ ସଂଭବତ ତାଂକର 'କୁଳ' ବା ଭୈରବୀହିଁ ଥିଲା । ଡୋଂବୀ, ନଟୀ, ଚଂଡାଳୀ ରଜକିନୀ ଓ ବ୍ରାହ୍ମଣୀ ଏଇ ପଂଚକୁଳ ମଧ୍ୟରେ ରଜକିନୀ ଅନ୍ୟତମ ।

ବୌଦ୍ଧଧର୍ମର ଏଇ ଅଧୋଗତିକୁ ଚାର୍ଲସ ଇଲିୟଟ ତାଂକର 'Hiduism and Budhism' ଗ୍ରଂଥରେ ତୀବ୍ର କଟାକ୍ଷ କରିଛଂତି । ସେ ବଜ୍ରଯାନର ବାମାଚାର ପଂଥାକୁ 'ହିଂଦୁଧର୍ମର ନିକୃଷ୍ଟ ଅଂଶମାନଂକୁ ନେଇ ଗଢ଼ି ଉଠିଚି' ବୋଲି ଦର୍ଶାଇ ଛଂତି । କିଂତୁ ପ୍ରକୃତରେ ତାହା ନୁହେଁ । ଏହାର ମୂଳ ହିଂଦୁ ଧର୍ମଠୁ ପ୍ରାଚୀନତର ।

ମାତ୍ର କଥା ହେଉଚି, କି ହିଂଦୁ ଧର୍ମ, କି ବୌଦ୍ଧ ଧର୍ମ ଉଭୟେ ଗୁହ୍ୟସାଧନା ପଦ୍ଧତିରେ ସମାନଭାବରେ ରୂପାଂତରିତ ହୋଇଥିଲେ । ତାର କାରଣ

ବୋଧହୁଏ ଏଇଆ ଯେ ଧର୍ମକୁ ଜନସାଧାରଣଂକ ଦ୍ୱାରା ଆଦୃତ ଓ ଗୃହୀତ କରାଇ ନେବା ପାଇଁ ଉଭୟ ଧର୍ମ ସାଧ୍ୟମତେ ଚେଷ୍ଟିତ ଥିଲେ । ଅଷ୍ଟମ ଓ ନବମ ଶତକରେ ବୌଦ୍ଧଧର୍ମରେ ନୂତନତମ ତାଂତ୍ରିକ ଧ୍ୟାନ-କଳ୍ପନାର ସ୍ପର୍ଶ ଲାଗିଥିଲା । ତାହା ଫଳରେ ଏଥିରେ ମୈଥୁନଯୋଗ ଓ ଗୁହ୍ୟସାଧନାତତ୍ତ୍ୱର ପ୍ରବେଶ ଓ ପ୍ରସାର ଘଟିଥିଲା ।

ବୌଦ୍ଧ ଐତିହ୍ୟରେ ଆଚାର୍ଯ୍ୟ ଆସଂଗଂକ ସଂବଂଧରେ କୁହାଯାଇଛି ଯେ ପର୍ବତକାଂତାରବାସୀ ସୁବୃହତ୍ କୌମ-ସମାଜକୁ (tribal ଗୋଷ୍ଠୀ) ବୌଦ୍ଧଧର୍ମର ପରିସର ମଧ୍ୟକୁ ଆକର୍ଷଣ କରିବା ପାଇଁହିଁ ସେ ଭୂତ, ପ୍ରେତ, ଯକ୍ଷ, ଯୋଗିନୀ, ଡାକିନୀ, ପିଶାଚ ଓ ମାତୃକାତଂତ୍ରର ନାନା ଦେବଦେବୀଂକୁ ମହାଯାନ ଦେବାୟତନରେ ସ୍ଥାନ ଦେଇଥିଲେ । ସମାଜବିଜ୍ଞାନ ଦୃଷ୍ଟିକୋଣରୁ ଦେଖିଲେ ପ୍ରଚଳିତ ଆଦିମ ସଂସ୍କୃତି ଓ ଧର୍ମଧାରଣା ସଂଗେ ବୌଦ୍ଧଧର୍ମର ଏକ ଆଦାନ-ପ୍ରଦାନ ନିଶ୍ଚୟ ଘଟିଥିଲା । ହିଂଦୁ ଓ ବୌଦ୍ଧ ଉଭୟ ଧର୍ମ ଚେଷ୍ଟିତ ଥିଲେ ନିଜ ନିଜର ପ୍ରଭାବର ସୀମା ବଢାଇ ସଂଖ୍ୟାଗରିଷ୍ଠ ଆଦିବାସୀ ଜନସମାଜକୁ ଏହା ଭିତରକୁ ଟାଣି ଆଣିବାକୁ । ତେଣୁ ଉଭୟ ଧର୍ମ ହୁଏତ ନିଜ ନିଜର କେତେକ ଧ୍ୟାନଧାରଣା, ଦେବଦେବୀ, ଧର୍ମବିଶ୍ୱାସ, ଉପକଥା ଇତ୍ୟାଦିର ରୂପ ଓ ମର୍ମ କିଛି କିଛି ପରିବର୍ତ୍ତନ କରି ଆଦିମ ସମାଜ ପ୍ରତି ଆକର୍ଷଣୀୟ କରିବାକୁ ଚେଷ୍ଟା କରିଥିବେ । କାରଣ ଏ ଦୁଇ ଧର୍ମର ନିମ୍ନତର ସ୍ତରରେ ଯେଉଁମାନେ ଆସି ଜମା ହୋଇଥିଲେ ସେମାନେ ନିଶ୍ଚୟ ଆଦିବାସୀ ସମାଜର ବିସ୍ତୃତ ଅଂଶରୁହିଁ ଆସିଥିଲେ । ସେମାନେ ସଂଗରେ ଆଣିଥିଲେ ନିଜ ନିଜର ଦେବଦେବୀ, ଆଚାର ବ୍ୟବହାର ଏବଂ କଳ୍ପନା-ଧାରଣା । ସେମାନଂକ ସହିତ ଏ ଦୁଇ ଧର୍ମର ଗୋଟାଏ ପ୍ରତ୍ୟକ୍ଷ ସମନ୍ୱୟ ଘଟିଥିବା ନିଶ୍ଚିତ କଥା । * ବୌଦ୍ଧ ଓ ସ୍ମାର୍ତ୍ତ ଉଭୟ ଧର୍ମ ଯେ ଆଦିମ କୌମ-ସମାଜର (tribal) ସଂସ୍ପର୍ଶରେ ଆସି ନିଜ ନିଜର ପରିବର୍ତ୍ତନ ଓ ରୂପାଂତର ସାଧନ କରିଛଂତି ଏବଂ ଲୋକାୟତର କିଛି କିଛି ପ୍ରୟୋଜନୀୟ ଅଂଶ ଆଣି ଲୋକୋତ୍ତରରେ ମିଶାଇ ଦେଇଛଂତି ଏହା ନିଃସଂଦେହ ।

## ତଂତ୍ର ଓ ମୈଥୁନ : ଆଦିରୂପ

ବର୍ତ୍ତମାନ ପ୍ରଶ୍ନ ଉଠେ, କାହିଁକି ତଂତ୍ରରେ ଦେବ ବଦଳରେ ଦେବୀର ଏତେ ପ୍ରାଧାନ୍ୟ ? ପୁରୁଷର ନ ହୋଇ ନାରୀର ଏତେ ଗୁରୁତ୍ୱ ? ବେଦରେ ଆମେ

* 'ବାଂଗାଲୀର ଇତିହାସ'—ଡଃ ନିହାରରଂଜନ ରାୟ

କଂରୁ ପୁରୁଷ ଦେବତାର ପ୍ରାଧାନ୍ୟ ଦେଖୁଁ । ସ୍ତ୍ରୀ ଦେବତାଂକ ସ୍ଥାନ ବେଦରେ ନାହିଁ କହିଲେ ଚଳେ । ଯଦିବା ଥାଏ ତାହା ନିତାଂତ ଗୌଣ । କିନ୍ତୁ ଏହା ହେଲ, ତଂତ୍ରରେ ମୈଥୁନକୁ କାହିଁକି ସାଧନାର ପ୍ରଧାନ ଅଂଗ ବୋଲି ସ୍ୱୀକାର କରା-ଯାଇଚ ? ଡକ୍ଟର ଦେବୀପ୍ରସାଦ ଚଟ୍ଟୋପାଧ୍ୟାୟ ତାଂକର 'ଲୋକାୟତବାଦ' ପୁସ୍ତକରେ ତଂତ୍ରର ଉତ୍ସସଂଧାନ କରିବାକୁ ଚେଷ୍ଟା କରିଛଂତି । ପ୍ରାଚୀନ ସମାଜକୁ ଜାଣିବାକୁ ହେଲେ ପ୍ରାଚୀନମାନଂକ ଚକ୍ଷୁରେହିଁ ତାକୁ ଦେଖିବା ଉଚିତ । ପ୍ରାଚୀନ କ୍ରିୟାକର୍ମ ଓ ଧ୍ୟାନ ଧାରଣାଗୁଡ଼ିକୁ ବୁଝିବାକୁ ହେଲେ ପ୍ରାଚୀନମାନଂକର ମନୋଭାବ ନେଇହିଁ ବୁଝିବାକୁ ଚେଷ୍ଟା କରିବା ଉଚିତ । ଏ ବିଷୟରେ ମର୍କସ ମର୍ଗାନ, ଏଂଗେଲସ, ବ୍ରିଫଲ୍ଟ ଓ ଜର୍ଜ ଟମସନ ଦିବ୍ୟଦୃଷ୍ଟି ଦାନ କରି ଯାଇଛଂତି ।

ପ୍ରାଚୀନ ସମାଜ ମାନେ ଆଦିମ ଗଣସମାଜ । ଶ୍ରେଣ୍ଟ ବଣ୍ଡ ଅନୁସାରେ ଯାହାର ବିଭିନ୍ନ ନାମ ଥିଲା, ଯଥା : ଗୋଷ, ବ୍ରାତ, ଗଣ, ଗଣସଂଘ । ଏଇ ଗଣହିଁ ପୁଣି ମର୍ଗାନ ବର୍ଣିତ pnatry । ପ୍ରାଚୀନ ସମାଜ (ମାନେ ପ୍ରାକ୍-ଶ୍ରେଣୀ-ବିଭକ୍ତ ସମାଜ) ମାନେଇ ଥିଲା ମାତୃ-ପ୍ରଧାନ (ମର୍ଗାନ) । ତଂତ୍ରରେ ଏଇ ନାରୀ-ପ୍ରଧାନ ସମାଜର ପ୍ରଭାବ ସ୍ପଷ୍ଟ । ଦେବୀପ୍ରସାଦଂକ ମତରେ ତଂତ୍ର ବେଦର ପୂର୍ବବର୍ତୀ । କାରଣ ବେଦ ଥିଲା ପଶୁପାଳକ ଆର୍ଯମାନଂକ ଲିଖିତ । ଆର୍ଯମାନଂକର ସମାଜ ଥିଲା ପିତୃପ୍ରଧାନ । ଭାରତର ଅନ୍ୟାନ୍ୟ ଅଂଶରେ ଥିଲା ମାତୃତାଂତ୍ରିକ ସମାଜ ବା ନାରୀ ପ୍ରାଧାନ୍ୟ । ଏଇ ସମାଜରେ ନାରୀର କାମ ଥିଲା ଯେପରି ପ୍ରଜା ବା ସଂତାନ ଉତ୍ପାଦନ, ସେଇପରି ଶସ୍ୟ ଉତ୍ପାଦନ । ପ୍ରାଥମିକ କୃଷି ନାରୀ ଦ୍ୱାରାହିଁ ଆବିଷ୍କୃତ ହୋଇଥିଲା । ସେଥିପାଇଁ ଆଦିମ ମଣିଷର ଚେତନାରେ ସଂତାନ ପ୍ରଜନନ ଓ ଶସ୍ୟୋତ୍ପାଦନ ଦୁଇଟିଯାକ ମିଳିମିଶି ଏକାକାର ହୋଇଯାଇଥିଲା । ଆଦିମ ମଣିଷର କୃଷି ସଂବଂଧୀୟ କେତେକ ପ୍ରାକ୍-ବୈଜ୍ଞାନିକ ଧାରଣା ବା ବିଶ୍ୱାସ ଥିଲା ଯାହାକୁ ଆଧୁନିକ ଭାଷାରେ ଯାଦୁବିଶ୍ୱାସ କୁହାଯାଇପାରେ । ସେଇ ଯାଦୁବିଶ୍ୱାସର ମୂଳକଥା ଥିଲା, କୌଣସି କାମନାକୁ ସଫଳ କରିବାକୁ ହେଲେ ତାର ଏକ ନକଲି ଅନୁଷ୍ଠାନ କରିବା ଆବଶ୍ୟକ । ଆମର ଅଧିକାଂଶ ବ୍ରତ, ଓଷା ଏଇପରି ଏକ ଏକ ନକଲି-ଅନୁଷ୍ଠାନ । ଯେପରି ଶତ୍ରୁର ନିଧନ ପାଇଁ ଆଦିମ ସମାଜରେ ଆଗେ ତାର କୁଶପତ୍ତଳିକାକୁ ହତ୍ୟା କରାଯାଉଥିଲା ।

ଯେଉଁ ଜମି ଚାଷ ହେଉଥିଲା ତାକୁ ପ୍ରାଚୀନମାନେ ମନେ କରୁଥିଲେ ଯେ ତାହା ସ୍ତ୍ରୀ-ଯୋନି । ସେମାନଂକର ଆଖିରେ ମାଟି ବା ପୃଥିବୀ ଥିଲା ମା । ମା ଯେପରି ସଂତାନ ଜନ୍ମ କରେ, ପୃଥିବୀ ବା ମୃତ୍ତିକା ସେଇପରି ଶସ୍ୟ ଜାତ କରେ । ପୃଥିବୀ

ମଧ୍ୟ ମାନବୀଙ୍କ ପରି ରଜସ୍ୱଳା ହୁଏ, * ତାର ମଧ୍ୟ ଗର୍ଭସଞ୍ଚାର ହୁଏ । ସୁତରାଂ ଫସଲ କାମନା କରି ମାଟିରେ ଖାଲି ବୀଜ ବପନ କଲେ ହେବ ନାହିଁ ତା ସଙ୍ଗେ ସଙ୍ଗେ ନାରୀକୁ ବି ମୈଥୁନ କରିବା ଦରକାର । ସେଥିପାଇଁ ପୃଥିବୀର ଯେଉଁ କୋଣରେ ଯେଉଁଠି ଆଦିମ ମନୁଷ୍ୟ ଗୋଷ୍ଠୀ ଅଛି, ସେଠାରେ କୃଷି ସଙ୍ଗେ ମୈଥୁନର ଅଙ୍ଗାଙ୍ଗୀ ଯୋଗ ଦେଖାଯାଏ । ତେଣୁ ମୈଥୁନଯୋଗ ମୂଳତଃ କୃଷି ଉତ୍ପାଦନ ସହ ଜଡ଼ିତ ।

## ତନ୍ତ୍ର ଓ ସାଂଖ୍ୟ

ତନ୍ତ୍ର ବେଦର ବହୁ ପୂର୍ବବର୍ତ୍ତୀ । ବେଦ ପଶୁପାଳକ ଓ ଶ୍ରେଣୀ-ବିଭକ୍ତ ସମାଜର ସୃଷ୍ଟି ହେଲେ ମଧ୍ୟ ସେଥିରେ ମଧ୍ୟ ବାମାଚାର ଓ କାମାଚାରର ବହୁ ବର୍ଣ୍ଣନା ମିଳେ ଯାହା ବୈଦିକ ଆର୍ଯ୍ୟମାନଙ୍କର ଲୁପ୍ତ ଅତୀତର ସ୍ମାରକ ମାତ୍ର । କାରଣ ବୈଦିକମାନେ ପିତୃପ୍ରଧାନ ସମାଜର ଲୋକ ହେଲେ ମଧ୍ୟ ସେମାନଙ୍କର ସୁଦୂର ଅତୀତ—ଯାହାକୁ ସେମାନେ ପଛରେ ଛାଡ଼ି ଆସିଛନ୍ତି ନିଶ୍ଚୟ ମାତୃପ୍ରଧାନ ହୋଇ-ଥିବ, ଏଥିରେ କୌଣସି ସନ୍ଦେହ ନାହିଁ । ତନ୍ତ୍ର ପ୍ରସଙ୍ଗରେ ସାଂଖ୍ୟ କଥା ବି ଉଠେ । ସାଂଖ୍ୟରେ ପୁରୁଷ-ପ୍ରକୃତି ମିଳନ ତତ୍ତ୍ୱ ସବୁ ଧର୍ମରେ ଦେବଙ୍କ ଯାଗକୁ ଦେଖାଏ ସୃଷ୍ଟିର ମୂଳ କାରଣ । ଦେବୀପ୍ରସାଦ କହନ୍ତି, ସାଂଖ୍ୟ ଦର୍ଶନ ତନ୍ତ୍ରର ହିଁ ଏକ ମାର୍ଜିତ ସଂସ୍କରଣ । ସେ ପୁଣି କହନ୍ତି, ସାଂଖ୍ୟ ପ୍ରବଚନ ସୂତ୍ର ବା ସାଂଖ୍ୟକାରିକା କୌଣସିଟି ହିଁ ସାଂଖ୍ୟର ଆଦି ଅକୃତ୍ରିମ ରୂପ ନୁହେଁ । ଆଦିରେ ଏ ଦର୍ଶନ ଆଦୌ ଆସ୍ତିକ ବା ବେଦାନୁମୋଦିତ ଦର୍ଶନ ନ ଥିଲା । ଯଦି ତା ହୋଇଥାନ୍ତା, ତେବେ ବ୍ରହ୍ମ ସୂତ୍ରରେ ସାଂଖ୍ୟକୁ ପ୍ରଧାନ ପ୍ରତିପକ୍ଷ ରୂପେ ଦେଖିବାକୁ ପାଆନ୍ତୁ ନାହିଁ । ତେଣୁ ଆଦିରେ ଏ ଦର୍ଶନ ଥିଲା ବେଦବହିର୍ଭୂତ ଗଣସମାଜର ଦର୍ଶନ, ଯେଉଁ ସମାଜର ଚେତନାର ପ୍ରତିଫଳନ ଦେଖିବାକୁ ପାଉଁ ତନ୍ତ୍ରରେ । ସାଂଖ୍ୟ ଦର୍ଶନଟି ଖାଣ୍ଟି ବସ୍ତୁବାଦୀ ଦର୍ଶନ । ତେଣୁ ସାଂଖ୍ୟ ତତ୍ତ୍ୱକୁ ଭାରତୀୟ ଦାର୍ଶନିକ ପରିଭାଷାରେ ଅଚେତନ କାରଣବାଦ କୁହାଯାଏ । ଅପର ପକ୍ଷରେ ଭାବବାଦୀ ଦର୍ଶନର ନାମ ଚେତନା କାରଣବାଦ । ପ୍ରଧାନ ବା ପ୍ରକୃତିବାଦ ସାଂଖ୍ୟଦର୍ଶନର ମୂଳତତ୍ତ୍ୱ । ପ୍ରକୃତିରୁ ହିଁ ଜଗତ୍ ସୃଷ୍ଟି ହୋଇଛି । ପ୍ରକୃତି ମାନେ ଖାଲି ଅବ୍ୟକ୍ତ ବା primodial matter ନୁହେଁ । ପ୍ରକୃତିମାନେ ନାରୀ ବି । ସାଂଖ୍ୟରେ ଏହା 'ପ୍ରଧାନ' । ନାରୀ ହିଁ ହେଉଛି ସୃଷ୍ଟିର କାରଣ । ସାଂଖ୍ୟକାରିକା ଭାଷ୍ୟରେ ଗୌଡ଼ପାଦ କହିଛନ୍ତି :—

"ଯେପରି ସ୍ତ୍ରୀ ଓ ପୁରୁଷଙ୍କ ସଂଯୋଗରେ ସନ୍ତାନୋତ୍ପତ୍ତି ହୁଏ, ସେହିପରି ପ୍ରଧାନ ଓ ପୁରୁଷର ସଂଯୋଗରେ ସୃଷ୍ଟିର ଉତ୍ପତ୍ତି ହୁଏ ।"

---

* ପୃଥିବୀ ରଜସ୍ୱଳା ହେବାର ଓଷା ରୂପେ ରଜ-ସଂକ୍ରାନ୍ତି ପାଳିତ ହୁଏ ।

ତନ୍ତ୍ର ଶିବ ଓ ଶକ୍ତିର ମିଳନରେ ମୂର୍ତ୍ତ ଭାବରେ ଯେଉଁ ବିଶ୍ୱସୃଷ୍ଟିର କଥା କହୁଛି, ସାଂଖ୍ୟ ଅମୂର୍ତ୍ତ ଭାବରେ ତାହାହିଁ କହୁଛି । ସୁତରାଂ ନାରୀହିଁ ହେଲା ସନ୍ତାନ, ଶସ୍ୟ ଓ ଜଗତ୍ ଉତ୍ପାଦନର ମୂଳ । *

ପୁଣି ପ୍ରଶ୍ନ ଉଠେ, ନାରୀ ଯଦି ସବୁ ଉତ୍ପତ୍ତିର ମୂଳ, ତେବେ ସାଂଖ୍ୟ ଓ ତନ୍ତ୍ରରେ ପୁରୁଷକୁ କାହିଁକି ସ୍ଥାନ ଦିଆଯାଇଛି । ପୁରୁଷ ସୃଷ୍ଟି କରେନାଇ, ସେ ନିଷ୍କ୍ରିୟ । ଅଥଚ ପୁରୁଷ ନ ହେଲେ ସୃଷ୍ଟି କି ସମ୍ଭବ ନୁହେଁ । ତେଣୁ ଏଠି ଏକ ସ୍ୱବିରୋଧ ଦେଖାଯାଏ । ଡଃ ଚଟ୍ଟୋପାଧ୍ୟାୟଙ୍କ ମତରେ ଏଇ ସ୍ୱବିରୋଧ ମାତୃପ୍ରଧାନ ସମାଜ ଭିତରେହିଁ ନିହିତ ଅଛି । ଆଦିମ ଗଣ-ସମାଜରେ ଲୋକଙ୍କ ଚକ୍ଷୁରେ ମାଆହିଁ ଗୋଷ୍ଠୀର ଜନ୍ମଦାତ୍ରୀ । ପିତା ଏ ସମାଜରେ ଅଜ୍ଞାତ ଏବଂ ଲୋକଙ୍କ ଚକ୍ଷୁରେ କେବଳ 'ସନ୍ତାନର ଉତ୍ପାଦକ' ମାତ୍ର । ତାର ଆଉ କିଛି କାମ ନାହିଁ । ଏଇ ବାସ୍ତବ ଅବସ୍ଥାରହିଁ ପ୍ରତିଚ୍ଛବି ହେଉଛି ସାଂଖ୍ୟର ପୁରୁଷ— ଯେ କି ନିଷ୍କ୍ରିୟ । *

## ମୈଥୁନଯୋଗର ପ୍ରାଚୀନତା

ତନ୍ତ୍ରର ଗୁହ୍ୟସାଧନ ପଦ୍ଧତିକୁ ପ୍ରଫେସର ଶଶିଭୂଷଣ ଦାଶଗୁପ୍ତ **Sexo-yogic practice** ବୋଲି ବର୍ଣ୍ଣନା କରିଛନ୍ତି । ଲେଖକ କହନ୍ତି, ଏଇ ଯୋଗହିଁ ହେଉଛି ଆଦି ଯୋଗ ପ୍ରଣାଳୀ । ପାତଞ୍ଜଳ ଯୋଗଶାସ୍ତ୍ରରେ ପ୍ରାଣାୟାମ, ସମାଧି ଇତ୍ୟାଦି ପ୍ରକ୍ରିୟାର ଯେଉଁ ସନ୍ଧାନ ମିଳେ, ସେ ସବୁ ଅର୍ବାଚୀନ । ପ୍ରାଚୀନ ଯୋଗ ହେଉଛି ମୈଥୁନଯୋଗ । ମାତ୍ର ପରବର୍ତ୍ତୀ ଯୋଗସାଧନା ପଦ୍ଧତିରେ (ପତଞ୍ଜଳି) ବ୍ରହ୍ମଚର୍ଯ୍ୟପାଳନ ଉପରେ ଜୋର ଦିଆଯାଇଛି । ଏହା ମଧ୍ୟ ଏକ ସ୍ୱବିରୋଧୀ କଥା ବୋଲି ଜଣାପଡ଼େ । ଲେଖକଙ୍କ ମତରେ କୃଷିକେନ୍ଦ୍ରୀୟ ଯାଦୁ ଅନୁଷ୍ଠାନରେ ଶସ୍ୟ ଉତ୍ପାଦନ ପାଇଁ ଯେପରି ମୈଥୁନର ବ୍ୟବସ୍ଥା ଅଛି, କୌଣସି କୌଣସି ସ୍ଥଳରେ ସେଇପରି କଠୋର ବ୍ରହ୍ମଚର୍ଯ୍ୟପାଳନର ମଧ୍ୟ ବିଧି ଅଛି । କେତେକ ଦେଶରେ ଆଦିମ ମନୁଷ୍ୟର ଧାରଣା ଥିଲା, କୃଷି ସମୟରେ ମୈଥୁନରୁ ବିରତ ହେଲେ ଏବଂ ବୀର୍ଯ୍ୟଧାରଣ କଲେ ଶସ୍ୟବୃଦ୍ଧି ହୁଏ । ଆଦି ଅବସ୍ଥାରେ ମୈଥୁନଯୋଗର ଉଦ୍ଦେଶ୍ୟ ମଧ୍ୟ ଥିଲା ସେଇଆ ଅର୍ଥାତ୍ ଶସ୍ୟୋତ୍ପାଦନ ।

---

* *'Lokaytavad'* by Dr. Debi Prasad Chattopadhyay, ଦ୍ରଷ୍ଟବ୍ୟ । ଏ ପୁସ୍ତକର ଏକ ସମୀକ୍ଷା ଯାହା ଶ୍ରୀ ରାଧାରମଣ ମିଶ୍ର ଏଇ ଛଦ୍ମନାମରେ 'ସଂଗତ'—ଜାନୁଆରୀ—ଫେବୃଆରୀ ୧୯୬୭ରେ ପ୍ରକାଶିତ ହୋଇଥିଲା, ଦ୍ରଷ୍ଟବ୍ୟ ।

* (ପରିଚୟ—୧୯୬୭, ପୃଷ୍ଠା୭୧ରୁ ଉଦ୍ଧୃତ । )

କିନ୍ତୁ ଲେଖକଙ୍କର ଏ ମତ ଗ୍ରହଣଯୋଗ୍ୟ ନୁହେଁ । କାରଣ ତନ୍ତ୍ରର ମୈଥୁନଯୋଗ (ବା ମୈଥୁନ ମଧ୍ୟ ଦେଇ ଇନ୍ଦ୍ରିୟ ଦମନ ବା ନିବୃତ୍ତି) ଓ ଆଦିମ ମାନବର ସାମୂହିକ ବ୍ରହ୍ମଚର୍ଯ୍ୟ ମୋଟେ ଏକକଥା ନୁହେଁ । କାହିଁକି ନା ଆଦିମ ମାନବ ସାମୂହିକଭାବେ ମୈଥୁନରୁ ବିରତ ହେଉଥିଲା, କିନ୍ତୁ ତନ୍ତ୍ରର ମୈଥୁନ-ଯୋଗ ମୈଥୁନବିରତିର କଥା ଜମା ନୁହେଁ । ଅବଶ୍ୟ ସାମୂହିକ ପରିବେଶ ରୂପରେ ଅନେକ ସମୟରେ ଆଦିମ ଅନୁଷ୍ଠାନ ସବୁ ସେମାନଙ୍କର ସ୍ୱାଭାବିକ ପରିବେଶରୁ ବିଚ୍ଛିନ୍ନ ହୋଇ ଆଦି ସ୍ୱରୂପ ଓ ଉଦ୍ଦେଶ୍ୟର ବିପରୀତରେ ପର୍ଯ୍ୟବେସିତ ହୁଅନ୍ତି, ଏକଥା ଲେଖକ ବାରମ୍ବାର ଦେଖାଇ ଦେଇଛନ୍ତି । ମୈଥୁନଯୋଗହିଁ ତାହାର ଦୃଷ୍ଟାନ୍ତ । କାରଣ ଆଦିମ ସମାଜରେ ମୈଥୁନର ଉଦ୍ଦେଶ୍ୟ ଥିଲା ସନ୍ତାନୋତ୍ପାଦନ । କିନ୍ତୁ କାଳକ୍ରମେ ଶ୍ରେଣୀ-ବିଭକ୍ତ ସମାଜରେ ସେଇ ଉଦ୍ଦେଶ୍ୟହିଁ ହୋଇଗଲା ଜନ୍ମନିରୋଧ;—ଏବଂ ସେତେବେଳେ ତାହା ଆଉ ଗୃହସ୍ଥ କୃଷକର ସାଧନା ନୁହେଁ, ସଂସାରତ୍ୟାଗୀ ପରଜୀବୀ ସନ୍ନ୍ୟାସୀମାନଙ୍କର ସାଧନାରେ ପରିଣତ ହୋଇଛି ।

## ତନ୍ତ୍ର-ଶାସ୍ତ୍ର

ବୌଦ୍ଧମାନଙ୍କ ମଧ୍ୟରେ ପ୍ରାୟ ଶତାଧିକ ତନ୍ତ୍ରର ପ୍ରଚଳନ ଦେଖାଯାଏ । ତା ମଧ୍ୟରେ ବୁଦ୍ଧକପାଳ, ନାଗାର୍ଜୁନ, ମାୟାଜାଲ, ତତ୍ତ୍ୱଜ୍ଞାନସିଦ୍ଧି, ସାଧକ-ସଂଗ୍ରହ ପ୍ରଭୃତି ଉଲ୍ଲେଖନୀୟ । ନିର୍ବାଣ-ତନ୍ତ୍ର ମଧ୍ୟରେ ନିର୍ବାଣ ତନ୍ତ୍ର, ମହାନିର୍ବାଣ ତନ୍ତ୍ର, ବୃହନ୍ନିର୍ବାଣ ତନ୍ତ୍ର ପ୍ରଧାନ । ବ୍ରାହ୍ମଣ୍ୟ ତନ୍ତ୍ର ମଧ୍ୟ ଅସଂଖ୍ୟ । ଆଗମ ତତ୍ତ୍ୱ-ବିଳାସରେ ନୀଳ, ଯୋଗିନୀ, ଭୈରବୀ, କୁମାରୀ, ତାରିଣୀ, ପ୍ରଭୃତି ଚଉଷଠିରୁ ଅଧିକ ତନ୍ତ୍ରର ନାମ ଦେଖିବାକୁ ମିଳେ । ବାରାହୀ ତନ୍ତ୍ର ଗ୍ରନ୍ଥ ମଧ୍ୟରେ ଯୋଗଡାମର, ଶିବଡାମର, ଦୁର୍ଗାଡାମର, ବ୍ରହ୍ମଡାମର ଏବଂ ଆଦି-ଯାମଳ, ବ୍ରହ୍ମ-ଯାମଳ, ବିଷ୍ଣୁ-ଯାମଳ, ରୁଦ୍ର-ଯାମଳ, ଗୌତମୀ, ଆଦ୍ୟା, ସରସ୍ୱତୀ ପ୍ରଭୃତି ଚଉବନରୁ ଅଧିକ ତନ୍ତ୍ରର ଉଲ୍ଲେଖ ଦେଖୁଁ । ତନ୍ତ୍ର-ଗ୍ରନ୍ଥ ମଧ୍ୟରେ ଆଗମସାର, ଆଗମଚନ୍ଦ୍ରିକା, ଜ୍ଞାନସଂକଳନୀ, ଶାକ୍ତାନନ୍ଦତରଙ୍ଗିଣୀ, ସ୍ୱରୋଦୟ ଯାମଳ, ପ୍ରଭୃତି ପ୍ରସିଦ୍ଧ । ତନ୍ତ୍ରସାର, ତନ୍ତ୍ରାର୍ଣ୍ଣବ, ଉଡ୍ଡୀଶ, ତାରାରହସ୍ୟ, ଶ୍ୟାମାରହସ୍ୟ, କାମାଖ୍ୟା-ତନ୍ତ୍ର ପ୍ରଭୃତି ନାମରେ ମଧ୍ୟ ବହୁ ତନ୍ତ୍ରର ପରିଚୟ ମିଳେ । ତନ୍ତ୍ର ମତରେ ପ୍ରଥମେ ଗୁରୁ ଗ୍ରହଣ କରିବାକୁ ହେବ । ଗୁରୁ ଯେଉଁ ବୀଜ-ମନ୍ତ୍ର ଦେବେ ତଦନୁସାରେ ଦେବା-ଦେବୀ ସାଧନା କରିବାକୁ ହେବ । ତନ୍ତ୍ରରେ ପ୍ରାତଃକୃତ୍ୟ, ଭୂତଶୁଦ୍ଧି, ସ୍ନାନବିଧି, ପ୍ରାଣାୟାମ, ସନ୍ଧ୍ୟା, ଜପ, ନିତ୍ୟପୂଜା, କରାଙ୍ଗ ଓ ଷଡଙ୍ଗ ନ୍ୟାସ, ବିଭିନ୍ନ ମୁଦ୍ରା

ଇତ୍ୟାଦିର ବିଷୟ ବିଧୃତ ରହିଛି । ତନ୍ତ୍ର-ଶାସ୍ତ୍ର ଚିରକାଳ ଗୁହ୍ୟ-ଶାସ୍ତ୍ର ବୋଲି କଥିତ ହୋଇ ଆସିଛି ।

ବ୍ରାହ୍ମଣ୍ୟ ତନ୍ତ୍ର ଗୁଡ଼ିକ କର୍ମାନୁଷ୍ଠାନ ଅନୁସାରେ ଭିନ୍ନ ଭିନ୍ନ ଆଚାରରେ ବିଭକ୍ତ । କୁଳାର୍ଣ୍ଣବ ତନ୍ତ୍ର ମତରେ ସେଇ ଆଚାର ନଅଟି, ଯଥା—ବେଦାଚାର, ବୈଷ୍ଣବାଚାର, ଶୈବାଚାର, ଦକ୍ଷିଣାଚାର, ସିଦ୍ଧାନ୍ତାଚାର, ବାମାଚାର, ଅଘୋରାଚାର, ଯୋଗାଚାର ଏବଂ କୌଳାଚାର । ଏମାନଙ୍କ ମଧ୍ୟରେ କୌଳାଚାର ସର୍ବଶ୍ରେଷ୍ଠ ବୋଲି କୁହାଯାଏ । ବେଦାଚାର ପ୍ରଥମ ସୋପାନ—ଯାହାର ଅର୍ଥ ନିତ୍ୟନୈମିତ୍ତିକ କ୍ରିୟା, ନିୟମ-ସଂଯମ ପାଳନ ଏବଂ ଗୁରୁଙ୍କ ଆଦେଶ ଅନୁସାରେ ସାଧନା । ବାମାଚାରର ପ୍ରକୃତ ଅର୍ଥ ବାମା ହୋଇ ପରାଶକ୍ତିର ପୂଜା କରିବା—"ବାମାଚାରେ ଭବେଦ୍ଭକ୍ତ ବାମା ଭୂତ୍ୱା ଯଜେତ୍ ପରାଂ ।" ସିଦ୍ଧାନ୍ତାଚାର ବା ପଞ୍ଚମ ସୋପାନଠାରୁ ସାଧକ ଜ୍ଞାନ-ମାର୍ଗରେ ଅଗ୍ରସର ହୁଏ । ଅଘୋରାଚାରରେ ସେଇ ଅବସ୍ଥା ଯେଉଁଥିରେ ଘୃଣା, ଲଜ୍ଜା, କୁଳ, ଶୀଳ ସମସ୍ତ ଅସ୍ତିତ୍ୱ ଲୋପ ପାଇଯାଏ । କୌଳାଚାର ସୋହହଂ ଭାବ । ଏ ଅବସ୍ଥାରେ ଦିକ୍-କାଳ ନାହିଁ, ନିୟମ, ଶିଷ୍ଟାଶିଷ୍ଟ ନାହିଁ, ଲଜ୍ଜା-ଭୟ ନାହିଁ, ମାନ-ଅପମାନ ନାହିଁ । ସମସ୍ତ ଅଭିନ୍ନ, ସମସ୍ତ ଏକ ।

## ପଞ୍ଚ-ମକାର

ତନ୍ତ୍ରର ମୂଳତତ୍ତ୍ୱ ପଞ୍ଚ-ମକାର । ଏହି ପଞ୍ଚ-ମକାର ହେଉଛି.—
"ମଦ୍ୟଂ ମାଂସଞ୍ଚ ମତ୍ସ୍ୟଞ୍ଚ ମୁଦ୍ରାଂ ମୈଥୁନମେବ ଚ ।"

ଅର୍ଥାତ୍, ମଦ, ମାଂସ, ମାଛ, ମୁଦ୍ରା ଏବଂ ମୈଥୁନ ଏହି ପଞ୍ଚ-ମକାର ତନ୍ତ୍ରର ପ୍ରଧାନ ଉପାୟ । କୁଳାର୍ଣ୍ଣବ ତନ୍ତ୍ରରେ ଏହାଠାରୁ ଭିନ୍ନ ମତ ପ୍ରକାଶ କରାଯାଇଛି ଏବଂ ଉପରୋକ୍ତ ପଞ୍ଚ-ମକାର ବିରୋଧରେ ସ୍ୱର ଉତ୍ତୋଳନ କରାଯାଇଛି । ଯଥା:— "ମଦ୍ୟପାନ କଲେ ମନୁଷ୍ୟ ଯଦି ସିଦ୍ଧି ଲାଭ କରନ୍ତା ତେବେ ସବୁ ମଦ୍ୟପ ସିଦ୍ଧି ଲାଭ କରନ୍ତେ । ମାଂସ ଭକ୍ଷଣ କଲା ମାତ୍ରକେ ଯଦି ସିଦ୍ଧି ଲାଭ ହୁଅନ୍ତା ତେବେ ସବୁ ମାଂସାଶୀ ବ୍ୟକ୍ତି ସିଦ୍ଧ ପୁରୁଷ ହୋଇ ଯାଆନ୍ତେ । ସ୍ତ୍ରୀ-ସମ୍ଭୋଗ କଲେ ଯଦି ସିଦ୍ଧି ମିଳନ୍ତା ତେବେ ଜଗତର ସବୁ ଜୀବ-ଜନ୍ତୁ ସ୍ତ୍ରୀ-ସମ୍ଭୋଗ କରି ମୁକ୍ତି ଲାଭ କରନ୍ତେ ।"

"ମଦ୍ୟପାନେନ ମନୁଜୋ ଯଦି ସିଦ୍ଧିଂ ଲଭତେ ବୈ ।

> ମଦ୍ୟ ପାନରତାଃ ସର୍ବେ ସିଦ୍ଧିଂ ଗଚ୍ଛନ୍ତୁ ପାମରାଃ । ××××
> ସ୍ତ୍ରୀ ସଂସେବେନ ଦେବେଶି ଯଦି ମୋକ୍ଷଂ ଭବେତ୍ ବୈ ।
> ସର୍ବେଽପି ଜଂତବୋ ଲୋକେ ମୁକ୍ତାଃସ୍ୟୁଃ ସ୍ତ୍ରୀ ନିଷେବନାତ୍ ।" ......

'ଆଗମସାର'ରେ ଲିଖିତ ଅଛି :—ମଦ୍ୟପାନ ଅର୍ଥ ବ୍ରହ୍ମରଂଧ୍ର ସ୍ଥିତ ସହସ୍ର-କମଳ-ଦଳରୁ ନିର୍ଗତ ସୁଧା-ଧାରା ପାନ । "ସୋମଧାରା କ୍ଷରେଦ୍‌ଯାତୁ ବ୍ରହ୍ମରଂଧ୍ରାଦ୍ ବରାନନେ/ପୀତ୍ୱାନଂଦମୟସ୍ତାଂ ଯଃ ସ ଏବ ମଦ୍ୟସାଧକ ।" ଇତ୍ୟାଦି । ସେ ଯାହା ହେଉ, ଏ ସମସ୍ତ ସିଦ୍ଧି ତଂତ୍ର ସାଧନାର ପରବର୍ତ୍ତୀ ସୋପାନରେ ପ୍ରାପ୍ୟ—ଯେଉଁ-ଥିରେ ସାଧକର ଉନ୍ନତ ଅଧ୍ୟାତ୍ମ-ଚେତନା ପ୍ରତିଫଳିତ । ମାତ୍ର ପ୍ରାଥମିକ ସ୍ତରରେ ମୁଦ୍ରା, ମୈଥୁନ, ମଦ୍ୟ, ମାଂସ, ମତ୍ସ୍ୟ, ଆଦି ଉପଚାରମାନ ତଂତ୍ର-ସାଧକ ନିକଟରେ ଅପରିହାର୍ଯ୍ୟ ଥିଲା । ତାର କାରଣ ତଂତ୍ରର ମୂଳ ଲକ୍ଷ୍ୟ ଥିଲା ପ୍ରବୃତ୍ତିର ଜାଗରଣ କରାଇ ସେମାନଂକୁ ନିବୃତ୍ତି ପଥରେ ଚାଳିତ କରିବା ଏବଂ ତାହା ଦ୍ୱାରା ସେମାନଂକ ଦାସତ୍ୱରୁ ଚିରଦିନ ଲାଗି ମୁକ୍ତି ଲାଭ କରିବା ।

## ଆଧୁନିକ ଦୃଷ୍ଟି କୋଣରୁ ତଂତ୍ର : ବୌଦ୍ଧ ତଂତ୍ରର ମାର୍ଗ ଓ ଲକ୍ଷ୍ୟ

ମନୁଷ୍ୟର ବ୍ୟକ୍ତିତା ମଧ୍ୟରେ ନାରୀ-ପୁରୁଷ ଉଭୟସତ୍ତା ଅଂର୍ତ୍ତଲୀନ । ନାରୀ ଓ ପୁରୁଷ ଏଇ ବିପରୀତ ସତ୍ତ୍ୱ ପରସ୍ପର ମଧ୍ୟରେ ସମନ୍ୱିତ ହୋଇ ଏକ ଅନାବିଳ ଏକତ୍ୱ ବା ସମରସରେ ଅବତୀର୍ଣ୍ଣ ହେବା ହିଁ ବୌଦ୍ଧ ତଂତ୍ରର ପ୍ରଥମ ସୋପାନ ଥିଲା । ଅନ୍ୟ କଥାରେ ବିପରୀତ ସମନ୍ୱୟ (*Conjuctio Oppositorum*) ତଂତ୍ର-ସାଧନାର ଆଦ୍ୟ ପଦକ୍ଷେପ । ତେଣୁ ମୁଦ୍ରା, ମୈଥୁନ, ମଦ୍ୟ, ମାଂସ, ମତ୍ସ୍ୟ ଆଦି ପଂଚ ଉପାଦାନ ବା ଉପଚାର ପ୍ରାଥମିକ ସ୍ତରରେ ଆବଶ୍ୟକ ହେବା ସ୍ୱାଭାବିକ । ମାତ୍ର ସାଧକ ଯଦି କେବଳ ଏଇ ବାହ୍ୟ ଉପଚାରମାନଂକର ପ୍ରଲୋଭନରେ ପଡ଼ି ରହେ, ଅଗ୍ରଗତି ନ କରେ, ତେବେ ତାର ସମସ୍ତ ସାଧନା ବିଫଳ, ଏବଂ ସେ ଭ୍ରଷ୍ଟାଚାରୀ । ବହୁ କ୍ଷେତ୍ରରେ ମଧ୍ୟ ହେଉଥିଲା ସେଇଆ । ଧର୍ମ ନାମରେ ଏହା ନାନା ବ୍ୟଭିଚାରର କ୍ଷେତ୍ର ଯୋଗାଉଥିଲା । ଫଳରେ ଏକ ଅନୁଷ୍ଠାନ ରୂପେ ତଂତ୍ର ମୂଳ ଉଦ୍ଦେଶ୍ୟରୁ ବିଚ୍ୟୁତ ହୋଇ ପଡ଼ିଥିଲା ଏବଂ ହୁଏତ ବ୍ୟଭିଚାର ଓ ଅନାଚାରର ପୀଠ ହେବାରୁ ଦୂରରେ ନ ଥିଲା । ମାତ୍ର ବୌଦ୍ଧ ତଂତ୍ରର ମୂଳ ଉଦ୍ଦେଶ୍ୟଟି ଥିଲା ମହତ୍ ଏବଂ ଅଦ୍ୱୈତବାଦୀ । ତାହା ହେଉଛି ଦେହ ଓ ଆତ୍ମାର ସମନ୍ୱୟ ଏବଂ ବସ୍ତୁତା ଓ ଚେତନାର

ମସନ୍ୱୟରେ ରୂପାଂତର ସାଧନ । ନାରୀ-ପୁରୁଷ ଉଭୟଙ୍କର ଦ୍ୱୈତଭାବ ଭୁଲି ନିଜ ବିପରୀତ ସହିତ ଏକ ଅଭିନ୍ନ ମିଳନରେ ସମନ୍ୱିତ ହେବା ପ୍ରତ୍ୟେକ ସାଧକର ପ୍ରଥମ ଧେୟ । ମାତ୍ର କ୍ରମେ ଦ୍ୱୈତ-ଅଦ୍ୱୈତ ଉଭୟ ଭାବକୁ ଅତିକ୍ରମ କରି ପ୍ରଜ୍ଞା (ଗ୍ରାହକାବୃତ୍ତି) ଏବଂ ଉପାୟର (କର୍ମପ୍ରବଣତା) ଅବିଚ୍ଛିନ୍ନ ଅଭେଦ୍ୟ ମିଳନ ହିଁ ସାଧକର ଲକ୍ଷ୍ୟ ହୁଏ ।

"ନ ଦ୍ୱୟମ୍ ନାଦ୍ୱୟମ୍ ଶାନ୍ତମ୍ ଶିଭମ୍ ସର୍ବତ୍ର ସଂସ୍ଥିତମ୍
ପ୍ରତ୍ୟାତ୍ମବେଦ୍ୟମ୍ ଅଚଳମ୍ ପ୍ରଜ୍ଞୋପାୟ ଅନାକୁଳମ୍ ।"
—ପ୍ରଜ୍ଞୋପାୟବିନିଶ୍ଚୟସିଦ୍ଧି, ୧, ୨୦

ଡଃ ହର୍ବଟ ଗ୍ୱେଂଥରଂଙ୍କ ଭାଷାରେ ତଂତ୍ର କେବଳ ଇଂଦ୍ରିୟଚରିତାର୍ଥ ନୁହେଁ କିଂବା ମଣିଷର ସ୍ୱାଭାବିକ ପ୍ରବୃତ୍ତି ଗୁଡ଼ିକର ଅବଦମନ କିଂବା ସେମାନଂଙ୍କ ନିକଟରେ ଆତ୍ମସମର୍ପଣ କିଂବା ସେମାନଂକଠାରୁ ପଳାୟନ ନୁହେଁ । ତଂତ୍ର ଜୀବନର ବାସ୍ତବତା ପ୍ରତି ସଚେତନ ରହି ବ୍ୟକ୍ତିତାର ସହଜୀକରଣ କରିବା ଦିଗରେ ଏକ ପ୍ରଚେଷ୍ଟା । ଜୀବନର ସାମଗ୍ରିକ ଉପଲବ୍ଧି ହିଁ ଏହାର ଲକ୍ଷ୍ୟ ।

"The Tantras, try to restore man and to grasp life in its entireness. which is neither an indulgence in pasisons, a succumbing to all sorts of distractions nor a rejection or escape, but a complete reconciliation to hard facts of life by seeing them just as they are, that is neither as the one or the other, but as both together and a little more." (H. V. Guenther—"Yuganaddha")

ତାଂଙ୍କ ମତରେ ପ୍ରତେକ ବ୍ୟକ୍ତି ମଧ୍ୟରେ ନାରୀ-ପୁରୁଷ ଉଭୟ ସତ୍ତା କମ-ବେଶୀ ପରିମାଣରେ ଅଂତର୍ନିହିତ । ତେଣୁ ବ୍ୟକ୍ତି ନିଜର ଅଂତର୍ଗତ ସ୍ୱବିରୋଧରୁ ରକ୍ଷା ପାଇବା ପାଇଁ ବିପରୀତ ପ୍ରତି ଆକୃଷ୍ଟ ହୁଏ ଏବଂ ତା ସହିତ ବାହାରେ ସମନ୍ୱିତ ହେବାକୁ କାମନା କରେ । ଯୁଗନଦ୍ଧ ମଣିଷର ଅଂତର ଓ ବାହାର ମଧ୍ୟରେ ଏକ ସମନ୍ୱୟ ଏବଂ ବିପରୀତର ସମନ୍ୱୟର ପ୍ରତୀକ ମାତ୍ର । ଏହା ଦ୍ୱାରା ବ୍ୟକ୍ତିତାର ବିଖଂଡନ ଦୂର ହୋଇ ସହଜୀକରଣ ସଂଭବ ହୁଏ ଏବଂ ମନୁଷ୍ୟର ମୌଳିକ ପ୍ରବୃତ୍ତିର ସମୀକରଣ ହୁଏ । ଏଇ ସହଜ ଅବସ୍ଥା ପ୍ରାପ୍ତି ପରେ ହିଁ ପ୍ରବୃତ୍ତିର ସ୍ୱତଃକ୍ଷୟ ହୁଏ ଏବଂ ମଣିଷ ମୁକ୍ତିର ଆନଂଦ ଉପଲବ୍ଧି କରେ, ତା ପୂର୍ବରୁ ନୁହେଁ । ନିଗ୍ରହ ବା ଅବଦମନ ଦ୍ୱାରା ପ୍ରବୃତ୍ତିର ସାମୟିକ ଉପଶମ ହୁଏ ସତ ମାତ୍ର ତାହା ଫଳରେ

ନାନା ଜଟିଳତାର ସୃଷ୍ଟି ହୁଏ ଏବଂ ମଣିଷର ପ୍ରକୃତ ସୁବିଧା ଓ ସୁଯୋଗ ପାଇବା ମାଟ୍ରେ ହିଁ ପ୍ରତିଶୋଧ ନିଏ ଏବଂ ଭୟଂକର ପ୍ରତିକ୍ରିୟାର ଶିକାର ହୁଏ । ତେଣୁ ବ୍ୟକ୍ତିତାର ବିଖଣ୍ଡନ ପ୍ରତିହତ କରି ତାହାର ସଦ୍ଭାଗୀକରଣହିଁ ତନ୍ତ୍ରର ପ୍ରଥମ ସୋପାନ ବୋଲି ଆଧୁନିକ ଗବେଷକମାନଙ୍କର ମତ । ଡଃ ଗ୍ୱେଂଥର କହନ୍ତି ବୌଦ୍ଧ ତନ୍ତ୍ରକାରମାନେ ଆମ ଅପେକ୍ଷା ବେଶୀ ମନସ୍ତତ୍ତ୍ୱ ଜାଣିଥିଲେ । ତେଣୁ ସେମାନେ ମଣିଷକୁ ଦେହ, ମନ, ଆତ୍ମା ଭେଦରେ ଭାଗ ଭାଗ ନକରି ତାର ସାମଗ୍ରିକ ସତ୍ତାକୁ ବିଚାରକୁ ନେଇଛନ୍ତି । ଦେହ ଓ ଆତ୍ମାର ଦ୍ୱୈତ-ଜ୍ଞାନ ମଣିଷକୁ ତାର ସମଗ୍ରତାକୁ ଭୁଲାଇ ଦିଏ । ତାଂକ ମତରେ ଯୁଗନଦ୍ଧ ପ୍ରତୀକଟି ହେଉଛି ମଣିଷର ଦ୍ୱୈତ-ସତ୍ତାର ମିଳନର ରୂପକ—ଯାହା ତାର ଆତ୍ମିକ ଉତ୍ତରଣର ପଥ ପ୍ରସ୍ତୁତ କରେ...

"The state of *Yuganaddha* symbolises the harmonious union of the opposites as well as their transcendance. The insistence on the interplay between within and the without makes the Tantras important works and valuable contributions to the psychological and social aspects of human life."

ସାଧକ ଯୁଗନଦ୍ଧ ମାଧ୍ୟମରେ କ୍ରମେ ସତ୍ତାରୁ (ଭବ) ବିଭବ ବା ଅସତ୍ତା ଆଡ଼କୁ ଅଗ୍ରସର ହୁଏ । ଏଇ ବିଭବ ହେଉଛି discontinued existence ବୁଦ୍ଧଘୋଷଂକ ମତରେ 'ରୂପତୃଷ୍ଣା','କାମତୃଷ୍ଣା', ଭବତୃଷ୍ଣା ପ୍ରଭୃତି continued existence ଏବଂ ଏଇ ତୃଷ୍ଣାର ନିବୃତ୍ତି ହିଁ ବିଭବତା ବା discontinued existence ।' ('ବିଶୁଦ୍ଧି ମାର୍ଗ')

"In other words the satiation of an adient drive often leads to a shift from adience to avoidance. Avoidance has been termed as thirst for discontinuance (discontinued existence)'.

ଚନ୍ଦ୍ରକୀର୍ତ୍ତିଂକ 'ମାଧ୍ୟମକ' ଗ୍ରଂଥରେ ଦେଖନ୍ତୁ :—

"Those who try to solve the problems of life (ଭବସଂସରଣ) either by continuation (ଭବ) or by avoidance (ବିଭବ) have no true knowledge. Both these aspects are to be given up, the adient drive (ଭବତୃଷ୍ଣା) as well as the avoident drive (ବିଭବତୃଷ୍ଣା) ।

ତଂତ୍ର ମତରେ ମଣିଷର ଜୀବନ କେବଳ ପ୍ରବୃତ୍ତି ଓ ନିବୃତ୍ତି, ଭୋଗ ଓ ତ୍ୟାଗର ସମସ୍ୟା ନୁହେଁ । ଏଇଭଳି କେତେକ ଚରମ ବିନ୍ଦୁକୁ (extremes) ଆଶ୍ରୟ କରି ତଂତ୍ର-ଦର୍ଶନ ଗଢ଼ି ଉଠିନାହିଁ । ଏହା ବସ୍ତୁତ ଏକ ମାଧ୍ୟମିକ ପନ୍ଥା— ଯାହାର ଅର୍ଥ ପ୍ରବୃତ୍ତି ମଧ୍ୟରେ ନିବୃତ୍ତି ଏବଂ ଭୋଗ ମଧ୍ୟରେ ତ୍ୟାଗର ସାଧନା କରିବା । ସେଥିପାଇଁ ଏହା ସହଜରେ ବୋଧଗମ୍ୟ ନୁହେ ଏବଂ ଅନେକେ ଏହାକୁ ଭୁଲ ବୁଝିବାର ଓ ବୁଝାଇବାର ଅବକାଶ ପ୍ରଚୁର । ତଂତ୍ର-ଦର୍ଶନ ଜୀବନକୁ ତା'ର ସମଗ୍ରତାରୁ ବିଚାର କରେ । ଦେହ ଓ ଆତ୍ମା, ଭୌତିକ ଓ ଆଧ୍ୟାତ୍ମିକ ଏପରି ବିଭାଜନ-ରେଖା ଟାଣି ଜୀବନକୁ ସଂକୀର୍ଣ୍ଣ କରି ଦେଖେନାହିଁ । ମଣିଷର ଚରମ ନିର୍ବିକଳ୍ପ ଚେତନା ଆକସ୍ମିକ ଭାବରେ ସଂଭବ ହୁଏ ନାହିଁ । ଏହା ଚେତନାର ଅନୁବର୍ତ୍ତନର କ୍ରମପରିଣାମ ଏବଂ ଚେତନା ବସ୍ତୁତାର ରୂପାଂତର, ଏହାହିଁ ତଂତ୍ରର ମାର୍ଗ-ଦର୍ଶନ । ତାହା ଛଡ଼ା ପ୍ରବୃତ୍ତିକୁ ଅବଦମିତ କରି ଯେଉଁ ସାମୟିକ ନିବୃତ୍ତି, ତାହା ଯେ ଚିରସ୍ଥାୟୀ ନୁହେ ଏବଂ ଚିରସ୍ଥାୟୀ ନିବୃତ୍ତି ଯେ କେବଳ ବାସନାର ଆତ୍ମକ୍ଷୟ ମଧ୍ୟରୁ ସ୍ୱତଃ ଉତ୍ସାରିତ ହୋଇପାରେ, ଏ ଧାରଣାଟି ମଧ୍ୟ ବୌଦ୍ଧ-ତଂତ୍ରର ନିଜସ୍ୱ, ଏବଂ ଆଧୁନିକ ମନୋବିଜ୍ଞାନ ଦ୍ୱାରା ସମର୍ଥିତ । ମୈଥୁନଯୋଗର ପ୍ରଚଳନ ପ୍ରାଚୀନ ସମାଜରେ, ବିଶେଷତଃ ଆଦି-ଅଷ୍ଟ୍ରେଲୀୟ ଓ ଦ୍ରାବିଡ଼ ସମାଜରେ ରହିଥିଲେ ମଧ୍ୟ ମୈଥୁନଯୋଗକୁ ନିର୍ବାଣ-ସାଧନାର ଉପାୟ ରୂପେ ଏଭଳି ଏକ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଓ ଆଭିଜାତ୍ୟ ଦାନ କେବଳ ବୌଦ୍ଧ-ଯୋଗୀମାନେ ହିଁ କରି ପାରିଥିଲେ ।

ପରବର୍ତ୍ତୀ କାଳରେ ତଂତ୍ର ସଂଗେ ଜାରଣ ମାରଣ-ବଶୀକରଣ ଆଦି ବହୁ ନିକୃଷ୍ଟ ବିଦ୍ୟା ଜଡ଼ିତ ହୋଇପଡ଼େ ଏବଂ ତଂତ୍ର ତା'ର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ହରାଇ ବସେ । ମାତ୍ର ବୌଦ୍ଧ ତଂତ୍ରର ମୌଳ ଉଦ୍ଦେଶ୍ୟ ଥିଲା ଦେହ ଓ ଆତ୍ମାର ସମନ୍ୱୟ ସାଧନ ଏବଂ ଅଂତର ଓ ବାହାରର ଏକତ୍ୱ-ବିଧାନ — ଦେହ ଓ ଆତ୍ମା ମଧ୍ୟରେ ପ୍ରାଚୀର ଗଢି ବ୍ୟକ୍ତିତାର ବିଖଂଡନ ନୁହେଁ । ବ୍ୟକ୍ତିତାର ସହଜୀକରଣ ହିଁ ଏହାର ପ୍ରଧାନଲକ୍ଷ୍ୟ ।

ଖ୍ରୀ. ପୂ ୪୦୦ ଶତକରେ ପ୍ଲେଟୋଙ୍କ ସିଂପୋଜିୟମ୍ ଡାୟାଲଗରେ ବର୍ଣ୍ଣିତ ସକ୍ରେଟିସଙ୍କ ଭାଷଣରେ ପ୍ରେମହିଁ ମଣିଷର ସୃଜନ-ପିପାସାର ମୂଳବୋଲି କୁହାଯାଇଛି । ଏ ସୃଜନର ପରିଣାମ ଦୁଇ ପ୍ରକାର—ଦୈହିକ ଓ ମାନସିକ । ଏ ଉଭୟେ ଅପୂର୍ଣ୍ଣ ପ୍ରେମ ବା ଅସୀମ ଧର୍ମୀ ସହଜାତ ମିଳନ-ବାସନା ମଣିଷକୁ ସୃଜନଶୀଳ କରିଥାଏ ବୋଲି ଏଇ ଗ୍ରୀକ୍ ଦାର୍ଶନିକମାନଙ୍କର ମତ ।

**ସକ୍ରେଟିସ ଓ ପ୍ଲେଟୋ**

ପ୍ଲେଟୋଙ୍କ ମତରେ ପ୍ରେମିକ ଅପ୍ରତ୍ୟାଶିତ ଓ ଆକସ୍ମିକ ଭାବରେ ଅଲୌକିକ ସୌନ୍ଦର୍ଯ୍ୟର ଧର୍ମକୁ ଦର୍ଶନ କରେ । ସୁନ୍ଦର ଦେହ ଓ ସୁନ୍ଦର ବସ୍ତୁର ପ୍ରେମରେ ଆରଂଭ କରି ପ୍ରେମିକ ବିଭିନ୍ନ ଅବସ୍ଥା

ଦେଇ ଗତି କରେ ଏବଂ ଶେଷରେ ଅପରୂପ, ଅମ୍ଲାନ ସୌନ୍ଦର୍ଯ୍ୟ ସଂଗେ ପ୍ରେମିକର ମିଳନ ଘଟିଲେ ଦୁହେଁ ଆଉ ବିଚ୍ଛିନ୍ନ ହୁଅଂନ୍ତି ନାହିଁ । ବୌଦ୍ଧ ତଂନ୍ତ୍ରକାରମାନେ ବୋଧହୁଏ ସାଧକର ଏହି ଅବସ୍ଥାକୁ ବୋଧିଚିତ୍ତର ନିର୍ବିକଳ୍ପ ଅବସ୍ଥା ବା ମହାସୁଖ ରୂପେ କଳ୍ପନା କରିଛଂନ୍ତି । ତେଣୁ ବୌଦ୍ଧ ତନ୍ତ୍ର-ସାଧକ ଏବଂ ଗ୍ରୀସୀୟ ଦର୍ଶନର ପ୍ରେମିକ ଉଭୟେ ପ୍ରଥମେ ଲୌକିକ ସ୍ତରରୁ ଆରଂଭ କରି ଆଲୌକିକ ସ୍ତରରେ ପହଂଚିବା ପାଇଁ ସାଧନା କରିଥାଂନ୍ତି । ଏହି କାରଣରୁ ଯାହା ସାଧାରଣତ 'ପ୍ଲେଟୋନିକ୍ ଲଭ୍' ବା 'ଅପାର୍ଥିବ ପ୍ରେମ' ବୋଲି କୁହାଯାଇଥାଏ, ତାହା ଯେ ଆଦୌ ଅପାର୍ଥିବ ନୁହେଁ, ଏବଂ ତାହା ଯେ ସଂପୂର୍ଣ୍ଣ 'unplatonic ଏ କଥା **A. E Taylor** ତାଙ୍କର **"Plato"** ପୁସ୍ତକରେ କହିଛଂନ୍ତି ।

## ଯୁଗନଦ୍ଧ

ବୌଦ୍ଧମାନଂକର ଯୁଗନଦ୍ଧ ବା ମୈଥୁନଯୋଗକୁ ଏବଂ ସମଗ୍ର ତଂନ୍ତ୍ରବାଦକୁ କେତେକ ଲୋକ ଯେପରି ଘୃଣା କରଂନ୍ତି, ଅନେକେ ସେହିପରି ଏହାର ଦୃଢ ସମର୍ଥନ କରଂନ୍ତି । ଯେଉଁମାନେ ବୌଦ୍ଧ ଯୌନ-ସାଧନାକୁ ବ୍ୟଭିଚାର ବୋଲି କହଂନ୍ତି, ସେମାନଂକ ମତ ଖଂଡନ କରି ବହୁ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମନୀଷୀ ନାନା ଯୁକ୍ତି ଓ ତଥ୍ୟର ଅବତାରଣା କରିଛଂନ୍ତି । ଡଃ ହାର୍ବାର୍ଟ ଭି. ଗ୍ୟୁଏଂଥର ତାଂକର ସୁଲିଖିତ ଗ୍ରଂଥ **"Yugannadha"** * ରେ କହିଛଂନ୍ତି ଯେ ତଂନ୍ତ୍ର ଏକ ଦର୍ଶନ ନୁହେଁ । ଏହା ଏକ ଅଭିଜ୍ଞତା ମାତ୍ର । ତଂତ୍ର ଦର୍ଶନ ନ ହେବାରେ ବିଶେଷ କିଛି କ୍ଷତି ନାହିଁ, କାରଣ ସମସ୍ତ ଦର୍ଶନ ତହିଁ ଉପରେ ଆଧାରିତ ସମାଜ-ବ୍ୟବସ୍ଥାର ପରିବର୍ତ୍ତନ ସଂଗେ ସଂଗେ ଭୂଶୁଡ଼ି ପଡ଼ିଛି ଏବଂ କୌଣସିଟି ଦର୍ଶନ ସନାତନ କିଂବା ଅପରିବର୍ତ୍ତନୀୟ ନୁହେଁ । ଏହାଛଡ଼ା ବୌଦ୍ଧ ତାଂତ୍ରିକମାନେ ଯୌନ-ଚର୍ଯ୍ୟାକୁ ସାଧନାର ମାଧ୍ୟମ ରୂପେ ଗ୍ରହଣ କରିବା ଦ୍ୱାରା କଦାପି ଅବାଧ ଯୌନ-ମିଳନକୁ ( Promiscuity ) ପ୍ରଶ୍ରୟ ଦେଇନାହାଂନ୍ତି । ସେମାନେ ପ୍ରଚଳିତ ସମାଜ-ସଂପର୍କକୁ ବଦଳାଇବା ଦିଗରେ ଉଁ ଚୁ ପାଟି ଫିଂଟାଇ ନାହାଂନ୍ତି । ସେମାନଙ୍କର ଲକ୍ଷ୍ୟ ଓ ମାର୍ଗ ସ୍ୱତଂତ୍ର । ମଣିଷର ଆଧ୍ୟାତ୍ମିକ ଉନ୍ନତି ସାଧନ ଏବଂ ସମସ୍ତ କାମନାର ନିବୃତ୍ତି ଦ୍ୱାରା ନିର୍ବାଣ ଲାଭ ସେମାନଂକ ତ୍ରଙ୍କୋପାସ୍ୟ ସାଧନାର ମୂଳ ଲକ୍ଷ୍ୟ ଅଟେ । ଡଃ ଗ୍ୟୁଏଂଥରଂକ ମତରେ, ମଣିଷର ସମସ୍ତ ବଳିଷ୍ଠ ଆବେଗମାନ ତାର ଯୌନ ପ୍ରବୃତ୍ତି ସହିତ ସଂପୃକ୍ତ । ବୌଦ୍ଧମାନେ ମନେକରଂନ୍ତି

* ଚୌଖଂବା ସଂସ୍କୃତ ସିରିଜ, ବେନାରସ ପ୍ରକାଶନ

ଯେ ମଣିଷର ଯୌନ-ପ୍ରବୃତ୍ତିର ବିକାଶ କେବଳ ତା'ର ବୟଃସନ୍ଧି ସମୟରୁ ଆରମ୍ଭ ହୁଏନାହିଁ, ଏହା ତା'ର ଗର୍ଭଧାନବେଳୁ ଭ୍ରୂଣ-ଅବସ୍ଥାରୁହିଁ ( Pre-natal ) ଆରମ୍ଭ ହୋଇଥାଏ । ଏହାର ଉପରେହିଁ ସଂତାନର ଲିଂଗ-ଉଭଲିଂଗ ସତ୍ତା ନିର୍ଣ୍ଣୟ ଅର୍ଥାତ୍ ସେ ସ୍ତ୍ରୀ କି ପୁରୁଷ ହୋଇ ଜନ୍ମ ହେବ ତାହା ନିର୍ଭର କରିଥାଏ । ଆଧୁନିକ ବିଜ୍ଞାନ ମଧ୍ୟ ଠିକ୍ ଏଇ କଥା କୁହେ । ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଶାରୀରିକ ତଥା ମାନସିକ ଉଭୟ କ୍ଷେତ୍ରରେ ଉଭଲୈଂଗିକ ( Bisexual ) ସତ୍ତା ବର୍ତ୍ତମାନ ।

"We know that bisexual constitution exists potentially in equal male-female (M/F) ratios in conjugating reproductive protoplasm. It definitely exists in more or less unequal male-female (M/F) or female-male (F/M) ratios in the chromosomes and cataplasm of zygotes of uninfertile, heterosexual metazoa and in their gonads, germ cells, gametes and other cells of the organism.' (*Yuganaddha*—P. 9)

ଏଇପରି ଭାବେ ମୂଳରୁ ପ୍ରତ୍ୟେକ ବ୍ୟକ୍ତି କମ୍ ବେଶୀ ମାତ୍ରାରେ ସ୍ତ୍ରୀ-ପୁରୁଷ ଉଭୟ ସତ୍ତାର ଉପାଦାନରେ ଗଠିତ । ପ୍ରତ୍ୟେକ ପୁରୁଷ ମଧ୍ୟରେ କିଛି ନା କିଛି ନାରୀସତ୍ତା ଏବଂ ପ୍ରତ୍ୟେକ ନାରୀ ମଧରେ କିଛି ନା କିଛି ପୁରୁଷ-ସତ୍ତା ପ୍ରଚ୍ଛନ୍ନ ଭାବରେ ନିହିତ । ଯେଉଁଠାରେ ଏଥିରେ ମାତ୍ରାଧିକ୍ୟ ଦେଖାଯାଏ ସେଠାରେ ପୁରୁଷ ଅଣପୁରୁଷ ( ବା 'ମାଇଚିଆ') ଏବଂ ନାରୀ ପୁରୁଷୋଚିତ ପ୍ରକୃତି ଧାରଣ କରେ । ଏଇ ବୃତ୍ତିକ ଲକ୍ଷଣମାନ ମଣିଷର ବ୍ୟକ୍ତିତାର ଆଲୟ-ବିଜ୍ଞାନ ସମସ୍ତ ଅଂଶରେ ଏବଂ ତା'ର ମାନସ-ପ୍ରକୃତିରେ ପ୍ରତିଫଳିତ ହୁଏ । କେଉଁଠାରେ ଯେ 'ସ୍ୱାଭାବିକ'ର ଶେଷ ଏବଂ 'ଅସ୍ୱାଭାବିକ'ର ( abnormal ) ଆରମ୍ଭ ତାହା ଠଉରାଇବା କଷ୍ଟ, ଠିକ୍ ଯେପରି ବୃକ୍କ ବା କିଡ୍ନୀର କ୍ରିୟା-ପ୍ରକ୍ରିୟା ଠଉରାଇବା କଷ୍ଟକର । ମଣିଷର ଏଇ ଉଭସତ୍ତା କେତେକଠା କୁଳସଂକ୍ରମଣ ( eredity), କେତେକଠା ପ୍ରତିବେଶ ଏବଂ କେତେକାଂଶରେ ଜୈବକୋଷରେ ରାସାୟନିକ ପ୍ରକ୍ରିୟା ଦ୍ୱାରା ସଂଘଟିତ ହୋଇଥାଏ । ଭାରତୀୟ ଧାରଣାରେ ପୁରୁଷ ଓ ନାରୀ ସତ୍ତାର ସମନ୍ୱୟ ପ୍ରକୃତରେ କାୟା ଓ ଆତ୍ମା ମଧରେହିଁ ସମନ୍ୱୟ । ଭାରତୀୟ ଦର୍ଶନ ଗ୍ରହିଚି ଶରୀର ଓ ଆତ୍ମା

ମଧ୍ୟରେ ସଂଯୋଗ ସ୍ଥାପନ କରିବାକୁ ଯାହାର ଅର୍ଥ ପୁରୁଷତ୍ୱ ଓ ନାରୀତ୍ୱ ମଧ୍ୟରେ ସଂଯୋଗ ସ୍ଥାପନ । ବୌଦ୍ଧ ଦାର୍ଶନିକ ମତରେ :—

"The experience of pure bliss (ସୁଖ) and the body schema (*kaya*) that is still undifferentiated like the *rohita* fish are *instantaneous comprehension* (ଏକକ୍ଷଣାଭିସଂବୋଧି). They are that unique moment when the pre-natal growth (i.e. ingerminal and embroyonic develop ment) the *alayabhignana* (ଆଳୟବିଜ୍ଞାନ) is about to enter upon its course of development and transformation within the maternal uterus, because the fenale ovum and male spermatozoon (ବିନ୍ଦୁ) have met and become united (ସମରସିଭୂତ) ।

ଭ୍ରୂଣାବସ୍ଥାରୁ ପଂଚ ବାସନା ଓ ଦୃଶ୍ୟ ପଦାର୍ଥମାନଂକର ପୂର୍ବସ୍ମୃତି ଜାଗରିତ ହୁଏ ବୋଲି ବୌଦ୍ଧ ଯୋଗୀ ମାନଂକର ମତ । ଏହାହିଁ ପଂଚ ସ୍କଂଧ ବା **Psycho-physical constituents**—ଏଇ ପଂଚ ବାସନା **(senses)** ର ନାମ "ପଂଚକାରାଭିସଂବୋଧି" । ଏହାପରେ ଭ୍ରୁଣ ଲିଂଗ-ଲାଭ କରେ ଏବଂ ବଂଶ କିମ୍ବା ଦ୍ୱାରା ସଂଗୃଳିତ ହୁଏ । କାରଣ ପଂଚ ବାସନା ନିଜ ନିଜ ସ୍ଥାନରେ ରହି ପୃଥିବୀର ଗୁଡ଼ିଏ ଉପାଦାନ ଦ୍ୱାରା ପ୍ରଭାବିତ ହୁଅଂତି : (ପୃଥିବ୍ୟାଦିଚତୁର୍ଧାରୁ ବାସନାଭେଦ')

ଏହା ପରେ ଶିଶୁ ଜନ୍ମହୋଇ ବହୁବିଧ ଅଭିଜ୍ଞତା ଅର୍ଜନ କରେ ଏବଂ ସଂସାର ଭିନ୍ନ ଭିନ୍ନ ପ୍ରକାଶ ସଂଗେ ନିଜକୁ ଏକୀଭୂତ କରେ । ଏଇଠୁ ସୃଷ୍ଟି ହୁଏ ମାୟାର ବଂଧନ ( 'ମାୟାଜାଲାଭିସଂବୋଧି' ) । *ମନୁଷ୍ୟର ଅଂତର୍ପରିବେଶ ବାସନା ବୀଜ-ବଧିତ, ଏବଂ ପଂଚେଂଦ୍ରିୟ ଦ୍ୱାରା ପରିଚାଳିତ । ଏହା ତା'ର ବହିର୍ଜଗତଠାରୁ ପୃଥକ । ବହିର୍ଜଗତ ଓ ଅଂତର୍ଜଗତ ମଧ୍ୟରେ ଏକ ଅଂତର୍କ୍ରୀଡ଼ା ପ୍ରତିମୁହୂର୍ତ୍ତରେ ଚାଲିଚି । ସଂସାର ଓ ନିର୍ବାଣ, ବଂଧନ ଓ ମୁକ୍ତି ଏ ସମସ୍ତର ମାୟାଜାଲ ପୃଷ୍ଠଭୂମି 'ଆଳୟ' ନାମରେ ଅଭିହିତ ହୋଇଚି । କିଂତୁ ଶରୀର ଓ ଆତ୍ମା ମଧ୍ୟରେ ଏକ ଜୈବିକ ସଂବଂଧ ସର୍ବଦା ତିଷ୍ଠି

* *History of Religions, Vol 3. no.1)*

ରହିଛି ଏବଂ ରହିବ । ଏହାଛଡ଼ା କୁଳସଂକ୍ରମଣ ଏବଂ ପ୍ରତିବେଶିକ ପ୍ରଭାବରୁ ସଂଭୂତ ବାସନାଜାଲ ଓ ମାନସ-ପ୍ରକୃତିର ପ୍ରଭାବ ମଧ୍ୟ ଅନସ୍ୱୀକାର୍ଯ୍ୟ । ଏହାହିଁ ଭାରତୀୟ ଦର୍ଶନରେ 'ନିସ୍ୟଂଦବାସନା' ଯାହା କେବଳ Potentialitis ବା ସଂଭାବନା ରୂପେ ବର୍ତ୍ତମାନ ଏବଂ 'କର୍ମବାସନା'କୁ ଉଦ୍‌ଦୀପିତ କରିଥାଏ ।

ଶରୀର ଓ ଆତ୍ମାର ଏକତ୍ୱ ମନୁଷ୍ୟର ବ୍ୟକ୍ତିତାର ସମୀକରଣ ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ । 'କାୟା' ଓ 'ସୁଖ' ପରସ୍ପର-ସଂବନ୍ଧିତ । ଏହାହିଁ ପ୍ରତୀକୀ ଭାବରେ ଶରୀର ଓ ଆତ୍ମାର ସଂପର୍କ । ସୁଖ ଲାଭପାଇଁ କାୟିକ ସଂପର୍କ ଅନିବାର୍ଯ୍ୟ । କାରଣ ମଣିଷର ମନୋଜଗତ ଓ ବହିର୍ଜଗତ ପୃଥକୀକରଣ ପୂର୍ବରୁ ସାକାର ଆଧାର (ଶରୀର) ଉପରେ ପ୍ରତିଷ୍ଠିତ ଥାଏ । ଅନ୍ୟ କଥାରେ ମନ ଓ ବସ୍ତୁର ବିଷୟଂଗ ପୂର୍ବରୁ ବ୍ୟକ୍ତି ଥିଲା ଆତ୍ମ-ସଚେତନ (ego-conscious) । କ୍ରମେ ସେ ନିଶ୍ଚେତନ ଓ ନିର୍ଜ୍ଞାନ ମଂଡଳରେ ଆପଣାର କାମନା, ବାସନା, ଇଂଦ୍ରିୟ-ଅନୁଭୂତି ପ୍ରବୃତ୍ତିକୁ ହରାଇ ବସେ ଏବଂ ଆତ୍ମାରେ ଲୀନ ହୋଇଯାଏ । ମଣିଷ ନିଜର ନାରୀ-ପୁରୁଷ ଦ୍ୱୈତ-ସତ୍ତାର ସ୍ୱବରୋଧ ନିରାକରଣ କରି ବ୍ୟକ୍ତିତାର ସମନ୍ୱୟ ତଥା ସମୀକରଣ ସାଧନ ଲାଗିହିଁ ପ୍ରଜ୍ଞୋପାୟ ବା ମୈଥୁନଯୋଗର ଆଶ୍ରୟ ନେଇଥାଏ । ଆଧୁନିକ Depth-psychology ଠିକ୍ ଏଇ କଥାହିଁ ପ୍ରତିପାଦନ କରିଥାଏ । Clifford M. Scott ନିମ୍ନପ୍ରକାରେ body schemaର ବ୍ୟାଖ୍ୟା କରିଛନ୍ତି—

ବ୍ୟକ୍ତିତାର ସମୀକରଣ

"The body schema refers to that conscious or unconscious integration of senses, perceptions, conceptions affects, memories and images of the body from its surface to its depths and from its surface to the limits of space and time."

ବୌଦ୍ଧଯୋଗୀମାନେ ମଧ୍ୟ ଆଶ୍ଚର୍ଯ୍ୟ ଭାବରେ ଅନୁରୂପ ସିଦ୍ଧାଂତରେ ପହଂଚିଥିଲେ । ସେମାନେ ବାସ୍ତବ ମଣିଷର ସ୍ୱରୂପ ଓ ପ୍ରକୃତି ବିଶ୍ଳେଷଣ କରି

* *M. Shahidullah,* Les Chants Mystiques de Kanha et de Saraha, Paris, Verse 99.

** Jnanasiddhi of Indrabhuti (Gaekward's Orienta lseries, No. xliv. Two Vajrayana Works, VII 3.

ଦେଖାଇଦେଇଥିଲେ ଯେ **psyche** ବା ମାନସିକତା ଓ ଶରୀର ଏ ଦୁହିଁଙ୍କ ମଧ୍ୟରେ ଥିବା ଦ୍ୱୈତଜ୍ଞାନ ମାୟା । ବୌଦ୍ଧ ତନ୍ତ୍ରମାନଙ୍କରେ ଦେହ ଓ ଆତ୍ମା, ପୁରୁଷତ୍ୱ ଓ ନାରୀତ୍ୱ ମଧ୍ୟରେ ବ୍ୟବଧାନ ପ୍ରତିଭାସ ବୋଲି ପ୍ରତିପାଦିତ କରାଯାଇଚି ।

ପୁରୁଷତ୍ୱ ( **masculinity** ) ଏବଂ ନାରୀତ୍ୱ ( **Femininity** ) ମଧ୍ୟରେ ଅଭେଦ୍ୟତା ପ୍ରକୃତ ମନୁଷ୍ୟତ୍ୱର ପ୍ରତୀକ ବୋଲି ବୌଦ୍ଧ ତନ୍ତ୍ରର ମତ । ଏହି ପ୍ରତୀକର ଅର୍ଥ ସମସ୍ତ ପ୍ରକାର ସ୍ୱବରୋଧ ଓ ସଂଘାତ ହାତରୁ ମୁକ୍ତି ଏବଂ ଶକ୍ତିର ଉତ୍ସରଣ । ସମସ୍ତ ପ୍ରକାର ଟାଣ ( **tension** ) ହାତରୁ

ମହାସୁହ

ମୁକ୍ତିଲାଭ କରିବା ପରେ ହିଁ ତୃପ୍ତି ଏବଂ ବିରତି ଏବଂ ତାହାହିଁ ସୁଖ (**bliss**) । ଏହି ଅବସ୍ଥାର ବର୍ଣ୍ଣନା ସରହ କରିଛନ୍ତି—

"ଅନ୍ଧାର ଯେପରି ଚନ୍ଦ୍ର-ଶିଳା ଆଲୋକରେ ଦୂରୀଭୂତ ହୁଏ, ମହାସୁଖ ସେହିପରି ସମସ୍ତ ଦୁଃଖ ଦୂର କରିଦିଏ ।"

"ଘୋରାନ୍ଧରେ ଚନ୍ଦ୍ରମଣି ଜିମ ଉଜ୍ଜୋଅ କରେଇ
ପରମ-ମହାସୁହ ଏଖୁ ଷଣେ ଦୁରିଆଶେଷ ହରେଇ ।" *

ଅତୃପ୍ତ ବାସନା ଓ ଅପୂର୍ଣ୍ଣ କାମନା ତଥା କର୍ମ-ଚକ୍ରର ଅସଂପୂର୍ଣ୍ଣ ଅନୁବର୍ତ୍ତନ ଏ ସମସ୍ତ ଆବେଗର ଅପୂର୍ଣ୍ଣତା ଓ ତଜ୍ଜନିତ ବହୁ ଦୁଃଖର ନିମିତ୍ତ କାରଣ ହୁଅନ୍ତି । ଏହା ବ୍ୟକ୍ତିର ଆବେଗିକ ସଂଗଠନ ଓ ବ୍ୟକ୍ତି-ଜୀବନକୁ ବିପାକ୍ତ ଏବଂ ବିପର୍ଯ୍ୟସ୍ତ କରିଦେଇପାରେ । ତେଣୁ ଏ ସବୁର ସୁଶୃଙ୍ଖଳ ଜାଗରଣ ଦ୍ୱାରା କର୍ମଚକ୍ରର ସମାପ୍ତି କରାଯାଇପାରେ ଏବଂ ନିବୃତ୍ତି ମାର୍ଗରେ ନିର୍ବାଣ ଲାଭ କରାଯାଇପାରେ ।

",In other words feelings and emotions are basic to all cycles of activities and represent the fact that the organism remains in a state of disequilibrium until the solution of the problem is at hand."

(H.V. Guenther)

ପ୍ରଥମରୁହିଁ ବୋଧିଜ୍ଞାନ ଦୁଇ ଅସମ ବା ବିପରୀତ ଲିଙ୍ଗର ସଂଗମ-ପ୍ରତୀକ ଦ୍ୱାରା ପ୍ରତିଭାତ ହୋଇଚି । ଏହାକୁ ଏକ ଗଭୀରତମ ଆବେଗ, ଯାହାର ନାମ

* ନାଦପାଦ (ନାରୋପା) ପ୍ରଣୀତ *Sekoddesatike* (Gaekward's Oriental Series, No xc).

** *A Prcblem of Ego Structure* by W. Clifford M. Scott.

ମହାସୁଖ—ସହିତ ଜଡ଼ିତ କରାଯାଇଛି । ଅନ୍ୟ ସମସ୍ତ ପ୍ରକାର ସୁଖାନୁଭୂତି କ୍ଷଣିକ — କାରଣ ସେଥିରେ ଅତୃପ୍ତ ବାସନାର ପ୍ରତାପ ରହିଯିବାକୁ ବାଧ — ଯାହା ପୁଣି ନୂତନ କର୍ମ-ଚକ୍ରକୁ ଆବାହନ କରି ଆଣିବ । ଇଂଦ୍ରଭୂତି ମହାସୁଖ ସଂବଂଧରେ ତାଂକ "ଜ୍ଞାନସିଦ୍ଧି"ରେ କହିଛଂତି —

'ସଂବିତ୍ତିଆଗତମ୍ ଜ୍ଞାନମ୍ ସ୍ୱସଂବେଦ୍ୟସ୍ୱଭାବକମ୍
ସର୍ବସୌଖ୍ୟାଗଭୂତତ୍ୱାତ୍ ମହାସୁଖମ ଇତି ସ୍ମୃତମ୍ ।'

ଅର୍ଥାତ୍, ନିଜର ଅଂତର୍ଲୋକରେ ଯେଉଁ ବୋଧିଜ୍ଞାନ ଉପଲବ୍ଧି କରାଯାଏ, ତାହାହିଁ ମହାସୁଖ, କାରଣ ତାହାହିଁ ସମସ୍ତ ସୁଖର ସାର ।

ଅଦ୍ୱୟବଜ୍ର କହେ —

"ସୁଖାଭାବେ ନ ବୋଧିଃସ୍ୟାତ୍ ମତା ସ୍ୱା ସୁଖରୂପିଣୀ' ( ମହାସୁଖପ୍ରକାଶ — ଅଦ୍ୱୈତବଜ୍ର ସଂଗ୍ରହ)

( ଅର୍ଥାତ୍ ସୁଖାଭାବରେ ବୋଧିଲାଭ ଅସଂଭବ । ବୋଧିହିଁ ସୁଖସ୍ୱରୂପ । )

ଅନଂଗବଜ୍ରଂକ ମତରେ —

"ଅନଂତସୁଖରୂପତ୍ୱାତ ଶ୍ରୀ ମହାସୁଖସଂଜ୍ଞିତମ୍
ସାମଂତଭଦ୍ରମ୍ ଅଗ୍ର୍ୟାମ ତଦ୍ ଅଭିସଂବୋଧିକାରକମ" । ( ପ୍ରଜ୍ଞୋପାୟ-ବିନିଶ୍ଚିତସିଦ୍ଧି )

( ଅର୍ଥାତ୍ ଏହା ମହା ସୁଖରୂପରେ କଳ୍ପିତ । କାରଣ ଏହାର ପ୍ରକୃତିହିଁ ଅନଂତ ସୁଖ । ଏହା ଅତ୍ୟଂତ ମଂଗଳଦାୟକ, ଶ୍ରୀ-ଯୁକ୍ତ ଏବଂ ବୋଧିଜ୍ଞାନ ପ୍ରଦାୟକ । )

ସରହଂକ ଭାଷାରେ —

"ଆରେ ପୁତ୍ତ ! ତଥ ବିଚିତ୍ତ ରସ କହଣ ଣ ସକଇ ବତ୍ଥୁ
କପ-ରହିଅ ସୁହଠାଣୁ ବାରୁଜଗ ଉବଜ୍ଜୈଇ ତ ତଥୁ ।"

( ଅର୍ଥାତ୍ ରେ ପୁତ୍ର ! ବାସ୍ତବର ସ୍ୱାଦ ବଡ଼ ବିଚିତ୍ର, ତାହା ଶବ୍ଦରେ ପ୍ରକାଶ କରିହେବ ନାଇ । ଏହା ଚିଂତା-ଧାରଣାର ଅଧିଗମ୍ୟ ନୁହେଁ । ( ବୌଦ୍ଧିକ-ଧାରଣାର ବହିର୍ଭୂତ ) । ଏହା ସୁଖର ଆସ୍ଥାନ । ଏହା ବଡ଼ ରସମୟ ଅନୁଭୂତି । ତାଠାରୁ ବିଶ୍ୱବ୍ରହ୍ମାଂଡର ଉତ୍ପତ୍ତି । )

# ପୁରୁଷ-ନାରୀ ସଂପର୍କ

ଆଧୁନିକ ବିଜ୍ଞାନ ପ୍ରମାଣ କରୁଛି ଯେ ପ୍ରତ୍ୟେକଟି ଜୀବ-କୋଷ ଜଟିଳ । ପ୍ରତି ଜୈବକୋଷ ମଧ୍ୟରେ ନିଜକୁ କ୍ଷରଣ କରିବାର ଏବଂ ଅନ୍ୟ ଜୈବ କୋଷରୁ ପାରମାଣିକ ଅନୁପାତ ଗ୍ରହଣ କରିବାର ଲୀଳା ଚାଲିଛି ।

"An individual which is either predominantly male or female is driven to seek the complementary opposite type. In other words, every bisexually differentiated individual is incompletely balanced and is forced to restore his internal with external equilibrium and the counter-balancing bidynamic organisation of his integrity as a whole. A man will seek the woman, as will a woman the man. Such selective deficiencies or needs and cravings prove that every partial aspect is in want of its complement. ('Yuganadha' H.V.Guenther).

ନାରୀ ଓ ପୁରୁଷ ପରସ୍ପରର ସୁପ୍ତ ଶକ୍ତିର ସମ୍ୟକ ଉଦ୍‌ବୋଧନ କରିପାରନ୍ତି । କେବଳ ସେତିକି ନୁହେଁ, ପରସ୍ପରର ଅପୂର୍ଣ୍ଣତା ପୂରଣ ନିମନ୍ତେ ଉଭୟେ ଉଭୟର ଏକାନ୍ତ ଲୋଡ଼ା । ବୌଦ୍ଧ ବଜ୍ରଯାନୀ, ସହଜଯାନୀ ପ୍ରଭୃତି ମୁଦ୍ରାକୁହିଁ ( ସାଧନା-ସଙ୍ଗିନୀକୁ ) ନିଜ ସିଦ୍ଧି ଓ ସାଧନାର ଅପରିହାର୍ଯ୍ୟ ଅନୁଷଙ୍ଗ ତଥା ମାଧ୍ୟମରୂପେ ଗ୍ରହଣ କରିଛନ୍ତି । କାହ୍ନୁପା କହିଛନ୍ତି—

ତୋ ବିନୁ ତରୁଣି ! ନିରନ୍ତରେ ନେହେ
ବୋଧି କି ଲବ୍‌ଭଇ ଏଣ ବି ଦେହେ ।

( "ହେ ସୁନ୍ଦରୀ ତରୁଣୀ ! ତୋ ବିନା କପରି ଏ ଦେହରେ ବୋଧିଜ୍ଞାନ ଲାଭ ହେବ ?" ପୁଣି କାହ୍ନୁପା କହନ୍ତି—

ଜିମ ଲୋଣ ବିଲିଜ୍ଜଇ ପାଣି ଏହି ତିମ ଘରଣୀ ଲଇ ଚିଅ
ସମରସ ଯଇ ତକ୍ଖଣେ ଜଇ ପୁଣୁ ତେ ସମ ଣିତ ।

( ଲୁଣ ଯେଉଁପରି ପାଣିରେ ମିଳେଇଯାଏ, ସେଇପରି ଉପଯୁକ୍ତ ସଙ୍ଗିନୀର ଆଲିଙ୍ଗନରେ ମନ ମଧ୍ୟ ମିଳାଇଯାଏ—ଦ୍ୱୈତ ଜ୍ଞାନ ତୁଟେଇ ଯାଏ ।) ଯେଉଁ ମୁହୂର୍ତ୍ତରେ ସାଧକ ଓ ତାର ସଂଗିନୀ ମଧ୍ୟରେ ଆବେଗିକ ଏକତ୍ୱ ( ସମରସ ) ଜାତହୁଏ, ସେଇ ମୁହୂର୍ତ୍ତର ମୂଲ୍ୟ ଚିରନ୍ତନ ।)

ନାରୀ-ପୁରୁଷ ଦ୍ୱୈତଭାବ ଭୁଲି ପରସ୍ପର ମଧ୍ୟରେ ଲୀନ ହୋଇଯିବା ଦ୍ୱାରାହିଁ ଶୂନ୍ୟତା-ପ୍ରାପ୍ତି ହୋଇଥାଏ । ସେଥିପାଇଁ ସରହ କହିଛନ୍ତି : "ଦ୍ୱୈତଭାବ ସୃଷ୍ଟି ନ କରି ଐକ୍ୟଭାବ ବା ଏକାତ୍ମ୍ୟ ସୃଷ୍ଟି କରେ ।

"Do n·t create duality. create unity. Do not set up conceptual opposites within this state of (unitive and all-comprehensive) awareness. Immerse all the three worlds in a single light (*ekku karu banna*) through true love (*'maharae'*)*

ଦୁଇଟି ଅସମ ବା ବିପରୀତ ମଧ୍ୟରେ ସର୍ବାପେକ୍ଷା ଘନିଷ୍ଠତମ ସଂପର୍କ କେବଳ ଯୌନସଂଯୋଗ ମାଧ୍ୟମରେହିଁ ସ୍ଥାପିତ ହୋଇପାରେ । ଡଃ ଏଚ ଭି. ଗ୍ୟୁଏଂଥର ଲେଖିଛନ୍ତି :—**Sexual partnership seems to be the best expression for the most intimate relation between two opposites and for a subtle awareness of harmony"** କିନ୍ତୁ ଏଇ ଯୌନ ସଂସର୍ଗରେ ମଣିଷ ଯଦି ପ୍ରବୃତ୍ତି ନିକଟରେ ଆତ୍ମ ସମର୍ପଣ କରେ, ତେବେ ସେ ନିଜକୁ ଜୟ କରିପାରେନାଇ । ଏଭଳି ସାଧକ ପୁରୁଷତ୍ୱ ଓ ନାରୀତ୍ୱ ମଧ୍ୟରେ ଥିବା ମୌଳିକ ଏକତ୍ୱକୁ ଉପଲବ୍ଧି କରିପାରେ ନାହିଁ । ସେ କାମନାର ଦାସତ୍ୱ ସ୍ୱୀକାର କରେ । ତାର ଯୌନ-କ୍ରିୟା ଦ୍ୱାରା କାମନାର ସାମୟିକ ନିବୃତ୍ତି ହେଲେ ମଧ୍ୟ ଏହା ପୁଣି ତାକୁ ପ୍ରଲୁବ୍ଧ କରିବ ଏବଂ ତା'ର ମୁକ୍ତି ଅସମ୍ଭବ ହେବ । ତେଣୁ ସଂବୃତ୍ତିହିଁ ବୌଦ୍ଧ ତଂତ୍ରବାଦର ଲକ୍ଷ୍ୟ, ପ୍ରବୃତ୍ତିର ଶିକାର ହେବା ନୁହେଁ । ମୈଥୁନଯୋଗ ଦ୍ୱାରା ପ୍ରବୃତ୍ତିକୁ ଜାଗରିତ କରି ତାହାକୁ ନିବୃତ୍ତି ପଥରେ ପରିଚାଳିତ କରି ମୋକ୍ଷ ବା ନିର୍ବାଣ ଲାଭ କରିବାହିଁ ବୌଦ୍ଧ-ଯୋଗୀର ଧ୍ୟେୟ ।

ଡଃ ଏଚ, ଭି. ଗ୍ୱେଂଥର କହନ୍ତି : ବୌଦ୍ଧମାନଙ୍କର ଯୌନ-ଭାଷା ଓ ଯୌନ-ପ୍ରତୀକ ପ୍ରୟୋଗ ଅର୍ଥ ଆଧ୍ୟାତ୍ମିକତାକୁ ଯୌନାଗ୍ରହରେ ପରିଣତ କରିବା ନୁହେଁ କି ଯୌନତାର ଅଧ୍ୟାତ୍ମୀକରଣ ନୁହେଁ । **"These terms, therefore, are not meant either to sexualize spirituality or to 'spiritualize' sexuality."**

ଉଦାହରଣ ସ୍ୱରୂପ 'ପ୍ରଜ୍ଞୋପାୟବିନିଶ୍ଚୟସିଦ୍ଧି' ୩୮—୪୦ ସୂତ୍ରରେ ନିର୍ଦ୍ଦେଶ ଅଛି : "ସାଧକ ତା'ର ସାଧନା-ସଙ୍ଗିନୀକୁ (ମୁଦ୍ରାକୁ) ଆଲିଂଗନବଦ୍ଧ କରି ତା'ର ପୁରୁଷାଂଗକୁ ମୁଦ୍ରାର ଯୋନି ମଧ୍ୟରେ ପ୍ରବେଶ କରାଇବ (ବଜ୍ର-ବେଶ-ପ୍ରବର୍ତ୍ତନ), ତା'ର ଅଧର ପାନ କରିବ ଏବଂ ତାକୁ ମୃଦୁ ମଧୁର ବଚନ କୁହାଇବ ଏବଂ କହିବ, ଗଭୀର ଆନନ୍ଦ ଅନୁଭବ କରିବ ଏବଂ ତାର ସ୍ତନଯୁଗଳରେ ମୃଦୁ ଶିହରଣ ସୃଷ୍ଟି କରିବ । କାମରାଜାର (ସାଧକର) କଠିନ ପ୍ରକୃତି (ବଜ୍ରସତ୍ତ୍ୱ) ପ୍ରକାଶିତ ହେବ ।"

"କିଂତୁ ଏପରି ଭାବରେ ଅଗ୍ରସର ହେବ ଯେ ତାର ମନ ଯେପରି ବିଚଳିତ ନ ହେବ । ଯଦି ତାର ଶାରୀରକବିନ୍ଦୁ ମନ ବିଚଳିତ ହୁଏ ଏବଂ ସେ transcendal unity ବା ମୁଦ୍ରା ସହିତ ଏକାତ୍ମ୍ୟ ଭାବ ଭୁଲି ଦ୍ୱୈତଭାବରେ କେନ୍ଦ୍ରଚ୍ୟୁତ ହୁଏ, ତେବେ ସେ କଦାପି ସିଦ୍ଧି ଲାଭ କରିପାରିବ ନାହିଁ । ପ୍ରଜ୍ଞା (value-cognitions) ଏବଂ ଉପାୟ (ନିଷ୍କ୍ରିୟ ଆଗ୍ରହ) ନାରୀ-ପୁରୁଷ ରୂପେ ପରିକଳ୍ପିତ ।

ପ୍ରଜ୍ଞୋପାୟ

ଅନ୍ୟତ୍ର ଦେଖ : ସାଧକ ଓ ତାର ମୁଦ୍ରାର (ସାଧନା-ସଂଗିନୀର) ମିଳନ ହେବା ପରେ ସଦ୍‌ଗୁରୁ ଶିଷ୍ୟର ପୁରୁଷାଂଗକୁ (ବୋଧିଚିତ୍ତକୁ) ମୁଦ୍ରାର ଯୋନିରେ (ପଦ୍ମଭାଣ୍ଡରେ) ପ୍ରବର୍ତ୍ତନ କରାଇବେ କାରଣ ଏହି ଯୋନି-ମଂଡଳହିଁ ଜିନାଳୟ ବା ବଜ୍ରୀର ଜନ୍ମ-ସ୍ଥାନ । (ପ୍ରଜ୍ଞୋପାୟ ବିନିଶ୍ଚିତସିଦ୍ଧି, ୩-୨୦)

ବୌଦ୍ଧ-ତଂତ୍ରରେ ନାରୀକୁ ପରମ ପ୍ରେରଣା-ଦାୟିନୀ, ନିରାତ୍ମାର ପ୍ରତିମୂର୍ତ୍ତି ରୂପେ କଳ୍ପନା କରାଯାଇଛି । ସେଇପରି ପୁରୁଷକୁ ବଜ୍ରସତ୍ତ୍ୱ, ବୋଧିଚିତ୍ତ ଏବଂ ବଜ୍ର (ଧାରକ) ମନେକରାଯାଇଛି । ଇଂଦ୍ରଭୂତି ତାଂକ 'ଜ୍ଞାନସିଦ୍ଧି' ଗ୍ରଂଥର ୧-୮୦-୮୧, କହିଛଂତି, ନାରୀକୁ —ତା'ର ସର୍ବାଂଗ କୋଷ୍ଠବ୍ୟାଧି ଦ୍ୱାରା ଆକ୍ରାଂତ ହେଲେ ମଧ୍ୟ କଦାପି ଘୃଣା କରିବ ନାହିଁ । ସେ ଯେ କୌଣସି ବଂଶରୁ ଜାତ ହେଲେ ମଧ୍ୟ ସମ୍ମାନର ପାତ୍ରୀ, କାରଣ ସେ ବଜ୍ରଧାରଣ କରିଛି (ବଜ୍ରଧାରିଣୀମଂତ୍ର) । ପୁଣି ସେଇ ଗ୍ରଂଥର ଅନ୍ୟତ୍ର କହିଛଂତି . "ନିର୍ବିକଳ୍ପାବସ୍ଥିତ' ଅବସ୍ଥାରେ ସିଦ୍ଧିଲାଭାଂକାଙ୍କ୍ଷୀ ସାଧକ ଏପରି ବାଳିକାକୁ ମୁଦ୍ରା ହେବା ପାଇଁ ଅନୁରୋଧ କରିବ ଯେ କି ବୋଧିଚିତ୍ତ ସମନ୍ୱିତ ହେବ । ଇଂଦ୍ରଭୂତି ବଜ୍ରସତ୍ତ୍ୱ ଓ ବୋଧିଚିତ୍ତକୁ ଏକ ଅର୍ଥରେ ବ୍ୟବହାର କରିଛଂତି । ନିରାତ୍ମା, ପ୍ରଜ୍ଞା (Value-cognition) ଏବଂ

ପ୍ରଜ୍ଞା ଓ କରୁଣା

---

"ekku karu re me karu benni Jane na karaha binna
ehu vihange saala maharae ekku karu banna".

*Saraha, 28.*

ପ୍ରଜ୍ଞାପାରମିତା ଶବ୍ଦର ବ୍ୟବହାର ମଧ୍ୟ ବୌଦ୍ଧ ତନ୍ତ୍ରରେ ଏକାର୍ଥସୂଚକ । ଇନ୍ଦ୍ର-ଭୂତିଙ୍କ ଭଉଣୀ ଲକ୍ଷ୍ମୀଙ୍କର "ଅଦ୍ୱୟସିଦ୍ଧି"ରେ କହୁଛନ୍ତି – "ନାରୀ ସର୍ବ ପ୍ରେରଣାର ଉତ୍ସ ଏବଂ ସର୍ବଦା ବରଣୀୟା, କାରଣ ସେ ଭଗବତୀ ପ୍ରଜ୍ଞା ।"*

**କର୍ମମୁଦ୍ରା ଓ ଧର୍ମମୁଦ୍ରା**

ନାଗାର୍ଜୁନଙ୍କ ଅନୁସାରେ ମୁଦ୍ରା ଚାରି ପ୍ରକାର, ଯଥା; କର୍ମମୁଦ୍ରା, ଧର୍ମମୁଦ୍ରା ମହାମୁଦ୍ରା ଏବଂ ସମୟ ମୁଦ୍ରା । ନାରୁପା ନାରୀ-ପୁରୁଷ ଦୈହିକ-ସମ୍ପର୍କକୁ ଆଖିରେ ରଖି କର୍ମମୁଦ୍ରା ଉନ୍ନତସ୍ତନା ଓ ଦୀର୍ଘକେଶୀ ଲକ୍ଷଣଯୁକ୍ତ ବୋଲି ବର୍ଣ୍ଣନା କରିଛନ୍ତି ।** ସେ କାମଧାତୁର (ଦୈହିକ ଆନନ୍ଦର) ହେତୁ । କର୍ମଣ ଯଥା . ଚୁମ୍ବନ, ଆଲିଙ୍ଗନ, ଲିଙ୍ଗ-ସ୍ପର୍ଶ, ଲିଙ୍ଗ-ଉଚ୍ଚାଟନ ପ୍ରଭୃତିରେ ସେ କୁଶଳା (ପ୍ରତ୍ୟୟକାରିଣୀ) ଏହି ପ୍ରକାର ସମ୍ପର୍କ କେବଳ କ୍ଷଣିକ ସୁଖ (କ୍ଷାରସୁଖ) ପ୍ରଦାନ କରିଥାଏ ଯାହା ମୁଦମ୍ ଏବଂ ରତମ୍ ନାମରେ କଥିତ ।

ଧର୍ମ ମୁଦ୍ରାର, କାରକ ସ୍ଥିତି ବିଶେଷ କିଛି ନଥିଲେ ମଧ୍ୟ ଏହା ଏକ କାରଣ ରୂପେ ମହାମୁଦ୍ରା ନିକଟରେ ସାଧକକୁ ପହଂଚାଇ ଦିଏ । ମହାମୁଦ୍ରା ଅର୍ଥ ମହାଜନନୀ । ନାରୁପା କର୍ମମୁଦ୍ରା, ଜ୍ଞାନମୁଦ୍ରା, ମହାମୁଦ୍ରା ଓ ଫଳମୁଦ୍ରା ନାମରେ ଚାରି ମୁଦ୍ରାର ନାମକରଣ କରିଛନ୍ତି । ନାରୁପାଙ୍କ ମତରେ ମହାମୁଦ୍ରା କୌଣସି ବିଶେଷ ଗୁଣ ବା ବିଶେଷ ମୂଲ୍ୟ ଧାରଣ କରେ ନାହିଁ । ସେ ସମସ୍ତ ଗୁଣ ଓ ମୂଲ୍ୟର ଗୌରବରେ ବିଭୂଷିତ । ଅଦ୍ୱୈତବଜ୍ର ମତରେ ମହାମୁଦ୍ରା ନିଃସ୍ୱଭାବରୁ ମୁକ୍ତ । ସେ ଆକାଶ ପରି ଆବରଣହୀନ । ସେଠି ସଂସାର ଓ ନିର୍ବାଣ ସଙ୍ଗେ ଏକୀଭୂତ । ସୁଖର ଅବସ୍ଥାକୁ ଫଳମୁଦ୍ରା କୁହାଯାଏ । ନାରୁପା କହନ୍ତି, ଫଳମୁଦ୍ରା ମହା-ମୁଦ୍ରାଙ୍କ ଦାନ । ଏହାର ବୈଶିଷ୍ଟ୍ୟ ହେଉଛି ଘନୀଭୂତ ପରମକ୍ଷାରସୁଖ ସମ୍ବନ୍ଧୀୟ ଚେତନା ।

---

* *Advayasiddhi* :—
thamas-cad-rigs nas byum-ba-yi
bud-med-dag-la brtg mi-bya
de-nid bcom-idan pha-ral phyin
Kun-rdzob-tsam-gyis gzugs-nid de. ( ତିବ୍ବତୀୟ ପାଠରୁ )

** *Sekoddestika, P. 56*

ମୋଟ ଉପରେ କୁହାଯାଇପାରେ ପ୍ରଜ୍ଞୋପାୟ ସାଧନାର ମୂଳତତ୍ତ୍ୱ ହେଲା, ବିପରୀତର ଏକତ୍ୱ-ବିଧାନ,ଦ୍ୱୈତ ଭାବର ନିରାକରଣ ପୂର୍ବକ ନାରୀତ୍ୱ-ପୁରୁଷତ୍ୱ କିଂବା ଦେହ-ଆତ୍ମାର ସମନ୍ୱୟ ସ୍ଥାପନ । ଏହାର ଲକ୍ଷ୍ୟ ହେଉଚି ପ୍ରବୃତ୍ତିର ଜାଗରଣ ଘଟାଇ ନିବୃତ୍ତି ମାର୍ଗରେ ସଂଚାଳନ, ଏବଂ ତଦ୍ଦ୍ୱାରା ସମସ୍ତ ପ୍ରକାର କାମନା-ବାସନା ଏବଂ ସଂସାର ବଂଧନରୁ ମୁକ୍ତି ଲାଭ କରିବା । ସରହଙ୍କ ଭାଷାରେ — "ସେ ସମସ୍ତ ବିଷୟ ଉପଭୋଗ କଲେ ମଧ୍ୟ ବିଷୟ-ବଂଧନରୁ ମୁକ୍ତ । ଜଣେ ପଦ୍ମଫୁଲ ତୋଳେ, ମାତ୍ର ଜଳରେ ଭିଜେ ନାଇ । ସେଇପରି ଯୋଗୀ ମଧ୍ୟ ବିଷୟ ଭୋଗରେ ଲିପ୍ତ ରହି ସମସ୍ତ ପ୍ରକାର ବିଷୟ-ପାଶରୁ ନିଜକୁ ମୁକ୍ତ ରଖିଥାଂନ୍ତି ।"

"ବିଷଅ ରମଂତ ଣ ବିଷଅ ବିଲପ୍‌ପଇ
ଉଅଲ୍ ହରଇ ନ ପାଣି ଛୁପ୍‌ପଇ
ଏମଇ ଯାଇ ମୂଳ ସରଂତେ
ବିଷୟୀ ନ ବାହଇ ବିଗଅ ରମଂତୋ ।"

ଅନ୍ୟାନ୍ୟ ଦର୍ଶନ ଭଳି, ଉତ୍ତୁଂଗ ଆଦର୍ଶର କଥା କହିଲାବେଳେ ବୌଦ୍ଧ ତଂତ୍ରବାଦ ଜୀବନର ବାସ୍ତବତା ଏବଂ ସାଧାରଣ ସମସ୍ୟା ପ୍ରତି ଆଖିବୁଜି ଦିଏନାହିଁ । ଆଦର୍ଶ ସଂଗେ ବାସ୍ତବବୋଧର ଏବଂ ଲୌକିକ ସଂଗେ ଅଧ୍ୟାତ୍ମର ଯେପରି ସମନ୍ୱୟ ବୌଦ୍ଧଯୋଗୀ ସାଧନ କରିଚି ତାହାର ଦୃଷ୍ଟାଂତ ପୃଥିବୀରେ ବିରଳ । ସରହଙ୍କ ଭାଷାରେ .—

"ଶୁଣହି ସଂଗ ମା କରହି ତୁ ଯାହି ତାହି ସମ ଚଂଭସ ।
ତଲ-ତୁସ ମତ୍ତ ହି ସଲହି ବିଅଣୁ କେରଇ ଅବସ୍‌ସ ।

ଅର୍ଥାତ୍, "ଶୂନ୍ୟତାରେ ନିଜକୁ ବିସର୍ଜନ ଦିଅ ନାଇ । 'ଏଠାରେ' 'ସେଠାରେ' ଏ ଦୁହିଁକୁ ସମାନ ବୋଲି ଭାବ । କାରଣ ଏହା ସାମାନ୍ୟ ତଳ ଶିସାଟିଏ ହେଲେ ମଧ୍ୟ ତୁମକୁ ନିଶ୍ଚିତ ଭାବରେ କଂଟା ଫୋଡ଼ିଲା ପରି ଦୁଃଖ ଦେବ ।"

**କାଲଚକ୍ରଯାନୀର ଧାରଣା:—** ଯାହା କରୁଣା ଓ ଶୂନ୍ୟତା ତାହାହିଁ କାଳ । ସେ (ଆଦିବୁଦ୍ଧ, ସହଜକାୟ) ହିଁ କାଳଚକ୍ର । ସେ ପ୍ରଜ୍ଞା ଏବଂ ଉପାୟ ଉଭୟ ଏକତ୍ର । ଏଇ ଅଦ୍ୱୈତ-ଚେତନାର ଉଦୟ ହେଲେ ସମସ୍ତ ଭ୍ରାଂନ୍ତି ଦୂର ହୋଇଯାଏ ଏବଂ ମହାସୁଖ ଲାଭ ହୁଏ । (ନାରୁପା)

# ବୌଦ୍ଧ ଚର୍ଯ୍ୟାଗୀତ

ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ କହନ୍ତି – ଶକାବ୍ଦ ସପ୍ତମ ଶତାବ୍ଦୀରେ ଓଡ଼ିଶାର (ସଂବଲ ନାମକ ରାଜ୍ୟର) ରାଜା ଇଂଦ୍ରଭୂତି,—ନିଜ ପୁତ୍ର ପଦ୍ମସଂଭବ, କନ୍ୟା ଲକ୍ଷ୍ମୀଂକରା ଏବଂ ଜାମାତା ଶାଂତିରକ୍ଷିତଂକ ସହାୟତାରେ ବଜ୍ରଯାନ ସଂପ୍ରଦାୟର ପ୍ରବର୍ତ୍ତନ କରଂନ୍ତି । ଏମାନଂକର ଉପାସ୍ୟ ପଦ୍ମ, ବଜ୍ର ଓ ବୋଧିସତ୍ତ୍ୱ, ଏହାର ଅନ୍ୟ ଏକ ଶାଖାର ନାମ ସହଜଯାନ । ରଢ଼ ଦେଶର ଆଚାର୍ଯ୍ୟ ନାଡ଼ପଂଡିତ । ତାଂକ ସ୍ତ୍ରୀ ନିଗୁ ବା ଜ୍ଞାନ-ଡାକିନୀ ପ୍ରମୁଖ ଏହି ସଂପ୍ରଦାୟର ପ୍ରବର୍ତ୍ତକ । ନର-ନାରୀର ମିଳନ ସୁଖହିଁ ଏମାନଂକ ମତରେ ଚରମ ଓ ପରମ ସୁଖ । ଲକ୍ଷ୍ମୀଂକରା ଇଂଦ୍ରଭୂତିଂକ ଭଉଣୀ ବୋଲି ମଧ୍ୟ କୁହାଯାଇଥାଏ ।

ବୌଦ୍ଧ ଚର୍ଯ୍ୟାଗୀତର ସିଦ୍ଧାଚାର୍ଯ୍ୟଗଣ ଥିଲେ ୮୪ ସିଦ୍ଧ-ପରଂପରାର ଅଂତର୍ଭୁକ୍ତ । ଏମାନେ ଥିଲେ ତାଂତ୍ରିକ ବୌଦ୍ଧ-ସହଜିଆ ସାଧକ । କେହି କେହି ଏମାନଂକୁ ଶୂନ୍ୟବାଦୀ କାୟାସାଧକ, ମଧ୍ୟମପଂଥୀ, କୌଳମାର୍ଗୀ ମଧ୍ୟ କହଂନ୍ତି । ନାଥ-ଧର୍ମ ପରଂପରାରେ ଏହି କବିମାନଂକ ମଧ୍ୟରୁ କେତେଜଣଂକର ଉଲ୍ଲେଖ ଅଛି ବୋଲି ଡଃ ହଜାରୀ ପ୍ରସାଦ ଦ୍ୱିବେଦୀ ପ୍ରଭୃତି କହଂନ୍ତି । ଏହାଛଡ଼ା ଡଃ ଶହୀ-ଦୁଲ୍ଲା, ଡଃ ବିନୟତୋଷ ଭଟ୍ଟାଚାର୍ଯ୍ୟ, ଡଃ ପ୍ରବୋଧଚଂଦ୍ର ବାଗ୍‌ଚୀ, ପଂଡିତ ରାହୁଲ ସାଂକୃତ୍ୟାୟନ, ଡ଼ଃ ଶଶିଭୂଷଣ ଦାଶଗୁପ୍ତ, ଡଃ ଧର୍ମବୀର ଭାରତୀ ପ୍ରମୁଖ ବୌଦ୍ଧ ଚର୍ଯ୍ୟାଗୀତ ଉପରେ ବିଶେଷ ଆଲୋଚନା କରିଛଂନ୍ତି । ଓଡ଼ିଆ ଭାଷାରେ ଅଧ୍ୟାପକ ଖଗେଶ୍ୱର ମହାପାତ୍ର ତାଂକ 'ଚର୍ଯ୍ୟା ଗୀତିକା' ପୁସ୍ତକରେ ଏହି କବିମାନଂକ ରଚନାବଳୀ ଉପରେ ଆଲୋକପାତ କରିଛଂନ୍ତି । ତଳେ ତାଂକ ବକ୍ତବ୍ୟ ଉଦ୍ଧାର କରାଗଲା ।

'ମହାଯାନ ବୌଦ୍ଧଧର୍ମରେ କ୍ରମେ ଦୁଇଟି ମତ ଦେଖାଦିଏ । ଗୋଟିଏ ପାରମିତାନୟ, ଅନ୍ୟଟି ମଂତ୍ରନୟ । ପାରମିତାନୟ ସାଧକଗଣ ଛଅ ପାରମିତାର ଅନୁଶୀଳନ ଦ୍ୱାରା ଦଶବୋଧିସତ୍ତ୍ୱ ଭୂମି ଅତିକ୍ରମ କରି ବୋଧିଚିତ୍ତ ଉତ୍ପାଦନ ପୂର୍ବକ ସୁଖ ଓ ନିର୍ବାଣ ଲାଭ କଲେ । କିଂତୁ ମଂତ୍ରନୟରେ ତାଂତ୍ରିକ ସାଧନାର ବିକାଶ ଘଟିଲା । ବିବିଧ ମଂତ୍ର ସହ ମୁଦ୍ରାମଂଡଳ ଆଦି ଦେଖାଦେଲା ଏବଂ ଏହା ଏକ ପୂରାପୂରି ତାଂତ୍ରିକ ଧର୍ମରେ ପରିଣତ ହେଲା । ମହାଯାନ ସିଦ୍ଧାଂତସମ୍ମତ ବୁଦ୍ଧକାୟାର ତିନୋଟି ସ୍ତର ଧର୍ମକାୟା, ସଂଭୋଗକାୟା ଓ ନିର୍ମାଣକାୟା ସହିତ ବଜ୍ରକାୟା ସଂଯୁକ୍ତ ହେଲା । ଏବଂ ଶୂନ୍ୟତା ଓ ବିଜ୍ଞାନ ସଂଗେ ମହାସୁଖ ସିଦ୍ଧାଂତ ବିକଶିତ ହେଲା । ଶୂନ୍ୟର ରୂପାଂତର ହେଲା । ବଜ୍ର ଓ ବୋଧିସତ୍ତ୍ୱ ହେଲେ ବଜ୍ରସତ୍ତ୍ୱ । ଶୂନ୍ୟତା ଓ କରୁଣା ହେଲେ ପ୍ରଜ୍ଞା ଓ ଉପାୟ । ଏଇଠୁ ବଜ୍ରଯାନର

ମୂଳପତ୍ତନ । ମନ୍ତ୍ର, ମୁଦ୍ରାମଣ୍ଡଳ ଛଡ଼ା କେତେକ ଦେବଦେବୀ ପୂଜା, ଧ୍ୟାନଧାରଣା ଓ ଗୁହ୍ୟଯୋଗ ସାଧନାର ପ୍ରବର୍ତ୍ତନ ହେଲା । ଏଥିରୁ ପୁଣି

ବଜ୍ରଯାନ

ପରବର୍ତ୍ତୀ କାଳରେ ବିକଶିତ ହେଲା କାଳଚକ୍ରଯାନ ଓ ସହଜଯାନ । କାଳଚକ୍ରଯାନୀମାନେ ଶ୍ୱାସ-ପ୍ରଶ୍ୱାସର ପ୍ରବାହକୁ କାଳ-ପ୍ରବାହର ବାହନ ରୂପେ ଗ୍ରହଣ କଲେ ଏବଂ ଶ୍ୱାସ-ପ୍ରଶ୍ୱାସର ପ୍ରଭାବକୁ ନାନା ଭାବରେ ନିରୁଦ୍ଧ କରି କାଳଚକ୍ରକୁ ଅତିକ୍ରମ କରିବାକୁ ସାଧନା କଲେ ।

"ସହଜଯାନୀମାନେ ସିଦ୍ଧାନ୍ତ କଲେ ଯେ ପ୍ରତ୍ୟେକ ବ୍ୟକ୍ତି ଓ ବସ୍ତୁ ମଧ୍ୟରେ ସମସ୍ତ ପରିବର୍ତ୍ତନ ମଧ୍ୟରେ ଏକ ଅପରିବର୍ତ୍ତନୀୟ ସହଜ ସ୍ୱରୂପ ବର୍ତ୍ତମାନ । ଏହି ସହଜ ସ୍ୱରୂପକୁ ଉପଲବ୍ଧି କରି ସହଜାନନ୍ଦ ଓ ମହାସୁଖ ଲାଭ କରିବା ହେଲା ସେମାନଙ୍କର ଲକ୍ଷ୍ୟ । ଏହି ମହାସୁଖ ନିର୍ବାଣଠାରୁ ଉତ୍କୃଷ୍ଟ । ନିର୍ବାଣ ନଞର୍ଥକ ବା ନେତିବାଚକ । କିନ୍ତୁ ମହାସୁଖ

ସହଜଯାନ

ଅସ୍ତ୍ୟର୍ଥକ ବା ଇତିବାଚକ । ମହାସୁଖ ଲାଭ କରିବା ପାଇଁ ଦେବଦେବୀ ପୂଜା, ଓ ପ୍ରଚୁର ପାଣ୍ଡିତ୍ୟ ଆବଶ୍ୟକ । ମନୁଷ୍ୟ ତାର ସ୍ୱାଭାବିକ ବୃତ୍ତିସମୂହ କଷ୍ଟପୂର୍ବକ ଅବଦମିତ ବା ଧ୍ୱଂସ ନ କରି ସେ ସବୁର ରୂପାନ୍ତର ଓ ଉଦ୍‌ଗତି ଦ୍ୱାରା ସତ୍ୟ ଉପଲବ୍ଧି କରିପାରେ । ଏମାନଙ୍କର ସାଧ୍ୟ ଯେପରି ସହଜ, ସାଧନା ସେହିପରି ସହଜ । ତେଣୁ ଏମାନଙ୍କ ପଦ୍ଧତିକୁ ସହଜଯାନ କୁହାଯାଏ ।"

ସହଜ ସାଧନାର ମୂଳତତ୍ତ୍ୱ ବୋଧିଚିତ୍ତ ସମୁତ୍ପାଦ । ବୋଧିଚିତ୍ତ ଅର୍ଥ ଜ୍ଞାନମୟ ବା ପ୍ରଜ୍ଞାରେ ପ୍ରତିଷ୍ଠିତ ଚିତ୍ତ । ଏହା ଚିତ୍ତର ଦୃଢ଼ ଓ ଅଚଳ ଅବସ୍ଥା । ଏହା ବଜ୍ର ସ୍ୱରୂପ (ବୋଧିଚିତ୍ତଂ ଭବେତ୍ ବଜ୍ରମ୍) । ଜ୍ଞାନ ବ୍ୟତୀତ ଏହାର ଅନ୍ୟ ଏକ ଉପାଦାନ ହେଉଚି ସାର୍ବଜନୀନ କରୁଣା । ତେଣୁ ବୋଧିଚିତ୍ତ ହେଉଚି ଶୂନ୍ୟତା ଓ କରୁଣାଯୁକ୍ତ ଚିତ୍ତ । (ଶୂନ୍ୟତା କରୁଣାଭିନ୍ନଂବୋଧିଚିତ୍ତମ୍") । ଏହି ଶୂନ୍ୟତା ଓ କରୁଣାକୁ ଏମାନେ ପ୍ରଜ୍ଞା ଉପାୟ, ଗ୍ରାହ୍ୟଗ୍ରାହକ, ଭବନିର୍ବାଣ, ବାମନାଡ଼ୀ ଦକ୍ଷିଣ ନାଡ଼ୀ ଇତ୍ୟାଦି ନାନା ଭାବରେ ବର୍ଣ୍ଣନା କରିଛନ୍ତି । ସ୍ଥଳ ବିଶେଷରେ ଏହା ନାରୀ ଓ ପୁରୁଷ ରୂପେ ମଧ୍ୟ ପରିକଳ୍ପିତ । ଏହି ଦୁହିଁଙ୍କର ମିଳନ ଏକ ମଧ୍ୟମାର୍ଗ ଅବଧୂତମାର୍ଗରେ ସଂଘଟିତ ହୁଏ । ଏହାହିଁ ଯୁଗନଦ୍ଧ, ସମରସ ବା ଅଦ୍ୱୟ ଅବସ୍ଥା । କାୟାସାଧନା ଦ୍ୱାରା ଏହି ମିଳିତ ଧାରାକୁ ଅବଧୂତ ମାର୍ଗରେ ଊର୍ଦ୍ଧ୍ୱକୁ ଉତ୍ତୋଳିତ କରି ମହାସୁଖ ('ମହାସୁହ') ଲାଭକରାଯାଏ । ଏହି ସାଧନାର ସାର କଥା ହେଲା

ସହଜଯାନୀମାନେ ବୌଦ୍ଧ ତ୍ରିକାୟ ସହିତ ସହଜକାୟ ଯୁକ୍ତ କରି ଚାରି କାୟ ନିର୍ଣ୍ଣୟ କରିଛନ୍ତି । ହିନ୍ଦୁତନ୍ତ୍ରର ଷଡ଼ଚକ୍ର ଅନୁରୂପ ଶରୀରରେ ଏହାର ଅବସ୍ଥିତି ପରି-କଳ୍ପନା କରିଛନ୍ତି । ଇଡ଼ା, ପିଙ୍ଗଳା ଏମାନଙ୍କର ପରିଭାଷାରେ ଲଲନା, ରସନା, ଆଲିକାଲି, ଧମନ, ରମଣ ଏବଂ ସୁଷୁମ୍ନା ହେଉଛି ଅବଧୂତିକା । ବାମ ଦକ୍ଷିଣ ନାଡ଼ୀ ଦ୍ୱୟର ସ୍ୱାଭାବିକ ନିମ୍ନଗତିକୁ ରୁଦ୍ଧ କରି ମଧ୍ୟମ ମାର୍ଗରେ ଏକୀକରଣ କରିବା ଏବଂ ସଂବୃତ୍ତି ବୋଧିଚିତ୍ତକୁ ଜାଗ୍ରତ କରି ସେଇ ମାର୍ଗରେ ଊର୍ଦ୍ଧ୍ୱକୁ ଉତ୍ତୋଳନ କରିବା ବିଧେୟ । ଏହାଦ୍ୱାରା ଏକ ଏକ କାୟ ବା ଶୂନ୍ୟମଣ୍ଡଳ ଅତିକ୍ରମ କରିବା ସଂଗେ ସଂଗେ ଏକ ଏକ ଆନନ୍ଦ ଓ ଅନୁଭୂତି ଲାଭ ହୁଏ ଏବଂ ସର୍ବଶେଷରେ ମିଳେ ମହା-ସୁଖ । ସଂବୃତ୍ତି ବୋଧିଚିତ୍ତ 'ପରମାର୍ଥିକ'ରେ ରୂପାନ୍ତରିତ ହୁଏ । ('ଚର୍ଯ୍ୟାଗୀତିକା')

ଚର୍ଯ୍ୟାଗୀତିକାର ଦର୍ଶନତତ୍ତ୍ୱ ମାଧ୍ୟମିକ ଯୋଗାଚାରର ଦର୍ଶନର ପ୍ରଭାବ ଦ୍ୱାରା ଗଠିତ ।

ଉଜୁରେ ଉଜୁ ଛାଡ଼ି ମା ଲେହୁରେ ବାଙ୍କ ।
ନିଅଡ଼ି ବୋହି ମା ଜାହୁରେ ଲାଙ୍କ ।
ହାଥେର କାଙ୍କଣ ମା ଲେଉ ଦାପଣ ।
ଅପଣେ ଅପା ବୁଝତୁ ନିଅ ମଣ । (୩୨)

("ସିଧା ସଳଖ ପଥ ଛାଡ଼ି ବଙ୍କା ରାସ୍ତା ଧର ନାଇ । ତୋ ନିକଟରେହିଁ ତତ୍ତ୍ୱ ରହିଛି । ସେଥିପାଇଁ ଲଙ୍କାକୁ ଯାଅ ନାଇ । ନିଜ ହାତରେ କଙ୍କଣ ଥାଉଁ ଥାଉଁ ଦର୍ପଣରେ କ'ଣ ଲୋଡ଼ା ? ଆପଣା ମନକୁ ଆଗ ଆପେ ବୁଝ ।")

ସହଜ ମହାତରୁ ଫରିଅ ଏ ତେଲୋଏ
ଖସମ ସଭାବେରେ ବାଣତ ମୁକା କୋଏ ।
ଜିନା ଜଳେ ପାଣିଆ ଟଳିଆ ଭେଉ ନ ଜାଅ ।
ତିମ ମଣରଅଣ ସମରସେ ଗା ଅଣ ସମାଅ । (୪୩)

("ସହଜ ମହାତରୁ ତ୍ରିଭୁବନରେ ବିସ୍ତୃତ ହୋଇଛି । ଶୂନ୍ୟତା ସ୍ୱଭାବ ଜାତ ହେଲେ କିଏ ମୁକ୍ତ ନ ହୁଏ ? ଜଳରେ ଜଳ ମିଶିଲେ ଯେପରି ତାହା ବାରି ହୁଏ ନାଇ, ସେଇପରି ମନ-ରତ୍ନ ସମରସରେ (ବା ଯୁଗନଦ୍ଧ ବା ମିଥୁନ ରୂପରେ) ଶୂନ୍ୟ ସହିତ ମିଶିଯାଏ ।

**ଚିତ୍ତ :** ଶରୀରର ସାରତତ୍ତ୍ୱ ଚିତ୍ତ । ଏହା ସାଧନାର ଆଧାର । ଏହା ସ୍ୱଭାବତ ଚଞ୍ଚଳସ୍ୱଭାବ-ବିଶିଷ୍ଟ । ଏଥିରେ ସହଜ ସଂବୋଧି ଜାଗ୍ରତ ନ ହେଲେ ଚଞ୍ଚଳଭାବ

ଦୂର ହୁଏ ନାହିଁ । ନୈରାତ୍ମ୍ୟଜ୍ଞାନ ଲାଭ ପୂର୍ବକ ପ୍ରଜ୍ଞା ଓ ଉପାୟ ସମନ୍ୱିତ ହେଲେ ଏହା ବଜ୍ରରୂପ ବା ସହଜରୂପ ଗ୍ରହଣ କରେ ।

ଶୂନ୍ୟତା ଓ କରୁଣା, ପ୍ରଜ୍ଞା ଓ ଉପାୟ, କିଂବା ପୁରୁଷ ଓ ସ୍ତ୍ରୀର ସମନ୍ୱୟରେ ବୋଧିଚିତ୍ତ ଉତ୍ପାଦିତ ହୁଏ । ନାଭିମଣ୍ଡଳର ନିର୍ମାଣ-ଚକ୍ରରେ ଏହା ପ୍ରଥମେ ଆବିର୍ଭୂତ ହୁଏ ଓ ସାଧାରଣ ଚଂଚଳ ଅବସ୍ଥା ହେତୁ ସଂବୃତ୍ତ ବୋଧିଚିତ୍ତ ଭାବେ ପରିଚିତ ହୁଏ । ବୌଦ୍ଧତାନ୍ତ୍ରିକ ଗ୍ରଂଥରେ ବୋଧିଚିତ୍ତର ବର୍ଣ୍ଣନା ଏଇପରି—"ଅନାଦିନିଧାନଂ ଶାଂତଂ ଭାବାଭାବ କ୍ଷୟଂ ବିଭୁମ୍—ଶୂନ୍ୟତା କରୁଣାଭିନ୍ନଂ ବୋଧିଚିତ୍ତମିତି ସ୍ମୃତମ୍" (ଶ୍ରୀ ଗୁହ୍ୟସମାଜ) ବୋଧିଚିତ୍ତ ସମୁତ୍ପାଦ ନିମନ୍ତେ ସାଧକର ବଜ୍ର ଓ ପଦ୍ମର ସମନ୍ୱୟ ପ୍ରୟୋଜନୀୟ । ଯୌନ-ଯୋଗରେ ଯୋଗୀ ଚିତ୍ତର ଚଂଚଳତା ଦୂର କରି ଶୁକ୍ରଧାରଣ କରିବା ଦ୍ୱାରା ବୋଧିଚିତ୍ତକୁ ଊର୍ଦ୍ଧ୍ୱକୁ ଉତ୍କ୍ଷେପିତ କରିବାକୁ ସମର୍ଥ ହୁଏ ।

## ମହାସୁଖତତ୍ତ୍ୱ

ତାଂତ୍ରିକ ସହଜିୟା ସିଦ୍ଧମାନଂକର ସାଧନାର ଚରମ ଲକ୍ଷ୍ୟ ମହାସୁଖ । ସଂକ୍ଷେପରେ ଏଇ ମହାସୁଖ ବୌଦ୍ଧଧର୍ମର ନିର୍ବାଣ, ହିଂଦୁଧର୍ମର ମୋକ୍ଷ ଓ ତାନ୍ତ୍ରିକ ସାଧନାର ସମରସ । ସାଧାରଣତ ଜୀବନ ଚର୍ଯ୍ୟା ମଧ୍ୟରେ ପ୍ରବୃତ୍ତି ମାର୍ଗରେ ଗତି କରି ବିନା କଷ୍ଟ କଳ୍ପନାରେ ସାଧକ ଏହା ଲାଭ କରିପାରେ ।

ମହାସୁହର ସ୍ୱରୂପ ବର୍ଣ୍ଣନା "ଆଇଣ ଅଂତ ଣମଝ୍ଝୁଣ ଣଉ ଭବଣଉ ଣିବ୍‌ବାଣ—ଏହୁ ସୋ ପରମମହାସୁହ ଣଉ ପର ଣଉ ଅପ୍‌ପାଣ ।" ।" ଭେଦ୍ୟ ଭେଦକ ନିର୍ଲକ୍ଷଂ ଅଦ୍ୱୟଂତୁ ମହାସୁଖ । " (ଗୁହ୍ୟସିଦ୍ଧି । )

ଆଗରୁ କହିଛୁଁ ସହଜିୟା ସିଦ୍ଧମାନେ ଶୂନ୍ୟବାଦୀ । ବୌଦ୍ଧଧର୍ମର ଶୂନ୍ୟବାଦ ଓ ବୁଦ୍ଧବାଣୀ 'ସର୍ବଂ ଅନିତ୍ୟଂ ସର୍ବଂ ଅନାତ୍ମଂ ନିର୍ବାଣଂ ଶାଂତମ୍' ଏମାନଂକର ଶୂନ୍ୟବାଦର ଭିତ୍ତି ।

'ଚର୍ଯ୍ୟାଗୀତି'ର କବିମାନଂକ ମଧ୍ୟରେ କାହ୍ନୁପା (କୃଷ୍ଣାଚାର୍ଯ୍ୟ) ଏବଂ ଲୁଇପା ଉଡ୍‌ଡୀୟାନବାସୀ ଥିଲେ ବୋଲି ତିବ୍‌ବତୀୟ ଗ୍ରଂଥ ପାଗ୍-ସାମ୍ ଜୋନ-

**କାହ୍ନୁପା ଓ ଲୁଇପା**

ଜାଂରେ ଉଲ୍ଲେଖ ଅଛି । ଲୁଇପା ଆଦି ସିଦ୍ଧ ବୋଲି କେତେକ ଗ୍ରଂଥରୁ ଜଣାଯାଏ । ଡଃ ବିନୟତୋଷ ଭଟ୍ଟାଚାର୍ଯ୍ୟ ତାଂକୁ ସପ୍ତମ ଶତାବ୍ଦୀରେ ଅବସ୍ଥାପିତ କରିଛଂତି । ତାଂକର ଯୁକ୍ତି ହେଉଚି, ଇଂଦ୍ରଭୂତିଂକ ପୁତ୍ର ପଦ୍ମସଂଭବ ତାଂକ ଶ୍ୟାଳକ ଶାଂତିରକ୍ଷିତଂକ

ସହ ଖ୍ରୀ ୭୪୯ରେ ତିବ୍‌ବତରେ ବ୍‌-ସମ-ୟ୍ୟା ମଠ ପ୍ରତିଷ୍ଠା କରିଥିଲେ । ଲୁଇପା ସରହଙ୍କ ଶିଷ୍ୟ ଶବରିପାଙ୍କ ଶିଷ୍ୟ ଥିଲେ । ଇଂଦ୍ରଭୂତି ଉଡ୍‌ଡୀୟନରାଜ (ଏକ ସଂବଲ-ରାଜା) ବୋଲି କଥିତ । ସରହ, କମଲଶୀଲ, ଶାଂତିରକ୍ଷିତ, ପଦ୍ମସଂଭବ, ଇଂଦ୍ରଭୂତି ସମସ୍ତେ ପ୍ରାୟ ସମସାମୟିକ । ପାଗ୍‌-ସାମ୍‌-ଜୋନ୍‌-ଜାଂ ଗ୍ରଂଥରେ ଲୁଇପା, କାହ୍ନୁପା, ସରହ ଇଂଦ୍ରଭୂତି, ପଦ୍ମସଂଭବ 'ଉଡ୍‌ଡୀୟାନ-ବିନିର୍ଗତ' ବୋଲି ଲିଖିତ ଅଛି । ଉଡ୍‌ଡୀୟାନ-ବିନିର୍ଗତ ସରୋରୁହବଜ୍ରଙ୍କ ଅନ୍ୟ ନାମ ଥିଲା ପଦ୍ମବଜ୍ର—ସିଏ ଥିଲେ ହେବଜ୍ରତଂତ୍ରର ଅନ୍ୟତମ ପୁରୋଗାମୀ ଆଚାର୍ଯ୍ୟ, ଉଡ୍‌ଡୀୟାନବାସୀ ଅନଂଗବଜ୍ରଙ୍କ ଗୁରୁ ଏବଂ ଇଂଦ୍ରଭୂତିଙ୍କର ପରମ ଗୁରୁ ।

**ଇଂଦ୍ରଭୂତି ଓ ଶାଂତିରକ୍ଷିତ**

ସୁମ୍‌ପା-ବର୍ଣ୍ଣିତ ତିବ୍‌ବତୀ ଐତିହ୍ୟ ମତରେ ଶାଂତିରକ୍ଷିତ ଥିଲେ ଉଡ୍‌ଡୀୟାନର ରାଜକୁମାର ପଦ୍ମସଂଭବଂକ ଶ୍ୟାଳକ । ସେ ପ୍ରାଚୀନତମ ବ୍ରଜଯାନୀ ବୌଦ୍ଧଆଚାର୍ଯ୍ୟଂକ ମଧ୍ୟରେ ଅନ୍ୟତମ । ତ୍ୟାଂଗୁର-ତାଲିକାରେ ସେ ଅଷ୍ଟତଥାଗତସ୍ତୋତ୍ର, ବଜ୍ରଧର-ସଂଗୀତି-ଭଗବତ ପ୍ରଭୃତିର ପ୍ରଣେତା ।

ମହାଚାର୍ଯ୍ୟ ଇଂଦ୍ରଭୂତି ସିଦ୍ଧ ବଜ୍ରଯୋଗୀନୀ ସାଧନ, ଜ୍ଞାନସିଦ୍ଧି ଏବଂ ଆହୁରି କେତେ ଖଂଡ ବଜ୍ରଯାନୀ ଗ୍ରଂଥ ରଚନା କରିଥିଲେ । ତାଂକ ଭଉଣୀ ଲକ୍ଷ୍ମୀଂକରା କେତେ ଖଂଡ ଗ୍ରଂଥର ରଚୟିତ୍ରୀ ଥିଲେ, ସେଥି ମଧ୍ୟରୁ ଅଦ୍ୱୟସିଦ୍ଧି ମୂଳ ସଂସ୍କୃତରେ ମିଳିଛି । କୁରୁକୁଲ୍ଲସାଧନା ତାଂକର ଅନ୍ୟ ଏକ ଗ୍ରଂଥର ନାମ ।

**ଉଡ୍‌ଡୀୟାନ**

ତ୍ରୟୋଦଶ ଶତକରେ ତିବ୍‌ବତୀ ଲାମା ବୁ ତୋନ୍‌ କର୍ତ୍ତୃକ ସଂକଳିତ ଗ୍ରଂଥ-ତାଲିକାରେ ମହାଯାନ-ବଜ୍ରଯାନ-ମଂତ୍ରଯାନ—ସହଜଯାନ ପ୍ରଭୃତିକୁ ଆଶ୍ରୟ କରି ଯେଉଁ ସୁବିପୁଳ ସଂସ୍କୃତ ସାହିତ୍ୟର ଉଦ୍ଭବ ଓ ପ୍ରସାର ହୋଇଥିଲା, ସେଥିରୁ ଯେଉଁ ଅଳ୍ପ କିଛି ତିବ୍‌ବତୀ ଭାଷାରେ ଅନୁଦିତ ହୋଇଥିଲା, ସେଗୁଡ଼ିକର ନାମ ମିଳେ । ଏହି ତିବ୍‌ବତୀ ସଂକଳନଟିର ନାମ ତ୍ୟାଂଗୁର । ତ୍ୟାଂଗୁର-ସନ୍ନିବିଷ୍ଟ ବୌଦ୍ଧାଚାର୍ଯ୍ୟମାନଂକର ଜନ୍ମସ୍ଥାନ ଜାହୋର, ସାହୋର ଏବଂ ଉଡ୍‌ଡୀୟାନ ଥିଲା । କାଳିକାପୁରାଣ ମତରେ ଉଡ୍‌ଡୀୟାନରେହିଁ ବଜ୍ରଯାନର ଉଦ୍‌ଭବ । ଏହି ଉଡ୍‌ଡୀୟାନ ଉତ୍ତର-ପଶ୍ଚିମ ସୀମାଂତରେ ଥିଲା ବୋଲି ଡଃ ଲେଭି ପ୍ରମୁଖ କହଂତି । ମାତ୍ର ଅନ୍ୟାନ୍ୟ ବହୁ ପଂଡିତ ଉଡ୍‌ଡୀୟାନ ଓଡ଼ିଶା ବୋଲି ମତବ୍ୟକ୍ତ କରଂତି । ତ୍ୟାଂଗୁର ଗ୍ରଂଥରେ ସରହ, ଅବଧୂତପାଦ ଅଦ୍ୱୟବଜ୍ର, ତୈଲିକପାଦ, ପ୍ରଭୃତି ଉଡ୍‌ଡୀୟାନବାସୀ ବା 'ଉଡ୍‌ଡୀୟାନ-ବିନିର୍ଗତ' ବୋଲି ଉଲ୍ଲେଖିତ ।

କେତେକ ଐତିହାସିକ ନାଥଧର୍ମର ଆଦିଗୁରୁ ମତ୍ସ୍ୟେନ୍ଦ୍ରନାଥ ଓ ଲୁଇପା (ରୂପାନ୍ତରରେ ମତ୍ସ୍ୟେନ୍ଦ୍ର ବା ମତ୍ସ୍ୟାନ୍ତ୍ରଦ) । ଏକ ଓ ଅଭିନ୍ନ ବୋଲି ମତବ୍ୟକ୍ତ କରିଛନ୍ତି । ଲୁଇ ତିବ୍ବତୀ ଭାଷାରେ 'ଲୁଇ-ପା', ଉଡ୍ଡୀୟାନବାସୀ ଥିଲେ । ଓଡ଼ିଶାର ରାଜା ଦାରିକ ଓ ତାଙ୍କ ମନ୍ତ୍ରୀ ଡେଂଗୀପା ଲୁଇଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟ ସଂହିତା'ରେ ପ୍ରାଚୀ ନଦୀ କୂଳରେ ଅବସ୍ଥାନ କରିଥିବା ସିଦ୍ଧମାନଙ୍କ ମଧ୍ୟରେ ଲୋହିଦାସ ଅନ୍ୟତମ ଥିଲେ ବୋଲି ଉଲ୍ଲେଖ ଅଛି । ଅନନ୍ତଦାସଙ୍କ 'ଗୁପ୍ତଗୀତା'ରେ ସିଦ୍ଧମାନଙ୍କ ନାମତାଲିକାରେ ଲୋହିଙ୍କର ନାମ ଦେଖିବାକୁ ମିଳେ । ଉଡ୍ଡୀୟାନ ଓଡ଼ିଶାର ଅନ୍ତର୍ଗତ ଥିଲା ବୋଲି ପ୍ରମାଣ ମିଳେ । ହରପ୍ରସାଦ ଶାସ୍ତ୍ରୀ ଲୁଇଙ୍କୁ ରାଢ଼ ଅଧିବାସୀ କହି ପକ୍ଷାନ୍ତରରେ ମୟୂରଭଞ୍ଜ ଅଞ୍ଚଳର ଅଧିବାସୀ ବୋଲି ସ୍ୱୀକାର କରିଛନ୍ତି ।

ଶବରୀପା ତେଂଗୁର ଗ୍ରନ୍ଥତାଲିକାରେ ଶବରପା, ଶବରୀଶ୍ୱର, ମହାଶବର ଇତ୍ୟାଦି ନାମରେ ପରିଚିତ । ସେ ଲୁଇପାଙ୍କର ଗୁରୁ ଥିଲେ । ତେଂଗୁରରେ ଶବରୀପାଙ୍କ ଅନୂଦିତ ଗ୍ରନ୍ଥ ସଂଖ୍ୟା ୨୬ । ଉଡ୍ଡୀୟାନ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା । କାହ୍ନୁପା ( କୃଷ୍ଣାଚାର୍ଯ୍ୟପାଦ, କୃଷ୍ଣପାଦ ) ଜାଲନ୍ଧରୀ ଶିଷ୍ୟ ଥିଲେ ବୋଲି ନିଜ ପ୍ରଣୀତ ଗୋଟିଏ ଗୀତିକାରେ ଉଲ୍ଲେଖ କରିଛନ୍ତି । ଜାଲନ୍ଧରୀ ଥିଲେ ଇନ୍ଦ୍ରଭୂତିଙ୍କ ଶିଷ୍ୟ । ଡଃ ସୁନୀତିକୁମାର ଚାଟାର୍ଜିଙ୍କ ମତରେ, ହେବ୍ରଜ-ପଞ୍ଜିକା ଯୋଗରତ୍ନମାଳାର ଲେଖକ କୃଷ୍ଣପାଦ ଓ ଚର୍ଯ୍ୟାଗୀତିକାର କାହ୍ନୁପା ଏକଇ ବ୍ୟକ୍ତି । ସେ ପୁଣି ମନେ କରନ୍ତି ଯେ ଗୋପୀଚନ୍ଦ୍ର ଓ ଗୋବିନ୍ଦଚନ୍ଦ୍ର ଗଳ୍ପର କାହ୍ନୁପା ଚର୍ଯ୍ୟାଲେଖକ କାହ୍ନୁପାଙ୍କଠାରୁ ଭିନ୍ନ ନୁହନ୍ତି । ଡଃ ନିହାର ରଞ୍ଜନ ରାୟ ମଧ୍ୟ ତାଙ୍କୁ ଜାଲନ୍ଧରୀ (ହାଡ଼ିପା) ଶିଷ୍ୟ ନାଥପନ୍ଥୀ ଓ ସହଜପନ୍ଥୀ ରୂପେ ଗ୍ରହଣ କରିଛନ୍ତି । ଡଃ ବିନୟତୋଷ ଭଟ୍ଟାଚାର୍ଯ୍ୟ ତାଙ୍କ ସମୟ ଖ୍ରୀ. ୭୧୭ ବୋଲି ସ୍ଥିର କରିଛନ୍ତି । ହେବଜ୍ରପଞ୍ଜିକା ଯୋଗରତ୍ନମାଳା ରାଜା ଗୋବିନ୍ଦପାଳଙ୍କ ସମୟର ରଚନା ଭିତ୍ତିରେ ଡଃ ସୁନୀତି ଚାଟାର୍ଜି ଓ ରାହୁଲ ସାଂକୃତାୟନ ପ୍ରମୁଖ ତାଙ୍କ ସମୟ ଖ୍ରୀଷ୍ଟୀୟ ନବମ ଶତାବ୍ଦୀ ପରେ ବୋଲି ସ୍ଥିର କରିଛନ୍ତି । ତାଙ୍କ ଜନ୍ମସ୍ଥାନ କର୍ଣ୍ଣଦେଶ ବା କର୍ଣ୍ଣାଟକ ବୋଲି ପଣ୍ଡିତମାନେ ସ୍ଥିର କରିଛନ୍ତି । ବିନୟତୋଷ ଭଟ୍ଟାଚାର୍ଯ୍ୟ ତାଙ୍କ ନିଜ ମାତୃଭାଷା "probably Oriya" ବୋଲି ଲେଖିଛନ୍ତି । ତିବ୍ବତୀୟ ପାଗ୍-ସାମ-ଜୋନ-ଜାଂରେ ମଧ୍ୟ ଏହି କବିମାନଙ୍କର ଉଲ୍ଲେଖ ମିଳେ ।

ମୋଟ ଉପରେ ଚର୍ଯ୍ୟା ଗୀତକାରମାନେ ମିଥିଳାଠାରୁ ଆରମ୍ଭ କରି ଓଡ଼ିଶା ପର୍ଯ୍ୟନ୍ତ ବିସ୍ତୃତ ରହିଥିବା ଓ ମାଗଧୀ ଅପଭ୍ରଂଶ ବ୍ୟବହାର କରୁଥିବା ଅଂଚଳର ଅଧିବାସୀ ଥିବାର ଜଣାପଡେ । ଚର୍ଯ୍ୟାଗୀତଗୁଚ୍ଛର ମୋଟାମୋଟି ଭାଷା ପ୍ରାକୃତ ସଙ୍ଘାର ଅଂତର୍ଭୁକ୍ତ ମାଗଧୀ ଅପଭ୍ରଂଶର ଶେଷ ସ୍ତରର ନିଦର୍ଶନ । ପ୍ରଫେସର ଡଃ ହରିବଂଶ କୋଚ୍ଛଡ଼ ତାଂକର 'ଅପଭ୍ରଂଶ ସାହିତ୍ୟ' ପୁସ୍ତକରେ ଏବଂ ଅଃ ଖଗେଶ୍ୱର ମହାପାତ୍ର ଏବଂ ଡଃ କୁଂଜବିହାରୀ ତ୍ରିପାଠୀ ଏଇ ମତ ପୋଷଣ କରଂତି । ଟୀକାକାର ମୁନିଦତ୍ତ-ଏହାକୁ ପ୍ରାକୃତ ଭାଷା ଆଖ୍ୟା ଦେଇଛନ୍ତି । ("କାଅ ତରୁ ବ୍ୟାଜେନ ଶୁଦ୍ଧଧର୍ମତା ପୀଠିକାଂ ପ୍ରାକୃତ ଭାଷୟା ରଚୟିତୁ ମାହ କହେ" ଇତ୍ୟାଦି ।" ) ପଂଡିତ ରାହୁଲ ସଂକୃତ୍ୟାୟନ ତାଂକର ମାଗଧ୍ୟ ମତ ପରେ ପ୍ରତ୍ୟାହାର କରି ନେଇ ଅପଭ୍ରଂଶର ପକ୍ଷ ସମର୍ଥନ କରିଛଂତି । ଡଃ ସୁନୀତକୁମାର ଚ୍ୟାଟାର୍ଜି ଦୃଢ଼ସ୍ୱରରେ କହିଛଂତି "It is old Bengali and not old Magadhi, old Moithili old, Bhojpuriya or old Oriya" ହରପ୍ରସାଦ ଶାସ୍ତ୍ରୀ ଏବଂ ତାଂକ ପୁତ୍ର ବିନୟତୋଷ ଭଟ୍ଟାଚାର୍ଯ୍ୟ ଚର୍ଯ୍ୟାଗୀତ "ସାଂଧ୍ୟ ଭାଷା"ରେ ଲିଖିତ ବୋଲି କହଂତି । ସାଂଧ୍ୟ ଅର୍ଥରେ "twilight language" ବୋଲି ସେମାନେ ବୁଝିଛଂତି । ଏ ଶବ୍ଦଟିକୁ ସେମାନେ ଚର୍ଯ୍ୟାର ସଂସ୍କୃତ ଟୀକାରୁ ଗ୍ରହଣ କରିଥିଲେ । ବିଧୁଶେଖର ଶାସ୍ତ୍ରୀ 'ସାଂଧ୍ୟ' ଶବ୍ଦକୁ "ସଂଧା" ବୋଲି ଗ୍ରହଣ କରିଛଂତି । ଏହାର ଅର୍ଥ ଅଭିସଂଧାୟ୍ୟା, ଅଭିପ୍ରେତ । Bournouf ଏଇ ଶବ୍ଦର ଅନୁବାଦ "Enigmatical" ବୋଲି କରିଛଂତି ! Kern ଲେଖିଛଂତି 'Mystical', ମ୍ୟାକସ୍ମୁଲର କହଂତି "hidden saying !" ଡଃ ଦାଶଗୁପ୍ତ ସଂଧାର ଅର୍ଥ ଗୁହ୍ୟ ଭାଷା ବୋଲି ମନେ କରଂତି । ଯେପରି ଜଣାଯାଏ, ସଂଧାଭାଷ ସାଧାରଣ ଭାବପ୍ରକାଶର ମାଧ୍ୟମ-ସ୍ୱରୂପ ଏକ ସାମାଜିକ ବା ଅଂଚଳିକ ଭାଷା ନୁହେ । ଏହା ଗୁହ୍ୟ ସାଧନପଦ୍ଧତି ଓ ଅନୁଭୂତି ପ୍ରକାଶ ପାଇଁ ଏକ ପରିକଳ୍ପିତ ମାଧ୍ୟମ, ଯେପରି ଏକ ଟୀକାରେ ଅଛି—"ବାରୁଣୀତି ସଂଧାବଚନେନ ତଦେବ ସଂବୃତ୍ତି ବୋଧିଚିତ୍ତଂ ବୋଦ୍ଧବ୍ୟଂ ।" ଏଇ ସଂଧ୍ୟା ବଚନ ବା ସଂଧାଭାଷା ଏ ପର୍ଯ୍ୟଂତ ସଠିକ ଭାବେ ନିରୂପିତ ହୋଇ-ନାଇ । ( "ଚର୍ଯ୍ୟାଗୀତିକା" )

ସହଜ ଯାନର ପ୍ରସଙ୍ଗ—ସହଜଯାନୀ ଚର୍ଯ୍ୟାଗୀତର କେତୋଟି ଉଦାହରଣ ଦିଆଗଲା –

"ନଗର ବାହିରେରେ ଡୋମ୍ବି ତୋହରି କୁଡ଼ିଆ ।
ଛୋଇ ଛୋଇ ଜାହି ମୋ ବ୍ରାହ୍ମଣ ନାଡ଼ିଆ ॥ ୧ ॥
ଆଲୋ ଡୋମ୍ବି ତୋଏ ସମ କରିବ ମୋ ସାଂଗ ।
ନିଘିନ କାହ୍ନ କପାଲି ଜୋଇ ଲାଂଗ ॥ ଧ୍ରୁବ ॥
ଏକସୋ ପଦୁମା ଚୌଷଠୀ ପାଖୁଡ଼ା ।
ତହିଁ ଚଡ଼ି ନାଚଅ ଡୋମ୍ବୀ ବାପୁଡ଼ୀ ॥ ୨ ॥ ଧ୍ରୁ ॥
ହାଲୋ ଡୋମ୍ବୀ ତୋ ପୁଛମି ସଦଭାବେ ।
ଆଇସସି ଜାସି ଡୋମ୍ବୀ କାହାରି ନାବେଁ ॥ ୩ ॥ ଧ୍ରୁ ॥
ତାଂତି ବିକଣଅ ଡୋମ୍ବୀ ଅବର ନା ଚାଂଗେଡ଼ା ।
ତୋହର ଅଂତରେ ଛାଡ଼ି ନଡ ପେଡ଼ା ॥ ୪ ॥ ଧ୍ରୁ,
ତୁଲୋ ଡୋମ୍ବୀ ହାଉଁ କପାଲୀ
ତୋହରି ଅଂତରେ ମୋଏଁ ଘେଣିଲି ହାଡ଼େରି ମାଲୀ ॥ ୫ ॥ ଧ୍ରୁ ॥
ସରୋବର ଭାଂଜିଆ ଡୋମ୍ବୀ ଖାଅ ମୋଲାଣ ।
ମାରମି ଡୋମ୍ବୀ ଲେମି ପରାଣ ॥୬ ॥ ଧ୍ରୁ ॥ (କାହ୍ନୁପା)

("ଡୋମ୍ବି ! ନଗର ବାହାରେ ତୋର କୁଡ଼ିଆ । ତୋର ପ୍ରେମଲାଳସୀ ନଂଗା ବ୍ରାହ୍ମଣମାନଂକୁ ତୁ ଖାଲି ଛୁଇଁ ଛୁଇଁ ଯାଉ ସିନା, ଆଂତରିକ ପ୍ରେମ ପ୍ରଦାନ କରୁନା । ଆଲୋ ଡୋମ୍ବି ! ତୋ ସହିତ ବଂଧୁତା କରିବାକୁ ମୋର ଖୁବ୍ ଆଗ୍ରହ । ଦେଖ, ମୁଁ ଜଣେ ଲଜ୍ଜାହୀନ ବିରହିତ ଉଲଗ୍ନ କାପାଳିକ ଯୋଗୀ । ମୁଁ ତୋରି ସ୍ତରର ଲୋକ । ମୁଁ ଜାତ୍ୟାଭିମାନୀ ବ୍ରାହ୍ମଣ ନୁହେଁ କି ସାମୟିକ କାମ-ସୁଖ-ଲାଭ ଲାଳସାରେ ତୋର ପ୍ରେମପ୍ରାର୍ଥୀ ହେଉନାହିଁ । ତୁ ମୋତେ ଏକ ଅଂତରଂଗ ପ୍ରେମିକ ରୂପେ ଗ୍ରହଣ କର । ଡୋମ୍ବି, ତୁ ଏଇ ୬୪-ପାଖୁଡ଼ାଯୁକ୍ତ ପଦ୍ମ ଉପରେ ନୃତ୍ୟ କରୁଚୁ । ତୋର ଏଇ ପଦ୍ମବନରେ କ୍ରୀଡ଼ାରତ ମୂର୍ତ୍ତିଟି ବଡ଼ ଚମତ୍କାର । ଆଲୋ ଡୋମ୍ବି ! ତୋତେ ମୋ ରାଣ,ସତ କରି କହ ତ ତୁ କିପରି ଘୋଷଣା ମଝିରେ ସେଇ ପଦ୍ମବନକୁ ଯାଉଚୁ ? ଆଉ କିଏ ତୋର ପ୍ରେମିକ ଅଛି କି ଯାର ନୌକାରେ ତୁ ଯାଆ ଆସ କରୁଚୁ ? ··· ଡୋମ୍ବି, ତୋର କୁଳ ବେଉସା ବାଉଁଶ ତଂତି ଓ ଚାଂଗୁଡ଼ା ବିକିବା ଛାଡ଼ିଦେ । ମୁଁ ବି ତୋରି ପାଇଁ ମୋର ନାଟ ଦେଖାଇବା ବେଉସା ଛାଡ଼ି ଦେଇଚି । ତୁ ଡୋମ୍ବୀ, ଅସ୍ପୃଶ୍ୟ ଡୋମ-କନ୍ୟା, ମୁଁ ବି ଜାତିକୁଳ ବିବର୍ଜିତ କାପାଳିକ । ଏଇ ଦେଖ, ବେକରେ ହାଡ଼ର ମାଳ ପିଂଧିଚି । ଏ ସବୁ ଖାଲି ତୋରି ପାଇଁ । ମୁଁ ଚାହେଁ ତୋ ମୋ ଭିତରେ କିଛି ବିଭେଦ ନ ରହୁ । ଆହା, ଏଇ ଯେ

ପୋଖରୀ ଭିତରେ ତୁ ନାରି ବୁଡି ବୁଲୁଚୁ, କଅଁଳ ମୃଣାଳ ଖାଉଚୁ, ଏଇ ଦୃଶ୍ୟ କି ସୁନ୍ଦର, କେଡ଼େ ଲୋଭନୀୟ ! ଡୋମ୍ବି ! ତୁ ମୋତେ ଗ୍ରହଣ କର । ନଚେତ୍ ମୁଁ ପ୍ରାଣ ରଖିବି ନାହିଁ — ।)

**ଗୂଢ଼ାର୍ଥ :** ଏହାର ଏକ ଗୁହ୍ୟ ଅର୍ଥ ମଧ୍ୟ ଅଛି । ରୂପାଦି ବିଷୟ ସମୂହର ବାହାରେ ଇନ୍ଦ୍ରିୟ ଅଗୋଚର ମହାସୁଖ-ଚକ୍ରରେ ଅସ୍ପର୍ଶ୍ୟ ପରିଶୁଦ୍ଧାବସ୍ଥା ନୈରାତ୍ମା ଅବସ୍ଥାନ କରନ୍ତି । ସେ ମଣି ମୂଳରେ ବିରମାନନ୍ଦରେ ଶୁନ୍ୟସ୍ୱରୂପ ସମ୍ବୃତି ବୋଧିଚିତ୍ତକୁ କେବଳ ସ୍ପର୍ଶ କରନ୍ତି, ଅର୍ଥାତ୍ ତା ସହିତ ମୈଥୁନ କରନ୍ତି ନାହିଁ । କାହ୍ନୁପା ସେଇ ନୈରାତ୍ମା ଦେବୀଙ୍କୁ ସମ୍ବୋଧନ କରି କହୁଛନ୍ତି ଯେ ତୁମର ଓ ମୋର ସ୍ୱଭାବ ସମାନ । ମୁଁ ମଧ୍ୟ ମହାସୁଖ ପାଳନ କରିବା ଧର୍ମ ଗ୍ରହଣ କରି ଲଜ୍ଜାଦି ଅଭିମାନ ପରିତ୍ୟାଗ କରିଚି । ତୁମକୁ ପାଇଲେ ପ୍ରଜ୍ଞୋପାୟାତ୍ମିକ ମହାମୁଦ୍ରା ସିଦ୍ଧି ଲାଭ କରିବି । ନିର୍ମାଣ-ଚକ୍ରରେ ୬୪-ଦଳଯୁକ୍ତ ପଦ୍ମ ବିକଶିତ । ତା ଉପରେ ହେ ନୈରାତ୍ମା ! ତୁମେ ଏକା ରସରେ ନୃତ୍ୟ କରୁଚ ।

**ବିଶେଷ ଅର୍ଥ :** ଡୋମ୍ବୀ = ସହଜିୟା ସିଦ୍ଧମାନଙ୍କ ଗୁହ୍ୟସାଧନା ମୈଥୁନ-ସାଧନା ବା ପ୍ରଜ୍ଞୋପାୟ ଯୁଗନଦ୍ଧ ସାଧନା । ସେଥିପାଇଁ ଏମାନଙ୍କ ସାଧନାରେ ନାରୀଚର୍ଯ୍ୟା ଏକ ଅପରିହାର୍ଯ୍ୟ ଅଙ୍ଗ । ଯେଉଁ ନାରୀ ଏଇ ତାନ୍ତ୍ରିକ ସାଧନାରେ ସହ-ସାଧିକା ହୁଏ ତାକୁ ମୁଦ୍ରା କୁହାଯାଏ । ସାଧକ ହଠଯୋଗ ଦ୍ୱାରା ଶ୍ୱାସରୋଧ ପୂର୍ବକ ମୁଦ୍ରାସହ ସମାଗମ କରି ଚିତ୍ତ ବିଶୋଧନ କରନ୍ତି । ମୁଦ୍ରାରେ ଯୁଗନଦ୍ଧ ସ୍ଥାପନ କରି ବିନ୍ଦୁକୁ (ରେତକୁ) ଊର୍ଦ୍ଧ୍ୱମୁଖ କରି ବିଭିନ୍ନ ଚକ୍ରରେ ଧାରଣ କରନ୍ତି । ମୁଦ୍ରାର ଆଲିଙ୍ଗନରେ ସାଧକ ମଧ୍ୟରେ ବଜ୍ରାବେଶ ଜାଗ୍ରତ ହୁଏ । ସିଦ୍ଧମାନେ ନିରାତ୍ମା ଦେବୀଙ୍କୁ ମହାମୁଦ୍ରା ରୂପେ ପରିକଳ୍ପିତ କରିଛନ୍ତି । ସାଧକ ନିଜର ସମକକ୍ଷ ଯୋଗିନୀକୁ ମହାମୁଦ୍ରା ଭାବରେ ଗ୍ରହଣ କରି ତା ସହିତ ଅଭିଷିକ୍ତ ହୋଇ ମଣ୍ଡଳ ଚକ୍ରରେ ପ୍ରବେଶ କରନ୍ତି । ସାଧାରଣତ ଡୋମ୍ବୀ, ଚଣ୍ଡାଳୀ, ଶବରୀ, ରଜକୀ, ପ୍ରଭୃତିଙ୍କୁ ମୁଦ୍ରାରୂପେ ଗ୍ରହଣ କରାଯାଏ । ଏମାନଙ୍କ ମଧ୍ୟରେ ଡୋମ୍ବୀ ପ୍ରଧାନ । ('ଚର୍ଯ୍ୟାଗୀତିକା')

## ପଞ୍ଚ ମକାର ପରମ୍ପରା

ତାନ୍ତ୍ରିକଙ୍କ ଗ୍ରନ୍ଥ "କାମାଖ୍ୟା ସୂତ୍ର"ର ଗୋଟିଏ ଶ୍ଳୋକରେ ଜଣେ ତାନ୍ତ୍ରିକ କଣ୍ଠରେ କୁହାଯାଇଚି—"ହେ ଦେବି ! ପଞ୍ଚ ମକାର ବ୍ୟତୀତ ମୁଁ କ୍ଷଣକ

ତନ୍ତ୍ରୀମାନଙ୍କ ଆବୃତ୍ତି କରିବ ? ସେହି ଗ୍ରନ୍ଥରେ ପୁଣି ଜଣେ ତାନ୍ତ୍ରିକ କହୁଛନ୍ତି —"ହେ ଦେବୀ ! ପଞ୍ଚ-ମକାର ଦେବତାମାନଙ୍କର ପ୍ରିୟ ।" ଏହି ପଞ୍ଚ-ମକାର ହେଲା—ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା (ଭଜା ଶସ୍ୟ) ଏବଂ ମୈଥୁନ ।

ତନ୍ତ୍ରରେ ମଦ୍ୟ ଉପରେ ବିଶେଷ ଜୋର ଦିଆ ଯାଇଛି:—

"There can not be any *siddhi* (ritual success) whatsoever without wine; therefore, you must drink it carefully and make her drink too; and only then you should utter the spells." ('ବିଶ୍ୱକୋଷ' — ଏନ. ଏନ. ବୋଷ)

'ଗୁହ୍ୟସାଧନା' ଆରମ୍ଭ କରିବା ପୂର୍ବରୁ ସାଧକ ନିଜେ ମଦ୍ୟ ପାନ କରିବେ ଏବଂ ତାଙ୍କ ସାଧନା-ସଙ୍ଗିନୀକୁ (ଭୈରବୀ) ମଧ୍ୟ ମଦ୍ୟପାନ କରାଇବେ । ତା'ପରେ ଯାଇ ମନ୍ତ୍ର ଉଚ୍ଚାରଣ କରିବେ । ଏହା ନ କଲେ ସିଦ୍ଧିଲାଭ ଅସମ୍ଭବ ।'

ଡଃ ଦେବୀପ୍ରସାଦ ଚଟ୍ଟୋପାଧ୍ୟାୟ ତାଙ୍କ *'Lokayatvad'* ପୁସ୍ତକରେ ତନ୍ତ୍ରୋକ୍ତ ବାମାଚାର ପଦ୍ଧତି ଉପରେ ବିସ୍ତୃତ ଆଲୋଚନା କରିଛନ୍ତି ।

'ବୌଦ୍ଧଚର୍ଯାଗୀତି'ରେ ମଦ୍ୟ ଓ ମୈଥୁନର ପ୍ରଚୁର ଉଲ୍ଲେଖ ଦେଖାଯାଏ । ମଦ ଘଡ଼ାରେ ଢଳା ହେଉଥିବା କଥା ବିରୂପାପାଦ ଲେଖିଛନ୍ତି । ଯଥା:—

ଏକ ସେ ଶୁଣ୍ଡିନି ଦୁଇ ଘରେ ସାନ୍ଧଅ ।
ଚୀଅନ ବାକଲଅ ବାରୁଣୀ ବାନ୍ଧଅ ।
ଦଶମୀ ଦୁଆରତ ଚହ୍ନ ଦେଖିଆ
ଆଇଲ ଗରାହକ ଅପଣେ ବହିଆ ।
ଚଉଷଠି ଘଡ଼ିୟେ ଦେଲ ପସାରା
ପଇଠେଲ ଗରାହକ ନାହି ନିସାରା ।"

ଜଣେ ଶୁଣ୍ଡିଆଣୀ ଦୁଇ ଘରେ ପଶେ । ସେ ଚିକ୍କଣ ବାକଲ ଦ୍ୱାରା ବାରୁଣୀ (ମଦ) ବାନ୍ଧେ । ଶୁଣ୍ଡି ଘର ଚିହ୍ନ ଦୁଆରେ ଅଛି । ସେହି ଚିହ୍ନ ଦେଖି ଗ୍ରାହକ ନିଜେ ଚାଲି ଆସେ । ଚୌଷଠି ଘଡ଼ାରେ (ମାଠିଆରେ) ମଦ ଢଳା ହେଉଛି । ଗ୍ରାହକ ଯେ ଘରେ ଢୁକିଲା, ତାର ଆଉ କିଛି ସୋର ଶବ୍ଦ ନାହିଁ ।" ସରଳାର୍ଥ ଛଡ଼ା ଏହାର ଏକ ଗୁହ୍ୟ ଅର୍ଥ ଏବଂ ସାନ୍ଧ୍ୟ ଅର୍ଥ ମଧ୍ୟ ଅଛି ।

ମୈଥୁନ ପୂର୍ବରୁ ମଦ୍ୟ ପିଇବା ଏବଂ ସଂଗିନୀଙ୍କୁ ମଦ୍ୟ ପିଆଇବାର ଦୃଷ୍ଟାଂତ ବ୍ରାହ୍ମଣ୍ୟ ଯୁଗରେ ସଂଭ୍ରାଂତ ପରିବାରରେ ମଧ୍ୟ ବେଶ୍ ପ୍ରଚଳିତ ଥିଲା । 'କୁମାରସଂଭବ'ର ଅଷ୍ଟମ ସର୍ଗରେ କାଳିଦାସ ଶିବଂକ ଦ୍ୱାରା ସମ୍ଭୋଗ ପୂର୍ବରୁ ପାର୍ବତୀଂକୁ ପ୍ରଚୁର ମଦ୍ୟ ପାନ କରାଇଛଂତି ।

"ମାନ୍ୟଭକ୍ତିରଥବା ସଖୀଜନଂ ସେବନୀୟମିଦମନଂଗଦୀପ କମ୍ ।

ଇତ୍ୟୁଦାରମଭିଧାୟ ଶଂକର ସ୍ତାମପାୟୟତ ପାନଂବିକାମ୍ । ୭୭ ।

"ମୁହିଁ ଫେରାଇ ନେଲେ ଚଳିବ ନାହିଁ ଗୌରି ! ତମ ସଖୀମାନେ ଯେତେବେଳେ ମଦ୍ୟହସ୍ତରେ ଆସି ପହଂଚି ଗଲେଣି, ସେତେବେଳେ ସେମାନଂକ ସମ୍ମାନଟା ରକ୍ଷା କରିବା ଉଚିତ । ଅତଏବ ଯା ହେଉ ତମକୁ ଟିକିଏ ଖାଇବାକୁ ହିଁ ହେବ ।" ଏହା କହି ଶଂକର ସ୍ୱହସ୍ତରେ ଅଂବିକାଂକୁ ଧରି ସେଇ ମଦ୍ୟ ପାନ କରାଇଲେ ।

ପାର୍ବତୀ ତଦୁପଯୋଗସଂଭବାଂ ବିକ୍ରିୟାମପି ସତାଂ ମନୋହରାମ ।

ଅପ୍ରତର୍କ୍ୟ ବିଧିଯୋଗନିର୍ମିତାମାମ୍ରତେବ ସହକାରତାଂ ଯଯୌ ।" ୭୮

ସେଇ ମଦ୍ୟପାନରେ ପାର୍ବତୀଂକର ମାନସିକ ଏବଂ ଅତି ମନୋହର କାୟିକ ବିକାର ଜନ୍ମିବାକୁ ଲାଗିଲା । ତାଂକର ଉଦାମଂତନ ଅବସ୍ଥା ଆମ୍ରତରୁ ସହ ରସାଳଲତିକାର ମିଶିଯିବା ଦୃଶ୍ୟ ମନରେ ଜାଗ୍ରତ କଲା ।

ତତ୍କ୍ଷଣଂ ବିପରିବର୍ତ୍ତିତହ୍ରିୟୋର୍ନେଷ୍ୟତୋଃ ଶୟନମିଦ୍ଧରାଗୟୋଃ ।

ସା ବଭୁବ ବଶବର୍ତ୍ତିନୀ ଦ୍ୱୟୋଃ ଶୂଳିନଃ ସୁବଦନା ମଦସ୍ୟ ଚ । ୭୯

("ସୁମୁଖୀ ପାର୍ବତୀଂକ ମୁଖର ସୌଂଦର୍ଯ୍ୟ ସେତେବେଳେ ଆହୁରି ବୃଦ୍ଧି ପାଇଲା । ପାନୀୟ ପ୍ରଭାବରେ ଏକେତ ତାଂକଠାରେ କେତେକ ଅପରୂପ-ଭାବ ଦେଖାଦେଇଥିଲା, ସେଥିରେ ପୁଣି ମହାଦେବଂକ ସହାୟତାର ତ୍ରୁଟି ରହିଲା ନାହିଁ । ସ୍ୱଭାବସୁଂଦରୀ ପାର୍ବତୀ ଯେ ଖାଲି ମଦ୍ୟପାନ ଯୋଗୁଁ ଆରକ୍ତବର୍ଣ୍ଣ ହୋଇ ଉଠିଥିଲେ, ତାହା ନୁହେଁ, ତାଂକର ଅବସ୍ଥା ଦର୍ଶନ କରି ଦେବଦେବଂକ ହୃଦୟର ଶତମୁଖୀ ଅନୁରାଗ-ଧାରା ମଧ୍ୟ ସହସ୍ରମୁଖୀ ହୋଇ ଉଠିଥିଲା । ଉମା କେବଳ ମଦ୍ୟର ଅଧୀନ ହୋଇ ପଡ଼ିଲେ ନାହିଁ, ସେଇ ସଂଗେ ସଂଗେ ତ୍ରିଲୋଚନଂକ ନିକଟରେ ଆତ୍ମସମର୍ପଣ କରାଇଲେ ।") ତାପରେ:—

ତାଂ ବିଲମ୍ବି—ତପ ନୀୟମେଖଲାମୁଦ୍ଵହନ୍ତଂଜଘନଭାରଦୁର୍ବହମ୍
ଧ୍ୟାନ ସମ୍ଭୃତବିଭୂତି-ସଞ୍ଚିତଂ ପ୍ରବିଶନ୍ମଣିଶିଳାଗୃହଂ ରହଃ । ୮୯

("ସୁରା-ପ୍ରଭାବରେ ପାର୍ବତୀ ଯେତେବେଳେ ଏକପ୍ରକାର ହତଜ୍ଞାନ ହୋଇ ଢଳି ପଡ଼ିଲେ, ସେତେବେଳେ ମହାଦେବ ତାଙ୍କୁ ଟେକି ନେଇ ମଣିମସ୍ତ-ପ୍ରସ୍ତର-ଖଚିତ ରତିମନ୍ଦିର ମଧ୍ୟରେ ପ୍ରବେଶ କଲେ । ଜଗତ୍ପତିର ଇଚ୍ଛାନୁସାରେ ପୂର୍ବରୁ ସେ ମନ୍ଦିର ନାନା ପ୍ରକାର ଭୋଗ୍ୟବସ୍ତୁରେ ପରିପୂର୍ଣ୍ଣ ହୋଇଥିଲା । ଶିଥିଳତନୁ ଗୌରୀଙ୍କୁ ନେଇଯିବା ବେଳେ ତାଙ୍କର ନିତମ୍ବର ସ୍ୱର୍ଣ୍ଣ ମେଖଳା ଝୁଲୁଥିଲା ଏବଂ ତାଙ୍କର ବିପୁଳ ଜଘନଭାର ମହାଦେବଙ୍କ ପକ୍ଷରେ ବେଶ୍ ଭାରି ହୋଇ ପଡ଼ିଥିଲା ।"*

ଆଜିକାଲିର କୌଣସି ଦମ୍ପତୀ କି ଏଭଳି ଭାବରେ ତା ସଙ୍ଗିନୀଙ୍କୁ ରତିତୃପ୍ତ କରେ କି ନାହିଁ ସନ୍ଦେହ !

## ଓଡ଼ିଶାରେ ତନ୍ତ୍ରାନୁଷ୍ଠାନ

ଓଡ଼ିଶାରେ କର ବଂଶ ସମୟରେ ତନ୍ତ୍ରର ପ୍ରବଳ ପ୍ରଭାବ ପଡ଼ିଥିଲା । ସେ ପ୍ରଭାବ ଫଳରେ ପୁରୀ ଜଗନ୍ନାଥ ମନ୍ଦିରରେ ଜଗନ୍ନାଥଙ୍କୁ ଭୈରବ ଏବଂ ବିମଳାଙ୍କୁ ଭୈରବୀ ରୂପେ ପୂଜା କରାଯାଏ । ମହାଷ୍ଟମୀ ଦିନ ମଧ୍ୟରାତ୍ରରେ ବିମଳାଙ୍କ ନିକଟରେ ଗୋଟିଏ ଛାଗ ବଳି ଦିଆଯାଏ । ଏହା ବଡ଼ ସଂଗୋପନରେ କରାଯାଇଥାଏ । ପଶ୍ଚିମପଟ ପାଚେରି ଡିଆଇଁ ଛେଳିକୁ ଆଣି ବଳି ଦିଆଯାଏ । ଏହାଛଡ଼ା ପ୍ରତିଦିନ ଯେଉଁ ଭୋଗଲାଗି ହୁଏ ସେଥିରେ ପଞ୍ଚ-ମକାରର ପ୍ରତୀକ ବ୍ୟବସ୍ଥା ରହିଛି । ଯଥା ବିରିହି ପିଠା ମାଂସ, ଲଙ୍କା ବିରି ହିଡି ବା 'କାଣ୍ଟି' ମତ୍ସ୍ୟ, କାଂସ୍ୟପାତ୍ରରେ ପଇଡ଼ପାଣି ମଦ୍ୟ ଏବଂ ମନ୍ଦିର ବେଢ଼ାରେ ଥିବା ଅଶ୍ଳୀଳ ମୂର୍ତ୍ତି ସବୁ 'ମୈଥୁନ' ବୋଲି ଧରାଯାଏ । (ଓ. ଇ.).

ଏଇପରି ଭାବରେ ତନ୍ତ୍ରରୁ ଗୁହ୍ୟସାଧନା ବା ବାମାଚାର ପଦ୍ଧତିକୁ ଜଗନ୍ନାଥ ଧର୍ମ ସ୍ୱାଙ୍ଗୀକରଣ କରି ନିଜର ମହାତ୍ମ୍ୟ ବୃଦ୍ଧି କରିଛି । ସୌର, ଗାଣପତ୍ୟ, ଜୈନ ଓ ବୌଦ୍ଧ ଧର୍ମ ପରି ତନ୍ତ୍ର ମଧ୍ୟ ଜଗନ୍ନାଥ-ଧର୍ମରେ ମିଶି ଏହାର ଅଙ୍ଗୀଭୂତ ହୋଇ ଯାଇଛି ।

* ଅନେକେ କହନ୍ତି କାଳିଦାସ କୁମାରସମ୍ଭବରେ କେବଳ ସପ୍ତମ ସର୍ଗ ପର୍ଯ୍ୟନ୍ତ ରଚନା କରିଥିଲେ—କାରଣ ମଲ୍ଲିନାଥ କେବଳ ସେଇ ପର୍ଯ୍ୟନ୍ତ ଟୀକା କରିଛନ୍ତି ।

ଭାରତୀୟ ପରଂପରା ଏବଂ ଚଳଣିରେ ତଂତ୍ରବାଦ ଅତି ପ୍ରାଚୀନ ଯୁଗରୁ ବର୍ତ୍ତମାନ । ଚିଂତା ଓ କର୍ମ ମଧ୍ୟରେ ବ୍ୟବଧାନ ଦୂର କରିବା ପାଇଁ ତଂତ୍ର ଓ ବୌଦ୍ଧ ମାଧ୍ୟମିକବାଦ ଧର୍ମୀୟ ପଂଥା ମାଧ୍ୟମରେ ଆବହମାନ କାଳରୁ ଚେଷ୍ଟା କରି ଆସିଛି । ବର୍ତ୍ତମାନ ଯୁଗର ପରିପ୍ରେକ୍ଷୀରେ ବିଜ୍ଞାନର ଔଜ୍ଜ୍ୱଲ୍ୟରେ ଧର୍ମର ଗୌରବ ଗରିମା ଚିରଦିନ ପାଇଁ ମଣିଷ ପକ୍ଷରେ ବଂଦ ହୋଇଯାଇଛି ବୋଲି କହିଲେ ଚଳେ । ଏହି ପରିପେକ୍ଷିତରେ ଆଜିର ହିପ୍‌ପୀବାଦ ଉଲଙ୍ଗ ପ୍ରକାଶରେ [illegible] ବ୍ୟକ୍ତ କରିଛି ।

ବୌଦ୍ଧ-ତଂତ୍ରର କାୟା ଆତ୍ମା ସମନ୍ୱୟ ବା ଅନ୍ୟ କଥାରେ ପ୍ରଜ୍ଞୋପାୟ ମାଧ୍ୟମରେ ନିବୃତ୍ତି-ସାଧନା ଆଧୁନିକ ହିପ୍‌ପୀବାଦରେ ନାହିଁ ।

ହିପ୍‌ପୀବାଦ

ହିପ୍‌ପୀ ସଂପୂର୍ଣ୍ଣ ହତାଶାବାଦୀ ଏବଂ [illegible] କାରଣରୁ ଏକାଂତ ଦେହ-ସର୍ବସ୍ୱ । ଆଧୁନିକ ସ୍ଥିତିବାଦ ମଣିଷକୁ ସତ୍ତ୍ୱା-ସଂକଟ ଏବଂ ସ୍ୱବିରୋଧରୁ ରକ୍ଷା କରିବାକୁ ଅସମର୍ଥ । ସ୍ଥିତିବାଦ ଖଂଡିତ ବ୍ୟକ୍ତିତାର କଥା କହେ, ମାତ୍ର ସମାଧାନର ପଂଥା ଖୋଜି ପାଇ ନାହିଁ ।

ସ୍ଥିତିବାଦର ସଂକଟ

ବୌଦ୍ଧ-ତଂତ୍ରର ଲକ୍ଷ୍ୟ ଥିଲା ବସ୍ତୁତାର ଚରମ ବିଂଦୁରେ ମଣିଷକୁ ପହଂଚାଇ ଦେବା ଯେଉଁଠି ଦ୍ୱୟ ଓ ଅଦ୍ୱୟ, ଦେହ ଓ ଆତ୍ମା ଏକ ଅଦ୍ୱୟ-ଚେତନାରେ ସମନ୍ୱିତ ହୁଏ ଏବଂ ଚିଂତା ଓ କର୍ମ ତଥା ସ୍ଥିତି ଓ ବ୍ୟକ୍ତି ମଧ୍ୟରେ ଥିବା ସମସ୍ତ ବିରୋଧ ସ୍ୱତଃ ମିଳାଇଯାଏ । ଏଚ. ଭି. ଗ୍ୱେଂଥରଂକ ଭାଷାରେ :—

> "Since the experience is beyond dualism, the nature of which is limitation, it does not lead to sterile sophistry, but offers peace and bliss to man suffering from self-imposed constrains. It creates a deep understanding of life and the world No longer will the contrariee be able to worry man because in this realm of Reality there is no dualism"
>
> (*'Yuganaddha'*)

ଏହାହିଁ "ପ୍ରଜ୍ଞୋପାୟବିନିଶ୍ଚିତସିଦ୍ଧି" ଭାଷାରେ 'ନ ଦ୍ୱୟମ୍ ନାଦ୍ୱୟମ୍ ଶାଂତମ୍,ଶିବମ୍' ଅବସ୍ଥା—ଯେଉଁଠି ଦ୍ୱୈତ-ଅଦ୍ୱୈତ, ସତ୍ତା-ଅସତ୍ତା, ସମସ୍ୟ ଓ ନିଃସମସ୍ୟ ଆଦି ସ୍ଥିତିର ସମସ୍ତ ସ୍ୱବିରୋଧ ଆପେ ଆପେ ମିଳାଇଯାଏ ଏବଂ ସାଧକ ତାର ସ୍ୱ-ଆରୋପିତ ବଂଧନ ପାଶରୁ ମୁକ୍ତ ହୋଇ ଶାଂତମ୍ ଓ ଶିବମ୍ ଅବସ୍ଥା ପ୍ରାପ୍ତ ହୁଏ—ଯାହା କାଳର ଅତୀତ ଏବଂ ଶବ୍ଦର ଅତୀତ, ଅଥଚ ଅନଂଗବଜ୍ରଂକ ଭାଷାରେ ଯାହା ଏକ ପ୍ରକାର **Thundering Silence** ବା ବଜ୍ର-ନୀରବତାର ଦୂର ସଂକେତ ବହନ କରେ ।

# ।। ଏକାଦଶ ଅଧିକରଣ ।।

## ସାମନ୍ତ-ଯୁଗର ମୂଲ୍ୟବୋଧ

ଭାରତବର୍ଷରେ ସୁଦୂର ଅତୀତରେ ସାମନ୍ତବାଦୀ ଯୁଗର ଆରମ୍ଭ କେବେ ହେଲା ତାହା ସଠିକ ଭାବରେ କହିବା କଠିନ । ଯେଉଁ ସବୁ ଦେଶରେ ରାଷ୍ଟ୍ର ମଧ୍ୟରେ ସାମନ୍ତତନ୍ତ୍ରୀୟ ପ୍ରଥା ପ୍ରତିଷ୍ଠିତ ହୁଏ ତାହାକୁ **Feudal Age** କୁହାଯାଏ । ପୁଣି ଯେଉଁ ଦେଶମାନଙ୍କରେ ଏହି ପ୍ରଥାର ଅବସାନ ଘଟି 'ବୁର୍ଜୋୟା ନ୍ୟାସନାଲ ଷ୍ଟେଟ' ବିବର୍ତ୍ତିତ ହୋଇଛି, ସେଠାରେ ବୁର୍ଜୋୟା ଯୁଗର ଆବିର୍ଭାବ ହୋଇଛି ବୋଲି କୁହାଯାଇଥାଏ । ପୁନଶ୍ଚ ଯେଉଁ ରାଷ୍ଟ୍ରରେ ଶ୍ରମଜୀବୀମାନେ ଶାସକ ରୂପେ ପ୍ରତିଷ୍ଠିତ ସେଠାରେ ପ୍ରୋଲେଟେରିଆଟ ବା ସର୍ବହରା ଯୁଗ ଆରମ୍ଭ ହୋଇଛି ବୋଲି ନିର୍ଦ୍ଧାରିତ ହୁଏ । ରାଷ୍ଟ୍ରର ଏହି ବିବର୍ତ୍ତନ ସମାଜରେ ଏବଂ ସେହି ଲୋକ ସମଷ୍ଟିର ସଂସ୍କୃତିରେ ବିଶେଷ ଭାବରେ ପ୍ରତିଫଳିତ ହୁଏ । ରାଷ୍ଟ୍ରର ଯେଉଁ ଯୁଗ-ଲକ୍ଷଣ ଗୁଡ଼ିକ ଅଛି ତାହା ସାହିତ୍ୟ ଓ ଶିଳ୍ପରେ ପ୍ରକାଶ ପାଏ । ତେଣୁ ସାହିତ୍ୟକୁ ଯଦି ଏହିପରି ସମାଜତାତ୍ତ୍ୱିକ ବିଭାଗ ଦ୍ୱାରା ଚିହ୍ନିତ କରାଯାଏ ସେଥିରେ ଅପରାଧ ହୁଏ ନାହିଁ । ଡ଼ଃ ଭୂପେନ୍ଦ୍ରନାଥ ଦତ୍ତ ପ୍ରମୁଖ ସାହିତ୍ୟକୁ ଏହିପରି ଭିନ୍ନ ଭିନ୍ନ ଯୁଗରେ ବିଭକ୍ତ କରି ମୂଲ୍ୟ-ବିଚାର କରିଛନ୍ତି ।

**ଆନ୍ତର୍ଜାତିକ ପ୍ରେକ୍ଷାପଟ**

ଗ୍ରୀସ୍‌ରେ ହୋମରୀୟ କାଳଠାରୁ ସାମନ୍ତତନ୍ତ୍ରୀ ଯୁଗର ଆରମ୍ଭ ବୋଲି କୁହାଯାଇଥାଏ । ପେରିକ୍ଲିସଙ୍କ ଏଥେନ୍ସରେ ମଧ୍ୟବିତ୍ତ ବଣିକ ଶ୍ରେଣୀର ପ୍ରାଧାନ୍ୟ ଦୃଷ୍ଟିଗୋଚର ହୁଏ । ଅନ୍ୟ ପକ୍ଷରେ ପୁଣି ରୋମ ଯେତେବେଳେ ଏଟୋଲିୟାନ ଲିଗ୍‌କୁ ଧ୍ୱଂସ କରି ଗ୍ରୀସକୁ ବିଧ୍ୱସ୍ତ କରେ, ସେତେବେଳେ ପାର୍ବତ୍ୟ ଗ୍ରୀକ୍‌ମାନେ ସଭ୍ୟତାର ଗଣ୍ଡି ଭିତରକୁ ମଧ୍ୟ ଆସି ନାହାନ୍ତି । ଏହିପରି ଭାବରେ ଦେଖିଲେ ଗୋଟିଏ ଦେଶ ମଧ୍ୟରେ ଏକ ସମୟରେ ସମାଜବିନ୍ୟାସର ବହୁ ସ୍ତର ଓ କ୍ରମଭେଦ ମଧ୍ୟ ଥାଇପାରେ ।

ଭାରତବର୍ଷରେ ସାମନ୍ତତନ୍ତ୍ରୀୟ ଯୁଗ ସୁଦୂର ଅତୀତରେ ଠିକ୍ କେବେ ଆରମ୍ଭ ହୋଇଥିଲା ତାହା କହିବା କଷ୍ଟ । କିନ୍ତୁ ଗୁପ୍ତ-ଯୁଗଠାରୁ ମୋଗଲ ଯୁଗ ପର୍ଯ୍ୟନ୍ତ ଶିଳ୍ପ ସାହିତ୍ୟରେ ଏହାକୁ ଜାଜ୍ୱଲ୍ୟ ଭାବରେ ଦେଖିବାକୁ ପାଉଁ । ରାଜପୁତନାରେ ତ ସ୍ୱାଧୀନତା ପାଇବା ପୂର୍ବ ପର୍ଯ୍ୟନ୍ତ ଏହା ରହିଥିଲା । (ଖ୍ରୀ: ୧୯୪୮)

ବର୍ତ୍ତମାନ ସାମନ୍ତତାନ୍ତ୍ରିକ ପ୍ରଥା—ଯାହାକୁ ସ୍ୱର୍ଗୀୟ ପ୍ରେମଚାନ୍ଦଙ୍କ "ଜାଗୀରଦାରୀ ସଭ୍ୟତା" କହିଛନ୍ତି କି କି ଲକ୍ଷଣ ଥିଲେ 'feudal', ତାହା ବିଚାର କରାଯାଉ । ସାମନ୍ତତନ୍ତ୍ରୀ' ସମାଜରେ ନିମ୍ନଲିଖିତ ଚରିତ୍ର ଗୁଡ଼ିକ ବର୍ତ୍ତମାନ—

(୧) ଜମିର ଭୋଗ ଦଖଲ ଅଧିକାର ରଜାଙ୍କଠାରୁ ସ୍ତରେ ସ୍ତରେ କୃଷକ ପର୍ଯ୍ୟନ୍ତ ଲମ୍ବି ଆସେ (*subinfeudation of land*)

(୨) ସ୍ୱାମୀଧର୍ମ (*Nobless oblige*)

(୩) ବୈରବୈଷ୍ୟ (**Blood feud** ଏବଂ **blood bond**)

(୪) ତାଲୁକ ଉପରେ ସ୍ୱତ୍ୱଭୋଗ (**benefice**)

(୫) ସ୍ତ୍ରୀଲୋକଙ୍କ ପ୍ରତି ସମ୍ମାନ (**gallantry**)

(୬) ବୀରତ୍ୱର ଲଢେଇ (**chivalry**)

ସାମନ୍ତତନ୍ତ୍ରୀ ପ୍ରଥାରେ ସର୍ବଶ୍ରେଷ୍ଠ ଅର୍ମିକ ତତ୍ତ୍ୱ ହେଉଛି 'ସ୍ୱାମୀଧର୍ମ ।' ୟୁରୋପରେ ମଧ୍ୟଯୁଗରେ ଦକ୍ଷିଣ ଫ୍ରାନ୍ସର ଟ୍ରୁବାଦୁର ଏବଂ ଉତ୍ତର ଫ୍ରାନ୍ସର ଟ୍ରୁଭେୟାରଦାର ଗାଥା ଏବଂ ଭାରତବର୍ଷରେ ମହାଭାରତଠାରୁ ରାଜପୁତାନାର ଚାରଣ ଗାଥାରେ ଏଇ ସ୍ୱାମୀଧର୍ମକୁହିଁ ବୀରର ଆଦର୍ଶ ବୋଲି ନିର୍ଦ୍ଦେଶ କରାଯାଇଛି । ଫ୍ରାନ୍ସର ଚାରଣ ରୋଁଲା ତତ୍କାଳୀନ ରାଜନୈତିକ ଆଦର୍ଶ ସମ୍ବନ୍ଧରେ କହିଛନ୍ତି ଯେ ତାଂବେଦାର ଲୋକର କର୍ତ୍ତବ୍ୟ ହେଉଛି ତା ପ୍ରଭୁ ପାଇଁ ଯୁଦ୍ଧ କରିବା (**It is the duty of the liege-man to fight for his liege-lord**) । ଏ ଯୁଗୀୟ ସାହିତ୍ୟରେ ଜଣେ ଅଭିଜାତ ବ୍ୟକ୍ତିହିଁ ହେଉଛନ୍ତି ସମାଜର କେନ୍ଦ୍ରବିନ୍ଦୁ । ଆଉ ସମସ୍ତେ ତାଙ୍କ ସେବାରେ ନିଯୁକ୍ତ ଥାନ୍ତି । 'ଏଇ ଯୁଗରେ ଅଭିଜାତ ଶ୍ରେଣୀର ଦୃଷ୍ଟିଭଙ୍ଗୀ ଦ୍ୱାରାହିଁ ଜଗତକୁ ଦେଖାଯାଏ । ଯେଉଁ ସାହିତ୍ୟରେ ଆମେ ଏଇ ଯୁଗର ଛବି ପାଉ ତାହାକୁ ସାମନ୍ତତନ୍ତ୍ରୀୟ ଯୁଗର ସାହିତ୍ୟ କହିପାରୁଁ ।'*

ଭାରତୀୟ ସାହିତ୍ୟର ଯୁଗ ଅତି ପ୍ରଶସ୍ତ । ଏହା ଋକ୍‌ବେଦଠାରୁ ଆମ ସମୟ ପର୍ଯ୍ୟନ୍ତ ବିସ୍ତୃତ—ଯାହାର ବ୍ୟାପ୍ତି ପ୍ରାୟ ୪୫୦୦ ବର୍ଷରୁ ଅଧିକ ହେବ । ବ୍ଲୁମ୍‌ଫିଲ୍‌ଡ ପ୍ରମୁଖ ପଣ୍ଡିତମାନେ କହନ୍ତି ଯେ ବେଦର ମନ୍ତ୍ରଭାଗ ସମାଜର ଉଚ୍ଚସ୍ତର

*"ସାହିତ୍ୟରେ ପ୍ରଗତି"—ଡଃ ଭୂପେନ୍ଦ୍ରନାଥ ଦତ୍ତ ।

**ଭାରତୀୟ ସାହିତ୍ୟରେ ସାମନ୍ତବାଦ**

ଯୋଦ୍ଧାମାନଂକ ସ୍ତୁତିରେ ହିଁ ପୂର୍ଣ୍ଣ । ଋକ୍‌ବେଦରେ ଧର୍ମ୍ମୀ କ୍ଷତ୍ରିୟ ଓ ବ୍ରାହ୍ମଣମାନଂକ ଯଜ୍ଞାଦିର କଥା ବହୁଳ ଭାବରେ ଦେଖାଯାଏ । ଦାନସ୍ତୁତି, ଦଶରାଜାର ଯୁଦ୍ଧ, ଇନ୍ଦ୍ରଂକର ଶମ୍ବର ସହିତ ଯୁଦ୍ଧ, ଏବଂ ଗଜ ପୃଷ୍ଠରେ ପାର୍ଶ୍ୱ ପରିବେଷ୍ଟିତ ରାଜା ପ୍ରଭୃତି ଉଚ୍ଚସ୍ତରର କ୍ରିୟାକଳାପ ଗାନରେ ଏହା ପୂର୍ଣ୍ଣ । ଏଥିରେ ପୁଣି ଅଛି 'ମହାକୁଳ' ଓ 'ମଘବନ' ପ୍ରଭୃତିଂକର ଉଲ୍ଲେଖ । ଯଜୁର୍ବେଦ ମଧ୍ୟ ତଦ୍ରୂପ । ଏଥିରେ ବ୍ରାହ୍ମଣ ଓ କ୍ଷତ୍ରିୟ ବର୍ଣ୍ଣ ଦ୍ୱୟର ଉନ୍ନତି କଳ୍ପେ ଯଜ୍ଞାଦି କରିବାର ବ୍ୟବସ୍ଥା ଅଛି ଏବଂ ସେମାନଂକ ପାଇଁ ଦେବତାମାନଂକ ନିକଟରେ ପ୍ରାର୍ଥନାଦିର ଉଲ୍ଲେଖ ଅଛି ।

ପରେ ଯେତେବେଳେ ବୈଦିକ ଧର୍ମ ବିରୁଦ୍ଧରେ ବିଦ୍ରୋହ ଘୋଷିତ ହୁଏ ଏବଂ ଭଗବାନ ବୁଦ୍ଧ ଧର୍ମକୁ ବେଦ ଓ ବ୍ରାହ୍ମଣମାନଂକ ଅର୍ଗଳରୁ ମୁକ୍ତ କରି କିଛିଟା ଗଣମୁଖୀ କରନ୍ତି, ସେତେବେଳେ ସାଧାରଣ ଭାଷାରେ ଧର୍ମପୁସ୍ତକ ସମୂହ ଲିଖିତ ହେବାକୁ ଲାଗେ । ସେଇ ସମୟରେ ପ୍ରାକୃତ ଓ ପାଲି ଭାଷାରେ ଜୈନ ଓ ବୌଦ୍ଧାଚାର୍ଯ୍ୟମାନେ ଜନସାଧାରଣଂକର କିଂଚିତ୍ ସମ୍ବାଦ ଦେଇଛନ୍ତି । ଏଇ ସବୁ ପୁସ୍ତକରେ ସନାତନୀ ପ୍ରଥା ଭାଂଗି ସଂସ୍କାରକଗଣ ଶୂଦ୍ର ଓ ପତିତମାନଂକୁ ଆହ୍ୱାନ କରିଛନ୍ତି (ଜାତକ, ଅବଦାନ, ଅଂଗାଦି ଦ୍ରଷ୍ଟବ୍ୟ ।) ଏଇ ସବୁ ପୁସ୍ତକରେ ଆମେ ଜନସାଧାରଣଂକର ସମ୍ବାଦ ପାଉଁ । ତତ୍କାଳୀନ ଭାରତୀୟ ସମାଜର ଚିତ୍ର ଓ ସାମାଜିକ ଜୀବନ ଏଇ ପୁସ୍ତକମାନଂକରେ ପ୍ରତିଫଳିତ ହୋଇଛି ।

କିଂତୁ ଯେତେବେଳେ ଶେଷ ମୌର୍ଯ୍ୟ ସମ୍ରାଟଂକୁ ହତ୍ୟା କରି ତାଂକ ସେନାପତି ପୁଷ୍ୟମିତ୍ର ବ୍ରାହ୍ମଣ୍ୟାଧିପତ୍ୟ ସ୍ଥାପନ କଲେ, ସେତେବେଳେ ସେଇ ଯୁଗର ଶାସକଶ୍ରେଣୀର ସ୍ୱାର୍ଥପ୍ରଣୋଦିତ ଶ୍ରେଣୀଲକ୍ଷଣ-ଦୁଷ୍ଟ ମାନବଧର୍ମଶାସ୍ତ୍ର ବା ମନୁସଂହିତାର ନୂତନ ସଂକଳନ ହୁଏ । ସେଇ ସମୟଠାରୁ ଆମେ ସଂସ୍କୃତ ସାହିତ୍ୟରେ ଅନ୍ୟ ଏକ ଯୁଗର ଚିତ୍ର ଦେଖିବାକୁ ପାଉଁ ।'*

## ସଂସ୍କୃତର ସ୍ୱର୍ଣ୍ଣଯୁଗ

ବ୍ରାହ୍ମଣ୍ୟାଧିପତ୍ୟ ଯୁଗଠାରୁ ନୂତନ ସଂସ୍କୃତର ଆଦର ହୁଏ । ପଂଡିତମାଂନକ ମତରେ ହିଂଦୁ ସଭ୍ୟତାର ଚରମ ଉତ୍କର୍ଷ ୧୦୦—୬୦୦ ଖ୍ରୀଷ୍ଟୀୟ ଶତକ

* *Ibid*

ମଧ୍ୟରେ ହୁଏ । ଏଇ ସମୟରେହିଁ ସର୍ବପ୍ରଥମେ ବୌଦ୍ଧ ଅଶ୍ୱଘୋଷ ନାଟକ ରଚନା କରିଥିଲେ । ତତ୍‌ପରେ ଭାସ, କାଳିଦାସ, ଭବଭୂତି, ପରେ ରାଜଶେଖର, ଭାରବୀ, ମାଘ, ଭଟ୍ଟନାରାୟଣ, ଏବଂ ଆହୁରି ପରେ ଶ୍ରୀହର୍ଷ, ଜୟଦେବ ଓ ଶ୍ରୀକୃଷ୍ଣ ମିଶ୍ର ପ୍ରମୁଖଙ୍କର ଉଦୟ ହୁଏ । ଶେଷୋକ୍ତ ମାନଙ୍କର ସମୟ ଏକାଦଶ ଶତାବ୍ଦୀ ବୋଲି ନିର୍ଦ୍ଧାରିତ ହୋଇଛି । ସେତେବେଳକୁ ଭାରତବର୍ଷରେ ମୁସଲମାନ ଆକ୍ରମଣ ଆରମ୍ଭ ହୋଇଯାଇଛି—ଶ୍ରୀକୃଷ୍ଣ ମିଶ୍ରଙ୍କ 'ପ୍ରବୋଧଚନ୍ଦ୍ରୋଦୟ' ନାଟକରେ ତୁରସ୍କର ନାମୋଲ୍ଲେଖ ରହିଛି । ଏହି ସମୟକୁ ଭାରତୀୟ ସଂସ୍କୃତିର ସ୍ୱର୍ଣ୍ଣ ଯୁଗ ବୋଲି କେତେକ ଐତିହାସିକ କାମିତ କରିଛନ୍ତି ।

ଏଇ ସମସ୍ତ ରୁଚିମନ୍ତ ସାହିତ୍ୟରେ ଆମେ ସାମନ୍ତତାନ୍ତ୍ରିକ ଯୁଗର ସମସ୍ତ ଗୁଣ ଓ ବୈଶିଷ୍ଟ୍ୟ ଦେଖୁଁ, ଯଥା ବର୍ଣ୍ଣାଶ୍ରମ ଧର୍ମର ପ୍ରାଧାନ୍ୟ, କୁଳ ଓ ବଂଶର ମହିମା, ସ୍ୱାମୀଧର୍ମ, ସାମନ୍ତ ରାଜାଙ୍କ ଅସ୍ତିତ୍ୱ, କଳାରେ ଶିକ୍ଷିତା ଗଣିକାମାନଙ୍କର ପ୍ରାଦୁର୍ଭାବ, ଗୋଲାମ ଶ୍ରେଣୀର ଅସ୍ତିତ୍ୱ, ରାଜାମାନଙ୍କର ଅନ୍ତଃପୁରରେ କଞ୍ଚୁକୀ ଓ ପ୍ରହରୀ, ଅବଗୁଣ୍ଠନର ପ୍ରଚଳନ, ସ୍ତ୍ରୀଲୋକ ଆଇନର ଅଧିକାରରୁ ବଞ୍ଚିତ ହେବା ଏବଂ ସାମାଜିକ ଆଦବ କାଇଦାର ବାହୁଲ୍ୟ ଇତ୍ୟାଦି । ଏଇ ସବୁ ରଚନାରେ ସାମନ୍ତତାନ୍ତ୍ରିକ ଯୁଗ ପୂର୍ଣ୍ଣମାତ୍ରାରେ ପ୍ରକାଶ ପାଏ । ସେଥିପାଇଁ ସେଥିରେ ଜନଗଣଙ୍କର ଜୀବନଚିତ୍ର ପ୍ରାପ୍ତ ମିଳେ ନାହିଁ । କେବଳ ରାଜା, ରାଣୀ, ସେନାପତି, ମନ୍ତ୍ରୀ, ରାଜକନ୍ୟା ଓ ତାହାର ପ୍ରଣୟୀ ।

ଏ ସାହିତ୍ୟର ଗୋଟାଏ ପ୍ରଧାନ ସମଲକ୍ଷଣ ହେଉଛି, ଭାସଙ୍କଠାରୁ ହର୍ଷବର୍ଦ୍ଧନଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରାୟ ଗୋଟାଏ ଛାଞ୍ଚରେ ନାଟକ ରଚନା କରିଛନ୍ତି । ଗଳ୍ପର ବେଶୀ ବାହୁଲ୍ୟ ନାହିଁ । ଯାହା ଅଛି, ଐତିହାସିକଙ୍କ ମତରେ, ଅଧିକାଂଶହିଁ ଗୁଣାଢ୍ୟଙ୍କ ପୈଶାଚୀ-ପ୍ରାକୃତ ଭାଷାରେ ଲିଖିତ 'ବୃହତ୍ କଥା'ରୁ ଆହରଣ କରାଯାଇଛି । ଏଇ ସବୁ ରଚନାରେ 'ଗୋଟିଏ ଶ୍ରେଣୀ ବିଷୟରେ କ୍ରମାଗତ ବର୍ଣ୍ଣନା ଥିବାରୁ ଏ ସମସ୍ତଙ୍କୁ ଗୋଟିଏ ଛାଞ୍ଚରେ ଢଳା ବୋଲି କୁହାଯାଏ ।'

'ଏଇ ଯୁଗର ସଂସ୍କୃତ ସାହିତ୍ୟରେ ଆମେ ଏକଦିଗରେ ଦେଖୁଁ, ବ୍ରାହ୍ମଣ ଲେଖକମାନେ ବ୍ରାହ୍ମଣ୍ୟ ଆଧିପତ୍ୟ ଓ ବଡ଼ ବଡ଼ ରାଜାଙ୍କର ଗୁଣକୀର୍ତ୍ତନରେ ବ୍ୟସ୍ତ ରହି ସାଧାରଣଙ୍କ ଆଖିରେ ଧୂଳି ଦେବାକୁ ଚେଷ୍ଟା କରିଛନ୍ତି ଯେ ହିନ୍ଦୁ ସମାଜ-ବ୍ୟବସ୍ଥା ସନାତନ ଏବଂ ଏହା ଚିରକାଳ ବ୍ରାହ୍ମଣ୍ୟବାଦକୁ ମାନିନେଇଛି । କିନ୍ତୁ ଅନ୍ୟ ଶ୍ରେଣୀର ଲେଖକମାନଙ୍କ ଲେଖାରେ ଦେଖୁଁ ଯେ 'ଲୋକାୟତବାଦ',

ନାସ୍ତିକତା, ବାସ୍ତବିକତାପୂର୍ଣ ସୁଖଭୋଗବାଦ ପ୍ରଭୃତି ପ୍ରବୃତ୍ତି ଓ ସୃଷ୍ଟି ହୋଇଅଛି । ଏଇ ମତର ବିଶ୍ୱାସୀମାନେ ଥିଲେ ଧନୀ 'ନାଗରକ' ଗଣ । ଏଇ ନାଗରକ' ଶ୍ରେଣୀ ବାଣିଜ୍ୟ, ବ୍ୟବସାୟ କରି ଏବଂ ଦରିଆପାରି ବାଣିଜ୍ୟ ସୂତ୍ରରେ ବହୁ ଧନ ଅର୍ଜନ କରିଥିଲେ । ବାତ୍ସାୟନଂକ ମତରେ ଏଇ ନାଗରକଗଣ ଲୋକାୟତବାଦର ଅନୁରାଗୀ ଥିଲେ । ଏମାନେ ବାସ୍ତବବାଦରେ ବିଶ୍ୱାସୀ ଥିଲେ ଏବଂ ଚାର୍ବାକ ଓ ବୃହସ୍ପତିଙ୍କର ଲୋକାୟତ ମତ ଅନୁସରଣ କରୁଥିଲେ । ଭାସଂକ 'ମୃଚ୍ଛକଟିକ' ନାଟକର ଚାରୁଦତ୍ତ ସେମାନଂକର ଜଣେ ପ୍ରତିନିଧି, ଯଦିଚ ଧନସ୍ୱନ । ପୁଣି ଉତ୍ତର ବୈଦିକ ଯୁଗରେ ଲିଖିତ ଧର୍ମପୁସ୍ତକମାନଂକରେ ଆମେ ଗଣର ସଂଧାନ ପାଉଁ । ବୌଦ୍ଧ 'ଅବଦାନ' ଓ ଜାତକ ସମୂହରୁ ଜଣାପଡେ ଯେ ଜନଗଣ ସାମ୍ୟଧର୍ମୀ ବୌଦ୍ଧଧର୍ମ ପ୍ରତି ଅନୁରକ୍ତ ଥିଲେ । (ibid)

## ତଂତ୍ରର ସାମ୍ୟଧର୍ମୀ ଆଭିମୁଖ୍ୟ

ଏହାପରେ ହିଂନ୍ଦୁ ସମୃଦ୍ଧିର ରବି ସାହିତ୍ୟରୁ ଅସ୍ତମିତ ହୁଏ । ମଧ୍ୟ ଯୁଗରେ ତାଂତ୍ରିକଧର୍ମ ସାମଜିକ ଭାବେ ବର୍ଣାଶ୍ରମ ବିପକ୍ଷରେ ଯାଇ ନାହିଁ । ରାଜଶେଖରଂଙ୍କ 'ବିଦ୍ଧଶାଲ ଭଂଜିକା' ଓ ଭବଭୂତିଂକ 'ମାଲତୀମାଧବ' ନାଟକରେ ଆମେ ତାଂତ୍ରିକ କାପାଳିକମାନଂକର ଅଦ୍‌ଭୁତ କ୍ରିୟାକାଂଡର ପରିଚୟ ପାଉଁ ।

ପୁଣି ତଂତ୍ରରେ ସାମ୍ୟଧର୍ମୀ ନିର୍ଦ୍ଦେଶ ମିଳେ । ଏଇ ତଂତ୍ରର 'ଚକ୍ର'ରେ ବ୍ରାହ୍ମଣ, ଚଂଡାଳ, ମ୍ଳେଚ୍ଛ, ଯବନ ଭେଦ ନାଇ । (ମହାନିର୍ବାଣତଂତ୍ର ୧୮, ୨୧୮) । ତନ୍ତ୍ରରେ ଅନୁଷ୍ଠିତ ଶୈବ ବିବାହ ବ୍ରାହ୍ମ ବିବାହ ପରି ଶାସ୍ତ୍ରୀୟ ବ୍ୟବସ୍ଥା । ପୁନର୍ବାର ଏଇ ବିବାହ ବିଧବା ସହିତ କରଣୀୟ (ମହାନିର୍ବାଣ, ୯।୨୬୭) ଏବଂ ଅସବର୍ଣ ସଂଗେ ମଧ୍ୟ କରାଯାଇପାରେ (ମହାନିର୍ବାଣ, ୯।୨୬୭) ଅଶୁଚି ବସ୍ତ୍ର ପିଂଧି ଆହାରାଦି ପରେ ମଧ୍ୟ ଧର୍ମକର୍ମର ଅନୁଷ୍ଠାନ କରାଯାଏ । (ବୃହତ୍ ତଂତ୍ରସାର, ବୀରତଂତ୍ର) ଏଇପରି ଭାବରେ ବ୍ରାହ୍ମଣ୍ୟଧର୍ମର ପ୍ରଭାବ କ୍ରମେ କ୍ଷୀଣ ହୋଇ ଆସୁଥିବାର ଜଣାଯାଏ । କିଂତୁ ସାମ୍ୟଧର୍ମୀ ବୌଦ୍ଧମାନଂକର ମହାଯାନୀ ଶାଖାରେ ତତ୍‌କାଳୀନ ସାମଂତତାଂତ୍ରିକ ବାତାବରଣର ଛାପ ବିଶେଷଭାବରେ ପଡ଼ିଥିଲା । ସେମାନଂକ ଭିକ୍ଷୁସଂଘରେ ଯେପରି ପଦଭେଦ ଜନିତ ସ୍ତରଭେଦ ଶ୍ରମଣମାନଂକ ମଧ୍ୟରେ ସଂଭୂତ ହୁଏ, ଧର୍ମରେ ମଧ୍ୟ ତଦ୍ରୂପ ଆରାଧ୍ୟମାନଂକ ମଧ୍ୟରେ ଦୃଷ୍ଟ ହୁଏ । ଫଳରେ ସାମଂତତାନ୍ତ୍ରିକ ବାତାବରଣରେ

ବିବର୍ତ୍ତିତ ବର୍ଣାଶ୍ରମିକ ବ୍ରାହ୍ମଣ୍ୟବାଦ ଓ ମହାଯାନୀ ବୌଦ୍ଧବାଦ ଏକ ଧାରାରେ ପ୍ରବାହିତ ହୋଇ ଶେଷରେ ତାଂହ ଭିତର ଦେଇ ଏକୀଭୂତ ହୋଇ ଯାଇଛନ୍ତି । ଏହାହିଁ ହେଉଛି ବୌଦ୍ଧଧର୍ମର ଅସ୍ତିତ୍ୱ ଲୋପର କାରଣ —ଯେଉଁଥିପାଇଁ ଏହା ପରେ ଭାରତବର୍ଷରୁ ଅଂତର୍ହିତ ହୁଏ । (*Ibid*)

ଏହାପରେ ବ୍ରାହ୍ମଣ୍ୟଧର୍ମର ପୁନରୁଜ୍ଜୀବନ ଓ ଅପ୍ରତିଦ୍ୱନ୍ଦ୍ୱୀ ରାଜଶକ୍ତିର ପ୍ରଭାବ ସମୟରେ ଆମେ ମାଘଂକ, 'ଶିଶୁପାଳବଧ', ଶ୍ରୀହର୍ଷଂକ 'ନୈଷଧଚରିତମ୍' ଏବଂ ଜୟଦେବଂକ 'ଗୀତଗୋବିଂଦ' ପାଉଁ । ଧୋୟୀଂକ 'ପବନ ଦୂତ' ମଧ୍ୟ ଏଇ ସମୟର ରଚନା । କାବ୍ୟ ହିସାବରେ ଏଗୁଡ଼ିକ ଉଚ୍ଚକୋଟୀର ହେଲେ ମଧ୍ୟ ଏଥିରେ ପତନୋନ୍ମୁଖ ହିଂଦୁର ସାମାଜିକ ଚିତ୍ର ବିଶେଷ ଭାବରେ ପ୍ରତିଫଳିତ ହୋଇଛି । ଏ ସବୁ ପୁସ୍ତକରେ ପ୍ରଥମ ଯୁଗର ରଚନା (କାଳିଦାସ, ଭବଭୂତି) ତୁଳନାରେ ଭିନ୍ନ ସ୍ୱର ବାଜିଉଠେ । ବୀରରସ ପରିବର୍ତ୍ତେ ଆଦିରସ ବା କାମକଳାର ଚିତ୍ର ଏ ସବୁଥିରେ ବେଶୀ ଦେଖିବାକୁ ମିଳେ । ଏଥିରୁ ହିଂଦୁ ସମାଜର ଅବକ୍ଷୟର ଦିଗଟାହିଁ ବେଶୀ ଫୁଟିଉଠେ ।

ଠିକ୍ ଏଇ ବିକାଶର ସୂତ୍ର ଧରି ଭାଷା ସାହିତ୍ୟମାନଂକରେ ଯୁଗପ୍ରଭାବର କ୍ରିୟା ଓ ତା'ର ରୂପ ନିର୍ଦ୍ଦେଶ କରାଯାଇପାରେ । ବଂଗଦେଶରେ ଚଂଡୀଦାସଂକ ପଦାବଳୀରେ ଶୃଂଗାରରସହିଁ ପ୍ରଧାନ । ମାତ୍ର ଭାଷା ସାହିତ୍ୟ ଭିତରକୁ ପ୍ରବେଶ ନ କରି ଆମେ କେବଳ ମଧ୍ୟଯୁଗୀୟ ସାହିତ୍ୟର ପ୍ରଧାନ ଲକ୍ଷଣ ତଥା ଆତ୍ମିକ ଗୁଣ ଗୁଡ଼ିକ ଦେଖାଇ ଦେଇ ଆଲୋଚନା ବଂଦ କରିବାକୁ ଚାହୁଁ ।

## ଜାତୀୟତାବାଦର ଅଂକୁର

ସାମଂତତାଂତ୍ରିକ ସାହିତ୍ୟର ଆଉ ଗୋଟିଏ ଆତ୍ମିକଗୁଣ ହେଉଛି ଜାତୀୟତାବୋଧର ଅଂକୁର । ସେତେବେଳେ ଏକ ସର୍ବଭାରତୀୟ ଜାତୀୟତାବୋଧ (nationalism) ଜନ୍ମ ନ ହୋଇଥିଲେ ମଧ୍ୟ ବ୍ରାହ୍ମଣ୍ୟଧର୍ମ ପ୍ରଭାବରେ ଏକ ଜାତୀୟତାବାଦ ବା ରାଷ୍ଟ୍ରୀୟଚେତନା ହିଂଦୁ ସାମ୍ରାଜ୍ୟଗୁଡ଼ିକ ମଧ୍ୟରେ ପରିବ୍ୟାପ୍ତ ହେଉଥିଲା । ମୌର୍ଯ୍ୟ ଓ ଗୁପ୍ତ ଯୁଗରେ ଏଇ ଜାତୀୟତାବୋଧର ପ୍ରଭାବ ସାହିତ୍ୟରେ ବେଶ୍ ପରିଦୃଷ୍ଟ । ବଡ଼ ବଡ଼ ରାଜାମାନଂକୁ କେଂଦ୍ର କରି ହିଁ ଏଇ ଜାତୀୟତାବାଦ ଜନ୍ମଲାଭ କରିଥିଲା । ତେଣୁ ଏହା ମୁଖ୍ୟତ ବ୍ୟକ୍ତି-ଭିତ୍ତିକ ଥିଲା ।

# ପୁରାଣରେ ମୂଲ୍ୟବୋଧ

ଭାରତବର୍ଷର ଅଷ୍ଟାଦଶ ପୁରାଣ ଓ ପ୍ରାୟ ସମସଂଖ୍ୟକ ଉପପୁରାଣ ସାମନ୍ତତାନ୍ତ୍ରିକ ଯୁଗରେହିଁ ରଚିତ ହୋଇଛି । ମହାଭାରତ ଛଡ଼ା ଅନ୍ୟ ସମସ୍ତ ପୁରାଣରେ ସାମନ୍ତ-ଯୁଗର ଆଭିମୁଖ୍ୟ ଓ କ୍ରିୟାକଳାପହିଁ ଦେଖିବାକୁ ପାଉଁ । ରାମାୟଣ ମଧ୍ୟ ମହାଭାରତ ରଚିତ ହେବାର ବହୁ ପରେ ସାମନ୍ତ-ଯୁଗର ଏକ ଅବଦାନ ବୋଲି ସୂଚନା ଦେଇଛନ୍ତି । ମହାଭାରତ ଓ ରାମାୟଣ ଛଡ଼ା ଅନ୍ୟାନ୍ୟ ପୁରାଣଗୁଡ଼ିକୁ ମହାପୁରାଣ ଓ ଉପପୁରାଣ ଏଇ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଅଠରଟି ମହାପୁରାଣ ମଧ୍ୟରେ ବ୍ରହ୍ମପୁରାଣ, ପଦ୍ମପୁରାଣ, ବିଷ୍ଣୁପୁରାଣ, ଶିବପୁରାଣ, ଲିଙ୍ଗପୁରାଣ, ଗରୁଡ଼ପୁରାଣ, ନାରଦପୁରାଣ, ଶ୍ରୀମଦ୍‌ଭାଗବତ, ଅଗ୍ନିପୁରାଣ, ସ୍କନ୍ଦ-ପୁରାଣ, ଭବିଷ୍ୟପୁରାଣ, ବ୍ରହ୍ମବୈବର୍ତ୍ତପୁରାଣ, ମାର୍କଣ୍ଡେୟ ପୁରାଣ, ବାମନପୁରାଣ, ବରାହପୁରାଣ, ମତ୍ସ୍ୟପୁରାଣ, କୂର୍ମପୁରାଣ, ବ୍ରହ୍ମାଣ୍ଡପୁରାଣ ଅନ୍ତର୍ଗତ । ଉପପୁରାଣ ମଧ୍ୟ ଅଠରଖଣ୍ଡି, ଯଥା ସନତ୍, ଦୁର୍ବାସା, ନାରଦୀୟ, କପିଳ, ବାମନ, ଉଶନା, ବ୍ରହ୍ମାଣ୍ଡ, ବାରୁଣ, କାଳିକା, ମାହେଶ୍ୱର, ଶାମ୍ବ, ସୌର, ପରାଶର, ମାରୀଚ ଓ ଭାର୍ଗବ । ବାୟବୀୟ, ନାନ୍ଦିକେଶ୍ୱର, ପାଦ୍ମ, ଦେବୀ ଓ ହଂସର ଏ ପାଞ୍ଚଖଣ୍ଡି ପୁରାଣ ମଧ୍ୟ ଉପପୁରାଣ ମଧ୍ୟରେ ଗଣ୍ୟ । ବାୟୁପୁରାଣ କେବେ ଉପପୁରାଣ, କେବେ ପୁଣି ମହାପୁରାଣ ମଧ୍ୟରେ କଳ୍ପଭେଦରେ ପରିଗଣିତ ହୋଇ ଆସିଛି । ପ୍ରଥମ ପୁରାଣ ବ୍ରହ୍ମପୁରାଣ ଉତ୍ତରଖଣ୍ଡରେ ଓଡ଼ିଶାର ଜଗନ୍ନାଥ ମନ୍ଦିରର ବର୍ଣ୍ଣନା ଦେଖିବାକୁ ପାଉଁ । ସୂତ ଓ ସୌନକ ଋଷିଙ୍କ କଥାପ୍ରସଙ୍ଗ ଛଳରେ ଏଇ ପୁରାଣଟି ବିରଚିତ । କେଉଁ ପୁରାଣ କେବେ ରଚିତ ହୋଇଥିଲା ତାହା ସେଇ ପୁରାଣରେ ଉଲ୍ଲେଖ ଅଛି । ବ୍ରହ୍ମପୁରାଣ ପ୍ରଥମେ ରଚିତ ହୋଇଥିଲା, ତା'ପରେ ବେଦବ୍ୟାସ ବିଷ୍ଣୁପୁରାଣ ରଚନା କରିଥିଲେ ବୋଲି ବିଷ୍ଣୁପୁରାଣରେ ଲିଖିତ ଅଛି ।

"ଆଦ୍ୟଂ ସର୍ବପୁରାଣାଃ ବ୍ରହ୍ମମୁଚ୍ୟତେ...

ଏତଦ୍‌ଦ୍ୱୈତ୍ତିବଃସଙ୍କ୍ଷସର୍ବେ ପାଦ୍ମସ୍ୟ ସମନନ୍ତରମ ॥" ( ବିଷ୍ଣୁ ପୁରାଣ, ୩,୬ଷ୍ଠ ଅଧ୍ୟାୟ) କୂର୍ମପୁରାଣରେ ଦେଖୁଁ ପ୍ରଥମେ ବ୍ରହ୍ମପୁରାଣ, ତା'ପରେ ପଦ୍ମପୁରାଣ, ବିଷ୍ଣୁପୁରାଣ ପ୍ରଭୃତି ଅଠରଟି ପୁରାଣ ରଚିତ ହୋଇଥିଲା ।

ସବୁ ପୁରାଣ ମଧ୍ୟରେ ପ୍ରଥମ ପୁରାଣ ବୋଲି ଉକ୍ତ ବ୍ରହ୍ମପୁରାଣରେ ପୁରୀ ଜଗନ୍ନାଥ ମନ୍ଦିର ବିଷୟ ବର୍ଣ୍ଣିତ ହୋଇଥିବା ଦୃଷ୍ଟିରୁ ତାହା ଖ୍ରୀଷ୍ଟୀୟ ଅଷ୍ଟମ

ଶତାବ୍ଦୀ ପରେ ବିରଚିତ ହୋଇଥିବ ବୋଲି ଅନୁମିତ ହୁଏ । ଏହାଛଡ଼ା ସ୍କନ୍ଦ ପୁରାଣର ଉତ୍କଳଖଣ୍ଡରେ, ନାରଦପୁରାଣ, ପଦ୍ମପୁରାଣ, କପିଳସଂହିତା ଓ ନୀଳାଦ୍ରି-ମହୋଦୟ ପ୍ରଭୃତିରେ ମଧ୍ୟ ପୁରୁଷୋତ୍ତମ କ୍ଷେତ୍ର ଓ ଜଗନ୍ନାଥଙ୍କ ବିଷୟ ବର୍ଣ୍ଣିତ ହୋଇଛି । ତେଣୁ ମହାଭାରତ-ରଚୟିତା ବେଦବ୍ୟାସଙ୍କର ପ୍ରାୟ ଦେଢ଼ ହଜାର ବର୍ଷ ପରେ ଏଇ ପୁରାଣଗୁଡ଼ିକ ରଚିତ ହୋଇଥିବ ।

ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ ଲିଖିତ 'ହରିବଂଶ'ରେ ମହାଭାରତ ଶାନ୍ତି ପର୍ବର ନାରାୟଣୀ ଅଧ୍ୟାୟରେ ବର୍ଣ୍ଣିତ ବରାହ, ନୃସିଂହ, ବାମନ, ପରଶୁରାମ ଦାଶରଥିରାମ ଓ ବାସୁଦେବକୃଷ୍ଣ ଏଇ ଛଅ ଅବତାରର କଥା ଅଷ୍ଟାଦଶ ପୁରାଣର ଲେଖାହୋଇଛି । ମହାଭାରତରେ ଅବଶ୍ୟ ସେଇ ଅଧ୍ୟାୟରେ କାଳ-ନିର୍ଣ୍ଣୟ ଅନ୍ୟ ସ୍ଥଳରେ ହଂସ, ମତ୍ସ୍ୟ, କୂର୍ମ ଓ କଳ୍କି ଅବତାରଙ୍କୁ ପୂର୍ବ ଛଅ ଅବତାରଙ୍କ ସଂଗେ ଯୋଡ଼ି ଦିଆଯାଇଛି । ( ଏହାକୁ ଶ୍ରୀ ଭଣ୍ଡାରକାର ପ୍ରକ୍ଷିପ୍ତ ବୋଲି ମନେ କରନ୍ତି । ) ବାୟୁପୁରାଣରେ ଦୁଇଟି ସ୍ଥାନରେ ଅବତାରମାନଙ୍କ ନାମ ଦିଆଯାଇଛି । ପ୍ରଥମେ ବାର ଅବତାର ଏବଂ ଦଶାବତାରଙ୍କ ନାମ ଉଲ୍ଲେଖ ଅଛି, ଯାହା ମଧ୍ୟରେ ବରାହ, ନୃସିଂହ, ବାମନ ପରଶୁରାମ, ଦାଶରଥିରାମ, ବାସୁଦେବକୃଷ୍ଣ, ଦତ୍ତାତ୍ରେୟ, ବେଦବ୍ୟାସ, କଳ୍କି ଅନ୍ତର୍ଗତ । ଏଇ ପୁରାଣରେ ଚନ୍ଦ୍ରଗୁପ୍ତ (୧) ( ଖ୍ରୀ. ୩୨୦—୩୪୦ )ଙ୍କ ଉଲ୍ଲେଖ ଥିବାରୁ ଏହା ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ଲିଖିତ ବୋଲି କୁହାଯାଇଥାଏ । ସେ ପର୍ଯ୍ୟନ୍ତ ବୁଦ୍ଧ ଅବତାର ମଧ୍ୟରେ ସ୍ଥାନ ପାଇ ନାହାନ୍ତି । କିନ୍ତୁ ବରାହ ପୁରାଣରେ ବୁଦ୍ଧଙ୍କ ନାମ ଦଶାବତାର ମଧ୍ୟରେ ଦେଖିବାକୁ ପାଉଁ । ତେଣୁ ତାହା ଖ୍ରୀ ୭ମ ଓ ୮ମ ଶତାବ୍ଦୀରେ ଲିଖିତ ହୋଇଥିବ ବୋଲି ଅନୁମାନ ହୁଏ । ଶ୍ରୀମଦ୍‌ଭାଗବତରେ ଅନିଚ୍ଛା କ୍ରମେ ବୁଦ୍ଧଙ୍କୁ ଅବତାର ମଧ୍ୟରେ ଗ୍ରହଣ କରାଯାଇଛି ( ବିଷ୍ଣୁଙ୍କ 'ମହାମୋହ' ଅବତାର ) । ରାମକୃଷ୍ଣ ଭଣ୍ଡାରକାର ଏହି ପୁରାଣଟି ଖ୍ରୀ ଦଶମ ଶତକ ଆଡ଼କୁ ରଚିତ ହୋଇଥିବ ବୋଲି ମନେକରନ୍ତି । ( ଓ. ଇ ) ଏଥିରେ ୨୬ଟି ଅବତାରଙ୍କର ଉଲ୍ଲେଖ ମିଳେ ।

ପୁରାଣଗୁଡ଼ିକ ରଚିତ ହେଲାବେଳକୁ ରାଜତନ୍ତ୍ର ଏବଂ ସାମନ୍ତ-ପ୍ରଥା ପ୍ରତିଷ୍ଠିତ ହୋଇସାରିଛି । ପ୍ରତ୍ୟେକ ପୁରାଣରେ ଶ୍ରେଣୀ-ବିଭକ୍ତ ସମାଜର ଚିତ୍ର ସଂଗେ ସେଇ ସମୟର ମୂଲ୍ୟବୋଧର ପ୍ରାଧାନ୍ୟ ଦେଖିବାକୁ ପାଉଁ ।

**ରାମାୟଣର ଅର୍ବାଚୀନତା**

ପୂର୍ବେ କହିଛୁଁ, ରାମାୟଣ ମହାଭାରତର ଅନ୍ୟୂନ ପାଂଚ ଶହ ବର୍ଷ ପରବର୍ତ୍ତୀ ରଚନା । ରାମାୟଣର ମୂଳ ଅଂଶର ଭାଷା ମହାଭାରତର ଭାଷା ତୁଳନାରେ ଢେର ବେଶୀ ଅର୍ବାଚୀନ । ଏହାଛଡା ରାମାୟଣରେ ପୁରାପୁରି ସାମଂତ-ଯୁଗର ଚରିତ୍ର ତଥା ମୂଲ୍ୟବୋଧହିଁ ସଂଗ୍ରହିତ ହୋଇଚ—ଯଥା ପିତୃ-ବିଧିର କଡ଼ାକଡ଼ି ପ୍ରୟୋଗ, ବଂଶଗତ ଉତ୍ତରାଧିକାର ସଂକ୍ରାଂତ ବିଧି-ନିୟମର ସୁସ୍ପଷ୍ଟ ବିକାଶ ଏବଂ ପିତୃ-ସତ୍ୟ ଆଦର ଉପସ୍ଥାନ, ଏକପତିବ୍ରତ ବା 'ସତୀତ୍ୱ' ସଂବଂଧରେ କଠୋର କଟକଣା—ଯାହା ଫଳରେ କି ପର୍ଶୁରାମଂକ ଦ୍ୱାରା ନିଜ ମାତା ରେଣୁକାଂକର ମସ୍ତକ ଛେଦନ ଭଳି ନୃଶଂସ କାଂଡ ଘଟେ—ମହାଭାରତ ପୂର୍ବରୁ କଦାପି ସଂଭବ ହୋଇ ନ ପାରେ । ରାମ-ରାବଣ ଯୁଦ୍ଧ ଯେ ମହାଭାରତ ପୂର୍ବରୁ ସଂଘଟିତ ହୋଇଥିଲା ଏହା ଏକ ପ୍ରକାର ନିର୍ଣ୍ଣିତ, କାରଣ ମହାଭାରତରେ ରାମଚଂଦ୍ର ଏବଂ ଅଯୋଧ୍ୟାର ରଘୁବଂଶର ଉଲ୍ଲେଖ ମିଳେ । ମାତ୍ର ବାଲ୍ମୀକି ରାମାୟଣ ଗ୍ରଂଥଟି ରଚନା କଲାବେଳକୁ ପିତୃ-ବିଧି ଏବଂ ସାମଂତତଂତ୍ର ଦେଶରେ ଦୃଢ଼ ପ୍ରତିଷ୍ଠିତ ହୋଇସାରିଚି । ତେଣୁ ତାଂକର ଚରିତ୍ରାୟନ, ମୂଲ୍ୟବୋଧ ସମସ୍ତ କିଛି ହିଁ ସାମଂତ-ଯୁଗର ସମାଜ-ସଂପର୍କକୁ ଆଶ୍ରୟ କରି ଗଢ଼ି ଉଠିଚି । ଭାଷା, ଭାବ, ଚରିତ୍ର-ଚିତ୍ରଣ, ମୂଲ୍ୟବୋଧ ସବୁ ଦିଗରୁ ରାମାୟଣ ମହାଭାରତ ତୁଳନାରେ ଅର୍ବାଚୀନ ମନେହୁଏ ।

ବିଭିନ୍ନ ପୁରାଣମାନଂକରେ ସୃଷ୍ଟି-ତତ୍ତ୍ୱ ଏବଂ ସାମାଜିକ ଜୀବନର ବର୍ଣ୍ଣନାରେ ପ୍ରାକ୍-ଶ୍ରେଣୀ ବିଭକ୍ତ ସମାଜ-ବିନ୍ୟାସର ଚିତ୍ର ଦେଖିବାକୁ ପାଉଁ । "ହରିବଂଶ"ରେ ସଂକଳ୍ପ ବିବାହ ଏବଂ ସଂସ୍ପର୍ଶ ବିବାହର ବହୁ ଦୃଷ୍ଟାଂତ ଏବଂ ମାତୃବିଧି ସମୟର ଗଣଗୋତ୍ର ଏବଂ ଗଣ-ସମାଜର ବହୁ ସଂକେତ ମିଳେ । ପୂର୍ବ ଅଧ୍ୟାୟମାନଂକରେ ସମାଜ-ସଂପର୍କ ଓ ମୂଲ୍ୟବୋଧର କ୍ରମବିକାଶ ଦେଖାଇବାକୁ ଯାଇ ବିଭିନ୍ନ ପୁରାଣରୁ ବହୁ ଦୃଷ୍ଟାଂତ ଦିଆଯାଇଚି ।

**ବଂଶାନୁକ୍ରମ**

ଏହାଛଡ଼ା ବହୁ ବଂଶବୃକ୍ଷର ପରିଚୟ ପୁରାଣମାନଂକରୁ ମିଳେ । ବ୍ରହ୍ମ-ପୁରାଣରେ ସୂର୍ଯ୍ୟବଂଶର କଶ୍ୟପ-ଦାକ୍ଷାୟଣୀ-ବିବସ୍ୱାନ-ମନୁ (ବୈବସ୍ୱତ) ଅନୁକ୍ରମରେ ଏକ ବିବରଣୀ ପାଉଁ । ବିଷ୍ଣୁପୁରାଣରେ ସୂର୍ଯ୍ୟ-ବଂଶର ବିସ୍ତାର ବ୍ରହ୍ମା-ଦକ୍ଷ-ପ୍ରଜାପତି-ଅଦିତି (କନ୍ୟା)—ସୂର୍ଯ୍ୟ-ମନୁ-ଇକ୍ଷ୍ୱାକୁ ଅନୁକ୍ରମରେ । ହରିବଂଶରେ ସୂର୍ଯ୍ୟ-ବଂଶର ଅନୁକ୍ରମ କଶ୍ୟପ—ଅଦିତିଂକଠାରୁ । ଅଗ୍ନି ପୁରାଣରେ ସୂର୍ଯ୍ୟବଂଶ

ହରି-ବ୍ରହ୍ମା-ମରୀଚି-କଶ୍ୟପ-ବିବସ୍ୱାନ-ମନୁ ଅନୁକ୍ରମରେ । ସେହିପରି ଚଂଦ୍ରବଂଶର ବିଭିନ୍ନ ଅନୁକ୍ରମ ମଧ୍ୟ ମହାଭାରତ, ରାମାୟଣ, ହରିବଂଶ, ବିଷ୍ଣୁପୁରାଣ, ଶ୍ରୀମଦ୍-ଭାଗବତ ଇତ୍ୟାଦିରୁ ମିଳେ ।

ଏହି ବିଭିନ୍ନ ବଂଶ-କ୍ରମରେ ଅନେକ ସମୟରେ ଗଣ-ମାତୃକା ଗୋତ୍ରର ପରିଚୟ ମିଳେ ଯଥା ଅଦିତି (ସୂର୍ଯ୍ୟବଂଶ), ଅତ୍ରି, ଇଳା (ଚଂଦ୍ରବଂଶ) । ମହାଭାରତରେ ଚଂଦ୍ରବଂଶର ଅନୁକ୍ରମଟି ଏହିପରି—ଇଳା-ପୁରୁରବା-ଆୟୁ-ନହୁଷ ଇତ୍ୟାଦି ।

ପଦ୍ମପୁରାଣରେ ଭାରତବର୍ଷର ଭୌଗୋଳିକ ତତ୍ତ୍ୱ; ଗରୁଡ଼ପୁରାଣରେ ଜ୍ୟୋତିର୍ବିଦ୍ୟା ଓ ସାମୁଦ୍ରିକ ବିଦ୍ୟା; ଅଗ୍ନିପୁରାଣରେ ଅସ୍ତ୍ରବିଦ୍ୟା ଓ ଚିକିତ୍ସା-ପ୍ରକରଣ, ଦେବୀପୁରାଣରେ ଯୁଦ୍ଧବିଦ୍ୟା ଓ ଧନୁର୍ବିଦ୍ୟା ଏବଂ ଭିନ୍ନ ଭିନ୍ନ ପୁରାଣରେ ପ୍ରାଚୀନ ଭାରତର ଚିତ୍ର-ବିଦ୍ୟା ଓ ଶିଳ୍ପକଳାର ସମୁନ୍ନତ ପରିଚୟ ପାଉଁ । ଏହାଛଡ଼ା ସାମଂତତଂତ୍ରୀ ଯୁଗର ରାଜନୀତି, ଅର୍ଥନୀତି ଏବଂ ସାମାଜିକ ରୀତି-ନୀତି ପୁରାଣ ଗୁଡ଼ିକରେ ବିଧୃତ ହୋଇଛି । ଅଠରଟିଯାକ ପୁରାଣ ବେଦବ୍ୟାସଂକ ଦ୍ୱାରା ବିରଚିତ ବୋଲି ଯାହା କୁହାଯାଇଥାଏ ତାହା ଅବଶ୍ୟ ଭ୍ରମାତ୍ମକ, ଏଥିରେ କୌଣସି ସଂଦେହ ନାହିଁ । କାରଣ ମହାଭାରତକାର ବେଦବ୍ୟାସଂକଠାରୁ ପୁରାଣଗୁଡ଼ିକର ବୟସ ପ୍ରାୟ ଦେଢ଼ ହଜାର ବର୍ଷରୁ ଅଧିକ ।

ହିଂଦୁ ପୁରାଣଗୁଡ଼ିକ ବର୍ଣ୍ଣ-ବିଭକ୍ତ ଶ୍ରେଣୀ ସମାଜରହିଁ ପ୍ରତିଫଳନ । ଏଥିରେ ସାମଂତ-ଯୁଗୀୟ ମୂଲ୍ୟବୋଧ ତଥା ସମାଜ-ସଂପର୍କ ଅତି ପରିଷ୍କାର ଭାବରେ ଚିତ୍ରିତ ହୋଇଛି । ତେଣୁ ସାମଂତ-ଯୁଗର ମାନସ-ରୂପ ପୁରାଣ ମାନଂକରୁହିଁ ଯେପରି ଜଣାପଡ଼େ ତାହା ଅନ୍ୟ କୌଣସି ରଚନାରୁ ନୁହେଁ ।

## ॥ ଦ୍ୱାଦଶ ଅଧିକରଣ ॥

# ଜୟଦେବ ଓ ଗୀତଗୋବିନ୍ଦ ସାହିତ୍ୟରେ ନୂତନ ମୂଲ୍ୟବୋଧ

ମଧ୍ୟଯୁଗୀୟ ସଂସ୍କୃତ ସାହିତ୍ୟରେ କବି ଜୟଦେବଙ୍କ ନାମ ସର୍ବାଗ୍ରେ ଉଲ୍ଲେଖନୀୟ । ଜୟଦେବ ଭାରତର ସଂସ୍କୃତ କବିମାନଙ୍କ ମଧ୍ୟରେ କନୀୟାନ ହେଲେ ମଧ୍ୟ ଲାଳିତ୍ୟ, ରସମାଧୁର୍ଯ୍ୟ ଏବଂ ଛନ୍ଦ-ବୈଚିତ୍ର୍ୟରେ ତାଙ୍କ ରଚିତ "ଗୀତଗୋବିନ୍ଦ" କାବ୍ୟଟି ବିଦଗ୍ଧ ପାଠକମାନଙ୍କ ମଧ୍ୟରେ ସମାଦର ଲାଭ କରି ଆସିଅଛି ।

'ଗୀତଗୋବିନ୍ଦ'ର ପରକୀୟା-ତତ୍ତ୍ୱ ଭାରତୀୟ ଜଳବାୟୁରେ ଏକ ନୂତନ ତରଂଗ ସୃଷ୍ଟି କରିଥିଲା । ତନ୍ତ୍ରର ସହଜଯାନ ଏବଂ ବୈଷ୍ଣବୀୟ ବିଶିଷ୍ଟାଦ୍ୱୈତବାଦର ପ୍ରଭାବ ହିଁ ଗୀତଗୋବିନ୍ଦର ଆଧ୍ୟାତ୍ମିକତତ୍ତ୍ୱର ଭିତ୍ତିଭୂମି ଏଥିରେ କୌଣସି ସନ୍ଦେହ ନାହିଁ । ଲୌକିକ କାମନା-ବାସନା, ପ୍ରଣୟ-ମିଳନ ସଂଗେ ଅପାର୍ଥିବ ଭକ୍ତି-ସାଯୁଜ୍ୟ ସଂଯୋଗରେ ଏହି କାବ୍ୟଟି ଏକ ନୂତନ ରାଗ-ମାର୍ଗର ସନ୍ଧାନ ଦେଇ-ଥିଲା—ଯାହା ପରବର୍ତ୍ତୀ କେତେକ ଶତାବ୍ଦୀ ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟ ଓ ଧର୍ମ-ଧାରଣାକୁ ବେଶ୍ ପ୍ରଭାବିତ କରିଥିଲା ।

"ଗୀତ ଗୋବିନ୍ଦ' କାବ୍ୟଟିରେ ରାଧାକୃଷ୍ଣଙ୍କ ଦେହ-ତାପ-ତପ୍ତ ସଂଭୋଗ ଲୀଳା ବଡ଼ ନଗ୍ନ ଭାବରେ ବର୍ଣ୍ଣିତ ହୋଇଚି । ଜୟଦେବଙ୍କ ପରକୀୟା ତତ୍ତ୍ୱର ପୂର୍ବରୁ ଓଡ଼ିଶାର ଧର୍ମ ଓ ସଂସ୍କୃତି ଜଗତରେ ରାଧା ସଂପୂର୍ଣ୍ଣ ଆବିର୍ଭାବ ଅପରିଜ୍ଞାତା ଥିଲେ କହିଲେ ଚଳେ । ଏପରିକି ଜୟଦେବଙ୍କର ପ୍ରାୟ ତିନି ଶହ ବର୍ଷ ପରବର୍ତ୍ତୀ ଚୈତନ୍ୟ ଦେବଙ୍କ ପୂର୍ବରୁ କୌଣସି ଓଡ଼ିଆ ଗ୍ରନ୍ଥରେ କିମ୍ବା ଓଡ଼ିଶାରେ ଲିଖିତ ସଂସ୍କୃତ ସାହିତ୍ୟରେ ରାଧା-କୃଷ୍ଣଙ୍କ ପ୍ରଣୟ-ଲୀଳାର ଉଲ୍ଲେଖ ମିଳେ ନାହିଁ । ଓଡ଼ିଶାର ପ୍ରାଚୀନ ମନ୍ଦିର ଗାତ୍ରରେ ମଧ୍ୟ କେଉଁଠାରେ ରାଧାକୃଷ୍ଣଙ୍କର କୌଣସି ଚିତ୍ର ମିଳେ ନାଇ, ଯଦିଚ ବ୍ରଜଗୋପିନୀ-ପରିବୃତ କିମ୍ବା ଧେନୁ-ସମାବୃତ ଶ୍ରୀକୃଷ୍ଣଙ୍କର ଭାସ୍କର୍ଯ୍ୟ-ଚିତ୍ର ଅଭାବ ମନ୍ଦିର-ଶିଳ୍ପରେ ନାହିଁ । ଓଡ଼ିଶାର ପ୍ରାକ୍-ଚୈତନ୍ୟ ଯୁଗର ମନ୍ଦିର ଗୁଡ଼ିକରେ

ଶ୍ରୀକୃଷ୍ଣଂକ ସହିତ ଲକ୍ଷ୍ମୀହିଁ ପୂଜା ପାଉଥିଲେ, ରାଧା ନୁହଂନ୍ତି । ସାକ୍ଷୀଗୋପାଳ ଏବଂ ବାଲେଶ୍ୱର ଜିଲ୍ଲାର ରେମୁଣା ମନ୍ଦିରର ଉକ୍ତିର ଅଦ୍ୟାର୍ଥ ଦୃଷ୍ଟାନ୍ତ । ଏପରିକି ଚୈତନ୍ୟଂକ ଆବିର୍ଭାବ ପରେ ମଧ୍ୟ ତାଂକର ପ୍ରବଳ ପ୍ରଭୃତି ସତ୍ତ୍ୱେ ତାଂକର ଅଂତରଗଂକ ମଧ୍ୟରେ ଅନ୍ୟତମ ଜଗନ୍ନାଥ ଦାଶ ନିଜକୃତ ଭାଗବତରେ କେଉଁଠାରେ ରାଧାଂକୁ ନାୟିକା କରି ନାହାଂନ୍ତି, ବୃନ୍ଦାବତୀଂକୁହିଁ ନାୟିକା କରି ଥୋଇଛଂନ୍ତି । ଏକଥା ଜଣାଶୁଣା ଯେ ଶ୍ରୀଚୈତନ୍ୟ ପୁରୀକୁ ଆସିବା ପରେହିଁ ଜଗନ୍ନାଥ ଦାଶ ତାଂକ ଭାଗବତର ଦଶମ ସ୍କନ୍ଧ ରଚନା କରିଥିଲେ । ଚୈତନ୍ୟଂକ ସଂଗେ ତାଂକର ପ୍ରଥମ ସାକ୍ଷାତ୍ ହେଲବେଳେ ସେ ଶ୍ରୀମନ୍ଦିରରେ କଳ୍ପବୃକ୍ଷ ମୂଳରେ ବସି ଭାଗବତର ଦଶମ ସ୍କନ୍ଧ ଲେଖୁଥିଲେ ବୋଲି ବଂଗୀୟ ଗ୍ରଂଥ ସୂତ୍ରରୁ ଜଣାଯାଏ ।

ପ୍ରଥମେ ଅଷ୍ଟ୍ରିକ୍ ଏବଂ ପରେ ଦ୍ରାବିଡ଼ ଐତିହ୍ୟରୁ ମୈଥୁନଯୋଗ ଭାରତୀୟ ଧର୍ମ-ଧାରଣାରେ ପ୍ରବେଶ କରେ । ସାଂଖ୍ୟର ପ୍ରକୃତି-ପୁରୁଷ ତତ୍ତ୍ୱ ଓ ତଂତ୍ରର ପ୍ରଭାବରେ ପ୍ରତ୍ୟେକ ଅବତାରଂକ ସଂଗେ ତାଂକର ଶକ୍ତିରୂପେ ଦେବୀମାନେ ଆସି ପୂଜା ପାଂନ୍ତି । ଅନୁମାନ କରାଯାଏ, ଶାକ୍ତମାନଂକ ସଂଗେ ପ୍ରତିଦ୍ୱଂଦ୍ୱିତା କରିବାକୁ ଯାଇ ବୈଷ୍ଣବମାନେ ଖ୍ରୀଷ୍ଟୀୟ ଦ୍ୱାଦଶ ଶତକରେ ଶ୍ରୀକୃଷ୍ଣଂକର ହ୍ଲାଦିନୀ ଶକ୍ତି-ସ୍ୱରୂପିଣୀ ରାଧାଂକୁ ସୃଷ୍ଟି କରିଥିଲେ । ସାଂଖ୍ୟର ପ୍ରଧାନ-ପୁରୁଷ ତତ୍ତ୍ୱ ଏବଂ ତଂତ୍ରର ମୈଥୁନଯୋଗର ପ୍ରଭାବ ପ୍ରତ୍ୟେକ ଧର୍ମ ଉପରେ ପଡ଼ିଥିଲା । ଅନେକ ପରେ ବ୍ରହ୍ମବୈବର୍ତ୍ତ ପୁରାଣରେ ରାଧା ପ୍ରଥମ ହୋଇ ସ୍ପଷ୍ଟଭାବରେ ନଜରକୁ ଆସଂନ୍ତି । ତୁଳନାମୂଳକ ଭାବରେ କହିଲେ କୁହାଯିବ, କୃଷ୍ଣ ହେଉଛଂନ୍ତି ବୈଷ୍ଣବର କୃଷ୍ଣ, ଶାକ୍ତର ଶିବ, ସାଂଖ୍ୟର ପୁରୁଷ, ଏବଂ ଶିଥିଳ ଭାବରେ ବଜ୍ରଯାନୀର ବୋଧିଚିତ୍ତ, ସହଜଯାନୀର କରୁଣ, ଏବଂ କାଳଚକ୍ରଯାନୀର କାଳଚକ୍ର; ଆଉ ରାଧା ହେଉଛଂନ୍ତି ବୈଷ୍ଣବର ରାଧା, ଶାକ୍ତର ଶକ୍ତି, ସାଂଖ୍ୟର ପ୍ରକୃତି (ବା ପ୍ରଧାନ), ଏବଂ ଶିଥିଳ ଭାବରେ ବଜ୍ରଯାନୀର ନିରାତ୍ମା, ସହଜଯାନୀର ଶୂନ୍ୟତା, ଏବଂ କାଳଚକ୍ରଯାନୀର ପ୍ରଜ୍ଞା ।* ଏଥିପୂର୍ବରୁ ଅବଶ୍ୟ ଦ୍ୱାଦଶ ଶତାବ୍ଦୀ ଆଡ଼କୁ ବୃନ୍ଦାବନନିବାସୀ ଅନ୍ଧ୍ର ପଂଡିତ ନିଂବାର୍କ ଶ୍ରୀରାଧାଂକୁ ଶ୍ରୀକୃଷ୍ଣଂକର ସହଚରୀରୂପେ ବର୍ଣ୍ଣନା କରଂନ୍ତି । ତା'ପୂର୍ବରୁ ଆମେ କୃଷ୍ଣଂକର ଦେବକୀନନ୍ଦନ କୃଷ୍ଣ ରୂପେ ଛାଂଦୋଗ୍ୟ ଉପନିଷଦରେ ସାକ୍ଷାତ୍ ପାଇଥିଲୁଁ । ଉପନିଷଦ ଯୁଗର ଦେବକୀନନ୍ଦନ କୃଷ୍ଣ, ପାଣିନି ଯୁଗର (ଖ୍ରୀ ପୂ ୮ମ ଶତାବ୍ଦୀ) କୃଷ୍ଣ-ବାସୁଦେବ କ୍ରମେ ଦ୍ୱାଦଶ ଶତାବ୍ଦୀ ଆଡ଼କୁ ରାଧାକୃଷ୍ଣରେ ପରିଣତ ହିଅଂନ୍ତି ।

---

* ବାଂ. ଇ ଏବଂ 'କବିତା-୧୯୬୨' ପୃଷ୍ଠଭୂମି ଦ୍ରଷ୍ଟବ୍ୟ

ପରକୀୟା ତତ୍ତ୍ୱ ବା କାନ୍ତା-ଭାବ ରାଧାକୃଷ୍ଣଙ୍କ ମାଧ୍ୟମରେ ଗୀତଗୋବିନ୍ଦ କାବ୍ୟରେ ଚରମ ପ୍ରାଧାନ୍ୟ ଲାଭ କରିଛି । ଦ୍ୱୈତବାଦ, ବିଶେଷ କରି ବିଶିଷ୍ଟାଦ୍ୱୈତ ବାଦ ମଧ୍ୟରେ ଅବଶ୍ୟ ଏ-ପ୍ରକାର ଉପାସନାର ବୀଜ ନିହିତ ଥିଲା । ମାତ୍ର ଶ୍ରୀକୃଷ୍ଣଙ୍କର ଲୀଳା-ସଂଗିନୀ ରୂପେ ରାଧାଙ୍କୁ ଦେଖିବା ପାଇଁ ଆମକୁ ପ୍ରାୟ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା । ଜୟଦେବଙ୍କର ମଂଗଳ ଉଜ୍ଜ୍ୱଳ ପଦାବଳୀରେ ରାଧାକୃଷ୍ଣଙ୍କର ପ୍ରଣୟ-ମିଳନ-ମୈଥୁନ ବର୍ଣ୍ଣନା ଯେପରି ନଗ୍ନ ଶବ୍ଦରେ କରାଯାଇଛି, ତାହା ପ୍ରାୟ ତାଙ୍କର ସମସ୍ତ ପୂର୍ବଜମାନଙ୍କର ରଚନାକୁ ବଳି ଯାଇଛି । କେବଳ ସେତିକି ନୁହେଁ ଏହା କାନ୍ତାଭାବକୁ ବା ଉପାସ୍ୟ ଓ ଉପାସକ ମଧ୍ୟରେ ପୁରୁଷ-ନାରୀ ସଂପର୍କ ପରିକଳ୍ପନାକୁ ଯେପରି ଏକ ଧାର୍ମିକ ତତ୍ତ୍ୱରେ ପରିଣତ କରିଛି, ତାହା ଏଥି ପୂର୍ବରୁ ଭାରତର ଧର୍ମଜଗତରେ ଦେଖା ଯାଇ ନଥିଲା । ଯେପରି ଜଣାଯାଏ ବୌଦ୍ଧ ସହଜଯାନ ଏବଂ ନବାଗତ ଇସଲାମ ଧର୍ମର ସୁଫୀବାଦ ନର-ନାରୀର ମିଳନ-ସଂବେଗ ମଧ୍ୟ ଦେଇ ଯେଉଁ ସାଧନାର ମାର୍ଗ ଉନ୍ମୁକ୍ତ କରିଥିଲା, ଜୟଦେବ ଗୀତଗୋବିନ୍ଦ କାବ୍ୟରେ ସେ ସବୁର ସଂଶ୍ଳେଷଣ ପୂର୍ବକ ଏକ ନୂତନ ପରକୀୟା ତତ୍ତ୍ୱର ଅବତାରଣା କରିଥିଲେ— ଯାହା ଲୌକିକ ପ୍ରେମ-କାମନା ବାସନା ସହିତ ଅଲୌକିକ ସାଯୁଜ୍ୟ-ମିଳନ-ଭକ୍ତି ମାର୍ଗର ସମନ୍ୱୟ ସ୍ଥାପନ କରି ପାରିଥିଲା ।

**ସହଜଯାନ ଓ ସୁଫୀବାଦର ପ୍ରଭାବ**

**ଜୟଦେବଙ୍କ କାଳ-ନିର୍ଣ୍ଣୟ**

ଜୟଦେବ ଗୌଡ଼-ବଂଗର ଅଧିପତି ଲକ୍ଷ୍ମଣସେନଙ୍କର ଅନ୍ୟତମ ସଭା-କବି ଥିଲେ ବୋଲି ପ୍ରାୟ ସମସ୍ତ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମନୀଷୀଗଣ ଏକମତ । ମ୍ୟାକ୍‌ଡୋନେଲ ତାଙ୍କ "History of Sanskrit Literature"ରେ ଜୟଦେବ ଲକ୍ଷ୍ମଣସେନଙ୍କ ସଭା ସହିତ ସଂପୃକ୍ତ ବୋଲି ପ୍ରତିପାଦିତ କରି-ଯାଇଛନ୍ତି । ଜର୍ମାନ ପଣ୍ଡିତ ବୁ୍ୟହେଲର ମଧ୍ୟ ଜୟଦେବ ସେନ୍-ସଭା ସହିତ ଅବିଚ୍ଛେଦ୍ୟ ଭାବେ ଜଡ଼ିତ ବୋଲି ସାବ୍ୟସ୍ତ କରିଛନ୍ତି । ଏହାଛଡ଼ା ଡଃ ସୁନୀତି କୁମାର ଚାଟାର୍ଜି, ଡଃ ନୀହାରରଞ୍ଜନ ରାୟ, ଡଃ ସୁକୁମାର ସେନ, ଡଃ ହରେକୃଷ୍ଣ ମହତାବ୍, ପଣ୍ଡିତ ନୀଳକଣ୍ଠ ଦାସ ଓ ଡଃ ଭି. ରାଘବନ ପ୍ରମୁଖ ଜୟଦେବ ଲକ୍ଷ୍ମଣସେନଙ୍କ ସଭାରେ ଅବସ୍ଥିତ ଥିଲେ ବୋଲି ପ୍ରମାଣ କରିଛନ୍ତି । ସେନ୍-ସମ୍ରାଟ ଲକ୍ଷ୍ମଣସେନଙ୍କ ରାଜତ୍ୱକାଳ ୧୧୭୯ ଖ୍ରୀଷ୍ଟାବ୍ଦରୁ ୧୨୦୫ ଖ୍ରୀଷ୍ଟାବ୍ଦ

ବୋଲି ଐତିହାସିକମାନେ ନିର୍ଣ୍ଣୟ କରିଛନ୍ତି । ଜୟଦେବଙ୍କ ଜୀବତ୍‌କାଳ ଖ୍ରୀଷ୍ଟୀୟ ୧୧୪୦ରୁ ୧୨୦୮ ବୋଲି ନିର୍ଣ୍ଣିତ ହୋଇଛି ।

**ଉଦ୍‌ଭଟ ତଥ୍ୟ**

ଓଡ଼ିଶାର କେହି କେହି କବି-ନାଟ୍ୟକାର ପ୍ରାବନ୍ଧିକ ଜୟଦେବଙ୍କୁ ସୂର୍ଯ୍ୟବଂଶୀ ମହାରାଜା ପୁରୁଷୋତ୍ତମ ଦେବଙ୍କ ସମସାମୟିକ ରୂପେ ଚିହ୍ନ କରି କାବ୍ୟ-ପ୍ରବନ୍ଧ-ନାଟକାଦି ପ୍ରଣୟନ କରିଥିବାର ଦେଖାଯାଏ । ସୂର୍ଯ୍ୟବଂଶର ସ୍ଥାପୟିତା ସମ୍ରାଟ କପିଳେନ୍ଦ୍ର-ଦେବଙ୍କ ପୁତ୍ର କାଞ୍ଚି-ବିଜେତା ପୁରୁଷୋତ୍ତମ ଦେବ (ଖ୍ରୀ. ୧୪୬୬-୧୪୯୭) 'ଅଭିନବ ଗୀତଗୋବିନ୍ଦ' ନାମକ ଖଣ୍ଡିଏ ସଂସ୍କୃତକାବ୍ୟର ରଚୟିତା ଥିଲେ ବୋଲି ଉକ୍ତ କାବ୍ୟର ଶେଷ ସର୍ଗରେ ଭଣିତା-ପ୍ରସଙ୍ଗରେ ଲିପିବଦ୍ଧ କରିଯାଇଛନ୍ତି । ଯଥା :—"ଇତି ଶ୍ରୀ ପୁରୁଷୋତ୍ତମଦେବ ଗଜପତି ମହାରାଜ କୃତେ ଅଭିନବ ଗୀତଗୋବିନ୍ଦ ମହାକାବ୍ୟେ ସ୍ୱାଧୀନ ଭର୍ତୃକା ବର୍ଣ୍ଣନେ ସାନନ୍ଦ-ମୁକୁନ୍ଦୋ ନାମ ଦଶମଃ ସର୍ଗଃ ।" ଏହାକୁ ଭିତ୍ତି କରି ଜୟଦେବ ପୁରୁଷୋତ୍ତମ ଦେବଙ୍କର ସଭାକବି ଥିଲେ ଏବଂ ତାଙ୍କ ଗୀତଗୋବିନ୍ଦ ସଙ୍ଗେ ପୁରୁଷୋତ୍ତମ ଦେବଙ୍କ ପ୍ରଣୀତ ଗୀତଗୋବିନ୍ଦ କାବ୍ୟର ଏକ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ଏବଂ ସ୍ୱୟଂ ଜଗନ୍ନାଥ ସ୍ୱପ୍ନାଦେଶ ଦ୍ୱାରା ଜୟଦେବଙ୍କ ଗୀତଗୋବିନ୍ଦ ଶ୍ରୀମନ୍ଦିରରେ ନିତ୍ୟ ପଠିତ ହେବ ବୋଲି ଆଦେଶ ଦେଇଥିଲେ ବୋଲି ଓଡ଼ିଆ 'ଜୟଦେବ' ନାଟକରେ ବର୍ଣ୍ଣିତ ହୋଇଛି । ଇତିହାସର ତିନିଶହ ବର୍ଷ ଡିଆଁଇ ଦ୍ୱାଦଶ ଶତକର ଶେଷ ପାଦର କବି ଜୟଦେବଙ୍କୁ ପଞ୍ଚଦଶ ଶତାବ୍ଦୀର ଶେଷ ପାଦର ଗଜପତି ମହାରାଜା ପୁରୁଷୋତ୍ତମ ଦେବଙ୍କର ସମସାମୟିକ ରୂପେ ପ୍ରତିପନ୍ନ କରିବାକୁ ଯିବା ଇତିହାସ ପ୍ରତି ବିଶ୍ୱାସଘାତକତା ନୁହେଁ କି ? ନିଜ ସୁବିଧା ପାଇଁ ଇତିହାସକୁ ବିକୃତ କରିବାର ଅଧିକାର କାହାରି ଥାଇ ନପାରେ । ଯେଉଁ ପୁରୁଷୋତ୍ତମ ଦେବଙ୍କ କଥା ଉପରେ କୁହାଗଲା ସେ ଅଭିନବ ଗୀତଗୋବିନ୍ଦ ଛଡ଼ା 'ମୁକ୍ତି ଚିନ୍ତାମଣି' 'ଦୁର୍ଗୋତ୍ସବ' 'ଅଭିନବ ବେଣୀ-ସଂହାର' 'ବିଷ୍ଣୁଭକ୍ତି-କଳାଦ୍ରୁମ' ଏବଂ 'ନାମ-ମାଳିକା' ନାମକ କେତେକ ସଂସ୍କୃତ ଗ୍ରନ୍ଥର ମଧ୍ୟ ପ୍ରଣେତା । 'ଅଭିନବ ଗୀତଗୋବିନ୍ଦ' କାବ୍ୟଟି ସେ ଯେ ଜୟଦେବଙ୍କ ମୂଳ ଗୀତଗୋବିନ୍ଦ ଅନୁକରଣରେ ରଚନା କରିଥିଲେ ଏହା ଉକ୍ତ ଗ୍ରନ୍ଥର ନାମକରଣରୁ ହିଁ ସୂଚିତ ହେଉଛି ।

ଜୟଦେବଙ୍କ ସମୟକୁ ଓଡ଼ିଶାରେ ଗଙ୍ଗବଂଶର ରାଜା ରାଜରାଜ ଦେବ (୨ୟ) (ଖ୍ରୀ. ୧୧୭୦—୧୧୯୪) ରାଜତ୍ୱ କରୁଥିଲେ ବୋଲି ପ୍ରମାଣିତ ହୋଇଛି ।

ସେ ଥିଲେ ଗୌଡ଼-ବଙ୍ଗ ନରପତି ଲକ୍ଷ୍ମଣସେନଙ୍କର ସମସାମୟିକ । ଏଇ ରାଜରାଜ-ଦେବ (୨)ଙ୍କର ଅନ୍ୟ ଏକ ନାମ ପୁରୁଷୋତ୍ତମ ଥିଲା ବୋଲି ମାଦଳା ପାଞ୍ଜିରୁ ଜଣାଯାଏ । 'ଦାଢ଼ୀତା ଭକ୍ତି'ରେ ଉଲ୍ଲେଖ ଅଛି ଯେ, ପୁରୁଷୋତ୍ତମ ନାମକ ଜଣେ ରାଜା ଜୟଦେବଙ୍କ ପ୍ରତିଦ୍ୱନ୍ଦ୍ୱୀ ହୋଇ ମୂଳ ଗୀତଗୋବିନ୍ଦକୁ ବଳିଯିବା ପାଇଁ ଏକ ନୂତନ ଗୀତଗୋବିନ୍ଦ ରଚନା କରିଥିଲେ । * ଏଇ ଆଖ୍ୟାନ ଭାଗ ଉପରେ ଭିତ୍ତି କରିହିଁ ଓଡ଼ିଶାରେ ଜୟଦେବଙ୍କ ସ୍ଥିତି କଳ୍ପନା କରାଯାଇଚି ଏବଂ ଇତିହାସର ତିନିଶହ ବର୍ଷର ବ୍ୟବଧାନ ଡିଆଇଁ ତାଙ୍କୁ ଅଭିନବ ଗୀତଗୋବିନ୍ଦ ପ୍ରଣେତା ପୁରୁଷୋତ୍ତମଙ୍କ ସମସାମୟିକ କରିବା ପାଇଁ ଚେଷ୍ଟା କରାଯାଇଚି । ଏହାହିଁ ଆମ ଦେଶରେ ଗବେଷଣା ଓ ଜାତୀୟାଭିମାନର ଚେହେରା !* *

**ସେନ୍ ସଭା ଓ ଜୟଦେବ**

ଡଃ ହରେକୃଷ୍ଣ ମହତାବ୍ ଏବଂ ଅନ୍ୟାନ୍ୟ ଇତିହାସକାରମାନେ ଜୟଦେବଙ୍କ ଲକ୍ଷ୍ମଣସେନଙ୍କ ସଭା-କବିରୂପେ ଚିହ୍ନିତ କରିଯାଇଛନ୍ତି । ଡଃ ମହତାବ୍‌ଙ୍କ ମତରେ—"ଯେଉଁଭଳି ପ୍ରମାଣ ସହ ସେ (ଜୟଦେବ) ଲକ୍ଷ୍ମଣସେନଙ୍କ ସଭାକବି ରୂପେ ଇତିହାସ ଜଗତରେ ଥୁଆ ହୋଇଛନ୍ତି, ତଦ୍‌ଦୃଷ୍ଟେ ତାଙ୍କୁ ପୁରାପୁରି ଓଡ଼ିଶାର ଲୋକ, ଓଡ଼ିଶାର ରାଜସଭାର ପଣ୍ଡିତ ବୋଲି ପ୍ରମାଣ କରିବା ପାଇଁ ଆହୁରି ଗବେଷଣା ଓ ଅଧ୍ୟୟନ ଆବଶ୍ୟକ ।" (ଓଡ଼ିଶା ଇତିହାସ, ପୃ ୧୧୮) ପଣ୍ଡିତ ନୀଳକଣ୍ଠ ଦାସ ମଧ୍ୟ ଜୟଦେବ ବଙ୍ଗଳାରେ ସେନାୟନ ଯୁଗର ଶେଷ ପର୍ବର କବି ବୋଲି ବହୁବାର ମତପ୍ରକାଶ କରିଛନ୍ତି । ଅଧ୍ୟାପକ ଡଃ

**ଐତିହାସିକ ମତ**

ଭି. ରାଘବନ ଜୟଦେବ ଲକ୍ଷ୍ମଣସେନଙ୍କ ସଭାକବି ଥିବା କଥା ସ୍ୱୀକାର କରନ୍ତି । ତେବେ ଜଣେ ଓଡ଼ିଶାର ଲୋକ ବଙ୍ଗ ରାଜସଭାରେ ଯାଇ ସଭାକବି ହେବା କିଛି ଅସମ୍ଭବ ନୁହେଁ ବୋଲି ସେ ମନେ କରନ୍ତି । (ମୋତେ ଲିଖିତ ତାଙ୍କ ପତ୍ରାବଳୀରୁ ତାଙ୍କ ମତାମତ ସୁପରିସ୍ଫୁଟ)

---

* ଓଡ଼ିଶା ଇତିହାସ—ଡଃ ହରେକୃଷ୍ଣ ମହତାବ୍

** ଆଜିକି ପ୍ରାୟ ୧୩ ବର୍ଷ ତଳେ ୧୯୬୨ ମସିହାରେ "ଝଙ୍କାର" ପତ୍ରିକାର ଦ୍ୱାଦଶ ଭାଗ ୭ଷ୍ଠ ଓ ୮ମ ସଂଖ୍ୟାରେ ଏବଂ ପରେ "କବିତା, ୧୯୬୨" ଗ୍ରନ୍ଥର ପୃଷ୍ଠଭୂମିରେ ମୁଁ ଏ ସମସ୍ତ ମତ ଖଣ୍ଡନ କରି ଜୟଦେବ ଲକ୍ଷ୍ମଣସେନଙ୍କ ସଭା ସହ ସଂପୃକ୍ତ ଥିବା କଥା ପ୍ରତିପାଦିତ କରିଥିଲି । ଲେଖକ ।

ଏହାଛଡ଼ା ଓରିଏଣ୍ଟାଲ କନଫରେନସର ଗତ ଉତ୍କଳସ୍ଥିତ ଅଧିବେଶନରେ ଡଃ ପି. ଆର. ଦାଶଗୁପ୍ତ ଜୟଦେବ ଲକ୍ଷ୍ମଣସେନଙ୍କ ସଂଗେ ଅବିଚ୍ଛେଦ୍ୟ ଭାବରେ ଜଡ଼ିତ ବୋଲି ତାଙ୍କ ସଂନ୍ଦର୍ଭରେ ପ୍ରମାଣ କରିଛନ୍ତି ।

ଜୟଦେବଙ୍କ ଜୀବତ୍କାଳ ଖ୍ରୀଷ୍ଟୀୟ ୧୧୪୦ରୁ ୧୨୦୮ ବୋଲି ଧରା ଯାଇଛି । ମିନ୍ହାଜ ବିବରଣ ଅନୁଯାୟୀ ଖିଲଜୀମାନେ ୧୨୦୦-୧୨୦୨ ଖ୍ରୀଷ୍ଟାବ୍ଦରେ ରାଏ ଲଛମନିଆଙ୍କୁ (ଲକ୍ଷ୍ମଣସେନଙ୍କୁ) ତାଙ୍କ ରାଜଧାନୀ ନବଦ୍ୱୀପଠାରେ ଆକ୍ରମଣ

**ସେନ-ବଂଶର ପତନ**

କରି ପରାସ୍ତ କରିଥିଲେ । 'ଶେଖ୍ ସୁଭୋଦୟା' ଓ ତିବ୍ବତୀୟ ଗ୍ରନ୍ଥ 'ପାଗ୍-ସାମ୍-ଜୋନ-ଜାଂ'ରେ ଏଥିର ଯଥେଷ୍ଟ ସମର୍ଥନ ମିଳେ । ଏହାଛଡ଼ା ଇସ୍ମୀ ନାମକ ଆଉ ଜଣେ ଐତିହାସିକ 'ଫୁତୁହ-ଉସ୍-ସାଲତିନ୍' ଗ୍ରନ୍ଥରେ ବଖ୍ତିଆର ଖିଲଜୀ ନବଦ୍ୱୀପଠାରେ ରାଏ ଲଛମନିଆଙ୍କୁ ପରାସ୍ତ କରିଥିବା କଥା ଲେଖିଛନ୍ତି । ଡଃ ନୀହାରରଂଜନ ରାୟଙ୍କ ଇତିହାସରୁ ଜଣାଯାଏ ଯେ ଲକ୍ଷ୍ମଣସେନ ତାଙ୍କ ନବଦ୍ୱୀପ ପ୍ରାସାଦରେ ମଧ୍ୟାହ୍ନ-ଭୋଜନ କରୁଥିବାବେଳେ ବଖ୍ତିଆର ଖିଲଜୀ ତାଙ୍କୁ ଘୋଡ଼ା ବିକ୍ରି କରିବା ଲାଗି କେତେକ ଘୋଡ଼ା ଏବଂ ଘୋଡ଼ସବାର ସମଭିବ୍ୟାହାରରେ ଆସି ପହଂଚଲେ । ସମ୍ରାଟ ଘୋଡ଼ା ଦେଖୁଥିବାବେଳେ ସେମାନେ ତାଙ୍କୁ ଅତର୍କିତ ଭାବରେ ଆକ୍ରମଣ କଲେ । ଲକ୍ଷ୍ମଣସେନ ପରାସ୍ତ ହୋଇ ରାଢ଼ ଦେଶକୁ ପଳାଇଗଲେ ଏବଂ ସେନ୍-ସାମ୍ରାଜ୍ୟ ମୁହୂର୍ତ୍ତକେ ଭୁଶୁଡ଼ି ପଡ଼ିଲା । ଏଥିରୁ ସେନ୍-କେନ୍ଦ୍ର ଯେ କିପରି ଭିତରେ ଭିତରେ ପୋକ ଖାଇ ଯାଇ ଫଂପା ହୋଇଯାଇଥିଲା ତା'ର କିଂଚିତ୍ ପରିଚୟ ମିଳେ । ସେନ୍-ବଂଶ ନଷ୍ଟଭ୍ରଷ୍ଟ ହୋଇଯିବା ପରେ ସଭାପଣ୍ଡିତମାନଙ୍କ

**ଜୟଦେବଙ୍କ ଓଡ଼ିଶା ରହଣି**

ମଧ୍ୟରୁ କେତେକେ ଓଡ଼ିଶା ପଳାଇ ଆସି ଓଡ଼ିଶା ରାଜାଙ୍କର ଆଶ୍ରୟ ଗ୍ରହଣ କରିଥିଲେ । କବି ଜୟଦେବ ମଧ୍ୟ ସେମାନଙ୍କ ସଂଗରେ ଓଡ଼ିଶା ପଳାଇ ଆସିଥିଲେ ଏବଂ ପୁରୀରେ କେତେ ବର୍ଷ ବସବାସ କରିବା ପରେ ରାଜସ୍ଥାନ ଯାଇ ସେଠାରେ ମୃତ୍ୟୁମୁଖରେ ପଡ଼ିଥିଲେ । ତାଙ୍କ ସମାଧି ଏବେ ସୁଦ୍ଧା ରାଜସ୍ଥାନରେ ରହିଛି । ଏ ଅନୁମାନ ବଳବତ୍ତର ହୁଏ ତତ୍କାଳୀନ ଓଡ଼ିଶା ଅଧିପତି ରାଜରାଜ ଦେବ (୨)ଙ୍କ ପତ୍ନୀ ସୁରମା

**ରାଜସ୍ଥାନରେ ସମାଧି**

ଦେବୀଙ୍କ ଭାଇ ମହାସାମନ୍ତାଧିପତି ଗୌତମ ଗୋତ୍ରୀୟ ସ୍ୱପ୍ନେଶ୍ୱର ଦେବଙ୍କ ଦ୍ୱାରା ଭୁବନେଶ୍ୱରରେ ନିର୍ମିତ ମେଘେଶ୍ୱର ମନ୍ଦିର ସଂଲଗ୍ନ ଶିଳାଲିପିର ପ୍ରଶସ୍ତିରୁ । ଏଥିରେ ଲିଖିତ ଅଛି ଯେ ଏହି ଲିପିର ରଚୟିତା ଥିଲେ ଉଦୟନାଚାର୍ଯ୍ୟ—ଯେ କି

ଲକ୍ଷ୍ମଣସେନଙ୍କର ଅନ୍ୟତମ ସଭା-କବି ଗୋବର୍ଦ୍ଧନାଚାର୍ଯ୍ୟଙ୍କର ସାନ ଭାଇ କିମ୍ବା ଶିଷ୍ୟ ଥିଲେ । ଜୟଦେବ ଯେ ୧୨୦୦—୧୨୦୨ ଖ୍ରୀଷ୍ଟାବ୍ଦରେ ସେନ୍ ଖିଲିଜି ଲଢେଇ ବେଳକୁ ଜୀବିତ ଥିଲେ ଏବଂ ଲକ୍ଷ୍ମଣସେନଙ୍କ ଶୋଚନୀୟ ପରାଜୟ ପରେ ଓଡ଼ିଶାକୁ ପଳାଇ ଆସି ପୁରୀରେ ତତ୍କାଳୀନ ଗଙ୍ଗବଂଶୀୟ ରାଜା ରାଜରାଜ ଦେବ (୨)ଙ୍କର ଆତିଥ୍ୟରେ ଆଚାର୍ଯ୍ୟ ଉଦୟନଙ୍କ ପରି ବାସ କରୁଥିଲେ ଏହାହିଁ ଏଥିରୁ ସୂଚିତ ହୁଏ ।

## ଜୟଦେବ ସେନ୍-ସଭାକବି ଥିଲେ ।

ବର୍ତ୍ତମାନ ପ୍ରଶ୍ନ ଉଠେ, ଜୟଦେବଙ୍କୁ କାହିଁକି ସେନ୍ ରାଜସଭାର ଅନ୍ତର୍ଭୁକ୍ତ କରାଯାଏ ? ଐତିହାସିକ କେଦାରନାଥ ମହାପାତ୍ର ଏବଂ ଅନ୍ୟମାନେ ସେ ଓଡ଼ିଶାର ଲୋକ ଏବଂ ଓଡ଼ିଶା ରାଜସଭାର କବି ଥିଲେ ବୋଲି କହୁଥିବା ସ୍ଥଳେ ମୁଁ କାହିଁକି 'କବିତା, ୧୯୬୨' ପୁସ୍ତକରେ ଏବଂ ତା ପୂର୍ବରୁ 'ଝଙ୍କାର'ର ଦ୍ୱାଦଶ ଭାଗ, ୭ମ ଓ ୮ମ ସଂଖ୍ୟାରେ (୧୯୬୧-ଖ୍ରୀଷ୍ଟାବ୍ଦରେ) ତାଙ୍କର ସମସ୍ତ ଯୁକ୍ତି ଖଣ୍ଡନ କରି ଜୟଦେବଙ୍କୁ ଲକ୍ଷ୍ମଣସେନଙ୍କ ସଭା ସହିତ ଅବିଚ୍ଛେଦ୍ୟ ଭାବରେ ସଂପୃକ୍ତ ବୋଲି ଦୃଢ଼ମତ ପ୍ରକାଶ କଲି ?

ଏହାର କାରଣ ତିନୋଟି । ପ୍ରଥମତଃ 'ଗୀତଗୋବିନ୍ଦ'ର ଲେଖ ପ୍ରମାଣ ବା ଆଭ୍ୟନ୍ତରୀଣ ପ୍ରମାଣ । ଦ୍ୱିତୀୟଟି ହେଉଛି ଶ୍ରୀରାଧାଙ୍କର ଆବିର୍ଭାବ, ଏବଂ ରାଧାକୃଷ୍ଣ ମିଳନ-ମିଥୁନ ପ୍ରଣୟ ଜନିତ ମୂଲ୍ୟବୋଧ ତାତ୍କାଳିକ ଓଡ଼ିଶା ଜଳବାୟୁରେ ସମ୍ପୂର୍ଣ୍ଣ ଅପ୍ରଚଳିତ ଥିବା ବେଳେ 'ଗୀତଗୋବିନ୍ଦ'ରେ ହଠାତ୍ ଏତେ ଦୂର ପ୍ରାଧାନ୍ୟ ଲାଭ କଲା କିପରି ? ତୃତୀୟଟି ହେଉଛି 'ସଦୁକ୍ତିକର୍ଣ୍ଣାମୃତ' ଓ ଅନ୍ୟାନ୍ୟ ବହୁ ଆନୁଷଙ୍ଗିକ ପ୍ରମାଣ ।

ଆଭ୍ୟନ୍ତରୀଣ ପ୍ରମାଣ

ପ୍ରଥମ କାରଣଟିର ବିଶ୍ଳେଷଣ କରାଯାଉ । ଜୟଦେବ ନିଜେ 'ଗୀତ-ଗୋବିନ୍ଦ' ପ୍ରଥମ ସର୍ଗର ଚତୁର୍ଥ ଚରଣରେ ଲେଖିଛନ୍ତି :—

"ବାଚଃ ପଲ୍ଲବୟତ୍ୟୁମାପତିଧରଃ ସନ୍ଦର୍ଭଶୁଦ୍ଧିଂ ଗିରାଂ
ଜାନୀତେ ଜୟଦେବ ଏବ ଶରଣଃ ଶ୍ଳାଘ୍ୟୋ ଦୁରୂହଦ୍ରୁତେ ।
ଶୃଙ୍ଗାରୋତ୍ତର-ସତ୍ପ୍ରମେୟରଚନୈରାଚାର୍ଯ୍ୟ ଗୋବର୍ଦ୍ଧନ
ସ୍ପର୍ଦ୍ଧୀ କୋଽପି ନ ବିଶ୍ରୁତଃ ଶ୍ରୁତିଧରୋ ଧୋୟୀ କବିକ୍ଷ୍ମାପତିଃ ।"
('ଗୀତଗୋବିନ୍ଦ', ୧ । ୪)

(କବି ଜୟଦେବ ତାଙ୍କର ସମସାମୟିକ ଏବଂ ସହକର୍ମୀ କବିମାନଙ୍କର କଥା ଏଠାରେ ମହିଛନ୍ତି : "କବିଶ୍ରେଷ୍ଠ ଉମାପତି ଧର ବାକ୍ୟ ପଲ୍ଲବିତ କରିବାରେ ସଦକ୍ଷ । ପଦବିନ୍ୟାସ ଓ ଦ୍ରୁତଲିଖନରେ, ଦୁରୂହ ପଦ-

ରଚନାରେ ଶରଣଙ୍କ ପ୍ରତିଷ୍ଠା ସର୍ବଜନବିଦିତ । ରସଯୁକ୍ତ କ୍ଷୁଦ୍ର କ୍ଷୁଦ୍ର ସତ୍ ପ୍ରେମ କବିତା ଲେଖିବାରେ ଗୋବର୍ଦ୍ଧନାଚାର୍ଯ୍ୟଙ୍କ ସଦୃଶ କାହାକୁ ଲକ୍ଷିତ ହୁଏ ନାହିଁ । କବିରାଜ ଧୋୟୀ କବିରୁ ଶ୍ରୁତିଧର । କିନ୍ତୁ ସର୍ବ-ଭାବଗର୍ଭି, ନବରସାତ୍ମକ ଗ୍ରନ୍ଥ ରଚନାରେ ପାରଙ୍ଗମ ଜୟଦେବଙ୍କ ସବୁ ଦିଗରୁ ସଂପୂର୍ଣ୍ଣ ଏହି ଗ୍ରନ୍ଥଟି ରଚନା କଲେ ।”

ନିଜ କାବ୍ୟର ପ୍ରାୟ ପ୍ରାରମ୍ଭରେ ହିଁ ଜୟଦେବ କବି ନିଜକୁ ତାଙ୍କର ସମସାମୟିକ ଏବଂ ଲକ୍ଷ୍ମଣ ସେନଙ୍କ ସଭାର ଅନ୍ୟ ଚାରିଜଣ ପ୍ରମୁଖ କବିଙ୍କ ସହିତ ତୁଳନା କରି ସେମାନଙ୍କର ବୈଶିଷ୍ଟ୍ୟ ଦେଖାଇବା ସଙ୍ଗେ ସଙ୍ଗେ ନିଜ କୃତିର ଉତ୍କର୍ଷ ଦେଖାଇଛନ୍ତି । ଏଥିରୁ ସେ ଯେ ପ୍ରୋକ୍ତ ଚାରିଜଣ କବି, ଯଥା ଉମାପତି ଧର, ଗୋବର୍ଦ୍ଧନାଚାର୍ଯ୍ୟ, ଶରଣ ଓ ଧୋୟୀଙ୍କର ସମସାମୟିକ ଓ ସହକର୍ମୀ ଥିଲେ ଏବଂ ସମସ୍ତେ ଏକ ରାଜସଭାର ଅନ୍ତର୍ଗତ ଥିଲେ ଏହା ସ୍ୱତଃ ପ୍ରମାଣିତ ହୁଏ । ଏ ଶ୍ଳୋକଟି ପାଠକଲେ ଯେ କେହି କହିବ ଯେ ଏହା ଏକ ତୁଳନାତ୍ମକ ବର୍ଣ୍ଣନା । ଏ ସାଧାରଣ ସତ୍ୟକୁ ବାଙ୍ଗୁଲିଆ କରିବାକୁ ଯିବାର ଅର୍ଥ କଣ ବୁଝାଯାଏ ନାହିଁ ।

ଶ୍ରୀ କେଦାରନାଥ ମହାପାତ୍ର ‘ଝଙ୍କାର’ରେ (୧୯୬୧) ଯୁକ୍ତି ଦେଖାଇ ଥିଲେ ଯେ କବି ଜୟଦେବଙ୍କର ଏହି ଶ୍ଳୋକଟି କବି ପ୍ରଶସ୍ତି ମାତ୍ର । ମାତ୍ର ଏ ଶ୍ଳୋକଟିକୁ ନିରୀକ୍ଷଣ କଲେ ପରିଷ୍କାର ଜଣାପଡିବ ଯେ ଏହା ଚାରିଜଣ ସେନ୍ ସଭା କବିଙ୍କ ସହିତ ତାଙ୍କର ଏକ ତୁଳନାତ୍ମକ ମୂଲ୍ୟାୟନ ମାତ୍ର, ପ୍ରଶସ୍ତି ନୁହେଁ । ପୂର୍ବସୂରି-ମାନଙ୍କୁ କାବ୍ୟାରମ୍ଭରେ ଯେପରି ବନ୍ଦନା କରାଯାଏ ଏହା ସେପରି ନୁହେଁ । ଯେ କୌଣସି ପାଠକ ଶ୍ଳୋକଟିକୁ ଥରେ ମାତ୍ର ପାଠକଲେ ଏହା ବୁଝି ପାରିବେ । କବି ପ୍ରଶସ୍ତି ସର୍ବଭାରତୀୟ ସ୍ତରର ବଡ ବଡ କବିମାନଙ୍କୁହିଁ କରାଯାଇଥାଏ । ବ୍ୟାସ, କାଳିଦାସ, ଭବଭୂତି, ଭାରବୀ, ଭାସ, ବାଣଭଟ୍ଟ, ଭର୍ତ୍ତୃହରି, ଶ୍ରୀହର୍ଷ ଓ ଅମରୁ ପ୍ରଭୃତି ପୂର୍ବଗାମୀ କବିମାନଙ୍କୁ ଛାଡ଼ି ଜୟଦେବ ଯେ କାହିଁକି ତାଙ୍କର ସମସାମୟିକ ଚାରିଜଣ ଗୌଣ ବଙ୍ଗୀୟ କବିଙ୍କର ପ୍ରଶସ୍ତି କରନ୍ତେ ତାହା ଜମା ବୁଝି ହେଉ ନାହିଁ । ମୁଁ ଏକଥା ଦର୍ଶାଇ ଝଙ୍କାର, ଦ୍ୱାଦଶ ଭାଗ ଅଷ୍ଟମ ସଂଖ୍ୟାରେ (୧୯୬୧) କେଦାରନାଥ ମହାପାତ୍ରଙ୍କର ଯୁକ୍ତିକୁ ଖଣ୍ଡନ କରିଥିଲି । ସେ ଅଦ୍ୟାପର୍ଯ୍ୟନ୍ତ ଏହାର କୌଣସି ଉତ୍ତର ସେ ପତ୍ରିକାରେ ଦେଇନାହାନ୍ତି, ଯଦିଚ ମୁଁ ତାଙ୍କ ଉତ୍ତରର ପ୍ରତୀକ୍ଷା କରୁଥିଲି ।

## ଏହା ପ୍ରକ୍ଷିପ୍ତ କି ?

ଦ୍ୱିତୀୟତଃ ଏ ଶ୍ଲୋକଟିକୁ ପ୍ରକ୍ଷିପ୍ତ କହି ଉଡ଼ାଇ ଦିଆଯାଇ ପାରନ୍ତା । ମାତ୍ର ଗୀତଗୋବିନ୍ଦର ଯେତେ ପୋଥି ସମଗ୍ର ଭାରତରୁ ମିଳିଛି, ସବୁଥିରେ ଏ ଶ୍ଲୋକଟି ରହିଛି । ବଙ୍ଗ, ଉତ୍କଳ, ଅନ୍ଧ୍ର, ରାଜସ୍ଥାନ, କାଶ୍ମୀର, ଗୁଜୁରାଟ, ତାମିଲନାଡୁ ଆଦି ବିଭିନ୍ନ ପ୍ରାନ୍ତରୁ ମିଳିଥିବା ପୋଥିମାନଙ୍କରେ ଏ ଶ୍ଲୋକଟି ରହିଥିବାରୁ ଏହାକୁ ପ୍ରକ୍ଷିପ୍ତ କହିବାର ଉପାୟ ନାହିଁ । ଜୟଦେବଙ୍କର ସମସାମୟିକ ଉଦୟନାଚାର୍ଯ୍ୟ ଗୀତଗୋବିନ୍ଦର ପ୍ରଥମ ଟୀକା କରିଥିଲେ । ସେ ପୋଥିଟି ଓଡ଼ିଶାରୁ ହିଁ ମିଳିଥିଲା । ସେଥିରେ ମଧ୍ୟ ଏ ଶ୍ଲୋକଟି ଅବିକୃତ ଭାବରେ ରହିଛି । ତେଣୁ ଏ ଶ୍ଲୋକଟିକୁ ପ୍ରକ୍ଷିପ୍ତ କହିବାର ବାଟ ଅଛି କି ?

ଦ୍ୱିତୀୟ ବଳବତ୍ତର ପ୍ରମାଣଟି ହେଉଛି 'ସଦୁକ୍ତିକର୍ଣ୍ଣାମୃତ' । ସଦୁକ୍ତିକର୍ଣ୍ଣାମୃତ ସଂକଳନଟି ଲକ୍ଷ୍ମଣ ସେନଙ୍କ ପୁତ୍ର କେଶବ ସେନଙ୍କ ଅମଳରେ ଲକ୍ଷ୍ମଣ ସେନଙ୍କ ମହାସାମନ୍ତ ବଟୁ ଦାସଙ୍କ ପୁତ୍ର ଶ୍ରୀଧର ଦାସଙ୍କ ଦ୍ୱାରା ସଂକଳିତ ହୋଇଥିଲା ବୋଲି ଏହାର ପୁଷ୍ପିକାରୁ ଜଣାଯାଏ ।

**'ସଦୁକ୍ତି' ର ସାକ୍ଷ୍ୟ**

ଏହି 'ସଦୁକ୍ତି' ସଂକଳନରେ ଜୟଦେବଙ୍କ ନାମରେ ଯେଉଁ ସବୁ ଶ୍ଲୋକ ସ୍ଥାନ ପାଇଛି, ସେଥିରୁ ଗୋଟିଏ ହେଉଛି ଲକ୍ଷ୍ମଣ ସେନଙ୍କ ପ୍ରଶସ୍ତି । ସମ୍ଭବତ ଜୟଦେବ କେନ୍ଦୁ ବିଲ ଗ୍ରାମରୁ ନବଦ୍ୱୀପ ଆସି ଏହି ଶ୍ଲୋକଟି ବୋଲି ବୋଲି ସେନ୍ ରାଜାଙ୍କ ନିକଟରେ ଉପସ୍ଥିତ ହୋଇଥିଲେ । ଏହାହିଁ ଏଥିରୁ ଅନୁମିତ ହୁଏ ।

**ଜୟଦେବଙ୍କ ସେନ-ବନ୍ଦନା**

"ଲକ୍ଷ୍ମୀକେଳି ଭୁଜଙ୍ଗ ! ଜଙ୍ଗମହରେ ! ସଂକଳ୍ପକଳ୍ପଦ୍ରୁମ ।
ଶ୍ରେୟଃସଧକସଂଗ ! ସଂଗରକଳା-ଗାଙ୍ଗେୟ ! ବଙ୍ଗପ୍ରିୟ !
ଗୌଡେନ୍ଦ୍ର ! ପ୍ରତିରାଜରାଜକ ! ସଭାଲଙ୍କାର ! କାରାର୍ପିତ-
ପ୍ରତ୍ୟର୍ଥି କ୍ଷିତିପାଳ ! ପାଳକ ସତାଂ ! ଦୃଷ୍ଟୋହସି, ତୁଷ୍ଟା ବୟମ୍ !"

ତେଣୁ ଲକ୍ଷ୍ମଣ ସେନଙ୍କଠାରୁ ତାଙ୍କୁ ବିଚ୍ଛିନ୍ନ କରି ହେବ କି ? ?

'ସଦୁକ୍ତିକର୍ଣ୍ଣାମୃତ'ରେ "ଦେଶାଶ୍ରୟଃ" ଶୀର୍ଷକରେ ମହାରାଜା ଲକ୍ଷ୍ମଣ-ସେନଙ୍କ ଉଦ୍ଦେଶ୍ୟରେ ରଚିତ ଜୟଦେବଙ୍କର ଅନ୍ୟ ଏକ ପ୍ରଶସ୍ତି ମିଳେ । ତାହା ହେଉଛି :—

"ତ୍ୱଂ ଚଲୋଲ୍ଲୋଲମାଲାଂ କଲୟସି, କିରୁଷେ କର୍ଷଣଂ କୁଂତଲାନାଂ ;
ତ୍ୱଂ କାଂଚନ୍ୟଂଚମୀସୁ ପ୍ରଭବସି ! ରଭସାଦଂଗସଂଗଂ କରୋଷି ।
—ଇଥଂ ରାଜେଂଦ୍ର ! ବଦ୍ଧ ସ୍ଫୁଟଭରପଦ୍ଧତୋତ୍କଂପମେବାଦ୍ୟଧାର୍ଯ୍ୟଂ
ନାରୀଣାମ୍ ପ୍ରାଣାଂ ହୃଦୟମୁଦସ୍ତେ ତ୍ୱତ୍ପଦାରାଧନାସୁ । । ୩ । ୧୫ । ୫
(ଜୟଦେବସ୍ୟ)

ସଦୁକ୍ତିକର୍ଣାମୃତରେ ଏ ଧୃତ ଜୟଦେବଙ୍କର ଏଇ ସେନ୍-ପ୍ରଶସ୍ତି ଦୁଇଟିରୁ ସେ ନିଶ୍ଚିତ ଭାବରେ ସେନ-ରାଜସଭା ସହିତ ସଂପୃକ୍ତ ଥିଲେ ବୋଲି ବୁଝାପିବ । ସଦୁକ୍ତିରେ ସଂକଳିତ ଜୟଦେବ-କୃତ ଶ୍ଳୋକ ଗୁଡ଼ିକ ଡଃ ସୁନୀତି କୁମାର ଚ୍ୟାଟାର୍ଜି ମଧ୍ୟ ତାଂକ 'ସାଂସ୍କୃତିକୀ", ୨ୟ ଖଂଡରେ ଉଦ୍ଧାର କରିଛଂତି । ସେଗୁଡ଼ିକର ପ୍ରାମାଣିକତା ସଂବଧରେ ପ୍ରଶ୍ନ ଉଠି ନ ପାରେ । ଏଇ ଶ୍ଳୋକ ଗୁଡ଼ିକରୁ ଜଣାଯାଏ ଯେ ଜୟଦେବ ବୀରରସାତ୍ମକ ଏକ ବା ଏକାଧିକ କାବ୍ୟ ରଚନା କରିଥିଲେ । କାରଣ ଶୌର୍ଯ୍ୟ, ତେଜ, ପୌରୁଷ, ରଥଚକ୍ର, ଯୁଦ୍ଧ ଇତ୍ୟାଦି ଏଇ ଶ୍ଳୋକଗୁଡ଼ିକର ଉପଜୀବ୍ୟ ବିଷୟ । ଏଇ ବୀରରସାତ୍ମକ କାବ୍ୟ ଧୋୟୀ କବିରାଜଙ୍କ "ପବନ ଦୂତମ୍" ଭଳି ସଂଭବତ ଲକ୍ଷ୍ମଣ ସେନଂକୁ ନେଇ ରଚିତ ହୋଇଥିଲା ବୋଲି ଅନୁମିତ ହୁଏ । ମାତ୍ର ଏ କାବ୍ୟଟି ଏ ପର୍ଯ୍ୟଂତ ମିଳିନାଇ ।

ଡଃ ସୁନୀତି କୁମାର ଚ୍ୟାଟାର୍ଜି ତାଂକର "ସାଂସ୍କୃତିକୀ", ୨ୟ ଖଂଡ, ୯୧ ପୃଷ୍ଠାରେ ଦର୍ଶାଇଛଂତି ଯେ "ସଦୁକ୍ତି ସଂକଳନରେ ଲକ୍ଷ୍ମଣ ସେନଂକ ସଭାର ପ୍ରଖ୍ୟାତନାମା କବି ଜୟଦେବଙ୍କର ୩୧ଟି ଶ୍ଳୋକ, ଉମାପତି ଧରଂଙ୍କର ୯୨ଟି ଶ୍ଳୋକ, ଆଚାର୍ଯ୍ୟ ଗୋବର୍ଧନଂଙ୍କର ୬ଟି ଶ୍ଳୋକ, ଧୋୟୀ କବିରାଜଂଙ୍କର ୨୦ଟି ଶ୍ଳୋକ ଏବଂ ଶରଣଂଙ୍କର କେତୋଟି ଶ୍ଳୋକ ବିଭିନ୍ନ ପ୍ରବାହରେ ସ୍ଥାନ ପାଇଛି ।' ଏହାଛଡ଼ା ଲକ୍ଷ୍ମଣସେନ ଦେବଙ୍କର ୧୧ଟି ଶ୍ଳୋକ, ଯୁବରାଜ କେଶବ ସେନଂଙ୍କର ୧୧ଟି ଶ୍ଳୋକ, ଶରଣଂଙ୍କର ୨୦ଟି ଶ୍ଳୋକ ଏବଂ ହଲାୟୁଧଂଙ୍କର ୫ଟି ଶ୍ଳୋକ ମଧ୍ୟ ସଦୁକ୍ତିରେ ସନ୍ନିବିଷ୍ଟ ହୋଇଛି । ଏ ପଂଚକବି ଲକ୍ଷ୍ମଣସେନଂଙ୍କର ପୃଷ୍ଠପୋଷକତା ଲାଭ କରିଥିଲେ ଏବଂ ସ୍ୱ ସ୍ୱ କୃତିରେ ଲକ୍ଷ୍ମଣସେନଂଙ୍କର ପ୍ରଶସ୍ତି ଗାନ କରିଯାଇଛଂତି ।

ସେନ-ସଭାର କବିପଂଚକ

ଗୋବର୍ଧନାଚାର୍ଯ୍ୟ ତାଂଙ୍କର "ଆର୍ଯ୍ୟସପ୍ତଶତୀ"ର ଗୋଟିଏ ଶ୍ଳୋକରେ ଲେଖିଛଂତି :— "ସକଳ କଳାଃକଲ୍ପୟିତୁଂ ପ୍ରଭୋ ପ୍ରବଂଧସ୍ୟ କୁମୁଦବଂଧୋଶ୍ଚ ।

ସେନକୁଳତିଳକ ଭୂପତିରେକୋ ରାକାପ୍ରଦୋଷସ୍ତ ।" ଅର୍ଥାତ୍ ପୂର୍ଣ୍ଣିମା-ପ୍ରଦୋଷରେ ଯେପରି କୁମୁଦବନ୍ଧୁ ପୂର୍ଣ୍ଣତା ପ୍ରାପ୍ତ ହୁଏ, ସେନ୍ ରାଜାଙ୍କ ସମୟରେ ପୂର୍ଣ୍ଣାଂଗ ପ୍ରବନ୍ଧ ସମୂହ (ନୃତ୍ୟଗୀତାଦି ଚଉଷଠି କଳା) ପୂର୍ଣ୍ଣତା-ପ୍ରାପ୍ତ ହୋଇଥିଲେ । ଆର୍ତ୍ତିହର-ପୁତ୍ର ବନ୍ଦ୍ୟଘଟୀୟ ସର୍ବାନନ୍ଦଙ୍କ 'ଟୀକାସର୍ବସ୍ୱ'ରେ ଗୋବର୍ଦ୍ଧନ ଏବଂ ତାଙ୍କ ପ୍ରଣୀତ ଉନାଦି-ବୃତ୍ତିର ଉଲ୍ଲେଖ ମିଳେ । ଏଇ ଗ୍ରନ୍ଥଟି ଶକାବ୍ଦ ୧° ରେ ରଚିତ ବୋଲି ଜଣାଯାଏ । ସେତେବେଳେ ସମ୍ରାଟ ବଲ୍ଲାଳସେନ, ଏବଂ ଲକ୍ଷ୍ମଣସେନ ଯୁବରାଜ ।

'ସଦୁକ୍ତିକର୍ଣ୍ଣାମୃତ'ରେ ଶରଣଙ୍କର ଏଇ ଶ୍ଳୋକଟି ମିଳେ ଯାହା ଲକ୍ଷ୍ମଣ ସେନଙ୍କ ପ୍ରତି ହିଁ ଉଦ୍ଦିଷ୍ଟ । :—

"ଦେବଃ କୁପ୍ୟତୁ ବା ବଟଂତ୍ୟ ବନସ୍ୟଂ ପ୍ରୀତୋହସ୍ତୁ ବା ମାଦୃଶୌ-
ଙ୍କାଂକ୍ଷନ୍ତଃ ପ୍ରଭୁକୀର୍ତ୍ତିମପ୍ରତିହଂତାଂ ବକ୍ତବ୍ୟମେବୋଚିତମ୍ ।
ସେବାଭିର୍ଯଦି ସେନବଂଶତିଳକାଦାଶାସମାପ୍ତାଃ ଶ୍ରିୟଃ
ସଂକଳ୍ପାନୁବିଧାୟିନାଂ ସୁରତରସ୍ତତ୍ କେନ ହାର୍ଯୌ ମଦଃ ।

—'ଶରଣ' —(୩-୫୪-୫)

ଧୋୟୀ କବି ସ୍ୱରଚିତ 'ପବନ ଦୂତ' କାବ୍ୟରେ ଯୁବରାଜ ଲକ୍ଷ୍ମଣସେନଙ୍କୁ ନାୟକ ରୂପେ କଳ୍ପନା କରି ଲେଖିଛନ୍ତି :—

"ତସ୍ମିନ୍ନେତାଂ କୁବଳୟବତୀ ନାମ ଗଂଧର୍ବକନ୍ୟା
ମନ୍ୟେ କୈନ୍ତଂ ମୃଦୁକୁସୁମତୋହପ୍ୟାୟୁଧଂ ଯା ସ୍ମରସ୍ୟ ।
ଦୃଷ୍ଟ୍ୱା ଦେବଂ ଭୁବନବିଜୟେ ଲକ୍ଷ୍ମଣଂ କ୍ଷୌଣିପାଳଂ
ବାଲା ସଦ୍ୟଃ କୁସୁମଧନୁଷଃ ସଂବିଧେୟୀ ବଭୂବ ।୨। — ପବନ ଦୂତ

ଅର୍ଥାତ୍ ଲକ୍ଷ୍ମଣସେନଙ୍କ ଦାକ୍ଷିଣାତ୍ୟ ଅଭିଯାନ ବେଳେ କୁବଳୟବତୀ ନାମକ ଗଂଧର୍ବକନ୍ୟା ତାଙ୍କ ପ୍ରଣୟାସକ୍ତା ହୋଇଥିଲା । କହ୍ଲଣ ଦେବଙ୍କ ସୁଭାଷିତାବଳୀରେ ଶରଣଙ୍କ ନାମ ଅଛି । ଏଇ ଗ୍ରନ୍ଥଟି ଶକାବ୍ଦ ଦ୍ୱାଦଶ ଶତକରେ ପ୍ରସ୍ତୁତ ।

ଏଇ ସଦୁକ୍ତିରେ ଗୋଟିଏ ଶ୍ଳୋକ ଉମାପତି ଧରଙ୍କ ନାମରେ ଦେଖାଯାଏ ଯାହା ଲକ୍ଷ୍ମଣ ସେନଙ୍କ ମାଧାଇନଗର ପାଟୋଲୀରେ ଅବିକଳ ଦେଖିବାକୁ ମିଳେ । ମେରୁ ତୁଂଗ ତାଙ୍କ 'ପ୍ରବଂଧଚିଂତାମଣି' ଗ୍ରଂଥରେ ଲେଖିଛନ୍ତି ଉମାପତି ଧର ଲକ୍ଷ୍ମଣ ସେନଙ୍କର ଅନ୍ୟତମ ମନ୍ତ୍ରୀ ଥିଲେ ।

ତେଣୁ ଏଇ ସବୁ ପ୍ରମାଣ ଦୃଷ୍ଟିରୁ ଏଇ କବିପଂଚକଙ୍କୁ ପରସ୍ପରଠାରୁ କିଂବା ଲକ୍ଷ୍ମଣସେନଙ୍କଠାରୁ ବିଚ୍ଛିନ୍ନ କରିବା ଅସମ୍ଭବ । ମୁଁ ଏକଥା ଆଜକୁ ପ୍ରାୟ ୧୩ ବର୍ଷ

ଥିଲେ ମୋର "ହୁଂକାର" ପ୍ରବଂଧରେ ଏବଂ ପରେ ମୋର "ଉତ୍କଳା, ୧୯୬୧" ଗ୍ରନ୍ଥ ପୃଷ୍ଠଭୂମିରେ ଦର୍ଶାଇଥିଲି । କେଦାର ବାବୁ ତାଂକର 'ହୁଂକାର' ପ୍ରବଂଧରେ ଜୟଦେବଂକଠାରୁ ଉମାପତି ଧର, ଗୋବର୍ଧନାଚାର୍ଯ୍ୟ ଏବଂ ଶରଣଂକୁ ବିଚ୍ଛିନ୍ନ କରିବାକୁ ବ୍ୟର୍ଥ ପ୍ରୟାସ କରିବା ସଂଗେ ସଂଗେ ଲକ୍ଷ୍ମଣସେନଂକଠାରୁ ମଧ୍ୟ ଏମାନଂକୁ ବିଚ୍ଛିନ୍ନ କରିବାକୁ ଅପଚେଷ୍ଟା କରିଛଂତି । ଉଦାହରଣ ସ୍ୱରୂପ ଉମାପତି ଧର ଲକ୍ଷ୍ମଣ ସେନଂକ ପିତାମହ ବିଜୟ ସେନଂକ ଦେଓପାଡ଼ା ପ୍ରଶସ୍ତିର ରଚୟିତା—ଯେଉଁ ପ୍ରଶସ୍ତିର ୪ଟି ଶ୍ଳୋକ ସଦୁକ୍ତିକର୍ଣାମୃତରେ ମିଳେ । ତେଣୁ ଶ୍ରୀ ମହାପାତ୍ର ଯୁକ୍ତି କରିଛଂତି ଯେ ଉମାପତି ଧର ବିଜୟସେନଂକ ସମସାମୟିକ ଏବଂ ସେ କଦାପି ଲକ୍ଷ୍ମଣ ସେନଂକ ସଭା-କବି ହୋଇ ନ ପାରଂତି । ମାତ୍ର ଶ୍ରୀ ମହାପାତ୍ର ଜାଣିବା ଉଚିତ ଯେ ଉମାପତି ଧର ଖାଲି ବିଜୟ ସେନଂକ ଦେଓପାଡ଼ା ପ୍ରଶସ୍ତିର ପ୍ରଣେତା ନୁହଂତି, ତାଂକ ନାମରେ 'ସଦୁକ୍ତି'ରେ ଗୋଟିଏ ଶ୍ଳୋକ ଦେଖିବାକୁ ମିଳେ ଯାହା ଲକ୍ଷ୍ମଣସେନଂକ ମାଧୋଇ ନଗର ପାଟୋଳୀର ଠିକ୍ ଅନୁରୂପ ।

ଉମାପତି ଧର

ଉମାପତି ଧର ଲକ୍ଷ୍ମଣ ସେନଂକ ସାଂଧିବିଗ୍ରହିକ ଥିବା କଥା ମେରୁତୁଂଗଂକ 'ପ୍ରବଂଧ ଚିଂତାମଣି'ରୁ ଜଣାପଡେ । ତେଣୁ ଏ ସବୁ ପ୍ରମାଣ ଉପରେ ଭିତ୍ତି କରି କୁହାଯାଇପାରେ ଯେ ଧର କବି ତିନି ପୁରୁଷ ଧରି ସେନ୍ ରାଜବଂଶ ଏବଂ ସେନ୍ ରାଜସଭା ସହିତ ଜଡ଼ିତ ଥିଲେ । ସେ ଯଥାକ୍ରମେ ବିଜୟ ସେନ, ତାଂକ ପୁତ୍ର ବଲ୍ଲାଲସେନ ଏବଂ ତାଂକ ପୁତ୍ର ଲକ୍ଷ୍ମଣସେନଂକ ସଂଗେ ସଂପୃକ୍ତ ଥିଲେ । ଏଥିରେ ଅସଂଭବ କିଛି ନାହିଁ । କାରଣ ଲକ୍ଷ୍ମଣସେନ ଗୌଡ଼-ବଂଗ ସିଂହାସନରେ ଆସୀନ ହେଲା ବେଳକୁ ପ୍ରାୟ ୬୦ ବର୍ଷର ବୃଦ୍ଧ । ତାଂକ ଜୀବନର ଅଧିକାଂଶ ଭାଗ ଯୁବରାଜ ହୋଇ ହିଁ କଟିଥିଲା ।

ତା'ଛଡ଼ା ଯେଉଁ ବଖ୍ତିଆର ଖିଲ୍‌ଜୀ ଲକ୍ଷଣସେନଂକୁ ଆକ୍ରମଣ କରି ସେନ୍-ରାଷ୍ଟ୍ର କରଗତ କଲା, ଉମାପତି ଧର ତାର ମଧ୍ୟ ସ୍ତୁତିଗାନ କରିଛଂତି । ଯେଉଁ ଶ୍ଳୋକରେ ସେ ଲକ୍ଷ୍ମଣସେନଂକ ସଂଗେ ଖିଲଜୀର ଯୁଦ୍ଧ ବର୍ଣନା କରିଛଂତି, ସେଇ ଶ୍ଳୋକରେ ସେ ମ୍ଳେଚ୍ଛ ରାଜାର ସାଧୁବାଦ କରିଛଂତି ଏବଂ ତା ପ୍ରାୟ ହାସ୍ୟକର ସ୍ତୁତି-ବାକ୍ୟରେ ।

"ସାଧୁ ମ୍ଳେଚ୍ଛନରେଂଦ୍ର ସାଧୁ ଭବତୋ ମାତୈବ ବୀରପ୍ରସୂଃ
ନୀଚେନାପି ଭବଦ୍‌ବିଧେନ ବସୁଧା ସୁକ୍ଷତ୍ରିୟା ବର୍ତତେ ।

ଦେବେ କୁତ୍ୟଥ ଯସ୍ୟ ବୈରିପରିଷନ୍ନାରୀଙ୍କମଲ୍ଲେ ପୁରଃ

ଶସ୍ତଂ ଶସ୍ତମିତି ସ୍ଫୁରନ୍ତି ରସନାପର୍ଯ୍ୟନ୍ତରଙ୍ଗେ ଗିରଃ ।"

("ମ୍ଳେଚ୍ଛ ରାଜ ! ସାଧୁ, ସାଧୁ, ଆପଣଙ୍କ ମାତା ହିଁ (ଯଥାର୍ଥ) ବୀର ପ୍ରସବିନୀ । ନୀଚବଂଶୋଦ୍ଭବ ହେଲେ ମଧ୍ୟ ଆପଣଙ୍କ ସଦୃଶ ଲୋକ ଜନ୍ମଦେବା ବସୁଧା ଏ ପର୍ଯ୍ୟନ୍ତ ବି ସୁ କ୍ଷଣି ସ୍ଥ ଅଛି । (ଯେଣୁ) ମାଗ୍ରଂକମଲ୍ଲଦେବ (ଲକ୍ଷ୍ମଣ ସେନ) ଯେତେବେଳେ ସମ୍ମୁଖ ଯୁଦ୍ଧରେ ଶତ୍ରୁ ସୈନ୍ୟ ଧ୍ୱଂସ କରୁଥିଲେ, ସେତେବେଳେ ଆପଣଙ୍କ ରସନାରୂପ ପର୍ଯ୍ୟନ୍ତରଙ୍ଗରୁ 'ଶସ୍ତ ଶସ୍ତ' ଏଇ ବାକ୍ୟ ନିର୍ଗତ ହେଉଥିଲା ।" *)

ତେଣୁ ଖାଲି ବିଜୟ ସେନ, ବଲ୍ଲାଲ ସେନ କି ଲକ୍ଷ୍ମଣସେନ ନୁହନ୍ତି, ଲକ୍ଷ୍ମଣସେନଙ୍କୁ ଘୋଡ଼ା ଦେଖାଇବା ବାହାନାରେ ଯେଉଁ ତୁର୍କୀ-ଅଭିଯାତ୍ରୀ ଆକ୍ରମଣ କରି ସେନ-ରାଜ୍ୟଶ୍ରୀ ଦଖଲ କରିଥିଲା, ବୃଦ୍ଧ ଧୋୟୀ କବି ତାଙ୍କର ମଧ୍ୟ ସ୍ତୁତିଗାନ କରିବାକୁ ଛାଡ଼ି ନାହାନ୍ତି । ତେଣୁ ଇତିହାସକାରମାନେ ମନେ କରନ୍ତି ଯେ ସେନ୍ ରାଜା ବିଦେଶୀ ଆକ୍ରମଣକାରୀ ଦ୍ୱାରା ପରାଜିତ ହେଲା ପରେ ବୃଦ୍ଧ ରାଜକବି ସେନ ରାଜସଭା ସହିତ ତାଙ୍କର ତିନି ପୁରୁଷ-ବ୍ୟାପୀ ସମ୍ପର୍କ ଛିନ୍ନ କରି ନିଜର ଭକ୍ତି ଓ ସ୍ତୁତି ଅର୍ପଣର ପାତ୍ର ମଧ୍ୟ ପରିବର୍ତ୍ତିତ କରିଥିବା ଅସମ୍ଭବ ନୁହେଁ । ଧୋୟୀ କବିଙ୍କର ଏଭଳି ଆଚରଣ ସେନ୍-ସଭା, ସେନ-ରାଷ୍ଟ୍ର ପ୍ରତି ଯେ କେତେ ବଡ଼ କଟାକ୍ଷ ତାହା ସେ ବୁଝିପାରି ନଥିଲେ ବୋଲି ଡଃ ନିହାରରଂଜନ ରାୟ ଆକ୍ଷେପ କରିଛନ୍ତି । (ବାଂଇ)

ସେ ଯାହା ହେଉ, ଉମାପତି ଧର ଯେ ଲକ୍ଷ୍ମଣସେନଙ୍କର ସଭାକବି ଥିଲେ ଏଥିରେ ସନ୍ଦେହର ଅବକାଶ ନାହିଁ । ପ୍ରଦ୍ୟୁମ୍ନେଶ୍ୱର ମନ୍ଦିର-ପ୍ରଶସ୍ତିରେ ଉମାପତି ଧରଙ୍କ ନାମ ମିଳେ—ସେ ମହାରାଜା ଲକ୍ଷ୍ମଣସେନଙ୍କ ସାନ୍ଧିବିଗ୍ରହିକ ଥିଲେ । ଏ ସମସ୍ତ ବୋଧହୁଏ ଶ୍ରୀ ମହାପାତ୍ରଙ୍କ ଦୃଷ୍ଟିକୁ ଆସିନାଇ ।

ଶ୍ରୀମଦ୍‌ଭଗବଦ୍‌ଗୀତାର ବୈଷ୍ଣବ-ତୋଷଣୀ ଟୀକାରେ ଉଲ୍ଲିଖିତ ଅଛି—

"ଶ୍ରୀ ଜୟଦେବସହଚରେଣ ମହାରାଜ-ଲକ୍ଷ୍ମଣସେନମନ୍ତ୍ରିବରେଣ ଉମାପତି ଧରେଣ..." ଇତ୍ୟାଦି । ଗୀତଗୋବିନ୍ଦର ଟୀକାକାର ଧୃତି ଦାସ ମଧ୍ୟ ଲେଖିଛନ୍ତି :—"ଉମାପତିଧରେ। ନାମ ସାନ୍ଧିବିଗ୍ରହିକୋ ।" *

---

* ଝଂକାର—୧୬ଶ ଭାଗ । ୩ ସଂଖ୍ୟାରେ ମୋ ପ୍ରବନ୍ଧ ଓ କବିତା, ୧୯୬୨ ପୃଷ୍ଠଭୂମି ଦ୍ରଷ୍ଟବ୍ୟ । ବାଂ. ଇ ଦ୍ରଷ୍ଟବ୍ୟ ।

ଏହାଛଡ଼ା ଶ୍ରୀପାଦ ସନାତନ ଗୋସ୍ୱାମୀ ନବଦ୍ୱୀପର ନୃପ-ସଭା ଦ୍ୱାରରେ ନିମ୍ନଲିଖିତ ଶ୍ଲୋକଟି ଖୋଦିତ ଦେଖିଥିଲେ —

"ଗୋବର୍ଦ୍ଧନଶ୍ଚ ଶରଣୋ ଜୟଦେବ ଉମାପତିଃ
କବିରାଜଶ୍ଚ ରତ୍ନାନି ସଂତେତେ ଲକ୍ଷ୍ମଣସ୍ୟ ଚ ।"

ପୁନଶ୍ଚ ଜର୍ମାନ ଭାରତବିଦ୍ୟାବିଦ୍ ବୃଂହେଲରଙ୍କ କାଶ୍ମୀରରୁ ପ୍ରାପ୍ତ ଏକ ଗୀତଗୋବିନ୍ଦ ପୋଥିରେ କୁଆଡେ ଗୌଡ଼-ଅଧିପତି ଲକ୍ଷ୍ମଣସେନଙ୍କ ନାମ ଉଲ୍ଲେଖ ଥିବାର ଦେଖିଥିଲେ ବୋଲି ହରେକୃଷ୍ଣ ମୁଖୋପାଧ୍ୟାୟଙ୍କ 'କବି ଜୟଦେବ ଓ ଶ୍ରୀଗୀତାଗୋବିନ୍ଦ' ଗ୍ରନ୍ଥରୁ ସମ୍ବାଦ ମିଳେ ।

ଡଃ ସୁନୀତିକୁମାର ଚଟ୍ଟୋପାଧ୍ୟାୟ ତାଙ୍କ ସାହିତ୍ୟ ଡକ୍ସ, ୨ୟ ଖଣ୍ଡରେ ଜୟଦେବ ଲକ୍ଷ୍ମଣସେନଙ୍କ ସଭାକବି ଥିବା କଥା ପ୍ରତିପାଦିତ କରିଛନ୍ତି । ଡଃ ନିହାର-ରଞ୍ଜନ ରାୟ ତାଙ୍କ 'ବାଂଗାଲୀର ଇତିହାସ' ଗ୍ରନ୍ଥରେ ଲକ୍ଷ୍ମଣସେନଙ୍କ ସମୟର ଅବକ୍ଷୟ-ବାୟୁମଣ୍ଡଳ ଭିତରେ କେବଳ ଗୀତଗୋବିନ୍ଦ ଭଳି ଏକ ଉତ୍କଟ ଶୃଙ୍ଗାର-କାବ୍ୟ ଲେଖାଯାଇପାରେ ଏବଂ ଲେଖାହୋଇଛି ବୋଲି ମତବ୍ୟକ୍ତ କରିଛନ୍ତି ।

ଏହାଛଡ଼ା ଉତ୍କଳ ବିଶ୍ୱବିଦ୍ୟାଳୟ ଠାରେ ଗତ ବର୍ଷ ଅନୁଷ୍ଠିତ ଓରିଏଣ୍ଟାଲ କନ-ଫରେନସର ଗତ ଅଧିବେଶନରେ ଡଃ ପି. ଆର ଦାଶଗୁପ୍ତ ଏକ ନିବନ୍ଧ ପଢ଼ି ଜୟଦେବ ଲକ୍ଷ୍ମଣସେନଙ୍କ ରାଜସଭା ସହିତ ଅବିଚ୍ଛେଦ୍ୟ ଭାବରେ ଜଡ଼ିତ ବୋଲି ପ୍ରତିପାଦିତ କରିଛନ୍ତି ।

ଆମର ମନେହୁଏ ଏ-ସମ୍ବନ୍ଧୀୟ ବାଦବିବାଦ ଏତିକିରେ ଇତି ହେବା ଉଚିତ ଏବଂ ଜୟଦେବ ଯେ ସେନ-ସଭା ସହିତ ଅଂଗାଙ୍ଗୀ ଭାବେ ସମ୍ପୃକ୍ତ ଏ ବିଷୟରେ ଆଉ କୌଣସି ମତଦ୍ୱୈଧ ରହିବାର ଅବକାଶ ନାହିଁ ।

ଗୋବର୍ଦ୍ଧନାଚାର୍ଯ୍ୟ ଲକ୍ଷ୍ମଣସେନଙ୍କ ସଭାକବି ନଥିଲେ ବୋଲି କେଦାରନାଥ ମହାପାତ୍ର ଯେଉଁ ଅଦ୍ଭୁତ ଯୁକ୍ତି କରିଛନ୍ତି ତାହା ହେଉଛି ଏଇ ଯେ ତାଙ୍କର କୌଣସି ରଚନା ସଦୁକ୍ତିକର୍ଣାମୃତରେ ନାହିଁ ଏବଂ ତାଙ୍କ ସାନଭାଇ ଉଦୟନାଚାର୍ଯ୍ୟ

**ଆଚାର୍ଯ୍ୟ ଗୋବର୍ଦ୍ଧନ**

ଓଡ଼ିଶାରେ ଶୋଭନେଶ୍ୱର ଦେବଙ୍କ ମନ୍ଦିରର ଶିଳାଲିପିଟି ରଚନା କରିଥିବାରୁ ଗୋବର୍ଦ୍ଧନାଚାର୍ଯ୍ୟ ମଧ୍ୟ ଓଡ଼ିଶାର ଲୋକ । ସେନ୍ ରାଜ-ସଭା ନଷ୍ଟଭ୍ରଷ୍ଟ ହୋଇଯିବା ପରେ ଲକ୍ଷ୍ମଣସେନଙ୍କର କେତେକ ସଭାକବି ଓଡ଼ିଶା ପଳାଇ ଆସିଥିବା କଥା ପୂର୍ବରୁ କୁହାଯାଇଛି । ଏଠାରେ ତାହାର ପୁନରାବୃତ୍ତି ନିଷ୍ପ୍ରୟୋଜନ । ବାକି ସଦୁକ୍ତି ସଂକଳନରେ ଗୋବର୍ଦ୍ଧନାଚାର୍ଯ୍ୟଙ୍କର

ରଚିତ ଶ୍ଲୋକ ସଂକଳିତ ହୋଇନାଇ ବୋଲି ଯାହା ମହାପାତ୍ରେ କହନ୍ତି ତା ଠିକ୍ ନୁହେ । ଡଃ ସୁନୀତି ଚାଟାର୍ଜି ତାଙ୍କ ସାଂସ୍କୃତିକ ପୁସ୍ତକର ୧ମ ଖଣ୍ଡରେ ଦେଖାଇ-ଛନ୍ତି ଗୋବର୍ଦ୍ଧନାଚାର୍ଯ୍ୟଙ୍କର ୭ଟି ଶ୍ଲୋକ ସଦୁକ୍ତିରେ ସଂକଳିତ ହୋଇଛି । ଗୋବର୍ଦ୍ଧନାଚାର୍ଯ୍ୟଙ୍କର ଆର୍ଯ୍ୟାସପ୍ତଶତୀ ଗ୍ରନ୍ଥର କବିତାଗୁଡ଼ିକ ଉତ୍କଟ ଦେହ-ତାପ-ତପ୍ତ । ତେଣୁ ହୁଏତ ସଦୁକ୍ତି ସଂକଳୟିତା ଶ୍ରୀଧର ଦାସ ତାଙ୍କର ଜଣେ ଅନୁରକ୍ତ ପାଠକ ହୋଇ ନଥିବେ । କିନ୍ତୁ 'ପଦାବଳୀ' ରେ ଗୋବର୍ଦ୍ଧନାଚାର୍ଯ୍ୟଙ୍କ ନାମରେ ଯେଉଁ ଚଉଦଟି ଶ୍ଲୋକ ଅଛି ସେଥିରୁ ତିନୋଟି ଆଚାର୍ଯ୍ୟଙ୍କ 'ଆର୍ଯ୍ୟସପ୍ତଶତୀ'ର ଶ୍ଲୋକ, ଗୋଟିଏ ନୁହେଁ । ସେଇ ଶ୍ଲୋକଟି ସଦୁକ୍ତିରେ ଜଣେ ଅଜ୍ଞାତନାମା କବିଙ୍କ (ଉଦ୍‌ଭଟ) ରଚନା ହିସାବରେ ସ୍ଥାନ ପାଇଛି । ସେଥିପାଇଁ ଡଃ ରାୟ ଲେଖି-ଛନ୍ତି :—"ହୁଏତ ଆର୍ଯ୍ୟସପ୍ତଶତୀର ଉତ୍କଟ ଶୃଂଗାର ରସାତ୍ମକ କବିତାବଳୀର ସଦୁକ୍ତି-ସଂକଳୟିତା ଶ୍ରୀଧର ଦାସ ଜଣେ ଅନୁକୂଳ ପାଠକ ହୋଇନଥିବେ ।" ଏହାଛଡ଼ା ଗୋବର୍ଦ୍ଧନାଚାର୍ଯ୍ୟ ତାଙ୍କ 'ଆର୍ଯ୍ୟସପ୍ତଶତୀ'ରେ ଯୁବରାଜ ଲକ୍ଷ୍ମଣ-ସେନଙ୍କ ପ୍ରଶସ୍ତି ସୂଚକ ("ସକଳକଳାଃକଳୟିତୁ—ସେନକୁଳ-ତିଳକ-ଭୂପତିରେକୋ—") ଯେଉଁ ଶ୍ଲୋକଟି ରହିଛି, ସେ ବିଷୟ ଆଗରୁ କୁହାଯାଇଛି । ଏହାଛଡ଼ା 'ଶେଖ୍-ସୁଭୋଦୟା' ପ୍ରଭୃତିରେ ଗୋବର୍ଦ୍ଧନାଚାର୍ଯ୍ୟ ଲକ୍ଷ୍ମଣସେନଙ୍କ ସଭାସଂଗେ ସଂପୃକ୍ତଥିବା ବିଷୟରେ ବହୁ ସାକ୍ଷ୍ୟ ମିଳେ ।

ଧୋୟୀ କବିରାଜ ତ ଲକ୍ଷ୍ମଣସେନଙ୍କ ପୃଷ୍ଠପୋଷକତା ଲାଭ କରିଥିବା କଥା ନିଜେ ସ୍ୱୀକାର କରି "ପବନଦୂତ"ରେ ଲେଖିଛନ୍ତି :—"ଦୃଷ୍ଟ୍ୱା ଭୁବନ ବିଜୟେ ଲକ୍ଷ୍ମଣଂ କ୍ଷୌଣିପାଳମ୍ ।" ଧୋୟୀ କବିଙ୍କ "ପବନ ଦୂତ"ର ନାୟକ ଥିଲେ ଯୁବରାଜ ଲକ୍ଷ୍ମଣସେନ । ଲକ୍ଷ୍ମଣସେନ ଦାକ୍ଷିଣାତ୍ୟ ବିଜୟରେ ଧୋୟୀ କବିରାଜ ଯାଇଥିବା ବିଷୟକୁ ( ବୋଧହୁଏ ଯୁବରାଜ ଥିବାବେଳେ) ଓ ଶରଣ ଆଶ୍ରୟ କରି ଏ କାବ୍ୟଟି ରଚିତ । ଏଇ 'ପବନଦୂତ'ରୁ ସୂଚନା ମିଳେ ଯେ ଲକ୍ଷ୍ମୀନାରାୟଣହିଁ ଥିଲେ ଲକ୍ଷ୍ମଣସେନଙ୍କ କୁଳ-ଦେବତା ଏବଂ ବାରନାରୀମାନଙ୍କର ନୃତ୍ୟଗୀତରେ ମହାସମାରୋହରେ ତାଙ୍କର ଅର୍ଚ୍ଚନା ହେଉଥିଲା । ଶରଣ ମଧ୍ୟ ଲକ୍ଷ୍ମଣସେନଙ୍କର ଅନ୍ୟତମ ସଭାକବି ଥିବା କଥା ସଦୁକ୍ତି ଏବଂ ଜହ୍ଲଣଦେବଙ୍କ କୃତି ଇତ୍ୟାଦିରୁ ଜଣାପଡ଼େ, ଏହାର ସୂଚନା ପୂର୍ବେ ଦିଆଯାଇଛି ।

*"କବି ଜୟଦେବ ଓ ଶ୍ରୀ ଗୀତଗୋବିନ୍ଦ"—ଶ୍ରୀ ହରେକୃଷ୍ଣ ମୁଖୋପାଧ୍ୟାୟ

ଏଇସବୁ ଅଲଂଘ୍ୟ କାରଣରୁ ଲକ୍ଷ୍ମଣସେନଂକଠାରୁ ଜୟଦେବ, ଉମାପତି ଧର, ଆଚାର୍ଯ୍ୟ ଗୋବର୍ଦ୍ଧନ, ଧୋୟୀ ଓ ଶରଣ ଏ କବି ପଂଚକଙ୍କୁ ବିଚ୍ଛିନ୍ନ କରିବାକୁ ଯିବା ବାତୁଳତା ମାତ୍ର । ଜୟଦେବ ନିଜ କାବ୍ୟକୃତି ଗୀତ-ଗୋବିଂଦର ଚତୁର୍ଥ ପଂକ୍ତିରେ ଯେଉଁ ଗୋବର୍ଦ୍ଧନାଚାର୍ଯ୍ୟ, ଉମାପତି ଧର, ଧୋୟୀ କବିରାଜ ଏବଂ ଶରଣଂକ କଥା ଲେଖି ସେମାନଂକ ସଂଗେ ନିଜକୁ ତୁଳନା କରିଛଂନ୍ତି ସେମାନେ ନିଶ୍ଚିତଭାବରେ ଏକ କବି ଚତୁଷ୍ଟୟ, ଏଥିରେ କୌଣସି ସଂଦେହ ନାହିଁ ।

## ଅନ୍ୟ କେତେକ ଅକାଟ୍ୟ ପ୍ରମାଣ

'ସଦୁକ୍ତିକର୍ଣାମୃତ'ରେ ଜୟଦେବଂକ ଗୀତଗୋବିଂଦର ପ୍ରଥମ ଶ୍ଳୋକଟିର ସମସ୍ୟାପୂର୍ତ୍ତି ଛଳରେ ଲକ୍ଷ୍ମଣସେନ ଏବଂ ତାଂକ ପୁତ୍ର କେଶବସେନଂକ ଦ୍ଵାରା ରଚିତ ଦୁଇଟି ଶ୍ଳୋକ ଦେଖିବାକୁ ପାଉ । ଏଥିରୁ ସ୍ପଷ୍ଟ-ବୁଝାଯାଉଛି ଯେ, ଏ ତିନିହେଁ ଏକତ୍ର ବସି ସମସ୍ୟାପୂର୍ତ୍ତି ଉଦ୍ଦେଶ୍ୟରେ ଏ ଶ୍ଳୋକଟିର ସୂତ୍ରଧରି ଭିନ୍ନ ଭିନ୍ନ ପ୍ରକାରେ ଶ୍ଳୋକ ରଚନା କରିଥିଲେ ।

ଜୟଦେବକୃତ ଗୀତଗୋବିଂଦର ପ୍ରଥମ ଶ୍ଳୋକଟି ହେଉଛି :—

"ମେଘୈର୍ମେଦୁରମଂବରଂ ବନଭୁବଃ ଶ୍ୟାମଲସ୍ତମାଲ ଦ୍ରୁମୈ
ନକ୍ତଂ ଭୀରୁରୟଂ ତ୍ଵମେବ ତଦିମଂ ରାଧେ ଗୃହଂ ପ୍ରାପୟ ।
ଇତ୍ଥଂ ନଂଦ-ନିଦେଶତଶ୍ଚଲିତୟୋଃ ପ୍ରତ୍ୟଧ୍ଵ କୁଂଜଦ୍ରୁମଂ
ରାଧାମାଧବୟୋର୍ଜୟଂତି ଯମୁନାକୂଳେ ରହଃ କେଳୟଃ ।" ୧ ।

(ଅର୍ଥାତ୍—"ମେଘମେଦୁର ଆକାଶ, ତାଳିତମାଳ ଶ୍ୟାମଳ ବନଭୂମି, ଘୋଟି ଆସୁଛି ଘୋର ରାତ୍ରି । ଆଗୋ ରାଧା ! ଭୟଭୀତ ଶ୍ରୀକୃଷ୍ଣଂକୁ ତୁମେ ଘରେ ପହଂଚାଇ ଦେଇ ଆସ । ନଂଦଂକର ଏଇ ଆଦେଶକ୍ରମେ ରାଧା-ମାଧବ ଦୁହେଁ ନିଭୃତରେ ମିଳିତ ହେଲେ । ଜୟ ହେଉ ରାଧା-ମାଧବଂକର ଏଇ ପ୍ରେମ-ଲୀଳା ।"

ଏଇ ଶ୍ଳୋକରେ "ନଂଦ-ନିଦେଶତଃ" ଥିବାରୁ ବୁଝିବାକୁ ହେବ ଯେ ଶ୍ରୀକୃଷ୍ଣଂକର ପାଳକ-ପିତା ନଂଦ-ଗୋପଂକ ନିର୍ଦ୍ଦେଶରେ, (ଅବଶ୍ୟ ତାଂକର ଅଜ୍ଞାତସାରେ) ମେଘାଚ୍ଛନ୍ନ ବର୍ଷାରାତିରେ ଶ୍ୟାମଳ ବନଭୂମିଘେରା ଯମୁନା-କୂଳରେ ରାଧା ଓ କୃଷ୍ଣଂକର ମିଳନ-ସଂଗମ ଘଟିଥିଲା । ଏଥିରେ ନଂଦରାଜା

'କୁଟ୍‌ଟିନୀ' ଦୋଷରେ ଭାଗୀ ହୋଇ ପଡ଼ୁଛନ୍ତି । ତାଙ୍କର ସେହି ଦୋଷକ୍ଷାଳନ କରିବା ପାଇଁ ହୁଏତ ଲକ୍ଷ୍ମଣ ସେନ ଓ କେଶବ ସେନ ଦୁଇଟି ଶ୍ଲୋକ ରଚନା କରିଥିଲେ । କେଶବ ସେନ ରଚିତ ଶ୍ଲୋକଟି ହେଉଛି ଏଇପରି :—

"ଆହୂତାଦ୍ୟ ମୟୋତ୍ସବେ, ନିଶି ଗୃହଂ ଶୂନ୍ୟଂ ବିମୁଚ୍ୟାଗତା,
କ୍ଷୀବଃ ପ୍ରେଷ୍ୟଜନଃ, କଥଂ କୁଳବଧୂରେକାକିନୀ ଯାସ୍ୟତି ?
ବତ୍ସ, ତ୍ୱଂ ତଦମାଂ ନୟାଳୟମ୍, ଇତି ଶ୍ରୁତ୍ୱା ଯଶୋଦାଗିରୋ
ରାଧାମାଧବୟୋର୍ଜୟନ୍ତି ମଧୁର-ସ୍ମେରାଳସା ଦୃଷ୍ଟୟଃ ।"

(କେଶବସେନଦେବସ୍ୟ)

(ଅର୍ଥାତ୍ "ଯଶୋଦା ଶ୍ରୀକୃଷ୍ଣଙ୍କୁ କହୁଛନ୍ତି, ମୋ' ଆହ୍ୱାନରେ ଆଜିର ଏ ଉତ୍ସବରେ ଯୋଗ ଦେବାକୁ ରାଧା ଏଇ ରାତିରେ ଶୂନ୍ୟଘର ଛାଡ଼ି ଚାଲି ଆସିଛନ୍ତି । ଭୃତ୍ୟଗଣ ସୁରାପାନ କରି ମତ୍ତ ହୋଇଛନ୍ତି । କୁଳବଧୂ ଏକାକିନୀ କିପରି ଯିବ ? ବତ୍ସ, ତୁ ଯାଇ ତାଙ୍କୁ ଘରେ ଛାଡ଼ିଦେଇ ଆସ । ଯଶୋଦାଙ୍କର ଏଇ କଥା (ଯଶୋଦାଗିରୋ) ଶୁଣି ରାଧାମାଧବଙ୍କର ଇଷତ୍ ବିକଶିତ ହାସ୍ୟ-ସମନ୍ୱିତ ଅଳସ ଦୃଷ୍ଟି ଜୟଯୁକ୍ତ ହେଉ ।")

ମାତ୍ର କେଶବ ସେନଙ୍କ ଶ୍ଲୋକଟିରେ 'ଯଶୋଦାଗିରୋ' ଥିବା ଦୃଷ୍ଟିରୁ ଏହା ମଧ୍ୟ 'ନନ୍ଦ-ନିଦେଶତଃ' ଭଳି ରାଧା ଓ କୃଷ୍ଣଙ୍କ ମିଳନ ମୈଥୁନରେ ଯଶୋଦା ଅଜ୍ଞାତବଶତ ସହାୟତା କରିଥିବା କଥା ସୂଚିତ କରୁଛି ଯାହା ଫଳରେ ଯଶୋଦା ମଧ୍ୟ ଦୂତୀ-ଦୋଷରେ ଦୋଷୀ ହୋଇପଡ଼ୁଛନ୍ତି । ତେଣୁ ନନ୍ଦ ଓ ଯଶୋଦା ଉଭୟଙ୍କୁ କୁଟ୍‌ଟିନୀ-ଦୋଷରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ସ୍ୱୟଂ ଲକ୍ଷ୍ମଣସେନ ନିଜେ ଗୋଟିଏ ଶ୍ଲୋକ ରଚନା କରିଦେଇ ଏଇ ସମସ୍ୟାର ସମାଧାନ କରି ଦେଇଛନ୍ତି । ତାଙ୍କ ରଚିତ ଶ୍ଲୋକଟି ହେଉଛି ଏଇ :—

"କୃଷ୍ଣ ! ତ୍ୱଦ୍‌ବନମାଲୟା ସହକୃତଂ କେନାପି କୁଞ୍ଜୋଦରେ
ଗୋପୀକୁନ୍ତଳବର୍ହଦାମ—ତଦିଦଂ ପ୍ରାପ୍ତଂ ମୟା; ଗୃହ୍ୟତାମ୍ ।"
—ଇତ୍ଥଂ ଦୁଗ୍ଧମୁଖେନ ଗୋପଶିଶୁନାଖ୍ୟାତେ, ତ୍ରପାନମ୍ରୟୋ
ରାଧାମାଧବୟୋର୍ଜୟନ୍ତି ବଳିତ-ସ୍ମେରାଳସା ଦୃଷ୍ଟୟଃ ।"

(ଲକ୍ଷ୍ମଣ ସେନଦେବସ୍ୟ)

(ଅର୍ଥାତ୍ "କୃଷ୍ଣ ! ଗୋଟିଏ କୁଞ୍ଜ ମଧ୍ୟରେ ଗୋପୀ-କୁନ୍ତଳ ଜଡ଼ିତା ଶିଖିଚନ୍ଦ୍ରକାଗୁଚ୍ଛ ସହ ତମ ବନମାଳ ପାଇଚି, ଏଇ ନିଅ ।" କୋଉଁସି

ଦୁଗ୍ଧମୁଖ ଗୋପଶିଶୁ ଏହା କହିବାରୁ ରାଧାମାଧବଂକ ବଦନ ଲଜ୍ଜାନତ ହେଲା । ରାଧାମାଧବଂକର ସେଇ ସ୍ନେହାଳସ ଦୃଷ୍ଟିର ଜୟ ହେଉ । )

ଏ ଉକ୍ତନୋଟି ଯାକ ଶ୍ଲୋକର ଚତୁର୍ଥ ଧାଡ଼ି ପ୍ରାରଂଭରେ "ରାଧାମାଧବ-ଯୋର୍ଜୟଂତି" ପଦଟି ଥିବାରୁ ସ୍ପଷ୍ଟ ଅନୁମାନ ହୁଏ ଯେ ଉକ୍ତନୋଟି ଯାକ ଶ୍ଲୋକ ହିଁ ଯେପରି ଏଇ ପଦଟିକୁ ଶେଷ ଧାଡ଼ିରେ ରଖି ସମସ୍ୟାପୂର୍ତ୍ତି ଛଳରେ ରଚିତ ହୋଇଛି । ଡ଼ଃ ସୁନୀତି ଚାଟାର୍ଜି କହଂତି, "ହୁଏତ ରାଜା ଲକ୍ଷ୍ମଣ ସେନ ସମସ୍ୟା ସ୍ୱରୂପ "ରାଧାମାଧବଯୋର୍ଜୟଂତି" ପଦଟି ଦେଇ ସଭାସ୍ଥ କବିମାନଂକୁ ଆହ୍ୱାନ କରିଥିବେ ଏଇ ବାକ୍ୟାଂଶଟିକୁ ଚତୁର୍ଥ ପଦର ଆରଂଭରେ ସନ୍ନିବେଶିତ କରି ଶ୍ଲୋକ ରଚନା କରିବାକୁ ହେବ, କିଂବା କବି ଜୟଦେବଂକ 'ଗୀତଗୋବିଂଦ'ର ଏଇ ପ୍ରଥମ ଶ୍ଲୋକଟି ପଢ଼ି ପ୍ରୀତ ହୋଇ ସେ ଓ ଯୁବରାଜ କେଶବସେନ ନିଜେ ସେଇ ବିଷୟରେ ଶ୍ଲୋକ ରଚନା କରି କବିଂକ ସମ୍ମାନିତ କରିଥିବେ ।* ଅନ୍ୟ ଗୋଟିଏ କାରଣ ହୋଇପାରେ ଜୟଦେବ ଓ କେଶବ ସେନଂକ ଶ୍ଲୋକ ଦୁଇଟିରେ ଥିବା ଯଥାକ୍ରମେ ନଂଦ ଓ ଯଶୋଦାଂକର ଦୃଷ୍ଟି-ଦୋଷ କ୍ଷାଳନ କରିବା ପାଇଁ ନିଜେ ସେନ୍‌ରାଜା ହୁଏତ ଗୋଟିଏ ଶ୍ଲୋକ ରଚନା କରି ଉଭୟ ଶ୍ଲୋକର ସମସ୍ୟା ସମାଧାନ କରି ଦେଇଛଂତି ଏବଂ ରାଧା କୃଷ୍ଣଂକର ଗୋପନ ମିଳନ-ରହସ୍ୟ କିପରି ପ୍ରକାଶ ହୋଇ ପଡ଼ିଛି ତାହିଁର ସୂଚନା ଦେଇଛଂତି ।

ଏଠାରେ ସ୍ମରଣୀୟ ଯେ ନଂଦ ରାଜାଂକର କୁତ୍ସିତ-ଦୋଷ କ୍ଷାଳନ କରିବା ପାଇଁ ଗୌଡ଼ୀୟ ବୈଷ୍ଣବମାନଂକ ତରଫରୁ ବାରଂବାର ଚେଷ୍ଟା କରାଯାଇଛି । ରାଣା କୁଂଭଂକ ସଭାର ପଂଡିତମାନେ କୁଂଭ-ରାଣାଂକ ନାମରେ ପ୍ରଚଳିତ "ରସିକପ୍ରିୟା" ନାମରେ 'ଗୀତଗୋବିଂଦ'ର ଯେଉଁ ଟୀକା ପ୍ରଣୟନ କରିଛଂତି, ସେଥିରେ 'ନଂଦ ନିଦେଶତଃ' ପଦର ଅନ୍ୟ ପ୍ରକାର ଅର୍ଥ କରାଯାଇଛି, ଯଥା, ନଂଦ ଅର୍ଥ ମିଳନ-ଆନଂଦ ଉଦ୍ଦେଶ୍ୟରେ—ନଂଦ ରାଜାଂକ ଆଦେଶରେ ନୁହେଁ, ରାଧାକୃଷ୍ଣଂକର ମିଳନ ଘଟିଥିଲା । ମାତ୍ର ଏଇ ଅର୍ଥାଂତର ସଂପୂର୍ଣ ସାଂପ୍ରଦାୟିକ ଏବଂ ସାଧାରଣ ପାଠକେ ଏହାକୁ ଗ୍ରହଣ କରିବେ ନାହିଁ ।

କୁଂଭ-ରାଣାଂକ ଟୀକାରେ ମେଘାଦିକୁ ଉଦ୍ଦୀପନ ବିଭାବ, ଶ୍ରୀରାଧାଂକୁ ଆଲଂବନ ବିଭାବ ଏବଂ ଶ୍ରୀକୃଷ୍ଣଂକ ଭୀରୁତାକୁ ଅନୁଭାବ ରୂପେ ବ୍ୟାଖ୍ୟା କରାଯାଇଛି ।

---

* ସାଂସ୍କୃତିକୀ—୨ୟ ଖଂଡ଼ ।

ସଦୁକ୍ତି ଛଡ଼ା ଶ୍ରୀରୂପ ଗୋସ୍ୱାମୀଂକ 'ପଦ୍ୟାବଳୀ'ରେ ମଧ୍ୟ ଏଇ ଦୁଇଟିଯାକ ଶ୍ଳୋକ ଉଦ୍ଧୃତ ହୋଇଚ । ମାତ୍ର ସେଥିରେ ଦୁଇଟିଯାକ ଶ୍ଳୋକହିଁ ଲକ୍ଷ୍ମଣସେନଂକ ଦ୍ୱାରା ରଚିତ ବୋଲି ଲେଖାଯାଇଚି । 'ପଦ୍ୟାବଳୀ' କିନ୍ତୁ ପରବର୍ତ୍ତୀ ଯୁଗର ସଂକଳନ ।

## ସଦୁକ୍ତିକର୍ଣାମୃତ

ସଦୁକ୍ତି କର୍ଣାମୃତ ଲକ୍ଷଣସେନଂକ ପୁତ୍ର କେଶବ ସେନଂକ ଅମଳରେ ଶ୍ରୀଧର ଦାସଂକ ଦ୍ୱାରା ସଂକଳିତ ଗ୍ରଂଥ । ଶ୍ରୀଧର ଦାସଂକ ପିତା ବଟୁ ଦାସ ଲକ୍ଷ୍ମଣସେନଂକର ଜଣେ ମହାସାମଂତ ଓ ପ୍ରିୟପାତ୍ର ଥିଲେ । ଗ୍ରଂଥ-ସଂକଳୟିତା ଶ୍ରୀଧରଦାସ ଗ୍ରଂଥାରଂଭରେ ନାରାୟଣଙ୍କୁ ନମସ୍କାର କରି ମଂଗଳାଚରଣ ପୂର୍ବକ, ପଂଚଶ୍ଳୋକ-ମୟ 'ପ୍ରସ୍ତାବ' (ଭୂମିକା)ରେ ନିଜର ପରିଚୟ ଦେଇଛଂତି । ସେଥିରେ ସେ ନିଜ ପିତା ବଟୁ ଦାସଂକ ବିଷୟରେ ଲେଖିଛଂତି ଯେ "ଶୌର୍ଯ, ତପ, ଜ୍ଞାନ, ଦାନ, ଇଂଦ୍ରିୟଜୟ, ଶତ୍ରୁଜୟ, ଯୋଗ, କ୍ଷମା ପ୍ରଭୃତି ନାନା ଗୁଣର ଆକର ଜୀବନ୍ମୁକ୍ତ ମହାରାଜ ଲକ୍ଷ୍ମଣସେନଂକର ପ୍ରତିରାଜ, ଅର୍ଥାତ୍ ରାଜାକଂର ଖାସ୍-ମୁନ୍‌ସୀ ଥିଲେ ବଟୁଦାସ । ବଟୁଦାସ ତତ୍‌କର୍ତ୍ତୃକ ମହାସାମଂତ ପଦରେ ବୃତ ହୋଇଥିଲେ ଏବଂ ତାକଂର ଅନୁପମ ପ୍ରେମର ଏକମାତ୍ର ପାତ୍ର ଏବଂ ସଖା ପଦବୀକୁ ଉନ୍ନୀତ ହୋଇଥିଲେ । ଗ୍ରଂଥସମାପ୍ତିରେ ସେ ସଂଗୃହୀତ ଶ୍ଳୋକଗୁଡ଼ିକର ସଂଖ୍ୟା ଦେଇଛଂତି ଏବଂ ଗ୍ରଂଥସମାପ୍ତିର ତାରିଖ ଦେଇଛଂତି—"ଶକାବ୍ଦ ସପ୍ତବିଂଶତ୍ୟଧିକ-ଶତୋପେତଦଶଶତ" ଅର୍ଥାତ୍ ୧୧୨୭ ଶକାବ୍ଦ, ୨୦ ଫାଲ୍‌ଗୁନ,—ଖ୍ରୀଷ୍ଟାବ୍ଦ ୧୨୦୬, ଫେବୃଆରୀ ୧୧ ତାରିଖ ।

ଏଇ ସଂକଳନଟିରେ ପାଂଚଟି ପ୍ରବାହ ଅଛି । ଯଥା ଅମର (ବା ଦେବ) ପ୍ରବାହ, ଶୃଂଗାର ପ୍ରବାହ, ଚାଟୁ ପ୍ରବାହ, ଅପଦେଶ ପ୍ରବାହ ଏବଂ ଉଚ୍ଚାବଚ ପ୍ରବାହ । ପ୍ରତ୍ୟେକ ପ୍ରବାହ କେତେଗୁଡ଼ିଏ 'ବୀଚି'ରେ ବିଭକ୍ତ । ପ୍ରତ୍ୟେକଟି ବୀଚିରେ ୫ଟି କରି ଶ୍ଳୋକ ଅଛି । ଅମର ପ୍ରବାହରେ ଦେବତାଗଣ ଏବଂ ସେମାନଂକ ଲୀଳା ବିଷୟକ ଶ୍ଳୋକମାନ ରହିଚ । ଦ୍ୱିତୀୟ ବା ଶୃଂଗାର ପ୍ରବାହରେ ପ୍ରେମ ଓ ନାୟକ-ନାୟିକା ବିଷୟକ ଶ୍ଳୋକାବଳୀ ଏବଂ ପ୍ରେମିକ-ପ୍ରେମିକାଂକର ନାନା ଭାବ ଓ ଅବସ୍ଥା ଏବଂ ପ୍ରକୃତି ଓ ଷଡ଼ଋତୁର ବର୍ଣନା ବିଷୟକ ଶ୍ଳୋକମାନ

ସନ୍ନିବେଶିତ ହୋଇଛି । ତୃତୀୟ ବା ଶୃଙ୍ଗାର ପ୍ରବାହରେ ରାଜା ଓ ବୀରର ଦେହ ଓ ଶକ୍ତି, ଚତୁରଂଗ ସେନା, ଅସ୍ତ୍ର, ବୀରତ୍ୱ, ତୂର୍ଯ୍ୟଧ୍ୱନି, ଯୁଦ୍ଧ, ଶତ୍ରୁ, କୀର୍ତ୍ତି ଇତ୍ୟାଦିର ବର୍ଣ୍ଣନା ଓ ପ୍ରଶଂସା । ଚତୁର୍ଥ ବା ଅପଦେଶ ପ୍ରବାହରେ ନାନା ଦେବତାଙ୍କ ଦୋଷଗୁଣ, ଏବଂ ବହୁବିଧ ପାର୍ଥିବ, ପ୍ରାକୃତିକ ବସ୍ତୁ, ବୃକ୍ଷଲତା,ପଶୁପକ୍ଷୀ, ପୁଷ୍ପାଦିର ବର୍ଣ୍ଣନାମୟ ଶ୍ଲୋକ ଅଛି । ପଂଚମ ବା 'ଉଚ୍ଚବାଚ' ପ୍ରବାହରେ ନାନାବିଧ ବିଷୟରେ ଶ୍ଲୋକ ଅଛି—ମନୁଷ୍ୟ, ଅଶ୍ୱ, ଗୋ, ନାନା ପକ୍ଷୀ, ଦେଶ, କବି ପ୍ରଭୃତି ବହୁ ପ୍ରକୀର୍ଣ୍ଣ ବସ୍ତୁ, ସ୍ଥାନ, ଗୁଣ ଓ ଅବସ୍ଥା ପ୍ରଭୃତିର ବର୍ଣ୍ଣନା । ଗ୍ରଂଥ ଶେଷରେ ସଂକଳୟିତା ମୋଟ ଶ୍ଲୋକ ସଂଖ୍ୟା ଦେଇଛଂତି ୨୩୮୦, ବୀଚିସମୂହର ସଂଖ୍ୟା ଦେଇଛଂତି ୪୭୬ । ୧

ସଦୁକ୍ତି କର୍ଣ୍ଣାମୃତ ଯେ ବିଶେଷ ଜନପ୍ରିୟ ଗ୍ରଂଥ ଥିଲା ଏହାର ପ୍ରମାଣ ଏହାର ବହୁର ଖଂଡ ପୋଥି ମିଳିଚି । ଏ ଗ୍ରଂଥ ଉପରେ ୧୮୭୬ ଖ୍ରୀଷ୍ଟାବ୍ଦରେ ରାଜା ରାଜେନ୍ଦ୍ର-ଲାଲ ମିତ୍ର ଏବଂ ୧୮୮୦ ଖ୍ରୀଷ୍ଟାବ୍ଦ ବେଳକୁ ଜର୍ମାନ ପଂଡିତ **Aufrecht** ଦୁଇ ଖଂଡ ପୋଥି ନେଇ ଆଲୋଚନା କରଂତି ଏବଂ ଜର୍ମାନ ଭାଷାରେ ଦୁଇଟି ପ୍ରବଂଧ ଲେଖି ମିଃ ଆଫ୍ରେଚଟ୍ ଏହାକୁ ଭାରତ ବାହାରେ ପରିଚିତ କରାଂତି । ୧୯୧୨ ଖ୍ରୀଷ୍ଟାବ୍ଦରେ କଲିକତାର ଏସିଆଟିକ୍ ସୋସାଇଟି ଅଫ୍ ବେଂଗଲଂକ ଦ୍ୱାରା ପଂଡିତ ରାମାବତାର ଶର୍ମାଂକ ସଂପାଦନାରେ ଆଂଶିକ ଏ ଗ୍ରଂଥଟି ପ୍ରଥମ ଭାଗରେ ପ୍ରକାଶିତ ହୁଏ । ୧୯୩୩ ମସିହାରେ ଇଂରାଜୀ ଭୂମିକା ସମେତ ଏଇ ସଂକଳନଟି ଲାହୋରର ମୋତିଲାଲ ବେନାରସୀଦାସଂକ ସଂସ୍କୃତ ପୁସ୍ତକାଳୟରୁ ପଂଡିତ ରାମାବତାର ଶର୍ମା ଓ ପଂଡିତ ହରଦତ୍ତ ଶର୍ମାଂକ ସଂପାଦନାରେ ସଂପୂର୍ଣ୍ଣ ପ୍ରକାଶିତ ହୁଏ । ୧୯୬୫ ଖ୍ରୀଷ୍ଟାବ୍ଦରେ ଅଧ୍ୟାପକ ଶ୍ରୀ ସୁରେଶଚନ୍ଦ୍ର ବନ୍ଦୋପାଧ୍ୟାୟଂକ ସଂପାଦନାରେ ନାଗରୀ ଲିପିରେ ସଂପୂର୍ଣ୍ଣ ଗ୍ରଂଥଟିର ଏକ ନୂତନ ସଂସ୍କରଣ କଲିକତାର ଫାର୍ମା କେ. ଏଲ୍. ମୁଖୋପାଧ୍ୟାୟଂକ ଦ୍ୱାରା ପ୍ରକାଶ କରାଯାଇଚି ।

'ସଦୁକ୍ତି'ରେ ସନ୍ନିବିଷ୍ଟ ଶ୍ଲୋକଗୁଡ଼ିକର ରଚୟିତା ହିସାବରେ ପ୍ରାୟ ୫୦୦ ଜଣ ବିଭିନ୍ନ କବିଂକ ନାମ ଉଲ୍ଲିଖିତ ହୋଇଛି । କେତେକ କବିଂକ ନାମ ଶ୍ରୀଧର ଦାସ ଜାଣି ନ ଥିଲେ ବା ପାଇପାରି ନ ଥିଲେ । ସେମାନଂକୁ 'କସ୍ୟଚିତ୍' (କନୈକ ଲେଖକ) ବୋଲି ଅଭିହିତ କରାଯାଇଛି । କବିମାନଂକ ମଧ୍ୟରେ ଅମରୁ, କାଳିଦାସ,

---

* ସାଂସ୍କୃତିକୀ—୨ୟ ଖଂଡ, ଡଃ ସୁନୀତିକୁମାର ଚ୍ୟାଟାର୍ଜି

(୧) Ibid—(p. 82)

ଦଣ୍ଡୀ, ପାଣିନି, ପ୍ରବରସେନ, ବାଣ, କହ୍ଲଣ, ଭର୍ତ୍ତୃହରି, ଭବଭୂତି, ଭାମହ, ଭାରବି, ଭାସ, ଭୋଜଦେବ, ମୁଞ୍ଜ, ରାଜଶେଖର, ବରାହମିହିର, ବାକ୍‌ପତିରାଜ, ବିଶାଖଦତ୍ତ, ଶିହ୍ଲଣ, ଶ୍ରୀହର୍ଷ ପ୍ରଭୃତି ବଙ୍ଗଦେଶ ବାହାରର କେତେକ ପ୍ରଥିତଯଶା କବି ଅଛନ୍ତି । କିନ୍ତୁ ଏଇ ୪୦୦ ଜଣ କବିଙ୍କ ମଧ୍ୟରେ, ସେମାନଙ୍କ ନାମ ଦେଖି ଯାହା ମନେ ହୁଏ,—ପ୍ରାୟ ଅର୍ଦ୍ଧେକରୁ ଉପରେ କବି ଗୌଡ଼-ବଙ୍ଗର କବି ବୋଲି ଡଃ ସୁନୀତି ଚାଟାର୍ଜି ମନେ କରନ୍ତି । ଯେପରି ଗୋସୋକ, ଗଙ୍ଗୋକ, ଜୟୋକ ଜିୟୋକ, ବଙ୍ବୋକ, ଦନୋକ, ପୁଣ୍ଡ୍ରୋକ, ଶୁଙ୍ଗୋକ, ହାରୋକ ଇତ୍ୟାଦି । (ଏଇ ସବୁ ନାମରେ ବାହ୍ୟତ ସଂସ୍କୃତ କ-କାରାନ୍ତ ପଦ ଯୋଗ କରି ଦେଖାଇବା ପ୍ରଥା ଚଳି ଆସୁଥିଲା । )

ସଦୁକ୍ତିରେ ସଂକଳିତ ଶ୍ଳୋକମାନଙ୍କ ମଧ୍ୟରେ ଜୟଦେବ, ଗୋବର୍ଦ୍ଧନାଚାର୍ଯ୍ୟ ଉମାପତିଧର, ଶରଣ ଓ ଧୋୟୀ ପ୍ରଭୃତି କବିପଞ୍ଚକର ବହୁ କବିତା ସନ୍ନିବିଷ୍ଟହୋଇ ରହିଛି । ଷୋଡଶ ଶତକର ଶ୍ରୀରୂପ ଗୋସ୍ୱାମୀଙ୍କ 'ପଦ୍ୟାବଳୀରେ' ଗୋଟିଏ ଶ୍ଳୋକ 'ଶରଣସ୍ୟ' ଅର୍ଥାତ୍ ଶରଣ-କବିଙ୍କ ରଚିତ ବୋଲି ଚିହ୍ନିତ ହୋଇଥିବା ସ୍ଥଳେ ସଦୁକ୍ତିରେ ତାହା 'କସ୍ୟଚିତ୍' ବୋଲି ଉକ୍ତ ହୋଇଛି । ଏ ଗ୍ରନ୍ଥରେ ପୂର୍ବବଙ୍ଗର ସ୍ତ୍ରୀମାନଙ୍କର ସାଜସଜ୍ଜା ବର୍ଣ୍ଣନା କରି କେତେକ ଶ୍ଳୋକ ଦେଖାଯାଏ । ଯଥା—

ବାସଃ ସୂକ୍ଷ୍ମଂ ବପୁଷି ଭୁଜୟୋଃ କାଞ୍ଚନୀ ଚାଙ୍ଗଦଶ୍ରୀଃ
ମାଲାଗର୍ଭଃ ସୁରଭି-ମସୃଣୈ ର୍ଗନ୍ଧ ତୈଳୈଃ ଶିଖଣ୍ଡଃ ।
କର୍ଣ୍ଣୋତ୍ତଂସେ ନବଶଶିକଳା ନିର୍ମଳଂ ତାଳପତ୍ରଂ—
ବେଶଃ କେଷାଂ ନ ହରତି, ମନୋ ବଙ୍ଗବାରାଙ୍ଗଣାନାମ୍ ॥ (୨ । ୨୦ । ୪)

ପଞ୍ଚମ ବା ଉଚ୍ଚାବଚ-ପ୍ରବାହରେ 'ବାଣୀ' ଅର୍ଥାତ୍, ବାକ୍ ବା ଭାଷା ବର୍ଣ୍ଣନାରେ 'ବଙ୍ଗାଲ' (ପୂର୍ବବଙ୍ଗୀୟ) ଜଣେ କବି ନିଜ ବାଣୀକୁ ଗଙ୍ଗା ସଙ୍ଗରେ ଉପମିତ କରିଛନ୍ତି ।

ଘନରସମୟୀ ଗଭୀରା ବକ୍ରିମ-ସୁଭଗୋପଜୀବିତା କବିଭିଃ
ଅବଗାଢ଼ା ଚ ପୁନୀତେ ଗଙ୍ଗା ବଙ୍ଗାଲେ-ବାଣୀ ଚ (ବଙ୍ଗାଲସ୍ୟ)

ଏଠାରେ କବିର ନାମ ଜାଣି ନପାରି 'ବଙ୍ଗାଲସ୍ୟ' ଦିଆଯାଇଛି । ଗଙ୍ଗା ବିଷୟକ ଗୋଟିଏ ଶ୍ଳୋକ କେବଟ୍ଟ (କେଉଟ) କବି ପପୀପଙ୍କ ଲେଖନୀରୁ ମିଳେ ।

"ବର୍ଦ୍ଧାଂକଲ ନୌମି— କୁରୁ ପ୍ରସାଦମ୍, ଅପୂର୍ବମାତା ଦେବ ଗଂଗେ ।
ଅଂତେ ଜଯ଼ୁଯଂକଗଣତାଯ଼ ମହ୍ୟମ୍ ଅଦେହବଂଧାଯ଼' ପଯ଼ଃ ପ୍ରସନ୍ନ ।"

ଆହୁରି ଲକ୍ଷଣୀୟ ଯେ ବଂଗାଳୀ କବି ଉମାପତି ଧର ଉଦୀଚ୍ୟ ଅର୍ଥାତ୍ ଉତ୍ତର-ପଶ୍ଚିମ ପଂଜାବ ଅଂଚଳର ସ୍ତ୍ରୀମାନଂକୁ ପ୍ରଶଂସା କରି ଶ୍ଳୋକ ଲେଖିଛଂତି ପୁଣି ବଂଗାଳୀ କବି ଅମୃତଦତ୍ତ ନାଗର ତା ସହ ସେମାନଂକର ପ୍ରଶସ୍ତି ଗାଇଛଂତି ।

"ଉତ୍ତମାପଥ-କାଂତାନାଂ ବଂ ବ୍ରୂମୋ ରମଣୀଯ଼କମ୍,
ଯାସାଂ ତୁଷାର-ସଂଭେଦେ ନ ମ୍ଲାଯ଼ତି ମୁଖ୍ୟାଂବୁଜମ୍" (୨ । ୨୦ । ୭୨)

ଅନ୍ୟାନ୍ୟ ବଂଗୀୟ କବିଂକ ମଧ୍ୟରେ ଉମାପତି ଧର, ତିଲଚଂଦ୍ର, ଯୋଗେଶ୍ୱର ବୈଦ୍ୟ ଗଂଗାଧର ପ୍ରଭୃତି ଉଲ୍ଲେଖଯୋଗ୍ୟ ।

ଏଥିରୁ ଦେଖାଯିବ ସଦୁକ୍ତି ଗ୍ରଂଥଟି ସଂପୂର୍ଣ ବଂଗାଳୀ ଦୃଷ୍ଟି-କୋଣରୁ ବଂଗଳା ମାଟିରେ ସଂକଳିତ କାବ୍ୟ-ସଂକଳନ ।

## ଜୟଦେବ ବୈଷ୍ଣବ ନଥିଲେ

କବି ଜୟଦେବଙ୍କୁ ଜଣେ ଖାଂଟି ବୈଷ୍ଣବ ବୋଲି ଦେଖାଇବାକୁ କେତେ ଜଣ ଓଡ଼ିଆ ଗବେଷକ ସବୁବେଳେ ଚେଷ୍ଟା କରୁଛଂତି । ମାତ୍ର 'ଗୀତଗୋବିଂଦ'ରେ ଅମେ ଜୟଦେବଂକର ଯେଉଁ ପରିଚୟ ପାଉଁ ସଦୁକ୍ତିକର୍ଣାମୃତରେ ଧୃତ ତାଂକର ୩୧ଟି ଶ୍ଳୋକାବଳୀ ପଢ଼ିଲେ ସେ ଧାରଣା ବଦଳିଯାଏ । ମୁଁ 'କବିତା, ୧୯୭୨' ଗ୍ରଂଥରେ ଜୟଦେବ ଜଣେ ପଂଚୋପାସକ ସ୍ମାର୍ତ୍ତ ବ୍ରାହ୍ମଣ ଥିବା କଥା ଏଥି ପୂର୍ବରୁ ଦର୍ଶାଇଛି । ପ୍ରାୟ ୧୩ ବର୍ଷ ତଳେ 'ଝଂକାର'ର (୧୨ ଶ ଭାଗ, ୮ ମ ସଂଖ୍ୟାରେ) 'ଜୟଦେବ' ପ୍ରବଂଧରେ ମଧ୍ୟ ସେଇ କଥା କହିଥିଲି । ସଦୁକ୍ତିରେ ସନ୍ନିବିଷ୍ଟ ଜୟଦେବଂକର ୩୧ଟି କବିତା ମଧ୍ୟରୁ ମାତ୍ର ୫ଟି କବିତା ତାଂକର 'ଗୀତଗୋବିଂଦ'ରୁ ଗୃହୀତ ହୋଇଛି । ବାକି ୨୬ ଟି କବିତା ତାଂକର ଅନ୍ୟାନ୍ୟ ରଚନାରୁ ନିଆଯାଇଛି । ତନ୍ମଧ୍ୟରେ ମହାରାଜା ଲକ୍ଷ୍ମଣସେନଂକ ବଂଦନା, ବୀରରସାତ୍ମକ କବିତା, ମହାଦେବ ଓ କଲ୍କୀ ସ୍ତବ, ଯୁଦ୍ଧ, ତୂର୍ଯ୍ୟନାଦ, ଦିଗ୍‌ବିଜୟ ଇତ୍ୟାଦି ବିଭିନ୍ନ ବିଷୟରେ ଲିଖିତ କବିତାମାନ ଅଂତର୍ଗତ । ଜୟଦେବ କେବଳ ରାଧାକୃଷ୍ଣ-ବିଷୟକ ଶୃଂଗାର ରସାତ୍ମକ କାବ୍ୟର କବି ନ ଥିଲେ, ଯୁଦ୍ଧ, ବୀରତ୍ୱ, ରାଜପ୍ରଶସ୍ତି ପ୍ରଭୃତି ଅନ୍ୟ ରସର ବହୁ

କାବ୍ୟ କବିତା ମଧ୍ୟ ସେ ଲେଖିଯାଇଛନ୍ତି ବୋଲି ସଦୁକ୍ତିରୁ ପ୍ରମାଣ ମିଳେ । * ଯେପରି ଜଣାଯାଏ ସେ ଏଇ ସବୁ ବିଷୟକୁ ଆଧାର କରି ହୁଏତ ଏକାଧିକ କାବ୍ୟ ଲେଖି ଥାଇ ପାରନ୍ତି । ନଚେତ୍ ବା ଶ୍ରୀଧର ଦାସ ଏଇଥିକୁ ଶ୍ଳୋକ ଗୁଡ଼ିକ ପାଇଲେ କେଉଁଠୁ ? ଖୁବ ସମ୍ଭବତ ସେ ତାଙ୍କର ସମସାମୟିକ ଧୋୟୀ କବିରାଜଙ୍କ 'ପବନ ଦୂତ' ପରି ମହାରାଜା ଲକ୍ଷ୍ମଣସେନଙ୍କ କୀର୍ତ୍ତି ଓ ପ୍ରଶସ୍ତି-ମୂଳକ କୌଣସି କାବ୍ୟ ରଚନା କରିଥିଲେ—ଯାହା ଅଦ୍ୟାବଧି ମିଳିନାହିଁ । (୧)

ମହାଦେବଙ୍କ ସ୍ତୁତି କରି ଜୟଦେବଙ୍କର ଯେଉଁ ଶ୍ଳୋକଟି 'ସଦୁକ୍ତି'ରେ ଦିଆଯାଇଛି ତାହା ନିମ୍ନରେ ପ୍ରଦତ୍ତ ହେଲା :

"ଭୂତବ୍ୟାଜେନ ଭୂମୀମମରପୁରସରିଦ୍‌କୈତବାଦମ୍ବୁ ବିଭ୍ରୂନ୍—
ଲଲାଟାକ୍ଷିଚ୍ଛଲେନ ଜ୍ୱଲନମହିପତିଶ୍ୱାସଲକ୍ଷାତ୍ ସମୀରମ୍ ।
ବିସ୍ତୀର୍ଣ୍ଣାଘୋରବକ୍ତ୍ରୋଦରକୁହରନଭୋନାମ୍ବରଂ ପଞ୍ଚଭୂତୈ—
ର୍ବିଶ୍ୱଂ ଶଶ୍ୱଦ୍ ବିତନ୍ୱନ୍ ବିତରତୁ ଭବତଃ ସମ୍ପଦଂ ଚନ୍ଦ୍ରମୌଳିଃ ॥"

(୧ । ୪ । ୪)

'ସଦୁକ୍ତି'ରେ ଜୟଦେବଙ୍କ କଲ୍କୀ' ବନ୍ଦନା :—

"କଲ୍କୀ କଲ୍କଂ ହରତୁ ଜଗତଃ ସ୍ଫୂର୍ଜ୍ଜଦୂର୍ଜ୍ଜସ୍ୱିତେଜା
ବେଦୋଚ୍ଛେଦସ୍ଫୁରିତଦୁରିତଧ୍ୱଂସନେ ଧୂମକେତୁଃ ।
ଯେନୋତ୍‌କ୍ଷିପ୍ୟ କ୍ଷଣମସିଲତାଂ ଧୂମବତ୍ କଲ୍ପଯେଚ୍ଛାନ୍
ମ୍ଳେଚ୍ଛାନ୍ ହତ୍ୱା ଦଳିତ-କଳନାକାରି ସତ୍ୟାବତାରଃ ।" (୧ । ୧୦ । ୩)

'ସଦୁକ୍ତି'ରେ 'ବୀର' ମାନଙ୍କ ସମ୍ବନ୍ଧରେ ଜୟଦେବଙ୍କ ଶ୍ଳୋକ :—

"ଧାରୀମେକାତପତ୍ରାଂ ସମିତି କୃତବତା ଚଣ୍ଡଦୋର୍ଦ୍ଦଣ୍ଡଦର୍ପାଦ୍
ଆସ୍ଥାନେ ପାଦନମ୍ରପ୍ରତିଭଟମୁକୁଟାଦର୍ଶବିମ୍ବୋଦରେଷୁ
ଉତ୍‌କ୍ଷିପ୍ତଚ୍ଛତ୍ରଚକ୍ରଂ ପ୍ରତିଫଳିତମପି ସ୍ୱଂ ବପୁର୍ବୀକ୍ଷ୍ୟ କିଞ୍ଚିତ୍
ସାସୂୟଂ ଯେନ ଦୃଷ୍ଟାଃ କ୍ଷିତିତଳବିଲସନ୍-ମୌଳୟଃ ଭୂମିପାଳାଃ ॥

୫ । ୧୮ । ୨ । ବୀରଃ ।

---

* *Ibid* page 71

୧ । ଲକ୍ଷଣୀୟ ଯେ ଗୀତଗୋବିନ୍ଦର କୌଣସି ପଦାବଳୀ 'ସଦୁକ୍ତି' କିମ୍ବା କାଶ୍ମୀର-ସଂକଳନ 'ସୁଭାଷିତାବଳୀ'ରେ ସ୍ଥାନ ପାଇ ନାହିଁ । ବୋଧହୁଏ ଦେଶୀୟ ରୀତିରେ ରଚିତ ହୋଇଥିବାରୁ ଏବଂ ସଂସ୍କୃତ ଶ୍ଳୋକଠାରୁ ପଦାଧିକ୍ୟ ଥିବାରୁ ଏଗୁଡ଼ିକୁ ବାଦ୍ ଦିଆଯାଇଛି ।

'ସଦୁକ୍ତି'ରେ 'ବସନ୍ତ' ସଂବଧରେ ଜୟଦେବଙ୍କ ଶ୍ଳୋକ :—

"ଶିଛଂତେ ଗୃହ୍ଟୂବାଦାନ୍ ବଦ୍ଧତି ଯବସାନାନନେ କୋକଳେଷୁ
ଭ୍ରାମ୍ୟଂତି ଜ୍ୟାକଣାକଂ ବଦଧତି ଶିବରଂ କୁଞ୍ଜତେ ପର୍ବତେଷୁ ।
ଅଭ୍ୟସ୍ୟନ୍ତି ପ୍ରଣାମଂ ତ୍ୱୟି ଚଳତି ଚମୂଚନ୍ଦ୍ରବନ୍ଦାଂତଭାଜ
ପ୍ରାଣଦାଣାସ୍ତୁ ଦେବ ! ତ୍ୱଦଶନୁପତସ୍ତୃଷ୍ଣର୍ଣିରେ କାର୍ମଣାଣି ।"

୩ । ୧୯ । ୫ । "ବସନ୍ତଃ"

'ସଦୁକ୍ତି'ରେ 'ପୌରୁଷ' ବିଷୟରେ ଜୟଦେବଙ୍କ ଶ୍ଳୋକ—

"ଭୀଷ୍ମଃ କ୍ଳୀବକତାଂ ଦଧାର, ସମିତି ଦ୍ରୋଣେନ ମୁକ୍ତଂ ଧନୁଃ,
ମିଥ୍ୟା ଧର୍ମସୁତେନ ଜଲ୍ପିତମଭୂଦ୍, ଦୁର୍ଯ୍ୟୋଧନୋ ଦୁର୍ମଦଃ ।
ଛିଦ୍ରେଷ୍ୱେବ ଧନଂଜୟସ୍ୟ ବିଜୟଃ, କର୍ଣ୍ଣଃ ପ୍ରମାଦୀ ତତଃ;
ଶ୍ରୀମନ୍ନସ୍ତି ନ ଭାରତେହପି ଭବତୋ ଯଃ ପୌରୁଷୈର୍ବର୍ଦ୍ଧିତୋ ॥

୩ । ୨୦ । ୫ "ପୌରୁଷମ୍"

'ସଦୁକ୍ତି'ରେ 'ଆଶ୍ଚର୍ଯ୍ୟଖଡ୍ଗଃ" ବିଷୟକ ଜୟଦେବଙ୍କ ଶ୍ଳୋକ :—

"ଶ୍ରୀଖଂଡମୃତଃ ସରଳାଂଗଯଷ୍ଟିର୍ମାକଂଦମାମୂଳମତୋ ବହଂତି ।
ଶ୍ରୀମନ୍ ! ଭବତ୍ଖଡ୍ଗତମାଲବଲ୍ଲୀ ଚିତ୍ରଂ ରଣେ ଶ୍ରୀ ଫଲମାତନୋତି ।

୩ । ୨୧ । ୫ ଆଶ୍ଚର୍ଯ୍ୟଖଡ୍ଗଃ

'ସଦୁକ୍ତି'ରେ "ତୂର୍ଯ୍ୟଧ୍ୱନଃ" ବିଷୟକ ଜୟଦେବ-କୃତ ଶ୍ଳୋକ :—

ଗୁଂଜତ୍-କ୍ରୌଂଚନିକୁଂଜକୁଂଜରଘଟାବିସ୍ତୀର୍ଣ୍ଣକର୍ଣ୍ଣଜ୍ୱରାଃ
ପ୍ରାକ୍ପ୍ରତ୍ୟଗ୍ ଧରଣୀନ୍ଦ୍ରକଂଦରଜରତ୍ପାଥୋନ୍ଦ୍ରନିଦ୍ରାଦ୍ରୁହଃ ॥
ଲଂକାଂକର୍ଣ୍ଣିକକୁତ୍ରପ୍ରତିଧ୍ୱନିଘନାଃ ପର୍ଯ୍ୟଂତଯାତାଜୟେ
ଯସ୍ୟ ଭ୍ରେମୁରମଂଦମଂଦରରବୈରାଶାନ୍ତୁଧୋ ଘୋଷଣାଃ

। ୩ । ୩୦ । ୩ । ତୂର୍ଯ୍ୟଧ୍ୱନଃ ॥

ପୁଣି, 'ତୂର୍ଯ୍ୟଧ୍ୱନ' ବିଷୟରେ ଜୟଦେବଙ୍କ ଶ୍ଳୋକ :—

ବିଘଟ୍ଟୟନ୍ନେଷ ହଠାଦ୍କୁଂଠବୈକୁଂଠକଂଠୀରବକଂଠଗର୍ଜାନ୍ ।
ଭୟଂକରୋ ଦିକ୍କରଣାଂ ରଣାଗ୍ରେ ଭେରୀରବୋ ଭୈରବଦୁଃଶ୍ରବସ୍ତେ ॥

୩ । ୩୪ । ୫ । ତୂର୍ଯ୍ୟଧ୍ୱନଃ

ପୁଣି, "ଯସ୍ୟାବିର୍ଭୂତଭୀତପ୍ରତିଭଟପୃତନାଗର୍ଭିଣୀଭ୍ରୂଣଭାର—
ଭ୍ରଂଶପ୍ରେଶାଙ୍ଗଭୂତୈ ପ୍ଲବନମିବ ଭଜନ୍ନଂଭସାଂଭୋନିଧୀନାମ୍ ।
ସଭାରଂ ସଂଭ୍ରମସ୍ୟ ତ୍ରିଭୁବନମଭିତୋ ଭୂଭୃତାଂ ବିଭ୍ରଦୁଚ୍ଚୈଃ

ସଂରମ୍ଭୋତ୍ତୁଙ୍ଗଭୀଷଣାସ୍ୟ ପ୍ରତିରଣମଭବଦ୍ ଭୂରି ଭେରୀନିନାଦଃ । ୩ । ୩୪ । ୪

‘ସଦୁକ୍ତି’ରେ ଯୁଦ୍ଧ-ବିଷୟରେ ଜୟଦେବଙ୍କ କବିତା :—

ଶତ୍ରୂଣାଂ କାଲରାତ୍ରୌ ସମିତି ସମୁଦିତେ ବାଣବର୍ଷାନ୍ଧକାରେ
ପ୍ରାଗ୍‌ଭାରେ ଖଡ୍ଗଧାରାଂ ସରିତମିବ ସମୁତ୍ତୀର୍ଯ୍ୟ ମଗ୍ନାରିବଂଶାମ୍ ।
ଅନ୍ୟୋନ୍ୟାଘାତମତ୍ତଦ୍ୱିରଦଘନଘଟାଦନ୍ତବିଦ୍ୟୁଚ୍ଛଟାଭିଃ
ପଶ୍ୟନ୍ତୀଯଂ ସମନ୍ତାଦଭିସରତି ମୁଦା ସାଂଯୁଗୀନଂ ଜୟଶ୍ରୀଃ ॥
୩ । ୩୮ । ୩ ‘ଯୁଦ୍ଧମ୍’

‘ସଦୁକ୍ତି’ରେ ଯୁଦ୍ଧସ୍ଥଳୀ ସମ୍ବନ୍ଧରେ ଜୟଦେବଙ୍କ ଶ୍ଳୋକ —

“ନର୍ତ୍ତିନ୍ନାରାଚଧାରାଚୟଖଚିତ ପତନ୍ମତ୍ତମାତଙ୍ଗଜାତଂ
ଜାତଂ ଯସ୍ୟାରଯୋନାରୁଧିରଜଲନିଧାବନ୍ତରୀପଭ୍ରମାୟ ।
ସୁପ୍ତା ଯସ୍ମିନ୍ ରତାନ୍ତେ ସହ ଚ ସହଚରୈର୍ନୀଲବନ୍ନାଗନାସା—
ରନ୍ଧ୍ରଦ୍ୱନ୍ଦ୍ୱେ କପାଳେ ରୁଧିରମଧୁରସଂ ପ୍ରେତକାନ୍ତାଃ ପିବନ୍ତି ॥
୩ । ୪୦ । ୫

‘ସଦୁକ୍ତି’ରେ ‘ଦିଗ୍‌ବିଜୟ’-ବିଷୟକ ଜୟଦେବକୃତ ଶ୍ଳୋକ .—

“ଏକଃ ସଂଗ୍ରାମରଙ୍ଗତ୍ତୁରଗଖୁରରଜୋରାଜିଭିର୍ନଷ୍ଟଦୃଷ୍ଟିଃ
ଦିଗ୍‌ଯାଯାଜୈଷମତ୍ତଦ୍ୱିରଦଭରଣମେଦ ଭୂମିଭଗ୍ନସ୍ତଥାନ୍ୟଃ ।
ବୀରା କେ ନାମ ତସ୍ମାତ୍ ବିଜଗତି ନ ଯଯୁଃ କ୍ଷୀଣତାଂ କାଶକୁଞ୍ଜ—
ନ୍ୟାଯ୍ୟାଦ୍ ଏତେନ ମୁକ୍ତାବଭୟମଭଜତାଂ ବାସବୋ ବାସୁକିଶ୍ଚ । ୩ । ୪୦ । ୫

‘ସଦୁକ୍ତି’ରେ ସଂକଳିତ ଜୟଦେବ-କୃତ ‘ପ୍ରଶସ୍ତକୀର୍ତ୍ତିଃ’ ସମ୍ବନ୍ଧୀୟ ଶ୍ଳୋକ .—

ମଳିନୟତି ବୈରିବଦନଂ ସୁଜନଂ ରଞ୍ଜୟତି ଧବଳୟତି ଧାତ୍ରୀମ୍ ।
ଅପି କୁସୁମବିଶିଖମୂର୍ତ୍ତିର୍ଯତ୍କୀର୍ତ୍ତିଶ୍ଚିତ୍ରମାଚରତି ॥ ୩ । ୫୨ । ୫ * *

ଏହାଛଡ଼ା ବନ୍ଧୁରୂପକଶ୍ଚନ୍ଦ୍ର, ବାସକସଜ୍ଜା, ଅଧର, ରୋମାବଳୀ, ଶରତ୍‌-ଖଞ୍ଜନ, ତେଜ, ଧର୍ମ, କର, ଚରଣ, ଖଡ୍‌ଗ, ଯୁଦ୍ଧସ୍ଥଳୀ, ତୂର୍ଯ୍ୟଧ୍ୱନି, ରଥଚକ୍ର ମହାଦେବ, କଲ୍‌କୀ ଇତ୍ୟାଦି ବିଷୟରେ ଜୟଦେବ-ରଚିତ ଶ୍ଳୋକମାନ ରହିଛି—ଯେଉଁଥିରୁ ତାଙ୍କୁ ‘ପରମ ବୈଷ୍ଣବ’ କହିବା ସମ୍ଭବ ନୁହେଁ । ସେ ଥିଲେ ବାସ୍ତବରେ ଜଣେ ପଞ୍ଚୋପାସକ ସ୍ମାର୍ତ୍ତ ଏବଂ ଶୃଙ୍ଗାର ରସ ଓ ବୀର-ରସ ଉଭୟ ପ୍ରକାର କାବ୍ୟ ରଚନାରେ ସିଦ୍ଧହସ୍ତ । ଜୟଦେବଙ୍କ ଦ୍ୱାରା ପ୍ରଣୀତ ବୋଲି କୁହାଯାଉଥିବା ‘ପୀୟୂଷ ଲହରୀ’ କିମ୍ବା ‘ବୈଷ୍ଣବାମୃତ’ର କୌଣସି ଶ୍ଳୋକ ‘ସଦୁକ୍ତି’ରେ ଉଦ୍ଧୃତ ହୋଇନାହିଁ ।

*ସାଂସ୍କୃତିକା—୨ୟ ଖଣ୍ଡରୁ ଗୃହୀତ ।

## ବିରୋଧାଭାସ

କେହି କେହି ଅତିଆଗ୍ରହୀ ଓଡ଼ିଆ ଗବେଷକ ସ୍ଥାନ, କାଳ, ପ୍ରାୟ ଭୁଲି କହନ୍ତି, କେଶବ ମିଶ୍ର ତାଙ୍କର 'ଅଳଙ୍କାର ଶେଖର'ରେ ବିରୋଧାଭାସର ଦୃଷ୍ଟାନ୍ତ ଦେବାକୁ ଯାଇ 'ଜୟଦେବଙ୍କଠାରୁ ଆହୁରି ନ୍ୟୂନତର ପ୍ରତିଭା ଥାଇ ଥାଇ ସେ ଉତ୍କଳ ରାଜସଭାରେ ଉପଯୁକ୍ତ ସମ୍ମାନ ପାଇ ନ ଥିଲେ' ବୋଲି ଗୋବର୍ଦ୍ଧନାଚାର୍ଯ୍ୟଙ୍କ ଲେଖାରୁ ଯେଉଁ ଉକ୍ତିଟି ଦେଇଛନ୍ତି, ସେଥିରୁ ଜୟଦେବ ଓଡ଼ିଶା ରାଜସଭା ସହିତ ସଂପୃକ୍ତ ଥିଲେ ବୋଲି ବୁଝାଯାଇପାରିବ । କେଶବ ମିଶ୍ର ଗୋବର୍ଦ୍ଧନାଚାର୍ଯ୍ୟଙ୍କ ଲେଖାରୁ ନିମ୍ନଲିଖିତ ଉକ୍ତିଟି ବିରୋଧାଭାସର ଦୃଷ୍ଟାନ୍ତ ରୂପେ ବ୍ୟବହାର କରିଛନ୍ତି :—

"ପ୍ରାକ୍ ପ୍ରତ୍ୟେକ ପୃଥିବୀ ଭୃତୌ ପରିଷଦ ପ୍ରଖ୍ୟାତ ସଂଖ୍ୟାବତା, ମହାସ୍ଫାରିତ ଭୂତତର୍କ-କର୍କଶତୟା ବିଚ୍ଛିଦ୍ୟ ବିଦ୍ୟାମଦଂ ଯେନୈକୋତ୍କଳ ଭୂପତେଃ ତବସଭା ସମ୍ଭାବିତାଃ ପଣ୍ଡିତାଃ, ସୋଽୟ ଶ୍ରୀ ଜୟଦେବ ପଣ୍ଡିତ କବି ସ୍ତନ୍ଦ୍ରୂଦ୍ରିନ ବିନସ୍ୟନ୍ତି ।" ('ଅଳଙ୍କାର ଶେଖର')

ମାତ୍ର ଏହା ବିରୋଧାଭାସର ଦୃଷ୍ଟାନ୍ତ ରୂପେ ପ୍ରଦତ୍ତ ହୋଇଥିବାରୁ ଏଥିରୁ ବରଂ ଜୟଦେବ ଉତ୍କଳରାଜାଙ୍କ ସଭାପଣ୍ଡିତ ନଥିବା କଥାହିଁ ସୂଚିତ ହେଉଛି । କାରଣ ବିରୋଧାଭାସ ଚିରଦିନ ବିରୋଧାଭାସ । ବିରୋଧାଭାସକୁ ଯେଉଁମାନେ ସତ୍ୟ ଉକ୍ତି ବୋଲି ଗ୍ରହଣ କରନ୍ତି ସେମାନେ ବିରୋଧାଭାସର ଅର୍ଥ ବୁଝନ୍ତି କି ନାହିଁ ସନ୍ଦେହ ।

## ଗୀତଗୋବିନ୍ଦରେ ଜୟଦେବ ଚରିତ

'ଗୀତଗୋବିନ୍ଦ' କାବ୍ୟପାଠ କରି ଆମେ ଜୟଦେବଙ୍କ ସଂବଂଧରେ ଯାହା ଜାଣିପାରୁଁ, ତାହା ହେଉଛି ତାଙ୍କ ପତ୍ନୀଙ୍କ ନାମ ଥିଲା ପଦ୍ମାବତୀ । ସେ ନିଜକୁ 'ପଦ୍ମାବତୀଚରଣଚାରଣଚକ୍ରବର୍ତ୍ତୀ' ବୋଲି ସ୍ୱକାବ୍ୟରେ ଗର୍ବର ସହିତ ଉଲ୍ଲେଖ କରିଛନ୍ତି । ଏହାଛଡ଼ା ତାଙ୍କର ପରାଶର ନାମକ ଜଣେ ବନ୍ଧୁ ଥିଲେ ଯିଏ ଗୀତ-ଗୋବିନ୍ଦ ଗାନ କରୁଥିଲେ । ଜୟଦେବ ତାଙ୍କର ସମସାମୟିକ ଏବଂ ସହକର୍ମୀ ଅନ୍ୟ

---

* *Souvenir on Jayadeva—Edited by Dr. N. K. Sahu, P. 14*

ଚାରି ଜଣ କବିଙ୍କ କଥା ଉଲ୍ଲେଖ କରିଛନ୍ତି ଏବଂ ସେମାନଙ୍କ କାବ୍ୟଲକ୍ଷଣ ବୈଶିଷ୍ଟ୍ୟ ଦେଖାଇବା ସଙ୍ଗେ ସଙ୍ଗେ ନିଜ ରଚନାର ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି । ନିଜ କାବ୍ୟକୁ ସେ ସେମାନଙ୍କ ରଚନାଠାରୁ ସର୍ବଗୁଣସମ୍ପନ୍ନ ବୋଲି କହିଛନ୍ତି । ଏହାକୁ କବି-ପ୍ରଶସ୍ତି ନ କହି ବରଂ ତୁଳନାତ୍ମକ ମୂଲ୍ୟାୟନ କହିବା ଅଧିକ ସଙ୍ଗତ ହେବ । ସେ ଚାରିଜଣ କବି-ବନ୍ଧୁ ହେଉଛନ୍ତି ଉମାପତି ଧର, ଶରଣ, ଗୋବର୍ଦ୍ଧନାଚାର୍ଯ୍ୟ ଏବଂ ଧୋୟୀ କବିରାଜ । ତାଙ୍କର ପିତାଙ୍କ ନାମ ଥିଲା ଭୋଜଦେବ ଏବଂ ମାତାଙ୍କ ନାମ ଥିଲା ରାମା ଦେବୀ । ତାଙ୍କ ନିଜ ଗ୍ରାମ କେନ୍ଦୁବିଲ୍ୱର ନାମ ସେ ଗୀତ-ଗୋବିନ୍ଦରେ ଉଲ୍ଲେଖ କରିଛନ୍ତି, ଯଥା 'କେନ୍ଦୁବିଲ୍ୱ ଗ୍ରାମ ନାମାଭିଧାନ ।'

ଖ୍ରୀଷ୍ଟୀୟ ଷୋଡ଼ଶ ଶତକରେ ବ୍ରଜ-ଭାଷା ବା ପ୍ରାଚୀନ ହିନ୍ଦୀରେ ପ୍ରିୟାଜୀଦାସ-ବିରଚିତ "ଭକ୍ତମାଳ" ଗ୍ରନ୍ଥରେ ଜୟଦେବପତ୍ନୀ ପଦ୍ମାବତୀଙ୍କ ସମ୍ବନ୍ଧରେ ଏକ କାହାଣୀ ମିଳେ । ସେଥିରେ କୁହାଯାଇଛି ଯେ ପଦ୍ମାବତୀଙ୍କର ପିତାଙ୍କର ଇଚ୍ଛା ଥିଲା ଯେ ନିଜ କନ୍ୟାକୁ ଦେବଦାସୀ ରୂପେ ପୁରୀ ଜଗନ୍ନାଥ ମନ୍ଦିରରେ ସମର୍ପଣ କରି ଆସିବେ । ମାତ୍ର ନାରାୟଣଙ୍କ କର୍ତ୍ତୃକ ସ୍ୱପ୍ନାଦିଷ୍ଟ ହୋଇ ପରେ ଜୟଦେବଙ୍କ ସହିତ ତାଙ୍କର ବିବାହ ଦିଅନ୍ତି । ଶେକ୍ ସୁଭୋଦୟାରେ ଜୟଦେବ ଓ ପଦ୍ମାବତୀଙ୍କ ସମ୍ବନ୍ଧରେ କୁହାଯାଇଛି ଯେ ବୁଢ଼ଣ ମିଶ୍ର ନାମରେ ବଙ୍ଗଦେଶ ବାହାରୁ ଆଗତ ଜନୈକ ସଙ୍ଗୀତଜ୍ଞ ଜୟଦେବଙ୍କୁ ସଙ୍ଗୀତ-ପ୍ରତିଯୋଗିତାକୁ ଆହ୍ୱାନ କରନ୍ତି । ଏଇ ବିଦେଶାଗତ ଦାମ୍ଭିକ ଗାୟକଙ୍କୁ ଜୟଦେବ-ପତ୍ନୀ ପଦ୍ମାବତୀ ପରାଜିତ କରନ୍ତି । ପଦ୍ମାବତୀ ଯେ ସଂଗୀତ ବିଦ୍ୟାରେ ସୁନିପୁଣ ଥିଲେ ତାହା 'ଭକ୍ତମାଳ' ଓ ଶେକ୍-ସୁଭୋଦୟା ଉଭୟ ସୂତ୍ରରୁ ଜଣାପଡ଼େ ।

## ପଦ୍ମାବତୀ ଚରିତ

ଜୟଦେବ ପତ୍ନୀ ପଦ୍ମାବତୀ ଯେ ନୃତ୍ୟଗୀତ ନିପୁଣା ଥିଲେ ଏହା ପୂର୍ବରୁ କୁହାଯାଇଛି । ସଂସ୍କୃତ ଭକ୍ତମାଳ ଗ୍ରନ୍ଥରେ ଉଲ୍ଲେଖ ଅଛି :—

"ଉଭୌ ତୌ ଦମ୍ପତୀ ତତ୍ର ଏକପ୍ରାଣୌ ବଭୂବତୁଃ ।
ନୃତ୍ୟନ୍ତୌ ଚାପି ଗାୟନ୍ତୌ ଶ୍ରୀକୃଷ୍ଣାର୍ଚ୍ଚନତତ୍ପରୌ ।"

ଶକାବ୍ଦ ପଞ୍ଚଦଶ ଶତକର ମଧ୍ୟଭାଗରେ ରଚିତ କୁଚବିହାରର କବି ରାମ

ସରସ୍ୱତୀଙ୍କ ଜୟଦେବ କାବ୍ୟରେ ଏଇ ଉକ୍ତିର ସମର୍ଥନ ମିଳେ ।

"ଜୟଦେବ ମାଧବର ସ୍ତୁତିକି ବର୍ଣ୍ଣିବେ ।
ପଦ୍ମାବତୀ ଆଗନ୍ତେ ନାଚନ୍ତି ଭଙ୍ଗି ଭାବେ ।
କୃଷ୍ଣର ଗୀତକୁ ଜୟଦେବେ ଜଗଦନ୍ତି ।
ରୂପକ ତାଳର ଚେଢବେ ନାଚେ ପଦ୍ମାବତୀ ।'

ପ୍ରବାଦ ଅନୁସାରେ ପଦ୍ମାବତୀଙ୍କ ପିତ୍ରାଳୟ ଥିଲା ଦକ୍ଷିଣ ଦେଶରେ । ଏଇ ଦାକ୍ଷିଣାତ୍ୟ ବୈଷ୍ଣବଧର୍ମର ବନ୍ୟାପ୍ଲୁତ ଦେଶ, କବି ବିଲ୍ୱମଙ୍ଗଳଙ୍କ 'ଶ୍ରୀକୃଷ୍ଣ କର୍ଣ୍ଣାମୃତ'ର ଜନ୍ମଭୂମି । ରାଧାକୃଷ୍ଣ ଉପାସକ ନିମ୍ବାର୍କ ଥିଲେ ମଧ୍ୟ ଦାକ୍ଷିଣାତ୍ୟବାସୀ (ଆନ୍ଧ୍ର) ଗୀତଗୋବିନ୍ଦର ପ୍ରଥମ ସର୍ଗର 'ପଦ୍ମାବତୀ ଚରଣ ଚାରଣ ଚକ୍ରବର୍ତ୍ତୀ' ଏବଂ ଦଶମ ସର୍ଗର 'ପଦ୍ମାବତୀ-ରମଣ ଜୟଦେବ କବି' ଏବଂ ଏକାଦଶ ସର୍ଗର 'ବିହିତ ପଦ୍ମାବତୀ ସୁଖସମାଜେ' ପଦାଂଶ ଗୁଡ଼ିକରେ କବିପ୍ରିୟା ଅମର ହୋଇ-ରହିଛନ୍ତି । ଶଙ୍କର ମିଶ୍ର ତାଙ୍କର ରସମଞ୍ଜରୀ ଟୀକାରେ ଏବଂ ପୂଜାରୀ ଗୋସ୍ୱାମୀ ତାଙ୍କ ଟୀକାରେ 'ତଥା-ନାମ୍ନୀ ଜୟଦେବ ପତ୍ନୀ" ଏଇପରି ଭାବରେ ଲେଖିଛନ୍ତି । ମୁମ୍ବଇ ନିର୍ଣ୍ଣୟ-ସାଗର ପ୍ରେସ୍ ସଂସ୍କରଣରେ ଏଇ ଦ୍ୱିତୀୟ ପଦାଂଶର ଭିନ୍ନ ପାଠ ଧରାହୋଇଛି ଏବଂ "ଜୟତି ଜୟଦେବ କବି ଭାରତୀ ଭୂଷିତମ୍" କରାଯାଇଛି—ମାତ୍ର ସେଥିରେ ଛନ୍ଦପତନ ଘଟୁଛି, ତେଣୁ ମୂଳପାଠ ନୁହେଁବୋଲି ସ୍ପଷ୍ଟ ଜଣାପଡ଼େ । ମେବାରର ରାଣା କୁମ୍ଭ (ମହାରାଣାଙ୍କ ରାଜ୍ୟକାଳ ୧୪୩୩-୧୪୬୭ ଖ୍ରୀଷ୍ଟାବ୍ଦ) ପଦ୍ମାବତୀ-ଚରଣ-ଚାରଣ-ଚକ୍ରବର୍ତ୍ତୀର ବ୍ୟକ୍ତିଗତ ବ୍ୟାଖ୍ୟାର ପ୍ରତିପାଦ କରି ତାଙ୍କର 'ରସିକପ୍ରିୟା' ଟୀକାରେ ପଦ୍ମାବତୀ ଅର୍ଥରେ ପଦ୍ମହସ୍ତା ଲକ୍ଷ୍ମୀ ଲେଖିଛନ୍ତି । କବି ନାରାୟଣ ଦାସ ତାଙ୍କର 'ସର୍ବାଙ୍ଗସୁନ୍ଦରୀ' ଟୀକାରେ ଏକାଦଶ ସର୍ଗାନ୍ତ 'ବିହିତ ପଦ୍ମାବତୀ ସୁଖସମାଜେ' ପଦାଂଶର ବ୍ୟାଖ୍ୟାରେ କହିଛନ୍ତି "ତଦେବ ମୁଖ୍ୟବୃତ୍ତ୍ୟା ପଦ୍ମାବତୀ ଶବ୍ଦୋ ଲକ୍ଷ୍ମୀମାଚଷ୍ଟେ ଛଳା ଚମତ୍କାରେ ପ୍ରିୟା-ସ୍ମରଣ-ମିତ୍ୟେତଦେବାବର୍ଣ୍ଣିତମ୍ ଯଥା ଭାରବେଃ ସର୍ଗ-ସମାପ୍ତୌ" । ସୁପ୍ରାଚୀନ ଟୀକାକାର ଧୃତଦାସ କହିଛନ୍ତି "ପଦ୍ମାବତୀ ନାମ ଜୟଦେବସ୍ୟ ଭାର୍ଯା ।" ।

ବୀରଭୂମ ଦେଯ୍ୟାଶ ଗ୍ରାମରେ 'କ୍ଷ୍ୟାପାମାଟ୍ୟେର' ମଠରୁ ପ୍ରାପ୍ତ ଖଣ୍ଡିଏ ପୋଥିରେ ରୋହିଣୀ ଜୟଦେବଙ୍କ ପରକୀୟା ଥିବା କଥା ଉଲ୍ଲେଖ ଅଛି । କେହି କେହି କହନ୍ତି, ରୋହିଣୀ ପଦ୍ମାବତୀଙ୍କର ଅନ୍ୟ ନାମ ।

"ଜୟଦେବ ମହା କବି ଜଗତେ ପୂଜିତ ।
କୃଷ୍ଣ-ଲୀଳା ରସ ସ୍ୱାଦୁ ଗଦ୍ୟେତେ ଭୂଷିତ ।
ପଦ୍ମାବତୀ ସହୋଦରୀ ରୋହିଣୀ ନାମେତେ
ତାରେ ସ୍ୱରୁ କୈଲ (ଗୋସାଇଁ) ରସ ଅସ୍ୱାଦତେ ।"

'ତଥାହି –'କେନ୍ଦୁବିଲ୍ୱ-ସମୁଦ୍ର-ସଂଭବ-ରୋହିଣୀ ରମଣେନ—'

ପୁଣି, "କେନ୍ଦୁବିଲ୍ୱ ଗ୍ରାମ ଅମର ସମୁଦ୍ର ସମାନା ।
ସମୁଦ୍ର ସଂଭବ ଚନ୍ଦ୍ର ଟୈଛୁ ସମ ଜାନା ।
ରୋହିଣୀ ନାମେତେ ହୟ ଚନ୍ଦ୍ରର
ରୋହିଣୀ ରମଣ ଆମି ହଇ ସୁପ୍ରକଥା ।

ପ୍ରବାଦବାକ୍ୟ କଥା ଆଗରୁ କୁହାଯାଇଛି । ଦକ୍ଷିଣଦେଶୀୟ ଅନପତ୍ୟ ବ୍ରାହ୍ମଣ ଦଂପତି ଝିଅଟିଏ ହେଲେ ଶ୍ରୀ ଜଗନ୍ନାଥଦେବଙ୍କୁ ସମର୍ପଣ କରିବେ ବୋଲି ସଂକଳ୍ପ କରିଥିଲେ । ତଦନୁଯାୟୀ ପଦ୍ମାବତୀ ଦ୍ୱାଦଶବର୍ଷରେ ପଦାର୍ପଣ କଲାପରେ ସେମାନେ ତାଂକୁ ନେଇ ଜଗନ୍ନାଥଂକୁ ଦେବକା ରୂପେ ସମର୍ପଣ କରିବା ପାଇଁ ପୁରୀଧାମରେ ଉପସ୍ଥିତ ହେଲେ । ମାତ୍ର ନୀଳାଚଳନାଥ ତାଂକୁ ସ୍ୱପ୍ନାଦେଶ ଦେଲେ, ତୁଂଭେମାନେ କେନ୍ଦୁବିଲ୍ୱ ଯାଇ ମୋ ଅଂଶରେ ଜାତ, ବ୍ରାହ୍ମଣ ଜୟଦେବକୁ କନ୍ୟା ସଂପ୍ରଦାନ କର । ବନମାଳୀ ଦାସ ଲେଖିଛନ୍ତି :—ଜଗନ୍ନାଥ କହିଲେ :—

"ତାହାରେ ଦେଖିୟା ମନେ ଘୃଣା ନା କରିବେ ।
ଯେମତ ଆମାକେ ଜାନ ତେମିତି ଜାନିବେ ।"

"ସେ ଦାନ ମୁଁଇ ଗ୍ରହଣ କରିବି ଏବଂ ତୁଂଭେମାନେ ଅରିଣୀ ହେବ ।" ବ୍ରାହ୍ମଣ ଦଂପତି ଏଇ ଆଦେଶ ପାଇ କେନ୍ଦୁବିଲ୍ୱ ଯାନ୍ତି ଏବଂ ଜୟଦେବଙ୍କ ସହିତ ପଦ୍ମାବତୀଂକ ବିବାହ ହୁଏ ।

("କବି ଜୟଦେବ ଓ ଶ୍ରୀଗୀତଗୋବିନ୍ଦ"—ଶ୍ରୀହରେକୃଷ୍ଣ ମୁଖୋପାଧ୍ୟାୟ ସାହିତ୍ୟରତ୍ନ ପ୍ରଣୀତ ଗ୍ରନ୍ଥ ଦ୍ରଷ୍ଟବ୍ୟ)

## ଓଡ଼ିଶାର ଧର୍ମ-ଜଗତରେ ରାଧାଂକ ଜନ୍ମ ବହୁ ପରେ

ଜୟଦେବଂକ ବେଳକୁ ରାଧାଂକ ଜନ୍ମ ଓଡ଼ିଶାରେ ହୋଇନାହିଁ । ଏପରି ସ୍ଥଳେ ସେ ରାଧାଂକୁ ନାୟିକା କରି ଗୀତଗୋବିନ୍ଦ ଭଳି ଏଡ଼େ ବଡ଼ ଏକ କାବ୍ୟ ଲେଖିବା ପଟକଥାର ଦୃଷ୍ଟିରୁ ଆଦୌ ସଂଭବ ମନେ ହେଉ ନାହିଁ ।

ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରଚାର ସଂବଂଧରେ ଚୋଡ଼ଗଂଗ ଦେବଂକ (ଖ୍ରୀ ୧୦୭୭—୧୧୪୨) ସମୟରେ ଜୟଭଂଜଂକ ଅଂଡଗ୍ରାମ ତାମ୍ରଶାସନରୁ ଜଣାପଡେ । ରାମାନୁଜଂକ ପ୍ରେରଣାରେ ପୁରୀରେ ଲକ୍ଷ୍ମୀଂକର ମଂଦିର ନିର୍ମିତ ହୋଇଥିବା ଜଣାଯାଏ । ରାମାନୁଜାଚାର୍ଯ୍ୟ ଚୋଡ଼ଗଂଗଂକ ସମୟରେ ଓଡ଼ିଆ ଆସିଥିଲେ, ଖ୍ରୀ.୧୧୨୨—୨୭ ମଧ୍ୟରେ । ମାତ୍ର ରାଧାଂକର ଜନ୍ମ ସେତେବେଳକୁ ଓଡ଼ିଶାର ଧର୍ମ-ଜଗତରେ ହୋଇଥିବା ଜଣା ପଡ଼େ ନାଇ । ଶ୍ରୀମଦ୍ ଭାଗବତରେ ଶ୍ରୀକୃଷ୍ଣଂକର ବ୍ରଜ-ଲୀଳା ବର୍ଣ୍ଣିତ ହୋଇଥିଲେ ମଧ୍ୟ ରାଧାଂକର ନାମ କେଉଁଠି ଉଲ୍ଲେଖ ହୋଇ ନାହିଁ । ଭାଗବତରେ କେବଳ ଠାଏ "ଅନୟାରାଧିତୋ ନୂନଂ ଭଗବାନ ହରିରୀଶ୍ୱରଃ" କଥାଟିର ଉଲ୍ଲେଖ ଅଛି, ଯାହାର ଅର୍ଥ ରାଧା-ସମନ୍ୱିତ ବା ଆରାଧିତ ବୋଲି କହାଯାଇପାରେ । ଏ ବିଷୟରେ ବିଶଦ ଆଲୋଚନା ମୋର 'କବିତା, ୧୯୬୨' ଗ୍ରଂଥରେ କରାଯାଇଛି । ଭାଗବତର ପ୍ରାଚୀନ ଟୀକାକାର ପୁରୀ ଗୋବର୍ଦ୍ଧନ ମଠର ଶଂକରାଚାର୍ଯ୍ୟ ଥିବା ଶ୍ରୀଧର ସ୍ୱାମୀଂକର "ଭାବାଂଦଦୀପିକା" କିଂବା ପରବର୍ତ୍ତୀ ଟୀକାକାର ଜୀବଗୋସ୍ୱାମୀଂକର 'କ୍ରମସଂଦର୍ଭ' ଗ୍ରଂଥରେ ମଧ୍ୟ ରାଧାଂକର ଅସ୍ତିତ୍ୱ ମିଳେ ନାଇ । ଖ୍ରୀ ପୂ ୩୦୦ ରେ ଲିଖିତ "ହରିବଂଶ"ରେ ମାତ୍ର ଗୋଟିଏ ଜାଗାରେ "ରାଧା" ନାମ ଦେଖିବାକୁ ମିଳେ—ଯାହା ପ୍ରକ୍ଷିପ୍ତ ପରି ଜଣାଯାଏ ।

ସାରଳା ଦାସଂକ ମହାଭାରତରେ (ଖ୍ରୀ.୧୪୩୬—୬୭) ରାଧା ପ୍ରସଂଗ ପାଇ ନାହାଂନ୍ତି । ଖଳକାର ଜନ୍ମ ପ୍ରସଂଗରେ ସହଜସୁଂଦରୀ ସଂଗେ ଶ୍ରୀକୃଷ୍ଣଂକର ପ୍ରମତ୍ତ ମୈଥୁନ ସାରଳା ଦାସଂକର ସମ୍ପୂର୍ଣ୍ଣ କାଳ୍ପନିକ ସୃଷ୍ଟି । ସାରଳା ଦାସ କିଂତୁ ଶ୍ରୀକୃଷ୍ଣଂକୁ ଏଥିପାଇଁ ଗଭୀର ଅନୁତପ୍ତ କରାଇ ଛାଡିଛଂନ୍ତି ।

"ଏସନ ଅବସ୍ଥା ମୋତେ କଲୁରେ ଅନଂଗ,
ଜଗବଂଧୁ ପୁରୁଷକୁ କଲୁ ଏତେ ରଂଗ ।
ପୋଡ଼ୁ ପୋଡ଼ୁ ପରଦାର, ଆଜଠାରୁ ନୋହୁ
ଯେ କରିବ ପର ଦାର ପ୍ରାଣ ତା'ର ଯାଉ ।"

(ସାରଳା ମହାଭାରତ—ଆଦିପର୍ବ)

ସାରଳା ଦାସଙ୍କ ଅଳ୍ପପରବର୍ତ୍ତୀ ଚୈତନ୍ୟ ଦାସଙ୍କ "ନିର୍ଗୁଣ ମାହାତ୍ମ୍ୟ" ରୁ ସେ ଯୁଗର ମନୋଭାବ ଓ ମୂଲ୍ୟବୋଧ ପରକୀୟା ପ୍ରୀତି ବିରୋଧରେ ପ୍ରକଟିତ ହୋଇଛି ।

"ଦ୍ୱାପର ଯୁଗର ଶେଷରେ
କୃଷ୍ଣ ଜନ୍ମିଲେ ମର୍ତ୍ତ୍ୟପୁର ।
ଅସୁର କୁଳକୁ ସଂହର
ଅନେକ କନ୍ୟା ବଳେ ହର ।
ରାଜକୁମାରୀ ଗୋପ ନାରୀ
ରମିଲେ ପାପକୁ ନ ଡର ।
ସୋହୋଦ୍ର ମାଇଁ କି ହରିଲେ
ଭଉଣୀ ସଂଗେ ଘର କଲେ ।
ଗୋବଧ ସ୍ତ୍ରୀର ହତ୍ୟା କଲେ
କଂସ ମଉଳାକୁ ନାଶିଲେ ।
ପାପ ହୋଇଲା ଅପ୍ରମାଣ
ଛେଦିଲେ ଆତ୍ମା କରି ଧ୍ୟାନ ।
(ନିର୍ଗୁଣ ମାହାତ୍ମ୍ୟ—୧୬ଶ ଅଧ୍ୟାୟ)

## ରାଧାକୃଷ୍ଣଙ୍କ କ୍ରମବିକାଶ

ଶ୍ରୀକୃଷ୍ଣ ପ୍ରାୟ ଚାରି ହଜାର ବର୍ଷ ଧରି ଭାରତବର୍ଷର ନାନା ସ୍ଥାନରୁ ଆବିଷ୍କୃତ ଶିଳାଲିପି, ଗ୍ରନ୍ଥ, ଭାସ୍କର୍ଯ୍ୟ, ଚିତ୍ରକଳା ମାଧ୍ୟମରେ ସୁପ୍ରତିଷ୍ଠିତ ରହିଛନ୍ତି । ରାଧାଙ୍କର ନାମୋଲ୍ଲେଖ ମଧ୍ୟ ପ୍ରାଚୀନ ସାହିତ୍ୟରେ ସ୍ଥଳ ବିଶେଷରେ ଦେଖି ଆସିଛୁଁ । ଋକ୍-ବେଦ ସଂହିତାର ଗୋଟିଏ ଋକ୍‌ରେ ରାଧା ଓ ଗୋପୀ ଶବ୍ଦର ଇଂଗିତ ପାଉଅଛୁଁ । ମାତ୍ର ରାଧାଙ୍କୁ ଶ୍ରୀକୃଷ୍ଣଙ୍କର ଲୀଳା-ସଙ୍ଗିନୀ ବା ହ୍ଲାଦିନୀ ଶକ୍ତି ହେବା ପାଇଁ ପ୍ରାୟ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା । ଶ୍ରୀକୃଷ୍ଣ-ସଙ୍ଗିନୀ ରୂପେ ଭାରତର ଧର୍ମ ଜଗତରେ ତାଙ୍କର ଆବିର୍ଭାବ ମାତ୍ର ଆଠ ଶହ ବର୍ଷରୁ ଅଧିକ ନୁହେ ।

ଏଇପରି ଭାବରେ ଦେଖିବାକୁ ଗଲେ ଚୋଡ଼ଗଙ୍ଗ-ଗଂଗବଂଶ (ଖ୍ରୀ. ୧୦୭୨) ଠାରୁ ସାରଳାଙ୍କ ପରବର୍ତ୍ତୀ ଯୁଗ (ଖ୍ରୀଷ୍ଟାବ୍ଦ ୧୬ ଶତକ) ପର୍ଯ୍ୟନ୍ତ ଓଡ଼ିଶାର ସମାଜ ବା ଧର୍ମ କିଂବା ସାହିତ୍ୟ, କେଉଁଠି ହେଲେ ରାଧାଙ୍କର ସଂବାଦ ପାଉନା । ଏପରିକି ଚୈତନ୍ୟଙ୍କ ସଖା ଜଗନ୍ନାଥ ଦାସ ଓ ବଳରାମ ଦାସ ମଧ୍ୟ ରାଧାଙ୍କୁ ତାଙ୍କ ଲେଖାରେ ଗ୍ରହଣ କରି ନାହାଁନ୍ତି । ଚୈତନ୍ୟ ପୁରୀ ଆସିଲା ବେଳକୁ (ଖ୍ରୀ; ୧୫୧୦)

ଜଗନ୍ନାଥ ଦାଶ ତାଂକ ଭାଗବତ ରଚନା କରୁଥିଲେ । ସେଥିରେ ସେ ବୃନ୍ଦାବତୀଂକୁ ହିଁ ନାୟିକା କରିଛଂନ୍ତି । ରାଧା ସେଥିରେ ନାହାଂନ୍ତି । ଜଗନ୍ନାଥ ଦାଶ ମୂଳ ସଂସ୍କୃତ ଭାଗବତ ବାହାରୁ ବହୁ ବିଷୟ ନିଜ ଗ୍ରଂଥରେ ଲେଖିଛଂନ୍ତି । ତେଣୁ ସେ ଇଚ୍ଛା କରିଥିଲେ ରାଧାଂକୁ ମଧ୍ୟ ନିଜ ଭାଗବତରେ ସ୍ଥାନ ଦେଇ ପାରିଥାଂନ୍ତେ । ଏଥିରୁ ଜଣାଯିବ ଯେ ଚୈତନ୍ୟଂକ ଓଡ଼ିଶା ଆଗମନ ପରେ ମଧ୍ୟ ତାଂକ ଅଂତରଂଗ ଉତ୍କଳୀୟ ସଖାମାନେ ଶ୍ରୀରାଧାଂକୁ ଗ୍ରହଣ କରି ପାରି ନ ଥିଲେ । ପୂର୍ବ ଯୁଗ ତ ଦୂରର କଥା ।

ଯେପରି ଜଣାଯାଏ, ଭାରତୀୟ ଧର୍ମାୟତନରେ ଶ୍ରୀରାଧା ଦ୍ୱାଦଶ ଶତକ ପର୍ଯ୍ୟଂତ ପ୍ରତିଷ୍ଠାଲାଭ କରି ପାରି ନ ଥିଲେ । କବି ହାଲଂକ ସପ୍ତଶତୀର ଗୋଟିଏ ଶ୍ଳୋକରେ ରାଧା ନାମର ଉଲ୍ଲେଖ ଅଛି । ମାତ୍ର ଗ୍ରଂଥର ସଠିକ ସମୟ ଜଣାଯାଏ ନାଇ । ସଂଭବତଃ ଏହା ଦ୍ୱାଦଶ ଶତାବ୍ଦୀର ଅନୂର୍ଧ୍ୱ । (ବାଂ ଇ)

ପୂର୍ବରୁ କହିଛୁ ଶାକ୍ତ ମତବାଦ ସଙ୍ଗେ ପ୍ରତିଦ୍ୱଂଦ୍ୱିତା କରିବାକୁ ଯାଇ ବୈଷ୍ଣବମାନେ ଦ୍ୱାଦଶ ଶତକରେ ଶ୍ରୀକୃଷ୍ଣଂକର ହ୍ଲାଦିନୀ-ଶକ୍ତି-ସ୍ୱରୂପ ଶ୍ରୀରାଧାଂକୁ ସୃଷ୍ଟି କରିଥିବେ । ସାଂଖ୍ୟର ପ୍ରଧାନ-ପୁରୁଷ ତତ୍ତ୍ୱର ପ୍ରଭାବ ପ୍ରତ୍ୟେକ ଧର୍ମ ଉପରେ ପଡ଼ିଥିଲା, ଏବଂ ତଂତ୍ର ମାଧ୍ୟମରେ ତାହା ଆହୁରି ପ୍ରବଳତର ହୋଇଥିଲା । ଅନେକ ପରେ ବ୍ରହ୍ମବୈବର୍ତ୍ତ ପୁରାଣରେ ରାଧା ସ୍ପଷ୍ଟ ଭାବରେ ନଜରକୁ ଆସଂନ୍ତି ।

ଡଃ ନିହାର ରଂଜନ ରାୟଂକ ମତରେ ବଙ୍ଗ ଦେଶରେ ସେନ୍-ପର୍ବର କୌଣସି ସମୟରେ ବୋଧହୁଏ ରାଧା କଳ୍ପିତ ହୋଇଥିବେ—କ୍ରମବର୍ଧମାନ ବୌଦ୍ଧଧର୍ମ, ତଂତ୍ର ଓ ଶାକ୍ତଧର୍ମର ପ୍ରଭାବରେ । ଉତ୍ତର ଭାରତରେ ବୃଂଦାବନ-ନିବାସୀ ଅନ୍ଧ୍ର ପଂଡିତ ନିଂବାର୍କ ଦ୍ୱାଦଶ ଶତକେରେ ଶ୍ରୀରାଧାଙ୍କୁ ଶ୍ରୀକୃଷ୍ଣଂକର ପରକୀୟା ରୂପେ ବର୍ଣ୍ଣନା କରଂନ୍ତି ।

## ଶ୍ରୀକୃଷ୍ଣ-ଐତିହ୍ୟ

ଏଥିପୂର୍ବରୁ ଆମେ କୃଷ୍ଣଂକୁ ଦେବକୀନଂଦନ କୃଷ୍ଣ ରୂପେ ଛାଂଦୋଗ୍ୟ, ଉପନିଷଦ ସମୟରୁ ଦେଖି ଆସିଥିଲୁଁ* । ଶ୍ରୀ ଅରବିଂଦ ମଧ୍ୟ ତାଂକ ଗୀତାର ଭୂମିକାରେ ଛାଂଦୋଗ୍ୟ ଉପନିଷଦରେ ଆମେ ପ୍ରଥମେ ଦେବକୀପୁତ୍ର କୃଷ୍ଣଂକ ସାକ୍ଷାତ ପାଉଁ ବୋଲି ଲେଖିଛଂନ୍ତି । ଡଃ ସର୍ବପଲ୍ଲି ରାଧାକୃଷ୍ଣନ୍ ମଧ୍ୟ ତାଂକର **Introductory Essay on the Bhagabhad Gita, 1948)** ଗ୍ରଂଥରେ ଏହା ଉଲ୍ଲେଖ କରିଛଂନ୍ତି ।

---

* "We meet the name Krishna (Devaki-putra) first in the Chhandogya Upanishad"—Sri Aurobindo.

"The *Chhandogya Upanishad* rafers to Krishna, Devaki Putra, the son of Devaki," *

ଉପନିଷଦ ଯୁଗର ଦେବକୀନନ୍ଦନ କୃଷ୍ଣ, ପାଣିନି ଯୁଗର କୃଷ୍ଣ-ବାସୁଦେବ, କ୍ରମେ ଦ୍ୱାଦଶ ଶତକ ଆଡ଼କୁ ରାଧାକୃଷ୍ଣରେ ପରିଣତ ହେଲେ । ଜର୍ମାନ ପଣ୍ଡିତ ବ୍ୟୁହ୍ଲରଙ୍କ ମତରେ ଜୈନଧର୍ମର ଆବିର୍ଭାବ ପୂର୍ବରୁ (ଖ୍ରୀ ପୂ ୬ଷ୍ଠ ଶତକ) କୃଷ୍ଣ-ବାସୁଦେବ ଭକ୍ତିମୂଳକ ଧର୍ମ ପ୍ରଚଳିତ ଥିଲା । ବୌଧାୟନଙ୍କ ଗୃହ୍ୟ-ସୂତ୍ରରେ (ଆନୁମାନିକ ଖ୍ରୀ:ପୂ ୭ମ ଶତାବ୍ଦୀ— 'ଓଁ ନମୋ ଭଗବତେ ବାସୁଦେବାୟ' ମନ୍ତ୍ରଟିର ଉଲ୍ଲେଖ ଦେଖିବାକୁ ମିଳେ । ପାଣିନିଙ୍କ ଅଷ୍ଟାଧ୍ୟାୟୀ ଗ୍ରନ୍ଥରେ (ଖ୍ରୀ: ପୂ । ମ ଶତାବ୍ଦୀ—କାଳେ) କୃଷ୍ଣ-ବାସୁଦେବଙ୍କ ଉପାସାନାର ନିଦର୍ଶନ ବର୍ତ୍ତମାନ । ମାତ୍ର ରାଧାଙ୍କୁ କୃଷ୍ଣଙ୍କର ପରକୀୟା ରୂପେ ଦେଖିବାକୁ ଆମକୁ ଖ୍ରୀ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା ।

କୃଷ୍ଣ-ବାସୁଦେବ ପ୍ରାୟ ତିନି ହଜାର ବର୍ଷ ଧରି ଆମ ଧର୍ମ, ସାହିତ୍ୟ, ପୁରାଣ ଓ ଶିଳାଲିପିମାନଙ୍କରେ ରହିଛନ୍ତି । ମାତ୍ର ରାଧାଙ୍କର ଜନ୍ମ ଧର୍ମଜଗତରେ ଖୁବ୍ ବେଶୀ ହେଲେ ଆଠ ଶହ ବର୍ଷରୁ ବେଶୀ ହେବ ନାଇ । ସାତ୍ୱତ ଧର୍ମ ମାଧ୍ୟମରେ ଶ୍ରୀକୃଷ୍ଣଙ୍କର ପ୍ରତିଷ୍ଠା ଆଜକୁ ପ୍ରାୟ ୪ ହଜାର ବର୍ଷରୁ ମଧ୍ୟ ବେଶୀ ହେବ ।

ତୈତ୍ତିରୀୟ ଆରଣ୍ୟକରେ "ନାରାୟଣାୟ ବିଦ୍ମହେ ବାସୁଦେବାୟ ଧୀମହି ତନ୍ନୋ ବିଷ୍ଣୁ ପ୍ରଚୋଦୟାତ୍" ଏଇ ଗାୟତ୍ରୀ ମନ୍ତ୍ରର ଉଲ୍ଲେଖ ପାଉଁ । ଛାନ୍ଦୋଗ୍ୟ ଉପନିଷଦରେ ଘୋର ଆଂଗିରସ ଶିଷ୍ୟ ଦେବକୀପୁତ୍ର କୃଷ୍ଣଙ୍କ ପ୍ରସଙ୍ଗ ଅଛି । ଘୋର ନାମକ (ଆଂଗିରସ) ଋଷି କୃଷ୍ଣଙ୍କୁ ଯଜ୍ଞ-ଦର୍ଶନବିଦ୍ୟା ଉପଦେଶ ଦେଇଥିଲେ । "ତଦ୍ଧୈତତ୍ ଘୋର ଆଂଗିରସଃ କୃଷ୍ଣାୟ ଦେବକୀ ପୁତ୍ରାୟ… (୩ । ୧୭ । ୬) । ନାରାୟଣ ଉପନିଷଦରେ ଏହାର ସମର୍ଥନ ରହିଚି :—

"ବ୍ରହ୍ମଣ୍ୟୋ ଦେବକୀ ପୁତ୍ର ବ୍ରହ୍ମଣ୍ୟୋ ମଧୁସୂଦନଃ ।
ବ୍ରହ୍ମଣ୍ୟୋ ପୁଣ୍ଡରୀକାକ୍ଷୋ ବ୍ରହ୍ମଣ୍ୟୋ ବିଷ୍ଣୁରୁଚ୍ୟତେ ।"

---

* କବିତା, ୧୯୬୨, ପୃଷ୍ଠଭୂମି
ବାଂଗାଲୀର ଇତିହାସ—ଡଃ ନୀହାର ରଂଜନ ରାୟ ଏ. ଓ.ଇ—ମହିତାବ୍

ମହାଭାରତ ଶାନ୍ତି ପର୍ବରେ (୩୪୧) ଶ୍ରୀକୃଷ୍ଣ କହୁଛନ୍ତି :—

"ଛାଦୟାମି ଜଗଦ୍‌ବିଶ୍ୱଂ ଭୂତ୍ୱା ସୂର୍ଯ୍ୟ ଇବାଂଶୁଭିଃ ।
ସର୍ବଭୂତାଧିବାସଶ୍ଚ ବାସୁଦେବସ୍ତତୋ ହ୍ୟହମ୍ ॥"

ମହାଭାରତ ଶାନ୍ତି ପର୍ବରେ ନାରାୟଣୀୟ ଉପାଖ୍ୟାନରେ (୩୪୨ ଅ) ବିଷ୍ଣୁଙ୍କର କେତୋଟି ନାମର ନିରୁକ୍ତି ପାଉଁ । ଅନୁଶାସନ ପର୍ବ (୧୪୯ ଅ) ବିଷ୍ଣୁଙ୍କ ସହସ୍ର ନାମ ମଧ୍ୟରେ କୃଷ୍ଣ ଅନ୍ତର୍ଗତ । ମହାଭାରତର ୨ୟ ପର୍ବ, ୭୧ ଅଧ୍ୟାୟରେ ୨୩ ଶ୍ଳୋକରେ ସଙ୍କର୍ଷଣାନୁଜରୂପେ କୃଷ୍ଣଙ୍କର ଉଲ୍ଲେଖ ପାଉଁ । ପାଣିନିଙ୍କର ୧।୨।୨୩ ସୂତ୍ରର (ଖ୍ରୀ. ପୂ. ଅଷ୍ଟମ ଶତକ) ଟୀକାରେ ମହାଭାଷ୍ୟକାର ପତଞ୍ଜଳି ବହୁବ୍ରୀହି ସମାସର ଦୃଷ୍ଟାନ୍ତ ଦେଇଛନ୍ତି .— "ସଙ୍କର୍ଷଣଦ୍ୱିତୀୟସ୍ୟ ବଲଂ କୃଷ୍ଣସ୍ୟ ବର୍ଧିତାନ୍ ।" ଅନ୍ୟତ୍ର କହିଛନ୍ତି: "ଅସାଧୁର୍ମାତୁଲେ କୃଷ୍ଣଃ ।" ପୁଣି କହନ୍ତି, "ଜଘାନ କଂସାନ କିଲ ବାସୁଦେବଃ ।" ଅତଏବ କୃଷ୍ଣ-ବାସୁଦେବ ଓ ଦେବକୀ ପୁତ୍ର କୃଷ୍ଣ ଆବହମାନ କାଳରୁ ରହିଥିଲେ ମଧ୍ୟ ରାଧାଙ୍କର କେଉଁଠି ଦେଖା ମିଳେନାହିଁ । ଅଧ୍ୟାପକ ହରିଦାସ ଭଟ୍ଟାଚାର୍ଯ୍ୟ କହନ୍ତି, ଜୈନମାନଙ୍କର ଏକାଦଶ ଅଙ୍ଗର ଅନ୍ତର୍ଗତ ଭଗବତୀ ସୂତ୍ରରେ ଆଜୀବକମାନଙ୍କ ସଂବନ୍ଧରେ କୁହାଯାଇଛି ଯେ ସେମାନଙ୍କର ପୂଜିତ ବୈଦିକ ଓ ଅବୈଦିକ ଦେବତାମାନଙ୍କ ମଧ୍ୟରେ ପୂର୍ଣ୍ଣଭଦ୍ର ଓ ମଣିଭଦ୍ର ଅନ୍ୟତମ । ପ୍ରାୟ ଅଢେଇ ହଜାର ବର୍ଷ ପୂର୍ବର ବୌଦ୍ଧ ସୂତ୍ରପିଟକର କ୍ଷୁଦ୍ରକକାୟ ଅନ୍ତର୍ଭୁକ୍ତ 'ନିଦ୍ଦେଶ' ଗ୍ରନ୍ଥରେ ଉଲ୍ଲେଖ ଅଛି ଯେ ଆଜୀବକମାନଙ୍କର ଏକ ସମ୍ପ୍ରଦାୟ ପୂର୍ଣ୍ଣଭଦ୍ର ଓ ମଣୀଭଦ୍ରଙ୍କ ଏବଂ ଅନ୍ୟ ସମ୍ପ୍ରଦାୟ ବଳଦେବ ଓ ବାସୁଦେବଙ୍କ (ବଳଭଦ୍ର, ବାସୁଭଦ୍ର) ପୂଜା କରୁଥିଲେ । ଏହି ଗ୍ରନ୍ଥରେ ରୁଦ୍ରୋପାସକ ଜଟିଳ ସମ୍ପ୍ରଦାୟର ମଧ୍ୟ ଉଲ୍ଲେଖ ଅଛି । ଜୈନମାନଙ୍କର ଦ୍ୱାଦଶ ଉପାଙ୍ଗର ଅନ୍ୟତମ ଔପପାଦିକ ସୂତ୍ରରେ ବାସୁଦେବ ଓ ବଳଦେବ ଶଳାକା ପୁରୁଷ ରୂପେ ଉଲ୍ଲିଖିତ ହୋଇଛନ୍ତି । ପ୍ରାୟ ଦୁଇ ହଜାର ବର୍ଷ ପୂର୍ବର କବି ଭାସଙ୍କର ଦୂତବାକ୍ୟରେ ବାସୁଦେବଙ୍କୁ ବାସୁଭଦ୍ର କୁହାଯାଇଛି ।

"ଗ୍ରହଣମୁପଗତେ ତୁ ବାସୁଭଦ୍ରେ ହୃତନୟନା ଇବ ପାଣ୍ଡବା ଭବେୟୁଃ ।
ଗତମତିରହିତେଷୁ ପାଣ୍ଡବେଷୁ କ୍ଷିତିରଖିଳାପି ଭବେନ୍ମମାସପତ୍ନା ।"

ପୂର୍ବରୁ କହିଛୁ ପ୍ରାୟ ବାଇଶହ ବର୍ଷ ତଳେ ଉତ୍କୀର୍ଣ୍ଣ ହୋଇଥିବା ଘୁସୁଣ୍ଡୀ ଲିପିରୁ ଜଣାଯାଏ ଯେ ପାରାଶରୀୟ ପୁତ୍ର ଗାଜାୟନ ନାରାୟଣବାଟ ସ୍ଥାନରେ ଭଗବାନ ସଙ୍କର୍ଷଣ ଓ ବାସୁଦେବଙ୍କ ଶିଳାପ୍ରାକାର ନିର୍ମାଣ କରାଇଥିଲେ । ଏହି ସମୟର ବେଷନଗର ଲିପିରେ ବାସୁଦେବ ଜ୍ଞାନ, ସଙ୍କର୍ଷଣ ବଳ, ପ୍ରଦ୍ୟୁମ୍ନ ଐଶ୍ୱର୍ଯ୍ୟ

ଏବଂ ଅନିରୁଦ୍ଧ ଶକ୍ତିର ପ୍ରତୀକରୂପେ ଉଲ୍ଲିଖିତ ହୋଇଛନ୍ତି । ଦୁଇ ହଜାର ବର୍ଷ ପୂର୍ବେ ଉତ୍କୀର୍ଣ୍ଣ ନାନାଘାଟ ଗୁହାର ଶିଳାଲେଖରେ ଧର୍ମ ଇନ୍ଦ୍ରଆଦି ଦେବତାଙ୍କ ସଙ୍ଗରେ ସଂକର୍ଷଣ ଓ ବାସୁଦେବଂକର ଉଲ୍ଲେଖ ଦେଖିବାକୁ ମିଳେ । ମଥୁରା ନିକଟରେ ମୋରା ଗ୍ରାମରୁ ପ୍ରାପ୍ତ ଏକ ଶିଳାଲେଖରୁ ଜଣାଯାଏ ଯେ ମହାକ୍ଷତ୍ରପ ରାଜୁଲଂକ ପୁତ୍ର ଷୋଡାଶଂକ ରାଜ୍ୟକାଳରେ ତୋଷା ନାମ୍ନୀ ଜଣେ ରମଣୀ ପ୍ରସ୍ତରନିର୍ମିତ ମନ୍ଦିରରେ ସଂକର୍ଷଣ, ବାସୁଦେବ, ପ୍ରଦ୍ୟୁମ୍ନ, ଶାଂବ ଓ ଅନିରୁଦ୍ଧଂକର ପାଂଚଟି ଉଜ୍ଜ୍ୱଳ ମୂର୍ତ୍ତି ସ୍ଥାପନା କରିଥିଲେ । (ଏନ୍ନ)

ପାଣିନିଂକର (ଖ୍ରୀ ପୂ ୮ମ ଶତାବ୍ଦୀ) "ବାସୁଦେବାର୍ଜୁନାଭ୍ୟାଂ ବୁନ୍" (ଭକ୍ତିଃ ସୂତ୍ର ପ୍ରସଂଗରେ) ରୁ ଜଣାଯାଏ ଯେ ବାସୁଦେବ ଓ ଅର୍ଜୁନ ଉପାସକ ଦୁଇଟି ସଂପ୍ରଦାୟ ଥିଲେ । ଏହାଛଡ଼ା 'ବାୟୁପୁରାଣ' ୯୬ ଅଧ୍ୟାୟରେ ବୃଷ୍ଣିବଂଶ ବର୍ଣ୍ଣନା କରି ୯୭ ଅଧ୍ୟାୟରେ ସୁତ ଲେଖିଛନ୍ତି .—

ମନୁଷ୍ୟ ପ୍ରକୃତାନ୍ ଦେବାନ୍ କୀର୍ତ୍ୟମାନାନ୍ନିବୋଧତ
ସଂକର୍ଷଣୋ ବାସୁଦେବଃ ପ୍ରଦ୍ୟୁମ୍ନ ସାଂବ ଏବଚ ।
ଅନିରୁଦ୍ଧଶ୍ଚ ପଂଚୈତେ ବଂଶବୀରାଃ ପ୍ରକୀର୍ତ୍ତିତାଃ ॥

ଅଢ଼େଇ ହଜାର ବର୍ଷ ପୂର୍ବର କୌଟିଲ୍ୟଂକ ଅର୍ଥଶାସ୍ତ୍ରରେ ସଂକର୍ଷଣ ସଂପ୍ରଦାୟର ଉଲ୍ଲେଖ ରହିଛି । ସେତେବେଳେ ଗୋହରଣକାରୀ ଦଳେ ଡକାୟତ ନିଜକୁ ସଂକର୍ଷଣ-ସଂପ୍ରଦାୟଭୁକ୍ତ ବୋଲି କହୁଥିବାର ଜଣାପଡ଼େ ।

ଏଥିରୁ ଗତ ତିନି ହଜାର ବର୍ଷ ଧରି ଧର୍ମ ରାଜ୍ୟରେ କୃଷ୍ଣ-ବାସୁଦେବଂକ ପ୍ରତିଷ୍ଠାର ସଂବାଦ ମିଳୁଥିଲେ ମଧ୍ୟ ଶ୍ରୀକୃଷ୍ଣ ସଂଗିନୀ ରୂପେ ରାଧାଂକର ପ୍ରତିଷ୍ଠା ଦ୍ୱାଦଶ ଶତକ ପରେ ହିଁ ହୋଇଥିଲା ।

ପ୍ରାୟ ଦେଢ଼ ହଜାର ବର୍ଷ ତଳର ବରାହମିହିରଂକ ବୃହତ୍‌ସଂହିତା ଗ୍ରଂଥର ୫୮ ଶ.ଅଧ୍ୟାୟରେ କୃଷ୍ଣ-ବଳରାମ ଯୁଗଳ ମୂର୍ତ୍ତି ନିର୍ମାଣ ପ୍ରଣାଳୀ ପ୍ରସଂଗରେ କୁହାଯାଇଛି —"ଏକାନଂଶା କାର୍ଯ୍ୟା ଦେବୀ ବଳଦେବକୃଷ୍ଣୟୋର୍ମଧ୍ୟେ" ଅର୍ଥାତ୍ କୃଷ୍ଣ-ବଳରାମଂକ ମଧ୍ୟରେ ଏକାନଂଶା ଦେବୀଂକୁ ରଖିବାକୁ ହେବ । ମଧ୍ୟସ୍ଥିତା

ଜଗନ୍ନାଥ, ଦେବୀ ସୁଭଦ୍ରା, ସିଏ ଏକାନଂଶା । କଂନ୍ତୁ ଜଗନ୍ନାଥକ୍ଷେତ୍ରର

ଶ୍ରୀକୃଷ୍ଣ, ସୁଭଦ୍ରା ଏକାନଂଶା ମୂର୍ତ୍ତି ବୃହତ୍‌ସଂହିତା ପ୍ରଣାଳୀରେ ନିର୍ମିତା ନୁହଂନ୍ତି ।

କାରଣ ବରାହମିହିର କହିଛନ୍ତି ଏକାନଂଶା ଦେବୀ ଦ୍ୱିଭୁଜା, ଚତୁର୍ଭୁଜା ଅଥବା ଅଷ୍ଟଭୁଜା ହେବେ । ଦ୍ୱିଭୁଜା ଦେବୀଂକର ବାମକର କଟିସଂସ୍ଥିତ

ଏବଂ ଦକ୍ଷିଣକର ପଦ୍ମଯୁକ୍ତ ହେବ । ପୁରୀର ସୁଭଦ୍ରା ଦ୍ୱିଭୁଜା, କିନ୍ତୁ କଟି-ସଂସ୍ଥିତ ଉଭୟ ଓ ପଦ୍ମହସ୍ତା ନୁହଁନ୍ତି ।

ଦାକ୍ଷିଣାତ୍ୟର ମହାବଳିପୁରରେ ଶ୍ରୀକୃଷ୍ଣଙ୍କର ଗୋବର୍ଦ୍ଧନ ଧାରଣର ଚିତ୍ର ଅତି ଚମତ୍କାର । ସୁନିପୁଣ ଶିଳ୍ପୀର କେଉଁ ପରିଣତ ସ୍ତରରେ ଅଂଶତଃ କଳ୍ପନାକୁ ଏପରି ପାଷାଣରେ ରୂପାୟିତ କରାଯାଇପାରେ ତାହା କେବଳ ବିଶେଷଜ୍ଞ ଗଣହିଁ କହି ପାରିବେ । ମହାବଳିପୁରରେ ଶ୍ରୀକୃଷ୍ଣଙ୍କ ସଂଗେ ଗୋପ ଗୋପୀ ବଳରାମ ଓ ଧେନୁ ପ୍ରଭୃତି ଖୋଦିତ ହୋଇଛନ୍ତି । (ହି ମୁ)

ଗୟା ଜିଲ୍ଲାରେ ବରାବର ପର୍ବତରେ ମୌର୍ଯ୍ୟବଂଶୀୟ ଅଶୋକଙ୍କ ଖନିତ ଗୁହାରେ ମୌଖରୀରାଜ ଈଶାନବର୍ମାଙ୍କ ବଂଶଧର ଅନନ୍ତବର୍ମା କେତୋଟି ଦେବ-କାର୍ଯ୍ୟର ଅନୁଷ୍ଠାନ କରିଛନ୍ତି । ଲୋମଶ ଋଷି ଗୁହାରେ ଉତ୍କୀର୍ଣ୍ଣ ଲିପିରୁ ଜଣାଯାଏ ଯେ ସେଠାରେ ଲୋମଶ ଋଷି ଗୋଟିଏ କୃଷ୍ଣ ମୂର୍ତ୍ତି ସ୍ଥାପନ କରିଥିଲେ । ମଧ୍ୟଭାରତ ଖଜୁରାହୋ ମନ୍ଦିରରେ ଶ୍ରୀକୃଷ୍ଣଙ୍କର ବହୁ ମୂର୍ତ୍ତି ଦେଖାଯାଏ ।(ଏନ୍ସ)

ଆସାମର ମହାରାଜ ହର୍ଜର ବର୍ମଦେବଙ୍କ ପୁତ୍ର ବନମାଳ ବର୍ମଦେବଙ୍କ ତାମ୍ରଶାସନରେ ଶକାବ୍ଦ ଅଷ୍ଟମ ଶତକରେ ଶ୍ରୀକୃଷ୍ଣଙ୍କର ଉଲ୍ଲେଖ ଦେଖାଯାଏ ।

ଗୋପୀଜନାନନ୍ଦିତ ମାନସସ୍ୟ
ଦେବ୍ୟଶ୍ୟେବ ବକ୍ତ୍ରାଃ ପରିହୃତ୍ୟ ବକ୍ଷଃ
ନିଃଶେଷ- ରମାଜନ ଦେହସଂସ୍ଥ
ମାଦାୟ ସୌନ୍ଦର୍ଯ୍ୟମିହାଜଗାମ । " ଇତ୍ୟାଦି ।

ବଂଗର ବର୍ମରାଜଗଣ କୃଷ୍ଣଙ୍କୁ କୁଳଦେବତାରୂପେ ବନ୍ଦନା କରୁଥିଲେ । ଭୋଜବର୍ମଦେବଙ୍କ ତାମ୍ରଶାସନରେ ନାନ୍ଦୀଶ୍ଳୋକରେ କୃଷ୍ଣଙ୍କ ଉଲ୍ଲେଖ ଅଛି:

ସୋଽପୀହ ଗୋପୀଶତକେଳିକାରଃ
କୃଷ୍ଣୋ ମହାଭାରତସୂତ୍ରଧାରଃ
ଅର୍ଘ୍ୟଃ ପୁମାନଂଶକୃତାବତାରଃ
ପ୍ରାଦୁର୍ବଭୂବୋଦ୍ଧୃତ- ଭୂମିଭାରଃ ।

(ଶକାବ୍ଦ ନବମ ଶତକ)

କଳିକାଳ-ବାଲ୍ମୀକି ସନ୍ଧ୍ୟାକର ନନ୍ଦୀ ପ୍ରଣୀତ 'ରାମଚରିତ' ଶ୍ଳିଷ୍ଟପଦରେ କୃଷ୍ଣ ଓ ଶିବଙ୍କର ବନ୍ଦନା କରିଛନ୍ତି (ଶକାବ୍ଦ ଦଶମ ଶତକ) । ଆଚାର୍ଯ୍ୟ ନିମ୍ବାର୍କଙ୍କର ସମସାମୟିକ ଲକ୍ଷଣ ଦେଶିକାଚାର୍ଯ୍ୟ ସାରଦାତିଳକତନ୍ତ୍ରରେ (୧ମ ଖଣ୍ଡ ୧୭ ପଟଳ ୮୯ ଶ୍ଳୋକ) ଶ୍ରୀକୃଷ୍ଣଙ୍କର ଧ୍ୟାନ ଲିପିବଦ୍ଧ କରିଛନ୍ତି । (ଏନ୍ସ)

ଏଇପରି ଭାବରେ ଉପନିଷଦ, ପୁରାଣ, ତନ୍ତ୍ର, ଶିଳାଲିପି ଓ ତାମ୍ରପତ୍ରରେ କୃଷ୍ଣଙ୍କର ଦେଖାମିଳେ ।

## ଶ୍ରୀରାଧା ପ୍ରସଙ୍ଗ

ଋକ୍‌ବେଦ ୨୨ ସୂକ୍ତ ୭। ୮ ଋକ୍‌ରେ ରାଧା ଓ ରାଧାଂସି ଶବ୍ଦ ମିଳେ । ମାତ୍ର ଶ୍ରୀକୃଷ୍ଣସଂଗିନୀ, ବ୍ରଜଗୋପିନୀ ରାଧା ଅର୍ଥରେ ନୁହେଁ, ଆରାଧନା ଅର୍ଥରେ ।

"ବିଭକ୍ତାରଂ ହବାମହେ ବସୋଶ୍ଚିତ୍ରସ୍ୟ ରାଧସଃ । ସବିତାରଂ ନୃଚକ୍ଷସଂ ।
ସଖାୟ ଆ ନିଷୀଦତ ସବିତାସ୍ତୋମ୍ୟୋନୁ ନଃ ଦାତା ରାଧାଂସି ଶୁମ୍ଭତି ।"

(ଧନର ବିଭାଗ କର୍ତ୍ତା ନରଲୋକର ଚକ୍ଷୁ ସ୍ୱରୂପ ବିଚିତ୍ର ଓ ରମ୍ୟ ସବିତାଙ୍କୁ ଆହ୍ୱାନ କରୁଁ । ଆମକୁ ଧନପ୍ରଦାନ କରିବା ପାଇଁ ସବିତା ଶୋଭାପାଉଛନ୍ତି । ଆମେ ତାଙ୍କର ସ୍ତବ (ଆରାଧନା) କରୁଁ । କୃପା ପ୍ରାର୍ଥନା କରୁଁ ।)

ଋକ୍‌ବେଦ ସଂହିତାର ୮ମ ମଣ୍ଡଳ ୪୫ ସୂକ୍ତ ୨୪ ଋକ୍‌ରେ ରାଧା ଓ ଗୋପୀ ଶବ୍ଦର ଇଙ୍ଗିତ ପାଉଅଛୁଁ । ଯଥା :—

"ଇନ୍ଦ୍ରତ୍ୱା ଗୋପତିଣ୍ଡୋମହେ ମଦସ୍ତୁ ରାଧସେ ସଚେ ଗୌରେ ଯଅପିବ ।"

ମାତ୍ର ଏଠାରେ ମଧ୍ୟ ଏମାନେ ବ୍ରଜଗୋପୀନୀ ଓ ବ୍ରଜେଶ୍ୱରୀ ଶ୍ରୀକୃଷ୍ଣ-ପ୍ରିୟା ରାଧା ବୋଲି କିଛି ନିର୍ଦ୍ଦିଷ୍ଟ ଅର୍ଥ ମିଳେ ନାହିଁ ।

ଅଥର୍ବବେଦରେ ବିଶାଖା ନକ୍ଷତ୍ରର ଅପର ନାମ 'ରାଧା' । (୧୯ । ୭ । ୩)

ତୈତ୍ତିରୀୟ ବ୍ରାହ୍ମଣରେ ବିଶାଖାଦ୍ୱୟଙ୍କୁ (ରାଧା ଓ ଅନୁରାଧା) ନକ୍ଷତ୍ର-ମାନଙ୍କର ଅଧିପତ୍ନୀ ଓ ଭୁବନର ଶ୍ରେଷ୍ଠା ଗୋପୀ କୁହାଯାଇଛି :—

"ନକ୍ଷତ୍ରାଣାମଧିପତ୍ନୀ ବିଶାଖେ । ଶ୍ରେଷ୍ଠାବିନ୍ଦ୍ରାଗ୍ନୀ ଭୁବନସ୍ୟ ଗୋପୌ ।"

(୩ । ୧ । ୧୧) ଅନ୍ୟ କୌଣସି ବେଦ ବା ବ୍ରାହ୍ମଣରେ ବିଶାଖା ନକ୍ଷତ୍ରର ରାଧା ନାମ ଥିବା ବିଷୟରେ ନିଶ୍ଚିତ ସଂବାଦ ପାଇ ନାହୁଁ । କିନ୍ତୁ ତା ପର ନକ୍ଷତ୍ରର ନାମ ଅନୁରାଧା ଥିବା ଦୃଷ୍ଟିରୁ ଏହାର ଅପର ନାମ ରାଧା ସ୍ୱୀକୃତ ହେବା ପରେ ଦ୍ୱିତୀୟ ନକ୍ଷତ୍ରର ନାମ ଅନୁରାଧା କରାଯାଇଥିବ ।* ସ୍ୱର୍ଗତ ଯୋଗେଶଚନ୍ଦ୍ର ବିଦ୍ୟାନିଧିଙ୍କ ମତରେ ଅଳକୁ ପ୍ରାୟ ତେଇଶି ଶହ ବର୍ଷ ତଳେ ବେଦାଙ୍ଗ ଜ୍ୟୋତିଷ ସଂକଳିତ ହୁଏ । ମାତ୍ର ତୈତ୍ତିରୀୟ ବ୍ରାହ୍ମଣ ରଚନା କାଳ ପ୍ରାୟ ସାତେ ଚାରି ହଜାର ବର୍ଷ । ଏହା ପୂର୍ବରୁ ଯେତେବେଳେ ମହାବିଷୁବ ସଂକ୍ରାନ୍ତି କୃତ୍ତିକା ନକ୍ଷତ୍ର ନିକଟସ୍ଥ ଥିଲା,

---

* ହରେକୃଷ୍ଣ ମୁଖୋପାଧ୍ୟାୟ : "କବି ଜୟଦେବ ଓ ଶ୍ରୀ ଗୀତଗୋବିନ୍ଦ ।"

ସେଇ ସମୟରେ ପ୍ରାୟ ସାଢ଼େ ଚାରି ହଜାର ବର୍ଷ ତଳେ ବୈଦିକ ପଂଡିତମାନେ ସମୁଦାୟ ନକ୍ଷତ୍ରଂକ ସହିତ ପରିଚିତ ହୋଇଥିଲେ । କେହି କେହି ମନେକରଂତି ଯେ ଋକ୍ ବା ଅଥର୍ବ ବେଦର ରାଧା ନାମ (ନକ୍ଷତ୍ରରୁ) ତୈତ୍ତିରୀୟ ବ୍ରାହ୍ମଣର ଗୋପୀ ଶବ୍ଦ ସଂଗେ ମିଳିତ ହୋଇ ପରବର୍ତ୍ତୀ ପୁରାଣାଦିରେ ସ୍ଥାନ ପାଇଛି, * ଯଦିଚ 'ଗୋପୀ' ଶବ୍ଦ ଏଠାରେ ଭିନ୍ନ ଅର୍ଥରେ ବ୍ୟବହୃତ ।

'ଅମର କୋଷ' ଅଭିଧାନରେ ବିଶାଖା ନକ୍ଷତ୍ରର ନାମ ରାଧା । ବୈଶାଖ ମାସର ନାମ ମଧ୍ୟ ରାଧା ।

"ରାଧା ବୈଶାଖ ମାଚସ୍ମୈ ରାଧା ଗୋପାଂଗନାମପି ।"

ରାଧ୍ ଧାତୁର ଅର୍ଥ ସଫଳକାମ ହେବା, ସମ୍ପୂର୍ଣ୍ଣ ହେବା, ସିଦ୍ଧ ହେବା, ଆରାଧନା କରିବା, ପୂଜା କରିବା ଇତ୍ୟାଦି । ରାଧା ଶବ୍ଦ ଦାନ, ଅନୁଗ୍ରହ, ଋଦ୍ଧି ଅର୍ଥରେ ମଧ୍ୟ ବ୍ୟବହୃତ ହୁଏ । ଏହା ଛଡ଼ା ଅଂଶ ଗ୍ରହଣ କରିବା, ପ୍ରସ୍ତୁତ କରିବା, ଏବଂ ଏପରିକି ଧ୍ୱଂସ କରିବା ଅର୍ଥରେ ମଧ୍ୟ ରାଧ୍ ଧାତୁର ପ୍ରୟୋଗ ଦେଖିବାକୁ ମିଳେ । ଭାଗବତର ସେଇ ଶ୍ଳୋକଟିରେ

"ଅନୟାରାଧିତୋ ନୂନଂ ଭଗବାନ ହରିରୀଶ୍ୱରଃ ।
ଯନ୍ନୋ ବିହାୟ ଗୋବିଂଦଃ ପ୍ରୀତୋ ଯା ମାନୟଦ୍ରହଃ ।"

'ରାଧା'ର ମୂଳବୀଜ ରହିଛି ବୋଲି ଅନେକ ମନେକରିଥାଂତି । ମାତ୍ର ଏଠାରେ ରାଧା ଶ୍ରୀକୃଷ୍ଣଂକର ନିତ୍ୟଲୀଳାର ନାୟିକା ରୂପେ ଆଦୌ ସ୍ପଷ୍ଟ ନୁହଂତି । ବରଂ ଏଠାରେ ରାଧା-ସମନ୍ୱିତ ବା ଆରାଧିତ ହେବା ଅର୍ଥ ଅଧିକ ପ୍ରଯୋଜ୍ୟ । ପ୍ରାୟ

**ଶ୍ରୀମଦ୍‌ଭାଗବତରେ ରାଧା ନାହାଂତି**

ଦୁଇ ହଜାର ବର୍ଷ ତଳର ଦାକ୍ଷିଣାତ୍ୟର କବି ଭାସଙ୍କ ରଚିତ "ବାଳଚରିତ"ରେ ଗୋପୀମାନଂକର ବେଶଭୂଷା ଓ କ୍ରୀଡ଼ାବର୍ଣ୍ଣନା ଦେଖାଯାଏ । ଦାମୋଦର ଗୋପୀମାନଂକୁ କହୁଛଂତି—"ଘୋଷ ସୁଂଦରି, ବନମାଳେ, ଚଂଦ୍ରରେଖେ, ମୃଗାକ୍ଷି—ଘୋଷ ବାସସ୍ୟାନୁରୂପୋହସ୍ତଂ ହଲ୍ଲୀଷକ ନୃତ୍ୟବଂଧ ଉପଯୁଜ୍ୟତାମ୍ । (ବାଳଚରିତ ୩ୟ ଅଂକ) ଶ୍ରୀପାଦ ଶ୍ରୀଜୀବ ତାଂକ ବୃହତ୍ କ୍ରମସନ୍ଦର୍ଭ ଟୀକାରେ ହଲ୍ଲୀଷକ ନୃତ୍ୟ ବର୍ଣ୍ଣନାରେ ଲେଖିଛଂତି ଯେ ମଂଡଳାକାରେ ନୃତ୍ୟପରାୟଣା ଅସଂଖ୍ୟ ନର୍ତ୍ତକୀଂକ ମଧ୍ୟରେ ଯଦି କୌଣସି ନଟ ନୃତ୍ୟ କରେ ତେବେ ସେ ନୃତ୍ୟକୁ ହଲ୍ଲୀଷକ ନୃତ୍ୟ କୁହାଯାଏ । ବିଷ୍ଣୁପୁରାଣରେ ଅଂଧ୍ରଭୃତ୍ୟ-ବଂଶୀୟ ଦାକ୍ଷିଣାତ୍ୟର ହାଲ ନରପତିଂକର ଉଲ୍ଲେଖ

* *Ibid*

ମିଳେ । ତାଂକ ଦ୍ୱାରା ଲିଖିତ ଗାଥାସପ୍ତଶତୀ ଗ୍ରଂଥରେ ଶ୍ରୀକୃଷ୍ଣ, ରାଧା, ଜନନୀ ଯଶୋଦା ଓ ଗୋପିକାମାନଂକ କଥା ଅଛି । (ଏକ)

"ଅଜ୍ଜବି ବାଲୋ ଦାମୋଅର ତ୍ତି ଇଅ ଜପ୍‌ପିଅଏ ଜସୋଆଏ ।

କଣ୍‌ହ—ମୁହ ପେସିଅଚ୍ଛଂ ନିଅଂ ହସିଅଂ ବଅ ବହୁହିଂ ।

(କୃଷ୍ଣ ! ତୁମେ ମୁଖମାରୁତ (ଫୁତ୍କାର ଦ୍ୱାରା) ରାଧାଂକ ମୁହଁରୁ ଗୋଖୁର ଧୂଳି ଅପନୋଦନ ଛଳରେ ତାଂକ ମୁଖ ଚୁଂବନ କରି ଅନ୍ୟ ଗୋପୀମାନଂକର ଗୌରବ ହରଣ କଲ । )

ଶ୍ରୀପାଦ ରୂପ ଗୋସ୍ୱାମୀଂକ 'ଉଜ୍ଜ୍ୱଳ ନୀଳମଣି' ଗ୍ରଂଥରେ ଗାଥାସପ୍ତଶତୀର ଗୋଟିଏ ଶ୍ଳୋକ ଏବଂ ସଦୁକ୍ତିକର୍ଣାମୃତରେ ଅନୁରୂପ ଗୋଟିଏ ଗାଥାସପ୍ତଶତୀର ଶ୍ଳୋକ ମଧ୍ୟ ମିଳେ ।*

କାଳିଦାସଂକ 'ରଘୁବଂଶ' (ଦେଢ଼ ହଜାର ବର୍ଷ ତଳର) ରେ ଇଂଦୁମତୀ ସ୍ୱୟଂବରରେ ଯେ ବୃଂଦାବନ ସୌଂଦର୍ଯ୍ୟ ବର୍ଣନା କରିଛଂତି । ମାତ୍ର ସେଥିରେ ବ୍ରଜଲୀଳାର ଆଭାସ ନାହିଁ । ପଂଚତଂତ୍ର ପ୍ରାୟ ଦେଢ଼ ହଜାର ବର୍ଷ ତଳର ଲେଖା । ସେଥିରେ ଦେଖୁ ତଂତୁବାୟ ପୁତ୍ର କୃଷ୍ଣ ସାଜି କାଠର ଗରୁଡ଼ ଉପରେ ଚଢ଼ି ଏକ ରାଜଅଂତଃପୁରରେ ପ୍ରବେଶ କରି ପ୍ରଣୟିନୀ ରାଜକନ୍ୟାକୁ କହୁଚି :—

ସୁଭଗେ, ସତ୍ୟମବାହୃତଂ ଭବତ୍ୟାପରଂ କିଂତୁ ରାଧା ନାମ

ମେ ଭାର୍ଯ୍ୟା ଗୋପକୁଳ ପ୍ରସୂତା ପ୍ରଥମ ମାସୀତ୍ ।

ବାର ଶତ ବର୍ଷ ପୂର୍ବେ ଲେଖା ଭଟ୍ଟନାରାୟଣ ତାଂକ 'ବେଣୀସଂହାର' ନାଟକରେ ମଂଗଳାଚରଣ ଶ୍ଳୋକରେ କହୁଛଂତି :

"କାଳିଂଦ୍ୟାଃ ପୁଳିନେଷୁ କେଳିକୁପିତାମୁତ୍ସୃଜ୍ୟ ରାସେ ରସଂ

ଗଚ୍ଛଂତୀ ମନୁଗଚ୍ଛତୋଽଶ୍ରୁ-କଳୁଷାଂ କଂସଦ୍ୱିଷୋ ରାଧିକାମ୍ ।

ତତ୍ପାଦ ପ୍ରତିମା ନିବେଶିତ ପଦସ୍ୟୋଦ୍‌ଭୂତ ରୋମଦ୍‌ଗତେ

ରକ୍ଷୁଣ୍ଣୋଽନୁନୟଃ ପ୍ରସନ୍ନ ଦୟିତା ଦୃଷ୍ଟସ୍ୟ ବଃ ପାତୁଃ ସଃ ।"

(କେଳିକୁପିତା ରାଧା ରାସମଂଡଳ ତ୍ୟାଗ କରି କାଳିଂଦୀ ପୁଳିନରୁ ପ୍ରସ୍ଥାନ କରିଛଂତି । ତାଂକର ଅନୁଗମନ କରି କଂସାରି କୃଷ୍ଣ ଶ୍ରୀରାଧାଂକ ପାଦଚିହ୍ନ ଉପରେ ପାଦ ପକାଇବାରୁ ରୋମାଂଚିତ ହେଉଛଂତି ଇତ୍ୟାଦି ଇତ୍ୟାଦି । ) ।୧।

---

* ହରେକୃଷ୍ଣ ମୁଖୋପାଧ୍ୟାୟ (୧) *Ibid*

ପଦ୍ମପୁରାଣ ଓ ସ୍କନ୍ଦପୁରାଣରେ ଶ୍ରୀରାଧା ଓ ଗୋପିନୀମାନଙ୍କ ନାମ ପାଉଁ । ପଦ୍ମପୁରାଣରେ ରାଧାଙ୍କ ପ୍ରତିଦ୍ୱନ୍ଦ୍ୱିନୀରୂପେ ଚନ୍ଦ୍ରାବଳୀଙ୍କ ନାମ ଦେଖୁ । ବ୍ରହ୍ମବୈବର୍ତ୍ତ ପୁରାଣରେ ରାଧାଙ୍କ ଅପର ନାମ ଚନ୍ଦ୍ରାବଳୀ ।

କାଶ୍ମୀରୀ କବି କ୍ଷେମେନ୍ଦ୍ରଙ୍କ ଦଶାବତାର ଚରିତରେ ରାଧାଙ୍କ କଥା ଅଛି । "ପ୍ରୀତ୍ୟୈ ବଲ୍ଲବକୃଷ୍ଣସ୍ୟ ଶ୍ୟାମ କଣ୍ଠସ୍ୟ ଚୁମ୍ବନଃ । ଜାତା ମଧୁକରସ୍ୟେବ ରାଧେ-ବାଧିକବଲ୍ଲିଭା ।" ଏହାଛଡ଼ା କାଶ୍ମୀରର ପ୍ରଖ୍ୟାତ ଆଲଙ୍କାରିକ ଆନନ୍ଦବର୍ଦ୍ଧନଙ୍କ "ଧ୍ୱନ୍ୟାଲୋକ"ରେ ପୂର୍ବବର୍ତ୍ତୀ କବିରଚିତ ଦୁଇଟି ଶ୍ଳୋକ ଉଦ୍ଧୃତ ହୋଇଛି ଯେଉଁଥିରେ ରାଧା-କୃଷ୍ଣ ଲୀଳା କଥା ରହିଛି ।

ଯଥା—"ତେଷାଂ ଗୋପବଧୂ ବିଲାସ ସୁହୃଦାଂ ରାଧା ରହଃ ସାକ୍ଷିଣାଂ..." ଏବଂ ଅନ୍ୟଟି "ଦୂରାରାଧା ରାଧା ସୁଭଗ ଯଦନେନାପି ମୃଜତ..." ଇତ୍ୟାଦି । (ଏକ୍ଜ୍ଞ)

ମାତ୍ର କଥା ହେଉଛି, ରାଧାଙ୍କ ନାମ ବହୁ ପରେ ଶ୍ରୀକୃଷ୍ଣଙ୍କ ନାମ ସହିତ କୌଣସି କୌଣସି କାବ୍ୟ କବିତାରେ ତାଙ୍କର ଲୀଳା-ସଙ୍ଗିନୀ ରୂପେ ଯୋଡ଼ା ଯାଇ-ଥିଲେ ମଧ୍ୟ ରାଧା-କୃଷ୍ଣ ଉପାସନା ଦ୍ୱାଦଶ ଶତକ ପରେ ହିଁ ଆରମ୍ଭ ହୋଇଥିଲା କଥିତ ଅଛି, ବୃନ୍ଦାବନବାସୀ ଅନ୍ଧ୍ର-ପଣ୍ଡିତ ନିମ୍ବାର୍କ ପ୍ରଥମେ ଶ୍ରୀରାଧା-କୃଷ୍ଣ ଉପାସନା ପ୍ରବର୍ତ୍ତନ କରିଥିଲେ । ନିମ୍ବାର୍କଙ୍କର "ବେଦାନ୍ତ ଦଶଶ୍ଳୋକୀ" ଗ୍ରନ୍ଥରେ ନିମ୍ନୋକ୍ତ ଶ୍ଳୋକଟି ମିଳେ । ସେଥିରୁ ରାଧାଙ୍କର ସ୍ପଷ୍ଟ ଭୂମିକା ଜଣାପଡ଼େ ।

"ଅଙ୍ଗେତୁ ବାମେ ବୃଷଭାନୁଜାଂ ମୁଦା ବିରାଜମାନା ମନୁରୂପ ସୌଭଗାମ୍ ।
ସଖୀ ସହସ୍ରୈଃ ପରିସେବିତାଂ ସଦା ସ୍ମରେମ ଦେବୀଂ ସକଲେଷ୍ଟକାମଦାମ୍"

କବି ବିଲ୍ୱମଙ୍ଗଳ ଦାକ୍ଷିଣାତ୍ୟର କବି । ତାଙ୍କର କୃଷ୍ଣକର୍ଣ୍ଣାମୃତ ସୁପ୍ରଚଳିତ । ତା'ର ପାଣ୍ଡୁଲିପିର ପ୍ରତିଲିପି ମହାପ୍ରଭୁ ଶ୍ରୀ ଚୈତନ୍ୟ ଦାକ୍ଷିଣାତ୍ୟରୁ ସଂଗ୍ରହ କରି ଆଣିଥିଲେ । ଏ ଗ୍ରନ୍ଥଟି ରାଧାକୃଷ୍ଣ ଲୀଳାରେ ପରିପୂର୍ଣ୍ଣ । ଏଇ ଶ୍ରୀରାଧାତତ୍ତ୍ୱ ହିଁ ବିଲ୍ୱମଙ୍ଗଳଙ୍କ ପରବର୍ତ୍ତୀ କବି ଜୟଦେବଙ୍କର ବୈଶିଷ୍ଟ୍ୟ । ଜୟଦେବହିଁ ରାଧାଙ୍କୁ କୃଷ୍ଣଙ୍କ ପରକୀୟା ରୂପେ ସୁପ୍ରତିଷ୍ଠିତ କରିଗଲେ ।(ଏକ୍ଜ୍ଞ)

## କବୀନ୍ଦ୍ରବଚନ ସମୁଚ୍ଚୟ

ବର୍ତ୍ତମାନ ଦେଖାଯାଉ ଜୟଦେବଙ୍କ ପୂର୍ବରୁ ବଙ୍ଗଳାରେ ଶ୍ରୀରାଧାଙ୍କ ପଟ୍ଟଭୂମି ଥିଲା କି ନାଇଁ ।

ଏକାଦଶ-ଦ୍ୱାଦଶ ଶତକର ଆଦି ବଙ୍ଗ ଲିପିରେ ଲେଖା ଗୋଟିଏ କବିତା ସଂକଳନ ପୋଥି ନେପାଳରୁ ମିଳିଛି । ପୋଥିଟି ଖଣ୍ଡିତ ଓ ଅସଂପୂର୍ଣ୍ଣ । ଏହାର

ସଂକଳୟିତାଙ୍କର ନାମ ଜାଣିବାର ଉପାୟ ନାହିଁ । ତେବେ ସେ ବୌଦ୍ଧ ଥିଲେ
ଏ ପୁସ୍ତକଟି ବଙ୍ଗ ଦେଶରେ ଗ୍ରଥିତ ହୋଇ ଅନ୍ୟାନ୍ୟ ଅନେକ ପୋଥି ପରି
ନେପାଳକୁ ନୀତ ହୋଇଥିବା ଅନୁମାନ କରାଯାଏ । ଏ ସଂକଳନରେ ୧୧୧ ଜଣ
ବିଭିନ୍ନ କବିଙ୍କ ଦ୍ୱାରା ବିରଚିତ ମୋଟ ୫୨୫ଟି ଶ୍ଳୋକ ସଂଗୃହୀତ ହୋଇଛି । ସେହି
୧୧୧ ଜଣ କବିଙ୍କ ମଧ୍ୟରେ କାଳିଦାସ, ଅମରୁ, ଭବଭୂତି, ରାଜଶେଖର ପ୍ରଭୃତି
ସର୍ବଭାରତୀୟ କବିଙ୍କ ଛଡ଼ା ଅନେକ ବଂଗୀୟ କବି ମଧ୍ୟ ରହିଛନ୍ତି । ଯଥା :—
ଗୌଡ଼ ଅଭିନନ୍ଦ, ଡିମ୍ବୋକ, କୁସୁମାକରମତି, ଜୟଶୀଳ, ସନ୍ନୋକ, ମଧୁଶୀଳ,
ଲଲିତୋକ, ବିନୟଦେବ, ଶୁଭଂକର, କପିକ, ଶ୍ରୀଧରନନ୍ଦୀ, ବୈଦ୍ୟଧନ୍ୟ,
ହିଂଗୋକ, ଅପରାଜିତରକ୍ଷିତ ଇତ୍ୟାଦି । *

କବୀନ୍ଦ୍ରବଚନସମୁଚ୍ଚୟ ଗ୍ରନ୍ଥରେ ବଙ୍ଗୀୟକବିରଚିତ କେତୋଟି ବିଚ୍ଛିନ୍ନ
ଶ୍ଳୋକରେ ରାଧା-କୃଷ୍ଣ ପ୍ରେମଲୀଳାର ଯେଉଁ ଚିତ୍ର ପରିବେଷିତ ହୋଇଛି, ଗୀତ-
ଗୋବିନ୍ଦ ପୂର୍ବରୁ ସେ ଚିତ୍ର ଅନ୍ୟ କେଉଁଠି ଦେଖିବାକୁ ମିଳେ ନାହିଁ । ପୂର୍ବରୁ
ଅଦଶ୍ୟ ନବମ ଶତକର ମଧ୍ୟ ଭାଗରେ କାମରୂପାଧିପତି ବନମାଳ ବର୍ମଣଦେବଙ୍କର
ଗୋଟିଏ ଲିପିରେ ସର୍ବପ୍ରଥମେ ବ୍ରଜଲୀଳାର ଆଭାସ ପାଇଛୁଁ । କିନ୍ତୁ କବୀନ୍ଦ୍ର-
ବଚନ ସମୁଚ୍ଚୟରେ ରାଧାକୃଷ୍ଣ ପ୍ରେମ-ମିଳନ ଯେପରି ସୁପରିଷ୍କାର ଓ ସୁସ୍ପଷ୍ଟ,
ସେଥିରୁ ତାକୁ ପ୍ରାକ୍-ଗୀତଗୋବିନ୍ଦ ଯୁଗର ପ୍ରକୃଷ୍ଟ ଭୂମିକାରୂପେ ଗଣ୍ୟ କରାଯାଇ-
ପାରେ ।

"କୋଽୟଂ ଦ୍ୱାରି ହରିଃ ପ୍ରୟାହ୍ୟ
ପବନଂ ଶାଖାମୃଗେଣାତ୍ର କିଂ
କୃଷ୍ଣୋଽହଂ ଦୟିତେ ବିଭେମି
ସୁତରାଂ କୃଷ୍ଣଃ କଥଂ ବାନରଃ
ମୁଗ୍‌ଧେଽହଂ ମଧୁସୂଦନୋ ବ୍ରଜଲତାଂ
ତାମେ ପୁଷ୍ପାସବାମ
ଇତ୍ଥଂ ନିର୍ବଚନୀକୃତୋ ଦୟିତୟା
ହ୍ରୀଣୋ ହରିଃ ପାତୁ ବଃ ।" *

---

* ବାଂଗାଲୀର ଇତିହାସ—ଡଃ ନିହାରରଂଜନ ରାୟ ।

* * କବୀନ୍ଦ୍ରବଚନ ସମୁଚ୍ଚୟ ଏବଂ 'କବିତା—'୧୯୬୨' ପୃଷ୍ଠଭୂମି ଓ
ମୋର ୧୯୬୨', 'ଝଂକାର' ପ୍ରବନ୍ଧ ଦ୍ରଷ୍ଟବ୍ୟ ।

( ଲେଖକ ଅପରିଜ୍ଞାତ । କିନ୍ତୁ 'ସଦୁକ୍ତି' ରେ ଏ ଶ୍ଳୋକଟି ଶୁଭଙ୍କରଙ୍କ ନାମରେ ସଂକଳିତ ହୋଇଛି । )

ପୁଣି .—

[ଶୀଘ୍ରଂ ଗଚ୍ଛତି] ଧେନୁଦୁଗ୍ଧକଳସାନାଦାୟ ଗୋପ୍ୟୋଗୃହଂ
ଦୁଗ୍‌ଧେ ବଷ୍କୟଣୀକୁଲେ ପୁନରୟଂ ରାଧା ଶନୈର୍ଯାସ୍ୟତି ।
ଇତ୍ୟନ୍ୟବ୍ୟପଦେଶ ଗୁପ୍ତହୃଦୟଃ କୁର୍ବନ ବିବିକ୍ତଂ ବ୍ରଜଂ
ଦେବଃ କାରଣନନ୍ଦସୂନୁରଶିବଂ କୃଷ୍ଣ ସମୁଷ୍ଣାତୁ ବଃ ।" (ସଦୁକ୍ତି)

ଜୟଦେବଙ୍କ ସମସାମୟିକ ବଙ୍ଗଳା ଓ ସେନ୍-ସଭାର ବାତାବରଣ ସଂବନ୍ଧରେ ଯେଉଁ ସଂବାଦ ଆମେ ଲକ୍ଷ୍ମଣସେନଙ୍କ ସଭାପଣ୍ଡିତ ଧୋୟୀ କବିରାଜ ପ୍ରମୁଖଙ୍କ ବର୍ଣ୍ଣନାରୁ ପାଉଁ, ସେଥିରୁ ଗୀତଗୋବିନ୍ଦ ଭଳି କାବ୍ୟର ପ୍ରେରଣା ଓ ପରିପ୍ରେକ୍ଷିତ ତାତ୍କାଳିକ ରାଢ଼ ଦେଶ ଓ ଗୌଡ଼-ବଙ୍ଗରୁ ମିଳିଥିବା ଅନୁମିତ ହୁଏ ।

## ଗୀତଗୋବିନ୍ଦ କାବ୍ୟର ପଟ୍ଟଭୂମି ବିସ୍ତାର

ସେତେବେଳେ ସମାଜର ଉପର ସ୍ତରରେ ଅବକ୍ଷୟର ସ୍ପଷ୍ଟ ଚିହ୍ନ ଦେଖା-ଦେଇଥିଲା । କାବ୍ୟ ସାହିତ୍ୟରେ ଧ୍ୱନିତତ୍ତ୍ୱର ଯୁଗ ଆଉ ନ ଥିଲା । ସେ ଯୁଗ ଦଣ୍ଡୀ ଭାମହଙ୍କ ଯୁଗ ନୁହେଁ, ମମ୍ମଟ ଭଟ୍ଟଙ୍କର ରସତତ୍ତ୍ୱର ଯୁଗ । ରସ ଏବଂ ଏକମାତ୍ର ଶୃଙ୍ଗାର ରସ ହିଁ ଥିଲା ସାହିତ୍ୟର ପ୍ରଧାନ ଗୁଣ-ଚରିତ୍ର । ତେଣୁ ଯେଉଁଭଳି ବାତାବରଣ ସଙ୍ଗେ ଗୀତଗୋବିନ୍ଦ ଭଳି ନୃତ୍ୟଗୀତଲାସ୍ୟ-ବିଳାସମୟ, କାମ-ଭାବନାପୂର୍ଣ୍ଣ, ପ୍ରେମ-ଶୃଙ୍ଗାର-ଧର୍ମମୂଳକ ତରଳ ରସାଳ

ପଟ୍ଟବିସ୍ତାର

ଉଜ୍ଜ୍ୱଳ-ମଂଗଳ ପଦାବଳୀର ପୂର୍ଣ୍ଣ ସଂଗତି ଲକ୍ଷିତ ହୁଏ । ଏ କାବ୍ୟରେ ଲୌକିକ ଇନ୍ଦ୍ରିୟକାମନା ସଂଗେ ପ୍ରେମ-ଶୃଙ୍ଗାର ପରକୀୟା ତତ୍ତ୍ୱର ଅପୂର୍ବ ସଂମିଶ୍ରଣ ଦେଖାଯାଏ । ଏହା ତାତ୍କାଳିକ ସେନ୍-ରାଜସଭା ଓ ଉଚ୍ଚ ସ୍ତରୀୟ ସମାଜ-ଜୀବନର ନଗ୍ନ ପ୍ରତିଫଳନ ବହନ କରି ପାରିଥିଲା । 'ଗୀତଗୋବିନ୍ଦ'ର (୫ । ୧୪) 'ବିଗଳିତବସନଂ ପରିହୃତରସନଂ ଘଟୟ ଜଘନ ମପିଧାନମ୍' ('କୁସୁମଶଯ୍ୟାରେ ଶୋଇ ହେ ସଖି ! ସେତେବେଳେ ତୁମେ ଜଘନଦେଶ ଦେବ ଖୋଲି') ପ୍ରଭୃତି କବିତାବଳୀ ଯେ ସେତେବେଳେ ଅତ୍ୟନ୍ତ ଜନପ୍ରିୟତା ତଥା ସୁଧୀପ୍ରିୟତା ହାସଲ କରିଥିଲା ତାହା ସହଜରେ ଅନୁମେୟ । ଧୋୟୀ କବିଙ୍କ ବର୍ଣ୍ଣନାନୁସାରେ ଲକ୍ଷ୍ମଣସେନଙ୍କର କୁଳଦେବତା ଲକ୍ଷ୍ମୀନାରାୟଣଙ୍କର

ପୂଜାର୍ଚ୍ଚନା ଇତ୍ୟାଦି ବାରାଙ୍ଗନାମାନଙ୍କର ନୃତ୍ୟ ଗୀତ ଦ୍ୱାରା ମହାସମାରୋହରେ ସମ୍ପନ୍ନ ହେଉଥିଲା ।

ଏଠାରେ ସ୍ମରଣୀୟ ଯେ ସେନ୍ ବଂଶ ବର୍ଗୀୟ ନ ଥିଲେ । ସେମାନେ ଦାକ୍ଷିଣାତ୍ୟରୁ ଆସି ଗୌଡ଼-ବଙ୍ଗ ସିଂହାସନ ଅଧିକାର କରିଥିଲେ । ସେମାନେ ନିଜ ଦେଶ କର୍ଣ୍ଣାଟରୁ ଦେବଦାସୀପ୍ରଥା ଏବଂ ଅନ୍ୟାନ୍ୟ ଅନୁଷ୍ଠାନମାନ ସଙ୍ଗରେ ନେଇ ଆସିଥିଲେ । ସେନ୍ ବଂଶ ଯେ ଭିତରେ ଭିତରେ କାଷ୍ଠଦଂଷ୍ଟ୍ର ହୋଇପଡ଼ିଥିଲା ତାହାର ଜ୍ୱଳନ୍ତ ପ୍ରମାଣ ମିଳେ ଲକ୍ଷ୍ମଣସେନଙ୍କର ମୁଷ୍ଟିମେୟ ତୁର୍କୀ ଅଶ୍ୱାରୋହୀଙ୍କ ହାତରେ ସହଜରେ ପରାଜୟ ବରଣ କରିବା ଘଟଣାରୁ । ଅଳ୍ପ କେତେଜଣ ତୁର୍କୀ ସୈନିକଙ୍କୁ ନେଇ ଘୋଡ଼ାବିକାଳିଙ୍କ ଛଦ୍ମବେଶରେ ବଖ୍‌ତିଆର ଖିଲିଜୀ ରାଜ୍ୟ ଲକ୍ଷ୍ମଣଙ୍କୁ ଦ୍ୱିପ୍ରହରରେ ଘୋଡ଼ା ଦେଖାଉଥିବା ବେଳେ ହଠାତ୍ ଆକ୍ରମଣ କରି ସେନ୍-ରାଜଶ୍ରୀ ଦଖଲ କରନ୍ତି । ଲକ୍ଷ୍ମଣସେନ୍ ପରାସ୍ତ ହୋଇ ତାଙ୍କ ରାଜଧାନୀ ନବଦ୍ୱୀପ ଛାଡ଼ି ପୂର୍ବବଙ୍ଗକୁ ପଳାଇ ଯାଆନ୍ତି । ସେନ୍ ରାଜସତ୍ତା ନଷ୍ଟଭ୍ରଷ୍ଟ ହୋଇ-ଯାଏ ।

ତେଣୁ 'ଗୀତଗୋବିନ୍ଦ' ଭଳି ଦେହ-ତାପ-ତପ୍ତ, ଉଜ୍ଜ୍ୱଳ-ମଙ୍ଗଳ କାବ୍ୟ ପାଇଁ ତାତ୍କାଳିକ ସାମାଜିକ ପୃଷ୍ଠଭୂମି ଯେ ଉପଯୁକ୍ତ ପ୍ରେରଣା ଓ ଜଳବାୟୁ ଯୋଗାଇଥିବ ଏଥିରେ ସନ୍ଦେହ କରିବାର କ'ଣ ଅଛି ? ଅଥଚ ଏହା ପାଖାପାଖି ଓଡ଼ିଶାର ତାତ୍କାଳିକ ସାମାଜିକ ଆବହ ଓ ମୂଲ୍ୟବୋଧ ଇତ୍ୟାଦିର ତୁଳନା କଲେ ଆକାଶ ପାତାଳ ପ୍ରଭେଦ ଦେଖାଯାଏ । ଓଡ଼ିଶାରେ ଖାଲି ଦ୍ୱାଦଶ ଶତକ କାହିଁକି ଷୋଡ଼ଶ ଶତକ ପର୍ଯ୍ୟନ୍ତ ମଧ୍ୟ ଏ ଧାରା ସାହିତ୍ୟରେ କିମ୍ବା ସମାଜ-ମାନସରେ ପ୍ରତିଷ୍ଠା ବା ସ୍ୱୀକୃତି ଲାଭ କରି ପାରି ନ ଥିଲେ, ଏହା ପୂର୍ବେ ଆଲୋଚନା କରିଛୁ ।

ଏଠାରେ ପୁଣି ଲକ୍ଷଣୀୟ ଯେ ଜୟଦେବ ନିଜ କାବ୍ୟକୁ "ଜୟଦେବ-କବେରିଦଂ କୁରୁତେ ମୁଦଂ ମଙ୍ଗଳମୁଜ୍ଜ୍ୱଳଗୀତିଃ" (୧ମ ସର୍ଗ, ୨୫) ଅର୍ଥାତ୍ 'ମଙ୍ଗଳ-ଉଜ୍ଜ୍ୱଳ ଗୀତ' କହିଛନ୍ତି । ବଙ୍ଗଳାରେ ମଙ୍ଗଳ କାବ୍ୟ ଅର୍ଥରେ ଦେବ-ଦେବୀ ସମ୍ପର୍କିତ କାହାଣୀକୁ ହିଁ ବୁଝାଏ । ଯେପରି ମନସାମଙ୍ଗଳ ଇତ୍ୟାଦି । ଉଜ୍ଜ୍ୱଳ ଅର୍ଥରେ ଶୃଙ୍ଗାରରସାତ୍ମକ କବିତାକୁ ବୁଝାଏ । ଚୈତନ୍ୟୋତ୍ତର ଯୁଗରେ ଶ୍ରୀରୂପ ଗୋସ୍ୱାମୀଙ୍କ "ଉଜ୍ଜ୍ୱଳ ନୀଳମଣି" ଗ୍ରନ୍ଥ ଉଲ୍ଲେଖନୀୟ । ଓଡ଼ିଶାରେ

ମଂଗଳ କାବ୍ୟର ନିଦର୍ଶନ ଥିଲେ ମଧ୍ୟ (ଯେପରି 'ମଥୁରା-ମଂଗଳ') ଉତ୍କଳଗୀତିର ପ୍ରଚଳନ ପ୍ରାୟ ନାହିଁ କହିଲେ ଚଳେ ।

କାବ୍ୟ କବିତା ସମାଜମାନସର ପ୍ରତିଫଳକ ମାତ୍ର । ଏହା ନିର୍ମୂଳ ଲତା ପରି ଶୂନ୍ୟରୁ ଜନ୍ମ ହୋଇ ଶୂନ୍ୟରେ ମାଡ଼ି ନ ପାରେ । ଦ୍ୱାଦଶ ଶତାବ୍ଦୀର ଓଡ଼ିଶାର ଧର୍ମ-ଜଗତରେ ରାଧା ସମ୍ପୂର୍ଣ୍ଣ ଅପରିଚିତା ଥିଲେ । ତା' ଛଡ଼ା ଉତ୍କଳୀୟ ସମାଜ ରାଧା ବା ପରକୀୟା ପ୍ରୀତି ପ୍ରଭୃତିକୁ ପରବର୍ତ୍ତୀ ସତର-ଅଠର ଶତାବ୍ଦୀ ପର୍ଯ୍ୟନ୍ତ ସମର୍ଥନ ବା ସ୍ୱୀକୃତି ଦେଇ ନାହିଁ । ଏପରି ସ୍ଥଳେ ଜୟଦେବ ପ୍ରଚଳିତ ସାମାଜିକ ଚେତନାର ବାହାରେ ଓଡ଼ିଶାରେ ଯେ କିପରି ଗୀତଗୋବିନ୍ଦ ଭଳି କାବ୍ୟ, ଯେଉଁଥିରେ କି ରାଧା ହିଁ ପ୍ରଧାନ ନାୟିକା—ରଚନା କରିଥିବେ ତାହା ଚିନ୍ତାର ଅଗମ୍ୟ । ଯେଉଁମାନେ କାବ୍ୟ କବିତା ବା ସାହିତ୍ୟକୁ ସମାଜ ମାନସିକତାଠାରୁ ବିଚ୍ଛିନ୍ନ କରି ବିଚାର କରନ୍ତି ସେମାନେ ତା'ର ନାନା କଦର୍ଥ କରିବାକୁ ବାଧ୍ୟ ହୋଇଥାନ୍ତି । ଏହା ଦ୍ୱାରା ସେମାନେ ସାହିତ୍ୟର ଉପକାର କରିବା ପରିବର୍ତ୍ତେ ବରଂ ଅପକାର ହିଁ ବେଶୀ କରିଥାନ୍ତି । ସାହିତ୍ୟ ଏବଂ ଗବେଷଣା ସଂକୀର୍ଣ୍ଣ ପ୍ରାଦେଶିକତାର ଊର୍ଦ୍ଧ୍ୱରେ । ଗବେଷକ ଯଦି ଆବିଳ ମନୋଭାବ ନେଇ ଗବେଷଣା କାର୍ଯ୍ୟରେ ହାତ ଦିଏ ତାହାହେଲେ ସେ ସତ୍ୟର ସନ୍ଧାନ ପାଇବ କିପରି ?

ଗୀତଗୋବିନ୍ଦ ସଂସ୍କୃତ ଯୁଗର ଶେଷ ବିଖ୍ୟାତ କାବ୍ୟ । ଗୀତଗୋବିନ୍ଦର ଜନ୍ମ ହେଲା ବେଳକୁ ଭାଷା ସାହିତ୍ୟର ବିକାଶ ହୋଇସାରିଲାଣି । ତେଣୁ ଏଥିରେ ଭାଷା ଓ ସଂସ୍କୃତ ଉଭୟର ସୁନ୍ଦର ସମନ୍ୱୟ ଏବଂ ସମ୍ମିଶ୍ରଣ ଦେଖାଯାଏ । ଗୀତ-ଗୋବିନ୍ଦର ପଦଗୁଡ଼ିକର ଛନ୍ଦ, ସଂସ୍କୃତର ଅକ୍ଷର ବୃତ୍ତ ଛନ୍ଦ ନୁହେଁ । ଅପଭ୍ରଂଶ ବା ଭାଷାର ମାତ୍ରା-ବୃତ୍ତ ଛନ୍ଦ । ଆଉ ମଧ୍ୟ ଭାଷା କବିତା ଭଳି ଛତ୍ରର ଅନ୍ତ୍ୟ ଓ ଆଭ୍ୟନ୍ତରୀଣ ଅକ୍ଷରର ମେଳ ଏହାର ପ୍ରାଣ । ଗୀତଗୋବିନ୍ଦର ଗୀତଗୁଡ଼ିକରେ ଉପଧା ବ୍ୟବହୃତ ହୋଇଛି—ଯାହା ଭାଷା କବିତାର ପ୍ରଭାବ ସ୍ୱୀକାର କରୁଛି । ଏହାଛଡ଼ା ଗୀତଗୋବିନ୍ଦ କାବ୍ୟ ହେଲେ ମଧ୍ୟ ଏହା ମଧ୍ୟରେ ନାଟକର ଅଂଶ ରହିଛି । ପଦ ଗୁଡିକ ରାଧା କିମ୍ବା ସଖୀମାନଙ୍କର କିମ୍ବା ନିଜେ କୃଷ୍ଣ ଓ ରାଧାଙ୍କ ଗୀତ—ଯେଉଁପରି ନାଟକରେ ଉକ୍ତି-ପ୍ରତ୍ୟୁକ୍ତି ଥାଏ । ଏଥିରୁ ଗୀତଗୋବିନ୍ଦ ରଚୟିତା ସାଧାରଣ ଜନତାଙ୍କ ପ୍ରତି ସଚେତନ ରହି କାବ୍ୟ ରଚନା କରିଥିବା ପରି ଜଣାଯାଏ । ଦେଶୀରୀତିରେ ରଚିତ ହୋଇଥିବାରୁ ଏବଂ ସଂସ୍କୃତ ଶ୍ଳୋକ ଅପେକ୍ଷା ଅଧିକ ପଦରହିଥିବାରୁ ଗୀତଗୋବିନ୍ଦର ସଂଗୀତାଂଶ କୌଣସି ସଂସ୍କୃତ କାବ୍ୟ-ସଂକଳନରେ, ଯଥା ସଦୁକ୍ତି କିମ୍ବା ସୁଭାଷିତାବଳୀରେ ସ୍ଥାନ ପାଇ ନାହିଁ । ରାମାନନ୍ଦ ରାୟ ଷୋଡ଼ଶ ଶତକରେ ଗୀତଗୋବିନ୍ଦ ଧାରାରେ "ଜଗନ୍ନାଥ ବଲ୍ଲଭ" ନାମକ ଖଣ୍ଡିଏ ସଂଗୀତ-ନାଟକ ବା ଗୀତି-ନାଟ୍ୟ ଲେଖିଥିଲେ ।

## ଗୀତଗୋବିନ୍ଦର ଜନପ୍ରିୟତା

ତୁର୍କୀ ବିଜୟ ପରେ ଯେତେବେଳେ ସୁଫି-ମତାବଲମ୍ବୀ ଫକୀର ଓ ପ୍ରଚାରକମାନଙ୍କ ଜରିଆରେ ଇସ୍‌ଲାମ ଧର୍ମ ସହଜ ମାନବୀୟ ପ୍ରେମର ମୌଳିକ ଆବେଦନ ନେଇ ସାରା ବଂଗଳାର ଜନସାଧାରଣଙ୍କୁ ଆକୃଷ୍ଟ କରୁଥିଲା, ଏବଂ ଭାରତର ଧର୍ମ ଜୀବନ ଓ ସଂସ୍କୃତି ଯେତେବେଳେ ବିଦେଶୀ ଧର୍ମର ଅଭ୍ୟୁତ୍‌ଥାନ ଓ ପ୍ରସାର ଫଳରେ ବିପନ୍ନ ହୋଇପଡ଼ିଥିଲା, ସେତେବେଳେ ହିଂଦୁ ଧର୍ମ ଓ ସଂସ୍କୃତିକୁ ଜନସାଧାରଣଙ୍କ ହୃଦୟରେ ଅଟଳ ରଖିବା ପାଇଁ ପୁନରୁଦିତ ଭକ୍ତିବାଦକୁ ମାଧୁର୍ଯ୍ୟ ରସରେ ସିକ୍ତ କରି ପ୍ରତିଷ୍ଠା କରାଗଲା । ଧର୍ମରେ ମାନବିକ ଆବେଗ ଓ ସହଜ ମାଧୁର୍ଯ୍ୟରସ ପ୍ରବିଷ୍ଟ ହେଲା । ଲୋକୋତ୍ତର ସଂଗରେ ଲୌକିକ କାମନା ବାସନାର ସଂଯୋଗ ସ୍ଥାପିତ ହେଲା । ଏହି କାରଣରୁ ଗୀତଗୋବିଂଦ ଖୁବ୍ ଶୀଘ୍ର ସମଗ୍ର ଭାରତରେ—ବଂଗଦେଶ, ପଂଜାବ, ରାଜପୁତନା, ଉତ୍ତର ଭାରତ, ଗୁଜୁରାଟ, ମହାରାଷ୍ଟ୍ର, ଓଡ଼ିଶା, ଆସାମ, ଆନ୍ଧ୍ର ସବୁଠି ଧର୍ମଗ୍ରଂଥର ମର୍ଯ୍ୟାଦା ଲାଭ କଲା । ଓଡ଼ିଶାରେ ପ୍ରତାପରୁଦ୍ରଦେବଙ୍କ ସମୟରୁ ଗୀତଗୋବିଂଦ ଛଡ଼ା ଜଗନ୍ନାଥଙ୍କ ମନ୍ଦିରରେ ଦେବଦାସୀମାନଙ୍କ ଦ୍ୱାରା ଅନ୍ୟ କୌଣସି ରଚନାର ଶ୍ଳୋକାଦି ଗୀତ ହେବା ନିଷିଦ୍ଧ କରାଗଲା । ମନମୋହନ ଚକ୍ରବର୍ତ୍ତୀଙ୍କ ପ୍ରବଂଧରୁ ଏହା ଜଣାପଡ଼େ । (**Journal of the Asiatic Society of Bengal, Vol LXII, 1893)**

ଶିଖ ସଂପ୍ରଦାୟର ପଂଚମ ଗୁରୁ ଶ୍ରୀଗୁରୁ ଅର୍ଜୁନଦେବ 'ଶ୍ରୀଗୁରୁଗ୍ରଂଥ' ବା ଶ୍ରୀ ଆଦି ଗ୍ରଂଥ ସଂକଳନ କଲାବେଳେ (ଷୋଡ଼ଶ ଶତାବ୍ଦୀର ପ୍ରାରଂଭରେ) ଜୟଦେବଙ୍କର ଦୁଇଟି ପଦ ଏଥିରେ ସନ୍ନିବିଷ୍ଟ କରଂତି । ଏ ପଦ ଦୁଇଟିର ଭଣିତାରେ ଜୟଦେବଙ୍କ ନାମ ରହିଛି । ମାତ୍ର ଏ ପଦ ଦୁଇଟି ବିକୃତ ସଂସ୍କୃତରେ ଲେଖା କିଂବା ଭାଷାମିଶ୍ରିତ ସଂସ୍କୃତରେ ଲେଖା । ଗୁରୁମୁଖୀ ଭାଷାରେ ଲିଖିତ ହେଲାବେଳେ ଏହା ଆହୁରି ବିକୃତ ହୋଇଥିବା ସଂଭବ ।*

ଗ୍ରଂଥ ସାହେବରେ ଜୟଦେବଙ୍କ ଭଣିତାଯୁକ୍ତ କବିତାର ନମୁନା :—

"ଶ୍ରୀ ଜୈଦେବ-ଜୀଉ କା ପଦା (ରାଗ ଗୁଜରୀ)"

"ପରମାଦି ପୁରୁଖ ମନୋପିମଂ ସତି ଆଦି ଭାବ-ରତଂ
ପରମଦ୍ଭୁତଂ ପରକ୍ରିତିପରଂ ଜଦି ଚିଂତି ସରବ-ଗତଂ । ୧ ।

---

*ସାଂସ୍କୃତିକା—ଡଃ ସୁନୀତି ଚାଟାର୍ଜି, ୨ୟ ଖଂଡ ଦ୍ରଷ୍ଟବ୍ୟ ।

ରହାଉ—

କେବଳ ରାମ-ନାମ ମନୋରମଂ ବଦ ଅମୃତ ତତ୍-ମଇତଂ
ନ ଦନୋତ ଜସମରଣେନ ଜନମ-ଜରାଧି-ମରଣ-ଭଇଅଂ ।
ଇଛସି ଜମାଦ-ପରାଭୟଂ ଜସୁ ସ୍ୱସଥ ସୁକୀଥ-କିତଂ ।
ଭବ-ଭୂତ-ଭାବ ସମବିୟଅଂ ପରମଂ ପରସନ୍ନ ମିଦଂ । ୨ ।

× × × × ×

ଗୋବିନ୍ଦ ଗୋବିନ୍ଦେତ ଜପି ନରସକଳ ସିଧି-ପଦଂ ।
ଜୈଦେବ ଆଇଉ ତସ ସଫୁଟଂ ଭବ-ଭୂତ-ସର୍ବ-ଗତଂ ॥ ୫ ॥

(ଏଥିରେ ଭାଷା ବା ଅପଭ୍ରଂଶ ଶବ୍ଦର ମିଶ୍ରଣ ଦେଖାଯାଏ । ଏଇ କବିତାର ଲେଖକ ଗୀତଗୋବିନ୍ଦର କବି ଜୟଦେବ ବୋଲି 'ଭକ୍ତମାଳ' ଗ୍ରନ୍ଥ ଓ ଶିଖ୍-ପରଂପରାରେ ସ୍ୱୀକୃତ । )

ଶବାବ୍ଦ ଷୋଡଶ ଶତକର ନାଭାଜୀଦାସ ଭକ୍ତମାଳ ଗ୍ରନ୍ଥରେ ବ୍ରଜଭାଷା ପଦରେ ଜୟଦେବଙ୍କର ପ୍ରଶସ୍ତି କରି ଗାଇଥିଲେ :—

"ଜୟଦେବ କବିନୃପ ଚକ୍ରବୈ ଖଂଡ ମଂଡଲେଶ୍ୱର ଆନ କବି ।
ପ୍ରଚୁର ଭୟୋତିହୁଁ ଲୋକ ଗୀତଗୋବିନ୍ଦ ଉଜାଗର ।"

ଅର୍ଥାତ୍ ଜୟଦେବ ହେଉଛନ୍ତି କବି-ଚକ୍ରବର୍ତ୍ତୀ । ଅନ୍ୟ କବିମାନେ ଶ୍ରେଷ୍ଠ ଶ୍ରେଷ୍ଠ ସାମନ୍ତରାଜା ବା ଖଂଡମଂଡଲେଶ୍ୱର ସଦୃଶ । ଏଥିରେ ସର୍ବଭାରତୀୟ ସ୍ତରରେ ଜୟଦେବଙ୍କ ପ୍ରତିଷ୍ଠା ସୁବିଦିତ ହୁଏ । ( ଡଃ ସୁନୀତି କୁମାର ଚାଟାର୍ଜି )

ପ୍ରାଚୀନ ହିନ୍ଦୀ କବି ଚନ୍ଦ୍ର ବା ଚନ୍ଦଙ୍କର 'ପୃଥ୍ୱୀରାଜ ରାସୋ' ରେ ପ୍ରାଚୀନ ଶ୍ରେଷ୍ଠ କବିମାନଙ୍କର ଯେଉଁ ପ୍ରଶସ୍ତି ଦିଆଯାଇଛି, ସେଥିରେ ଜୟଦେବ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି ।

"ଜୟଦେବ ଅଟ୍ଠଂ କବି କବିରାୟଂ
ଜିନେ କେବଲଂ କିତ୍ତି ଗୋବିନ୍ଦ ଗାୟଂ ।"

ଚନ୍ଦକବି ପୃଥ୍ୱୀରାଜଙ୍କ ଜୀବନ କାଳ ମଧ୍ୟରେ ତାଙ୍କର ରାସୋ ଲେଖିଥିବାରୁ ଏବଂ ପୃଥ୍ୱୀରାଜ ଖ୍ରୀ ୧୧୬୮ ରୁ ଖ୍ରୀ. ୧୧୯୩ ପର୍ଯ୍ୟନ୍ତ ଦିଲ୍ଲୀରେ ରାଜତ୍ୱ କରିଥିବାରୁ ଜୟଦେବ ଏଇ ସମୟ ଭିତରେ ବା ତତ୍ପୂର୍ବରୁ ଗୀତଗୋବିନ୍ଦ ପ୍ରଣୟନ କରିଥିବା ସଂଭବ । ତାଙ୍କର ଯଶ-ସୌରଭ ଏତେ ଅଳ୍ପ ସମୟ ମଧ୍ୟରେ ସୁଦୂର ଦିଲ୍ଲୀ ପର୍ଯ୍ୟନ୍ତ ପହଂଚ ପାରିଥିବା କମ୍ ଗୌରବର କଥା ନୁହେଁ । (ଡଃ ସୁନୀତିକୁମାର ଚାଟାର୍ଜି)

# ଶ୍ରୀରାଧାତତ୍ତ୍ୱର ପଟ୍ଟବଗ୍ଗର

ପୂର୍ବରୁ କହିଛୁଁ ବୌଦ୍ଧ ସହଜଯାନ ତଥା ନବାଗତ ଇସ୍‌ଲାମ ଧର୍ମର ସୁଫୀବାଦ ଦ୍ୱାରା ଭାରତବର୍ଷର ଧର୍ମ-ଜୀବନ ଆକ୍ରାନ୍ତ ହୋଇପଡ଼ିଥିଲା । ବୌଦ୍ଧ ସହଜିୟା ଧର୍ମ ନର ନାରୀର ମିଳନ-ସଂଭୋଗ ମଧ୍ୟ ଦେଇ ଯେଉଁ ସାଧନାର ମାର୍ଗ ଉନ୍ମୁକ୍ତ କରିଥିଲା ତାହା କ୍ରମେ କାୟାସାଧନା ବା ମୈଥୁନଯୋଗରେହିଁ ପରିଣତ ହୋଇଥିଲା । ଇଆଡ଼େ ଭାରତରେ ମୁସଲମାନ ଆକ୍ରମଣ ଆରମ୍ଭ ହୋଇଯାଇଥିଲା । ଇସ୍‌ଲାମୀୟ ଧର୍ମ ପ୍ରଚାରକମାନଙ୍କ ମାଧ୍ୟମରେ ସୁଫୀବାଦ—ଯାହା ଲୌକିକ ପ୍ରେମ ଓ କାମନା-ବାସନା ଉପରେ ଆଧାରିତ ଥିଲା, ହିନ୍ଦୁଧର୍ମକୁ ବିପନ୍ନ କରିଥିଲା । ତେଣୁ ଗୌଡ଼ ସମ୍ରାଟ ଲକ୍ଷ୍ମଣସେନ ତନ୍ତ୍ର ଓ ସହଜଯାନ ସହିତ ସନାତନ ବ୍ରାହ୍ମଣ୍ୟଧର୍ମର ଏକ ସମନ୍ୱୟ ସାଧନ କରି ହିନ୍ଦୁଧର୍ମକୁ ସଂକଟମୁକ୍ତ କରିବା ପାଇଁ ଚେଷ୍ଟିତ ଥିବାର ଇଙ୍ଗିତ ମିଳେ । ଶାସନ କ୍ଷେତ୍ରରେ ସେ ଓ ତାଙ୍କ ମନ୍ତ୍ରୀଗଣ ଯେତେ ଅପାରଗ ହୁଅନ୍ତୁ ନା କାହିଁକି, ଏ କ୍ଷେତ୍ରରେ ସେମାନେ କାରୁଣ୍ଟା ପଦକ୍ଷେପ ନେଇଥିଲେ । * କବି ଜୟଦେବଙ୍କର ଗୀତଗୋବିନ୍ଦ ସେଇ ସମନ୍ୱୟ ସାଧନା ଦିଗରେ ଏକ ସଫଳ ପ୍ରଚେଷ୍ଟା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହାର ପ୍ରଭାବ ସୁଦୂରପ୍ରସାରୀ ଥିଲା । ଏହା ଏକ ଯୁଗସନ୍ଧି କ୍ଷଣର ରଚନା କହିଲେ ଭୁଲ ହେବନାହିଁ । କାରଣ ସେତେବେଳକୁ ସଂସ୍କୃତ ଯୁଗର ଅବସାନ ହୋଇ ଆସୁଥିଲା ଏବଂ ଭାଷା ସାହିତ୍ୟ-ଗୁଡ଼ିକ ଭାରତବର୍ଷର ବିଭିନ୍ନ ପ୍ରାନ୍ତରେ ଗଢ଼ି ଉଠୁଥିଲେ । ଗୀତଗୋବିନ୍ଦ ସଂସ୍କୃତ ଓ ଭାଷା ସାହିତ୍ୟ ମଧ୍ୟରେ ଏକ ସୁନ୍ଦର ସମନ୍ୱୟ ସାଧନ କରିପାରିଥିଲା ।

ନିମ୍ବାର୍କ ରାଧାକୃଷ୍ଣ ଉପାସନାକୁ ଧର୍ମ ଜଗତରେ ପ୍ରବର୍ତ୍ତନ କରିଥିଲେ । ନିମ୍ବାର୍କ ଜୟଦେବଙ୍କର ପ୍ରାୟ ସମସାମୟିକ କିମ୍ବା ସ୍ୱଳ୍ପ କନିଷ୍ଠ । ରାଢ଼ ଓ ଗୌଡ଼-ବଙ୍ଗରେ ଶ୍ରୀରାଧାଙ୍କର ଅବତାରଣା ମଧ୍ୟ ପୂର୍ବରୁ ହୋଇସାରି ଧୀରେ ଧୀରେ ପ୍ରସାର ଲାଭ କରୁଥିଲା । ତେଣୁ ସେ ରାଧାକୃଷ୍ଣ ପ୍ରେମଲୀଳାକୁ ଆଶ୍ରୟ କରି ଏକ ସୁନ୍ଦର କାବ୍ୟ ସୃଷ୍ଟି କରିଥିଲେ– ଯେଉଁଥିରେ ଦୈହିକ ମିଳନ-ସଂଭୋଗ ସହିତ ନୂତନ ପ୍ରେମ ଭକ୍ତି-ଧର୍ମର ସଂଯୋଗ ପ୍ରତିଷ୍ଠା କରାଯାଇ ପାରିଥିଲା ।

ବିଷ୍ଣୁପୁରାଣରେ ଭଗବାନଙ୍କ ହ୍ଲାଦିନୀ ଶକ୍ତିର କଳ୍ପନା କରାଯାଇଥିଲା ।

"ହ୍ଲାଦିନୀ ସନ୍ଧିନୀ ସଂବିତ୍ ତ୍ୱୟ୍ୟେକା ସର୍ବସଂସ୍ଥିତୌ ।
ହ୍ଲାଦତାପକରୀମିଶ୍ରା ତ୍ୱୟି ନୋ ଗୁଣବର୍ଜିତେ ।"

* ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀଙ୍କ ପ୍ରବନ୍ଧ ଦ୍ରଷ୍ଟବ୍ୟ ।

(ଅର୍ଥାତ୍ ହେ ଭଗବାନ ! ହ୍ଲାଦିନୀ, ସନ୍ଧିନୀ, ସଂବିତ୍ ଏଇ ତିନି ଶକ୍ତି ସର୍ବାଧିଷ୍ଠାତା ତୁମଠାରେ ଅଧିଷ୍ଠିତ, କିନ୍ତୁ ହ୍ଲାଦିନୀକାରୀ ଅର୍ଥାତ୍ ମନ-ପ୍ରସାଦିକା ସାତ୍ତ୍ୱିକୀ, ବିୟୋଗ ଦୁଃଖଦା ତାପକାରୀ ତାମସୀ ଏବଂ ଉଭୟମିଶ୍ରା ଯେ ରାଜସୀ, ଏ ସମସ୍ତ ପ୍ରକୃତ ଗୁଣାଦି ବର୍ଜିତ ତୁମଠାରେ ଅବସ୍ଥାନ କରନ୍ତି ନାହିଁ ।)

ମାତ୍ର ଭଗବାନଙ୍କୁ ଏଥିପାଇଁ ବନ୍ଧୁ ହେବାକୁ ହୁଏ । ଗୀତାରେ ଶ୍ରୀ ଭଗବାନ କହିଛନ୍ତି :—"ପ୍ରଜନଶ୍ଚାସ୍ମି କନ୍ଦର୍ପଃ ।" ଏହାହିଁ କାମ ବା ଶୃଙ୍ଗାର । ବିଷ୍ଣୁପୁରାଣରେ ଏହାକୁହିଁ ହ୍ଲାଦକାରୀ ଅର୍ଥାତ୍ ମନ-ପ୍ରସାଦିକା ସାତ୍ତ୍ୱିକୀ ବୃତ୍ତି କୁହାଯାଇଛି । ପ୍ରକୃତିକୁ ଆଶ୍ରୟ କରି ସୃଷ୍ଟିର କଥା ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି :—

"ପ୍ରକୃତିଂ ସ୍ୱାମବଷ୍ଟଭ୍ୟ ବିସୃଜାମି ପୁନଃ ପୁନଃ
ଭୂତଗ୍ରାମମିମଂ କୃତ୍ସ୍ନମବଶଂ ପ୍ରକୃତେର୍ବଶାତ୍ ।"
ଏଇ ଶୃଙ୍ଗାରହିଁ ଆନନ୍ଦ ସ୍ୱରୂପ । ଏଇ ଆନନ୍ଦରୁହିଁ ସୃଷ୍ଟିର ଜନ୍ମହୁଏ ।
"ଆନନ୍ଦାଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ,
ଆନନ୍ଦେନ ଜାତାନି ଜୀବନ୍ତି, ଆନନ୍ଦଂ ପ୍ରୟନ୍ତ୍ୟଭି ସଂବିଶନ୍ତି ।"
(ତୈତ୍ତି ୩।୬)

ଏଇ ଆନନ୍ଦହିଁ ବିଶ୍ୱସୃଷ୍ଟିର କାରଣ । ନିଖିଳ ଭୂତଗ୍ରାମ ଆନନ୍ଦ ମଧ୍ୟରୁ ଜନ୍ମ ହୁଅନ୍ତି, ଆନନ୍ଦ ମଧ୍ୟରେ ଜୀବିତ ରହନ୍ତି ପୁଣି ଆନନ୍ଦ ମଧ୍ୟରେ ପ୍ରବେଶ କରି ଶମତା ପ୍ରାପ୍ତ ହୁଅନ୍ତି । ତେଣୁ ବିଶ୍ୱର ଆଦି-ମଧ୍ୟ-ଅନ୍ତରେ ଏଇ ଆଦି-ରସହିଁ ବର୍ତ୍ତମାନ । ଶ୍ରୁତି କହିଛନ୍ତି—"ରସୋ ବୈସଃ ।" ଅର୍ଥାତ୍ ସେ ହେଉଛନ୍ତି ରସ । ସୁତରାଂ ସମସ୍ତ ରସର ମୂଳ ବା ଆଦି ହେଉଛନ୍ତି ଭଗବାନ । ଆନନ୍ଦ ଏଇ ରସରହିଁ ବିଳାସ । ବିଶ୍ୱର ମୂଳରେ ଆନନ୍ଦ, ସ୍ଥିତିରେ ଆନନ୍ଦ ଏବଂ ଲୟରେ ମଧ୍ୟ ଏଇ ଆନନ୍ଦ ବର୍ତ୍ତମାନ ।

'ଶୃଙ୍ଗାର'—ଶୃଙ୍ଗର ଅର୍ଥ ସଂଭୋଗେଚ୍ଛାର ସମୁଦ୍ଭବ । ଏଇ ଇଚ୍ଛାର ସାର୍ଥକତାର ନାମ ଶୃଙ୍ଗାର ରସ । ବୈଷ୍ଣବ ଆଳଂକାରିକମାନଙ୍କ ମତରେ ଏଇ ରସର ବର୍ଣ୍ଣ ଉଜ୍ଜ୍ୱଳ ଶ୍ୟାମ, ଏହାର ଅଧିଷ୍ଠାତୃ-ଦେବତା ଶ୍ରୀକୃଷ୍ଣ । ଏହାହିଁ ସମସ୍ତ ରସର ଆଦି ବା ଆଦି-ରସ । (ହ.ମୁ)

ଶ୍ରୀରାଧାତତ୍ତ୍ୱ ଓ ମାଧୁର୍ଯ୍ୟ ଭାବର ବିଶ୍ଳେଷଣ ଶ୍ରୀକୃଷ୍ଣଦାସ କବିରାଜ ଗୋସ୍ୱାମୀଙ୍କ 'ଶ୍ରୀ ଚୈତନ୍ୟଚରିତାମୃତ' ଗ୍ରନ୍ଥରେ ବିଶେଷ ଭାବରେ ବ୍ୟାଖ୍ୟାତ ହୋଇଛି । ସେଥିରେ ରାଧାପ୍ରେମର ଉତ୍କର୍ଷ ଦେଖାଇବାକୁ ଚେଷ୍ଟା କରାଯାଇଛି ।

ଏ ସମ୍ପର୍କରେ ମହାପ୍ରଭୁ ଶ୍ରୀ ଚୈତନ୍ୟ ଏବଂ ଓଡ଼ିଶାର ରାୟ ରାମାନନ୍ଦଙ୍କ ଆଲୋଚନାଟି ବିଶେଷ ପ୍ରଣିଧାନଯୋଗ୍ୟ । ରାୟ ରାମାନନ୍ଦ ଥିଲେ ମାଧୁର୍ଯ୍ୟ-ଭାବର ଜଣେ ପ୍ରଧାନ ପ୍ରବକ୍ତା । ସେ ଜୟଦେବଙ୍କର ତିନି ଶହ ବର୍ଷ ପରବର୍ତ୍ତୀ । ସେ ପ୍ରତାପରୁଦ୍ରଦେବଙ୍କ ରାଜ୍ୟପାଳରୂପେ ଅନ୍ଧ୍ରରେ ଅବସ୍ଥାନ କରୁଥିବା ବେଳେ ଶ୍ରୀଚୈତନ୍ୟଙ୍କ ସଙ୍ଗେ ତାଙ୍କର ପ୍ରଥମ ସାକ୍ଷାତ୍ ଓ ଆଲୋଚନା ହୋଇଥିଲା ।

ମହାପ୍ରଭୁ ପଚାରୁଛନ୍ତି କେଉଁ ମାର୍ଗ ଉତ୍ତମ ? ରାୟ ରାମାନନ୍ଦ ଗୋଟିକ ପରେ ଗୋଟିକର ଉତ୍କର୍ଷ ଦେଖାଇ ଶେଷରେ କାନ୍ତାପ୍ରେମ ସର୍ବଶ୍ରେଷ୍ଠ ବୋଲି କହୁଛନ୍ତି ।

ରାୟ କହେ ସ୍ୱଧର୍ମାଚରଣେ ବିଷ୍ଣୁଭକ୍ତି ହୟ ।
ପ୍ରଭୁ କହେ ଏହୋ ବାହ୍ୟ ଆଗେ କହ ଆର ।
ରାୟ କହେ କୃଷ୍ଣେ କର୍ମାର୍ପଣ ସାଧ୍ୟ ସାର ।
... ... ... ... ...
ପ୍ରଭୁ କହେ ଏହୋ ବାହ୍ୟ ଆଗେ କହ ଆର ।
ରାୟ କହେ ଜ୍ଞାନ ମିଶା ଭକ୍ତି ସାଧ୍ୟ ସାର ।
× × × × ×
ପ୍ରଭୁ କହେ ଏହୋ ବାହ୍ୟ ଆଗେ କହ ଆର ।
ରାୟ କହେ ଜ୍ଞାନଶୂନ୍ୟ ଭକ୍ତି ସାଧ୍ୟ ସାର ।
ପ୍ରଭୁ କହେ ଏହୋ ବାହ୍ୟ, ଆଗେ କହ ଆର ।
ରାୟ କହେ ପ୍ରେମ ଭକ୍ତି ସର୍ବ ସାଧ୍ୟ ସାର ।
ପ୍ରଭୁ କହେ ଏହୋ ବାହ୍ୟ ଆଗେ କହ ଆର,
ରାୟ କହେ ଦାସ୍ୟପ୍ରେମ ସର୍ବସାଧ୍ୟସାର ।
ପ୍ରଭୁ କହେ ଏହୋ ବାହ୍ୟ ଆଗେ କହ ଆର ।
ରାୟ କହେ ସଖ୍ୟପ୍ରେମ ସର୍ବସାଧ୍ୟ ସାର ।
ପ୍ରଭୁ କହେ ଏହୋତ୍ତମ ଆଗେ କହ ଆର ।
ରାୟ କହେ ବାତ୍ସଲ୍ୟ ପ୍ରେମ ସର୍ବ ସାଧ୍ୟ ସାର ।
ପ୍ରଭୁ କହେ ଏହୋତ୍ତମ ଆଗେ କହ ଆର ।
ରାୟ କହେ କାନ୍ତାଭାବ ସର୍ବ ସାଧ୍ୟ ସାର ।

ଏହାପରେ ରାୟ ରାମାନନ୍ଦ କାନ୍ତାଭାବର ବିଭିନ୍ନ ଦିଗ ଆଲୋଚନା କରନ୍ତି । ରାୟ ରାମାନନ୍ଦ ଗୀତଗୋବିନ୍ଦର ଦୁଇଟି ଶ୍ଳୋକ ଉଦ୍ଧାର କରନ୍ତି:—

ଇତସ୍ତତସ୍ତାମନୁସୃତ୍ୟ ରାଧିକା ମନଂଗବାଣବ୍ରଣଖିନ୍ନ ମାନସଃ ।
କୃତାନୁତାପଃ ସ କଳିଂଦ-ନଂଦିନୀ ତଟାଂତକୁଂଜେ ବିଷସାଦ ମାଧବଃ ।”
( ଗୀ. ଗୋ ୩।୨ )

( ଅନଂଗବାଣରେ ଖିନ୍ନମନା ହୋଇ ଅନୁତପ୍ତ ମାଧବ ଶ୍ରୀରାଧାଂକ ଅନେ ଷଣ କରି କରି ଯମୁନା ତଟାଂତବର୍ତ୍ତୀ କୁଂଜରେ ବିଷାଦିତ ହୋଇଥିଲେ । ଏହା ପୂର୍ବରୁ ସେ ଗୋପୀନିଂଚୟଳୀକୁ ତ୍ୟାଗ କରି ଆସିଛଂତି । )

କଂସାରିରପି ସଂସାରବାସନାବଦ୍ଧଶୃଂଖଳାମ୍ ।
ରାଧାମାଧାୟ ହୃଦୟେ ତତ୍ୟାଜ ବ୍ରଜସୁଂଦରୀ ।
( ଗୀ. ଗୋ ୩।୨ )

( ଆପଣାକୁ ସଂସାରବାସନାରେ ବାଂଧିବାର ଯିଏ ଶୃଂଖଳ, ସେଇ ଶ୍ରୀରାଧାଂକୁ କଂସାରି ହୃଦୟରେ ରଖି ବ୍ରଜସୁଂଦରୀଗଣଂକୁ ତ୍ୟାଗ କଲେ । ) *

ଶ୍ରୀରାଧାଂକର ଏଇ ଯେ ମହିମା ଏ ମହିମାର କଥା ଏଥି ପୂର୍ବରୁ ଏପରି ସୁସ୍ପଷ୍ଟ ଭାଷାରେ ଅନ୍ୟ କେହି କହି ନ ଥିଲେ । **

“ଇତସ୍ତତଃ ଭ୍ରମି କାଁହା ରାଧା ନା ପାଇୟା ।
ବିଷାଦ କରେନ କାମବାଣେ ଖିନ୍ନ ହଇୟା ।
ଶତକୋଟି ଗୋପୀତେ ନହେ କାମ ନିର୍ବାପଣ ।
ଇହା ହଇତେ ଅନୁମାନ ଶ୍ରୀରାଧିକାର ଗୁଣ ।
× × ×
କୃଷ୍ଣକେ ଆହ୍ଲାଦେ ତାତେ ନାମ ଆହ୍ଲାଦିନୀ ।
ସେଇ ଶକ୍ତି ଦ୍ୱାରେ ସୁଖ ଆସ୍ୱାଦେ ଆପନି ।
ସୁଖରୂପ କୃଷ୍ଣକରେ ସୁଖ ଆସ୍ୱାଦନ ।
ଭକ୍ତଗଣେ ସୁଖ ଦିତେ ହ୍ଲାଦିନୀ କାରଣ ।

---

* ରାୟ ରାମାନଂଦ ମହାପ୍ରଭୁଂକୁ କହିଛଂତି — “ଏ ଦୁଇ ଶ୍ଳୋକର ଅର୍ଥ ବିଚାରିଲେ ଜାନି । ବିଚାରିଲେ ଉଠେ ଯେନ ଅମୃତେର ଖନି ।” ( ଶ୍ରୀଚୈତନ୍ୟଚରିତାମୃତ – ମଧ୍ୟଲୀଳା । )

** (ହି.ମୁ)

ହ୍ଲାଦିନୀର ସାର ଅଂଶ ପ୍ରେମ ତାର ନାମ
ଆନନ୍ଦ ଚିନ୍ମୟ ରସ ପ୍ରେମରେ ଆଖ୍ୟାନ ।
ପ୍ରେମେର ପରମ ସାର ମହାଭାବ ଜାନି ।
ସେଇ ମହାଭାବ ରୂପା ରାଧା ଠାକୁରାଣୀ ।
ପ୍ରେମେର ସ୍ୱରୂପ ଦେହ ପ୍ରେମେ ବିଭାବିତ ।
କୃଷ୍ଣେର ପ୍ରେୟସୀ ଶ୍ରେଷ୍ଠା ଜଗତେ ବିଦିତ ।
(ଶ୍ରୀ ଚୈତନ୍ୟଚରିତାମୃତ)

ବୈଷ୍ଣବ ଆଲଂକାରିକମାନେ ମଧ୍ୟ ଏଇପରି ବିଚାର କରନ୍ତି । ସେମାନଙ୍କ ମତରେ ପ୍ରେମ କ୍ରମାନ୍ୱୟରେ ସ୍ନେହ, ମାନ, ପ୍ରଣୟ, ରାଗ ଅନୁରାଗ, ଭାବ ଓ ମହାଭାବରେ ଉଲ୍ଲସିତ ହେବାରେ ହିଁ ଚରମ ପରିଣତି ଲାଭ କରେ । ପ୍ରେମର ସ୍ୱରୂପ ହେଉଛି ଦେହ । ଉଜ୍ଜ୍ୱଳନୀଳମଣି କହେ :

ସର୍ବଥା ଧ୍ୱଂସରହିତଂ ସତ୍ୟପି ଧ୍ୱଂସକାରଣେ ।
ଯଦ୍ଭାବ ବଂଧନଂ ଯୂନୋଃ ସ ପ୍ରେମା ପରିକୀର୍ତ୍ତିତଃ ॥

ଏହାକୁ ହିଁ କବିରାଜ ଗୋସ୍ୱାମୀ 'ଶ୍ରୀ ଚୈତନ୍ୟଚରିତାମୃତ'ରେ ଆନନ୍ଦ ଚିନ୍ମୟରସ ବୋଲି ଅଭିହିତ କରିଛନ୍ତି । ଏହାହିଁ ପ୍ରେମ । ଏଇ ପ୍ରେମର ପରମ ସାର ମହାଭାବ । ଶ୍ରୀରାଧା ଏଇ ମହାଭାବସ୍ୱରୂପା । (ହ୍ର·ସୁ) "ସମ୍ୟକ ବାସନା କୃଷ୍ଣେର ଇଚ୍ଛା ରାସଲୀଳା । ରାସଲୀଳା ବାସନାତେ ରାଧିକା ଶୃଂଖଳା ।" (ଶ୍ରୀ ଚୈତନ୍ୟ ଚରିତାମୃତ) ବୌଦ୍ଧ ତାନ୍ତ୍ରିକମାନଙ୍କର ମୁଦ୍ରା ସାହାଯ୍ୟରେ 'ମହାସୁଖ' ସାଧନା ବୈଷ୍ଣବମାନଙ୍କର] ଦେହ ମାଧ୍ୟମରେ ମହାଭାବରେ ନିମଜ୍ଜନ ଏବଂ ସୁଖ ଆସ୍ୱାଦନ ତୁଳନୀୟ । ଏ ଦୁଇ ମାର୍ଗ ଦୈହିକ ମିଳନ-ସଂଗମକୁ ପ୍ରାରମ୍ଭିକ ସୋପାନରୂପେ ଗ୍ରହଣ କରିଛନ୍ତି । ଦେହହିଁ ପ୍ରେମର ସ୍ୱରୂପ ବୋଲି ବୈଷ୍ଣବ ସାଧକର ମତ ।

## ଦେହ ହିଁ ପ୍ରେମର ସ୍ୱରୂପ

"ପ୍ରେମର ସ୍ୱରୂପ ଦେହ ପ୍ରେମେ ବିଭାବିତ ।" (ଶ୍ରୀ ଚୈତନ୍ୟ ଚରିତା ମୃତ) ଦେହ ବିନା ପ୍ରେମ ସଂପୂର୍ଣ୍ଣତା ପାଏ ନାହିଁ । ଏଇ ଦେହକୁ ଆଶ୍ରୟ କରି ହିଁ ପ୍ରେମ —ଯାହା କ୍ରମାନ୍ୱୟରେ ସ୍ନେହ, ମାନ, ପ୍ରଣୟ, ରାଗ, ଅନୁରାଗ, ଭାବ ଓ ମହାଭାବ । ଏଇ ଦେହ-ଚେତନାର ବିକାଶ-ସ୍ତର ଦେଖାଇବାକୁ ଯାଇ କବିରାଜ ଗୋସ୍ୱାମୀ ଲେଖିଛନ୍ତି :—

"ରାଧା ପ୍ରତି କୃଷ୍ଣ ସ୍ନେହ ସୁଗନ୍ଧି ଉଦ୍‌ବର୍ତ୍ତନ ।
ତାତେ ଅତି ସୁଗନ୍ଧି ଦେହ ଉଜ୍ଜ୍ୱଳ ବରଣ ।
କାରୁଣ୍ୟାମୃତ ଧାରାସ୍ତୁ ସ୍ନାନ ପ୍ରଥମ ।
ତାରୁଣ୍ୟାମୃତ ଧାରାସ୍ତୁ ସ୍ନାନ ମାଧ୍ୟମ ।
ଲାବଣ୍ୟାମୃତ ଧାରାସ୍ତୁ ତଦୁପରି ସ୍ନାନ ।
ନିଜ ଲଜ୍ଜା ଶ୍ୟାମ ପଟ୍ଟ ଶାଢୀ ପରିଧାନ ।
କୃଷ୍ଣ ଅନୁରାଗରକ୍ତ ଦ୍ୱିତୀୟ ବସନ ।
ପ୍ରଣୟ ମାନ କଂଚୁଲିକାୟ ବକ୍ଷ ଆଚ୍ଛାଦନ ।
ସୌନ୍ଦର୍ଯ୍ୟ କୁଂକୁମ ସଖୀ ପ୍ରଣୟ ଚନ୍ଦନ ।
ସ୍ମିତ କାନ୍ତି କର୍ପୂରେ ଅଙ୍ଗ ବିଲେପନ ।
କୃଷ୍ଣେର ଉଜ୍ଜ୍ୱଳ ରସ ମୃଗମଦ ଭର ।
ସେଇ ମୃଗମଦେ ବିଚର୍ଚ୍ଚିତ କଲେବର ।
ପ୍ରଚ୍ଛନ୍ନ ମାନ ବାମ୍ୟ ଧମ୍ମିଲ୍ଲ ବିନ୍ୟାସ ।
ଧୀରାଧୀରାତ୍ମ ଗୁଣ ଅଙ୍ଗେ ପଟ୍ଟବାସ ।
ରାଗ ତାମ୍ବୁଲରାଗେ ଅଧର ଉଜ୍ଜ୍ୱଳ
ପ୍ରେମ କୌଟିଲ୍ୟ ନେତ୍ର ଯୁଗଳେ କଜ୍ଜ୍ୱଳ ।
ସୁଦୀପ୍ତ ସାତ୍ତ୍ୱିକ ଭାବେ ହର୍ଷାଦି ସଂଗୃହ ।
ଏଇ ସବ ଭାବ ଭୂଷଣ ସବ ଅଙ୍ଗ ଭରି ।" ×××

(ଶ୍ରୀ ଚୈତନ୍ୟଚରିତାମୃତ)

ଦେହକୁ ଆଶ୍ରୟ କରି ହିଁ ବିଭିନ୍ନ ରାଗ ଓ ଭାବର ଉନ୍ମେଷ ଘଟେ ଏବଂ ବିଭିନ୍ନ ଅଂଗସଜ୍ଜା ସେଗୁଡ଼ିକୁ ଉଦ୍ଦୀପିତ କରେ । କବିରାଜ ଗୋସ୍ୱାମୀ ମଧ୍ୟ ହର୍ଷକୁ ( ଆନନ୍ଦକୁ ) ସାତ୍ତ୍ୱିକ ଭାବ ରୂପେ ଗ୍ରହଣ କରିଛନ୍ତି । ଦେହର ମିଳନରେ ହିଁ ପ୍ରିୟଠାରୁ ପ୍ରିୟାର ସ୍ୱାତନ୍ତ୍ର୍ୟବୋଧର ଅବଶିଷ୍ଟ ଯାହା ଥାଏ—ସେଇ ଲଜ୍ଜା ଦୂରୀଭୂତ ହୁଏ ଏବଂ ପୂର୍ଣ୍ଣ ସାଯୁଜ୍ୟ ସମାହୃତ ହୁଏ । ଦେହର ମିଳନ ବ୍ୟତୀତ ମନର, ହୃଦୟର, ଆତ୍ମାର ମିଳନ ସଂପୂର୍ଣ୍ଣତା ପାଇବା ଅସମ୍ଭବ । (ହଁ ମୁଁ)

ସ୍ନେହର ସ୍ୱଭାବ ହୃଦୟକୁ ବିଗଳିତ କରିବା । ସେଇ ଦ୍ରବୀଭୂତ ପ୍ରାଣ ଯେତେବେଳେ ନବମାଧୁର୍ଯ୍ୟରେ ଉଲ୍ଲସିତ ହୁଏ ଏବଂ ତାହାକୁ ଗୋପନ କରିବା

ନିମନ୍ତେ ଅଦାକ୍ଷିଣ୍ୟ ଅର୍ଥାତ୍ ବାମ୍ୟ ଅବଲମ୍ବନ କରେ, ତାହାକୁ ମାନ କୁହାଯାଏ, ସ୍ନେହର ପରିଣତ ଅବସ୍ଥା ମାନ ।

"ସ୍ନେହସ୍ତୂତ୍କୃଷ୍ଟତା-ବ୍ୟାପ୍ତ୍ୟା ମାଧୁର୍ଯ୍ୟଂ ମାନୟନ୍ନବମ୍ ।
ଯୋ ଧାରୟତ୍ୟଦାକ୍ଷିଣ୍ୟଂ ସ ମାନ ଇତି କୀର୍ତ୍ତ୍ୟତେ ।"

("ଉଜ୍ଜ୍ୱଳ ନୀଳମଣି ।")

ମାନ ଯେତେବେଳେ ବିସ୍ରମ୍ଭ ଧାରଣ କରେ ସେତେବେଳେ ତାହା ପ୍ରଣୟରେ ପରିଣତ ହୁଏ । ସମ୍ଭ୍ରମହୀନତା, ବିଶ୍ୱାସ ଏହାହିଁ ପ୍ରଣୟର ସ୍ୱରୂପ । ବିନୟଯୁକ୍ତ ବିସ୍ରମ୍ଭ ମୈତ୍ର ନାମରେ ଏବଂ ଭୟହୀନ ବିସ୍ରମ୍ଭ ସଖ୍ୟ ନାମରେ ଅଭିହିତ ହୁଏ । ଏଇ ପ୍ରଣୟ ଯେତେବେଳେ ପ୍ରିୟତମ ପାଇଁ ସମସ୍ତ ଦୁଃଖକୁ ସୁଖ ବୋଲି ଗ୍ରହଣ କରେ ସେତେବେଳେ ତାହାର ନାମ ହୁଏ ରାଗ । ବ୍ରଜଗୋପିନୀମାନଙ୍କର ପ୍ରେମ ରାଗାତ୍ମିକା ପ୍ରେମ । ରାଗ ଯେତେବେଳେ ନିତ୍ୟ ନୂତନ ହୁଏ, ଏ ରାଗ-ମାର୍ଗରେ ପ୍ରିୟତମ ଯେତେବେଳେ ନିତି ନୂଆ ରୂପରେ ଅନୁଭୂତ ହୁଅନ୍ତି, ସେତେବେଳେ ରସଶାସ୍ତ୍ରକାରମାନେ ତାକୁ ଅନୁରାଗ ଆଖ୍ୟା ଦିଅନ୍ତି । ଅନୁରାଗର ଚରମ ଅବସ୍ଥା ଭାବ । *

"ଅନୁରାଗଃ ସ୍ୱସଂବେଦ୍ୟଦଶାଂ ପ୍ରାପ୍ୟ ପ୍ରକାଶିତଃ
ଯାବଦାଶ୍ରୟବୃତ୍ତିଶ୍ଚେଦ୍ ଭାବ ଇତ୍ୟଭିଧୀୟତେ ।"

ଅନୁରାଗ ସମସ୍ତ ବୃତ୍ତିର ଆଶ୍ରୟରୂପେ ସୁବିକଶିତ ହୋଇ ସ୍ୱସଂବେଦ୍ୟ ଦଶାପ୍ରାପ୍ତ ହେଲେ ଅର୍ଥାତ୍ ନିଜ ମଧ୍ୟରେ ନିଜେ ସାର୍ଥକତା ପ୍ରାପ୍ତ ହେଲେ ତା'ର ସଞ୍ଜ୍ଞା ହୁଏ ଭାବ । ଏଇ ଭାବର ପରମ କାଷ୍ଠାର ନାମ ମହାଭାବ । ଶ୍ରୀରାଧା ଏଇ ମହାଭାବ ସ୍ୱରୂପିଣୀ ବୋଲି କବିରାଜ ଗୋସ୍ୱାମୀ ଶ୍ରୀଚୈତନ୍ୟଚରିତାମୃତରୁ ଉଦ୍ଧୃତ ପଦଗୁଡ଼ିକରେ ବର୍ଣ୍ଣନା କରିଛନ୍ତି । ମହାଭାବର ଦୁଇଟି ବିଭାବ ରହିଛି । ଗୋଟିଏ ରୂଢ଼, ଅନ୍ୟଟି ଅଧିରୂଢ଼ । ରୂଢ଼ ମହାଭାବ ଶ୍ରୀରାଧିକାଙ୍କର କାୟବ୍ୟୂହ ସ୍ୱରୂପା ସଖୀଗଣଙ୍କ ମଧ୍ୟରେ ଦୃଷ୍ଟ ହୁଏ । ଅଧିରୂଢ଼ ମହାଭାବର ଅଧିକାରିଣୀ କେବଳ ମାତ୍ର ଶ୍ରୀରାଧା । ଯେତେବେଳେ ବିରହରେ ବ୍ୟାକୁଳ, ସେତେବେଳେ ଅଧିରୂଢ଼ ମହାଭାବର ନାମ ମୋଦନ ବା ମୋହନ । ମୋହନ ଅବସ୍ଥାଭେଦରେ ଦିବ୍ୟୋନ୍ମାଦ ରୂପେ କଥିତ ହୁଏ । କବିରାଜ ଗୋସ୍ୱାମୀଙ୍କ ଭାଷାରେ:—

ସାଧନ ଭକ୍ତି ହଇତେ ହୟ ରତିର ଉଦୟ ।
ରତି ଗାଢ଼ ହେଲେ ତାରେ ପ୍ରେମ ନାମ କୟ ।

ଏଇ ରତିରୁ ପ୍ରେମ, ଏବଂ ପ୍ରେମ କ୍ରମପରିପୁଷ୍ଟି ଲଭ କରି ମହାଭାବରେ ପରିଣତ ହୁଏ । ମହାଭାବ ସୁବିକଶିତ ହେଲେ ଅନବଚ୍ଛିନ୍ନ ମିଳନାନଂଦର ସ୍ଫୁର୍ତ୍ତି ଜାତ ହୁଏ । ତାହାର ନାମ ମାଦନ । ଶ୍ରୀରାଧା ଏଇ ମହାଭାବର ଏକମାତ୍ର ଅଧିଶ୍ୱରୀ ବୋଲି ବୈଷ୍ଣବ ସାଧକମାନଂକର ମତ । ଶ୍ରୀମଦ୍‌ଭାଗବତରେ ଗୋପୀମାନେ ନୈଷ୍ଠିକୀ ରତିର ଅଧିକାରିଣୀ ।

ବୈଷ୍ଣବ ଦର୍ଶନ ଓ ରସଶାସ୍ତ୍ର ମଣିଷକୁ ତାର ଜୀବନର ଗୋଟିଏ କ୍ରମ-ବିକାଶର ପଥ ଦେଖାଇ ଦେଇଛି । ରାୟ ରାମାନଂଦ ସାଧ୍ୟ-ସାଧନ ନିର୍ଣ୍ଣୟରେ ରାଧା-ପ୍ରେମକୁ 'ସାଧ୍ୟଶିରୋମଣି' କହିଛଂନ୍ତି । "ଇହାର ମଧ୍ୟେ ରାଧାର ପ୍ରେମ ସାଧ୍ୟ-ଶିରୋମଣି ।'

## ରାଧାକୃଷ୍ଣ ପ୍ରେମ 'ଲଲନାନିଷ୍ଠ' ପ୍ରେମ

ବୈଷ୍ଣବମାନଂକ ମତରେ ମାନବର ଚରମ ଓ ପରମ କାମ୍ୟ ପ୍ରେମ । କୃଷ୍ଣପ୍ରେମ ନିତ୍ୟସିଦ୍ଧ ବସ୍ତୁ । ଏହା ସାଧ୍ୟ ସାଧନାରେ ମିଳେ ନାଇ । ନବାଂଗ ଭକ୍ତିର ଅକପଟ ଅନୁଷ୍ଠାନ ଦ୍ୱାରା ବହୁ ଜନ୍ମ-ଜନ୍ମାଂତରର ସୌଭାଗ୍ୟ ଫଳରେ ଈକସ୍ମାତ କୌଣସି ନିତ୍ୟ-ସିଦ୍ଧ ଭକ୍ତର 'ଅହୈତୁକୀ କୃପାଲଭ' ଘଟେ । ଗୋପଲଲନା-ମାନଂକର ପ୍ରେମହିଁ 'ଲଲନାନିଷ୍ଠ ପ୍ରେମ' ନାମରେ ପରିଚିତ । ଶ୍ରୀପାଦ ରୂପ ଗୋସ୍ୱାମୀଂକ ମତରେ :—"ସ୍ୱରୂପଂ ଲଲନାନିଷ୍ଠଂ ସ୍ୱୟଂମୁଦ୍‌ବୁଦ୍ଧତାଂ ବ୍ରଜେତ୍ । ଅଦୃଷ୍ଟେ ହପ୍ୟଶ୍ରୁତେହପ୍ୟଁଚୈଃ କୃଷ୍ଣେ କୁର୍ଯାଦ ଦ୍ରୁତଂ ରତିମ ।" ଅର୍ଥାତ୍ ସ୍ୱରୂପ-ଧର୍ମବଶତଃ ଏଇ ଲଲନାନିଷ୍ଠ ରତି ସ୍ୱତଇ ଉନ୍ମେଷିତ ହୁଏ । ଶ୍ରୀକୃଷ୍ଣଂକର ରୂପ ନ ଦେଖି, ଗୁଣ ନ ଶୁଣି କୃଷ୍ଣଂକଠାରେ ଏଇ ରତିର ଉଦ୍ରେକ ଓ ଦ୍ରୁତବୃଦ୍ଧି ଘଟେ । ପରେ ଅବଶ୍ୟ ସଂବଧ ସ୍ଥାପିତ ହୁଏ । ଗୋପୀଭାବରେ ଆଗେ ସେବା, ପରେ ସଂବଂଧ । (ହି.ମୁ)

## ଶାରଦ ରାସ ବନାମ ବସଂତ ରାସ

ରାଧାକୃଷ୍ଣ ପ୍ରେମଲୀଳାରେ ସଖୀର ଭୂମିକା ଅପରିହାର୍ଯ୍ୟ । ସଖୀ ବିନା ରାଧାକୃଷ୍ଣ ଲୀଳା ଅସଂଭବ । ସଖୀମାନେହିଁ ରାସମଂଡଳ ତିଆରି କରଂନ୍ତି ଏବଂ ରାଧା-କୃଷ୍ଣଂକ ମିଳନରେ ସହାୟତା କରଂନ୍ତି । ସେମାନେ ଖାଲି ନୀରବ ଦର୍ଶିକା ନୁହଂନ୍ତି,

**ଶାରଦ ରାସ ଓ ବସଂତ ରାସ**

ବସଂତ-ରାସର ପ୍ରତ୍ୟକ୍ଷ ଅଂଶୀଦାର । ଶାରଦ ରାସରେ କାତ୍ୟାୟନୀବ୍ରତ-ପରାୟଣା କୁମାରୀଗଣଂକର କାମନା ପୂର୍ଣ୍ଣ କରିବାହିଁ ଶ୍ରୀକୃଷ୍ଣଂକର ପ୍ରଧାନ ଉଦ୍ଦେଶ୍ୟ ଥିଲା । ଏଇ କୁମାରୀ-ମାନେ କୃଷ୍ଣଂକୁ ପତିରୂପେ ପାଇବା ନିମଂତେ ଦେବୀ

କାତ୍ୟାୟନୀଙ୍କ ନିକଟରେ ବରପ୍ରାର୍ଥନା କରିଥିଲେ । ଶ୍ରୀମଦ୍‌ଭାଗବତରେ ଏହି ଶାରଦ ରାସର ବର୍ଣ୍ଣନା ଦେଖିବାକୁ ପାଉଁ । ସେଠାରେ ଗୋପଲଲନାମାନେହିଁ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି, ରାଧା ବା ମୁଖ୍ୟ-ନାୟିକା ବୋଲି କେହି ନାହାନ୍ତି । ମାତ୍ର ଗୀତଗୋବିନ୍ଦରେ ବସନ୍ତ-ରାସର ବର୍ଣ୍ଣନା ଦେଖୁଁ । ଏଠାରେ ଶ୍ରୀରାଧାହିଁ ମୁଖ୍ୟନାୟିକା—ଗୋପୀମାନେ ଗୌଣ ଭୂମିକା ଗ୍ରହଣ କରିଛନ୍ତି । (ଏକ୍ସ)

"ସୌଭାଗ୍ୟ ତିଳକ ଚାରୁ ଲଲାଟେ ଉଜ୍ଜ୍ୱଳ ।
ପ୍ରେମ ବୈଚିତ୍ର୍ୟ ରତ୍ନ ହୃଦୟେ ତରଳ ।
ମଧ୍ୟ ବୟଃସ୍ଥିତ ସଖୀ ସ୍କନ୍ଧେ କରନ୍ୟାସେ ।
କୃଷ୍ଣଲୀଳା ମନୋବୃତ୍ତି ସଖୀ ଆଶ ପାଶ ।" (ଶ୍ରୀଚୈତନ୍ୟଚରିତାମୃତ)

ଶ୍ରୀମଦ୍ଭାଗବତରେ ବିଭିନ୍ନ ଗୋପୀଙ୍କ ସଙ୍ଗେ ଶ୍ରୀକୃଷ୍ଣଙ୍କର ରାସକ୍ରୀଡ଼ା ଓ ରତିକେଳି ବର୍ଣ୍ଣିତ ହୋଇଛି । ମାତ୍ର ଗୀତଗୋବିନ୍ଦର ବସନ୍ତ-ରାସରେ ସଖୀମାନେ ରାଧାକୃଷ୍ଣ ପ୍ରେମ-ଲୀଳାରେ ସର୍ବାନ୍ତଃକରଣରେ ସାହାଯ୍ୟ କରିଛନ୍ତି । ଶ୍ରୀମଦ୍‌ଭାଗବତରେ

ସମ୍ୟଗ୍‌ବ୍ୟବସିତା ବୁଦ୍ଧିସ୍ତବ ରାଜର୍ଷି-ସତ୍ତମ
ବାସୁଦେବ-କଥାୟାଂ ତେ ଯଜ୍ଜାତା ନୈଷ୍ଠିକୀ ରତିଃ ।"

ଶୁକଦେବଙ୍କର ଏହି ଉକ୍ତିରେ ଗୋପୀଙ୍କ ସହ ଶ୍ରୀକୃଷ୍ଣଙ୍କର ରତି-କେଳିର ବର୍ଣ୍ଣନା ଦିଆଯାଇଛି । ଆଦ୍ୟ-ରସର ଦୁଇଟି ରୂପ୍‌, ବିପ୍ରଲମ୍ଭ ଓ ସମ୍ଭୋଗ । ଭାଗବତରେ ବିପ୍ରଲମ୍ଭ ରସ ବର୍ଣ୍ଣନାରେ ପ୍ରେମବୈଚିତ୍ର୍ୟ ବା କାରୁଣ୍ୟ ଭାବ ପରିସ୍ଫୁଟ । ମାତ୍ର ଶ୍ରୀକୃଷ୍ଣ ରାଧାଙ୍କୁ (?) ନେଇ * ଅନ୍ତର୍ଦ୍ଧ୍ୟାନ ହୋଇଯିବା ପରେ କାହା ମନରେ 'ମାନ' ଉଦୟ ହୋଇ ନାହିଁ । ବରଂ ସେମାନେ ଶୋକାକୁଳ ହୋଇ କ୍ରନ୍ଦନ କରିଛନ୍ତି । ଶ୍ରୀକୃଷ୍ଣ ଫେରିବା ପରେ କେବଳ ଜଣେ ଗୋପୀଠାରେ କିଛିଏ

* ଯଦି 'ଅନୟାରାଧିତୋ ନୂନଂ'ର ଅର୍ଥ ରାଧା କରାଯାଏ ତେବେ ଏହା ପ୍ରଯୋଜ୍ୟ । ରକ୍ଷଣଶୀଳ ବୈଷ୍ଣବମାନେ ଏହାର ଅର୍ଥ ଶ୍ରୀରାଧାହିଁ କରିଥାନ୍ତି, ରାଧାସମନ୍ୱିତ ନୁହେଁ । ରାଏ ରାମାନନ୍ଦ ମଧ୍ୟ ଶ୍ରୀରାଧା ଅର୍ଥରେ ଶ୍ରୀମଦ୍‌-ଭାଗବତର ଏହି ପଦକୁ ଗ୍ରହଣ କରିଛନ୍ତି । ଚୈତନ୍ୟ ଚରିତାମୃତରେ ଏହାର ଗୂଢ଼ାର୍ଥ ମଧ୍ୟଲୀଳାରେ, ବର୍ଣ୍ଣିତ ହୋଇଛି ଏବଂ ସଖୀଭାବ ବିଷୟରେ ଅଷ୍ଟମ ପରିଚ୍ଛେଦରେ କୁହାଯାଇଛି ।

ମାନର ସୂଚନା ମିଳେ । ଅଥଚ ରସପୁଷ୍ଟି ପାଇଁ ମାନ ଏକ ଅତ୍ୟାବଶ୍ୟକୀୟ ଅଂଗ । ସଂଯୋଗର ବନ୍ଧ ମଧ୍ୟ ଭାଗବତର ରାସଲୀଳାରେ ପାଉଁ । (ଏକ୍‌ନ)

ଗୀତଗୋବିନ୍ଦରେ କୃଷ୍ଣପ୍ରେମର ଏକମାତ୍ର ଅଧିକାରିଣୀ ଶ୍ରୀରାଧା ବୋଲି ଦେଖାଇ ଦିଆଯାଇଛି । ସେ ଦାନ ନ କଲେ ଗୋପୀମାନଙ୍କର ମଧ୍ୟ କୃଷ୍ଣପ୍ରାପ୍ତିର ଅଧିକାର ନାଇ । ଶ୍ରୀକୃଷ୍ଣ ଶ୍ରୀରାଧଂକ ପାଇଁ ଗୋପୀମାନଙ୍କୁ ତ୍ୟାଗ କରିଛନ୍ତି । ତାଂକୁ କୌଣସି ଗୋପୀ ମନରେ କୌଣସି ପ୍ରକାର ଈର୍ଷା ବା ଅଭିମାନ ଦେଖା ଯାଇ ନାଇ । ଜୟଦେବ ଦେଖାଇଛନ୍ତି—ସଖୀ ଭିନ୍ନ ଲୀଳାବିସ୍ତାରରେ ଅନ୍ୟ କେହି ଅଧିକାରୀ ନୁହେ । ସଖୀମାନଙ୍କର ଦେହେନ୍ଦ୍ରିୟ ଚରିତାର୍ଥର କୌଣସି କାମନା ନାଇ । ରାଧାକୃଷ୍ଣଂକର ଲୀଳା ବିଳାସ ଦର୍ଶନରେହିଁ ସେମାନଙ୍କର ଆନନ୍ଦ । ସଖୀଗଣ ଦାନ ନ କରିଲେ ଶ୍ରୀକୃଷ୍ଣଂକର ମଧ୍ୟ **ରାଧାସଂଗ** ପାଇବାର କୌଣସି ଉପାୟ ନାଇ । ପୁଣି ରାଧା ଦାନ ନ କରିଲେ କୌଣସି ସଖୀ କୃଷ୍ଣପ୍ରେମର ଅଧିକାରିଣୀ ହୋଇ ନ ପାରେ । (ଏକ୍‌ନ)

ଶ୍ରୀମଦ୍‌ଭାଗବତରେ ଶ୍ରୀକୃଷ୍ଣ ସମସ୍ତ ଗୋପୀ ସମାଜର ପ୍ରେମାସ୍ପଦ । ମାତ୍ର ଗୀତଗୋବିନ୍ଦରେ ଶ୍ରୀକୃଷ୍ଣ ରାଧାବଲ୍ଲଭ—ଯଦିଓ ଅନ୍ୟ ଗୋପୀ ସଂଗେ ବି ସେ ରତିକ୍ରୀଡ଼ା କରିଥିବା କଥା ୧ମ ସର୍ଗରୁ (ଅଶ୍ଳେଷ-କେଶବଃ) ଜଣାଯାଏ । ରାଧାଙ୍କର ମାନ ଉଦ୍ରେକ ପାଇଁ ଏଭଳି ଏକ ଘଟଣାର ଆବଶ୍ୟକତା ହୁଏତ ଥିଲା । ତଥାପି ରାଧା କୃଷ୍ଣଂକୁ ଏକାନ୍ତ ଭାବରେ ପାଇବାକୁ ଚାହାନ୍ତି ଏହା ଗୀତ ଗୋବିନ୍ଦରୁ ସ୍ପଷ୍ଟ । ଶ୍ରୀକୃଷ୍ଣ ଯେ ତାଂକର ଏକାନ୍ତ ନିଜର, ଏ ବିଶ୍ୱାସ ତାଂକର ଅଛି ।

ରାଧାକୃଷ୍ଣର ଲୀଳା ଏଇ ଅତି ଗୂଢ଼ତର ।
ଦାସ୍ୟ ବାତ୍ସଲ୍ୟାଦି ଭାବେର ନା ହୟ ଗୋଚର ।
ସବେ ଏଇ ସଖୀଗଣେର ଇହା ଅଧିକାର ।
ସଖୀ ହଇତେ ହୟ ଏଇ ଲୀଲାର ବିସ୍ତାର ।
ସଖୀ ବିନୁ ଏଇ ଲୀଲା ପୁଷ୍ଟି ନାହି ହୟ ।
ସଖୀ ଲୀଲା ବିସ୍ତାରିୟା ସଖୀ ଆସ୍ୱାଦୟ ।।
ସଖୀ ବିନୁ ଏଇ ଲୀଲାୟ ନାହି ଅନ୍ୟେର ଗତି ।
ସଖୀଭାବେ ତାଁରେ ଯେଇ କରେ ଅନୁଗତି ।
ରାଧାସାଧି କୁଞ୍ଜସେବା ସାଧ୍ୟ ସେଇ ପାୟ ।
ସେଇ ସାଧ୍ୟ ପାଇତେ ଆର ନାହିକ ଉପାୟ ।।

ଏକଥା ଗୋଦାବରୀ ତୀରରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କୁ ରାୟ ରାମାନନ୍ଦ କହୁଛନ୍ତି । ମାତ୍ର ଏହା ପୂର୍ବରୁ ପ୍ରାୟ ତିନିଶ ବର୍ଷ ପୂର୍ବରେ କବି ଜୟଦେବ କୁଞ୍ଜ-

ଲୀଳାର ଜୟଗାନ କରିଯାଇଛନ୍ତି । ଶ୍ରୀ ଗୀତଗୋବିନ୍ଦରେ ଏହାର ସଙ୍କେତ ମିଳେ ।*

"କିଂ ବିଶ୍ରାମ୍ୟସି କୃଷ୍ଣ-ଭୋଗିଭବନେ ଭାଣ୍ଡୀରଭୂମିରୁହେ
ଭ୍ରାତର୍ଯାହି ନ ଦୃଷ୍ଟିଗୋଚରମିତଃ ସାନନ୍ଦନନ୍ଦାସ୍ପଦମ୍ ।
ରାଧାୟା ବଚନଂ ତଦଧ୍ୱଗମୁଖାନ୍ନନ୍ଦାନ୍ତିକେ ଗୋପତୋ
ଗୋବିନ୍ଦସ୍ୟ ଜୟନ୍ତି ସାୟମତିଥି-ପ୍ରାଶସ୍ତ୍ୟଗର୍ଭା ଗିରଃ ॥"

("ଭାଇ ପଥିକ ! କୃଷ୍ଣଭୋଗୀ ଅର୍ଥାତ୍ କାଳସର୍ପର ଆବାସସ୍ଥଳ ଏଇ ଭାଣ୍ଡୀରତରୁତଳ (କୁଞ୍ଜତଳେ) କାହିଁକି ବିଶ୍ରାମ କରୁଚ ? ନିକଟରେ ତ ଆନନ୍ଦ-ମୟ ନନ୍ଦ ଭବନ ଦେଖାଯାଉଚି । ସେଠାକୁ ଯାଉ ନ କାହିଁକି ?" ପଥିକ ଶ୍ରୀରାଧାଙ୍କର ଏଇ ବାକ୍ୟ ନନ୍ଦାଳୟରେ ଯାଇ କହିବାରୁ ଶ୍ରୀକୃଷ୍ଣ ନନ୍ଦଙ୍କ ନିକଟରେ କଥାର ପ୍ରକୃତି ଅର୍ଥ ଗୋପନ କରି ଏଇ ବାକ୍ୟର ପ୍ରଶଂସା କରିଥିଲେ । ଗୋବିନ୍ଦଙ୍କର ସେଇ ପ୍ରଶଂସାବାଣୀର ଜୟ ହେଉ । ) ଏଠାରେ ରାଧାଙ୍କ ବାକ୍ୟରେ ଯାହା ଗୁପ୍ତ ଅର୍ଥ ରହିଗଲା ତାହା ହେଉଚି, କୁଞ୍ଜ ପ୍ରବେଶ ଅଧିକାର ସମସ୍ତଙ୍କର ନାଇ । କେବଳ ଗୋପୀମାନଙ୍କର ସେ ଅଧିକାର ଅଛି । ପୁଣି ସଖୀଙ୍କ ଛଡ଼ା ସେ ଲୀଳା-ବିଳାସର ଅଂଶଭାଗିନୀ ହେବାର ଅଧିକାର ସବୁ ଗୋପୀଙ୍କର ବି ନାଇ । ଏହାହିଁ ଶ୍ଲୋକର ନିହିତ ଅର୍ଥ ।**

## ମୋହନ ବଂଶୀ

କେବଳ ଗୋପୀମାନେ ଯେ ରାଧାଙ୍କର ଓ କୃଷ୍ଣଙ୍କର ସଖୀ ତା ନୁହେଁ, ଶ୍ରୀକୃଷ୍ଣଙ୍କର ମୋହନ ବଂଶୀଟି ମଧ୍ୟ ଅନ୍ୟତମା ସଖୀରୂପେ ଗୃହୀତ ହୋଇଚି । ବ୍ରହ୍ମସଂହିତା ବଂଶୀକୁ 'ପ୍ରିୟସଖୀ' କହିଛନ୍ତି । ଉଜ୍ଜ୍ୱଳ ନୀଳମଣି ଗ୍ରନ୍ଥରେ ବଂଶୀକୁ 'ସ୍ୱୟଂଦୂତୀ' କୁହାଯାଇଚି । ଲେଖାଅଛି "ନନ୍ଦାଖ୍ୟ ବଂଶୀ-ସଙ୍କେତ-ଗୃହୀତା ଅଭିମାରିକା ଶ୍ରୀରାଧା ମେଘମେଦୁର ଆକାଶ, ତମାଳାଚ୍ଛନ୍ନ ବନଭୂମି ଏବଂ ରାତ୍ରିର ନିର୍ଜନତା ମଧ୍ୟରେ ଏକାକିନୀ ଚାଲିଛନ୍ତି ଶ୍ରୀକୃଷ୍ଣଙ୍କ ସଙ୍ଗ ଲାଭ କରିବାକୁ ।" ସଙ୍ଗୀତ ପାରିଜାତରେ ଚାରିପ୍ରକାର ବଂଶୀର ଉଲ୍ଲେଖ ମିଳେ :—ଯଥା ମହାନନ୍ଦ, ନନ୍ଦ, ବିଜୟ, ଜୟ । ବୈଷ୍ଣବ, ହୈମ ଏବଂ ମଣିମୟ ଭେଦରେ ଏଗୁଡ଼ିକର ପୁଣି ବେଣୁ, ମୁରଲୀ ଓ ବଂଶୀ ପ୍ରଭୃତି ନାମଭେଦ ଅଛି । (ଏକନ୍ନ)

---

* *Ibid*   ** ଏକନ୍ନ

ପଦ୍ମ ପୁରାଣରେ ଶାରଦରାସ ଓ ବସନ୍ତରାସର ବର୍ଣ୍ଣନା ଅଛି । ବ. ବୈ. ପୁରାଣରେ ମଧ୍ୟ ଉଭୟ ରାସର ବର୍ଣ୍ଣନା ରହିଚି । ଶ୍ରୀମଦ୍ଭାଗବତରେ କେବଳ ଶାରଦରାସ ବର୍ଣ୍ଣିତ ହୋଇଛି ।

# ପରକୀୟା ସ୍ୱକୀୟା

ଶ୍ରୀ ରାଧିକାଙ୍କୁ 'ଦଂପତି' ରୂପେ ଦେଖାଇବା ପାଇଁ ବି ଗୋଟାଏ ଚେଷ୍ଟା ବ୍ରହ୍ମବୈବର୍ତ୍ତପୁରାଣାଦିରେ କରାଯାଇଥିଲା । ଉକ୍ତ ପୁରାଣର ଶ୍ରୀକୃଷ୍ଣ ଜନ୍ମଖଂଡ, ୧୫ ଅଧ୍ୟାୟରେ ବର୍ଣ୍ଣିତ ଅଛି ଯେ ଦିନେ ନଂଦ-ରାଜା ଶ୍ରୀକୃଷ୍ଣଂକୁ ସଂଗରେ ନେଇ ବୃଂଦାବନ ଯାଇ ଭାଂଡୀରବନରେ ଗୋଚାରଣା କରୁଥିଲେ । ହଠାତ୍ କୃଷ୍ଣମାୟାରେ ନଭୋମଂଡଳ ମେଘାଚ୍ଛନ୍ନ ହେଲା । କାନନାଭ୍ୟଂତର ମଧ୍ୟ ଶ୍ୟାମବର୍ଣ୍ଣ ଦେଖାଗଲା । ଝଂଜାବାୟୁ, ମେଘ-ଗର୍ଜନ ଏବଂ ବଜ୍ରନିନାଦ ପ୍ରଭୃତି ଭିତରେ ନଂଦ-ଗୋପ ଭୟ ବିମୂଢ଼ ହୋଇପଡ଼ିଲେ । ଠିକ୍ ଏତିକିବେଳେ ରାଜହଂସ ଓ ଖଂଜନ ସଦୃଶ ମୃଦୁ ଗତିରେ ଶ୍ରୀରାଧା ଉପସ୍ଥିତ ହେଲେ । ନଂଦ ତାଂକୁ କହିଲେ, ଦେବି ! ଗର୍ଗଂକଠାରୁ ଶୁଣିଛି, ତୁମେ ଲକ୍ଷ୍ମୀ ଅପେକ୍ଷା ମଧ୍ୟ ଶ୍ରୀହରିଂକର ଅଧିକ ପ୍ରିୟତମା । ଏଇ କୋଡ଼ସ୍ଥିତ ବାଳକ ଯେ ମହାବିଷ୍ଣୁଂକଠାରୁ ମଧ୍ୟ ଶ୍ରେଷ୍ଠ, ଅଚ୍ୟୁତ ସ୍ୱରୂପ, ତାହା ମଧ୍ୟ ମୁଁ ଜାଣେ । ଭଦ୍ରେ, ନିଜର ପ୍ରାଣବଲ୍ଲଭଂକୁ ଗ୍ରହଣ କର । ରାଧିକା ଅତି ଯତ୍ନରେ କୃଷ୍ଣଂକୁ ବକ୍ଷରେ ଧାରଣପୂର୍ବକ ସୁଦୂର ପ୍ରଦେଶକୁ ଯାଇ ରାସମଂଡଳ କଥା ସ୍ମରଣ କରିବାକୁ ଲାଗିଲେ । ଏହାପରେ ନିତ୍ୟଧାମ ଗୋଲୋକରେ ଦିନେ ରାଧାକୃଷ୍ଣ ବସିଥିବା ବେଳେ ବ୍ରହ୍ମା ଆସି ଦୁହିଂକୁ ପ୍ରମାଣ କରି ଏକ ହୋମର ଅନୁଷ୍ଠାନ କଲେ । ସେଥିରେ କୃଷ୍ଣଂକ କର୍ତ୍ତୃକ ରାଧାଂକ ପାଣିଗ୍ରହଣ କରାଇଲେ ଏବଂ ରାଧାଂକ ଦ୍ୱାରା କୃଷ୍ଣଂକ ଗଳାରେ ଏକ ପାରିଜାତମାଳା ପିଂଧାଇଲେ । ପୁଣି କୃଷ୍ଣ କର୍ତ୍ତୃକ ରାଧାଂକ ଗଳାରେ ମଧ୍ୟ ମନୋରମ ମାଲ୍ୟଦାନ କରାଇଲେ । ନିଜେ କନ୍ୟାପିତା ସାଜି ରାଧିକାଂକୁ ଶ୍ରୀକୃଷ୍ଣଂକ କୋଳରେ ସମର୍ପଣ କଲେ । ଗାର୍ଗ ସଂହିତାରେ ମଧ୍ୟ ଅନୁରୂପ ଏକ ଆଖ୍ୟାନ ଦେଖାଯାଏ । ଏଇ ଆଖ୍ୟାନ ଅନୁଯାୟୀ ଦିନେ ନଂଦ ବାଳକ କୃଷ୍ଣଂକୁ କୋଡ଼ରେ ଧରି ଗୋରୁ ଚରାଉଥିବା ସମୟରେ ହଠାତ୍ ମେଘାଚ୍ଛନ୍ନ ହୋଇ ବର୍ଷା ଘୋଟି ଆସିଲା । ତମାଳ ଓ କଦଂବ ପ୍ରଭୃତି ତରୁ କଂପିତ ହେବାକୁ ଲାଗିଲେ । ନଂଦ ଭୟ ପାଇଗଲେ । ବାଳକ ମଧ୍ୟ କ୍ରଂଦନ କରିବାକୁ ଲାଗିଲା । ହଠାତ୍ ସୂର୍ଯ୍ୟତେଜ ଭଳି ଏକ ଦୀପ୍ତ ପ୍ରଭାମଂଡଳ ସୃଷ୍ଟି ହେଲା ଏବଂ ତା ଭିତରେ ନଂଦ ବୃଷଭାନୁ-ନଂଦିନୀ ରାଧାଂକୁ ଦେଖିବାକୁ ପାଇଲେ । ନଂଦ ତାଂକୁ ପ୍ରଣାମ କରି କହିଲେ, 'ଗର୍ଗ ମୁଖରେ ଶୁଣିଛି ତୁମେ ଏଇ ବାଳକରୂପୀ ପୁରୁଷୋତ୍ତମଂକର ସାକ୍ଷାତ୍ ପ୍ରିୟକାରିଣୀ । ତୁମେ ଏହାଂକୁ ଘରକୁ ନେଇଯାଅ ।' (ଏକାନ୍ତ)

ଏଇ ଦୁଇଟି ଉପାଖ୍ୟାନ ସହିତ ଗୀତଗୋବିଂଦର ପ୍ରଥମ ସର୍ଗର ପ୍ରଥମ ଶ୍ଳୋକରେ ଥିବା 'ନଂଦନିଦେଶତଃ" ଏବଂ ''ମେଘୈର୍ମେଦୁର' ଆକାଶ ଓ 'ଶ୍ୟାମଳ-

ତମାଲ ଦ୍ରୁମୈ' ତଥା ବନଭୂମିର ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ଦେଖାଯାଏ । ତେଣୁ ନନ୍ଦ ଶ୍ରୀରାଧାଙ୍କୁ ,କୃଷ୍ଣଙ୍କୁ ନେଇ ଘରେ ପହଞ୍ଚାଇ ଦେବା କଥା କହିଥିବା କିଛିମାତ୍ର ଅସମ୍ଭବ ନୁହେଁ । ତା'ଛଡ଼ା ମେଘାଚ୍ଛନ୍ନ ଆକାଶାଦିର ବର୍ଣ୍ଣନା ମଧ୍ୟ ବ୍ରହ୍ମବୈବର୍ତ୍ତ, ଗାର୍ଗ ସଂହିତା ଏବଂ ଗୀତଗୋବିନ୍ଦରେ ପ୍ରାୟ ସମାନ ।

ଗୀତଗୋବିନ୍ଦର ୫ମ ସର୍ଗରେ ରାଧାକୃଷ୍ଣଙ୍କୁ "ଦମ୍ପତି" ଶବ୍ଦରେ ଅଭିହିତ କରାଯାଇଛି । ଏବଂ ୧୨ଶ ସର୍ଗରେ ଶ୍ରୀକୃଷ୍ଣଙ୍କୁ ଶ୍ରୀରାଧାଙ୍କର ପତି ବୋଲି କୁହାଯାଇଛି । ଏଥିରୁ ସ୍ପଷ୍ଟ ମନେହୁଏ ଯେ ଅପ୍ରାକୃତ ରାଧାକୃଷ୍ଣ ପ୍ରେମ-ଲୀଳାର ଏକ ସାମାଜିକ ସମାଧାନର ସୂତ୍ର ବାହାର କରିବା ଲାଗି ବାରମ୍ବାର ଚେଷ୍ଟା ହୋଇଆସିଛି । ବ୍ରହ୍ମାଙ୍କ ଦ୍ୱାରା ହୋମାଦି ଅନୁଷ୍ଠାନ ଏହାର ନିଦର୍ଶନ ।

## ପରକୀୟା ତତ୍ତ୍ୱ : ରସତତ୍ତ୍ୱ ଦୃଷ୍ଟିରୁ

ରସତତ୍ତ୍ୱ ଦୃଷ୍ଟିରୁ, ଲୀଳାରେ ପରକୀୟା ଭାବର ଆରୋପ ନ ଥିଲେ ଅଭିସାରିକା, ବାସକସଜ୍ଜା, ବିପ୍ରଲବ୍ଧା, ଖଣ୍ଡିତାଦି ନାୟିକାର ବର୍ଣ୍ଣନା କରିହୁଅନ୍ତା ନାହିଁ, କିମ୍ବା କାବ୍ୟର ରସପୁଷ୍ଟି ହୁଅନ୍ତା ନାହିଁ । ଗୋପୀଗଣ ଓ ରାଧିକା ଶ୍ରୀକୃଷ୍ଣଙ୍କର ନିତ୍ୟ-ସ୍ୱକୀୟା ଶକ୍ତି ହେଲେ ମଧ୍ୟ ପ୍ରକଟ ଲୀଳାରେ ସେମାନଙ୍କୁ ପରକୀୟା ରୂପେ ପ୍ରକାଶ ନ କରି ଅନ୍ୟ ଉପାୟ ନ ଥିଲା । ଶ୍ରୀରାଧା ଶ୍ରୀକୃଷ୍ଣଙ୍କର ଗୋଲକ ଲୀଳାରେ ନିତ୍ୟ ସ୍ୱକୀୟା, କିନ୍ତୁ ମର୍ତ୍ତ୍ୟ-ବୃନ୍ଦାବନ ଲୀଳାରେ ପରକୀୟା ଭାବରେ ଚିତ୍ରିତା ହୋଇଛନ୍ତି । ଏହାଛଡ଼ା ଅନ୍ୟ ବାଟ ନ ଥିଲା । ଶ୍ରୀରାଧାଙ୍କୁ ଯଦି ଶ୍ରୀକୃଷ୍ଣଙ୍କର ପରିଣୀତା ପତ୍ନୀ କରି ଦିଆଯାଇଥାନ୍ତା ତାହା ହେଲେ ପ୍ରେମଭାବ ବା କାନ୍ତାଭାବର ସର୍ବୋଚ୍ଚ ବିକାଶ ଦେଖାଇବା ସମ୍ଭବ ହୋଇ ନ ଥାନ୍ତା । ତଥାପି ତାଙ୍କୁ କୃଷ୍ଣଙ୍କର ପତ୍ନୀ ରୂପେ ଦେଖାଇବାକୁ ବ୍ରହ୍ମବୈବର୍ତ୍ତ ପୁରାଣାଦିରେ ଯେ ଚେଷ୍ଟା କରାଯାଇ ନାହିଁ ତା ନୁହେଁ । ବ୍ରହ୍ମାଙ୍କ ଦ୍ୱାରା ଅନୁଷ୍ଠିତ ହୋମାଦି ଅନୁଷ୍ଠାନ ଓ ପାଣିଗ୍ରହଣର କଥା ଠିକ୍ ଏ ଆଗରୁ କୁହାଯାଇଛି । ରାଧା ପରକୀୟା ହେଲେ ମଧ୍ୟ ନିତ୍ୟଲୀଳାରେ ସେ ଶ୍ରୀକୃଷ୍ଣଙ୍କର ଚିର ସ୍ୱକୀୟା । ମର୍ତ୍ତ୍ୟ-ବ୍ରଜଲୀଳାରେ ସେ ପତିଙ୍କେ ପରକୀୟା ହୁଅନ୍ତି । ଶ୍ରୀକୃଷ୍ଣଙ୍କର ଧୀର-ଲଳିତ ଗୁଣର ବିକାଶ ଦେଖାଇବା ପାଇଁ ହିଁ କାବ୍ୟ ସାହିତ୍ୟରେ ଶ୍ରୀରାଧାଙ୍କର ସୃଷ୍ଟି ଅପରିହାର୍ଯ୍ୟ ଥିଲା ।

ବ୍ରହ୍ମସଂହିତା କହେ, 'ଆନନ୍ଦ-ଚିନ୍ମୟ ରସାତ୍ମଭୂତ ଭୁବନମୋହନଙ୍କର ଯେଉଁ ମାଧୁର୍ଯ୍ୟବିମ୍ବକୁ ନିଖିଳ ପ୍ରାଣୀଗଣଙ୍କର ଅନ୍ତଃକରଣରେ ପ୍ରତିଫଳିତ ହୋଇ

ସ୍ମରଲୀଳାରେ ଅଖିଳଭୁବନ ଜୟ କରିଚ, ସେଇ ଆଦିପୁରୁଷ ଗୋବିନ୍ଦଙ୍କୁ ପ୍ରଣାମ କରେ । ଯିଏ ସ୍ୱୀୟ ଅଂଶରେ ସ୍ମରତାମୁପେତ୍ୟ' ବହୁ ଅଂଶରେ ଜଗତ ହୋଇଛନ୍ତି, ସ୍ୱୟଂ ସେହି ସାକ୍ଷାତ୍ ମନ୍ମଥ ଏବଂ ମନ୍ମଥରୂପେ ଆନନ୍ଦ-ଚିନ୍ମୟ-ରସାମୃତାରେ, ରାସ-ବିଳାସରେ ବହୁର ଆଲିଂଗନାବଦ୍ଧ ହୋଇ ଅଦ୍ୱୟ ରୂପର ସ୍ୱରୂପ ପ୍ରକାଶ କରୁଛନ୍ତି । ସ୍ମରରୂପେ ଯିଏ ନିଖିଳ ଜଗତକୁ ମୁଗ୍ଧ କରୁଛନ୍ତି, ସେଇ ପୁଣି ବୃନ୍ଦାବନରେ ଅପ୍ରାକୃତ ନବୀନମଦନରୂପେ ନିଜକୁ ଦେଖି ନିଜେ ମୁଗ୍ଧ ହେଉଛନ୍ତି । ତାଙ୍କର ଏଇ ଆତ୍ମପ୍ରେମ ଓ ଆତ୍ମମଗ୍ନତା ହାତରୁ ତାଙ୍କୁ ରକ୍ଷା କରିବ କିଏ ?

"ଆନନ୍ଦ ଚିନ୍ମୟ ରସାମୃତସ୍ୟା ମନଃସୁ
ଯା ପ୍ରାଣୀନାଂ ପ୍ରତିଫଳଂ ସ୍ମରତାମୁପେତ୍ୟ ।
ଲୀଳାୟିତେନ ଭୁବନାନି ଜୟତ୍ୟଜସ୍ରଂ
ଗୋବିନ୍ଦମାଦିପୁରୁଷଃ ତମହଂ ଭଜାମି ।' (ବ୍ରହ୍ମସଂହିତା)

ଏଇ ଆତ୍ମମୁଗ୍ଧତା ହାତରୁ ତାଙ୍କୁ ରକ୍ଷା କରିବାର ସାମର୍ଥ୍ୟ ଅନ୍ୟ କାହାର ନାଇ । ଯିଏ ସମର୍ଥା, ସେଇ ହେଉଛନ୍ତି ଶ୍ରୀରାଧା । କୃଷ୍ଣଦାସ କବିରାଜ କହିଛନ୍ତି, ସେଇ ମଦନମୋହନ ହେଉଛନ୍ତି ମୂର୍ତ୍ତିମାନ ଶୃଂଗାର ରସ, କାରଣ ଯିଏ ବିଶ୍ୱ-ମୋହନ, ସେଇ ପୁଣି ସ୍ୱୟଂ ମଦନମୋହିତ । (ହିଃମୁ)

ରାଧାସଂଗେ ଯଦାଭାତି ତଦା ମଦନମୋହନଃ ।
ଅନ୍ୟଥା ବିଶ୍ୱମୋହୋହପି ସ୍ୱୟଂ ମଦନ-ମୋହିତଃ ।

ବୈଷ୍ଣବୀୟ ରସତତ୍ତ୍ୱ ଦୃଷ୍ଟିରୁ ଶ୍ରୀକୃଷ୍ଣ-ସାଧନା ସୌନ୍ଦର୍ଯ୍ୟର ଉପାସନା, ରସ-ସ୍ୱରୂପର ଉପଲବ୍ଧି । ଅଖିଳରସାମୃତ-ମୂର୍ତ୍ତ ଶ୍ରୀକୃଷ୍ଣଙ୍କର ଆରାଧନା ଅର୍ଥ ନିଜକୁ ମଧ୍ୟ ସୌନ୍ଦର୍ଯ୍ୟମଣ୍ଡିତ କରିବା । ବୈଷ୍ଣବ ସାଧକ ଏଇ ଦୃଷ୍ଟିରୁ ହିଁ ରାଧାକୃଷ୍ଣ ପ୍ରେମ-ଲୀଳା ଏବଂ ସେଇ ଲୀଳା-ବିଧୃତ ଗୀତଗୋବିନ୍ଦ କାବ୍ୟର ବିଚାର କରିଥାଏ ।

ଏତ ଗଲା ବୈଷ୍ଣବ ସୌନ୍ଦର୍ଯ୍ୟତତ୍ତ୍ୱର ଦିଗ । ବାସ୍ତବ କ୍ଷେତ୍ରରେ ଗୀତ-ଗୋବିନ୍ଦ ବୌଦ୍ଧ ସହଜିୟାର କାୟା ସାଧନା ଓ ହିନ୍ଦୁଧର୍ମ ମଧ୍ୟରେ ଯେଉଁ ସମନ୍ୱୟ ସାଧନ କରିବାକୁ ଚେଷ୍ଟା କରିଥିଲା, ତାହା ପରବର୍ତ୍ତୀ ଯୁଗର ସମାଜ-ଜୀବନ, ଧର୍ମ ଓ ସାହିତ୍ୟ ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇଥିଲା । ସହଜଯାନୀର ମହାସୁଖ ଏବଂ ବୈଷ୍ଣବର ମହାଭାବରେ ମଗ୍ନ ହୋଇ ସୁଖ ଆସ୍ୱାଦନ ଭିତରେ ଗଭୀର ସାମଞ୍ଜସ୍ୟ ଦେଖାଯାଏ ।

ପରବର୍ତ୍ତୀ କେତୁ ଶତକର ସାହିତ୍ୟ ଦେହଧର୍ମୀ ପ୍ରେମ ଓ ପରକୀୟା ପ୍ରେମକୁହିଁ ସଂବଳ କରି ଗଢ଼ିଉଠିଥିଲା । ବଂଗଦେଶରେ ଚଂଡୀଦାସ, ମୈଥିଳୀରେ ବିଦ୍ୟାପତି ଏବଂ ସୁଦୂର ଗୁଜୁରାଟ, ମହାରାଷ୍ଟ୍ର, ମଧ୍ୟଭାରତ, ପଂଜାବ, ଉତ୍ତରଭାରତ, କାଶ୍ମୀର ଆନ୍ଧ୍ର, ସମେତ ଦାକ୍ଷିଣାତ୍ୟ, ସର୍ବତ୍ର ଭାଷା-ସାହିତ୍ୟମାନଂକରେ ଏଇ ସହଜ ମାର୍ଗର ପ୍ରଭାବ ଦେଖା ଦେଇଥିଲା । ଓଡ଼ିଶାରେ ଏହାର ପ୍ରଭାବ ଅବଶ୍ୟ ଚୈତନ୍ୟୋତ୍ତର କାଳ ପର୍ଯ୍ୟଂତ ଖୁବ୍ ପ୍ରସାର ଲାଭ କରି ପାରି ନ ଥିଲା । ଓଡ଼ିଆ ସାହିତ୍ୟରେ ଗୀତଗୋବିଂଦର ପ୍ରଭାବ ସେ ପର୍ଯ୍ୟଂତ ଖୁବ୍ ପ୍ରଚ୍ଛନ୍ନ ମନେ ହୁଏ ।

ଅପର ପକ୍ଷରେ ବଂଗ ଦେଶରେ ସମାଜ ଓ ଧର୍ମ-ଜୀବନରେ ସହଜିୟା ବୈଷ୍ଣବ ଧର୍ମ ବେଶ୍ ଶକ୍ତିସଂଚୟ କରିଥିଲା ।

ନାଭାଜୀ ଦାସ, ବିଲ୍ୱମଂଗଲ, ଚଂଡୀଦାସ, ସୁରଦାସ, ବିଦ୍ୟାପତି ପ୍ରମୁଖ ବହୁ ସଂଥ-କବି ଭାରତବର୍ଷରେ ପ୍ରେମ-ମାଧୁର୍ଯ୍ୟ ଭାବର ଉତ୍କର୍ଷ ସାଧନ କରିଥିଲେ ଏବଂ ପ୍ରାକ୍ ଚୈତନ୍ୟଯୁଗର ଧ୍ୟାନଧାରଣା, ମୂଲ୍ୟବୋଧ ତଥା ମାନସଜଗତ ଗଠନରେ ସହାୟତା କରିଥିଲେ ।

## ଜୟଦେବ କବି ଓଡ଼ିଆ ନା ବଂଗାଳୀ ?

ଜୟଦେବ କବି ଯେ ଗୌଡ ବଂଗ ଅଧିପତି ଲକ୍ଷ୍ମଣସେନଂକ ଅନ୍ୟତମ ସଭାକବି ଥିଲେ, ଏହା ଆମର ଦୃଢ଼ ମତ । ସେନ୍ ରାଜସଭାରୁ କିଂବା ଏଇ ରାଜସଭାର ଅନ୍ୟ ଚାରିଜଣ କବି ଯଥା ଉମାପତି ଧର, ଆଚାର୍ଯ୍ୟ ଗୋବର୍ଦ୍ଧନ, ଶରଣ ଓ କବିରାଜ ଧୋୟୀଂକ-ଠାରୁ ଜୟଦେବଂକୁ ବିଚ୍ଛିନ୍ନ କରିବା ଅସଂଭବ । ତେଣୁ କବି ଜୟଦେବ ନିଜେ ତାଂକ ଗୀତଗୋବିଂଦ କାବ୍ୟରେ ଏଇ ଚାରିଜଣ କବିଂକ ସହ ନିଜକୁ ସାମିଲ କରି ଯେଉଁ ଶ୍ଳୋକଟି ରଚନା କରିଛଂତି (ଗୀତଗୋବିଂଦ, ପ୍ରଥମ ସର୍ଗ ୪ର୍ଥ ଚରଣ) ତାହାକୁ ଅସ୍ୱୀକାର ବା କଦର୍ଥ କରିବାର କୌଣସି ଯୁକ୍ତିଯୁକ୍ତ କାରଣ ନାଇ ।

ଜଣେ ଓଡ଼ିଆ କବି ବା ତା'ର ପୂର୍ବପୁରୁଷ ଓଡ଼ିଶାରୁ ଯାଇ ବଂଗଦେଶରେ ବସତିସ୍ଥାପନ କରିବା କିଛି ଆଶ୍ଚର୍ଯ୍ୟ କଥା ନୁହେଁ । ଶ୍ରୀ ଚୈତନ୍ୟଂକ ପିତା ଜଗନ୍ନାଥ ମିଶ୍ର ଯାଜପୁର ନିକଟରୁ ଯାଇ ନବଦ୍ୱୀପରେ ବାସିଂଦା ହୋଇଥିବା କଥା ବଂଗାଳୀ ଲେଖକମାଂନଙ୍କ ଦ୍ୱାରା ରଚିତ ଚୈତନ୍ୟ ଚରିତରୁ ହିଁ ଜଣାଯାଏ । ସେନ୍ ରାଜବଂଶ

* ହିଃମୁ

ମଧ୍ୟ ବଂଗାଳୀ ନ ଥିଲେ । ସେମାନେ ସୁଦୂର ଦାକ୍ଷିଣାତ୍ୟରୁ ଆସି ବଂଗଦେଶରେ ରାଜତ୍ୱ କରୁଥିଲେ । ଏ ବିଷୟର ବିଶଦ ଆଲୋଚନା ବୀରଭୂମି ପ୍ରସଂଗରେ ଦେଖନ୍ତୁ । ସେନ୍ ବଂଶ ପୂର୍ବରୁ ବର୍ମଣ ରାଜବଂଶ ବଂଗଳାରେ ରାଜତ୍ୱ କରୁଥିଲେ । ଏହି ବଂଶର ଶ୍ୟାମଳ ବର୍ମା ଏବେ ସୁଦ୍ଧା ବାଉଲ ଗୀତ ଓ ଅନ୍ୟାନ୍ୟ ଲୋକଗୀତରେ ଜୀବିତ । ଏହି ବର୍ମଣ ରାଜବଂଶ କଳିଂଗରୁ ଯାଇ (ଅଧୁନା ପାରଳାଖେମୁଣ୍ଡି ଅଂଚଳରୁ ) ବଂଗଦେଶରେ ରାଜପଣ କରୁଥିଲେ ବୋଲି ଡଃ ନୀହାର ରଂଜନ ରାୟ ପ୍ରମୁଖଙ୍କ ଇତିହାସରୁ ଜଣାପଡ଼େ । ତେଣୁ କଳିଂଗର ଏକ ରାଜବଂଶ ବଂଗଦେଶରେ ଶତାଧିକ ବର୍ଷ ଧରି ରାଜତ୍ୱ କରୁଥିବାବେଳେ ବହୁ ଓଡ଼ିଆ ପରିବାର ତଥା ଓଡ଼ିଆ ବିଦ୍ୱାନ୍ ବଂଗଦେଶରେ ଯାଇ ବସତି ସ୍ଥାପନ କରିଥିବା କିଛି ଅସଂଭବ ନୁହେଁ କି ଆଶ୍ଚର୍ଯ୍ୟର କଥା ନୁହେଁ । ମାତ୍ର କଥା ହେଉଚି, କବି ଜୟଦେବ ବା ତାଂକ ପୂର୍ବପୁରୁଷ ଓଡ଼ିଶାରୁ ଯାଇ ବଂଗଦେଶର ବାସିନ୍ଦା ହୋଇଥିବା ବିଷୟରେ କୌଣସି ବିଶ୍ୱାସଯୋଗ୍ୟ ତଥ୍ୟପ୍ରମାଣ ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାଇ । ତେଣୁ ସେ ବିଷୟରେ କିଛି କହିବା କଳ୍ପନାବିଳାସ ହେବ ।

ଜୟଦେବଂକୁ ବୀରଭୂମି ଜିଲ୍ଲାର କେଂଦୁବିଲ୍ୱ ଗ୍ରାମର ଅଧିବାସୀ ବୋଲି ଧରିନିଆଯାଇଚି । ସେହି ଉପଲକ୍ଷରେ ପ୍ରତ୍ୟେକ ବର୍ଷ ପୌଷ ସଂକ୍ରାନ୍ତି ଦିନ ଅଜୟ ନଦୀ କୂଳରେ ସେହି ଗ୍ରାମ ନିକଟରେ 'ଜୟଦେବ ମେଳା' ବହୁ କାଳରୁ ଅନୁଷ୍ଠିତ ହୋଇଆସୁଚି । ଏହା ବଂଗଦେଶର ସର୍ବବୃହତ୍ତ ବାଉଲ ମେଳା ବା ବୈଷ୍ଣବ ମେଳା । ପ୍ରତିବର୍ଷ ଲକ୍ଷ ଲକ୍ଷ ବାଉଲ ଓ ବୈଷ୍ଣବ ଏହି ମେଳାରେ ଯୋଗ ଦେଇଥାଂତି ।

ବୀରଭୂମର ସେନପାହାଡ଼ୀ

କେଂଦୁବିଲ୍ୱର ଅନତିଦୂରରେ ଅଜୟର ଦକ୍ଷିଣ ତୀରରେ ଶ୍ୟାମରୂପା ଗଡ଼ ବା ସେନ୍‌ପାହାଡ଼ୀ ନାମକ ଏକ ପ୍ରାଚୀନ ଦୁର୍ଗର ଧ୍ୱଂସାବଶେଷ ରହିଚି । ଜନଶ୍ରୁତି କହେ ଏଠାରେ ବଲ୍ଲାଳସେନ ଏକ ନୀଚଜାତୀୟା 'ପଦ୍ମିନୀ' ରମଣୀକୁ ଭୈରବୀ ରୂପେ ଗ୍ରହଣ କରି ତନ୍ତ୍ରସାଧନା କରୁଥିଲେ । ଏହା ନେଇ ବଲ୍ଲାଳସେନ ଓ ତାଂକ ପୁତ୍ର ଲକ୍ଷ୍ମଣସେନଂକ ମଧ୍ୟରେ ମନୋମାଳିନ୍ୟ ଘଟେ । ପିତାପୁତ୍ରଂକ ମଧ୍ୟରେ କେତେକ ଚିଠିପତ୍ରର ମଧ୍ୟ ଆଦାନପ୍ରଦାନ ହୁଏ । ଲକ୍ଷ୍ମଣସେନଂକ ଚିଠି :—

"ଶୈତ୍ୟଂ ନାମ ଗୁଣସ୍ତବୈବ ସହଜଃ ସ୍ୱାଭାବିକୀ ସ୍ୱଚ୍ଛତା
କିଂ ବ୍ରୂମଃ ଶୁଚିତାଂ ଭବନ୍ତି ଶୁଚୟଃ ସ୍ପର୍ଶେନ ଯସ୍ୟାପରେ ।

କିଂତ୍ୱନ୍ୟତ୍ର କଥୟାମି ତେ ସ୍ତୁତପଦଂ ଯଜ୍ଜୀବନାଂ ଜୀବନଂ
ତ୍ୱଂଚେନ୍ନୀଚପଥେନ ଗଚ୍ଛସି ପୟଃ କସ୍ତାଂ ନିଷେଦ୍ଧୁଂ କ୍ଷମଃ ।"

ଏହାର ଉତ୍ତରରେ ପିତା ବଲ୍ଲାଳସେନ ଲେଖିଲେ :—

"ତାପୋ ନାପଗତସ୍ତୃଷା ନ ଚ କୃଶା ଧୌତା ନ ଧୂଳିସ୍ତନୋ-
ର୍ନ ସ୍ୱଚ୍ଛଂଦମକାରି କଂଦକବଳଂ କା ନାମ କେଳୀ କଥା ।
ଦୂରୋତ୍କ୍ଷିପ୍ତକରେଣ ହଂତ କରିଣା ସ୍ପୃଷ୍ଟା ନ ବା ପଦ୍ମିନୀ
ପ୍ରାରବ୍ଧୋ ମଧୁପୈରକାରଣମହୋ ଝଂକାରକୋଳାହଳଃ ।"

ଏପରି ଭାବରେ ପିତା-ପୁତ୍ରଙ୍କ ମଧ୍ୟରେ ଉତ୍ତର-ପ୍ରତ୍ୟୁତ୍ତର ଛଳରେ ଅନ୍ତୁରି କେତେକ ଚିଠିପତ୍ର ବିନିମୟ ହୋଇଥିଲା ବୋଲି ବୀରଭୂମ ଜିଲ୍ଲା ନିବାସୀ କୁଡ଼ମିଠା ଗ୍ରାମର ଶ୍ରୀ ହରେକୃଷ୍ଣ ମୁଖୋପାଧ୍ୟାୟଙ୍କ ପ୍ରଣୀତ ଜୟଦେବ-ବିଷୟକ ପୁସ୍ତକରେ ଦେଖିବାକୁ ପାଉଁ । ଏ ଚିଠିପତ୍ରଗୁଡ଼ିକ ବଡ଼ କୌତୂହଳଜନକ । ଏଠାରେ ସବୁ ଚିଠି ଉଦ୍ଧାର ନ କରି କେବଳ ଦୁଇଟି ଦେଲୁଁ ।

ସେ ଯାହାହେଉ, ଲକ୍ଷ୍ମଣସେନ ଯେ ଏଇ ଶ୍ୟାମରୂପା ଗଡ଼ ବା ସେନ୍ ପାହାଡ଼ୀ ଦୁର୍ଗକୁ ବହୁବାର ଆସୁଥିବେ ଏବଂ ସେଠାରେ ଯେ କବି ଜୟଦେବଙ୍କ ସଂଗେ ତାଂକର ପରିଚୟ ଘଟିଥିବ ଏହା ଅନୁମାନ କରାଯାଇପାରେ ।

## ବୀରଭୂମି ଓଡ଼ିଶାର ଅଂଗ ଥିଲା କି ?

ଡଃ ହରେକୃଷ୍ଣ ମହତାବ୍ ତାଂକ 'ଓଡ଼ିଶା ଇତିହାସ' ଗ୍ରଂଥରେ ଜୟଦେବ ଅବିଚ୍ଛେଦ୍ୟ ଭାବରେ ଲକ୍ଷ୍ମଣସେନ୍‌ଙ୍କ ସଭା ସହିତ ଜଡ଼ିତ ଥିଲେ ବୋଲି କହିଛଂତି (ପୃ ୧୧୮) । ମାତ୍ର ବର୍ତ୍ତମାନ 'ଝଂକାର' ସଂପାଦକଙ୍କ ସୂତ୍ରରେ (୧୯୭୬, ମାର୍ଚ୍ଚ ସଂଖ୍ୟା) ସେ ଜୟଦେବ ଲକ୍ଷ୍ମଣସେନଂକ ସଭାକବି ଥିବା କଥା ଅସ୍ୱୀକାର କରୁ ନ ଥିଲେ ମଧ୍ୟ ସେତେବେଳେ ବୀରଭୂମି ଓଡ଼ିଶାର ଅଂତର୍ଗତ ଥିଲା ବୋଲି ମତବ୍ୟକ୍ତ କରିଛଂତି । ମାତ୍ର ବୀରଭୂମି ଓଡ଼ିଶାର ଅଂତର୍ଭୁକ୍ତ ଥିଲା ବୋଲି କହିବାରେ ଏଇ ସେନ୍‌ପାହାଡ଼ୀ ବା ଶ୍ୟାମରୂପା ଗଡ଼ ବାଧା ସୃଷ୍ଟି କରୁଚି । ବଲ୍ଲାଳ ସେନ ଓଡ଼ିଶା ରାଜାଂକ ଅଧୀନରେ ଥିବା ବୀରଭୂମି ଏବଂ ତଦଂତର୍ଗତ ସେନ୍‌ପାହାଡ଼ୀରେ କିପରି ଦୁର୍ଗ ନିର୍ମାଣ କରି ବର୍ଷ ବର୍ଷ ଧରି ଚଂଡାଳୀ କନ୍ୟା ସହିତ ତଂତ୍ର-ସାଧନା କରୁଥିଲେ ତାହା ବୁଝିବା କଷ୍ଟ । ତା'ଛଡ଼ା ବୀରଭୂମିର ଏଇ ଅଂଚଳ ଓଡ଼ିଶା ରାଜାଂକ ଅଧିକାରରେ

ଥିଲା ବୋଲି କୌଣସି ପ୍ରମାଣ ମିଳୁ ନାହିଁ । ବରଂ ଏଇ ଅଂଚଳ ସେତେବେଳେ ରାଢ଼ ଅଂତର୍ଗତ ହୋଇ ସେନ୍ ସାମ୍ରାଜ୍ୟର ଅଂଗୀଭୂତ ଥିଲା ବୋଲି ଯଥେଷ୍ଟ ପ୍ରମାଣ ମିଳେ । ଏ ବିଷୟ ପରେ ଆଲୋଚିତ ହେବ ।

## ବଂଗଳା କାବ୍ୟର ସାକ୍ଷ୍ୟ

ବୀରଭୂମ ଜିଲାରେ କେଂଦୁବିଲ୍ୱ ଗ୍ରାମରେ ଶ୍ରୀ ଜୟଦେବଂକ ଜନ୍ମ ବୋଲି କେତେକ ବଂଗଳା କାବ୍ୟରୁ ତଥ୍ୟ ମିଳେ । ତା ମଧ୍ୟରେ କବି ବନମାଳୀ ଦାସଂକ ପ୍ରଣୀତ "ଜୟଦେବ ଚରିତ" ଅନ୍ୟତମ । ସେ ଅଜୟର ଗୋଟିଏ ଘାଟରେ ଜୟଦେବ ପୂଜାରତ ଥିବା କଥା ଲେଖିଛଂତି ।

"ଅଜୟେ ତରଂଗ ବହେ ଅତି ସୁଶୋଭନ,
କିନାରେ ପୁଷ୍ପେର ଶୋଭା ଗଂଧେ ହରେ ମନ ।" ××××
ଭିକ୍ଷା ମେଗେ ଖାୟ ସଦା ହରିନାମ ଜପେ ।
(ଜୟଦେବ ଚରିତ—ବନମାଳୀ ଦାସ)

ଏ ବହିଟି ତିନି ଶହ ବର୍ଷ ତଳର ଲେଖା । ହରପ୍ରସାଦ ଶାସ୍ତ୍ରୀଂକ ଭୂମିକା ସହ ଏହା ବଂଗୀୟ ସାହିତ୍ୟ ପରିଷଦ ଦ୍ୱାରା ପ୍ରକାଶିତ ହୋଇଚି । ପ୍ରବାଦ ଅଛି ଯେ ଜୟଦେବ କେଂଦୁବିଲ୍ୱ ଗ୍ରାମରେ ଶ୍ରୀରାଧାମାଧବ ବିଗ୍ରହର ପ୍ରତିଷ୍ଠା କରିଥିଲେ । ପରେ ବୃଂଦାବନ ଯାତ୍ରା କାଳରେ ସେ ଏଇ ବିଗ୍ରହକୁ ସଂଗରେ ନେଇଯାଂତି । ରାଧା-ମାଧବଂକ ସ୍ଥାନରେ ଅଜୟ-ନିକଟବର୍ତ୍ତୀ ଶ୍ୟାମରୂପା ଗଡ଼ ବା ସେନ-ପାହାଡ଼ୀରେ ଥିବା ରାଧାବିନୋଦ ମୂର୍ତ୍ତି ସେ ସ୍ଥାନଟି ଜଂଗଲକୀର୍ଣ୍ଣ ହୋଇଯିବା ପରେ କେଂଦୁ-ବିଲ୍ୱରେ ପ୍ରତିଷ୍ଠିତ ହୁଏ । ବର୍ତ୍ତମାନ ଏଇ ରାଧାବିନୋଦ ମୂର୍ତ୍ତି ହିଁ କେଂଦୁବିଲ୍ୱରେ ପୂଜା ପାଉଛଂତି । କେଂଦୁଲୀ ଗ୍ରାମରେ ଡାକଘର ଅଛି, ନାମ କେଂଦୁଲୀ । କେଂଦୁ ବିଲ୍ୱର ବର୍ତ୍ତମାନ ନାମ ଜୟଦେବ-କେଂଦୁଲୀ । ପ୍ରତି ବର୍ଷ ପୌଷ ସଂକ୍ରାନ୍ତି ଦିନ ଲକ୍ଷାଧିକ ନରନାରୀ ଓ ବୈଷ୍ଣବଜନ ଏଠାରେ ମେଳାରେ ସମବେତ ହୋଇ ସ୍ୱର୍ଗତ କବିଂକ ଉଦ୍ଦେଶ୍ୟରେ ଭକ୍ତି ଅର୍ପଣ କରଂତି । ଗ୍ରାମରେ ଏକ ବଡ଼ ପୁଷ୍କରିଣୀ ଅଛି । ଏହାର ନାମ "ଜୟଦେବ ଠାକୁରେର ପୁକୁର" । ଏଇ ଗ୍ରାମରେ ବାତ୍ସ୍ୟ-ଗୋତ୍ରୀୟ କାଂଜିଲାଲ ଉପାଧିଧାରୀ ଅନେକ କୁଳୀନ ବ୍ରାହ୍ମଣ ପରିବାର ବାସ କରଂତି । ସେମାନେ କହଂତି ସେମାନଂକ ପାରିବାରିକ କିଂବଦଂତୀ ଅନୁସାରେ ଜୟଦେବ ସେମାନଂକ ବଂଶର ଲୋକ । ସେମାନେ ପୂର୍ବେ ରାଢ଼ଦେଶର ଅଧିବାସୀ

ଥିଲେ । ଗୌଡ଼ଦେଶ ମୁସଲମାନ କର୍ତ୍ତୃକ ଅଧିକୃତ ହେବା ପରେ ବୀରଭୂମି ପଳାଇ ଆସନ୍ତି ।

କୁଚବିହାର ନିବାସୀ ଶ୍ରୀରାମ ସରସ୍ୱତୀ ମଧ୍ୟ "ଜୟଦେବ" ନାମକ ଗୋଟିଏ କାବ୍ୟ ରଚନା କରିଥିଲେ ।

ଓଡ଼ିଆରେ କୌଣସି କାବ୍ୟକବିତା ଜୟଦେବଙ୍କ ଉପରେ ରଚିତ ହୋଇଥିବା ଦୃଷ୍ଟିକୁ ଆସି ନାହିଁ । କୌଣସି ପ୍ରାଚୀନ ଓଡ଼ିଆ କାବ୍ୟରେ ଜୟଦେବ ଚରିତର ଉଲ୍ଲେଖ ମଧ୍ୟ ବିଶେଷ ନାହିଁ, ଯଦିଚ ସେ ଓଡ଼ିଶାରେ କେତେକ ବର୍ଷ ଅବସ୍ଥାନ କରିଥିଲେ ।

## ପ୍ରାଚୀନଦୀ ତୀରସ୍ଥ କେନ୍ଦୁବିଲ୍ୱ ଗ୍ରାମ

ଅଳ୍ପ କେତେ ବର୍ଷ ହେଲା ଓଡ଼ିଶାର କେତେକ ଉତ୍ସାହୀ ବ୍ୟକ୍ତି ପୁରୀ ଜିଲ୍ଲାର ପ୍ରାଚୀ ନଦୀ କୂଳରେ ଅବସ୍ଥିତ କେନ୍ଦୁବିଲ ଗ୍ରାମ ଜୟଦେବଙ୍କ ଜନ୍ମସ୍ଥାନ ବୋଲି କହି ଓଡ଼ିଶା ସରକାରଙ୍କଠାରୁ ଆର୍ଥିକ ସହାୟତା ନେଇ ଜୟଦେବ-ଜୟନ୍ତୀ ଉତ୍ସବ ପାଳନ କରୁଛନ୍ତି । ଜୟଦେବଙ୍କ ଭଳି ଜଣେ ମହାନ କବିଙ୍କ ଜୟନ୍ତୀ-ଉତ୍ସବ ଖାଲି ଓଡ଼ିଶା ବା ବଙ୍ଗଳା ନୁହେଁ, ସମଗ୍ର ଭାରତରେ ସବିଶେଷ ଯଥାବିଧି ପାଳିତ ହେବା ଉଚିତ । ଜୟଦେବଙ୍କ ଜୀବନର କେତେକ ବର୍ଷ ଓଡ଼ିଶାରେ ଶ୍ରୀକ୍ଷେତ୍ରରେ କଟିଥିବା କଥା ସମସ୍ତେ ଜାଣନ୍ତି । ବଙ୍ଗଳାରେ ତୁର୍କୀ-ବିଜୟ ପରେ ସେନ-ସଭା ଭାଙ୍ଗିଯିବା ପରେ ସେହି ସଭାର କବିମାନେ ନାନା ଦିଗକୁ ପଳାଇଯାନ୍ତି । ଜୟଦେବ ଏବଂ ଉଦୟନାଚାର୍ଯ୍ୟ ଏବଂ ସମ୍ଭବତ ଗୋବର୍ଦ୍ଧନାଚାର୍ଯ୍ୟ ଓଡ଼ିଶା ପଳାଇ ଆସିଥିବା କଥା ପୂର୍ବରୁ କହିଛୁଁ । ଜୟଦେବଙ୍କ ସମାଧି ରାଜସ୍ଥାନରେ ରହିଛି ।

ପାଞ୍ଚ ଛଅ ବର୍ଷ ତଳେ ପ୍ରାଚୀ ନଦୀ କୂଳସ୍ଥ କେନ୍ଦୁବିଲ ଗ୍ରାମରେ ହିନ୍ଦୀ ଅକ୍ଷରରେ "ଜୟ ଜୟ ଦେବ ହରେ" ବୋଲି ଖୋଦିତ ଗୋଟିଏ ପଥର ମିଳିଥିବାର ସମ୍ବାଦ ପାଇଥିଲୁଁ । ମାତ୍ର ତାହାର ଲିପି ଜୟଦେବକାଳୀନ ପ୍ରାଚୀନ ଦେବନାଗରୀ ଲିପି ନା ସାମ୍ପ୍ରତିକ କାଳର ହିନ୍ଦୀ-ଲିପି ଏ ବିଷୟ ଭଲ କରି ଯାଞ୍ଚ ହେବା ପୂର୍ବରୁ ତାହା କୁଆଡ଼େ ହରଣଚାଲ ହୋଇଗଲା ବୋଲି ଶୁଣିବାକୁ ପାଇଲୁଁ । ଏହା ମୁଖୀ ଖୁଣ୍ଟିଆଙ୍କୁ ଲିଖିତ ଲକ୍ଷ୍ମୀବାଈଙ୍କ (ଝାନସୀର ରାଣୀ) ଚିଠି ପତ୍ର ନୁହେଁ ତ ! ଏଠାରେ ପ୍ରକାଶ ଥାଉକି ଜୟଦେବଙ୍କ ଗୀତଗୋବିନ୍ଦର ଦଶାବତାର ସ୍ତୋତ୍ରର ଧ୍ରୁବପଦଟି ହେଉଛି 'ଜୟ ଜଗଦୀଶ ହରେ' 'ଜୟ ଜୟ ଦେବ ହରେ' ନୁହେଁ । ତଥାପି ଏହା ଫଳରେ ଭ୍ରମ ଉପୁଜିବା ସ୍ୱାଭାବିକ ।

ଯେ ଯାହାହେଉ, ଆମର କହିବାର କଥା ଜୟଦେବ-ଜୟନ୍ତୀ ସମଗ୍ର ଭାରତରେ ଏବଂ ବିଶେଷ କରି ଓଡ଼ିଶାରେ ପାଳିତ ହେବା ଉଚିତ—କାରଣ ଜୟଦେବଙ୍କ ସାଧକ-ଜୀବନର କେତେକାଂଶ ଏଇ ଓଡ଼ିଶାରେ ହିଁ କଟିଥିଲା, ଏବଂ ସେଥିପାଇଁ ତାଂକୁ ଅନେକ ଓଡ଼ିଶା ବାହାରର ଲୋକ ଓଡ଼ିଶାବାସୀ ବୋଲିହିଁ ଭ୍ରମ କରନ୍ତି ।

ଚନ୍ଦଦତ୍ତ ପ୍ରଣୀତ ସଂସ୍କୃତ ଭକ୍ତମାଳ, ଏବଂ ନାଭାଜୀକୃତ ହିନ୍ଦୀ 'ଭକ୍ତମାଳ' ଗ୍ରଂଥରେ ଜୟଦେବଂକ ସମ୍ବନ୍ଧରେ ଲେଖାଯାଇଛି । ଜୟଦେବଂକୁ ନାଭାଜୀ ଜଗନ୍ନାଥଅଂଶୀ କହିଛନ୍ତି ଏବଂ ସେ ନୀଳାଚଳ ବାସୀ ଥିବା କଥା ଏବଂ ପୁରୁଷୋତ୍ତମ କ୍ଷେତ୍ରରେ ସ୍ଥିରଜନ୍ମ ଲାଭ କରିଥିବା କଥା ସୂଚିତ କରିଛନ୍ତି । ଏଇ ନାଭାଜୀଙ୍କ ଲେଖାର ବଂଗଳା ଅନୁବାଦ ଶ୍ରୀମତ୍ କୃଷ୍ଣଦାସ ବାବାଜୀ କରିଛନ୍ତି । ନାଭାଜୀ ସୁଦୂର ରାଜପୁତନାବାସୀ ଏବଂ ଜୟଦେବଂକର ପ୍ରାୟ ଚାରିଶହ ବର୍ଷ ପରବର୍ତ୍ତୀ । ତେଣୁ ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ସୁଦୂର ରାଜପୁତନାରେ ବସି ସେ ବଂଗ ଓ ଓଡ଼ିଶା ବାସିନ୍ଦା ଜୟଦେବଂକ ସମ୍ବନ୍ଧରେ ଯାହା ଲେଖିଛନ୍ତି ତାହା କିମ୍ବଦନ୍ତୀ ଜନଶ୍ରୁତି ଉପରେହିଁ ନିର୍ଭର କରି ଲେଖିଛନ୍ତି, ଏଥିରେ ଆଦୌ ସନ୍ଦେହ ନାହିଁ । ତାଂକ ବିବରଣୀ ଜମା ନିର୍ଭରଯୋଗ୍ୟ ନୁହେ ।

ତା'ଛଡ଼ା ଜଗନ୍ନାଥଂକୁ ବୈଷ୍ଣବମାନେ ଶ୍ରୀକୃଷ୍ଣଂକର ଐଶ୍ୱର୍ଯ୍ୟ ଭାବର ପ୍ରତୀକ ରୂପେହିଁ ଗ୍ରହଣ କରିଛନ୍ତି, ମାଧୁର୍ଯ୍ୟ ଭାବର ନୁହଁ । ମାଧୁର୍ଯ୍ୟ ଭାବହିଁ ଉନ୍ନତତର ପର୍ଯ୍ୟାୟ ବୋଲି ବୈଷ୍ଣବୀୟ ମତ । ତେଣୁ ଜୟଦେବଂକୁ 'ଜଗନ୍ନାଥଅଂଶୀ' କହିବା ଦ୍ୱାରା ନାଭାଜୀ ଜୟଦେବଂକର ପ୍ରଥମ ଜୀବନରେ ଅନୁସୃତ ବିଧିମାର୍ଗର କଥାହିଁ କହିଛନ୍ତି, ରାଗମାର୍ଗର କଥା ନୁହେଁ ।

ଜୟଦେବ ରାଜସ୍ଥାନରେହିଁ ଇହଲୀଳା ସମ୍ବରଣ କରନ୍ତି । ତାଂକ ସମାଧିଟି ଏବେ ସୁଦ୍ଧା ରାଜସ୍ଥାନରେ ରହିଛି । ତେଣୁ ରାଜସ୍ଥାନ ସହିତ ତାଂକର ଶେଷ ଜୀବନର ସମ୍ବନ୍ଧ ଅତ୍ୟନ୍ତ ଘନିଷ୍ଠ ଥିବା ଅନୁମିତ ହୁଏ । ମାତ୍ର ନାଭାଜୀ 'ଭକ୍ତମାଳ' ଲେଖିଲା ବେଳକୁ ପ୍ରାୟ ସାର୍ଦ୍ଧ ତିନି ଶତାବ୍ଦୀ ବିତି ଗଲଣି । ତେଣୁ ପ୍ରାମାଣିକ ତଥ୍ୟ ଦୃଷ୍ଟିରୁ ତାଂକ ବିବରଣୀ ଜମା ବିଶ୍ୱାସଯୋଗ୍ୟ ନୁହେଁ ।

## ଆଉ ଏକ ବିଚାର୍ଯ୍ୟ ଯୁକ୍ତି

ଆଜକୁ ୧୩ ବର୍ଷ ତଳେ 'ଝଂକାର'ରେ ପ୍ରକାଶିତ ମୋର ପ୍ରଥମ ପ୍ରବଂଧର ଉତ୍ତର ଦେବାକୁ ଯାଇ ଶ୍ରୀ କେଦାରନାଥ ମହାପାତ୍ର ଲେଖିଥିଲେ ଯେ ଜୟଦେବ

'ଗୀତଗୋବିନ୍ଦ'ରେ କେଉଁଠାରେ ଲକ୍ଷ୍ମଣସେନଙ୍କ ସଭାକବି ଥିବା କଥା ଲେଖି ନାହାନ୍ତି । ତେଣୁ ତାଙ୍କୁ ଲକ୍ଷ୍ମଣସେନଙ୍କ ସଭାକବି ନକହି ଓଡ଼ିଶା ରାଜସଭାର କବି ବୋଲି ଗ୍ରହଣ କରନେବାକୁ ହେବ । ମୁଁ ତାଙ୍କ କଥାର ପ୍ରତ୍ୟୁତ୍ତର ମୋର ଦ୍ୱିତୀୟ ପ୍ରବନ୍ଧରେ 'ଝଙ୍କାର'ରେ ସଙ୍ଗେ ସଙ୍ଗେ ଦେଇଥିଲି । ମୁଁ ଦର୍ଶାଇଥିଲି ଯେ ଜୟଦେବ ଏକ ରସୋତ୍ତୀର୍ଣ୍ଣ କାବ୍ୟ ଲେଖୁଥିଲେ, ଆତ୍ମଚରିତ ବା ଐତିହାସିକ ବିବରଣୀ ଲେଖୁ ନଥିଲେ । ତାଙ୍କ କାବ୍ୟରେ ସେ ପ୍ରସଂଗକ୍ରମେ ନିଜ ବିଷୟରେ, ନିଜ ପତ୍ନୀ ବନ୍ଧୁ ପିତାମାତା, ଜନ୍ମସ୍ଥାନ ଏବଂ ସେନ୍-ସଭାର ସହକର୍ମୀମାନଙ୍କ କଥା ମଧ୍ୟ ଯଥାସମ୍ଭବ ଉଲ୍ଲେଖ କରି ଯାଇଛନ୍ତି । ଏହାଛଡ଼ା 'ସଦୁକ୍ତିକର୍ଣ୍ଣାମୃତ'ରେ ତାଙ୍କର ଦୁଇଟି ଲକ୍ଷ୍ମଣସେନ ବନ୍ଦନା ଦେଖିବାକୁ ପାଉଁ । ତାଙ୍କଠାରୁ ଏହାଠୁ ଆଉ ଅଧିକ ସମ୍ବାଦ କଣ ଆଶା କରାଯାଇ ପାରେ ? ତା'ପରେ ସେ ଗୀତଗୋବିନ୍ଦରେ ଲକ୍ଷ୍ମଣସେନଙ୍କ କଥା ନ ଲେଖିଲେ ବୋଲି ଓଡ଼ିଶା ରାଜାଙ୍କ ସଭାକବି ଥିଲେ ବୋଲି ବୁଝାଇବ କିପରି ? ଏହାକୁ ତର୍କଶାସ୍ତ୍ରର Undistributed Middle falacy କହିଲେ ଭୁଲ ହେବ କି ? ଚକ୍ ଖଡ଼ି କଳା ନୁହେଁ କହିବା ଅର୍ଥ ଏହା ଯେ ହଳଦିଆ ବୋଲି ବୁଝିବାକୁ ହେବ ଏପରି କିଛି କଥା ନାଇ । ମୋ ଦ୍ୱିତୀୟ ପ୍ରବନ୍ଧର ଉତ୍ତର ସେ ଆଜିଯାଏ 'ଝଙ୍କାର'ରେ ଦେଇ ନାହାନ୍ତି ।

## ଗୀତଗୋବିନ୍ଦର ମୂଲ୍ୟବୋଧ ବିଚାର

ଚେଦୀରାଜ କର୍ଣ୍ଣଦେବଙ୍କ ସହ ସଂଘର୍ଷ ମାଧ୍ୟମରେ କର୍ଣ୍ଣାଟକମାନଙ୍କ ସଂଗେ ରାମାନୁଜ-ପ୍ରବର୍ତ୍ତିତ ଭକ୍ତିବାଦ ପରବର୍ତ୍ତୀ କାଳରେ ରାଢ଼ ଦେଶରେ ଅନୁପ୍ରବିଷ୍ଟ ହୋଇ ଜୟଦେବଙ୍କ ପୂର୍ବରୁ ଅଭି ଗୋଟିଏ ନୂତନ ତରଙ୍ଗ ସୃଷ୍ଟି କରିଥିଲା । ମାଳବଟଜ ଉଦୟାଦିତ୍ୟଙ୍କ ଶିଳାଲିପିରୁ ଜଣାଯାଏ ଯେ କର୍ଣ୍ଣାଟକମାନେ ଚେଦୀ-ରାଜବଂଶର ଦକ୍ଷିଣ ହସ୍ତ ରୂପେ ଥିଲେ । କର୍ଣ୍ଣାଟକମାନଙ୍କର ରାଢ଼ ଅଭିଯାନ ଐତିହାସିକ ବ୍ୟାପାର ଥିଲା । ସେନ୍ ରାଜାମାନେ କର୍ଣ୍ଣାଟବଂଶୀୟ । କର୍ଣ୍ଣାଟଭୂମି ଯେ ନବ ଭକ୍ତିବାଦର ଅନ୍ୟତମ ପ୍ରତିଷ୍ଠାକ୍ଷେତ୍ର ଥିଲା ଏହା ଜଣାଶୁଣା କଥା ।

ସେନ୍-ଯୁଗ ପୂର୍ବବର୍ତ୍ତୀ ପାଳରାଜାଗଣ ବୌଦ୍ଧ ଥିଲେ ମଧ୍ୟ ହିନ୍ଦୁମାନଙ୍କ ପ୍ରତି ସେମାନଙ୍କର କୌଣସି ବିଦ୍ୱେଷ ନ ଥିଲା । ପରନ୍ତୁ ସେମାନଙ୍କର ବୃହସ୍ପତିଙ୍କ ଭଳି ବ୍ରାହ୍ମଣ ମନ୍ତ୍ରୀମାନେ ଥିବା କଥା ଇତିହାସରୁ ଜଣାପଡ଼େ । ପାଳରାଜାଗଣଙ୍କ ପୂର୍ବରୁ ଆଚାର୍ଯ୍ୟ ନାଢ଼ ପଣ୍ଡିତ ପ୍ରଭୃତି ବୌଦ୍ଧ ପଣ୍ଡିତମାନେ ସହଜ ମତବାଦ ପ୍ରଚାର କରିଥିଲେ । କିନ୍ତୁ ପାଳରାଜାମାନଙ୍କ ହିନ୍ଦୁ ମନ୍ତ୍ରୀ ଏବଂ ଦୁଇଜଣ ବଶିଷ୍ଟ ହିନ୍ଦୁ

ସାମନ୍ତଙ୍କ ପ୍ରଭାବ ଯୋଗୁ ତାହା ବିଶେଷ ଦୃଢ଼ମୂଳ ହୋଇ ପାରି ନଥିଲା । ଏମାନଙ୍କ ମଧ୍ୟରେ ଜଣେ ଥିଲେ ରାଢର ଦେବଗ୍ରାମ-ପ୍ରତିବଦ୍ଧବାଳବଲଭୀ ଭୂଜଙ୍ଗ-ସିଦ୍ଧଳ ଗ୍ରାମବାସୀ ଭବଦେବ ଭଟ୍ଟ —ଯିଏ ବୌଦ୍ଧ ବିଦ୍ୱେଷୀ ଥିଲେ । ଅନ୍ୟ ଜଣକ ଥିଲେ ବିଖ୍ୟାତ ଭୂମିପାଳ ଚେଦୀପତି କର୍ଣ୍ଣ ଦେବ । ସେ ଥିଲେ ହିନ୍ଦୁ-ବୌଦ୍ଧ ମିଳନ ପ୍ରୟାସୀ । ଏହା ପରେ ବୈଷ୍ଣବ ଧର୍ମୀ ବର୍ମ ରାଜବଂଶ ରାଢ଼ରେ ରାଜତ୍ୱ କରନ୍ତି । ଭବଦେବ ଭଟ୍ଟ ଥିଲେ ସେଇ ବର୍ମ ବଂଶୀୟ ହରିବର୍ମଦେବଙ୍କ ସାନ୍ଧି-ବିଗ୍ରହିକ । ସେ ଦଶକର୍ମ ପଦ୍ଧତି ପ୍ରଣୟନ କରି ହିନ୍ଦୁର ଜନ୍ମଠାରୁ ମରଣୋତ୍ତର ପର୍ଯ୍ୟନ୍ତ ସମସ୍ତ କର୍ତ୍ତବ୍ୟ ବିଧିବଦ୍ଧ କରି ଦେଇଥିଲେ । ସେ ଯୁବରାଜ ବିଗ୍ରହପାଳଙ୍କ ହସ୍ତରେ ନିଜ କନ୍ୟା ଯୌବନଶ୍ରୀଙ୍କୁ ସମର୍ପଣ କରିଥିଲେ । *

ଜୟଦେବଙ୍କ ଆବିର୍ଭାବ ପୂର୍ବରୁ ବୌଦ୍ଧ ସହଜଯାନର ସାଧନତତ୍ତ୍ୱ ରାଢ଼-ଦେଶରେ ବିଶେଷ ଜନପ୍ରିୟ ହୋଇଥିଲା । ଏଇ ସହଜିୟା ସମ୍ପ୍ରଦାୟର ଗୋଟିଏ ଶାଖା ଶ୍ରୀପାଦ ନିତ୍ୟାନନ୍ଦଙ୍କ ପ୍ରଭାବରେ ଗୌଡ଼ୀୟ ବୈଷ୍ଣବ ପଟ୍ଟବଗୁର ଧର୍ମ ଗ୍ରହଣ କରିଥିଲେ । ଏଇମାନେ ହିଁ ବୈଷ୍ଣବ ସହଜିୟା ନାମରେ ପରିଚିତ । ଏମାନେ ସହଜଯାନର ସାଧନାମାର୍ଗ ମଧ୍ୟ ଗ୍ରହଣ ନ ଥିଲେ । ସହଜଯାନ ବିଷୟରେ ପୂର୍ବରୁ ଆଲୋଚନା କରିଯାଇଛି । ମହା-ମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀଙ୍କ ମତରେ "ବୁଦ୍ଧଦେବଙ୍କ ତିରୋଧାନର ଅଳ୍ପକାଳ ପରେ ତାଙ୍କ ଶିଷ୍ୟ-ପ୍ରଶିଷ୍ୟମାନେ ଦୁଇ ଭାଗରେ ବିଭକ୍ତ ହୋଇ ପଡିଥିଲେ । ପ୍ରାୟ ଦୁଇ ହଜାର ବର୍ଷ ତଳେ ବୌଦ୍ଧମାନଙ୍କ ମଧ୍ୟରେ ଯେଉଁ ଦୁଇଟି ଦଳ ସୃଷ୍ଟି ହୋଇଥିଲା, ତହିଁର ଗୋଟିକର ନାମ ମହାସ୍ଥବିର ଏବଂ ଅପରଟିର ନାମ ମହା-ସାଙ୍ଘିକ । ଥେରବାଦୀଗଣ କହନ୍ତି ବୁଦ୍ଧ ଆଗେ, ତାହା ପରେ ଧର୍ମ ଏବଂ ସଂଘ । ସାଂଘିକ ଦଳ କହନ୍ତି, ନା ଧର୍ମ ଆଗେ, ବୁଦ୍ଧ ଏବଂ ସଂଘର ସ୍ଥାନ ତା ପରେ । ଶକାବ୍ଦର ପଂଚମ ଶତକରେ ନାଗାର୍ଜୁନଙ୍କ ନେତୃତ୍ୱରେ ମହାସାଙ୍ଘିକ ଦଳର ପ୍ରକାଶ ହୁଏ ଏବଂ ମହାଯାନ ସମ୍ପ୍ରଦାୟ ଗଠିତ ହୁଏ । ଏମାନେ ପ୍ରଜ୍ଞା (ଧର୍ମ), ଉପାୟ (ବୁଦ୍ଧ) ଏବଂ ବୋଧିସତ୍ତ୍ୱ (ସଂଘ)ର ଉପାସକ । ଶକାବ୍ଦ ପାଂଚ କି ଛଅ ଶତାବ୍ଦୀ ଆଡ଼କୁ ଏଇ ସବୁ ଦେବତା ନିତ୍ୟବୁଦ୍ଧ ଓ ବୋଧିସତ୍ତ୍ୱ ରୂପେ କଳ୍ପିତ ହୁଅନ୍ତି । ଏହା ପରେ ବଜ୍ରଯାନ ନାମରେ ଏକ ସମ୍ପ୍ରଦାୟର ସୃଷ୍ଟି ହୁଏ । ଶକାବ୍ଦ ସପ୍ତମ ଶତାବ୍ଦୀରେ

* ହରେକୃଷ୍ଣ ମୁଖୋପାଧ୍ୟାୟଙ୍କ ପ୍ରଣୀତ "କବି ଜୟଦେବ ଓ ଶ୍ରୀ ଗୀତଗୋବିନ୍ଦ" ରୁ ।

ଓଡ଼ିଶାର ଜଣେ ରାଜା ଇନ୍ଦ୍ରଭୂତି,— ତାଙ୍କ ପୁଅ ପଦ୍ମସମ୍ଭବ, କନ୍ୟା ଲକ୍ଷ୍ମୀଙ୍କରା ଏବଂ ଜାମାତା ଶାନ୍ତିରକ୍ଷିତଙ୍କ ସହାୟତାରେ ଏଇ ସମ୍ପ୍ରଦାୟର ପ୍ରବର୍ତ୍ତନ କରନ୍ତି । ଏମାନଙ୍କର ଉପାସ୍ୟ ଥିଲା ପଦ୍ମ, ବଜ୍ର ଏବଂ ବୋଧିସତ୍ତ୍ୱ । ଏହାର ଅନ୍ୟତମ ଶାଖାର ନାମ ସହଜଯାନ । ରାଢ଼ ଦେଶର ନାଡ଼ା ପଣ୍ଡିତ ଏବଂ ତାଙ୍କ ପତ୍ନୀ ହିଁ ଏଇ ସହଜଯାନ ସମ୍ପ୍ରଦାୟର ପ୍ରବର୍ତ୍ତକ। ଶୂନ୍ୟ, ବଜ୍ର ଓ ବୋଧିସତ୍ତ୍ୱ ଏମାନଙ୍କର ଉପାସ୍ୟ ଥିଲେ । ନର ନାରୀର ମିଳନ-ସୁଖ ହିଁ ଏମାନଙ୍କ ମତରେ ଚରମ ଓ ପରମ ସୁଖ । ଏଇ ସୁଖ ସମ୍ଭୋଗ ପାଇଁ ଦେହତତ୍ତ୍ୱ ନେଇ ସାଧନା କରି ଏମାନଙ୍କ ମଧ୍ୟରୁ ଅନେକେ ସିଦ୍ଧ ହୋଇଥିଲେ ।" ଶାସ୍ତ୍ରୀ ମହାଶୟଙ୍କ ମତରେ ଜୟଦେବ ଏଇ ସହଜିୟାମାନଙ୍କ ନିକଟରେ ବିଶେଷଭାବରେ ଋଣୀ । ସହଜିୟାଗଣ ନର ନାରୀର ମିଳନସୁଖକୁ ଯେପରି ଜୀବନର ଏକମାତ୍ର କାମ୍ୟ ବୋଲି ଗ୍ରହଣ କରିଥିଲେ, ଜୟଦେବ ଶ୍ରୀରାଧା କୃଷ୍ଣଙ୍କ ମିଳନକୁ ସେଇ ସୁଖର ଆଶ୍ରୟ ରୂପେ ବର୍ଣ୍ଣନା କରି ନିଜକୁ ତହିଁର ଦର୍ଶକ ରୂପେ କଳ୍ପନା କରିଛନ୍ତି, ଏବଂ ତାହା କେବଳ ଦେଖି ହିଁ ପରିତୃପ୍ତ ହୋଇଛନ୍ତି । ଏଇ ମତ ଅନେକାଂଶରେ ସତ୍ୟ ମନେହୁଏ । କାରଣ ବୈଷ୍ଣବମାନଙ୍କ ମଧୁର ଭଜନରେ ସଖୀଭାବରେ ଉପାସନା ଅନେକାଂଶରେ ଏଇପରି ଭାବରେ ବ୍ୟାଖ୍ୟାତ ହୋଇପାରେ । ମାତ୍ର ସଖୀଗଣ କର୍ମହୀନା ଉଦାସିନୀ ଦର୍ଶିକାମାତ୍ର ନୁହନ୍ତି, ସେଇମାନେହିଁ ଏ ମିଳନର ସାଧିକା ଏବଂ ସହାୟ୍ୟ-କାରିଣୀ । ଜୟଦେବ ଏହାଦ୍ୱାରା ବୌଦ୍ଧ ସହଜିୟା ଓ ବୈଷ୍ଣବବାଦ ମଧ୍ୟରେ ଏକ ସମନ୍ୱୟ ସ୍ଥାପନ କରିଥିଲେ ।

ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀଙ୍କ ମତରେ ସମ୍ରାଟ ଲକ୍ଷ୍ମଣସେନଙ୍କ ସମୟରେ ଧର୍ମରେ ଏକ ସମନ୍ୱୟ ସାଧନ କରିବାକୁ ଚେଷ୍ଟା ହୋଇଥିଲା । ତାଙ୍କର ମହାସଦ୍ ଓ ମନ୍ତ୍ରିଗଣ ଧର୍ମର ଦୁର୍ଦ୍ଦଶା ଦେଖି ଏହାକୁ ସ୍ମୃତିର ଅନୁଶାସନରେ ବାନ୍ଧି ରଖିବା ପାଇଁ ଚେଷ୍ଟା କରିଥିଲେ । ଭବଦେବ ଭଟ୍ଟଙ୍କ ଅନୁକରଣରେ ମାତ୍ସ୍ୟସୁକ୍ତ ନାମକ ଗ୍ରନ୍ଥ ରଚିତ ହୋଇଥିଲା । ଅନେକେ କହନ୍ତି, ଲକ୍ଷ୍ମଣସେନଙ୍କ ମନ୍ତ୍ରୀ ହଲାୟୁଧ ଏଇ ଗ୍ରନ୍ଥର ପ୍ରଣେତା । ଏଥିରେ ଏକ ଦିଗରେ ଯେପରି ବେଦର ପ୍ରଶଂସା ଅଛି, ଅନ୍ୟ ଦିଗରେ ସେଇପରି ବାରାହୀର ସାଧନାର ଏକଜଟା, ଉଗ୍ରତାରା ଓ ତ୍ରିପୁରା ପ୍ରଭୃତିଙ୍କର ପୂଜାକ୍ରମ ଓ ମନ୍ତୋଦ୍ଧାର ଇତ୍ୟାଦି ମଧ୍ୟ ଦୃଷ୍ଟିତ ହୋଇଛି । ଗ୍ରନ୍ଥରେ

(୧) ହରେକୃଷ୍ଣ ମୁଖୋପାଧ୍ୟାୟ କୃତ 'କବି ଜୟଦେବ' ଦ୍ରଷ୍ଟବ୍ୟ ।

ବେଦର ପ୍ରଶଂସା କରାଯାଇଛି ସତ, ମାତ୍ର ଅତି ସନ୍ତର୍ପଣରେ । ବୌଦ୍ଧ ତାନ୍ତ୍ରିକାନୁମୋଦିତ ମହାଚୀନକ୍ରମରେ ତାରାସାଧନ ଏବଂ ମୀନସାରସ୍ୱତକ୍ରମ ମଧ୍ୟରେ ସେ ପ୍ରଶଂସା ଯେପରି ଗୋଟାଏ ସମନ୍ୱୟର ଇଂଗିତ କରେ ।

ସେନ୍-ସମ୍ରାଟଙ୍କ ଅନୁମୋଦିତ ଏଇ ସମନ୍ୱୟର ପଥ ହିଁ ଜୟଦେବ ଅନୁସରଣ କରିଥିଲେ । ଗୀତଗୋବିନ୍ଦହିଁ ଏହାର ପ୍ରକୃଷ୍ଟ ନିଦର୍ଶନ ।

ଜନକସୁତାକୃତଭୂଷଣ ଜିତଦୂଷଣ ସମରସମିତଦଶକଣ୍ଠ
ଅଭିନବଜଳଧରସୁନ୍ଦର ଧୃତମନ୍ଦର ଶ୍ରୀମୁଖଚନ୍ଦ୍ର ଚକୋର ।

ଗୀତଗୋବିନ୍ଦର ଏଇ ୧୨୬ ଶ୍ଳୋକରେ କବି ଜୟଦେବ ଆଦର୍ଶ ପୁତ୍ର, ଭ୍ରାତା, ପତି, ବନ୍ଧୁ ଓ ରାଜା ଓ ମାନବିକ ଆଦର୍ଶର ବିଗ୍ରହ ଶ୍ରୀରାମଚନ୍ଦ୍ର ଏବଂ ତା'ପରେ ଲକ୍ଷ୍ମୀପତିଙ୍କ ବର୍ଣ୍ଣନା କରିଛନ୍ତି । କବି ଶ୍ରୀରାଧାଙ୍କ ପ୍ରେମର ଉତ୍କର୍ଷ ଦେଖାଇବା ପାଇଁହିଁ ସୀତା ରାମଙ୍କ ଦାମ୍ପତ୍ୟ ପ୍ରଣୟ ଏବଂ ଲକ୍ଷ୍ମୀନାରାୟଣଙ୍କ ପୁରାଣପ୍ରସିଦ୍ଧ ପ୍ରଣୟ କାହାଣୀର ସଂକେତ ଦେଇଛନ୍ତି । ରାଧାଙ୍କର ପ୍ରଣୟ ଆହୁରି ମହତ୍ତ୍ୱପୂର୍ଣ୍ଣ, ଆହୁରି ଗାଢ ଏବଂ ଆହୁରି ମଧୁର – ତାର ତୁଳନା ହୋଇ ନ ପାରେ । ଟୀକାକାରଙ୍କ ମତରେ ଏଇ ସଂଗୀତରେ (ଶ୍ରୀତକମଳାକୁଚମଣ୍ଡଳ, ଧୃତକୁଣ୍ଡଳ ଠାରୁ...ମଂଗଳମୁକ୍ତୁଳଗୀତି ପର୍ଯ୍ୟନ୍ତ) ଧୀରଲଳିତ, ଧୀରଶାନ୍ତ, ଧୀରୋଦ୍ଧତ, ଏବଂ ଧୀରୋଦାତ୍ତ ନାୟକର ଲକ୍ଷଣ ବର୍ଣ୍ଣିତ ହୋଇଛି । କିନ୍ତୁ ଧୀରଲଳିତ ନାୟକ ନାୟକଶ୍ରେଷ୍ଠ ବୋଲି ଆଦି ଓ ଅନ୍ତରେ ସେ ଶ୍ରୀପତି ରୂପେ ହିଁ ଉଲ୍ଲିଖିତ ହୋଇଛନ୍ତି । ଶ୍ରୀକୃଷ୍ଣ ହିଁ ଏହି ଧୀର ଲଳିତ ନାୟକ ଏବଂ ଶ୍ରୀରାଧା ନାୟିକା । (ଜ:ଗୀ:ଗୋ)

## ଗୀତଗୋବିନ୍ଦର ରାଗ ରାଗିଣୀ ଓ ତାଳ

### 'ଦେଶୀ'ର ପ୍ରଭାବ

ଗୀତଗୋବିନ୍ଦରେ ଜୟଦେବ ଯେଉଁ ସବୁ ମାର୍ଗ ଓ ଦେଶୀ ରାଗ-ରାଗିଣୀ ବ୍ୟବହାର କରିଛନ୍ତି, ତାହା ଛାୟାଲଗ ବା ସାଲଗ ସୂଡ ଜାତୀୟ 'ପ୍ରବନ୍ଧ' ବୋଲି ରାଜେଶ୍ୱର ମିଶ୍ର ପ୍ରମୁଖ କହନ୍ତି । ଜୟଦେବ ନିଜ ରଚନାକୁ 'ପ୍ରବନ୍ଧ' ବୋଲି କହିଛନ୍ତି, ଯଥା : ଶ୍ରୀ ବାସୁଦେବ ରତିକେଳି କଥା ସମେତ ମେତଂ କରୋତି ଜୟଦେବ କବିଃ ପ୍ରବନ୍ଧମ୍' । ତାଙ୍କ ପ୍ରଯୁକ୍ତ ରାଗଗୁଡ଼ିକ ହେଲା : ମାଳବ, ଗୁର୍ଜରୀ,

ବସନ୍ତ, ରାମକିରି, କର୍ଣ୍ଣାଟ, ଦେଶବରାଡ଼ି, ଗୋଣ୍ଡକିରି, ଭୈରବ ଓ ବିଭାସ । ଏହି

ରାଗ ନଅଟି ରାଗରେ ଗୀତଗୋବିନ୍ଦର ୨୪ଟି ସଂଗୀତ ଗାନ କରାଯିବ ବୋଲି ସେ ନିର୍ଦ୍ଦେଶ ଦେଇ ଯାଇଛନ୍ତି । କହିବା ବାହୁଲ୍ୟ ଯେ ଏହି ନଅଟିଯାକ ରାଗ ଶାସ୍ତ୍ରସମ୍ମତ । ସମ୍ରାଟ ବଲ୍ଲାଳସେନଙ୍କ ସମୟରେ ଲୋଚନାଚାର୍ଯ୍ୟ 'ରାଗତରଙ୍ଗିଣୀ' ସଂକଳନ କରିଥିଲେ । ଏଥିରେ ମିଳୁଥିବା ମୈଥିଳ-କବି ବିଦ୍ୟାପତିଙ୍କ ପଦାବଳୀ ଏବଂ କେତେକ ମୁସଲମାନୀ ରାଗ ପ୍ରକ୍ଷିପ୍ତ ବୋଲି ମନେହେଲେ ମଧ୍ୟ ଏଥିରେ ବଲ୍ଲାଳସେନଙ୍କ ନାମଯୁକ୍ତ ଶକାବ୍ଦ ରହିଛି । ଏହାର ଟୀକାକାରମାନେ ମଧ୍ୟ ଏହା ସେନାୟନ ଯୁଗର ସଂକଳନ ବୋଲି ଉଦ୍ଧୃତ କରିଯାଇଛନ୍ତି । ଲୋଚନଙ୍କ ରାଗତରଙ୍ଗିଣୀରେ ଉଲ୍ଲିଖିତ ରାଗମାଳା ସଙ୍ଗେ ଗୀତଗୋବିନ୍ଦର ରାଗ କେତୋଟିର ସଂପୂର୍ଣ୍ଣ ଐକ୍ୟ ଦେଖାଯାଏ ।

ଖ୍ରୀ: ୧୪୩୩ ରେ ମେବାରର ରାଣା କୁମ୍ଭ ଗୀତଗୋବିନ୍ଦର ଜୟଦେବ ପ୍ରଦତ୍ତ ରାଗ ଓ ତାଳ ଆଦି ବଦଳରେ ନୂଆ ସ୍ୱର ଓ ତାଳ ସଂଯୋଗ କରିଥିଲେ । ମହାରାଣା ଯେଉଁ ସବୁ ନୂଆ ରାଗ ପ୍ରୟୋଗ କରିଛନ୍ତି, ତାହା ହେଉଛି ମଧ୍ୟମାଦି, ଲଳିତ, ବସନ୍ତ, ଗୁର୍ଜରୀ, ଧାନସୀ, ଭୈରବ, ଗୋଣ୍ଡକୃତି, ଦେଶାଖ୍ୟ, ମାଳବଶ୍ରୀ, କେଦାର, ମାଳବ ଗୋସକ, ସ୍ଥାନ ଗୋଣ୍ଡ, ଶ୍ରୀ ମହ୍ଲାର, ବରାଟିକା, ମେଘ, ଭଦ୍ରାବତୀ, ଧୋରଣୀ, ନନ୍ଦନଟ, ଦେବଶାଳ । ଏହି ରାଗଗୁଡ଼ିକ ଜୟଦେବଙ୍କ ସମୟରେ ପ୍ରଚଳିତ ଥିଲା । ( ଏକ୍ସ )

ଜୟଦେବଙ୍କ ପ୍ରଯୁକ୍ତ ରାଗରାଗିଣୀ ଉପରେ ସ୍ପଷ୍ଟ ଭାବରେ ମାର୍ଗ ଅପେକ୍ଷା ଦେଶୀର ପ୍ରଭାବ ଅଧିକ ପଡ଼ିଥିଲା ।

ଜୟଦେବ ସର୍ବମୋଟ ୫ଟି ତାଳ ବ୍ୟବହାର କରିଛନ୍ତି । ଯଥା :— ରୂପକ, ନିଃସାରୁକ୍, ଯତି, ଏକତାଳି ଓ ଅଷ୍ଟତାଳି । ସେ ସ୍ଥାନରେ ରାଣାକୁମ୍ଭ ଗୀତଗୋବିନ୍ଦର ସଂଗୀତଗୁଡ଼ିକରେ ଆଦି ଝମ୍ପା, ବର୍ଣ୍ଣଯତି, ପ୍ରତିମଣ୍ଠ, ନିଃସାରୁକ୍

ତାଳ ଅଡ଼ୁ, ମଣ୍ଠ, ରୂପକପ୍ରତି, ସିଂପୁଟକ, ଦ୍ୱିତୀୟ, ତୃତୀୟ, ପଞ୍ଚ ଜୟମଙ୍ଗଳ, ବିଜୟାନନ୍ଦ ଏବଂ ଜୟଶ୍ରୀ ପ୍ରଭୃତି ତାଳ ପ୍ରୟୋଗ କରିଛନ୍ତି । ଏ ସମସ୍ତ ଶାସ୍ତ୍ରୀୟ ତାଳ । (*Ibid*)

ଜୟଦେବଙ୍କ ପ୍ରାୟ ସମକାଳରେ ଶାର୍ଙ୍ଗଦେବ 'ସଂଗୀତରତ୍ନାକର' ରଚନା କରନ୍ତି । ସେ ମାର୍ଗ-ସଂଗୀତକୁ ଗାନ୍ଧର୍ବଗାନ ପର୍ଯ୍ୟାୟଭୁକ୍ତ କରିଛନ୍ତି । ଭରତ ମୁନି ମଧ୍ୟ ତାହାହିଁ କହିଥିଲେ । ( 'ଗନ୍ଧର୍ବମିତିବିଜ୍ଞେୟଂ ସ୍ୱରତାଳପଦାଶ୍ରୟମ୍...' )

ଗୀତଗୋବିନ୍ଦର ଭାଷା ଓ ରାଗ-ରାଗିଣୀ ଉପରେ ଦେଶୀ-ରୀତିର ପ୍ରଭାବ ଓ ପ୍ରାଧାନ୍ୟ ଅତ୍ୟନ୍ତ ବେଶୀ। ତାହାହିଁ ସେଗୁଡ଼ିକ ଆକର୍ଷଣୀୟ ହେବାର ପ୍ରଧାନ କାରଣ। ଏହା ଜଣା ଶୁଣା କଥା ଯେ ଗୀତଗୋବିନ୍ଦହିଁ ଶେଷ ସଂସ୍କୃତ କାବ୍ୟ। ସେତେବେଳକୁ ଭାଷା-ସାହିତ୍ୟମାନଙ୍କର ଜନ୍ମ ହୋଇ ସାରିଥିଲା। ଜୟଦେବ ଭାଷା ସାହିତ୍ୟରୁ 'ଦେଶୀ' ରୀତି ଗ୍ରହଣ କରି, କାବ୍ୟିକ ରୀତି ସଙ୍ଗେ ଲୌକିକ ରୀତିର ସୁନ୍ଦର ସମନ୍ୱୟ ସ୍ଥାପନ କରିଥିଲେ। 'ସଙ୍ଗୀତରତ୍ନାକର'ର ଅନ୍ୟତମ ଟୀକାକାର କଲ୍ଲିନାଥ 'ଦେଶୀ' ସଙ୍ଗୀତର ବ୍ୟାଖ୍ୟା ପ୍ରସଙ୍ଗରେ କହିଛନ୍ତି :—"ଦେଶିତ୍ୱଂତ ତତ୍ତଦ୍ଦେଶ-ମନୁଜ-ମନୋରଂଜନୈକଫଲତ୍ୱେନ କାମାଚ୍ଚରପ୍ରବର୍ତ୍ତିତମ୍ ।" ଗୀତ ଗୋବିନ୍ଦର ସଙ୍ଗୀତଗୁଡ଼ିକ ମାର୍ଗ ଲକ୍ଷଣଯୁକ୍ତ ହେଲେ ମଧ୍ୟ ଦେଶସ୍ଥ ସର୍ବ-ମନୁଷ୍ୟ-ମନୋରଂଜନ ଏବଂ କାମାଚାର ବା ସ୍ୱାଧୀନାଚାର ପ୍ରବର୍ତ୍ତନହିଁ ଏହାର ପ୍ରଧାନ ଲକ୍ଷ୍ୟ ଥିଲା । ତେଣୁ ମାର୍ଗୀୟ ଓ 'ଦେଶୀ'ର ସମନ୍ୱୟରେ ଏହା ଏତେଦୂର ଜନପ୍ରିୟ ହୋଇ ପାରିଥିଲା। ଶାସ୍ତ୍ରୀୟ ସଂଗେ ଲୋକାୟତର ସଯୋଗହିଁ ଏଇ ସଙ୍ଗୀତ ଗୁଡ଼ିକର ହୃଦୟଗ୍ରାହିତାର ମୂଳ କାରଣ।

ଲୋଚନ କବିଙ୍କ ମତରେ ଗୁର୍ଜରୀ ଗୌରୀସଂସ୍ଥାନର ରାଗ—ବର୍ତ୍ତମାନ ଧୈବତ କୋମଳ। ଦେଶବରାଡ଼ୀର ଉଲ୍ଲେଖ ଲୋଚନ କବିଙ୍କ ଗ୍ରନ୍ଥରେ ମିଳେ ନାହିଁ। ବସନ୍ତ ବା ବାସନ୍ତୀ ଗୌରୀସଂସ୍ଥାନର ଅର୍ଥାତ୍ ଭୈରବ ଠାଟର ରାଗ ବୋଲି ରାଗତରଙ୍ଗିଣୀରେ ବର୍ଣ୍ଣିତ ହୋଇଛି । ରାମକିରୀ, ମାଳବଗୌଡ଼, ଗୋଣ୍ଡକିରୀ, ମାଳବ, ବିଭାସ ପ୍ରଭୃତି ରାଗମାନ ମଧ୍ୟ ଏବେ ଏଇ ଭୈରବ ଠାଟର ଅନୁରୂପ। ଲୋଚନ କବିଙ୍କ ବର୍ଣ୍ଣନାରୁ କର୍ଣ୍ଣାଟ ଖମ୍ବାଜଠାଟର ଅନୁରୂପ ବୋଲି ଜଣାଯାଏ। ଭୈରବୀ ଓ ଆଜିକାଲି କାଫୀ ଠାଟ ପ୍ରାୟ ଏକ ଶ୍ରେଣୀର ଦେଶାଖ, ପରବର୍ତ୍ତୀ ବୃନ୍ଦାବନୀ ସାରଙ୍ଗ—ଯଦିଚ ସାରଙ୍ଗ ଋଷି ଏହାର ଗାନ୍ଧର୍ବ-ବର୍ଜିତ ସ୍ୱର ନଥିଲା । ଏ ସମସ୍ତ ରାଗରାଗିଣୀ ଜୟଦେବଙ୍କ ସମୟରେ କିପରି ଗୀତ ହେଉଥିଲା ତହିଁର କୌଣସି ସଠିକ ସ୍ୱରଲିପି ମିଳେ ନାହିଁ । ତେଣୁ ଭିନ୍ନ ଭିନ୍ନ ମୁନି ଭିନ୍ନ ଭିନ୍ନ ମତ ପୋଷଣ କରିଥାନ୍ତି ।

ଗୀତଗୋବିନ୍ଦର ପ୍ରଯୁକ୍ତ ଅଷ୍ଟତାଳ ବାସ୍ତବରେ ଆଠଟି ବିଭିନ୍ନ ତାଳର ସମାବେଶ। ଯଥା ଆଡ଼, ଦୋଜ, ଜୋୟାଡି ବା ଯତି, ଚନ୍ଦ୍ରଶେଖର, ଗଞ୍ଜନ, ପଂଚ, ରୂପକ, ଓ ସମ। କୀର୍ତ୍ତନ ଆସରରେ ଅଷ୍ଟତାଳର ବହୁଳ ପ୍ରଚଳନ ଥିଲା। ଅଷ୍ଟତାଳ ଛଡ଼ା ଏଗାରଟି ତାଳରେ ଗଠିତ ରୁଦ୍ରତାଳ, ବାରଟି ତାଳରେ ରଚିତ ବ୍ରହ୍ମତାଳ ଏବଂ ଛଅଟି ତାଳର ସମବାୟରେ ରଚିତ ଇନ୍ଦ୍ରତାଳ ଏବଂ ଚଉଦଟି

ତାଳକୁ ପର ପର ସଜାଇ "ଚତୁର୍ଦ୍ଦଶ ତାଳ"ର ବ୍ୟବହାର ପ୍ରାଚୀନମାନଙ୍କର ଅଦ୍ଭୁତ କ୍ଷମତାର ପରିଚୟ ଦିଏ । ( ଜ. ଗୀ ଗୋ —ହ. ମୁ ) ଆଜିକାଲି ତ ଦୁଇ ତିନୋଟି ତାଳ ମଧ୍ୟରେ ସଂଗୀତ-ସାଧକର ଫିବାଆସିବା ସୀମାବଦ୍ଧ !! ଅଷ୍ଟତାଳ ବା ଆଠତାଳ କେବଳ ଓଡ଼ିଶାରେ ଚଳୁଥିଲା ବୋଲି କହି କେହି କେହି ବିଭ୍ରାନ୍ତି ସୃଷ୍ଟି କରିଛନ୍ତି ।

ଏହାଛଡ଼ା ଜୟଦେବ ଶାର୍ଦ୍ଦୁଳ ବିକ୍ରୀଡ଼ିତ, ବସନ୍ତତିଲକ, ଶିଖରିଣୀ, ହରିଣୀ, ମାଲିନୀ, ବଂଶସ୍ଥ, ଅନୁଷ୍ଟୁପ, ପୁଷ୍ପିତାଗ୍ରା, ଉପେନ୍ଦ୍ରବଜ, ଦ୍ରୁତବିଲମ୍ବିତ ଓ ସ୍ରଗ୍ଧରା ପ୍ରଭୃତି ବୃତ୍ତିଛନ୍ଦମାନ ବ୍ୟବହାର କରିଛନ୍ତି । କୌଶଳକ୍ରମେ ଶ୍ଳୋକ ମଧ୍ୟରେ ଛନ୍ଦର ନାମଟି ମଧ୍ୟ ବ୍ୟବହାର କରିଯାଇଛନ୍ତି । ଯଥା ୨।୨୦ ( ପୃ୪୩ )ରେ—"ଅପି ଭାମ୍ୟଦ୍ଭୃଙ୍ଗୀ ରଣିତ ରମଣୀୟା ନ ମୁକୁଳ"

"ପ୍ରସୂତଶ୍ଚୂତାନାଂ ସଖି ଶିଖରିଣୀୟଂ ସୁଖୟତି" ଶ୍ଳୋକରେ କୌଶଳରେ ଶିଖରିଣୀ ଛନ୍ଦର ନାମ ଉଲ୍ଲେଖ କରିଛନ୍ତି । ଶାର୍ଦ୍ଦୁଳ ବିକ୍ରୀଡ଼ିତ ତାଙ୍କର ପ୍ରିୟ ଛନ୍ଦ ଥିଲା ବୋଲି ଜଣାଯାଏ । କାରଣ ସେ ଏହାକୁ ୩୭ ଥର ଗୀତଗୋବିନ୍ଦରେ ବ୍ୟବହାର କରିଛନ୍ତି । ବସନ୍ତତିଲକ ୮ ଥର, ଶିଖରିଣୀ ୮ ଥର, ହରିଣୀ ୮, ମାଲିନୀ ୩, ବଂଶସ୍ଥ ୩, ଅନୁଷ୍ଟୁପ ୩, ପୁଷ୍ପିତାଗ୍ର ୩, ଉପେନ୍ଦ୍ରବଜ୍ର ୨, ଦ୍ରୁତବିଳମ୍ବିତ ୧, ସ୍ରଗ୍ଧରା ୧ । (ଅଧ୍ୟାପକ ଶ୍ରୀ ସୁଧୀଭୂଷଣ ଭଟ୍ଟାଚାର୍ଯ୍ୟ )

## ଓଡ଼ିଆ ସାହିତ୍ୟରେ 'ଗୀତଗୋବିନ୍ଦ'ର ପ୍ରଭାବ ପଡ଼ି ନାହିଁ ।

ଗୀତଗୋବିନ୍ଦ ଦ୍ୱାଦଶ ଶତାବ୍ଦୀରେ ରଚିତ ହୋଇଥିଲେ ମଧ୍ୟ ପ୍ରାୟ ସାଢ଼େ ତିନି ଶତ ବର୍ଷ ପର୍ଯ୍ୟନ୍ତ ଏହାର ଓଡ଼ିଆ ସାହିତ୍ୟ ଉପରେ କୌଣସି ପ୍ରଭାବ ପଡ଼ିନଥିଲା ବୋଲି କୁହାଯାଇ ପାରେ । ସାରଳା ଦାସଙ୍କ କାବ୍ୟରେ କେବଳ ଠାଏ ଏହାର ଭାଷାଗତ ପ୍ରଭାବ ଟିକିଏ ଦେଖାଯାଏ । ଜୟଦେବଙ୍କ "ଅଭିନବ ଜଳଧର ସୁନ୍ଦର" ପରି ସାରଳାଦାସ ପୃ୧୫୫ରେ 'ଅଭିନବ ସୁନ୍ଦର ସେ କାମଦେବ ପ୍ରାୟ' ବ୍ୟବହାର କରିଛନ୍ତି । ଏହାର ଅର୍ଥ ସାରଳା ଦାସ ପଞ୍ଚଦଶ ଶତକର କବି ହୋଇଥିଲେ ମଧ୍ୟ ଗୀତଗୋବିନ୍ଦର ଆର୍ଥିକ ବା ଭାଷା ଆଦୌ ଗ୍ରହଣ କରି ନାହାନ୍ତି । ବରଂ ପରକୀୟା ପ୍ରୀତିର ଘୋର ନିନ୍ଦା ଶ୍ରୀକୃଷ୍ଣଙ୍କ ମୁଖରେ କରାଇଛନ୍ତି । ଖଳ୍ପକାର ଜନ୍ମ ବୃତ୍ତାନ୍ତରେ ଶ୍ରୀକୃଷ୍ଣ କହୁଛନ୍ତି : ( ଆଦ୍ୟପର୍ବ, ପୃ ୧୫୦-୧୫୮ )

ପୋଡ଼ୁ ପୋଡ଼ୁ ପରଦାର ଅଙ୍ଗଠାରୁ ନୋହୁ ।
ଯେ କରିବ ପରଦାର ପ୍ରାଣ ତାର ଯାଉ ।

ଭାଂଗିଲି ଜଗମୋହନ ପୁରୁଷର ଦର୍ପ ।
ଉପୁଜଇ ପରଦାର କଲେ ସର୍ବ ପାପ
କାମାକ୍ଷୀଦେବୀ ଚରଣେ ସେବା ମୋର ନିତି ।
ନ ବଳୁ ମୋ ଚିତ୍ତ ପରଦାର ସଂଗ ପ୍ରତି ।

'ପ୍ରତାପରୁଦ୍ରଦେବଂକ ରାଜତ୍ୱ ( ଖ୍ରୀ ୧୪୯୭-୧୫୪୦ ) ପର ପର୍ଯ୍ୟଂନ୍ତ କୌଣସି ଓଡ଼ିଆ କବି ଗୀତଗୋବିଂଦର ଧର୍ମମତ ବା ଉତ୍କଟ ରତିରସ-ବର୍ଣ୍ଣନାକୁ ସ୍ପର୍ଶ କରି ନ ଥିଲେ' ବୋଲି ଶ୍ରୀକୃଷ୍ଣଚଂଦ୍ର ପାଣିଗ୍ରାହୀ ଝଂକାର—୨୧ ଭାଗ ୧୦ମ ସଂଖ୍ୟାରେ କହିଛଂନ୍ତି । ଉପେଂଦ୍ରଭଂଜଂକ ଲାବଣ୍ୟବତୀରେ ଥିବା ସବୁଠାରୁ ଅଶ୍ଳୀଳ ରୂପେ ବିବେଚିତ ହୋଇଥିବା' ଧାଡ଼ିଟି—

"ବାଳଭାନୁ ଜାନୁ-ଗିରିଗୁହାରେ"

ରତିକ୍ଳାଂନ୍ତା ବିବସ୍ତ୍ରା ରାଧା ବସ୍ତ୍ରାଦି ପିଂଧାଇ ଦେବା ପାଇଁ ଗୀତଗୋବିଂଦର ଦ୍ୱାଦଶ ସର୍ଗରେ ଶ୍ରୀକୃଷ୍ଣଂକୁ ଅନୁରୋଧ କରିବେଲେ ଯାହା କହିଛଂନ୍ତି ତହିଁରେ ଟିକିଏ ଭାଷାଗତ ପ୍ରଭାବ ସୂଚିତ କରେ, ଯଥା—

"ସରସଘନେ ଜଘନେ ମମ ଶଂବର-ଦାରଣ ବାରଣକଂଦରେ ।
ମଣିରଶନା ବସନାଭରଣାନି ଶୁଭଶୟ୍ୟ ବାସୟ ସୁଂଦରେ ।"

"ହେ ମୋର ଶୁଭନିଧାୟୀ ଶ୍ରୀକୃଷ୍ଣ ! ମୋର ଶଂବରଦାରଣ ( କଂଦର୍ପ ବାରଣ ( ମତ୍ତହସ୍ତୀ ) ଜଣିଯାଇଥିବା କଂଦର ( ଗିରିଗୁହା ) ରୂପକ ସୁଂଦର ପୃଥୁଳ ଜାନୁରେ ମଣିରସନାବସନ ( ରତ୍ନଖଚିତ କାଂଚିଦାମ ) ଆଭରଣ ( ଅଳଂକାରାଦି ) ଏବଂ ବସନାଦି ଯଥାସ୍ଥାନରେ ପିଂଧାଇ ଦିଅ ।" ) କେବଳ ଥରେ ଅଧେ କେଉଁଠି କମିତି ଏଇ ଭାଷାଗତ ପ୍ରଭାବ ଛଡ଼ା ଗୀତଗୋବିଂଦର କୌଣସି ପ୍ରଭାବ ଓଡ଼ିଆ ସାହିତ୍ୟରେ ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟଂନ୍ତ ଦେଖାଯାଏ ନାହିଁ । ଓଡ଼ିଆ ସାହିତ୍ୟ ଯେ ୩୫୦ ବର୍ଷକାଳ ଗୀତଗୋବିଂଦ ପ୍ରଭାବରୁ ନିଜକୁ ମୁକ୍ତ ରଖି ପାରିଥିଲା, ତାର ପ୍ରଧାନ କାରଣ ହେଉଚି ଗୀତ-ଗୋବିଂଦର ଆତ୍ମିକ ଓ ଆଂଗିକ କୌଣସିଟିର ହେଲେ ଓଡ଼ିଶାର ଜଳବାୟୁ ଓ ମୂଲ୍ୟବୋଧ ସଂଗେ ନାଡ଼ୀର ଯୋଗ ନଥିଲା । ଜଗନ୍ନାଥ ଦାସ ତ ଚୈତନ୍ୟଂକ ଓଡ଼ିଶା ଆଗମନ ପରେ ମଧ୍ୟ ନିଜ ଭାଗବତରେ ଶ୍ରୀରାଧାଂକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରି ଦେଇଥିଲେ ବୋଲି ପୂର୍ବରୁ କହିଛୁଁ ।

ଏଥିରୁ ଜଣାଯାଏ ଯେ ଜୟଦେବଂକ ରାଧାକୃଷ୍ଣ ପ୍ରେମ-ମୈଥୁନ-ଲୀଳା ତଥା ପରକୀୟା ତତ୍ତ୍ୱକୁ ଓଡ଼ିଶା ଖ୍ରୀଷ୍ଟୀୟ ଷୋଡ଼ଶ ଶତକର ମଧ୍ୟଭାଗ ପର୍ଯ୍ୟଂନ୍ତ ଗ୍ରହଣ କରି

ନାହିଁ । ପ୍ରତାପରୁଦ୍ରଦେବ ଷୋଡ଼ଶ ଶତକର ପ୍ରାରମ୍ଭରେ ଶ୍ରୀମନ୍ଦିରରେ କେବଳ ଗୀତଗୋବିନ୍ଦ ପାଠର ବ୍ୟବସ୍ଥା କରିଥିଲେ । * ଓଡ଼ିଶାର ସାଧାରଣ ଜନମତ ଗୀତଗୋବିନ୍ଦର ଆଧ୍ୟାତ୍ମିକତତ୍ତ୍ୱ ପ୍ରତି ଅନୁକୂଳ ନ ଥିଲା ବୋଲି ଏଥିରୁ ମନେହୁଏ ।

ପକ୍ଷାନ୍ତରରେ ବଙ୍ଗଳାରେ ଜୟଦେବୋତ୍ତର ସଂସ୍କୃତ ତଥା ଭାଷା-ସାହିତ୍ୟରେ, ପ୍ରାୟ ଦ୍ୱାଦଶ ଶତାବ୍ଦୀର ପ୍ରାକ୍‌କାଳରୁହିଁ ଗୀତଗୋବିନ୍ଦର ଆଧ୍ୟାତ୍ମିକ-ତତ୍ତ୍ୱ ତଥା ଭାଷା, ଭଙ୍ଗୀ ଓ ଶୈଳୀର ସ୍ପଷ୍ଟ ପ୍ରଭାବ ପରିଦୃଷ୍ଟ ହୋଇ ଆସୁଛି । ଚଣ୍ଡିଦାସଙ୍କଠାରୁ ଆରମ୍ଭ କରି ବିଦ୍ୟାସୁନ୍ଦରଙ୍କ ଯାଏଁ ପ୍ରାୟ ସମସ୍ତେ ଭାଷା-ସାହିତ୍ୟର ଆରମ୍ଭରୁ ଜୟଦେବଙ୍କ ପଦାଙ୍କ ଅନୁସରଣ କରି ଆସିଛନ୍ତି । ଏହାଛଡ଼ା ଜୟଦେବଙ୍କ କବି-ଜୀବନ ଉପରେ ଏକାଧିକ ବଙ୍ଗୀୟ କାବ୍ୟ ରଚିତ ହୋଇଥିବାର ଦେଖାଯାଏ, ଯଥା, ବନମାଳୀ ଦାସଙ୍କ "ଜୟଦେବ ଚରିତ", ଓ କୁଚବିହାରବାସୀ ଶ୍ରୀରାମ ସରସ୍ୱତୀଙ୍କ 'ଜୟଦେବ' କାବ୍ୟ । ଓଡ଼ିଆରେ କେଉଁଏ ହେଲେ କାବ୍ୟ ଜୟଦେବଙ୍କ ଉପରେ ରଚିତ ହୋଇନାହିଁ । ଏଥିରୁ ଜୟଦେବ ଓଡ଼ିଶା ମାଟି ସହିତ ସଂପୃକ୍ତ ନ ହୁଅନ୍ତି ବୋଲି ମନେହୁଏ ।

## ଅନ୍ୟ ଦୁଇଜଣ ଜୟଦେବ

ସଂସ୍କୃତ ସାହିତ୍ୟରେ ଆଉ ଦୁଇଜଣ ଜୟଦେବଙ୍କ ପରିଚୟ ପାଉଁ । ସେଥିମଧ୍ୟରୁ ଜଣେ ଜୟଦେବ 'ଛନ୍ଦ ସୂତ୍ର'ର ପ୍ରଣେତା । ହର୍ଷଟ ଆଠଶତ ଶତାବ୍ଦରେ ଏହି ଗ୍ରନ୍ଥର ଏକ ଟୀକା ପ୍ରଣୟନ କରିଥିଲେ । ସେ ଗୀତଗୋବିନ୍ଦ ରଚୟିତା ଜୟଦେବଙ୍କର ବହୁ ପୂର୍ବବର୍ତ୍ତୀ । ଆଳଙ୍କାରିକ ଅଭିନବ ଗୁପ୍ତ (ନବମ ଶତାବ୍ଦ) ଏହାଙ୍କ ନାମ ଉଲ୍ଲେଖ କରିଛନ୍ତି ।

ଦ୍ୱିତୀୟ ଜୟଦେବ 'ପ୍ରସନ୍ନ ରାଘବ' ନାଟକ ଓ 'ଚନ୍ଦ୍ରାଲୋକ ଅଳଙ୍କାର' ପ୍ରଣେତା । ଏହାଙ୍କ ପିତାଙ୍କ ନାମ ମହାଦେବ ଏବଂ ମାତାଙ୍କ ନାମ ସୁମିତ୍ରା । ଗୁରୁଙ୍କ ନାମ ହରି ମିଶ୍ର । ଏହାଙ୍କର ଉପାଧି ଥିଲା ପୀୟୂଷବର୍ଷ । ୧୧୭୯ ଶତାବ୍ଦରେ ଗ୍ରଥିତ କାଶ୍ମୀରି କବି ଜହ୍ଲଣଙ୍କ ସୂକ୍ତି ମୁକ୍ତାବଳୀରେ ପ୍ରସନ୍ନ ରାଘବର ଶ୍ଳୋକ ଉଦ୍ଧୃତ ହୋଇଛି । ଇଏ କୌଣ୍ଡିନ ଗୋତ୍ର-ସମ୍ଭୂତ । ଚନ୍ଦ୍ରାଲୋକ ଅଳଙ୍କାର ଗ୍ରନ୍ଥରେ ସେ ନିଜ ନାମ, ଗୋତ୍ର, ପିତା ପ୍ରଭୃତିଙ୍କର ପରିଚୟ ଦେଇ

* ଝଙ୍କାର—୨୧ଶ ଭାଗ, ଦଶମ ସଂଖ୍ୟା— କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରବନ୍ଧ ଦ୍ରଷ୍ଟବ୍ୟ । ଶ୍ରୀମନ୍ଦିରର ଜୟ-ବିଜୟ ଦରଜାରେ ଉତ୍କୀର୍ଣ୍ଣ ଲିପି ।

ଯାଇଛନ୍ତି । (ହି.ମୂ) ଗୀତଗୋବିନ୍ଦର କବି ଜୟଦେବଙ୍କର ସେ ସମସାମୟିକ ହେଲେ ମଧ୍ୟ ସେ ଯେ ସ୍ୱତନ୍ତ୍ର ବ୍ୟକ୍ତି, ତାଙ୍କ ଗୋତ୍ର ଓ ପରିଚୟ ଇତ୍ୟାଦିରୁ ଏହା ସ୍ପଷ୍ଟ ଜଣାପଡ଼େ । ଯଥା :

> ପିୟୂଷବର୍ଷ-ପ୍ରଭବଂ ଚନ୍ଦ୍ରାଲୋକ-ମନୋହରମ୍
> ସଦାନନ୍ଦନିଧାନମାସାଦ୍ୟ ଶ୍ରଦ୍ଧୟା ବବୁଧାମୁଦାମ୍ ।
> ଜୟନ୍ତି ଯାଜକ—ଶ୍ରୀ ମନ୍ମହାଦେବାଙ୍ଗଜନ୍ମନଃ
> ସୂକ୍ତି ପୀୟୂଷବର୍ଷସ୍ୟ ଜୟଦେବକବେର୍ଗିରଃ ।"

ସଦୁକ୍ତିକର୍ଣାମୃତରେ ପ୍ରସନ୍ନ ରାଘବର କୌଣସି ଶ୍ଳୋକ ଉଦ୍ଧୃତ ହୋଇ ନାହିଁ । ପୀୟୂଷ ଲହରୀ ଏବଂ ବୈଷ୍ଣବାମୃତ ଗ୍ରନ୍ଥ ଦୁଇଟିର (ଯାହାକୁ ଜୟଦେବଙ୍କ ରଚନା ବୋଲି କୁହାଯାଇଥାଏ) କୌଣସି ଶ୍ଳୋକ ମଧ୍ୟ ସଦୁକ୍ତିରେ ମିଳେ ନାହିଁ । ଗୀତଗୋବିନ୍ଦର କବି ଜୟଦେବ ନିଜ କାବ୍ୟରେ ନିଜର ପିତା ମାତା, ପତ୍ନୀ, ଗ୍ରାମ ଓ ଗୁରୁଜନ ସହକର୍ମୀଙ୍କ ନାମ ଉଲ୍ଲେଖ କରିଯାଇଛନ୍ତି—ଯେଉଁଥିରୁ କି ସେ ଏବଂ ପ୍ରସନ୍ନ ରାଘବର କବି ଜୟଦେବ ସ୍ୱତନ୍ତ୍ର ବ୍ୟକ୍ତି ବୋଲି ସ୍ପଷ୍ଟ ଜଣାପଡ଼ନ୍ତି ।

## ହାସ୍ୟାସ୍ପଦ ଯୁକ୍ତି

କୌଣସି ପ୍ରମାଣ ବା ଯୁକ୍ତି ବଳରେ ଜୟଦେବଙ୍କୁ ଲକ୍ଷ୍ମଣସେନଙ୍କ ସଭାରୁ ବିଚ୍ଛିନ୍ନ କରାଯାଇ ପାରୁନଥିଲେ ମଧ୍ୟ ଓଡ଼ିଶାରେ ତାଙ୍କ ସଂବନ୍ଧରେ ଯେଉଁଭଳି ପ୍ରବନ୍ଧମାନ ପତ୍ରପତ୍ରିକାରେ ପ୍ରକାଶ ପାଉଛି ତାହା ଦେଖିଲେ ହାସ୍ୟ ସଂବରଣ କରିହୁଏ ନାହିଁ । କିଏ ଜୟଦେବ ଶ୍ରୀମନ୍ଦିରରେ କେଉଁ ସ୍ଥାନରେ ବସି କେଉଁ କେଉଁ ଶ୍ଳୋକ ରଚନା କରିଥିଲେ ସେ ବିଷୟରେ ଏକ ଦୀର୍ଘ ୧୫ ପୃଷ୍ଠାର ପ୍ରବନ୍ଧ ଲେଖିଲଣି ତ ଅନ୍ୟ କେହି ଜଣେ ଅଧ୍ୟାପକ ଜୟଦେବ-ରଚିତ ଓଡ଼ିଆ କବିତାମାନ ଉଦ୍ଧାର କରି ପାଣ୍ଡିତ୍ୟର ଚୂଡ଼ାନ୍ତ ନିଦର୍ଶନ ଦେଖାଇଲଣି । ଏହା ସର୍ବସ୍ୱୀକୃତ ଯେ ଭାରତୀୟ ଭାଷା-ସାହିତ୍ୟମାନଙ୍କର ଉଦ୍ଭବ ତ୍ରୟୋଦଶ ଶତାବ୍ଦୀ ପରେ ହୋଇଥିଲା, ତା' ପୂର୍ବରୁ ନୁହେଁ । ତଥାପି ସେମାନେ ଜୟଦେବଙ୍କ ଓଡ଼ିଆ କବିତା ପରିବେଷଣ କରିବାରେ ବ୍ୟସ୍ତ । ଯେପରି ଜଣାଯାଏ ଏମାନେ ଭାଷାବିଜ୍ଞାନର କୌଣସି ଧାର ଧାରନ୍ତି ନାହିଁ । କେହି କେହି ତ ନବମ ଶତାବ୍ଦୀରୁ ଓଡ଼ିଆ ପଦ୍ୟର ଜନ୍ମ ବୋଲି ଶିଶୁବେଦ ବ୍ୟାଖ୍ୟାନ କରିବାରେ ଲାଗିଛନ୍ତି । ଅଥଚ କପିଳେନ୍ଦ୍ରଦେବଙ୍କ (ଖ୍ରୀ. ୧୪୩୫) ଦ୍ୱାରା ପରେ ସୀମାଚଳମ୍‌ଠାରେ ଉତ୍କୀର୍ଣ ଶିଳାଲେଖରୁହିଁ ଆମେ ପ୍ରଥମେ ପୂର୍ଣାଙ୍ଗ ଓଡ଼ିଆ

ଲିପିର ଆତ୍ମପ୍ରକାଶ ଦେଖିବାକୁ ପାଉଁ । ତା' ପୂର୍ବରୁ ପ୍ରାୟ ପ୍ରତ୍ନ ବଙ୍ଗଳା ଲିପିରେ ଖୋଦିତଲେଖାମାନ ଆଖିରେ ପଡ଼େ । ଏ ବିଷୟରେ ପରବର୍ତ୍ତୀ ଅଧ୍ୟାୟରେ (ସାରଳାଯୁଗ) ଆଲୋଚନା କରିବୁଁ । ଯେପରି ଦେଖାଯାଉଚି ଜୟଦେବଙ୍କୁ ଭିନ୍‌ଙ୍କ ପରି ରସାତଳକୁ ନ ପକାଇବା ଯାଏ ଆମ ଗବେଷଣା ନିରସ୍ତ ହେବ ନାହିଁ । ଉପେନ୍ଦ୍ର ଭଞ୍ଜ କମ୍ୟୁନିଷ୍ଟ ରୁଷ୍, ଏବଂ ଜହରଲାଲ ନେହେରୁ ଏବଂ ଚ୍ୟାଂ-କାଇ-ସାକୋଙ୍କ କଥା ଲେଖିଯାଇଛନ୍ତି ବୋଲି କହି ଆମେ ତାଙ୍କୁ ଯେପରି ସ୍ଲେଟ କରି ପକାଇଛୁଁ, ଜୟଦେବଙ୍କୁ ସେପରି ପରସ୍ତେ ହିନସ୍ତା ନ କରିବା ଯାଏଁ ଆମର ଅନୁସନ୍ଧିତ୍ସା ଶେଷ ହେବ ନାହିଁ ।

## ଭାଷା-ସାହିତ୍ୟର ଅଭ୍ୟୁତ୍‌ଥାନ

ଜୟଦେବଙ୍କ କାଳରେ ଅର୍ଥାତ୍ ଖ୍ରୀଷ୍ଟୀୟ ତ୍ରୟୋଦଶ ଶତକର ଶେଷାବଧି ଭାରତବର୍ଷରେ କୌଣସି ଭାଷା-ସାହିତ୍ୟ ପ୍ରାଞ୍ଜଳ ରୂପ ପରିଗ୍ରହ କରି ନ ଥିଲା । ଏକଥା ଜଣା ଶୁଣା ତଥାପି କେତେଜଣ ଓଡ଼ିଆ ଅଧ୍ୟାପକ ଜୟଦେବଙ୍କ ଭଣିତା ଥିବା କେତେକ ଓଡ଼ିଆ ଗୀତ ଉଦ୍ଧାର କରି ଏହାକୁ ଜୟଦେବଙ୍କର ଓଡ଼ିଆ ରଚନା ବୋଲି ବଜାରେ ଚଳାଇ ନେବାକୁ ଚେଷ୍ଟା କରୁଥିବାର ବେଳେ ବେଳେ ଦେଖା-ଯାଉଚି । ଏହା ବାସ୍ତବରେ ଏକ ବିଡ଼ମ୍ବନାର ବିଷୟ । ଜୟଦେବଙ୍କ ନାମରେ ଭଣିତ କେତେକ ଓଡ଼ିଆ ଗୀତ ଆଜକୁ ପ୍ରାୟ ୬୦ ବର୍ଷ ତଳେ 'ଉତ୍କଳ ଦୀପିକା' ପ୍ରେସରେ ମୁଦ୍ରିତ ହୋଇ ପ୍ରକାଶ ପାଇଥିଲା । ଅଧ୍ୟାପକ ପଠାଣି ପଟ୍ଟନାୟକଙ୍କ ପାଖରେ ଏ ବହିର ଖଣ୍ଡେ କପି ଅଛି ବୋଲି ଲେଖକ ତାଙ୍କଠାରୁ ଜାଣିଚି । ମାତ୍ର ଗୀତ ଗୁଡ଼ିକ ଯେ ଜୟଦେବ-କୃତ ହୋଇ ନ ପାରେ, ଏ ବିଷୟରେ ସମସ୍ତେ ନିଃସନ୍ଦେହ ।

ଜୟଦେବଙ୍କର ବହୁ ପରେ ମାର୍କଣ୍ଡ ଦାସ (ଶକାବ୍ଦ ୧୫୦୦), ଓ ବଙ୍ଗଳାରେ ଚଣ୍ଡୀ ଦାସ, ଜ୍ଞାନ ଦାସ, ବ୍ରଜଭାଷାରେ ବିଦ୍ୟାପତି, ସାଯ୍ୟ ବମାନନ୍ଦ (ଓଡ଼ିଶା) ପ୍ରମୁଖ ଭାଷା-ସାହିତ୍ୟ ମାଧ୍ୟମରେହିଁ ନିଜ ନିଜ କୃତିମାନ ରଚନା କରି ଯାଇଛନ୍ତି । ଅନ୍ୟ ଦିଗରେ ଚଣ୍ଡୀ ଦାସଙ୍କଠାରୁ ଆରମ୍ଭ ହୋଇଥିବା ଖାଣ୍ଟି ବଙ୍ଗଳା ସାହିତ୍ୟରେ ନନ୍ଦନନ୍ଦନ ବିରହିଣୀ ରାଧାଙ୍କ ଅବିର୍ଭାବ ଦେଖିବାକୁ ପାଉଁ । ରାଧାଙ୍କ ବିରହ ହିଁ ପରାଧୀନତା ଯୁଗଠାରୁ ବୈଷ୍ଣବ ସାହିତ୍ୟରେ ବଡ଼ ସ୍ଥାନ ଅଧିକାର କରେ । ଏଇ ସାହିତ୍ୟର ପ୍ରତିପାଦ୍ୟ ହେଉଚି, ରାଧାଙ୍କ ଅଭିସାର ଏବଂ ପ୍ରିୟ ଅଦର୍ଶନରେ

ବିରହ, ଅବଶେଷରେ ପୁନର୍ମିଳନ । ଏହି ପଦାବଳୀର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଦୁଇ ଅର୍ଥରେହିଁ କରାଯାଏ । ହତାଶ ପ୍ରେମିକା ଯେଉଁ ବିଳାପ ମାଥୁର କରୁଛନ୍ତି ତାହା ମୁସଲମାନ-ପଦାନତ ଦେଶରେ ହତାଶ ପଦାବଳୀ ସ୍ୱଦେଶପ୍ରେମୀର ବିଳାପ ରୂପେ ମଧ୍ୟ ଗ୍ରହଣ କରାଯାଇପାରେ ।

ଚଣ୍ଡୀ ଦାସଙ୍କ ପ୍ରେମିକା କହୁଛନ୍ତି :—

"ସୁଖେର ଲାଗିଯେ ଏ ଘର ବାନ୍ଧିନୁ
ଅନଲେ ପୁଡ଼ିୟା ଗେଲ...
ସାଗର ଶୁଖାଲ ମାଣିକ ଲୁକାଲ
ଅଭାଗୀର କରମ ଦୋଷେ ।"

ଏଇ ଦୁଃଖ ହତାଶାପୂର୍ଣ୍ଣ ଯୁଗରେ ପ ଧୀନତାର ମର୍ମବେଦନା ଧର୍ମର ଭାଷାରେ ( ପ୍ରିୟଜନର ଅଦର୍ଶନରେ ଅର୍ଥାତ୍ ସ୍ୱାଧୀନତା ବିଲୁପ୍ତିରେ ) ବିରହାତ୍ତ ( ହିନ୍ଦୁ ଜାତିର ) ମାଥୁର ବା ବିଚ୍ଛେଦ ଏବଂ ତଜ୍ଜନିତ ହା-ହୁତାଶ କ୍ରନ୍ଦନ ମଧ୍ୟରେ ବେଶ୍ ପ୍ରମୂର୍ତ୍ତ । *

ବିଦ୍ୟାପତିଙ୍କ କଣ୍ଠରେ :—

"ହରି କି ମଥୁରା ପୁରେ ଗେଲ,
ଆଜ ଗୋକୁଲ ଶୂନ୍ୟ ଭେଲ ।
ରୋଦତି ପିଂଜରେ ଶୁକେ,
ଧେନୁ ଧାବଇ ମାଥୁର ମୁଖେ ।
ଅବସୋଇ ଯମୁନାର କୂଲେ ।
ଗୋପ ଗୋପୀ ନାହି ବୁଲେ ।"

ବିଦ୍ୟାପତିଙ୍କ ମାଥୁରଗାନ ଓ ବଂଗଳା ମହାଜନ ପଦାବଳୀରେ ଏହା ଅଧିକର ଅଧିକ ବିଶଦଭାବରେ ପରିସ୍ଫୁଟ । ଯେଥିପାଇଁ ସ୍ୱର୍ଗୀୟ ଦୀନେଶଚନ୍ଦ୍ର ସେନ କହିଛନ୍ତି :— ବୈଷ୍ଣବର ମାଥୁରଗାନ...ଅପର ଦିକେ ବଂଗେର ତତ୍କାଳୀନ ଇତିହାସ ସେଇ ବିୟୋଗାନ୍ତ ଦୃଶ୍ୟେର ଉପାଦାନ ଯୋଗାଇୟାଛେ । କତ ବିୟୋଗାନ୍ତ ନାଟକେର ସାର ନିଂଡ଼ାଇୟା ଯେ ମାଥୁର ଗାନ ରଚିତ ହଇୟାଛିଲ, ତାହା ବଲିବାର ନୟ । ( ବୃହତ୍ ବଂଗ, ୨ୟ ଖଣ୍ଡ )

* 'ସାହିତ୍ୟେ ପ୍ରଗତି'—ଡଃ ଭୂପେନ୍ଦ୍ରନାଥ ଦତ୍ତ ।

## ଗୀତଗୋବିନ୍ଦର ଭାଷା ଉପରେ ଅପଭ୍ରଂଶର ପ୍ରଭାବ

କବି ଜୟଦେବ ନିଜ ରଚନାକୁ 'ପ୍ରବନ୍ଧ' ସଙ୍ଗୀତ କହିଛନ୍ତି । "ଶ୍ରୀ ବାସୁଦେବ ରତିକେଳି କଥା ସମେତ ମେତଂ କରୋତି ଜୟଦେବ କବିଃ ପ୍ରବନ୍ଧମ୍ ।" ଶୁଦ୍ଧ ପ୍ରବନ୍ଧ-ଗୀତର ଚାରି ଧାତୁ ଓ ଛ'ଟା ଅଂଗ । ଧାତୁ ଅର୍ଥାତ ଅବୟବ ବିଭାଗ, ଯଥା ଉଦ୍‌ଗ୍ରାହକ, ମେଲାପକ, ଧ୍ରୁବ ଓ ଆଭୋଗ । ଯେଉଁମାନେ ପଂଚ ଧାତୁର କଥା କହନ୍ତି ସେମାନେ ଧ୍ରୁବ ଓ ଆଭୋଗ ମଧ୍ୟରେ ଗୋଟିଏ ଅଂଶକୁ ଅନ୍ତରା ଆଖ୍ୟା ଦେଇଛନ୍ତି । ଅଂଗ ଛଟି, ଯଥା, ସ୍ୱର, ବିରୁଦ, ପଦ, ତେନ, ପାଠ, ତାଳ । ସ୍ୱର ସ-ରି-ଗ ମ ପ୍ରଭୃତି ଆଲାପ, ବିରୁଦ ପ୍ରଶଂସା ବା ଗୁଣବାଚକ । ପଦ ଅର୍ଥାତ୍ କଥା ଯାହା ଅର୍ଥ ପ୍ରକାଶ କରେ । ସଙ୍ଗୀତର ସମସ୍ତ ଅଂଶହିଁ ପଦ । ତେନ ମଂଗଳ ବାଚକ ଶବ୍ଦ । ତାଳ ପରିମିତ ସମୟରେ ଯତି ବା ବିରାମ । ଶୁଦ୍ଧ ପ୍ରବନ୍ଧ-ଗୀତ ପାଂଚ ପ୍ରକାର । ମେଦିନୀ, ନନ୍ଦିନୀ, ଦୀପନୀ, ପାବନୀ ଓ ତାରାବଳୀ । ସ୍ୱର, ବିରୁଦ, ପଦ, ତେନ, ପାଠ, ତାଳ ଏଇ ଛ ଅଂଗଯୁକ୍ତ ଗାନ ମେଦିନୀ । ସ୍ୱର, ପଦ, ତେନ, ପାଠ, ତାଳ ଏଇ ପଂଚ ଅଂଗ ଯୁକ୍ତ ଗାନ ଦୀପନୀ । ସ୍ୱର, ପଦ, ତାଳ ଯୁକ୍ତ ଗାନ ପାବନୀ । ଏବଂ ପଦ ଓ ତାଳ ଯୁକ୍ତ ଗାନ ତାରାବଳୀ । ଶ୍ରୀ ଗୀତଗୋବିନ୍ଦର ଗାନ ପଂଚଧାତୁ ଓ ଛ ଅଂଗ ଯୁକ୍ତ ମେଦିନୀ ଜାତିର ଅନ୍ତର୍ଗତ । ( ହ. ମୁ )

'ଜୟଦେବ-କାବ୍ୟର ମୌଳିକ ସ୍ୱରୂପ ନିରୂପଣ କରିବାକୁ ହେଲେ ଏକଥା ମନେ ରଖିବାକୁ ହେବ ଯେ ଗୀତଗୋବିନ୍ଦ ଯେଉଁ ସମୟରେ ରଚିତ ହୋଇଥିଲା, ସେ ସମୟ ପ୍ରାଚୀନ ସଂସ୍କୃତ ଭାଷା ଓ ସାହିତ୍ୟର ପ୍ରାୟ ଶେଷ ଅବସ୍ଥା ଏବଂ ଅପଭ୍ରଂଶ ବା ଦେଶୀ ଭାଷା ଓ ସାହିତ୍ୟର ଅଭ୍ୟୁଦୟ କାଳ । ସେଥିପାଇଁ ଏଇ ଯୁଗ-ପରିବର୍ତ୍ତନ ( transition ) କାଳରେ ଏଇ ପ୍ରକାର ରଚନା ଦେଖିବାକୁ ମିଳେ, ଯାହା ପୁରାତନ ସଂସ୍କୃତ କାବ୍ୟର ନିୟମ ନିଗଡ଼ ଦ୍ୱାରା ସଂପୂର୍ଣ ନିୟଂନ୍ତ୍ରିତ ନୁହେଁ, ଅଥଚ ନୂତନ ଦେଶୀ ସାହିତ୍ୟର ପୂର୍ଣ ସ୍ୱାଧୀନତା ମଧ୍ୟ ହାସଲ କରିନାହିଁ । ଏହା ଦେଶୀ ଭାଷା ଓ ସାହିତ୍ୟ ଉପରେ ସଂସ୍କୃତର ପ୍ରଭାବର ଫଳ ନୁହେଁ, ବରଂ ସଂସ୍କୃତ ଉପରେ ଦେଶୀ ଭାଷା ଓ ସାହିତ୍ୟର ପ୍ରଭାବର ପରିଣାମ । କାରଣ ଏଇ ସମୟରେ ଗୀତଗୋବିନ୍ଦ ଛଡ଼ା ଅନ୍ୟତ୍ର ମଧ୍ୟ ଦେଖିବାକୁ ମିଳେ ଯେ, ଦେଶୀ ଭାଷା ଓ ସାହିତ୍ୟର ଅଭ୍ୟୁତ୍‌ଥାନ ସଂଗେ ସଂଗେ ଓ ତାର ଅନିବାର୍ଯ୍ୟ ପ୍ରଭାବ ଫଳରେ ପ୍ରାଚୀନ ସଂସ୍କୃତ ଭାଷା ଓ ସାହିତ୍ୟର ଗତି ଓ ପ୍ରକୃତିରେ

ଯଥେଷ୍ଟ ପରିବର୍ତ୍ତନ ଘଟିଛି । ନବୋଦିତ ଓ ଜନସାଧାରଣଙ୍କ ମଧ୍ୟରେ କ୍ରମଶଃ ବିସ୍ତୃତ ଦେଶୀୟ ଭାଷା ଓ ସାହିତ୍ୟର ଆଦର୍ଶକୁ ଆତ୍ମସାତ୍ କରି ସଂସ୍କୃତ ଭାଷା ଓ ସାହିତ୍ୟକୁ ପୁନରୁଜ୍ଜୀବିତ ଓ ନୂତନ ରୂପରେ ଗଠନ କରିବାର ଗୋଟିଏ ପ୍ରଚେଷ୍ଟା ସବୁଠି ଦେଖାଦେଇଥିଲା । ଆମର ମନେହୁଏ ଜୟଦେବଙ୍କ ଗୀତଗୋବିନ୍ଦ ଏହି ନୂତନ ପ୍ରଚେଷ୍ଟାର ଏକ ଉତ୍କୃଷ୍ଟ ନିଦର୍ଶନ । ( ଏକ୍ସ )

ଦେଶୀ ଗାନର ଆଦର୍ଶରେ ରଚିତ ହେଲେ ମଧ୍ୟ ଗୀତଗୋବିନ୍ଦର ଗାନଗୁଡ଼ିକୁ ଠିକ୍ ଦେଶୀ କୁହାଯାଇପାରିବ ନାହିଁ । ଦେଶୀ ଭାଷାର ପଦ୍ଧତି ଓ ଭଙ୍ଗୀ, ଦେଶୀ ସାହିତ୍ୟର ଗୀତିବାହୁଲ୍ୟ ଓ ଭାବପ୍ରବଣତା କ୍ରମଶଃ ସଂସ୍କୃତରେ ରଚିତ କାବ୍ୟ ନାଟକରେ ଆସି ପ୍ରବେଶ କରିଥିଲା । ଗୀତଗୋବିନ୍ଦରେ ତାହାହିଁ ଦେଖାଯାଏ । କିନ୍ତୁ ଏହାର ଅଳଙ୍କାର-ପ୍ରାଚୁର୍ଯ୍ୟ ଓ ପରିଣତ ରଚନା-କୌଶଳ ସଂସ୍କୃତର ଅନୁଯାୟୀ, ପ୍ରାକୃତର ନୁହେ । ଯେଉଁ ଯମକ ଓ ଅନୁପ୍ରାସାଦିର ନିପୁଣ ପ୍ରୟୋଗ ଏଥିରେ ସଂସ୍କୃତ ଶବ୍ଦ ଓ ବର୍ଣ୍ଣବିନ୍ୟାସରେ ମିଳେ, ତାହା ବ୍ୟଂଜନବର୍ଣ୍ଣ-ବିରଳ ପ୍ରାକୃତ ବା ଅପଭ୍ରଂଶ ରଚନାରେ ଏହି ପରିମାଣରେ ସଂଭବପର ନୁହେ । ଏଥିରେ ସଂସ୍କୃତ ରଚନା ଭଂଗୀ କେବଳ ଦେଶୀ ଗାନର ପ୍ରଭାବ ସ୍ୱୀକାର କରି ଦେଶୀ ଧରଣର ଗାନ ଓ ପଦାବଳୀ ରଚନା କରିଛି ମାତ୍ର । ଆମେ ଯେଉଁ ପରିବର୍ତ୍ତନର ଯୁଗ କଥା କହୁଛୁ, ସେହି ଯୁଗରେହିଁ ଏଭଳି ଅନନ୍ୟମିଶ୍ର ରଚନା ସଂଭବ ହୋଇପାରେ । (*Ibid*)

ରାଣା କୁମ୍ଭଙ୍କ ରସିକପ୍ରିୟା ଟୀକାରେ ଗୀତଗୋବିନ୍ଦର ଉଠାନ୍ତି ଗୀତର ନୂତନ ନାମକରଣ କରାଯାଇଛି । ଯଥା : ପ୍ରଳୟ ପୟୋଧିଜଳେ' ଗୀତଟିର ନାମ ଦଶାବତାର-କୀର୍ତ୍ତିଧବଳ, 'ଶ୍ରିତ କମଳାକୁଚମଣ୍ଡଳ'ର ନାମ ହରି ବିଜୟ ମଙ୍ଗଳାଷ୍ଟକ, 'ଲଳିତ ଲବଙ୍ଗଲତା'ର ନାମ ମାଧବ ମହୋତ୍ସବ କମଳାକର ଇତ୍ୟାଦି ।

## ସଂସ୍କୃତ ଓ ଦେଶୀ ରୀତିର ସମନ୍ୱୟ

ଏହା ସତ୍ୟ ଯେ ଭାବ ଓ ରୂପ ଏହି ଦୁଇ ଦିଗରୁ ତତ୍କାଳୀନ କାବ୍ୟ-ସାହିତ୍ୟରେ ଗୀତଗୋବିନ୍ଦ ଗୋଟିଏ ନୂତନ ପଦ୍ଧତି ପ୍ରବର୍ତ୍ତନ କରିଥିଲା । ଏହି ପଦ୍ଧତିକୁ ସଂପୂର୍ଣ୍ଣ ଦେଶୀ କୁହାଯାଇ ପାରିବନାହିଁ କି ସଂପୂର୍ଣ୍ଣ ସଂସ୍କୃତ ମଧ୍ୟ କୁହାଯାଇ ପାରିବ ନାହିଁ । ସଂସ୍କୃତ ଛନ୍ଦରେ ରଚିତ ବର୍ଣ୍ଣନାମୂଳକ ଶ୍ଳୋକଗୁଡ଼ିକ ଛାଡ଼ିଦେଲେ ଯେଉଁ ରାଗମୂଳକ ପଦାବଳୀ ଗୀତଗୋବିନ୍ଦର ଶ୍ରେଷ୍ଠ ସଂପଦ ସେଗୁଡ଼ିକ ନାମକୁ

ମାତ୍ର ସଂସ୍କୃତରେ ରଚିତ ହେଲେ ମଧ୍ୟ ଏହାର ଭାଷା ଓ ଛନ୍ଦର ଭଂଗୀ ଯେତେଟା ପ୍ରାକୃତ ବା ଦେଶୀ ଭାଷା ଓ ଛନ୍ଦର ଅନୁସାରୀ ସେତେଟା ସଂସ୍କୃତର ନୁହେଁ । ଗୀତଗୋବିନ୍ଦରେ ସଂସ୍କୃତ ଅଲଂକାର ଓ ଶବ୍ଦାର୍ଥ ଗୌରବ ସର୍ବଥା ରକ୍ଷିତ ହୋଇଛି ସତ, କିନ୍ତୁ ପଦାବଳୀରେ ବ୍ୟବହୃତ ଭାଷାର ରଚନା ପଦ୍ଧତି ସଂସ୍କୃତ-କାବ୍ୟର ଅନୁରୂପ ନୁହେଁ, ବରଂ ଏଇ ସ୍ୱଚ୍ଛ ଓ ସହଜଗେୟ ପଦଗୁଡ଼ିକ ଦେଶୀ ଗାନର ପଦ୍ଧତିର ଅନୁସରଣ କରିଛନ୍ତି । ଏପରିକି ଅତି ଅଳ୍ପ ଚେଷ୍ଟାରେ ଅନେକ ପଦ ଯେ ସଂସ୍କୃତରୁ ପ୍ରାକୃତରେ ଏବଂ ପ୍ରାକୃତରୁ ସଂସ୍କୃତରେ ପରିଣତ କରାଯାଇପାରେ ଏହା ଦେଖାଇବା କଠିନ ନୁହେଁ । (ଏକ୍‌ନ)

ଅନ୍ୟ ଗୋଟିଏ କଥା ହେଉଛି ଜୟଦେବଙ୍କ ରଚନାକୁ ପ୍ରାଚୀନ ସଂସ୍କୃତ ଗୀତିକବିତାର କୌଣସି ବିଶିଷ୍ଟ ପର୍ଯ୍ୟାୟରେ ନିଶ୍ଚିତ ରୂପେ ଅନ୍ତର୍ଭୁକ୍ତ କରିବା କଷ୍ଟ । ପୁରାତନ ସଂସ୍କୃତ କାବ୍ୟର ଭାଷା, ଭାବ, ଛନ୍ଦ, ଗ୍ରହଣ କଲେ ମଧ୍ୟ ପ୍ରକୃତରେ ଜୟଦେବ ସେମାନଙ୍କୁ ନୂତନ ଢଂଗ ଓ ନୂତନ ଭଂଗୀରେ ପ୍ରୟୋଗ କରିଛନ୍ତି, ଏବଂ ତାଙ୍କର ସମସ୍ତ କାବ୍ୟଟିକୁ ସେ ବାହାରେ ଓ ଭିତରେ ଯେଉଁ ନୂତନ ଓ ବିଚିତ୍ର ରୂପ ଦେଇଛନ୍ତି ତାହା ପୂର୍ବବର୍ତ୍ତୀ ସଂସ୍କୃତ କାବ୍ୟର ସଂପୂର୍ଣ୍ଣ ଅନୁରୂପ ନୁହେଁ, ବରଂ ସମସାମୟିକ ଦେଶୀ ଭାଷା-ସାହିତ୍ୟର ଅଧିକତର ନିକଟବର୍ତ୍ତୀ । ଏଇ କାରଣରୁ 'ଗୀତଗୋବିନ୍ଦ'ର ଗେୟ ପଦଗୁଡ଼ିକ "ସଦୁକ୍ତି କର୍ଣ୍ଣାମୃତ" କିମ୍ବା କାଶ୍ମୀରି କାବ୍ୟସଂକଳନ 'ସୁଭାଷିତାବଳୀ'ରେ ସ୍ଥାନ ପାଇ ନାଇ । ସଂସ୍କୃତ କାବ୍ୟ-ସଂକଳୟିତାମାନେ ଏଗୁଡ଼ିକୁ ସଂଭବତ ଅପାଂକ୍ତେୟ ମନେ କରିଛନ୍ତି ।

ବାହ୍ୟତ ନାଟକର କିଂଚିତ୍ ଆବରଣ ଥିଲେ ମଧ୍ୟ ତାଙ୍କର ରଚନା ଗୀତପ୍ରାଣ ଓ ଗୀତସର୍ବସ୍ୱ । ମେଘଦୂତ ପ୍ରଭୃତି ପ୍ରାଚୀନତର ଗୀତ-କବିତା ସହିତ ଏହାର ସାଦୃଶ୍ୟ ଅତି ଅଳ୍ପ । ସର୍ଗ ବିଭାଗ ଅନୁସାରେ ଏହାକୁ ଠିକ୍ କାବ୍ୟ ବୋଲି ମଧ୍ୟ ଧରା ଯାଏ ନାଇ, କାରଣ ସର୍ଗବନ୍ଧ କାବ୍ୟର ବିଶିଷ୍ଟ ଲକ୍ଷଣାବଳୀ ଏଥିରେ ନାଇ । ଅନ୍ୟଦିଗରୁ ପୁଣି ଗୀତଗୋବିନ୍ଦକୁ ଦେଶୀ ଗୀତନାଟ୍ୟ ଶ୍ରେଣୀୟ ରଚନା ବୋଲି କୁହା ଯାଇ ନ ପାରେ । ଭାବପ୍ରବଣତା ଓ ଗୀତବାହୁଲ୍ୟ ଦୃଷ୍ଟିରୁ ଏହାର ଗୀତାଭିନୟ ସଂଗେ ବହୁ ସାଦୃଶ୍ୟ ଥିଲେ ମଧ୍ୟ ପ୍ରାଚୀନ ଯାତ୍ରାଦି ସହିତ ଏହାର ବହୁ ପାର୍ଥକ୍ୟ ମଧ୍ୟ ରହିଛି ।

କେବଳ ଗୀତମାଧୁର୍ଯ୍ୟ ନୁହେଁ, ଶିଳ୍ପ-ମାଧୁର୍ଯ୍ୟ ମଧ୍ୟ ଗୀତଗୋବିନ୍ଦର ଅନ୍ୟତମ ବୈଶିଷ୍ଟ୍ୟ । ଡକ୍ଟର ସୁଶୀଲକୁମାର ଦେଙ୍କ ମତରେ "କେବଳ ଭାବ ବା

କଥାବସ୍ତୁ ଦିଗରୁ ଦେଖିଲେ ଜୟଦେବଙ୍କ ଗୀତଗୋବିନ୍ଦରେ ବିଶେଷ ନୂତନତ୍ୱ ଅଛି ବୋଲି ମନେ ହୁଏ ନାଇ । ପୂର୍ବରାଗଠାରୁ ମିଳନ ଯାଏ ପ୍ରେମର ଯାହା କିଛି ଲୀଳା ସେ ସବୁର ସରସ ଚିତ୍ର ପୂର୍ବଗାମୀ ସଂସ୍କୃତ ସାହିତ୍ୟରେ ପୂର୍ଣ୍ଣରୂପରେ ରହି ଅଛି···ଏଇ ସମସ୍ତ ଚିରାଗତ ଭାବ ଓ ସର୍ବସାଧାରଣ ବିଷୟଗୁଡ଼ିକୁ ସେ ଯେଉଁ ବିଶିଷ୍ଟ ଆକାର ଓ ଭଂଗିମା ଦେଇଛନ୍ତି ତାହାହିଁ ତାଙ୍କ କାବ୍ୟର ରସରୂପ ଏବଂ ପ୍ରଧାନ ବୈଶିଷ୍ଟ୍ୟ .. ।" କେବଳ ଶିଳ୍ପୀ ହିସାବରେ ଜୟଦେବଙ୍କ କୃତିତ୍ୱ ଏତେ ଅସାଧାରଣ ଯେ ଅନେକ ସମୟରେ ତାଂକର ଶିଳ୍ପନୈପୁଣ୍ୟକୁ ତାଂକ କବି ପ୍ରତିଭାର ସର୍ବସ୍ୱ ବୋଲି ମନେ କରିବା କିଛି ଅସ୍ୱାଭାବିକ ନୁହେ । ଗୀତଗୋବିନ୍ଦରେ ଅର୍ଥ ଗୌରବ ପୃଥକ ବସ୍ତୁ ନୁହେ । ଏହା କାବ୍ୟର ଶବ୍ଦ-ସୌନ୍ଦର୍ଯ୍ୟ ଓ ଛନ୍ଦଲାଳିତ୍ୟ ମଧ୍ୟରୁ ସ୍ୱତଃ ଆସିଥାଏ । କେବଳ ବହିରଂଗ କାରୁକାର୍ଯ୍ୟ ନୁହେ ଆବେଗର ସାନ୍ଦ୍ରତା ଏହାର ପ୍ରତ୍ୟେକ ପଦରେ ଅଂତଃଶୀଳ ।

ଗୀତଗୋବିନ୍ଦ ଯେ ସଂସ୍କୃତ ଅପେକ୍ଷା ପ୍ରାକୃତ ଭଂଗୀର ଅଧିକତର ନିକଟବର୍ତ୍ତୀ ଏହା ସହଜରେ ମନେହୁଏ । 'ପ୍ରାକୃତ ପୈଂଗଳ' ପ୍ରଭୃତିରେ ଉଦାହୃତ ପାଦାକୁଲକ ପ୍ରଭୃତି ଯେଉଁ ସବୁ ମାତ୍ରାଛନ୍ଦ ଏଥିରେ ପ୍ରଯୁକ୍ତ ହୋଇଚି ତାହା ପ୍ରାକୃତ ବା ଅପଭ୍ରଂଶ କବିତାର ଆତ୍ମୀୟ, ସଂସ୍କୃତର ନୁହେ । ସଂସ୍କୃତ ଛନ୍ଦରେ ଅନ୍ତ୍ୟାନୁପ୍ରାସ ଅଛି କିନ୍ତୁ ପାଦାନ୍ତ ମେଳ (ବା rhyme) ନାଇ । ଗୀତ-ଗୋବିନ୍ଦର ସମସ୍ତ ପଦାବଳୀ ଅପଭ୍ରଂଶ କବିତା ପରି ମେଳଯୁକ୍ତ । ଏଥିର ପଦାବଳୀର ରଚନା-ପ୍ରଣାଳୀରେ ମଧ୍ୟ ଭିନ୍ନତା ଦେଖାଯାଏ । ସଂସ୍କୃତ କବିତା ସାଧାରଣତଃ ପାଦଚତୁଷ୍ଟୟ ସମନ୍ୱିତ ଏବଂ ଗୋଟିଏ Stanza ରେ ପର୍ଯ୍ୟବସିତ ଏବଂ ଏଇପରି ଶ୍ଳୋକର ସମଷ୍ଟିକୁ ନେଇ ହିଁ କାବ୍ୟ । ଏଇ ଶ୍ଳୋକଗୁଡ଼ିକ କେତେବେଳେ ସଂବଂଧ, କେତେବେଳେ ଅସଂବଂଧ, କିନ୍ତୁ ଏକ ଏକ ଶ୍ଳୋକ ପ୍ରାୟ ସଂପୂର୍ଣ୍ଣ ଭାବର ଜ୍ଞାପକ । ପଦାବଳୀର ପ୍ରକୃତି ସଂପୂର୍ଣ ବିଭିନ୍ନ । ଏମାନଂକୁ ବ୍ୟଷ୍ଟି ଭାବରେ ନେଲେ ସଂପୂର୍ଣ୍ଣ ଅର୍ଥ ଗ୍ରହଣ କରାଯାଏ ନାଇ । ଗାନ ପରି ପୃଥକ ଭାବରେ ବିଭିନ୍ନ ଭାବର ପ୍ରକାଶକ ହେଲେ ମଧ୍ୟ ଏଗୁଡ଼ିକୁ ସମଷ୍ଟି ଭାବରେ ହିଁ ଧରିବାକୁ ହେବ ଏବଂ ଅଂତର୍ସ୍ଥିତ ଧ୍ରୁବପଦ (refrain) ଏହାର ଭାବ ପରସ୍ପରର ଯୋଗସୂତ୍ର । ଗୀତଗୋବିନ୍ଦ ପଦାବଳୀର ଏଇ ଧାରାଟି ଦେଶୀ ଗାନର ପ୍ରଥାକୁ ହିଁ ଅବଲଂବନ କରିଅଛି । ଏହା ଦେଶୀ ଗାନର ଏକ ବିଶିଷ୍ଟ ପଦ୍ଧତି । (ହଃ ମୁ)

ଗୀତଗୋବିନ୍ଦର ଅପଭ୍ରଂଶ ସହିତ ନିବିଡ଼ ସାଦୃଶ୍ୟ ଦୃଷ୍ଟିରୁ Piscuel ପ୍ରମୁଖ ପଣ୍ଡିତଗଣ ମନେ କରିଥାନ୍ତି ଯେ ଗୀତଗୋବିନ୍ଦ ସଂଭବତ ପ୍ରଥମେ

ଜନସାଧାରଣଂକ ପାଇଁ କୌଣସି ପ୍ରାକୃତ ବା ଅପଭ୍ରଂଶ ଭାଷାରେ ଜୟଦେବଂଙ୍କ ଦ୍ୱାରା ରଚିତ ହୋଇଥିଲା ଏବଂ ପରେ ସଂସ୍କୃତାଭିମାନୀ ପାଠକମାନଂଙ୍କ ନିମିତ୍ତେ କୌଣସି ପଂଡିତ ବା ପଂଡିତମଂଡଳୀ ଦ୍ୱାରା ସଂସ୍କୃତରେ ଭାଷାଂତରିତ ହୋଇଛି । ମାତ୍ର ଗୀତଗୋବିଂଦର ସ୍ୱତଃସ୍ଫୂର୍ତ୍ତ ଛଂଦମାଧୁର୍ଯ୍ୟ ଓ ଅନୁପମ ଶବ୍ଦଲାଳିତ୍ୟ ଓ ସ୍ୱଚ୍ଛଂଦ ଭାବପ୍ରକାଶ ଯେ ସଂପୂର୍ଣ୍ଣ ମୌଳିକ ରଚନାରେ ହିଁ ସଂଭବ ଏବଂ ଏହା ଯେ ବହିରଂଗ ପରି କାବ୍ୟରେ ଆରୋପିତ ହୋଇ ନ ପାରେ ଏକଥା ପ୍ରତ୍ୟେକ କାବ୍ୟରସିକ ମାତ୍ରେ ହିଁ ସମସ୍ୱରରେ ସ୍ୱୀକାର କରିବେ ।

କେବଳ ଏକମାତ୍ର ଗୀତଗୋବିଂଦ ନୁହେଁ, ଏହି ଯୁଗ-ପରିବର୍ତ୍ତନ କାଳର ଅନ୍ୟାନ୍ୟ ବହୁ ସଂସ୍କୃତ କାବ୍ୟ ନାଟକରେ ମଧ୍ୟ ଦେଶୀ ଭାଷା ଓ ଦେଶଜ ରୀତିର ପ୍ରଭାବ ପରିଲକ୍ଷିତ ହୁଏ । ଗୁଜରାଟର କବି ରାମକୃଷ୍ଣ ରଚିତ ଗୋପାଳ କେଳିଚଂଦ୍ରିକା ନାଟକରେ ମଧ୍ୟ ଗୀତଗୋବିଂଦ ଅନୁରୂପ ପଦାବଳୀ ଦୃଷ୍ଟ ହୁଏ । ଏହି ରଚନାଟି ନାମରେ ନାଟକ ହେଲେ ମଧ୍ୟ ସଂସ୍କୃତ ନାଟକର ଲକ୍ଷଣାକ୍ରାଂତ ନୁହେଁ, ସଂଗୀତର ଆଧିକ୍ୟ ଓ ଭାବପ୍ରବଣତା ପ୍ରତି ପକ୍ଷପାତରେ ପୂର୍ଣ୍ଣ । ଗୀତଗୋବିଂଦର କିଂଚିତ୍ ପୂର୍ବବର୍ତ୍ତୀ ସଂସ୍କୃତ 'ମହାନାଟକ'ରେ ମଧ୍ୟ ଦେଶୀ ରୀତିର ପ୍ରଭାବ ଯଥେଷ୍ଟ ଦେଖାଯାଏ । ଏଥିରେ ପ୍ରାକୃତ ଯାତ୍ରାର ସହଜଭଂଗୀ ଅଳ୍ପ ବହୁତ ପ୍ରତିବିଂବିତ । ପରବର୍ତ୍ତୀ ସମୟର ଆନଂଦଲତିକା, ନଂଦଘୋଷବିଜୟ, ଚିତ୍ରଯଜ୍ଞ ପ୍ରଭୃତି ନାଟକ ନାମଧେୟ ରଚନା ଗୁଡ଼ିକ ଏହି ଧାରା ହିଁ ଅନୁସରଣ କରିଛଂତି । ବିଦ୍ୟାପତିଂଙ୍କ ପୂର୍ବବର୍ତ୍ତୀ ମୈଥିଳ କବି ଉମାପତି ଶର୍ମାଂକର ସଂସ୍କୃତ ନାଟକ 'ପାରିଜାତ ହରଣ'ରେ ମୈଥିଳୀ ଭାଷାରେ ରଚିତ ପଦାବଳୀର ସମାବେଶ ରହିଛି ଏବଂ ଏହା ଲକ୍ଷ୍ୟ କରିବାର ବିଷୟ ଯେ ଏହି ମୈଥିଳ ଗାନ ଗୁଡିକ ସଂସ୍କୃତରେ ଅନୂଦିତ ହୋଇ ନାହିଁ । ଏ ସଂପର୍କରେ ଆହୁରି ମଧ୍ୟ ଲକ୍ଷଣୀୟ ଯେ ଗୀତଗୋବିଂଦର କେବଳ ବର୍ଣ୍ଣନାମୂଳକ ସଂସ୍କୃତ ଶ୍ଳୋକଗୁଡ଼ିକ ହିଁ ସମସାମୟିକ ଶ୍ରୀଧର ଦାସ-ସଂକଳିତ ସଦୁକ୍ତିକର୍ଣ୍ଣାମୃତ ଓ କାଶ୍ମୀରିକ ବଲ୍ଲଭଦେବ-ସଂଗୃହୀତ ସୁଭାଷିତାବଳୀରେ ଉଦ୍ଧୃତ ହୋଇଛି, ମାତ୍ର ଗୀତଗୋବିଂଦର ଗେୟ ପଦାବଳୀ ମଧ୍ୟରୁ ଗୋଟିଏ ହେଲେ କେଉଁଠିରେ ଉଦ୍ଧୃତ ହୋଇ ନାହିଁ । ସଂଭବତ ଏଗୁଡ଼ିକ ଦେଶୀ ଭାବ, ଭାଷା ଓ ଭଂଗୀର ଅନୁକରଣରେ ରଚିତ ଧ୍ରୁବପଦ ସମନ୍ୱିତ ଗାନ ହୋଇଥିବାରୁ ସଂସ୍କୃତ ଶ୍ଳୋକର ସୁଭାଷିତ ସଂଗ୍ରହରେ ସ୍ଥାନ ପାଇନାହିଁ । (ଏକନ୍ନ)

# ଗୀତଗୋବିନ୍ଦ ଉପରେ ତାନ୍ତ୍ରିକ ବାମାଚାର ଓ ସୁଫୀବାଦର ପ୍ରଭାବ

ଆଧୁନିକ ସ୍ତରରେ ଲୌକିକ ଇନ୍ଦ୍ରିୟ କାମନା ସଙ୍ଗେ ଅପ୍ରାକୃତ ପ୍ରେମଲୀଳାର ସମନ୍ୱୟ ସ୍ଥାପନ କରି ଗୀତଗୋବିନ୍ଦ ଜନସାଧାରଣଙ୍କ ହୃଦୟ ସ୍ପର୍ଶ କରିବାକୁ ସମର୍ଥ ହୋଇଥିଲା । ରାଧାକୃଷ୍ଣଙ୍କ ଚିରନ୍ତନ ପ୍ରେମଲୀଳାକୁ କବି କେବଳ ଧ୍ୟାନ-ଧାରଣାର ନିତ୍ୟ ବୃନ୍ଦାବନରେ ଆବଦ୍ଧ ରଖି ନାହାନ୍ତି, ସେ ତାହାକୁ ପାଠକ ମଣ୍ଡଳୀଙ୍କ ନିକଟରେ ବାସ୍ତବ ଜଗତର ବିଭିନ୍ନ ରୂପ ଓ ରସରେ ମୂର୍ତ୍ତିମନ୍ତ କରି ତୋଳିଛନ୍ତି, କବିମାନସର ସୁଖ ଦୁଃଖ ଆକାଙ୍କ୍ଷା ଓ ଅନୁଭୂତିର ରସରେ ଅଭିଷିକ୍ତ କରି ଅପୂର୍ବ ବାସ୍ତବ ସୁଷମାରେ ମଣ୍ଡିତ କରିଛନ୍ତି । ଶ୍ରୀ ହରେକୃଷ୍ଣ ମୁଖୋପାଧ୍ୟାୟଙ୍କ ଭାଷାରେ ପ୍ରାକୃତ ପ୍ରେମଲୀଳାର ପ୍ରତିଛବି ରୂପେ ଅପ୍ରାକୃତ ବୃନ୍ଦାବନ ଲୀଳା ମାନବୀୟ ଭାବ ଓ ଭାଷାରେ ଉଜ୍ଜ୍ୱଳ ଗୀତିମୟ ଶବ୍ଦଚିତ୍ର ପରମ୍ପରାରେ ସର୍ବସାଧାରଣଙ୍କର ଅଧିଗମ୍ୟ ହୋଇଅଛି । ଆଦିରସ ଭଳି ମାନବ ହୃଦୟର ଗୋଟିଏ ନିଗୂଢ଼ ମଧୁର ଶକ୍ତିଶାଳୀ ବୃତ୍ତିକୁ ଧର୍ମ ସାଧନାର ଅଙ୍ଗୀଭୂତ କରି ଅପରୂପ, ଦେବ ଲୀଳାକୁ ସୁପରିଚିତ ମାନବଲୀଳାରେ ନିର୍ଦ୍ଦିଷ୍ଟ ରୂପ ପ୍ରଦାନ କରାଯାଇଛି । ('କବି ଜୟଦେବ ଓ ଶ୍ରୀ ଗୀତଗୋବିନ୍ଦ')

ବୌଦ୍ଧ ବଜ୍ରଯାନ ଓ ସହଜଯାନର ପ୍ରଭାବ ଏବଂ ଶେଷରେ ବ୍ରାହ୍ମଣ୍ୟ ଓ ଶାକ୍ତ ଧର୍ମ ଉପରେ ତନ୍ତ୍ରର ସର୍ବଗ୍ରାସୀ ବିସ୍ତାର ଫଳରେ ଜୟଦେବ ନିଜ କାବ୍ୟରେ ପରକୀୟା ତତ୍ତ୍ୱ ଓ କାନ୍ତାଭାବ ମାଧ୍ୟମରେ ଲୌକିକ ମୈଥୁନ ଯୋଗ ସହିତ ଅପାର୍ଥିବ ଭଗବତ ପ୍ରେମର ଏକ ସାଳିସ ବା ସମନ୍ୱୟ ଘଟାଇବାକୁ ଚେଷ୍ଟା କରିଛନ୍ତି ଏବଂ ଆଶାତୀତ ଭାବରେ ସଫଳକାମ ମଧ୍ୟ ହୋଇଛନ୍ତି ।

ବଙ୍ଗଳାର ଅଭିଜାତବର୍ଗ ହୁଏତ ମହାଯାନୀ ନୋହିଲେ ବ୍ରାହ୍ମଣ୍ୟବାଦୀ ତାନ୍ତ୍ରିକ ଥିଲେ । ଆଉ ଗଣସମୂହ ହୀନଯାନ, ସହଜଯାନ, ନାଥଧର୍ମ ଓ ଅନ୍ୟାନ୍ୟ ପନ୍ଥାବଲମ୍ବୀ ଥିଲେ । ପରେ ସେନ୍ ରାଜାମାନଙ୍କ ଅମଳରେ ବ୍ରାହ୍ମଣ୍ୟ ଶାସନ ପ୍ରତିଷ୍ଠିତ ହେଲେ ବଙ୍ଗାଳୀ ବ୍ରାହ୍ମଣମାନଙ୍କୁ ପୌରାଣିକ ବ୍ରାହ୍ମଣ୍ୟ ଧର୍ମରେ ବିଶ୍ୱାସୀ କରିବା ନିମନ୍ତେ ଲକ୍ଷ୍ମଣସେନ ଧର୍ମାଧ୍ୟକ୍ଷ ହଳାୟୁଧଙ୍କ ଦ୍ୱାରା 'ବ୍ରାହ୍ମଣ ସର୍ବସ୍ୱ' ଓ ପଶୁପତିଙ୍କ ଦ୍ୱାରା 'ମତ୍ସ୍ୟସୂକ୍ତ' ପ୍ରଣୟନ କରାଇଥିଲେ, ଅବଶ୍ୟ ସଂସ୍କୃତରେ । ଐତିହାସିକଙ୍କ ମତରେ ବଙ୍ଗଳାର ପାଳରାଜାମାନେ ମହାଯାନୀ ବୌଦ୍ଧ ଥିଲେ । ସେମାନେ ବୁଦ୍ଧ ଭଟ୍ଟାରକଙ୍କ ନାମରେ ବ୍ରାହ୍ମଣମାନଙ୍କୁ ଦାନ କରୁଥିଲେ (ମଦନପାଳ ଦେବଙ୍କ

ମନହଲ ଲିପି) । ଲକ୍ଷ୍ମଣସେନ୍‌ଙ୍କ ସଭାକବି ଜୟଦେବ ବ୍ରାହ୍ମଣ୍ୟ ଧର୍ମର ପୁନରୁଜ୍ଜୀବନ ନିମନ୍ତେ ଏହାକୁ ବଜ୍ରଯାନ-ସହଜଯାନ ଓ ବ୍ରାହ୍ମଣ୍ୟ ତନ୍ତ୍ରର ଦେହାତ୍ମବାଦ ସହିତ ସମନ୍ୱିତ କରି ନୂତନ କାନ୍ତାଭାବ ଓ ପରକୀୟା ତତ୍ତ୍ୱର ପ୍ରତିଷ୍ଠା କରିଥିବା ସମ୍ପୂର୍ଣ୍ଣ ସ୍ୱାଭାବିକ ।

କେତେକ ଗବେଷକଙ୍କ ମତରେ ନବ୍ୟ-ବୈଷ୍ଣବଧର୍ମ ଓ ବୈଷ୍ଣବ ସାହିତ୍ୟ ଉପରେ ମୁସଲମାନୀ ସୁଫୀ ଧର୍ମର ପ୍ରଭାବ ପରିଲକ୍ଷିତ ହୁଏ । ସୁଫୀତତ୍ତ୍ୱର ଆଶକ୍ ଓ ମାସୁକ୍‌ଙ୍କର ପ୍ରେମକାହାଣୀର ହିନ୍ଦୁ ସଂସ୍କରଣ ରୂପେ ରାଧା ଓ କୃଷ୍ଣଙ୍କର ପ୍ରେମ କାହାଣୀକୁ ପ୍ରମୂର୍ତ୍ତ କରାଯାଇଛି । ଏଇ ନବ୍ୟ-ବୈଷ୍ଣବମାନେ ରାଜନୀତିକାର ଦ୍ୱାରକାର ଶ୍ରୀକୃଷ୍ଣଙ୍କୁ ଜାଣନ୍ତି ନାହିଁ । ଏମାନେ "ଚିକଣ କାଲା, ଗଲାୟ ମାଲା, ବାଜେ ନୂପୁର ପାୟେ" (ମହାଜନ ପଦାବଲୀ) ଗୋକୁଳର କୃଷ୍ଣଙ୍କ କଥାହିଁ ଜାଣନ୍ତି । ଏହା ବୃନ୍ଦାବନର ଚିରକିଶୋର, ଯଶୋଦାନନ୍ଦନ ଶ୍ରୀ କୃଷ୍ଣ ଓ ବୃଷଭାନୁ ନନ୍ଦିନୀ ଶ୍ରୀରାଧାଙ୍କ ପ୍ରେମ ଓ ରତିକ୍ରୀଡ଼ା ବର୍ଣ୍ଣନାରେ ପୂର୍ଣ୍ଣ । ଏଇ ସାହିତ୍ୟରେ ଉଭୟଙ୍କର ପ୍ରେମ, ବିଚ୍ଛେଦ ଓ ପୁନର୍ମିଳନର ସଙ୍ଗୀତ ଅଛି । ଶ୍ରୀମଦ୍‌ଭାଗବତରେ ରାଧା ନାହାନ୍ତି, ଜୟଦେବ କାବ୍ୟରେ ରାଧା ଅଛନ୍ତି, କିନ୍ତୁ ଅନ୍ୟ ଭାବରେ ଅଛନ୍ତି । ମୁସଲମାନ ଯୁଗରେ ସେ ରାଧା କ୍ରନ୍ଦନରତା ଓ ସମ୍ପୂର୍ଣ୍ଣ ବିରହିଣୀ ପାଲଟି ଯାଇଛନ୍ତି । (ଚଣ୍ଡୀଦାସ ଓ ଅନ୍ୟାନ୍ୟ ମହାଜନ ପଦାବଲୀରେ)

## ଦେଶୀ ସାହିତ୍ୟର ବିକାଶ-କ୍ରମ

ଐତିହାସିକମାନେ କହନ୍ତି, ମୁସଲମାନ ରାଜାମାନେ ହିଁ ବଙ୍ଗଳା ସାହିତ୍ୟର ସ୍ରଷ୍ଟା । ବ୍ରାହ୍ମଣମାନେ ଗୌଡ-ପ୍ରାକୃତ ଭାଷାକୁ ଘୃଣା ଚକ୍ଷୁରେ ଦେଖୁଥିଲେ । ମୁସଲମାନ ରାଜାମାନଙ୍କ ପ୍ରଚେଷ୍ଟାରେହିଁ ରାମାୟଣ ପ୍ରଭୃତି ବଙ୍ଗଳା ଭାଷାରେ ଲିଖିତ ହୁଏ । କବି କୃତ୍ତିବାସ କହିଛନ୍ତି, ଗୌଡ଼ର ଜଣେ ହିନ୍ଦୁ ରାଜାଙ୍କ ଅନୁଜ୍ଞାରେ ସେ ରାମାୟଣ ବଙ୍ଗଭାଷାରେ ଲେଖିବାକୁ ଆରମ୍ଭ କରନ୍ତି । ପୁଣି ସମ୍ରାଟ ହୁସେନ ସାହାଙ୍କ ସଭାସଦ୍ ଗୁନରାଜ ଖାଁ "ଶ୍ରୀକୃଷ୍ଣ ବିଜୟ" ନାମକ ବଙ୍ଗଳା ଗଦ୍ୟରେ ଏକ ପୁସ୍ତକ ପ୍ରଣୟନ କରନ୍ତି । ଏହାଙ୍କ ଦେଖାଦେଖି "ରସୁଲ ବିଜୟ" ନାମକ ଏକ ପୁସ୍ତକ ଶେଖ ଜୈନ୍ଦ୍ ନାମକ ଜଣେ ମୁସଲମାନ କବି ପ୍ରଣୟନ କରନ୍ତି । ଏହି ସମୟରେ ମହାଭାରତ ମଧ୍ୟ ବିଭିନ୍ନ ଲେଖକମାନଙ୍କ ଦ୍ୱାରା ବଙ୍ଗଳାରେ ଲିଖିତ ହୁଏ । (ଡଃ ଭୂପେନ୍ଦ୍ରନାଥ ଦତ୍ତ)

ପ୍ରାୟ ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତକର ଶେଷପର୍ବ ଆଡ଼କୁ ପ୍ରାଂଜଳ ରୂପ ଗ୍ରହଣ କରି ବିଭିନ୍ନ ଭାରତୀୟ ଭାଷା-ସାହିତ୍ୟମାନଙ୍କର ଆବିର୍ଭାବ ଘଟି ଯା ଥିଲା । ମାତ୍ର ଏହି ଆବିର୍ଭାବ ଏ । ଦିନକେ ସଂଭବ ହୋଇ ନଥିଲା । ଏହା ପ୍ରାୟ ତ୍ରୟୋଦଶ ଶତାବ୍ଦୀର ଶେଷଭାଗରୁ କ୍ରମେ ଦାନା ବାନ୍ଧି ଚତୁର୍ଦ୍ଦଶ ଶତକର ମଧ୍ୟ ଭାଗରେ ନିର୍ଦ୍ଦିଷ୍ଟ ଓ ସୁପରିସ୍ଫୁଟ ରୂପ ଗ୍ରହଣ କରିଥିଲା । ତାମିଲ ଭାଷା-ସାହିତ୍ୟ ବୋଧହୁଏ ତ୍ରୟୋଦଶ ଶତକ ଆଡ଼କୁ ଏକ ନିର୍ଦ୍ଦିଷ୍ଟ ରୂପରେଖ ଗ୍ରହଣ କରି ସାରିଥିଲା । କାରଣ କଂବନ ରାମାୟଣ ଭାରତର ସବୁ ରାମାୟଣ ମଧ୍ୟରେ ପ୍ରାଚୀନତମ ବୋଲି ଜଣାଯାଏ । ଓଡ଼ିଶାର 'ଶୂଦ୍ରକବି' ସାରଳା ଦାସ ଖ୍ରୀଷ୍ଟୀୟ ୧୦୩୫ ୪୫ ବେଳକୁ ନିଜ ମହାଭାରତ ରଚନା ସାଂଗ କରିଥିଲେ ବୋଲି ଅନୁମିତ ହୁଏ । ଓଡ଼ିଆ ଲିପିର ମଧ୍ୟ କୌଣସି ସ୍ପଷ୍ଟ ପରିଚୟ ସୂର୍ଯ୍ୟବଂଶର ସ୍ଥାପୟିତା ଗଜପତି କପିଳେନ୍ଦ୍ର ଦେବଙ୍କ ପୂର୍ବରୁ ଦେଖାଯାଏ ନାହିଁ । ତାଙ୍କର ସୀମାଚଳମ୍ ନୃସିଂହନାଥ ମନ୍ଦିର ଲିପିଟି ଏ ଦିଗରେ ପ୍ରଥମ ନିଦର୍ଶନ ବୋଲି ଲିପିତତ୍ତ୍ୱବିତ୍ ଡ଼ଃ କୁଞ୍ଜବିହାରୀ ତ୍ରିପାଠୀ ପ୍ରଭୃତିଙ୍କର ମତ । ଉତ୍ତରଭାରତର ସନ୍ଥ କବି ତୁଳସୀ ଦାସ ଖ୍ରୀ : ୧୫୭୪ ସାଲରେ ହିନ୍ଦୀ ଅବଧି ଉପଭାଷାରେ ତାଙ୍କର 'ରାମଚରିତ ମାନସ' ପ୍ରଣୟନ ଆରମ୍ଭ କରିଥିଲେ ବୋଲି ଗ୍ରୀୟରସନ୍‌ଙ୍କ କାଳ-ନିର୍ଣ୍ଣୟରୁ ଜଣାଯାଏ ।

ଏହିପରି ଭାବରେ ଭାରତୀୟ ଭାଷା-ସାହିତ୍ୟମାନଙ୍କର କ୍ରମବିକାଶ ସମ୍ବନ୍ଧରେ ଏକ ମୋଟାମୋଟି ଧାରଣା ମିଳେ । ଦ୍ୱାଦଶ ଶତକର ଶେଷ ପାଦରେ ଓଡ଼ିଆ ଭାଷା-ସାହିତ୍ୟର ଅପରିଣତ ଅବସ୍ଥା ଦୃଷ୍ଟିରୁ ଜୟଦେବ ବା ଅନ୍ୟ କୌଣସି କବିଙ୍କ ପ୍ରଣୀତ ଓଡ଼ିଆ ଗୀତ ଆଶା କରିବା ସମ୍ପୂର୍ଣ୍ଣ ବିଡ଼ମ୍ବନା ହେବ ।

## ବଂଗଳାରେ ସେନ୍-ପର୍ବରେ ବୀରଭୂମି

ବଂଗଳାରେ ସେନାୟନ ପର୍ବ ସାମନ୍ତସେନ ପୁତ୍ର ହେମନ୍ତସେନଙ୍କଠାରୁ ଆରମ୍ଭ । ବଂଗଳାର ସେନ୍-ରାଜବଂଶ 'ଦାକ୍ଷିଣାତ୍ୟ କ୍ଷୌଣୀନ୍ଦ୍ରଂ', 'ବ୍ରହ୍ମ-କ୍ଷତ୍ରିୟ', ଏବଂ 'କର୍ଣ୍ଣାଟ କ୍ଷତ୍ରିୟ' ବୋଲି ଆତ୍ମପରିଚୟ ଦେଇଛନ୍ତି । ଡ଼ଃ ନୀହାରରଂଜନ ରାୟ ତାଙ୍କ 'ବାଂଗାଲୀର ଇତିହାସ'ରେ ଲେଖିଛନ୍ତି ପାଲରାଜାମାନଙ୍କ ସୈନ୍ୟ-

---

* 'ଦିଗନ୍ତ', ୧୯୭୬, ୪।୫ ସଂଖ୍ୟାରେ ଏହି ଲିପିର ଫଟୋଚିତ୍ର ଓ ପାଠ ଦ୍ରଷ୍ଟବ୍ୟ । ଲେଖକ ଡ଼ଃ କୁଞ୍ଜବିହାରୀ ତ୍ରିପାଠୀ ।

ଦାଳରେ ଅନେକ ଭିନ୍ନପ୍ରଦେଶୀ ଯଥା —ଖସ-ମାଳବ-ହୂଣ୍-କୁଳିକ-କର୍ଣ୍ଣାଟ-ଲାଟ— ଲୋକ ନିଯୁକ୍ତ ହେଉଥିଲେ, କର୍ଣ୍ଣାଟୀମାନେ ବି ବାଦ ପଡି ନଥିଲେ । କୌଣସି ସେନ୍‌ବଂଶୀୟ କର୍ଣ୍ଣାଟୀ ରାଜକର୍ମଚାରୀ ହୁଏତ କ୍ରମେ କ୍ଷମତାଶାଳୀ ହୋଇ ଏବଂ ପରେ ପାଳବଂଶର ଦୁର୍ବଳତାର ସୁଯୋଗ ନେଇ ନିଜ ଆଧିପତ୍ୟ ବିସ୍ତାର କରିଥିବେ । ଅଥବା ଦକ୍ଷିଣାଗତ କୌଣସି ସମରାଭିଯାନ ସଂଗେ ମଧ୍ୟ ଏକ କର୍ଣ୍ଣାଟୀ ସେନ୍-ପରିବାର ବଂଗଳା ଦେଶକୁ ଆସିଥିବା ବିଚିତ୍ର ନୁହେ । କର୍ଣ୍ଣାଟୀ ଚାଲୁକ୍ୟରାଜ ଷଷ୍ଠ ବିକ୍ରମାଦିତ୍ୟ ଥରେ ( ୧୬ ) ଉତ୍ତର-ଭାରତକୁ ସମରାଭିଯାନ କରିଥିଲେ ଏବଂ ଅଂଗ, ବଂଗ, କଳିଂଗ, ଗୌଡ଼, ମଗଧ, ନେପାଳ ପ୍ରଭୃତି ଦେଶ ଜୟ କରିଥିଲେ । ତାଂକର ଜଣେ ସାମନ୍ତ ବି ଆଉଥରେ କଳିଂଗ, ବଂଗ, ଗୁର୍ଜର, ମାଳବ ପ୍ରଭୃତି ଜୟ କରିଥିଲେ ( ୧୦୨୨-୨୩ ) । କର୍ଣ୍ଣାଟୀ ଚାଲୁକ୍ୟବଂଶର ରାଜା ତୃତୀୟ ସୋମେଶ୍ୱର ( ୧୧୨୭-୨୮ ) ଓ ତାଂକ ପୁତ୍ର ସୋମ ବଂଗ, କଳିଂଗ, ମଗଧ, ନେପାଳ, ଅନ୍ଧ୍ର, ଗୌଡ଼ ଓ ଦ୍ରାବିଡ଼ ଦେଶରେ ବିଜୟୀ ସମରାଭିଯାନ ଦାବୀ କରିଛନ୍ତି । ବସ୍ତୁତ ଏହି ବଂଶର ରାଜା ପ୍ରଥମ ସୋମେଶ୍ୱର କର୍ତ୍ତୃକ ଏରମାରରାଜ ପ୍ରଥମ ଭୋଜ ଓ କଲଚୁରିରାଜ କର୍ଣ୍ଣଂକ ପରାଜୟ ପରଠାରୁ ଉତ୍ତର-ଭାରତରେ କର୍ଣ୍ଣାଟୀ ପ୍ରତାପ ପ୍ରବାହର ଦ୍ୱାର ଉନ୍ମୁକ୍ତ ହୁଏ ।

ଏଥି ପୂର୍ବରୁ 'ଓଡ଼ିଶା ଇତିହାସ'ରେ ଚୋଳବଂଶୀୟ ରାଜା ରାଜେନ୍ଦ୍ର ଚୋଳ ( ୧୦୧୪-୪୪ ) ଓଡ଼ିଶା ଆକ୍ରମଣ କରି ବିଜୟ ହାସଲ କରିଥିବା କଥା ତାଂକର ତ୍ରୟୋଦଶ ରାଜାଂକରେ ଉତ୍କୀର୍ଣ୍ଣ ଏକ ଶିଳାଲିପିରୁ ସଂବାଦ ପାଉଥିଲୁ । ସେଇଥିରେ ସେ ଦୁର୍ଗମ 'ଓଡ୍ଡବିଷୟ' ବା ଓଡ଼ିଶା, 'କୋଶଲନାଡୁ' ବା ମହାକୋଶଳ ଏବଂ 'ଦଣ୍ଡଭୁକ୍ତି' (ମେଦିନୀପୁର) ପ୍ରଭୃତି ରାଜ୍ୟ ଅଧିକାର କରିଥିବା କଥା ବର୍ଣ୍ଣିତ ଅଛି । ଡଃ ମହତାବ୍ ଲେଖିଛନ୍ତି : ରାଜେନ୍ଦ୍ର ଚୋଳଂକ ଉତ୍ତର ଭାରତ ବିଜୟର ଅବଶେଷ ଏତିକି ମାତ୍ର ରହିଲା ଯେ ପଶ୍ଚିମବଂଗ, ମହାକୋଶଳ ଓ ଓଡ଼ିଶାରେ କେତେକ କର୍ଣ୍ଣାଟବାସୀ ସାମନ୍ତରାଜା ବହୁକାଳ ଯାବତ କେତେକ ଅଂଚଳରେ ରାଜତ୍ୱ କଲେ ।

## ସେନ୍-ପର୍ବରେ ବୀରଭୂମିର ସ୍ଥିତି

ସାମନ୍ତସେନଂକ ପୁତ୍ର ହେମନ୍ତସେନ ଦ୍ୱିତୀୟ ମହୀପାଳଂକ ରାଜତ୍ୱ-କାଳରେ ସାମନ୍ତ-ଚକ୍ରର ବିଦ୍ରୋହ ଫଳରେ ଏବଂ ଭାତୃବିବାଦର ସୁଯୋଗ ନେଇ

ରାଢ଼ଦେଶ ଅଂଚଳରେ କିଛି ସ୍ଥାନୀୟ ସାମନ୍ତାଧିପତ୍ୟ ପ୍ରତିଷ୍ଠା କରିଥିବାର ଜଣାଯାଏ । ହେମନ୍ତସେନଙ୍କ ପୁତ୍ର ବିଜୟସେନ୍ (ଆ ୧୦୯୫ –୧୧୫୮) ଶୂର-ପରିବାରର କନ୍ୟା ବିଲାସଦେବୀଙ୍କୁ ବିବାହ କରିଥିଲେ । ଶୂର ପରିବାରରେ ବିବାହ ଫଳରେ ପ୍ରଭାବ ପ୍ରତିପତ୍ତି ବିସ୍ତାର କରିବାକୁ ବିଜୟସେନ୍ ନିଶ୍ଚୟ ପ୍ରଚୁର ସହାୟତା ଓ ସୁବିଧା ପାଇଥିବେ । ବୀରଭୂମି ଏଇ 'ରାଢ଼ ଦେଶ'ର ହିଁ ଅଂତର୍ଗତ । କିଂତୁ ସେ କିପରି ପାଲ୍‌ବଂଶର ପ୍ରଭୁତ୍ୱରୁ ଉତ୍ତର-ବଂଗକୁ କାଢ଼ି ନେଇଥିଲେ ସେ ବିଷୟରେ କିଛି ନିଶ୍ଚିତ ଜଣାଯାଏ ନାଇ । (ବାଂ.ଇ)

ଏକାଦଶ ଶତାବ୍ଦୀସ୍ଥ ରାଜେନ୍ଦ୍ରଚୋଳଙ୍କର ଉପରୋକ୍ତ ତିରୁମଲୟ ଲିପିରେ ଉତ୍ତର ରାଢ଼ର ଉଲ୍ଲେଖ ଦେଖାଯାଏ । ଏଥି ପୂର୍ବରୁ ନବମ ଶତକର ଚଂଗରାଜ ଦେବେନ୍ଦ୍ର ବର୍ମଣଙ୍କର ଏକ ଲିପରେ ସର୍ବପ୍ରଥମେ ଉତ୍ତର-ରାଢ଼ର ଉଲ୍ଲେଖ ଦେଖି-ଥିଲୁ । ତିରୁମଲୟ ଲିପିର କିୟଦଂଶ ତଳେ ଦିଆଗଲା । ଏଥିରେ ଉତ୍ତୀର ଲାଟମ (ଉତ୍ତର-ରାଢ଼) ଏବଂ ତକ୍‌କଣ-ଲାଟମର (ଦକ୍ଷିଣ ରାଢ଼) ନାମ ଏକ ସଂଗରେ ମିଳୁଚି । ଏହା ମେଦିନୀପୁରର ଦକ୍ଷିଣ ପଶ୍ଚିମରେ ।

"Tandabutti (Dandabutti) in whose gardens bees abounded...... (Land which he acquired) after having destroyed Dharmpala (in) hot battle ; Takkanaladam whose fame reached (all) directions (and which he occupied) after having forcibly occupied Ranasura; Vangala desa where the rain water never stopped (and from which) Govindachandra fled, having descended (from his) male elephant; elephants of rare strength, woman and treasure (which he seized) after having (been) pleased to frighten the strong Mahipala on the field of hot battle with the (noise of the) conches (got) from the deep sea. Uttiraladam (on the shore of the) expansive ocean (producing) pearls [ଅନୁବାଦାଂତର] Uttiraladam as rich in pearls as the ocean କିଂବା Uttiraladam close to the sea yielding pearls etc. ] and the Ganga whose waters bearing fragrant flowers dashed against the bathing places." *

ରାଜା ଭୋଜବର୍ମଣଙ୍କ ବେଲାବ ଲିପିରେ ଉତ୍ତର-ରାଢ଼ ଏବଂ ତଦନ୍ତର୍ଗତ ସିଦ୍ଧଳ ଗ୍ରାମର ଉଲ୍ଲେଖ ଅଛି । ସିଦ୍ଧଳ ଗ୍ରାମ ବର୍ତ୍ତମାନ ବୀରଭୂମର ଅନ୍ତର୍ଗତ ସିଦ୍ଧଳ ଗ୍ରାମ । ଏହି ସିଦ୍ଧଳ ଗ୍ରାମ ହିଁ ସେନ-ସଭାର ଜଣେ ମନ୍ତ୍ରୀ ପଣ୍ଡିତ ଭବଦେବ ଭଟ୍ଟଙ୍କ ଜନ୍ମଭୂମି ବୋଲି 'ବାଙ୍ଗାଲୀର ଇତିହାସ'ରେ କୁହାଯାଇଛି । ସିଦ୍ଧଳ ଗ୍ରାମ କେନ୍ଦୁବିଲ୍ୱ ଗ୍ରାମର ପଶ୍ଚିମ ଦିଗକୁ ଅନତି ଦୂରରେ ଅବସ୍ଥିତ । ଭୁବନେଶ୍ୱର ଲିପିରେ ଭବଦେବ ଭଟ୍ଟ ତାଙ୍କ ଜନ୍ମଭୂମି ସିଦ୍ଧଳ ଗ୍ରାମ କଥା କହିଛନ୍ତି ଏବଂ ରାଢ଼ର ଏହି 'ଅଞ୍ଚଳ ଯେ ଅଜଳା ଓ ଜାଙ୍ଗଲମୟ' ସେ-କଥାର ଇଙ୍ଗିତ ଦେଇଛନ୍ତି । (ବାଂ.ଇ)

ବଲ୍ଲାଳସେନଙ୍କ ନୈହଟୀ ପଟ୍ଟୋଲୀରେ ଉତ୍ତର ରାଢ଼ ଏବଂ ତଦନ୍ତର୍ଗତ ବାଲ୍ଲହିଟ୍ଠା, ଜଳସୋଥ, ଖାଣ୍ଡୟିଲ୍ଲା, ଅମ୍ବୟିଲ୍ଲା ଏବଂ ମୋଲାଦଣ୍ଡୀ ଗ୍ରାମ ଗୁଡ଼ିକର ଉଲ୍ଲେଖ ଅଛି । ଦକ୍ଷିଣ-ରାଢ଼ର (ତକ୍କନଲାଢ଼ମ୍) ଉଲ୍ଲେଖ ରାଜେନ୍ଦ୍ର-ଚୋଳଙ୍କ ତିରୁମଲୟ ଲିପିରେ ଠିକ୍ ଦଣ୍ଡଭୁକ୍ତି (ତଣ୍ଡଭୁତ୍ତି) ବା ମେଦିନୀପୁର ଜୟପରେ ହିଁ ଦେଖାଯାଏ । ସେ ଓଡ଼୍ଡବିଷୟ କୋଶଳେ ନାଡୁ ଜୟ କରି ତାଣ୍ଡବୁତ୍ତି (ବର୍ତ୍ତମାନ ଦାନ୍ତନ = ଦଣ୍ଡଭୁକ୍ତି) ଅଧିକାର କରିଥିଲେ । ଦଣ୍ଡଭୁକ୍ତି ପରେ ହିଁ ଦକ୍ଷିଣ-ରାଢ଼ । ଶ୍ରୀଧରାଚାର୍ଯ୍ୟଙ୍କର ନ୍ୟାୟକନ୍ଦଲୀ ଗ୍ରନ୍ଥରେ (୯୯୧—୯୨) ଦକ୍ଷିଣ ରାଢ଼ର ଅଧିପତି ତାଙ୍କ ପୃଷ୍ଠପୋଷକ ଥିବା କଥା ଉଲ୍ଲେଖ ଅଛି । କୃଷ୍ଣ ମିଶ୍ରଙ୍କ ପ୍ରବୋଧଚନ୍ଦ୍ରୋଦୟ ନାଟକରେ (୧୧-୧୨ ଶତକ) ମଧ୍ୟ ରାଢ଼ ଓ ଦକ୍ଷିଣ-ରାଢ଼ର ଉଲ୍ଲେଖ ମିଳେ । ରାଢ଼ଦେଶର ଦୁଇଟି ରାଷ୍ଟ୍ର ବିଭାଗର ପରିଚୟ ପାଇଥାଉଁ । ଷଷ୍ଠ ଶତକର ମଲ୍ଲସାରୁଲ ଲିପି, ଦଶମ ଶତକର ଇର୍ଦ୍ଦା ଲିପି ଏବଂ ଲକ୍ଷ୍ମଣସେନଙ୍କ ନୈହାଟି ଓ ଗୋବିନ୍ଦପୁର ଲିପିରେ ବର୍ଦ୍ଧମାନଭୁକ୍ତିର ସମ୍ବାଦ ମିଳେ । ଇର୍ଦ୍ଦା-ଲିପିରେ ଦଣ୍ଡଭୁକ୍ତିମଣ୍ଡଳ ଅର୍ଥାତ୍ ଦାନ୍ତନ ପର୍ଯ୍ୟନ୍ତ ବର୍ଦ୍ଧମାନଭୁକ୍ତିର ସୀମା ବିସ୍ତୃତ । ଇର୍ଦ୍ଦା ଲିପି ଓ ରାଜେନ୍ଦ୍ରଚୋଳଙ୍କ ତିରୁମଲୟ ଲିପି ଛଡ଼ା ସନ୍ଧ୍ୟାକର ନନ୍ଦୀଙ୍କ "ରାମଚରିତ"ରେ ମଧ୍ୟ ତଣ୍ଡବୁତ୍ତି = ଦଣ୍ଡଭୁକ୍ତି ଓ ଦଣ୍ଡଭୁକ୍ତିମଣ୍ଡଳର ଉଲ୍ଲେଖ ଅଛି । ଦଣ୍ଡଭୁକ୍ତି ବର୍ତ୍ତମାନ ମେଦିନୀପୁର (ପ୍ରାଚୀନ ମିଧୁନପୁର) ଜିଲ୍ଲାର ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଅଂଶ ।

ଲକ୍ଷ୍ମଣସେନଙ୍କ ଶକ୍ତିପୁର ପଟ୍ଟୋଲୀରେ ରାଢ଼ର ବିଭାଗ ବଦଳର ଖବର ମିଳିଥାଏ । ସେତେବେଳକୁ ଏହାର ନାମ କଙ୍କଗ୍ରାମଭୁକ୍ତି, ଏବଂ ଉତ୍ତର ରାଢ଼ ଏହି ଭୁକ୍ତିର ଅନ୍ତର୍ଗତ । କଙ୍କଗ୍ରାମ କାହାରି ମତରେ ରାଜମହଲ ନିକଟବର୍ତ୍ତୀ କାକଜୋଲ, ଅନ୍ୟ କାହାରି ମତରେ ମୁର୍ଶିଦାବାଦ ଜିଲ୍ଲାର ଭରତପୁର ଥାନାର କାଗ୍ରାମ । ଡଃ ନୀହାରରଞ୍ଜନ ରାୟଙ୍କ ମତରେ ଶାସନୋଲ୍ଲିଖିତ ସ୍ଥାନଗୁଡ଼ିକର ଅବସ୍ଥିତି ଦୃଷ୍ଟିରୁ

ମନେହୁଏ ଯେ, ବର୍ତ୍ତମାନ ମୁର୍ଶିଦାବାଦ ଏବଂ ବୀରଭୂମ ଜିଲ୍ଲାର ଅଧିକାଂଶ, ଏବଂ ସାଁଓତାଳ ପରଗଣାର କିଯ୍ଦଂଶ ଏଇ କଂକଗ୍ରାମ ଭୁକ୍ତିର ଅଂତର୍ଗତ ଥିଲା । (୧)

ପ୍ରାଚୀନ ରାଢ଼ ଜନପଦର ଦୁଇଟି ବିଭାଗ ମଧ୍ୟରେ ସୁହ୍ମ=ସୁଂଧ ବିଭାଗଟି ସମ୍ୟକ୍ ପ୍ରସିଦ୍ଧ ଥିଲା ଏବଂ ସଂଭବତ ପ୍ରାଚୀନତର । ମହାଭାରତରେ କର୍ଣ୍ଣ ଓ ଭୀମଂକ ଦିଗ୍ବିଜୟ ସଂବଂଧରେ ସୁଂଧ ଜନମାନଂକର ଉଲ୍ଲେଖ ଦେଖିବାକୁ ମିଳେ । କର୍ଣ୍ଣ ସୁଂଧ, ପୁଂଡ୍ର ଓ ବଂଗ ଜନମାନଂକୁ ଯୁଦ୍ଧରେ ପରାସ୍ତ କରିଥିଲେ । ରଘୁବଂଶରେ ମହୋଦଧିର ତାଳବନଶ୍ୟାମୋପକଂଠେ ସୁଂଧମାନଂକର ପରାଜୟ ବିଷୟ ବର୍ଣ୍ଣିତ ଅଛି । (*Ibid*)

ବିଜୟ ସେନ୍ଂକ ଦେଓପାଡ଼ା ଲିପିରେ (ଯାହାର ରଚୟିତା ଥିଲେ ଉମାପତି ଧର) ତାଂକ ଦ୍ୱାରା ଗୌଡ଼, କାମରୂପ, କଳିଂଗରାଜ ଏବଂ ବୀର, ନାନ୍ୟ, ରାଘବ ଏବଂ ବର୍ଦ୍ଧନ ନାମରେ କେତେଜଣ ସାମଂତଂକର ପରାଜୟ ଦାବୀ କରାଯାଇଛି । ବୀର କୋଟାଟବୀର ବୀରଗୁଣ ହେବା ଅସଂଭବ ନୁହେଁ । ବର୍ଦ୍ଧନ ରାମଚରିତୋକ୍ତ କୌଶାଂବୀର (ବଗୁଡ଼ା ବା ରାଜସାହି ଜିଲ୍ଲା) ରାଜା ଦ୍ୱୋରପବର୍ଦ୍ଧନ ହୋଇ ପାରଂତି । ଏ ଦୁଇଜଣଯାକ ହିଁ ବରେଂଦ୍ରୀ ଯୁଦ୍ଧରେ ରାମପାଳଂକର ସହାୟକ ଥିଲେ । ରାଘବ ସଂଭବତ କଳିଂଗରାଜା ଅନଂତ ବର୍ମଣ ଚୋଡ଼ଗଂଗ ଦେବଂକ (୧୦୭୭- ୧୧୪୭) ଦ୍ୱିତୀୟ ପୁତ୍ର ହୋଇ ପାରଂତି ବୋଲି ଡଃ ମଃରଃ ରାୟ ଅନୁମାନ କରଂତି । ବିଜୟସେନ୍ ଚୋଡ଼ଗଂଗଂକ ମଧ୍ୟରେ କିଛିକାଳ ପାଇଁ ବଂଧୁତା ହୋଇଥିବା ସଂଭବ ବୋଲି ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀଂକ ଦ୍ୱାରା ସଂପାଦିତ ଆନଂଦଭଟ୍ଟଂକ ଦ୍ୱାରା ରଚିତ "ବଲ୍ଲାଳଚରିତମ୍" ଗ୍ରଂଥରେ ବର୍ଣ୍ଣିତ ହୋଇଛି । ଏକଥା ଡଃ ମହତାବ୍ ମଧ୍ୟ ତାଂକ ଓଡ଼ିଶା ଇତିହାସ ପୃଃ୧୬୦ରେ ଉଲ୍ଲେଖ କରିଛଂତି । ଡଃ ମହତାବ୍ ପୁଣି ଲେଖିଛଂତି:ପାଲରାଜାଂକ ପ୍ରଭୁତ୍ୱରୁ ବଂଗଦେଶକୁ ମୁକ୍ତ କରି ବିଜୟସେନ୍ ବଂଗର ଅଧୀଶ୍ୱର ହେବା ପରେ ଚୋଡ଼ଗଂଗଂକ ସହିତ ତାଂକର ସଂଘର୍ଷ ଘଟିଥିଲା ଓ ସେଥିରେ ଚୋଡ଼ଗଂଗ ପରାସ୍ତ ହୋଇଥିଲେ ବୋଲି ବିଜୟସେନ୍ଂକ ସଂବଂଧୀୟ ଏକ ଶିଳାଲିପିରୁ ଜଣାଯାଏ । ମିଥିଳାର କର୍ଣ୍ଣାଟ-ବଂଶୀୟ ସେନ୍-ରାଜା ନାନ୍ୟଦେବ ବୋଲି ମନେହୁଏ । ଯେଉଁ ଗୌଡ଼ପତିଂକୁ ବିଜୟସେନ ପରାଜିତ କରିଛଂତି ବୋଲି ଦାବୀ କରଂତି ସେ ମଦନପାଳ ହେବାହିଁ

---

* ବାଂ: ଇ । (୨) *Ibid*

ସଂଭବ । ଗୌଡ଼ ଜୟ ଅର୍ଥ ବରେନ୍ଦ୍ରୀ ଜୟ । ବିଜୟସେନଙ୍କ କଳିଙ୍ଗ ଓ କାମରୂପ ଜୟର ପ୍ରକୃତ ନିର୍ଦ୍ଧାରଣ କରିବା କଠିନ ବୋଲି ଡଃ ନୀ: ର: ରାୟ ମତବ୍ୟକ୍ତ କରନ୍ତି ।

ବିଜୟସେନଙ୍କ ପୁତ୍ର ବଲ୍ଲାଳସେନ (୧୧୫୮—୧୧୭୯) ଅରେ ଗୌଡ଼ ଅଭିମନଣ କରି ଜୟ କରିଥିଲେ, ବୋଧହୁଏ ଗୋବିନ୍ଦପାଳଙ୍କ ଅମଳରେ । ବଲ୍ଲାଳଙ୍କ ପ୍ରଣୀତ 'ଅଦ୍ଭୁତସାଗର' ଗ୍ରନ୍ଥରେ ଗୌଡ଼ବିଜୟର ଟିକିଏ ଇଂଗିତ ଅଛି । ଏଇ ଗ୍ରନ୍ଥ ସମାପନ ପୂର୍ବରୁ ବଲ୍ଲାଳସେନ ପୁତ୍ର ଲକ୍ଷ୍ମଣସେନଙ୍କ ହାତରେ ରାଜ୍ୟଭାର ଓ ଗ୍ରନ୍ଥ ସମାପନଭାର ଅର୍ପଣ କରି ସପତ୍ନୀକ ଗଂଗା-ଯମୁନା ସଂଗମରେ ନିରଂଜରପୁରଠାରେ ବାନପ୍ରସ୍ଥ-ଜୀବନ ଅତିବାହିତ କରିବାକୁ ଚାଲି ଯାଇଥିଲେ ।

ଲକ୍ଷ୍ମଣସେନ୍ କଳିଂଗ ଓ କାମରୂପକୁ ବିଜୟୀ ସମରାଭିଯାନ ପ୍ରେରଣ କରିଥିବା କଥା ତାଙ୍କ ଲିପିରେ ଦାବୀ କରିଛନ୍ତି । ତାଙ୍କ ପୁତ୍ରମାନଙ୍କ ଲିପିରେ ମଧ୍ୟ କୁହାଯାଇଚି ଯେ ସେ ପୁରୀ, ବାରାଣାସୀ ଓ ପ୍ରୟାଗରେ ବିଜୟସ୍ତମ୍ଭ ପ୍ରୋଥିତ କରିଥିଲେ । କାଶୀ ଓ କଳିଂଗ ଜୟର ସୁସ୍ପଷ୍ଟ ଉଲ୍ଲେଖ ଲକ୍ଷ୍ମଣସେନଙ୍କ ଲିପିରେ ମିଳେ । ଲକ୍ଷ୍ମଣସେନ ସେନ୍-ସିଂହାସନ ଆରୋହଣ କଲାବେଳକୁ ପ୍ରାୟ ଷାଠିଏ ବର୍ଷର ପରିଣତ ପ୍ରୌଢ଼ । ତେଣୁ ସେ ଗୌଡ-କଳିଂଗ-କାମରୂପ ରଣାଂଗନମାନଙ୍କରେ ଯେଉଁ ଶୌର୍ଯ୍ୟବୀର୍ଯ୍ୟ ପ୍ରକାଶ କରିଥିବା କଥା କୁହାଯାଇଚି ଏବଂ କଳିଂଗ-ଲଲନାମାନଙ୍କ ସଂଗେ କେଳି କରିଥିବା ବିଷୟର ଉଲ୍ଲେଖ ଦେଖିବାକୁ ମିଳେ ତାହା କପୋଳକଳ୍ପିତ ବୋଲିହିଁ ମନେହୁଏ ।

"ଭ୍ରୂକ୍ଷେପାଦ୍ ଗୌଡ଼ଲକ୍ଷ୍ମୀଂ ଜୟତି ବିଜୟତେ କେଳିମାତ୍ରାତ୍ କଳିଂଗାନ୍ ।"
ଚେତଶ୍ଚେଦକ୍ଷିତିଂଦୋସ୍ତପତି ବିତପତେ ସୂର୍ଯ୍ୟବଦ୍ ଦୁର୍ଜନେଷୁ... ।"
ସ୍ୱେଚ୍ଛାମ୍ଳେଚ୍ଛାନ୍ ବିନାଶଂ ନୟତି ବିନୟତେ କାମରୂପାଭିମାନଂ
କାଶୀଭର୍ତ୍ତୁଃ ପ୍ରକାଶଂ ହରତି ବିହରତେ ମୂର୍ଦ୍ଧ୍ନ ଯୋ ମାଗଧସ୍ୟ ।"

ଶରଣ ଏଇ ଶ୍ଳୋକରେ ଲକ୍ଷ୍ମଣସେନଙ୍କ ସ୍ତୁତି କରିବାକୁ ଯାଇ ସେ ଚେଦି, କଳିଂଗ, କାମରୂପ, କାଶୀ ଓ ମ୍ଳେଚ୍ଛ ରଜାଙ୍କୁ ଯୁଦ୍ଧରେ ପରାସ୍ତ କରିଥିବା କଥା ଲେଖିଛନ୍ତି ।

ଡଃ ମହତାବ୍‌ଙ୍କ ମତରେ ଏ ସମସ୍ତ ବର୍ଣ୍ଣନା "କେବଳ ସ୍ତାବକ କବିଙ୍କ ଆନୁପ୍ରାସିକ ପ୍ରଶସ୍ତି ଗାନ ମାତ୍ର" । ଡଃ ନୀହାରରଂଜନ ରାୟ ତାଙ୍କ ବାଂଲା ଗ୍ରନ୍ଥରେ ଲକ୍ଷ୍ମଣସେନ୍‌ଙ୍କ ଗୌଡ଼ କଳିଂଗ କାମରୂପ ଅଧିକାର ଦାବୀ ପଛରେ 'କିଛିସଂଶୟ ଲିପିପ୍ରମାଣ ଅଛି" ବୋଲି ମନେକରନ୍ତି ।

ସେ ଯାହାହେଉ, ଲକ୍ଷ୍ମଣସେନଙ୍କ କଳିଙ୍ଗବିଜୟ ଦାବୀ ଅମୂଳକ ହେଲେ ମଧ୍ୟ ବୀରଭୂମି ବା ଉତ୍ତର-ରାଢ଼ ଓଡ଼ିଶାର ଅନ୍ତର୍ଗତ ଥିଲା ବୋଲି କହିବାର କୌଣସି ହେତୁ ନାହିଁ। ପୂର୍ବରୁ କୁହାଯାଇଛି, ବଲ୍ଲାଳସେନଙ୍କ ସମୟରେ ଗୌଡ଼, ବରେନ୍ଦ୍ରୀ ଏବଂ ମିଥିଳା ସେନ୍ ରାଜ୍ୟଭୁକ୍ତ ଥିଲା। ଏହା ସାଙ୍ଗକୁ ଆଉ ଗୋଟିଏ ଅଂଚଳ ମଧ୍ୟ ସେନ୍-ଅଧିକାରଭୁକ୍ତ ଥିଲା; ତାହା ହେଉଛି ବାଗଡ଼ୀ ବା ସୁନ୍ଦରବନ ମେଦିନୀପୁର ଅଂଚଳ। ଲକ୍ଷ୍ମଣସେନଙ୍କ ଅମଳରେ ଏ ସମସ୍ତ ଅଂଚଳ ସେନ୍-ପରିଧିଭୁକ୍ତ ହୋଇଥିଲା। ଲକ୍ଷ୍ମଣସେନଙ୍କର ଦୁଇଟି ଲିପିରେ ଏବଂ ଶକ୍ତିପୁର ପଟ୍ଟୋଲୀରେ ବର୍ଦ୍ଧମାନଭୁକ୍ତି ଓ କଂକଗ୍ରାମଭୁକ୍ତିର ସାକ୍ଷାତ୍ ମିଳେ—ଯାହା ବର୍ତ୍ତମାନ ବୀରଭୂମ ଜିଲ୍ଲାକୁ ଆବୃତ କରିଥିଲା।

ତେଣୁ ଡଃ ମହତାବ୍ ହଠାତ୍ ବହୁତ ଦିନ ନୀରବ ରହିବା ପରେ ବୀରଭୂମି ସେନ୍ ଯୁଗରେ ଓଡ଼ିଶାର ଅନ୍ତର୍ଗତ ଥିଲା ବୋଲି 'ଝଂକାର' ସଂପାଦକୀୟରେ (ଫେବୃୟାରୀ ୧୯୭୨) କହିବାର ଅର୍ଥ କିଛି ବୁଝାପଡ଼େ ନାହିଁ। ଅବଶ୍ୟ ଏକଥା ଉଲ୍ଲେଖନୀୟ ଯେ ସେନ୍-ଅଭ୍ୟୁଦୟ ପୂର୍ବରୁ କଳିଙ୍ଗ ନରପତି ଅନନ୍ତବର୍ମା ଚୋଡ଼ଗଙ୍ଗଦେବ ଥରେ ରାମପାଳ ବଂଶ ଆଉ ଆଉ ଓଡ଼ିଶାକୁ ପାଳବଂଶ ଅଧିକାରରୁ ମୁକ୍ତ କରିଥିଲେ। ରାମପାଳଙ୍କ ପୁତ୍ର କୁମାରପାଳଙ୍କ ଅମଳରେ ଚୋଡ଼ଗଙ୍ଗ ଦକ୍ଷିଣ-ରାଢ଼ ଆକ୍ରମଣ କରିଥିଲେ। ମାତ୍ର କୁମାରପାଳ ତାଙ୍କ ସୁଦକ୍ଷ ମନ୍ତ୍ରୀ ବୈଦ୍ୟଦେବଙ୍କ ସହାୟତାରେ ଚୋଡ଼ଗଙ୍ଗଙ୍କ ଆକ୍ରମଣକୁ ପ୍ରତିହତ କରିଥିବା କଥା ତାଙ୍କର ଏକ ତାମ୍ରଶାସନରୁ ଜଣାଯାଏ। ଚୋଡ଼ଗଙ୍ଗଙ୍କ ଆକ୍ରମଣ ରୋକିବାକୁ ଯାଇ ଦକ୍ଷିଣ ବଙ୍ଗରେ ଏକ ପ୍ରବଳ ଜଳ-ଯୁଦ୍ଧ ହୋଇଥିବା କଥା ପାଳରାଜାଙ୍କ ଅନୁଶାସନରୁ ମଧ୍ୟ ଜଣାପଡ଼େ। ରାଖାଲଦାସ ବ୍ୟାନାର୍ଜିଙ୍କ "ବାଂଲାର ଇତିହାସ" ଗ୍ରନ୍ଥରେ ଏଇ ନୌଯୁଦ୍ଧର ବର୍ଣ୍ଣନା ଉଦ୍ଧୃତ ହୋଇଛି। (ଡଃ ମହତାବ୍ 'ଓଡ଼ିଶା ଇତିହାସ'ରେ ଏହା ମଧ୍ୟ ଉଦ୍ଧାର କରିଛନ୍ତି) ସେତେବେଳେ ଚୋଡ଼ଗଙ୍ଗଙ୍କ ଗତି ରୋଧିତ ହୋଇଥିଲେ ମଧ୍ୟ ସେ ମନ୍ଦାର ଦୁର୍ଗ ଅଧିକାର କରିନେଇ ମନ୍ଦାରାଧିପତିଙ୍କୁ ସେଠାରୁ ତଡ଼ି ଦେଇଥିଲେ ବୋଲି ଡଃ ମହତାବ୍ ଲେଖିଛନ୍ତି। ମନ୍ଦାରରେ ଅବସ୍ଥିତ ବର୍ତ୍ତମାନ ହୁଗୁଳି ଜିଲ୍ଲାର ଆରାମବାଗର ଆଠ ମାଇଲ ପଶ୍ଚିମରେ ସ୍ଥିତ 'ଭିତର ଗଡ଼' ନାମକ ସ୍ଥାନ। (ଓ.ଇ) ଡଃ ନୀ:ର: ରାୟ ମଧ୍ୟ ଚୋଡ଼ଗଙ୍ଗଙ୍କ ମନ୍ଦାର-ବିଜୟ ସମର୍ଥନ କରିଛନ୍ତି। ସେ ଲେଖିଛନ୍ତି : ଦ୍ୱାଦଶ ଶତକୀୟ ଓଡ଼ିଶାର ଚୋଡ଼ଗଙ୍ଗ ରାଜାଙ୍କ ଆଧିପତ୍ୟ ମିଧ୍ନପୁର (ନିଃସନ୍ଦେହରେ ବର୍ତ୍ତମାନ ମେଦିନୀପୁର) ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା। ଅନନ୍ତବର୍ମଣ ଚୋଡ଼ଗଙ୍ଗ ଗଙ୍ଗାତୀରରେ ମନ୍ଦାରରାଜାଙ୍କୁ

ପରାଭୂତ କରି ତାଂକ ଦୁର୍ଗନଗର ଆରମ୍ୟ ଧ୍ୱଂସ କରିଥିଲେ । ମନ୍ଦାର ନିଃସନ୍ଦେହରେ ବର୍ତ୍ତମାନ ମନ୍ଦାରଣ, ଏବଂ ଆରମ୍ୟ ବର୍ତ୍ତମାନ ଆରାମବାଗ, ଉଭୟ ବର୍ତ୍ତମାନ ହୁଗୁଳୀ ଜିଲରେ ।

ମାତ୍ର ଏ ସମରାଭିଯାନ ସ୍ଥାୟୀ ରାଜତ୍ୱ ନୁହେ । ସୁଦୂର ଅତୀତରେ ପ୍ରତାପୀ ରାଜାମାନେ ଏଭଳି ଅଭିଯାନ ବାରିବାର କରୁଥିଲେ । ତା'ଛଡ଼ା ପାଳବଂଶ ରାଜତ୍ୱ ସମୟରେ ଚୋଡ଼ଗଂଗ ହୁଗୁଳି ଜିଲାର ଆରାମବାଗ ବିଜୟ କରିଥିଲେ ବୋଲି ଲକ୍ଷ୍ମଣସେନଂକ ରାଜତ୍ୱରେ ରାଢ ଦେଶ କଳିଂଗ ରାଜାଂକ ଆଧିପତ୍ୟରେ ଥିଲା ବୋଲି କହିବା କେତେଦୂର ସମୀଚୀନ ତାହା ଡଃ ମହତାବ୍ ନିଜେହିଁ ବୁଝିଥିବେ ।

ଏହାଛଡ଼ା ବୀରଭୂମିର ଅଜୟନଦ ତୀରସ୍ଥ କେନ୍ଦୁବିଲ୍ୱ ଗ୍ରାମ ନିକଟବର୍ତ୍ତୀ ଶ୍ୟାମରୂପାଗଡ ବା ସେନ୍‌ପାହାଡ଼ୀ—ଯେଉଁଠି ବଲ୍ଲାଳସେନ ଏକ ନୀଚଜାତୀୟା ରମଣୀ ସହ ତନ୍ତ୍ରସାଧନାରେ ଲିପ୍ତ ଥିଲେ—ବୀରଭୂମି ବା ଉତ୍ତର ରାଢ଼ ସେନ୍-ଅଧିକାରଭୁକ୍ତ ଥିବା ସପକ୍ଷରେ ଅନ୍ୟ ଏକ ଅକାଟ୍ୟ ପ୍ରମାଣ ।

## ଲେଖ-ପ୍ରମାଣର ସାରାଂଶ

ସଦୁକ୍ତିକର୍ଣାମୃତ ଗ୍ରନ୍ଥର ଶୃଂଗାର-ପ୍ରବାହରେ ଉମାପତି ଧରଂକର ସୁନ୍ଦର କାବ୍ୟମୟ ଶ୍ଳୋକଟି "ଦୂରୋଦଂଚିତ ବାହୁମୂଳ ବଲୟଚୀନ ପ୍ରକାଶସ୍ତନା" (ଊର୍ଦ୍ଧ୍ୱବାହୁ ହୋଇ ଫୁଲ ତୋଳୁଥିବା ତରୁଣୀର ନାଭିହ୍ରଦ ବର୍ଣନା) ସହ ଜୟଦେବ, ଗୋବର୍ଦ୍ଧନ ଆଚାର୍ଯ୍ୟ, ଶରଣ, ଧୋୟୀ-କବିରାଜ, ଲକ୍ଷ୍ମଣସେନ, କେଶବ-ସେନ୍ ପ୍ରମୁଖଂକର ଶ୍ଳୋକାବଳୀ ସନ୍ନିବିଷ୍ଟ ହୋଇଛି । ଏମାନଂକ ବ୍ୟତୀତ ବହୁ ଗୌଡ଼-ବଙ୍ଗୀୟ କବିଂକ ରଚନା ଏଇ ସଂକଳନରେ ସ୍ଥାନ ପାଇଛି । ଯଥା :— ଜଳଚନ୍ଦ୍ର, ଯୋଗେଶ୍ୱର, ବୈଦ୍ୟ ଗଂଗାଧର, ସାଂଗୁଧର, ବେତାଳ, ବ୍ୟାସ-କବିରାଜ, କେବଟ, ପପୀପ, ଜନୈକ ବଙ୍ଗାଲ, ଚନ୍ଦ୍ରଚନ୍ଦ୍ର, ଗଂଗୋକ, ହଂବୋକ ଇତ୍ୟାଦି । ଏମାନେ ସମସ୍ତେ ଥିଲେ ସମକାଳୀନ ବଙ୍ଗଳାର କବି । ଏହାଛଡ଼ା ବଟୁଦାସଂକ ପ୍ରଶସ୍ତିମୟ ପାଂଚଟି ଶ୍ଳୋକ ଯେଉଁ ପାଂଚ ଜଣ କବିଂକ ଦ୍ୱାରା ରଚିତ ସେମାନେ ମଧ୍ୟ ସମସାମୟିକ ବଙ୍ଗାଳୀ କବି । ଏ ପାଂଚଜଣ ହେଉଛନ୍ତି— ମଧୁ, ସାଂଗୁଧର, ବେତାଳ, ଉମାପତି ଧର ଓ କବିରାଜ-ବ୍ୟାସ । ତା'ଛଡ଼ା ଗୋବର୍ଦ୍ଧନାଚାର୍ଯ୍ୟଂକ ଆର୍ଯ୍ୟ ସପ୍ତଶତୀ ନାମକ ଶୃଂଗାରକାବ୍ୟଟି ସୁପରିଚିତ, ଏହାକୁ ସେ ଜଣେ ସେନ୍‌କୁଳତିଳକଂକ ପୃଷ୍ଠପୋଷକତାରେ ରଚନା କରିଛନ୍ତି

ବୋଲି ଏଇ କାବ୍ୟରେହିଁ ସ୍ପଷ୍ଟ କହିଯାଇଛନ୍ତି । ତାଂକର ଦୁଇ ଭ୍ରାତା ବା ଶିଷ୍ୟଂକ ନାମ ଥିଲା ଉଦୟନାଚାର୍ଯ୍ୟ ଓ ବଳଭଦ୍ର । ଶରଣ ତ ସଦୁକ୍ତିରେ ସଂକଳିତ ତାଂକର ଗୋଟିଏ ଶ୍ଳୋକରେ ଜନୈକ ସେନ୍-ବଂଶଧରଙ୍କ ରାଜତ୍ୱ କାଳରେ ବାସ କରୁଥିବା କଥାର ସ୍ପଷ୍ଟ ଇଂଗିତ ଦେଇ ଯାଇଛନ୍ତି । ଅନ୍ୟ ଗୋଟିଏ ଶ୍ଳୋକରେ ଗୌଡ଼ଲକ୍ଷ୍ମୀ ପ୍ରସଙ୍ଗରେ ଚେଦି, କଳିଂଗ, କାମରୂପ ଓ ମ୍ଳେଚ୍ଛରାଜାଂକ ପରାଜୟର ଇଂଗିତ ଅଛି । (ଏ ଶ୍ଳୋକଟି ଉପରେ ଉଦ୍ଧୃତ କରିଛୁଁ ।) ଧୋୟୀ (ଧୋୟୀକ, ଧୂୟୀ)—କବିରାଜ କାଳିଦାସଂକ ମେଘଦୂତ ଆଦର୍ଶରେ 'ପବନଦୂତ' ନାମକ ଏକ କାବ୍ୟ ରଚନା କରି ତାଂକ ପୃଷ୍ଠପୋଷକ ଲକ୍ଷ୍ମଣସେନଙ୍କୁ ସେଥିରେ କୌଶଳ ସହକାରେ ନାୟକ ସ୍ଥଳରେ ଅଭିଷିକ୍ତ କରିଛନ୍ତି ଏବଂ ତାଂକର ସ୍ତୁତି କରିଛନ୍ତି । ଲକ୍ଷ୍ମଣସେନ କୁଆଡ଼େ ଥରେ ଦକ୍ଷିଣଦେଶକୁ ଯାଇଥିଲେ । ସେଠାରେ କୁବଳୟବତୀ ନାମ୍ନୀ ଜଣେ ଗଂଧର୍ବକନ୍ୟା ତାଂକ ପ୍ରତି ପ୍ରେମାସକ୍ତା ହୋଇପଡ଼ିଲା । ଦକ୍ଷିଣା ମଳୟବାୟୁକୁ ଦୂତ କରି ବିରହିଣୀ କୁବଳୟବତୀ ଲକ୍ଷ୍ମଣସେନଂକ ନିକଟକୁ ପ୍ରେମ-ବାର୍ତ୍ତା ପ୍ରେରଣ କରିଛନ୍ତି । ଏହାହିଁ ହେଲା ଏ ଦୂତକାବ୍ୟର ବିଷୟବସ୍ତୁ । ଡଃ ମାଃ ରଃ ରାୟଂକ ମତରେ, କାବ୍ୟଟିର ମୌଳିକତ୍ୱ ବିଶେଷ କିଛି ନାଇ, ଭାବ-ଗଭୀରତାର ପରିଚୟ ସ୍ୱଳ୍ପ, ତେବେ ଏକ ଏକ ଶ୍ଳୋକର ଛନ୍ଦ-ଗରିମା ଏବଂ କଳ୍ପନାର ମାଧୁର୍ଯ୍ୟ ଚିତ୍ତ ସ୍ପର୍ଶ କରେ ।

ଉମାପତି ଧର ଲକ୍ଷ୍ମଣସେନଂକ ପିତାମହ ବିଜୟ ସେନଂକ ଦେଓପାଡ଼ା-ପ୍ରଶସ୍ତିର ରଚୟିତା । ଏ ପ୍ରଶସ୍ତିର ୪ଟି ଶ୍ଳୋକ ସଦୁକ୍ତିରେ ଉଦ୍ଧାର କରାଯାଇଚି । ସଦୁକ୍ତି ସଂକଳନରେ ଉମାପତି ଧରଂକ ନାମରେ ଆଉ ଏକ ଶ୍ଳୋକ ରହିଚି ଯାହା ଲକ୍ଷ୍ମଣସେନଂକ ମାଧାଇନଗର ପଟ୍ଟୋଲୀରେ ଠିକ ଏକା ପ୍ରକାରେ ଦେଖିବାକୁ ମିଳେ । ଅତଏବ ଯେପରି ଦେଖାଯାଉଚି ବୃଦ୍ଧକବି ଉମାପତି ଧର ତିନି ପୁରୁଷ ଧରି ସେନ୍-ରାଜସଭା ସହିତ ଜଡ଼ିତ ଥିଲେ । ମେରୁତୁଂଗ ତାଂକ ପ୍ରବଂଧଚିଂତାମଣିରେ ମଧ୍ୟ ଲେଖିଛନ୍ତି ଯେ ଉମାପତି ଧର ଲକ୍ଷ୍ମଣସେନଂକର ଅନ୍ୟତମ ମଂତ୍ରୀ ଥିଲେ । ଆମର ମନେହୁଏ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାଇ । କାରଣ ଲକ୍ଷ୍ମଣସେନ ରାଜା ହେଲାବେଳକୁ ପ୍ରାୟ ଷାଠିଏ ବର୍ଷ ବୟସରେ ପହଂଚିଥିଲେ । ସେ ଆନୁମାନିକ ଖ୍ରୀ ୧୧୭୯ ଠାରୁ ୧୨୦୫ ପର୍ଯ୍ୟଂତ ରାଜତ୍ୱ କରିଥିଲେ । ତାଂକ ପିତାମହ ବିଜୟସେନଂକ ରାଜତ୍ୱକାଳ ଥିଲା ଆନୁମାନିକ ଖ୍ରୀ: ୧୦୯୫—୧୧୫୮ ପର୍ଯ୍ୟଂତ । ତାଂକ ପିତା ବଲ୍ଲାଳସେନଂକ ରାଜତ୍ୱକାଳ ଥିଲା ଖ୍ରୀ: ୧୧୫୮—୧୧୭୯ ପର୍ଯ୍ୟଂତ । ତେଣୁ ଉମାପତିଧର ବିଜୟସେନଂକ

ରାଜତ୍ୱର ଶେଷ ପାଦରେ ହୁଏତ ସେନ୍-ସଭାରେ ଯୋଗ ଦେଇଥିବେ । ସେ ଯେ କେବଳ ଲକ୍ଷ୍ମଣସେନଙ୍କ ଅନ୍ୟତମ ମନ୍ତ୍ରୀ ବା ସଭାକବି ଥିଲେ ତା ନୁହେଁ, ଯେଉଁ ତୁର୍କୀ-ଅଭିଯାତ୍ରୀ ମହମ୍ମଦ ବଖ୍ତିଆର ଖିଲ୍‌ଜୀ ଲକ୍ଷ୍ମଣସେନଙ୍କୁ ଆକସ୍ମିକ ଯୁଦ୍ଧରେ ପରାଭୂତ କରି ସେନ୍-ରାଜ୍ୟଶ୍ରୀ ଦଖଲ କରିଥିଲା, ବୃଦ୍ଧ ଧୋୟୀ କବି ସେଇ 'ମ୍ଲେଚ୍ଛନରେନ୍ଦ୍ର'ଙ୍କ ପ୍ରଶସ୍ତି-ଗାନ କରିବାକୁ ମଧ୍ୟ କୁଣ୍ଠିତ ନାହାନ୍ତି । ସେ ଶ୍ଳୋକଟି "ସାଧୁ ମ୍ଲେଚ୍ଛ ନରେନ୍ଦ୍ର ସାଧୁ ଭବତୋ ମାତୈବ ବୀରପ୍ରସୂନ" ଅନ୍ୟତ୍ର ଉଦ୍ଧାର କରାଯାଇଛି ।

ତେଣୁ ଏଇ ସବୁ ପାରସ୍ପରିକ ସମ୍ବନ୍ଧ-ଦୃଷ୍ଟିରୁ ଜୟଦେବଙ୍କୁ ଲକ୍ଷ୍ମଣସେନଙ୍କ ରାଜସଭାରୁ କିମ୍ବା ତାଙ୍କର ସମସାମୟିକ ସେନ୍-ସଭାର ଅନ୍ୟ କବି ଚତୁଷ୍ଟୟ, ଯଥା ଉମାପତି ଧର, ଗୋବର୍ଦ୍ଧନାଚାର୍ଯ୍ୟ, ଧୋୟୀ-କବିରାଜ ଓ ଶରଣଙ୍କଠାରୁ ବିଚ୍ଛିନ୍ନ କରିବା କଦାପି ସମ୍ଭବ ନୁହେଁ । ତେଣୁ କବି ଜୟଦେବ ଯେ ସେନ୍-ରାଜସଭା ସହିତ ଅବିଚ୍ଛେଦ୍ୟ ଭାବରେ ଜଡ଼ିତ, ଏଥିରେ ସନ୍ଦେହର ଅବକାଶ ନାହିଁ ।

କବି ଜୟଦେବ ଓଡ଼ିଶାର ହୁଅନ୍ତୁ ବା ବଙ୍ଗଳାର ହୁଅନ୍ତୁ ସେଥିରେ ତାଙ୍କର ମହତ୍ତ୍ୱ ଓ କବି-ପ୍ରତିଷ୍ଠା ଆଦୌ କ୍ଷୁର୍ଣ୍ଣ ହୁଏ ନାହିଁ ବା ହେବା ଉଚିତ ନୁହେଁ । ସେ ସମଗ୍ର ଭାରତବର୍ଷର କବି ଏବଂ ପ୍ରତ୍ୟେକ ଭାରତୀୟର ପ୍ରାତଃସ୍ମରଣୀୟ କବିମାନଙ୍କ ମଧ୍ୟରେ ଅନ୍ୟତମ । ତେଣୁ ଏଇ ସବୁ କ୍ଷୁଦ୍ର ବାଦ-ବିସମ୍ବାଦରେ ଲିପ୍ତ ରହି ସତ୍ୟର ଅପଲାପ କରିବାକୁ ଯିବା ଆଦୌ ସମୀଚୀନ ନୁହେଁ । ଗବେଷକର ଲକ୍ଷ୍ୟ ସତ୍ୟାନୁସନ୍ଧାନ । ଉପସ୍ଥିତ ତଥ୍ୟ ଓ ପ୍ରମାଣାବଳୀ ଉପରେ ନିର୍ଭର କରିହିଁ ସେ ସିଦ୍ଧାନ୍ତରେ ଉପନୀତ ହୋଇଥାଏ । ତାର ନିଜର ବ୍ୟକ୍ତିଗତ ଅଭିରୁଚି ବୋଲି କିଛି ନାହିଁ । ସେ ଯଦି ନିଜର ବ୍ୟକ୍ତିଗତ ଅଭିରୁଚିକୁ ପ୍ରାଧାନ୍ୟ ଦେବାକୁ ଯାଇ ଐତିହାସିକ ସତ୍ୟକୁ ବାଆଁରେଇଆ କରେ ବା ବିକୃତ କରେ, ତେବେ ସେ ନିଜର କ୍ଷତି ସାଧନ କରିବା ସଙ୍ଗେ ସଙ୍ଗେ ମହାନ କବିଙ୍କର ମଧ୍ୟ ଅଲକ୍ଷ୍ୟରେ କ୍ଷତିସାଧନ କରେ । ଦୁଃଖର କଥା ଆମ ଓଡ଼ିଶାରେ ଏଭଳି ଉଦ୍ୟମର ଅଭାବ ନାହିଁ । ଅନେକେ ଉପେନ୍ଦ୍ର ଭଞ୍ଜଙ୍କୁ, ସାରଳା ଦାସଙ୍କୁ ଏବଂ ଅନ୍ୟାନ୍ୟ କବିଙ୍କୁ ଅତିରଞ୍ଜିତ କରି ବା ତାଙ୍କ ସମ୍ବନ୍ଧରେ ସତ୍ୟର ଅପଲାପ କରି ଯେପରି ଅଜ୍ଞାତସାରରେ ସେଇ ମହାକବିମାନଙ୍କୁ ହାସ୍ୟାସ୍ପଦ କରାଉଛନ୍ତି, କବି ଜୟଦେବଙ୍କ ସମ୍ପର୍କରେ ସେପରି ନ ହେଉ, ଏହାହିଁ ଆମର ଐକାନ୍ତିକ କାମନା ।

---

## ॥ ତ୍ରୟୋଦଶ ଅଧିକରଣ ॥

# ସାରଳା-ଯୁଗ

### ଓଡ଼ିଆ ଭାଷା-ସାହିତ୍ୟର ଜନ୍ମ

ସାରଳା ଦାସଙ୍କ କାଳରୁ ଓଡ଼ିଆ ଭାଷା-ସାହିତ୍ୟର ଦୃଷ୍ଟାନ୍ତ ନଜରକୁ ଆସେ । ଏଥି ପୂର୍ବରୁ କେତେକ ଗଂଗବଂଶୀୟ ଏବଂ ଅନ୍ୟାନ୍ୟ ରାଜାମାନଂକର ଅଭିଲେଖରୁ ଓଡ଼ିଆ ଭାଷାର ନିଦର୍ଶନ ପାଇଥିଲୁଁ । ମାତ୍ର ବିଧିବଦ୍ଧ ସାହିତ୍ୟ-କୃତି ଭାବରେ ସାରଳା ମହାଭାରତ ହିଁ ପ୍ରଥମ ଓଡ଼ିଆ ସାହିତ୍ୟ ରୂପେ ଦୃଷ୍ଟିକୁ ଆସେ । ଓଡ଼ିଆ ଲିପି ମଧ୍ୟ ଏତେବେଳକୁ ପୂର୍ଣ୍ଣ ବିକାଶ ଲଭ କରିଥିଲା, ଯାହା କପିଳେନ୍ଦ୍ର-ଦେବଂକ ଦ୍ୱାରା ଉତ୍କୀର୍ଣ୍ଣ ସୀମାଚଳମ ନୃସିଂହନାଥ ମନ୍ଦିର ସଂଲଗ୍ନ ଓଡ଼ିଆ ଶିଳା-ଲେଖରୁ ଜଣାପଡ଼େ । ଏଇ ସମୟରୁ ସଂସ୍କୃତରେ ଲେଖାଯାଇଥିବା ପୁରାଣଗୁଡ଼ିକ ଓଡ଼ିଆ ପ୍ରାକୃତରେ ରଚିତହୁଏ । ସାରଳା ଦାସଙ୍କ ମହାଭାରତ, ବିଲଂକା ରାମାୟଣ, ଚଂଡୀପୁରାଣ, ଏବଂ ବଳରାମ ଦାସଙ୍କ ଜଗମୋହନ ରାମାୟଣ ଏବଂ ଜଗନ୍ନାଥ ଦାସଙ୍କ ଭାଗବତ ସାରଳା ଯୁଗର ବିଶିଷ୍ଟ ଅବଦାନ । ସାରଳା ଦାସ ଯେ ଓଡ଼ିଆ ଭାଷା-ସାହିତ୍ୟର ପ୍ରାଣ-ପ୍ରତିଷ୍ଠାତା ଏଥିରେ କୌଣସି ସନ୍ଦେହ ନାଇ । ସେ ଓଡ଼ିଶାରେ ସୂର୍ଯ୍ୟବଂଶର ସ୍ଥାପୟିତା ସମ୍ରାଟ କପିଳେଂଦ୍ର ଦେବଂକର (ଖ୍ରୀ. ୧୪୩୫-୬୭) ସମସାମୟିକ ଥିଲେ ବୋଲି ତାଂକ ମହାଭାରତରେ ହିଁ ଉଲ୍ଲେଖ କରି ଯାଇଛଂତି ।

ସାରଳା ଦାସଂକ ପୂର୍ବରୁ ଓଡ଼ିଆ ଭାଷାରେ ବତ୍ସା ଦାସ ବା ବସ୍ତୁ ଦାସଂକ 'କଳସା ଚଉତିଶା' ଥିଲା ବୋଲି ସ୍ୱର୍ଗତ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାଂତି ଏବଂ ଅନ୍ୟମାନେ କହଂତି । ସାରଳା ମହାଭାରତରେ ଥିବା

> ବେଦମଂତ୍ର ଯୁଗତେ ସେ ପଢ଼ଂତି ଯେ କଳସା
> ବଶିଷ୍ଠ ମାରକଂଡ ଆବର ଦୁର୍ବାସା ।"

ପଢ଼ି ଆର୍ତ୍ତବଲ୍ଲଭ ମହାଂତି ପ୍ରାଚୀ-ପ୍ରକାଶିତ "ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ"ର ଇଂରାଜୀ ଭୂମିକାରେ ଏହାକୁ ବସ୍ତୁ ଦାସଂକ "କଳସା ଚଉତିଶା" ବୋଲି ଧରି ନେଇ ତାହାର ରଚନା କାଳ ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀ ବୋଲି ଅନୁମାନ କରିଛଂତି । ସେ କଳସାକୁ ନାମବାଚକ ବିଶେଷ୍ୟରୂପେ ଗ୍ରହଣ କରିଛଂତି ।

**କଳସା ଚଉତିଶା**

ଅନ୍ୟମାନେ ତାଂକର ମତ ଅନୁସରଣ କରିଛଂତି । କଂରୁ ପୂର୍ବ ଉକ୍ତିରୁ ଯେପରି ଜଣାଯାଏ ସାରଳା ଦାସ ମଂଗଳଗୀତ ଅର୍ଥରେ ହିଁ 'କଳସା' ଶବ୍ଦ ବ୍ୟବହାର କରିଛଂତି, କୌଣସି ନିର୍ଦ୍ଦିଷ୍ଟ ରଚନାକୁ ଲକ୍ଷ୍ୟ କରି ନୁହେ । ତା'ନ ହେଲେ ସେ ବଶିଷ୍ଠ, ମାର୍କଂଡେୟ, ଦୁର୍ବାସା ପ୍ରଭୃତି ସୁପ୍ରାଚୀନ ଯୁଗର ଋଷିମାନେ ଅର୍ବାଚୀନ ରଚନା "କଳସା" ପଢ଼ିବା କଥା କାହିଁକି ଲେଖଂତେ ? ତା' ପରେ 'କଳସା'ର ଅର୍ଥ ମଧ୍ୟ ମଧୁର ଗୀତ (କଲ୍ = ମଧୁର ଧ୍ୱନି + ଶୋ = ତୀକ୍ଷ୍ଣ କରିବା + ଅ) ବା ଗାୟନୋପଯୋଗୀ ପଦ । *ଖାଲି ସାରଳା ଦାସ ନୁହେ, ବଳରାମ ଦାସ ମଧ୍ୟ ତାଂକ ଦାଂଡି ରାମାୟଣରେ 'କଳସା' ଶବ୍ଦ ବ୍ୟବହାର କରିଛଂତି, ଯଥା :—

"କଳସା ରାଗେ ଗୀତ ଗାବଂତି ସଂଜାବଳି ।
କଜାଣି ସଖି ସୁଭଇ ସାହେର ଉଛୁଳି ।"

ଭାଷାଗତ ବିବର୍ତ୍ତନର କ୍ରମ ବିଚାରରୁ 'କଳସା ଚଉତିଶା' କୁ ସାରଳା ଦାସଂକଠାରୁ ପ୍ରାଚୀନତର କହି ହେବ ନାଇ । କାରଣ ଷୋଡ଼ଶ ଶତାବ୍ଦୀ ଶେଷ ପର୍ଯ୍ୟଂତ ଓଡ଼ିଆରେ ଦ୍ୱିତୀୟା ବିଭକ୍ତିରେ 'କଇ' ଓ 'କହି' ଏବଂ ଦ୍ୱିତୀୟା ବିଭକ୍ତି ବହୁବଚନରେ 'ନ୍ତ' ପ୍ରତ୍ୟୟ ଚଳୁଥିଲା । ଦ୍ୱିତୀୟା ଓ ଚତୁର୍ଥୀ

**ଭାଷା-ଲକ୍ଷଣ**

ଏକବଚନରେ 'କଇ' ପ୍ରୟୋଗର ଉଦାହରଣ :—ଲଂକାକଇ, ମଂଚକଇ, ଅଂଭକଇ (ବଳରାମ ଦାସ) । ଚତୁର୍ଥୀ ବହୁବଚନରେ 'ନ୍ତ' ପ୍ରୟୋଗର ଉଦାହରଣ —'ବୃକ୍ଷାଂତ କଟାଇଲି' (ସାରଳା ଦାସ) 'ଅଂଭଂତ ଅପୂର୍ବ ସେ ଯେ ହୋଇଲି ଗୋସାଇଁ' (ବ. ଦାସ) 'ପରଜାଂତ ପାଳିବୁ ତୁ ଅତି ଯତ୍ନ କରି' (ବଳରାମ ଦାସ) । ସେଇପରି ପ୍ରାକୃତ ପରି ଷଷ୍ଠୀ ଓ ଚତୁର୍ଥୀ ବିଭକ୍ତି ମଧ୍ୟରେ ଅଭେଦ ଓଡ଼ିଆରେ ବ୍ୟବହୃତ ହେଉଥିଲା —'ଗାବଂତି', 'ପାବଂତି' 'କଟାବଂତି', 'ଲଗାବଂତେ' ଇତ୍ୟାଦି । କ୍ରିୟା ରୂପରେ 'ଅ' ସ୍ଥଳରେ 'ବ'ର ବ୍ୟବହାର ସେ ଯାଏ ଅବର୍ଗ୍ୟ 'ବ'ର ଉଚ୍ଚାରଣ ଓଡ଼ିଆରେ ଥିଲା ବୋଲି ସୂଚିତ କରେ । ଚଳିଲି, କହିଲି, ହୋଇଲି, ଆଦି କ୍ରିୟାରୂପରେ ପ୍ରାଂତ ଇ-କାର ମାତ୍ରା ସ୍ଥଳେ 'ଇ' ର ପ୍ରୟୋଗ ତଥା 'ହି', 'ଇ', 'ସେ', ଆଦି 'ନିଶ୍ଚିତାର୍ଥକ ବା ନିରର୍ଥକ ପ୍ରତ୍ୟୟ' ସେ ଯୁଗୀୟ ରଚନାରେ ବେଶ୍ ଥିଲା ।

ଅନ୍ୟ କେତେକ ବିଶେଷତ୍ୱ ହେଉଚି ସ୍ୱାର୍ଥ ଅର୍ଥରେ କ୍ରିୟାରେ 'କ' 'ସି' ର ପ୍ରୟୋଗ ଯଥା କରିବାକ, ଶୁଣସି । ('ତୁମ୍ଭେ ଜଗମୋହନ କରିବାକ ମୋତେ ରକ୍ଷା' – (ବଳରାମ ଦାସ), "ଆବର କଥାଏ ତୁହି ଶୁଣସି ରାଜନ" (ବଳରାମ ଦାସ) ।

---

* 'ଝଂକାର,-' ୧୯୬୮, ଫେବ୍ରୁଆରୀ ସଂଖ୍ୟା ସଚ୍ଚିଦାନଂଦ ମିଶ୍ରଂକ ପ୍ରବଂଧ ଦେଖଂତୁ

କ୍ରିୟାରେ ନିମିତ୍ତାର୍ଥେ 'ତେ' ଓ 'ତ'ର ପ୍ରୟୋଗ । 'ରାମ ଲକ୍ଷଣ ଗୁଣ୍ଡିତେ ତା ମନ ନ ଗଲା ।' (ବ ଦାସ), 'ରାମାୟଣ ଚରିତ କହିତ ମୋର ଇଚ୍ଛା' (ବ. ଦାସ) । ପ୍ରଥମ ବିଭକ୍ତି ବହୁବଚନରେ 'ଏ' ର ପ୍ରୟୋଗ ଯଥା : ଦେବତାଏ, ପ୍ରଜାଏ । ମାତ୍ର 'କଳସା ଚଉତିଶା'ରେ ଏ ସବୁର ଅଧିକାଂଶ ନଥିବା ଦୃଷ୍ଟିରୁ ତାହାର କାଳ ଷୋଡଶ ଶତାବ୍ଦୀର ଶେଷାର୍ଦ୍ଧ ପୂର୍ବର ନୁହେ ବୋଲି କହିବା ଯୁକ୍ତିଯୁକ୍ତ ହେବ । ତା' ପରେ ଅନ୍ୟ ଏକ ବଳିଷ୍ଠ ଯୁକ୍ତି ହେଉଛି, 'ସାହିତ୍ୟିକ ଆଙ୍ଗିକ ଦୃଷ୍ଟିରୁ 'କଳସା' ଏକ ଉନ୍ନତ ସୃଷ୍ଟି ଯାହା ବର୍ଣ୍ଣମାଳାନୁକ୍ରମରେ ନିର୍ଦ୍ଦିଷ୍ଟ ସଂଖ୍ୟକ ପଦକୁ ନେଇ ରଚିତ । ତେଣୁ କଳସାର ଛନ୍ଦାଶ୍ରିତ ରଚନା ସାରଳାଙ୍କ 'ଦାଣ୍ଡି' ପୂର୍ବରୁ ଚଳୁଥିଲା ବୋଲି କହିଲେ ଓଡ଼ିଆରେ ଦାଣ୍ଡିବୃତ୍ତର ଆବିର୍ଭାବ କାହିଁକି ହେଲା ତାହା ବୁଝି ହେବ ନାଇ । କିନ୍ତୁ ଦାଣ୍ଡିକୁ ଓଡ଼ିଆ ଛନ୍ଦର ପୂର୍ବାବସ୍ଥା ବୋଲି ଧରିଲେ ଯାଇ ଓଡ଼ିଆ ରଚନା ମଧ୍ୟକୁ ଛନ୍ଦ କିଭଳି ଛେକକୁ ଛେକ ହୋଇ ପଶିଚି ତାହା ବୁଝି ହେବ ।' (ଏକ୍ସ) ଆଲୋଚକମାନେ କହନ୍ତି ସାରଳା ଦାସ କେବଳ ଠାଏ କଳସା ଶବ୍ଦ ବ୍ୟବହାର କରିଛନ୍ତି । କିନ୍ତୁ ଶ୍ରୀ ସଚ୍ଚିଦାନନ୍ଦ ମିଶ୍ରଙ୍କ ନିକଟରେ ଥିବା ସାରଳା ମହାଭାରତ ପୋଥିରେ ଏ ଶବ୍ଦଟିର ଦୁଇଥର ପ୍ରୟୋଗ ହୋଇଚି ବୋଲି ସେ କହନ୍ତି । ମଧ୍ୟ-ପର୍ବରେ ଶାମ୍ବ-ଚନ୍ଦ୍ରାବତୀ ବିବାହ ପ୍ରସଙ୍ଗରେ :—

"ବେଦ ମଣ୍ଡପରେ ପଢିଲେ କଳସା
ବଶିଷ୍ଠ ମାର୍କଣ୍ଡେୟ ଅଛନ୍ତି ଦୁର୍ବାସା ।
ଆବର ଯେତେ ଥିଲେ ଯତି ମହାମୁନି
ଚାରି ମଣ୍ଡି ବେଦ ବ୍ରହ୍ମାର ତପୋଧନି ।
ଏ କଳସା ଚାରି ବର୍ଗରେ ପଢିଲେ ତପୋଚାରି ।
ଉତ୍ସବ ବଢିଲା କୁମାର କୁମାରୀ ।"

ଏ ବିଷୟରେ ବିସ୍ତୃତ ଆଲୋଚନା 'ଦିଗନ୍ତ' (ନୂଆ ପ୍ରସ୍ଥ) ୧୯୬୮, ଫେବୃଆରି ସଂଖ୍ୟାରେ କରାଯାଇଥିଲା । ଶ୍ରୀ ବଂଶୀଧର ମହାନ୍ତି 'କଳସା'ର ମୂଳ ଖୋଜିବାକୁ ଯାଇ ପ୍ରାକୃତ ଛନ୍ଦଗ୍ରନ୍ଥର କଳସା ଛନ୍ଦ ଓଡ଼ିଆରେ କଳସା ରାଗ ହେବା ଅନୁମାନ କରନ୍ତି । କଳସା ଚଉତିଶାର ବୃତ୍ତିକୁ କେଉଁଠି କେଉଁଠି କଳସା ରାଗ ବା ବାଣୀ ବା ଦଶା ବୋଲି ଉଲ୍ଲେଖ କରାଯାଇଚି । କେଉଁଠି କେଉଁଠି ପୁଣି ମଙ୍ଗଳ ରାଗ ବା ବାଣୀ ବା ଦଶା ବୋଲି ଲେଖା ଯାଇଚି । ଅକ୍ଷର ସଂଖ୍ୟା, ଯତି, ସ୍ଥାନ ଏବଂ ପାଦ ସଂଖ୍ୟା ଦୃଷ୍ଟିରୁ ମଙ୍ଗଳ ଓ କଳସା ରାଗ ମଧ୍ୟରେ କୌଣସି ପାର୍ଥକ୍ୟ

ନାଇ । ବଳରାମ ଦାସ ଏଇ କଳସା ଟଗ କଥା ତାଂକ ରାମାୟଣରେ ଲେଖି ଯାଇଛଂତି, ପୂର୍ବୋକ୍ତ ପଦରେ ।*

"ରୁଦ୍ର ସୁଧାନିଧି" ସାରଳା ଦାସଂକ ପୂର୍ବବର୍ତ୍ତୀ ରଚନା ବୋଲି କେହି କେହି କହଂତି । ମାତ୍ର ତାହା ଠିକ୍ ନୁହେଁ । ରୁଦ୍ର ସୁଧାନିଧି'ରେ ଗଦ୍ୟ-ପଦ୍ୟର ଯେଉଁ ସମିଶ୍ରଣ ଦେଖାଯାଏ ତାହା ଓଡ଼ିଆ ଗଦ୍ୟ ଜନ୍ମହେବାର ପ୍ରାକ୍‌କାଳ । ଏଥିରେ ଦ୍ୱିତୀୟା ବିଭକ୍ତିରେ 'କଇ' 'କହି' ଓ ବହୁବଚନରେ 'ନ୍ତ' ପ୍ରତ୍ୟୟ ନ ଥିବାରୁ ଏହା ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧ ପରର ରଚନା ବୋଲି କହିବା ସଂଗତ ହେବ ।

**ରୁଦ୍ର-ସୁଧାନିଧି**

ଶ୍ରୀ ଅର୍ତ୍ତବଲ୍ଲଭ ମହାଂତି ଏହାକୁ ସପ୍ତଦଶ ଶତାବ୍ଦୀ ବା ତତ୍ ପୂର୍ବର ରଚନା ବୋଲି ପ୍ରାଚୀନ ଗଦ୍ୟପଦ୍ୟାଦର୍ଶରେ ଉଲ୍ଲେଖ କରିଛଂତି ।

ତଥାପି ଆର୍ତ୍ତବାବୁ ଏ ଗ୍ରଂଥର ପ୍ରଣେତା ଅବଧୂତ ସ୍ୱାମୀ ପ୍ରାକ୍-ସାରଳା ଯୁଗର କବି ଅର୍ଥାତ୍ 'ତ୍ରୟୋଦଶ-ଚତୁର୍ଦ୍ଦଶ ଶତାବ୍ଦୀର କବି ହୋଇ ପାରିଥାଂତି' ବୋଲି ସଂଦେହରେ ପଡ଼ିଛଂତି ଏବଂ ସେ ସଂଦେହ ମଧ୍ୟ ପ୍ରକାଶ କରିଛଂତି ।

ଏଠାରେ ମନେରଖିବାକୁ ହେବ ଯେ ସମସ୍ତ ଭାରତୀୟ ଭାଷା-ସାହିତ୍ୟ-ମାନଂକର ଜନ୍ମ ତ୍ରୟୋଦଶ ଶତାବ୍ଦୀ ପରେ ହିଁ ହୋଇଥିଲି ବୋଲି ଭାଷାବିଜ୍ଞାନୀ-ମାନେ ସ୍ଥିର କରିଛଂତି । ଏ ସର୍ବସମ୍ମତ ସତ୍ୟକୁ ଓଡ଼ିଶାରେ ଅସ୍ୱୀକାର କରିବାର କୌଣସି କାରଣ ଆମେ ଦେଖୁ ନା । ପ୍ରତ୍ୟେକ ଭାଷା-ସାହିତ୍ୟରେ ପ୍ରଥମେ ପଦ୍ୟର ଜନ୍ମ ଏବଂ ତା'ର ବହୁ ପରେ ଗଦ୍ୟର ଜନ୍ମ । ପଦ୍ୟ ପୂର୍ବରୁ ଗଦ୍ୟର ଆବିର୍ଭାବ କଳ୍ପନା କରିବା ସଂପୂର୍ଣ୍ଣ ଅଯୌକ୍ତିକ କଥା । ମନେ ରଖିବାର ସୁବିଧା ପାଇଁହିଁ ସମସ୍ତ ସାହିତ୍ୟ ଏବଂ ଏପରିକି କୃଷିବିଦ୍ୟା, ଜ୍ୟୋତିଷବିଦ୍ୟା, ଚିକିତ୍ସାବିଦ୍ୟା ଏବଂ ଅଂକ ସୂତ୍ରମାନ ମଧ୍ୟ ପଦ୍ୟରେ ଲିଖିତ ହେଉଥିଲି । ପରେ ଧୀରେ ଧୀରେ ଗଦ୍ୟର ପ୍ରଚଳନ ଆରଂଭ ହେଲି ।

**ଭାଷା-ବିଜ୍ଞାନର ସୂତ୍ର**

ମାତ୍ର ଆଶ୍ଚର୍ଯ୍ୟର କଥା ଓଡ଼ିଶାରେ ଅନେକ ଗବେଷକ ଭାଷାତତ୍ତ୍ୱର ଏ ମୌଳିକ ସୂତ୍ର ଭୁଲି ନାନା ପ୍ରକାର ଅବାସ୍ତବ କଥା ତଥା ଭ୍ରାଂତ ମତ ଓ ତଥ୍ୟର ଅବତାରଣା

---

* "ଦଗଂତ" ପତ୍ରିକା, ୧୯୬୮ ଫେବ୍ରୁଆରୀ ସଂଖ୍ୟାରେ ଶ୍ରୀ ସଚ୍ଚିଦାନଂଦ ମିଶ୍ରଂକ "ସାରଳା ଦାସଂକ କଳସା" ପ୍ରବଂଧ ଦ୍ରଷ୍ଟବ୍ୟ ।

କରିଆନ୍ତି । କିଏ ମାଦଳାପାଞ୍ଜି ଭଳି ଓଡ଼ିଆ ଗଦ୍ୟ ରଚନା ଚୋଡ଼ଗଙ୍ଗଦେବଙ୍କ-ଠାରୁ (ପ୍ରାୟ ୧୦୭୭-୧୧୪୭ ଶତାବ୍ଦୀରୁ) ଲିଖିତ ହୋଇ ଆସୁଛି ବୋଲି ନିଜ ପ୍ରଣୀତ ଇଂରାଜୀ ସାହିତ୍ୟ-ଇତିହାସରେ କହିଲେଣି ତ ଅନ୍ୟ କିଏ ନବମ-ଦଶମ ଶତକର ଓଡ଼ିଆ ପଦ୍ୟର ନମୁନା ସ୍ୱରୂପ ଶିଶୁବେଦ ପରିବେଷଣ କଲେଣି । ଏମାନଙ୍କର ଗବେଷଣାର ଦୌଡ଼ ଦେଖିଲେ ହାସ୍ୟସମ୍ବରଣ କରିହୁଏ ନାହିଁ । ଡଃ ଆର୍ତ୍ତବଲ୍ଲଭ ମହାନ୍ତି ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ ଭୂମିକାରେ କହିଛନ୍ତି ଯେ ମାଦଳାପାଞ୍ଜି ଯଯାତିକେଶରୀଙ୍କ ସମୟରୁ (ଅନ୍ଦାଜ ୭୧୫-୮୪୦) ଲିଖିତ ହୋଇ ଆସୁଛି । ମାଦଳା ପାଞ୍ଜିର ଓଡ଼ିଆ ଗଦ୍ୟ ବାକ୍ୟବିନ୍ୟାସ (syntax) କିମ୍ବାରୂପ ସମସ୍ତ ଦେଖିଲେ ଏହା ଯେ ଖୁବ୍ ବେଶୀ ହେଲେ ମୋଗଲ୍ ଅମଳରୁ ପ୍ରାଚୀନତର ନୁହେଁ ଏ ବିଷୟରେ ନିଃସନ୍ଦେହ ହେବାକୁ ପଡ଼େ । ଡଃ ହ. କୃ. ମହତାବ୍ ମଧ୍ୟ ତାଙ୍କ ଇତିହାସରେ ଅନୁରୂପ ମତ ପୋଷଣ କରନ୍ତି । ଦିଲ୍ଲୀର ବାଦଶାହାମାନଙ୍କ ନିକଟରେ ଏବଂ ପରେ ଇଷ୍ଟ ଇଣ୍ଡିଆ କୋମ୍ପାନୀ ନିକଟରେ ପୁରୀ ମନ୍ଦିର ଉପରେ ନିଜର ବଂଶଗତ ଦାବୀ ଓ ଅଧିକାର ସାବ୍ୟସ୍ତ କରିବା ଉଦ୍ଦେଶ୍ୟରେ ଏହା ଭୋଇବଂଶ ରାଜାମାନଙ୍କ ଇଙ୍ଗିତରେ ଲିଖିତ ହୋଇ ଆସୁଛି ବୋଲି ଏବେ ଜଣା ପଡ଼ିଲେଣି । ଏହାର ଭାଷା ଏଭଳି ଅର୍ବାଚୀନ ଯେ ଏହାର ବୟସ କୌଣସି ଭାଷାତତ୍ତ୍ୱବିତ୍‌ର ଆଖିକୁ ଫାଙ୍କ ଦେଇ ପାରିବ ନାହିଁ ।

ଅଦ୍ଭୁତ ତଥ୍ୟ

ଅବଶ୍ୟ ଏକଥା ସତ ଯେ ଆମେ ଗଙ୍ଗବଂଶୀୟ ରାଜାମାନଙ୍କ ଅଭିଲେଖରେ କେତେବେଳେ କ୍ୱଚିତ୍ ଓଡ଼ିଆ ଭାଷାର ଅସ୍ତିତ୍ୱ ଦେଖିଥିଲୁଁ । ମାତ୍ର କୋଣାର୍କ ମନ୍ଦିର ଶିଲାଲେଖଟି ସହ ଅଧିକାଂଶ ଅଭିଲେଖର ଲିପି ପ୍ରତ୍ନ-ବଙ୍ଗଳା । ଆନ୍ଧ୍ର ପ୍ରଦେଶର ସିମ୍ହାଚଳମଠାରେ ଥିବା ନୃସିଂହନାଥ ମନ୍ଦିରରେ ଖୋଦିତ କପିଳେନ୍ଦ୍ରଦେବଙ୍କ ଶିଳାଲେଖଟିହିଁ ପୂର୍ଣ୍ଣାଙ୍ଗ ଓଡ଼ିଆ ଲିପି ଏବଂ ଓଡ଼ିଆ ଭାଷାରେ ରଚିତ । ଏଭଳି ସୁସ୍ପଷ୍ଟ ଓଡ଼ିଆ ଲିପି ଏଥିପୂର୍ବରୁ ଦେଖି ନଥିଲୁଁ । ('ଝଙ୍କାର' (ନୂଆପ୍ରସ୍ଥ), ୧୯୬୭, ଫେବୃଆରୀ ସଂଖ୍ୟାରେ ଡଃ କୁଞ୍ଜବିହାରୀ ତ୍ରିପାଠୀଙ୍କ ଦ୍ୱାରା ଲିଖିତ ପ୍ରବନ୍ଧରେ ଏହି ଲିପିର ପାଠୋଦ୍ଧାର ଓ ଫଟୋଚିତ୍ର ଦ୍ରଷ୍ଟବ୍ୟ ।)

## ଓଡ଼ିଆ ଭାଷା ଓ ଲିପିର ଐତିହ୍ୟ

ଏହି ଅବସରରେ ଓଡ଼ିଆ ଭାଷା ତଥା ଲିପିର ଐତିହ୍ୟ ସମ୍ବନ୍ଧରେ ଟିକିଏ ସୂଚନା ଦେବା ଅପ୍ରାସଙ୍ଗିକ ହେବ ନାହିଁ । ଖ୍ରୀଷ୍ଟୀୟ ପ୍ରଥମ ଶତକର ଭରତ ମୁନିଙ୍କ

"ନାଟ୍ୟଶାସ୍ତ୍ର"ରେ ଉଡ୍ର ବିଭାଷାର ନାମ ମିଳେ । ଏହି ଗ୍ରଂଥରେ ବିଭିନ୍ନ ନାଟକୀୟ ରୀତି ବର୍ଣ୍ଣନା ପ୍ରସଂଗରେ ଭରତମୁନି "ଓଡ୍ର-ମାଗଧୀ" ପ୍ରବୃତ୍ତିର ଉଲ୍ଲେଖ କରିଛଂତି, ଯାହା ମଧ୍ୟରେ ଓଡ୍ର, ବଂଗ, ପୌଂଡ୍ର, ଏବଂ ନେପାଳ ଅଂତର୍ଗତ ଥିଲା । ମାତ୍ର ପରବର୍ତ୍ତୀ କାଳରେ ରଚିତ ଗ୍ରଂଥମାନଂକରେ ଓଡ଼ିଆ ଭାଷା ବା ଓଡ଼ିଆ ରୀତି ସଂବଂଧରେ ବିଶେଷ କିଛି ଉଲ୍ଲେଖ ଦେଖାଯାଏ ନାହିଁ । ସପ୍ତମ ଶତକର ପ୍ରଥମାର୍ଦ୍ଧରେ ହର୍ଷଚରିତ-ଗ୍ରଂଥର ମୁଖବଂଧରେ ବାଣଭଟ୍ଟ ସମସାମୟିକ ଭାରତବର୍ଷରେ ପ୍ରଚଳିତ ସାହିତ୍ୟ-ରୀତିର ବର୍ଣ୍ଣନା ପ୍ରସଂଗରେ ଉତ୍ତର ଭାରତ ଓ ଦକ୍ଷିଣ ଭାରତର ରୀତି ଏବଂ ଗୌଡ଼ୀ-ରୀତିର ଉଲ୍ଲେଖ କରିଛଂତି, ଓଡ଼ିଆ ଭାଷା ବା ସାହିତ୍ୟ-ରୀତି ସଂବଂଧରେ କିଛି କହି ନାହାଂତି । ପ୍ରାକ୍-ଆର୍ଯ୍ୟ ପ୍ରାଚ୍ୟ-ଭାରତୀୟ ନରନାରୀଂକ ସର୍ବପ୍ରାଚୀନ ଭାଷା ଥିଲା ପ୍ରଧାନତଃ ଅଷ୍ଟ୍ରିକଗୋଷ୍ଠୀର ଭାଷା—ଯାହାର ଘନିଷ୍ଠତମ ଆତ୍ମୀୟତା ଥିଲା ମନ୍-ଖ୍ମେର୍ ଭାଷା-ପରିବାର ସଂଗେ । ଏହି ଭାଷା ଉପରେ ଏକ ସ୍ତର ରଚନା କରିଥିଲା ଦ୍ରାବିଡ଼ ଭାଷା-ପରିବାରର ସ୍ରୋତ । ତେଣୁ ଅବୈଦିକ ପ୍ରାଚ୍ୟ-ଭାରତୀୟ ଆର୍ଯ୍ୟ ଗୋଷ୍ଠୀର ଭାଷା ଉପରେ ଅଷ୍ଟ୍ରିକ-ଦ୍ରାବିଡ଼ ଭାଷା-ସ୍ରୋତର ପ୍ରଭାବ ଅନସ୍ୱୀକାର୍ଯ୍ୟ । ଏହି କାରଣରୁ ଉତ୍ତର ଭାରତର ବୈଦିକ ଆର୍ଯ୍ୟଗୋଷ୍ଠୀ ଏହି ଆଲ୍ପନୀୟ ପ୍ରାଚ୍ୟ ଆର୍ଯ୍ୟ ଗୋଷ୍ଠୀକୁ ସୁନଜରରେ ଦେଖୁ ନଥିଲେ, ଏହା ପୂର୍ବେ କହିଛୁଁ ।

ପ୍ରାଚ୍ୟ-ପ୍ରାକୃତ ବ୍ୟାକରଣକାର ଶ୍ରୀରାମ ଶାର୍ମା ତର୍କବାଗୀଶ ତାଂକର ଅତି ପ୍ରାଚୀନ "ପ୍ରାକୃତ କଳ୍ପତରୁ" ଗ୍ରଂଥରେ ଶାକାରିକା, ଚାଂଡାଳିକା, ଶାବରୀ, ଆଭୀରିକା, ଦ୍ରାବିଡ଼ିକା, ବନୌକସୀ, ମାଂଡୁରିକା, ଓ ଟାକ୍କୀ ଔଡ୍ରୀ ବିଭାଷା ସଂଗେ ଉତ୍କଳୀ ଭାଷାକୁ ମାଗଧୀ ବା ପ୍ରାଚ୍ୟ-ପ୍ରାକୃତ ଅଂତର୍ଭୁକ୍ତ କରିଛଂତି । ଓଡ଼ିଶାର ପଣ୍ଡିତ ମାର୍କଂଡେୟ କବୀଂଦ୍ର (୧୫୬୦-୬୮, ମୁକୁଂଦଦେବଂକ ସମସାମୟିକ) "ପ୍ରାକୃତ-ସର୍ବସ୍ୱ" ଗ୍ରଂଥରେ କହଂତି "ଶାବର୍ଯ୍ୟା । ମେ ବୌଢ଼ୀ ଯୋଗାଭଦେଶ୍ୟ ଶୌରସେନ୍ୟାଦେଃ ।" ଅର୍ଥାତ୍ ଉଡ୍ର ଓ ଶୁରସେନ ଦେଶୀୟ ଶବ୍ଦ ସହିତ ଶାବରୀର ସଂଯୋଗରେ ଔଡ୍ରୀ ବିଭାଷାର ସୃଷ୍ଟି । ଅନ୍ୟାନ୍ୟ ଶାବରୀ ବିଭାଷା ଓ ଔଡ୍ରୀ ବିଭାଷା ପ୍ରାୟ ଏକ ବୋଲି ସେ ଔଡ୍ରୀକୁ ବିଭାଷା ବୋଲି ଧରି ନାହାଂତି । (ପରମାନଂଦ ଆଚାର୍ଯ୍ୟ — ସହକାର, ୧୯୪୩)

ଓଡ଼ିଆ ଭାଷା କପିଳେଂଦ୍ର ଦେବଂକ ସମୟକୁ ଭାଷା-ସାହିତ୍ୟର ମର୍ଯ୍ୟାଦା ଲାଭ କରି ସାରିଥିଲା । କପିଳେଂଦ୍ର ଦେବ ସ୍ୱରଚିତ "ପରଶୁରାମବିଜୟ" ନାମକ ସଂସ୍କୃତ ନାଟକରେ ଏକ ଓଡ଼ିଆ ଭାଷାରେ ରଚିତ ସଂଗୀତ ସନ୍ନିବେଶିତ କରି ଓଡ଼ିଆ ଭାଷାକୁ ରାଜକୀୟ ସ୍ୱୀକୃତି ଓ ସମ୍ମାନ ଦେଇଥିଲେ ।

## ଓଡ଼ିଆ ବର୍ଣ୍ଣମାଳା

ମୌର୍ଯ୍ୟ-ଯୁଗର ଅଶୋକଙ୍କ (ଖ୍ରୀ: ପୂ; ୩୦୦) ଅନୁଶାସନଗୁଡ଼ିକ ବ୍ରାହ୍ମୀ-ଓଡ଼ିଆଲିପିର ବର୍ଣ୍ଣମାଳାରେ ଖୋଦିତ । ଏହି ବ୍ରାହ୍ମୀ-ବର୍ଣ୍ଣମାଳାର ଜନ୍ମ ଓ କ୍ରମବିକାଶ ଖ୍ରୀଷ୍ଟପୂର୍ବ ୧୦୦୦ ଶତାବ୍ଦୀରେ ବୋଲି ବହୁସ୍କଲ୍ ପ୍ରଭୃତିଙ୍କ ମତ । ସଂବଲପୁର ଅଂଚଳ ସମେତ ଏକ ବିଶାଳ ପ୍ରଦେଶରେ ଦ୍ରାବିଡ଼ ଜାତି ବସତି ସ୍ଥାପନ କରି ରହିଥିଲେ ଏବଂ ସେମାନଙ୍କର ପ୍ରବର୍ତ୍ତିତ "ଚିତ୍ରଲିପି" ସେଠାରେ ପ୍ରଚଳିତ ଥିଲା । ଏହି "ଚିତ୍ରଲିପି" ଅତି ପ୍ରାଚୀନ ଥିଲା । ଏହି "ଚିତ୍ରଲିପି'ର ସୈଂଧବ ଉପତ୍ୟକାର ଦ୍ରାବିଡ଼-ଅଧ୍ୟୁଷିତ ଅଂଚଳର ଚିତ୍ରଲିପି ସହିତ ସୌସାଦୃଶ୍ୟ ରହିଛି । ସୈଂଧବ ଚିତ୍ରଲିପି ଏବଂ ବ୍ରାହ୍ମୀ ଅକ୍ଷରମାଳା ମଧ୍ୟରେ କିଛି ସଂବଂଧ ଅଛି କି ନାହିଁ ତାହା ଏ ପର୍ଯ୍ୟଂତ ଅସ୍ପଷ୍ଟ ରହିଥିଲେ ମଧ୍ୟ ଅଧ୍ୟାପକ ଡଃ ଲାଂଗଡନଙ୍କ (Dr. Langdon) ମତରେ ଅଶୋକଙ୍କ ଧର୍ମ-ଲିପିରେ ଯେଉଁ ବ୍ରାହ୍ମୀ ଅକ୍ଷର ବ୍ୟବହୃତ, ସେଥିରୁ ୧୯ଟି ଅକ୍ଷର ସଂଗେ ସୈଂଧବ ଲିପିର ସାମଂଜସ୍ୟ ରହିଛି । * ଡଃ ବ୍ୟୁହ୍ଲର (Dr Buhler ମଧ୍ୟ ଏଥିରେ ଏକମତ । ଅବଶ୍ୟ ଲିଖନ-ପ୍ରଣାଳୀ ଦିଗରୁ ଏ ଉଭୟେ ବିପରୀତ । ସୈଂଧବ-ଲିପି ଡାହାଣରୁ ବାମକୁ ଯାଉଥିଲେ ମଧ୍ୟ ପ୍ରାଚୀନ ବ୍ରାହ୍ମୀ-ଲିପିର ଲିଖନ-ପଦ୍ଧତି ଠିକ୍ ତାହାର ଓଲଟା । ପରିବେଷ୍ଟନୀର ପ୍ରଭାବରେ ଏହି ପରିବର୍ତ୍ତନ ହୋଇଛି ବୋଲି ପଣ୍ଡିତମାନେ କହନ୍ତି ।

ସୈଂଧବ ଲିପି ଓ ବ୍ରାହ୍ମୀ-ଲିପି ମଧ୍ୟରେ ପ୍ରାୟ ଅଢ଼େଇ ହଜାର ବର୍ଷର ଶୂନ୍ୟ-ସ୍ଥାନ କିପରି ପୂରଣ କରିହେବ ? ଏ ଦୀର୍ଘ ସମୟ କଣ ଭାରତବର୍ଷରେ ବର୍ଣ୍ଣମାଳା-ଶୂନ୍ୟ ଯୁଗ ରହିଥିଲା ? ଡଃ ଲାଂଗଡନଙ୍କ ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେନେ ବହୁସ୍କଲ ଓଡ଼ିଶାର ସଂବଲପୁର ଅଂଚଳର ବିକ୍ରମଖୋଲ ନାମକ ସ୍ଥାନରେ ପ୍ରସ୍ତରୋପରେ ଅଂକିତ "ଚିତ୍ରଲିପି" ପ୍ରତି ପଣ୍ଡିତସମାଜର ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଚିତ୍ରଲିପିର କେତେକ ଅଂଶ ସୈଂଧବ-ଲିପି ସଂଗେ ପ୍ରାୟ ସମାନ ଏବଂ ଆଉ କେତୋଟି ଅକ୍ଷର ବ୍ରାହ୍ମୀ-ବର୍ଣ୍ଣମାଳା ସଦୃଶ । ତେଣୁ ଏହା ଉଭୟ ଲିପିର ମଧ୍ୟକାଳୀନ ବୋଲି କହିବା ସଂପୂର୍ଣ୍ଣ ସଂଗତ ବୋଲି ଶ୍ରୀ ସତ୍ୟନାରାୟଣ ରାଜଗୁରୁ ପ୍ରମୁଖ ମନେ କରନ୍ତି । ('ଦିଗଂତ' ପ୍ରବଂଧରୁ)

---

* Mahenjodaro, Vol ii, p. 423

ରେଭେରେଂଡ୍ ହେରସ୍ଂକ (Rev. H Heras) ମତରେ ପ୍ରାକ୍-ବୈଦିକ ଯୁଗରୁ ଭାରତର ପଶ୍ଚିମୋତ୍ତର ସୀମାଂତ ସମେତ ବେଲୁଚିସ୍ଥାନ ପ୍ରଭୃତି ଅଂଚଳରେ ଯେଉଁ ଜାତି ବାସ କରୁଥିଲେ ସେମାନେ "ବ୍ରାହୁଇ" ନାମକ ଏକ ଦ୍ରାବିଡ଼ୀୟ ଭାଷା କହୁଥିଲେ । ସେ ଭାଷା ସଂଗେ ଆଧୁନିକ ଯୁଗର ଦାକ୍ଷିଣାତ୍ୟର ତାମିଲ ଭାଷାର ସାମଂଜସ୍ୟ ବର୍ତ୍ତମାନ (ଏନ୍ନ) । ଅଶୋକଂକ ପରେ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ଆଡ଼କୁ ଭାରତର ବିଭିନ୍ନ ଅଂଚଳରେ ଲିପି ଓ ଭାଷା ମଧ୍ୟରେ ବିଭେଦ ଦେଖାଗଲା । ଗୁପ୍ତଯୁଗ ବେଳକୁ ଏହା ଅଧିକ ସ୍ପଷ୍ଟତର ହେଲା । ଓଡ଼ିଶାରେ ଖାରବେଳଂକ ସମୟକୁ ଯେଉଁ ଲିପି ବ୍ୟବହୃତ ହେଲା ତାହା ଅଶୋକଂକ ସମୟର ଲିପିଠାରୁ କେତେକ ଅଂଶରେ ପୃଥକ । 'ଅକ୍ଷର ଗୁଡ଼ିକର ସରଳରେଖାକୃତି କ୍ରମେ ବକ୍ରତା ଲଭ କରି ଲିପିକାରମାନଂକ ଦ୍ୱାରା ଅଧିକରୁ ଅଧିକ କୁଟିଳାକୃତି ଧାରଣ କଲା । ଭାଷାରେ ମଧ୍ୟ ପରିବର୍ତ୍ତନ ଦେଖାଗଲା । ଓଡ଼ିଶାରେ ବ୍ୟବହୃତ ପ୍ରାକୃତ ଭାଷା ପାଲି ଭାଷାଠାରୁ କେତେକ ପରିମାଣରେ ସ୍ୱତଂତ୍ର ହୋଇପଡ଼ିଲା । କେତେକ ପଂଡିତଂକ ମତରେ ମାଗଧି ପ୍ରାକୃତର ଜନନୀ ରୂପେ ଖାରବେଳଂକ ଉଦୟଗିରି-ଲିପିକୁ ଗ୍ରହଣ କରାଯାଇପାରେ । ଖାରବେଳଂକ ପରେ ଓଡ଼ିଶାରୁ ଯେଉଁ କେତେକ ପ୍ରାକୃତ ଲିପି ମିଳିଛି ତନ୍ମଧ୍ୟରେ ଭଦ୍ରକରୁ ପ୍ରାପ୍ତ ଭଦ୍ରକାଳୀ ମଂଦିର ସନ୍ନିକଟ ଲିପିରେ (ଖ୍ରୀ. ୩ୟ-୪ର୍ଥ ଶତାବ୍ଦୀ) ସେତେବେଳର ପ୍ରଚଳିତ ପ୍ରାକୃତ ଭାଷା ସଂଗେ ଆଧୁନିକ ଓଡ଼ିଆ ଭାଷାର ଥିବା ସଂବଂଧ ଜଣାପଡ଼େ ।' (ଏନ୍ନ) ଡ଼ଃ ଦୀନେଶଚଂଦ୍ର ସରକାର ସେ ଲିପିର ପାଠୋଦ୍ଧାର କରିଛଂତି । ସେଥିରେ ଥିବା 'ଗଣସ' (ଗଣେଶ) 'ଦତ' (ଦତ୍ତ) 'ଦବା' (ଦେବା) ପ୍ରଭୃତି ଶବ୍ଦ ଉଲ୍ଲେଖନୀୟ । *

ଗଂଗବଂଶୀୟ ରାଜା ବଜ୍ରହସ୍ତଦେବଂକର (୯ମ ଶତାବ୍ଦୀ) ଗୋଟିଏ ତାମ୍ର ଶାସନରେ ଓଡ଼-ବିସଇ, ବଦଗଧ (ବଦଗ୍ରଧମ୍) ଇଂଦ-ନଂଦନୋଦୟ (ଇଂଦ୍ର-ନଂଦନୋଦ୍ଵୟମ୍) ପ୍ରଭୃତି ପ୍ରାକୃତ ଶବ୍ଦ ଦେଖିବାକୁ ପାଉଁ । କଳଂଗରେ ଶ୍ୱେତକ-ମଂଡଳରୁ ଗଂଗବଂଶୀ ଇଂଦ୍ରବର୍ମାଂକ ସାନଖିମୁଂଡ଼ିରୁ ପ୍ରାପ୍ତ ତାମ୍ରଶାସନରେ ବହୁ ପ୍ରାକୃତ ଶବ୍ଦ ରହିଛି । ଯଥା : କୁମର (କୁମାର), ଶିଂଗ (ଶୃଂଗ), ମଧେ (ମଧ୍ୟେ), ମଧୁସୋଦନ (ମଧୁସୂଦନ), ଦରଷନ (ଦର୍ଶନ), ଅନସ (ଅଂଶ) *(ଶ୍ରୀ ସଃ ନା ରାଜଗୁରୁ ଓଡ଼ିଆ ଲିପିର କ୍ରମବିକାଶ ଉପରେ ଆଲୋକପାତ କରିଛଂତି ।)

---

* Epigraphia Indica—Vol xxix, P. 169
୧ । ,, ,, ,, ,, P. 165
୨ । Inscriptions of Orissa Vol xxix, p. 280 & p. 372

ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀରେ ଓଡ଼ିଆ ଭାଷାର ରୂପରେଖ ସୁସ୍ପଷ୍ଟ ହେବାର ପରିଲକ୍ଷିତ ହୁଏ । ବାଲେଶ୍ୱର ଜିଲ୍ଲାର ସୋର ନିକଟବର୍ତ୍ତୀ ଗଂଡିବେଡ଼ ନାମକ ଗ୍ରାମରୁ ପ୍ରାପ୍ତ ଏକ ମୂର୍ତ୍ତି ତଳେ ଦୁଇଧାଡ଼ି ଛଂଦୋବଦ୍ଧ ଓଡ଼ିଆ କବିତା ରହିଚି ବୋଲି Orissa Historical Journal Vol iiରୁ ଜଣାପଡ଼େ । ଯଥା—

"ଦେବେ କହି ଭଗତି କରୁଣ—

ଅଛଂତି ଭେ କୁମାରସେଣ" (୧୦ମ—୧୧ଶ ଶତାବ୍ଦୀ) ସଂକ୍ଷେପରେ ଖ୍ରୀ: ୧୦ମ ଶତାବ୍ଦୀ ବେଳକୁ ଓଡ଼ିଶାରେ ଉକ୍ତ ପ୍ରାକୃତ ଭାଷା ସ୍ପଷ୍ଟ ଆକାର ଧାରଣ କରି ଆସୁଥିଲା ବୋଲି ଶ୍ରୀ ରାଜଗୁରୁ କହଂତି ।

## ପ୍ରତ୍ନ-ବଂଗଳା ଲିପି

ଚତୁର୍ଦ୍ଦଶ ଶତାବ୍ଦୀର ଶେଷ ପର୍ଯ୍ୟଂତ ଓଡ଼ିଶାରେ ସର୍ବତ୍ର ବହୁସଂଖ୍ୟାରେ ପ୍ରତ୍ନ-ବଂଗଳା (Proto Bengali) ଲିପିର ଶିଳାଲେଖ ଓ ତାମ୍ରଶାସନ ମିଳେ । କୋଣାର୍କରେ ଉତ୍କୀର୍ଣ୍ଣ ଶିଳାଲେଖରେ ଶତକଡ଼ା ୨୫% ଅକ୍ଷର ପ୍ରତ୍ନ-ବଂଗଳା— ଯଥା ଶ୍ରୀ,କ, ତ ,ଣ, ଇ ପ୍ରଭୃତି କେତୋଟି ଅକ୍ଷର ସ୍ପଷ୍ଟ ଓଡ଼ିଆ ଲିପିର ଆକାର ଗ୍ରହଣ କରିସାରିଥିଲା । ଏହା ଚତୁର୍ଦ୍ଦଶ ଶତକର ଶିଳାଲେଖ (ପ୍ରାଚୀନ ଗଦ୍ୟ-ପଦ୍ୟାଦର୍ଶରେ ଫଟୋଚିତ୍ର ଦ୍ରଷ୍ଟବ୍ୟ) । 'ବରିପଦା'ମ୍ୟୁଜିୟମରେ ସଂରକ୍ଷିତ ବାଲେଶ୍ୱର ଜିଲ୍ଲା ବାସୁଦେବପୁର ଅଂଚଳରୁ ପ୍ରାପ୍ତ ଚୋଡ଼ଗଂଗଦେବଂକ ପୁତ୍ର କାମାର୍ଣ୍ଣବ ଦେବ (୨) (୧୧୪୭-୫୬)ଂକ ଗୋଟିଏ ଶିଳାଲେଖ ଏବଂ ଭୌମ-କର ବଂଶର ଗୋଟିଏ ବୌଦ୍ଧ ଶିଳାଲେଖ (ଅଂଦାଜ ୧୦ମ ଶତାବ୍ଦୀ) ପ୍ରତ୍ନ-ବଂଗଳା ଲିପିରେ ଉତ୍କୀର୍ଣ୍ଣ । ଏ ଦୁଇଟିର ଭାଷା ଯଥାକ୍ରମେ ସଂସ୍କୃତ ଓ ପ୍ରାକୃତମିଶ୍ର ସଂସ୍କୃତ । *ସ୍ପଷ୍ଟ ପୂର୍ଣ୍ଣାଂଗ ଓଡ଼ିଆ ଲିପି କପିଳେଂଦ୍ର ଦେବଂକ ସିମାଚଳମ୍ ଶିଳାଲେଖ ପୂର୍ବରୁ ଆଉ ଦେଖିବାକୁ ମିଳେ ନାହିଁ । ଏଥିରୁ ଏହି ଧାରଣା ହୁଏ ଯେ ପ୍ରାଚ୍ୟ ଭାରତରେ ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟଂତ ପ୍ରତ୍ନ-ବଂଗଳା ଲିପିହିଁ ପ୍ରଚଳିତ ଥିଲା । ଚତୁର୍ଦ୍ଦଶ ଶତାବ୍ଦୀ ପରେ ସ୍ପଷ୍ଟ ଓଡ଼ିଆ ଲିପି ବ୍ୟବହୃତ ହୁଏ ।

---

*୧୯୬୭ ସାଲ ମଇ ସଂଖ୍ୟା ବରିଗଂତ, ଏବଂ ନଭେଂବର ସଂଖ୍ୟା ବରିଗଂତରେ ଏ ଦୁଇଟିର ପାଠ ଓ ଫଟୋଚିତ୍ର ଦ୍ରଷ୍ଟବ୍ୟ । ପାଠୋଦ୍ଧାର କରିଥିଲେ ରାଜ୍ୟ ମ୍ୟୁଜିୟମର କ୍ୟୁରେଟର ଶ୍ରୀ ପ୍ରଶାଂତକୁମାର ରାୟ, ଏମ. ଏ । ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟକୁ ମଧ୍ୟ ଏ ଦୁଇ ଲେଖର ପ୍ଲାଷ୍ଟର ପ୍ରତିଲିପି ଦିଆ ଯାଇଛି ଏବଂ ତାହା ସେଠାରେ ସଂରକ୍ଷିତ ଅଛି ।

## "ପ୍ରତ୍ନ-ବଂଗଳା" ନାମର ଯଥାର୍ଥତା

ପ୍ରଶ୍ନ ହୁଏ, ଏଇ ପ୍ରାଚ୍ୟ ଲିପି ବଂଗଦେଶରେ ଏକଚାଟିଆ ଭାବରେ ପ୍ରଚଳିତ ହେଉ ନଥିଲି । ଆସାମ, ବଂଗଳା, ଓଡ଼ିଶା ପ୍ରଭୃତି ସମସ୍ତ ପୂର୍ବ-ଭାରତରେ ଏଇ ଲିପିର ପ୍ରଚଳନ ଥିଲା । ତଥାପି ବ୍ୟୁହ୍ଲର ସାହେବ ଏହାର 'ପ୍ରତ୍ନ-ବଂଗଳା' ନାମକରଣ କଲେ କାହିଁକି ? ବଂଗୋପସାଗର ତ ଖାଲି ବଂଗଳା ନୁହେଁ, ଓଡ଼ିଶା, ଆଂଧ୍ର, ମାଂଦ୍ରାଜ, ପ୍ରଭୃତି ରାଜ୍ୟର ଉପକୂଳ ଦେଇ ବୋହୁଚି । ମହାବଳ ବାଘ ଖାଲି ସୁଂଦରବନ ନୁହେଁ, ଢେଂକାନାଳ, ଆଠଗଡ଼ ଜଂଗଲ ଏବଂ ଅନ୍ୟଠି ମଧ୍ୟ ରହୁଛଂତି । ତଥାପି ସେମାନଂକର ନାମ ଯଥାକ୍ରମେ Bay of Bengal ଏବଂ Royal Benagl Tiger ହେଲା ପରେ ଏହା ମଧ୍ୟ ଏକପ୍ରକାର ବିଡ଼ଂବନା (anomaly) ଯାହାକୁ ଇଚ୍ଛା କଲେ ମଧ୍ୟ ବର୍ତ୍ତମାନ ଆମେ ବଦଳାଇ ପାରିବା ନାଇ । ଅନେକେ ଏ ଲିପିର ନାମ ପ୍ରତ୍ନ-ଓଡ଼ିଆ ରଖିବାର ପକ୍ଷପାତୀ । ବସ୍ତୁତ ଡଃ କୁଂଜବିହାରୀ ତ୍ରିପାଠୀ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ତାଂକ ଲିଖିତ "ଓଡ଼ିଆ ଅଭିଲେଖ" ପୁସ୍ତକରେ "ପ୍ରତ୍ନ-ଓଡ଼ିଆ ଲିପି" କଥାଟା ବ୍ୟବହାର କରିଛଂତି । ମାତ୍ର ଏହାଦ୍ୱାରା ସମସ୍ୟାର ସମାଧାନ ହେଲା ନାଇ । ଆମେ ପ୍ରତ୍ନ-ଓଡ଼ିଆ କହିଲେ ବଂଗାଳୀ ଓ ଅସମୀୟା ଭାଷୀମାନେ ମଧ୍ୟ ଠିକ୍ ସେଇ ଅଭିଯୋଗ କରିବେ ଯାହା ଆମେ କରୁଛୁଁ । ତାହାଛଡ଼ା ଏ ନାମଟାକୁ ବହୁବର୍ଷବ୍ୟାପୀ ଚଳଣିରୁ ଏପରି ବାଦ୍ ଦେଇ ହେବ ନାଇ, ଠିକ୍ ଯେପରି Bay of Bengalକୁ ଆମେ ଓଡ଼ିଶାରେ ମାନଚିତ୍ର ବା ପତ୍ରିକା-ପୁସ୍ତକ ଆଦିରେ Bay of Orissa କରିଦେଲେ ସମସ୍ୟାର ସମାଧାନ ହୋଇଯିବ ନାଇ । ଏହାକୁ ଆମ ଛଡ଼ା ଆଉ କେହି ଗ୍ରହଣ ବର୍ତ୍ତମାନ କରିବେ ନାଇ ।

ଆଉ କେତେକ ଗବେଷକ ଏହି ପ୍ରାଚ୍ୟ ଲିପିର ନାମ ବଦଳାଇ ପ୍ରୋଟୋ-ନାଗରୀ ବା ପ୍ରତ୍ନ-ନାଗରୀ କରିବାର ବିକଳ୍ପ ପଂଥାକୁ ସମର୍ଥନ କରଂତି । ମାତ୍ର ପ୍ରୋଟୋ-ବେଂଗ । ଅନ୍ୟତମ ପ୍ରାଚ୍ୟ-ଭାଷା ହୋଇଥିବା ସ୍ଥଳେ ନାଗରୀ ଉତ୍ତର ଭାରତୀୟ ଭାଷା ଏବଂ ପ୍ରାଚ୍ୟ ଭାଷା-ଗୋଷ୍ଠୀ ସହିତ ଏହାର ସଂପର୍କ ଦୂରତମ ବୋଲି କୁହାଯାଇପାରେ । ତା'ଛଡ଼ା ଏ ଦୁଇ ଲିପିର ଆକାର ପ୍ରକାର ଭିନ୍ନ । ଦ୍ୱିତୀୟରେ ନାଗରୀ ଲିପିରେ ଇ-କାର ଓ ଏ-କାର ଡାହାଣ ପଟେ ଦିଆଯିବା ସ୍ଥଳେ ପ୍ରତ୍ନ-ବଂଗଳା ଲିପିରେ ଏ ଦୁଇଟିଯାକ ମାତ୍ରା ବାମ ପଟେ ଦିଆଯାଏ । ତେଣୁ ଏହାକୁ ବଦଳାଇ ପ୍ରୋଟୋ-ନାଗରୀ କଲେ ଅସଂଗତି ଆହୁରି ବୃଦ୍ଧି ପାଇବ ଏବଂ ସମସ୍ୟା ଅଧିକ ଜଟିଳ ହେବ ସିନା କମିବ ନାଇ ।

———

# କବିଙ୍କ କାଳ-ନିର୍ଣ୍ଣୟ

ସାରଳାଦାସ ପ୍ରଥମ ଓଡ଼ିଆ ରାଜା ଏବଂ ସୂର୍ଯ୍ୟବଂଶର ସ୍ଥାପୟିତା କପିଳେନ୍ଦ୍ର ଦେବଙ୍କର ସମସାମୟିକ ଥିବା କଥା ତାଙ୍କ ମହାଭାରତରୁ ଜଣାପଡ଼େ । ସେ ଲେଖିଛନ୍ତି—

"କଳିକାଳ ଧ୍ୱଂସନକୁ ଭୋଗ କୋଟି ପୂଜା
ପ୍ରଣମିତେ ଖଟଇ କପିଳେଶ୍ୱର ରାଜା ।"

**କାଳ-ନିର୍ଣ୍ଣୟ**

କପିଳେନ୍ଦ୍ର ଦେବଙ୍କର ଅନ୍ୟ ନାମ କପିଳେଶ୍ୱର ଦେବ ଥିଲା ବୋଲି ଦକ୍ଷିଣ ଭାରତରୁ ମିଳିଥିବା କେତେକ ତାମ୍ରଶାସନରୁ ଜଣାପଡ଼େ । ଖ୍ରୀ. ୧୪୩୫ ଜୁନ୍ ୨୯ ତାରିଖ ବୁଧବାର ଦିନ ତାଙ୍କର ଅଭିଷେକ ହୋଇଥିବା କଥା ଅଭିଲେଖମାନଙ୍କରୁ ମିଳେ । ଦକ୍ଷିଣ ଭାରତରେ ଶାସନ ପରିଦର୍ଶନ କାର୍ଯ୍ୟରେ ଭ୍ରମଣ କରୁଥିବା ବେଳେ କୃଷ୍ଣାନଦୀ କୂଳରେ ସେ ଖ୍ରୀ. ୧୪୬୭ ନଭେମ୍ବର ୨୫ ତାରିଖ ମଙ୍ଗଳବାର ଦିନ ପ୍ରାଣତ୍ୟାଗ କରନ୍ତି । (ଓ. ଇ) ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର କପିଳେନ୍ଦ୍ର ଦେବଙ୍କ ରାଜ୍ୟସୀମା ଉତ୍ତରରେ ଗୌଡ଼ ଦେଶର କେତେକ ଅଂଶରୁ ଆରମ୍ଭ କରି ଦକ୍ଷିଣରେ ତାଞ୍ଜୋର ଜିଲ୍ଲାର ତିରବରୁର ଓ ତ୍ରିଚିନାପଲ୍ଲି ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

**ସମକାଳୀନ ପ୍ରେକ୍ଷାପଟ**

ରାଜସିହ୍ମାସନରେ ବସିବାର ଅବ୍ୟବହିତ ପରେ ସେ ବଙ୍ଗ ଓ ମାଳବର ମୁସଲମାନ ଶାସକମାନଙ୍କ ବିରୋଧରେ ସମରାଭିଯାନ କରି ସେମାନଙ୍କୁ ପରାସ୍ତ କରିଥିଲେ । କୁମାର ହମ୍ବୀର ମହାପାତ୍ର କର୍ଣ୍ଣାଟ ରାଜ୍ୟ ଜୟ କରୁଥିବା ବେଳେ କପିଳେନ୍ଦ୍ରଦେବ ନିଜେ ସୈନ୍ୟବାହିନୀ ଚାଳନା କରି ଶ୍ରୀଶୈଳମ୍ ବା ମଲ୍ଲିକାର୍ଜୁନ କୋଣ୍ଡକୁ ୧୪୫୦ରେ ଅଧିକାର କରିଥିଲେ । ସେ ବିଜୟନଗର ରାଜ୍ୟ ଆକ୍ରମଣ କରିଥିଲେ । ଏବଂ ତାପରେ ରାଜମହେନ୍ଦ୍ରୀ ଅଧିକାର କରି ସେଠାରେ ଶାସନକର୍ତ୍ତା ନିଯୁକ୍ତ କରିଥିଲେ । ସେ ଓଡ଼ିଶାକୁ ବାହମନି ସୁଲତାନଙ୍କ ଆକ୍ରମଣରୁ ରକ୍ଷା କରିଥିଲେ । ଏଇ ପ୍ରେକ୍ଷାପଟରୁ ଅନୁମିତ ହେବ ଯେ ସାରଳା ଦାସ ଏକ ବିସ୍ତୃତି ଓ ସମୃଦ୍ଧିର ପରିବେଶ ମଧ୍ୟରେ କପିଳେନ୍ଦ୍ର ଦେବଙ୍କ ସମକାଳୀନ ଓଡ଼ିରାଷ୍ଟ୍ରର କବି ଥିଲେ । ସେ ନିଜ ଜନ୍ମସ୍ଥାନ ସଂବନ୍ଧରେ ଲେଖିଛନ୍ତି —

ଜଂବୁ ଦ୍ୱୀପ ଭରଥଖଂଡ ମଂଡଳ ଓଡ଼ରାଷ୍ଟ୍ର,
ଭୁବନ ଯାଯନଗ୍ର ପୂର୍ବଦଗ ମହୋଦଧି ତଟ ।
ଶ୍ୱେତବାସ୍ତ ନୀଳକଂଦର ଗିର ମଧ୍ଯ ସ୍ଥାନେ
ମହେଂଦ୍ର ଚଂଦ୍ରଭାଗା କୋଣାର୍କ ଐଶାନେ ।
ସେ ପୁର ବାସ ଯଂକ୍ଷେରପୁର ବାସିନୀ
ଗିରଜାର ଆଜ୍ଞାତରେ ତହିଁରେ ମୁହିଁ ଜନ୍ମ ।" (ବିରାଟପର୍ବ)

## କବି-ପରିଚୟ

ସାରଳା ଦାସ ପୁଣି ଲେଖିଛଂନ୍ତି —

ଝଂକଡ଼ ଯାହାକୁ ପୂର୍ବେ ବାରସ୍ୱଣ୍ଡ ବୋଲି
ଗିରଜାଂକ ଆଜ୍ଞାରେ ମୁଁ ତହିଁ ଜନମିଲି । (ବନପର୍ବ)

ସାରଳା ଦାସଂକ ଜନ୍ମ 'ଜଂଖେରପୁର' ବା କଟକ ଜିଲାର ଆଧୁନିକ ଝଂକଡ ଗ୍ରାମରେ । ସେ ଠିକ୍ କେଉଁ ମସିହାରେ ଜନ୍ମ ହୋଇଥିଲେ ଏବଂ କେବେ ମହାଭାରତ ଲେଖିବା ଆରଂଭ କରିଥିଲେ ତାହା ସଠିକ କହିହେବ ନାଇ ବୋଲି ପଂଡିତ ଗୋପୀନାଥ ନଂଦ ଲେଖିଛଂନ୍ତି । ତେବେ ସେ ଯେ ପ୍ରଥମ ସୂର୍ଯବଂଶୀ ରାଜା କପିଳେଂଦ୍ର ଦେବ ଓରେଫ୍ କପିଳେଶ୍ୱର ଦେବଂକ ସମସାମୟିକ, ଏହା ସେ ନିଜେ ଆଦିପର୍ବରେ ଲେଖିଯାଇଛଂନ୍ତି । କପିଳେଶ୍ୱର ଦେବଂକ ସମସାମୟିକ ବା ଅଳ୍ପ ପୂର୍ବବର୍ତୀ ବହୁ ଐତିହାସିକ ଘଟନା, ସ୍ଥାନ ଓ ରାଜାଂକ ନାମ ତାଂକ ମହାଭାରତରେ ରହିଥିବାରୁ ଏ ସତ୍ୟ ଅଧିକ ଦୃଢ଼ୀଭୂତ ହୁଏ । ମହାଭାରତ ରଚନା କଲବେଳକୁ ତାଂକ ବୟସ କମ୍ ଥିଲା । ଏକଥା ସେ ନିଜେ ଲେଖି ଯାଇଛଂନ୍ତି —

"ଶିଶୁବୁଦ୍ଧି ମୋର ବୟସ ଅଳପଟି ।" (ମଧ୍ଯପର୍ବ)

ତାଂକ ଲିଖିତ ମହାଭାରତ ପଂଡିତ ସମାଜରେ ପ୍ରଥମେ ପ୍ରଥମେ ଯେ ସମାଦୃତ ହୋଇ ନଥିଲା ତହିଁର ସୂଚନା ତାଂକ ନିଜ ଲେଖାରୁ ମିଳେ । ସେ ବହୁ ସ୍ଥାନରେ ନିଜ ରଚନାରେ ନିଜକୁ "ମୂର୍ଖ ମୁହିଁ ଅପଂଡିତ ଶାସ୍ତ୍ରହିଁ ନ ଜାଣେ" ଭଳି ଦୈନ୍ୟ ଭାବରେ ଲେଖିଯାଇଛଂନ୍ତି ।

"ଶ୍ରୀ ଶାରଳା ଚଂଡୀଂକର ସଦା ଅଟେ ଦାସ
ଆଜ୍ଞାରେ ମୁଁ ଶାସ୍ତ୍ର କିଛୁ କରଇ ଅଭ୍ୟାସ ।

ଅପଂଡିତ ମୂର୍ଖ ମୋର ଶାସ୍ତ୍ର ଜ୍ଞାନ ନାହିଁ
ସେ ଯାହା କରଂତି ଆଜ୍ଞା ମୁଁ ତାହା ଲେଖଇ ।" (ବି. ରାମାୟଣ)

... ... ...

ଶୂଦ୍ରମୁନି ସାରଳା ଅଟେ ଚଂଡୀପୁତ୍ର (ସଭାପର୍ବ)

ସାରଳା ଦାସଂକ ଜନ୍ମ ଝଂକଡ଼ ଗ୍ରାମରେ ଏହା ପୂର୍ବରୁ କୁହାଯାଇଛି । ତାଂକର ବଂଶସଂଜ୍ଞା 'ପରିଡ଼ା' ଥିଲି । ସାରଳାଦାସଂକର ବଂଶ ପରିଚୟ ନିଜ ନାମ ଥିଲା ସିଦ୍ଧେଶ୍ୱର । ପରେ ସେ ସାରଳା ଚଂଡୀଂକ ଦାସରୂପେ ନିଜକୁ ସାରଳା ଦାସ ନାମରେ ପରିଚିତ କଲେ । ତାଂକ ବଡ଼ଭାଇଂକ ନାମ ପର୍ଶୁରାମ ପରିଡ଼ା ଥିବା କଥା ସେ ଲେଖିଛଂତି ।

"ଶୂଦ୍ରମୁନି ସିଦ୍ଧେଶ୍ୱର ଦାସ ବୋଲି ନାମ
ଏ କଥାରେ ମୋହର ଗଲା ମତିଭ୍ରମ । (ଆଦିପର୍ବ)

... ... ...

ରାମାୟଣ ବୃତ୍ତାଂତକୁ ନିରଂତରେ ଘୋଷ
ରାମଂକ ଶରଣ ନିତ୍ୟ ସିଦ୍ଧେଶ୍ୱର ଦାସ । (ବି ରାମାୟଣ)

... ... ...

ସେ ଅଗ୍ନି ଦେବତାଂକ ଚରଣେ ସଂଗତ
ଶ୍ରୀ ସିଦ୍ଧ ସାରଳାଦାସ କରେ ପ୍ରଣିପାତ । (ଚଂଡୀପୁରାଣ)

## ସାରଳା ସାହିତ୍ୟ-ବୀକ୍ଷା

ପ୍ରତ୍ୟେକ ସାହିତ୍ୟରେ ପ୍ରାଥମିକ ପର୍ଯ୍ୟାୟ ସ୍ତରରେ ସରଳତା, ସ୍ୱାଭାବିକତା ଏବଂ ନିରଳଂକରଣ (unsophistication) ପ୍ରଭୃତି ଚରିତ୍ର ଦେଖାଯାଇଥାଏ । ସାରଳା ସାହିତ୍ୟ ସେଥିରୁ ବଂଚିତ ନୁହେ । ସାରଳା ଦାସଂକ ମହାଭାରତ ଓଡ଼ିଆ ଭାଷାର ପ୍ରଥମ ପ୍ରାକୃତ କାବ୍ୟ । ଏହା ସଂସ୍କୃତ କାବ୍ୟ କବିତାର ଜଟିଳୀକରଣ ତଥା ଶୈଳୀକରଣରୁ (stylisation) ମୁକ୍ତ । ସାରଳା ଦାସ ଯେ ସଂସ୍କୃତ ଜାଣି ନ ଥିଲେ ତା ନୁହେ । ଯଦିଓ ସେ ଶାସ୍ତ୍ର ପାଠ ନ ଜାଣିଥିବା 'ମୂର୍ଖ ଅଧମ ଶୂଦ୍ର' ବୋଲି ନିଜକୁ ବାରଂବାର ନିଜ ରଚନାରେ କହିଛଂତି ତଥାପି ସେ ସଂସ୍କୃତ ସାହିତ୍ୟରେ ବ୍ୟୁତ୍ପନ୍ନ ଥିଲେ ବୋଲି ତାଂକ ଲେଖାରୁ ବେଶ୍ ଜଣାପଡ଼େ ।

ସାରଳା ଦାସଂକ ଶୈଳୀରେ ପାଉଁ ଏକ ସ୍ୱଚ୍ଛଂଦ ସ୍ରୋତମୟତା ଯାହା ଓଡ଼ିଆ ପ୍ରାକୃତର ସ୍ୱାଭାବିକ ସ୍ୱର-ବିନ୍ୟାସ କରି ରସଧ୍ୱନି ସହ ପାଠକ ଆଗରେ ଏକ

ନିତ୍ୟ ଅଭିନବତ୍ୱର ଚାବି ଖୋଲି ଧରେ । ତାଙ୍କ ଶବ୍ଦହିଁ ତାଙ୍କ ସାହିତ୍ୟର ପ୍ରାଣ । ତାଙ୍କ ବ୍ୟବହୃତ 'ନଗ୍ର' 'ଅଂଧତକାର' 'ବୃକ୍ଷାଂତ', ପ୍ରଭୃତି ଶବ୍ଦ ଏପରି ଏକ ଜଗତ-ଉନ୍ମୋଚନ କରେ ଯାହା ଓଡ଼ିଆ ପ୍ରାକୃତର ନିଜସ୍ୱ ଜଗତ ଏବଂ ଯାହା ଭିତରେ ଓଡ଼ିଆର ଚେତନା ମଗ୍ନ-ଚୈତନ୍ୟର ସଂଧାନ ପାଏ । ତାଂକ ଶବ୍ଦଗୁଡ଼ିକ ମନେହୁଅଂତି ଯେପରି ଓଡ଼ିଶାର ବଣ-ଜଂଗଲ, ନଈ-ନାଲ ଘେରା ଅଂଧକାରର ହ୍ରଦ, ଯାହା ଏକ ଦିଗଂତରୁ ବାହାରି, ବହୁ ପଦା ଅପଂତରା ଡେଇଁ, ଅନ୍ୟ ଦିଗଂତରେ ମିଳାଇ ଯାଏ, ମଝିରେ ଗ୍ରୁଡ଼ିଯାଏ କେତେ ଯୁଗଯୁଗର ଅଜ୍ଞାତ କାହାଣୀ, କେତେ ସ୍ମୃତି, ଉପକଥା ଏବଂ ଭୁଲି-ଅଭୁଲି ଚଲଣିର ଡେଣା-ଝଡ଼ା ପର ଆଉ ଛୁଂଡ଼ା ଲୋମର ଅଂଶ । ଲୋକାସ୍ମୃତରୁ ବାହାରି ସେମାନେ ଲୋକାତୀତକୁ ଛୁଇଁବା ପାଇଁ ଗ୍ରହାଂତି । ଶବ୍ଦକୁ ଗ୍ରୁଡ଼ିଦେଲେ ସାରଳା ଦାସଂକର ଆଉ ଯାହା ରହିଲା ତାହା ହେଉଚି ଏକ ରୂଢ଼ କଠିନ ଆଖ୍ୟାନ ଭାଗ, ବାସ୍ତବ ଅର୍ଦ୍ଧ-ବାସ୍ତବ ନାନା ଚହ୍ଲା-ଅଚହ୍ଲା ମୁହଁର ଭିଡ଼, ଏବଂ ଅତୀତର ବହୁ ଶବଂକୁ ନେଇ ଏକ ତରଂଗାକୁଳ ରକ୍ତ-ନଦୀ ଯାହାକୁ ପାର ହେବା ପାଇଁ ପୁଅର ଶବ ଉପରେ ବାପକୁ ସବାର ହେବାକୁ ହୁଏ—ଯାହା ହେଉଚି ତାର ସାମଂତବାଦୀ ଅଦୃଷ୍ଟର ଚରମ ମୁହୂର୍ତ୍ତ । ଏବଂ ଶେଷରେ ଏ ସମସ୍ତ ପରେ ଆମେ ଯାହା ସାରଳା ମହାଭାରତରେ ପାଉଁ ତାହା ହେଉଚି ଏକ ନିରବଛିନ୍ନ ବିସ୍ତାରର ମାନଚିତ୍ର, ଏକ ଜାତିର ଜୟର ଶୋଭାଯାତ୍ରା—ଯେଉଁଠି ବ୍ୟକ୍ତି ବଡ଼, କିଂତୁ ଜାତି ତାଠାରୁ ମଧ୍ୟ ବଡ଼, ଏବଂ ଯେଉଁଠି ବ୍ୟକ୍ତିମାନସ କହିଲେ କେବଳ ସମାଜର ଉପରସ୍ତରର ମାନସିକତାକୁହିଁ ବୁଝାଏ, ଏବଂ ବ୍ୟକ୍ତି ସମାଜ ସହିତ ଯେଉଁଠି ଏକ ଅଦୃଶ୍ୟ ଲୌହ ଶୃଂଖଳରେ ଆବଦ୍ଧ ।

## ସାରଳା ଦାସଂକ 'ଦାଂଡ଼ି' ବୃତ୍ତ

ସାରଳା ଦାସଂକ ଦାଂଡ଼ି ବୃତ୍ତ ଓଡ଼ିଆ ସାହିତ୍ୟକୁ ତାଂକର ସର୍ବଶ୍ରେଷ୍ଠ ଦାନ । ଏଇ ବୃତ୍ତ କୌଣସି ଧରା-ବଂଧା ଅକ୍ଷର-ନିୟମରେ ଆବଦ୍ଧ ନୁହେଁ । ଏଥିରେ ଆଧୁନିକ ମୁକ୍ତଛଂଦର ଅବାଧ ସ୍ୱଚ୍ଛଂଦ ଗତି ବଜାୟ ରଖାଯାଇପାରେ । ବାକ୍-ଭଂଗୀ ସଂଗେ କାବ୍ୟିକ ଭଂଗୀର ସମନ୍ୱୟ ଘଟାଇ ଏଇ ବୃତ୍ତ ବା ଛଂଦ ନିଜର ବୈଶିଷ୍ଟ୍ୟ ଅକ୍ଷୁର୍ଣ୍ଣ ରଖିଚି । ଏହା ଅକ୍ଷର ବୃତ୍ତରେ ରଚିତ, ଏବଂ ମାତ୍ରା-ବୃତ୍ତର ପ୍ରାଧାନ୍ୟରୁ ମୁକ୍ତ । ଆଧୁନିକ କବିତା ଯେପରି ମାତ୍ରା-ବୃତ୍ତ ପରିହାର କରି ଅଧିକ ବାକ୍‌ଧର୍ମୀ ଛଂଦ ଓ musical metromomeର ଆଶ୍ରୟ ନେଇଚି, ଦାଂଡ଼ି

ବୃତ୍ତରେ ମଧ୍ୟ ସେଇପରି ଏକ ଲୋକାୟତ ଭଂଗୀ ଏବଂ ସଂକୋଚନ-ସଂପ୍ରସାରଣ-ଶୀଳତା ରହିଛି ଯାହା ତା'ର ସମ୍ପୂର୍ଣ ନିଜସ୍ୱ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ଧାଡ଼ି ଧାଡ଼ି ମଧ୍ୟରେ ଅକ୍ଷର ସାମ୍ୟ ନାହିଁ, ଅଥଚ ଯତିପାତ ରହିଛି । ଦାଣ୍ଡି ବୃତ୍ତରେ ଗୋଟିଏ ଧାଡ଼ି ଯଦି ୩୫ କିଂବା ୪୦ ଅକ୍ଷର ବିଶିଷ୍ଟ, ତଳ ଧାଡ଼ିଟି ନଅ ଦଶ କିଂବା କୋଡ଼ିଏ ଅକ୍ଷର-ବିଶିଷ୍ଟ ହୋଇପାରେ । ଭାବପ୍ରକାଶର ଏଭଳି ସ୍ୱାଧୀନତା ପରବର୍ତ୍ତୀ କାଳର ଅଧିକ ସୁସଜ୍ଜିତ (sophisticated) ଛନ୍ଦ ମାନଙ୍କରେ ନାହିଁ । ଦାଣ୍ଡି ବୃତ୍ତରେ ଛନ୍ଦର ଦମ୍ ସମ୍ପୂର୍ଣତା ପାଏ ବକ୍ତବ୍ୟର ଗୋଟିଏ ଗୋଟିଏ ପର୍ଯ୍ୟାୟରେ (strophic unity ରେ) ଏବଂ ଯତି ପଡ଼େ ନିଃଶ୍ୱାସ ମାରିବାର ଛେକ ଅନୁସାରେ—ଯେଉଁ ସମସ୍ତ ଲକ୍ଷଣ ଆଧୁନିକ କବିତାର ମୁକ୍ତ ଛନ୍ଦରେ (Verse libre) ବର୍ତ୍ତମାନ ।

ଯେଉଁମାନେ ଆଧୁନିକ କବିତାର ଗଦ୍ୟଧର୍ମୀ ବାକ୍-ଛନ୍ଦକୁ ଦେଖି ନାକ ଟେକନ୍ତି ଏବଂ ଏହା ପାଶ୍ଚାତ୍ୟରୁ ଆମଦାନୀ କରାଯାଇଛି ବୋଲି କହନ୍ତି, ସେମାନେ ସାରଳା ଦାସଙ୍କ ପ୍ରବର୍ତ୍ତିତ ଦାଣ୍ଡିବୃତ୍ତର ଔଚିତ୍ୟ ସମ୍ବନ୍ଧରେ କିଛି ଜାଣନ୍ତି ନାହିଁ । ଓଡ଼ିଆ ସାହିତ୍ୟରେ ସାରଳା ଦାସ ଯେଉଁ ଦାଣ୍ଡିବୃତ୍ତର ପ୍ରବର୍ତ୍ତନ କରିଥିଲେ ତାହା ତାଙ୍କ ପରବର୍ତ୍ତୀ କାଳର ବଳରାମ ଦାସଙ୍କ ଦାଣ୍ଡି ରାମାୟଣ (ଜଗମୋହନ ରାମାୟଣ) ଏବଂ ବ୍ରଜନାଥ ବଡ଼ଜେନାଙ୍କ 'ଚତୁର ବିନୋଦ' ଏବଂ ଅବଧୂତ ସ୍ୱାମୀଙ୍କ "ରୁଦ୍ରସୁଧାନିଧି"ର ଗଦ୍ୟାଶ୍ରିତ ଛନ୍ଦରେ ଅଧିକ ପରିପୁଷ୍ଟ ହୋଇଛି । ସାରଳା ଦାସଙ୍କ ଦାଣ୍ଡିବୃତ୍ତର ଉଦାହରଣ —

"ଶୁଣି କୋପ କଲା ଧୃତରାଷ୍ଟ୍ରର ବଳା ।
"ରାଗେଣ ବୋଇଲା ରେ କିରାତ, ମ୍ୟେଥୁ ବହନ ହୋଇ ପଳା ।"

[ପ୍ରାଚୀନ ଗଦ୍ୟପଦ୍ୟାଦର୍ଶରୁ]

କିଂବା "ସେ ଜରା କିରାତ ଅନେକ କୋପ କଲା
ସେଇ ଆଖଡ଼ାରୁ ଆପଣା ପଲ୍ଲିକି ବୋଲି ବୃକ୍ଷାନ୍ତ କଟାଇଲା ।
ଆପଣା ପଲ୍ଲିର ଦ୍ୱାରେ ଭିଆଇଲା ଆଖଡ଼ା
ଦ୍ୱାଦଶ ଯୋଜନେ ଥାଇ ସାଧିଲା ମହାବଳା ।

[ ସାରଳା ମହାଭାରତ—ଆଦିପର୍ବ ]

ଏଇ ପଂକ୍ତିଗୁଡ଼ିକ ସାବଲୀଳ ଗଦ୍ୟ-ଧର୍ମୀ ଏବଂ ଅକ୍ଷର-ବୃତ୍ତରେ ରଚିତ ଏବଂ ଏଥିରେ ଅଧିକ ସୁଶୃଂଖଳ ଛନ୍ଦର ଅକ୍ଷର-ନିୟମ ନାହିଁ ।
ଏହା ସଂଗେ "ରୁଦ୍ର ସୁଧାନିଧି"ର ଗଦ୍ୟ-ପଦ୍ୟ ଛନ୍ଦ ତୁଳନୀୟ ।

"ସ୍ନେହମଂତେ ଦେଖି । ଅମୃତ ଲୋଚନେ ନିରେଖି
ଜ୍ଞାନ ବୁଦ୍ଧି ଜାଣି । ଦେବେଂଦ୍ର-ମୁକୁଟମଣି
ମନେ ବିଚାରି ବୋଇଲେ ଦେଖି ଜାଣିମା ନା ଏମାନଂକର
ଅଂତର୍ଗତ ଦୋଷ ।
ଜାଣି ଅଂତର୍ଗତ ଦୋଷ ପରୀକ୍ଷା କରି ମଣିବା ତ ସେ ଯେତେ ବିଚାର ।
ଜଗତପ୍ରଭୁ ନିପୁରୁଷ । ପାର୍ବତୀଂକୁ ହକାରି । ବୋଇଲେ ରସ କଉତୁକ
କରି ।
କର୍ଣ୍ଣ ମୂଳେ ଆଜ୍ଞା ଦେଲେ । ହେ ଶୁଭ ଶାଂକରୀ ଦେବି !
ତୁ ତ ମାୟାସ୍ୱରୂପୀ । ପରମ ମୋହିନୀରୂପୀ ।
ବ୍ରହ୍ମାଦି ତରଣି ପରିଜଂତେ ବାହ୍ୟ ଅଂତରେ ଅଛୁ ବିହ୍ୱଳି ।
ଏ ତୋହର ବିଭ୍ରମ ମାୟାର ଗୁଣ ।
ଏହାଂକର ବୋଧ ଉଦୟ ହୋଇଲା କି ବୁଦ୍ଧି ଅଚଳ ନିର୍ମଳ ପଣ ।
ଏ ଦୁହିଂକ ସୂକ୍ଷ୍ମ ବିଚାର ନିକଟରେ ପକାଇ ତୁଳିଲେ
ଜାଣିବା ନା କାହାର କେତେ ଲଘୁ ପରମାଣିବା .. ।" (ରୁଦ୍ରସୁଧାନିଧି)

ବଡଜେନାଂକ "ଚତୁର ବିନୋଦ"ର ଗୋଟିଏ ଅଂଶ ମଧ୍ୟ ଏଠାରେ ତୁଳନାତ୍ମକ ବିଚାର ନିମଂତେ ଦିଆଯାଇପାରେ—

"ନୀଳଧର ନାମରେ ସେ ରାଜାଂକର ଥିଲେ ଏକ ରାଣୀ ।
ସୁଂଦର ପଣରେ ଯଥା ରଂଭା ବୃକ୍ଷ ଠାଣି ।
ଶଂଖ ସୁଂଦର ନାସା । ମୟୂରକଂଠ ଭାଷା
× × ×
ମୃଦଂଗମୋଟ କଟି ଦଶମାସ ଗର୍ଭ ହେଲା ପରି ।
ବଂଧ୍ୟା ରାଣୀର ବାହାଣଥାଏ ସର୍ବକାଳେ ଥଂଡାଲି ପେଟ ଗୋଟି ।
ବିରଞ୍ଚିକ ଯାକ ସଂପାତ ସଂପାତ ଧନ
ପିତୃଶ୍ରାଦ୍ଧ ଦାନ,
ରାଜା ରାଣୀଙ୍କୁ ଯେନି ଭୁଂଜଂତି ଉଦରଭରି ଅନ୍ନ ।"
(ବ୍ରଜନାଥ ବଡ଼ଜେନା, ୧୭୨୯-୯୫, 'ଚତୁରବିନୋଦ')

କବିସୂର୍ଯ୍ୟ ବଳଦେବ ରଥଂକ ପ୍ରଣୀତ ଗଦ୍ୟ-ପଦ୍ୟ ମିଶ୍ରିତ କାବ୍ୟ "ହାସ୍ୟ-କଲ୍ଲୋଳ" ଯାହା 'ଦିଗଂତ' ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ ପାଇଥିଲା, ଏଇଭଳି ଗଦ୍ୟାଶ୍ରୟୀ ଛଂଦରେ ରଚିତ । କବି ବ୍ରଜନାଥ ବଡଜେନାଂକ ଛଂଦ

ସଂଗେ ମୋର 'ପାଂଡୁଲିପି' ଓ "ଅଭିଜ୍ଞାନ" ପ୍ରଭୃତିରେ ସଂକଳିତ କବିତାଗୁଡ଼ିକର ଛଂଦର ଅସଂଭବ ସାମଂଜସ୍ୟ ଦେଖି ପଂଡିତ ନୀଳକଂଠ ଦାସ ସେତେବେଳେ (୧୯୪୩-୪୪) ତାଂକ "ନବଭାରତ" ପତ୍ରିକାରେ ଗୋଟିଏ ସଂପାଦକୀୟ ଲେଖି ମୋ କବିତାର ଛଂଦ ସଂଗେ ଦାଂଡିବୃତ୍ତ ଏବଂ 'ଚତୁର ବିନୋଦ' ଛଂଦର ତୁଳନା କରି ମୋ ପ୍ରବର୍ତ୍ତିତ ବାକ୍‌ଛଂଦ ଓଡ଼ିଶାର ପ୍ରାଚୀନ ପରଂପରାରୁ ବିଚ୍ଛିନ୍ନ ନୁହେଁ ବୋଲି ପ୍ରତିପାଦିତ କରିଥିଲେ ।

ଦାଂଡିବୃତ୍ତର ସଂକୋଚନ-ପ୍ରସାରଣଶୀଳ କ୍ଷମତା ତାକୁ ଆଧୁନିକ କରିଛି, ଆମ ଯୁଗର ନିକଟବର୍ତ୍ତୀ କରିଛି । ଯେଉଁମାନେ କଥା କଥାକେ କହିବାରେ ଅଭ୍ୟସ୍ତ ଯେ ଆଧୁନିକ କବିତାର ସବୁ କିଛି ପାଶ୍ଚାତ୍ୟରୁ ଆମଦାନୀ କରା, ସେଇ ସ୍ୱଳ୍ପଜ୍ଞମାନେ ଦାଂଡିବୃତ୍ତ ସଂଗେ ଆଧୁନିକ କବିତାକୁ ତୁଳନାତ୍ମକ ଦୃଷ୍ଟିରେ ପଢ଼ିଲେ ନିଜ ଭ୍ରମ ବୁଝି ପାରିବେ । ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସଂପାଦିତ ଶୁଦ୍ଧ ସାରଳା ମହାଭାରତ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ସଂପ୍ରତି ପ୍ରକାଶ ପାଇଛି । ସେଥିରୁ ଦାଂଡିବୃତ୍ତର କେତୋଟି ଦୃଷ୍ଟାଂତ ଦିଆଗଲା :—

୧ । "ଶ୍ରୀ ନିରଂଜନ ପାଦେ ନତ ମସ୍ତକ
କୁଂଜଗଳ ଦେଶ ହସ୍ତିନା କଟକ । ୨୭ ।
ଦୁର୍ଯୋଧନ ଗ୍ରାମୁକୁ ଅଗ୍ୟାଂ ଶ୍ରୀମୁଖ । ଶ୍ରୀହସ୍ତ ପଦକ ସଂତକ । ୨୮ ।
ଶାଂବ କୁମର ତୁଲେ ତୋହର ଦୁହିତା ଚଂଦ୍ରାବତୀକି ଘେନି ।
ବହନ ହୋଇ ତୁ କରିଛିବୁ ଦ୍ରୁଶନ । ୨୯ ।
ନଇଲେ ନଉଚେତ ଧୁଶାସନ । ଦୁର୍ଜୟ ଦୁର୍ବିଂଦ ଜଦ୍ୟାରଥ କର୍ଣ୍ଣ । ୩୦ ।
ଭୂରିସବା ବାହ୍ଲିକ ଭୀଷ୍ମ ଦ୍ରୋଣ ଶକୁନି
ସ୍ୱେ ସ୍ୱେଗାର ଅକ୍ଷଉଣୀ ବଳ ଘେନି । ୩୧ ।
ପଟୋଦ୍ୱାରେ ସାବଧାନ ଥିବୁ ।
ନୋହିଲେ ତୁ ଆସି ମୋର ତୁଲେ ସମର କରିବୁ । ୩୨ ।
କେତେ ଗାଢ଼ କେତେ ଯୁଝିବ । ୩୩ ।
ଦେଖିବାକୁ ପୁଣ ।
ନ ଜାଣୁ କି ଶାଂବ କୁମର କାହାର ନଂଦନ ।" । ୩୪ ।

(ମଧ୍ୟପର୍ବ । ୨ୟ ଖଂଡ)

୨ । "ଶୁଣ ହୋ ବଇବସୁତ ବଦଂତି ଅଗସ୍ତି
ନାରଦଂକୁ ଆଗରେ ପଠିଆଇ ଦ୍ୱାରକାରୁ ବାହାର
ହୋଇଲେ ଶ୍ରୀକୃଷ୍ଣ ହଳପତି" । ୪୮ ।
"ଆଠ ଚଳବାରୁ ଦେଖି ନିଦଣେ ବିଷାଦ
ନାରଦେ ବୋଇଲେ ଯେତେଥେ ଆସି ପଡ଼ିଲା ପରମାଦ ।" । ୪୯ ।
(ମଧ୍ୟପର୍ବ, ୨ୟ ଖଣ୍ଡ)

୩ । "ସୋଦର ନ ମାନ ଯେ ଯେତେମଂତେ କଲୁ ତୁ
ଦେବଲୋକେ ନାଗଲୋକେ ମାନବଲୋକେ କେହି
ତୋତେ ନ ପୂଜଂରୁ ।" । ୭୦ । (ଏକନ)

୪ । "ଶୁଣ ହୋ ମନୁଷ୍ୟେ ବଦସ୍ୟଂତି ଅଗସ୍ତି
ସାବଧାନ ହୋଇ ଶୁଣ ମଧ୍ୟପର୍ବ ଖଣ୍ଡ । ୪୬ ।
ତୁ ଯେ ପଚ୍ଚରିଲୁ ମୋତେ ନକୁଳ କୋଂତମୁନେ ପୃଥିବୀ ଧାରଣ ପ୍ରସ୍ତାବ ।
ଯେତେକ ମନେ ଶୁଣ ବାବୁ ମୁଁ କହଇ ଭିନ୍ନଂର ଯେ ଭାବ ।" ୪୭ ।
(ମଧ୍ୟପର୍ବ, ୨ୟ ଖଣ୍ଡ, କୁଂଭ ଦୈତ୍ୟ ବଧ)

ସାରଳା ମହାଭାରତର ଶୁଦ୍ଧ ପାଠ ସହ ବଜାରେ ମିଳୁଥିବା ପୁସ୍ତକର ଆକାଶ ପାତାଳ ତଫାତ ଦେଖାଯାଏ । ସାରଳା ଦାସଂକ ଐତିହାସିକ ଦାଂଡ଼ିବୃତ୍ତ ଛାପା ପୁସ୍ତକମାନଂକରେ ତାର ଅସ୍ତିତ୍ୱ ହରାଇ ବସିଛି ।

ବଜାର ସଂସ୍କରଣ

ତାଂକର ମୌଳିକ ଦାଂଡ଼ିବୃତ୍ତକୁ କାଟଛାଂଟ କରି ପ୍ରକାଶକମାନେ ସବୁଠି ସମାନ ଭାବରେ ଚଉଦ-ଅକ୍ଷରୀ ବୃତ୍ତରେ ପରିଣତ କରିଛଂତି । ସେମାନେ ଦାଂଡ଼ିବୃତ୍ତର ମୂଳଧର୍ମ ବୁଝି ନ ପାରି ତା ଉପରେ ମନଇଚ୍ଛା କତୁରି ଚଲାଇ ଯାଇଛଂତି । ଏହାଠାରୁ ବଳି ଦୁର୍ଭାଗ୍ୟ ଓ ବିଡ଼ଂବନାର ବିଷୟ ଆଉ କଣ ହୋଇପାରେ ?

୧୯୨୭ ଖ୍ରୀଷ୍ଟାବ୍ଦରେ କଟକର ଏକ ପ୍ରେସରୁ ପ୍ରକାଶିତ ସାରଳା ମହାଭାରତର ତୃତୀୟ ସଂସ୍କରଣରେ ପ୍ରକାଶକଂକ ସାନ ଭାଇ ସାରଳା ଦାସଂକ ମୂଳ ଲେଖାକୁ କାଟଛାଂଟ କରି କିପରି ବାହାଦୁରି ଦେଖାଇଛଂତି ତାହା ତାଂକର ନିମ୍ନଲିଖିତ ବଚନିକାରୁ ଜଣାପଡିବ, ଯାହାକୁ ପୁଣି ସେ "ସଂଶୋଧକର ନିବେଦନ" ଶୀର୍ଷକ ଦେଇ ପୁସ୍ତକ ଶେଷରେ ଛାପିଛଂତି ।

ଅକ୍ଷର ନିୟମ ମଧ୍ୟ କାହିଁ ନ ପାଇଲି ।
ଅଡ଼ୁଆ ପାଳ ପଦ୍ୟେ ସମ୍ବନ୍ଧ ଦେଖିଲି ॥

କାହିଁ ଚଉଦ, ପଂଦର ଅବା ବଂଶ ବିଂଶ ।
ଏ ରୂପେ ଅକ୍ଷର ତହିଁ ହୋଇଚ ବିନ୍ୟାସ ॥
ଶ୍ରୀ ସାରଳା ଦାସଂକର ନୁହେ ଏ ବିଧାନ ।
ଅଯୋଗ୍ୟ ଲେଖକ ଦୋଷେ ଘଟିଛି ଏମାନ ॥
ଆଉ କାର ଦୋଷ ନାହିଁ ସେମାନଂକ ଛଡ଼ା ।
କେବଳ ଏ କରିଛଂତି ଆଂବକୁ ଆଂବଡ଼ା ॥
× × × ×
ଶିରୋନାମା ତ ତହିଁରେ ନ ମିଳଇ କାହିଁ ।
ଲେଖା ହୋଇଚ କେବଳ ଦାଂଡିମାଲ ହୋଇ ॥
ପ୍ରଥମରେ କରିଅଛୁ ଅକ୍ଷର ବିନ୍ୟାସ ।
କାହିଁ ଚଉଦ ପଂଦର କାହିଁ ବିଂଶବିଂଶ ॥
ଏପରି ସ୍ଥଳରେ ପୁଣି କାହିଁ ଯତି ଅଛୁ ।
ଆଠ ଛଅ ନିୟମରେ ମୁଁ ଯତି ରଖିଛୁ ॥"

ଏଇପରି ସାରଳା ଦାସଂକ ଅନବଦ୍ୟ ଲେଖନୀ-ନିସୃତ ଦାଂଡିବୃତ୍ତର ଅମୂଲ୍ୟ ସଂପଦମାନ ଜଣେ ଅନାଡ଼ି ପ୍ରକାଶକଂକ କୁରାଢ଼ି ଚୋଟରେ ଆଖି ପିଛୁଳାକେ କୁଆଡ଼େ ଉଡିଯାଇଚ ଏବଂ ତା ସ୍ଥାନରେ ଦେଖା ଦେଇଚ ୧୪-ଅକ୍ଷରୀ ସମାନ ଧାଡ଼ିଯୁକ୍ତ "ସଂଶୋଧିତ" ପାଠ, ଯାହାକୁ ଅର୍ଦ୍ଧଶତାବ୍ଦୀ ଧରି ଏ ଜାତି ପାଠ କରି ଆସୁଚ । ଏଇ 'ସଂଶୋଧନ' ଦ୍ୱାରା ଓଡିଆ ଜାତି ଓ ଓଡ଼ିଆ ସାହିତ୍ୟର ଯେ କେତେ ବଡ଼ କ୍ଷତି ଏଇ ସଂପାଦକ-ପ୍ରକାଶକମାନେ କରିଯାଇଛଂତି ତାହା ସେମାନେ ନିଜେ ବୁଝି ପାରିନାହାଂତି ।

## ସାରଳା ମହାଭାରତରେ ଐତିହାସିକ ସ୍ଥାନ ଓ ଘଟନାବଳୀ

ସାରଳା ଦାସଂକ ସମୟରେ ଓଡିଶା ସାମ୍ରାଜ୍ୟର ସୀମା ଗଂଗାଠାରୁ କାବେରୀ ପର୍ଯ୍ୟଂତ ଏବଂ ପୂର୍ବ ଉପକୂଳରୁ ଓ୍ୱାରଂଗଲ ପର୍ଯ୍ୟଂତ ବିସ୍ତୃତ ଥିଲା । ସାରଳା ମହାଭାରତରେ ଏପରି ବହୁ ଐତିହାସିକ ଘଟନାବଳୀ ଏବଂ ବ୍ୟକ୍ତି, ସ୍ଥାନ ଓ ଆଖ୍ୟାୟିକା ଓଡିଆ ରୂପାଂତର ମାଧ୍ୟମରେ ଦେଖିବାକୁ ପାଉଁ ଯାହା ତାଂକର ସମସାମୟିକ କିଂବା ପୂର୍ବବର୍ତ୍ତୀ ଐତିହାସିକ ଘଟନାବଳୀର ସଂକେତ ଓ ପୂର୍ବାପର୍ଯ୍ୟ ବହନ କରେ । ଏଥିରୁ ସେ କପିଳେଶ୍ୱର ଦେବଂକ ସମସାମୟିକ ଥିଲେ ବୋଲି ନିଶ୍ଚିତ ଭାବରେ ଜଣାପଡ଼େ ।

କୋଂଡବଡ଼ୁ ଗୁଂଟୁର ଜିଲାର ନରସ ରାଓ ତାଲୁକରେ ଅବସ୍ଥିତ । ଗୁଂଟୁରଠାରୁ ଏହା ୩ ମାଇଲ ଦୂର । କୋଂଡବଡ଼ୁ ବା କୁଂଡୀନଗରକୁ ସାରଳା ଦାସ କୁଂଡାବେଧୀ ନାମରେ ମଧ୍ୟ ଉଲ୍ଲେଖ କରିଛଂତି । ଯେଉଁ ରେଡ୍ଡି ରାଜ୍ୟକୁ କପିଳେଶ୍ୱର ଦେବ ଜୟ କରି ଦାକ୍ଷିଣାତ୍ୟରେ ତାଂକର ସାମ୍ରାଜ୍ୟ ବିସ୍ତାରର ମୂଳଦୁଆ ପକାଇଥିଲେ ତାହା କୃଷ୍ଣା ଓ ଗୋଦାବରୀ ନଦୀର ଉର୍ବର ଅବବାହିକାରେ ଅବସ୍ଥିତ ଏକ ସମୃଦ୍ଧିଶାଳୀ ରାଜ୍ୟ । କୋଂଡବଡ଼ୁ ଥିଲା ତାର ରାଜଧାନୀ ଏବଂ ମାହେଂଦ୍ରନଗର ବା ରାଜମାହେଂଦ୍ରି ଥିଲା ତା'ର ଦ୍ୱିତୀୟ ରାଜଧାନୀ ।

କୁଂଡୀନଗର

କୁଂଡୀନଗର ମାହେଂଦ୍ରନଗର ଆବର
ଜଳ ଅଜଳ ଦେଶ ଯେ ପୃଥିବୀହିଁ ମଂଦାର । ( ଆଦି ପୃ-୭୧ )

୧୪୫୮ ଖ୍ରୀଷ୍ଟାବ୍ଦ ବେଳକୁ କପିଳେଶ୍ୱର ଦେବ କୋଂଡବଡ଼ୁ ବିଜୟନଗର ରାଜାଂକଠାରୁ ଜୟ କରିଥିଲେ । ଏଇଠାରୁହିଁ ତାଂକର ଦାକ୍ଷିଣାତ୍ୟ ସାମ୍ରାଜ୍ୟର ଆରଂଭ ହୁଏ । ଏଇଠାରୁ କପିଳେଶ୍ୱର ଦେବ ବେଲମମାନଂକ ସାହାଯ୍ୟରେ ତେଲେଂଗାନାର ନାଲଗୋଂଡା ଜିଲାରେ ଅବସ୍ଥିତ ବିଖ୍ୟାତ ଦେବରକୋଂଡା ଦୁର୍ଗ ଅଧିକାର କରିଥିଲେ । ଏଇ କୋଂଡବଡ଼ୁରୁ ଗଜପତି ସାମ୍ରାଜ୍ୟର ଆରଂଭ ହୋଇଥିଲା ପୁଣି ଏଠାରେହିଁ ୧୫୧୪ ଖ୍ରୀଷ୍ଟାବ୍ଦରେ ପ୍ରତାପରୁଦ୍ରଦେବଂକ ସମୟରେ ତା'ର ପତନ ହେଲା । ବିଜୟନଗର ସମ୍ରାଟ କୃଷ୍ଣଦେବ ରାୟ ଓଡ଼ିଶା ଅଧିକୃତ ନେଲ୍ଲୋର ଜିଲାର ଉଦୟଗିରି ଦୁର୍ଗ ଅଧିକାର କରିବା ପରେ ଅଡ୍ଡଂକି, ବିଣୁକୋଂଡା ବେଲମକୋଂଡା, ନାଗାର୍ଜୁନକୋଂଡା, କେତବର୍ମନ, ନଂଦେଗଦ ଆଦି ଦୁର୍ଗରୁ ଓଡ଼ିଆ ସୈନମାନଂକୁ କ୍ରମାଗତ ତଡ଼ି ଦେଇଥିଲେ । ଶେଷରେ ସେମାନେ କୋଂଡ଼ବଡ଼ୁ ଦୁର୍ଗରେ ସମବେତ ହେବାକୁ ଲାଗିଲେ । ମାତ୍ର ବିଜୟନଗର ବାହିନୀ ତାହା ଅବରୋଧ କରି ଓଡ଼ିଆ ବାହିନୀର ମୂଳପୋଛ କରି ଦେଇଥିଲେ । ସାରଳା ଦାସ କିଂତୁ କୋଂଡ-ବଡ଼ୁର ପତନ ବେଳକୁ ବଂଚିନଥିଲେ ।*

‘ଝଂକାର’—୨୨ଶ ବର୍ଷ, ୫ମ ସଂଖ୍ୟା ଡଃ କୃଷ୍ଣଚଂଦ୍ର ପାଣିଗ୍ରାହୀଂକ ପ୍ରବଂଧରୁ ।
Further Sources of Vijayanagara History, Vol. p 203-205, ଦ୍ରଷ୍ଟବ୍ୟ

ସାରଳା ଦାସ ନିଜ ମହାଭାରତରେ ବଙ୍ଗଦେଶର ପାଲ ବଂଶର ରାଜା ଧର୍ମପାଳଙ୍କ କଥା ଉଲ୍ଲେଖ କରିଛନ୍ତି । ସେନ୍ ରାଜବଂଶର ବଲ୍ଲାଳସେନ ମାଳେନ୍ଦ୍ରୀ (ବେଲ୍ଲାଲସେନ), ଲକ୍ଷ୍ମଣସେନ (ମଂଗଲସେନ) ଓ ତାଙ୍କ ପୁତ୍ର କେଶବସେନଙ୍କ ନାମ ଉଲ୍ଲେଖ କରିଛନ୍ତି । ଲକ୍ଷ୍ମଣସେନ ବଖ୍ତିଆର ଖିଲିଜୀ ଦ୍ୱାରା ଆକ୍ରାନ୍ତ ଓ ପରାସ୍ତ ହୋଇ ପୂର୍ବବଙ୍ଗରେ ଥିବା ବିକ୍ରମପୁରକୁ ତାଙ୍କ ରାଜଧାନୀ ଉଠାଇ ନେଇଥିଲେ । ଉତ୍ତରବଙ୍ଗର ପ୍ରାଚୀନ ନାମ ଥିଲା ବରେନ୍ଦ୍ରୀ । କିନ୍ତୁ ସାରଳା ଦାସ ତାକୁ ମାଳେନ୍ଦ୍ରୀରେ ପରିଣତ କରିଛନ୍ତି । (ଏକନ୍ନ) କବି ବିଜୟନଗର ସାମ୍ରାଜ୍ୟକୁ ମଲ୍ଲିକାମଣ୍ଡଳ ନାମରେ ଲିପିବଦ୍ଧ କରିଛନ୍ତି । ବିଜୟନଗରର ସମ୍ରାଟ ମଲ୍ଲିକାର୍ଜୁନଙ୍କୁ ମଲ୍ଲିକାମଣ୍ଡଳ କପିଳେଶ୍ୱର ଦେବ ପରାସ୍ତ କରିଥିଲେ । ସେ ମଲ୍ଲିକାର୍ଜୁନଙ୍କ ନାମ ଏକାଧିକ ବାର ସିଧାସଳଖ ଏବଂ ଅର୍ଥାନ୍ତରରେ ଉଲ୍ଲେଖ କରିଛନ୍ତି । ତାଙ୍କୁ ହତ୍ୟା କରି ତାଙ୍କ ଖୁଡ଼ୁତା ପୁଅ ଭାଇ ବିରୂପାକ୍ଷ ୧୪୬୫ରୁ ୧୪୮୫ ପର୍ଯ୍ୟନ୍ତ ରାଜା ହୋଇଥିଲେ । ତାଙ୍କ ନାମ ମଧ୍ୟ ସାରଳା ଦାସ ସିଧାସଳଖ ଭାବେ ଲେଖିଛନ୍ତି —

ଅନ୍ଧକ ବଂଶର ରାଜା ନାମ ବିରୂପାକ୍ଷ<br>
ତାହାଙ୍କେ ଖଟନ୍ତି ଭୁଲେ କ୍ଷତ୍ରୀ ନବଲକ୍ଷ । (ଆଦି, ପୃ୪୪)

ଏଇପରି (ଉଦୟଗିରି ନେଲୋର ଜିଲ୍ଲା) ଚନ୍ଦ୍ରଗିରି, କାଞ୍ଚି ପ୍ରଭୃତିର ବାରମ୍ବାର ଉଲ୍ଲେଖ ସାରଳା ମହାଭାରତରେ ମିଳେ । ୧୪୬୨-୬୩ ଖ୍ରୀଷ୍ଟାବ୍ଦ ମଧ୍ୟରେ କପିଳେଶ୍ୱର ଦେବଙ୍କ ପୁତ୍ର ହମ୍ବୀରଦେବ ଏଇ ଦୁର୍ଗଗୁଡ଼ିକ ଜୟ କରି ଓଡ଼ିଶା ସାମ୍ରାଜ୍ୟକୁ କାବେରୀ ପର୍ଯ୍ୟନ୍ତ ବଢ଼ାଇ ଦେଇଥିଲେ । ହମ୍ବୀରଙ୍କର ଗୋଟିଏ ଶିଳାଲେଖ ବିଂଚନାପଲ୍ଲୀ ନିକଟସ୍ଥ ଶ୍ରୀରଙ୍ଗମ୍ ମନ୍ଦିର ଗାତ୍ରରେ ଏବେ ସୁଦ୍ଧା ବିଦ୍ୟମାନ ଅଛି । (ଏକନ୍ନ) ଏ ଗୁଡ଼ିକ ଛଡ଼ା ଶୈରମଣ୍ଡଳ ପ୍ରଭୃତିର ଉଲ୍ଲେଖ ମଧ୍ୟ ସାରଳା ଦାସ କରିଛନ୍ତି । ତାମିଲଭାଷୀ ଅଞ୍ଚଳର କାବେରୀ ମୁହାଣଠାରୁ ତେଲୁଗୁଭାଷୀ ଅଞ୍ଚଳ ନେଲୋର ପର୍ଯ୍ୟନ୍ତ ସମୁଦ୍ର ଉପକୂଳ କରମଣ୍ଡଳ ନାମରେ ବିଦିତ । ଏଇ ଅଞ୍ଚଳ ପୂର୍ବେ ଚୋଳମାନଙ୍କ ଦ୍ୱାରା ଶାସିତ ହେଉଥିବାରୁ ଚୋଳମଣ୍ଡଳ କୁହାଯାଉଥିଲା । ସାରଳା ଦାସ ଏସବୁର ଉଲ୍ଲେଖ କରିଛନ୍ତି —

ବ୍ରହ୍ମମଣ୍ଡଳ ଆବର ଶୋଣିତମଣ୍ଡଳ<br>
ଚୋଳମଣ୍ଡଳ ମେରୁମଣ୍ଡଳ ସୁତଳ । (ଆଦି)

× × ×

କରମଂଡଳ ରାଜ୍ୟରେ ପ୍ରବେଶ ହୋଇଲେ
ମେଢ଼ର ଭିତରେ ନେଇ କନ୍ୟାକୁ ଥୋଇଲେ । (ମଧ୍ୟପର୍ବ)

ସଭାପର୍ବରେ ପଶ୍ଚିମ ଦିଗ୍‌ବିଜୟ ବୃତ୍ତାଂତରେ ପଶ୍ଚିମ ସୋମନାଥ ଓ ଶିବ ସାଗରଠାରୁ ସେ ଯାତ୍ରା ଆରଂଭ କରିଥିଲେ ବୋଲି ବୁଝାଯାଉଛି । (ଏଜନ)

**ଶିବ ସମୁଦ୍ର** — ଏହା ଆନ୍ଧ୍ର ଦେଶର ଶ୍ରୀକାକୋଲ ଜିଲାର ମୁଖଲିଂଗମ୍ । ଏଠାରେ ଗଂଗ ରାଜତ୍ୱ କାଳରେ ନିର୍ମିତ ସୋମେଶ୍ୱର ମନ୍ଦିର ଅଛି ଏବଂ ମୁଖଲିଂଗେଶ୍ୱର ମନ୍ଦିର ନିକଟରେ ଶିବସାଗର ପୁଷ୍କରିଣୀ ଅଛି । ସୁଦୂର ଦକ୍ଷିଣରେ କୋଇଂବାଟୁର ଜିଲାର କଲେଗାଲ ନିକଟରେ ମଧ୍ୟ ଗୋଟିଏ ଶିବ ସମୁଦ୍ର ଅଛି ଏବଂ ତା ପାଖରେ ସୋମେଶ୍ୱର ସ୍ୱାମୀଙ୍କ ମନ୍ଦିର ଅଛି । (Epigraphia Indica, Vol. vii p 18—

**ମାନସାନଂଦ** — ଏହା ପୂର୍ବ ଜୟପୁର ଷ୍ଟେଟର ରାଜଧାନୀ ନଂଦପୁର । ଏହା ଶିଳାହାର ରାଜାମାନଂକ ରାଜଧାନୀ ଥିଲା ବୋଲି ବିଦ୍ୟାଧର ସିଂହଦେଓଂକ Nandpur, Part 1ରୁ ଜଣାଯାଏ । କବିଂକ ବିଷ୍ଣୁପ୍ରସାଦ ନଦୀ ହୁଏତ ବଂଶଧାରା ନଦୀ । ମାତ୍ର ନଂଦପୁର ସିଲେରୁ ନଦୀ ନିକଟରେ ଅବସ୍ଥିତ, ବଂଶଧାରା କୂଳରେ ନୁହେ । (ଡଃ ପାଣିଗ୍ରାହୀ) ।

**କରଣ ପର୍ବତ** / **କୁର୍ମ ପର୍ବତ** — ଏଠାରେ ଶ୍ରୀ କୁର୍ମ ମନ୍ଦିର ଅଛି । ଗଂଗବଂଶୀ ଓ ସୂର୍ଯ୍ୟବଂଶୀ ରାଜାମାନଂକର ବହୁ ଶିଳାଲେଖ ଅଦ୍ୟାପି ରହିଛି । ଏହା ଶ୍ରୀକାକୋଲଠାରୁ ପ୍ରାୟ ୧୦ ମାଇଲ ଦୂର । ମନୋହର ଦେଶ ଓ ମୋହନ ଦେଶ ନାମରେ ସାରଳା ଦାସ ଶ୍ରୀକାକୋଲ ଓ ଗୋଦାବରୀ ନଦୀର ମଧ୍ୟବର୍ତ୍ତୀ ଅଂଚଳକୁ ଅଭିହିତ କରିଛଂତି । ମହାଭାରତ ଯୁଗରୁ ଏହା ସେଇ ନାମରେ ପରିଚିତ ହୋଇ ଆସୁଛି ବୋଲି ଏନ୍. ଏଲ୍. ଦେଂକ Geographical Dictionary, p 247 ରୁ ଜଣାପଡ଼େ । (ଏଜନ) । ପଦ୍ମଦଳ ନାମରେ ସେ ପୂର୍ବତନ ସାରଂଗ ଗଡ଼ରେ ଅବସ୍ଥିତ ପଦ୍ମପୁରକୁ ବୁଝାଇଛଂତି । ଚେଦୀଦେଶ (ବୁଂଦେଲଖଂଡ—G. D ପୃ ୪୮) ବା ଆଧୁନିକ ମଧ୍ୟପ୍ରଦେଶ, ନୈଋତ ଦେଶ ବା ଗୈଖାର ଦେଶ ନାମରେ ମୁସଲମାନ ରାଜ୍ୟ ବା ଭଲ ଘୋଡ଼ା ମିଳୁଥିବା ରାଜ୍ୟର ଉଲ୍ଲେଖ କରିଛଂତି । ଏଇପରି ଭାବେ ଉଜାଣି-କାଂତ (ମୋରାଦାବାଦ ଉତ୍ତରକୁ କାଶୀପୁର ନିକଟସ୍ଥ ଉଜ୍ଜୟିନୀ ଦୁର୍ଗ), କାଶୀହର ଉଦ୍ୟାନ (ହରଦ୍ୱାର), ଡହୁଡଦେଶ (ଡହ୍ରୀ)—ଯେଉଁଠି ପଂଚଧାରା

ନଦୀ ସଂଚସଗ ପର୍ବତରୁ ବୋହି ଆସୁଚ ; ସୁଗ୍ରାମଂଡଳ (ଦିଲ୍ଲୀ-ମିରଟ ଅଂଚଳ), କୌଶିକନଗର (କାନ୍ୟକୁବ୍‌ଜ ବା ଆଧୁନିକ କାନପୁର), ବେଲ୍ଲାଲ ଦେଶ ବା ବେଲ୍ଲବଲୀପୁର (ବଂଗଦେଶର ରାଜା ବଲ୍ଲାଳସେନଂକ ନାମାନୁସାରେ କେତେ-ବେଳେ ସମଗ୍ର ବଂଗଳା ଦେଶକୁ, କେତେବେଳେ ବା ଏହାର ଅଂଶବିଶେଷକୁ ସାରଳା ଦାସ ବର୍ଣ୍ଣନା କରିଛଂନ୍ତି ।), କାନ୍ୟକା ଦେଶ (କର୍ଣ୍ଣାଟ ଦେଶ) କାଉଁରୁଦେଶ (ଆସାମର ଗୌହାଟି ଅଂଚଳ), କରବୀର ଦେଶ (ବିଜୟନଗର ସାମ୍ରାଜ୍ୟ), କୋଶଳଦେଶ (ଜବଲପୁର, ରାୟପୁର, ସମ୍ବଲପୁର, ସୋନପୁର ପ୍ରଭୃତି ଅଂଚଳ), ଜଂବୁକବନ (ରାଜସ୍ଥାନର ପୁଷ୍କର ହ୍ରଦ ଓ ଆବୁ ପାହାଡ଼ ମଧ୍ୟବର୍ତ୍ତୀ ଅଂଚଳ), ଯମୁନାପୁର (ଯୋନପୁର), ଭଂଗଦେଶ (ଦ୍ୱାରଭଂଗା), ଏକଚକ୍ରା (ଉତ୍ତର ପ୍ରଦେଶର ଏଟବାଠାରୁ ୧୬ ମାଇଲ ଦକ୍ଷିଣ-ପଶ୍ଚିମକୁ, G D ପୃ ୫୯), କଳନ୍ତ ବା କଳନ୍ତି ରାଜ୍ୟ, ଦିଲ୍ଲୀ-ମିରଟର ମଧ୍ୟବର୍ତ୍ତୀ ଅଞ୍ଚଳ ସିଂଧୁ-ମଂଦାର (ପଶ୍ଚିମବଂଗ), ରଣସ୍ତଂଭପୁର (ରାଜସ୍ଥାନ ଜୟପୁର ଅଂଚଳର ରଂଥଂବୋର ଦୁର୍ଗ), ହେମଗିରି କେଦାରଭବନ (ଗଡ଼ବାଲର କେଦାରନାଥ ଅଂଚଳ) ମଧ୍ୟ ସାରଳା ଦାସ ଏକାଧିକବାର ଉଲ୍ଲେଖ କରିଯାଇଛଂନ୍ତି । *

ଏହାଛଡ଼ା ବହୁ ଦେଶର ଉଲ୍ଲେଖ ସାରଳା ଦାସ କରିଛଂନ୍ତି । ଯଥା :—

କଳିଂଗଦେଶ (ସଂକୀର୍ଣ୍ଣ ଅର୍ଥରେ ମୁଖଲିଂଗମ ବା କଳିଂଗନଗର ଓ କଳିଂଗପତ୍ତନ ଥିବା ଅଂଚଳ । ଆଧୁନିକ ଶ୍ରୀକାକୋଲ ଓ ବିଶାଖାପତ୍ତନ ଜିଲ୍ଲାକୁ ହିଁ ବୁଝାଉଥିଲା ଯାହାର ପ୍ରଶାସନିକ ନାମ ଥିଲା କଳିଂଗ ଦଂଡପାଟ ।

ଚୂଡ଼ଂଗଦେଶ (ଗଂଗବଂଶ ସ୍ଥାପୟିତା ଅନଂତବର୍ମା ଚୋଡ଼ଗଂଗ ଯେଉଁଠୁ ଆସିଥିଲେ) କାବେରୀ ରାଜ୍ୟ, କାଂଚନଗ୍ର, ବିଜୟନଗ୍ର, ତୁଂଗଭଦ୍ରା, ଦଂଡପା, ଶ୍ୟାମ ସାର୍ଘନଗର, ରାମେଶ୍ୱର, ସେତୁବଂଧ ସୁବେଳଗିରି ପ୍ରଭୃତି ଅଂଚଳର ଉଲ୍ଲେଖ ପାଉଁ । ମହେଂଦ୍ରଦେଶ, ସିଂଧୁଦେଶ, ବିରାଳ ନକ, ଚଂଦ୍ରଚୂଡ଼, ବୃଂଦାଅର୍କ ଏ ପର୍ଯ୍ୟଂତ ଚିହ୍ନିତ ହୋଇ ପାରିନାହିଁ । ଦୁଂଧଭିନଗ୍ର (ରାଜସ୍ଥାନର ଜୟପୁର ନିକଟସ୍ଥ ଅଂବର ସହର, G. D. ପୃ ୫୭) ଭୋଜସେନ ଦେଶ (ଭୋଜଦେଶ – କୃଂତୀ ଭୋଜ ପଂଡୁ-ପତ୍ନୀ କୁଂତୀଂକ ଜନ୍ମସ୍ଥାନ) କଣମଂଜଳ (ଆଧୁନିକ ଭାଗଲପୁର), ମିଥିଳାଦେଶ (ଦରଭଂଗା), ନୀଲେଂଦ୍ରୀ ବା ବରେଂଦ୍ରୀ ଦେଶ (ଅବିଭକ୍ତ ବଂଗର ରାଜସାହି, ବୋଗ୍ରା, ଦିନାଜପୁର ଆଦି ଉତ୍ତରାଂଚଳ), ହସ୍ତୀକାଳନଗ୍ର ଓ ମଧୁମାତଂଗ ଦେଶ (ପୂର୍ବ-

*ଝଂକାର—୨୨ ବର୍ଷ-୧୨ଶ ସଂଖ୍ୟା—ଡଃ କୃଷ୍ଣଚଂଦ୍ର ପାଣିଗ୍ରାହୀ ।

ବଂଗର ରାଜା ହରିକାଳଦେବ ଓ ମଧୁମଥନ ଦେବଂକ ନାମାନୁସାରେ ସାରଳା ଦାସ କରିଛଂତି) ।

ଗାଂଧାରଦେଶ, (ପଶ୍ଚିମ ପଂଜାବ—ବର୍ତ୍ତମାନ ପାକିସ୍ତାନର ଉତ୍ତର-ପଶ୍ଚିମ ସୀମାଂତ) ଚଉଘୁର ନଗ୍ର (ଅଂଗଦେଶର ଚଂପାପୁର—ଆଧୁନିକ ଭାଗଲପୁର-ମୁଂଗେର ଅଂଚଳର ରାଜଧାନୀ ଥିଲା)

ଓଡ଼ିଶାକୁ ମଧ୍ୟ କବି 'ମନୋହର ଦେଶ' ନାମରେ କେଉଁଠି ବର୍ଣ୍ଣନା କରିଛଂତି ।

ମନୋହର ଦେଶ

ସେ ଏ ଦେଶର ବିପୁରେଶ୍ୱର ରାଜା କପିଳାସବାସୀଂକୁ ପୂଜା କରିଥିବା କଥା ଲେଖିଛଂତି । ଏଥିରୁ କପିଳେଶ୍ୱର ଦେବଂକ ଓଡ଼ିଶା ହିଁ ବୁଝାଉଚି । ସେଥିରେ ଥିବା କପିଳାସ ତୀର୍ଥ, ଯାମନାକ ତୀର୍ଥ, ଏକାମ୍ର ତୀର୍ଥ ଇତ୍ୟାଦିର ବର୍ଣ୍ଣନା ମଧ୍ୟ ସାରଳା ଦାସ କରିଛଂତି । (ଏକନ୍) ସେଥିରୁ ଓଡ଼ିଆ ବୋଲି ଜଣାଯାଏ ।

ସାରଳା ମହାଭାରତରେ ଐତିହାସିକ ତଥ୍ୟ ଦେବାକୁ ଯାଇ ଅଧ୍ୟାପକ ଡଃ କୃଷ୍ଣଚଂଦ୍ର ପାଣିଗ୍ରାହୀ କେତେଗୁଡ଼ିଏ ମୂଲ୍ୟବାନ ପ୍ରବଂଧ "ଝଂକାର" ପତ୍ରିକାରେ ପ୍ରକାଶ କରିଛଂତି ! ମାତ୍ର ତାଂକୁ ଏଥିପାଇଁ କେତେକ ଗବେଷକ ପଂଡିତମାନଂକ-ଠାରୁ ବହୁ ସମାଲୋଚନା ଓ ବାଧାର ସମ୍ମୁଖୀନ ହେବାକୁ ହୋଇଚି । ଏ ସଂବଂଧରେ ଡଃ ପାଣିଗ୍ରାହୀ ଗଭୀର ଦୁଃଖର ସହିତ ଯାହା ଲେଖିଛଂତି ତାହା ତଳେ ଦିଆଗଲା :—

"ମୋ ଆଲୋଚନାର ତୀବ୍ର ନିଂଦା ଓ ପ୍ରତିବାଦ ହେଲା । × × × ଏମାନଂକ ମତରେ ସାରଳା ସାହିତ୍ୟର ରଚନାକାଳ ନବମ ଶତାବ୍ଦୀ ବା ଏକାଦଶ

ନକଲ ଗବେଷକ

ଶତାବ୍ଦୀ ହେବ । ମୁଁ ଏହି ସାହିତ୍ୟକୁ ଓଡ଼ିଶା ସାମ୍ରାଜ୍ୟର ସ୍ଥାପୟିତା କପିଳେଶ୍ୱରଂକ ସମୟକୁ ଟାଣି ଆଣି ଓଡ଼ିଆ ସାହିତ୍ୟ ତଥା ଓଡ଼ିଆ ଜାତିର ଟେକ କମାଇ ଦେଇଚି । କହିବା ବାହୁଲ୍ୟ ଯେ ମୁଁ କେବଳ ଏ ସାହିତ୍ୟକୁ ପଂଚଦଶ ଶତାବ୍ଦୀରେ ସ୍ଥାନ ଦେଇ ନାହିଁ । ପଂଡିତ ଗୋପୀନାଥ ନଂଦଶର୍ମା, ପଂଡିତ ମୃତ୍ୟୁଂଜୟ ରଥ, ମନମୋହନ ଚକ୍ରବର୍ତ୍ତୀ, ଡଃ ହରେକୃଷ୍ଣ ମହତାବ୍, ଡଃ ମାୟାଧର ମାନସିଂ, ଶ୍ରୀ ପ୍ରଭାତ କୁମାର ମୁଖର୍ଜି, ଡଃ ବଂଶୀଧର ମହାଂତି, ଶ୍ରୀ ସୁରେଂଦ୍ର ମହାଂତି ପ୍ରଭୃତି ସାରଳା ଦାସଂକୁ ପଂଚଦଶ ଶତାବ୍ଦୀର କବି ବୋଲି ସ୍ଥିର କରିଛଂତି । ଏଇ ସାହିତ୍ୟରେ ଯେଉଁ ଐତିହାସିକ ଓ ଭୌଗଳିକ ଉପାଦାନମାନ ଅଛି ମୁଁ ତା'ର ବିଶ୍ଳେଷଣ କରିଛି ମାତ୍ର ।"

'ସାରଳା ଦାସ ନବମ ବା ଏକାଦଶ ଶତାବ୍ଦୀର କବି ହୋଇ ନ ପାରନ୍ତି । ସେ ଯେ କପିଳେଶ୍ୱର ଗଜପତିଙ୍କ ( ଖ୍ରୀ: ୧୪୩୫—୧୪୬୭ ) ସମସାମୟିକ ଥିଲେ, ଏହା ତାଙ୍କ ସାହିତ୍ୟର ବହୁ ପ୍ରମାଣରୁ ପ୍ରତିପାଦିତ ହେଉଛି । ଏହି ଗଜପତିଙ୍କ ନାମ ସାରଳା ମହାଭାରତର ଆଦ୍ୟପର୍ବରେ ଉଲ୍ଲେଖ ରହିଛି; ତାଛଡ଼ା ଏହାଙ୍କ ସମସାମୟିକ ବହୁ ରାଜାଙ୍କ ନାମ, ବହୁ ଭୌଗଳିକ ନାମ ଓ ବହୁ ଘଟନା ଏହି ମହାଭାରତରେ ସ୍ଥାନ ପାଇଛି । ଭାଷା ଦୃଷ୍ଟିରୁ ବିଚାର କଲେ ମଧ୍ୟ ନିଃସନ୍ଦେହରେ ପ୍ରମାଣିତ ହୁଏ ଯେ ସାରଳା-ସାହିତ୍ୟ ଭାରତରେ ମୁସଲମାନ ଆଧିପତ୍ୟ କାଳରେ ସୃଷ୍ଟି ହୋଇଥିଲା । ଏଥିରେ ବହୁ ମୁସଲମାନୀ ଶବ୍ଦ ( ଆରବୀ ଓ ଫାରସୀ ଶବ୍ଦ ) ବ୍ୟବହୃତ ହୋଇଛି, ଯଥା କମାଣ, ହୁକୁମ, ମଇଦାନ, ସାହା, ତୋପ, ଅଲମାରୀ, ନଜର, ଦରକାର, ଆତର ( ଆରବୀ ଇତ୍ର ), ବଜାର, ଫଉକାର ( ଆରବୀ ଫଉକ୍-ସୈନ୍ୟ ), ଜାଗିର, ହଜାର, ଘୋଡ଼ା ( ଫାରସୀ ଘୁଡ଼ା ) । ସାରଳା ଦାସ ସାହିତ୍ୟ ସୃଷ୍ଟି କଲାବେଳକୁ ମୁସଲମାନମାନେ ଅଢ଼େଇଶହ ବର୍ଷ ଧରି ଭାରତରେ ସେମାନଙ୍କର ସାର୍ବଭୌମ କ୍ଷମତା ପ୍ରସାର କରି ସାରିଥିଲେ । ଏଣୁ ଓଡ଼ିଶା ସ୍ୱାଧୀନ ଥିଲେହେଁ ଏତେଗୁଡ଼ିଏ ମୁସଲମାନୀ ଶବ୍ଦ ଆମ ଭାଷା ଭିତରେ ପ୍ରବେଶ କରିଯାଇଥିଲା ।" ଶେଷରେ ଡଃ ପାଣିଗ୍ରାହୀ ଲେଖିଛନ୍ତି ସେମାନେ ତାଙ୍କୁ ଅନ୍ତତ ସାରଳା ମହାଭାରତର ଶୁଦ୍ଧପାଠ ବାହାରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଉପଦେଶ ଦେଇଥିଲେ ।

ସାରଳା ଦାସ ଯେଉଁ ଯେଉଁ ରାଜ୍ୟ ମହାଭାରତ ଯୁଦ୍ଧରେ ଯୋଗ ଦେଇଥିଲେ, ସେମାନଙ୍କର ନାମ ବର୍ଣ୍ଣନା କରିବାକୁ ଯାଇ ଉଦ୍‌ଯୋଗ ପର୍ବରେ ଲେଖିଛନ୍ତି :—

ଗୌଡ଼ ଗର୍ଜନ ତହୁଡ଼ି ଭୋଟାନ ମହ୍ଲାର
କାମାକ୍ଷି ବଙ୍ଗଳା ଆଉ ବେଲବଳପୁର
କ୍ଷୀର ମାଳବ ଗୁଂଜର ପୁଣିହିଁ ସୌରାଷ୍ଟ୍ର
କାଶୀ କଉଶିକ କୁବ୍‌ଜ ଆଉ ମହାରାଷ୍ଟ୍ର
ଛତ୍ର ବିଛତ୍ର କୋଶଳପୁର ବାରସ୍ତି
ନେପାଳ ଅରବିନ୍ଦ ଯେ ରାଜା ଗୌଡ଼ ଇନ୍ଦ୍ର ।

ଗୌଡ଼—ଗୌଡ ସଙ୍କୀର୍ଣ୍ଣ ଅର୍ଥରେ ବଙ୍ଗଦେଶକୁ ବୁଝାଉଥିଲା । ମାତ୍ର ବ୍ୟାପକ ଅର୍ଥରେ ଏହା ପାଞ୍ଚଟି ରାଜ୍ୟକୁ ବୁଝାଉଥିଲା । ରାଜତରଙ୍ଗିଣୀରେ ଏଇ ପଞ୍ଚଗୌଡ଼ର ନାମ ରହିଛି— ବଙ୍ଗ, ସାରସ୍ୱତ (ପୂର୍ବପଞ୍ଜାବ) କାନ୍ୟକୁବ୍‌ଜ

(ଗଂଗା ଅବବାହିକା), ମିଥିଳା (ଉତ୍ତର ବିହାର), ଓ ଉତ୍କଳ (ଉତ୍ତର ଓଡ଼ିଶା) କେବଳ ସାରଳା ଦାସ ବ୍ୟାପକ ଅର୍ଥରେ ଗୌଡ଼ ଶବ୍ଦ ବ୍ୟବହାର କରି ପଂଜାବ, ଉତ୍ତର ଭାରତ, ବିହାର ଓ ଓଡ଼ିଶାର ଅଂଶବିଶେଷକୁ ମଧ୍ୟ ଏଥିର ଅଂତର୍ଭୁକ୍ତ କରିଛଂତି ।

ମୋଟ ଉପରେ ଏଇ ଛଅ ଧାଡ଼ି ମଧ୍ୟରେ ସେ ପ୍ରାଗ୍ ମୁସଲମାନ ଯୁଗୀୟ ଉତ୍ତର ଭାରତର ଏକ ଭୌଗଳିକ ଚିତ୍ର ପ୍ରଦାନ କରି ଯାଇଛଂତି । ସେ ଗାର୍ଜନ ନାମଟି ବ୍ୟବହାର କରି ପଶ୍ଚିମ ପଂଜାବ ଓ ଉତ୍ତର-ପଶ୍ଚିମ ସୀମାଂତ ପ୍ରଦେଶକୁ ଅଂତର୍ଭୁକ୍ତ କରିଗଲେ । ଏହା ପ୍ରକୃତରେ ଗଜନୀ ସାମ୍ରାଜ୍ୟର ଅଂଶ ଥିଲା । ଏଭଳି ପ୍ରାୟ-ସଂପୂର୍ଣ ଭୌଗଳିକ ଚିତ୍ର ମହାଭାରତ-ଯୁଗରେ ନ ଥିଲା । (ଏକ୍ସ)

ସେ ଯାହାହେଉ, ସାରଳା ଦାସ ଯେ ପଂଚଦଶ ଶତକର ଶେଷାର୍ଧର କବି ଏବଂ ସୂର୍ଯବଂଶର ସ୍ଥାପୟିତା ଗଜପତି କପିଳେଂଦ୍ର ଦେବଂକ ସମସାମୟିକ, ଏଥିରେ କୌଣସି ସଂଦେହ ନାଇ । ତଥାପି ଦୁର୍ଭାଗ୍ୟର ବିଷୟ ଯେ ଜୟଦେବ ଓ ଭଂଜ କବିଂକ ପରି ସେ ମଧ୍ୟ ଆମ ଦେଶର ନକଲି ଗବେଷକଂକ ହାତରୁ ନିସ୍ତାର ପାଇ ନାହାଂତି । ତାଂକୁ ମଧ୍ୟ ସ୍ଥାନ-କାଳ ନେଇ ବହୁତ ଟଣା ଓଟରା କରାଯାଇଚି ଏବଂ ନବମ କିଂବା ଏକାଦଶ ଶତାବ୍ଦୀକୁ ଠେଲି ନେଇ (ଯେତେବେଳେ କି କୌଣସି ଭାରତୀୟ ଭାଷା-ସାହିତ୍ୟର ଜନ୍ମ ହୋଇନଥିଲା) ଲୋକରେ ଉପହସିତ କରାଇବା ପାଇଁ ଚେଷ୍ଟା କରାଯାଇଚି ।

## କାବ୍ୟ-ପରିବେଶ

ସାରଳା ଦାସ ଓଡ଼ିଆ ଭାଷାରେ ମହାଭାରତ, ଚଂଡୀପୁରାଣ ଓ ବିଲଂକା ରାମାୟଣ ପ୍ରଭୃତି ରଚନା କରି ଓଡ଼ିଆ ପ୍ରାକୃତର ଭିତ୍ତିସ୍ଥାପନ କରିଗଲେ । ତାଂକ ପୂର୍ବସୂରୀ-ମାନେ କାବ୍ୟ, କବିତା, ନାଟକ, ଅଲଂକାର ଗ୍ରଂଥମାନ ସଂସ୍କୃତ ଭାଷାରେ ରଚନା କରୁଥିଲେ । ଓଡ଼ିଆ ଭାଷାରେ ଲେଖିବା ପାଇଁ ଉଚ୍ଚଶ୍ରେଣୀର ପଂଡିତମାନଂକ ମଧ୍ୟରେ ଆଗ୍ରହ ବା ଉତ୍ସାହ ନ ଥିଲା । ଓଡ଼ିଶାରେ ବହୁ ଭାରତବିଖ୍ୟାତ ସଂସ୍କୃତ କବି-ଆଲଂକାରିକମାନଂକର ଜନ୍ମ ହୋଇଥିଲା ଏବଂ ସଂସ୍କୃତ ସାହିତ୍ୟକୁ ସେମାନଂକର ଦାନ ଚିରସ୍ମରଣୀୟ ହୋଇ ରହିବ । ଏଇ ଲେଖକମାନଂକ ଭିତରେ "ଏକାବଳୀ" ନାମକ ବିଖ୍ୟାତ ଅଲଂକାର ଗ୍ରଂଥର ପ୍ରଣେତା ଗଂଗବଂଶୀ ରାଜା ନରସିଂହ ଦେବଂକ (୧୩ଶ ଶତାବ୍ଦୀ) ସଭାପଂଡିତ ବିଦ୍ୟାଧରଂକ ନାମ ଉଲ୍ଲେଖଯୋଗ୍ୟ । "ସାହିତ୍ୟ ଦର୍ପଣ"

ନାମକ ବିଖ୍ୟାତ ଅଲଂକାର ଗ୍ରଂଥର ରଚୟିତା ବିଶ୍ୱନାଥ କବିରାଜ (୧୪୦୫-୧୪୩୫ ସମୟର ଗଂଗବଂଶୀ ରାଜା ନିଃଶଂକ ଭାନୁଦେବଂକ ସାଂଧିବିଗ୍ରହିକ), ଏବଂ "ପ୍ରାକୃତ ସର୍ବସ୍ୱ" ନାମକ ପ୍ରାକୃତ ବ୍ୟାକରଣ ପ୍ରଣେତା ପୁରୀଜିଲ୍ଲା ବୀରପ୍ରତାପପୁର ଶାସନର ମାର୍କଂଡେୟ ଦାସ (୧୬ଶ ଶତାବ୍ଦୀ) ବିଶେଷ ଉଲ୍ଲେଖନୀୟ । ବିଶ୍ୱନାଥ କବିରାଜଂକ "ସାହିତ୍ୟ ଦର୍ପଣ" ସମଗ୍ର ଭାରତରେ ଏକ ପ୍ରମାଣିକ ଅଲଂକାର ଶାସ୍ତ୍ରର ମର୍ଯ୍ୟାଦା ଲଭ କରିଚି । ମୁକୁଂଦଦେବଂକ ସମୟରେ (୧୫୫୮-୬୮) ରଚିତ 'ପ୍ରାକୃତ ସର୍ବସ୍ୱ' ମଧ୍ୟ ଏକ ପ୍ରାମାଣିକ ଗ୍ରଂଥ ।

ଏହାଛଡ଼ା ନାରାୟଣ ଦାଶ (ଗଂଗବଂଶୀ ନରସିଂହଦେବ ୧ମଂକ ସମ-ସାମୟିକ)ଗୀତଗୋବିଂଦର 'ସର୍ବାଂଗସୁଂଦରୀ' ଟୀକା ପ୍ରଣୟନ କରିଥିଲେ । ଚାଂଦ୍ରଶେଖର ଦାଶ (୧୪ଶ ଶତକ) 'ଭାଷାର୍ଣବ' ଓ 'ପୁଷ୍ପମାଳା' ନାମକ ଦୁଇଟି ଉଚ୍ଚକୋଟୀର ସଂସ୍କୃତ ଗ୍ରଂଥ ରଚନା କରିଥିଲେ । ଚଂଡୀଦାଶ (୧୩ଶ ଶତାବ୍ଦୀ) 'କାବ୍ୟ ପ୍ରକାଶ" ଉପରେ "କାବ୍ୟପ୍ରକାଶ ଦୀପିକା" ନାମକ ଟୀକା ରଚନା କରିଥିଲେ ।

**କପିଳେଶ୍ୱର ଦେବ**

ସାରଳା ଦାସଂକ ସମସାମୟିକ କପିଳେଶ୍ୱର ଦେବ ବା କପିଳେଂଦ୍ର ଦେବ ନିଜେ "ପରଶୁରାମ ବିଜୟ" ନାମକ ଖଂଡିଏ ନାଟକ ସଂସ୍କୃତରେ ଲେଖି ସେଥିରେ ଏକ ଓଡ଼ିଆ ସଂଗୀତ ସନ୍ନି-ବେଶିତ କରିଥିଲେ । କପିଳେଂଦ୍ର ଦେବହିଁ ପ୍ରଥମ ଓଡ଼ିଆ ରାଜା । ଓଡ଼ିଶାର ମାଟି, ଓଡ଼ିଆ ବାଙ୍ମୟ ସଂଗେ ତାଂକର ସଂପର୍କ ରକ୍ତଗତ ଥିଲା । ତେଣୁ ସାରଳା ଦାସ ଯେ ତାଂକ ରାଜତ୍ୱରେ ଓଡ଼ିଆ ଭାଷାରେ ସାହିତ୍ୟ ରଚନା କରିବାକୁ ପ୍ରେରଣା ପାଇଥିବେ ଏହା ସଂପୂର୍ଣ ସ୍ୱାଭାବିକ ।

ସେଇ ପ୍ରଥମେ ପରଂପରା ଭଂଗ କରି ଓଡ଼ିଆ ଭାଷାରେ ବଡ ବଡ଼ କାବ୍ୟମାନ ରଚନା କରି ଓଡ଼ିଆ ପ୍ରାକୃତର ମୂଳଦୁଆ ପକାଇ ଗଲେ । ଏଇ ଦୃଷ୍ଟିରୁ ସେ ସମଗ୍ର ଓଡ଼ିଆ ଜାତିର ନମସ୍ୟ ।

## ସାରଳା ମହାଭାରତରେ ମୂଲ୍ୟବୋଧ

ବୀରତ୍ୱର ଲଢେଇ (Gallantry ଓ Chivalry) ଏବଂ ସ୍ୱାମୀ-ଧର୍ମ (*Nobless oblige*) ଯାହା ସାମଂତବାଦର ମୂଳ ଆତ୍ମିକ ତତ୍ତ୍ୱ ତାହାହିଁ ଥିଲା ସମଗ୍ର ସାରଳା ସାହିତ୍ୟର ଅଂତଃସ୍ୱର । ବୀରତ୍ୱ ଏବଂ ଲଢେଇ ତାଂକ ମହାଭାରତର

**ବୀରତ୍ୱର ଲଢ଼େଇ**

ପ୍ରଧାନ କଥା । ସାରଳା ଦାସ ବୀରତ୍ୱ ଏବଂ ଯୁଦ୍ଧର ଯେପରି ସୁଂଦର ପ୍ରାଣବଂତ ବର୍ଣନା କରି ଯାଇଛଂତି ତା'ର ପଟାଂତର କ୍ୱଚିତ୍

ଦେଖାଯାଏ । ଏଇ ଯୁଦ୍ଧ ଅନେକ ସମୟରେ blood feud ବା ରକ୍ତ-ସଂପର୍କୀୟ-ମାନଂକ ମଧ୍ୟରେ ସ୍ୱାର୍ଥର ସଂଘର୍ଷ ଯୋଗୁ ଘଟିଥିଲା । ଅନ୍ୟ ସମୟରେ ଏହା ନାରୀ ପାଇଁ ଲଢ଼େଇ । ବୈରଦେଶୀୟ ସାମଂତତଂତ୍ରର ଏକ ପ୍ରଧାନ ଆର୍ଥିକ ଗୁଣ । ସେଥି-ପାଇଁ ନୂଆ ନାରୀ ହରଣ କାହାଣୀର ଅବତାରଣା ସାରଳା ମହାଭାରତରେ କରାଯାଇଛି—ଯାହା ମୂଳ ମହାଭାରତରେ ନାହିଁ । ସେ ବିଷୟ ପରେ କହିବୁଁ ।

"ମଂଦର ମାଡ଼ି ଯେସନ୍ତେ ବସଇ ଭୁମବଂତ
ସେହି ରୂପେ ଭୀମ ବକ୍ଷ ସ୍ଥଳେ ବସଇ ଦୈତ୍ୟ ।" (ବନପର୍ବ)

କିଂବା, "ବିକ୍ରମ ସିଂହକୁ ଜିଣି ଦୁଇ ମହାବଳ
କ୍ରୋଧେ ପିଠାପିଠି ହେଲେ ଠିଆ ହୋଇ ଭଲ ।
ଅଧରେ ରଦନ ଚାପି ରେରେକାର କରି
ଦୁହେଁ ଧରାଧରି ହୋଇ ହେଲେ ମରାମରି ।
ଦୁହେଁ ଦୁହିଂକର ଝଂଡା ବୁଲାଂନ୍ତି ଆମଂଚ
ଦୁଇ ରଣଷଂଢ ଯାଂନ୍ତି ଯୁଝେ ପଥ ଘଂଚ ।" (କର୍ଣ୍ଣପର୍ବ)

ଭାରତୀ ତାଂକ କବିତାର ଛନ୍ଦେ ଛନ୍ଦେ ଫୁଟି ଉଠିଛି । ସେ ମୂଳ ମହା-ଭାରତରେ ଥିବା ଘଟନା ଓ ଚରିତ୍ରରେ ବହୁ ପରିବର୍ତ୍ତନ ସାଧନ କରିଛଂନ୍ତି । ଶଲ୍ୟ ପର୍ବରେ ଶଲ୍ୟ ଯୁଧିଷ୍ଠିରଂକୁ ରଥରୁ ଟାଣି ଆଣି ଗୋଟିଏ ଚାପୁଡ଼ା ମାଇଲେ । ଏଥିରେ ଯୁଧିଷ୍ଠିରଂକ ଆଖିରୁ କ୍ରୋଧରେ ଅଗ୍ନି ନିସୃତ ହେବାରୁ ଶଲ୍ୟ ସେ ଅଗ୍ନିରେ ଜଳି-ଗଲେ ।

ଯୁଧିଷ୍ଠି ବୋଇଲେ ମାମୁ ଜଳିଲୁ ଜଳିଲୁ ।
ଜଳୁ ଜଳୁ ବୋଲି କହୁଁ ଶଲ୍ୟ ଜଳିଗଲୁ ।

ମୂଳ ମହାଭାରତୀୟ ଚରିତ୍ର ଓ ଆଖ୍ୟାନଗୁଡ଼ିକୁ ସେ ଓଡ଼ିଶାର ଲୌକିକ ରଂଗରେ ରଂଜିତ କରି ସୃଷ୍ଟି କରିବାରେ ଅଦ୍ଭୁତ ଦକ୍ଷତା ଦେଖାଇଛଂନ୍ତି । ତାଂକ

ଲୌକିକ ରଂଗ

ଚରିତ୍ରମାନେ ମନେ ହୁଅଂନ୍ତି ସତେ ଯେପରି ଓଡ଼ିଶା ମାଟିର ନର ନାରୀ । ଓଡ଼ିଆ ଭାଷାରେ ସର୍ବ ପ୍ରଥମେ ମହାଭାରତ ଏବଂ ବିଲଂକା ରାମାୟଣ ରଚନା କରିଥିବାରୁ ସେ ବହୁ ଲୋକଗାଥା, ସ୍ମୃତିକଥା, ଉପକଥା ଏବଂ ଲୋକ ଚଳଣିକୁ ନିଜ କାବ୍ୟ-ପରିସରରେ ଆଣି ସ୍ଥାନ ଦେବାକୁ ସୁଯୋଗ ପାଇଛଂନ୍ତି ଯାହା ସଂସ୍କୃତ କାବ୍ୟକାର-ମାନେ ପାଇ ନ ଥିଲେ ।

ପୂର୍ବରୁ କହିଛୁଁ ସାରଳା ଯୁଗର ପ୍ରେକ୍ଷାପଟ ଥିଲା ସମୃଦ୍ଧି ଓ ବିସ୍ତୃତିର ଏକ ଅଭୂତପୂର୍ବ ମାନଚିତ୍ର । ଓଡ଼ିଶା ସାମ୍ରାଜ୍ୟର ସୀମା ସେତେବେଳେ ଗଂଗାଠାରୁ

**ସାରଳା ସାହିତ୍ୟର ପଟ୍ଟଭୂମି**

କାବେରୀ ପର୍ଯ୍ୟନ୍ତ ବିସ୍ତୃତ—ଓଡ଼ିଶାର ଗଜପତି କପିଳେଶ୍ୱର ଦେବ ଆଭ୍ୟନ୍ତରୀଣ ବିଦ୍ରୋହ ଦମନ କରି ଯାର ଦାକ୍ଷିଣାତ୍ୟର ତ୍ରିଚନାପଲ୍ଲୀ ପର୍ଯ୍ୟନ୍ତ ଓଡ଼ିଶାର ପରିଧି ବିସ୍ତୃତ କରି ସାରିଥିଲେ । ଏକ ନୂଆ ରାଷ୍ଟ୍ରୀୟ ଚେତନା ପ୍ରତ୍ୟେକ ଓଡ଼ିଆ ମଣିଷକୁ ନିଶ୍ଚୟ ପ୍ରବଳ ଭାବରେ ଉଦବୁଦ୍ଧ କରୁଥିଲା । ଏଇପରି ଏକ ସଂପ୍ରସାରଣଶୀଳ ପରିପ୍ରେକ୍ଷିତରେ ସାରଳା-ସାହିତ୍ୟର ଜନ୍ମ ।

ଠିକ୍ ଏଲିଜାବେଥୀୟ ଇଂଲଣ୍ଡରେ ବିସ୍ତାର ଓ ସମୃଦ୍ଧିର ବାୟୁମଣ୍ଡଳ ଭିତରେ ଯେପରି ସେକ୍ସ୍‌ପିଅରଙ୍କ ଭଳି କାବ୍ୟମାନସର ଜନ୍ମ ହୋଇଥିଲା, ଓଡ଼ିଶାରେ ସୂର୍ଯ୍ୟବଂଶର ଆଦିପର୍ବରେ ସାରଳା ଦାସଙ୍କ ଭଳି କାବ୍ୟପ୍ରତିଭାର ଜନ୍ମ ସେଇପରି ଇତିହାସନିର୍ଦ୍ଦିଷ୍ଟ ଥିଲା ।

ସ୍ୱାମୀ-ଧର୍ମ (*Nobless oblige*) ଥିଲା ସେ ଯୁଗର ପ୍ରଧାନ ଆତ୍ମିକ ତତ୍ତ୍ୱ । "The duty of the leige man was to fight for his leige lord" ଜମିର ସ୍ୱତ୍ୱ ରାଜାଙ୍କଠାରୁ କୃଷକ ଯାଏଁ ସ୍ତରେ ସ୍ତରେ ଲମ୍ବି ଆସିଥିଲା (Sub infeudation of land) ସାରଳା ସାହିତ୍ୟରେ ପ୍ରତ୍ୟେକଟି ଲୋକ ସଚ୍ଚା ସୈନିକ, ସେ ଠିକ୍ ଭାବରେ ଯୁଦ୍ଧ କରିଚି, ନିଜକୁ କିମ୍ବା ତାର ଶ୍ରେଣୀ-ଧର୍ମକୁ ଫାଙ୍କି ଦେଇ ନାହିଁ । ସେ ଆଦି ପର୍ବରେ ପ୍ରଜା 'ବାଟିକେ ବିଂଶ ଭାଗ ଝୁଙ୍କା' ଦେଉଥିବା କଥା ଏବଂ ଶାନ୍ତି ପର୍ବରେ 'ବାଟିକେ ଚଉଦ' ଖଞ୍ଜା ଦେବା କଥା ଲେଖିଛନ୍ତି ।

ବହୁ ନାରୀହରଣ ଯାହା ମୂଳ ମହାଭାରତରେ ନାହିଁ ଏବଂ ସମ୍ପୂର୍ଣ୍ଣ କାଳ୍ପନିକ, ସାରଳା ସାହିତ୍ୟରେ ଦେଖାଯାଏ । ଏ ସବୁର ପରିଣାମ ଯୁଦ୍ଧ ଏବଂ ଯୁଦ୍ଧର ରାସ୍ତା ସବୁବେଳେ ପ୍ରେମିକ-ପ୍ରେମିକା ସପକ୍ଷରେ । ସତଲା ହରଣ, ସୁରେଖା ହରଣ ପ୍ରଭୃତି ଆଖ୍ୟାନ ସାରଳା ଦାସ ନିଜ କଳ୍ପନାରୁ ହିଁ ସୃଷ୍ଟି କରିଛନ୍ତି । ନ୍ଦଢ଼େଇକୁ ବାଦ୍ ଦେଲେ ସାରଳା ସାହିତ୍ୟରେ ଆଉ ଯାହା ରହିଲା ସେଥିରେ ମହାକାବ୍ୟିକ ଆୟତନ ଖୁବ୍ ବେଶୀ ରହିବ କି ନାହିଁ ସନ୍ଦେହ ।

ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସାରଳାଙ୍କ ସୁରେଖା ହରଣ ବିଷୟକ ପୌରାଣିକ ଆଖ୍ୟାୟିକାରେ କପିଳେଶ୍ୱର ଦେବଙ୍କ ପୁତ୍ର ପୁରୁଷୋତ୍ତମ ଦେବଙ୍କର କାଞ୍ଚିରାଜା ସାଳ୍ୱ ନରସିଂହଙ୍କ କନ୍ୟା ପଦ୍ମାବତୀ ହରଣ ଓ ପରେ ତାଙ୍କ ସହିତ ବିବାହର ସାଦୃଶ୍ୟ ଦେଖନ୍ତି । ସତଲା ହରଣରେ ସେ ଆଲ୍ଲାଉଦ୍ଦୀନ ଖିଲିଜି ଗୁଜୁରାଟ ଆକ୍ରମଣ କରି କର୍ଣ୍ଣଦେବଙ୍କ ରାଣୀଙ୍କୁ ଅନ୍ତଃପୁରବାସିନୀ କରିବା ପରେ କର୍ଣ୍ଣଦେବଙ୍କ କନ୍ୟା

ଦେବଳାଦେବୀଂକୁ ଏଣେଇସ୍ତା ରୁଂଫା ନକଟରୁ ହରଣଗୃଲ କର ନେଇ ନଜ ପୁଅ ଖିଜର ଖାଁ ସହ୍ୱିତ ବବାହ ଦେବା ଘଟନାର ସାମଂଜସ୍ୟ ଦେଖଂତ୍ତ । (ତାଂକ ମତରେ କର୍ଣଦେବ ଶ୍ରୀକୃଷ୍ଣ, ତାଂକ ରାଣୀ ଜାଂବବତୀ ଯୁଜ୍‌ରାଟର ରାଣୀ କମଲାଦେବୀ, ଆଲ୍ଲାଉଦ୍ଦିନ ଖିଲ୍‌ଜି ଇଂଦ୍ର, ଏବଂ ଖିଜର ଖାଁ ଇଂଦ୍ରପୁଅ ଚନ୍ଦସେନ, ଦେବଳାଦେବୀଂକ ପ୍ରଣୟୀ ଦେବଗିରର ରାଜପୁଅ ଶଂକରଦେବ ଶିବ ରୂପେ ସାରଳାଂକ ଦ୍ୱାରା ରୂପାଂତରିତ ହୋଇଛଂତ୍ତ । )

## ଯୋଗାଗ୍ରର ପଦ୍ଧତ୍ତ

ସାରଳାଦାସ ଯୋଗାଗ୍ରର ପଦ୍ଧତ୍ତ ବଷୟରେ ବହୁ ସ୍ଥାନରେ ଅବତାରଣା କରଛଂତ୍ତ । ସେ ବୌଦ୍ଧ ବଜ୍ରଯାନୀ ଓ ସହଜଯାନୀଂକ ଯୋଗାଗ୍ରର ସାଧନ ପ୍ରଣାଳୀ ବହୁବାର ବର୍ଣନା କରଛଂତ୍ତ ।

"ପବନକୁ ମୂଳାଧାର ଟେକଇ ଜାଣି ।  
କୁଂଡଳୀମା ଶକ୍ତିକୁ ଗୃଳତ କର ଆଣି ।।  
ବ୍ୟାସାଂଗୁଳ ଗଂଗା ବୋଲ ଅଛୁ ଏକ ଶୂସା ।  
ନଦ୍ରା ଆଳସ୍ୟ ଆବର ନାହିଁ କ୍ଷୁଧା ତୃଷ୍ଣା ।।  
ପଂଚମୂନା ନାଳଦ୍ୱାର ଉହୁଡ଼ିରେ ବାଟ ।  
ନଳ ଅନଳ ଭେଦଲେ ପାଟଣ ଶ୍ରୀହଟ ।।  
ଛୁଂଦଣ ପକାଇଲ ସେ ବାଆସ୍ତବୀ ମୁଦ୍ରା ।  
ଆପାଦହ୍ନନ କଲ ଭାଂଗି କାଳନଦ୍ରା ।।"

ଏହା ସହିତ ବୌଦ୍ଧ ଚର୍ଯାପଦର କାହ୍ନୁପାଂକର ଗୋଟିଏ ଚର୍ଯାଗୀତକୁ ତୁଳନା କରାଯାଇପାରେ —

"ନାଡ଼ିଶକ୍ତି ଦଢ଼ ଧରଅ ଖଟେ । ଅନହ ଡଂବରୁ ବାଜଇ ବୀର ନାଦେ ।।  
କାହ୍ନ କପାଳୀ ଯୋଗୀ ପଇଠ ଆଗ୍ରରେ ।  
ଦେହ ନଅରୀ ବହରଇ ଏକାକାରେଁ ।।  
ଆଲି କାଲି ଘଂଟା ନେଉର ଚରଣେ ।  
ରବ ଶଶି କୁଂଡଲ କଉ ଆଭରଣେ ।।  
ରାଗଦ୍ୱେଷ ମୋହ ଲଇଅ ଛାର । ପରମ ମୋଖ ଲବଇ ମୁତ୍ତିହାର ।।"

("ନାଡ଼ି ଶକ୍ତିକୁ ପର୍ଯଂକ-ବଂଧରେ ଦୃଢ଼ରୂପେ ପ୍ରତିଷ୍ଠା କର ହଠଯୋଗ ଦ୍ୱାରା ଶ୍ୱାସପ୍ରଶ୍ୱାସବାହୀ ବାମ ଦକ୍ଷିଣ ନାଡ଼ିଦ୍ୱୟ ରୁଦ୍ଧ କର ମଧ୍ୟମ ନାଡ଼ି ଅବଧୂତକାରେ ପ୍ରାଣବାୟୁ ଉତ୍ତୋଳନ ପୂର୍ବକ ମସ୍ତକସ୍ଥିତ ଶୂନ୍ୟଚକ୍ରରେ ଧାରଣ

କରି ସିଦ୍ଧ କାହ୍ନୁପା କାପାଳିକ ରୂପେ ସାଧନାରେ ପ୍ରବୃତ୍ତ ହୋଇଛନ୍ତି । କାପାଳିକ ଯେପରି ଡମ୍ବରୁ ବଜାଇ ନିର୍ବିକାର ଚିତ୍ତରେ ଭ୍ରମଣ କରୁଥାଏ, ସେ ସେଇପରି ଅନାହତ ନାଦ ଅନ୍ତରରେ ପ୍ରକଟିତ କରି ପିଣ୍ଡ-ବ୍ରହ୍ମାଣ୍ଡରେ ନିର୍ବିକଳ୍ପ ଭାବରେ ବିହାର କରୁଛନ୍ତି । କାପାଳିକର ପାଦରେ ଥାଏ ଘଣ୍ଟା, ନୂପୁର, କାନରେ କୁଣ୍ଡଳାଦି ଅଳଙ୍କାର । କାହ୍ନୁପା ସେପରି "ଅଲ କାଲ" ଓ "ରବିଶଶି" କୁ (ନାଡ଼ି) ଆୟତ୍ତାଧୀନ କରି ଭୂଷଣ ସ୍ୱରୂପ ଧାରଣ କରିଛନ୍ତି । କାପାଳିକର ଶରୀର ଭସ୍ମଲିପ୍ତ ଥାଏ । ଗଳାରେ ମୋତିହାର ଶୋଭା ପାଉଥାଏ, କାହ୍ନୁପା ରାଗଦ୍ୱେଷ-ରିପୁଙ୍କୁ ଦଗ୍‌ଧ କରି ଭସ୍ମଲିପ୍ତ ହୋଇଛନ୍ତି ଏବଂ ପରମ ନିର୍ବାଣ ରୂପକ ମୁକ୍ତାହାର ପରିଧାନ କରିଛନ୍ତି ।"—ଚର୍ଯ୍ୟାଗୀତିକା : ଅଧ୍ୟାପକ ଖଗେଶ୍ୱର ମହାପାତ୍ର ।

ଯୋଗାଗ୍ନିର ପଦ୍ଧତିର ଅନ୍ୟ ନାମ କାୟା ସାଧନା । ଏହା ଯେ ବୌଦ୍ଧ ତଥା ହିନ୍ଦୁ ତନ୍ତ୍ରର ପ୍ରଭାବ-ପୁଷ୍ଟ ଏଥିରେ କୌଣସି ସନ୍ଦେହ ନାଇ ।

ସହଜିଆ ସିଦ୍ଧଗଣ ବୋଧିଚିତ୍ତର ଅସ୍ଥିରତା ଓ ନିମ୍ନଗତି ନିବାରଣ କରିବା ନିମନ୍ତେ କାୟା-ସାଧନା ବା ହଠଯୋଗ ଅନୁମୋଦନ କରନ୍ତି । ନାଡ଼ି ଓ ଚକ୍ରତତ୍ତ୍ୱ ଚର୍ଯ୍ୟାକବିମାନେ ଗ୍ରହଣ କରିଛନ୍ତି । ହିନ୍ଦୁ ତନ୍ତ୍ର ପରି ଏମାନେ ଶରୀର ମଧ୍ୟରେ ୭୨,୦୦୦ ନାଡ଼ି ଓ ତନ୍ମଧ୍ୟରେ ୩୨ଟି ପ୍ରଧାନ ନାଡ଼ି ନିର୍ଣ୍ଣୟ କରିଛନ୍ତି ।

**କାୟାସାଧନା**

ଏଥି ମଧ୍ୟରୁ ପୁଣି ତିନୋଟି ନାଡ଼ି ଶ୍ରେଷ୍ଠ । ହିନ୍ଦୁ ତନ୍ତ୍ରରେ ଏହି ତିନୋଟି ନାଡ଼ି ହେଉଛନ୍ତି :— ଇଡ଼ା, ପିଙ୍ଗଳା, ସୁଷୁମ୍ନା । ବୌଦ୍ଧତନ୍ତ୍ରରେ ଲଲନା, ରସନା, ଅବଧୂତିକା ବା ଅବଧୂତୀ । ବୌଦ୍ଧ ତାନ୍ତ୍ରିକଗଣ ଷଡ଼ାଙ୍ଗ ଯୋଗସାଧନ ଯଥା ପ୍ରତ୍ୟାହାର, ଧ୍ୟାନ, ପ୍ରାଣାୟାମ, ଧାରଣା, ଅନୁସ୍ମୃତି ଓ ସମାଧି ଆଦି ଅବଲମ୍ବନ କରନ୍ତି । ପ୍ରତ୍ୟାହାରରେ ବାହ୍ୟ ରୂପରେ ଅପ୍ରବୃତ୍ତି, ନୈଧାତୁକ ବୁଦ୍ଧ-ବିମ୍ବ ଦର୍ଶନ, ଧ୍ୟାନରେ ସର୍ବଧର୍ମ-ଶୂନ୍ୟତାରେ ଚିତ୍ତ ପ୍ରବୃତ୍ତି, ପ୍ରାଣାୟାମରେ ଲଲନା-ରସନା ମାର୍ଗ ନିରୋଧ ପୂର୍ବକ ମଧ୍ୟ ମାର୍ଗ ବା ଅବଧୂତୀରେ ପ୍ରାଣବାୟୁ ସଞ୍ଚାଳନ; ଧାରଣାରେ ବିନ୍ଦୁର ପ୍ରାଣ-ପ୍ରବେଶ, ଅନୁସ୍ମୃତିରେ ଇଷ୍ଟଦେବଙ୍କ ପ୍ରତିବିମ୍ବାକାର ଦର୍ଶନ, ଏବଂ ସମାଧିରେ ପ୍ରଜ୍ଞା ଓ ଉପାୟର ଅଦ୍ୱୟରୂପ ଦର୍ଶନ ଷଡ଼ାଙ୍ଗ ଯୋଗସାଧନାର ସିଦ୍ଧି । ଏହି ସାଧନା ଦ୍ୱାରା ନିର୍ମାଣ-ଚକ୍ରରେ ଶୁକ୍ର ରୂପେ ଅବସ୍ଥିତ ବୋଧିଚିତ୍ତକୁ ଊର୍ଦ୍ଧ୍ୱକୁ ଉତ୍ତୋଳିତ କରାଯାଏ । ପ୍ରାଣାୟାମ ଦ୍ୱାରା ପ୍ରାଣ ଓ ଅପାନ ବାୟୁ ନିୟନ୍ତ୍ରଣ କରାଯାଏ । ପ୍ରାଣବାୟୁକୁ ବାମରେ ଗ୍ରହଣ କରି ଦକ୍ଷିଣରେ ଛାଡ଼ିବା ଏବଂ ଦକ୍ଷିଣରେ ଗ୍ରହଣ କରି ବାମରେ ଛାଡ଼ିବା ଦ୍ୱାରା ନାଡ଼ି

ପବନ ହୁଏ । ତା'ପରେ ବାୟୁ ବାମ ବା ଦକ୍ଷିଣରେ ପରିତ୍ୟାଗ ନ କରି ମଧ୍ୟ-ନାଡ଼ିରେ (ସୁଷୁମ୍ନା ବା ଅବଧୂତିରେ) ଉତ୍ତୋଳନ ପ୍ରାଣାୟାମର ଲକ୍ଷ୍ୟ । ଏଥିପାଇଁ ଏମାନଙ୍କୁ ମଧ୍ୟମପନ୍ଥୀ କୁହାଯାଏ । କୁଣ୍ଡଳିନୀ ଶକ୍ତି ଅନୁରୂପ ଏମାନେ ନିର୍ମାଣ ଚକ୍ରରେ ଡୋମ୍ବୀ, ଛିନ୍ନାଳିକା, ନୈରାତ୍ମ୍ୟ ଶକ୍ତିର ଆରୋପ କରନ୍ତି ('ଚର୍ଯ୍ୟାଗୀତିକା' —ପୃ. ୧୦୮)

## ବୌଦ୍ଧ ଶୂନ୍ୟବାଦ

ବୌଦ୍ଧ ଶୂନ୍ୟବାଦୀ ବ୍ରଜଯାନୀ ଓ ସହଜଯାନୀ ଉଭୟ ପନ୍ଥୀଙ୍କ ବିଚାରରେ ବୋଧିଚିତ୍ତ ଶୂନ୍ୟ । 'ଅଦ୍ୱୟବଜ୍ର ସଂଗ୍ରହ' କହେ ଏଇ ଶୂନ୍ୟ ଦୃଢ଼, ସାରବାନ, ଶୌର୍ଯ୍ୟଶାଳୀ, ଅଚ୍ଛେଦ୍ୟ, ଅଭେଦ୍ୟ, ଅଦାହ୍ୟ ଓ ଅବିନାଶୀ ଏବଂ ଏଇ ଶୂନ୍ୟତା ହିଁ ବଜ୍ର ।

"ଦୃଢ଼ମ୍ ସାରମ୍ ଅସୌ ଶୌର୍ଯ୍ୟମ୍ ଅଚ୍ଛେଦ୍ୟାଭେଦ୍ୟ ଲକ୍ଷଣମ୍
ଦାହି ଅବିନାଶିଚ ଶୂନ୍ୟତା ବଜ୍ର ମୁଚ୍ୟତେ ।"

ମହାଯାନୀ ମତରେ ବୁଦ୍ଧ ନିର୍ବାଣ ପ୍ରାପ୍ତି ଯୋଗୁଁ ଶୂନ୍ୟ । ଏଇ ବୁଦ୍ଧ ବା ଶୂନ୍ୟତାର ନିର୍ଦ୍ଦିଷ୍ଟ ଆକାର ବା ସ୍ୱଭାବ ବା ଗୁଣ ନ ଥିବାରୁ ଏହା ନିରାକାର ନିର୍ଗୁଣ । ଏହି ଶୂନ୍ୟତା ବଜ୍ରରେ ରୂପାନ୍ତରିତ ହୁଏ ଏବଂ ବୋଧିସତ୍ତ୍ୱ ବଜ୍ରସତ୍ତ୍ୱରେ ପରିଣତ ହୁଏ, ସାଧନା ବଳରେ ।

ଏହାହିଁ ବୋଧିଚିତ୍ତ ବା ବୋଧିସତ୍ତ୍ୱର ବଜ୍ରସତ୍ତ୍ୱେ ରୂପାନ୍ତର । ଜାଲାବଳୀ ବଜ୍ରମାଳାତନ୍ତ୍ରରେ ଶୂନ୍ୟର ପ୍ରତିଶବ୍ଦ ରୂପେ ବଜ୍ର ଗୃହୀତ ହୋଇଛନ୍ତି । 'ଶୂନ୍ୟତା ବଜ୍ରଂ ଇତ୍ୟୁକ୍ତଂ ଆକାର ସତ୍ତ୍ୱଂ ଉଚ୍ୟତେ ।' ଶୂନ୍ୟ ବଜ୍ରରେ ପରିଣତ ହେବା ଦ୍ୱାରାହିଁ ବଜ୍ରଯାନର ଉତ୍ପତ୍ତି । ବଜ୍ରସତ୍ତ୍ୱ ପଦ୍ମର ବା ଶୂନ୍ୟସହ କରୁଣାର ମିଳନ ଆରୋପ କରି ବଜ୍ରସତ୍ତ୍ୱର ଯୁଗନଦ୍ଧ ରୂପ ପରିକଳ୍ପିତ ହେଲା । ବଜ୍ରଯାନର ଶୂନ୍ୟ, କରୁଣା ଓ ବଜ୍ରସତ୍ତ୍ୱ ତାନ୍ତ୍ରିକ ସହଜିୟାମାନଙ୍କ ଦୃଷ୍ଟିରେ ଯଥାକ୍ରମେ ପ୍ରଜ୍ଞା, ଉପାୟ ଓ ବୋଧିଚିତ୍ତ । ଏଇ ବୋଧିଚିତ୍ତ ବଜ୍ରସତ୍ତ୍ୱ ମୂର୍ତ୍ତିମନ୍ତ ଶୂନ୍ୟ ଓ ମହାସୁଖର ସମ୍ପାଦକ । ଯୁଗନଦ୍ଧ ବା ସମରସ ମହାସୁଖର ପ୍ରବର୍ତ୍ତକ । ତେଣୁ ତାଙ୍କ ବନ୍ଦନାରେ ପ୍ରଜ୍ଞୋପାୟର ସ୍ୱରୂପ ନିର୍ଣ୍ଣୟ କରାଯାଇଛି :—

ବଜ୍ରସତ୍ତ୍ୱଂ ନମସ୍କୃତ୍ୟ ପ୍ରଜ୍ଞୋପାୟ ସ୍ୱରୂପିଣମ୍
ମହାସୁଖାଦ୍ୱୟଂ ଭକ୍ଷେ ବସ୍ତୁତତ୍ତ୍ୱଂ ସମାସତଃ । (ଅଦ୍ୱୟବଜ୍ର ସଂଗ୍ରହ)

ନାଗାର୍ଜୁନପାଦ ଶୂନ୍ୟର ଚତୁର୍ବର୍ଗ ନିର୍ଣ୍ଣୟ କରିଛନ୍ତି !—"ଶୂନ୍ୟଂ ଚ ଅତିଶୂନ୍ୟ ଚ ମହାଶୂନ୍ୟଂ ତୃତୀୟକମ୍ – ଚତୁର୍ଥଂ ସର୍ବଶୂନ୍ୟଂ ନ ଫଳ ହେତୁ ପ୍ରଭେଦତଃ ।" ଶୂନ୍ୟର ଏଇ ବର୍ଗୀକରଣ ସିଦ୍ଧାଚାର୍ଯ୍ୟମାନଙ୍କ ରଚନାରେ ପରିସ୍ଫୁଟ । ସର୍ବଶୂନ୍ୟ ହେଉଛି ବିଶୁଦ୍ଧ ଜ୍ଞାନ, ଚରମ ସତ୍ୟ ଓ ପରମ ତତ୍ତ୍ୱ । ଏହାର ଆଦି ନାହିଁ, ଅନ୍ତ ନାହିଁ, ଭାବ ନାହିଁ, ଅଭାବ ନାହିଁ, ଅଥଚ ସବୁ ଅଛି । ଏହାର ଅନ୍ୟ ନାମ ସହଜ ଶୂନ୍ୟ । ମହାସୁଖକାୟରେ ପ୍ରବେଶ କରି ସାଧକ ଶୂନ୍ୟତାର ଐକାନ୍ତିକ ଉପଲବ୍ଧି କରିବାକୁ ସମର୍ଥ ହୁଏ । ଏହା ଅବଧୂତୀର ନିବାସ ସ୍ଥଳୀ । ('ଚର୍ଯ୍ୟାଗୀତିକା'—ପୃ ୧୦୭)

ପୂର୍ବରୁ କହିଛୁ ସାଧକ ଶୂନ୍ୟପକ୍ଷ ସମର୍ଥନ କରିବା ଦ୍ୱାରା ଜାଗତିକ ବସ୍ତୁ ସକଳର ଅସ୍ତିତ୍ୱ ଅସ୍ୱୀକାର କରିବାକୁ ଶିକ୍ଷା କରେ । ଅବିଦ୍ୟା-ସଂବୃତ୍ତ ଚିତ୍ତକୁ ସଂସାର ବନ୍ଧନରୁ ମୁକ୍ତ କରିବାକୁ ସମର୍ଥ ହୁଏ । ଶୂନ୍ୟତା ଏଥିପାଇଁ ପ୍ରଜ୍ଞା ଶୂନ୍ୟପକ୍ଷ ରୂପେ ଅଭିହିତ ହୋଇଛି । ପ୍ରଜ୍ଞା ବା ବିଶୁଦ୍ଧ ଜ୍ଞାନ ସହ କରୁଣାର ସଂଯୋଗରେ ସାଧକ ମହାସୁଖ ଲାଭ କରେ । ଜନ୍ମମୃତ୍ୟୁ, ଭାବ ଅଭାବ, ସୁଖ ଦୁଃଖ ବିରହିତ ହୋଇ ନିର୍ବିକାର ଚିତ୍ତରେ ଜୀବନଯାପନ କରେ । ସରହଙ୍କ ଭାଷାରେ—"ସୁଣ୍ଣ କରୁଣା ଜଇ ଯୋଉଣ୍ଣୁ ସକ୍କଇ । ତାଉ ଭବେ ଶିଦ୍ଧ ସିକ୍କାଣେ ଆକ୍କଇ ।" (*Ibid*)

ବଜ୍ରଯାନୀ ମତରେ ଦୁଃଖ କର୍ମଫଳ, ସଂସାର ସବୁ କିଛିହିଁ ଶୂନ୍ୟ । ଶୂନ୍ୟତାର ଏଇ ପରମ ଜ୍ଞାନହିଁ ନିର୍ବାଣ । ବଜ୍ରଯାନୀ ଏଇ ନିର୍ବିକଳ୍ପ ଅବସ୍ଥାର ନାମକରଣ କଲେ ନିରାତ୍ମା । ନିରାତ୍ମା କଳ୍ପିତା ହେଲେ ଦେବୀ ଶୂନ୍ୟ-ଦର୍ଶନ ରୂପରେ । ବୋଧିଚିତ୍ତ (ମଣିଷର ବୋଧିଲାଭ କରିବାର ସଂକଳ୍ପ) ପୁରୁଷ ରୂପେ କଳ୍ପିତ ହେଲେ । କୁହାଗଲା, ଏଇ ବୋଧିଚିତ୍ତ ଯେତେବେଳେ ନିରାତ୍ମାର ଆଲିଙ୍ଗନାବଦ୍ଧ ହୋଇ ନିରାତ୍ମାରେ ବିଲୀନ ହୁଅନ୍ତି, ସେତେବେଳେ ଉତ୍ପତ୍ତି ହୁଏ ମହାସୁଖର । ବଜ୍ରଯାନୀମାନେ କହନ୍ତି ମୈଥୁନ ଯୋଗରେ ଯେଉଁ ପରମ ଆନନ୍ଦମୟ ଭାବ, ସେଉଁ ଏକକେନ୍ଦ୍ରିକ ଧ୍ୟାନ, ତାହାହିଁ ବୋଧିଚିତ୍ତ । ଏଇ ବୋଧିଚିତ୍ତ ବଜ୍ର । କାରଣ କଠୋର ଯୋଗସାଧନା ଦ୍ୱାରା ଇନ୍ଦ୍ରିୟଶକ୍ତି ଦମିତ ହୋଇ ବଜ୍ର ପରି ଦୃଢ଼ ଓ କଠିନ ହୁଏ । ବୋଧିଚିତ୍ତ ବଜ୍ର ପରି କଠିନ ହେଲେ ତେବେ ଯାଇ ବୋଧିଜ୍ଞାନ ଲଭିହୁଏ । ମିଥୁନଜାତ ଆନନ୍ଦ ବା ମହାସୁଖକୁ ସ୍ଥାୟୀ କରାଯାଏ ମନ୍ତ୍ରଶକ୍ତି ସାହାଯ୍ୟରେ । (ଏ ବିଷୟରେ ବିଶଦ ଆଲୋଚନା ଏଇ ପୁସ୍ତକର ତନ୍ତ୍ର ପ୍ରସଙ୍ଗରେ ଦ୍ରଷ୍ଟବ୍ୟ) । ସହଜଯାନୀ ଶୂନ୍ୟତାକୁ

ପ୍ରକୃତିରୂପେ ଏବଂ କରୁଣାକୁ ପୁରୁଷରୂପେ ଗ୍ରହଣ କରିଛି । ସେମାନଙ୍କ ମତରେ ଏଇ ପ୍ରକୃତି-ପୁରୁଷ ମିଳନ-ମିଥୁନଜାତ ଆନନ୍ଦହିଁ ମହାସୁଖ । ଏଇ ମହାସୁଖହିଁ ଚରମ ସତ୍ୟ । ଏଇ ଧ୍ରୁବସତ୍ୟର ଉପଲବ୍‌ଧି ଘଟିଲେ ନିର୍ବାଣ ଅବସ୍ଥା ପ୍ରାପ୍ତହୁଏ । ଏହାହିଁ ସହଜ ଅବସ୍ଥା ।

ଏକଆଡ଼େ ତାନ୍ତ୍ରିକ ବ୍ରାହ୍ମଣ୍ୟ ଓ ଶକ୍ତିଧର୍ମ ଏବଂ ଅନ୍ୟଆଡ଼େ ବୌଦ୍ଧ ଗୁହ୍ୟ ସାଧନାବାଦର ଏକତ୍ର ମିଳନରେ ଶକ୍ତିଧର୍ମର ଯେଉଁ ନୂଆ ରୂପ ଦେଖାଗଲା ତାହା ମଧ୍ୟରେ କୌଳଧର୍ମ ପ୍ରଧାନ । କୌଳ ଧର୍ମ ସମ୍ବନ୍ଧରେ ବହୁ ପୋଥି ସଂପ୍ରତି ନେପାଳରୁ ମିଳିଛି । ଏଇ କୁଳ ଧର୍ମରେ ପଂଚ କୁଳ ବୌଦ୍ଧ ଗୁହ୍ୟସାଧନା ପର ଶକ୍ତିର ପାଂଚଟି ରୂପ । ଯିଏ କୁଳତତ୍ତ୍ୱ ମାନି ଚଳନ୍ତି ସେ କୁଳପୁତ୍ର । କୌଳଧର୍ମର ପ୍ରତିଷ୍ଠାତା ମତ୍ସ୍ୟେନ୍ଦ୍ରନାଥ ନାଥ-ଧର୍ମର ପ୍ରତିଷ୍ଠାତା । ନାଥଧର୍ମର ଅନ୍ୟାନ୍ୟ ଗୁରୁମାନେ ହେଉଛନ୍ତି-ମୀନନାଥ, ଗୋରକ୍ଷନାଥ ଇତ୍ୟାଦି । ('ବାଂଗାଲୀର- ଇତିହାସ' ଦ୍ରଷ୍ଟବ୍ୟ)

ସାରଳା ଦାସଙ୍କ ମହାଭାରତ ସଭାପର୍ବରେ ଗୋରେଖନାଥଙ୍କର ସ୍ତୁତି ବା ପ୍ରଶସ୍ତି ଦେଖିବାକୁ ପାଉଁ । ଏହା ପୂର୍ବେ ଉଦ୍ଧୃତ କରାଯାଇଛି । ସେ ଗୋରଖନାଥଙ୍କୁ 'ଯୋଗେଶ୍ୱର', "ଯୁଗାଂତ ପୁରୁଷ" ବୋଲି କହିଛନ୍ତି । ତେଣୁ ଗୋରଖନାଥ ସମ୍ପ୍ରଦାୟର ପ୍ରଭାବ ସାରଳା ଦାସ ଏବଂ ତାଂକର ଉତ୍ତରସୂରୀ ବଳରାମ ଦାସ ଓ ଜଗନ୍ନାଥ ଦାସ ଓ ଅଚ୍ୟୁତାନନ୍ଦ ଦାସଂକ ଉପରେ ଗଭୀର ଭାବରେ ପଡ଼ିଥିଲା ବୋଲି ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ । ବୌଦ୍ଧ ଶୂନ୍ୟବାଦ ଗୋରେଖନାଥପଂଥୀ ମାନଂକ ମାଧ୍ୟମରେ ହିଁ ଓଡ଼ିଶାର ଏଇ ସାଧକମାନଂକୁ ସ୍ପର୍ଶ କରିଥିଲା । ଏମାନଂକ ରଚନାକୁ ବୌଦ୍ଧ ଶୂନ୍ୟବାଦଠାରୁ ବିଚ୍ଛିନ୍ନ କରାଯାଇ ନପାରେ ।

## ବୌଦ୍ଧ ଶୂନ୍ୟବାଦର ପ୍ରଭାବ

ସାରଳା ଦାସ ନିଜେ ଶାକ୍ତ ଓ ଚଂଡୀ-ଉପାସକ ଥିଲେ । ତାଂକ ସାହିତ୍ୟରେ ଅନ୍ୟାନ୍ୟ ଦେବାଦେବୀଂକ ବଂଦନା ବେଶ୍ ଦେଖାଯାଏ । ସେ ରାମଚଂଦ୍ରଂକର ମଧ୍ୟ ଭକ୍ତ ଥିଲେ । ବୌଦ୍ଧ ଶୂନ୍ୟବାଦର ପ୍ରଭାବ ତାଂକର ଜଗନ୍ନାଥ ବନ୍ଦନାରେ ପ୍ରତିଫଳିତ । ସେ ଜଗନ୍ନାଥଂକୁ "ଅଣାକାର ବସ୍ତୁ" ବା ଶୂନ୍ୟପୁରୁଷ କହିଛନ୍ତି । ଏହା ବୌଦ୍ଧ ଶୂନ୍ୟବାଦର ପ୍ରଭାବ । ମୂଷଳ ପର୍ବରେ ଯୋଗସାଧନା ବର୍ଣ୍ଣିତ ହୋଇଛି । ବୌଦ୍ଧ ଶୂନ୍ୟବାଦ ଓ ଯୋଗାଗ୍ନିର ତଥା ଶାକ୍ତ ଓ ବୈଷ୍ଣବ ଧର୍ମ ମିଳି ସେତେ-ବେଳକୁ ଏକ ସାଧାରଣ ଧର୍ମ ଉପୁଜି ସାରିଲାଣି ବୋଲି ମନେହୁଏ । ଉଦ୍‌ଯୋଗ

ପର୍ବରେ ଅଗସ୍ତି ସୃଷ୍ଟିତତ୍ତ୍ୱ ବୁଝାଇ କହୁଛନ୍ତି: "ସେ ଅଣାକାର ସେ ଶୂନ୍ୟ ଭୁବନ ରଂଚିଲା । ଅଲେଖ ଲେଖ ବଚନ ପୁରକ ସଂଚିଲା । ନିର୍ମଳ ଭୁବନ ଅଛି ସେ ଅଲେଖ ପୁର ।" ମନେହୁଏ ଶବ୍ଦକଳ୍ପ ଗୁଡ଼ିକ ଯେପରି କେଉଁ ଅତିମାନସ ରାଜ୍ୟରୁ କବି ଆହରଣ କରିଛନ୍ତି ।

ପୁଣି ଜଗନ୍ନାଥଙ୍କ ସ୍ତୁତିରେ ନିରାକାରବାଦ ତତ୍ତ୍ୱ ଫୁଟି ଉଠିଛି—

"ଜୟ ନୀଳାଂବର ନାଥ ଶୂନ୍ୟପୁର ବ୍ୟାପୀ
ଜୟ ନୀଳାଂବର ବର୍ଣ୍ଣ ଅବର୍ଣ୍ଣ ସ୍ୱରୂପୀ ।
ଜୟ ନୀଳାଂବର ନାଥ ଯୋଗ ବ୍ରହ୍ମଚାରୀ
ଜୟ ନୀଳାଂବର ମହା ବିଶ୍ୱ ପରକାଶୀ ।
ଜୟ ନୀଳାଂବର ଅବର୍ଣ୍ଣ ଅଲେଖ କାୟ
ଜୟ ନୀଳାଂବର ନାଥ ଅକ୍ଷୟ ଅବ୍ୟୟ ।
.... .... ....
ଲେଖ ବର୍ଣ୍ଣ ବିବର୍ଜିତ ସେ ସ୍ୱାମୀର କଳା
ଶୂନ୍ୟକୁ ହିଁ ଆହେ ନାଥ ନାହିଁତ ଦେଖିଲା ।....
ଦେବେ ଚନ୍ଦ୍ର ବର୍ଣ୍ଣ ଯୋଗେ ନ ପାରିଲେ ଦେଖି
ଶୂନ୍ୟ ଶବଦକୁ ପାରିବ କି ମୁହିଁ ଲେଖି ।"

ବନପର୍ବରେ ସାରଳା ଦାସ ଲେଖିଛନ୍ତି "ଶୂନ୍ୟ ପୁରୁଷେ ରହି ନ ପାରିଲେ ଶୂନ୍ୟରେ ।" ଆଦିପର୍ବରେ ଅଗସ୍ତୀ କହୁଛନ୍ତି—"ଆଦି ଶୂନ୍ୟ ଅଟଇ ସେ ଶୂନ୍ୟ ଉପବନ । ପବନରୁ ଜାତ ହେଲେ ଯୋଗପୁରୁଷମାନ ।"

ଅଣାକାର ତତ୍ତ୍ୱ

ଏହାଛଡ଼ା ସାରଳା ଦାସ ଶୂନ୍ୟ ପୁରୁଷ ଓ ଗୋରଖନାଥଙ୍କର ସ୍ତୁତି କରିଛନ୍ତି । ସଭାପର୍ବରେ ବର୍ଣ୍ଣିତ ଅଛି ଯେ ନକୁଳ ସୁବେଲ ନଗରରେ ପହଂଚି ଗୋରେଖଂକୁ ପୂଜା କରିଥିଲେ । ଆଦିନାଥଂକ ପୁତ୍ର ମତ୍ସ୍ୟେଂନ୍ଦ୍ରନାଥ ଏବଂ ତାଂକ ପୁତ୍ର ଗୋରେଖନାଥ ବୋଲି କୁହାଯାଇଛି ।

ରହଂତେ ସାରଥି ବୋଲେ ତହୁଁ ନକୁଳଂକୁ
ପ୍ରତ୍ୟକ୍ଷେ ଦେଖିଲୁ ଆସି ଗୋରେଖନାଥଂକୁ
ଯାହାକୁ ଦେଖିଲେ ନରେ ହୋଂତି କୋଟିକଳ୍ପୀ
ନାଗ ସିଦ୍ଧ ବ୍ରହ୍ମ ତାଂକୁ ବନ୍ଦଅଂତି ଯଦ୍ୟପି ।
ପିଂଡପ୍ରାଣ ଏକତତ୍ତ୍ୱ ଅଟେ ଯାହାଂକର
ହେତୁଜ୍ଞାନ ପୁରୁଷ ସେ ତେଣୁ ଯୋଗେଶ୍ୱର ।

ସେହ୍ନ ଯେ ଅଛଂଛ ଯୁଗ ଯୁଗାଂତ ପୁରୁଷ
ତେଣୁ କର ମାନବଙ୍କୁ ହୁଅଂଛ ଅଦୃଶ୍ୟ ।

ଏହାଛଡ଼ା ସେ ଖ୍ରୀଷ୍ଣ ପର୍ବରେ ଜଗନ୍ନାଥଂଙ୍କୁ ଲକ୍ଷ୍ୟ କର ଲେଖିଛଂଛ—

"ଅପୂର୍ବ ସିଂହାସନକୁ ଯେ ପଟାଂତର ନାହିଁ
ଅଣାକାର ବିଷ୍ଣୁ ଯହିଁ ବଜେ କରଆଇ ।"

ସାରଳା ଦାସ ଓଡ଼ିଶାର ଶ୍ରେଷ୍ଠ ଦେବତା ଜଗନ୍ନାଥଂଙ୍କୁ ଅଣାକାର ବିଷ୍ଣୁଂଙ୍କ ପ୍ରକାଶ ବୋଲି ମନେ କରଂଛ ଏବଂ ତାଂଙ୍କୁ "ପ୍ରତ୍ୟକ୍ଷେ ନିରଂଜନ ବୁଦ୍ଧ ଯେ ଅଣାକାର" ବୋଲି କହୁଛଂଛ । ତା'ଛଡ଼ା ଉତ୍କଳୀୟ ଧର୍ମଜଗତରେ ବୌଦ୍ଧ ଶୂନ୍ୟବାଦର ପ୍ରଭାବ ସଂଗେ ଶାକ୍ତ ଏବଂ ବୈଷ୍ଣବ ଧର୍ମର ପ୍ରଭାବ ମଧ୍ଯ ସାରଳା ସାହିତ୍ୟ ମାଧ୍ୟମରେ ସମନ୍ବିତ ହୋଇଛ । ଏଇ ଧାରା ପରବର୍ତ୍ତୀ ଦୁଇଜଣ ସାଧକ-କବି ବଳରାମ ଦାସ, ଜଗନ୍ନାଥ ଦାସଂଙ୍କ ରଚନାରେ ବିଶେଷ ଭାବରେ ଅନୁସୃତ ହୋଇଥିଲା । ଅଷ୍ଟାଦଶ ଶତକ ଶେଷ ପାଦର କବି ଅଚ୍ୟୁତାନଂଦ ଦାସ ଏବଂ ତାଂଙ୍କ ମଲାଶୁର ଯଶୋବଂତ ଦାସ ଏଇ ଧାରାକୁ ଅଧିକ ପୁଷ୍ଟ କରଥିଲେ । ଜଗନ୍ନାଥଂଙ୍କୁ ସାରଳା ଦାସ ବୌଦ୍ଧ ଓ ଶୂନ୍ୟ ରୂପରେହିଁ ଦେଖିଛଂଛ । ଜଗନ୍ନାଥ ବୁଦ୍ଧଂଙ୍କର ସ୍ବରୂପ ବୋଲି ସାରଳା ଦାସ ଏକାଧିକ ସ୍ଥଳରେ ପ୍ରକାଶ କରଛଂଛ ।

"ସଂସାର ଜନଂଙ୍କୁ ସେଇ ତାରିବା ନିମଂତେ
ବଉଦ୍ଧ ରୂପରେ ବିଜେ ଅଛୁ ଜଗନ୍ନାଥେ । (ସଭାପର୍ବ)

.... .... ....

"ସଂସାର ରକ୍ଷା ନିମଂତେ ବଉଦ୍ଧ ସ୍ୱରୂପ ।" (ଶଲ୍ୟପର୍ବ)
ବଉଦ୍ଧ ରୂପେ ନୀଳକଂଦରେ ଛଂଛ ବସି ।" (ମଧ୍ୟପର୍ବ)
ବଉଦ୍ଧ ରୂପେ ବିଜୟେ ଛଂଛ ଜଗନ୍ନାଥ" (ମଧ୍ୟପର୍ବ)

କୃଷ୍ଣତତ୍ତ୍ୱ

ସାରଳା ଦାସଂଙ୍କ ମହାଭାରତରୁ ଜଣାପଡ଼େ ଯେ ସେ ରାଧାକୃଷ୍ଣଂଙ୍କ ମାଧୁର୍ଯ୍ୟ-ଲୀଳାକୁ ପ୍ରଶ୍ରୟ ଦେଇ ନାହାଂଛ । ସେ ଜଗନ୍ନାଥଂଙ୍କୁ କୃଷ୍ଣ ବୋଲି କହୁଛଂଛ ।

"ଆକାଶର ବାଣୀ ଶୁଣିବ କରିଟୀ
କ୍ଷୀରୋଦ୍ରେ ମେଲିବ ନେଇ କୃଷ୍ଣ ଅଂଗ ଗୋଟି ।
ସେ ପିଂଡ ଲଗିବ ଆସି ସମୁଦ୍ରର କୂଳେ
ଜାରା ଶବର ପୂଜିବ ତାକୁ ସବୁ କାଳେ ।

ଜଗନ୍ନାଥେ ରୂପେ ହରି ବିଜୟ କରିବେ
କଳିଯୁଗ ନରଂକର ଦୁଷ୍କୃତି ନାଶିବେ । (ବନପର୍ବ)

ମାତ୍ର ଜଗନ୍ନାଥ କୃଷ୍ଣଂକର ପ୍ରକାଶ ହେଲେ ମଧ୍ୟ କବି ତାଂକ ମାଧୁର୍ଯ୍ୟ ଲୀଳା ବର୍ଣ୍ଣନା ନ କରି ତାଂକର ନିରାକାର ଗୁଣ ଉପରେ ଗୁରୁତ୍ୱ ଦେଇଛଂତି । ଏଥିରୁ ଦେଖାଯିବ ଯେ ସାରଳା ଦାସ ଜଗନ୍ନାଥଂକର କୃଷ୍ଣ-ସ୍ୱରୂପ ଓ ବୁଦ୍ଧ ସ୍ୱରୂପ ଉଭୟ ସ୍ୱୀକାର କରଂତି । ମାତ୍ର କୃଷ୍ଣ ଅର୍ଥରେ ସେ କୃଷ୍ଣ-ବାସୁଦେବଙ୍କୁ ହିଁ କଳନା କରିଛଂତି, ରାଧାକୃଷ୍ଣଂକୁ ନୁହେ । ବୁଦ୍ଧ ଅର୍ଥରେ ସେ 'ଶୂନ୍ୟ ପୁରୁଷ' ବୁଦ୍ଧଂକରହିଁ ଧାରଣା କରିଛଂତି ।

## ଗୀତା ବାଦ୍ ପଡ଼ିବାର କାରଣ

ସାରଳା ମହାଭାରତରେ ଗୀତା ପ୍ରାୟ ବାଦ୍ ପଡ଼ିଚି କହିଲେ ଚଳେ । ମହାଭାରତ ଯୁଦ୍ଧ ଆରଂଭରେ ସାରଳା ଦାସ ଗୀତାର ସାରକୁ ନିଜ ଇଚ୍ଛାନୁସାରେ ଅଳ୍ପ କେତେ ଧାଡ଼ିରେ ଶେଷ କରି ଦେଇଛଂତି । ଏହାର କାରଣ କଣ ? ଭଗବଦ୍ ଗୀତା ହିଁ ସମଗ୍ର ମହାଭାରତର କେଂଦ୍ରବିଂଦୁ । ଏଥିରେ ବେଦ, ଉପନିଷଦ, ସ୍ମୃତି ଓ ଦର୍ଶନର ନିର୍ଯ୍ୟାସ ରହିଚି ବୋଲି ଅନେକେ ମନେ କରଂତି । ମାତ୍ର ସାରଳା ଦାସ ଗୀତା ଉପରେ ବିଶେଷ ଗୁରୁତ୍ୱ ଆରୋପ କରି ନାହାଂତି । ତାର କାରଣ ସେ ସଂଭବତ ଗୀତାର ଭକ୍ତିଯୋଗ ଓ ଆତ୍ମସମର୍ପଣ ଯୋଗକୁ ପସଂଦ କରୁ ନ ଥିଲେ । ସେ ନିରାକାର ତତ୍ତ୍ୱ ଏବଂ ଯୋଗାଗ୍ନିର ପଦ୍ଧତିର ସମର୍ଥକ ଥିଲେ । ତାଂକ ଦର୍ଶନରେ ଜୈନ ନିରାକାରବାଦ ଓ ବୌଦ୍ଧ ଶୂନ୍ୟବାଦ ଓ ଯୋଗାଗ୍ନିର ପଦ୍ଧତି ଅଧିକ ପ୍ରଭାବ ବିସ୍ତାର କରିଥିଲା । ଗୀତାର ଆଧ୍ୟାତ୍ମବାଦ ତାଂକ ଦର୍ଶନ ଓ ଦୃଷ୍ଟିକୋଣ ସହିତ ଆଦୌ ଖାପ ଖାଇ ନ ଥାଂତା । ସାରଳା ଦାସ ଯେତେ ଦୂର ସଂଭବ ଗୀତା-ଧର୍ମ ଠାରୁ ନିଜକୁ ଦୂରରେ ରଖିଛଂତି ।

## ପରକୀୟା ଭାବ

ସାରଳା ଦାସ ନିଜ ସାହିତ୍ୟରେ ପରକୀୟା ଭାବକୁ ଗ୍ରହଣ କରି ନାହାଂତି । ସହିଜସୁଂଦରୀ ଉପାଖ୍ୟାନଟି ତାଂକର ସଂପୂର୍ଣ୍ଣ ମନଗଢ଼ା ହେଲେ ମଧ୍ୟ ସେ ତାହା ସହିତ ଶ୍ରୀକୃଷ୍ଣଂକର ମିଳନ ଘଟାଇ ଶେଷରେ ଶ୍ରୀକୃଷ୍ଣଂକୁ ଗଭୀର ଅନୁତପ୍ତ କରାଇ ଛାଡ଼ିଛଂତି । ସାରଳା ଦାସ ପରକୀୟା ପ୍ରୀତିକୁ ତୀବ୍ର କଟାକ୍ଷ କରିଛଂତି ।

"ଭାଂଗିଲା ଜଗମୋହନ ପୁରୁଷର ଦର୍ପ
ଉପୁଜାଇ ପରଦାର କଲେ ସବୁ ପାପ ।"

ଏଥିରୁ ସାରଳା ଦାସ ସହଜିଆ ଧର୍ମର ବିରୋଧୀ ଥିଲେ ବୋଲି ବୁଝାଯାଇ ପାରେ । କାମାକ୍ଷୀ ଦେବୀଂକ ନିକଟରେ ଶ୍ରୀକୃଷ୍ଣଂକର ପରଦାର-ସଂଗ ଯୋଗୁ ଅନୁଶୋଚନା ଓ ପରଦାର ସଂବଂଧରେ କଟୁ ମଂତବ୍ୟ ଏହାର ପ୍ରମାଣ ଦିଏ । ଗୀତ ଗୋବିଂଦର ପରକୀୟାଭାବ ସାରଳା ସାହିତ୍ୟରେ ପ୍ରବେଶ କରିପାରିନାହିଁ । ସାରଳା ଦାସ ଗୀତଗୋବିଂଦ ପ୍ରଭାବରୁ ସଂପୂର୍ଣ ରୂପେ ନିଜ ସାହିତ୍ୟକୁ ମୁକ୍ତ ରଖିଥିଲେ ।

## ସାରଳା ମହାଭାରତର ବୈଶିଷ୍ଟ୍ୟ ଓ ସ୍ୱତଂତ୍ରତା

ସଂସ୍କୃତ ମହାଭାରତ ସଂଗେ ସାରଳା ମହାଭାରତର ବହୁ ଅସାମଂଜସ୍ୟ ଓ ସ୍ୱତଂତ୍ରତା ଦେଖାଯାଏ । ସାରଳା ଦାସ ତାଂକ ଗ୍ରଂଥରେ ବହୁ ଆଖ୍ୟାୟିକା ନିଜ ମନରୁ ଗଢ଼ି ଯୋଡ଼ି ଦେଇଛଂତି—ଯାହା ମୂଳ ମହାଭାରତରେ ନାହିଁ । ଖାଲି ସେତିକି ନୁହେ ସଂସ୍କୃତ ମହାଭାରତର କେତେକ ଆଖ୍ୟାନବସ୍ତୁକୁ ସେ ନିଜ ଇଚ୍ଛା ମୁତାବକ ବଦଳାଇ ଦେଇଛଂତି । ଶ୍ରୀ ଗୋପୀନାଥ ନଂଦ ଏଥିପାଇଁ ତାଂକ "ଭାରତ ଦର୍ପଣ" ରେ (ସାହିତ୍ୟ ଏକାଡେମୀ ପ୍ରକାଶନ) ସାରଳା ଦାସଂକୁ ସମାଲୋଚନା କରିଥିବା ସ୍ଥଳେ ଅନ୍ୟ କେତେକ ସମାଲୋଚକ ତାଂକର ସ୍ୱକୀୟତା ଓ କଳ୍ପନା ଶକ୍ତିକୁ ମୁକ୍ତ କଂଠରେ ପ୍ରଶଂସା କରିଛଂତି । ସାରଳା ଦାସ ନିଜ ମହାଭାରତରେ ମଧ୍ୟପର୍ବ, ଗଦାପର୍ବ ଓ କାଂଇସିକା ପର୍ବ ନାମରେ ତିନୋଟି ନୂଆ ଓ ପ୍ରଧାନ ପର୍ବ ଯୋଗ କରିଛଂତି । ମୂଳ ଗ୍ରଂଥର ସୌପ୍ତିକ ପର୍ବ, ଅନୁଶାସନ ପର୍ବ, ମହାପ୍ରସ୍ଥାନ ପର୍ବ ଏ ତିନୋଟି ପର୍ବର ନାମ ସାରଳା ମହାଭାରତରେ ମିଳେ ନାହିଁ । ସାରଳା ଦାସ ଯେଉଁ ସବୁ ସଂପୂର୍ଣ ନୂତନ ବିଷୟ ନିଜ ମହାଭାରତରେ ଯୋଗ କରିଛଂତି ତା ମଧ୍ୟରେ ଅର୍ଜୁନ ହନୁମାନ ଭେଟ, ସୁଗଂଧିକା ହରଣ, ଚଂଦ୍ରାବତୀ ହରଣ, ମାଳେଂଦ୍ରୀ ହରଣ, ଶୋଭାବତୀ ହରଣ, ସଚଳା ହରଣ, ସୁରେଖା ହରଣ, କଳିଂଗସେନ ପ୍ରସଂଗ, ଦୁର୍ଯୋଧନର ରକ୍ତନଦୀ ସଂତରଣ, ସତ୍ୟ ଆଂବ କାହାଣୀ ବିଶେଷ ଉଲ୍ଲେଖ-ଯୋଗ୍ୟ ।

କବିଂକ ସତ୍ୟ ଆଂବ ଉପାଖ୍ୟାନଟି ଏକ ଆକର୍ଷଣୀୟ ସୃଷ୍ଟି । ଏଥିରେ ନାରୀର ଅବଚେତନ ମନର ଚିତ୍ର ସୁଂଦର ଭାବରେ ଫୁଟି ପାରିଚି । ସେଇପରି

ଦୁର୍ଯ୍ୟୋଧନର ରକ୍ତନଦୀ ସନ୍ତରଣ ଏକ ଅପୂର୍ବ ସାର୍ଥକ ସୃଷ୍ଟି । ଏଭଳି ଏକ ଶକ୍ତିଶାଳୀ ଉପାଖ୍ୟାନ ମୂଳ ମହାଭାରତରେ ମଧ୍ୟ ନାହିଁ ।

## ସାରଳା ଦାସଙ୍କ ନାରୀ ଚରିତ୍ର

ସାରଳା ଦାସ ବିଲଙ୍କା ରାମାୟଣରେ ନାରୀର ଶକ୍ତି କିଭଳି ବିରାଟ ଓ ପ୍ରଚଣ୍ଡ ତାହା ଦେଖାଇଛନ୍ତି । ରାମ ବିଲଙ୍କାକୁ ଯାଇ ସହସ୍ର ରାବଣକୁ ବଧ କରି ପାରି ନଥିଲେ । ତା'ପରେ ସୀତା ଯାଇ ତାକୁ ବଧ କଲେ । ବିଲଙ୍କା କାବ୍ୟଟି ସାରଳା ଦାସଙ୍କର କଳ୍ପନା ପ୍ରସୂତ ।

ସାରଳା ମହାଭାରତର ନାରୀ ଚରିତ୍ର, ବିଶେଷ କରି କୁନ୍ତୀ ଓ ଦ୍ରୌପଦୀ ମୂଳ ମହାଭାରତ ତୁଳନାରେ ଟିକିଏ ଅଧିକ ଗ୍ରାମ୍ୟ ଓ ସ୍ଥୂଳ ମନେ ହୁଅନ୍ତି । ସେମାନେ ସାଧାରଣ ସ୍ତ୍ରୀ ପରି ଜଣାଯାନ୍ତି । ତଥାପି ସେମାନେ ଯେ ଖାଣ୍ଟି ଗାଉଁଲି ଓଡ଼ିଆ ଘରର ଝିଅ ବୋହୂ, ଏହା ତାଙ୍କଠାରୁ ସ୍ୱତଃ ବାରି ହୋଇପଡ଼େ । ସେମାନଙ୍କ ଚାଲିଚଳନ, କଥାବାର୍ତ୍ତା ଆଉ ଟିକିଏ ମାର୍ଜିତ ହୋଇଥିଲେ ଭଲ ହୋଇଥାନ୍ତା । ସୀତାଙ୍କ ଚରିତ୍ରରେ ମଧ୍ୟ ସେଇପରି ତ୍ରୁଟି ମନେହୁଏ ।

ସ୍ୱର୍ଗାରୋହଣ ପର୍ବରେ ପଞ୍ଚପାଣ୍ଡବ ମହାଯାତ୍ରା ପୂର୍ବରୁ ଓଡ଼ିଶାର ଯାଜପୁରରେ ଆସି ପହଞ୍ଚିଛନ୍ତି । ସେଠାରେ ହରି ବୈଶ୍ୟର ଝିଅ ସୁହାଣୀ କନ୍ୟା ସଙ୍ଗେ ଯୁଧିଷ୍ଠିରଙ୍କର ବିବାହ ସମ୍ପନ୍ନ ହୋଇଛି । ବିବାହ ପରେ ଯମଙ୍କ ସଙ୍ଗେ ଅର୍ଜୁନଙ୍କର ଘମାଘୋଟ ଲଢ଼େଇ ହୋଇଛି । ବୃଦ୍ଧ ଯୁଧିଷ୍ଠିର ଓ ପାଣ୍ଡବ ସ୍ତ୍ରୀ ଭାଇ ପୃଥିବୀରୁ ବିଦାୟ ନେବା ପାଇଁ ମହାଯାତ୍ରା ଆରମ୍ଭ କରିଥିବାବେଳେ ବଡ଼ ଭାଇଙ୍କର ବିବାହ ବନ୍ଧନରେ ଆବଦ୍ଧ ହେବା ଏବଂ ଅନ୍ୟମାନଙ୍କର ପ୍ରବଳ ଯୁଦ୍ଧରେ ଲିପ୍ତ ହେବା ମାନବିକ ଚରିତ୍ରର ସ୍ୱାଭାବିକ ପରିଣାମ ପକ୍ଷରେ କେତେଦୂର ଅନୁକୂଳ ତାହା ବିଚାର୍ଯ୍ୟ । ଏ କାହାଣୀଟି ଅସଂଗତ ମନେ ହୁଏ ।

## ଅଭ୍ୟୁତ୍ଥାନର ଚିତ୍ରପଟ

ମୋଟ ଉପରେ ସାରଳା ସାହିତ୍ୟ ଓଡ଼ିଶାର ଏକ ଅଭ୍ୟୁତ୍ଥାନ ଯୁଗର ସାହିତ୍ୟ । ଏହାର ସାମାଜିକ ଅଧ୍ୟେୟ ଏବଂ ଭୌଗଳିକ ଓ ଐତିହାସିକ ଚିତ୍ରପଟ ଅତି ବିସ୍ତୀର୍ଣ୍ଣ ଓ ବିଚିତ୍ର । ଆମର ମନେହୁଏ ଗ୍ରାମୀଣ ଓଡ଼ିଆ ଜୀବନର ସମସ୍ତ ଚଳଣି ଓ ଚିନ୍ତମସ୍ତତା ସାରଳା ସାହିତ୍ୟରେ ବାଙ୍ମୟ ହୋଇ ଉଠିଛି । ସାରଳା ଯୁଗର ପ୍ରମୁଖ କବିମାନଙ୍କ ମଧ୍ୟରେ ବଳରାମ ଦାସ, ଜଗନ୍ନାଥ ଦାସ, ଅର୍ଜୁନ ଦାସ, (ରାମବିଭା ଓ

କଳ୍ପଲତା ପ୍ରଣେତା) ଶିଶୁଶଂକର ଦାସ ('କେଶବ କୋଇଲି' ରଚୟିତା) କବି ଦାମୋଦର ('ରସକୋଇଲି ଚଉତିଶା'ର କବି) ବିଶେଷ ଉଲ୍ଲେଖଯୋଗ୍ୟ । ସାରଳା ଯୁଗକୁ ଓଡ଼ିଆ ସାହିତ୍ୟର Epic Age କୁହାଯାଇପାରେ । ଏହାର ପ୍ରେକ୍ଷାପଟ ଥିଲା ବିସ୍ତୀର୍ଣ୍ଣ ଏବଂ ଏହାହିଁ ଓଡିଆ ଭାଷାରେ ସମୃଦ୍ଧି, ବୈଚିତ୍ର୍ୟ ଓ ଗୌରବର କାଳ ।

---

## ବଳରାମ ଦାସ

ବଳରାମ ଦାସ ଓ ଜଗନ୍ନାଥ ଦାଶ ଶ୍ରୀଚୈତନ୍ୟଂକର ସମସାମୟିକ ଥିଲେ । ଗୌଡ଼ୀୟ କବିମାନଂକ ଗ୍ରଂଥରେ ଏହି ଦୁଇ ମହାପୁରୁଷଂକ ବିଷୟ ବର୍ଣ୍ଣିତ ହୋଇଛି । ବଂଗୀୟ କବି ଦେବକୀନଂଦନ ଦାସ ବଳରାମଂକ ସଂବଂଧରେ ଲେଖିଛଂତି:

"ବଂଦି ଉତ୍କଳୀୟା ବଳରାମ ଦାସ ମହାଶୟ
ଜଗନ୍ନାଥ ବଳରାମ ଯାର ବଂଶ ହୟ ।"

'ଜଗନ୍ନାଥ ବଳରାମ ଯାର ବଂଶ' ପଦାଂଶରୁ ବଳରାମ ଦାସ ଗୋପାଳ କୁଳରେ ଜନ୍ମହୋଇଥିବା କଥା ଜଣାପଡୁଛି । ତାଂକ ନିବାସ ସ୍ଥାନ ପୁରୀ ଥିଲା ବୋଲି 'ଦାର୍ଢ୍ୟତାଭକ୍ତି'ରୁ ଜଣାଯାଏ । "ନାମ ତା ବଳରାମ ଦାସ । ମହଂତ ସୋମନାଥ ଶିଷ୍ୟ ।" ପୁରୁଷୋତ୍ତମ ଦେବ ଓ ତାଂକ ପୁତ୍ର ପ୍ରତାପରୁଦ୍ର ଦେବଂକର ସେ ସମସାମୟିକ ଥିଲେ । ପୁରୁଷୋତ୍ତମ ଦେବଂକ ଶାସନକାଳ ଖ୍ରୀ. ୧୪୬୭ରୁ ୧୪୯୭ ପର୍ଯ୍ୟଂତ ଥିଲା । ବଳରାମ ଦାସ ଖ୍ରୀ ୧୪୮୨ରେ ଜନ୍ମଲାଭ କରିଥିଲେ ବୋଲି ଅଚ୍ୟୁତାନଂଦ ଦାସଂକ 'ଉଦୟ କାହାଣୀ'ରୁ ଜଣାପଡ଼େ ।

ସେ ଦାଂଡିବୃତ୍ତରେ ରାମାୟଣ ଗ୍ରଂଥ ରଚନା କରିଥିଲେ । ଏହାର ଅନ୍ୟ ନାମ ଜଗମୋହନ ରାମାୟଣ ବା ଦାଂଡି ରାମାୟଣ । ତାଂକ ବୟସ ୩୨ ବର୍ଷହେଲା ବେଳକୁ ସେ ରାମାୟଣ ଲେଖା ଶେଷ କରିସାରିଥିଲେ । (ଓ.ଇ) ମାତ୍ର ଦୁଃଖର କଥା ବଜାରେ ଯେଉଁ ଜଗମୋହନ ରାମାୟଣ ମିଳେ ସେଥିରେ ଦାଂଡିବୃତ୍ତର ଅସ୍ତିତ୍ୱ ନାହିଁ । ସାରଳା ଦାସଂକ ମହାଭାରତ ପରି ଦାଂଡି ରାମାୟଣକୁ ମଧ୍ୟ କାଟଛାଂଟ କରି ଚଉଦ ଅକ୍ଷରୀ ବୃତ୍ତରେ ପରିଣତ କରାଯାଇଛି । ସେଥିପାଇଁ ବଜାରର ଛପା ବହିରୁ ଦଂାଡି ରାମାୟଣ ନାମର କୌଣସି ସାର୍ଥକତା ଖୋଜି ପାଇବା କଷ୍ଟ । ବଳରାମ ଦାସଂକ ଦାଂଡି ରାମାୟଣ ମୂଳ ବାଲ୍ମୀକି ରାମାୟଣର ଅବିକଳ ଅନୁବାଦ ନ ହେଲେ ମଧ୍ୟ ଏଥିରେ ମୂଳଗ୍ରଂଥର ସମସ୍ତ ବିଷୟ ସ୍ଥାନ ପାଇଛି ।

ତାଛଡ଼ା ଅନେକ ନୂତନ ବିଷୟ ମଧ୍ୟ ସେ ସଂଯୋଗ କରିଛନ୍ତି । ରାମାୟଣ ଛଡ଼ା ସେ ନିମ୍ନଲିଖିତ ପୁସ୍ତକମାନ ପ୍ରଣୟନ କରିଛନ୍ତି ବୋଲି ପଣ୍ଡିତ ବିନାୟକ ମିଶ୍ରଙ୍କ ଲେଖାରୁ ଜଣାପଡ଼େ ।

ବ୍ରହ୍ମପୁରାଣ, କାନ୍ତ କୋଇଲି, ଲକ୍ଷ୍ମୀପୁରାଣ, ମୃତୁଣୀ ସ୍ତୁତି, ଦୁର୍ଗାସ୍ତୁତି, ରାମବିଭା, କମଳଲୋଚନ ଚଉତିଶା, ବାରମାସୀ, 'ଭାବ ସମୁଦ୍ର, ଭକ୍ତିରସାମୃତ ସିନ୍ଧୁ, ସପ୍ତ ବିନୋଦ, ବ୍ରହ୍ମାଣ୍ଡ ଭୂଗୋଳ, ଶରୀର ଭୂଗୋଳ. ବେଢ଼ା ପରିକ୍ରମା, ତୁଳାଭିଣା, ଅର୍ଜୁନ ଗୀତା, ଗଜ ନିସ୍ତାରଣ ଗୀତା, ଭଗବଦ୍ ଗୀତା, ଅମରକୋଷ ଗୀତା, ଗୁପ୍ତ ଗୀତା, ଗରୁଡ଼ ଗୀତା, ନାମରତ୍ନ ଗୀତା, ବିରାଟ ଗୀତା, ଗୀତାସାର, ଗଣେଶ ବିଭୂତି, ବଉଳା ଗାଈ ଗୀତ । ଏହାଛଡ଼ା ସପ୍ତାଙ୍ଗସାର ଗୀତା, ବେଦାନ୍ତସାର ଗୁପ୍ତଗୀତା ଏବଂ ବାଟ ଅବକାଶ ନାମକ ଆଉ ତିନି ଖଣ୍ଡ ଗ୍ରନ୍ଥ ପ୍ରଣୟନ କରିଥିଲେ ବୋଲି ଅଧ୍ୟାପକ ପ୍ରଭାତ ମୁଖାର୍ଜି କହନ୍ତି । ତାଙ୍କ ପ୍ରଣୀତ ଲକ୍ଷ୍ମୀପୁରାଣ ଗୁରୁବାର ମାଣବସାରେ ପ୍ରତି ଘରେ ଘରେ ପଠିତ ହୁଏ । (ଓଡ଼ିଶା ଇତିହାସ)

ବଳରାମ ଦାସ 'ବ୍ରହ୍ମାଣ୍ଡ ଭୂଗୋଳ'ରେ ଭାଗବତର ଟୀକା କରିଛନ୍ତି । ଶୁଣାଯାଏ ସେ ଅତିବଡ଼ି ଜଗନ୍ନାଥ ଦାସ ଭାଗବତ ଲେଖୁଥିଲାବେଳେ ତାଙ୍କଠାରୁ ତାହା ଶୁଣି ଏବଂ ସେ ସମ୍ବନ୍ଧରେ ଆଲୋଚନା କରି ନିଜେ ଏକ ଟୀକା ପ୍ରଣୟନ କରିଥିଲେ । ଭାଗବତର ଅର୍ଥ ସେ କରିଛନ୍ତି 'ଭାବରୁ ଯାହା ସେ ସମ୍ଭୂତ । ଏଣୁକି ନାମ ଭାଗବତ ।' (୬ମ ଅ) ତତ୍ପରେ ସଂସ୍କୃତ ଭାଗବତର ପ୍ରଥମ ଶ୍ଲୋକ 'ନିଗମ କଳ୍ପ ତରୋର୍ଗଳିତଂ'ର ଅର୍ଥ ନିମ୍ନ ପ୍ରକାରେ କରିଛନ୍ତି ।

ନିଗମ ବୋଲି ଯାହା କହି । ମହାଶୂନ୍ୟଟି ସେ ଅଟଇ ।
ବେଦ ଯହିଁକି ନ ଗମିଲା । ତେଣୁ ନିଗମ ନାମ ହେଲା । (୭ମ ଅ)

ଜଗନ୍ନାଥ ଦାଶଙ୍କ ଭାଗବତରେ ଥିବା 'ଅନାଦି ପରମ କାରଣ'ର ଅର୍ଥ ସେ କରିଛନ୍ତି—

ଅନାଦି ଅର୍ଦ୍ଧମାତ୍ରା ବା ପ୍ରକୃତି ଭାବ । ତାଙ୍କ ଭାଗବତରେ ଭଗବାନଙ୍କୁ ସେ 'ନୀଳା ବର୍ଦ୍ଧିତ କଳେବର ଦେବ ମାନବେ ଅଗୋଚର' (୧.୧ଶ.ଅ) ବୋଲି କହିଛନ୍ତି । ପୁଣି, "କରୁଣା କଟାକ୍ଷ ପ୍ରକାଶେ ଭକତଜନ ଦୁଃଖ ନାଶେ ।"

## ଅଣାକାର ତତ୍ତ୍ୱ ବା ଶୂନ୍ୟବାଦ

ବଳରାମ ଦାସଙ୍କର କେତେକ ଲେଖାରେ ଅଣାକାର ବା ନିରଞ୍ଜନ ତତ୍ତ୍ୱ ଏବଂ ଶୂନ୍ୟବାଦର ବର୍ଣ୍ଣନା ଦେଖାଯାଏ । ନିର୍ଗୁଣ ବ୍ରହ୍ମଙ୍କ ଉପାସନା ଆମ ଦେଶରେ

କିଛି ନୂଆ ନୁହେଁ । ଏହା ବହୁ ଯୁଗରୁ ଆମର ଧ୍ୟାନ ଧାରଣାରେ ରହିଛି । ଶ୍ରୁତିରେ ବ୍ରହ୍ମଙ୍କୁ ସବିଶେଷ ଓ ନିର୍ବିଶେଷ ଉଭୟ ରୂପରେ ଏକ ସଙ୍ଗରେ ବର୍ଣ୍ଣନା କରାଯାଇଛି । ସେ ଏକାଧାରରେ ସଗୁଣ ପୁଣି ନିର୍ଗୁଣ । ଜଣେ ଲେଖକଙ୍କ ମତରେ :— ବ୍ରହ୍ମ ସଗୁଣ ପୁଣି ନିର୍ଗୁଣ । ଏହାର ସାରମର୍ମ ହେଉଛି : ବ୍ରହ୍ମଠାରେ ଅପ୍ରାକୃତ ଗୁଣ ଅଛି, କିନ୍ତୁ ପ୍ରାକୃତ ଗୁଣ ନାହିଁ । ବ୍ରହ୍ମଙ୍କର ମାୟାରୁ ଉଦ୍ଭୂତ, ସେହି ଜଡ଼ ପ୍ରାକୃତର ରସ ନାହିଁ, ଗନ୍ଧ ନାହିଁ, ସ୍ପର୍ଶ ନାହିଁ । କିନ୍ତୁ ବ୍ରହ୍ମଙ୍କର ଚିତ୍ ଶକ୍ତିରୁ ଯାହା ଉତ୍ପନ୍ନ, ଯାହା ଚିନ୍ମୟ ବା ଅପ୍ରାକୃତ ତାର ରସ, ଗନ୍ଧ, ସ୍ପର୍ଶ ଅଛି । ପଦ୍ମ ପୁରାଣରେ ଏହାର ଏକ ସମାଧାନ କରାଯାଇଛି । ଶାସ୍ତ୍ରରେ ଭଗବାନଙ୍କୁ ଯେ ନିର୍ଗୁଣ କୁହାଯାଇଛି ତାର ଅର୍ଥ ହେଉଛି,—ଯାହା ତାଙ୍କର ମାୟାରୁ ଜାତ, ତାହା ହେୟ ପ୍ରାକୃତ ଅର୍ଥାତ୍ ଗୁଣହୀନ । ତାର ରସ, ଗନ୍ଧ, ସ୍ପର୍ଶ କିଛି ନାହିଁ । ମାତ୍ର ଯାହା ତାଙ୍କର ଚିତ୍‌ରୁ ଜାତ,—ଯାହା ଚିନ୍ମୟ ବା ଅପ୍ରାକୃତ, ତାହା ସଗୁଣ, ଅର୍ଥାତ୍ ତାର ରସ, ଗନ୍ଧ, ସ୍ପର୍ଶ ଅଛି ।

"ଯୋଽସୌ ନିର୍ଗୁଣ ଇତ୍ୟୁକ୍ତଃ ଶାସ୍ତ୍ରେଷୁ ଜଗଦୀଶ୍ୱର
ପ୍ରାକୃତୈ ହେୟ ସଂଯୁକ୍ତୈ ଗୁଣୈର୍ହୀନତ୍ୱ ମୁଚ୍ୟତେ ।"

ବ୍ରହ୍ମଙ୍କଠାରେ ହେୟ ପ୍ରାକୃତ ଗୁଣ ନାହିଁ । କେବଳ ତାଙ୍କ ମାୟା-ସମ୍ଭୂତ ପଦାର୍ଥରେ ଏ ଗୁଣ ଅଛି । କିନ୍ତୁ ଭଗବତ୍ ପଦବାଚ୍ୟ ସବୁ ଗୁଣ ଯଥା :— ଜ୍ଞାନ, ଶକ୍ତି, ବଳ, ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ତେଜ ତାଙ୍କଠାରେ ଅଛି ।

ଏହାର ତାତ୍ପର୍ଯ୍ୟ : ପ୍ରାକୃତ ଗୁଣ ଦୃଷ୍ଟିରୁ ବ୍ରହ୍ମ ନିର୍ଗୁଣ । କିନ୍ତୁ ଅପ୍ରାକୃତ ଗୁଣ ବିଷୟରେ ବ୍ରହ୍ମ ସଗୁଣ ।

ଭଗବଦ୍‌ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି :—

"କ୍ଲେଶୋଧିକତରସ୍ତେଷାମବ୍ୟକ୍ତା-ସକ୍ତ ଚେତସାମ୍
ଅବ୍ୟକ୍ତାହି ଗତିର୍ଦୁଃଖଂ ଦେହବଦ୍‌ଭିରବାପ୍ୟତେ ।" (୧୨।୫)

ଅର୍ଥାତ୍ "ଏହି ଅବ୍ୟକ୍ତରେ ଯେଉଁମାନେ ଆସକ୍ତ ସେମାନେ ଅଧିକତର କ୍ଳେଶ ଭୋଗ କରନ୍ତି । କାରଣ ଦେହାଭିମାନୀ (ଦେହ-ଇନ୍ଦ୍ରିୟଧାରୀ) ବା ଦେହୀଗଣ ନିର୍ଗୁଣ ବ୍ରହ୍ମବିଷୟକ ନିଷ୍ଠା ନିରତିଶୟ କ୍ଳେଶ ଦ୍ୱାରା ଲାଭ କରିଥାନ୍ତି ।

ମନୁଷ୍ୟର ମନ ସ୍ୱଭାବ-ଚାଳିତ ହୋଇ ଉପାସ୍ୟ ବସ୍ତୁ ଉପରେ ପ୍ରେମ ବା ଭକ୍ତି ସ୍ଥାପନ କରେ । ଇନ୍ଦ୍ରିୟାତୀତ, ଅବ୍ୟକ୍ତ, ଅନନ୍ତ, ନିରାକାର, ନିର୍ଗୁଣର

ଧାରଣା କରିବା ତା ପକ୍ଷରେ କଷ୍ଟକର । ତେଣୁ 'ଅବ୍ୟକ୍ତ ନିର୍ଗୁଣ ବ୍ରହ୍ମ ଅପେକ୍ଷା ବ୍ୟକ୍ତ-ସଗୁଣ ବ୍ରହ୍ମର ସ୍ୱରୂପ ଧାରଣା ସାଧାରଣ ମଣିଷ ପକ୍ଷରେ ସହଜ । ଏହାକୁ ହିଁ ପ୍ରତ୍ୟକ୍ଷ ମାର୍ଗ କୁହାଯାଏ । ଏଇ ପ୍ରତ୍ୟକ୍ଷମାର୍ଗ ହିଁ ଭକ୍ତି ମାର୍ଗ ଏବଂ ପ୍ରେମ ବା ମାଧୁର୍ଯ୍ୟ ମାର୍ଗ । ଈଶ୍ୱରଙ୍କଠାରେ ଅନୁରକ୍ତି ବା ପ୍ରେମ, ଭକ୍ତି ଅର୍ପଣ ପରାଭକ୍ତି । ଶାଣ୍ଡିଲ୍ୟ ସୂତ୍ରରେ "ସାପରାନୁରକ୍ତିରୀଶ୍ୱରେ" ର ଅର୍ଥ ସଗୁଣ ଈଶ୍ୱରଙ୍କ ପ୍ରତି ଅନୁରକ୍ତି ବା ଅନୁରାଗ । ଭକ୍ତି ସରଳ ମାର୍ଗ । ଏଥିପାଇଁ ଯୋଗସାଧନା ବା ତପ କର୍ମାଦିର ଆବଶ୍ୟକତା ନାଇ ।*

ବଳରାମ ଦାସ ଓ ଜଗନ୍ନାଥ ଦାସ ପ୍ରମୁଖ ଜ୍ଞାନମିଶ୍ରା ଭକ୍ତିମାର୍ଗର କବି ଥିଲେ । ସେମାନେ ଏ ଉଭୟ ଉପାସନାର ମାର୍ଗ ଦେଖାଇ ଯାଇଛନ୍ତି । ସେମାନେ ନିଜେ ସଗୁଣ ବ୍ରହ୍ମର ଉପାସକ ଥିଲେ । ବଳରାମ ଦାସ ନିଜ ପ୍ରଣୀତ ଦାଣ୍ଡି ରାମାୟଣ, ଲକ୍ଷ୍ମୀପୁରାଣ, ବେଢ଼ା ପରିକ୍ରମା, ଭଗବଦ୍‌ଗୀତା, ଆର୍ଜୁନଗୀତା, କମଳ-ଲୋଚନ ଚଉତିଶା, ମୃଗୁଣୀସ୍ତୁତି ପ୍ରଭୃତିରେ ଜଗନ୍ନାଥ, ଶ୍ରୀକୃଷ୍ଣ, ଶ୍ରୀରାମ, ଲକ୍ଷ୍ମୀ, ପ୍ରଭୃତି ଦେବଦେବୀଙ୍କର ସ୍ତୁତି କରିଛନ୍ତି ଏବଂ ସେମାନଙ୍କର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ଅନ୍ୟ କେତେକ ରଚନାରେ ସେ ନିର୍ଗୁଣ ବ୍ରହ୍ମ ବା ଅଣାକାର ବ୍ରହ୍ମଙ୍କର ମାହାତ୍ମ୍ୟ ପ୍ରତିପାଦିତ କରିଛନ୍ତି । ସାରଳା ଦାସଙ୍କ ସାହିତ୍ୟରେ ଆମେ ପ୍ରଥମେ "ଅଣାକାର ବିଷ୍ଣୁ", "ନିରାକାର ନିରଞ୍ଜନ"ର ସନ୍ଧାନ ପାଇଥିଲୁଁ । ପଞ୍ଚଦଶ ଶତାବ୍ଦୀର ଉତ୍କଳୀୟ କବିମାନେ ଯେ ଉଭୟ ସଗୁଣ ଓ ନିର୍ଗୁଣ ବ୍ରହ୍ମ ପ୍ରତି ଭକ୍ତିଭାବ ପୋଷଣ କରୁଥିଲେ ଏହାହିଁ ଏଥିରୁ ପରିସ୍ଫୁଟ ହୁଏ ।

ବୌଦ୍ଧ ଶୂନ୍ୟବାଦ ଓ ଗୋରଖନାଥଙ୍କ ନାଥଧର୍ମର ପ୍ରଭାବ

ବୌଦ୍ଧ ଶୂନ୍ୟବାଦ — ମଧ୍ୟ ଏମାନଙ୍କ ଉପରେ ପଡ଼ିଥିଲା । ସାରଳା ମହାଭାରତରେ ଗୋରଖନାଥଙ୍କ ବନ୍ଦନାରୁ ଏହା ସ୍ପଷ୍ଟ ।

## ପିଣ୍ଡ-ବ୍ରହ୍ମାଣ୍ଡବାଦ

**ବଳରାମ ଦାସଙ୍କ ବ୍ରହ୍ମଗୀତାରୁ—**

"....ଶୁଣ ଅର୍ଜୁନ ଥିର ମନେ ଏ ରୂପତ ଜ୍ଞାନଟି । ଏ ଶରୀରେ ମନ ପାଞ୍ଚ । ପଚିଶ ପ୍ରକୃତି । ପାଞ୍ଚ ପବନକୁ ମନ ପାଞ୍ଚ । ଗୁଣ ତିନି । ବେଦ

* ଓଡ଼ିଆ ସାହିତ୍ୟର ଇତିହାସ—ସୂର୍ଯ୍ୟନାରାୟଣ ଦାଶ—ପୃ ୪୦୦ ।

ଗୁଣ । ରସ ନୁଅ । ଚଂନ୍ଦ୍ର ସୂର୍ଯ୍ୟ ଦୁଇ । ଗ୍ରହ ନବ । ଏ ଦେହରେ ଧରଣୀ ବାନ୍ଧି । ଭୋ ସ୍ୱାମୀ ଓଂକାର ଥାପି ମୋତେ ପରମାର୍ଥ ଦେଖାଇବ । ଶ୍ରୀହରି ହରଷ ହୋଇ କହଂତି । ଏ ପରମାର୍ଥଟି ଆକାର ଉକାର ମକାର ସକାର । ତିନ୍ନ ରୂପଟି ଏହି । ଉକାର ବ୍ରହ୍ମା, ମକାର ବିଷ୍ଣୁ, ସକାର ଶିବ । ସିଦ୍ଧିରସ୍ତୁ ଏ ଗୃହରେ ନିରାକାରଟି । ଏଇ ହେତୁରେ ବ୍ରହ୍ମ ଦର୍ଶନଟି । ଏ ଗୁପତ ବ୍ୟକ୍ତ ନ କରିବ । ଏହା ନମସ୍କାର ବୁଝ । ଏଇ ବ୍ରହ୍ମର ଉଦେ ଅସ୍ତଟି ଯେମଂତେ ଦିନ ଦିବସ ହୋଅଇ । ସେହିରୂପେ ଗ୍ୟାଂନୀ । ଶୁଣ ଅର୍ଜୁନ ଥିରମନ ହୋଇ । ଉତ୍ପତ୍ତି ପ୍ରଳୟ ନିର୍ଣ୍ଣୟେ ବୁଝ ପୃଥ୍ବୀ ଏକ । ଅପ ଦୁଇ । ତେଜ ତିନି । ବାଇ ଚାରି । ଆକାଶ ପାଂଚ । ଅହଂକାର ଛଅ । ବୁଦ୍ଧି ସାତ । ମନ ଆଠ । ଅଷ୍ଟଫାଶି ଏହାଂକୁ ବୋଲି । ଏ ଅଷ୍ଟଫାଶି ଫିଟିବାକୁ ଅବନା ଗାୟତ୍ରୀ ମଂତ୍ର ଅଷ୍ଟ ଅକ୍ଷର । ଏ ଗୁରୁ ଗୃହଦଂତ୍ତ ପାହାଂତିରେ ଜପିବ ।" × × × × ×

ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏବଂ ସିଦ୍ଧିରସ୍ତୁ ମିଶି ନିରାକାର ହୁଏ ବୋଲି ସୂଚନା ମିଳୁଛି । ଏଥିରୁ ଜଣାଯାଉଛି ନିର୍ଗୁଣ ବ୍ରହ୍ମଙ୍କୁହିଁ ସେ ନିରାକାର କହୁଛଂତି । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଅର୍ଥାତ୍ ଉକାର, ମକାର ଓ ସକାର ହେବ ଏଇ ନିର୍ଗୁଣ ବ୍ରହ୍ମଂକର ଭିନ୍ନ ଭିନ୍ନ ପ୍ରକାର । ଏଇ ଶୂନ୍ୟ ବ୍ରହ୍ମଂକୁ ପୁଣି 'ବିରାଟ' କୁହାଯାଇଛି । "ଏକ ମୁଁ ମହାଶୂନ୍ୟ ଥାଇ ବିରାଟ ରୂପେ ଥିଲି ମୁହିଁ ।" ('ବିରାଟ ଗୀତା'—ବଳରାମ ଦାସ)

ଏଇ ବିରାଟ, ଅଲେଖ, ନିରାକାର ନିରଂଜନ ।

ଏଇ ବିରାଟ ପୁରୁଷହିଁ ଶୂନ୍ୟ ରୂପେ କଳ୍ପିତ ଯାହାର ଅର୍ଥ ନିର୍ଗୁଣ ବ୍ରହ୍ମ ।※

ଏହା ସହିତ ବହୁ ପରବର୍ତ୍ତୀ ଯୁଗର ଗୋଟିଏ 'ନିରାକାର' ଭଜନକୁ ତୁଳନା କଲେ କିଭଳି ଘନ ରହସ୍ୟବାଦ ସୃଷ୍ଟି ହୋଇଛି ତାହାର ଏକ ନିଦର୍ଶନ ମିଳିବ ।

"ଧ୍ୟାନ ଲଗିଛିରେ ଭ୍ରମତ ଗୁଂଫାରେ ଯାଇଁ । ଯାଉଁଲା ଅର୍ଗଳ ମଧ୍ୟରେ ଭ୍ରମର ସୁଖେ ଲୀଳା କରୁଥାଇ । ଦୁଇ ଦ୍ୱାରେ ଦୁଇ କବାଟ ଲଗିଛି ପ୍ରକୃତି କରୁଛି ବଣା । ଏକାଦଶ ଇଂଦ୍ର ପଂଚ ଘୁଣେ ଛେଦ ପାରିଲେ ହୋଇବୁ ଜଣା । ଗୁଡ଼ରେ କୁମନ ଧରରେ ସୁମନ ବହୁଛି ତ୍ରିବେଣୀ ଧାର । ପଂଚପୁଷ୍ପ ଘେନି ହରଂକୁ ସେବିଲେ ପାଇବୁ ଅମର ବର । ଲେଉଟପବନ ପାଳିଟି ବହୁଛି ସୂକ୍ଷ୍ମେନେ ତାର ବାଟ । ତିଳମେ଼ପା ପ୍ରାୟ କବାଟ ଲଗିଛି ଚଲେ ମତ୍ତଗଜ

---

※ "ବ୍ରହ୍ମାଂଡ ଯେତେ ବିଧିମତ ପିଂଡରେ ଅଛଂତି ସମସ୍ତ । ପିଂଡ ବ୍ରହ୍ମାଂଡ ଏକମତ ।' (ବିରାଟଗୀତା) ଏହାହିଁ ହେଉଛି ଏ ମତବାଦର ମୂଳକଥା ।

ଥାଟ । ହଂସ ଘରେ ହଂସ ହଂଗୁଲି ଅଛନ୍ତି ଦୁହେଁ ଦୁହିଂଙ୍କ ଅଦୃଶ୍ୟ । କହଇ ମୋହନ ଗୁରୁସେବା କଲେ ଅଦୃଶ୍ୟ ହୋଇବ ଦୃଶ୍ୟ ।" (ଶବ୍ଦଭେଦ ଭଜନ)

ଏହାର ଅର୍ଥ ଆଧୁନିକ ପାଠକ ବୁଝନ୍ତୁ କି ନବୁଝନ୍ତୁ ଏଥିରେ ଥିବା କେତୋଟି ଚିରକାଳୀ ପ୍ରତ୍ୟେକ ଯୁଗରେ ପ୍ରତ୍ୟେକ ଲୋକର ହୃଦୟ ଆକର୍ଷଣ କରିବ ।

## ଅତିବଡ଼ି ଜଗନ୍ନାଥ ଦାସ

ଅତିବଡ଼ି ଜଗନ୍ନାଥ ଦାସ ସାରଳା ଯୁଗର ଅନ୍ୟତମ ଶ୍ରେଷ୍ଠ କବି ଓ ସାଧକ । ସେ ସୂର୍ଯ୍ୟବଂଶୀ ମହାରାଜା ପ୍ରତାପରୁଦ୍ରଦେବଙ୍କ (ଖ୍ରୀ. ୧୪୯୭-୧୫୨୧) ସମସାମୟିକ ଥିଲେ । ଶ୍ରୀ ଚୈତନ୍ୟଙ୍କର ମଧ୍ୟ ସେ ଜଣେ ସଖା ବା ଶିଷ୍ୟ ଥିଲେ । ଶୁଣାଯାଏ ଶ୍ରୀ ଚୈତନ୍ୟ ଯେତେବେଳେ ପ୍ରଥମ ଥର ପାଇଁ ପୁରୀ ଆସନ୍ତି, ସେତେବେଳକୁ ଜଗନ୍ନାଥ ଦାସଙ୍କର ବୟସ ମାତ୍ର ୧୮ ବର୍ଷ, ଏବଂ ସେ ଭାଗବତ ଲେଖୁଥିଲେ । ଶ୍ରୀ ଚୈତନ୍ୟ ଖ୍ରୀ ୧୫୧୦ଠାରୁ ଖ୍ରୀ ୧୫୩୩ ପର୍ଯ୍ୟନ୍ତ ପୁରୀରେ ଅବସ୍ଥାନ କରିଥିଲେ ଏବଂ ୧୫୩୩ ଖ୍ରୀଷ୍ଟାବ୍ଦରେ ପୁରୀଠାରେହିଁ ଦେହତ୍ୟାଗ କରିଥିଲେ । ଶ୍ରୀ ଚୈତନ୍ୟ ତାଙ୍କର ୨୪ ବର୍ଷ ସନ୍ନ୍ୟାସ ଜୀବନକୁ ୮ ବର୍ଷ କାଳ ପୁରୀରେ କଟାଇ ଥିଲେ ଏବଂ ବାକୀ ଛଅ ବର୍ଷ ତୀର୍ଥଭ୍ରମଣରେ ଅତିବାହିତ କରିଥିଲେ । ଜଗନ୍ନାଥ ଦାସଙ୍କର ଜନ୍ମ ଖ୍ରୀ ୧୪୮୭ କିମ୍ବା ୧୪୮୨ରେ ହୋଇଥିଲା ବୋଲି ଅନୁମାନ ହୁଏ । ଦିବାକର ଦାସ ତାଙ୍କ ଜଗନ୍ନାଥ ଚରିତାମୃତରେ ଲେଖିଛନ୍ତି "ଅଷ୍ଟାଦଶ ବରଷ ବେଳେ । ଶ୍ରୀଚୈତନ୍ୟ ଭେଟ ହେଲେ ।" ଶ୍ରୀଚୈତନ୍ୟ ଖ୍ରୀ୧୫୦୫ ରେ ପ୍ରଥମ ଥର ପୁରୀ ଆସିଥିଲେ । (୧) 'ଜଗନ୍ନାଥ ଚରିତାମୃତ'ରେ ପୁଣି ଲେଖା ଅଛି ଯେ ଜଗନ୍ନାଥ ଦାସଙ୍କୁ ଶ୍ରୀଚୈତନ୍ୟ 'ଅତିବଡ଼ି' ବୋଲି ସମ୍ବୋଧନ କରୁଥିଲେ । ଶ୍ରୀଚୈତନ୍ୟ କହିଥିଲେ, 'ଅତିବଡ଼ି କଥା କହିଲ । ତେଣୁ ଅତିବଡ଼ି ହୋଇଲ ।' ଶ୍ରୀଚୈତନ୍ୟ ଜଗନ୍ନାଥଙ୍କୁ ପ୍ରେମାଙ୍ଗ ଭକ୍ତ ବୋଲି ଜାଣି ଅତିଶୟ ଶ୍ରଦ୍ଧା କରୁଥିଲେ । ଏଥିପାଇଁ ବଙ୍ଗୀୟ ବୈଷ୍ଣବମାନେ ବଡ଼ ଦୁଃଖିତ ଓ ଈର୍ଷାନ୍ୱିତ ହେଉଥିଲେ, ଏବଂ ପୁରୀ ଛାଡ଼ି ବୃନ୍ଦାବନ ଚାଲିଯାଇଥିଲେ । ଜଗନ୍ନାଥ ଦାସଙ୍କ ଅଲୌକିକତା ସମ୍ବନ୍ଧରେ ଉତ୍କଳୀୟ ପଣ୍ଡିତମାନଙ୍କ ଛଡ଼ା ଜୀବଗୋସ୍ୱାମୀଙ୍କ ଭଳି ବଙ୍ଗୀୟ ଭକ୍ତ ମଧ୍ୟ ତାଙ୍କ 'ଜଗନ୍ନାଥଚରିତସୁଧାସିନ୍ଧୁ' ନାମକ ସଂସ୍କୃତ ଗ୍ରନ୍ଥରେ କେତେକ ଅପ୍ରାକୃତ ଘଟଣାର ଉଲ୍ଲେଖ କରିଛନ୍ତି ।

---

(୧) ଓଡ଼ିଆ ସାହିତ୍ୟର ଇତିହାସ ଓ ଓଡ଼ିଶା ଇତିହାସ ଦ୍ରଷ୍ଟବ୍ୟ ।

ବଳରାମ ଦାସ ଓ ଜଗନ୍ନାଥ ଦାସଙ୍କୁ ଅନେକେ 'ପ୍ରଚ୍ଛନ୍ନ ବୌଦ୍ଧ' ମନେ କରିଥାଂନ୍ତି । ଜଗନ୍ନାଥ ଦାସଂକ 'ଷୋଳ ଚଉପଦୀ'ରେ ମାଧୁର୍ଯ୍ୟରସର କବିତା ଦେଖାଯାଏ ;

ରାଧାକୃଷ୍ଣ ପ୍ରେମରସ କିଶୋର-କିଶୋରୀ ବେଶ
 ଚଉଷଠି ବନ୍ଧେ କଲେ ରମଣ ରସ ।
 ମୁଖେ ମୁଖ ଅଧର ପାନ ।
ନବ ବନ୍ଧୁଳରେ ଅଳି ଚୁଂବେ ଯେସନ । (୧)

ସେ ସଗୁଣ ଓ ନିର୍ଗୁଣ ବ୍ରହ୍ମର ସମନ୍ୱୟରୂପୀ ଜଗନ୍ନାଥଂକର ଭକ୍ତ ଥିଲେ । ସେଇ ଜଗନ୍ନାଥହିଁ ପୁଣି କୃଷ୍ଣ ଏବଂ ମାଧୁର୍ଯ୍ୟ-ଲୀଳାର ଦେବତା । ଏଇ ମାଧୁର୍ଯ୍ୟ-ଲୀଳାରେ ପୁଣି ଆଦ୍ୟାଶକ୍ତି ଦୁର୍ଗାଂକର ଭୂମିକା ରଚନା କରାଯାଇଚି । ଏହାଛଡ଼ା ସପ୍ତାଂଗ ଯୋଗସାଧନାର ଗୁରୁତ୍ୱ ସ୍ୱୀକାର କରାଯାଇଚି । ଏଥିରୁ ମନେହୁଏ ବୌଦ୍ଧ ଶୂନ୍ୟବାଦ ଏବଂ ଶାକ୍ତ ଓ ବୈଷ୍ଣବ ଧର୍ମ ତଥା ଯୋଗାଚାରର ସଂଗମରେହିଁ ଏ-ଯୁଗୀୟ କବିମାନଂକର ଧର୍ମ-ଧାରଣା ଗଠିତ ହୋଇଥିଲା ।

## ଦାର୍ଶନିକ ପୃଷ୍ଠଭୂମି

ପ୍ରତାପରୁଦ୍ର ଦେବଂକ ପୂର୍ବରୁ ଉତ୍କଳରେ ଧର୍ମର ବନ୍ୟା ପ୍ରବାହିତ ହେଉ-ଥିଲା । ଏକାଦଶ ଶତାବ୍ଦୀରେ ଚୋଡ଼ଗଂଗଂକ ସମୟରେ ବିଶିଷ୍ଟାଦ୍ୱୈତବାଦର ପ୍ରବର୍ତ୍ତକ ରାମାନୁଜ ପୁରୀକୁ ଆସି ତାଂକ ଧର୍ମମତ ପ୍ରଚାର କରି ଯାଇଥିଲେ । ଏହା-ପରେ ଜୟଦେବଂକ ଗୀତଗୋବିଂଦର ପ୍ରଭାବ ମଧ୍ୟ ଓଡ଼ିଶାର ଧର୍ମଜୀବନକୁ ଆଲୋଡ଼ିତ କରିଥିଲା, ଖ୍ରୀଷ୍ଟୀୟ ତ୍ରୟୋଦଶ ଶତକର ମଧ୍ୟ ପର୍ବରେ । ଚତୁର୍ଦ୍ଦଶ ଶତାବ୍ଦୀରେ ରାମାନଂଦ ସ୍ୱାମୀ ପୁରୀକୁ ଆସି ତାଂକ ମତବାଦ ପ୍ରଚାର କରି ଯାଇଥିଲେ । ଚତୁର୍ଦ୍ଦଶ ଶତକର ବଂଗୀୟ କବି ଚଂଡୀଦାସ ଏବଂ ପରବର୍ତ୍ତୀ ବ୍ରଜବୋଲି କବି ବିଦ୍ୟାପତିଂକ ପଦାବଳୀ ମଧ୍ୟ ଧର୍ମ ଜଗତରେ ପ୍ଲାବନ ଆଣିଥିଲା । ପଂଚଦଶ ଶତକର ପ୍ରଥମ ପାଦରେ ସଂଥ କବିର ପୁରୀ ଆସି ତାଂକର ସର୍ବଧର୍ମସମନ୍ୱୟ-ମତବାଦ ଏବଂ ରାମ-ନାମ ପ୍ରଚାର କରିଥିଲେ । ଷୋଡ଼ଶ ଶତାବ୍ଦୀର ପ୍ରଥମ ଭାଗରେ ତୁଳସୀ ଦାସ ଏବଂ ଶିଖ ଗୁରୁ ନାନକ ଆସି ନିଜ ନିଜ ଧର୍ମମତ ପ୍ରତିଷ୍ଠା କରିବା

(୧) Ibid

ଲାଗି ଚେଷ୍ଟା କରିଥିଲେ । ଦ୍ୱୈତାଦ୍ୱୈତର ପ୍ରତିଷ୍ଠାତା ବଲ୍ଲଭାଚାର୍ଯ୍ୟ ମଧ୍ୟ ପୁରୁଷୋତ୍ତମ ଏବଂ ଓଡ଼ିଶା ଆସିଥିଲେ । ଶେଷରେ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳରେ ଶ୍ରୀ ଚୈତନ୍ୟ ଆସି ପୁରୀରେ ଅବସ୍ଥାନ କରିଥିଲେ ।*

ଏହିପରି ବିଭିନ୍ନ ଧର୍ମର ପ୍ରଭାବ ବଳରାମ ଦାସ ଓ ଜଗନ୍ନାଥ ଦାସଙ୍କ ଉପରେ ନିଶ୍ଚୟ ପଡ଼ିଥିଲା । ବୌଦ୍ଧ ଶୂନ୍ୟବାଦକୁ ଶଙ୍କରାଚାର୍ଯ୍ୟ ଖଣ୍ଡନ କରି ଯାଇଥିଲେ । ମାତ୍ର ଶଙ୍କରାଚାର୍ଯ୍ୟଙ୍କ ମାୟାବାଦ (ବା ଜଗତ ମିଥ୍ୟା) ବୌଦ୍ଧ ଶୂନ୍ୟବାଦର ଅନ୍ୟ ଏକ ସଂସ୍କରଣ ବୋଲି କେହି କେହି ତାଙ୍କୁ ପ୍ରଚ୍ଛନ୍ନ ବୌଦ୍ଧ ବୋଲି ମଧ୍ୟ କହିବାକୁ ଛାଡ଼ୁନଥିଲେ । ବୈଦିକ ମତରେ ଅନାତ୍ମ ବସ୍ତୁ ମାନଙ୍କେ ଅସତ୍ । ବ୍ରହ୍ମହିଁ କେବଳ ସତ୍ । ଏହି ବ୍ରହ୍ମ ପୁଣି ଅଚିନ୍ତ୍ୟ ଓ ଅବ୍ୟକ୍ତ ଥିବାରୁ ଶୂନ୍ୟ ବା ନିରାକାର ଏବଂ ନିର୍ଗୁଣ । ତେଣୁ ସେ ଶୂନ୍ୟ ଓ ନିର୍ଗୁଣ ହେଲେ ମଧ୍ୟ ସବୁଥିରେ ବ୍ୟାପ୍ତ ଏବଂ ସର୍ବମୟ । (୧)

**ମୂଲ୍ୟବୋଧ**

ଅଦ୍ୱୈତବାଦୀମାନେ କହନ୍ତି, 'ମନୁଷ୍ୟର ପଞ୍ଚଭୂତାତ୍ମକ ଦେହ ଓ ପଞ୍ଚଜ୍ଞାନେନ୍ଦ୍ରିୟ ମନ ଅବିଚଳିତ ବୁଦ୍ଧି ସହିତ ଚେଷ୍ଟାହୀନ ହେଲେ ଯାଇ ପରମାଗତି ପ୍ରାପ୍ତ ହୁଏ ।' 'ଯଦାପଞ୍ଚାବତିଷ୍ଠନ୍ତେ ଜ୍ଞାନାନି ମନସା ସହ ବୁଦ୍ଧିଶ୍ଚ ନ ବିଚେଷ୍ଟତେ ତମାହୁଃ ପରମାଗତିଂ ।' ( କଠ ) କିନ୍ତୁ ଦ୍ୱୈତବାଦୀମାନଙ୍କ ମଧ୍ୟରୁ କେତେକେ ଏହାର ବିରୋଧ କରନ୍ତି । 'ଶିବ ବିଶିଷ୍ଟାଦ୍ୱୈତବାଦୀ' କଣ୍ଠାଚାର୍ଯ୍ୟ ଶିବଙ୍କୁ (ବ୍ରହ୍ମଙ୍କୁ) ସଗୁଣ ଓ ସବିଶେଷ ବୋଲି ପ୍ରତିପାଦିତ କରିଛନ୍ତି । ଭେଦା-ଭେଦବାଦୀ ଭାସ୍କରାଚାର୍ଯ୍ୟଙ୍କ ମତରେ ବ୍ରହ୍ମ ସଗୁଣ ଓ ନିରାକାର । ଦ୍ୱୈତାଦ୍ୱୈତ-ବାଦୀ ନିମ୍ବାର୍କଙ୍କ ମତରେ ବ୍ରହ୍ମ ସଗୁଣ ଓ ନିର୍ଗୁଣ ଉଭୟ । ବିଶିଷ୍ଟାଦ୍ୱୈତବାଦୀ ରାମାନୁଜଙ୍କ ମତରେ ବ୍ରହ୍ମ ସବିଶେଷ ଓ ସଗୁଣ । ଶୁଦ୍ଧାଦ୍ୱୈତବାଦୀ ବଲ୍ଲଭା-ଚାର୍ଯ୍ୟଙ୍କ ମତରେ ବ୍ରହ୍ମ ସାକାର ଓ ନିର୍ଗୁଣ । ଓଡ଼ିଶାରେ ବିଭିନ୍ନ ଭକ୍ତ ଓ କବି ବ୍ରହ୍ମଙ୍କୁ ସାକାର ଓ ନିରାକାର, ସଗୁଣ ଓ ନିର୍ଗୁଣ, ନିର୍ବିଶେଷ ଓ ସବିଶେଷ ସବୁ ରକମ ବିଶେଷଣରେ ପରିଚିତ କରାଇଛନ୍ତି । ଅଚ୍ୟୁତାନନ୍ଦ-ପନ୍ଥୀମାନେ ନିରାକାର (ଶୂନ୍ୟ ବ୍ରହ୍ମଙ୍କୁ) ଉପାସନା କରନ୍ତି ଏବଂ ଉପାସନାରେ ସବୁ ଇନ୍ଦ୍ରିୟର ନିରୋଧକୁ ଉଚ୍ଚ ଆସନ ଦେଇଛନ୍ତି । ଜଗନ୍ନାଥଙ୍କ ଆକାର ମଧ୍ୟ ଶ୍ରୁତିର ନିରାକାର, ଅଚିନ୍ତ୍ୟ, ଅଚଳ, ଧ୍ରୁବ, ଅକ୍ଷର, ସର୍ବବ୍ୟାପୀ ବ୍ରହ୍ମଙ୍କ ରୂପ ପରି ଥିବାରୁ ଜଗନ୍ନାଥଙ୍କୁ ଶୂନ୍ୟ, ନିରାକାର, ନିରଞ୍ଜନ, ଅଲେଖ ପ୍ରଭୃତି ଆଖ୍ୟା ପ୍ରଦାନ କରିଛନ୍ତି । ଅନେକ ଓଡ଼ିଆ କବି ଜଗନ୍ନାଥଙ୍କୁ ବଟକୃଷ୍ଣ ପରି ଶୂନ୍ୟ

---

* *Ibid*
(୧) ”

ମନେ କରିଥାଂନ୍ତି । ସେମାନେ କହନ୍ତି, ପ୍ରଳୟକାଳରେ ବିଷ୍ଣୁ ବଟପତ୍ରରେ ଭାସୁଥିଲେ । ଏହି ବିଷ୍ଣୁହିଁ ଶୂନ୍ୟ,ନିରାକାର । ଜଗନ୍ନାଥ ସେହି ଶୂନ୍ୟ ବା ନିରାକାର ପରଂବ୍ରହ୍ମ । ବୁଦ୍ଧ ନିରାକାର, ଶୂନ୍ୟ ଥିବାରୁ ଜଗନ୍ନାଥଂକୁ ମଧ୍ଯ ବୁଦ୍ଧ ରୂପରେ ଏମାନେ ଦେଖିଛନ୍ତି ।

' ବଉଦ୍ଧ ରୂପେ ନୀଳ କଂଦରେ ଛନ୍ତି ବସି ।'' (ସାରଳା ମହାଭାରତ, ମ.ପ)

''ବଉଦ୍ଧ ରୂପେ ବିଜୟେ ହନ୍ତି ଜଗନ୍ନାଥ ।''

ପ୍ରତାପରୁଦ୍ର ଦେବଂକ ସମୟରେ ପଞ୍ଚସଖା କବିମାନେ ସାରଳା ଦାସଂକଠାରୁ ଏହି ତତ୍ତ୍ୱର ସୂତ୍ର ଗ୍ରହଣ କରି ଜଗନ୍ନାଥଂକୁ ବୁଦ୍ଧଂକ ସହିତ ଅଭିନ୍ନ ବୋଲି ବର୍ଣ୍ଣନା କରିଛନ୍ତି ଏବଂ ଜଗନ୍ନାଥଂକୁ କୃଷ୍ଣ ବୋଲି ମଧ୍ଯ କହିଛନ୍ତି । ଜଗନ୍ନାଥ ସ୍ୱୟଂ ବ୍ରହ୍ମ । ଯହିଁ ଅବତାର ତାଂକଠାରୁ ଉତ୍ପନ୍ନ ହୋଇ ତାଂକଠାରେ ଲୀନ ହୋଇ ଯାଇଛନ୍ତି । ତେଣୁ ଏହି ଜଗନ୍ନାଥଂକୁ ଶୂନ୍ୟପୁରୁଷ, ନିରାକାର ଓ ନିରଂଜନ ବୋଲି କୁହାଯାଇଛି । ଦିବାକର ଦାସ 'ଜଗନ୍ନାଥ ଚରିତାମୃତରେ' କୃଷ୍ଣଂକୁ ସଗୁଣ, ନିର୍ଗୁଣ ଜ୍ୟୋତିରୂପ, ସନାତନ, ସାକାର, ନିରାକାର, ତେଜୋରୂପ ବୋଲି କହି ବ୍ରହ୍ମବୈବର୍ତ୍ତ ପୁରାଣରେ କୃଷ୍ଣଂକ ସଂବଂଧରେ ଯେପରି ଲେଖାଯାଇଛି ଠିକ୍ ସେହି ପଂଥା ଅନୁସରଣ କରିଛନ୍ତି । ଗୁରୁଭକ୍ତିଗୀତାରେ ବହୁ ପରବର୍ତ୍ତୀ କବି ଅଚ୍ୟୁତାନଂଦ ଏହି ଭାବକୁ ସୁଂଦର ଭାବରେ ଫୁଟାଇ ଲେଖିଛନ୍ତି—

''ଶୁଣ ଆହେ ଗୋପପୁତ୍ର ଭଗତର କଥା
ସଗୁଣ ନିର୍ଗୁଣ ଦୁଇ ଯେବଣ ବ୍ୟବସ୍ଥା ।
ଦୁଇ ସେ ଡେଣାରେ ପକ୍ଷୀ ଉଡ଼ି କରି ଯାଇ ।
ଦୁଇ ସେ ଚକ୍ଷୁରେ ଯେହ୍ନ ସଂସାର ଦେଖଇ ।
ଏକ ଯେ ନ ଥିଲେ, କଣା ଦୁଇ ଗଲେ ଅଂଧ ।
ଏଣୁ କରି ନିର୍ଗୁଣେ ସଗୁଣ ପାଶେ ବଂଧ ।।'' (ଗୁ ଭ. ଗୀ. ୨ୟ)(୧)

ବେଦାଂତସାର ଗୁପ୍ତ ଗୀତାରେ ବଳରାମ ଦାସ ନୀଳଗିରିକୁ ନିତ୍ୟ ଗୋଲକ-ଧାମ ରୂପେ କଳ୍ପନା କରିଛନ୍ତି ଏବଂ ଏଠାରେ ନିରାକାର ଜଗନ୍ନାଥ ନିତ୍ୟ ରାଧା ଓ ନିତ୍ୟ କୃଷ୍ଣଂକ ଏକାଂଗ ସ୍ୱରୂପ ହୋଇ ବିହାର କରୁଛନ୍ତି । ରାମକୃଷ୍ଣାଦି ଅବତାର ଏହି ନିତ୍ୟରୁ ଉତ୍ପନ୍ନ ।

---

(୧) *Ibid*

"ଏ ନୀଳଗିରି ନିତ୍ୟ ସମ । ତେଣୁ ଶ୍ରୀକୃଷ୍ଣ ନିତ୍ୟଧାମ ।
ଏ ନୀଳଗିରି ନିତ୍ୟ ଦୁଇ । ଅଭିନ୍ନ ଅଭେଦ ଅଟଇ ।
(ବଳରାମ ଦାସ—ବେ ସା ଗୁ. ଗୀ ୭ମ ଅ)

ଜଗନ୍ନାଥ ଧାମକୁ ମାଧୁର୍ଯ୍ୟର ଲୀଳାଭୂଇଁ ବୋଲି ବଳରାମ ବେ ସା. ଗୁ . ଗୀ ରେ ଏବଂ ଜଗନ୍ନାଥ ଦାସ କେଉଁଠି କେଉଁଠି ବର୍ଣ୍ଣନା କରିଛନ୍ତି ।

ଜଗନ୍ନାଥ ଦାସଙ୍କ 'ଭାଗବତ' ଗ୍ରନ୍ଥଟି ଏକ ଅପୂର୍ବ ରଚନା । ଏହା ସମଗ୍ର ଓଡ଼ିଆ ଜାତିକୁ ଯେପରି ଭଗବତ୍-ଚେତନାରେ ଉଦ୍‌ବୁଦ୍ଧ କରି ପାରିଛି ସେଭଳି ଅନ୍ୟ କୌଣସି ଧର୍ମଗ୍ରନ୍ଥ କରି ପାରି ନାହିଁ । ପ୍ରାୟ ପ୍ରତି ଗ୍ରାମରେ ଏହି ଭାଗବତର ପାଠ ଓ ଚର୍ଚ୍ଚା ପାଇଁ ଭାଗବତ ଘର ଗଢ଼ି ଉଠିଛି । ଏହି ଭାଗବତ ଟୁଙ୍ଗୀ ଗ୍ରାମ୍ୟ ସଂହତିର କେନ୍ଦ୍ର ରୂପେ କାର୍ଯ୍ୟ କରି ଆସୁଛି ।

ଭାଗବତରେ ଶୂନ୍ୟବାଦ ବା ନିରାକାର ତତ୍ତ୍ୱର ଅବତାରଣା ବହୁ ସ୍ଥାନରେ କରାଯାଇଛି ।

ମହାଶୂନ୍ୟରୁ ଶୂନ୍ୟଜାତ  ଶୂନ୍ୟରୁ ପ୍ରଣବ ସମ୍ଭୂତ ।
ପ୍ରଣବ ପବନକୁ କହି  ପବନୁ ଜଳ ସମ୍ଭବଇ ।
ଜଳ ପବନ ଜାତ ହେଲା  ସଂସାରେ ଖେଳ ଲଗାଇଲା ।
ଜଳ, ପବନ ଜ୍ଞାନ କହି  ଦେହରେ କହିଣ ବୁଝାଇ ।
ପରମ ପୁରୁଷଟି ଯେହି  ଶୁକ ବୋଲିଣ ତାକୁ କହି ।
ଜୀବଟି ପକ୍ଷୀ ହେଲା  ସକଳ ଜ୍ଞାନଟି ପୁଚ୍ଛିଲା ।
ଜୀବ ପରମକୁ ପୁଚ୍ଛଇ  ଜୀବେ ପରମ ଜ୍ଞାନ କହି ।
(ଭାଗବତ ୨ଶ ସ୍କନ୍ଧ)

"ତୁଳାଭିଣା"ରେ ଜଗନ୍ନାଥ ଦାସ କହନ୍ତି :

ମହାଶୂନ୍ୟ ଯେ ଜ୍ୟୋତିରୂପ  ଜ୍ୟୋତିରୁ ଜାତ ଠୁଳରୂପ ।
ଠୁଳରୁ ଅର୍ଦ୍ଧମାତ୍ରା ଜାତ  ମାତ୍ରାରୁ ଓଁକାର ଜନ୍ମିଲା ।
ଓଁକାର ବ୍ରହ୍ମ ଏ ଜଗତ  ଶୁଦ୍ଧ ପାଦ୍ୟାର୍ଘ ଦେଇ ଚିତ୍ତ ।
ଅଣାକାର ଯେ ଜ୍ୟୋତିରୂପ  ସେଠାରେ ନାହିଁ ରୂପରେଖ ।
ଧୂମ୍ର ବର୍ଣ୍ଣର ପ୍ରାୟ ଦିଶେ  ଅନ୍ଧକାରଟି ସେ ପ୍ରକାଶେ ।
ବ୍ରହ୍ମାଣ୍ଡ ଅନ୍ଧକାର ହୋଇ  ଜ୍ୟୋତି ରୂପରେ ଥିଲା ରହି ।
ସେଠାରୁ ଓଁକାର ଜନ୍ମିଲା  ଓଁକାର ସାକାର ଯେ ହେଲା ।
ସକାରୁ ହୋଇଲା ମକାର  ମକାରୁ ଜନ୍ମିଲା ରକାର

ଅଂଧକାରରି ଗୁପ୍ତ ହେଲ ଓଁକାରୁ ବ୍ରହ୍ମ ପ୍ରକାଶିଲ ।
ଏମଂତେ ହୋଇଲ ଦିବସ ଦିବସୁ ଜଗତ ପ୍ରକାଶ ।

ଜଗନ୍ନାଥ ଦାସ 'କେଶବ କୋଇଲି' (ମାର୍କଂଡ ଦାସ)ର ଏକ ଟୀକା କରିଛଂତି । 'କୋଇଲି କେଶବ ଯେ ମଥୁରାକୁ ଗଲା । କାହ୍ନା ବୋଲେ ଗଲା ପୁଣି ବାହୁଡ଼ି ନଇଲା'ର ବ୍ୟାଖ୍ୟା .—

"କୋଇଲି ବୋଲିଣ ପାର୍ଥ ଜୀବକୁହି କହି ।
ସେଇ ଜୀବ ମୁହିଁ ଜାଣ ହିଁକାର ଅଛଇ ।
ଆପେ ଅସିଥିଲା ଜୀବ ଆପେ ଚଳିଗଲା ।
ସେହ'ପୁଣି ଚୋଟି ଆଉ ବାହୁଡ଼ି ନଇଲା ।
ଏହି ପୁଣି ଗୋଟି ଯହୁଁ ବାହୁଡ଼ି ନଇଲା ।
ମଥୁରା ସ୍ୱରୂପ ଚିଂତ ପଡ଼ିଣ ରହିଲା ।" *

ଜଗନ୍ନାଥ ଦାସଂକ "ଉଷା ହରଣ" କାବ୍ୟଟି ଏ ପର୍ଯ୍ୟଂତ ଅପ୍ରକାଶିତ ଥିଲା । ତାହାକୁ ଅମେ ୧୯୬୭-୬୮ ମସିହାରେ "ଦିଗଂତ' ପତ୍ରିକାରେ ଡଃ ବଂଶୀଧର ମହାଂତିକ ସଂପାଦନାରେ ଟୀକା ସହ ଧାରାବାହିକ ଭାବରେ ପ୍ରକାଶ କରିଅଛୁଁ ।

ତାଂକର ଅନ୍ୟାନ୍ୟ ଗ୍ରଂଥ ମଧ୍ୟରେ ଦାରୁବ୍ରହ୍ମଗୀତା, ଅର୍ଥ କୋଇଲି, ଗୁପ୍ତ ଭାଗବତ, ତୁଳାଭିଣା, ଇତିହାସ ପୁରାଣ, ବ୍ରହ୍ମଗୀତା (ଗଦ୍ୟରେ ଲିଖିତ ବେଦାଂତ ବ୍ୟାଖ୍ୟା), ରାସକ୍ରୀଡ଼ା ପ୍ରଭୃତି ଉଲ୍ଲେଖନୀୟ । ଏଥି ମଧ୍ୟରୁ ବହୁଗ୍ରଂଥ ଏବେ ସୁଦ୍ଧା ଅପ୍ରକାଶିତ ।

## ପଂଚସଖା—ଏକ ଭ୍ରମ ପ୍ରଚାର ।

ଓଡ଼ିଶାରେ ବହୁଳପ୍ରଚାରିତ 'ପଂଚସଖା' ତଥ୍ୟଟି ଏକ ଭ୍ରମପ୍ରଚାର ବୋଲି ଜଣାପଡ଼ୁଛି । ଚୈତନ୍ୟ ମହାପ୍ରଭୁଂକର ପାଂଚ ସଖା ରୂପେ ବଳରାମ ଦାସ, ଜଗନ୍ନାଥ ଦାସ ଅଚ୍ୟୁତାନଂଦ ଦାସ, ଯଶୋବଂତ ଦାସ ଏବଂ ଶିଶୁ ଅନଂତ, ଏହି' ପାଂଚମହାଜନଂକ କଳ୍ପନାଟି ମୂଳରୁ ଶେଷଯାଏଁ ଏଇ ପଂଚସଖାର ଜଣେ ବୋଲି ଦାବୀ କରୁଥିବା ଅଚ୍ୟୁତାନଂଦଂକର ମନଗଢ଼ା କଥା ଉପରେ ଭିତ୍ତି କରିହିଁ ଗଢ଼ି ଉଠିଛି । ଅଚ୍ୟୁତାନଂଦଂକୁ ଛାଡ଼ି ଦେଲେ ଏଇ ପଂଚମହାଜନଂକ ଭିତରୁ ଅନ୍ୟ କେହି ନିଜକୁ ପଂଚସଖାର ଜଣେ ବୋଲି କୌଣସି ଗ୍ରଂଥରେ ଉଲ୍ଲେଖ କରି ନାହାଂତି ।

---

*Ib.d

ଅଚ୍ୟୁତାନଂଦଙ୍କ ଛଡ଼ା ମାଦଳାପାଞ୍ଜିର ଗୋଟିଏ ପାଠରେ ଏବଂ ଆନୁମାନିକ ଊନବିଂଶ ଶତକରେ ଲିଖିତ ଈଶ୍ୱର ଦାସଙ୍କ 'ଚୈତନ୍ୟ ଭାଗବତ'ରେ ଏବଂ ନଂଦ ଦାସଙ୍କ 'ଅଣାକାର ସଂହିତା'ରେ ପଂଚସଖାର ଉଲ୍ଲେଖ ରହିଛି। ଅଚ୍ୟୁତାନଂଦ ଦାସ ଅଷ୍ଟାଦଶ ଶତକର ଶେଷ ଭାଗର ଏବଂ ଊନବିଂଶ ଶତକର ପ୍ରଥମ ପାଦର ଲୋକ ବୋଲି ଜଣାଯାଇଛି । ତାଙ୍କ ମଉଳାଶୁର ଯଶୋବଂତ ଦାସ ନିଶ୍ଚୟ ତାଙ୍କର ସମସାମୟିକ ଥିଲେ। ସେ ତାଙ୍କର ବହୁ ଗ୍ରଂଥରେ ନିଜକୁ ଓ ଯଶୋବଂତ ପ୍ରମୁଖଙ୍କୁ ଶ୍ରୀଚୈତନ୍ୟ ଏବଂ ବଳରାମ ଦାସ ଓ ଜଗନ୍ନାଥ ଦାସଙ୍କର ସମସାମୟିକ ବୋଲି କହି ପଂଚସଖା ତଥ୍ୟଟି ଉଦ୍ଭାବନ କରିଛଂତି । ତାଙ୍କୁ ଅନୁସରଣ କରି ତାଙ୍କ ପରେ ଲିଖିତ 'ଚୈତନ୍ୟ ଭାଗବତ' ଓ 'ଅଣାକାର ସଂହିତା'ରେ ମଧ୍ୟ ସେଇ ଭୁଲ ତଥ୍ୟ ପରିବେଷଣ କରାଯାଇଛି।

ଚୈତନ୍ୟଙ୍କ ଜୀବନୀ ବର୍ଣ୍ଣନା କରିଥିବା କୌଣସି ଗୌଡ଼ୀୟ ବୈଷ୍ଣବ ଗ୍ରଂଥରେ କେବଳ ଜଗନ୍ନାଥ ଦାସ ଓ ବଳରାମ ଦାସଙ୍କ ଛଡ଼ା ଏ ତିନି ଜଣଙ୍କ ଭିତରୁ କାହାର ହେଲେ ନାମ ଗଂଧ ନାଇ। ଦିବାକର ଦାସଙ୍କ 'ନିତ୍ୟାନୁପ୍ରମଣି' ପୁସ୍ତକର ୧୯ଶ ଉଲ୍ଲାସରେ ଜଗନ୍ନାଥ ଦାସଙ୍କ ବିଷୟରେ କୁହାଯାଇଛି ଯେ ସେ 'ମହାନ' ଏବଂ ପ୍ରଭୁଙ୍କର ପରିଚାରକ ଥିଲେ । 'ମହାନତି ଜଗନ୍ନାଥ ଦାସାଖ୍ୟତ ପରିଚାରକ।' ବଳରାମ ଦାସଙ୍କ ସଂବଂଧରେ ବଂଗୀୟ କବି ଦେବକୀନଂଦନ ଦାସ ଲେଖିଛଂତି—"ବଂଦେ ଉଡ଼ିୟା ବଳରାମ ଦାସ ମହାଶୟ।" ମାତ୍ର କୌଣସି ବଂଗୀୟ ବୈଷ୍ଣବ ଗ୍ରଂଥରେ ବହୁ ଖ୍ୟାତ ଅଖ୍ୟାତ ଉତ୍କଳବାସୀ ଭକ୍ତଙ୍କର ନାମ ଥିବା ବେଳେ ଅଚ୍ୟୁତାନଂଦ, ଯଶୋବଂତ କିଂବା ଶିଶୁ ଅନଂତଙ୍କର ଚିହ୍ନ ବର୍ଣ୍ଣ ଦେଖିବାକୁ ମିଳେ ନାଇ। ସେଇପରି ଚୈତନ୍ୟକାଳୀନ କୌଣସି ଓଡ଼ିଆ ଗ୍ରଂଥରେ ମଧ୍ୟ ଏଇ ତିନି ଜଣଙ୍କର ନାମ ନାଇ। ଦାଶରଥି ଦାସଙ୍କ 'ବ୍ରଜବିହାର', ମାଧବ ପଟ୍ଟନାୟକଙ୍କ 'ଚୈତନ୍ୟ ବିଳାସ' ଏବଂ ଦିବାକର ଦାସଙ୍କର 'ଜଗନ୍ନାଥାମୃତ'ରେ ଶହ ଶହ ଓଡ଼ିଆ ଭକ୍ତଙ୍କର ନାମ ରହିଛି, ମାତ୍ର ଏ ତିନିଜଣଙ୍କର ନାମୋଲ୍ଲେଖ ନାଇ।

କେବଳ ଅଚ୍ୟୁତାନଂଦହିଁ ତାଙ୍କର ବିଭିନ୍ନ ରଚନାରେ ପଂଚସଖାର ଅସ୍ତିତ୍ୱ ଜଣାଇଛଂତି । ଅନ୍ୟ ପକ୍ଷରେ ଏଇ ତଥାକଥିତ ପଂଚସଖାର ଅନ୍ୟ ଚାରିଜଣଙ୍କର ବହୁ ଗ୍ରଂଥ ରହିଥିଲେ ମଧ୍ୟ ତା ମଧ୍ୟରୁ କୌଣସିଟିରେ ଏ ପ୍ରସଂଗ ସ୍ଥାନ ପାଇ ନାଇ। ('ଦଗଂଚ', ୧୯୬୭।୧—ପୃ ୮ ଓ ୮·)

ହଂଟରଙ୍କ ଓଡ଼ିଶା ଇତିହାସରେ ଲେଖା ଅଛି ଯେ ଅଚ୍ୟୁତାନଂଦ ପ୍ରାୟ ୧୦୦ ବର୍ଷ ତଳେ ଜୀବିତ ଥିଲେ। ଏ ବହିଟିର ରଚନା କାଳ ଖ୍ରୀ· ୧୮୬୧।

ତେଣୁ ଅଚ୍ୟୁତାନଂଦଂକ ଜୀବତ୍କାଳ ଖ୍ରୀ. ୧୭୬୧ ହେବ । ହଂଟର ଲେଖିଛଂତି—"He lived about 100 years ago.—History of Orissa, Appendix ix । ଏଠାରେ ଉଲ୍ଲେଖଯୋଗ୍ୟ ଯେ ହଂଟର ପ୍ରାଚୀନ ଓଡ଼ିଆ କବିମାନଂକୁ ବିନା ଦ୍ୱିଧାରେ ଅଜ୍ଞାତରୁ ଅଜ୍ଞାତରେ ନେଇ ଥୋଇଛଂତି । କିଂତୁ ଏହା ମଧ୍ୟ ସ୍ୱୀକାର୍ଯ୍ୟ ଯେ ସେ ଜଣେ ହେଲେ କବିଂକୁ ତାଂକର ପ୍ରକୃତ କାଳଠାରୁ ଅର୍ବାଚୀନ କରି ନାହାଂନ୍ତି ।' *

## ପଂଚ୍ୟସଖା ତଥ୍ୟ

ପଂଚସଖ୍ୟା ତଥ୍ୟ ଯେ ସଂପୂର୍ଣ୍ଣ ଅମୂଳକ ଏହା ଅମେ ଆଗରୁ କହିଛୁଁ । ତଥାପି ଏହା ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଦୃଢ଼ମୂଳ ହୋଇ ବସିଛି । ଏ ପଂଚସଖା ବିଷୟରେ କେବଳ ଅଚ୍ୟୁତାନଂଦ ଦାସହିଁ ଯାହା ତାଂକ ଗ୍ରଂଥମାନଂକରେ ଉଲ୍ଲେଖ କରିଛଂତି । ଅନ୍ୟ କୌଣସି 'ସଖା' ଏ ବିଷୟରେ ଆଦୌ ପାଟି ଫିଟାଇ ନାହାଂନ୍ତି ।

ତୁମେ ମୋର ପଂଚ ଆତ୍ମା ଅଟ ପଂଚ ପ୍ରାଣ ।
ଅବତାର ଶ୍ରେଣୀ ଯେତେ ତୁମ ପାଇଁ ପୁଣ ।
ଯାଅ ଅଚ୍ୟୁତ ଅନଂତ ଯଶୋବଂତ ଦାସ
ବଳରାମ ଜଗନ୍ନାଥ କରି ଯା ପ୍ରକାଶ । (ଶୂ ସଂ, ୧୦ମ ଅ.)
ଏମଂତ ପ୍ରକାର ପାଂଚଜଣକୁ
କହିଲ କଳ୍କି ସେ ଆଂଭମାନଂକୁ । (ଶୂ: ସଂ, ୮ମ ଅ)
× × ×
ପ୍ରତାପରୁଦ୍ର ନୃପତି ରାଜା ହୋଇବେ······
ତୁମେ ପାଂଚଜଣ ଆଗେ ହୁଅ ଅବତାର
ନାମତତ୍ତ୍ୱ ଦେଇ ଲୋକେ ପଢିବକୁ ତାର (ଶୂ.ସଂ., ୧୧ ଅ)

ମାତ୍ର ଅଚ୍ୟୁତନଂଦଂକ ଗ୍ରଂଥମାନଂକରୁ ମିଳୁଥିବା ତଥ୍ୟ ପ୍ରମାଣ ଉପରେ ଭିତ୍ତି କରି ତାଂକୁ ଏବଂ ଯଶୋବଂତଂକୁ ଅଷ୍ଟାଦଶ ଶତକର ଶେଷ ଭାଗରୁ ଉନ୍ନବିଂଶ

---

* 'ଦିଗଂତ', ସେପ୍ଟେଂବର, ୧୯୬୭—ଶ୍ରୀ ସଚ୍ଚିଦାନଂଦ ମିଶ୍ରଂକ ପ୍ରବଂଧ "ପଂଚସଖା—ଏକ ପ୍ରବଂଚନା" ନାମକ ପ୍ରବନ୍ଧ ଏବଂ ସେଇ ସଂଖ୍ୟାର ସଂପାଦକୀୟ ଲେଖା ଦ୍ରଷ୍ଟବ୍ୟ ।

ଶତାବ୍ଦୀର ପ୍ରଥମ ଭାଗ ମଧ୍ୟରେ ଜୀବିତ ଥିଲେ ବୋଲି କୁହାଯାଇ ପାରିବ । ସେମାନେ ଶ୍ରୀ ଚୈତନ୍ୟଂକ ତିରୋଧାନର ପ୍ରାୟ ୨୫୦ ବର୍ଷ ପରେ ଜନ୍ମ ହୋଇଥିବାର ସଂଭାବନା । ତେଣୁ ପଂଚସଖା ଉଥ୍ୟଟି ଏକ ଅଳୀକ ପ୍ରଶ୍ନର ବୋଲି ମନେହୁଏ । ଏ ଦିଗରେ ହଂଟର ସାହେବ ଅଚ୍ୟୁତନଂଦଂକର ଜୀବତ୍କାଳ ଖ୍ରୀ: ୧୭୭୮ର ପାଖାପାଖି ବୋଲି ଯାହା ତାଂକ "History of Orissa"ରେ ଲେଖିଛଂତି ତାହା ସତ୍ୟ ବୋଲି ଜଣାପଡ଼େ ।

## ଅଚ୍ୟୁତାନଂଦଂକ ପରିଚୟ

ନିଜକୁ 'ପଂଚସଖା'ର ଅନ୍ୟତମ ସଖା ବୋଲି ଦାବୀକରୁଥିବା ଅଚ୍ୟୁତାନଂଦ ତାଂକ ପ୍ରଣୀତ 'ଶୂନ୍ୟ ସଂହିତା' 'ଉଦୟ କାହାଣୀ' ଓ 'ଦଶ ପଟଳ ମାଳିକା' ଆଦି ଗ୍ରଂଥରେ ନିଜର ପରିଚୟ ଦେଇଛଂତି । ସେଥିରୁ ଜଣାଯାଏ ସେ ତିଲକଣା ଗ୍ରାମର ଅହୋକରଣ କୁଳର ଦୀନବଂଧୁ ଖୁଂଟିଆ ଓ ପଦ୍ମାବତୀଂକ ପୁତ୍ର । ସେ ଆଠ ବର୍ଷ ବୟସରେ ନୀଳାଚଳରେ ଚୈତନ୍ୟଂକୁ ଦର୍ଶନ କରିଥିଲେ । ଚୈତନ୍ୟଂକ ଆଜ୍ଞାରେ ସନାତନ ଗୋସାଇଁ ତାଂକୁ ମଂତ୍ରଦାନ କଲେ । ସେ ନୀଳାଚଳରେ ରହିଲେ । ଚୈତନ୍ୟଂକ ତିରୋଧାନ ପରେ ସେ ତିଲକଣା ଫେରିଆସି ଅଙ୍ଗ ରାଜା ରଘୁରାମ ଚଂପତିଂକ କନ୍ୟା 'ଚଂପା'କୁ ବିବାହ କଲେ । ଏଇ ରଘୁରାମ ହେଉଛଂତି ପଂଚ-ସଖାର ଅନ୍ୟତମ ଯଶୋବଂତଂକ ଶଳା । ଅର୍ଥାତ୍ ଯଶୋବଂତ ଅଚ୍ୟୁତାନଂଦଂକର ମଉଳାଶୁର । ପରେ ଅଚ୍ୟୁତାନଂଦ ନେମାଳଠାରେ ମଠ କରି ରହିଲେ । ଏଇ ନେମାଳଠାରେ ହିଁ ତାଂକର ସବୁ ଗ୍ରଂଥ ରଚିତ ହୋଇଥିବା ଜଣାଯାଏ । (ଏକ୍ନ)

ବର୍ତ୍ତମାନ ଅଚ୍ୟୁତାନଂଦଂକ ଗୁରୁ ପରଂପରା ବିଚାର କରାଯାଉ ।

"ଆଂଭେ ତୋହ ଗୁରୁ ମୋ ଗୁରୁ କେଶବ
ତାଂକ ଗୁରୁ ରାମକୃଷ୍ଣ
ତାଂକ ଗୁରୁ ଶ୍ୟାମ- ଘୋଷ ସାରଂଗ ଯେ
ଘୋଷ ତାଂକ ଗୁରୁ ବ୍ରହ୍ମ ।
ସାରଂଗ ଘୋଷ ଗୋସାଇଁ ପରିବାର
ଚୈତନ୍ୟ ଚରଣେ ମିଳି,
ମାଧବ ଆଗୁଯି ସଂପ୍ରଦାୟେ ମିଶି
ମଠକୁ ଯେ ଗଲେ ଚଳି ।

(ଶୂନ୍ୟସଂହିତା, ଗ୍ରଂଥାରଂଭ)

'ଶୂନ୍ୟ ସଂହିତା'ର ଗୁରୁ-ପରଂପରାଟି 'ଗୁରୁଭକ୍ତଗୀତା'ରେ ମଧ୍ୟ ସ୍ଥାନ ପାଇଛି । ମାତ୍ର ସେଥିରେ କେଶବଂକ ସ୍ଥାନରେ ନବକିଶୋରଂକ ନାମ ମିଳେ ।

**ଗୁରୁ-ପରଂପରା**

ପୁଣି ଗୁରୁଭକ୍ତ ଗୀତାରେ ଅନ୍ୟତ୍ର କାହ୍ନଂକ ଗୁରୁ କେଶବ ସ୍ଥାନରେ ଶ୍ରୀଚରଣ କୁହାଯାଇଛି । ସେ ଯାହାହେଉ ଚୈତନ୍ୟଂକ ଶିଷ୍ୟ ସାରଂଗ ଘୋଷ ଓ ଅଚ୍ୟୁତାନଂଦଙ୍କ ମଧ୍ୟରେ ପାଂଚ ଜଣ ଗୁରୁଂକ ବ୍ୟବଧାନ ରହୁଛି । ଗୁରୁଂକ ଜୀବଦ୍ଦଶାରେ ଶିଷ୍ୟର ମଂତ୍ରଦାନ କରିବା କଥା ନୁହେ । ଏଣୁ ଜଣେ ଲେଖକଂକ ମତରେ ଗୁରୁ ଓ ଶିଷ୍ୟଂକ ବୟସର ବ୍ୟବଧାନ ୩୦ ବର୍ଷ ଧରିଲେ ଚୈତନ୍ୟ ଓ ଅଚ୍ୟୁତାନଂଦଂକ ମଧ୍ୟରେ ବ୍ୟବଧାନ ପ୍ରାୟ ୧୫୦ ବର୍ଷ ହେବ । (ଏକ୍ନ)

ଏହାଛଡ଼ା କେତେକ ଐତିହାସିକ ବିଭ୍ରାଂତି ଏଇ ଅହୋ ଅଚ୍ୟୁତାନଂଦଂକ ଲେଖାରେ ଦେଖାଯାଏ । ସେ 'ଗରୁଡ଼ ଗୀତା'ରେ ଶ୍ରୀକ୍ଷେତ୍ରର ସୀମା ସତ୍ୟବାଦୀ ପର୍ଯ୍ୟଂତ ବୋଲି କହିଛଂତି ।

"କ୍ଷେତ୍ରର ମହିମା ପାଂଚ କୋଶ ସୀମା
ସତ୍ୟବାଦୀ ପରଯଂତେ ।" (ଗରୁଡ଼ ଗୀତା, ୨ୟ ଅ)

ଏଇ ସତ୍ୟବାଦୀ ସାକ୍ଷୀଗୋପାଳକୁ, ପୁରୀ, ଚୌଦ୍ୱାର, କଟକ, ଖୋରଧା, ରଥିପୁର ଆଦି ହୋଇ ଉନ୍ନବିଂଶ ଶତାବ୍ଦୀରେ ଆସିଲେ । ତେଣୁ ଅଚ୍ୟୁତାନଂଦ ଖ୍ରୀ ୧୫୧୦-୩୩, ଅର୍ଥାତ୍ ଚୈତନ୍ୟଂକ ପୁରୀ ରହଣି ମଧ୍ୟରେ ପୁରୀ ସୀମାରେ ସତ୍ୟବାଦୀକୁ ପାଇଲେ କେଉଁଠୁ ?

ପୁଣି 'ବର୍ଣ୍ଣ ଟୀକା'ରେ ସେ ପୁରରେ ଅରୁଣ ସ୍ତଂଭ ଥିବା କଥା ଲେଖିଛଂତି:

"ନତୀ ନୀଳାଚଳ ପୂର୍ବ ଦ୍ୱାରରେ
ସ୍ତଂଭ ଗୋଟିଏ ଅରୁଣ ନାମରେ ।
ସେଠାରେ ବଂଶପାଦଙ୍କୁ ଅଂତେଣ
ନିପୁର ଗ୍ରାମ ସୀମା ସନ୍ନିଧାନ ।

**ଅରୁଣ-ସ୍ତଂଭ**

ଅଷ୍ଟାଦଶ ଶତାବ୍ଦୀର ପ୍ରାଂତ ଭାଗରେ ମରହଟ୍ଟାମାନଂକ ଦ୍ୱାରା ଅରୁଣ ସ୍ତଂଭକୁ କୋଣାର୍କରୁ ଆଣି ପୁରୀରେ ସ୍ଥାପନା କରାଯାଇଥିଲା । ତେଣୁ ଉନ୍ନବିଂଶ ଶତାବ୍ଦୀର ଲୋକ ନ ହେଲେ ବଡ଼ ଦେଉଳ ଆଗରେ ଅରୁଣ ସ୍ତଂଭର ବର୍ଣ୍ଣନା କରଂତେ କପର ?

'ଗୁରୁଭକ୍ତଗୀତା'ରେ ଦିବ୍ୟସିଂହଦେବ (ଖ୍ରୀ: ୧୬୮୪-୧୭୧୯) ଓ ଗୋପୀନାଥ ଦେବ (ଖ୍ରୀ: ୧୭୧୯—୧୭୨୭) ପ୍ରଭୃତିଂକ ନାମ ଅଛି । ଦଶପଟଳ

ମାଳିକାରେ ବୀରକେଶରୀ ଦେବଂକ ( ଖ୍ରୀ: ୧୭୬୪-୧୭୯୦ ) କାରାବାସ କଥା ଲେଖାଅଛି ।

"ପ୍ରତାପ ନୃପତି ଯାଏ ପୂଜାର ଧାରଣା ।
ପ୍ରତାପଠାରୁ ମୁକୁନ୍ଦରେ କିଛି ପୁଣ ।
ମୁକୁନ୍ଦଠାରୁ ଦିବ୍ୟ କଳାର ବିସ୍ତର ।
ମଂଗିକୁ ଲେଙ୍କନ ପାଟ ନ କର ବିସ୍ତର ।
କିଂବା ଗୋପୀନାଥ କାଳେ ଅରଷ୍ଟିର ଗୋଳ ।
ନାମକୁ ନ ଚାହିଁ ପେଟ କିମଂତେ ସକଳ"

ପୁଣି—"ରଜା ବଂଧନେ ପଡ଼ିଥିବ ସହି ।
ଶ୍ରୀବସ୍ତ ବୀରକେଶରିଂକ କହି ।
ନଥିବ କିଛି ରାଜନୀତି ମାନ ।
ଦୁଃଖ ପାଉଥିବ ଧରି ହୋଇଣ ।" ( ଦିପେଟଲ ମାଳିକା )

ପୁଣି "ଶୂନ୍ୟ ସଂହିତା"ର ୩ୟ ଅଧ୍ୟାୟରେ କୃଷ୍ଣ କହୁଛଂତି —"ମୋହି ବଂଶ ମୋତେ ଭରତେ ପୂଜିବେ କିଯୋଗ ଦେବେ ଯୋଗାଇ ।" ଅର୍ଥାତ୍ ଯଦୁବଂଶର ନୃପତିମାନେ ପୁରୀରେ ମୋର ସେବାପୂଜାର ବିଧାନ କରିବେ । "ମୋହି ବଂଶ" ଅର୍ଥରେ ଯଦୁବଂଶ । ଖୋରଧା ରାଜବଂଶର ଯଦୁବଂଶ ଦାବୀ ଜଣାଶୁଣା କଥା । 'ମାତ୍ର ଏଇ ଖୋରଧା ରାଜବଂଶର (ଭୋଇ ବଂଶର) ପ୍ରତିଷ୍ଠା (ଖ୍ରୀ. ୧୫୮୦) ହେବାର ୭୦ ବର୍ଷ ପୂର୍ବେ ଅଚ୍ୟୁତାନଂଦଂକର ଚୈତନ୍ୟଂକର ସଖା ଥିବା ସଂଭବ ନୁହେଁ ।' (ଏଜ୍ନ)

ତା'ଛଡ଼ା ତାଂକ ରଚନାରେ କେତେକ ଯାବନିକ ଶବ୍ଦ ଯଥା ଅଲେଫ୍ ତୁରୁକ୍, ଇତ୍ୟାଦି ତଂକ ରଚନାକୁ ପରବର୍ତ୍ତୀ କାଳର ବୋଲି ସାବ୍ୟସ୍ତ କରେ । ଏହାଛଡ଼ା ଭାଷା-ବିନ୍ୟାସ ଦିଗରୁ ଚଳିକଣାର ଅଚ୍ୟୁତାନଂଦଂକ ଗ୍ରଂଥଗୁଡ଼ିକ ଅର୍ବାଚୀନ ମନେ ହୁଅଂତି । ତାଂକ ରଚନାରେ ମାଫିକ୍, ହକିକତ୍, ହିଂଦୁ, କଲମ,

✻ ମାଦଳାପାଂଜି କହେ—"ମରହଟ୍ଟା ଗୁରୁ ବ୍ରହ୍ମଚାରୀ ଗୋସାଇଁ କୋଣାର୍କ କ୍ଷେତ୍ରରୁ ମୁଗୁନିପଥର ସ୍ତଂଭ ଆଣି ପୁରୀ ସିଂହଦ୍ୱାର ଚକଡ଼ାରେ ରଖାଇଲେ ।" ଏହାହିଁ ଅରୁଣ ସ୍ତଂଭ ରୂପେ ସେଠାରେ ରହିଛ । ଏହା ଅଷ୍ଟାଦଶ ଶତାବ୍ଦୀର ଶେଷଭାଗର କଥା ।

ଓଜନ, ତଲପ ଆଦି ବହୁ ଯାବନିକ ଶବ୍ଦ ମିଳଂତି, ଯାହା ଷୋଡଶ ଶତାବ୍ଦୀର ଲେଖାରେ ରହଂତା ନାଇ ।

ଷୋଡଶ ଶତାବ୍ଦୀ ପର୍ଯ୍ୟଂତ ଦ୍ୱିତୀୟା ଏକବଚନରେ 'କଇ' ଏବଂ ବହୁବଚରେ 'ନ୍ତ' ପ୍ରତ୍ୟୟ ଚଳୁଥିଲା । ମାତ୍ର ଏ ସବୁ ପ୍ରୟୋଗ ଅଚ୍ୟୁତାନଂଦଂକ ଲେଖାରେ ନାଇ । (ଏଜ୍ନ)

ଜଣେ ଗବେଷକଂଙ୍କ ମତରେ ଦିବାକର ଦାସ ଅଷ୍ଟାଦଶ ଶତକର ଆରଂଭରେ 'ଜଗନ୍ନାଥାମୃତ' ଲେଖି ଚୈତନ୍ୟକାଳୀନ ଓଡ଼ିଆ ସାଧକ ଜଗନ୍ନାଥ ଦାସଂକର 'ଅତିବଡ଼ୀ' ସଂପ୍ରଦାୟର ପ୍ରତିଷ୍ଠା ପାଇଁ ଚେଷ୍ଟା କଲେ । ଜଗନ୍ନାଥାମୃତର (ବା ଜଗନ୍ନାଥଚରିତାମୃତ) ପ୍ରଭାବକୁ ବା ଅନ୍ୟକଥାରେ ବ୍ରାହ୍ମଣଂକର ପ୍ରାଧାନ୍ୟକୁ ପ୍ରତିହତ କରିବା ପାଇଁ 'ପଂଚସଖା' ଭାବନାଟି ଅଚ୍ୟୁତାନଂଦଂକ ମୁଂଡକୁ ଆସିଥିବ । 'ପଂଚସଖା'ର ଜଗନ୍ନାଥ ଦାସଂକୁ ଅଚ୍ୟୁତାନଂଦ ଅବ୍ରାହ୍ମଣ କରି ରଖିଛଂନ୍ତି । କାରଣ ପଂଚସଖା ସମସ୍ତେ ଶୂଦ୍ର । ମାତ୍ର "ଜଗନ୍ନାଥାମୃତ'ର ଜଗନ୍ନାଥ ଦାସ ବ୍ରାହ୍ମଣ । ପଂଚସଖାର ଜଗନ୍ନାଥ ଦାସଂକୁ ଶୂଦ୍ର କରି ଅଚ୍ୟୁତାନଂଦ ରଖିଛଂତି :—

"ତହୁଁ ପଂଚସଖା ଶୂଦ୍ର ହୋଇଲୁ ।" ('ଉଦୟ କାହାଣୀ')

ପୁଣି, "ପଂଚସଖାମାନେ ବ୍ରାହ୍ମଣ ନୋହୁଁ ।" "

କିଂତୁ ନଂଦ ଦାସେ ତାଂକ "ଅଣାକାର ସଂହିତା"ରେ ଜଗନ୍ନାଥଂକୁ ବ୍ରାହ୍ମଣ ବୋଲି କହିଛଂତି । (ସଚ୍ଚିଦାନଂଦ ମିଶ୍ର, 'ଦିଗଂତ'—ସେପ୍ଟେଂବର, ୧୯୬୭)

## ଅଣାକାର ସଂହିତା ଓ ଚୈତନ୍ୟ ଭାଗବତ

ନଂଦ ଦାସଂକ 'ଅଣାକାର ସଂହିତା' ଏବଂ ଈଶ୍ୱର ଦାସଂକ 'ଚୈତନ୍ୟ ଭାଗବତ'ରେ ପଂଚସଖାର ଉଲ୍ଲେଖ ଅଛି । ମାତ୍ର ଏ ଦୁଇଟି ଯାକ ଗ୍ରଂଥ ଅଷ୍ଟାଦଶ ଶତାବ୍ଦୀ ପରେ ରଚିତ । ତେଣୁ ଏମାନଂକର ସାକ୍ଷ୍ୟ ଗ୍ରହଣଯୋଗ୍ୟ ନୁହେ । ଅଚ୍ୟୁତନଂଦ ପଂଚସଖା ତତ୍ତ୍ୱ ପ୍ରଚାର କରିବା ପରେ ନଂଦ ଦାସ ଓ ଈଶ୍ୱର ଦାସ ତାଂକ ମତକୁ ଅନୁସରଣ କରି ଯାଇଛଂତି ।

ଅଣାକାର ସଂହିତାର ରଚୟିତା ନଂଦ ଦାସଂକ ଜନ୍ମ ଖ୍ରୀ: ୧୮୫୧ ମସିହାରେ । କାରଣ ନଂଦ ଦାସ ରାମଚଂଦ୍ରଦେବଂକ ୪୩ ଅଂକରେ ଜନ୍ମ ହୋଇଥିବା କଥା କହଂତି । ସେ ପୁଣି ନିଜ ଗ୍ରଂଥରେ ଦ୍ୱାରିକା ଦାସଂକ କଥା ଉଲ୍ଲେଖ କରିଛଂତି ଏବଂ ଦ୍ୱାରିକା ଦାସ ତନି ଜନ୍ମ ଅଂତେ ରାମଚଂଦ୍ରଦେବଂକ ୪୩ ଅଂକରେ ପୁଣି

ଜନ୍ମଗ୍ରହଣ କରିବେ ବୋଲି କହିଛନ୍ତି । ଦ୍ୱାରିକା ଦାସଂକ ପରେ ରାମଚଂଦ୍ରଦେବ (୩) ହିଁ ୪୩ ଅଂକ ଯାଏ ରାଜତ୍ୱ କରିଥିଲେ । 'ଚୈତନ୍ୟ ଭାଗବତ'ର ଭାଷା ଦୃଷ୍ଟିରୁ ଊଣିଶ ଶତକର ଭାଷାଠାରୁ ପ୍ରାଚୀନତର ନୁହେ ଏବଂ ଗ୍ରଂଥକାର ଈଶ୍ୱର ଦାସଂକ ଜୀବନକାଳ ଏଇ ଶତକରେ ବୋଲି କୁହାଯାଇପାରେ । (*Ibid*)

'ମାଦଳା ପାଂଜି'ର ଯେଉଁ ଅଂଶ 'ଗଦ୍ୟପଦ୍ୟାଦର୍ଶ'ରେ ଆର୍ତ୍ତବାବୁ ପ୍ରକାଶ କରିଛଂତି ସେଥିରେ ଚୈତନ୍ୟ ଓଡ଼ିଶା ଆସିଲା ବେଳକୁ ଅଚ୍ୟୁତାନଂଦ, ଅନଂତ, ଯଶୋବଂତ, ଅତିବଡ଼ୀ ଜଗନ୍ନାଥ ଦାସ ଓ ରଘୁ ଅର୍ଜିତ ଥିବା କଥା ଲେଖା ଅଛି । ମାତ୍ର ବଳରାମ ଦାସଂକ ନାମ ନାଇ । ଏଥିରେ 'ପଂଚସଖା' ଏଭଳି କୌଣସି ଗୋଷ୍ଠୀର ଉଲ୍ଲେଖ ମିଳେ ନାଇ । ମାତ୍ର ମାଦଳା ପାଂଜିର ବିଶ୍ୱାସଯୋଗ୍ୟତା ବା କେତେଦୂର ? ପ୍ରାଚୀ-ପ୍ରକାଶିତ "ରାଜଭୋଗ ଇତିହାସ' ଅଂତର୍ଭୁକ୍ତ ମାଦଳାପାଂଜିରେ ମଧ୍ୟ 'ପଂଚସଖା' ଶବ୍ଦର ଉଲ୍ଲେଖ ନାଇ । ଏଥିରେ ଲେଖାଅଛି ଯେ ଚୈତନ୍ୟ ମହାପ୍ରଭୁ ନଦୀୟା-ନବଦ୍ୱୀପରୁ ଜଗନ୍ନାଥ ଦର୍ଶନରେ ଆସିଥିବାବେଳେ ଷଡ଼ ଗୋସାଇଁ ତାଂକୁ ଭେଟିଥିଲେ । ସେମାନେ ହେଉଛଂତି, ଜଗନ୍ନାଥ, ଅଚ୍ୟୁତାନଂଦ, ଯଶୋବଂତ ଓ ଶିଶୁ ଅନଂତ ଏ ପାଂଚ ଗୋସାଇଁ ଏବଂ ରଘୁନାଥ ଅର୍ଜିତେ ଭଉଁରି ଗୋସାଇଁ । ତେଣୁ ଆର୍ତ୍ତବାବୁ ପଂଚସଖା ବିଷୟଟି କେଉଁଠୁ ପାଇଲେ ? ତାଂକ ନିଜ ପ୍ରକାଶିତ ମାଦଳା ପାଂଜିର ଦୁଇଟି ଭିନ୍ନ ଭିନ୍ନ ପାଠରେ ତ ଗୋଟିକରେ ଚାରି ଗୋସାଇଁ ଏବଂ ଅନ୍ୟଟିରେ ଷଡ଼ ଗୋସାଇଁ ଥିବା କଥା ଲେଖା ଅଛି । 'ପଂଚସଖା' କଥା କେଉଁଥିରେ ବ ନାଇ ।

ମାଦଳାପାଂଜିର ପ୍ରାମାଣିକତା କେତେଦୂର ତାହା ଆଲୋଚନା କଲେ ଦୀର୍ଘ ପୋଥି ହେବ । ଏଥିର ବହୁତ ବିଷୟ ଅଷ୍ଟାଦଶ ଊନବିଂଶ ଶତକରେ ଇଂରାଜୀ ଶାସକଂକ ନିକଟରେ ନିଜର ଦାବୀ ପ୍ରମାଣ କରିବା ପାଇଁ ଖୋଇ ବଂଶ ରାଜାଂକ ବରାଦରେ ଲେଖା ଯାଇଚ । ଡଃ ମହତାବ୍‌ଂକ ମତରେ ଏହା ମୋଗଲ ଅମଳରୁ ଲେଖା ହୋଇ ଆସୁଚ । (ଓ· ଇ) ଏହାର ଭାଷା ନିତାଂତ ଅର୍ବାଚୀନ ।

## ଆଉ ଜଣେ ଅଚ୍ୟୁତାନଂଦ ।

ପଂଚସଖାର ଜଣେ ବୋଲି ଦାବୀ କରୁଥିବା ତିଳକଣାର ଓ ପରେ ନେମାଳ-ମଠର ଅହୋକରଣ ଅଚ୍ୟୁତାନଂଦଂକ ଛଡ଼ା ଆଉ ଜଣେ ଅଚ୍ୟୁତ ବା ଅଚ୍ୟୁତାନଂଦ ଥିଲେ—ଯିଏ 'ହରିବଂଶ', 'ଅନଂତ ଗୋଇ' 'ଗୋପାଳଂକ ଓଗାଳ' ଇତ୍ୟାଦି ଗ୍ରଂଥମାନ ଲେଖି ଯାଇଛଂତି । ସେ ଥିଲେ ଜାତିରେ ଗୋପାଳ । ସେ ତାଂକର

କୌଣସି ଗ୍ରନ୍ଥରେ ନିଜକୁ ପଞ୍ଚସଖାର ଜଣେ ବୋଲି ଦାବୀ କରି ନାହାନ୍ତି । ସେ ରଣପୁର ମଧ୍ୟସ୍ଥ ଗଞ୍ଜ ଗ୍ରାମରେ ରହୁଥିଲେ ଏବଂ ରଣପୁର ରାଜା ପଦ୍ମନ ନରେନ୍ଦ୍ରଙ୍କ ଦ୍ୱାରା ପାଳିତ ହେଉଥିଲେ । (ଏହି ପଦ୍ମନ ନରେନ୍ଦ୍ର ଚାଳୁକ୍ୟ ମୁକୁନ୍ଦଦେବଙ୍କ ଝିଆରୀଙ୍କ ବିବାହ କରିଥିଲେ ବୋଲି ରଣପୁର ରାଜବଂଶାବଳୀରୁ ଜଣାଯାଏ । ମୁକୁନ୍ଦଦେବ ଖ୍ରୀ ୧୫୫୯ ଠାରୁ '୬୭ ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ ।) ତେଣୁ ଏହି ଅଚ୍ୟୁତାନନ୍ଦଙ୍କୁ ଷୋଡ଼ଶ ଶତାବ୍ଦୀର ଶେଷ ଭାଗର ଲୋକ ବୋଲି କୁହାଯାଇପାରେ । ସେ ଚୈତନ୍ୟଙ୍କର ସମସାମୟିକ ନହେଲେ ମଧ୍ୟ ପ୍ରାୟ ପଚିଶ ବର୍ଷ ନିକଟବର୍ତ୍ତୀ । ସେ ତାଙ୍କ ଗ୍ରନ୍ଥମାନଙ୍କରେ କେଉଁଠି ବ୍ରହ୍ମଜ୍ଞାନ ବା ଶୂନ୍ୟବାଦ ଚର୍ଚ୍ଚା କରି ନାହାନ୍ତି । ସେ ମଧ୍ୟ କୌଣସିଠାରେ ନୀଳାଚଳ, ଝଲକଣା କିମ୍ବା ନେମାଳର ନାମ ଉଲ୍ଲେଖ କରି ନାହାନ୍ତି ।

"ରଣପୁର ସୀମା ମଧ୍ୟେ ଯେ ଗଞ୍ଜ ଗ୍ରାମରେ
ମୋହର ଘର ଅଟଇ ତହିଁର ମଧ୍ୟରେ ।
ତହିଁର ରାଜା ଅଟଇ ପଦ୍ମନ ନରେନ୍ଦ୍ର ।"

—ହରିବଂଶ ।

ଏବଂ "ପଦ୍ମନ ନରେନ୍ଦ୍ର ମୋତେ ଅନ୍ନ ଦେଇ ପୋଷଇ —

(ଗୋପାଳଙ୍କ ଓଗାଳ)

ଏବଂ "ମୁଁ ଥିବି ମଣିନାଗକୁ ଯୋଜନେ ଅନ୍ତର ।"

(ଅନନ୍ତ ଗୋଇ)

ତେଣୁ ରଣପୁରର ଏ ଅଚ୍ୟୁତ ବା ଅଚ୍ୟୁତାନନ୍ଦ ଝଲକଣା ଏବଂ ନେମାଳର ଅଚ୍ୟୁତାନନ୍ଦଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । (ଏଜନ୍ୟ) ଓଡ଼ିଶାର ଅନେକ ଐତିହାସିକ ଏବଂ ସାହିତ୍ୟ-ଇତିହାସ ଲେଖକ ଏ ଦୁଇ ଅଚ୍ୟୁତାନନ୍ଦଙ୍କୁ ଏକ କରି ନେଇ ସମୟ ନିରୂପଣରେ ଗୋଳମାଳ କରିଛନ୍ତି ଏବଂ ଭୁଲ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ।

ଅତଏବ, ଅଚ୍ୟୁତାନନ୍ଦ, ଯଶୋବନ୍ତ ଓ ଶିଶୁ ଅନନ୍ତଙ୍କର ଜୀବିତକାଳ ଯେ ଉନ୍ନବିଂଶ ଶତାବ୍ଦୀରେ, ଏହା ନିଃସନ୍ଦେହରେ ପ୍ରମାଣ କରାଯାଇପାରେ ।

ରଣପୁରର ଅଚ୍ୟୁତାନନ୍ଦଙ୍କର ବିଷୟବସ୍ତୁ ଓ ଧର୍ମ-ଧାରଣା ଝଲକଣାର ଅଚ୍ୟୁତାନନ୍ଦଙ୍କଠାରୁ ସମ୍ପୂର୍ଣ୍ଣ ଅଲଗା । ଏ ଦୁହିଁଙ୍କ କଦାପି ଏକ ବ୍ୟକ୍ତି କୁହାଯାଇ ନ ପାରେ ।

'ହରିବଂଶ' ଏବଂ 'ଗୋପାଳଙ୍କ ଓଗାଳ' ପ୍ରଭୃତିର ପ୍ରଣେତା ଗୋପାଳ ଅଚ୍ୟୁତାନନ୍ଦ ମଧ୍ୟ ଚୈତନ୍ୟଙ୍କ ଜୀବଦ୍ଦଶା ପରେ ଜନ୍ମ ହୋଇଥିଲେ ବୋଲି

ଉକ୍ତ ଲେଖକ ଅନୁମାନ କରିଛନ୍ତି । କାରଣ ପଦ୍ମନ ନରେନ୍ଦ୍ରଙ୍କ ଆଶ୍ରୟରେ କବିତା ରଚନା କଲାବେଳକୁ ସେ ଯୁବକ ମାତ୍ର ।

"ମୁଁ ବାଳୁତ ମତି କିଛୁ ଜ୍ଞାନ ନାହିଁ ମୋର ।"

( ଗୋପାଳଙ୍କ ଓଗାଳ )

"ନୁହଇ ଯେ ବୃଦ୍ଧ ମୁହିଁ ବାଳୁତ ଯେ ଦେଖ ।"

( ଗୋପାଳଙ୍କ ଓଗାଳ )

ତାଙ୍କୁ ଷୋଡ଼ଶ ଶତକର ଶେଷ ଭାଗର ବ୍ୟକ୍ତି ବୋଲି କୁହାଯାଇପାରେ । ତେଣୁ ତାଙ୍କୁ ଚୈତନ୍ୟଙ୍କ ପଂଚସଖାର ଅନ୍ୟତମ ବୋଲି ଗ୍ରହଣ କରିବା ସଂଭବ ନୁହେଁ । ସେ ମଧ୍ୟ କେଉଁଠାରେ ନିଜକୁ ଚୈତନ୍ୟଙ୍କର ପଂଚସଖାର ଜଣେ ବୋଲି ନିଜ ଗ୍ରଂଥମାନଂକରେ ଉଲ୍ଲେଖ କରି ନାହାଂତି । ଏହାଛଡ଼ା ତାଂକର କୌଣସି ରଚନାରେ ନୀଳାଚଳ ପ୍ରସଂଗ କିଂବା ନିଚ୍ଛକାରବାଦ, ବ୍ରହ୍ମତତ୍ତ୍ୱାଦିର ଆଲୋଚନା ଦେଖିବାକୁ ମିଳେ ନାହିଁ । (ଏକ୍ସ) ଏକଥା ଆଗରୁ କହିଛୁ ।

## ମାଦଳାପାଂଜି

ମାଦଳାପାଞ୍ଜିର ସତ୍ୟତା ଉପରେ ଆଦୌ ବିଶ୍ୱାସ ସ୍ଥାପନ କରାଯାଇ ନ ପାରେ । କାରଣ ଏହାର ଭାଷା ଭୋଇବଂଶ ଅମଳର ଗଦ୍ୟଠାରୁ ଆଦୌ ପ୍ରାଚୀନତର ମନେ ହୁଏ ନାହିଁ । ତାହାଛଡ଼ା ଯେଉଁ ପାଠରେ ଅଚ୍ୟୁତାନଂଦ, ଯଶୋବଂତ ପ୍ରଭୃତିଂକ ନାମ ଅଛି ତାହା ଊନବିଂଶ ଶତକର ଗଦ୍ୟଠାରୁ ଭିନ୍ନ ନୁହେଁ । ଯେପରି ଜଣାଯାଏ ଭୋଇ ବଂଶର ରାଜାମାନଂକ ଅମଳରେ ମାଦଳାପାଞ୍ଜି ଲିଖିତ ହୋଇଥିଲା । ତତ୍କାଳୀନ ମୋଗଲ ଓ ପରେ ଇଂରାଜ ଶାସକମାନଂକ ଆଗରେ ପୁରୀ ମଂଦିର ଉପରେ ନିଜର ଦାବୀ ସପକ୍ଷରେ ପ୍ରମାଣ ଉପସ୍ଥାପିତ କରିବା ଉଦ୍ଦେଶ୍ୟରେ ମାଦଳାପାଞ୍ଜି ଭୋଇ ରାଜାମାନଂକ ଆଜ୍ଞାରେ ଲିଖିତ ହୋଇଥିବା ପରି ଜଣାଯାଏ । ଏହାର ଗଦ୍ୟଭଙ୍ଗୀ ଦେଖିଲେ ଯେ କେହି ଏହା କହିବ ।

ଯଯାତି କେଶରୀଂକ (୭୧୫—୮୪୦) ଅମଳରୁ ଅର୍ଥାତ୍ ଖ୍ରୀ: ୯ମ ଶତକର ପ୍ରାରଂଭରୁ ମାଦଳାପାଂଜି ଧାରାବାହିକ ଭାବେ ଲିଖିତ ହୋଇ ଆସୁଚି ବୋଲି ଆର୍ତ୍ତବଲ୍ଲଭ ମହାଂତି "ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ" ପୁସ୍ତକର ଇଂରାଜୀ ଭୂମିକାରେ କହିଛଂତି । ସୂର୍ଯ୍ୟନାରାୟଣ ଦାଶ ଓ ଡ଼ଃ ମାୟାଧର ମାନସିଂ ପ୍ରମୁଖ ନିଜ ନିଜ ଓଡ଼ିଆ ସାହିତ୍ୟର ଇତିହାସରେ ଏହା ଚୋଡ଼ଗଂଗଦେବଂକ ଅମଳରୁ ଅର୍ଥାତ୍ ଖ୍ରୀଷ୍ଟୀୟ ୧୦୭୭-୧୧୪୭ରୁ ଲେଖା ହୋଇ ଆସୁଚି ବୋଲି କହିଛଂତି । ମାତ୍ର ଯେଉଁ ଭାଷାରେ

ସ୍ୱେତଗଂଗ ଓ କପିଳେନ୍ଦ୍ରଙ୍କୁ ବର୍ଣ୍ଣନା କରଯାଇଛି ସେଥିରେ ଉକ୍ତ ସମ୍ରାଟମାନେ ପାଂଜିକରଣଙ୍କର ମୁଣ୍ଡକାଟ କରିବା କଥା, ଭଗ୍ନ ଦେଇ ପାଂଜିଟ ଲେଖାଇବା ତ ଦୂରର କଥା !

"...ତୁ ଦକ୍ଷିଣ ଯାଇ ଗୋକର୍ଣ୍ଣରସର ସ୍ୱାର୍ଥରୁ ଯେ ରାଣ୍ଡିପୁଅ ଯେ ସ୍ୱେରଗଂଗା ଅଛି ତାକୁ ଆଂଭ ଆଜ୍ଞାରେ ଆଣି ଓଡ଼ିଶାରେ ରାଜତ୍ୱ କରାଇବୁ । ଏମନ୍ତକୁ ସେ ବ୍ରାହ୍ମଣ ଦକ୍ଷିଣ ଯାଇ ରାଣ୍ଡିପୁଅ ସ୍ୱେରଗଂଗା ଟୋକାଙ୍କ ସଂଗରେ ଖେଳରେ ରାଜା ହୋଇଅଛି । ପାଖକୁ ସେ ଟୋକାଙ୍କ ବାହାରେ ଅନ୍ୟ ଲୋକ ଯିବାର ନାହିଁ । ସେ ବ୍ରାହ୍ମଣ ଟୋକାଙ୍କ ଆଗରେ କହିଲା ଓଡ଼ିଶାରୁ ବ୍ରାହ୍ମଣ ଜଣେ ଆସିଅଛି । ସେ ଟୋକା ସ୍ୱେରଗଂଗାକୁ କହିବାରୁ ଖପରରେ ଖପର ଖଣ୍ଡିଏ ଲେଖି ସେ ଟୋକା ମୂଳେ ଦେଲା । × × × ସେ ବ୍ରାହ୍ମଣ କହିଲା ଭୁବନେଶ୍ୱର ଦେବ ଆଜ୍ଞା ଦେଇଛନ୍ତି । ତୁମ୍ଭେ ଓଡ଼ିଶାରେ ରାଜା ହେବ । ଏମନ୍ତ ଶୁଣି ସନମତ କଲା । ମାକୁ କହିଲା । ମା କହିଲା ମୋ ସଂଗାତ ନେଉଛି ଧୋବଣୀ ସଂଗେ ଭେଟ ହୋଇଯିବୁ ।" (ମାଦଳାପାଂଜି—ପ୍ରାଚୀ ସଂସ୍କରଣ)

ସୂର୍ଯ୍ୟବଂଶୀ ମହାରାଜା କପିଳେନ୍ଦ୍ର ଦେବଙ୍କ ବର୍ଣ୍ଣନା ଏଇପରି :—

"ଏମନ୍ତକୁ ସୂର୍ଯ୍ୟବଂଶୀ ରାଉତ କପିଳ ବ୍ରାହ୍ମଣ ଘରେ ବାଛୁରି ରଖିଆନ୍ତି । × × ଥୋକାଏ ଦିନ ଉତ୍ତାରୁ ବ୍ରାହ୍ମଣ ଘରୁ କଢ଼ିଲ ବାହାର ହୋଇ ତେଲିଙ୍ଗିଆଙ୍କ ସଂଗେ ସାଂଗ ହୋଇ ସ୍ୱେର କଲେ । ପୁଣି ଥୋକାଏ ଦିନ ଉତ୍ତାରୁ ଭିକାରି ହୋଇ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରେ ମାଗି ଖାଆନ୍ତି ।"

ଏଭଳି ବିଷୟବସ୍ତୁ ଆଦୌ ବିଶ୍ୱାସଯୋଗ୍ୟ ନୁହେଁ । ତା'ଛଡ଼ା ଏ ଗଦ୍ୟ ଗଂଗବଂଶ ବା ସୂର୍ଯ୍ୟବଂଶ ପ୍ରଥମ ପର୍ବରେ ସମ୍ଭବ କି ? ତା'ପରେ ଏଭଳି ଲେଖା ସ୍ୱେରଗଂଗ ବା କପିଳେନ୍ଦ୍ର ଦେବଙ୍କ ପାଂଜିକରଣମାନେ ଶ୍ରୀଛାମୁଙ୍କ ଆଜ୍ଞାରେ ଲେଖିଥିବା ସମ୍ଭବ କି ?

## ମାଦଳପାଂଜିର ଅର୍ବାଚୀନତା : ଓଡ଼ିଆ ଭାଷାତତ୍ତ୍ୱ

ଡଃ ହରେକୃଷ୍ଣ ମହତାବ୍ କହନ୍ତି ଓଡ୍ର ବିଭାଷା ବା ଅପଭ୍ରଂଶରୁ ଧୀରେ ଧୀରେ ଓଡ଼ିଆ ଭାଷା ସ୍ପଷ୍ଟ ଭାବରେ ଆତ୍ମପ୍ରକାଶ କଲା ତ୍ରୟୋଦଶ ଶତାବ୍ଦୀର ଗଂଗବଂଶୀୟ ରାଜାମାନଙ୍କ ଅଭିଲେଖରେ । ପଣ୍ଡିତ ବିନାୟକ ମିଶ୍ରଙ୍କ ମତ ଏଇଯେ ଉକ୍ତ ଅଭିଲେଖମାନଙ୍କରେ ଗଦ୍ୟ-ଓଡ଼ିଆ ବ୍ୟବହୃତ ହୋଇଥିବାରୁ ଜାଣିବାକୁ ହେବ ଯେ ତତ୍‌ପୂର୍ବରୁ ଓଡ଼ିଆ ଭାଷାରେ ପଦ୍ୟ ରଚିତ ହୋଇଥିଲା,

ଓଡ଼ିଆ ଭାଷାତତ୍ତ୍ୱ

କାରଣ ସବୁ ଦେଶରେ ଆଗେ ପଦ୍ୟର ସୃଷ୍ଟି । ସମ୍ବଲପୁର ଜିଲ୍ଲା ବୋଡ଼ସମ୍ବର ଜମିଦାରୀର ବୀର ନରସିଂହନାଥଙ୍କ ମନ୍ଦିର ଗାତ୍ରରେ ଥିବା ପାଟଣାନଗର ରାଜକୁମାର ଦେବଲଦେବଙ୍କ ଲିପିଟି ଖ୍ରୀ. ୬୮୯ ଖ୍ରୀଷ୍ଟାବ୍ଦରେ ଓଡ଼ିଆ ଭାଷାରେ ଖୋଦିତ ହୋଇଥିଲା ବୋଲି ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ କହନ୍ତି । ମାତ୍ର ଏହା କେଉଁ ଲିପିରେ ଲିଖିତ ସେ ବିଷୟରେ ପଣ୍ଡିତ ଦାଶ ନୀରବ । କୁଟିଳ ନାଗରୀ କିମ୍ବା ପ୍ରତ୍ନ-ବଙ୍ଗଳା ଲିପି ହୋଇଥିବ । ଦେବଲଦେବଙ୍କ ଲିପିଟି କିନ୍ତୁ ଓଡ଼ିଆ ଭାଷାରେ ରଚିତ ସନ୍ଦେହ ନାହିଁ । ଯଥା : ଓଁ ନମଶ୍ରୀ ଜଗଦ୍‌....ସ୍ୱସ୍ତି ଶ୍ରୀ ଉଜଳି ନାମ ସମ୍ବତ୍ସରରେ ଚୈତ୍ର ପୂର୍ଣ୍ଣିମା ଶୁକ୍ଳ ପକ୍ଷେ ହସ୍ତା ନକ୍ଷତ୍ରେ ପାଟଣାନଗରସ୍ଥିତ ବଜ୍ରାଙ୍କୁଶ ଦେବ ରାଜାଙ୍କ ଜ୍ୟେଷ୍ଠପୁତ୍ର ଦେବଲଦେବ ରାଜାଙ୍କ ନରସିଂଘା ତୀର୍ଥେ ଗୋଣ୍ଡମାର୍ଦ୍ଦନ ପର୍ବତେ ବିରଳା ନରସିଂଘନାଥ ସ୍ୱାମୀଙ୍କ ଶ୍ରୀ ଦେଉଳ ତୋଳାଇଲା ଜଳେ × × ରନ୍ଧଶାଳା ଗାଈ ସତେକ ଲୁହାସିଂଘା ଗ୍ରାମ ଦିଆଗୋଲା ··× ×” । ହେଲେ ମଧ୍ୟ ଏହାର କାଳ ନିର୍ଣ୍ଣୟ ତଥା ମୂଳପାଠରେ ବହୁ ସନ୍ଦେହର ଅବକାଶ ଅଛି । ଏ ଓଡ଼ିଆ ଗଦ୍ୟ କଦାପି ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ସମ୍ଭବ ହୋଇନପାରେ । ଏଇସବୁ ଦୃଷ୍ଟିରୁ ମାଦଳାପାଞ୍ଜିର ଗଦ୍ୟ ଓଡ଼ିଆରେ ଓଡ଼ିଆ ଲିପିରେ ଅଷ୍ଟମ ଶତକରୁ କିମ୍ବା ଏକାଦଶ ଶତକରୁ ଲେଖା ହୋଇ ଆସୁଥିବା ମତ ଆଦୌ ଗ୍ରହଣଯୋଗ୍ୟ ନୁହେଁ ।

ଏଭଳି ସ୍ପଷ୍ଟ ଓଡ଼ିଆ ଭାଷା ଓ କ୍ରିୟାପଦ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀର ମଧ୍ୟଭାଗ ବେଳକୁ ସମ୍ଭବ କି ? ସେତେବେଳକୁ କୌଣସି ପ୍ରାଚ୍ୟ ଭାଷା ସ୍ପଷ୍ଟ ରୂପ-ରେଖ ନେଇ ନ ଥିଲା । ଏପରିକି ବହୁ ପରବର୍ତ୍ତୀ କାଳର ବୌଦ୍ଧ ଚର୍ଯ୍ୟାପଦର ଭାଷା ମଧ୍ୟ ଅବିଭକ୍ତ ମାଗଧୀ ଅପଭ୍ରଂଶର ଶେଷ ସ୍ତରର ପରିଣତି ବୋଲି ପଣ୍ଡିତମାନେ ସ୍ଥିର କଲେଣି, କାରଣ ସେତେବେଳକୁ ଓଡ଼ିଆ, ବଙ୍ଗଳା, ମୈଥିଳୀ, ଆସାମୀ ପ୍ରଭୃତି ପ୍ରାନ୍ତୀୟ ଭାଷା ସ୍ପଷ୍ଟ ରୂପରେଖ ନେଇ ନ ଥିଲା । ଅତଏବ ପଣ୍ଡିତ ଦାଶ ଏ ଭାଷାକୁ ୬୮୯ ଖ୍ରୀଷ୍ଟାବ୍ଦରେ ସ୍ଥାପିତ କରିବା କେତେଦୂର ସଙ୍ଗତ ତାହା ବିଚାର୍ଯ୍ୟ । ଏ ମନ୍ଦିର କଣ ତେବେ ଭୁବନେଶ୍ୱର ମନ୍ଦିରଠାରୁ ଏକ ଶତାବ୍ଦୀ ପ୍ରାଚୀନତର ?

## ଅଚ୍ୟୁତାନନ୍ଦ ଦାସ

ଅଚ୍ୟୁତାନନ୍ଦ ଦାସ ଅଷ୍ଟାଦଶ ଶତାବ୍ଦୀର ଶେଷ ପ୍ରାନ୍ତର ଲୋକ ବୋଲି ପୂର୍ବରୁ ପ୍ରମାଣ କରିଛୁ । ଯଶୋବନ୍ତ ଦାସ ତାଙ୍କ ମଉଳାଗୁରୁ ହୋଇଥିବାରୁ ସେ ମଧ୍ୟ ତାଙ୍କର ସମସାମୟିକ ବୋଲି କୁହାଯିବ । ଅଚ୍ୟୁତାନନ୍ଦ ତାଙ୍କ ଶୂନ୍ୟ

ସଂହିତାରେ ଲେଖିଛନ୍ତି ଯେ ସେ ସତ୍ୟରେ ନଳ, ସତ୍ୟରେ

କାଳ-ନିର୍ଣ୍ଣୟ

କୃପାଜଳ, ଦ୍ୱାପରରେ ଶ୍ରୀକୃଷ୍ଣଙ୍କ ସଖା ସୁଦାମା ଏବଂ କଳିରେ ଶ୍ରୀ ଚୈତନ୍ୟଙ୍କ ପାଂଚଜଣ ସଖାଙ୍କ ଭିତରୁ ଜଣେ ଥିଲେ । ଖାଲି ସେତିକି ନୁହେଁ ସେ ଚୈତନ୍ୟଙ୍କର ପାଂଚ ଶହ ବର୍ଷ ପୂର୍ବର କପିଳ, ବୋହିଦାସ, ମଲ୍ଲିକାନାଥ ପ୍ରଭୃତିଙ୍କୁ ଶୂନ୍ୟବାଦ ବୁଝାଇ ସେମାନଙ୍କଠାରୁ 'ଜୟ ଜୟ'କାର ଲାଭ କରିଥିଲେ ବୋଲି ମଧ୍ୟ ଲେଖିଛନ୍ତି ।

ଋଷି, ତପୀ ସନ୍ନ୍ୟାସୀ ନାମରେ ସାରସଂଘ
ବୋହିଦାସ, ବାଉଳି, କପିଳ ଯେତେ ସଂଗ
ସଭା ମଣ୍ଡାଇଣ ଯେ ବସିଲେ ସର୍ବ ତପୀ
ପଚାରିଲେ ପ୍ରଭୁଙ୍କ କି ଆଜ୍ଞା ହୋଇଅଛି ।
କହି ମୁଁ ଶୂନ୍ୟ ମନ୍ତ୍ର, ଯନ୍ତ୍ର, କରନ୍ୟାସ
ଋଷିମାନେ ଜୟ ଜୟ କଲେ ଯେ ପ୍ରକାଶ । (ଶୂ. ସଂ. ୧୦ମ ଅ)

ତେଣୁ ଏଭଳି ଜଣେ ବ୍ୟକ୍ତିଙ୍କର କାଳ-ନିରୂପଣ କରିବା ପ୍ରକୃତରେ ବଡ଼ ଅସାଧ୍ୟ ପାଠ । ତଥାପି ତାଙ୍କ ଗୁରୁ-ପରଂପରାରୁ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରମାଣରୁ ସେ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗର ବା ଊନବିଂଶ ଶତାବ୍ଦୀର ଲୋକ ବୋଲି ପ୍ରମାଣିତ ହୋଇଚି । ତାଙ୍କ ଗ୍ରଂଥରେ ଅରୁଣସ୍ତମ୍ଭ, ସତ୍ୟବାଦୀ ମନ୍ଦିର, ଦିବ୍ୟସିଂହ ଦେବ, ବୀରକେଶରୀ ଦେବ ପ୍ରଭୃତିଙ୍କ ଉଲ୍ଲେଖ ଥିବାରୁ ଏବଂ ଭାଷାରେ ଷୋଡ଼ଶ ଶତକୀୟ ଲକ୍ଷଣ ନ ଥିବାରୁ ଆମେ ଏଇ ସିଦ୍ଧାନ୍ତରେ ପହଂଚୁଛୁଁ । ତଥାପି ସାରଳା-ଯୁଗ ସଂଗେ ତାଙ୍କର ଯୋଗାଗ୍ରହ ଓ ଧର୍ମ-ଧାରଣା ପ୍ରଭୃତିରେ ସାମ୍ୟ ଥିବାରୁ ଆଲୋଚନାର ସୁବିଧା ପାଇଁ ସେମାନଙ୍କୁ ଏ ଅଧ୍ୟାୟର ଅନ୍ତର୍ଗତ କରୁଛୁଁ । କାରଣ ଧର୍ମୀୟ ମତବାଦ ଓ ଦାର୍ଶନିକ ବିଗ୍ରହ ଦୃଷ୍ଟିରୁ ସାରଳା ଦାସ, ବଳରାମ ଦାସ ଓ

ନିରାକାରତତ୍ତ୍ୱ

ଜଗନ୍ନାଥ ଦାସଙ୍କ ଭଳି ସେମାନେ ମଧ୍ୟ ଜ୍ଞାନମିଶ୍ରା ଭକ୍ତିମାର୍ଗ ଶୂନ୍ୟବାଦ ପ୍ରଚାର କରିଯାଇଛନ୍ତି । ଏ ଶୂନ୍ୟବାଦ ବୌଦ୍ଧ ଶୂନ୍ୟପକ୍ଷ, ତାନ୍ତ୍ରିକ ଯୋଗାଗ୍ରହ ଓ ବୈଷ୍ଣବ ଧର୍ମର ସମନ୍ୱୟରେ ଓଡ଼ିଶାରେ ଏକ ନୂତନ ଆକାର ଧାରଣ କରିଥିଲା ଏବଂ ସେଥିରେ ବୌଦ୍ଧରୂପୀ ଜଗନ୍ନାଥ, ଶ୍ରୀରାମ, ରାଧାକୃଷ୍ଣ, ଆଦ୍ୟମାତା ଦୁର୍ଗା ସମସ୍ତେ ମିଶି ଯାଇଥିଲେ ଏବଂ ଏକ ନିରାକାର ବା ଅଣାକାରତତ୍ତ୍ୱର ଜନ୍ମ ହୋଇଥିଲା । ଏଇ ଅଣାକାର ବା ଅଲେଖ ନିରଂଜନହିଁ ଅଚ୍ୟୁତାନନ୍ଦ ଓ ଯଶୋବନ୍ତଙ୍କ ସାହିତ୍ୟର ମୂଳପିଣ୍ଡ ।

"ଛଳକଣାରେ ମୁଁ ଜନମ ଲଭିଲି କେହି ନ ଚହ୍ନିଲେ ମୋରେ ।
ଅଗଣିତ ବୋଲି ମାତା ଡାକୁଛନ୍ତି ଅନ୍ନ ନ ମିଳଇ ଘରେ
(ଶୂ.ସଂ, ୧୨ ଅ)

ତାଂକର ନାମ ସିଂଧୁ ଗ୍ରନଂଦ ଥିଲା । 'ସିଂଧୁ ଗ୍ରନଂଦ ମୋ ନାମ ନୃପତ ରଖିଲ । ଦୀନ ପାମର ଅଚ୍ୟୁତ ନାମ ହେଲ ।"(ଶୂ.ସଂ୧୩.ଅ) ଶୂନ୍ୟ ସଂହିତାରେ—

"ନାମକୁ ଚହ୍ନିଲେ ଜୀବ ପରମେ ମିଶଇ
ଯୋଳଭେଲା ପର ଭବସିଂଧୁରେ ଖସଇ ।×××

ଏକାକ୍ଷର ବ୍ରହ୍ମ ବା ଓଁକାର ବ୍ରହ୍ମ ଅଲେଖ । ସେ ଅନାମ । ବ୍ରହ୍ମ ମହା-ଶୂନ୍ୟ, ଅଣାକାର ଓ ଜ୍ୟୋତି ବ୍ରହ୍ମ ।

ଏକାକ୍ଷର ବ୍ରହ୍ମ ଏହି ଜ୍ୟୋତିବ୍ରହ୍ମ ରୂପ
ଏଥିରେ ଆଲୋକିତ ଯେ ଅଲେଖ ସ୍ୱରୂପ ।
ଅନାମ ଯେ ବ୍ରହ୍ମ ମହାଶୂନ୍ୟ ଅଣାକାର
ଶବଦ ଶୁଭଇ ତହିଁ ଦ୍ୱାଦଶ ପ୍ରକାର । (ଶୂ.ସଂ)

"ଜ୍ୟୋତିବ୍ରହ୍ମ ଏକାକ୍ଷରବ୍ରହ୍ମ ଓଁକାର । ଏହା ମଧ୍ୟ 'ହରେ ରାମକୃଷ୍ଣ" ମହାମଂତ୍ରର ତତ୍ତ୍ୱ । ଜ୍ୟୋତିବ୍ରହ୍ମଂକ ଜ୍ୟୋତିମଂଡଳ ମଧ୍ୟରେ ରାଧାକୃଷ୍ଣ ଲୀଳା କରୁଛଂତି । ରାଧାକୃଷ୍ଣ ଭୂଜ ଲଂପଟରେ ମଗ୍ନ । ଏଠାରେ ଅଦୃଶ୍ୟ ରୂପ ଜ୍ୟୋତି-ରୂପରେ ଦୃଶ୍ୟ ହେଉଛି । ଶ୍ରୀକୃଷ୍ଣ ମୁରଲୀ ବଜାଉଛଂତି । ଗୋପୀମାନେ ଗୀତଗାଇ ସେବା କରୁଛଂତି । ରମା, ପ୍ରେମା, ଶ୍ୟାମଳା, ବିଶାଖା ଆଦି ସଖୀମାନେ ସେବାରେ ଅଛଂତି । ମୁରଲୀର ସପ୍ତରଂଧ୍ରରେ ସପ୍ତସ୍ୱର ବାହାରୁଛି । ହରେ ରାମକୃଷ୍ଣ ମହାମଂତ୍ର ଏହିଠାରୁ ଜାତ ହୋଇଛି । (ଶୂ.ସଂ ୩୨ଶ ଅ) ଏଇ ବ୍ରହ୍ମ ଏକାକ୍ଷର ସ୍ୱୟଂ ନିରଂଜନ । ସୋଽହଂ-ରୂପୀ ଜଗନ୍ନାଥ ଦାରୁବ୍ରହ୍ମ ରୂପରେ ବିଜେ ହୋଇଛଂତି । ହରେ ପଦରେ ହ ଜଗନ୍ନାଥ ବା କୃଷ୍ଣ । ର ରାଧା । ଦୁହେଁ ନିତ୍ୟରେ ଏକାଂଗ ହୋଇ ବିହାର କରୁଛଂତି । ପୁଣି 'ହ'କାର ରାଧା ଏବଂ 'ର'କାର କୃଷ୍ଣ ବୋଲି ମଧ୍ୟ ଅଚ୍ୟୁତାନଂଦ ବୁଝାଇଛଂତି ।

ନିତ୍ୟ ରାଧାକୃଷ୍ଣ ଲୀଳାରେ ଗୋପୀମାନେ ଯୁଗଳ ମୂର୍ତ୍ତିର ସେବା କରୁଛଂତି । ଗୋପୀମାନଂକର ପ୍ରେମ ଅତୁଳନୀୟ ଓ ସର୍ବୋତ୍କୃଷ୍ଟ ଥିବାରୁ 'ଗୋପୀ-ଜନବଲ୍ଲଭାୟ' ମଂତ୍ରରେ ଗୋପୀ ଶବ୍ଦ ସ୍ଥାନ ପାଇଛି । ଏଇ ଗୋପୀ ନାମର ମହିମା ଅନଂତ । 'ହରେ ରାମକୃଷ୍ଣ' ମଂତ୍ରର ବୀଜ ରମା ହେଉଛଂତି ଗୋପୀ । ରମା ବା ଲକ୍ଷ୍ମୀଂକର ଅନ୍ୟ ନାମ ଗୋପୀ । ଗୋପୀ ଜଗତର ଯାବତୀୟ ଉତ୍କୃଷ୍ଟସାର ଦ୍ରବ୍ୟ ।

ଗୋପୀ ରୁକ୍ମିଣୀ, ପ୍ରେମା, ସାବିତ୍ରୀ ପ୍ରଭୃତି । ସବୁନାମକୁ ଠୁଳ କରି ଶ୍ରୀହରି ଗୋପୀ ନାମକୁ ବାଛିଲେ । ଏହି ସବୁ ନାମକୁ ଏକତ୍ର କରି ଗୋପୀ ନାମ ସଙ୍ଗେ ତୁଳିବାକୁ ଗୋପୀ ନାମର କଣିକାକୁ ମଧ୍ୟ ସେମାନେ ସମାନ ହେଲେ ନାହିଁ । ତେଣୁ ଗୋପୀ ନାମ ସାର ହେଲା ।

ଏହି ଜ୍ୟୋତିର୍ମଣ୍ଡଳ ଭିତରେ ଋଗବେଦ ବି ପ୍ରବେଶ କରି ପାରନ୍ତି ନାହିଁ । ଏଠାକୁ ଯିବାକୁ ଗାୟତ୍ରୀ ପାଉଛି । ଗାୟତ୍ରୀ ଗାର ରୂପରେ ସେହି ଦ୍ୱାରକୁ ଆବୋରି ରହିଛି । କାଳାନଳ ଜ୍ୟୋତି ଶରୀର ଏହି ବେଦମାତା ଗାୟତ୍ରୀ ପଥକୁ ନିରୋଧ କରୁଛନ୍ତି । ଏହି ଗାୟତ୍ରୀଙ୍କ କୃପା ହେଲେ ପ୍ରଣବ ଓଁକାର ପ୍ରବେଶ ମିଳେ । ଅଜ୍ଞାନତା ରୂପକ ଅନ୍ଧକାର ଲୋପ ହୁଏ । ଅତଏବ ଅଜପା ଗାୟତ୍ରୀ ମନ୍ତ୍ରକୁ ଜପିବା ଆବଶ୍ୟକ । ଓଁକାର-ରୂପୀ ଶବ୍ଦ ବ୍ରହ୍ମ ଏକମାତ୍ର ଭଜନଯୋଗ୍ୟ । ଗାୟତ୍ରୀ ମନ୍ତ୍ର ପୁଣି ବେଦମାତା ଗାୟତ୍ରୀର ଦେହରେ ଭେଦ କରି ରହିଛି ।"*

ଅଚ୍ୟୁତାନନ୍ଦଙ୍କ ମତରେ, ନିତ୍ୟ ରାସ ମଣ୍ଡଳର ଅଧିଷ୍ଠାତା ହେଉଛନ୍ତି ନିରାକାର ।

"ଅଲେଖ ବୋଲନ୍ତି ତାଙ୍କୁ ନିବିଶଙ୍କ ଯେଣୁ,
ନିରାକାର ଆକାର ମଣ୍ଡଳ ନାହିଁ ତେଣୁ ।
ଶୂନ୍ୟବର ବୋଲି ସିନା ବୋଲନ୍ତି କୃଷ୍ଣଙ୍କୁ,
ବାରି କହିଦେଲୁଁ ଧ୍ୟାୟି ତୁ ନିରାକାରକୁ ।"

ନିତ୍ୟ ଗୋଲକରେ ନିତ୍ୟରାଧା ଓ ନିତ୍ୟକୃଷ୍ଣ ଅଛନ୍ତି । ନିତ୍ୟରାଧାଙ୍କ ସହ ବୃନ୍ଦମାତା ସମେତ ୧୬୦୦ ଗୋପୀ ଅଛନ୍ତି । ବୃନ୍ଦମାତା ପରାମର୍ଶ ଦେଉଛନ୍ତି ନିରାକାର ଉପାସନା କରିବାକୁ ।

ଏହାଛଡ଼ା ବତିଶ ଅକ୍ଷର ତତ୍ତ୍ୱ ରହିଛି । କୃଷ୍ଣ (କାମବୀଜ—କ୍ଳୀଂ) ରାଧା (ରଜବୀଜ—ଶ୍ରୀଂ), ଚନ୍ଦ୍ରାବଳୀ (ଲଜ୍ଜାବୀଜ—ହ୍ରୀଂ) କ୍ରମେ । ତିନି ମୂଳାକ୍ଷର ମିଶି) ଛଅ ଅକ୍ଷର ହେଲେ । ଏ ଛଅ ଗୋପୀ ନିତ୍ୟ ରାସ ମଣ୍ଡପର ଛଅ କୋଣରେ ରହିଲେ । ଛଅ କୋଣ କ୍ରମଶଃ ଆଠ କୋଣ ହେଲା, ଏବଂ ଆଠ କୋଣକୁ ଷୋଳ ଅକ୍ଷର ହେଲା । ହରେ ରାମ ହରେ ରାମ ରାମ ରାମ ହରେ ହରେ । ଆଠ କୋଣରେ ଆଠ ଗୋପୀ ଥିଲେ—ସରଳା, ଲଳିତା, ହରିପ୍ରିୟା, ବିମଳା, ଧନ୍ୟା, ଶ୍ରୀମତୀ, ପଦ୍ମା । ଓ ସୁକେଶୀ । ଉକ୍ତ ଆଠ ଶବ୍ଦ କ୍ରମେ କ୍ରମେ ୩୨ ଅକ୍ଷର ବିଶିଷ୍ଟ ଷୋଳ ଶବ୍ଦ ହେଲା ।

* 'ଓଡ଼ିଆ ସାହିତ୍ୟର ଇତିହାସ'—ପୃ ୬୮୦—୮୧

ସେଥିରେ ଚାରି ଥର କୃଷ୍ଣ ଶବ୍ଦ, ଚାରି ଥର ରାମ ଶବ୍ଦ ଏବଂ ଆଠ ଥର ହରି ଶବ୍ଦ ରହିଲା । × × × ଷୋଳ ଅକ୍ଷର ହେଉଛନ୍ତି ଷୋଳ ଗୋପୀ । ନିତ୍ୟରାସ ମଣ୍ଡଳରେ ରାଧାକୃଷ୍ଣ ଏହି ଷୋଳ ଅକ୍ଷର ବିଶିଷ୍ଟ ଗୋପୀଙ୍କ ସହିତ କ୍ରୀଡ଼ା କରନ୍ତି । "ଦୟା କଲେ ବୃନ୍ଦମାତା ନିରାକାର ମନ୍ତ୍ର, ଦ୍ୱାତ୍ରିଂଶ ଅକ୍ଷର ଉପଦେଶ ଦେଲେ ତନ୍ତ୍ର ।" (ଶୂନ୍ୟ ସଂହିତା) (୧)

## ନିରାକାରବାଦର ସମନ୍ୱୟ

### ରାମ ଶବ୍ଦର ହେତୁତ୍ୱ

ନିରାକାର ସୃଷ୍ଟିତତ୍ତ୍ୱ ଅନୁସାରେ, ଶୂନ୍ୟରୁ ବିନ୍ଦୁ ଝରିଲା । ବିନ୍ଦୁ-ବ୍ରହ୍ମ ରୂପେ ନିରାକାର ବିଦ୍ୟମାନ । ମାୟା ହେଉଛନ୍ତି 'ଆଦିଶକ୍ତି ।' "ପ୍ରେମ ଭକ୍ତି ଗୀତା'ରେ ଅଛି : "ସେ ଯୋଗମାୟା ଆଦିଶକ୍ତି, ମୋ ଅର୍ଦ୍ଧମାତ୍ରା ଶୂନ୍ୟେ ସ୍ଥିତି ।" ସେହି ହେଉଛନ୍ତି ପ୍ରକୃତି । ସେହି ହେଉଛନ୍ତି ଆଦିମାତା ଓ ଶୂନ୍ୟ ପୁରୁଷ ହେଉଛନ୍ତି ଆଦିପିତା ।" ଆଦିମାତାଙ୍କ ଗର୍ଭରେ ବିନ୍ଦୁ ପଡ଼ି ରା ଓ ମ ଉତ୍ପନ୍ନ ହେଲେ । ରା ହେଉଛନ୍ତି ରାଧା । ମ କୃଷ୍ଣ ।

ଯୋଗମାୟା ନିଜ ଗାତ୍ରରେ ଏକ ଛେଦ କରି ଏହି ଯୁଗଳ ଶକ୍ତିକୁ ବାହାର କଲେ । ଏହିପରି ରାଧାକୃଷ୍ଣଙ୍କ ଜନ୍ମଲାଭ ହେଲା । ଏଣୁ ଶୂନ୍ୟ ସଂହିତା କହେ— "ଏକ ବୀଜ ବେନିଫାଳ ଯୁଗଳ ଅଙ୍ଗରେ ।" ବଳରାମ ଦାସ ଗଣେଶ ବିଭୂତି ଟୀକାରେ ଏହାକୁ କହିଛନ୍ତି—"ଭାଇ ଭଗ୍ନୀ ରାଧାକୃଷ୍ଣ ଶୁଣ ମନ ଦେଇ ।" ଏହା କହିବାର ଅର୍ଥ ଉଭୟେ ଆଦିମାତାଙ୍କ ଗର୍ଭରୁ ସମ୍ଭୂତ । ଏହି ଆଦିଶକ୍ତିକୁ ଅଚ୍ୟୁତାନନ୍ଦ ମହାମାୟା ମହାଦୁର୍ଗା ବୋଲି ବର୍ଣ୍ଣନା କରି ତାଙ୍କ ସହ ଅଷ୍ଟ ସଖୀଙ୍କର କଳ୍ପନା କରିଛନ୍ତି । ଏ ଅଷ୍ଟସଖୀଙ୍କ ମଧ୍ୟରେ ବୃନ୍ଦମାତା ଅନ୍ୟତମା । ଅର୍ଦ୍ଧମାତ୍ରାକୁ ବଳରାମ ଦାସ ଧର୍ମମାତା ବୋଲି ବର୍ଣ୍ଣନା କରିଛନ୍ତି ।*

## ପିଣ୍ଡ ବ୍ରହ୍ମାଣ୍ଡବାଦ

ଏହି ପିଣ୍ଡରେ ବ୍ରହ୍ମାଣ୍ଡର ଅବସ୍ଥିତି । ଭୁଇ ବାହୁ, ହୃଦୟ, ନାଭି, ଉଦର, ପୃଷ୍ଠ, କଟି ଏହି ସାତ ସ୍ଥାନ ସପ୍ତତଳ (ତଳ, ଅତଳ, ସୁତଳାଦି) ବିଶିଷ୍ଟ ମର୍ତ୍ତ୍ୟପୁର । ସ୍ୱର୍ଗ, ମର୍ତ୍ତ୍ୟ ପାତାଳ ପ୍ରତ୍ୟେକ ସାତପୁର । ଏହିପରି ୨୧ଟି ପୁର ଦେହ ଭିତରେ ଅଛି । ତାକୁ ବ୍ରହ୍ମସ୍ଥାନ ।

*(୧) ଓ ସା. ଇ ଓ 'ଓଡ଼ିଶା ଇତିହାସ' —ମହତାବ୍ ।

## ଅଚ୍ୟୁତାନନ୍ଦ ଦାସ

ଏକୋଇଶପୁର ପିଣ୍ଡ ବ୍ରହ୍ମାଣ୍ଡ ଯେ ସରି,
ଜ୍ୟୋତିମଣ୍ଡଳର ମଧ୍ୟେ ବସେ ନରହରି । (ଶୂନ୍ୟ ସ.)

ବଳରାମ ଦାସଙ୍କ 'ବିରାଟ ଗୀତା'ରେ ଏଇ ପିଣ୍ଡ ବ୍ରହ୍ମାଣ୍ଡବାଦ ବର୍ଣ୍ଣିତ ହୋଇଥିଲା । "ବ୍ରହ୍ମାଣ୍ଡ ଯେତେକ ବିଧିମତ, ପିଣ୍ଡରେ ଅଛନ୍ତି ସମସ୍ତ ।" ଅଚ୍ୟୁତାନନ୍ଦ ଏଇ ତତ୍ତ୍ୱ ଉପରେ ଆଧାର କରି ନିଜ ମତବାଦ ପ୍ରତିଷ୍ଠା କରିଛନ୍ତି ।

### ଯୋଗାଚାର

ଏଇ ମତବାଦ ଅନୁସାରେ 'ମୋକ୍ଷପ୍ରାପ୍ତି ପାଇଁ ଅଷ୍ଟାଙ୍ଗ ଯୋଗସାଧନା ଆବଶ୍ୟକ । ଷଟ୍‌ଚକ୍ରରେ ଥିବା ପଞ୍ଚବିଂଶ ପବନକୁ ନିରୋଧ କରି ଏ ଯୋଗ ସାଧନ କରିବାକୁ ହୁଏ । ଇଙ୍ଗଳା, ପିଙ୍ଗଳା ଓ ସୁଷୁମ୍ନାକୁ ଆବୃତ କରି ସୁଷୁମ୍ନାରେ ମନପବନ ଏକ କରିବାକୁ ହୁଏ ।' 'ବେନି ଚକ୍ଷୁଙ୍କ ମଧ୍ୟେ ସ୍ଥାନ - ତ୍ରିକୂଟ ବୋଲି ତାର ନାମ ।' (ବିରାଟ ଗୀତା—ବଳରାମ ଦାସ) ସୁଷୁମ୍ନା ହେଉଚି ତ୍ରିକୂଟର ଦ୍ୱାର । "ତ୍ରିକୂଟ ସ୍ଥାନରେ ଘୁଣି ହଂସ ଖେଳୁଥାଇ ।' ଇଡ଼ା ଓ ପିଙ୍ଗଳାର ସଂଯୋଗ ଯେଉଁଠି ସେଇଠି ସୁଷୁମ୍ନା । "ଏ ବେନି ସଂଗମେ ପୁତା ସୁସୁମନା ବାଟ, ଶୂନ୍ୟ ମେରୁ ବୋଲି ତାକୁ ବୋଲନ୍ତି ତ୍ରିକୂଟ । ତହିଁ ଉପରେ ପୁତାରେ ବ୍ରହ୍ମ ରନ୍ଧ୍ର ଦ୍ୱାର X X ବ୍ରହ୍ମରନ୍ଧ୍ର ଫିଟାଇ ଅଲେଖକୁ ଦେଖ ।"

(ସପ୍ତାଙ୍ଗ ଯୋଗସାର—ବଳରାମ ଦାସ)

ଅର୍ଦ୍ଧମାତ୍ରା, ଆଦିମାତା ବା ଆଦିଦୁର୍ଗା ଭ୍ରୂଲତା ମଧ୍ୟରେ ଅଛନ୍ତି । "ଅର୍ଦ୍ଧମାତ୍ରା ପରେ ବିନ୍ଦୁ ବ୍ରହ୍ମ ରୂପେ ବସେ, ବ୍ରହ୍ମ ପରେ ଆଦିବ୍ରହ୍ମ ବସନ୍ତି ଆକାଶେ ।" (ଛତିଶ ଗୁପ୍ତଗୀତା)

ଅଚ୍ୟୁତାନନ୍ଦ 'ବ୍ରହ୍ମ ଶଙ୍କୁଳା'ରେ କହୁଛନ୍ତି—

ପ୍ରସନ୍ନ ହେଲେ ଆଦିମାତା     କଟିବ ଭବ ଭୟ ଚିନ୍ତା ।
ବିନ୍ଦୁଟି ପଡ଼ିବ ଆକଟି     ପବନେ ପଶିପିବ ଗଣ୍ଠି ।"*

ପୁଣି,

ସୁଷୁମ୍ନାର ଚକ୍ର ପରେ ଅନେକ ଅନ୍ତରେ
ଅଛନ୍ତି ବିହାସେ ମକ୍ତି ଅନାମ ଅକ୍ଷରେ ।

---

* 'ଓଡ଼ିଆ ଇତିହାସ'—ପୃ ୪୬୮ ।

ଚୌରାଶିସହସ୍ର କୋଶ ଭୂମି ଆୟତନ
ସେ ଭୂମିରେ ଲୀଳା କରୁଛନ୍ତି ବେନିଜନ ।
ଗୋପୀକା ମଣ୍ଡଳ ପରେ ତ୍ରିଭଙ୍ଗି ଛନ୍ଦରେ
ଭଣନ୍ତି ଯେ ନ ଦିଶନ୍ତି ଭୁଜ ବନ୍ଧନରେ ।
କୋଟି ଯୁଗ ଗଲେ ତାଙ୍କ ନ ଟଳଇ ଲୀଳା,
ନୟନେ ନୟନ ମିଶି ଭୁଜେ ଭୁଜ ଗଲା ।
(୪ର୍ଥ ଅ. ଶୂ. ସଂ)

ମର୍ତ୍ତ୍ୟ ବୃନ୍ଦାବନରେ ରାଧା ଓ ଗୋପୀମାନଙ୍କୁ ଧରି କୃଷ୍ଣ ଲୀଳା କରୁଛନ୍ତି । ସେ ଭୂମିର ଆୟତନ ଚୌରାଶି ସହସ୍ର କୋଶ । ଏକାକ୍ଷର ଓଁ ଅଷ୍ଟଦଳ ଉପରେ କଦମ୍ବ ମୂଳରେ କୃଷ୍ଣ ବିଜେ କରିଛନ୍ତି । ବିରହିଣୀ ରାଧାଙ୍କ ଅଷ୍ଟ ନାୟିକା ଲକ୍ଷଣ ମଧ୍ୟ ସେ ଏଠାରେ ବ୍ୟକ୍ତ କରିଛନ୍ତି ।*

ଯେତେ ଲୀଳା କରେ ଏକାକ୍ଷର ଅଷ୍ଟଦଳେ
ବିଜୟେ କରିଣ ଆଛି କଦମ୍ବର ତଳେ ।
ଯମୁନା ପୁଳିନ ବନ କାଳିନ୍ଦୀର ହ୍ରଦ
ଅଷ୍ଟ ଦଳ ମଧ୍ୟେ ଦେଖ କଦମ୍ବର ମଧ୍ୟ ।
ଓଙ୍କାର ପାଖୁଡ଼ା ଏହି ବିରହିଣୀ ସ୍ଥାନ
ଏହି ଦଳେ ବ୍ୟୋମପୁରି ଟି ନିଧନ । (୪ର୍ଥ ଅ. ଶୂ. ସଂ)

ବଳରାମ ଦାସ ଓ ଜଗନ୍ନାଥ ଦାସ ପ୍ରମୁଖ ଯେଉଁ ଜ୍ଞାନମିଶ୍ରା ଭକ୍ତିଧାରା ଓ ଯୋଗମାର୍ଗ ପ୍ରବର୍ତ୍ତନ କରିଥିଲେ, ଅଚ୍ୟୁତାନନ୍ଦ ସେହି ମାର୍ଗର ପଥିକ । ଏମାନେ ଶ୍ରୀ ଚୈତନ୍ୟଙ୍କ ପ୍ରବର୍ତ୍ତିତ ମାଧୁର୍ଯ୍ୟ ଲୀଳାକୁ ରୂପାନ୍ତର ମାଧ୍ୟମରେ ଗ୍ରହଣ କରିଥିଲେ । ଆଗରୁ କହିଛୁ, ଶାକ୍ତ ଧର୍ମ ଓ ବୈଷ୍ଣବ ଧର୍ମ ଏବଂ ଯୋଗାସ୍ତ୍ରର ସାଧନା ବୌଦ୍ଧ ଶୂନ୍ୟବାଦ ସମ୍ମିଶ୍ରଣରେ ଷୋଡ଼ଶ ଶତକର ଓଡ଼ିଶାରେ ଏକ ସାଧାରଣ ଧର୍ମରେ ପରିଣତ ହୋଇଥିଲା । ଅଚ୍ୟୁତାନନ୍ଦ ସେହି ପଥର ଶେଷ ପର୍ଯ୍ୟାୟର ପଥିକ ।

---

* 'ଓଡ଼ିଶା ଇତିହାସ' ।
* ଓଡ଼ିଆ ସାହିତ୍ୟର ଇତିହାସ ।

# ଯଶୋବଂତ ଦାସ

ଯଶୋବଂତ ଦାସ ଥିଲେ ଅଡ଼ଂଗ ରାଜା ରଘୁରାମ ଚଂପଂଢଂକ ଶଳା । ଅଚ୍ୟୁତାନଂଦ ଦାସ ଏଇ ରଘୁରାମ ଚଂପଢଂକ କନ୍ୟାକୁ ବିବାହ କରିଥିଲେ । ତେଣୁ ଯଶୋବଂତ ଅଚ୍ୟୁତାନଂଦଂକର ମଉଳାଶୁର ଏବଂ ସଂଭବତଃ ବୟସରେ ତାଂକଠୁ ବଡ଼ । ଯଶୋବଂତ ଦାସଂକ ପ୍ରଣୀତ "ଗୋବିଂଦଚଂଦ୍ର ଟୀକା" ଏକ ଅତି ଜନପ୍ରିୟ ରଚନା । ଏହାକୁ ଯୋଗୀମାନେ କେଂଦେରି ବଜାଇ ଗାଇଲବେଳେ ପ୍ରତ୍ୟେକ ଶ୍ରୋତାର ହୃଦୟ ବିଗଳିତ ହୋଇଥାଏ ।

"ଏଇ ହାତୀ ଘୋଡ଼ା, ଏଇ ପାଟଯୋଡ଼ା, ତୋହର ବାବାର ଥିଲା ।
ମରିଗଲାବେଳେ ଗୋବିଂଦଚଂଦ୍ରରେ ଛିଂଡା ପଲଂକରେ ଗଲା ।"

ଯଶୋବଂତ ଅଡଂଗ ଜମିଦାର ରଘୁରାମ ଚଂପତିଂକ ଭଉଣୀ ଅଂଜନା ଦେବୀଂକୁ ବିବାହ କରିଥିଲେ । ପରେ ସେ ସଂସାର ତ୍ୟାଗ କରି ସନ୍ନ୍ୟାସ ଧର୍ମ ଗ୍ରହଣ କରିଥିଲେ । ଅଡଂଗର ଜମିଦାର ଯଶୋବଂତ ଦାସଂକ ପାଇଁ ଅଡଂଗଠାରେ ଗୋଟିଏ ମଠ ନିର୍ମାଣ କରାଇ ଦେଇଥିଲେ ଏବଂ ମଠର ପରିଚାଳନା ପାଇଁ ସଂପତ୍ତି ଖଂଜିଥିଲେ । ]

ସଂସ୍କୃତ 'ସ୍ୱରୋଦୟ ଲେଶ' ପୁସ୍ତକର 'ମୂଳ ବିଷୟକୁ ଅବଲଂବନ କରି ଯଶୋବଂତ "ଶିବ ସ୍ୱରୋଦୟ" ନାମକ ଗ୍ରଂଥ ରଚନା କରିଥିଲେ । ଯୋଗସାଧନା ପ୍ରଣାଳୀ ଏ ଗ୍ରଂଥରେ ବର୍ଣ୍ଣିତ ହୋଇଚି ।

"ପ୍ରେମଭକ୍ତି ବ୍ରହ୍ମଗୀତା" ନାମକ ଗ୍ରଂଥରେ ଯଶୋବଂତ ଜ୍ଞାନମିଶ୍ରା ଭକ୍ତି-ଯୋଗର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଛଂତି । 'ସୃଷ୍ଟିତତ୍ତ୍ୱ, ଶୂନ୍ୟରେ ଭଗବାନଂକ ଅବସ୍ଥିତି, ଯୋଗମାୟାଂକ ଜନ୍ମ, ସୃଷ୍ଟିକ୍ରିୟା, ରାଧାକୃଷ୍ଣଂକ ନିତ୍ୟରୂପ ଓ ନିତ୍ୟ-ରାସର ବର୍ଣ୍ଣନା' ଏ ଗ୍ରଂଥରେ ପାଂଚୋଟି ଶ୍ରେଷ୍ଠ ଶ୍ରେଷ୍ଠ ଅଧ୍ୟାୟରେ ବର୍ଣ୍ଣିତ ହୋଇଚି । ଏଇ ପିଂଡ ଭିତରେ ବ୍ରହ୍ମାଂଡର ଅବସ୍ଥିତି ମଧ୍ୟ ବର୍ଣ୍ଣନା କରାଯାଇଚି । ଏହାଛଡ଼ା ଜଗନ୍ନାଥ ବଳଭଦ୍ର, ସୁଭଦ୍ରାଂକ ତତ୍ତ୍ୱର ବ୍ୟାଖ୍ୟା ମଧ୍ୟ ଏଥିରେ ଦିଆଯାଇଚି ।

(ଓଃ ସା. ଇ)

ଯଶୋବଂତ ଦାସ ବଳରାମ ଦାସ, ଜଗନ୍ନାଥ ଦାସ ଏବଂ ଅଚ୍ୟୁତା-ନଂଦଂକ ପରି ଜ୍ଞାନମିଶ୍ରା ଭକ୍ତିମାର୍ଗ ଅବଲଂବନ କରିଥିଲେ । ଯୋଗସାଧନା ତାଂକ ଧର୍ମ-ମାର୍ଗର ପ୍ରଧାନ ଅଂଗ ଥିଲା ।

# ଶିଶୁ ଅନନ୍ତ ଦାସ

ଶିଶୁ ଅନନ୍ତଙ୍କ ନାମରେ କେତେକ ମାଳିକା ଦେଖାଯାଏ । 'ଉଦ୍ଧବ ଭକ୍ତି ପ୍ରଦାୟିନୀ ଚଉତିଶା' ନାମକ ଖଣ୍ଡିଏ ପୁସ୍ତକ ଲେଟକର ହସ୍ତଗତ ହୋଇଛି । ଏହାର ରଚୟିତା ଶିଶୁ ଅନନ୍ତ ଦାସ । ଗ୍ରନ୍ଥର କେତେକ ପଂକ୍ତି ଉଦ୍ଧାର କରାଗଲା । ଶିଶୁ ଅନନ୍ତଙ୍କ କଥା ମାଦଳାପାଞ୍ଜିରେ ମଧ୍ୟ ଲେଖା ଅଛି ।

"ଜୟ ହେ ଅନାଦି ଅବ୍ୟକ୍ତ ବ୍ରହ୍ମ ଜୟ ନୀଳାଦ୍ରି ବିଶୋର ।
ଜୟ ଆଦିମୂଳ ଅବତାର ମୂର୍ତ୍ତି ହୋଇଛ ସଚରାଚର ।
ଜୟ ହେ ଅନନ୍ତ ତ୍ରିବିକ୍ରମ ମୂର୍ତ୍ତି ଅରୂପାନନ୍ଦ ଗୋସାଇଁ ।
ତ୍ରିବିଧ ସ୍ୱରୂପେ ପ୍ରକାଶ ହୋଇଛ ଲୀଳା କଉତୁକ ପାଇଁ ।
ଜୟ ହେ କିଶୋର କିଶୋରୀ ହେ ହରି ଏକାଙ୍ଗ ରୂପ ଘଟଣା
କେ ଚହ୍ନି ପାରିବ ତୁମର ସ୍ୱରୂପ ଚହ୍ନା ଜନେ କରି ବଣା ।"

ଶିଶୁ ଅନନ୍ତଙ୍କର ଅନ୍ୟ କେତୋଟି ପଦ—

ବିନ୍ଦୁ ଅକ୍ଷରୁ ହୋଇଲା ଅଶେଷ । ଶିଶୁ ଅନନ୍ତ ସେହିଠାକୁ ଆଶ ।"

ଓଡ଼ିଶାର ବହୁ କବି ଶିଶୁ ସଂପ୍ରଦାୟଭୁକ୍ତ । ସେମାନଙ୍କ ମଧ୍ୟରେ ଶିଶୁ ଅର୍ଜୁନ ଦାସ (ରାମବିଭା, କଳ୍ପଲତା,) ଶିଶୁ ବନମାଳି ଦାସ (ରାସ) ଶିଶୁ ଶଂକର ଦାସ (ଉଷାଭିଳାଷ) ଶିଶୁ ପ୍ରତାପ ରାୟ (ଶଶିସେଣା) ପ୍ରଭୃତିଙ୍କ ନାମ ବିଶେଷ ଭାବରେ ଉଲ୍ଲେଖନୀୟ ।

ଶିଶୁ ଅନନ୍ତ ଦାସ ,ଅର୍ଥ କୋଇଲି, ପ୍ରଶ୍ନୋତ୍ତର, ଅଣାକାର ଶବଦ, ଭକ୍ତି ମୁକ୍ତିଦାୟକ ଗୀତା ପ୍ରଭୃତି କେତୋଟି କ୍ଷୁଦ୍ର ଗ୍ରନ୍ଥ ଲେଖିଥିବା କଥା ଜଣାଯାଏ । ତାଙ୍କ ଭାଷାରୁ ସେ ବହୁ ପରବର୍ତ୍ତୀ ଯୁଗର କବି ବୋଲି ମନେ ହୁଅନ୍ତି । ତାଙ୍କ ନାମରେ ମାଳିକା ଏବେ ମଧ୍ୟ ବାହାରୁଛି ଏବଂ ସେ ଖଣ୍ଡଗିରି ଗୁମ୍ଫାରେ ଗୁପ୍ତ ରହିଛନ୍ତି ଏବଂ କଳ୍କି ଅବତାରଙ୍କ ସଂଗେ ବାହାରିବେ ବୋଲି କୁହାଯାଇଥାଏ । ଅଚ୍ୟୁତା ନନ୍ଦ ଦାସ ତାଙ୍କ "ଉଦୟ କାହାଣୀ"ରେ ଶିଶୁ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ୨୫ ଅଙ୍କରେ (ଖ୍ରୀ. ୧୪୮୬ରେ) ଜନ୍ମଗ୍ରହଣ କରିଥିବା କଥା କହନ୍ତି ।

(ଓ. ସା. ଇ)

## ॥ ଚତୁର୍ଦ୍ଦଶ ଅଧିକରଣ ॥

# ରୀତି-ଯୁଗ

## କାବ୍ୟରେ ଅଳଂକାର ଓ ସଂଗୀତର ପ୍ରାଧାନ୍ୟ

ଓଡ଼ିଆ ସାହିତ୍ୟରେ ରୀତି-ଯୁଗର ଆରଂଭ ହୁଏ ବୃନ୍ଦାବତୀ ଦାସୀଂକ "ପୂର୍ଣ୍ଣ ତମ ଚଂଦ୍ରୋଦୟ"ଠାରୁ । ଧନଂଜୟ ଭଂଜଂକର କାବ୍ୟକବିତାରେ ମଧ୍ୟ ଆଲଂକାରିକ ଶୈଳୀର ପ୍ରୟୋଗ ଦେଖାଯାଏ । ରୀତି-କାବ୍ୟର ପ୍ରଧାନ ଲକ୍ଷଣ ହେଉଛି ଆଲଂକାରିକ ଶୈଳୀ ତଥା ସଙ୍ଗୀତର ପ୍ରାଧାନ୍ୟ । ଏ ଯୁଗର ମୂର୍ଦ୍ଧନ କବି ହେଉଛଂତି ଉପେଂଦ୍ରଭଂଜ । ଭଂଜଂକର ପୂର୍ବବର୍ତ୍ତୀ କବି ଦୀନକୃଷ୍ଣ ଦାସ ଓ ଲୋକନାଥ ବିଦ୍ୟାଧର ଏବଂ ପରବର୍ତ୍ତୀ କବି ସଦାନଂଦ କବିସୂର୍ଯ୍ୟ ବ୍ରହ୍ମା ଓ ଅଭିମନ୍ୟୁ ସାମଂତସିଂହାର ଉଚ୍ଚକୋଟୀର ରୀତି-କାବ୍ୟମାନ ପ୍ରଣୟନ କରି ଯାଇଛଂତି । ଭକ୍ତଚରଣଂକ 'ମଥୁରା ମଂଗଳ'ରେ ମଧ୍ୟ ବେଳେବେଳେ ଅଳଂକାରର ପ୍ରାଚୁର୍ଯ୍ୟ ଦେଖାଯାଏ । ରୀତିହିଁ ଏ ଯୁଗୀୟ କବିତାର ଆତ୍ମା ।

### ଆଂଗିକ-ସର୍ବସ୍ୱ କାବ୍ୟ-ଧାରା

କବିତାର ସାମାଜିକ ଆଧେୟ (Social Contents) ଯେତେବେଳେ ସଂକୁଚିତ ହୋଇଆସେ, ସେତେବେଳେ ତାହା ଆଂଗିକସର୍ବସ୍ୱ ବା ଟେକନିକ୍-ପ୍ରଧାନ ହୋଇଥାଏ । ଏହା ଇତିହାସରେ ବିଭିନ୍ନ ସମୟରେ ଆମେ ଦେଖି ଆସିଛୁଁ । କୌଣସି ଜାତି ଆଗରେ ବସ୍ତୁତର ମାନଚିତ୍ର ଯେତେବେଳେ ଖଂଡିତ ଓ ସଂକୀର୍ଣ୍ଣ ହୋଇଆସେ, ସେତେବେଳେ ସେ ଯୁଗର କାବ୍ୟକବିତା ତାହାରୁ ଆଖି ଫେରାଇ ସ୍ୱକୀୟ ଶୈଳୀ ଓ ସଜ୍ଜାକୁହିଁ ପ୍ରଧାନ ଅବଲଂବନ କରିବାର ଦେଖାଯାଏ । ଏ ପ୍ରକ୍ରିୟା ଯେ ସମାଜ ବା ସଭ୍ୟତା ସଂଗେ ସମ ପଦକ୍ଷେପରେ ଚାଲେ ଏପରି କିଛି କଥା ନାଇ । ତଥାପି ମାନସିକର୍ମ ବସ୍ତୁଜଗତରେ ନିଛକ ବିମ୍ବରୂପାୟନ ନ ହୋଇପାରେ । ଉଦାହରଣ ସ୍ୱରୂପ ଗ୍ରୀକ୍ ସମାଜ ଓ ସଭ୍ୟତା ଅପେକ୍ଷା ରୋମାନ ସମାଜ ଓ ସଭ୍ୟତା ଅଧିକ ଉନ୍ନତ ଓ ସୁସଂଗଠିତ ଥିଲା । ମାତ୍ର ଗ୍ରୀକ୍ ସାହିତ୍ୟ ଯେପରି ସମୃଦ୍ଧ ଓ ବିଭବଶାଳୀ, ରୋମକ ସାହିତ୍ୟ ସେପରି ନୁହେଁ । ଏହାର କାରଣ ହେଉଛି ସାହିତ୍ୟ ବା ଶିଳ୍ପକଳା ପ୍ରଭୃତି ସୂକ୍ଷ୍ମ ମାନସ-କ୍ରିୟା ମୋଟାମୋଟି ଭାବେ ବସ୍ତୁ-ଚେତନା ସଂପର୍କ ଦ୍ୱାରା ନିୟଂତ୍ରିତ ହେଲେ

ମଧ୍ୟ ଏହା ବାହାରର ଘଟଣାପୁଞ୍ଜ ତଥା ବସ୍ତୁପରିବେଶର ସିଧାସଳଖ ପ୍ରତିବିମ୍ବ ନୁହେଁ । ମାତ୍ର ସମାଜରେ ଯେତେବେଳେ ଦ୍ରୁତ ପରିବର୍ତ୍ତନ ଘଟେ ଏହାର ଅଶୁ ପ୍ରତିକ୍ରିୟା ସାହିତ୍ୟରେ ମଧ୍ୟ ଦେଖାଯାଏ ।

ଅବିଭକ୍ତ ସମାଜରେ କବିତାର ମୂଳ-ଉତ୍ସ ସାମୂହିକ ଅବେଗ ଥିଲା, ସେଥିରେ କୌଣସି ସଂନ୍ଦେହ ନାଇ । କୌଂଚ ମିଥୁନର ବ୍ୟଥା ଯେତେବେଳେ ପ୍ରଥମ (?) କବିଙ୍କୁ ପ୍ରଥମ କବିତା ଲେଖିବା ପାଇଁ ପ୍ରେରଣା ଦେଇଥିବା କଥା କୁହାଯାଏ ସେତେବେଳେ ସମାଜ କଠୋର ଭାବରେ ଶ୍ରେଣୀବିଭକ୍ତ ଏବଂ ବ୍ୟକ୍ତି ସମାଜଠାରୁ ବହୁଧା ବିଚ୍ଛିନ୍ନ ଏବଂ ବ୍ୟକ୍ତିମାନସ ଓ ସମାଜ ମାନସ ମଧ୍ୟରେ ବିଚ୍ଛେଦ ଘଟିସାରିଥିଲା । ଭାଷା ବିଜ୍ଞାନମାନଙ୍କ ମତରେ ଆଦିମ ପଦ୍ୟ ଉତ୍ପାଦନ-କେନ୍ଦ୍ରିକ ଥିଲା ଏବଂ କୌମ-ସମାଜର tribal festivalକୁ କେନ୍ଦ୍ର କରିହିଁ ଜନ୍ମ ନେଇଥିଲା । ଉଦାହରଣ ସ୍ୱରୂପ ଋକ୍‌ବେଦର ମନ୍ତ୍ରଗୁଡ଼ିକ ମୂଳତଃ ଥିଲା ଯଜ୍ଞକୈନ୍ଦ୍ରିକ,—ଯେତେବେଳେ ଯଜ୍ଞ ଥିଲା ସାମୂହିକ ଉତ୍ପାଦନ ଓ ବିତରଣର ମାଧ୍ୟମ ଏବଂ ପରେ ଶ୍ରେଣୀ-ବିଭକ୍ତ ସମାଜରେ ତହିଁର ରୂପାନ୍ତର, ଏକ ଅନୁଷ୍ଠାନ ମାତ୍ର ।

ସେ ଯାହାହେଉ, ଅବିଭକ୍ତ ପଦ୍ୟ ଶ୍ରେଣୀବିଭକ୍ତ ସମାଜରେ କ୍ରମେ ବିଭକ୍ତ ହୋଇପଡ଼େ । ତଥାପି ରୀତିଯୁଗ ପର୍ଯ୍ୟନ୍ତ ଏହା ସାମୂହିକ ଆବେଗରୁ ତଥା ସମାଜ-ମାନସରୁ ( Collective mind) ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇ ପଡ଼ିନଥିଲା । ଏ ରୀତିଯୁଗ ଓଡ଼ିଆ ଭାଷା-ସାହିତ୍ୟରେ ସପ୍ତଦଶ ଶତାବ୍ଦୀରୁ ଆରମ୍ଭ ହୋଇଥିଲେ ମଧ୍ୟ ସଂସ୍କୃତ ସାହିତ୍ୟରେ ପ୍ରାୟ ସାମନ୍ତତନ୍ତ୍ରର ପରିଣତ ସ୍ତରରୁ ଅର୍ଥାତ୍ ମୌର୍ଯ୍ୟ ପର୍ବରୁ ଆରମ୍ଭ ହୋଇଥିଲା ।

ସାରଳା-ଯୁଗରେ ଯେଉଁ ବିସ୍ତାରର ଚିତ୍ରପଟ ସାମନ୍ତତନ୍ତ୍ରର ବିଧିବିଧାନ ମଧ୍ୟରେ ମଧ୍ୟ ଏକ ସାମୂହିକ ଚେତନାର ମୂଳସୂତ୍ର ରଚନା କରିଥିଲା, ତାହା ପ୍ରତାପରୁଦ୍ରଙ୍କ ପତନ ପରେ କୁଆଡ଼େ ଉଭେଇ ଗଲା ।

ବସ୍ତୁ-ଚେତନା ସାରଳା ଦାସ ଥିଲେ ଓଡ଼ିଶାର ବର୍ଦ୍ଧିଷ୍ଣୁ ସାମ୍ରାଜ୍ୟର କବି ରୂପାନ୍ତର ଓ ଗାଥାକାର—ଯାହାଙ୍କ ରଚନାରେ ତତ୍କାଳୀନ ଓଡ଼ିଶା ଓ ପ୍ରାପ୍ତ ସମଗ୍ର ଭାରତର ଭୌଗୋଳିକ ଚିତ୍ର ତଥା ଇତିହାସ ଛନ୍ଦେ ଛନ୍ଦେ, ପ୍ରତ୍ୟକ୍ଷରେ ଏବଂ ରୂପାନ୍ତର ମାଧ୍ୟମରେ ଝଲସି ଉଠୁଥିଲା । ତାଙ୍କ ଚରିତ୍ରଗୁଡ଼ିକ ଥିଲେ ପ୍ରାଣବନ୍ତ, ପ୍ରଖର, ଯଦିଚ ଟିକିଏ ଗ୍ରାମ୍ୟ ଓ ସାଧାରଣ । ତାଙ୍କ ଭାଷା ଥିଲା ଏକ ଉଚ୍ଛଳ ଜଳଧିର ଭାଷା—ଯାହା ବାକ୍‌ଚିତର ସହଜ

ପ୍ରାଣମୟତାରେ ଗତିଶୀଳ ଓ ସାବଳୀଳ । ସେ ଥିଲେ ଓଡ଼ିଆ ବାଙ୍ମୟର ଉଦ୍‌ଘାଟକ ସହଜ କବି ସାରଳା ଦାସ,—ଝଙ୍କଡ ଗ୍ରାମର ସିଦ୍ଧେଶ୍ୱର ପରିଡ଼ାଙ୍କର ମହାକାବ୍ୟକ ଜମପରିଣାମ ।

କିନ୍ତୁ ରୀତି-ଯୁଗରେ ସାରଳା ଯୁଗର ସେ ପ୍ରଖର ସମାଜବୋଧ କ୍ରମେ ମ୍ରିୟମାଣ ହୋଇ ଯାଏ । ଭାଷା ହରାଏ ତା'ର ସହଜ ସ୍ୱାଧୀନତା, ପ୍ରାଣ-ପ୍ରାଚୁର୍ଯ୍ୟ ଏବଂ ବାନ୍ଧି ହୁଏ ଶୃଙ୍ଖଳା-ଅଳଙ୍କାର ଏବଂ ଯମକ-ଅନୁପ୍ରାସର ସୁବର୍ଣ୍ଣ ଶିଙ୍କୁଳି ଏବଂ କଥାବସ୍ତୁ ହୁଏ ପ୍ରଥାଗତ, ତାର ବିସ୍ତୃତ ପ୍ରେକ୍ଷାପଟରୁ ବିଚ୍ଛିନ୍ନ ହୋଇ ବନ୍ଦୀ ହୁଏ କେଉଁ ରାଜଅନ୍ତଃପୁରରେ କେବଳ ପ୍ରେମିକ-ପ୍ରେମିକାର ପୂର୍ବରାଗ-ପ୍ରଣୟ ବିରହ ମିଳନର ଛାଞ୍ଚଗଢ଼ା ଘଟନା-ପରମ୍ପରା ମଧ୍ୟରେ, ନିଷ୍କ୍ରମଣର ଅନ୍ୟ ପଥ ନ ପାଇ ।

କବିତା ସମ୍ବନ୍ଧରେ Christopher Caudwell ତାଙ୍କର *Illusion and Reality* ପୁସ୍ତକରେ କହିଛନ୍ତି "Poetry is the nascent self-consciousness of man not as an individual but as sharer with others of a whole world of common emotions" ଏଇ ଆବେଗ ଯେତେ ସାର୍ବଜନୀନ ହୁଏ କବିତା ସେତେ ବ୍ୟକ୍ତିଗତ ନିଗଡ଼ରୁ ମୁକ୍ତି ପାଇ ସାର୍ବିକ ହୁଏ । କବିତା ସତ୍ୟକୁହିଁ ପ୍ରକାଶ କରେ । ସେ ସତ୍ୟ କେବଳ ବ୍ୟକ୍ତିଗତ ଅଭିଜ୍ଞତା ନୁହେଁ, ତାହା ଏକ ମିଶ୍ରିତ ଅଭିଜ୍ଞତା (associated experience)—ସମାଜମାନସ ଓ ବ୍ୟକ୍ତିମାନସର ପରସ୍ପର ମଧ୍ୟରେ ଅନୁପ୍ରବେଶ ଓ ସଂଘାତ ଫଳରେ ଏକ ସମ୍ୟକ ଚେତନାର ଜନ୍ମ ହୁଏ । ଏହାହିଁ ତା'ର ଅପରିହାର୍ଯ୍ୟ ପରିଣାମ ।

କିନ୍ତୁ ଶ୍ରେଣୀ-ବିଭକ୍ତ ସମାଜରେ ଶୋଷଣ ଯେତେ ଉତ୍କଟ ହୁଏ ଚିନ୍ତା ଓ କର୍ମ ମଧ୍ୟରେ ବ୍ୟବଧାନ ସେତେ ବଢ଼ିଚାଲେ । ଏଭଳି ସମାଜରେ କଠୋର ଶ୍ରମ-ବିଭାଜନ ଫଳରେ କେତେକ ଶ୍ରେଣୀ ଯଥା ସାମନ୍ତ, ସୁପରଭାଇଜର, ବୁଦ୍ଧିଜୀବୀ, ଯେପରି ଦିନକୁ ଦିନ ବାସ୍ତବତାଠାରୁ ଦୂରକୁ ଦୂରକୁ ଚାଲିଯାଆନ୍ତି ଏବଂ ବ୍ୟକ୍ତିମାନସ କେବଳ ଚିନ୍ତା ଓ ସୁଖ ଏବଂ 'ସଂସ୍କୃତି' ଇତ୍ୟାଦିରେ ଲିପ୍ତ ରହନ୍ତି, ଅନ୍ୟ କେତେକ ଶ୍ରେଣୀ ସେହିପରି ଦିନକୁ ଦିନ ଅଧିକ ଖଟିବାକୁ ଏବଂ ଚିନ୍ତାଠାରୁ ଅଧିକ ବିଚ୍ଛିନ୍ନ ହୋଇ ପଡ଼ିବାକୁ ବାଧ୍ୟ ହୁଅନ୍ତି । ଖାଲି ସେତିକି ନୁହେଁ ସମାଜରେ ପ୍ରବଳ ଅନ୍ତର୍ଦ୍ୱନ୍ଦ୍ୱ ଫଳରେ ତଥାକଥିତ ଉଚ୍ଚ ମଧ୍ୟବିତ୍ତ ବୁଦ୍ଧିଜୀବୀ ଶ୍ରେଣୀ ମଧ୍ୟ ବହୁ ବିଡ଼ମ୍ବନାର ଶିକାର ହୁଅନ୍ତି, ଏବଂ ଅନେକେ

ସମାଜରୁ ନିଜକୁ ବିଚ୍ଛିନ୍ନ କରି ଆତ୍ମମଗ୍ନତା ମଧ୍ୟରେ ସମାଧାନ ଖୋଜନ୍ତି । (*Illusion & Reality*, ୧. ୯୮)

ଆତ୍ମିକ ଦିଗରୁ ଦେଖିଲେ ରୀତିଯୁଗ ବସ୍ତୁତ ସମାଜିକ ପରିପ୍ରେକ୍ଷୀ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ବ୍ୟକ୍ତି-କେନ୍ଦ୍ରିକ ନୁହେଁ । ଏଯୁଗର ସାହିତ୍ୟ ଆଖ୍ୟାନବସ୍ତୁକୁ ଆଶ୍ରୟ କରି ଗଢ଼ି ଉଠିଥିବାରୁ ଚରିତ୍ରମାନଙ୍କ ମାଧ୍ୟମରେହିଁ କବି ନିଜର ଭବ ଓ ଆବେଗର ପ୍ରକାଶ କରିଥାଏ । ତେଣୁ ଏମାନଙ୍କର କାବ୍ୟ ରୀତି ବ୍ୟକ୍ତିସର୍ବସ୍ୱ ନୁହେଁ, ବରଂ ବସ୍ତୁ-ମୁଖୀ, ଯଦିଚ ସେ ବସ୍ତୁନିଷ୍ଠା ସହଜ ସ୍ୱାଭାବିକତା ଏବଂ ବ୍ୟକ୍ତିତ୍ୱର ଦ୍ୱନ୍ଦ୍ୱ-ସମନ୍ୱୟଠାରୁ ବହୁ ଦୂରରେ, କେବଳ ଏକ ସରଳରୈଖିକ ବର୍ଣ୍ଣନାତ୍ମକ ପ୍ରକାଶ ମାତ୍ର ।

## ରୀତି-କାବ୍ୟର ପଟ୍ଟଭୂମି

ଖ୍ରୀଷ୍ଟୀୟ ୧୬୮୫ରୁ ୧୭୫୧ ପର୍ଯ୍ୟନ୍ତ ଉପେନ୍ଦ୍ର ଭଞ୍ଜଙ୍କର ଜୀବତ୍କାଳ ବୋଲି କେହି କେହି ନିର୍ଣ୍ଣୟ କରିଛନ୍ତି । ତେବେ ସେ ଖୋର୍ଦ୍ଧାରାଜା ଦିବ୍ୟସିଂହ ଦେବଙ୍କ (୧୬୯୩-୧୭୨୦) ସମସାମୟିକ ଥିଲେ ବୋଲି "ରସଲେଖା" କାବ୍ୟରୁ ଜଣାଯାଏ ('ଦିବ୍ୟସିଂହ ଗଜପତି ଅଙ୍କ ସପତ/ବିଂଶତି:ଶେଷ ଦିନେ ଶେଷ ଏହି ଗୀତ ।) । ସେତେବେଳକୁ ଓଡ଼ିଶା ସ୍ୱାଧୀନତା ହରାଇ ମୁସଲମାନ ଶାସକମାନଙ୍କର ପଦାନତ ହୋଇ ସାରିଥାଏ । ଖ୍ରୀ. ୧୫୬୮ ବେଳକୁ ଓଡ଼ିଶାରେ ମୋଗଲ ଆଧିପତ୍ୟ ପ୍ରତିଷ୍ଠିତ ହୁଏ । ଓଡ଼ିଶା ଗଜପତି କେବଳ ଖୋରଧା ଓ ନିକଟବର୍ତ୍ତୀ ଅଞ୍ଚଳରେ ନାମମାତ୍ର ଶାସକ ହୋଇଥାନ୍ତି । ଶକ୍ତିଶାଳୀ ନେତୃତ୍ୱ ଅଭାବରୁ ଦେଶ ନାନା

**ଅଧଃପତନର ଦୃଶ୍ୟପଟ**

ଖଣ୍ଡରେ ବିଭକ୍ତ ହୋଇ ପଡ଼ିଥିଲା । ଜାତୀୟ ଚରିତ୍ର ସମ୍ପୂର୍ଣ୍ଣ ନଷ୍ଟଭ୍ରଷ୍ଟ ହୋଇଯାଇଥିଲା । ସପ୍ତଦଶ ଶତାବ୍ଦୀର ପ୍ରଥମ ଭାଗରେ ଓଡ଼ିଶାରେ ମୋଗଲ ବାହିନୀର ସେନାପତି ଥିଲେ ରାଜା କେଶବ ଦାସ ମାରୁ । ସେ ପୁରୀ ମନ୍ଦିର ଲୁଣ୍ଠନ କରି ତତ୍କାଳୀନ ରାଜା ପୁରୁଷୋତ୍ତମ ଦେବଙ୍କୁ ଶୋଚନୀୟ ଭାବରେ ପରାସ୍ତ କରିଥିଲେ । ରାଜା ବାଧ୍ୟ ହୋଇ ତାଙ୍କ ସଂଗେ ସନ୍ଧି କରିଥିଲେ । ସନ୍ଧିର ସର୍ତ୍ତ ଅନୁସାରେ ସେ ରାଜଜେମାଂକୁ ଦିଲ୍ଲୀ ବାଦଶାହାଂକ ଅନ୍ତଃପୁରକୁ ପ୍ରେରଣ କରିଥିଲେ ଏବଂ ନିଜ ଭଉଣୀକୁ କେଶବଦାସ ମାରୁଙ୍କ ସଂଗେ ବିବାହ ଦେଇଥିଲେ । ଏହାଛଡ଼ା ସେ ମୋଗଲ ଖଜଣାଖାନାକୁ ତିନିଲକ୍ଷ ଟଙ୍କା ସଲାମି ଦେଇଥିଲେ । ରାଜ୍ୟର ସୁରିଆଡ଼େ

ସାମନ୍ତ ଓ ଦଳପତିମାନେ ସ୍ୱତନ୍ତ୍ର ରାଜତ୍ୱ ପ୍ରତିଷ୍ଠା କରନ୍ତି । ସମଗ୍ର ଓଡ଼ିଶା ମୋଗଲମାନଙ୍କ ଅତ୍ୟାଚାର ଓ ନିଷ୍ପେଷଣରେ ଜର୍ଜରିତ ହୋଇ ପଡ଼ିଥାଏ ।

ଏହାହିଁ ହେଉଛି ଉପେନ୍ଦ୍ରଭଞ୍ଜଙ୍କ ଆବିର୍ଭାବ ପୂର୍ବରୁ ୭୦।୮୦ ବର୍ଷ ତଳର ଓଡ଼ିଶାର କରୁଣ ଚିତ୍ରପଟ । ଗୃହଯୁଦ୍ଧ ଅରାଜକତା ଏବଂ 'ନୈତିକ ଅଧଃପତନର ବିକଳ ଦୃଶ୍ୟ ।' ଭଞ୍ଜକବିଙ୍କ ଜୀବନର ଅନ୍ତିମ ସମୟରେ ଦେଶର ଅଧଃପତନ ଚରମ ସୀମାରେ ପହଞ୍ଚିଥିଲା । ସେତେବେଳର ନାମକୁ ମାତ୍ର ଓଡ଼ିଶାର ରାଜା ରାମଚନ୍ଦ୍ର ଦେବ, ୨ୟ (ଖ୍ରୀ୧୭୨୭—୪୩) ଜଣେ ଭୀରୁ ଓ ଦୁର୍ବଳମନା ବ୍ୟକ୍ତି ଥିଲେ । ସେ ମୁସଲମାନ ଧର୍ମ ଗ୍ରହଣ କରି ସେଖ କାଦେରରେ ପରିଣତ ହୋଇ-ଥିଲେ । ତେଣୁ ତାଙ୍କର ପାଟରାଣୀ ତାଙ୍କୁ ପରିତ୍ୟାଗ କରି ପ୍ରଥମେ ଆଠଗଡ଼ ଏବଂ ପରେ ଘୁମୁସର ଗଡ଼ରେ ଯାଇ ଆଶ୍ରୟ ଗ୍ରହଣ କରିଥିଲେ । ଏ ସମ୍ପର୍କରେ 'ଭଞ୍ଜବଂଶାନୁଚରିତ'ରେ ଦେଖି —

"ରାମଚନ୍ଦ୍ରଦେବ ଓଡ଼ିଶା ଗଜପତି,<br>
ମୁସଲମାନ ହୋଇ ବୁଡ଼ାଇଲେ ଜାତି ।<br>
ଜାଣି ପାଟରାଣୀ ହୋଇଲେ ଅନ୍ତର,<br>
ଆଠଗଡ଼େ ଆସି କଲେ ସେ ନଅର<br>
ଆଠଗଡ଼ଆଏ ରଖି ନ ପାରିଲେ,<br>
ଘୁମୁସର ଭିତରେ ଆସି ପଶିଲେ ।<br>
ବୀରକେଶରୀ ଦେବ ହେଲେ ଏଥି ଜାତ,<br>
ବହୁତ ଉତ୍ସବ କଲେ ଭଞ୍ଜ ନରନାଥ ।

ସେ ସମୟରେ ସମାଜର ନେତା ରାଜା ଓ ସାମନ୍ତମାନେ କିଭଳି ବୀଭତ୍ସ ଓ ବିଳାସମୟ ଜୀବନ ଯାପନ କରୁଥିଲେ, ତାହା ଉପେନ୍ଦ୍ରଭଞ୍ଜଙ୍କ ପିତାମହ ଏବଂ ରୀତି-ଯୁଗର ଅନ୍ୟତମ ଆଦ୍ୟସ୍ରଷ୍ଟା ଧନଞ୍ଜୟ ଭଞ୍ଜଙ୍କ ଜୀବନୀରୁ ଜଣାଯିବ । ସେ ନିଜ ସାନ ଭାଇ ଗୋବିନ୍ଦ ଭଞ୍ଜଙ୍କୁ ଆଠରାଜା ପଦରେ ନିଯୁକ୍ତ କରି ନିଜେ ଆମୋଦ-ପ୍ରମୋଦ ଓ କାବ୍ୟ-ଚର୍ଚ୍ଚାରେ ନିଯୁକ୍ତ ରହିଥିଲେ । "ଭଞ୍ଜବଂଶାନୁ-ଚରିତ"ରେ ତାଙ୍କ ସମ୍ବନ୍ଧରେ କୁହାଯାଇଛି —

"ବୀଣା, ସିତାର, ପଖା, ଝଞ୍ଜଣୀ ଆଦି ଯେତେ,<br>
ପୁଣି ପୂଜା ବାଦ୍ୟ ବାଜଣା ଜଣା ତେତେ ।<br>
ବାହାରେ ସାତକୋଡ଼ି ପୁଣି ଗଣି ରଖିଥାନ୍ତି,<br>
ଭିତରେ ସାତକୋଡ଼ି ନାଚୁଣି ନାଚନ୍ତି ।

ଜଗତ ଗୋଟାଏ ସେ ନିର୍ମାଣ କଲେ
ସତୁରି ହଜାର ଟଂକା ତହିଁ ଲଗାଇଲେ ।
ଖଟ ଦୋଳି ବାଂକଥା ତହିଁ ବଂଧାଇଲେ
ନବରତ୍ନେ ତାହା ଜଡ଼ିତ କରିଥିଲେ ।
ଉନ୍ନତ ସ୍ତନୀ ଯଉବନୀ ନାରୀଂଙ୍କର
ସ୍ତନରେ ମରଦନ କରୀଂଛି ଶରୀର ।"

ଏଇ ଧନଂଜୟ ଭଂଜଥିଲେ ରୀତି-ଯୁଗର ଅନ୍ୟତମ ଆଦ୍ୟ-ସୁରୀ । ତାଂକ ପ୍ରଣୀତ ରଘୁନାଥ ବିଳାସ, ତ୍ରିପୁର ସୁଂଦରୀ, ଇଚ୍ଛାବତୀ, ମଦନ ମଂଜରୀ, ଅନଂଗ ରେଖା, ଚୌପଦୀ ଭୂଷଣ କାବ୍ୟ ସ୍ଥଳ ବିଶେଷରେ ଆଳଂକାରିକ ରୀତିରେ ଲିଖିତ । ('ଦିଗଂତ,' ଫେବୃଆରୀ ୧୯୬୮ ସଂଖ୍ୟାରେ ଶ୍ରୀ ପଠାଣି ପଟ୍ଟନାୟକଂକ ଭଂଜଯୁଗ ଉପରେ ଲିଖିତ ପ୍ରବଂଧ ଦ୍ରଷ୍ଟବ୍ୟ । )

ଏଇପରି ବାତାବରଣ ମଧ୍ୟରେ ରୀତିଯୁଗର ଆରଂଭ, ବିକାଶ ଓ ବିଳୟ ।

ଘୁମୁସର ରାଜବଂଶର ଆଭ୍ୟଂତରୀଣ ଇତିହାସ ଉପାଂଶୁ ହତ୍ୟା ଓ ପାରିବାରିକ ଷଡ଼ଯଂତ୍ରରେ ସର୍ବଦା କଂଟକିତ ଥିଲା । ଉପେଂଦ୍ରଭଂଜଂକ ପ୍ରପିତାମହ ଗୋପୀନାଥ ଭଂଜ ନିଜ ବଡଭାଇ ବନମାଳୀ ଭଂଜଂକୁ ହତ୍ୟା କରି ଘୁମୁସର

ଅବକ୍ଷୟର ଆବହ

ସିଂହାସନ ଅଧିକାର କରିଥିଲେ । ତାଂକ ପୁତ୍ର ଧନଂଜୟ ଭଂଜ ଥିଲେ ଜଣେ ସୁକବି ଏବଂ ନ୍ୟାୟନିଷ୍ଠ ରାଜା । ସେ ଦୀର୍ଘ ୬୫ ବର୍ଷ ରାଜତ୍ୱ କଲାପରେ ତାଂକର ପ୍ରିୟତମା ରାଣୀ ନୂଆଗଡ଼ ରାଜାଂକ କନ୍ୟା ମଂଡାଦେଈଂକ ପ୍ରରୋଚନ ରେ ଜ୍ୟେଷ୍ଠପୁତ୍ର ଗଂଗାଧରଂକ ବଦଳରେ ଅନ୍ୟ ପୁତ୍ର ନୀଳକଂଠଂକ ହାତରେ ରାଜ୍ୟଭାର ଦେବାକୁ ମନସ୍ଥ କଲେ ।" ଶୁଣାଯାଏ ମଂଡା ଦେବୀ ଜଣେ ପରିଚାରିକା ହାତରେ ବିଷପ୍ରୟୋଗ କରି ବୃଦ୍ଧ ସ୍ୱାମୀଂକର ପ୍ରାଣନାଶ ଘଟାଇଥିଲେ । ଏହାପରେ ନୀଳକଂଠ ଭଂଜ ଘୁମୁସର ରାଜ ସିଂହାସନରେ ବସଂତି । ସେ ସଦଳବଳେ ଭ୍ରାତା ଗଂଗାଧରଂକ ପ୍ରାସାଦରେ ପ୍ରବେଶ କରି ତାଂକର ଏବଂ ତାଂକ ପୁତ୍ର ଶତ୍ରୁ ଭଂଜଂକର ମୁଂଡ କାଟି ପକାଂତି । ଶତ୍ରୁ ଭଂଜଂକ ଅଂତଃସତ୍ତ୍ୱା ପତ୍ନୀ କୌଣସିମତେ ଧରାକୋଟକୁ ପଳାଇ ଯାଇ ଜୀବନରକ୍ଷା କରଂତି । କିଂତୁ ନୀଳକଂଠଂକ ବିରୋଧରେ ଶୀଘ୍ର ରାଜ୍ୟରେ ପ୍ରଜା ବିଦ୍ରୋହ ଦେଖାଯାଏ । ଗୋବିଂଦ ଭଂଜଂକ କନିଷ୍ଠ ପୁତ୍ର ଘନଭଂଜ ଶତ୍ରୁଭଂଜଂକ ପୁତ୍ର ରଣଭଂଜଂକୁ ରାଜା ବୋଲି ଘୋଷଣା କରି ଏଇ ପ୍ରଜା-ମେଳିର ନେତୃତ୍ୱ ନିଅଂତି । ବିଦ୍ରୋହୀମାନେ ଗଡ ଆକ୍ରମଣ କରିବାକୁ ଆସୁଥିବା ଦେଖି ନୀଳକଂଠ

ଭଂଜ ସପରିବାର ଧରାହୋଇ, ଓ ସେଠାରେ ରହି ନ ପାରି ଅଠଗଡ଼କୁ ପଳାଇ-ଯାଇଛି । ମାତ୍ର ଅଠଗଡ଼ ରାଜା ତାଙ୍କୁ ରଖି ନ ପାରିବାରୁ ନୂଆଗଡ଼ ଯାଇ ନୂଆଗଡ଼ ରାଜାଙ୍କ ଆଶ୍ରୟରେ ମାଳିଆପୁରରେ ରହିଛି । ଇଆଡ଼େ ଘନଭଞ୍ଜ କିଛିଦିନ ରଣଭଞ୍ଜଙ୍କ ନାଁରେ ଶାସନ ଚଳାଇବା ପରେ ତାଙ୍କୁ ହତ୍ୟା କରି ନିଜେ ଘୁମୁସର ରାଜଗାଦୀ ଦଖଲ କରିବସିଛି । ଉପେନ୍ଦ୍ରଭଞ୍ଜ ନୀଳକଣ୍ଠ ଭଞ୍ଜଙ୍କର ଜ୍ୟେଷ୍ଠପୁତ୍ର । ଉପେନ୍ଦ୍ର ଭଞ୍ଜ କଦାପି ରାଜା ହୋଇ ନାହାଁନ୍ତି । ତଥାପି ଘୁମୁସର ସିଂହାସନ ଉପରେ ତାଙ୍କର ନ୍ୟାଯ୍ୟ ଦାବୀ ସମ୍ବନ୍ଧରେ ସେ ବରାବର ସଚେତନ ଥିଲେ । ସେ ତାଙ୍କର କେତେକ ପୁସ୍ତକର ଭଣିତାରେ ନିଜକୁ 'ନୃପତି', 'ଭଞ୍ଜରାଜା' କହିଛନ୍ତି ବୋଧହୁଏ ଏଇ କାରଣରୁ । 'ସୁଭଦ୍ରା ପରିଣୟ' କାବ୍ୟର ଚତୁର୍ଥ ଛାନ୍ଦର ଶେଷ ପଦରେ ସେ ଭଣିତି କରିଛନ୍ତି:—

"ସପ୍ତବିଂଶ ପଦେ ଛାନ୍ଦ ଶେଷ କରି ଉପଇନ୍ଦ୍ର ଭଞ୍ଜ ନୃପତି
ସୂଚଇ ଭାରତ ରାମ ରାମ ଅନଙ୍ଗ ଭୂଷଣ ସନ୍ତ୍ରାନ୍ତି
ସହସ୍ରକର ଦର୍ପ ହରପାପିତ
ସଂପଦ ଦ ସ୍ତକ ଅତି ଜନକର ନେତ୍ର କମଳ ଛବିଜିତ ।"

'ରସପଞ୍ଚକ'ର ଗୋଟିଏ ସ୍ଥାନରେ ସେ ନିଜକୁ 'ଭଞ୍ଜରାଜ' କହିଥିବା ଦେଖିବାକୁ ମିଳେ । 'ପଞ୍ଚସାୟକ'ରେ ଯେତେ ସ୍ଥାନରେ ଭଣିତି ରହିଛି, ସବୁଠି ସେ ପ୍ରାୟ ନିଜକୁ "ଉପେନ୍ଦ୍ର ଭଞ୍ଜ ନୃପତି" ଭାବରେ ପରିଚିତ କରାଇଛନ୍ତି । 'ଛନ୍ଦକାବ୍ୟ ବନ୍ଧୋଦୟ'ରେ କବି ନିଜର ଯେଉଁ ଗ୍ରନ୍ଥସୂଚୀ ଦେଇଛନ୍ତି ସେଥିରେ 'ପଞ୍ଚସାୟକ' ଅନ୍ୟତମ । କବି ନିଜେ ରାଜା ହେବାକୁ ହକ୍‌ଦାର ଥାଇ ରାଜା ହୋଇ ନ ପାରି ମନସ୍ତାପରେ ଥିବା କଥା ତାଙ୍କ 'ରସିକ ହାରାବଳୀ' ଗ୍ରନ୍ଥରୁ ଜଣାପଡ଼େ । ଯଥା:—

"ରାଜାଙ୍କୁ ହେବାର ରାଜ୍ୟଭ୍ରଷ୍ଟ, ଯୁବାକୁ ହେବାର ପତ୍ନୀକଷ୍ଟ ।
ବୋଲେ ଉପଇନ୍ଦ୍ରଭଞ୍ଜ ବୀରବର, ଏଥୁଁ ବଳି ନାହିଁ ଆନ କଷ୍ଟ ।" (୮।୨୫)

ଓଡ଼ିଶାରେ ମାୟାଧର ମାନସିଂ ପ୍ରଭୃତି ଯେଉଁ କେତେଜଣ ଲେଖକ ଭାବପ୍ରବଣ ହୋଇ ରାଜକବି ସ୍ୱେଚ୍ଛାରେ ରାଜସିଂହାସନ ଛାଡ଼ିଦେଇ ବାଗ୍‌ଦେବୀଙ୍କ ଚରଣ ତଳେ ନିଜକୁ ଉତ୍ସର୍ଗ କରିଥିଲେ ବୋଲି କାବ୍ୟ-କବିତା-ନାଟକ ଆଦି ଲେଖିଯାଇଛନ୍ତି, ସେମାନେ ଭଞ୍ଜବଂଶର ରକ୍ତାକ୍ତ ଗୃହବିବାଦର ଇତିହାସ ଓ କବିଙ୍କ ମାନସିକ ପ୍ରତିକ୍ରିୟା ସହିତ ପରିଚିତ ଥିଲେ ତ !!

ଭ୍ରାତୃହଂତା ନୀଳକଂଠ ଭଂଜଂକର ରାଜ୍ୟରୁ ପ୍ରଜା-ବିଦ୍ରୋହ ଫଳରେ ପଳାୟନର ସମ୍ବାଦ ସୂର୍ଯ୍ୟମଣି ଚ୍ୟାଉପଟ୍ଟନାୟକଂକ 'ଘୁମୁସର ଭଂଜ ବଂଶାବଳୀ'ରୁ ମିଳେ:—

"ନୀଳକଂଠ ଭଂଜେ ଶୁଣିଲେ କର୍ଣର ।
ଘନଭଂଜେ ଘେନି ବହୁ ଲସ୍କର ॥
ରଣଭଂଜଂକୁ ରାଜତ୍ୱ ଶାଢ଼ୀ ଦେଇ ।
ସର୍ବ ମଲିକାଦି କଂଧଂକୁ ଡକାଇ ॥
ଗାଲେଣ୍ଡି କୋକଲବା ମୁଠା ପାଇକଂକୁ ।
ସଂଗେ ଆଣିଲେ ଯୁଦ୍ଧ କରିବାକୁ ॥
ତାହା ଶୁଣି ନୀଳକଂଠ ଭଂଜ ଭୟ ।
କରି ହୃଦକୁ କଂପାଇ ଅତିଶୟ ॥
ଆପଣା ଲୋକଂକୁ ଘେନି ପଳାଇଲେ ।
ଧରାକୋଟରେ ଯେ ପ୍ରବେଶ ହୋଇଲେ ।
ସେଠାରେ ଭୟ ପାଇ ନ ରହିଲେ ।
ଅଠଗଡ଼କୁ ସତ୍ୱରେ ପଳାଇଲେ ॥
ସେହିଠାରେ କେତେଦିନ ରହି ପୁଣି ।
ନୂଆଗଡକୁ ଗଲେ ସଭିଂକୁ ଘେନି ।×××
ତାହାଂକର କୁମର ଉପେଂଦ୍ର ଭଂଜ ।
ଗ୍ରଂଥ କବିତ୍ୱରେ ସେହି କବିରାଜ ।"

ବିଦ୍ରୋହରେ ଜୟଯୁକ୍ତ ହେବା ପରେ ଘନ ଭଂଜେ କିଛିଦିନ ରଣଭଂଜଂକ ନାମରେ ଶାସନ ଚଳାଇ ପରେ ରଣଭଂଜଂକୁ ହତ୍ୟା କରି ନିଜେ ରାଜା ହୋଇଥିଲେ । କେହି କେହି କହଂତି ନୀଳକଂଠ ଭଂଜଂକ ମୃତ୍ୟୁ ପରେ ନୂଆଗଡ଼ର ରାଜା ଉପେଂଦ୍ର ଭଂଜଂକୁ ଘୁମୁସରର ରାଜା ବୋଲି ସ୍ୱୀକୃତି ଦେଇ ତାଂକର କୁଆଡ଼େ ନୂଆଗଡ଼ଠାରେ ଏକ ଅଭିଷେକ କରାଇଥିଲେ । ମାତ୍ର ସେ ଚିରକାଳ ଘୁମୁସର ବାହାରେହିଁ ରହିଯାଇଥିଲେ ( ଦୁର୍ଗାମାଧବ ନଂଦ—ନବରବି, ଜୁନ୍ ୧୯୭୪)

ଉପେଂଦ୍ରଭଂଜ ବାଣପୁର ରାଜବଂଶରେ ବିବାହ କରିଥିଲେ । ମାତ୍ର ଅଳ୍ପ ବୟସରେ ତାଂକର ପତ୍ନୀବିୟୋଗ ଘଟିଥିଲା । ତାଂକ ପ୍ରଣୀତ ପୁସ୍ତକମାନଂକ ମଧ୍ୟରେ ଲାବଣ୍ୟବତୀ, ବୈଦେହୀଶ ବିଳାସ, ପ୍ରେମସୁଧାନିଧି, ସୁଭଦ୍ରାପରିଣୟ, କୋଟି ବ୍ରହ୍ମାଂଡସୁଂଦରୀ, ରସିକହାରାବଳୀ, ରସପଂଚକ, ରସଲେଖା, ସୁବର୍ଣରେଖା, ଦଶପୋଇ, ଷୋଳପୋଇ, ଚିତ୍ରକାବ୍ୟ ବଂଧୋଦୟ ପ୍ରଭୃତି ପ୍ରଧାନ ।

# କାବ୍ୟରେ ରୀତି

ବାମନାଚାର୍ଯ୍ୟଙ୍କ ମତରେ "ରୀତିରାତ୍ମା କାବ୍ୟସ୍ୟ।" ଅର୍ଥାତ୍ ରୀତିହିଁ ହେଉଛି କାବ୍ୟର ଆତ୍ମା । ସେ ପୁଣି ଲେଖିଛନ୍ତି –"କାବ୍ୟଂ ଗ୍ରାହ୍ୟମଲଂକାରାତ୍" ଅର୍ଥାତ୍ ଅଳଂକାର ଦ୍ୱାରାହିଁ କାବ୍ୟର ମର୍ଯ୍ୟାଦାବୃଦ୍ଧି ହୁଏ ।* ଅଳଂକାର ଅର୍ଥରେ ସେ ବୁଝିଛନ୍ତି ସୌନ୍ଦର୍ଯ୍ୟ । ଏହା ନିଶ୍ଚୟ ବାହ୍ୟ ସୌନ୍ଦର୍ଯ୍ୟ ।*

ଦଣ୍ଡୀଙ୍କ ମତରେ ଅଳଂକାର ଓ ଗୁଣ ଉଭୟେହିଁ କାବ୍ୟଶୋଭାଜନକ ।

**ଦଣ୍ଡୀ ଓ ବାମନାଚାର୍ଯ୍ୟ**

କିନ୍ତୁ ବାମନଙ୍କ ମତରେ କେବଳ ଗୁଣହିଁ କାବ୍ୟଶୋଭା-ଜନକ ଏବଂ ଗୁଣ ଓ ରୀତି ପ୍ରାୟ ଅଭିନ୍ନ । ତାଙ୍କ ମତରେ ଯାହା ଦ୍ୱାରା କାବ୍ୟଶୋଭା ଉତ୍ପାଦନ କରାଯାଏ ତାହାହିଁ ଗୁଣ । ଅଳଂକାର ଦ୍ୱାରା ଏଇ କାବ୍ୟଶୋଭା ଆହୁରି ବଢ଼ିଯାଏ ।

"କାବ୍ୟଶୋଭାୟାଃ କର୍ତ୍ତାରୋ ଧର୍ମା ଗୁଣାସ୍ତଦତିଶୟହେତବସ୍ତ୍ୱଲଂକାରାଃ ।" ବାମନଙ୍କ ମତରେ ରୀତି ତିନୋଟି, ଯଥା ଗୌଡ଼ୀ, ବୈଦର୍ଭୀ, ପାଂଚାଲୀ । ( ଏ ସମ୍ପର୍କରେ, ଗୌଡ଼ୀ, ପାଂଚାଲୀ ପ୍ରଭୃତି ରୀତି ଯେଉଁଥିରେ ସମସ୍ତ ଗୁଣ ନାହିଁ, ତାକୁ କାବ୍ୟ କୁହାଯାଇ ନପାରେ । ଯଦି କେତୋଟି ଗୁଣ ଥିଲେ ଚଳିବ ତେବେ ବୈଦର୍ଭୀ ରୀତିରେ ଯଦି 'ଏଇ ପାହାଡ଼ରେ ଧୂମ ଓ ଅଗ୍ନି ଅଛି' କୁହାଯାଏ ତେବେ ତାର ମଧ୍ୟ କାବ୍ୟତ୍ୱ ସ୍ୱୀକାର କରିବାକୁ ହେବ । )ବାମନ କହନ୍ତି, ଗୁଣ କାବ୍ୟର ନିତ୍ୟ ଧର୍ମ, ଅଳଂକାର ଅନିତ୍ୟ ଧର୍ମ । ଗୁଣ ଛଡ଼ା କାବ୍ୟଶୋଭା ହିଁ ହୋଇନପାରେ । ଅଳଂକାର କାବ୍ୟଶୋଭା ବୃଦ୍ଧି କରେ, ମାତ୍ର । ମାତ୍ର ଯଦି ଗୁଣ ନଥାଏ ତାହେଲେ କାବ୍ୟଶୋଭାହିଁ ରହିବ ନାଇ । ଫଳରେ କେବଳ ଅଳଂକାର ଦ୍ୱାରା କାବ୍ୟତ୍ୱ କଦାପି ସଂଭବ ହେବ ନାଇ । ୧ ।

ବାମନଙ୍କ ମତରେ କେବଳ ଗୁଣ ଅବିଚ୍ଛିନ୍ନ ଭାବରେ ବାକ୍ୟ ଓ ବାକ୍ୟାର୍ଥର କାବ୍ୟତ୍ୱ ସଂପାଦନ କରେ । ଗୁଣ ଉପରେହିଁ ଅଳଂକାରର ସ୍ଥିତି ।

ମମ୍ମଟ ଦେଖାଇଛନ୍ତି, ଗୁଣ ନଥିଲେ ମଧ୍ୟ ଅଳଂକାର ଥାଇପାରେ ଏବଂ କେବଳ ମାତ୍ର ଅଳଂକାର ଦ୍ୱାରା କାବ୍ୟର କାବ୍ୟତ୍ୱ ସଂଭବ ।

ରାଜଶେଖର ତାଙ୍କ କାବ୍ୟ-ମୀମାଂସାରେ ବାମନଙ୍କର ତିନୋଟି ରୀତିରହିଁ ଉଲ୍ଲେଖ କରିଛନ୍ତି । ବାମନ ଯାହାକୁ ଗୌଡ଼ୀ, ବୈଦର୍ଭୀ, ପାଂଚାଲୀ କହିଛନ୍ତି,

---

* କବିତା, ୧୯୬୨ । (୧) କାବ୍ୟ-ବିଚାର—ସୁରେନ୍ଦ୍ରନାଥ ଦାଶଗୁପ୍ତ ।

(୨) କାବ୍ୟ-ବିଚାରରୁ ଗୃହୀତ ।

ମମ୍ମଟ ସେଗୁଡ଼ିକୁ 'ମାଧୁର୍ଯ୍ୟ-ବ୍ୟଂଜକ, ଲଘୁ, ପ୍ରକାଶକ ଓ କୋମଳ ବର୍ଣ୍ଣ ବିନ୍ୟାସର ଫଳ-ସ୍ୱରୂପ ମନେ କରିଛନ୍ତି । ମଧୁର ବର୍ଣ୍ଣ-ବିନ୍ୟାସରେ ଅର୍ଥାତ୍ ଟ-ବର୍ଗ-ବର୍ଜିତ ଅନ୍ୟ ଅନ୍ୟ ବର୍ଗର ବର୍ଣ୍ଣମାନେ ଯଦି ସେଇ ସେଇ ବର୍ଗର ଅଂତ୍ୟଯୁକ୍ତ ହୁଏ,

**ରାଜଶେଖର ଓ ମମ୍ମଟ**

ଯଥା ଆଂକ, ଅଂକା ଇତ୍ୟାଦି ଏବଂ ଯଦି ଅଳ୍ପ ସମାସ ଥାଏ କିଂବା ସମାସ ଆଦୌ ନ ଥାଏ ତାହେଲେ ମାଧୁର୍ଯ୍ୟ ହୁଏ । ମାଧୁର୍ଯ୍ୟ-ଗୁଣହିଁ ବୈଦର୍ଭୀ ରୀତିର ପ୍ରକାଶକ । ପୁଣି ବର୍ଗର ପ୍ରଥମ ଓ ତୃତୀୟ ବର୍ଣ୍ଣ ସହିତ ଯଦି ଦ୍ୱିତୀୟ ଓ ଚତୁର୍ଥ ବର୍ଣ୍ଣର ଯୋଗ ହୁଏ, କିଂବା ଟ, ଠ, ଡ, ଢ, ବର୍ଣ୍ଣର ଯଦି ପ୍ରୟୋଗ ହୁଏ ବା ଏକଜାତୀୟ ଦୁଇଟି ବର୍ଣ୍ଣ ଏକତ୍ର ସଂଯୁକ୍ତ ହୁଏ ଏବଂ ସମାସବହୁଳ ପଦ ପ୍ରୟୋଗ ହୁଏ, ତାହେଲେ ଓଜଗୁଣ ହୁଏ । ତାହା ଗୌଡ଼ୀ ରୀତିର ପ୍ରକାଶକ । ଆଉ କୋମଳ ବର୍ଣ୍ଣମାନଂକର ଅର୍ଥାତ୍ ଲ ବ ସ ର ପ୍ରଭୃତିର ପ୍ରୟୋଗରେ ପାଂଚାଳୀ ରୀତି ପ୍ରକାଶ ପାଏ ।' (ଏକ୍ସ)

ଏହା ଏକପ୍ରକାର ବୃତ୍ତ୍ୟାନୁପ୍ରାସ ମଧ୍ୟରେ ପରିଗୃହୀତ ହୋଇପାରେ । ବୃତ୍ତ୍ୟାନୁପ୍ରାସ ଶବ୍ଦାଳଂକାର, ତେଣୁ ଏଇ ମତ ଅନୁସରଣ କଲେ ବାମନୋକ୍ତ ରୀତି ଅଳଂକାର ମଧ୍ୟରେ ଅଂତର୍ଭୁକ୍ତ ହୋଇଯାଏ ।

ଭାମହ ରୀତି ସଂବଂଧରେ କହଂତି, ବୈଦର୍ଭୀ, ଗୌଡ଼ୀ, ପାଂଚାଳୀ ପ୍ରଭୃତି ରୀତି-ବିଭାଗ କେବଳ ମୂର୍ଖମାନେହିଁ କରିଆଂତି । ଭାମହ ଗୁଣ, ଦୋଷ, ରୀତି ଏ ସବୁକୁ ଖୁବ୍ ବେଶୀ ଗ୍ରାହ୍ୟ କରି ନାହାଂତି । ସେ କହଂତି, ଗୁଣ କେଉଁଠି ଦୋଷ ହୁଏ, ଦୋଷ କେଉଁଠି ଗୁଣ ହୁଏ । ଅମୁକ ରୀତିରେ ଲେଖିଲେ କାବ୍ୟ ହେବ,

**ଭାମହ**

ଅମୁକ ରୀତିରେ ଲେଖିଲେ କାବ୍ୟ ହେବ ନାଇ—ଏପରି କୌଣସି କଥା ନାଇ । ଭାମହଂକ ମତରେ ଦୋଷ-ଗୁଣ ଉପରେ ନିର୍ଭର କରି କାବ୍ୟ-ବିଚାର ଏକାଂତ ବହିରଂଗ ସମାଧାନ । ଦୋଷ-ଗୁଣ କେବଳ କାବ୍ୟର ସ୍ଥାୟୀ ଧର୍ମ ନୁହଂତି । ଶୋଭା ଓ ସୌଂଦର୍ଯ୍ୟହିଁ କାବ୍ୟର ମୂଳ ଉପାଦାନ । କିଂତୁ ଏଇ ଶୋଭା ଓ ସୌଂଦର୍ଯ୍ୟକୁ ଏକାଂତ ଭାବରେ ଶବ୍ଦଗତ ଓ ଅର୍ଥଗତ ମନେ କରି କାବ୍ୟକୁ ଏକାଂତ objective ବା ବହିରଂଗ ଭାବେ ଆଲୋଚନା କଲେ କାବ୍ୟ-ସୌଂଦର୍ଯ୍ୟର ଯଥାର୍ଥ ସ୍ଥାନ ନିରୂପଣ କରି ନପାରି ଶବ୍ଦାର୍ଥର ମୋହଜାଳରେ ନିପତିତ ହେବାକୁ ହୁଏ । ('କାବ୍ୟ-ବିଚାର')

ଅଭିନବ ଗୁପ୍ତ କହଂତି ଯେ ରସର ଶୋଭା ବୃଦ୍ଧି ନକଲେ କୌଣସି ଅଳଂକାରକୁ ଅଳଂକାର କୁହାଯାଇ ନ ପାରେ । ଅର୍ଥାତ୍ ଅଳଂକାର ଶବ୍ଦର ଗୁଣ

ନୁହେ କି ଅର୍ଥର ଗୁଣ ନୁହେ । ରସର ଶୋଭା-ସଂପାଦନହିଁ ଏହାର ଧର୍ମ । କୁଂତକ ବି ସେହିପରି କହିଛନ୍ତି, ବକ୍ରତାର ସହିତ ଅନ୍ୱିତ ନ ହେଲେ ଅଲଂକାର ଅଲଂକାର ହୁଏ ନାଇ ।

ଅଭିନବଗୁପ୍ତ

ଉପମାଦି ଅଲଂକାର କେବଳ ମାତ୍ର ସାଦୃଶ୍ୟାଦି ଧର୍ମ ଦ୍ୱାରା ଅଲଂକାର ବୋଲି ବିବେଚିତ ହୋଇ ନପାରେ । ବକ୍ରତା ସହିତ ଅନ୍ୱିତ ହୋଇ କାବ୍ୟଶୋଭା ବୃଦ୍ଧି କଲେହିଁ ତାହା ଅଲଂକାର ବୋଲି ପରିଗଣିତ ହୁଏ । କୁଂତକଙ୍କର ଏହି ଯୁକ୍ତିକୁ ରୁଯ୍ୟକ ପ୍ରଭୃତି ପରବର୍ତ୍ତୀ ଯୁଗର ଆଲଂକାରିକମାନେ ସ୍ୱୀକାର କରିଛନ୍ତି ।

ବିଶ୍ୱନାଥ କବିରାଜ କହନ୍ତି, ରୀତି ଦ୍ୱାରା କେବଳ ଶବ୍ଦ-ସଂଘଟନ ଛଡ଼ା ଅନ୍ୟ କିଛି ବୁଝାଏ ନାଇ । ସେହି ରୀତିକୁ କାବ୍ୟର ଆତ୍ମାସ୍ୱରୂପ କୁହାଯାଇ ନପାରେ ।

ଆନନ୍ଦବର୍ଦ୍ଧନ (ଧ୍ୱନିକାର) ଅଲଂକାରର ସ୍ୱରୂପ ନିର୍ଣ୍ଣୟ ଦିଗରେ ମୁଣ୍ଡ ଖେଳାଇ ନାହାନ୍ତି । ଏମାନଙ୍କ ମତରେ ଧ୍ୱନିର ଅଂଗୀଭୂତ ନହେଲେ ବା ଧ୍ୱନିର ବିଚ୍ଛିତି-ସାଧନ ନକଲେ ଅଲଂକାର ମାନଙ୍କେ ଗୁଣୀଭୂତବ୍ୟଂଗର ଅନୁରୂପ ହୁଅନ୍ତି ଏବଂ ଏହା ଦ୍ୱାରା ଯେଉଁ କାବ୍ୟ ହୁଏ ତାକୁ ଚିତ୍ରକାବ୍ୟ କୁହାଯାଇପାରେ ଏବଂ କାବ୍ୟ-ଶ୍ରେଣୀ ମଧ୍ୟରେ ତାହା ଅତି ଅଧମ । ମମ୍ମଟ କହିଛନ୍ତି, ରସର ପୋଷାକ ନ ପାଇଲେ ବା ରସ ନ ଥିଲେ, ଅଲଂକାର ଉକ୍ତିବୈଚିତ୍ର୍ୟ ମାତ୍ର । ଆନନ୍ଦବର୍ଦ୍ଧନଙ୍କ ବକ୍ତବ୍ୟ ହେଲା— "ଅଲଂକାରୋ ହି ଗୁରୁତ୍ୱହେତୁଃ ।" (ଏକନ୍ନ)

ଆନନ୍ଦବର୍ଦ୍ଧନ

ବାମନଙ୍କ ତିନୋଟି ରୀତି ଛଡ଼ା ରୁଦ୍ରଟ ଲାଟୀ ନାମକ ଆଉ ଏକ ରୀତିର ଉଲ୍ଲେଖ ମଧ୍ୟ ଦେଖାଯାଏ । ଅଗ୍ନିପୁରାଣରେ ଏହି ଚାରୋଟି ରୀତିର ଉଲ୍ଲେଖ ଦେଖିବାକୁ ମିଳେ । ଭୋଜ ଏହା ସହିତ ମାଗଧୀ ଓ ଆବନ୍ତିକା ନାମକ ଆଉ ଦୁଇଟି ରୀତି କଥା ଉଲ୍ଲେଖ କରିଛନ୍ତି ।

## ବକ୍ରୋକ୍ତିବାଦ

ଭାମହ ତାଂକ କାବ୍ୟାଲଂକାରରେ ସ୍ୱଭାବୋକ୍ତିକୁ ଅଲଂକାର ବୋଲି ସ୍ୱୀକାର କରି ନାହାନ୍ତି । ହେତୁ, ସୂକ୍ଷ୍ମ, ଲେଶ ପ୍ରଭୃତିକୁ ମଧ୍ୟ ସେ ଅଲଂକାର ବୋଲି ମାନି ନାହାନ୍ତି । ସେ କହିଛନ୍ତି, ବକ୍ରୋକ୍ତି ସବୁ ଅଲଂକାରର ମୂଳ ଏବଂ ବକ୍ରୋକ୍ତି ଛଡ଼ା କାବ୍ୟ ହୁଏ ନାଇ । ଯେତେଦୂର ଜଣାପଡ଼େ, ବକ୍ରୋକ୍ତି ଅର୍ଥରେ ସେ କହିବାର ଭଂଗିର ବୈଚିତ୍ର୍ୟହିଁ ବୁଝିଛନ୍ତି । ଏବଂ ସେଇଥିପାଇଁ ହିଁ ସେ

ସ୍ୱଭାବୋକ୍ତିକୁ କାବ୍ୟ ବୋଲି ମାନିବାକୁ ନାରାଜ । ଘଟନା ଯେପରି ସ୍ୱାଭାବିକ ଘଟେ ତାକୁ ସେଇପରି ଭାବରେ ବର୍ଣ୍ଣନା କଲେ କହିବା ଭଂଗିରେ ବୈଚିତ୍ର୍ୟ ରହେ ନାହିଁ । ତେଣୁ ବାକ୍ୟର ଭଂଗିରେ, ଇଂଗିତରେ ଅର୍ଥପ୍ରକାଶକୁହିଁ ସେ କାବ୍ୟତ୍ୱର ପ୍ରଯୋଜକ ବୋଲି ମନେ କରନ୍ତି । ତାଙ୍କ ମତରେ ସମସ୍ତ ଅଳଂକାର ବକ୍ରୋକ୍ତିର ପ୍ରକାର ମାତ୍ର । ଭାମହ ଦଣ୍ଡୀ, ବାମନ କିମ୍ବା ରୁଦ୍ରଟଙ୍କ ପରି ବକ୍ରୋକ୍ତିକୁ ଗୋଟିଏ ଶବ୍ଦାଳଂକାର ମାତ୍ର ବୋଲି ମନେ କରନ୍ତି ନାହିଁ । କେହି କେହି କହନ୍ତି, ଭାମହ ଅତିଶୟୋକ୍ତିକୁହିଁ ବକ୍ରୋକ୍ତି ଏବଂ ସମସ୍ତ ଅଳଂକାର ଅତିଶୟୋକ୍ତି-ମୂଳକ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ତାଙ୍କର 'ସୈଷା ସର୍ବୈବ ବକ୍ରୋକ୍ତି' ଉକ୍ତିଟିହିଁ ଏହାର କାରଣ ।

ଆନନ୍ଦବର୍ଦ୍ଧନ ଭାମହଙ୍କ ଉକ୍ତି ପ୍ରତ୍ୟାଖ୍ୟାନ କରି କହିଛନ୍ତି :—'କବି-ପ୍ରତିଭା ଦ୍ୱାରା ଅତିଶୟୋକ୍ତି ଯେଉଁ ଅଳଂକାରକୁ ଆଶ୍ରୟ କରେ ତାହାର ଯଥାର୍ଥ ଗୁରୁତ୍ୱ ଉତ୍ପନ୍ନ ହୁଏ । ଅନ୍ୟ ସବୁ ଅଳଂକାର କେବଳ ଅଳଂକାର ମାତ୍ର । ଅତିଶୟୋକ୍ତି ସମସ୍ତ ଅଳଂକାରର ରୂପ ଧାରଣ କରିପାରେ ବୋଲି ଲକ୍ଷଣିକଭାବେ ଅତିଶୟୋକ୍ତିକୁ ଭାମହ 'ସର୍ବାଳଂକାରରୂପା' ବୋଲି ବର୍ଣ୍ଣନା କରିଛନ୍ତି । (ଏଜନ୍ନ)

"ତତ୍ରାତିଶୟୋକ୍ତିର୍ଯମଲଂକାରମଧିତିଷ୍ଠତି କବିପ୍ରତିଭାବଶାତ୍ ତସ୍ୟ ଗୁରୁତ୍ୱାତିଶୟୋଗୋହନ୍ୟସ୍ୟ ତ୍ୱଲଂକାରମାତ୍ରତୈବ ଇତି ସର୍ବାଲଂକାରଶରୀର-ସ୍ୱୀକରଣଯୋଗ୍ୟତ୍ୱେନ ଅଭେଦୋପଚାରାତ୍ ସୈବ ସର୍ବାଲଂକାରରୂପା ଇତ୍ୟୟମେବାର୍ଥୋଽବଗନ୍ତବ୍ୟଃ ।"

ଅଭିନବଗୁପ୍ତ କିନ୍ତୁ ଏ ବିଷୟରେ ଆନନ୍ଦବର୍ଦ୍ଧନଙ୍କ ସହିତ ଏକମତ ହୋଇ ପାରି ନାହାନ୍ତି । ସେ କହନ୍ତି :—

"ଯାତିଶୟୋକ୍ତିର୍ଲକ୍ଷିତା ସୈବ ସର୍ବା ବକ୍ରୋକ୍ତ୍ୟଲଂକାରପ୍ରକାରଃ ।"

ଅର୍ଥାତ୍ ଏଇ ଯେ ଅତିଶୟୋକ୍ତିର ବର୍ଣ୍ଣନା କରାଗଲା, ସମସ୍ତ ଅଳଂକାରହିଁ ଏଇପରି ବକ୍ରତାମୂଳକ । (କାରଣ ଭାମହ ଅନ୍ୟତ୍ର କହିଛନ୍ତି, ସମସ୍ତ କାବ୍ୟାଲଂକାରହିଁ ବକ୍ରୋକ୍ତି "ବକ୍ରାଭିଧେୟଶବ୍ଦୋକ୍ତିରିଷ୍ଟା ବାଗୃମଲଂକୃତିଃ' ।) ଅଭିନବଗୁପ୍ତ ପୁଣି କହିଛନ୍ତି, ଅତିଶୟୋକ୍ତିହିଁ ଯଦି ସାଧାରଣତ ସକଳ ଅଳଂକାରସ୍ୱରୂପ ହୋଇ-ଥାନ୍ତା, ତେବେ କବିପ୍ରତିଭାର ଆବଶ୍ୟକତା ରହନ୍ତା ନାହିଁ । ଆଉ ଅତିଶୟୋକ୍ତି ଅଳଂକାର କେବଳ ଅଳଂକାର-ମାତ୍ର ଏକଥାର ମଧ୍ୟ କିଛି ଅର୍ଥ ନାହିଁ । କାରଣ ଅଳଂକାରମାନ ବୋଲି କେଉଁଠି କିଛି ନାହିଁ ।

ଦଂଡୀ କହଂନ୍ତି ଯେ ପ୍ରାୟ ସମସ୍ତ ଅଳଂକାରରେଇ ବକ୍ତବ୍ୟ ଅର୍ଥକୁ ବଢ଼ାଇ କୁହାଯାଏ, ସେଥିପାଇଁ ସମସ୍ତ ଅଳଂକାରରେ ଅତିଶୟୋକ୍ତିର ବୀଜ ରହିଛି ।

(ଏକ୍)

ଅତିଶୟୋକ୍ତି ଏକପ୍ରକାର ବକ୍ରୋକ୍ତି । ସେଥିପାଇଁ କୁହାଯାଇପାରେ ଯେ ସ୍ୱଭାବୋକ୍ତି ଛଡ଼ା ସମସ୍ତ ଅଳଂକାରହିଁ ବକ୍ରୋକ୍ତିମୂଳକ । ବକ୍ରୋକ୍ତିକୁ ସେଥିପାଇଁ ସେ 'ଅଳଂକାର ସାମାନ୍ୟବଚନ' ବୋଲି ନିର୍ଣ୍ଣୟ କରିଛନ୍ତି ।

ବାମନ କିନ୍ତୁ ଏହାକୁ ଏକ ସ୍ୱତନ୍ତ୍ର ଅଳଂକାର ବୋଲି ଗଣନା କରିବାର ପକ୍ଷପାତୀ । ଏହା ଆନନ୍ଦବର୍ଦ୍ଧନୋକ୍ତ ଅବିବକ୍ଷିତ ବାଚ୍ୟବ୍ୟଂଗର ଅନୁରୂପ । କିନ୍ତୁ ପରବର୍ତ୍ତୀ ଆଳଂକାରିକମାନଂକ ମଧ୍ୟରେ କେବଳ କୁଂତକଂକ ଛଡ଼ା ଅନ୍ୟ କେହି ବକ୍ରୋକ୍ତିକୁ କୌଣସି ବିଶିଷ୍ଟ ସ୍ଥାନ ଦେଇ ନାହାଂନ୍ତି ।

କୁଂତକ ଯେ କି ସଂଭବତ ଅଭିନବ ଗୁପ୍ତଂକ ସମକାଳୀନ ଥିଲେ, ଏବଂ ଦଶମ ଓ ଏକାଦଶ ଶତକର ଲୋକ ଥିଲେ, ତାଂକର ବକ୍ରୋକ୍ତି-ଜୀବିତ ଗ୍ରଂଥରେ ଶବ୍ଦାର୍ଥ ସାହିତ୍ୟର ସ୍ୱରୂପ ନିର୍ଣ୍ଣୟ କରିବାକୁ ଚେଷ୍ଟା କରିଛଂନ୍ତି । କୁଂତକ ସେ କାବ୍ୟ-ବିଶେଷତ୍ୱ ରୂପେ ଶବ୍ଦାର୍ଥଠାରୁ ସଂପୂର୍ଣ୍ଣ ଭିନ୍ନ 'ଗୋଟିଏ ଶୋଭାତିଶଯ୍ୟ, ଚାତୁର୍ଯ୍ୟ ବା ରସ-ପ୍ରତୀତିର' କଥା ଉଲ୍ଲେଖ କରିଛଂନ୍ତି । କବିକୌଶଳର ବିଚିତ୍ରତାହିଁ ଏଇ ଜାତୀୟ ବକ୍ରତାକୁ ସୃଷ୍ଟି କରିଥାଏ । ପୁରାତନ କଥା କହିବାକୁ ଯାଇ ମଧ୍ୟ କବି ସେଠାରେ ନୂତନ ଭାବ ପ୍ରକାଶ କରିଥାଂନ୍ତି । କୁଂତକ ରସକୁ ଅସ୍ୱୀକାର କରି ନାହାଂନ୍ତି । ସେ ତାଂକ ଗ୍ରଂଥର ଚତୁର୍ଥ ଉନ୍ମେଷରେ କହିଛଂନ୍ତି—କେବଳ ମାତ୍ର କଥାକୁ ଆଶ୍ରୟ କରି କାବ୍ୟ ହୁଏ ନାଇ । ରସଭାବରେ ସୌନ୍ଦର୍ଯ୍ୟମୟ ହୋଇ ଉଠିଲେହିଁ ତାହା କାବ୍ୟ ହୁଏ । ଭାମହ ବା ଦଂଡୀଂକ ଭଳି ସେ ରସକୁ ଏକ ଅଳଂକାର ବିଶେଷ (ଯଥା ରସ-ବାଦଳଂକାର) ରୂପେ ଗ୍ରହଣ କରିବାକୁ ଅନିଚ୍ଛୁକ । ରସ ଯେଉଁଠି ବାଚ୍ୟାର୍ଥର ଅଂଗୀଭୂତ ହୁଏ ସେଠାରେ ତାହା ରସବାଦଳଂକାର ହୁଏ । ଆନନ୍ଦବର୍ଦ୍ଧନଂକ ଭଳି କୁଂତକ ମଧ୍ୟ ମନେ କରନ୍ତି ଯେ ରସକୁ ଶବ୍ଦ ଦ୍ୱାରା ପ୍ରକାଶ କରାଯାଇ ନପାରେ । ପୂର୍ବାଚାର୍ଯ୍ୟମାନେ ରସକୁ ଅଳଂକାରର ଅଂଗୀଭୂତ କରିବା ପାଇଁ ରସବତ୍, ପ୍ରେୟଃ, ଊର୍ଜସ୍ୱି ଏବଂ ସମାହିତ ପ୍ରଭୃତି ଯେଉଁ ସବୁ ଅଳଂକାରର ଉଦ୍ଭାବନ କରି ଯାଇଛଂନ୍ତି ଆନନ୍ଦବର୍ଦ୍ଧନ ସେସବୁକୁ ଗୁଣୀଭୂତବ୍ୟଂଗ ପର୍ଯ୍ୟାୟରେ ଆଣି ପକାଇ-ଛଂନ୍ତି । ମାତ୍ର କୁଂତକ କହଂନ୍ତି, ଏ ସବୁ ଅଳଂକାର ନୁହେଁ କି ଗୁଣୀଭୂତବ୍ୟଂଗ ନୁହେଁ, ଏମାନେ ଅଳଂକାର୍ଯ୍ୟ । ରସବତ୍ ପ୍ରଭୃତି ଅଳଂକାରରେ ରସହିଁ ପ୍ରଧାନ ।

ରସହିଁ କାବ୍ୟ ଏବଂ ସେଥିପାଇଁ ଏହାକୁ ଅଳଂକାର କୁହାଯାଇ ନପାରେ । ଆନଂଦ ବର୍ଧନଂକ ସହିତ ତାଂକ ମତର ପାର୍ଥକ୍ୟ ଏଇ ଯେ ସେ ରସକୁ ବକ୍ରତାର ଏକ 'ପ୍ରକାର' ବୋଲି ମନେ କରନ୍ତି । ତାଂକର ଉପଚାର-ବକ୍ରତା ଆନଂଦବର୍ଧନଂକ ଲକ୍ଷଣାମୂଳ ଧ୍ବନିର ଅନୁରୂପ । (କା:ବ)

## କାବ୍ୟରେ ରସ

କାବ୍ୟରେ ରସର ଗୁରୁତ୍ବ ସଂବଂଧରେ ଭାମହ ଅନବଗତ ନଥିଲେ । କାବ୍ୟରସ ପାନ କରି ଲୋକେ ଶାସ୍ତ୍ର ପଢ଼ିବାକୁ ପ୍ରବୃତ୍ତ ହୋଇ ପାରନ୍ତି, କାରଣ ପ୍ରଥମେ ମଧୁ ଲେହନ କରି ଲୋକେ ପରେ କଟୁ ଔଷଧ ପାନ କରନ୍ତି । ଅଭିନବ ଗୁପ୍ତଂକ ସମୟରେ ରସର ଯେପରି ଘନୀଭୂତ ଆଲୋଚନା ହୋଇଥିଲା, ଭାମହ, ଦଂଡୀ ପ୍ରଭୃତିଂକ ମଧ୍ୟରେ ସେପରି ଭାବରେ ହୋଇନାଇ । ଦଂଡୀ ରସ ସଂବଂଧରେ ଯାହା ଅଳ୍ପ କିଛି ଲେଖିଛନ୍ତି ସେଥିରୁ ତାଂକର ମତ ସୂକ୍ଷ୍ମ ଭାବରେ ନିରୂପଣ କରିବା କଠିନ । ବାମନ ରସକୁ କାବ୍ୟର ଏକ ପ୍ରଧାନ ଗୁଣ ବୋଲି ସ୍ବୀକାର କରିଛନ୍ତି । ଏଇ ଗୁଣଟିର ନାମ କାଂତି । ଉଦ୍‌ଭଟ ରସକୁ ଅପେକ୍ଷାକୃତ ଅଧିକ ପ୍ରାଧାନ୍ୟ ଦେଇଛନ୍ତି । ତାଂକ ମତରେ ରସ ଥିଲେହିଁ କାବ୍ୟକୁ ଜୀବଂତ କୁହାଯାଇପାରେ । ସେଥିପାଇଁ ରସକୁ କାବ୍ୟର ଆତ୍ମା କୁହା ଯାଇପାରେ । (କା-ବ)

"ରସାଦ୍ୟଧିଷ୍ଠିତମ୍ କାବ୍ୟମ୍ ଜୀବଦ୍‌ରୂପତୟାଂ ଯତଃ
କଥ୍ୟତେ ତଦ୍‌ରସାଦୀନାଂ କାବ୍ୟାତ୍ମତ୍ବଂ ବ୍ୟବସ୍ଥିତମ୍ ।" (ଉଦ୍‌ଭଟ)

ଅଭିନବଗୁପ୍ତ କହନ୍ତି, ରସକୁ ସାକ୍ଷାତ୍‌କାର କୁହାଯାଇପାରେ ବା ନିଷ୍ପ୍ରାତ୍ମିକା ବୃତ୍ତି କୁହାଯାଇପାରେ, କିଂବା ସଂକଳ୍ପ ବା ସ୍ମୃତି ବି କୁହାଯାଇ-ପାରେ, କିଂବା କେବଳ ଏକ ସ୍ଫୁରଣ ବା ସ୍ଫୂର୍ତ୍ତି କୁହାଯାଇପାରେ । ଏ ବିଷୟରେ କିଛି ସଠିକ କହିବା ସଂଭବ ନୁହେଁ । ମଣିଷ ଚିତ୍ତରେ ପ୍ରସୁପ୍ତ ଭାବରେ ଅନାଦି କାଳରୁ ବହୁ ଭୋଗାନୁଭୂତି ଓ ଭୋଗର ଆକାଂକ୍ଷା ବିଦ୍ୟମାନ ରହିଛି । ସାଧାରଣୀ-କୃତ ଭୟାଦି ଭାବ ଚିତ୍ତରେ ଉପସ୍ଥାପିତ ହେଲେ ଅନାଦିକାଳ-ସଂଚିତ କୌଣସି ନା କୌଣସି ଭୋଗବାସନା ସହିତ ତାର ଯେଉଁ ପରିଚୟ ଘଟେ ତାହା ଫଳରେ ସେଇ ସାଧାରଣୀକୃତ ଭୟାଦି ଭାବ ରସରୂପରେ ପରିପୁଷ୍ଟ ହୋଇଉଠେ । ସବୁ କାବ୍ୟଜ୍ଞଂକ ଚିତ୍ତରେ ଏଇ ସାଧାରଣୀକୃତ ସ୍ବଭାବର ପ୍ରକାଶ ଏକ ପ୍ରକାର ହୁଏ ନାଇ । ତାହା ଭିନ୍ନ ଭିନ୍ନ ବ୍ୟକ୍ତିଂକ ଚିତ୍ତରେ ଭିନ୍ନ ଭିନ୍ନ ପ୍ରକାର ହୋଇପାରେ । ସାଧାରଣୀକୃତ

ଚମତ୍କାର — ଭାବ ସହିତ 'ହୃଦସ୍ଥ ସ୍ଥିତ ଅର୍ଦ୍ଧନିମଗ୍ନ ବାସନାର ପରିଚୟ ହେବା ଫଳରେ ଯେଉଁ ଚେତନା ଜାଗ୍ରତ ହୁଏ ତାହା ସେତେ ଦେଶକାଳାଦି ସମ୍ବନ୍ଧ-ସଂକଳିତ ବ୍ୟକ୍ତିଗତ ସ୍ୱାର୍ଥ ଓ ବ୍ୟକ୍ତିଗତ ସୁଖ ଦୁଃଖାଦି ଜଡ଼ିତ ନୁହେଁ । ଏଇ ବାଧାବିହୀନ ଚେତନା-ଉଦ୍‌ବୋଧନର ନାମ ଚମତ୍କାର ।' ଆମର ନିମଗ୍ନ ବାସନା ସହିତ ସାଧାରଣୀକରଣର ମିଳନ ବା ପରିଚୟ-ଜନିତ ଗୋଟିଏ ବିଶିଷ୍ଟ ଚେତନାର ଉଦ୍‌ବୋଧନ ହୁଏ ( aesthetic attitude of the mind ), ଦ୍ୱିତୀୟ ଅର୍ଥ ତଜ୍ଜନିତ ଆହ୍ଲାଦ ଏବଂ ତୃତୀୟ ଅର୍ଥ ତଜ୍ଜନିତ ଶରୀର ପୁଲକାଦି । ଅଭିନବଗୁପ୍ତ ରସ ସମ୍ବନ୍ଧରେ ପୁଣି କହନ୍ତି

ରତ୍ୟାଭ୍ୟାସ — ଯେ ସମ୍ବିଦାତ୍ମତା ରୂପେ ରସର ପ୍ରକାଶ ହୁଏ । କାହା ପ୍ରତି କାହାର ଆକର୍ଷଣ ଯଦି ସାଧାରଣୀଭୂତ ଭାବରେ ଅଭିବ୍ୟକ୍ତ ହୁଏ ତେବେ ତାହାକୁ ଆମେ ରତି କହିବୁଁ ନାହିଁ—ରତ୍ୟାଭ୍ୟାସ କହିବୁଁ । ଅଭିନବଗୁପ୍ତ କାବ୍ୟାର୍ଥକୁ ରସ ବୋଲି କହିଲେ ବି କାବ୍ୟର ଚରମ ତାତ୍ପର୍ଯ୍ୟ ରସ ମଧ୍ୟରେ ହୁଏ ବୋଲି ସୁସ୍ପଷ୍ଟ ଭାବରେ ଅଙ୍ଗୀକାର କରିଛନ୍ତି ରସ ମଧ୍ୟ ଦେଇ ସମଗ୍ର ବିଶ୍ୱର ଯେଉଁ ଅନ୍ତଦୃଷ୍ଟିଟି ଫୁଟିଉଠେ, କବି ତାଙ୍କ କାବ୍ୟ ମଧ୍ୟ ଦେଇ ସମଗ୍ର ବିଶ୍ୱଭୁବନର ସତ୍ୟକୁ ବୁଦ୍ଧି ଦ୍ୱାରା ରସସିକ୍ତ କରି ପ୍ରକାଶ କରି ଭଗବତ୍‌ପ୍ରାପ୍ତି ସଦୃଶ ପରମାନନ୍ଦ ଲାଭ କରନ୍ତି । ( ଏନ୍ନ )

ଶୃଙ୍ଗାର ରସ ସମ୍ବନ୍ଧରେ ଅଭିନବଗୁପ୍ତ କହନ୍ତି,ଭରତ ଯାହା "ଉଜ୍ଜ୍ୱଳ-ବେଶାତ୍ମକ ଅର୍ଥାତ୍" ଶୃଙ୍ଗାରର ନାମ ରତି, ( ଶୃଙ୍ଗାରୋ ନାମ ରତିଃ ସ୍ଥାୟିଭାବ ପ୍ରଭବଃ ଉଜ୍ଜ୍ୱଳବେଷାତ୍ମକ ) ବୋଲି କହିଛନ୍ତି ତାହା ଠିକ ନୁହେଁ । ସ୍ତ୍ରୀ ପୁରୁଷର ପରସ୍ପରାଭିଳାଷ ଓ କାମପ୍ରବୃତ୍ତିକୁ ରତି ବା ଶୃଙ୍ଗାର କୁହାଯିବ ନାହିଁ । ଏହା ବ୍ୟଭିଚାରୀ ଭାବ ମାତ୍ର । କିନ୍ତୁ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ମିଳନ ଓ ବିରହରେ ପରିପୂର୍ଣ୍ଣ ସୁଖ ସ୍ୱଭାବକୁ ରତି କୁହାଯାଏ ।

କ୍ଷେମେନ୍ଦ୍ର ରସକୁ ପ୍ରଧାନ ସ୍ଥାନ ନଦେଇ ଔଚିତ୍ୟକୁ ପ୍ରଧାନ ସ୍ଥାନ ଦେଇଛନ୍ତି । ସେ କହନ୍ତି, ଲୋକେ ରସକୁ କାବ୍ୟର ଆତ୍ମା ବୋଲି କହିଥାନ୍ତି । କିନ୍ତୁ ଔଚିତ୍ୟହିଁ ରସର ପ୍ରାଣ ।

ମମ୍ମଟ କାବ୍ୟ ଲକ୍ଷଣ ମଧ୍ୟରେ ରସକୁ ଅନ୍ତର୍ଭୁକ୍ତ ନ କଲେ ମଧ୍ୟ ଦୋଷ-ଗୁଣ ଅଳଙ୍କାରାଦି ଆଲୋଚନା ପ୍ରସଙ୍ଗରେ ବିଶ୍ୱନାଥ କବିରାଜଙ୍କ ପରି ରସକୁ ପ୍ରାଧାନ୍ୟ ଦେଇଛନ୍ତି । ତାଙ୍କ ମତରେ, ରସହିଁ କାବ୍ୟର ମୁଖ୍ୟ ଅର୍ଥ, ରସକୁ ଆଶ୍ରୟ କରି ଯାହା ଥାଏ ତାହାକୁହିଁ ଶବ୍ଦର ଅର୍ଥ କୁହାଯାଇ ପାରେ ।

## ବିଶ୍ୱନାଥ କବିରାଜ

ବିଶ୍ୱନାଥ କବିରାଜ ତାଂକ "ସାହିତ୍ୟଦର୍ପଣ"ରେ କହିଛଂତି ଯେ ଯେତେ-ବେଳେ ରଜ ଓ ତମ ଗୁଣ ତିରୋହିତ ହୁଏ ଏବଂ ସତ୍ତ୍ୱ ଗୁଣର ଉଦ୍ରେକ ହୁଏ, ସେତେବେଳେ ହୃଦୟର ଚମତ୍କାରିତା ରୂପକ ଯେଉଁ ବିସ୍ତାର ଘଟେ, ତାହା ଫଳରେ କୌଣସି କୌଣସି ପ୍ରାକ୍ତନ ପୁଣ୍ୟଶୀଳ ବ୍ୟକ୍ତି ସ୍ୱପ୍ରକାଶ, ଚିନ୍ମୟ, ଅଖଂଡ, ଅନ୍ୟ ଜ୍ଞେୟ ବସ୍ତୁଠାରୁ ସଂପର୍କଶୂନ୍ୟ, ଲୋକୋତ୍ତର, ଚମତ୍କାର-ପ୍ରାଣସ୍ୱରୂପ ବ୍ରହ୍ମସ୍ୱାଦତୁଲ୍ୟ ରସକୁ ନିଜ ସହିତ ଅଭିନ୍ନ ଭାବରେ ଆସ୍ୱାଦନ କରି ପାରଂତି ।

**ଚମତ୍କାରିତା**

ଏହି ସମୟରେ ମନ ରଜ ଓ ତମ ଦ୍ୱାରା ଆକ୍ରାଂତ ଥାଏ ନାହିଁ, ସେଥିପାଇଁ ସ୍ୱକୀୟ ସତ୍ତ୍ୱ ସ୍ୱରୂପରେ ଅବସ୍ଥିତ ଥାଏ । ଚମତ୍କାର ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ ବିଶ୍ୱନାଥ କହିଛଂତି ଯେ ଚମତ୍କାରିତ୍ୱ ହୃଦୟର ବିସ୍ତାର । ( କା ବ )

ଚମତ୍କାରିତ୍ୱକୁ କେହି ଅଦ୍ଭୁତ ବୋଲି ବ୍ୟାଖ୍ୟା କରି ନାହାଂତି । କିଏ ଚମତ୍କାରିତାକୁ 'ନାଂଦନିକ ବା ସୌଂଦର୍ଯ୍ୟାତ୍ମକ ବୋଧ (aesthetic attitude) ପୁଣି କେହି ହୃଦୟ ସଂବାଦ ଜନିତ ହ୍ଲାଦ, ଏହିପରି ଅର୍ଥରେ ବ୍ୟାଖ୍ୟା କରିଛଂତି ।' ରସ ଯେ ବ୍ରହ୍ମସ୍ୱାଦ ଏବଂ ଆନଂଦାତ୍ମକ ଆସ୍ୱାଦଠାରୁ ଅଭିନ୍ନ ଏକଥା ବିଶ୍ୱନାଥ ମମ୍ମଟଂକଠାରୁ ଗ୍ରହଣ କରିଛଂତି ବୋଲି ଅଧ୍ୟାପକ ଶ୍ରୀ ସୁରେଂଦ୍ରନାଥ ଦାସଗୁପ୍ତ ତାଂକ 'କାବ୍ୟ-ବିଚାର'ରେ ଦର୍ଶାଇଛଂତି ।

ବିଶ୍ୱନାଥ ରସକୁ ସ୍ୱପ୍ରକାଶ ଆନଂଦସ୍ୱରୂପ ବୋଲି ବର୍ଣ୍ଣନା କରିବା ପ୍ରସଂଗରେ କହିଛଂତି ଯେ କରୁଣ, ଭୟାନକ, ବୀଭତ୍ସ, ପ୍ରଭୃତି ରସରେ ଯେଉଁ ସୁଖାନୁଭବ ହୁଏ ତାହା ସହୃଦୟ ପାଠକ ବା ଦର୍ଶକମାନେ ସମସ୍ତେ ଜାଣଂତି । ଯଦି କରୁଣ ରସାସ୍ୱାଦ ସମୟରେ ଦୁଃଖ ଅନୁଭୂତ ହୁଅଂତା ତେବେ କେହି ତାହା ଆସ୍ୱାଦ କରିବାକୁ ଉନ୍ମୁଖ ହୁଅଂତେ ନାହିଁ ବା ରାମାୟଣାଦି ଶୁଣିବା ପାଇଁ କେହି ବ୍ୟାକୁଳ ହୁଅଂତେ ନାହିଁ । କରୁଣ-ରସରେ ଦ୍ରାବିତ ହେଲେ ଅନେକ ସମୟରେ ପାଠକ ଅଶ୍ରୁଜଳ ତ୍ୟାଗ କରଂତି । ମାତ୍ର ତାହାର କାରଣ ଦୁଃଖାନୁଭବ ନୁହେଁ । ଚିତ୍ତ ରସ-ବିଗଳିତ ହେଲେ ଅନେକ ସମୟରେ ତାହା ଫଳରେ ଅଶ୍ରୁପାତ ଘଟିପାରେ । ନାୟକ ନାୟିକା ବର୍ଣ୍ଣିତ ବିଭାବାଦିକୁ ଯଦି ପାଠକ ବା ଦର୍ଶକ ସ୍ୱକୀୟ ବିଭାବାଦି ରୂପେ ମନେକରେ ତାହାହେଲେ ତାହା ଫଳରେ ଲୌକିକ, ହର୍ଷ, ଶୋକ, କ୍ରୀଡ଼ା, ଆତଂକ ପ୍ରଭୃତି ଉତ୍ପନ୍ନ ହୋଇପାରେ । ଏହି ଭୟରେ ତାଂକର ପୂର୍ବୋକ୍ତ

ସାଧାରଣୀକରଣକୁ ଟିକିଏ ପରିବର୍ତ୍ତନ କରି ବିଶ୍ୱନାଥ କହନ୍ତି ଯେ ବିଭାବାଦି ଜନିତ ଯେଉଁ ରସାସ୍ୱାଦ ହୁଏ, ତାହା ନାୟକର ହୋଇ ମଧ୍ୟ ଯେପରି ନାୟକର ନୁହେଁ, ସେହିପରି ଏହା ପାଠକର ବା ଦର୍ଶକର ହୋଇ ମଧ୍ୟ ତାର ନୁହେଁ । ସ୍ୱଗତତ୍ୱ ବା ପରଗତତ୍ୱର ରୂପକ କୌଣସି ବନ୍ଧନ ତାର ନାହିଁ ।

ବିଶ୍ୱନାଥ ରସାତ୍ମକ ବାକ୍ୟ କାବ୍ୟ ବୋଲି ('ବାକ୍ୟଂ ରସାତ୍ମକଂ କାବ୍ୟଂ') କହିଛନ୍ତି । ଏହି ରସ ପୁଣି ବିଭିନ୍ନ ପ୍ରକାର । ଭରତ ନାଟ୍ୟ ଶାସ୍ତ୍ରରେ କେତୋଟି ପ୍ରଧାନ ଓ କେତୋଟି ଅପ୍ରଧାନ ରସର ଉଲ୍ଲେଖ କରିଛନ୍ତି । ଭରତ ତାଙ୍କ ନାଟ୍ୟ ଶାସ୍ତ୍ରରେ ଲେଖିଛନ୍ତି ଯେ 'ବିଭାବାନୁଭାବ ବ୍ୟଭିଚାରିସଂଯୋଗାଦ ରସ ନିଷ୍ପତ୍ତିଃ ।' ଭଟ୍ଟ ଲୋଲ୍ଲଟ ପ୍ରଭୃତି କହନ୍ତି, ଆମ ଅନ୍ତରର ସ୍ଥାୟୀ ଭାବ ସହିତ ବିଭାବ ପ୍ରଭୃତିର ସଂଯୋଗ ହେଲେ ରସ ଉତ୍ପନ୍ନ ହୁଏ । ସ୍ଥାୟୀ ଭାବ ଅର୍ଥରେ ଆଲଂକାରିକମାନେ ଅନ୍ତରର ଗୂଢ଼ ପ୍ରଦେଶରେ ପ୍ରବାହିତ ହେଉଥିବା ଭାବ ବା emotions ବୁଝନ୍ତି । ଏହା ପ୍ରଧାନତଃ ଆଠ ପ୍ରକାର : ଶୃଙ୍ଗାର, (ସ୍ଥିରୀଭାବ—ରତି) (ବା sex-emotion) ହାସ୍ୟ, (ବିଭାବ ହର୍ଷ) କରୁଣ, (ବିଭାବ ବିୟୋଗ) ବୀର, (କ୍ରୋଧ ବିଭାବ ଉତ୍ସାହ, ଅପକାର ସହ୍ୟ ନ କରିବାର ଯେଉଁ ତୀବ୍ର ଭାବ) ଭୟ, ବୀଭତ୍ସ, ଅଦ୍ଭୁତ ଇତ୍ୟାଦି । ଯେତେବେଳେ ଲୌକିକ ବସ୍ତୁ ଦ୍ୱାରା ଏହି ଭାବ ସକଳ ଉଦ୍ଦୀପିତ ନ ହୋଇ ଶିଳ୍ପ ଦ୍ୱାରା ଉଦ୍‌ବୋଧିତ ହୁଅନ୍ତି ସେତେବେଳେ ଏହାକୁ ରସ କୁହାଯାଏ । ଭଟ୍ଟଲୋଲ୍ଲଟ ପ୍ରଭୃତିଙ୍କ ମତରେ ବିଭାବ, ଅନୁଭାବ ଓ ବ୍ୟଭିଚାରୀ ପରସ୍ପର-ପୋଷକତା କରି ସଂଯୁକ୍ତ ହେଲେ ରସର ଉତ୍ପତ୍ତି ହୁଏ । *

ଏଥିରୁ ଭୋଜରାଜ ଶୃଙ୍ଗାରକୁ ଏକମାତ୍ର ରସ ବୋଲି କହନ୍ତି । ମହାକବି ଭବଭୂତି କରୁଣକୁ ଏବଂ ଅଭିନବ ଗୁପ୍ତ ଶାନ୍ତ ରସକୁ ମୂଳ ରସ ବୋଲି କହନ୍ତି । ବିଶ୍ୱନାଥ କବିରାଜ ତାଙ୍କ ପିତାମହ ନାରାୟଣ ପଣ୍ଡିତ କେବଳ ଅଦ୍‌ଭୁତକୁ ରସ ବୋଲି ମାନନ୍ତି ବୋଲି କାରିକାରେ କହିଛନ୍ତି । (¹) ଭଟ୍ଟନାୟକ କହନ୍ତି ଯେ ରସ ପ୍ରତୀତ ବି ହୁଏ ନାହିଁ, ଉତ୍ପନ୍ନ ବି ହୁଏ ନାହିଁ, ଅଭିବ୍ୟକ୍ତ ବି ହୁଏ ନାହିଁ । ନଟ ବା ଦର୍ଶକ ଚରିତ୍ରରେ ନାଟକୀୟ ବ୍ୟାପାର ଯଦି ନିଜର ବୋଲି ମନେ ହୁଅନ୍ତା, ତାହା ହେଲେ କରୁଣ ରସ ସମୟରେ ସେମାନେ ଅତ୍ୟନ୍ତ ଦୁଃଖିତ ହୁଅନ୍ତେ । କିନ୍ତୁ ତାହା ହୁଏ ନାହିଁ । ସେହିପରି ସୀତାଙ୍କ ଆଲୋଚନା କଲାବେଳେ କାହାର ନିଜ ପ୍ରଣୟିନୀ କଥା ମନେ ପଡ଼ିବା ସ୍ୱାଭାବିକ ନୁହେଁ କିମ୍ବା ନିଜ ଜୀବନରେ କେହି ସମୁଦ୍ରଲଂଘନାଦି ପ୍ରତ୍ୟକ୍ଷ କରି ନାହିଁ । ତାଙ୍କ ମତରେ ଅନୁଭବ ବା ସ୍ମୃତି ଛଡ଼ା

* କାବ୍ୟ-ବିଗ୍ରହ ୧ । 'ଦିଗନ୍ତ', ୧୯୬୭ ଫେବୃଆରୀ, ୧୦ପାଦଟୀକା

ରସ ପ୍ରତୀତି ଘଟି ନ ପାରେ । ଏବଂ ଯେଉଁ କାରଣରୁ ରସପ୍ରତୀତି ଅସମ୍ଭବ, ରସର ଉତ୍ପତ୍ତି ହୁଏ କହିବା ମଧ୍ୟ ସେହି କାରଣରୁ ଅସମ୍ଭବ । ରସର ଅଭିବ୍ୟକ୍ତି ହୁଏ ଏହା ମଧ୍ୟ କୁହାଯାଇ ନ ପାରେ, କାରଣ ଯାହା ଥାଏ ତାର କେବଳ ରସପ୍ରତୀତି ଅଭିବ୍ୟକ୍ତ ହୋଇପାରେ । ରସ ପୂର୍ବେ ନ ଥିଲା, ବିଭାବାଦି ଦ୍ୱାରା ପ୍ରକାଶ ପାଇଲା ଏହା ବି କୁହାଯାଇ ନ ପାରେ । ଭଟ୍ଟ ନାୟକ କହନ୍ତି କାବ୍ୟରେ ବ୍ୟକ୍ତିଗତ ବିଭାବାଦି ସାଧାରଣୀକାରେ ପ୍ରତିଭାତ ହୁଏ । ଭାବକତ୍ୱ ସ୍ୱରୂପ ଗୋଟିଏ ସ୍ୱତନ୍ତ୍ର ବ୍ୟାପାର ଦ୍ୱାରା ଯେଉଁ ନୂଆ ପ୍ରକାର ସୃଷ୍ଟି ବା ପ୍ରତିଫଳନ ହୁଏ, ସେଇ ପ୍ରତିଫଳନଗତ ରସ ଅନୁଭବ ବା ସ୍ମୃତି ପ୍ରଭୃତି ସାଧାରଣ ଚିତ୍ତ ବୃତ୍ତିଠାରୁ ସଂପୂର୍ଣ୍ଣ ପୃଥକ । ରସର ଭୋଜକତ୍ୱ ବା ଭୋଗବୃତ୍ତି ଦ୍ୱାରା 'ସତ୍ତ୍ୱୋଦ୍ରେକପ୍ରକାଶାନନ୍ଦମୟ' ସ୍ୱକୀୟ ସ୍ୱାଭାବିକ ଚିଦବୃତ୍ତି ସହିତ ବିଲକ୍ଷଣ ବିଶିଷ୍ଟ 'ପରବ୍ରହ୍ମାସ୍ୱାଦସହୋଦର' ରୂପେ ଅଲୌକିକ ଭାବରେ କାବ୍ୟ ନାଟକୀୟ ରସ ଆସ୍ୱାଦିତ ହୁଏ । ରସର ଉପସ୍ଥାପନ ମଧ୍ୟ କୌଣସି ଲୌକିକ ବସ୍ତୁ ଦ୍ୱାରା ସଂଭବ ନୁହେ । ରସର ଅନୁଭବ ମଧ୍ୟ କୌଣସି ଲୌକିକ ଉପାୟ ଦ୍ୱାରା ଘଟେ ନାଇ । ଭଟ୍ଟନାୟକଙ୍କ ମତରେ ରସର ଉପସ୍ଥାପନ ରସର ପ୍ରକାଶ ପାଇଁ ଦୁଇଟି ଅଲୌକିକ ବୃତ୍ତି ମାନିବାକୁ ହୁଏ । ଗୋଟିକୁ ସେ କହନ୍ତି ଭାବକତ୍ୱ, ଅନ୍ୟଟିକୁ ଭୋଜକତ୍ୱ ବା ଭୋଗୀକରଣ । (୧)

ଅଭିନବ ଗୁପ୍ତ ଭଟ୍ଟନାୟକଙ୍କ ମତ ସମର୍ଥନ କରନ୍ତି ନାଇ । ତାଙ୍କ ମତରେ ରସର ଭୋଗୀକରଣ କହିଲେ କଣ ବୁଝାଏ ତାହା ଭଟ୍ଟନାୟକଙ୍କ କଥାରୁ ସ୍ପଷ୍ଟ ନୁହେ । ରତି ଉତ୍ସାହ ପ୍ରଭୃତି ରସର ଆସ୍ୱାଦକୁ ରସର ଭୋଗୀକରଣ କୁହାଯାଇ ପାରେ । ଏଇ ରସାସ୍ୱାଦ ବିଭିନ୍ନ ପ୍ରକାରର । ସତ୍ତ୍ୱ, ରଜ, ତମ ଏଇ ତିନୋଟି ଗୁଣର ପ୍ରକାଶ ଦ୍ୱାରା ଯଦିଓ ରସାଦିର ସଂଭୋଗ ହୁଏ, ତଥାପି ଏ ତିନୋଟିର ମିଶ୍ରଣ ପ୍ରଣାଳୀ ଅସଂଖ୍ୟ ପ୍ରକାର ଘଟି ପାରେ । ଭଟ୍ଟନାୟକଙ୍କ ମତର ତାତ୍ପର୍ଯ୍ୟ ହେଉଛି : ଅଭିଧା ଶକ୍ତିଦ୍ୱାରା କାବ୍ୟର ଶବ୍ଦାର୍ଥ ବୋଧ ହେଲେ ଶବ୍ଦାର୍ଥଗତ ଦୋଷାଭାବ, ଗୁଣ ଓ ଅଲଂକାରାଦି ଦ୍ୱାରା ଏପରି ଏକ ନୂତନ ବ୍ୟାପାର ଉଦ୍ଭୂତ ହୁଏ ଯାହା ଫଳରେ କାବ୍ୟଗତ ନାୟକ ନାୟିକାଙ୍କ ମନୋଗତ ଭାବ ଏକ ଅଲୌକିକ ଉପାୟରେ ଚିତ୍ତ ମଧ୍ୟରେ ଉପସ୍ଥାପିତ ହୁଏ । ସେଇ ଉପସ୍ଥିତିରେ ନାୟକ ନାୟିକାଙ୍କର ବ୍ୟକ୍ତିଗତ ସ୍ୱଭାବ ତିରୋହିତ ହେଲେ ରତ୍ୟାଦି ସାଧାରଣ ଭାବରେ

(୧) କାବ୍ୟ-ବିଚାର ।

ଧ୍ୱନିକଳ୍ପ — ସେମାନଙ୍କର ଗୋଟାଏ ଉପସ୍ଥିତି ଘଟେ । ଏହି ଭାବକଳ୍ପ ବ୍ୟାପାର କୌଣସି ମନସ୍ତାତ୍ତ୍ୱିକ ଅବସ୍ଥା ନୁହେ । ଏହା ଏକ ସ୍ୱତନ୍ତ୍ର ବୃତ୍ତି ବୋଲି ଭଟ୍ଟନାୟକ ସ୍ୱୀକାର କରିଛନ୍ତି ଏବଂ ଏହାକୁ ଭୋଜକକତ୍ୱ ଆଖ୍ୟା ଦେଇଛନ୍ତି । (*Ibid*)

ପଦାର୍ଥ ହିଁ ରସ ରୂପେ ଅନୁଭୂତ ହୁଏ । ସାରଦାତନୟ କୁହନ୍ତି ଯେ ଯେଉଁପରି ନଦୀ ସବୁ ଉଠନ୍ତି ପୁଣି ସମୁଦ୍ର ମଧ୍ୟରେ ଲୀନ ହୋଇ ଯାଆନ୍ତି, କେତେବେଳେ ସେମାନେ ସମୁଦ୍ରର ମାହାତ୍ମ୍ୟକୁ ପ୍ରକାଶ କରନ୍ତି, କେତେବେଳେ ପୁଣି ତା ଭିତରେ ଲୀନ ହୋଇ ଥାଆନ୍ତି, ସେହିପରି ବ୍ୟଭିଚାରୀ ଭାବଗୁଡ଼ିକ କେତେବେଳେ ସ୍ୱତନ୍ତ୍ର ଭାବରେ ପ୍ରକାଶ ପାଇ ସ୍ଥାୟୀ ଭାବର ଆସ୍ୱାଦକୁ ପୁଷ୍ଟ କରନ୍ତି, କେତେବେଳେ ପୁଣି ତା ଭିତରେ ଲୀନ ହୋଇ ଯାଆନ୍ତି । (କା ବ)

## ଔଚିତ୍ୟବାଦ

କ୍ଷେମେନ୍ଦ୍ର ତାଙ୍କର ଔଚିତ୍ୟବାଦ ଚର୍ଚ୍ଚାରେ ଔଚିତ୍ୟକୁ ରସର ପ୍ରାଣ ସ୍ୱରୂପ ବୋଲି କହିଛନ୍ତି । ସେ କହିଛନ୍ତି, ଉଚିତ ସ୍ଥାନରେ ବିନ୍ୟାସ କଲେ ଅଳଂକାର ଦେହକୁ ଅଳଂକୃତ କରିପାରେ ଏବଂ ଉଚିତ ସ୍ଥାନରୁ ଚ୍ୟୁତ ହେଲେ

କ୍ଷେମେନ୍ଦ୍ର — ଗୁଣକୁ ମଧ୍ୟ ଗୁଣ କୁହା ଯାଏ ନାହିଁ । କଣ୍ଠରେ ମେଖଳା ପିନ୍ଧିଲେ କିମ୍ବା ନିତମ୍ବରେ ହାର ପରିଧାନ କଲେ ସେ ଅଳଂକାରର ମର୍ଯ୍ୟାଦା ରହେ ନାହିଁ । ଶୌର୍ଯ୍ୟ ଗୁଣ ସତ କିନ୍ତୁ ଭୀତ ବା ପ୍ରଣତ ବ୍ୟକ୍ତି ପ୍ରତି ଶୌର୍ଯ୍ୟ ପ୍ରକାଶ ହାସ୍ୟକର । ଯାହା ସହିତ ଯାହା ଖାପଟେ ତାହାକୁହିଁ ଔଚିତ୍ୟ କହିବା । ଔଚିତ୍ୟ ଅର୍ଥ ଆନୁରୂପତା, ସାମଞ୍ଜସ୍ୟ । ରସର ଉପଯୁକ୍ତ ବାକ୍ୟ ବିନ୍ୟାସକୁ ଗୁଣୌଚିତ୍ୟ କୁହାଯାଏ । ଏହିପରି ରସାନୁକୂଳ ବା ଅର୍ଥାନୁକୂଳ ପଦକୁ ଅଳଂକାରୌଚିତ୍ୟ କୁହାଯାଏ । ରସୌଚିତ୍ୟ ଦେଖାଇବାକୁ ଯାଇ କେଉଁ ରସ ସହିତ କେଉଁ ରସର ମିଳନ କିପରି ଅବସ୍ଥାରେ ସମ୍ଭବପର ହୁଏ ତାହା ଦେଖାଇବାକୁ ଚେଷ୍ଟା କରିଛନ୍ତି । କ୍ଷେମେନ୍ଦ୍ର ଏହିପରି କାରକୌଚିତ୍ୟ, ଲିଙ୍ଗୌଚିତ୍ୟ, ବଚନୌଚିତ୍ୟ, ବିଶେଷଣୌଚିତ୍ୟ, ଉପସର୍ଗୌଚିତ୍ୟ, ନିପାତୌଚିତ୍ୟ, କାଳୌଚିତ୍ୟ, ସ୍ୱଭାବୌଚିତ୍ୟ, ସାରସଂଗ୍ରହୌଚିତ୍ୟ, ପ୍ରତିଭୌଚିତ୍ୟ, ଅବସ୍ଥୌଚିତ୍ୟ, ନାମୌଚିତ୍ୟ ପ୍ରଭୃତି ଉଲ୍ଲେଖ କରିଛନ୍ତି । କୁନ୍ତକ ମତରେ ଔଚିତ୍ୟ ହାନି ହେଲେ ରସର ଅପକର୍ଷ ଘଟେ ; କିନ୍ତୁ ଏହା ବୋଲି ଔଚିତ୍ୟକୁ ରସର ପ୍ରାଣ କୁହାଯାଇ ନ

**ନାଂଦନିକ ବୋଧ**

ପାରେ । କିନ୍ତୁ ଏକଥା ସ୍ୱୀକାର୍ଯ୍ୟ ଯେ ଔଚିତ୍ୟବୋଧ ସୌନ୍ଦର୍ଯ୍ୟ-ବୋଧର ଏକ ପ୍ରଧାନ ଅଂଗ । କୁନ୍ତକ ଔଚିତ୍ୟକୁ ବକ୍ରୋକ୍ତିର ଏକ ପ୍ରଧାନ ଅଂଗ ବୋଲି ସ୍ୱୀକାର କରନ୍ତି । ତାଙ୍କ ମତରେ ଔଚିତ୍ୟ ହାନି ହେଲେ ସୌନ୍ଦର୍ଯ୍ୟ ହାନି ଘଟି ପାରେ । କେଉଁ ରେଖା ସଂଗେ କେଉଁ ରେଖା ମିଳିତ ହେଲେ, କିମ୍ବା କେଉଁ ବର୍ଣ୍ଣ ସଂଗେ କେଉଁ ବର୍ଣ୍ଣ ମିଳିତ ହେଲେ ତାହା ସୁନ୍ଦର ବୋଲି ପ୍ରତୀତ ହୁଏ ତାହା ବାହ୍ୟ ଯୁକ୍ତି ଦ୍ୱାରା କୌଣସି ମତରେ ଅନୁମାନ କରି ଯାଏ ନାହିଁ । ନିପୁଣ ଚଷୀ ନିକଟରେ ସେ ଔଚିତ୍ୟ ନିଜେ ହିଁ ପ୍ରତିଭାତ ହୁଏ ଏବଂ ସେ ଔଚିତ୍ୟର ହାନି ହେଲେ କୌଣସି ବସ୍ତୁହିଁ ସୁନ୍ଦର ବୋଲି ପ୍ରତିଭାତ ହୁଏ ନାହିଁ । ବସ୍ତୁତଃ ରସୋତ୍ପତ୍ତି ସ୍ଥଳରେ ମଧ୍ୟ ବିଭାବାଦିର ଯଥାଯଥ ସନ୍ନିବେଶ ନ ହେଲେ ଶବ୍ଦରେ ଧାତୁରେ ଉପସ୍ଥାପିତ ହୋଇ ତାହାର ହୃଦୟ-ସଂବାଦ ଉତ୍ପନ୍ନ କରି ପାରେ ନାହିଁ । ଉପସ୍ଥାପିତ ବସ୍ତୁ ସହିତ ଇଦାନୀଂତନ ବା ପ୍ରାକ୍ତନ ବାସନାର ଅନୁରୂପତା ନ ଥିଲେ ହୃଦୟ-ସଂବାଦ ଥାଇ ପାରେନା ଓ ରସର ଉତ୍ପନ୍ନ ମଧ୍ୟ ହୋଇପାରେନା । କ୍ଷେମେନ୍ଦ୍ର ଔଚିତ୍ୟକୁ କୁନ୍ତକଙ୍କ ପରି ଏପରି ବ୍ୟାପକ ଭାବରେ ବ୍ୟାଖ୍ୟା କରି ନାହାନ୍ତି ।

ଜଗନ୍ନାଥ ପଣ୍ଡିତ ତାଙ୍କ ରସଗଂଗାଧର ଗ୍ରନ୍ଥରେ କାବ୍ୟର ଲକ୍ଷଣ ପ୍ରସଂଗରେ ରମଣୀୟ ପ୍ରତିପାଦକ ଶବ୍ଦକୁ କାବ୍ୟ କହିଛନ୍ତି । ରମଣୀୟତା ଅର୍ଥ - ଲୋକୋତ୍ତରାହ୍ଲାଦଜନକ ଜ୍ଞାନଗୋଚରତା । ଲୋକୋତ୍ତର ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ ଜଗନ୍ନାଥ କହିଛନ୍ତି ଯେଉଁ ଜାତୀୟ ଆହ୍ଲାଦ ମଧ୍ୟରେ ଗୋଟାଏ ବିଶେଷ ଚମତ୍କାରତ୍ୱ ଥାଏ ଯାହା କେବଳ ମାତ୍ର ରସଜ୍ଞର ଅନୁଭବ ଦ୍ୱାରା ଅନୁଭୂତ ହୁଏ ଏବଂ ଯାହାକୁ ଅପର ସମସ୍ତ ପ୍ରକାର ଆହ୍ଲାଦ ଠାରୁ ସ୍ୱତନ୍ତ୍ର ବୋଲି ମନେ କରାଯାଏ । ତେଣୁ ଏହି ଚମତ୍କାରତ୍ୱକୁ ସେ ଗୋଟିଏ ସ୍ୱତନ୍ତ୍ର ଜାତି କହିଛନ୍ତି, ସେ ପୁଣି କହିଛନ୍ତି, ସାଧାରଣ ଲୌକିକ ବାକ୍ୟ ଦ୍ୱାରା ଯେଉଁ ଆନନ୍ଦ ହୁଏ ସେଥିରେ ଏଭଳି ଲୋକୋତ୍ତରତ୍ୱ ନାହିଁ, ତେଣୁ ସେଭଳି ବାକ୍ୟକୁ କାବ୍ୟ କୁହାଯାଏ ନାହିଁ । ଜଗନ୍ନାଥଙ୍କ ମତରେ ଚମତ୍କାରତ୍ୱ ହିଁ କାବ୍ୟତ୍ୱ । ଚମତ୍କାର ଶବ୍ଦରେ ଜଗନ୍ନାଥ ଆହ୍ଲାଦ ବା ଆନନ୍ଦ ମାତ୍ର ବୁଝନ୍ତି ନାହିଁ, କିନ୍ତୁ "କାବ୍ୟର ଆହ୍ଲାଦରେ ଯେ ଗୋଟିଏ ସୌନ୍ଦର୍ଯ୍ୟ ରୂପ ବାସନା ସହିତ ସ୍ଫୁଟ ଚିତ୍ତର ମିଳନ ଜନିତ ଏକ ଦୁର୍ନିର୍ଦ୍ଦେଶ୍ୟ ଅନୁଭୂତି ଅଛି ତାହାକୁହିଁ ସେ ଚମତ୍କାର ଶବ୍ଦ ଦ୍ୱାରା ଲକ୍ଷିତ କରିବାକୁ ଚାହିଁଛନ୍ତି ।" (କାବ୍ୟ-ବିଚାର, ପୃ '୫୯) ଜଗନ୍ନାଥଙ୍କ ମତରେ କବି ପ୍ରତିଭାହିଁ କାବ୍ୟୋତ୍ପତ୍ତିର କାରଣ । ପ୍ରତିଭାର ବୈଶିଷ୍ଟ୍ୟ ହିଁ କାବ୍ୟର ବୈଶିଷ୍ଟ୍ୟ ।

# କାବ୍ୟରେ ଧ୍ୱନି

ଆନଂଦବର୍ଦ୍ଧନ କାବ୍ୟର ଆତ୍ମା ଧ୍ୱନି ବୋଲି କହଂତି । 'କାବ୍ୟସ୍ୟାତ୍ମା ଧ୍ୱନିରିତି ବୁଧୈର୍ୟଃ ସମାମ୍ନାତପୂର୍ବଃ'। ଆନଂଦବର୍ଦ୍ଧନଂକ ମତରେ, ଯାହା କିଛି କାବ୍ୟର ଶୋଭାକାରୀ ତାହାକୁ ଯେଉଁ ନାମ ଦିଆ ଯାଉ ନା କାହିଁକି ତାହା ଅଳଂକାର ମଧ୍ୟରେ ପଡ଼ିବ । ଏହି ଅଳଂକାରର ଅନେକ ପ୍ରକାର ଶ୍ରେଣୀ ବିଭାଗ ଆଳଂକାରିକମାନେ କରିଛଂତି । ଶ୍ରେଣୀ ବିଭାଗରେ ବିଚକ୍ଷଣତା ଥିଲେ ମଧ୍ୟ ନୂତନତ୍ୱ ନାଇ । ସେହିପରି ଗୁଣ, ଅଳଂକାର ଛଡ଼ା କାବ୍ୟ-ଶୋଭାର ନିମିତ୍ତଭୂତ ଯେ କୌଣସି ବୈଚିତ୍ର୍ୟର ଆଲୋଚନା କରାଯାଉ ନା କାହିଁକି ତାହା ଗୁଣାଳଂକାର ବୈଶିଷ୍ଟ୍ୟ ମାତ୍ର ହେବ । ଶବ୍ଦାର୍ଥ କାବ୍ୟର ଶରୀର । ଏମାନେ କେହି ଧ୍ୱନି ନୁହନ୍ତି । ଶବ୍ଦାର୍ଥର ଚାରୁତାକୁ ମଧ୍ୟ ଧ୍ୱନି କୁହାଯାଇ ନ ପାରେ । କାରଣ ଅର୍ଥର ଚାରୁତା ଅଳଂକାର ମଧ୍ୟରେ ପଡ଼େ । ଅନୁପ୍ରାସ ଯମକ ଆଦି ବିଭିନ୍ନ ପ୍ରକାର ବୃତ୍ତି ବା ଢଙ୍ଗରେ ସୃଷ୍ଟି, ବୃତ୍ତି ଓ ରୀତି ଗୁଣାଳଂକାର ଛଡ଼ା ଅନ୍ୟ କିଛି ନୁହଂତି । ତେଣୁ ଏହା ଧ୍ୱନି ନୁହେ ।

ଏହି ଧ୍ୱନିର ସ୍ୱରୂପ ନିରୂପଣ କରିବାକୁ ଯାଇ ଆନଂଦବର୍ଦ୍ଧନ କହଂତି :
"ତସ୍ୟ ହି ଧ୍ୱନେଃ ସ୍ୱରୂପମ୍ —ସକଳସତ୍କବିକାବ୍ୟୋପନିଷଦ୍ଭୂତମ୍ ଅତିରମଣୀୟମ୍ ଅଣୀୟସୀଭିଃ ଚିରଂତନକାବ୍ୟଲକ୍ଷଣାଭିଧାୟିନାଂ ବୁଦ୍ଧିଭିରନୁନ୍ମୀଳିତପୂର୍ବମ୍ ।' ଅଭିନବ ତାଂକ ଟୀକାରେ କହିଛଂତି —"କେବଳ ମାତ୍ର ସହୃଦୟ ବ୍ୟକ୍ତିମାନେହିଁ ସମସ୍ତ ପ୍ରକାର ଧ୍ୱନିର ସାରଭୂତ ରସଧ୍ୱନିର ଆସ୍ୱାଦ କରି ପାରଂତି । ଯାହା ହୃଦୟରେ ଏଭଳି ସ୍ୱାଭାବିକ ଶକ୍ତି ଅଛି ଯେ ସେ ସତ୍‌କାବ୍ୟବର୍ଣ୍ଣିତ କାବ୍ୟାର୍ଥ ଆସ୍ୱାଦନ କରି ତନ୍ମୟ ହୋଇ ପାରଂତି, ତାହାଂକୁହିଁ ସହୃଦୟ କୁହାଯାଏ । (ଏକ)

ଧ୍ୱନିକାରଂକ ମତରେ କାବ୍ୟର ଅର୍ଥ ଦୁଇ ପ୍ରକାର—ଗୋଟିଏ ବାଚ୍ୟ, ଅନ୍ୟଟି ପ୍ରତୀୟମାନ । ବାଚ୍ୟ ଅର୍ଥ ଉପମାଦି ବହୁବିଧ ଉପାୟରେ ପ୍ରକାଶିତ ହୁଏ । କିଂତୁ ମହାକବିମାନଂକ ବାକ୍ୟରେ ରମଣୀୟ ଲାବଣ୍ୟ ଭଳି ଆଉ ଗୋଟିଏ ପ୍ରତୀୟମାନ ଅର୍ଥ ଥାଏ, ଯାହା କାବ୍ୟର ଶବ୍ଦ ଓ ସାଧାରଣ ଅର୍ଥଠାରୁ, ଗୁଣାଳଂକାର ପ୍ରଭୃତି ଠାରୁ ସମ୍ପୂର୍ଣ୍ଣ ବିଭିନ୍ନ ।

"ପ୍ରତୀୟମାନଂ ପୁନରନ୍ୟଦେବ ବସ୍ତ୍ୱସ୍ତି ବାଣୀଷୁ ମହାକବୀନାମ୍
ଯତ୍ତତ୍ ପ୍ରସିଦ୍ଧାବୟବାତିରିକ୍ତଂ ବିଭାତି ଲାବଣ୍ୟମିବାଂଗନାସୁ ।"

ଶରୀରର ଲାବଣ୍ୟ ଯେପରି ଶରୀରର ଅବୟବଠାରୁ ସମ୍ପୂର୍ଣ୍ଣ ବିଭିନ୍ନ, ଅଥଚ ତାହା ଅବୟବ ଦ୍ୱାରାହିଁ ପ୍ରକାଶିତ ହୁଏ ଏବଂ କୌଣସି ଅଳଂକାରାଦିର ଅପେକ୍ଷା ରଖେ

ନାଇ, ଧ୍ୱନି ବି ସେଇପରି କାବ୍ୟଶରୀର ମଧ୍ୟ ଦେଇ ଅଭିବ୍ୟକ୍ତ ହୁଏ—ଯଦିଚ ତାହା କାବ୍ୟଶରୀରଠାରୁ ଏକାଂତ ସ୍ୱତଂତ୍ର ।" ଏଇ ଧ୍ୱନିଗମ୍ୟ ଅର୍ଥ ତିନି ପ୍ରକାର— କେବଳ ବସ୍ତୁ, ଅଲଂକାର ଏବଂ ରସାଦି –ଯାହା ବାଚ୍ୟ ଅର୍ଥ ଦ୍ୱାରା ଆକ୍ଷିପ୍ତ ହୁଏ, କିଂତୁ ବାଚ୍ୟ ଅର୍ଥଠାରୁ ସଂପୂର୍ଣ ଭିନ୍ନ । ଅଭିନବ କହଂତି, ଏଇ ତିନି ପ୍ରକାର ଧ୍ୱନି ମଧ୍ୟରେ ରସଧ୍ୱନିହିଁ ସର୍ବଶ୍ରେଷ୍ଠ । ଅଭିନବଂକ ମତରେ ରସହିଁ ଯଥାର୍ଥରେ କାବ୍ୟାର୍ଥ । (ଏକ୍ନ ଏବଂ କାବ୍ୟ-ନିର୍ଣୟ)

ବାଚ୍ୟାର୍ଥଠାରୁ ଅନେକ ସମୟରେ ସଂପୂର୍ଣ ବିଭିନ୍ନ ଭାବରେ ପ୍ରତୀୟମାନ ଅର୍ଥଟି ପ୍ରକାଶ ପାଇପାରେ । (ଯେପରି ଗୃହକର୍ତ୍ତୀ ପଥିକକୁ ତା ଶାଶୁ ଯେଉଁଠି ଶୋଇଛଂତି, ସେଠି ପାଦ ନ ଦେବାକୁ ନିଷେଧ ଛଳରେ ପ୍ରୋଷିତଭର୍ତ୍ତୃକା ପତ୍ନୀ ପରୋକ୍ଷ ଭାବରେ ନିମଂତ୍ରଣ କରିଥାଏ । ) ବସ୍ତୁବ୍ୟଂଜନା ପରି ଅଲଂକାର ବ୍ୟଂଜନା ମଧ୍ୟ ବହୁପ୍ରକାର । ବସ୍ତୁ ଓ ଅଲଂକାର ବାଚ୍ୟାର୍ଥ ଦ୍ୱାରା ପ୍ରକାଶିତ

**କାବ୍ୟାର୍ଥ**

ହୋଇଥାଂତି । କିଂତୁ ରସ, ଭାବ ଓ ରସାଭାସ ଓ ଭାବାଭାସ କେବେ ବାଚ୍ୟାର୍ଥ ଦ୍ୱାରା ପ୍ରକାଶିତ ହୁଅଂତି ନାଇ, ଯେମାନେ କେବଳ ଅସ୍ୱାଦ୍ୟଭାବରେହିଁ ପ୍ରତିଭାତ ହୁଅଂତି, ତେଣୁ ନାର୍ତ୍ତ ରସାସ୍ୱାଦ ଧ୍ୱନି ଛଡ଼ା ଅନ୍ୟ କୌଣସି ବ୍ୟାପାର ଦ୍ୱାରା କଦାପି ପ୍ରତୀତ ହୁଅଂତି ନାଇ, କାରଣ ଏମାନେ କୌଣସି ଶବ୍ଦ ବା ବାକ୍ୟର ଅର୍ଥ ନୁହଂତି । 'ଦେଶ,କାଳ, ଆଶ୍ରୟାଦି ସହିତ ସାମଂଜସ୍ୟ ମଧ୍ୟରେ ଓ ଔଚିତ୍ୟ ମଧ୍ୟରେ ଚିତ୍ତବୃତ୍ତିରେ ଯେତେବେଳେ ସ୍ଥାୟୀଭାବ ପ୍ରଧାନ ରୂପରେ ଉଦ୍ରିକ୍ତ ହୁଏ, ସେତେବେଳେ ତାହାକୁ କୁହାଯାଏ ରସ ଏବଂ ବ୍ୟଭିଚାରୀ ଭାବ ପ୍ରଧାନରୂପେ ଉଦ୍ରିକ୍ତ ହେଲେ ତାକୁ କୁହାଯାଏ ଭାବ । ଦେଶକାଳାଶ୍ରୟାଦିର ବିରୁଦ୍ଧରୂପରେ ସ୍ଥାୟୀଭାବ ଉଦ୍ରିକ୍ତ ହେଲେ ତାକୁ କୁହାଯାଏ ରସାଭାସ ।'

'ଅଥ ସହିତ ମୁକ୍ତ ହୋଇ ଶବ୍ଦର ବ୍ୟାପାର ଦ୍ୱାରାହିଁ ଧ୍ୱନି ନିଷ୍ପନ୍ନ ହୋଇଥାଏ । ରସାଦି ବସ୍ତୁ କେବେ କୌଣସି ଶବ୍ଦର ଅର୍ଥ ହୋଇ ପାରେନା ।' "ବ୍ରାହ୍ମଣ, ତମର ପୁଅଟିଏ ହୋଇଚି" କହିଲେ ବ୍ରାହ୍ମଣର ଯେ ଆନଂଦ ହୋଇଚି ତାହା ଅନୁମାନ କରାଯାଏ । ତେଣୁ ଅଭିନବ କହିଛଂତି, ରସହିଁ ବାସ୍ତବିକ କାବ୍ୟର ଆତ୍ମା । ବସ୍ତୁ ଓ ଅଲଂକାରଧ୍ୱନି ଶେଷରେ ଏଇ ରସରେହିଁ ପର୍ଯବସିତ ହୁଅଂତି । ସେଥିପାଇଁ ସେମାନଂକୁ କାବ୍ୟାର୍ଥଠାରୁ ଉତ୍କୃଷ୍ଟ କୁହାଯାଏ ଏବଂ ଏଇ ଅର୍ଥରେ ଧ୍ୱନିହିଁ କାବ୍ୟର ଆତ୍ମା ଏହା କୁହାଯାଇପାରେ । (କାବ୍ୟ-ବିଚାର ଓ 'କାବ୍ୟ ନିର୍ଣୟ')

ଏଠାରେ ଏ ସଂପର୍କରେ ଅଧିକ ଆଲୋଚନା ନିଷ୍ପ୍ରୟୋଜନ ।

# ସ୍ଫୋଟବାଦ

ସ୍ଫୋଟ ସମ୍ବନ୍ଧରେ ପତଂଜଳିଙ୍କ ମହାଭାଷ୍ୟରେ ପସ୍ପଶା ପ୍ରକରଣରେ ଇଂଗିତ ରହିଛି । 'ତପରସ୍ତତ୍କାଲସ୍ୟ' ସୂତ୍ରର ବ୍ୟାଖ୍ୟା ଅବସରରେ ଏହାର ଉଲ୍ଲେଖ ମିଳେ । ଭର୍ତ୍ତୃହରିଙ୍କ ବାକ୍ୟପଦୀୟରେ ଏ ବିଷୟରେ ବିଶଦ ଆଲୋଚନା ଦେଖିବାକୁ ମିଳେ । ଭର୍ତ୍ତୃହରିଙ୍କ ମତରେ ଶବ୍ଦ ତିନି ପ୍ରକାର-ବୈଖରୀ, ମଧ୍ୟମା ଓ ପଶ୍ୟନ୍ତୀ । ଯେଉଁ ସବୁ ଶବ୍ଦ କାନରେ ଶୁଣାଯାଏ ତାହାକୁ ବୈଖରୀ କୁହାଯାଏ । ଅଂତର ମଧ୍ୟରେ—'କ୍ରମାବଗାହିରୂପେ ବୁଦ୍ଧି ବ୍ୟାପାର ବା ଚିଂତାବ୍ୟାପାର ରୂପେ ପ୍ରାଣବୃତ୍ତି ସହିତ ଅନୁଚାରିତ ଓ ଅଶ୍ରୁତ, ଜ୍ଞାନ ବା ବୁଦ୍ଧିର ଆକାରରୂପେ ଉଚ୍ଚାରିତ ଶବ୍ଦର ପ୍ରଯୋଜକ ରୂପେ ଯାହା ପ୍ରକାଶ ପାଏ ତାହାକୁ ମଧ୍ୟମା ଶବ୍ଦର ସ୍ୱାଭିଜ୍ଞା କୁହାଯାଏ । ଯଦିଚ ଏହି ବୁଦ୍ଧିର ଧାରା ମଧ୍ୟରେ କ୍ରମ ବା ପୌର୍ବାପର୍ଯ୍ୟର ଆଭାସ ଥାଏ ଏବଂ ସେହି ହିସାବରେ ତାହା କ୍ରମଭାବୀ ଶବ୍ଦଧ୍ୱନିକୁ ଉତ୍ପାଦିତ କରିପାରେ, ତଥାପି ବୁଦ୍ଧିର ସ୍ୱରୂପରେ ଅବସ୍ଥିତ ବୋଲି ଏହା ମଧ୍ୟରେ ଯଥାର୍ଥଭାବରେ କୌଣସି କ୍ରମର ପୌର୍ବାପର୍ଯ୍ୟ ନାହିଁ । ଏହାର ଶକ୍ତି ଦ୍ୱାରା ପ୍ରକାଶିତ ଓ ଉଚ୍ଚାରିତ ଶବ୍ଦର ପୌର୍ବାପର୍ଯ୍ୟ ସୃଷ୍ଟ ହୋଇଥାଏ ।' ଚିତ୍ତ ମଧ୍ୟରେ ଯେଉଁ ଅର୍ଥର ପ୍ରକାଶ ହୁଏ ତାହା ଏକ ଅଖଂଡ ଜ୍ଞାନାତ୍ମକ ପ୍ରକାଶ—କିଂତୁ ତାହା ମଧ୍ୟରେ ପୌର୍ବାପର୍ଯ୍ୟର କ୍ରମଧାରା ନାହିଁ । କିଂତୁ ତାହା ନିଜକୁ ଶବ୍ଦାକାରରେ ପ୍ରକାଶ କରିବା ସମୟରେ ପୌର୍ବାପର୍ଯ୍ୟ ଧାରାକୁ ଅବଲମ୍ବନ କରି ସ୍ୱାନୁରୂପ, ସ୍ୱାଭିବ୍ୟଂଜକ ଶବ୍ଦଧାରା ସୃଷ୍ଟି କରିପାରେ । ଏହି ଶକ୍ତି ତାହା ମଧ୍ୟରେ ଅଂତନିହିତ ରହିଛି । ପଶ୍ୟଂତୀ ଅବସ୍ଥା ଏହା ଅପେକ୍ଷା ମଧ୍ୟ ସୂକ୍ଷ୍ମ । ଏହି ଅବସ୍ଥାରେ ଜ୍ଞାନ ଓ ଜ୍ଞେୟ ଏକୀଭୂତ ହୋଇଥାଏ । (ବା-ବି) ଏଥିପାଇଁ ଏହାର କୌଣସି ପରିଚ୍ଛିନ୍ନ ଆକାର ନାହିଁ, ଅଥଚ ପରିଚ୍ଛିନ୍ନ ଅର୍ଥକୁ ସଂଶ୍ଳିଷ୍ଟ ବା ସଂଯୁକ୍ତ ଭାବରେ ପ୍ରକାଶ କରିବାର ସାମର୍ଥ୍ୟ ତାହା ମଧ୍ୟରେ ଅଛି । ସମସ୍ତ ଅର୍ଥର ପ୍ରକାଶ ସତେ ଯେପରି ଯୁଗପତ୍ ଏହି ଅବସ୍ଥା ମଧ୍ୟରେ ପ୍ରଶାଂତ ଭାବରେ ରହିଛି । ସୃଷ୍ଟିପ୍ରକ୍ରିୟାର ପ୍ରାକ୍କାଳରେ ବୀଜ ମଧ୍ୟରେ ସମସ୍ତ ବୃକ୍ଷୋତ୍ପାଦନର ଶକ୍ତି ଯେପରି ବିବିଧ ଭଂଗୀରେ ଫୁଟି ଉଠିବା ପାଇଁ ପ୍ରସ୍ତୁତ ଥାଏ, ଅଥଚ ନିଜକୁ ବିଭକ୍ତ କରି ପ୍ରକାଶ କରେ ନାହିଁ, ଭୀଷଣ ଝଡ଼ ପୂର୍ବରୁ ପ୍ରକୃତିର ଅଂତଃସ୍ତବ୍ଧତା ମଧ୍ୟରେ ଯେପରି ତାର ଶକ୍ତିପୁଂଜ ନିଜ ମଧ୍ୟରେ ଲୀନ ହୋଇ ଥାଂତି, ଚିତ୍ତର ମଧ୍ୟ ସେହିପରି ଏକ ଅବସ୍ଥା ଅଛି ଯେଉଁ ଅବସ୍ଥାରେ ଅର୍ଥାକାରର ଉଦ୍ବୋଧ ହୋଇ ନାହିଁ, ଅଥଚ ଚିତ୍ତର ସ୍ୱାଭିନ୍ନ ସ୍ପନ୍ଦନ ମଧ୍ୟରେ ତାହା ବିଧୃତ ହୋଇ ରହିଅଛି—ଏହି ଅବସ୍ଥାକୁ କୁହାଯାଏ ପଶ୍ୟଂତୀ ।

ପ୍ରକୃତିପ୍ରତ୍ୟୟ ଭେଦରେ ଶବ୍ଦର ଯେଉଁ ସବୁ ଶକ୍ତି କଳ୍ପନା କରାଯାଇଛି ବସ୍ତୁତ ତାର କୌଣସି ସତ୍ତା ନାଇ । ମହାଶକ୍ତି ମଧ୍ୟରୁ ବାହାରିଛି ବୋଲି ସମସ୍ତ ଶବ୍ଦରହିଁ ବିଶିଷ୍ଟ ଶକ୍ତି ଅଛି । ସେଥିପାଇଁ ରୂପ-ରସ-ଗନ୍ଧ-ସ୍ପର୍ଶାଦିର ଯେପରି ଦୃଷ୍ଟ ଓ ଅଦୃଷ୍ଟ ଫଳ ଅଛି, ଶବ୍ଦର ସେଇପରି ଦୃଷ୍ଟ ଓ ଅଦୃଷ୍ଟ ଫଳ ଅଛି । ଶବ୍ଦାତ୍ମକ ମନ୍ତ୍ରାଦିରେ ଉଚ୍ଚାରଣ ଦ୍ୱାରା ବିଷାପନୟନ ପ୍ରଭୃତି ଦୃଷ୍ଟ ଫଳ ଦେଖାଯାଏ । ସେଇପରି ବେଦାତ୍ମକ ଅକ୍ଷରମାଳାର ଯଥାବିଧି ଉଚ୍ଚାରଣରେ ସ୍ୱର୍ଗାଦି ଅଦୃଷ୍ଟ ଫଳ ଘଟିଥାଏ··· ।' (ଏକ୍ସ) (କାବ୍ୟ ନିର୍ଣ୍ଣୟ)

## ରୀତି-ଯୁଗର ଆତ୍ମିକ

ସୂର୍ଯ୍ୟବଂଶୀ ଯୁଗ ପରେ ପରେ ରାଧାକୃଷ୍ଣ ପ୍ରେମଲୀଳା ଧୀରେ ଧୀରେ ଓଡ଼ିଆ କାବ୍ୟଜଗତରେ ପ୍ରବେଶ କରେ । ମୁସଲମାନ ଯୁଗରେହିଁ ଏହା ଓଡ଼ିଆ କାବ୍ୟ ସାହିତ୍ୟରେ ପ୍ରାଧାନ୍ୟ ଲାଭ କରେ । ଠିକ୍ ଜୟଦେବଙ୍କ ସମୟରେ ଯେଉଁ କାରଣରୁ ଏହା ଗୌଡ଼-ବଙ୍ଗରେ ଇସଲାମୀ ପ୍ରଭାବ ସମୟରେ ପ୍ରଧାନ ଆତ୍ମିକରୂପେ ଆତ୍ମପ୍ରକାଶ କରିଥିଲା, ଓଡ଼ିଶାରେ ଯେ ନିଶ୍ଚୟ କେତେକ ଅନୁରୂପ କାରଣ ଥିଲା ଏଥିରେ କିଛି ସଂଦେହ ନାଇ । ସାରଳା-ଯୁଗରେ ଜଗନ୍ନାଥ ଦାସ ଓ ବଳରାମ ଦାସ ରାଧାକୃଷ୍ଣ ତତ୍ତ୍ୱକୁ କେତେକ ଖଣ୍ଡକବିତାରେ ସ୍ଥାନ ଦେଇଥିଲେ ମଧ୍ୟ ସେମାନଙ୍କର ସଂଭୋଗ ବର୍ଣ୍ଣନାକୁ ଯଥାସଂଭବ ବାଦ ଦେଇଥିଲେ । ଦନାଇ ଦାସଙ୍କ 'ଗୋପୀ ଭାଷା'ରେ ରାଧାକୃଷ୍ଣ ପ୍ରେମଲୀଳା ଥିଲେ ମଧ୍ୟ ତହିଁର କାରୁଣ୍ୟ ଦିଗହିଁ ଅଧିକ ଚିତ୍ତା-କର୍ଷକ ମନେହୁଏ । ଦେବଦୁର୍ଲ୍ଲଭ ଦାସଙ୍କ 'ରହସ୍ୟ ମଞ୍ଜରୀ'ରେ ମଧ୍ୟ ରାଧାକୃଷ୍ଣ ପ୍ରେମଲୀଳାର ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି । କିନ୍ତୁ ରାଧାକୃଷ୍ଣଙ୍କ ରତି-କ୍ରୀଡ଼ା ପ୍ରାଧାନ୍ୟ ପାଇ ନାହିଁ ।

### ଦୀନକୃଷ୍ଣ ଦାସ

ଦୀନକୃଷ୍ଣ ଦାସହିଁ ସର୍ବପ୍ରଥମେ ପ୍ରାକ୍-ଭଞ୍ଜ ଯୁଗରେ 'ଗୀତଗୋବିନ୍ଦ'ର ପ୍ରଣୟ-ମୈଥୁନ-ଲୀଳାକୁ ଓଡ଼ିଆ କାବ୍ୟ ବିବକ୍ଷିତରେ ମଞ୍ଚପ୍ରବେଶ କରାନ୍ତି । ସେ

କାବ୍ୟ-ବିବକ୍ଷିତ

ଯେପରି ଉଲଗ୍ନ ଓ ଅଶ୍ଳୀଳ ଶବ୍ଦରେ ଗୋପୀମାନଙ୍କ ସହ ଶ୍ରୀକୃଷ୍ଣଙ୍କର ପ୍ରଣୟ-ମୈଥୁନ ବର୍ଣ୍ଣନା କରିଛନ୍ତି ତାହା ଅନେକ ସମୟରେ ଦେହ-ତାପରେ ଗୀତଗୋବିନ୍ଦକୁ ମଧ୍ୟ ବଳି ଯାଇଛି । କେତୋଟି ଦୃଷ୍ଟାନ୍ତ 'ରସକଲ୍ଲୋଳ'ରୁ ଦିଆ

ଯାଉଛୁ— (ଶୀତବନରେ କୃଷ୍ଣ ଓ ଗୋପୀଂକ ମଧ୍ୟରେ ଅଙ୍କା ପରିହାସ) "(କୃଷ୍ଣ) କେଉଁ ଗୋପୀ ପାଶେ ହୋଇ ପ୍ରବେଶ, କଉତୁକେ କରଂତି ପରିହାସ/କୋଳେ ରଖିଅଛୁ ତୁ ଉପୁମକୁ, କହୁଅଛୁ ଯାଇ ମୁଁ ହିମକୁ/କାହିଁଗଲୁ ସେ ବୋଲି ଲୋଡୁଅଛୁ, କୁଚକଂଦରେ ଆସି ଏ ପଶିଛି ।"

(ଗୋପୀଂକ ଉତ୍ତର)

"କଂପୁଅଛୁ ଯେବେ ଶୀତ ବଳରେ, କଂପା ନ ପଶ ଆସି ମୋ କୋଳରେ

(୧୧ଶଛାଂଦ)

ତା'ପରେ କୃଷ୍ଣଂକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଗୋପୀ ତାଂକ ଆଗରେ ଯେପରି ଅଂଗଭଂଗି କରୁଛଂତି ତାହା ଉନ୍ନତ ରୁଚିର ପରିଚାୟକ ନୁହେ ।

"କେଉଁ ଗୋପୀ ଦେଖି ଧୈର୍ଯ୍ୟ ନରଖି କରେ ମଧୁର ଅଂଗଭଂଗ
କର୍ଣ୍ଣକଂଡୁ ଛଳେ କର ଟେକି ହେଲେ ବଶ କରଇ ଶିରିରଂଗ ।
କେଉ ଯୁବତୀ, କରଇ କରିବର ଗତି,
କୁଚରୁ ଅଂଚଳ ଖସାଇ ଚଂଚଳ କରଇ ଯଦୁପତି ମତି । ୬ । ୮ XX
କେଉଁ ଗୋପିକା ଜାନୁ କଦଳୀବୃକ୍ଷରୂପୀ
କନକ କଳସ କମନୀୟ ବେଣି କୁଚ ମଂଗଳକୁଂଭ ସ୍ଥାପି ।
କେଉଁ ଗୋପିକା କୁଚ ଶ୍ରୀଫଳ ଘେନି କରି
କଲା ନିମଂତ୍ରଣ ଆହେ ମୋର ପ୍ରାଣନାଥ ତୁମେ ହେ ବେଣୁଧାରୀ । ୭।୩୧

ଦୀନକୃଷ୍ଣ ଦାସ ମଧ୍ୟପ୍ରାଂତ ଯମକ (ଯଥା :—କମଳ ସଂଭବ ଭବ ସୁର-ନାୟକ, କଉଣପ ଆଦି ଲୋକ ଯାହାର ଲୋକ ର. କ. ୧ମ ଛା ) ପ୍ରାଂତଯମକ (ଯଥା କମନୀୟ କୃଷ୍ଣ କଥା ପ୍ରସଂଗ କାଳସର୍ପକୁ ସେ କଥାପ୍ରସଂଗ—ର: କ. ୩ଛା), ଶୃଂଖଳା(କରୁଣା କଟାକ୍ଷ କଟାକ୍ଷେ ଅଲକ୍ଷ୍ୟ ଘେନାଘେନି ଭାବ ଦେଖାଇ—୬ଷ୍ଠ ଛା), ବକ୍ରୋକ୍ତି ଆଦି 'ରସକଲ୍ଲୋଳ' ଏବଂ ଅନ୍ୟାନ୍ୟ ଗ୍ରଂଥରେ ନିପୁଣ ଭାବରେ ବ୍ୟବହାର କରିଛଂତି । ଦୀନକୃଷ୍ଣଂକର ରସକଲ୍ଲୋଳ ଗ୍ରଂଥଟି କ-ଅାଦ୍ୟାନୁପ୍ରାସରେ ରଚିତ ।

'ରସକଲ୍ଲୋଳ' ଛଡା ଦୀନକୃଷ୍ଣଂକର 'କମଳାକାଂତ ଚଉତିଶା' ଏବଂ 'ତ୍ରିଭୁବନ ଅବକାଶ' ଦୁଇଟି ଜନପ୍ରିୟ ରଚନା । କମଳାକାଂତ ଚଉତିଶାର ଗୋଟିଏ ବହୁ-ଉଦ୍ଧୃତ ପଂକ୍ତି:—

"କମଳାକାଂତବାହନ ଭକ୍ଷ୍ୟଧାରିକନାରୀଯାନ
ତା ସୁତ ତା ଶତ୍ରୁ ପୂର୍ଣ୍ଣ ମୁଖ ମଳିନ ।
କନକପୁର ଯାହାଂ ତା-ଶତ୍ରୁ ଦୂତ ଭଂଡାର
କରିଛୁ ପାଣି ସଂଯୋଗ ରବି ସୁତେଣ ।"

କିଂବା "ଘୃତଭୋଗୀ ଶପୁସୁତ ଘଟନ ମୁଖ ଘାପିତ
ଘୁମିତ ଘଶୁଚ ବନ-ସୁତଲୋଚନ ।
ଘାତକୀ କର-ଅଇର-ରିପୁ ଅଂଗେ ଯେହ୍ନେ ଘାର ।"

'ଆର୍ତ୍ତ ତ୍ରାଣ ଚଉତିଶା' କବିଂକର ସବୁଠାରୁ ଜନପ୍ରିୟ ଜଣାଣ । ଏହାର ପ୍ରତିଟି ଶବ୍ଦ ଯେଉଁପରି ମର୍ମସ୍ପର୍ଶୀ ସେଇପରି କାରୁଣ୍ୟ-ବ୍ୟଂଜକ ।

'କୃପାସିଂଧୁ ବଦନ କର ଅବଲୋକନ
କେଉଁ କରମସ୍ଥାନ ଜନ
କାଳୁଷ୍ଟତର ହୋଇ କର ଯୋଡ଼ି ଜଣାଇ
ଗରୁଡ଼ ସ୍ତମ୍ଭ ସନ୍ନିଧାନ ହେ । ମହାପ୍ରଭୁ । ।"

କବିଂକ ସମକାଳୀନ ସମାଜରେ ମଧ୍ୟବିଭ୍ରୁ କୁଦ୍ଧି ଜୀବୀ ଏବଂ ଜଣେ ସଚେତନ କବି କିପରି ବିଡ଼ମ୍ବନା ଭୋଗୁଥିଲେ ତାହାର ଉଲ୍ଲେଖ କବି ନିଜ "ରସକଲ୍ଲୋଳ" ଗ୍ରଂଥରେ କରିଛନ୍ତି । ଯଥା :—

"କବି ଯା କରେ ମୂର୍ଖଙ୍କୁ ସ୍ତୁତି ଏଥିରୁ ବଳି ନାହିଁ ବିପତ୍ତି ।
ଏଥିକି ପ୍ରତି ଗ୍ରୁତିରେ କାର୍ତ୍ତି ମାରିବା ଭଲ ଯେ ।" ୧୬ଶ ଗ୍ରୁ ।

ପୁଣି, କୃଷ୍ଣେ ଆଶ୍ରା କରି ସୁବିଦ୍ୟା ଆଚରି ପାଷାଂଡଙ୍କୁ ଯାହା ସ୍ତୁତି
କୃଷ୍ଣଦାସ କହେ, କିଛି ଭଲ ନୋହେ କେବଳ ଗ୍ରୁତିକି କାଟି । ୨୪ ଗ୍ରୁ ।

'ଦାର୍ଢ୍ୟତାଭକ୍ତି'ରେ ଶ୍ରୀରାମ ଦାସ ଲେଖିଛନ୍ତି ଯେ ଦୀନକୃଷ୍ଣ ଦାସଂକ ପୁରୀ-ଖୋରଧା ରହଣି ବେଳେ ଦିନେ ରାଜା ଦିବ୍ୟସିଂହଦେବ ତାଂକୁ ଡକାଇ

କବିର ବିଡଂବନା

କହିଲେ ଯେ ସେ ରାଜାଂକ ନାମରେ ଗୀତ ଭଣିତି କଲେ ଅନେକ ଧନରତ୍ନ ପାଇବେ । କିଂତୁ ଦୀନକୃଷ୍ଣ ଦାସ ଏଥିରେ ରାଜି ନହେବାରୁ ରାଜା କ୍ରୁଦ୍ଧ ହୋଇ ତାଂକୁ ବଂଦୀଶାଳାରେ ରଖିଲେ । ମାତ୍ର ଜଗନ୍ନାଥଂକ ଆଦେଶରେ ତାଂକ ହାତବେଢ଼ି ଗୋଡ଼ବେଢ଼ି ଖୋଲି ଗଲା । ରାଜା ଭୟ ପାଇ ତାଂକୁ ଛାଡ଼ିଦେଲେ ।*

(ରାଜା କହିଲେ)—"ମୋ ନାମ ଭଣିଲେ ଅବଶ୍ୟ, ଅନେକ ଦେବି ଗ୍ରାମ ଦେଶ ।
ନୋହିଲେ ମରିବୁ ଅବଶ୍ୟ, ଛାଡ଼ ତୋ ଜୀବନର ଆଶ ।"

(ଦୀନକୃଷ୍ଣ)—"ବୋଇଲେ ଶୁଣ ନୃପନାଥ, କେବଳ ଦେବ ଜଗନ୍ନାଥ/
ଏ ପିଂଡ ବିକଅଛି ତାରେ, ଗୀତ ମୁଁ ଅନ୍ୟରେ ନ ବୋଲେ ।" (ଦାର୍ଢ୍ୟତାଭକ୍ତି)

---

* କେହି କେହି ଜଳେଶ୍ୱର ଆଡ଼ର ଦୀନକୃଷ୍ଣ ଏବଂ ଖୋରଧା ଆଡ଼ର ଦୀନକୃଷ୍ଣ ଏ ଦୁଇଜଣ ସ୍ୱତଂତ୍ର ବ୍ୟକ୍ତି ବୋଲି ମନେ କରଂତି । ମାତ୍ର ଉଭୟଂକର ହଟହଟା ଓ ଗ୍ରଂଥ-ପ୍ରମାଣ ପ୍ରାୟ ଏକ ମନେ ହେବାରୁ ସେମାନେ ଏକ ଓ ଅଭିନ୍ନ କହିବା ସଂଗତ ହେବ । ଲେଖକ ।

ଏଥିରୁ ତତ୍‌କାଳୀନ ସମାଜ-ପରିବେଶରେ ଜଣେ ଆତ୍ମ ସଚେତନ କବି ଉପରେ ଅଶେଷ ଦୁଃଖ ନିର୍ଯାତନା ଭୋଗ କରୁଥିଲେ ତହିଁର ଏକ ସ୍ପଷ୍ଟ ଆଲେଖ୍ୟ ମିଳେ । ଦୀନକୃଷ୍ଣ ଦାସ ଉପେନ୍ଦ୍ର ଭଞ୍ଜଙ୍କର ପୂର୍ବବର୍ତ୍ତୀ । ଦିବ୍ୟସିଂହ ଦେବଙ୍କ ସତର ଅଙ୍କରେ ଅର୍ଥାତ୍ ଖ୍ରୀ: ୧୭୦୫ରେ ସେ ନିଜର 'ନାମରତ୍ନ ଗୀତା' ରଚନା ଶେଷ କରିଥିବା କଥା ଉକ୍ତ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ।

ଲୋକନାଥ ବିଦ୍ୟାଧର ଉପେନ୍ଦ୍ରଭଞ୍ଜ ପୂର୍ବବର୍ତ୍ତୀ କବି । ତାଙ୍କ 'ପଦ୍ମାବତୀ ପରିଣୟ" କାବ୍ୟଟି ଦିବ୍ୟସିଂହ ଦେବଙ୍କ ଚଉଦ ଅଙ୍କରେ ଅର୍ଥାତ୍ ୧୭୦୨ ଖ୍ରୀଷ୍ଟାବ୍ଦରେ ଶେଷ କରିଥିବା କଥା ଉକ୍ତ ଗ୍ରନ୍ଥରେ ଭଣିତାରେ ଲେଖିଯାଇଛନ୍ତି ।

ଲୋକନାଥ ବିଦ୍ୟାଧର

ସେ ତାଙ୍କ କାବ୍ୟରେ ବାଣପୁରର ସୁନ୍ଦର ବର୍ଣ୍ଣନା କରିଥିବାରୁ ସେ ବାଣପୁର ଅଞ୍ଚଳର ଲୋକ ହୋଇଥିବେ ବୋଲି ଅନୁମିତ ହୁଏ । ସେ ତାଙ୍କ 'ସର୍ବାଙ୍ଗସୁନ୍ଦରୀ' କାବ୍ୟରେ କେତେକ ସ୍ଥାନରେ ନିଜକୁ 'ଲୋକନାଥ ଦାସ' ବୋଲି କହିଛନ୍ତି ଏବଂ ଅନ୍ୟ କେତେକ ସ୍ଥାନରେ ଲୋକନାଥ ବିଦ୍ୟାଧର ବୋଲି ଲେଖି-ଛନ୍ତି । 'ନୀଳାଦ୍ରୀ ମହୋତ୍ସବ' କାବ୍ୟଟି ସେ ଦିବ୍ୟସିଂହ ଦେବଙ୍କ ଆଙ୍କରେ ଲେଖିଥିବା କଥା ଉଲ୍ଲେଖ କରିଛନ୍ତି । ଏଥିରେ ସେ ପ୍ରୋଷିତଭର୍ତ୍ତୃକା, ବାସକ ଶଯ୍ୟା, ସ୍ୱୟଂଦୂତୀ ନଷ୍ଟଦୂତୀ ପ୍ରଭୃତିର ବର୍ଣ୍ଣନା ଦେଇଛନ୍ତି । 'ଉପେନ୍ଦ୍ର ଭଞ୍ଜ ଓ ଦୀନକୃଷ୍ଣଙ୍କୁ ଛାଡ଼ିଦେଲେ ତାଙ୍କର ବର୍ଣ୍ଣନା-ଚାତୁରୀ ଓ ଶବ୍ଦ ବିନ୍ୟାସ ଅନ୍ୟ କବିଙ୍କଠାରେ ଦେଖାଯାଏ ନାଇ ।' (ସୂ: ନା: ଦା—ଓ. ସା ଇ)

ଜଗନ୍ନାଥଙ୍କ ବର୍ଣ୍ଣନା —

"ତରୁଣ ତମାଳ ନୀଳଗିରିମାଳ ଶୀଳ ଉଜ୍ଜ୍ୱଳ ବଦନ
ଧବଳ କମଳ କାଳିନ୍ଦୀ କମଳ ମଧ୍ୟେ ସୂର୍ଯ୍ୟ ପ୍ରାୟେ ଶୋଭନ ।
ଦିଶଇ ଶ୍ରୀବଦନେ ବେନି ନୟନ ।
ସୁଅଧର ଛବି ନିନ୍ଦେ ଉଦେ ରବି ପଲ୍ଲବ ବନ୍ଧୁଲି ପ୍ରସୁନ ।
ଶିରରେ ସଗର ଶାଖାର ସହିତ ସୁଘଟ ମୁକୁଟ ବିରାଜଇ,
ସୁଗଣ୍ଡ ମଣ୍ଡଳ ମଣ୍ଡିତ କୁଣ୍ଡଳ ମାର୍ତ୍ତଣ୍ଡ ଚଣ୍ଡକୁ ଖଣ୍ଡଇ ।
ପ୍ରଲମ୍ବ ଶ୍ରୀଭୁଜ ଦଣ୍ଡ ଦେଖି ପ୍ରିୟେ,
ପତିତେ ଶରଣ ପଶିବା କି ରଣ ଭାବରୁ ଏହେନ ଶୋଭାପାଏ ।"

କବିଙ୍କର ଅନ୍ୟାନ୍ୟ କାଳିଜନକ କାବ୍ୟ ମଧ୍ୟରେ ଚନ୍ଦ୍ରକଳା, ରସକଳା ପ୍ରଭୃତି ଉଲ୍ଲେଖନୀୟ ।

କବି ବିଦ୍ୟାଧର ଶ୍ଳେଷ, ଯମକ,ଅନୁପ୍ରାସ ଏବଂ ଅଳଂକାର ପ୍ରୟୋଗରେ ବିଶେଷ ନୈପୁଣ୍ୟ ଦେଖାଇଛନ୍ତି ।

**ଭୂପତି ପଂଡିତ**

ଭୂପତି ପଂଡିତଂକ 'ପ୍ରେମପଂଚାମୃତ' ରାଧାକୃଷ୍ଣ ପରକୀୟା ପ୍ରେମର ମହତ୍ତ୍ୱ ପ୍ରତିପାଦନ କରିଛି । ସେ ନିଜ ରଚନାରେ ଓଡ଼ିଆ ପ୍ରାକୃତର ଜୟଗାନ କରିଛନ୍ତି ଏବଂ ଓଡ଼ିଆ ପ୍ରାକୃତହିଁ ବ୍ୟବହାର କରି ଯାଇଛନ୍ତି । ରାଧାକୃଷ୍ଣଂକ ସଂବଂଧରେ ସେ ଲେଖିଛନ୍ତି—

ତୋହର ଜୀବ ଆତ୍ମା ରାଧେ
ପରମ ମିଶି ତାର ମଧେ
ଦ୍ୱିଅର୍ଦ୍ଧେ ଏକ ପୂର୍ଣ୍ଣ ହୋଇ
ଏଣୁ ସେ ଏକ ଅଂଶ ହୋଇ ।
ମନ ପରମ ଅଂଗ ବେନି
ଭୋଗ ସଂଯୋଗେ ଭିନ୍ନ ଗଣି ।"

ସେ ସ୍ୱକୀୟା, ସମାନ, ବିଟପା ଓ ପରକୀୟା ଏଇ ଶୃଙ୍ଗରସ ବିଚାର କରି ପରକୀୟାକୁ ଶ୍ରେଷ୍ଠ ଆସନ ଦେଇ ଯାଇଛନ୍ତି । ରାଧାଂକ ସଂଗେ ସେ ବୃନ୍ଦାବତୀଂକୁ ମଧ୍ୟ କୃଷ୍ଣପ୍ରିୟା ରୂପେ ଅବତାରଣା କରିଛନ୍ତି । ଭୂପତି ପଂଡିତ ଜଣେ ପଶ୍ଚିମବାସୀ ହୋଇ ଓଡ଼ିଆ ପ୍ରାକୃତରେ ଗ୍ରଂଥ ରଚନା କରି ଯାଇଛନ୍ତି । ଆଂଗିକ ଦିଗରୁ ସେ ରୀତି-ଯୁଗର ଅଂତର୍ଗତ ନୁହଂନ୍ତି । ସେ ଜଗନ୍ନାଥ ଦାସଂକ ଭାଗବତ ବୃତ୍ତରେ ଏବଂ ସହଜ ପ୍ରାକୃତରେହିଁ ଗ୍ରଂଥ ରଚନା କରି ଯାଇଛନ୍ତି ।

**ବୃଂଦାବତୀ ଦାସୀ**

ବୃଂଦାବତୀ ଦାସୀ ଖ୍ରୀ. ୧୭୧୯ରେ 'ପୂର୍ଣ୍ଣତମ ଚଂଦ୍ରୋଦୟ' କାବ୍ୟ ରଚନା ଶେଷ କରିଥିଲେ । ଲେଖିକା ପୁରୀ ଜିଲ୍ଲାର ମଲ୍ଲିପଡ଼ା ଗ୍ରାମର କରଣ ବଂଶୀୟା । ଏ ଗ୍ରଂଥଟିର ବିବକ୍ଷିତ ଓ ଉପଜୀବ୍ୟ ବିଷୟ ହେଉଛି ଶ୍ରୀ ଚୈତନ୍ୟଂକ ପ୍ରଚାରିତ ପ୍ରେମ-ଧର୍ମ । ଆଳଂକାରିକ କାବ୍ୟ ହିସାବରେ ତାଂକ ଗ୍ରଂଥଟି ଉଚ୍ଚକୋଟିର ବୋଲି ବିଶେଷଜ୍ଞମାନଂକର ମତ । ତାଂକ ସ୍ୱାମୀଂକ ନାମ ଥିଲା ଚଂଦ୍ରଶେଖର ମହାପାତ୍ର । ମାତ୍ର ପୁରୁଷାନୁକ୍ରମେ ବ୍ରଜବୈଷ୍ଣବ ଥିବାରୁ 'ଦାସ' ନାମରେ ପରିଚିତ । ନାୟିକବି ପ୍ରଥମ ଅଧ୍ୟାୟରେ ଶବ୍ଦାଳଂକାର ଦ୍ୱାରା ଶ୍ରୀକୃଷ୍ଣଂକର ସ୍ତୁତି କରିଛନ୍ତି .—

"ଶ୍ରୀକୃଷ୍ଣ ପ୍ରତି ଅଂଗ ଯେହି, ସ୍ୱଭାବେ ନିରୁପମ ସେହି ।
ଉପମା ଧାତା ଘଟଣାରେ, ଦିଅଂତି ସିନା କବିତ୍ୱରେ ।
ସେ ଧାତା ଘଟିଣୁ ବାହାର, ସ୍ୱୟଂ ପ୍ରକାଶ ବେଣୁଧର ।
ତେଣୁ ଏ ଉପମା ଯୁଗତି, ଦେବାର ନୋହିଲା ଯୁଗତି ।"

( 'ଶ୍ରୀକୃଷ୍ଣଂକ ରୂପ ଓ ବେଶଭୂଷା ପ୍ରଭୃତି ନିରୁପମ ଥିବାରୁ ଉପମା ଦେବାରେ କବି ଦ୍ୱିଧାବୋଧ କରୁଛନ୍ତି । ତଥାପି କବିତ୍ୱ ଅନୁରୋଧରେ ସେ ଉପମା ପ୍ରୟୋଗ କରିବାକୁ ବାଧ୍ୟ ହୋଇଛନ୍ତି ଇତ୍ୟାଦି ଇତ୍ୟାଦି । )

## ଉପେନ୍ଦ୍ର ଭଂଜ

ମୁସଲମାନ ଯୁଗରେ ଅବକ୍ଷୟମାନ ଓଡ଼ିଶାର ସାହିତ୍ୟ ଆକାଶର ମଧ୍ୟାହ୍ନ ଭାସ୍କର ହେଉଛନ୍ତି ଉପେନ୍ଦ୍ର ଭଂଜ । ସେ ଏ ଯୁଗୀୟ ସାହିତ୍ୟର ମୂର୍ଧନ୍ୟ କବି ।

ଉପେନ୍ଦ୍ର ଭଂଜ ପରକୀୟା ପ୍ରୀତିକୁ ନିଜ କବିତାରେ ସ୍ଥାନ ଦେଇ ନାହାଂନ୍ତି । ସେ ରାଧାକୃଷ୍ଣ ପ୍ରେମ-ଲୀଳା ଉପରେ କୌଣସି କାବ୍ୟ ଲେଖି ନାହାଂନ୍ତି । ଆଦର୍ଶ ସତି ଏବଂ ଆଦର୍ଶ ପୁରୁଷ ରାମଚଂଦ୍ରକୁ ନାୟକ କରି ସେ ବୈଦେହୀଶ ବିଳାସ ଗ୍ରଂଥଟି ବ-ଆଦ୍ୟାନୁପ୍ରାସରେ ରଚନା କରିଛଂନ୍ତି । ତାଂକର

ସ୍ୱକୀୟା ପ୍ରେମ "ପ୍ରେମସୁଧାନିଧି"ରେ "କେତେଦୂରେ କୁମୁଦିନୀ

ସ୍ୱକୀୟା ପ୍ରେମ କେତେଦୂରେ ସୁଧାକର/ପ୍ରେମ ଆଭେଦ୍ୟ ତାଂକର.......ଯେ

ଯାହାର ସେ ତାହା'ର" ପଂକ୍ତିଟିରେ ସୁଂଦର ଭାବରେ ପ୍ରତିଫଳିତ ହୋଇଛି । ଏହାକୁ ଅନେକ ବକ୍ତା ଭଂଜ-ଜୟଂତୀ ସଭାମାନଂକରେ ଭଂଜଂକର 'ଯେ ଯାହାର ସେ ତାହାର ବାଦ' କହି ଉଚ୍ଚସ୍ୱରରେ ବକ୍ତୃତା କରିଥାଂନ୍ତି ।

ଭଂଜଂକର 'ଝୋଳପୋଇ' ପୁସ୍ତକଟି ଏ ପର୍ଯ୍ୟଂନ୍ତ ଅପ୍ରକାଶିତ ଥିଲା । 'ଦିଗଂତ' ପତ୍ରିକାରେ ଧାରାବାହିକ ଭାବେ ଅଧ୍ୟାପକ ଡ଼ଃ ଜାନକୀବଲ୍ଲଭ ମହାଂନ୍ତିଂକ (ଭରଦ୍ୱାଜ) ଦ୍ୱାରା ତାହାର ସଂପାଦନା କରାଇ ତାର ସଟୀକ-ପାଠ ପ୍ରକାଶ କରାଯାଇ ଥିଲା । ଏଇପରି ତାଂକର ଆଉ କେତେକ ରଚନା ଅପ୍ରକାଶିତ ଅଛି । ମାତ୍ର ସେଥିପ୍ରତି କାହାରି ଦୃଷ୍ଟି ନାହିଁ । ଏହା ପ୍ରକୃତରେ ଦୁର୍ଭାଗ୍ୟର ବିଷୟ । ସ୍ୱାମୀ-ସ୍ତ୍ରୀର ପ୍ରେମ ଓ ସଂଭୋଗ ଉପେଂନ୍ଦ୍ର କାବ୍ୟର ମୂଳକଥା ।

"ସ୍ମୃତି ଶାସ୍ତ୍ର ଯାର ପଢ଼ା ନାହିଁ ଯାଗ କରୁଥାଂନ୍ତି କାହିଁପାଇଁ ?
ତହିଁ ଭୋଗସ୍ରକ ଚଂଦନ ବନିତା ଜୀବଗଲେ ସେ ପ୍ରାପତ ହୋଅଇ ।
ସ୍ୱର୍ଗ ଯାଇ କେଉଁ ଭୋଗ ହେବ, ମୀରାରେ ମୋକ୍ଷଣ ଅଛି ଭାବ,
ସୁତନୁ ଜାନୁ ସିଂହାସନ କି ତହିଁ ମନୋରମ ହୋଇ ସ୍ଥାନ ଥିବ ?"

ଜୀବନକୁ ଏଇ ସଂସାର ମଧ୍ୟରେ କିପରି ଉପଭୋଗ କରିହେବ ଭଂଜକବି ତାଂହର ମାର୍ଗଦର୍ଶନ ଦେଇ ଯାଇଛଂନ୍ତି । ସ୍ୱର୍ଗକୁ ଯାଇ କଣ ହେବ ? ପ୍ରିୟାର ନୀବୀ ମୋଚନ ଆନଂଦଠାରୁ କଣ ତାହା ଅଧିକ ଆନଂଦ ଦେଇ ପାରିବ ? ପ୍ରିୟାର

ଜାନୁ ସିଂହାସନଠାରୁ କଣ ଇନ୍ଦ୍ରାସନ ବଡ଼ ହୋଇପାରବ ? ସେ ସ୍ୱର୍ଗକୁ ମର୍ତ୍ତ୍ୟରେ କଳ୍ପନା କରି ଲେଖିଛନ୍ତି—

ମହାସୁଖ ନାହିଁ ଦଂପର୍ତ୍ତିରୁ      କି କାର୍ଯ୍ୟ କୁବେର ସଂପତ୍ତିରୁ
ଜୀବନ ଯିବାର ବଡ଼ ତ ନୁହଇ
ଯୁବାଙ୍କୁ ଯୁବତୀ ବିଚ୍ଛେଦରୁ ।
ପରମ ପଦାର୍ଥ ପୀରତିରୁ      ବଡ ସୁଖ ନାହିଁ ସୁରତିରୁ
ନାହିଁ ନଥିବ ନୋହିବ ସର୍ବମତେ
ତହିଁକି ପ୍ରତି କାରଣ ଖିରୁ ।
ରତି ବୋଲି ଯେଉଁ ଦୁଇ ଅକ୍ଷର      ପାଶୋର ଯିବାକୁ ସେ ପଂଚଶର
ନିଜ ବଲ୍ଲଭୀ ନାମ ତା ଦେଇଚ,
ଏଣୁ ସେ ନାଗର ଗହ୍ୱଣ ସାର ।
ପରାଶର ପରି ଋଷି ଯହିଁ      ଅଦ୍ଭୁଷ୍ଟରାଜାରେ ଦେଲେ ମୋହି
ନବଯୌବନୀ ବନିତା ଗୃହିଁ ।
ଧୈର୍ଯ୍ୟ ଧରୁକେ ଅବମୀଜ ହୋଇ ।

ପୁଣି—

ଯୁବତୀ ସଂଗେ ବିହାର ନାହିଁ, ବିଚ୍ଛେଦ ଯାହାର
ଧିକ ଜୀବନ ତାହାର ହେଉ ସଂହାର ।
ଓଷ୍ଠେ ସୁଧା ସୁତେହାର ଥାଉ ଅମରେ ନିହାର—
କରି କରଂତି ଆହାର, ତାଂକୁ ଜୁହାର;
ତାଂକ ଶକ୍ତି ସୃଷ୍ଟି ବାହାର
ବାଳାବାହୁ ଥାଉ ଗଳେ ବହଂତି ହାର ।

ଉପେନ୍ଦ୍ର ଭଂଜ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ନାୟିକାର ରୂପ-ଲାବଣ୍ୟ ସହିତ ହରଲୀଳା, ରାମଲୀଳା, ଓ କୃଷ୍ଣଲୀଳାର ତୁଳନା କରିଛନ୍ତି ।

## ରାମଲୀଳା ସହିତ ନାୟିକାର ତୁଳନା

କଳ୍ପ କି ସୃଷ୍ଟି କିଛି ନ ହୁଡ଼ିଲା
ହରଲୀଳା ଏ ରୂପେ ନିବାଢ଼ିଲା ।
ସୁଗ୍ରୀବରେ ସେ ଚନ୍ଦନ ମିଶ୍ରିତ
ରାମ-ଲକ୍ଷ୍ମଣ ମୁଖେ ପ୍ରଶଂସିତ । ୧୫ ।

କାଶିତ ଚନ୍ଦ୍ରହାସ-ଝଳକ
　　　　　　　　ମନ୍ଦୋଦରୀ-ବର ଶକ୍ତି ତିଳକ
ମେଘନାଦ ଶିଖା ଲକ୍ଷ୍ୟ ଝଳକ
　　　　　　ଦକ୍ଷ ଧରି ସେ ସୁମନା-ବଳୀକ । ୧୬ ।
ସଦା ଅଙ୍ଗଦ ବାହୁରେ ବିହରେ
　　　　　　　　କୁଚ-କୁମ୍ଭ ଉନ୍ନତି ଚିତ୍ତ ହରେ
ଏଣୁ କରି ପୁଷ୍ପ ଲଙ୍କା କମ୍ପନ
　　　　　　ଏ ତ କଳଙ୍କ କଥା ଉଦ୍ଦୀପନ । ୧୭ । (ଅସ୍ତୁ ଛାନ୍ଦ)

(ରାମ ଅବତାରରେ ହରି (ଶ୍ରୀ ରାମଚନ୍ଦ୍ର) ସୁଗ୍ରୀବ ଓ ଚନ୍ଦନ ନାମକ ଦୁଇ ମାଙ୍କଡ଼ଙ୍କ ସଙ୍ଗେ ବନ୍ଧୁତା କରିଥିଲେ । ଏ ଦୁହେଁ ରାମଙ୍କର ପ୍ରଶଂସା କରୁଥିଲେ । ନାୟିକାର ସୁଗ୍ରୀବ (ଉତ୍ତମଗ୍ରୀବା) ଚନ୍ଦନ ମିଶ୍ରିତ ହୋଇ ଶୋଭା ପାଇଲା ଏବଂ ମୁହଁରେ ଚନ୍ଦନ ବୋଳା ହେବାରୁ ମୁହଁ ଲକ୍ଷ୍ମଣ (ଚନ୍ଦ୍ର) ପରି ରାମ (ଶୋଭା) ଯୁକ୍ତ ହେଲା ।

ମନ୍ଦୋଦରୀ-ବର (ରାବଣ) ଚନ୍ଦ୍ରହାସ (ଖଣ୍ଡା ଝଲକ) ଓ ଶ୍ରେଷ୍ଠ ଶସ୍ତ୍ରରେ ପ୍ରକାଶିତ ହୋଇଥିଲା । ମେଘନାଦର (ଇନ୍ଦ୍ରଜିତ) ଶିଖାଝଳକୁ (ମୁକୁଟ ପ୍ରଭା) ତୁଳନା ନଥିଲା । ସେ ମଧ୍ୟ ସୁମନା (ଦେବତାଙ୍କୁ) ମାନଙ୍କୁ ଧରି ନେବାକୁ ଦକ୍ଷ ଥିଲା । ପୁଣି, ମନ୍ଦୋଦରୀ-ବର (ଶ୍ରେଷ୍ଠା କ୍ଷୀଣୋଦରୀ) ନାୟିକା ଶକ୍ତିଶସ୍ତ୍ର ପରି କପାଳରେ ତିଳକଚିହ୍ନ ଦେଉଥିଲା । ଏହାର ଶିଖା (କେଶପାଶ) ସହ ମେଘନାଦ (ମୟୂର) ଲକ୍ଷ୍ୟହେଲା । ) ପୁଣି ସେଇ ମୟୂର ସଦୃଶ ଝଳିଥିବା କେଶ ସୁମନା-ବଳୀକୁ (ପୁଷ୍ପାବଳୀ) ଧରିବାକୁ ଦକ୍ଷ ହେଲା ।

ଅଙ୍ଗଦ ସର୍ବଦା ବାହୁବଳରେ ବିହାର (କ୍ରୀଡ଼ା) କରୁଥିଲା । କୁମ୍ଭକର୍ଣ୍ଣ ଉଚ୍ଚତାରେ ସମସ୍ତଙ୍କ ଚିତ୍ତ ହରଣ କରୁଥିଲା । କନ୍ୟାର ବାହୁରେ ସର୍ବଦା ଅଙ୍ଗଦ (ଅଳଙ୍କାର ବିଶେଷ) ବିହାର କଲା ବା ରହିଲା । କୁଚକୁମ୍ଭ ଉଚ୍ଚତାରେ ମନହରଣ କଲା । ଲଙ୍କାରେ ପୁଷ୍ପକ ବିମାନ କମ୍ପୁଥିଲା । ଦେବତାମାନଙ୍କ ବିମାନ ଅସୁର କବଳରେ ରହି କମ୍ପୁଥିଲା । ମେଘନାଦ ଦ୍ୱାରା ଧୃତ ହୋଇ ଦେବତାମାନେ ମଧ୍ୟ କମ୍ପୁଥିଲେ । କୁମାରୀ କେଶରେ ପୁଷ୍ପଲଙ୍କା (ପୁଷ୍ପ ସମୂହ) କମ୍ପୁଥିଲେ ।) (ଓ.ସା.ଇ)

**କୃଷ୍ଣଲୀଳା :** କୃଷ୍ଣଲୀଳା ସହିତ ମଧ୍ୟ ନାୟିକାର ରୂପ ତୁଳନା କରାଯାଇଛି—

ନେଦେ ସୁଭଦ୍ରତ ହେବା କହୁଚି　　　　କୃଷ୍ଣ ଅର୍ଜୁନ ରଙ୍ଗ କରାଇଛୁ ।
ଭ୍ରୂଣ ଅଞ୍ଜନ କପାଳ କମାଣ　　　　　ବାଣ ପ୍ରୟୋଗ କଟାକ୍ଷ ପ୍ରମାଣ ।

କର୍ଣ୍ଣବଜ୍ର ମଲ୍ଲିକଢ଼ୀ ବହିଲା   ସୁତାଟଂକ ଅଢ଼ଣୀରେ ଶୋହିଲା ।
ଦ୍ରୋଣସୁତ ଉତ୍ତରହିଁ ବିଖ୍ୟାତ   କଲା କ ଉପଲକ୍ଷଣା ସାକ୍ଷାତ ।
—(କୋ.ବ୍ର ୩।୧୯)

(ମହାଭାରତରେ କୃଷ୍ଣ ଓ ଅର୍ଜୁନ ଯୁଦ୍ଧରଂଗ କରୁଥିଲେ । ଅର୍ଜୁନ ଧନୁ ଓ କୃଷ୍ଣଚଂଦ୍ର ଢାଲ ଧରି ଲଢ଼ୁଥିଲେ । ଦ୍ରୋଣସୁତ ଅଶ୍ୱତ୍ଥାମା ଓ ବିରାଟ ରାଜାଂକ ପୁତ୍ର ଉତ୍ତର ଏ ଦୁଇ ବୀର ବିଖ୍ୟାତ ହୋଇଥିଲେ । କନ୍ୟାର ଆଖିରେ କୃଷ୍ଣ, ଶ୍ୱେତ ଓ ରଂଗ (ଲାଲ) ବର୍ଣ୍ଣ ଲୀଳା କରୁଛି । ଚକ୍ଷୁର ଅଂଜନ ଧନୁର୍ଗୁଣ, ଭ୍ରୂଲ ଧନୁ, କଟାକ୍ଷ ଗୁଳନ ଅର୍ଜୁନଂକ ଧନୁ ଓ ବାଣ ସଂଗେ ସମାନ ହେଲା । ନାୟିକା କର୍ଣ୍ଣରେ ବଜ୍ରସମ ମଲ୍ଲୀକଢ଼ୀ ଓ ଢାଲ ସମ ତାଟଂକ ଶୋଭା ପାଇଲା । ଦ୍ରୋଣସୁତ (କୋଇଲ) ପରି ଉତ୍ତର (ବାକ୍ୟ) କହିବାରେ ବିଖ୍ୟାତ ହେଲା ।) (ଓ ସା ଇ)

ନାୟିକାର ଶୋଭାବର୍ଣ୍ଣନା—ନାରୀହିଁ ଉପେଂଦ୍ରଭଂଜଂକ ଔପନ୍ୟାସିକ କାବ୍ୟ-ଗୁଡ଼ିକର କେଂଦ୍ରବିଂଦୁ । ତା' ସହିତ ମୈଥୁନ ଜୀବନର ଏକମାତ୍ର କାମନା ଓ ସୁଖ ।

ସୁସ୍ୱର କରି ବାଗୀଶ୍ୱରୀ ଭଣି   ପ୍ରୟୋଜନ ଏଇ ପ୍ରୟୋଗଶ୍ରେଣୀ
କେଳି-ପ୍ରବୀଣା ବୀଣାଜିଣା ବାଣୀ   ଖଂଜନ ଗଂଜନ-ରଂଜନକ୍ଷଣୀ ।
ସୁରସ-ନିଧି ନିଧି ପ୍ରତିମା   ଗୁଣ-ନାଗରୀ-ନାଗରୀ ଉତ୍ତମା ।
ସଂସାରସାର ଲବଣୀ ସଦନା   କୁଂଦହରି କୁଂଦଜିତ ରଦନା ।
ସବିକାଶ କାଶ ନଂଦିତ ହାସୀ   ରାଜିତ ରାଜୀବ ଜିତ ସୁହାସୀ ।
ନବୀନାଠାରେ ଏ ବିନା ଉକ୍ତି   ଶୋଭିତ ଲୋଭିତ କେବେ ନୁହଂତି
(୮।୧୪)

ନାୟିକାର ପ୍ରଧାନ ଗୁଣ ମଧ୍ୟରେ 'କେଳି-ପ୍ରବୀଣା' 'ସୁରସ-ନିଧି ନିଧି-ପ୍ରତିମା' ଆଦି ଲକ୍ଷଣୀୟ । ସେ "ଅନଂଗ ଶାସ୍ତ୍ର ପୋଥି ନ ଛାଡ଼ନ୍ତି କରୁ, ଏକାଂତ ସ୍ଥାନେ ବସି ପଢ଼ଇ ଥିରୁ ।" ବସଂତ, ମଳୟ, ଚଂଦ୍ର ସମସ୍ତେ ସେଇ କାମ-ଲୀଳାର ଉଚାଟକ ଓ ସହାୟକ ।

"ଅତି ରହସ୍ୟ ବସଂତ ସମୟ ବିଚିତ୍ର ପ୍ରମେୟ ତାହାର
ମିତ୍ର ଅନଂଗକୁ ପ୍ରବଳ କରାଇ ଆଚରି ଚର୍ଯ୍ୟା-ବିହାର ।
ଆଗତେ ଆରୋହିଲା ନାଗେଶ୍ୱରକୁ ।
ହିତୁହିଜ ପଦ୍ମ ସେ ରଜ ଘେନିଲା ଗୃହିଁ ପ୍ରଫୁଲ୍ଲ କେଶରକୁ ।" ୬।୧

ନବଯୌବନା ସୁଂଦରୀ କଂଦର୍ପର ରୂପାସ୍ତ୍ର ପରି ଦେଖାଯାଉଛି । ସେ ପୁଷ୍ପବତୀ ହେବା ପରେ ସାତ ଦିନ କାଂତଗୃହରେ ରହିବା କଥାକୁ ଲକ୍ଷ୍ୟ କରି କବି ଲେଖିଛଂତି—

"କାଂତଗୃହେ ରଖିଲେ ଅନୁଗୁଣି
ବାଳା କାମଂକାଂତ ଏହା ବିଗ୍ରହ ।
ନୋହେ ଲେହ ଫୁଲ ଏଥୁ ବାହାର
ରୂପ ମୋହନାସ୍ତ୍ର ନଟେଷ୍ଟ ଏହାର ।
କାମରୂପାସ୍ତ୍ର ନୋହିଲେ କାହିଁକି
ଆଖୁଁ ଗୋଚର ଥିଲା ଏ ବିହୁକି ।
ଏବେ ଗୋଚର ହୋଇଲା କବିକି
ବର୍ଣ୍ଣିବାକୁ ତା ମଂଜୁଳ ଛବିକି ।"
(କୋ:ବ୍ର ୩।୪୦-୪୧)

ଏବଂ "ଭରା ଯୌବନ ସୃଷ୍ଟି ସଜାଡ଼ିଲା ଆଗ ଉପମା ସୃଷ୍ଟି ଉଜାଡ଼ିଲା ।
ଯୋଗୀ ସୃଷ୍ଟିରେ ପ୍ରଳୟ ବହିବ ଯୁବା ସୃଷ୍ଟି ଆଉ କେତେ ରହିବ ।"
(କୋ. ବ୍ର ୩।୨୦)

ସମସ୍ତ କିଛୁ କେବଳ ସେଇ ଗୋଟିଏ ଦୃଷ୍ଟିକୋଣ, ଗୋଟିଏ ମାନସ-ଭଂଗୀକୁ ପ୍ରତିଫଳିତ କରୁଚି । ନାରୀର ସାର୍ଥକତା କେବଳ 'କାମକାଂତ' ହେବାରେ । ଏହାହିଁ ଭଂଜକାବ୍ୟର ମୂଳସ୍ୱର ।

ନାରୀର କୌଣସି ଅଂଗକୁ ସେ ବର୍ଣ୍ଣନା ନକରି ଛାଡ଼ି ନାହାଂତି । ଏପରିକି ଲାବଣ୍ୟବତୀ ପୁଷ୍ପବତୀ ହେବା ପରେ ଭଂଜେ ତା'ର ଗୋପନ ଅଂଗ ଏବଂ ଶୋଣିତ ମଂଡଳର ମଧ୍ୟ ବର୍ଣ୍ଣନା କରିଛଂତି :—

ଶୁଣ ରସିକେ ନବ ଯଉବନୀ    ହୋଇ ବନିତା ମଂଡଳୀ ଅବନୀ । × ×
ଯାଇଁ ଏକାଂତେ ଯତ୍ନେ ରତ୍ନକେଶୀ    ଜଂଘା ସଂଧିରେ ସେ ଦୃଷ୍ଟି ନିବେଶି
ବିଂବ ସ୍ଫଟିକ ବାଡ଼ରେ ଯେସନ    ଫୁଲ ମଂଦାର ତେମଂତ ପ୍ରସନ୍ନ ।
ଚୂର୍ଣ୍ଣ ଭୂମିରେ ମଂଡଳ ଆକାରେ    ଦ୍ରାବି ହିଂଗୁଳ ଢାଳିଲା ପ୍ରକାରେ ।
ହେମ ପଦକରେ କାମ ବଣିକ    କଲା ନାୟକ ଦା ଦ୍ରବ୍ୟ ମାଣିକ୍ୟ ।
ଯୁବାଜନଙ୍କୁ ପାର୍ଶ୍ୱରେ ସଂକଳ୍ପ    କରେ କର, ବିଂବେ ନାହିଁ ବିକଳ୍ପ ।
ଯଉବନ ମାଳି ସ୍ତନ ଶଂଭୁରେ    ପୂଜାବିଧି ସାରି ଦ୍ରବ୍ୟ କଂବୁରେ ।
ପାରିଜାତ ପ୍ରସାଦ କି ଥୋଇଚି    ସେହି ପ୍ରକାରେ ରୁଚିର ହୋଇଚି ।
ବାଳଭାନୁ ଜାନୁ ଗିରି-ଗୁହାରେ    ସ୍ଥିତ ତା ଭାନୁ କି ଅଂଗ ବାହାରେ
ଅଧୋମୁଖରୁ ଶୋଣିତ ବମନ    କଚ୍ଛପ କି କରଇ ଯେନ ମନ ।

ଚନ୍ଦ୍ର ଯେଉଁପରି ନୀଳପଦ୍ମ କରେ ମାନସରେ ରତି ଜଘନ କେଶରାଜି ଶୋଭରେ ।
ନବନୀତରେ ସିନ୍ଦୂର ଗୋଳାଇଲି ଏଇ ଉପମାରେ ଚିତ୍ତ ବଳାଇଲି ।

(ଲାଃବ ୩ । ୧୬-୩୧)

ଅନେକେ ମନେକରିଥାଂନ୍ତି, 'ଉପେନ୍ଦ୍ର ଶୃଂଗାର ରସ ନାମରେ ଯାହା ବର୍ଣ୍ଣନା କରିଛଂନ୍ତି ତାହା ବୀଭତ୍ସ ।' ମାତ୍ର ଆର୍ତ୍ତବଲ୍ଲଭ ମହାନ୍ତି ବିଜୟଚନ୍ଦ୍ର ମଜୁମଦାର ପ୍ରମୁଖଂକର ଏଇ ମତ ଖଂଡନ କରିଛଂନ୍ତି । ତାଂକ ମତରେ ସ୍ଥାନେ ସ୍ଥାନେ ବର୍ଣ୍ଣନାରେ ଅଶ୍ଳୀଳତା ରହିବା ଯୋଗୁ ଯଦି ଶୃଂଗାର ବୀଭତ୍ସରେ ପରିଣତ ହୁଏ, ତେବେ ଭାରତର ପ୍ରାୟ ସମସ୍ତ ସଂସ୍କୃତ ଓ ପ୍ରାକୃତ କାବ୍ୟମାନଂକରେ ନାୟକର ନାୟିକା ପ୍ରତି ପ୍ରୀତିକୁ ଏଇ ଦୋଷରେ ଦୁଷ୍ଟ ବୋଲି କହିବାକୁ ହେବ । *

ସେ ଯାହାହେଉ ଭଂଜ ଓ ରୀତିଯୁଗୀୟ କବିମାନଂକର ପ୍ରଧାନ ଉପଜୀବ୍ୟ ରସ ହେଲା ଶୃଂଗାର । ଏହାର ସ୍ଥାୟିଭାବ ରତି । ଆଲଂବନ ସ୍ତ୍ରୀ ପୁରୁଷ । ଉଦ୍ଦୀପନ ବସଂତାଦି ଋତୁ, ମାଲ୍ୟ, ଅନୁଲେପନ, ଅଳଂକାର, ଚଂନ୍ଦ୍ର, ଚଂନ୍ଦ୍ରିକା, ଚଂଦନ, ମଳୟ ଇତ୍ୟାଦି । ଅନୁଭାବ—ନୟନଚାତୁରୀ, ଭ୍ରୂକ୍ଷେପ, କଟାକ୍ଷ, ଲଳିତ ମଧୁର ଅଂଗ ବିକ୍ଷେପ, ମୁଖାବଲୋକନ, ଗୁଣଶ୍ରବଣ, ଗୁଣବର୍ଣ୍ଣନା, ସ୍ତଂଭସ୍ୱେଦାଦି । ବ୍ୟଭିଚାରୀ—ଉଗ୍ରତା, ମରଣ, ଆଳସ୍ୟ ଓ ଜୁଗୁପ୍ସା ବ୍ୟତୀତ ଅନ୍ୟ ସମସ୍ତ ଭାବ ।

ଶୃଂଗାର ଦୁଇ ପ୍ରକାର । ସଂଭୋଗ ଓ ବିପ୍ରଲଂଭ । ବିପ୍ରଲଂଭ ଶୃଂଗାରରେ ଅନୁଭାବ—ନିର୍ବେଦ, ଗ୍ଲାନି, ଶଂକା, ଅସୂୟା ଔତ୍ସୁକ୍ୟ, ନିଦ୍ରା, ସ୍ୱପ୍ନ, ବ୍ୟାଧି, ଉନ୍ମାଦ ଇତ୍ୟାଦି । ଏହାର ବର୍ଣ୍ଣ ଶ୍ୟାମଳ । ଅଧିଷ୍ଠାତା ଦେବତା ବିଷ୍ଣୁ ।

ବୀଭତ୍ସ ରସର ସ୍ଥାୟିଭାବ ଜୁଗୁପ୍ସା । ଅହୃଦ୍ୟ ଓ ଅପ୍ରିୟ ଦର୍ଶନ, ଅନିଷ୍ଟ ଶ୍ରବଣ, ଦର୍ଶନ ଓ ପରିକୀର୍ତ୍ତନ ଆଦି ବିଭାବ । ଶବ ଆଲଂବନ । ଅଂତବିଦାରଣାଦି ଉଦ୍ଦୀପନ । ଅନୁଭାବ—ସର୍ବାଂଗବିକ୍ଷେପ, ମୁଖନେତ୍ର ଘୂର୍ଣ୍ଣନ, ହୃଲ୍ଲେଖ, ନିଷ୍ଠୀବନ, ଉଦ୍‌ବେଜନ । ବ୍ୟଭିଚାରୀ—ଅପସ୍ମାର, ମୋହ, ବ୍ୟାଧି, ମରଣ । ଏହାର ବର୍ଣ୍ଣ ନୀଳ । ଦେବତା ମହାକାଳ । *

## ଆଂଗିକ ଓ ଅଳଂକାର

ଭଂଜ ତଥା ରୀତିଯୁଗୀୟ କାବ୍ୟରେ ଯମକ, ଅନୁପ୍ରାସ, ଶୃଂଖଳା, ପଦାନୁପ୍ରାସ, ଦ୍ୱିରୁକ୍ତି, ପଠିତ, ଶ୍ଳେଷ, ଚିତ୍ରାଂଳକାର, ବର୍ଣ୍ଣଚିତ୍ର, ଆକାଂକ୍ଷା ବା ବଂଧଚିତ୍ର,

* ପ୍ରାଚୀ ସଂସ୍କରଣ 'ଲାବଣ୍ୟବତୀ'ର ମୁଖବଂଧରୁ ।

ଗତିଚନ୍ଦ୍ର, ଗୋମୂତ୍ର, ବାକ୍ୟୋବାକ୍ୟ, ପ୍ରହେଳିକା (ଦଣ୍ଡାକ୍ଷର, ତ୍ର୍ୟକ୍ଷର, ଇତ୍ୟାଦି) ଅକ୍ଷର ମୁଷ୍ଟି, ବିନ୍ଦୁମତୀ ପ୍ରଭୃତିର ବହୁଳତା ଦେଖାଯାଏ ।

ଅଳଂକାର (ଶବ୍ଦାଳଂକାର, ଅର୍ଥାଳଂକାର ଏବଂ ଶବ୍ଦାର୍ଥ ଉଭୟ ଅଳଂକାର) ପ୍ରଭୃତିର ପ୍ରାଚୁର୍ଯ୍ୟ ମଧ୍ୟ ଏହି କାବ୍ୟର ଅନ୍ୟତମ ବୈଶିଷ୍ଟ୍ୟ ।

ଓଡ଼ିଆ ପ୍ରାକୃତରେ ଯେ ସଂସ୍କୃତ ଅଳଂକାର-କାବ୍ୟ ପରି ଉଚ୍ଚାଙ୍ଗ କାବ୍ୟ ରଚନା କରାଯାଇପାରେ, ଏ-ଦିଗରେ ପ୍ରଥମେ ସଫଳ ପରୀକ୍ଷା ଚଳାଇଛନ୍ତି କବି ଉପେନ୍ଦ୍ର ଭଞ୍ଜ ଏବଂ ଆଶାତୀତ ସାଫଲ୍ୟ ମଧ୍ୟ ଲାଭ କରିଛନ୍ତି । ତେଣୁ ତାଙ୍କୁ ଓଡ଼ିଆ ସାହିତ୍ୟର ଗୋଟିଏ ଯୁଗର ପଥିକୃତ୍ କବି କୁହାଯାଇ ପାରେ ।

ସାଧୁ ତତ୍ସମ ଓ ତଦ୍ଭବ ଶବ୍ଦ ସଙ୍ଗେ ଦେଶୀ ପ୍ରାକୃତ ଶବ୍ଦମାନଙ୍କର ରସ ଓ ଧ୍ୱନିଗତ ସମନ୍ୱୟ ଭଞ୍ଜଙ୍କ ରଚନାରେ ଯେପରି ନୈପୁଣ୍ୟ ସହକାରେ ଦେଖାଯାଏ ତାହା ଅନ୍ୟତ୍ର ବିରଳ । ଯଥା :—

ଭଞ୍ଜ ଓ ବିନାଶ ନାସା ଶ୍ରବଣ ସୂର୍ପଣଖା ପ୍ରବେଶ ଲଙ୍କାର ।
ରାଧାନାଥ ବୃକ୍ଷ ପାଚିଲରୁ ଫୁଲ ଛାଡ଼ିଦେଇ ଉଡ଼ି ଯାଇଚି କି କୀର । (ବୈ.ବି)

(କିମ୍ବା) ବର୍ବର ନୁହେ ମୁଁ ବୀର ବୋଇଲା ତହୁଁ ଧୀବର
ଶୁଣିଛିଲିଣି ପଥରେ ପଥର ଅବଳା,
ବାଲପଣ୍ତ ତୋ ଚରଣୁ ଆଶଙ୍କା ଉପୁଜେ ତେଣୁ
ନଉକା ନାୟିକା ହେଲେ ବୁଡ଼ିବ ଭେଳା ।
ବୃତ୍ତି ଏ ମୋ ପୋଷେ କୁଟୁମ୍ବ
ବସାଇ ନ ଦେବି ପାଦ ନ ଧୋଇ ନାବ । (ବୈ ବି)

କିମ୍ବା 'ବକେ ବସିଥିଲା ଧ୍ରୁବ ଉପର

ରାଧାନାଥ କିନ୍ତୁ ଏ ସମନ୍ୱୟ ରକ୍ଷା କରିପାରିଲେ ନାହିଁ । ତାଙ୍କର ରଚନାମାନଙ୍କରେ ସାଧୁ ତତ୍ସମ ଶବ୍ଦ ସଙ୍ଗେ କଥିତ ଶବ୍ଦର ସମନ୍ୱୟ ଯେପରି ଦେଖା ଯାଏ ନାହିଁ କହିଲେ ଚଳେ । ଭଞ୍ଜଙ୍କ ମାଲ ଯମକର ଉଦାହରଣ :

ବହଇ ନିର୍ଝର ଝର ଝର ଅବିରତ
ବିଶେଷ ତରଙ୍ଗ ରଙ୍ଗ ରଙ୍ଗିଣୀ ଶୋଭିତ ଯେ
ବହି ଚନ୍ଦ୍ର ଚନ୍ଦ୍ର ଚନ୍ଦ୍ର ଶୀତଳକୁ ବାତ
ବହେ ମନ୍ଦ ମନ୍ଦ ମନ୍ଦସୁତ କରେ ଚୂତ ଯେ । ବୈ.ବି ୧୯

ଶୃଙ୍ଖଳାଯମକ : ବୋଧେ ଶୃଙ୍ଖଳାରେ ରଘୁନାଥ ସୀତା ମତି
ବିଚିତ୍ର ଚିତ୍ରକୂଟ ଯେ କୁଟକେ ବ୍ରତତି ଯେ

ବ୍ରତତୀତତି ଜୟନ୍ତୀ ଅନ୍ତରୀ ବାସନ୍ତୀ
ବାସନ୍ତୀ ସହିତରେ ଫୁଲ୍ଲ ଫୁଲରେ ସ୍ତ୍ରବର୍ତ୍ତି ଯେ । ବୈ ଶ୍ରି
ସିଂହାବଲୋକନ : ବୋଧନ୍ତି ଗ୍ରାମ ସିଂହାବଲୋକନେ ଅବଳା
ବଳାକା ପଂତି କରନ୍ତୁ ଧୂ ବକ୍ଷୁ ଧବଳା ଯେ ।
ବଳାଇ ମାନସ ମାନ ମାନ ଅବା ତ୍ରାଣବନ୍ଧୁ
ବନ୍ଧୁଙ୍କ ରଂଜନ ଅତି ରଂଗ ନିରବଧ ଯେ । ବୈ ଶ୍ରି

ଏଇପରି ସମସ୍ତ ପ୍ରକାର ଯମକ, ଅନୁପ୍ରାସ, ଶୃଂଖଳା ଶ୍ଳେଷ, ଗତିଚିତ୍ର, ଚିତ୍ରାଂଲକାର ଭଂଜେ ବ୍ୟବହାର କରିଯାଇଛନ୍ତି ।

## ରୀତି-କାବ୍ୟରେ ମୂଲ୍ୟବୋଧ

ସବୁ ରୀତି-କାବ୍ୟର ମୂଲ୍ୟବୋଧ ସମାନ ନୁହେଁ । ତେବେ ଅଳଂକାର-ପ୍ରାଚୁର୍ଯ୍ୟ ଓ ଶୃଂଗାର ରସର ପ୍ରାଧାନ୍ୟ ପ୍ରାୟ ପ୍ରତି କାବ୍ୟରେ ଦେଖାଯାଏ । କାବ୍ୟ-ଲକ୍ଷ୍ମୀଙ୍କର ସ୍ୱକୀୟ ସୌନ୍ଦର୍ଯ୍ୟ ଅଳଂକାରର ବାହୁଲ୍ୟରେ ପ୍ରାୟ ଉପଲବ୍ଧି କରିହୁଏ ନାହିଁ । ବିଷୟବସ୍ତୁରେ ବୈଚିତ୍ର୍ୟ ବିଶେଷ କିଛି ନାହିଁ । କୁମାର-କୁମାରୀ ବା ରାଧା-କୃଷ୍ଣଙ୍କର ପୂର୍ବରାଗ, ପ୍ରଣୟ, ବିଚ୍ଛେଦ, ମିଳନ ଓ ରତିକ୍ରୀଡ଼ା ସମସ୍ତ ପୌରାଣିକ ଏବଂ ଔପନ୍ୟାସିକ (ଆର୍ତ୍ତବାବୁ ଭଂଜଂକ କାଳ୍ପନିକ କାବ୍ୟକୁ 'ଔପନ୍ୟାସିକ' କହିଛନ୍ତି) କାବ୍ୟର କଥାବସ୍ତୁ । ନାୟିକର ଶୋଭା ବର୍ଣ୍ଣନା, ଗୁଣ ବର୍ଣ୍ଣନା, ପ୍ରେମ ଓ ଉଦ୍ଦୀପନ (ବସନ୍ତ, ମଳୟ, ଚନ୍ଦ୍ର) ପ୍ରତ୍ୟେକ କାବ୍ୟରେ ପୂରି ରହିଛି । ଗୁଣ ବର୍ଣ୍ଣନାରେ 'କେଳି-ପ୍ରବୀଣା' 'ସୁରସ-ନିଧି ନିଧି ପ୍ରତିମା', 'ଗୁଣ-ନାଗରୀ-ନାଗରୀ ଉତ୍ତମା', 'ସଂସାରସାର ଲାବଣ୍ୟ ସଦନା' ପ୍ରଭୃତି ବିଶେଷଣ ଭଂଜେ ପ୍ରଚୁର ପରିମାଣରେ ପ୍ରୟୋଗ କରିଛନ୍ତି । ମୋଟ ଉପରେ ଦୈହିକ ମିଳନ ଓ ତଜ୍ଜନିତ ସୁଖହିଁ ରୀତିକାବ୍ୟର ପ୍ରଧାନ ମୂଲ୍ୟବୋଧ—ଏହା କେଉଁଠି ସ୍ୱକୀୟା ଏବଂ କେଉଁଠି ପରକୀୟାକୁ ଆଶ୍ରୟ କରି ଗଢ଼ି ଉଠିଛି ।

### ମାଧୁର୍ଯ୍ୟ-ରସ

କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ଓ ଅଭିମନ୍ୟୁ ସାମନ୍ତସିଂହାର ଉଭୟେ ମାଧୁର୍ଯ୍ୟ ରସର କବି । ଏମାନେ ଭଂଜଙ୍କର ଉତ୍ତରସୂରୀ । ଉପେନ୍ଦ୍ର ଭଂଜଂକ ନାୟିକା ସ୍ୱକୀୟା । ମାତ୍ର ବ୍ରହ୍ମା ଓ ସାମନ୍ତସିଂହାରଂକ ନାୟିକା ପରକୀୟା । କବିସୂର୍ଯ୍ୟ ବ୍ରହ୍ମା 'ଯୁଗଳରସାମୃତ ଲହରୀ' ଓ 'ପ୍ରେମ-ତରଙ୍ଗିଣୀ'ରେ କାନ୍ତାଭାବର ଶ୍ରେଷ୍ଠତ୍ୱ ପ୍ରତି-ପାଦନ କରିଛନ୍ତି ।

“ଘୂର୍ଣ୍ଣାୟମାନ ନୟନ ଦୁହେଁ ରସାଳସେ
ଅନ୍ୟାନ୍ୟରେ ପ୍ରାପ୍ତି ଲୋଭ ପରକୀୟା ରସ ଯେ ।
ଅପ୍ରାକୃତ ଅନଙ୍ଗରେ ପୀଡ଼ିତ ହୃଦୟ
ମହାଭାବ ରୂପା ରସ ରାଜା ଜୟ ଜୟ ।”

**ଅଭିମନ୍ୟୁ ସାମନ୍ତସିଂହାର**

ଅଭିମନ୍ୟୁ ରାଧା-କୃଷ୍ଣଙ୍କୁ ‘ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧା ହରି” ରୂପେ ବର୍ଣ୍ଣନା କରିଛନ୍ତି ଏବଂ ତାଙ୍କର ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କରିବା” ପାଇଁ ସେ ଦୁହେଁ ମର୍ତ୍ତ୍ୟରେ ଅବତାର ଗ୍ରହଣ କରିଛନ୍ତି ବୋଲି କହିଛନ୍ତି ।

‘ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧା ହରି, ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କରି ଅବତରି । ଆଦି ଅନାଦି କାରଣ ନିର୍ଗୁଣ ସଗୁଣ, ଆତ୍ମାରାମ ସନାତନ ବ୍ରହ୍ମ ନିରୂପଣ ।’ (ବିଦଗ୍ଧ ଚିନ୍ତାମଣି)

ସେ ନିତ୍ୟରେ ଈଶ୍ୱର ହେଲେ ମଧ୍ୟ ଲୀଳାରେ ‘ଈଶ୍ୱରଙ୍କଠୁ ସ୍ୱତନ୍ତ୍ର’ । ଅଭିମନ୍ୟୁ ଅପ୍ରାକୃତ ପ୍ରେମଲୀଳାକୁ ଅଦ୍ଭୁତ ମାନବୀୟ ଆବେଗରେ ଭରି ଦେଇ ସହଜ ଓ ରସସ୍ନିଗ୍ଧ କରି ପାରିଛନ୍ତି ।

ଅଭିମନ୍ୟୁଙ୍କ କାବ୍ୟରେ ମଧ୍ୟ ଶୃଙ୍ଗାର ରସ, ବିଶେଷ କରି ରତିଲୀଳାର ପ୍ରାବଲ୍ୟ ଦେଖାଯାଏ । ତାଙ୍କ ବି.ଚି. ରେ ରାଧା ତଥା ଗୋପୀମାନଙ୍କ ସହ କୃଷ୍ଣଙ୍କ ପ୍ରୀତି ବିଷୟରେ କହିବାକୁ ଯାଇ ଆର୍ତ୍ତବଲ୍ଲଭ ମହାନ୍ତି ଆକ୍ଷେପ କରିଛନ୍ତି : “ଓଡ଼ିଆ ସାହିତ୍ୟରେ ଏଭଳି ଅତ୍ୟଧିକ ପ୍ରଚଣ୍ଡ କ୍ରିୟାତ୍ମକ ରଚନା ସମୀଚୀନ ନୁହେଁ” । ତାଙ୍କ ମତରେ ‘ପ୍ରୀତି ଅବୈଧୀ ହେଲେ ରସରେ ବାଧା ଜନ୍ମେ ।’

କିନ୍ତୁ ବୈଧୀ ପ୍ରୀତି ବା ସ୍ୱକୀୟା ସହ ରତିକ୍ରୀଡ଼ା ଯଦି ଅତ୍ୟଧିକ ଦେହ-ତାପ-ତପ୍ତ ହୁଏ ତେବେ ତାହା ମଧ୍ୟ ରସରେ ବାଧା ସୃଷ୍ଟି କରିଥାଏ । ଏହାର ଉଦାହରଣ ଭଞ୍ଜଙ୍କ କାବ୍ୟ-କବିତାରେ ଅଭାବ ନାଇ । ‘ବିଦଗ୍ଧ ଚିନ୍ତାମଣି’ର ୩୪ଶ ଛାନ୍ଦଟି ବିଜୟଚନ୍ଦ୍ର ମଜୁମଦାର ତାଙ୍କ ‘ଓଡ଼ିଆ ସାହିତ୍ୟର ପରିଚୟ’ ଗ୍ରନ୍ଥରେ ସନ୍ନିବେଶିତ କରିଛନ୍ତି । ଆର୍ତ୍ତବଲ୍ଲଭ କହନ୍ତି ‘ସେ ଛାନ୍ଦଟି ଯେପରି ଅଶ୍ଳୀଳ ସେପରି ଅଶ୍ଳୀଳ ପଦାବଳୀ ଅନ୍ୟତ୍ର ବିରଳ ।’ (ଲାବଣ୍ୟବତୀ—ମୁଖବନ୍ଧ, ପ୍ରାଚୀ ସଂସ୍କରଣ)

(ଅବନା) ମଦମତ୍ତ ଉନ୍ମତ୍ତ ଗଜମସ୍ତକ
ବତ ଉଲଟ ତବଲ ରମ୍ୟ ମଣ୍ଡପ ତ ସତ ।
ଦଣ୍ଡ ଶଠ ବରକତ ବନଧର ଯନୁ ପ୍ରକଟ କନକ ଘଟ ଘଟନତ ସ୍ତନ ।

(ବନା) ଧୀରେ ଧୀରେ ବେଲେ ଦେବରେ ସ୍ତୁତିକି ମୋ ଯୋଖି
ଦଶ ଦଶେ ଆସୁ ନାହିଁ କ୍ଷ ଦୋଷେ ସୁମୁଖୀ ।
ଚରଣ ଶରଣ ରଣରଣ ଦରହର ।
ଯତନେ ରତନ ଘନ ସ୍ତନ ତ ରଂକର ।
ଅଂଗ ଅନଂଗର ଶର ସଦନ ତ ସତ ।
ନୟନ ଦର୍ଶନ ଜନରଂଜନ ସତତ । (ସମସ୍ୱର ନବରୋଷ୍ଟକ)

.... .... ....

ଅବ୍ଜ ରସଭୋଗୀ ହେବେ ଭ୍ରମର ଚକୋର
ଅବଜ ସୁଜନେ ଶୋଭନ ହେବେ ହର୍ଷପୁର ।
ଅରୁଣ ଲୋକନେ ମୁଦ୍ର କୁମୁଦ ହୋଇବ
ବିପକ୍ଷିତ କଥାରେ ସୁଗତି ନମିଳବ । (ବ ଚ ୩୪)

ଲୌକିକ ଯୌନ-ସଂଭୋଗ ସହିତ ଅଲୌକିକ ରାଧାକୃଷ୍ଣ ପ୍ରେମଲୀଳାର ସଂଯୋଗ ଘଟାଇ ସାମଂତସିଂହାର ତାଂକର କାବ୍ୟ ଜଗତ ସୃଷ୍ଟି କରିଛଂତି ।

## ଯମକ, ଅନୁପ୍ରାସ, ଶ୍ଳେଷ, ଶୃଂଖଳା

ରୀତି-କବିମାନେ ପ୍ରଚୁର ଯମକ, ଅନୁପ୍ରାସ, ଶ୍ଳେଷ, ଶୃଂଖଳା ଆଦି ଅଳଂକାର ନିଜ ନିଜ କାବ୍ୟରେ ବ୍ୟବହାର କରିଛଂତି ।

**ଯମକ :** ଭରତଂକ ମତରେ ଶବ୍ଦର ଅଭ୍ୟାସରେ ଯମକ ହୁଏ । ଯେଉଁଠି ଦୁଇଟିଯାକ ଗୋଟିଏ ଅର୍ଥଯୁକ୍ତ ପଦ ହୁଅଂତି ସେଠି ଲାଟାନୁପ୍ରାସ ହୁଏ । ବର୍ଣାନୁପ୍ରାସରେ କେବଳ ବ୍ୟଂଜନର ଆବୃତ୍ତି ହୁଏ, ମାତ୍ର ଯମକରେ ସ୍ୱର ଓ ବ୍ୟଂଜନ ଉଭୟର ଆବୃତ୍ତି ହୁଏ । ଓଡ଼ିଆ ସାହିତ୍ୟରେ ପ୍ରଚଳିତ ଯମକମାନଂକ ମଧ୍ୟରେ ଏକାକ୍ଷର ଯମକ, ଦ୍ୱିବର୍ଣାଦ୍ୟ ଯମକ, ଦ୍ୱଂଦ୍ୱାଦ୍ୟ ଯମକ, ଦ୍ୟୁରୁକ୍ତ ଯମକ, ଅନୁଚ୍ଛଂଦ ଯମକ, ସମପାଦ ଯମକ, ଧ୍ୱନି ଯମକ, ଆଦି, ମଧ୍ୟ, ଆଦ୍ୟଂତ ଯମକ, ଆଦି-ମଧ୍ୟ ଯମକ, ମଧ୍ୟ-ଅଂତ ଯମକ, ମାଳ ଯମକ, ସର୍ବ ଯମକ, ମହାଯମକ, ନିୟମ ଯମକ । ଭଂଜଂକ ମହାଯମକ ସାମଂତସିଂହାରଂକଠାରୁ ପୃଥକ ।

**ଶୃଂଖଳା :**—ଯମକପ୍ରାଂତ ଶଂଖଳା, ସିଂହାବଲୋକ, ଚକ୍ରସିଂହାବଲୋକନ, ମଂଡୁକପ୍ଲୁତ ଶୃଂଖଳା, ଗଂଗାସ୍ରୋତାଧିକାର ଶୃଂଖଳା, ସର୍ବାଂଗପାଦ ଶୃଂଖଳା, ଇତ୍ୟାଦି ଉଲ୍ଲେଖଯୋଗ୍ୟ ।

**ଅନୁପ୍ରାସ** :—ସ୍ୱରର ସମତା ନ ଥାଇ ଅନତିଦୂରସ୍ଥ ବର୍ଣ୍ଣଙ୍କର ସାମ୍ୟକୁ ଅନୁପ୍ରାସ କହନ୍ତି । ଦଣ୍ଡୀଙ୍କ ମତରେ ଏହା ଦ୍ୱିବିଧ ଯଥା ବୃତ୍ତ୍ୟାନୁପ୍ରାସ, ଶ୍ରୁତ୍ୟାନୁପ୍ରାସ । ସାହିତ୍ୟ ଦର୍ପଣକାରଙ୍କ ମତରେ ଏହା ଷଡ଼ବିଧ—ଶ୍ରୁତି, ବୃତ୍ତି, ବର୍ଣ୍ଣ, ପଦ, ଦ୍ୱିରୁକ୍ତ ଓ ଲାଟ ଅନୁପ୍ରାସ । ଶ୍ରୁତ୍ୟାନୁପ୍ରାସ ପୁଣି ତିନି ପ୍ରକାର—ଗ୍ରାମ୍ୟ, ନାଗର ଓ ଉପନାଗର । ଗ୍ରାମ୍ୟ ପୁଣି ମସୃଣ, ବର୍ଣ୍ଣମସୃଣ, ବର୍ଣ୍ଣୋତ୍କଟ ଓ ବର୍ଣ୍ଣାନୁତ୍କଟ ଭେଦରେ ଚାରି ପ୍ରକାର ।

ଶ୍ଳେଷ—ସଭଙ୍ଗ, ଅଭଙ୍ଗ ଓ ଭଙ୍ଗାଭଙ୍ଗ । ଏହାଛଡ଼ା ପୁଣି ଗୁଣୀଭୂତ ବ୍ୟଂଗ୍ୟ ରହିଛି । ଶ୍ଳେଷ ଅନେକ ପଦର ଏକରୂପବୋଧ ।

ଉପରୋକ୍ତ ଅଳଂକାର ଛଡ଼ା ଚିତ୍ରାଂଲକାରର ପ୍ରୟୋଗ ମଧ୍ୟ ଭଂଜ-କାବ୍ୟରେ ଦେଖାଯାଏ । ଭଂଜଙ୍କ 'ଚିତ୍ରକାବ୍ୟ ବଂଧୋଦୟ'ରେ ଆମେ ଚିତ୍ରଲଂ-କାର ପାଉଁ । ଏହା ଛ' ପ୍ରକାର ଯଥା ବର୍ଣ୍ଣ, ସ୍ଥାନ, ସ୍ୱର, ଆକାର, ଗତି ଓ ବଂଧ ।

ଏହାପରେ ଗତିଚିତ୍ର, ଯଥା ଗତପ୍ରତ୍ୟାଗତ, ତୁରଂଗପାଦ, ଅଜାମେଷଯୁଦ୍ଧ, ମଂଡୁକପ୍ଳୁତ, ଶାର୍ଦ୍ଦୁଲବିକ୍ରୀଡ଼ିତ, ଗୋମୂତ୍ରିକା ଓ ସର୍ବତୋଭଦ୍ର ଭେଦରେ ନାନାବିଧ ।

ଏ ସମସ୍ତର ବିଶଦ ଆଲୋଚନା ଓ ଉଦାହରଣ 'କବିତା, ୧୯୬୨' ଗ୍ରଂଥର ପୃଷ୍ଠଭୂମିରେ ଏବଂ ପ୍ରାଚୀ ପ୍ରକାଶିତ 'ଲାବଣ୍ୟବତୀ' ମୁଖବଂଧରେ ଦ୍ରଷ୍ଟବ୍ୟ । ଅଧିକଂତୁ ଅଭିମନ୍ୟୁ ସାମଂତସିଂହାରଂକ 'ବିଧଗ୍ଧ ଚଂତାମଣି'ର ୬୪ଶ ଓ ୬୬ଶ ଛାଂଦରେ ତାଂକ ପ୍ରଯୁକ୍ତ ଅନୁପ୍ରାସ ଶୃଂଖଳାଦିର ବିସ୍ତୃତ ଦୃଷ୍ଟାଂତମାନ ରହିଛି ।

## ଉପସଂହାର

ସ୍ୱର୍ଗୀୟ ମୃତ୍ୟୁଂଜୟ ରଥ କହିଛଂତି :—"ଅଳଂକାର ବିଷୟରେ ଉତ୍କଳ ସାହିତ୍ୟ ଯେ ବେଶୀ ଧନୀ, ଏହା କହିବା ନିଷ୍ପ୍ରୟୋଜନ । କିଂତୁ ଖାଲି ଏହି ବାହ୍ୟ ଭୂଷଣ ଥାଇ କ'ଣ ହେବ ? ସେଥିରେ ଅଂତଃସାର ନାହିଁ । ଏହି ସମୟରେ ରଚିତ କାବ୍ୟାବଳୀରେ କୌଣସି ଉନ୍ନତ ଚିତ୍ର ଏବଂ ବିଷୟବୈଚିତ୍ର୍ୟ ନାହିଁ । ଆବରଣଟି କାଢ଼ି ନେଲେ ଅନେକ କାବ୍ୟର ମଜ୍ଜା ପ୍ରାୟ ଏକ ଦେଖାଯିବ । ସେ ସବୁରେ ନା ଇତିହାସ, ନା ସମାଜଚିତ୍ର, ନା ଉନ୍ନତ ଆଦର୍ଶ କିଛି ନାହିଁ ।" (ରସକଲ୍ଲୋଳ—ପ୍ରାଚୀ ସଂସ୍କରଣ ମୁଖବଂଧ)

ଏ-ଯୁଗୀୟ ସମାଜଜୀବନରେ ଓଡ଼ିଶାର ଗଜପତିମାନଂକର ତଥା ତାଂକ ଅଧୀନସ୍ଥ ସାମଂତ ରାଜନ୍ୟମଂଡଳୀଂକ 'କାଳମାହାତ୍ମ୍ୟ ସ୍ୱୈରିତା ତଥା ହୀନନୈତିକତା

ପ୍ରଜାମାନଙ୍କ ମଧ୍ୟରେ ପ୍ରତିଫଳିତ ହୋଇଥିଲା ।' ଉପେନ୍ଦ୍ରଙ୍କ ପୂର୍ବକାଳୀନ ତଥା ସମକାଳୀନ ଘୁମୁସର ରାଜବଂଶ ଉଲଗ୍ନ କାମଚରିତାର୍ଥତା ଓ ସ୍ୱଜନବଧ ଇତ୍ୟାଦି ମହାପାତକରେ କଳୁଷିତ ହୋଇ ପଡ଼ିଥିଲା । ଗୋପୀନାଥ ଭଞ୍ଜଙ୍କ ଦ୍ୱାରା ଜ୍ୟେଷ୍ଠ ଭ୍ରାତା ବନମାଳୀଙ୍କ ହତ୍ୟା ଏବଂ ଗୋପୀନାଥଙ୍କ ପୁତ୍ର ଧନଞ୍ଜୟଙ୍କର ତାଙ୍କର ପ୍ରିୟବତୀ କନିଷ୍ଠା ମହିଷୀ ନୟାଗଡ଼ ରାଜଜେମା ମଣ୍ଡାଦେଈଙ୍କ ଦ୍ୱାରା ନିଧନ ପୁଣି ମଣ୍ଡାଦେଈଙ୍କ ପ୍ରରୋଚନାରେ ନୀଳକଣ୍ଠଙ୍କର (ଉପେନ୍ଦ୍ରଙ୍କ ପିତା) ଜ୍ୟେଷ୍ଠଭ୍ରାତା ଗଙ୍ଗାଧର ଓ ତାଙ୍କ ପୁତ୍ର ଶତ୍ରୁଭଞ୍ଜଙ୍କୁ ହତ୍ୟା ଏବଂ ଶତ୍ରୁଭଞ୍ଜଙ୍କ ପୁତ୍ର ରଣଭଞ୍ଜଙ୍କୁ ଘନଭଞ୍ଜଙ୍କର ହତ୍ୟା, ଏ ସମସ୍ତର ବିଷମୟ ଫଳାଫଳ ଓ ପ୍ରତିକ୍ରିୟା ତତ୍କାଳୀନ ସମାଜଜୀବନକୁ ନିଶ୍ଚୟ ନିମ୍ନଗାମୀ କରିଥିଲା । ବାଣଭଟ୍ଟଙ୍କ 'ଶ୍ରୀହର୍ଷ ଚରିତ'ର ହର୍ଷ ଉଲ୍ଲାସରେ ଯେଉଁପରି ନୈତିକ ଚରିତ୍ରହୀନତା ଓ ସ୍ୱଜନବଧ ଇତ୍ୟାଦିର ନଗ୍ନଚିତ୍ରଣ ଦେଖିବାକୁ ପାଉଁ ଓଡ଼ିଶାର ଅବସ୍ଥା ଥିଲା ଠିକ୍ ସେଇପରି ।

ଏହାଛଡ଼ା ଓଡ଼ିଶା ଗଜପତି ରାମଚନ୍ଦ୍ରଦେବ ମୁସଲମାନ ଧର୍ମଗ୍ରହଣ କରି ନିଜ କନ୍ୟା ଓ ଭଗିନୀଙ୍କୁ ମୁସଲମାନ ବିଜେତାଙ୍କୁ ଅର୍ପଣ କରିଥିବା କଥା ପୂର୍ବରୁ କୁହାଯାଇଛି । ତେଣୁ ଏଇ ଘୋର ଅଧଃପତନର ଯୁଗରେ ଓଡ଼ିଆ କାବ୍ୟକବିତାର ସଂପ୍ରସାରଣଶୀଳ ଦିଗନ୍ତ ଯେ ସଂକୁଚିତ ହୋଇଯାଇଥିଲା ବ ଓଡ଼ିଆ ସାହିତ୍ୟ ଯେ ତା'ର ବିଷୟବୈଚିତ୍ର୍ୟ ହରାଇ ବସିଥିଲା ଏଥିରେ ଅସ୍ୱାଭାବିକତା କିଛି ନାଇ । ସମ୍ମୁଖରେ କୌଣସି ନୂତନ ବିଷୟବସ୍ତୁ ନ ପାଇ ରୀତିଯୁଗୀୟ କବିମାନେ ଆଙ୍ଗିକସର୍ବସ୍ୱ ହୋଇପଡ଼ିଥିଲେ । ଖାଲି ଓଡ଼ିଆ ନୁହେଁ, ଭାରତବର୍ଷରେ ସର୍ବତ୍ର ମୁସଲମାନ ପର୍ବରେ ଯେଉଁ କାବ୍ୟକବିତାମାନ ସୃଷ୍ଟି ହୋଇଛି, ସେ ସବୁଥିରେ କଥାବସ୍ତୁ ହୋଇଛି ପ୍ରଥାଗତ । ବିଜୟଚନ୍ଦ୍ର ମଜୁମଦାର, ଡଃ ଆର୍ତ୍ତବଲ୍ଲଭ ମହାନ୍ତି ପ୍ରମୁଖ ସମସ୍ତେ ଓଡ଼ିଶାର ଏଇ ଖ୍ରୀଷ୍ଟିୟ ଯୁଗର ଶୋଚନୀୟ ଦୁରବସ୍ଥା ତଥା ନୈତିକ ଅଧୋଗତି କଥା ବର୍ଣ୍ଣନା କରିଯାଇଛନ୍ତି ।

ଏହାର ଅବ୍ୟବହିତ ପରେ ମରହଟ୍ଟା ଅମଳରେ (ଖ୍ରୀ:୧୭୫୧-୧୮୦୩) ଦେଶର ଧର୍ମ ଓ ସଂସ୍କୃତିମୂଳକ ଅନୁଷ୍ଠାନ ଗୁଡ଼ିକ ବିଧର୍ମୀ ଶାସକମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇଲା । ଶାସକ ଓ ଶାସିତ ମଧ୍ୟରେ ବ୍ୟବଧାନର ଦୂରତା ମଧ୍ୟ କେତେକ ପରିମାଣରେ କମିଗଲା । ମାତ୍ର ସେମାନେ ଦେଶରେ ଦୃଢ଼ ଶାସନ ପ୍ରତିଷ୍ଠା କରି ପାରି ନ ଥିଲେ । "ସେମାନଙ୍କ ରାଜତ୍ୱକୁ ଲୋକେ ବରଂ ଏକପ୍ରକାର ତସ୍କରର ରାଜତ୍ୱ" ବୋଲି ମନେକରୁଥିଲେ । (ଓ ଇ) ଦେଶରେ ସାହିତ୍ୟ ଓ ସଂସ୍କୃତିର ପ୍ରବାହ ପୂର୍ବପରି ସ୍ଥାନୀୟ ପୃଷ୍ଠପୋଷକତା ଉପରେ ନିର୍ଭର କରୁଥିଲା । ତେବେ ବୈରାଗ ଓ

ମଧ୍ୟପ୍ରଦେଶର ମରହଟ୍ଟା ରାଜାମାନେ ଓ ସେମାନଂକର ପ୍ରାଦେଶୀକ ପ୍ରତିନିଧିମାନେ କବି ଓ ପଂଡିତମାନଂକୁ ଆଦର କରୁଥିଲେ । ପରିଣାମରେ ଏହି ସମୟରେ ଅନେକ ଉତ୍କଳୀୟ କବି ଓ ପଂଡିତ ସଂସ୍କୃତରେ ଗ୍ରଂଥ ଲେଖି ସମଗ୍ର ଭାରତରେ ପ୍ରସିଦ୍ଧି ଅର୍ଜନ କରିଛଂତି । ଏମାନଂକ ମଧ୍ୟରେ ଗଂଗାଧର ମିଶ୍ର, ('କୋଶଳାନଂଦ ମହାକାବ୍ୟ' ପ୍ରଣେତା) ହଳଧର ମିଶ୍ର (ବସନ୍ତୋତ୍ସବ ଓ ସଙ୍ଗୀତ କଳ୍ପଲତା) ଶତଂଜୀବ ମିଶ୍ର ('ମୁଦିତ ମାଧବ' ନାଟିକା) ଜଗନ୍ନାଥ ମିଶ୍ର (ରସକଳ୍ପଦ୍ରୁମ) ପ୍ରଭୃତି ପ୍ରଧାନ ।

ଭାମହ କହଂତି, ସତ୍‌କାବ୍ୟ ପ୍ରୀତି ଓ କୀର୍ତ୍ତିର କାରଣ ହୁଏ । କଳା ମନୁଷ୍ୟର ଧର୍ମଅର୍ଥକାମମୋକ୍ଷ ଏହି ଚତୁର୍ବର୍ଗ ଫଳପ୍ରାପ୍ତିରେ ସହାୟକ ହୁଏ ଏବଂ ମନୁଷ୍ୟକୁ ବିଚକ୍ଷଣତା ପ୍ରଦାନ କରେ । ମମ୍ମଟଂକ ଭାଷାରେ:—

"କାବ୍ୟଂ ଯଶସେଽର୍ଥକୃତେ ବ୍ୟବହାରବିଦେ ଶିବେତରକ୍ଷତୟେ
ସଦ୍ୟଂ ପରନିର୍ବୃତୟେ କାଂତାସମ୍ମିତତୟୋପଦେଶଯୁଜେ ।"

ଅର୍ଥାତ୍ କାବ୍ୟ ଲେଖିଲେ ଯଶ ମିଳେ, ଅର୍ଥ ମିଳେ ଏବଂ ବିଭିନ୍ନ ସମାଜର ବ୍ୟବହାର ଜଣାଯାଏ । କାଂତା ଯେପରି ମଧୁର ପ୍ରେମଶୀଳ ବ୍ୟବହାର ଦ୍ୱାରା ତା'ର ପ୍ରିୟତମକୁ ଆକୃଷ୍ଟ କରେ, କାବ୍ୟ ସେଇପରି ରସସ୍ଫୂର୍ତ୍ତି ଦ୍ୱାରା ଉନ୍ନତ ଚରିତ୍ର ପ୍ରକାଶ କରି ପାଠକ ବା ଦର୍ଶକକୁ ଆକୃଷ୍ଟ କରିପାରେ । କାବ୍ୟର ଭିନ୍ନ ଭିନ୍ନ ଚରିତ୍ରରୁ ପ୍ରକୃଷ୍ଟ ଉପଦେଶ ଓ ଅଭିଜ୍ଞତା ଲାଭ କରାଯାଇପାରେ ବୋଲି ଏଥିରୁ ସୂଚିତ ହେଉଛି ।

ମାତ୍ର ସେ ଅଭିଜ୍ଞତା ଯଦି କେବଳ କାମଜନିତ ହୁଏ ଏବଂ ତାହା ଯଦି ଜୀବନର ବୃହତ୍ତର ପରିସରରୁ ବିଚ୍ଛିନ୍ନ ହୋଇପଡ଼େ, ତେବେ କାବ୍ୟର ମୂଳ ଉଦ୍ଦେଶ୍ୟ ବ୍ୟାହତ ହୁଏ ନାହିଁ କି ? ରୀତି-ଯୁଗ ଓଡ଼ିଆ ସାହିତ୍ୟରେ ଏକ ଋଦ୍ଧିମଂତ ଯୁଗ ହେଲେ ମଧ୍ୟ ଏହାର ଅଦକ୍ଷସୃଷ୍ଟି ପରବର୍ତ୍ତୀ ଅନେକ ସାହିତ୍ୟିକଂକୁ ପଥଭ୍ରଷ୍ଟ କରିବାରେ କମ ସାହାଯ୍ୟ କରି ନାହିଁ ।

ମହାକବି ଉପେଂଦ୍ରଭଂଜ, ଦୀନକୃଷ୍ଣ, ଅଭିମନ୍ୟୁଂକ ଭଳି ମହାନ କବି-ପ୍ରତିଭା ରୀତି-ଯୁଗର ଅବିସ୍ମରଣୀୟ ଦାନ । ଏ ଯୁଗର ଅବକ୍ଷୟମାନ ଆବହ ମଧ୍ୟରୁ ଯେ ଏମାନଂକ ଭଳି ସ୍ରଷ୍ଟା-ମାନଙ୍କର ଜନ୍ମ ହେଲା, ଏହାହିଁ ହେଉଛି ଓଡ଼ିଆ ଜାତି ଓ ଓଡ଼ିଆ ସାହିତ୍ୟର ଅମୋଘ ଜୀବନୀଶକ୍ତି ସପକ୍ଷରେ ମହାକାଳର ସର୍ବଶ୍ରେଷ୍ଠ ପ୍ରମାଣପତ୍ର । ସେମାନଂକର ଚର୍ଯ୍ୟା ଓ ମନନ, କଳା, ଓ ସୃଜନୀଶକ୍ତି ଏ ଦେଶର ଇତିହାସରେ ସର୍ବାପେକ୍ଷା କାଳିମାମୟ ମୁହୂର୍ତ୍ତରେ, ଏକମାତ୍ର ଆଶା ଓ ପ୍ରତିଶ୍ରୁତିର ଆଲୋକ-ରେଖା ହୋଇ ଦେଖାଦିଏ ।

[ ଶେଷ ]

# ॥ ସଂଶୋଧନୀ ॥

ପଂଚମ ଅଧିକରଣ ଭ୍ରମବଶତଃ ଦୁଇଥର ଛପା ଯାଇଛି । ତେଣୁ ୫ମ (୨), ୬ଷ୍ଠ ଓ ୭ମ ଅଧିକରଣମାନ ଯଥାକ୍ରମେ ୬ଷ୍ଠ, ୭ମ ଓ ୮ମ ଅଧିକରଣ ହେବ । ଅଷ୍ଟମ ଅଧିକରଣ ସେଥିପାଇଁ ଦିଆ ଯାଇ ନାଇ ।

| ମୁଦ୍ରାକର ପ୍ରମାଦ | ସଂଶୋଧିତ ପାଠ | ପୃଷ୍ଠା ... | ଧାଡ଼ି |
|---|---|---|---|
| ପର୍ଯ୍ୟବେସିତ | ପର୍ଯ୍ୟବସିତ | ୧ | ୧୬ |
| ପର୍ଯ୍ଯିଂତ | ପର୍ଯ୍ୟଂତ | ୧ | ୨୦ |
| ଶିବନାଥ ଘୋଷ | ଶିବଦାସ ଘୋଷ | ୨ | ୨୯ |
| ideolgy | ideology | ୧୩ | ୨ |
| କିବନ | ଜୀବନ | ୧୩ | ୫ |
| ମାଣିଷର | ମଣିଷର | ୧୬ | ୧ |
| ୧୧୧୫ | ୧୦୧୫ | ୧୯ | ୩ |
| ୩୫୦୩ | ୩୪୦୩ | ୧୯ | ୩ |
| alibity | ability | ୨୮ | ୧୯ |
| periodications | periodisations | ୩୫ | ୨୦ |
| କୌଟଲ୍ୟ | କୌଟିଲ୍ୟ | ୩୮ | ୨୫ |
| ଅଂତର୍ଧ୍ୟାନ | ଅଂତର୍ଧାନ | ୪୮ | ୧୫ |
| ତୀର୍ଥାଂକୁର | ତୀର୍ଥଂକର | ୭୬ | ୨୬ |
| ଦେହ | ଦେହ୍ | ୯୧ | ୧୫ |
| ଶୁଦ୍ର | ଶୂଦ୍ର | ୯୬ | ୧୫-୨୦ |
| ବଶିଷ୍ଠ | ବଶିଷ୍ଠ | ୧୦୦ | ୨୧ |
| ଅପ୍ତ | ଆପ୍ତ | ୧୦୪ | ୬ |
| ବେନୀମାଧବ | ବେଣୀମାଧବ | ୧୨୬ | ପୂ: ନୋ |
| ଅନେକାଂତବାଦ | ଅନେକାଂତବାଦ | ୧୩୬ | ୨ |
| ତୀର୍ଥାଂକୁର | ତୀର୍ଥଂକର | ୧୩୭ | ୧ |
| ଗ୍ରଂଥ୍ | ଗ୍ରଂଥ | ୧୪୫ | ୨୦ |
| ପୂଣ୍ୟ | ପୁଣ୍ୟ | ୧୬୪ | ୧୩ |
| ପୁଲସୂତ୍ର | ମୂଲସୂତ୍ର | ୧୭୭ | ୫ |
| କଂକମୁଦ୍ରା | କର୍ମମୁଦ୍ରା | ୧୯୬ | ୬ |
| ମହୁଛଂତ | କହୁଛଂତ | ୨୨୮ | ୨୯ |

| ମୁଦ୍ରାକର ପ୍ରମାଦ | ସଂଶୋଧିତ ପାଠ | ପୃଷ୍ଠା .... ଧାଡ଼ି | |
|---|---|---|---|
| କବ୍ବିଟଜ | କବିରାଜ | ୨୩୬ | ୧୬ |
| ପ୍ରତିପାଦ | ପ୍ରତିବାଦ | ୧୪୯ | ୧୮ |
| କୁଂଜବହ୍ନାହାଣ୍ଡି | କୁଂଜବହ୍ନାଣ୍ଡି | ୩୨୧ | ୨୪ |
| ବସୁସ୍ଥଲ | ଜୟସ୍ଥାଲି | ୩୨୩ | ୨୦ |
| ଥିଲ | ଥିଲେ | ୩୮୫ | ୨୬ |
| ଜଗନ୍ନାଥ, ଅଚ୍ୟୁତାନଂଦ | ବଳରାମ, ଜଗନ୍ନାଥ, ଅଚ୍ୟୁତାନଂଦ | ୩୬୨ | ୧୩ |
| ଓସ୍ତୁ ଅ. | ଓସ୍ତୁ ଅ. ଶୁ. ସଂ | ୩୮୨ | ୩ |
| ରତ୍ୟାଭ୍ୟାସ | ରତ୍ୟାଭ୍ରସ | ୪୦୦ | ୧୦-୧୧ |
| ମୂର୍ଧନ କବ | ମୂର୍ଧନ୍ୟ କବ | ୪୧୪ | ୬ |
| କୁସୁଦନୀ, ଆଭେଦ୍ୟ | କୁମୁଦନୀ ଅଭେଦ୍ୟ | ୪୧୪ | ୧୧ ୧୬ |

* ସହୃଦୟ ପାଠକ ପାଠିକାମାନଂକୁ ଅନୁରୋଧ ସେମାନେ ଏ ମୁଦ୍ରାକର ପ୍ରମାଦ ଗୁଡିକ ସଂଶୋଧନ କରି ନେଇ ପୁସ୍ତକ ପାଠ କରିବେ ।

। ବିନୀତ ଲେଖକ ।

---

**ବି:ଦ୍ର:** ଉପେଂଦ୍ର ଭଂଜଂକ 'ଚନ୍ଦ୍ରକାବ୍ୟବଂଧୋଦୟ'ରେ ଥିବା ଗ୍ରଂଥ-ତାଲିକାରେ 'ପଂଚଶାୟକ'ର ନାମ ନାହିଁ । ପୃ ୩୯୨ର ପାଠ ସେଇ ଦୃଷ୍ଟିରୁ ପଢିବାକୁ ହେବ । କେତେକ ପଂଚଶାୟକ ପୋଥିରେ ଗୋପାଳ ଭଂଜଂକ ନାମ ଭଣିତାରେ ଦେଖାଯାଏ, ଅନ୍ୟ କେତେକ ପୋଥି 'ଉପେଂଦ୍ର ଭଂଜ ନୃପତି'ଂକ ନାମରେ ଭଣିତା ହୋଇଚି । ଘୁମୁସରର ଦିବାନ ଥିବା କବି ସୂର୍ଯ୍ୟମଣି ଚମ୍ପତିପଟ୍ଟନାୟକଂକ "ଘୁମୁସର ଭଂଜବଂଶାବଳୀ"କୁ ପ୍ରାମାଣିକ ଗ୍ରଂଥ ବୋଲି ଧରିଲେ ଏଥିରେ ଗୋପାଳ ଭଂଜଂକ ଅସ୍ତିତ୍ୱ ମିଳେ ନାହିଁ । ତାରିଣୀଚରଣ ରଥଂକ 'ଘୁମୁସର ଇତିହାସ'ରେ ଥିବା ଗୋପୀନାଥ ଭଂଜଂକ ପିତା ଗୋପାଳ ଭଂଜ ପ୍ରକୃତରେ ପ୍ରତାପ ଭଂଜ । ତେଣୁ 'ପଂଚଶାୟକ'ର ପ୍ରଣେତା ଉପେଂଦ୍ର ଭଂଜ ବୋଲି ହିଁ କୁହାଯିବ । କାରଣ ଗୋପାଳ ଭଂଜ ବୋଲି କେହି ନଥିଲେ । 'ରସପଂଚକ'ର ର-ବୋଲିରେ କବି ନିଜକୁ ପାଟକୁମାର ରୂପେ ପରିଚିତ କରାଇ ( "ରଚିତ ପାଟକୁମାର ଯାହା ଉଦ୍ଦେଶୀ ବିଗ୍ରହ" ) ପ-ବୋଲିରେ 'ରାଜା' କହୁଥିବାରୁ ( "ପଦେ ଉପଇଂଦ୍ର ଭଂଜରାଜ" ) ଇତି ମଧ୍ୟରେ ପିତା ନୀଳକଂଠଂକ ମୃତ୍ୟୁ ଘଟିଥିବା କଥା ଅନୁମିତ ହୁଏ । 'ପଂଚଶାୟକ' ତତ୍ପରବର୍ତ୍ତୀ ରଚନା । ବୋଧହୁଏ 'ଚନ୍ଦ୍ରକାବ୍ୟ' ପରେ ଏହା ରଚିତ ହୋଇଚି ।

**ସ. ରାଉତରାୟ**